# ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ
## ବିଦ୍ୟୁତ ନିୟାମକ ଭବନ
### ୟୁନିଟ - ୮, ଭୁବନେଶ୍ୱର - ୭୫୧ ୦୧୨

**ଉପସ୍ଥିତ ସଦସ୍ୟ ବୃନ୍ଦ :**
**ଶ୍ରୀ ବି.କେ. ଦାସ, ଅଧକ୍ଷ**
**ଶ୍ରୀ କେ.ସି. ବଡୁ, ସଦସ୍ୟ**
**ଶ୍ରୀ ବି.କେ .ମିଶ୍ର, ସଦସ୍ୟ**

**କେଶ୍ - ନଂ - ୧୪୦,୧୪୧,୧୪୨ ଓ ୧୪୩ (୨୦୦୯ ର)**

**ଶୁଣାଣି ତାରିଖ :୧୧.୨.୨୦୧୦,୧୫.୨.୧୦,୧୬.୨.୧୦ଏବଂ ୧୭.୨.୧୦**
**ଆଦେଶନାମା ତାରିଖ :୨୦/୦୩/୨୦୧୦**

**ପ୍ରସଙ୍ଗ:** ବିଦ୍ୟୁତ ଆଇନର ଧାରା - ୬୨ ଓ ୬୪ ଅଧିନରେ ୨୦୧୦ - ୧୧ ଆର୍ଥିକ ବର୍ଷ ପାଇଁ ବଣ୍ଟନ ଅନୁମତିଧାରୀ (ସେସୁ, ୱେସକୋ,ନେସ୍‌କୋ ଓ ସାଉଥ୍‌କୋ)ମାନଙ୍କର 'ବାର୍ଷିକ ରାଜସ୍ୱ ଆବଶ୍ୟକତା' ଓ 'ପାଇକାରୀ ଯୋଗାଣ ଦରସୂଚୀ' ଏବଂ 'ଓଡ଼ିଶା ବିଦ୍ୟୁତ ନିୟାମକ ଅୟୋଗ (ଦରସୂଚୀ ନିର୍ଦ୍ଧାରଣ ଜନିତ ସର୍ତ୍ତାବଳୀ)ନିୟମାବଳୀ, ୨୦୦୪' ଏବଂ 'ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ (ବ୍ୟବସାୟ ପରିଚାଳନା)ନିୟମାବଳୀ, ୨୦୦୪ର ପ୍ରାସଙ୍ଗିକ ବ୍ୟବସ୍ଥା ସମୂହ ସହ ପଠିତ ବିଦ୍ୟୁତ ଆଇନ ୨୦୦୩ ର ଅନ୍ୟାନ୍ୟ ପ୍ରାୟୋଗିକ ବ୍ୟବସ୍ଥା ସମୂହ' ଏବଂ 'ଅନ୍ୟାନ୍ୟ ଦରସୂଚୀ ସଂପର୍କିତ ପ୍ରସଂଗ ସମୂହ'ର ଅନୁମୋଦନ ନିମନ୍ତେ ଆବେଦନ ପତ୍ର ଦାଖଲ।

ନିମ୍ନ ଉଲ୍ଲେଖି ପ୍ରକାରରେ , ଓଡ଼ିଶାରେ ସେସୁ(Central Electricity Supply Utility) ନେସ୍‌କୋ (Northern Electricity Supply Company),ସାଉଥ୍‌କୋ (Southern Electricity Supply Company)ଏବଂ ୱେସ୍‌କୋ (Westren Electricity Supply Company) ନାମଧାରୀ ବଣ୍ଟନ ଅନୁମତିଧାରୀମାନେ ସେମାନଙ୍କର ଅନୁମତିପ୍ରାପ୍ତ ଅଞ୍ଚଳଗୁଡିକରେ ବିଦ୍ୟୁତର ବଣ୍ଟନ ଓ ପାଇକାରୀ ଯୋଗାଣ ବ୍ୟବସାୟ ନିର୍ବାହନ କରୁଛନ୍ତି।

## ଡିସ୍‌କମ୍

**ସାରଣୀ – ୧**

| କ୍ର.ନଂ. | ବଣ୍ଟନକାରୀ କମ୍ପାନୀ ଗୁଡିକର ନାମ | ଅନୁମତିପ୍ରାପ୍ତ ଅଞ୍ଚଳ ସମୂହ (ଜିଲ୍ଲା ସମୂହ) |
|---|---|---|
| ୧ | ସେସୁ | ପୁରୀ, ଖୋର୍ଦ୍ଧା, ନୟାଗଡ଼, କଟକ, ଢ଼େଙ୍କାନାଳ, ଜଗତସିଂହପୁର, ଅନୁଗୁଳ, କେନ୍ଦ୍ରାପଡ଼ା ଓ ଯାଜପୁରର କିଛି ଅଞ୍ଚଳ |

| | | |
|---|---|---|
| ୨ | ନେସ୍କୋ | ମୟୂରଭଞ୍ଜ, କେଉଁଝର, ଭଦ୍ରକ, ବାଲେଶ୍ୱର, ଏବଂ ଯାଜପୁରର ଅଧିକାଂଶ ଅଞ୍ଚଳ |
| ୩ | ସାଉଥ୍କୋ | ଗଞ୍ଜାମ, ଗଜପତି, କନ୍ଧମାଳ, ବୌଦ, ରାୟଗଡ଼ା, କୋରାପୁଟ, ନବରଙ୍ଗପୁର ଏବଂ ମାଲକାନଗିରି |
| ୪ | ୱେସ୍କୋ | ସମ୍ବଲପୁର, ସୁନ୍ଦରଗଡ଼, ବଲାଙ୍ଗୀର, ବରଗଡ଼, ଦେଓଗଡ଼, ନୂଆପଡ଼ା, କଳାହାଣ୍ଡି, ସୋନପୁର, ଏବଂ ଝାରସୁଗଡା |

ବିଦ୍ୟୁତ୍ ଆଇନ, ୨୦୦୩ ର ପ୍ରାସଂଗିକ ବ୍ୟବସ୍ଥା ସମୂହ ଅନୁଯାୟୀ, ଏହି ବଣ୍ଟନ ଅନୁମତିଧାରୀମାନଙ୍କର 'ବାର୍ଷିକ ରାଜସ୍ୱ ଆବଶ୍ୟକତା'(Annual Revenue Requirement - ARR) ଏବଂ 'ପାଇକାରୀ ଯୋଗାଣ ଦରସୂଚୀ' (Retail Supply Tariff - RST) ଆବେଦନ ପତ୍ର ସମୂହ ଉପରେ ଆୟୋଗ କାର୍ଯ୍ୟାନ୍ୱୟନ କରି ବିହିତ ଆଦେଶନାମା ବଳରେ ସେଗୁଡିକର ଓ ତତ୍ ସଂପର୍କିତ ପ୍ରସଂଗସମୂହର ଫଇସଲା କଲେ।

**<u>ପଦ୍ଧତିଗତ ଇତିହାସ</u>** (ଅନୁଚ୍ଛେଦ ୧ ରୁ ୧୪)

୧. 'ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ' (Orissa Electricity Regulatory Commission - OERC) (ବ୍ୟବସାୟ ପରିଚାଳନା)ଙ୍କ ନିୟମାବଳୀ, ୨୦୦୪ ଏବଂ 'ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ' (Orissa Electricity Regulatory Commission - OERC) (ମୂଲ୍ୟସୂଚୀ ନିର୍ଦ୍ଧାରଣ ପାଇଁ ସର୍ତ୍ତାବଳୀ)ଙ୍କ ନିୟମାବଳୀ, ୨୦୦୪ ଅନୁଯାୟୀ, ଆଗାମୀ ଆର୍ଥିକ ବର୍ଷ ନିମନ୍ତେ ନିର୍ଦ୍ଧାରିତ ଫର୍ମାଟରେ ପ୍ରତ୍ୟେକ ବର୍ଷର ୩୦, ନଭେମ୍ବର କିମ୍ବା ତା ପୂର୍ବରୁ ଅନୁମତିଧାରୀମାନେ ସେମାନଙ୍କର 'ବାର୍ଷିକ ରାଜସ୍ୱ ଆବଶ୍ୟକତା' (Annual Revenue Requirement - ARR) ଓ 'ପାଇକାରୀ ଯୋଗାଣ ଦରସୂଚୀ' (Retail Supply Tariff - RST)ର ଆବେଦନ ପତ୍ର ଆୟୋଗଙ୍କ ନିକଟରେ ଦାଖଲ କରିବା ଆବଶ୍ୟକ ଅଟେ। ସେହି ଅନୁସାରେ, ସବୁ ବଣ୍ଟନ ଅନୁମତିଧାରୀ (ସେସୁ, ନେସ୍କୋ, ୱେସକୋ ଏବଂ ସାଉଥ୍କୋ) ୩୦/୧/୨୦୦୯ରେ ଆର୍ଥିକ ବର୍ଷ ୨୦୧୦-୧୧ ପାଇଁ ସେମାନଙ୍କର ବାର୍ଷିକ ରାଜସ୍ୱ ଆବଶ୍ୟକତା (ଏ ଆର୍ ଆର୍) ପାଇଁ ଓ ପାଇକାରୀ ଯୋଗାଣ ଦରସୂଚୀ (ଆର୍ ଏସ୍ ଟି) ର ସଂଶୋଧନ ପାଇଁ ଆବେଦନ ପତ୍ର ଦାଖଲ କଲେ। ବଣ୍ଟନ- ଅନୁମତିଧାରୀ କଂପାନୀମାନଙ୍କର ଆବେଦନ ପତ୍ର ଦାଖଲ କରିବା ଅବଶ୍ୟ ନିର୍ଦ୍ଧାରିତ ସମୟ-ସୀମା ସାପେକ୍ଷ ଅଟେ।

୨. ସେହିସବୁ ଏଆର୍ଆର୍ ଓ ଅର୍ଏସ୍ଟି ଆବେଦନ ପତ୍ରକୁ ଉପଯୁକ୍ତ ଭାବେ ଯାଞ୍ଚ କରାଯାଇ ଗ୍ରହଣ କରାଯାଇଥିଲା ଏବଂ କେଶ୍ - ନଂ -୧୪୦/୨୦୦୯ (ସେସୁ), କେଶ୍ - ନଂ -୧୪୨/୨୦୦୯(ନେସ୍କୋ), କେଶ୍ - ନଂ- ୧୪୧/୨୦୦୯ (ୱେସ୍କୋ) ଏବଂ କେଶ୍ - ନଂ - ୧୪୩/୨୦୦୯(ସାଉଥ୍ କୋ) ମୂଳେ ଯଥାକ୍ରମିକ ଭାବେ ପଞ୍ଜିକରଣ କରାଯାଇଥିଲା।

୩. ସର୍ବସାଧାରଣଙ୍କ ଠାରୁ ଅଭିଯୋଗ/ପରାମର୍ଶ ଆମନ୍ତ୍ରଣ ଉଦ୍ଦେଶ୍ୟରେ , ଆୟୋଗଙ୍କର ନିର୍ଦ୍ଦେଶ ଅନୁଯାୟୀ, ଆବେଦନକାରୀମାନେ ଓଡ଼ିଶା ରାଜ୍ୟର ଅଗ୍ରଣୀ ଓ ବହୁଳ ପ୍ରସାରିତ ଓଡ଼ିଆ ଓ ଇଂରାଜୀ ସମ୍ବାଦପତ୍ରଗୁଡିକରେ ନିର୍ଦ୍ଧାରିତ ଫର୍ମାଟରେ ଏଆର୍ଆର୍ ଓ ଟାରିଫ୍ (ଦରସୂଚୀ) ଆବେଦନ ପତ୍ରସମୂହକୁ ପ୍ରକାଶ କଲେ। ଆୟୋଗଙ୍କର ୱେବସାଇଟ୍ www.orierc.org ରେ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ସେହି ନୋଟିସ ସମୂହକୁ ମଧ୍ୟ ପଠାଯାଇଥିଲା। ଏହା ବାଦ୍, ଅଭିଯୋଗ ସମ୍ବଳିତ ସ୍ୱତନ୍ତ୍ର ଫର୍ଦ୍ଦ ସବୁକୁ ଦାଖଲ କରିବାକୁ ମଧ ଆୟୋଗ ଆବେଦନକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

୪. ପ୍ରକାଶିତ ଏହି ସର୍ବସାଧାରଣ ନୋଟିସ ସମୂହର ଉତ୍ତରରେ ଆୟୋଗ ପ୍ରତ୍ୟେକ ବଣ୍ଟନ ଅନୁମତିଧାରୀଙ୍କ ଉଦ୍ଦେଶ୍ୟରେ ନିମ୍ନ ଉଲ୍ଲେଖିତ ବ୍ୟକ୍ତିବିଶେଷ/ଅନୁଷ୍ଠାନ/ପ୍ରତିଷ୍ଠାନ/ ଆସୋସିଏସନଙ୍କ ଠାରୁ ଅଭିଯୋଗ / ପରାମର୍ଶମାନ ପ୍ରାପ୍ତ ହୋଇଥିଲେ।

**'ସେସୁ'ର ଆବେଦନ ଉପରେ :**

**୫.** (୧) ଓଡ଼ିଶା କଂଜ୍ୟୁମର୍ସ ଆସୋସିଏସନ୍, ଦେବଜ୍ୟୋତି ଉପଭୋକ୍ତା ଭବନ, ବିଶ୍ୱନାଥ ଲେନ୍, କଟକ।

(୨) ଶ୍ରୀ ଦୁର୍ଗା ପେଟ୍ରୋ କେମିକାଲସ, ୮୯ - ଏ, ନିଉ ଇଣ୍ଡଷ୍ଟିଆଲ ଇଷ୍ଟେଟ, ଫେଜ୍ - ୨, ଜଗତପୁର, କଟକ।

(୩) ଶ୍ରୀ ରାମଚନ୍ଦ୍ର ମହାପାତ୍ର, ମାର୍ଫତ - ଦିଲ୍ଲୀପ କୁମାର ରାୟ, ସା -ଲୁଣିଆ ସାହି, ଝାଞ୍ଜିର ମଂଗଳା, କଟକ।

(୪) ଓଡ଼ିଶା ଇଲେକ୍ଟ୍ରିକାଲ କଂଜ୍ୟୁମର୍ସ ଆସୋସିଏସନ, ଶିବଶକ୍ତି ମେଡିସିନ କଂପ୍ଲେକ୍ସ, ବି.କେ ରୋଡ, କଟକ।

(୫) ଓଡ଼ିଶା ସରକାରଙ୍କ ତଫସିଲ ଭୁକ୍ତ ଜାତି ଓ ତଫସିଲଭୁକ୍ତ ଉପଜାତି ଉନ୍ନୟନ ବିଭାଗ, ସଚିବାଳୟ ଭବନ, ଭୁବନେଶ୍ୱର।

(୬) ପ୍ରଭାକର ଦୋରା, ବିଦ୍ୟାନଗର, କୋ-ଅପରେଟିଭ କଲୋନୀ, ୩ୟ ଲାଇନ୍, ରାୟଗଡା, ପୋ/ଥାନା/ଜିଲ୍ଲା - ରାୟଗଡ଼ା।

(୭) ଇଡକଲ ଫେରୋକ୍ରୋମ ଆଣ୍ଡ ଆଲୟଜ ଲିମିଟେଡ୍ ଅଧିନସ୍ଥ ତଲଙ୍ଗୀ କ୍ରୋମାଇଟ ମାଇନ୍ସ, ଇଫକାଲ କଲୋନୀ, ପୋ - ଫେରୋକ୍ରୋମ ପ୍ରୋଜେକ୍ଟ, ଯାଜପୁରରୋଡ, ଜିଲ୍ଲା - ଯାଜପୁର।

(୮) ଓସିଏଲ୍ ଇଣ୍ଡିଆ ଲିମିଟେଡ୍, ପ୍ଲଟ ନଂ. -୧୧୨୯, ମହାନଦୀ ବିହାର, ମୁନ ହସପିଟାଲ ନିକଟ, କଟକ।

(୯) ଶ୍ରୀ ବିଜୟ କୁମାର ପଟ୍ଟନାୟକ, ପ୍ଲଟ ନଂ. -୩୦୦(ଏସ୍ ଆଇ), ପୋ - ଶୈଳଶ୍ରୀ ବିହାର, ନିଳାଦ୍ରୀ ବିହାର, ଭୁବନେଶ୍ୱର।

(୧୦) ଶ୍ରୀ ସୁରେନ୍ଦ୍ର ଶତପଥୀ, ସା/ପୋ - ଗହଗ ନରସିଂହପୁର, ପୋ/ଜିଲ୍ଲା - କେନ୍ଦ୍ରାପଡା।

(୧୧) ସୁଶ୍ରୀ ରଶ୍ମୀରେଖା ସାହୁ, ସା - ହରିପୁର, ପୋ - କଳାବୁଦା, ଥାନା - ପାଟକୁରା, ଜିଲ୍ଲା - କେନ୍ଦ୍ରାପଡା।

(୧୨) ଶ୍ରୀ ଦିନେଶ ରାଜ ସିଂହ, ସା - ଖଦିଆୟା, ପୋ/ଥାନା/ଜିଲ୍ଲା - କେନ୍ଦ୍ରାପଡା।

(୧୩) ଶ୍ରୀ ବିନାୟକ ସାନ୍ଧ, ସା - ଇସାଣ୍ଡିଆ, ପୋ- ଗହଗ ନରସିଂହପୁର, ଥାନା/ଜିଲ୍ଲା- କେନ୍ଦ୍ରାପଡା।

(୧୪) ଶ୍ରୀମତୀ ସଂଧ୍ୟାରାଣୀ ଦାସ, ସ୍ୱାମୀ - କାର୍ତ୍ତିକ ଚନ୍ଦ୍ର ବାରିକ, ସା -ସାନଗାଁ, ପୋ- ଯଦୁପୁର, ଥାନା- ପାଟକୁରା, ଜିଲ୍ଲା - କେନ୍ଦ୍ରାପଡା।

(୧୫) ଶ୍ରୀ ନିହାର ରଂଜନ ପ୍ରଧାନ, ସା-ହରିପୁର, ପୋ- ସୋରିସିଆ, ଥାନା/ଜିଲ୍ଲା-କେନ୍ଦ୍ରାପଡା।

(୧୬) ଶ୍ରୀ ପ୍ରଶାନ୍ତ ପଣ୍ଡା, ସା- ଗହଗ ନରସିଂହପୁର, ଥାନା/ଜିଲ୍ଲା- କେନ୍ଦ୍ରାପଡା।

(୧୭) ଶ୍ରୀ ସୁରେନ୍ଦ୍ର ତ୍ରିପାଠୀ, ସା -ଅନୁଆପଡା, ପୋ-ସୋରିସିଆ, ଜିଲ୍ଲା-କେନ୍ଦ୍ରାପଡ଼ା।

(୧୮) ଶ୍ରୀ ଅମିତ ନାୟକ, ସା/ପୋ - ସୋରିସିଆ, ଜିଲ୍ଲା -କେନ୍ଦ୍ରାପଡ଼ା।

(୧୯) ସୁଶ୍ରୀ ଅମ୍ବିକାବାଳା ରାଉତ, ପିତା -କାଙ୍ଗାଳି ଚରଣ ରାଉତ, ସା - ଅନୁଆପଡା, ପୋ-ସୋରିସିଆ, ଥାନା/ଜିଲ୍ଲା- କେନ୍ଦ୍ରାପଡା

(୨୦) ଶ୍ରୀ ସରୋଜ କୁମାର ଭଦ୍ର, ସା -ଅନୁଆପଡା, ପୋ -ସୋରିସିଆ, ଥାନ/ଜିଲ୍ଲା-କେନ୍ଦ୍ରାପଡା।

(୨୧) ଶ୍ରୀ ପ୍ରଦୀପ କୁମାର ବାରିକ, ସା/ପୋ-ରାଜନଗର, ଥାନା-ପଟ୍ଟାମୁଣ୍ଡାଇ, ଜିଲ୍ଲା -କେନ୍ଦ୍ରାପଡା।

(୨୨) ଶ୍ରୀ ତ୍ରିଲୋଚନ ବେହେରା, ପିତା-ନନ୍ଦକିଶୋର ବେହେରା, ସା-ଜିଜିପି କଲୋନୀ, ପୋ-ରସୁଲଗଡ, ଥାନା-ମଞ୍ଚେଶ୍ୱର, ଭୁବନେଶ୍ୱର।

(୨୩) ଶ୍ରୀ ଭାଗୀରଥୀ ସ୍ୱାଇଁ, ସା/ପୋ- ଖଣ୍ଡାଳ, ଭାୟା -ସୁନ୍ଦରଗ୍ରାମ, ଥାନା-ସଦର, ଜିଲ୍ଲା- କଟକ।

(୨୪) ଶ୍ରୀ ଦେବାଶିଷ ପରିଜା, ସା-କୁଥାଳ, ପୋ - ପଇଦା, ଥାନା-ଏରସମା, ଜିଲ୍ଲା-ଜଗତସିଂହପୁର।

(୨୫) ଶ୍ରୀ ସୁରେନ୍ଦ୍ର ବେହେରା, ସା/ପୋ-କଲାରହଙ୍ଗା, ଥାନା-ମଞ୍ଚେଶ୍ୱର, ଭୁବନେଶ୍ୱର।

(୨୬) ଶ୍ରୀ ନିରଞ୍ଜନ ମହାନ୍ତି, ସା/ପୋ- ପଣ୍ଡୁଆ, ଥାନା-ତିର୍ତ୍ତୋଲ,ଜିଲ୍ଲା-ଜଗତସିଂହପୁର।

(୨୭) ଶ୍ରୀ ଅଶ୍ୱିନୀ କୁମାର ମହାନ୍ତି, ସା-ଉରୁଜଂଗା, ପୋ -ବ୍ରାହ୍ମଣସାଇଲୋ, ଥାନା -ଗୋବିନ୍ଦପୁର, ଜିଲ୍ଲା-କଟକ।

(୨୮) ଶ୍ରୀ ଅମୀୟ ପଟ୍ଟନାୟକ, ସା/ପୋ-ମାନିକଗୋଡ,ଥାନା-ବୋଲଗଡା, ଜିଲ୍ଲା-ଖୋର୍ଦ୍ଧା।

(୨୯) ସୁଶ୍ରୀ ସୁବାସିନୀ ପ୍ରଭା ଭଦ୍ର, କ୍ୱାଟର ନଂ.- ଭିଆଇଆର୍ -୮, ୟୁନିଟ୍-୬, ଭୁବନେଶ୍ୱର।

(୩୦) ଶ୍ରୀ ଦାମୋଦର ମହାପାତ୍ର, ବାପୁଜୀନଗର, ଭୁବନେଶ୍ୱର।

(୩୧) ଶ୍ରୀ ସୁବାସ ମହାପାତ୍ର, ସା-ତେନ୍ତୁଳିଆକୁଣ୍ଡି, ପୋ-ତାଳଦଣ୍ଡା, ଥାନା-କୁଜଙ୍ଗ, ଜିଲ୍ଲା-ଜଗତସିଂହପୁର।

(୩୨) ଶ୍ରୀ କାହ୍ନୁପ୍ରସାଦ ବେହେରା, ସା/ପୋ/ଥାନା-କୁଜଙ୍ଗ, ଜିଲ୍ଲା -ଜଗତସିଂହପୁର।

(୩୩) ଶ୍ରୀ ବଟକୃଷ୍ଣ ରାଉତ, ସା- ତେନ୍ତୁଳିଆକୁଣ୍ଡି, ପୋ-ତାଳଦଣ୍ଡା, ଥାନା-କୁଜଙ୍ଗ, ଜିଲ୍ଲା-ଜଗତସିଂହପୁର।

(୩୪) ଶ୍ରୀମତୀ ଜିନ୍ମୟୀ ସାହାଣୀ, ସା-ତେନ୍ତୁଳିଆକୁଣ୍ଡି, ପୋ-ତାଳଦଣ୍ଡା, ଥାନା-କୁଜଙ୍ଗ, ଜିଲ୍ଲା -ଜଗତସିଂହପୁର।

(୩୫) ଶ୍ରୀ ଜଗତି ମହାନ୍ତି, ସା/ପୋ/ଥାନା-କୁଜଙ୍ଗ, ଜିଲ୍ଲା -ଜଗତସିଂହପୁର।

(୩୬) ଶ୍ରୀ ବିବେକାନନ୍ଦ ମଲ୍ଲିକ, ସା/ପୋ/ଥାନା-କୁଜଙ୍ଗ, ଜିଲ୍ଲା -ଜଗତସିଂହପୁର।

(୩୭) ଶ୍ରୀ ଅରକ୍ଷିତ ଦାସ, ସା-କୁଥି, ପୋ- ଝିମାଣି, ଥାନା-ପାରାଦ୍ୱୀପ, ଜିଲ୍ଲା -ଜଗତସିଂହପୁର।

(୩୮) ଶ୍ରୀ ଆୟୁଷ୍ମା ପ୍ରଧାନ, ପିତା-ପ୍ରଦୀପ ପ୍ରଧାନ, ସା/ପୋ/ଥାନା-କୁଜଙ୍ଗ, ଜିଲ୍ଲା -ଜଗତସିଂହପୁର।

(୩୯) ଶ୍ରୀ ଦେବେନ୍ଦ୍ରନାଥ ମହାନ୍ତି, ସା/ପୋ/ଥାନା-କୁଜଙ୍ଗ, ଜିଲ୍ଲା -ଜଗତସିଂହପୁର।

(୪୦) ଶ୍ରୀ ବିଜୟ କୁମାର ଦାସ, ସା-ଜଗନ୍ନାଥପୁର, ପୋ/ଥାନା- କୁଜଙ୍ଗ, ଜିଲ୍ଲା -ଜଗତସିଂହପୁର।

(୪୧) ଶ୍ରୀ ବୈକୁଣ୍ଠ ବିହାରୀ ସ୍ୱାଇଁ, ସା/ପୋ- ବାଲିଆ, ଥାନା- କୁଜଙ୍ଗ, ଜିଲ୍ଲା -ଜଗତସିଂହପୁର।

(୪୨) ଶ୍ରୀ ଶ୍ରୀନିବାସ ମହାପାତ୍ର, ସା -ତେନ୍ତୁଳିଆକୁଣ୍ଡି, ପୋ-ତାଳଦଣ୍ଡା, ଥାନା-କୁଜଙ୍ଗ, ଜିଲ୍ଲା -ଜଗତସିଂହପୁର।

(୪୩) କନଫେଡେରେସନ ଅଫ ଇଣ୍ଡିଆନ ଇଣ୍ଡଷ୍ଟ୍ରି, ୮, ଫରେଷ୍ଟ ପାର୍କ , ୧ମ ମହଲା, ଭୁବନେଶ୍ୱର।

(୪୪) ଓଡିଶା ଲାଇଲ୍ ଫିଡସ୍ ମାନୁଫାକ୍ଚର୍ସ, ପି/୧୧,ଗ୍ରୀନ ପାର୍କ, ଜଗମୋହନ ନଗର, ଭୁବନେଶ୍ୱର।

(୪୫) ଶ୍ରୀ ଆର. ପି. ମହାପାତ୍ର, ପ୍ଲଟ ନଂ. - ୭୭୫, (ପିଟି), ଲାଇନ -୩, ଜୟଦେବ ବିହାର, ଭୁବନେଶ୍ୱର।

(୪୬) ଗ୍ରୀଡ୍କୋ, ଜନପଥ, ଭୁବନେଶ୍ୱର।

(୪୭) ଉତ୍କଳ ଚେମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି, ଏନ୍/୬, ଆଇ.ଆର.ସି ଭିଲେଜ୍, ନୟାପଲ୍ଲୀ, ଭୁବନେଶ୍ୱର।

(୪୮) ଶ୍ରୀ ରମେଶ ଚନ୍ଦ୍ର ଶତପଥୀ, ପ୍ଲଟ ନଂ.-୩୦୨(ବି), ବେହେରାସାହି, ନୟାପଲ୍ଲୀ, ଭୁବନେଶ୍ୱର।

(୪୯) ଷ୍ଟେଟ ପବ୍ଲିକ୍ ଇଣ୍ଟେରେଷ୍ଟ ପ୍ରୋଟେକ୍ସନ କାଉନସିଲ, ତଳ ତେଲେଙ୍ଗା ବଜାର, କଟକ।

**ନେସ୍କୋର ଆବେଦନ ଉପରେ :**

*୬.* (୧) ଓଡ଼ିଶା କଂଜ୍ୟୁମର୍ସ ଆସୋସିଏସନ୍, ଦେବଜ୍ୟୋତି ଉପଭୋକ୍ତା ଭବନ, ବିଶ୍ୱନାଥ ଲେନ୍, କଟକ।

(୨) ଓଡ଼ିଶା ଇଲେକ୍ଟ୍ରିକାଲ କଂଜ୍ୟୁମର୍ସ ଆସୋସିଏସନ, ଶିବଶକ୍ତି ମେଡିସିନ କଂପ୍ଲେକ୍ସ, ବି.କେ ରୋଡ, କଟକ।

(୩) ଚିଫ୍ ଇଲେକ୍ଟ୍ରିକାଲ ଡିଷ୍ଟ୍ରିବ୍ୟୁସନ ଇଞ୍ଜିନିୟର, ଏସ୍,ଇ, ରେଲୱେ, ଗାର୍ଡନ ରିଚ୍, କୋଲକତା।

(୪) ବାଲେଶ୍ୱର ଚେମ୍ବର ଅଫ ଇଣ୍ଡଷ୍ଟ୍ରିଜ୍ ଏବଂ କମର୍ସ, ବାଲେଶ୍ୱର।

(୫) ଏସ୍.ଟି ଏବଂ ଏସ୍.ସି ଡେଭଲପ୍ମେଣ୍ଟ ଡିପାର୍ଟମେଣ୍ଟ, ଗଭର୍ଣ୍ଣମେଣ୍ଟ ଅଫ ଓରିଶା , ସେକ୍ରେଟେରିଏଟ୍ ବିଲଡିଂ, ଭୁବନେଶ୍ୱର।

(୬) ବାଲେଶ୍ୱର ଆଲୱେଜ ଲିମିଟେଡ୍, ୧୯୯, ଫରେଷ୍ଟ ପାର୍କ, ଭୁବନେଶ୍ୱର।

(୭) ଫେରା ଆଲଓ୍ୱେଜ୍ କରପୋରେସନ୍ ଲିମିଟେଡ୍, ଜି.ଡି -୨/୧୦, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର।

(୮) ଇମାମି ପେପର ମିଲ୍ସ ଲିମିଟେଡ, ବାଲଗୋପାଲପୁର, ପୋ- ରସୁଲପୁର, ଜିଲ୍ଲା- ବାଲେଶ୍ୱର।

(୯) ଶ୍ରୀ ଗଦାଧର ମହାପାତ୍ର, ସା -ଦେଉଳିସାହି, ପୋ -ବାରିପଦା, ଥାନା-ବାରିପଦା ଟାଉନ,ଜିଲ୍ଲା-ମୟୁରଭଞ୍ଜ।

(୧୦) ଡକ୍ଟର ପ୍ରଶାନ୍ତ କୁମାର ମିଶ୍ର, ସା -ଓ୍ୱାର୍ଡ ନମ୍ବର.୧୪, ପୋ - ବାରିପଦା, ଥାନା-ବାରିପଦା ଟାଉନ,ଜିଲ୍ଲା-ମୟୁରଭଞ୍ଜ।

(୧୧) ଶ୍ରୀ ଚକ୍ରଧର ଦାସ, ସା -ତୁଳସୀଚଉରା, ପୋ -ବାରିପଦା, ଥାନା -ବାରିପଦା, ଜିଲ୍ଲା -ମୟୁରଭଞ୍ଜ।

(୧୨) ଶ୍ରୀ ଚନ୍ଦ୍ରଶେଖର ଦାସ, ସା-ତୁଳସୀଚଉରା, ପୋ -ବାରିପଦା, ଥାନା -ବାରିପଦା, ଜିଲ୍ଲା -ମୟୁରଭଞ୍ଜ।

(୧୩) ଶ୍ରୀ ପ୍ରଫୁଲ୍ଲ ନାୟକ, ସା -ଦୁର୍ଗାପୁର, ପୋ -ମେର୍ଦା, ଥାନା -ବେତନଟୀ, ଜିଲ୍ଲା -ମୟୁରଭଞ୍ଜ।

(୧୪) ଶ୍ରୀ ହରିଆ ଦଳେଇ, ସା -ଅର୍ଜୁନବରିଆ, ପୋ-ଭିମଡା, ଥାନା- ବଡସାହି, ଜିଲ୍ଲା - ମୟୁରଭଞ୍ଜ।

(୧୫) ଶ୍ରୀ ପ୍ରଭାକର ବେହେରା, ସା- ବିଦ୍ୟାନଗର ,କୋ-ଅପରେଟିଭ କଲୋନି, ୩ୟ ଲାଇନ,ପୋ/ଥା/ଜି-ରାୟଗଡା।

(୧୬) ଇଡକଲ ଫେରୋକ୍ରୋମ ଆଣ୍ଡ ଆଲୟେଜ ଲିଃ, ଇଫକଲ କଲୋନୀ, ପୋ, ଫେରୋକ୍ରୋମ ପ୍ରୋଜେକ୍ଟ, ଯାଜପୁରରୋଡ, ଜିଲ୍ଲା -ଯାଜପୁର।

(୧୭) ଶ୍ରୀ ପ୍ରଭାକର ଗିରି, ସା -ବେଣାମୁଣ୍ଡା, ପୋ- ବଳଭଦ୍ରପୁର, ଥାନା -ତେଲକୋଇ, ଜିଲ୍ଲା -କେଉଁଝର।

(୧୮) ଶ୍ରୀ ନରେଶ ସାହୁ, ସା-ଗୋପବିଂଧା, ପୋ -ଶୋକେଶ୍ୱର, ଥାନା -ଚାନ୍ଦବାଲି, ଜିଲ୍ଲା -ଭଦ୍ରକ।

(୧୯) ଶ୍ରୀ ଅକ୍ଷୟ କୁମାର ବେହେରା, ସା -ବେଣାମୁଣ୍ଡା, ପୋ- ବଳଭଦ୍ରପୁର, ଥାନା -ତେଲକୋଇ, ଜିଲ୍ଲା -କେଉଁଝର।

(୨୦) ଶ୍ରୀ ବସନ୍ତ କୁମାର ଦଣ୍ଡବତ, ସା -ବେଣାମୁଣ୍ଡା, ପୋ- ବଳଭଦ୍ରପୁର, ଥାନା -ତେଲକୋଇ, ଜିଲ୍ଲା -କେଉଁଝର।

(୨୧) ଶ୍ରୀ ଜଗମୋହନ ବାରିକ, ସା -ବେଣାମୁଣ୍ଡା, ପୋ- ବଳଭଦ୍ରପୁର, ଥାନା -ତେଲକୋଇ, ଜିଲ୍ଲା -କେଉଁଝର।

(୨୨) ଶ୍ରୀ ଗକୁଳ ପ୍ରଧାନ, ସା -ବେଣାମୁଣ୍ଡା, ପୋ- ବଳଭଦ୍ରପୁର, ଥାନା -ତେଲକୋଇ, ଜିଲ୍ଲା -କେଉଁଝର।

(୨୩) ଶ୍ରୀ ଶାନୁ ମହାରଣା, ସା/ପୋ/ଥାନା -ତେଲକୋଇ, ଜିଲ୍ଲା -କେଉଁଝର।

(୨୪) ଶ୍ରୀ ଜଗନ୍ନାଥ ମହାରଣା, ସା/ପୋ/ଥାନା -ତେଲକୋଇ, ଜିଲ୍ଲା -କେଉଁଝର।

(୨୫) ଶ୍ରୀ ମହେନ୍ଦ୍ର କୁମାର ମହାନ୍ତ, ସା -ବେଣାମୁଣ୍ଡା, ପୋ-ବଳଭଦ୍ରପୁର, ଥାନା -ତେଲକୋଇ, ଜିଲ୍ଲା -କେଉଁଝର।

(୨୬) ଶ୍ରୀ ଶରତ ଚନ୍ଦ୍ର ନାୟକ, ସା -ବେଣାମୁଣ୍ଡା, ପୋ- ବଳଭଦ୍ରପୁର, ଥାନା -ତେଲକୋଇ, ଜିଲ୍ଲା -କେଉଁଝର।

(୨୭) ଶ୍ରୀ ରମେଶ ଜେନା, ସା -ପୋଡପାଟଣା, ପୋ/ଥା -ବନ୍ତ, ଜିଲ୍ଲା -ଭଦ୍ରକ।

(୨୮) ଶ୍ରୀ ଜମ୍ବେଶ୍ୱର ପ୍ରଧାନ, ସା -ବିନମୁଣ୍ଡା, ପୋ- ବଳଭଦ୍ରପୁର, ଥାନା -ତେଲକୋଇ, ଜିଲ୍ଲା -କେଉଁଝର।

(୨୯) ଶ୍ରୀ ଗୟାଧର ସାମଲ, ସା - ନାଉଗଣଦା, ପୋ -ଉଗ୍ରତାରା, ଥାନା -ଚାନ୍ଦବାଲି, ଜିଲ୍ଲା -ଭଦ୍ରକ।

(୩୦) ଶ୍ରୀ ସତୀଶ କୁମାର ନାୟକ, ସା -ବେଣାମୁଣ୍ଡା, ପୋ- ବଳଭଦ୍ରପୁର, ଥାନା -ତେଲକୋଇ, ଜିଲ୍ଲା -କେଉଁଝର।

(୩୧) ଶ୍ରୀ ଉପେନ୍ଦ୍ର ନାଥ ସାହୁ, ସା/ପୋ -ଉଗ୍ରତାରା, ଥାନା -ଚାନ୍ଦବାଲି, ଜିଲ୍ଲା -ଭଦ୍ରକ।

(୩୨) ଶ୍ରୀ ଗୋବିନ୍ଦ ଚନ୍ଦ୍ର ଜେନା, ସା -ବରମୁଣ୍ଡା, ପୋ -ଗୋଲତୁଆ, ଥାନା -ଭଦ୍ରକ,ଜିଲ୍ଲା -ଭଦ୍ରକ।

(୩୩) ଶ୍ରୀ ନରୋତ୍ତମ ପଣ୍ଡା, ସା /ପୋ-ଉଗ୍ରତାରା, ଥାନା -ଚାନ୍ଦବାଲି, ଜିଲ୍ଲା -ଭଦ୍ରକ।

(୩୪) ଶ୍ରୀ ଅଶୋକ କୁମାର ନାୟକ, ସା -ଅସ୍ତଳ, ପୋ/ଥା/ଜିଲ୍ଲା -ଭଦ୍ରକ।

(୩୫) ଶ୍ରୀ ପୂର୍ଣ୍ଣଚନ୍ଦ୍ର ନାୟକ, ସା -ଗଭରପୁର, ପୋ -ବାଙ୍ଗୋରପଦି, ଥାନା -ବନ୍ତ, ଜିଲ୍ଲା -ଭଦ୍ରକ।

(୩୬) ଶ୍ରୀ ଶରତ ଚନ୍ଦ୍ର ବିଶ୍ୱାଳ, ସା -ଗଭରପୁର, ପୋ -ବାଙ୍ଗୋରପଦି, ଥାନା -ବନ୍ତ, ଜିଲ୍ଲା -ଭଦ୍ରକ।

(୩୭) ଶ୍ରୀ ପ୍ରଫୁଲ୍ଲ କୁମାର ସାମଲ, ସା-ଚେଙ୍ଗଗାଡିଆ, ପୋ-ରାନ୍ଦିଆ, ଥା/ଜିଲ୍ଲା -ଭଦ୍ରକ।

(୩୮) ଶ୍ରୀ ରବିନ୍ଦ୍ର ସେଠୀ, ସା -ଗଉରପୁର, ପୋ -ବାଙ୍ଗୋରପଦି, ଥାନା -ବନ୍ତ, ଜିଲ୍ଲା -ଭଦ୍ରକ।

(୩୯) ଶ୍ରୀ ପ୍ରଶାନ୍ତ ଆଚାର୍ଯ୍ୟ, ସା -ପଣସପଡା, ପୋ -ଗୋପାଳପୁର, ଥାନା -ଚାନ୍ଦବାଲି,ଜିଲ୍ଲା -ଭଦ୍ରକ।

(୪୦) ଶ୍ରୀ ସନାତନ ସୂତାର, ସା-ଭଉଣୀ, ପୋ -ଉଗ୍ରତାରା, ଥାନା -ଚାନ୍ଦବାଲି, ଜିଲ୍ଲା -ଭଦ୍ରକ।

(୪୧) ଶ୍ରୀ ପ୍ରତାପ ଜେନା, ସା /ପୋ-ଉଗ୍ରତାରା, ଥାନା -ଚାନ୍ଦବାଲି, ଜିଲ୍ଲା -ଭଦ୍ରକ।

(୪୨) ଶ୍ରୀ ପରମେଶ୍ୱର ବାରିକ, ସା -ଶାଖିପାଟଣା, ପୋ/ଥା- ବନ୍ତ, ଜିଲ୍ଲା -ଭଦ୍ରକ।

(୪୩) ଶ୍ରୀ ରମେଶ ଚନ୍ଦ୍ର ବେହେରା, ସା -ଲୋଡାଗଡି, ପୋ -ସାହୁସାହି, ଥାନା -ଧୂଷୁରି, ଜିଲ୍ଲା -ଭଦ୍ରକ।

(୪୪) ଶ୍ରୀ ରାଜୀବ ଲୋଚନ ସାହୁ, ସା -ଗୋପାଳବିନ୍ଧା, ପୋ -ଶୁକ୍ଳେଶ୍ୱର, ଥାନା -ଚାନ୍ଦବାଲି, ଜିଲ୍ଲା -ଭଦ୍ରକ।

(୪୫) ଶ୍ରୀ ରବିନାରାୟଣ ସାହୁ, ସା /ପୋ-ଉଗ୍ରତାରା, ଥାନା -ଚାନ୍ଦବାଲି, ଜିଲ୍ଲା -ଭଦ୍ରକ।

(୪୬) ଲାଇଭ୍ ଷ୍ଟକ ମାନ୍ୟୁଫାକଚର୍ସ ଆସୋସିଏସନ୍, ସି/୧୧,ଗ୍ରୀନ ପାର୍କ, ଜଗମୋହନ ନଗର, ଭୁବନେଶ୍ୱର।

(୪୭) ଶ୍ରୀ ଆର. ପି. ମହାପାତ୍ର, ପ୍ଲଟ ନଂ. - ୭୭୫, (ପିଟି), ଲାଇନ -୩, ଜୟଦେବ ବିହାର, ଭୁବନେଶ୍ୱର।

(୪୮) ଟାଟାଷ୍ଟିଲ ଲିଃ, ପ୍ଲଟ ନଂ. -୨୭୩, ଭୌମନଗର, ୟୁନିଟ -୪, ଭୁବନେଶ୍ୱର।

(୪୯) ଶ୍ରୀ ରମେଶ ଚନ୍ଦ୍ର ଶତପଥୀ, ପ୍ଲଟ ନଂ. -୩୦୨(ବି),ବେହେରାସାହି, ନୟାପଲ୍ଲୀ, ଭୁବନେଶ୍ୱର।

(୫୦) ଉତ୍କଳ ଚେମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି, ଏନ୍/୬, ଆଇ.ଆର.ସି ଭିଲେଜ୍, ନୟାପଲ୍ଲୀ, ଭୁବନେଶ୍ୱର।

(୫୧) ଗ୍ରୀଡକୋ, ଜନପଥ, ଭୁବନେଶ୍ୱର।

(୫୨) ରୋହିତ ଫେରା ଟେକନିକାଲ ଲିଃ, ଇଣ୍ଡଷ୍ଟ୍ରିଆଲ, ଗ୍ରୋଥ କମ୍ପ୍ଲେକ୍ସ, କଳିଙ୍ଗନଗର, ପୋ -ଜଖପୁର , ଜିଲ୍ଲା - ଯାଜପୁର।

(୫୩) ଷ୍ଟେଟ ପବ୍ଲିକ୍ ଇଣ୍ଟେରେଷ୍ଟ ପ୍ରୋଟେକ୍ସନ କାଉନସିଲ, ତଳ ତେଲେଙ୍ଗା ବଜାର, କଟକ।

(୫୪) ନର୍ଥ ଓରିଶା ଚେମ୍ବର ଅଫ୍ କମର୍ସ ଏବଂ ଇଣ୍ଡଷ୍ଟ୍ରି, ଗଣେଶ୍ୱର ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍ , ବାଲେଶ୍ୱର।

ଅଭିଯୋଗକାରୀ ନଂ. - ୧,୯,୧୧.୧୨,୧୩.୧୪,୧୫,୧୭,୨୬,୨୮,୩୦,୩୧,୩୨,୩୪,୩୫,୩୬,୩୭,୩୮,୩୯,୪୦,୪୧,୪୨,୪୩, ୪୪,୪୬ ଓ ୫୩ ଙ୍କ ବାଦ୍ ଉପର ଲିଖିତ ସବୁ ଅଭିଯୋଗକାରୀ ତାରିଫ ଶୁଣାଣି ସମୟରେ ଉପସ୍ଥିତ ଥିଲେ। ତେବେ ଅନୁପସ୍ଥିତ ଅଭିଯୋଗକାରୀଙ୍କର ଲିଖିତ ଉପସ୍ଥାପନାକୁ ଲିପିବଦ୍ଧ କରାଯାଇ ଆୟୋଗଙ୍କ ଦ୍ୱାରା ବିଚାର କରାଯାଇଥିଲା।

**ୱେସ୍‌କୋର ଆବେଦନ ଉପରେ :**

**୭.** (୧) ୱେଷ୍ଟର୍ଣ୍ଣ ଓରିଶା କୋଲ୍ଡ ଷ୍ଟୋରେଜ , ସା -କୋଲ୍ଡ ଷ୍ଟୋରେଜ କମ୍ପ୍ଲେକ୍ସ, ବରଲିପାଲି, ସମ୍ବଲପୁର-୭୬୮ ୦୦୬।

(୨) ଲାର୍ସନ ଆଣ୍ଡ ଟ୍ୟୁବ୍ରୋ ଲିମିଟେଡ, ପୋ - କାଂସବାହାଲ-୭୭୦୦୩୪, ଜିଲ୍ଲା -ସୁନ୍ଦରଗଡ।

(୩) ଓରିଶା ଇଲେକ୍ଟ୍ରିକାଲ କଂଜ୍ୟୁମର୍ସ ଆସୋସିଏସନ, ଶିବଶକ୍ତି ମେଡିସିନ କମ୍ପ୍ଲେକ୍ସ, ବି.କେ ରୋଡ, କଟକ।

(୪) ଚିଫ୍ ଇଲେକ୍ଟ୍ରିକାଲ ଇଞ୍ଜିନିୟର, ଡିଷ୍ଟ୍ରିବ୍ୟୁସନ, ଏସ୍,ଇ. ରେଲୱେ, ଗାର୍ଡନ ରିଚ୍, କୋଲକତା।

(୫) ଓଡ଼ିଶା କଂଜ୍ୟୁମର୍ସ ଆସୋସିଏସନ୍, ଦେବଜ୍ୟୋତି ଉପଭୋକ୍ତା ଭବନ, ବିଶ୍ୱନାଥ ଲେନ୍, କଟକ।

(୬) ଏସ୍.ଟି ଏବଂ ଏସ୍.ସି ଡେଭଲପ୍‌ମେଣ୍ଟ ଡିପାର୍ଟମେଣ୍ଟ, ଗଭର୍ଣ୍ଣମେଣ୍ଟ ଅଫ ଓରିଶା , ସେକ୍ରେଟେରିଏଟ୍ ବିଲଡିଂ, ଭୁବନେଶ୍ୱର।

(୭) ଶ୍ରୀ ସତ୍ୟବାଦୀ ନାୟକ, ସା/ପୋ -ବ୍ରଜରାଜନଗର, ଜିଲ୍ଲା -ଝାରସୋଗୋଡା।

(୮) ଶ୍ରୀ ଅଶ୍ୱିନୀ ଦାସ, ସା/ପୋ -ବ୍ରଜରାଜନଗର, ଜିଲ୍ଲା -ଝାରସୋଗୋଡା।

(୯) ଶ୍ରୀ ଗୁରୁଚରଣ କରାଳି, ସା/ପୋ -ପିଲ୍ଲିମାଲ, ଥାନା -ବେଲପାହାଡ, ଜିଲ୍ଲା -ଝାରସୋଗୋଡା।

(୧୦) ଶ୍ରୀ କରୁଣାକର ନାୟକ, ସା -ସାଆଲରାମା, ପୋ- ଗୋଡିଗାଁ, ଥାନା- ଲାଇକିରା, ଜିଲ୍ଲା -ଝାରସୋଗୋଡା।

(୧୧) ଶ୍ରୀ କାମାକ୍ଷା ଗଂଗଦେବ, ସା -ଦେବଗଡ, ଜିଲ୍ଲା -ଦେବଗଡ।

(୧୨) ଶ୍ରୀ ସୁନିଲ ଦତ୍ତ ଶର୍ମା, ସା -ବନିଆପାଲି, ଆଇଁଠାପାଲି, ଜିଲ୍ଲା -ସମ୍ବଲପୁର।

(୧୩) ଶ୍ରୀ ଅଜିତ୍ ନାୟକ, ସା/ପୋ -ଧନୁପାଲି, ଥା/ଜି -ସମ୍ବଲପୁର।

(୧୪) ଶ୍ରୀ ରାଜେଶ କୁମାର କର, ସା/ପୋ -ମୋଦିପଡା, ପୋ -ମୋଦିପଡା,ଥା- ଟାଉନ, ଜିଲ୍ଲା -ସମ୍ବଲପୁର।

(୧୫) ଶ୍ରୀ ଦିବାକର ଖିତି, ସା -ପୋଟିଆପଲ୍ଲି, ପୋ -ବଡୁଆପଲ୍ଲି, ଥା -ଧମା, ଜିଲ୍ଲା -ସମ୍ବଲପୁର।

(୧୬) ଶ୍ରୀ ମହେନ୍ଦ୍ର ବଧାଇ, ସା -ଅଇଁଠାପାଲି, ପୋ -ବୁଦ୍ଧାରାଜ, ଥାନା -ଧମା, ଜିଲ୍ଲା -ସମ୍ବଲପୁର।

(୧୭) ଶ୍ରୀ ମଧୁସୂଦନ ମିତ୍ର, ସା -ନୟାପଡ଼ା ରୋଡ, ପୋ/ଥା/ଜି -ସମ୍ବଲପୁର।

(୧୮) ଶ୍ରୀ ଜଳନ୍ଧର ନାୟକ, ସା -ପୁଟିବନ୍ଧ, ପୋ/ଥା -ଧନୁପାଲ୍ଲି, ଜିଲ୍ଲା -ସମ୍ବଲପୁର।

(୧୯) ଶ୍ରୀ ସଚିଦାନନ୍ଦ ତ୍ରିପାଠୀ, ସା -ପଟ୍ଟନାୟକପଡା, ପୋ -ଝମାପଡା, ଥା -ଟାଉନ, ଜିଲ୍ଲା -ସମ୍ବଲପୁର।

(୨୦) ଶ୍ରୀ ପ୍ରଭାତ କୁମାର ପାଣିଗ୍ରାହୀ, ସା -ଗୋଲୁଣ୍ଡା, ପୋ -ମାନେଶ୍ୱର, ଥା -ଧମା, ଜିଲ୍ଲା -ସମ୍ବଲପୁର।

(୨୧) ଶ୍ରୀ ଶ୍ୟାମ ସୁନ୍ଦର ଯୋଶୀ, ସା -ଡାଲିଆପଡ଼ା, ପୋ/ଥା/ଜି -ସମ୍ବଲପୁର।

(୨୨) ଶ୍ରୀ ସୌମିତ୍ର ପାଢୀ, ସା -କୋଡ ଗୁଡ଼ିରପୁର, ପୋ/ଥା -ଚିପିଲିମା, ଜିଲ୍ଲା -ସମ୍ବଲପୁର।

(୨୩) ଶ୍ରୀ ଜୟଶଙ୍କର ମିଶ୍ର, ସା -ମହନ୍ତପଡା, ପୋ -ଗୋଲବଜାର, ଥା -ଟାଉନ, ଜିଲ୍ଲା -ସମ୍ବଲପୁର।

(୨୪) ଶ୍ରୀ ଭବାନୀ ଶଙ୍କର ରାଉତ, ସା/ପୋ -ନିକିତିମାଲ, ଥା -ଲାଇକିରା, ଜିଲ୍ଲା -ଝାରସୋଗୋଡା।

(୨୫) ଶ୍ରୀ ସୁନ୍ଦରମଣି ତନ୍ତି, ସା -କାଲୋବାହାଲ, ପୋ -ତସଲାଡିହି, ଥା -ସଦର, ଜିଲ୍ଲା -ସୁନ୍ଦରଗଡ଼।

(୨୬) ଶ୍ରୀ ଲଳିନ୍ଦ୍ର କଲୁ, ସା -ସିଆରମାଲ, ପୋ -ଗୋପାଲପୁର, ଥା -ହିମଗିରି, ଜିଲ୍ଲା -ସୁନ୍ଦରଗଡ଼।

(୨୭) ଶ୍ରୀ ସାରଙ୍ଗଧର ଦେହେରୀ, ସା -କାଶୀବାହାଲ, ପୋ -ବିଜୟନଗର, ଜିଲ୍ଲା -ଦେଓଗଡ଼।

(୨୮) ଶ୍ରୀ ଲକ୍ଷ୍ମୀଧର ବନିଚୋଲ, ସା -ଗୁଣ୍ଡେଇମରା, କଣ୍ଟାଗାଲି, ଜିଲ୍ଲା -ଦେଓଗଡ଼।

(୨୯) ଶ୍ରୀ ମନୋରଂଜନ ନନ୍ଦ, ସା -ରେଜାମୁଣ୍ଡା, ଜିଲ୍ଲା -ଦେଓଗଡ଼।

(୩୦) ଶ୍ରୀ ବସନ୍ତ କୁମାର ଦାସ, ସା/ପୋ/ଜି -ଦେଓଗଡ଼।

(୩୧) ଶ୍ରୀ ମହେଶ୍ୱର ଚାନ୍ଦ, ସା -ଚାରଭାରତୀ, ପୋ -ରାଜପୁର, ଥା -ବ୍ରଜରାଜନଗର, ଜିଲ୍ଲା -ଝାରସୋଗଡା।

(୩୨) ଶ୍ରୀ ସାରଙ୍ଗଧର ମିଶ୍ର, ସା -ଶକ୍ତିନଗର, ପୋ/ଥା/ଜି -ଝାରସୋଗୋଡା।

(୩୩) ଶ୍ରୀ ପ୍ରଭାତ ରଂଜନ ସାମନ୍ତରାୟ, ସା -ବେଦବ୍ୟାସ, ରାଉରକେଲା, ଜିଲ୍ଲା -ସୁନ୍ଦରଗଡ଼।

(୩୪) ଶ୍ରୀ ସୀଙ୍କର ମାହାଳା, ୬/୨୯, ସେକ୍ଟର, ରାଉରକେଲା, ଜିଲ୍ଲା -ସୁନ୍ଦରଗଡ଼।

(୩୫) ଶ୍ରୀ ପ୍ରମୋଦ କୁମାର ନନ୍ଦ,ସା/ପୋ/ଜି -ରିଥାମାଳ, ଜିଲ୍ଲା -ଦେଓଗଡ଼।

(୩୬) ଶ୍ରୀ ରାଜ କିଶୋର ପ୍ରଧାନ, ସି/୫୫୧, କୋଏଲନଗର, ପୋ -ଶକ୍ତିନଗର, ରାଉରକେଲା -୧୪, ଥାନା -ଜାହିରପାଣି, ଜିଲ୍ଲା -ସୁନ୍ଦରଗଡ଼।

(୩୭) ଶ୍ରୀ ସତୀଶ କୁମାର ଚଉରାସିଆ, ସା -ପାନପୋଷ ବସ୍ତି, ପୋ -ପାନପୋଷ, ଥା -ଆର.ଏନ.ପଲ୍ଲି, ଜିଲ୍ଲା-ସୁନ୍ଦରଗଡ଼।

(୩୮) ଶ୍ରୀ ସଂଧ୍ୟାରାଣୀ ସାହୁ, କ୍ୱାଟର ନଂ. -୨୨୫, ପୋ -ସେକ୍ଟର ୭, ରାଉରକେଲା, ଥାନା -ସେକ୍ଟର ୧୫, ଜିଲ୍ଲା -ସୁନ୍ଦରଗଡ।

(୩୯) ଶ୍ରୀ ଚନ୍ଦ୍ରଭାନୁ ଦାସ, ସା -ଏ/୩୬, ସେକ୍ଟର -୧୬, ପୋ -ରାଉରକେଲା, ଥାନା -ସେକ୍ଟର ୧୫, ଜିଲ୍ଲା -ସୁନ୍ଦରଗଡ।

(୪୦) ଶ୍ରୀ ଅଗ୍ନୋ ସାହୁ, ସା -କରଞ୍ଜିଆ, ପୋ -କୋକ୍ରମା ଥା -ହାତୀବାରୀ, ଜିଲ୍ଲା -ସୁନ୍ଦରଗଡ।

(୪୧) ଶ୍ରୀ ସଦାନନ୍ଦ ସାହୁ, ସି/୨୨୫, ଥାନା -ସେକ୍ଟର ୭, ରାଉରକେଲା , ଜିଲ୍ଲା -ସୁନ୍ଦରଗଡ।

(୪୨) ଶ୍ରୀ ଶୈଳେନ୍ଦ୍ର କୁମାର ପଣ୍ଡା, କ୍ୱାଟର ନଂ. -ସି-୨/ଏଲ୍ -୧-୮୧, ପୋ -ରାଉରକେଲା ୧୫, ଆର.ଏନ.ପଲ୍ଲି, ଜିଲ୍ଲା-ସୁନ୍ଦରଗଡ଼।

(୪୩) ଶ୍ରୀ ଦେବହଂସ ବିସୋଇ, ବି/୧୩୮, ପୋ -ଟିରପାନି, ରାଉରକେଲା, ଜିଲ୍ଲା-ସୁନ୍ଦରଗଡ଼।

(୪୪) ଶ୍ରୀ ବାଉରୀବଂଧୁ ଦାସ, ଏ/୧୪୬, ପୋ -କୋଏଲନଗର, ଥା -ଟିରପାନି, ରାଉରକେଲା, ଜିଲ୍ଲା -ସୁନ୍ଦରଗଡ଼।

(୪୫) ଶ୍ରୀ ଅକ୍ଷୟ କୁମାର ପଣ୍ଡା, ଏ/୨୩୧, ପୋ -ସେକ୍ଟର ୧୫, ଜିଲ୍ଲା -ସୁନ୍ଦରଗଡ଼।

(୪୬) ଶ୍ରୀ ମହେଶ୍ୱର ଦୀପ, ସେକ୍ଟର -୬, କ୍ୱାଟର ନଂ.- ଏ-୨୬୮, ସା-କୋଏଲନଗର, ଥା -ଝିରପାନି, ରାଉରକେଲା, ଜିଲ୍ଲା -ସୁନ୍ଦରଗଡ଼।

(୪୭) ଶ୍ରୀ ରାମକ୍ରିଷ୍ଣ ମିଶ୍ର, କ୍ୱାଟର ନଂ.- ଏ-୨୬୮, ସା-କୋଏଲନଗର, ଥା -ଝିରପାନି, ରାଉରକେଲା, ଜିଲ୍ଲା -ସୁନ୍ଦରଗଡ଼।

(୪୮) ଶ୍ରୀ ଆତଙ୍କ ରଂଜନ ବାରିକ, ଗତିସରୋକରଡା, ପୋ/ଜି- ବଲାଙ୍ଗୀର।

(୪୯) ଶ୍ରୀ ପ୍ରଫୁଲ୍ଲ କୁମାର ରଣା, ସା -ଲେଟିପାଲ୍ଲି, ପୋ -ସାମନ୍ତପୁର, ଥା -ସଦର, ଜିଲ୍ଲା -ବଲାଙ୍ଗୀର।

(୫୦) ଶ୍ରୀ ପ୍ରହଲ୍ଲାଦ କୁମାର ମିଶ୍ର, ସା -ରଗୁଡିପଡ଼ା, ପୋ/ଥା/ଜି -ବଲାଙ୍ଗୀର।

(୫୧) ଶ୍ରୀ ପ୍ରସନ୍ନ କୁମାର ନେଗି, ସା -ବରପଲ୍ଲିପଡ଼ା, ପୋ/ଥା/ଜି -ବଲାଙ୍ଗୀର।

(୫୨) ଶ୍ରୀ ବିପିନ କୁମାର ପଲ୍ଲାଇ, ଏ/୨୬୭, ପୋ -କୋଏଲନଗର, ଥା -ଝିରପାନି, ରାଉରକେଲା, ଜିଲ୍ଲା -ସୁନ୍ଦରଗଡ଼।

(୫୩) ଶ୍ରୀ ମଦନମୋହନ ନାୟକ, ସା/ପୋ -ମାଲମୁଣ୍ଡା, ଥା/ଜି -ବଲାଙ୍ଗୀର।

(୫୪) ଶ୍ରୀ ପ୍ରଭାସ ମିଶ୍ର, ସା -ଗାନ୍ଧିନଗର ପଡ଼ା, ପୋ/ଥା/ଜି -ବଲାଙ୍ଗୀର।

(୫୫) ଶ୍ରୀ ଦିବାକର ମୋହାନ, ସା/ପୋ/ଥା -ବିରଭା, ଜିଲ୍ଲା -ସୋନପୁର।

(୫୬) ଶ୍ରୀ ସିଦ୍ଧେଶ୍ୱର ନାଗ, ସା -ଉମୁରିଆ, ପୋ -ପିପିରଢା, ଥା/ଜି - ବଲାଙ୍ଗୀର।

(୫୭) ଶ୍ରୀ ଗିରିଶ ଚନ୍ଦ୍ର ବେହେରା, ସା -ମେଦିନପୁର, ପୋ -ତସଲାଡ଼ିହି, ଥା -ସଦର, ଜିଲ୍ଲା -ସୁନ୍ଦରଗଡ଼।

(୫୮) ଶ୍ରୀ ଗୋପବନ୍ଧୁ ଡିହିରି, ସା -ମେଦିନପୁର, ପୋ -କିରାଇ, ଥା -ସଦର, ଜିଲ୍ଲା -ସୁନ୍ଦରଗଡ଼।

(୫୯) ଶ୍ରୀ ସନ୍ତୋଷ ତନ୍ତି, ସା/ପୋ -ଭଣ୍ଡାରିଶଙ୍କରା, ଥାନା -ତଲସରା, ଜିଲ୍ଲା -ସୁନ୍ଦରଗଡ଼।

(୬୦) ଶ୍ରୀ ଉଗ୍ରସେନ ପ୍ରଧାନ, ସା/ପୋ -ଭଣ୍ଡାରିଶଙ୍କରା, ଥାନା -ତଲସରା, ଜିଲ୍ଲା -ସୁନ୍ଦରଗଡ଼।

(୬୧) ଶ୍ରୀ ତିଲକରାମ ସା, ସା -ରାଜବାହାଲ, ଥା -ଲେଫ୍ରିପଡା, ଜିଲ୍ଲା -ସୁନ୍ଦରଗଡ଼।

(୬୨) ଶ୍ରୀ କପିଳା କିଶାନ, ସା -ତିରମୁଣ୍ଡା, ପୋ -ଜରାଙ୍ଗଲୋଇ, ଥା -ବରଗାଁ, ଜିଲ୍ଲା -ସୁନ୍ଦରଗଡ଼।

(୬୩) ଶ୍ରୀ କମଲ କୁମାର ସାନ୍ଧ, ସା -ମୁଣ୍ଡ ଗାଁ, ପୋ -ନିଆଲିପଲି, ଥା -ଉାସମା, ଜିଲ୍ଲା -ସୁନ୍ଦରଗଡ଼।

(୬୪) ଶ୍ରୀ ଚନ୍ଦ୍ରବା ମାଝି, ସା -ଗିରିସିମା, ପୋ -ଚିରପାଲାମ, ଥା -ହିମଗିରି, ଜିଲ୍ଲା -ସୁନ୍ଦରଗଡ଼।

(୬୫) ଶ୍ରୀ ସୁନିଲ କୁମାର ନାୟକ, ସା -କାଠମୁଣ୍ଡି, ପୋ -ଉଜଲପୁର, ଥା -ଲେଫ୍ରିପଡା, ଜିଲ୍ଲା -ସୁନ୍ଦରଗଡ଼।

(୬୬) ଶ୍ରୀ ରାଜୀବ ଲୋଚନ ପ୍ରଧାନ, ସା -କୁରୋଡ, ପୋ -ଟାଇନସାର, ପୋ/ଜି- ଦେବଗଡ଼।

(୬୭) ଶ୍ରୀ ମୀନକେତନ କର୍ଣ୍ଣ, ସା/ପୋ/ଥା/ଜି -ଦେବଗଡ଼।

(୬୮) ଶ୍ରୀ ଅଭିମନ୍ୟୁ ରଣା, ସା/ପୋ -ପୁରୁଣାଗଡ଼, ଥା/ଜି- ଦେବଗଡ଼।

(୬୯) ଶ୍ରୀ ଅଶୋକ ସାହୁ, ସା -ବାହାଡାପୋଷି, ପୋ -ବରକୋଲି, ଜି- ଦେବଗଡ଼ ।

(୭୦) ଶ୍ରୀ ଉପେନ୍ଦ୍ର ଚିଟ, ସା -ସର୍ବଗ୍ରହ, ଥା -ଲେଫ୍ରିପଡ଼ା, ଜିଲ୍ଲା -ସୁନ୍ଦରଗଡ଼ ।

(୭୧) ଆଧୁନିକ ମେଟାଲିକ୍ସସ, ଏଚ୍ -୭, ସିଭିଲ ଟାଉନ ସିପ୍, ରାଉରକେଲା, -୭୬୯୦୦୪,ଜିଲ୍ଲା -ସୁନ୍ଦରଗଡ଼ ।

(୭୨) ସ୍ୱାନ ଷ୍ଟିଲ ଲିମିଟେଡ଼, ସା -ପଣ୍ଡାଇକଲନି, ପୋ -ଝାରଟରାଙ୍ଗ, ରାଉରକେଲା -୪, ଜିଲ୍ଲା -ସୁନ୍ଦରଗଡ଼ ।

(୭୩) ଗୃହସ୍ଥି ଉଦ୍ୟୋଗ, ସା -ରେଭେଦାବସ୍ତି, ରାଉରକେଲା -୭୬୯୦୧୫, ଜିଲ୍ଲା -ସୁନ୍ଦରଗଡ଼ ।

(୭୪) ଲିଙ୍ଗରାଜ ଫିଡ୍ସ୍ ଲିମିଟେଡ୍, ସା -କଚେରିରୋଡ, ରାଉରକେଲା, -୭୬୧୦୧୨, ଜିଲ୍ଲା -ସୁନ୍ଦରଗଡ଼ ।

(୭୫) ସୁନ୍ଦରଗଡ଼ ଡିଷ୍ଟ୍ରକ୍ଟ ଏମ୍ପଲୟରସ୍ ଆସୋସିଏସନ, ସା -ଏଲ୍ -୧, ବାସନ୍ତିନଗର, ରାଉରକେଲା -୧୨,ଜିଲ୍ଲା -ସୁନ୍ଦରଗଡ଼ ।

(୭୬) ଶ୍ରୀ ପ୍ରଭାକର ଦୋରା, ସା -ବିଦ୍ୟାନଗର, କୋ-ଅପରେଟିଭ କଲୋନୀ, ୩ୟ ଲାଇନ, ରାୟଗଡ଼ା,ପୋ/ଥା/ଜି -ରାୟଗଡ଼ା ।

(୭୭) ରେକ୍ସୋନ ଷ୍ଟ୍ରିପ୍ସ୍ ଲିମିଟେଡ୍, କମଳା କମ୍ପ୍ଲେକ୍ସ, ପାୱାର ହାଉସରୋଡ, ରାଉରକେଲା -୦୧, ଜିଲ୍ଲା -ସୁନ୍ଦରଗଡ଼ ।

(୭୮) ଶ୍ରୀ ବାସୁଦେବ ଭୋଇ, ସା -ଚନ୍ଦ୍ରମା, ଥା -ବନହର, ଜିଲ୍ଲା -ଝାରସୋଗୋଡା ।

(୭୯) ଓରିଶା ଲାଇଭ ଟେକ ଫିଡ୍ ମାନ୍ୟୁଫାକଚର୍ସ ଆସୋସିଏସନ, ପ୍ଲଟ -ପି/୧୧, ଗ୍ରୀନ ପାର୍କ , ଜଗମୋହନ ନଗର, ଭୁବନେଶ୍ୱର ।

(୮୦) ଶ୍ରୀ ପ୍ରଣବ ଭୋଇସାଲ, ସା -ବେଲକିଡିହି, ପୋ -ଓସଲଡ଼ିହି, ଥା -ସଦର, ଜିଲ୍ଲା -ସୁନ୍ଦରଗଡ ।

(୮୧) ଶ୍ରୀ ଆର.ପି. ମହାପାତ୍ର, ପ୍ଲଟ ନଂ. -୭୭୫, (ପିଟି), ଲାଇନ -୩, ଜୟଦେବ ବିହାର, ଭୁବନେଶ୍ୱର ।

(୮୨) ଶ୍ରୀ ରମେଶ ଚନ୍ଦ୍ରଅ ଶତପଥୀ, ପ୍ଲଟ ନଂ. -୩୦୨(ବି), ବେହେରାସାହି, ନୟାପଲ୍ଲୀ, ଭୁବନେଶ୍ୱର ।

(୮୩) ଗ୍ରୀଡ୍କୋ , ଜନପଥ, ଭୁବନେଶ୍ୱର -୨୨ ।

(୮୪) ଓ ସି ଏଲ୍ ଇଣ୍ଡିଆ ଲିମିଟେଡ, ସା/ପୋ/ଥା -ରାଜଗାଙ୍ଗପୁର, ଜିଲ୍ଲା -ସୁନ୍ଦରଗଡ଼ ।

(୮୫) ଉତ୍କଳ ଚେମ୍ବର ଅଫ କମର୍ସ ଏବଂ ଇଣ୍ଡଷ୍ଟ୍ରି, ଏନ୍/୬,ଆଇ.ଆର.ସି ଭିଲେଜ୍, ନୟାପଲ୍ଲୀ, ଭୁବନେଶ୍ୱର ।

(୮୬) ଷ୍ଟେଟ ପବ୍ଲିକ୍ ଇଣ୍ଟେରେଷ୍ଟ ପ୍ରୋଟେକ୍ସନ କାଉନସିଲ, ତଳ ତେଲେଙ୍ଗା ବଜାର, କଟକ ।

(୮୭) ସମ୍ବଲପୁର ଡିଷ୍ଟ୍ରିକ୍ଟ କନଜ୍ୟୁମର୍ସ ଫେଡେରେସନ, ବାଲାଜି ମନ୍ଦିର ଭବନ, ଖେତ୍ରାଜପୁର, ସମ୍ବଲପୁର ।

ଅଭିଯୋଗକାରୀ ନଂ. -୬,୭ ରୁ ୩୦, ୩୩ ରୁ ୪୦, ୪୨, ରୁ ୫୭, ୫୯ ରୁ ୭୦, ୭୬ ରୁ ୮୬ ବାଦ ଆଇନକୁ ଅଭିଯୋଗକାରୀ ଶୁଣାଣି ସମୟରେ ଉପସ୍ଥିତ ଥିଲେ ଓ ସେମାନଙ୍କର ଲିଖିତ ଓ ମୌଖିକ ଉପସ୍ଥାପନାକୁ ଆୟୋଗ ଲିପିବଦ୍ଧ କରି ବିଚାର କରିଥିଲେ ।

**ସାଉଥ୍କୋର ଆବେଦନ ଉପରେ :**

୮. (୧) ଓଡ଼ିଶା ଇଲେକ୍ଟ୍ରିକାଲ କଂଜ୍ୟୁମର୍ସ ଆସୋସିଏସନ, ଶିବଶକ୍ତି ମେଡିସିନ କମ୍ପ୍ଲେକ୍ସ, ବି.କେ ରୋଡ, କଟକ ।

(୨) ଓଡ଼ିଶା କଂଜ୍ୟୁମର୍ସ ଆସୋସିଏସନ୍, ଦେବଜ୍ୟୋତି ଉପଭୋକ୍ତା ଭବନ, ବିଶ୍ୱନାଥ ଲେନ୍, କଟକ ।

(୩) ଗ୍ରାହକ ପଞ୍ଚାୟତ, ଫେଣ୍ଡ୍ସ୍ କଲୋନୀ, ପାରଳାଖେମୁଣ୍ଡି, ଜିଲ୍ଲା -ଗଞ୍ଜାମ ।

(୪) ଏସ୍.ଟି ଏବଂ ଏସ୍.ସି ଡେଭଲପ୍ମେଣ୍ଟ ଡିପାର୍ଟମେଣ୍ଟ, ଗଭର୍ଣ୍ଣମେଣ୍ଟ ଅଫ ଓରିଶା , ସେକ୍ରେଟେରିଏଟ୍ ବିଲଡିଂ, ଭୁବନେଶ୍ୱର ।

(୫) ଜୟଶ୍ରୀ କେମିକାଲସ୍ ଲିମିଟେଡ, ସା/ପୋ -ଜୟଶ୍ରୀ, ଗଞ୍ଜାମ ।

(୬) ଗଞ୍ଜାମ ଡିଷ୍ଟ୍ରିକ୍ଟ ଇଲେକ୍ଟ୍ରିସିଟି କନଜ୍ୟୁମରର୍ସ ପ୍ରୋଟେକସନ ଆସୋସିଏସନ, ସା -ହିଞ୍ଜଳିକୋଟ, ଜିଲ୍ଲା -ଗଞ୍ଜାମ ।

(୭) ଶ୍ରୀ ପ୍ରଭାକର ଡୋରା, ସା -ବିଦ୍ୟାନଗର, କୋ-ଅପେରେଟିଭ କଲୋନୀ, ଥାର୍ଡ଼ଲାଇନ, ରାୟଗଡା, ପୋ/ଥା/ଜି-ରାୟଗଡ଼ା ।

(୮) ଆର୍.ବାଲାକ୍ରିଷ୍ଣ ରାଓ, ସା/ପୋ -ବନ୍ତଲାପଳି, ଥା -ଚାମଖଣ୍ଡି, ଜିଲ୍ଲା -ଗଞ୍ଜାମ ।

(୯) ଶ୍ରୀ ମହନ ସାହୁ, ସା /ପୋ -କାଳିପଲ୍ଲୀ, ଥା -ଚମାଖଣ୍ଡି, ଜିଲ୍ଲା -ଗଞ୍ଜାମ ।

(୧୦) ଶ୍ରୀ ଉଦୟ ଗୁଡା, ସା -ମଧୁଆ, ପୋ -ଟାଙ୍ଗନା ପଲ୍ଲୀ, ଥା -ଗୋପାଳପୁର, ଜିଲ୍ଲା -ଗଞ୍ଜାମ ।

(୧୧) ଏନ୍.କେ ଆଚାର୍ଯ୍ୟ, ଏକ୍ସ-ଚେୟାରମ୍ୟାନ, ଥା -ଛତ୍ରପୁର, ବ୍ଲକ -ସା/ପୋ -ଚିକଲାଖଣ୍ଡି, ଥା -ଛତ୍ରପୁର, ଜିଲ୍ଲା -ଗଞ୍ଜାମ ।

(୧୨) ଶ୍ରୀ ରବିନ୍ଦ୍ର କୁମାର ସାହୁ, ସା/ପୋ -ବଡକୁଶସ୍ଥଳୀ, ଥା -ଗୋପାଳପୁର, ଜିଲ୍ଲା -ଗଞ୍ଜାମ ।

(୧୩) ଶ୍ରୀ କବିରାଜ ସାହୁ, ସା/ପୋ -ନରେନ୍ଦ୍ରପୁର, ଥା -ଚମାଖଣ୍ଡି, ଜିଲ୍ଲା -ଗଞ୍ଜାମ ।

(୧୪) ଶ୍ରୀ ଶ୍ୟାମ ସ୍ୱାଇଁ, ସା -ଶୀତଲାପଲ୍ଲୀ, ପୋ -ଟିଙ୍ଗନାପଲ୍ଲୀ, ଥା -ଗୋପାଳପୁର, ଜିଲ୍ଲା -ଗଞ୍ଜାମ ।

(୧୫) ଶ୍ରୀ କିଶୋର ଜେନା, ସା/ପୋ -ନରେନ୍ଦ୍ରପୁର, ଥା -ଚମାଖଣ୍ଡି, ଜିଲ୍ଲା -ଗଞ୍ଜାମ ।

(୧୬) ଶ୍ରୀ ଆନ୍ନା ଜେନା, ସା -ବଳରାମପୁର, ପୋ -ଟିଙ୍ଗନାପଲ୍ଲୀ, ଥା -ଗୋପଳପୁର, ଜିଲ୍ଲା -ଗଞ୍ଜାମ ।

(୧୭) ଶ୍ରୀ ଚୈତନ୍ୟ ବିଶୋଇ, ସା/ପୋ -ତଙ୍ଗନାପଲ୍ଲୀ, ଥା -ଗୋପାଳପୁର, ଜିଲ୍ଲା -ଗଞ୍ଜାମ ।

(୧୮) ଶ୍ରୀ ସୋମନାଥ ସାହୁ, ସା -କେ.ଟି ଏନପୁର, ପୋ -ଟିଙ୍ଗନାପଲ୍ଲୀ, ଥା -ଚମାଖଣ୍ଡି, ଜିଲ୍ଲା -ଗଞ୍ଜାମ ।

(୧୯) ଶ୍ରୀ ଅଲେଖ ଚରଣ ବିଶୋଇ, ସା/ପୋ -ଟିଙ୍ଗନାପଲ୍ଲୀ, ଥା -ଚମାଖଣ୍ଡି, ଜିଲ୍ଲା -ଗଞ୍ଜାମ ।

(୨୦) ଶ୍ରୀ ନିରଞ୍ଜନ ସାହୁ, ସା/ପୋ -ନରେନ୍ଦ୍ରପୁର, ଥା -ଚମାଖଣ୍ଡି, ଜିଲ୍ଲା -ଗଞ୍ଜାମ ।

(୨୧) ଶ୍ରୀ ଦଣ୍ଡପାଣି ସମାଲ, ସା -ବୋଣ୍ଡାପାଲ୍ଲୀ, ଥା -ପୋଲସରା, ଜିଲ୍ଲା -ଗଞ୍ଜାମ ।

(୨୨) ପି. କୁମାରାଜୁ ରେଡ୍ଡ଼ି, ସା -ସିନ୍ଧିଗନ, ପୋ -ବଡପୁର, ଥା -ଗୋପାଳପୁର,ଜିଲ୍ଲା -ଗଞ୍ଜାମ ।

(୨୩) ଶ୍ରୀ ପ୍ରକାଶ ପେଟ୍ରୋସା, ସା -ପାର୍କ ଷ୍ଟ୍ରିଟ, ପୋ -ବ୍ରହ୍ମପୁର, ଥା -ଟାଉନ, ଜିଲ୍ଲା -ଗଞ୍ଜାମ ।

(୨୪) ଜି. ଦଣ୍ଡପାଣି, ସା/ପୋ -ଚୁଡଙ୍ଗପୁର, ଥାନା -ଦିଗପହଣ୍ଡି, ଜିଲ୍ଲା -ଗଞ୍ଜାମ ।

(୨୫) ଶ୍ରୀ ବିଶ୍ୱନାଥ ସାହୁ, ସା -ବଡକୁଶସ୍ଥଳୀ, ପୋ -ଗୋପାଳପୁର, ଜିଲ୍ଲା -ଗଞ୍ଜାମ ।

(୨୬) ଶ୍ରୀ ଗୌରହରୀ ବିଶୋଇ, ସା/ପୋ/ଥା -ପୋଲସରା, ଜିଲ୍ଲା -ଗଞ୍ଜାମ ।

(୨୭) ଶ୍ରୀ ଏନ୍ ଦାସ, ସା -ପାଟପୁର, ପୋ -ସୁନ୍ଦରପୁର, ଥା -ଛତ୍ରପୁର, ଜିଲ୍ଲା -ଗଞ୍ଜାମ ।

(୨୮) ଶ୍ରୀ ଆର.ପି ମହାପାତ୍ର, ପ୍ଲଟ ନଂ. ୭୭୫(ପିଟି), ଲାଇନ-୩, ଜୟଦେବ ବିହାର, ଭୁବନେଶ୍ୱର ।

(୨୯) ଓରିଶା ଲାଇଭ ଟେକ ଫିଡ୍ ମାନ୍ୟୁଫାକଚର୍ସ, ଆସୋସିଏସନ, ପ୍ଲଟ -ପି/୧୧, ଗ୍ରୀନ ପାର୍କ ,ଜଗମୋହନ ନଗର, ଭୁବନେଶ୍ୱର ।

(୩୦) ଶ୍ରୀ ରମେଶ ଚନ୍ଦ୍ର ଶତପଥୀ, ପ୍ଲଟ ନଂ. -୩୦୨(ବି), ବେହେରାସାହି, ନୟାପଲ୍ଲୀ, ଭୁବନେଶ୍ୱର ।

(୩୧) ଉତ୍କଳ ଚେମ୍ବର ଅଫ କମର୍ସ ଏବଂ ଇଣ୍ଡଷ୍ଟ୍ରି, ଏନ୍/୬,ଆଇ.ଆର.ସି ଭିଲେଜ୍, ନୟାପଲ୍ଲୀ, ଭୁବନେଶ୍ୱର ।

(୩୨) ଗ୍ରୀଡ୍‌କୋ , ଜନପଥ, ଭୁବନେଶ୍ୱର -୨୨ ।

(୩୩) ଷ୍ଟେଟ୍ ପବ୍ଲିକ୍ ଇଣ୍ଟେରେଷ୍ଟ ପ୍ରୋଟେକ୍ସନ କାଉନସିଲ, ତଳ ତେଲେଙ୍ଗା ବଜାର, କଟକ ।

(୩୪) ସାଉଥକୋ ଫାଇନାନ୍ସ କ୍ୟାଡର ୱେଲଫେୟାର ଆସୋସିଏସନ, ସା -କେଶବ ନଗର, ଲାଞ୍ଜିପାଲି , ବରହମପୁର ।

ଅଭିଯୋଗକାରୀ ନଂ - ୨ରୁ୬,୮ ରୁ ୧୦,୧୨ ରୁ ୨୦,୨୨ରୁ ୨୪, ୨୯,୩୩ ଓ ୩୦ ବାଦ ଉପରୋକ୍ତ ଆଉ ସବୁ ଅଭିଯୋଗକାରୀ ଶୁଣାଣି ସମୟରେ ଉପସ୍ଥିତ ଥିଲେ । ସେମାନଙ୍କର ଲିଖିତ ଓ ମୌଖିକ ଅଭିଯୋଗକୁ ଆୟୋଗ ଲିପିବଦ୍ଧ କରି ବିଚାର କରିଥିଲେ ।

୯. ଆବେଦନକାରୀ (ବଣ୍ଟନ ଅନୁମତିଧାରୀମାନେ)ଭିନ୍ନ ଭିନ୍ନ ଅଭିଯୋଗକାରୀଙ୍କ ଦ୍ୱାରା ଉଦ୍ରେକିତ ସମସ୍ୟା ସମୁହର ଉତ୍ତର ଉପସ୍ଥାପନ କରିଥିଲେ।

୧୦. ବିଦ୍ୟୁତ ଆଇନ, ୨୦୦୩ର ଧାରା -୯୪(୩)ରେ ଉଲ୍ଲେଖ ମତେ , ଗ୍ରାହକମାନଙ୍କର ସ୍ୱାର୍ଥର ସୁରକ୍ଷା ଜନିତ ପ୍ରତିନିଧିତ୍ୱ କରିବା ସକାସେ ଉପଯୁକ୍ତ ଆୟୋଗ ନିଜର ପସନ୍ଦ ମୁତାବକ ଯେ କୌଣସି ବ୍ୟକ୍ତିବିଶେଷ/ଅନୁଷ୍ଠାନ/ପ୍ରତିଷ୍ଠାନଙ୍କୁ କ୍ଷମତାପ୍ରାପ୍ତ କରାଇପାରିବେ। ସେହି ଅନୁଯାୟୀ,ବଣ୍ଟନ ଅନୁମତିଧାରୀମାନଙ୍କର ବାର୍ଷିକ ରାଜସ୍ୱ ଆବଶ୍ୟକତା ଓ ମୂଲ୍ୟସୂଚୀ ପ୍ରସ୍ତାବର ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣ ପାଇଁ ଭୁବନେଶ୍ୱରସ୍ଥ ନବକୃଷ୍ଣ ଚୌଧୁରୀ ସେଣ୍ଟର ଫର ଡେଭଲପମେଣ୍ଟ ଷ୍ଟଡିଜ ର ଡ଼ଃ ଏସ୍, ମେହେରଙ୍କୁ ଉପଭୋକ୍ତା ଉପଦେଷ୍ଟା ଭାବେ ଆୟୋଗ ନିଯୁକ୍ତି ଦେଲେ।

୧୧. ଏହା ବାଦ୍, ଗ୍ରାହକମାନଙ୍କର ସ୍ୱାର୍ଥର ସୁରକ୍ଷା ଜନିତ ପ୍ରତିନିଧିତ୍ୱ ସକାଶେ ବଣ୍ଟନ ଅନୁମତିଧାରୀ କଂପାନୀମାନଙ୍କର ନିଜ ଅଞ୍ଚଳରୁ ୯ ଜଣ ବ୍ୟକ୍ତିବିଶେଷ/ପ୍ରତିଷ୍ଠାନସମୂହକୁ ମଧ୍ୟ ନିଯୁକ୍ତି ଦେଲେ। ନିମ୍ନ ଲିଖିତ ବ୍ୟକ୍ତିବିଶେଷ ପ୍ରତିଷ୍ଠାନମାନେ ସେମାନଙ୍କର ଲିଖିତ ସହମତି ଉପସ୍ଥାପନ କରିଥିଲେ ଓ ଶୁଣାଣିରେ ଭାଗ ନେଇଥିଲେ।

**ସାରଣୀ – ୨**

| କ୍ର. ନଂ | ଠିକଣା ସହ ପ୍ରତିଷ୍ଠାନ / ବ୍ୟକ୍ତିବିଶେଷଙ୍କ ନାମ | କେଉଁ ବଣ୍ଟନକାରୀ କମ୍ପାନୀ ତରଫରୁ କଂଜ୍ୟୁମର କାଉନସେଲମାନେ ପ୍ରତିନିଧିତ୍ୱ କରୁଛନ୍ତି |
|---|---|---|
| ୧ | ଗ୍ରାହକ ପଞ୍ଚାୟତ,ଫ୍ରେଣ୍ଡ୍ସ କଲୋନୀ,ପାରଳାଖେମୁଣ୍ଡି,ଜିଲ୍ଲା- ଗଜପତି | ସାଉଥ୍କୋ |
| ୨ | ଶ୍ରୀ ପ୍ରଭାକର ଦୋରା, ୩ୟ ଲେନ, କୋଅପରେଟିଭ କଲୋନୀ, ବିଦ୍ୟାନଗର, ରାୟଗଡ଼ା | ସାଉଥ୍କୋ |
| ୩ | ଓଡ଼ିଶା କଂଜ୍ୟୁମର୍ସ ଆସୋସିଏସନ, ବାଲେଶ୍ୱର ଚାପ୍ଟର, ବାଲେଶ୍ୱର | ନେସ୍କୋ |
| ୪ | ସମ୍ବଲପୁର ଜିଲ୍ଲା କଂଜ୍ୟୁମର୍ସ ଫେଡେରେସନ, ବାଲାଜି ମନ୍ଦିର ଭବନ, କ୍ଷେତରାଜପୁର, ସମ୍ବଲପୁର | ୱେସ୍କୋ |
| ୫ | ସୁନ୍ଦରଗଡ଼ ଜିଲ୍ଲା-ଏମ୍ପଲୟିଜ ଆସୋସିଏସନ,ଏ-ଏଲ୍-୧,ବାସନ୍ତୀ ନଗର, ରାଉରକେଲା | ୱେସ୍କୋ |
| ୬ | ଫେଡେରେସନ ଅଫ କଂଜ୍ୟୁମର୍ସ ଅର୍ଗାନାଇଜେସନ, (ଫୋକୋ), ବିଶ୍ୱନାଥ ଲେନ, କଟକ | ସେସୁ |
| ୭ | ଓଡ଼ିଶା ଇଲେକ୍ଟ୍ରିକାଲ କଂଜ୍ୟୁମର୍ସ ଆସୋସିଏସନ, ଶିବଶକ୍ତି ମେଡିସିନ କଂପ୍ଲେକ୍ସ, ବଜ୍ରକବାଟି ରୋଡ଼, କଟକ-୦୧ | ସେସୁ |
| ୮ | ସଂପାଦକ, କନ୍ଫେଡେରେସନ ଅଫ ସିଟିଜେନ ଫୋରମ | ସେସୁ |
| ୯ | ସଂପାଦକ, 'ପ୍ରୟାସ' – ଶକ୍ତି ଗ୍ରୁପ୍ | ସେସୁ,ୱେସ୍କୋ,ନେସ୍କୋ ଏବଂ ସାଉଥ୍କୋ |

(କ) ସାଉଥକୋ ପାଇଁ ଗ୍ରାହକ ପଞ୍ଚାୟତ ଏବଂ ଶ୍ରୀ ପ୍ରଭାକର ଦୋରା।

(ଖ) ଓ୍ୱେସକୋ ପାଇଁ ସମ୍ବଲପୁର ଡିଷ୍ଟ୍ରିକ୍ଟ କଂଜ୍ୟୁମର୍ସ ଫେଡରେସନ ଏବଂ ସୁନ୍ଦରଗଡ ଡିଷ୍ଟ୍ରିକ୍ଟ ଏମ୍ପଲଇଜ୍ ଆସୋସିଏସନ।

(ଗ) ସେସୁ ପାଇଁ ଫେଡେରେସନ ଅଫ କଂଜ୍ୟୁମର୍ସ ଅର୍ଗାନାଇଜେସନ(ଫୋକୋ) ଏବଂ ଓଡ଼ିଶା କଂଜ୍ୟୁମର୍ସ ଆସୋସିଏସନ।

(ଘ) ନେସ୍କୋ ପାଇଁ ଓଡ଼ିଶା କଂଜ୍ୟୁମର୍ସ ଆସୋସିଏସନ କେବଳ ନିଜର ଲିଖିତ ସହମତି ଦାଖଲ କରିଥିଲେ।

୧୨. ଶୁଣାଣି ପାଇଁ ତାରିଖ ଧାର୍ଯ୍ୟ କରାଯାଇଥିଲା ଏବଂ ଅଭିଯୋଗକାରୀମାନଙ୍କର ତାଲିକା ଉଲ୍ଲେଖ କରାଯାଇ ତାହାକୁ ରାଜ୍ୟର ଅଗ୍ରଣୀ ଓ ବହୁଳ ପ୍ରସାରିତ ଓଡ଼ିଆ ଓ ଇଂରାଜୀ ସମ୍ବାଦପତ୍ରରେ ସଠିକଭାବେ ବିଜ୍ଞପିତ କରାଯାଇଥିଲା। ଦରସୂଚୀ ଜନିତ କାର୍ଯ୍ୟାନ୍ୱୟନର ଶୁଣାଣିରେ ଭାଗ ନେବା ପାଇଁ ଶକ୍ତି ବିଭାଗ ଦ୍ୱାରା ପ୍ରତିନିଧିତ୍ୱ ହୋଇଥିବା ଓଡ଼ିଶା ସରକାରଙ୍କୁ ତାଙ୍କର ଭାରପ୍ରାପ୍ତ ପ୍ରତିନିଧିଙ୍କୁ ପଠାଇବାକୁ ଆୟୋଗ ନୋଟିସ ଦେଲେ।

୧୩. ଆଲୋଚନା ଓ ପରାମର୍ଶ ଭିତ୍ତିକ ପଦ୍ଧତି ଅନୁସାରେ, ଆୟୋଗ ନିଜ ଅନୁଷ୍ଠାନ ପରିସର ମଧ୍ୟରେ ସାଉଥ୍କୋ ପାଇଁ ୧୧/୨/୨୦୧୦ରେ, ନେସକୋ ପାଇଁ ୧୫/୨/୨୦୧୦ରେ ,ଓ୍ୱେସକୋ ପାଇଁ ୧୬/୨/୨୦୧୦ରେ ଓ ସେସୁ ପାଇଁ ୧୭/୨/୨୦୧୦ରେ ଜନଶୁଣାଣିର ପରିଚାଳନା କରିଥିଲେ। ଏଥିରେ ଆବେଦନକାରୀମାନେ , ନବକୃଷ୍ଣ ଚୌଧୁରୀ ସେଣ୍ଟର ଫର ଡେଭଲେପମେଣ୍ଟ ଷ୍ଟଡିଜ୍, ଭୁବନେଶ୍ୱରରୁ ମନୋନୀତ ଉପଭୋକ୍ତା ଉପଦେଷ୍ଟା ଡ଼ଃ ଏସ୍, ମେହେର, ବିଦ୍ୟୁତ ଯୋଗାଣ କରୁଥିବା ବଣ୍ଟନ ଅନୁମତିଧାରୀଙ୍କ ନିଜ ଅଞ୍ଚଳଗୁଡିକରୁ ଉପଭୋକ୍ତା ଉପଦେଷ୍ଟାମାନେ ତଥା ଅଭିଯୋଗକାରୀମାନେ ଶୁଣାଣିରେ ସେମାନଙ୍କର ମତାମତ ଉପସ୍ଥାପନ କରିଥିଲେ। ଆୟୋଗ ଆବେଦନକାରୀ, ଅଭିଯୋଗକାରୀ, ଉପଭୋକ୍ତା ଉପଦେଷ୍ଟା ଓ ସର୍ବୋପରି ଓଡ଼ିଶା ସରକାରଙ୍କ ଶକ୍ତି ବିଭାଗର ପ୍ରତିନିଧିଙ୍କ ମତାମତକୁ ଶୁଣିଥିଲେ।

୧୪. ଅନୁମତିଧାରୀମାନଙ୍କର ବାର୍ଷିକ ରାଜସ୍ୱ ଆବଶ୍ୟକତା ବା ଏ ଆର୍ ଆର୍ ଆବେଦନପତ୍ର ଓ ଦରସୂଚୀ ପ୍ରସ୍ତାବ ସଂପର୍କରେ ଆଲୋଚନା କରିବାକୁ ୧୮.୨.୨୦୧୦ ଦିନ ଅପରାହ୍ନ ୩.୩୦ ରେ ରାଜ୍ୟ ଉପଦେଷ୍ଟା କମିଟି (State Advisory Committee-SAC)ର ଏକ ବୈଠକ ଡାକିଥିଲେ। ଆୟୋଗଙ୍କର ଶଂସିତ ଓ ସଂପୃକ୍ତ ପ୍ରସଂଗସମୂହର ବିଚାରକୁ ସହଜ ଓ ସୁଗମ କରିବା ଉଦ୍ଦେଶ୍ୟରେ ସାକ୍ର ସଦସ୍ୟମାନେ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥିଭାବେ ଏବଂ ଓଡ଼ିଶା ସରକାରଙ୍କ ଶକ୍ତି ବିଭାଗର ପ୍ରତିନିଧି ସକ୍ରିୟ ଭାବେ ଆଲୋଚନାରେ ଅଂଶ ଗ୍ରହଣ କରି ସେମାନଙ୍କର ମୂଲ୍ୟବାନ ପରାମର୍ଶ ପ୍ରଦାନ କରିଥିଲେ।

୨୦୧୦-୧୧ ଆର୍ଥିକ ବର୍ଷ ପାଇଁ 'ବାର୍ଷିକ ରାଜସ୍ୱ ଆବଶ୍ୟକତା' ଓ ପାଇକାରୀ ଯୋଗାଣ ଦରସୂଚୀ ପ୍ରସ୍ତାବ(ଅନୁଚ୍ଛେଦ ୧୫ ରୁ ୭୭)

୧୫. ଆର୍ଥିକ ବର୍ଷ ୨୦୦୭-୦୮ ଠାରୁ ୨୦୧୦-୧୧ ପର୍ଯ୍ୟନ୍ତ ବିଦ୍ୟୁତ ଶକ୍ତି ବିକ୍ରୀ, କ୍ରୟ ଓ ବଣ୍ଟନ ଜନିତ ସାମୁଦାୟିକ କ୍ଷତିର ବିବରଣୀ ବଣ୍ଟନକାରୀ କଂପାନୀମାନେ ଉପସ୍ଥାପନ କରିଥିଲେ। ଏହାର ସାରଣୀକୃତ ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

**ସାରଣୀ – ୩**

**ବଣ୍ଟନ ଜନିତ କ୍ଷତି**

| | | ୨୦୦୭-୦୮ ବାସ୍ତବିକ | ୨୦୦୮-୦୯ ବାସ୍ତବିକ | ୨୦୦୯-୧୦ ଅଟକଳ | ୨୦୧୦-୧୧ ଅଟକଳ |
|---|---|---|---|---|---|
| | ଶକ୍ତି ବିକ୍ରୀ(ମିଲିୟନ ୟୁନିଟ) | ୩୦୪୫.୧୧ | ୩୩୮୭.୦୭ | ୩୮୬୫.୪୫ | ୪୧୨୪.୫୫ |
| | ଶକ୍ତି ଆମଦାନୀ (ଏମ୍.ୟୁ) | ୫୨୦୩.୬୧ | ୫୬୭୨.୬୧ | ୬୩୩୭.୦୦ | ୭୪୦୧.୭୮ |

| | | | | | |
|---|---|---|---|---|---|
| ସେସୁ | ସାମଗ୍ରୀକ ଭାବେ ବଣ୍ଟନ ଜନିତ କ୍ଷତିର ପରିମାଣ (ପ୍ରତିଶତରେ) | ୪୧.୫୧ | ୪୦.୩୪ | ୩୯.୦୦ | ୪୪.୨୮ |
| ନେସ୍କୋ | ଶକ୍ତି ବିକ୍ରୀ (ଏମ୍.ୟୁ) | ୩୨୦୩.୭୭୭ | ୨୯୭୩.୭୧ | ୩୪୦୪.୮୧ | ୩୯୯୬.୦୭ |
| | ଶକ୍ତି ଆମଦାନୀ (ଏମ୍.ୟୁ) | ୪୬୫୪.୯୨୯ | ୪୫୪୪.୯୭ | ୪୯୬୬.୯ | ୫୫୭୩.୩୨ |
| | ସାମଗ୍ରୀକ ଭାବେ ବଣ୍ଟନ ଜନିତ କ୍ଷତିର ପରିମାଣ (ପ୍ରତିଶତରେ) | ୩୧.୧୭ | ୩୪.୫୭ | ୩୧.୪୫ | ୨୮.୩ |
| ସାଉଥ୍‌କୋ | ଶକ୍ତି ବିକ୍ରୀ (ଏମ୍.ୟୁ) | ୧୦୭୭.୫୯୩ | ୧୧୩୬.୨୧ | ୧୨୩୭.୧୦ | ୧୪୪୮.୨୯ |
| | ଶକ୍ତି ଆମଦାନୀ (ଏମ୍.ୟୁ) | ୧୯୭୫.୨୭ | ୨୧୭୫.୯୩ | ୨୩୨୪.୦୦ | ୨୫୩୦.୦୦ |
| | ସାମଗ୍ରୀକ ଭାବେ ବଣ୍ଟନ ଜନିତ କ୍ଷତିର ପରିମାଣ (ପ୍ରତିଶତରେ) | ୪୫.୪୪ | ୪୭.୭୮ | ୪୬.୭୭ | ୪୨.୭୬ |
| ୱେସ୍କୋ | ଶକ୍ତି ବିକ୍ରୀ (ଏମ୍.ୟୁ) | ୩୪୩୪.୬୧୧ | ୪୨୩୮.୨୪ | ୪୪୦୮.୦୦ | ୪୬୫୧.୦୦ |
| | ଶକ୍ତି ଆମଦାନୀ (ଏମ୍.ୟୁ) | ୫୩୭୭.୦୦ | ୬୩୭୮.୪୩ | ୬୪୩୦.୦୦ | ୬୫୦୦.୦୦ |
| | ସାମଗ୍ରୀକ ଭାବେ ବଣ୍ଟନ ଜନିତ କ୍ଷତିର ପରିମାଣ (ପ୍ରତିଶତରେ) | ୩୬.୧୩ | ୩୩.୫୫ | ୩୧.୪୬ | ୨୮.୪୫ |

ହାରାହାରି ବୈଷୟିକ ଓ ବିପଣନ କ୍ଷତି

(Assreegate Technical and Commercial Loss -A & C Loss)

୧୬. ୨୦୦୮-୦୯ ଠାରୁ ଆରମ୍ଭ କରି ପରବର୍ତ୍ତୀ ସମୟ ପର୍ଯ୍ୟନ୍ତ ୪ ଗୋଟି ବଣ୍ଟନକାରୀ କଂପାନୀଙ୍କ ଉଦ୍ଦେଶ୍ୟରେ ହାରାହାରି ବୈଷୟିକ ଓ ବିପଣନ କ୍ଷତି (ଏଟି ଆଣ୍ଡ ସି କ୍ଷତିଙ୍କୀକୁ ସଂପର୍କ କରି 'ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ'(Orissa Electricity Regulatory Commission - OERC) ଧାର୍ଯ୍ୟ ଲକ୍ଷ୍ୟ, ବିଭାଗର ପଦ୍ଧତିଗତ କ୍ଷତି ଓ ଆଦାୟ- ଉତ୍କୃଷ୍ଟତା ଆଦି ନିମ୍ନ ସାରଣୀରେ ଉଲ୍ଲେଖ କରାଯାଇଛି ।

**ସାରଣୀ -୪**

**ଏଟି ଏବଂ ସି' କ୍ଷତି**

| | | ୨୦୦୮-୦୯ **ବାସ୍ତବ** | ୨୦୦୯-୧୦ **ଅଟକଳ** | ୨୦୧୦-୧୧ **ଅଟକଳ** |
|---|---|---|---|---|
| ସେସୁ | ବଣ୍ଟନ ଜନିତ କ୍ଷତି (ପ୍ରତିଶତରେ) | ୪୦.୩୪ | ୩୯ | ୪୪.୨୮ |
| | ଆଦାୟ-ଉତ୍କୃଷ୍ଟତା (ପ୍ରତିଶତରେ) | ୯୧.୮୦ | ୯୫ | ୯୫ |
| | ଏ.ଟି. ଏବଂ ସି' ଜନିତ କ୍ଷତି (ପ୍ରତିଶତରେ) | ୪୫.୨୩ | ୪୨.୦୫ | ୪୭.୦୭ |
| | ଓ.ଇ.ଆର.ସି.ଲକ୍ଷ୍ୟ (ଏଟି ଏବଂ ସି' ଜନିତ କ୍ଷତି - ପ୍ରତିଶତରେ) | ୩୨.୮୪ | ୨୭.୮ | ବ୍ୟାପାର ଯୋଜନା ଅନୁଯାୟୀ |
| ନେସ୍କୋ | ବଣ୍ଟନ ଜନିତ କ୍ଷତି (ପ୍ରତିଶତରେ) | ୩୪.୫୭ | ୩୧.୪୫ | ୨୮.୩ |
| | ଆଦାୟ-ଉତ୍କୃଷ୍ଟତା (ପ୍ରତିଶତରେ) | ୯୨.୫୦ | ୯୬ | ୯୭ |
| | ଏ.ଟି. ଏବଂ ସି' ଜନିତ କ୍ଷତି (ପ୍ରତିଶତରେ) | ୩୯.୪୮ | ୩୪.୧୯ | ୩୦.୪୫ |
| | ଓ.ଇ.ଆର.ସି.ଲକ୍ଷ୍ୟ (ଏଟି ଏବଂ ସି' ଜନିତ କ୍ଷତି - ପ୍ରତିଶତରେ) | ୨୯.୦୦ | ୨୪.୫ | ବ୍ୟାପାର ଯୋଜନା ଅନୁଯାୟୀ |
| ସାଉଥ୍‌ | ବଣ୍ଟନ ଜନିତ କ୍ଷତି (ପ୍ରତିଶତରେ) | ୪୭.୭୮ | ୪୬.୭୭ | ୪୨.୭୬ |

| | | | | |
|---|---|---|---|---|
| କା | ଆଦାୟ-ଉତ୍କୃଷ୍ଟତା (ପ୍ରତିଶତରେ) | ୯୪.୨୧ | ୯୬ | ୯୭ |
| | ଏ.ଟି. ଏବଂ ସି' ଜନିତ କ୍ଷତି (ପ୍ରତିଶତରେ) | ୫୦.୮୦ | ୪୮.୯୦ | ୪୪.୪୭ |
| | ଓ.ଇ.ଆର.ସି.ଲକ୍ଷ୍ୟ (ଏଟି ଏବଂ ସି' ଜନିତ କ୍ଷତି - ପ୍ରତିଶତରେ) | ୩୪.୬୦ | ୨୯.୩୬ | ବ୍ୟାପାର ଯୋଜନା ଅନୁଯାୟୀ |
| ୱେସ୍କୋ | ବଣ୍ଟନ ଜନିତ କ୍ଷତି (ପ୍ରତିଶତରେ) | ୩୩.୫୫ | ୩୧.୪୫ | ୨୮.୪୫ |
| | ଆଦାୟ-ଉତ୍କୃଷ୍ଟତା (ପ୍ରତିଶତରେ) | ୯୩.୮୬ | ୯୭ | ୯୭ |
| | ଏ.ଟି. ଏବଂ ସି' ଜନିତ କ୍ଷତି (ପ୍ରତିଶତରେ) | ୩୭.୬୩ | ୩୩.୫୦ | ୩୩.୫ |
| | ଓ.ଇ.ଆର.ସି.ଲକ୍ଷ୍ୟ (ଏଟି ଏବଂ ସି' ଜନିତ କ୍ଷତି - ପ୍ରତିଶତରେ) | ୨୮.୦୦ | ୨୪.୦୫ | ବ୍ୟାପାର ଯୋଜନା ଅନୁଯାୟୀ |

୧୭. ବିଦ୍ୟୁତ ବଣ୍ଟନକାରୀ କଂପାନୀମାନେ ପୂର୍ବ ବର୍ଷ ମାନଙ୍କ ପରି ସେମାନଙ୍କର ସଫଳତାର ଲକ୍ଷ୍ୟ ହାସଲ ହୋଇପାରି ନଥିବା ଆୟୋଗଙ୍କ ସମକ୍ଷରେ ଦର୍ଶାଇଛନ୍ତି। ନିବେଶ ଓ ନିର୍ବାହନ କ୍ଷେତ୍ରରେ ବିକାଶ ବାଧାପ୍ରାପ୍ତ ହୋଇ ଥିବା ଦର୍ଶାଇ ସେମାନେ କହିଛନ୍ତି ଯେ, ନିମ୍ନ ଲିଖିତ କାରଣ ଗୁଡିକ ସେଥି ପାଇଁ ଦାୟୀ ଅଟନ୍ତି।

(କ) ଏପିଡିଆର୍‌ପି ଏବଂ ବିଶ୍ୱବ୍ୟାଙ୍କରୁ ସେମାନେ ଠିକ ସମୟରେ ଅର୍ଥ ପାଇ ପାରୁ ନାହାନ୍ତି। ସେଥିରେ ଅହେତୁକ ବିଳମ୍ବ ଘଟୁଛି।

(ଖ) ପ୍ରାକୃତିକ ବିପର୍ଯ୍ୟୟ ପାଇଁ ନିବେଶ ଓ ନିର୍ବାହନ ବାଧାପ୍ରାପ୍ତ ହେଉଛି।

(ଗ) ବିସ୍ତାରିତ ବିଦ୍ୟୁତକରଣ ଯୋଜନା କାର୍ଯ୍ୟକାରୀ ହେଉଥିବା ଯୋଗୁ ସେମାନଙ୍କୁ ଅନେକ ସମୟରେ ଅବାଂଛିତ ବ୍ୟୟଭାରର ସମ୍ମୁଖୀନ ହେବାକୁ ପଡୁଛି, ଯାହାକୁ କି କେନ୍ଦ୍ର ସରକାର ବା ରାଜ୍ୟ ସରକାର ଉଚିତ ସମୟରେ ଭରଣା କରୁନାହାନ୍ତି; ଏବଂ ସେମାନଙ୍କୁ କ୍ଷତିର ବୋଝ ବୋହିବାକୁ ପଡୁଛି।

(ଘ) ସ୍ୱତନ୍ତ୍ର ବିଦ୍ୟୁତ କୋର୍ଟ ଓ ସ୍ୱତନ୍ତ୍ର ପୋଲିସ ଥାନା ପ୍ରତିଷ୍ଠା କରାଯାଇନାହିଁ।

(ଙ) ଅର୍ଥ ଉପଲବଧତା ଓ ଉଠାଣ କ୍ଷେତ୍ରରେ ବିଭାଗର 'ସଣୁଆସୀ ବ୍ୟବସ୍ଥା' ଯୋଗୁ ଠିକ ସମୟରେ ଆବଶ୍ୟକୀୟ ଅର୍ଥ ଉପଲବ୍ଧ ହୋଇପାରୁନାହିଁ।

(ଚ) ସରକାରୀ ବିଭାଗ ଓ ସର୍ବସାଧାରଣ ଉଦ୍ୟୋଗମାନେ ଠିକ ସମୟରେ ଦେୟ ପ୍ରଦାନ କରୁନାହାନ୍ତି, କିମ୍ବା ସେମାନେ ଦେୟ ଦେଉ ନଥିବା ନେଇ ଅଭିଯୁକ୍ତ ହେଉଥିଲେ ବା ହୋଇଥିଲେ ମଧ ତେବେ ବି ଦେୟ ଦେଉ ନାହାନ୍ତି; ଏବଂ ସେମାନଙ୍କ ଉପରେ କୌଣସି ଆଇନଗତ /ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ।

## ମିଟରିଂ

୧୮. 'ସେସୁ'(Central Electricity Supply Utility)କୁ ବାଦଦେଲେ ୱେସକୋ, ନେସକୋ ଓ ସାଉଥକୋ ହେଉଛନ୍ତି ରିଲିଆନ୍‌ସ୍ କଂପାନୀ ପରିଚାଳିତ ଅନୁମତିଧାରୀ। ଏହି ତିନି କଂପାନୀ ଆୟୋଗଙ୍କୁ ଜଣାଇଥିଲେ ଯେ, ସେମାନେ ଏହିଭଳି ଏକ ପଦ୍ଧତିରେ କାର୍ଯ୍ୟ ନିର୍ବାହନ କରିଆସୁଛନ୍ତି, ଯହିଁରେ ଅନେକ ବିଦ୍ୟୁତ ଉପଭୋକ୍ତାଙ୍କର ମିଟର ନାହିଁ; କିମ୍ବା ଅନେକଙ୍କର ତ୍ରୁଟିଯୁକ୍ତ ମିଟର ଅଛି। ତେଣୁ ତଥ୍ୟ ଭିତ୍ତିକ ବିଲିଂ ତ୍ରୁଟିଯୁକ୍ତ ହେଉଛି। ଇତି ମଧ୍ୟରେ , ସେମାନେ ୩୩କେଭି ସ୍ତରରେ ୧୦୦ ପ୍ରତିଶତ ଫିଡର ମିଟରିଂ ହାସଲ କରିବାକୁ ଦାବି କରିଛନ୍ତି। ଅତଏବ ତ୍ରୁଟିଯୁକ୍ତ ମିଟର ସବୁକୁ ବଦଳାଯାଇ ତ୍ରୁଟିଶୂନ୍ୟ ମିଟର ବସାଇବାକୁ ସେମାନେ ଦାବୀ କରିଛନ୍ତି। ପ୍ରତ୍ୟେକ

ଅନୁମତିଧାରୀଙ୍କ ବିପକ୍ଷରେ କେତେ  ସଂଖ୍ୟକ ମିଟର ବଦଳାଯିବାକୁ ଅଛି (ଯେଉଁଥିପାଇଁ କାର୍ଯ୍ୟାଦେଶ ଦିଆ ସରିଛି), ତାହାର ଏକ ସାରଣୀକୃତ ବିବରଣୀ ନିମ୍ନରେ ପ୍ରଦତ୍ତ ହେଲା ।

**ସାରଣୀ – ୫**

| ବଣ୍ଟନ କମ୍ପାନୀମାନଙ୍କ ନାମ | ଉପଭୋକ୍ତାଙ୍କ ସଂଖ୍ୟା | **ମିଟର ଗୁଡ଼ିକର ସ୍ଥାନାନ୍ତର ଓ ବଦଳ** **Meters to be Shifted & Replaced** | ମୂଲ୍ୟ (କୋଟି ଟଙ୍କାରେ) | **ମିଟର ଗୁଡ଼ିକର ବଦଳ** **Meters to be Replaced** | ସମୁଦାୟ ମୂଲ୍ୟ (କୋଟି ଟଙ୍କାରେ) |
|---|---|---|---|---|---|
| ନେସ୍କୋ | ୨,୨୫,୦୦୦ | ୧,୮୦,୦୦୦ | ୬.୩ | ୪୫୦୦୦ | ୮.୧୯ |
| ଓ୍ୱେସ୍କୋ | ୧,୩୦,୦୦୦ | ୧,୦୪,୦୦୦ | ୩.୬୪ | ୨୬୦୦୦ | ୪.୭୩ |
| ସାଉଥ୍‌କୋ | ୭୫୦୦୦ | ୬୦,୦୦୦ | ୨.୧ | ୧୫,୦୦୦ | ୨.୭୩ |
| ସମୁଦାୟ | **୪,୩୦,୦୦୦** | | **୧୨.୦୪** | | **୧୫.୬୫** |

ଉଚ୍ଚମାନର ଗ୍ରାହକଙ୍କ ପାଇଁ 'ଅଟୋମେଟିକ ମିଟର ରିଡର୍ସ' (Automatic Meter Readers -AMR)ଏବଂ ସାଧାରଣ ଗ୍ରାହକଙ୍କ ପାଇଁ ସିଙ୍ଗଲ ଫେଜ ଷ୍ଟାଟିକ ମିଟର ହାସଲ କରିବା ଦିଗରେ ସେମାନେ ପ୍ରୟାସରତ ଓ ସେଥିପାଇଁ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇଛି। ଏହାର ଏକ ସାରଣୀକୃତ ବିବରଣୀ ନିମ୍ନରେ ଦିଆଗଲା।

**ସାରଣୀ – ୬**

| ବଣ୍ଟନ କମ୍ପାନୀମାନଙ୍କ ନାମ | **AMRs to be procured** | **Static meters to be procured** |
|---|---|---|
| ନେସ୍କୋ | ୮୨୫ | ୨,୨୦,୦୦୦ |
| ଓ୍ୱେସ୍କୋ | ୧୦୦୦ | ୭୫,୦୦୦ |
| ସାଉଥ୍‌କୋ | ୪୮୦ | ୬୦,୦୦୦ |
| ସମୁଦାୟ | **୨୩୦୫** | **୩,୫୫,୦୦୦** |

୧୯.  'ସେସୁ' ଉପସ୍ଥାପନ କରିଥିଲା ଯେ, ୨୦୧୮୪ ସଂଖ୍ୟକ ଡିଷ୍ଟ୍ରିବ୍ୟୁସନ ଟ୍ରାନ୍ସଫରମର ମଧ୍ୟରୁ ୫୧୧୮ ସଂଖ୍ୟକ ଡିଷ୍ଟ୍ରିବ୍ୟୁସନ ଟ୍ରାନ୍ସଫରମରରେ ମିଟର ବସାଯାଇଛି। ଉପଯୁକ୍ତ ଭାବେ ଡିଟି ଏନର୍ଜି ଅଡିଟ ସଂପନ୍ନ କରିବାକୁ ୨୦୧୦-୧୧ ଆର୍ଥିକ ବର୍ଷ ସୁଦ୍ଧା ୧୦୦ ପ୍ରତିଶତ ଡିଟିଆର ମିଟରିଂ ପାଇଁ ପରାମର୍ଶ ଦିଆଯାଉଛି। ଏହା ସହ, କ୍ଷେତ୍ରସ୍ଥଳ କାର୍ଯ୍ୟସୂଚୀର ପ୍ରସ୍ତୁତି ଓ ଉପଯୁକ୍ତ ବିଶ୍ଳେଷଣ ପାଇଁ ସଠିକ ଭାବେ ଡିଟି ମିଟରିଂ ବ୍ୟବସ୍ଥାକୁ ଆୟତ୍ତ କରିବାକୁ ମିଟର ରିଡିଂ ଇନଷ୍ଟ୍ରୁମେଣ୍ଟ (Meter Reading Instruent - MRI) ସହ ଏଲପିଆର୍ (LPR -Low Power Radio) ବ୍ୟବସ୍ଥିତ କରିବାକୁ ମଧ ସୁଚିନ୍ତିତ ପରାମର୍ଶ ଦିଆଯାଉଛି। ସେମାନଙ୍କର ଯୋଜନା ଅନୁଯାୟୀ, BCDD - 1,BCDD-11, BED,CDD -1, CDD-11,DED ଅଧିନରେ ୧,୦୦,୦୦୦ ଜଣ ଗ୍ରାହକଙ୍କୁ ୨୦୧୦-୧୧ ଆର୍ଥିକ ବର୍ଷରେ ପିଲାର ବକ୍ସ ମିଟରିଂର ବ୍ୟବସ୍ଥାଧିନ କରାଯିବ।

କ୍ଷେତ୍ରସ୍ଥଳ ବିଲିଂରେ ସଂସ୍କାର

୨୦. ରିଲିଆନ୍ସ ପରିଚାଳିତ ବଣ୍ଟନ ଅନୁମତିଧାରୀ କଂପାନୀମାନେ ଦର୍ଶାଇଥିଲେ ଯେ, ପୁରୁଣା କ୍ଷେତ୍ରସ୍ଥଳ ବିଲିଂ ଏଜେଣ୍ଟମାନଙ୍କର କାର୍ଯ୍ୟ ନିର୍ବାହନରେ ଅସଫଳତା ଯୋଗୁ ସେମାନେ ସେମାନଙ୍କୁ ବଦଳାଇ ଦେଇଛନ୍ତି ଓ ନୂଆ ଏଜେଣ୍ଟମାନଙ୍କୁ ନିଯୁକ୍ତି ଦେଇଛନ୍ତି। ତା'ଛଡା ନୂଆ ଏଜେଣ୍ଟମାନଙ୍କ ନିଯୁକ୍ତିରେ ସର୍ତ୍ତ ରଖାଯାଇଛି ଯେ, ଯଦି ସେମାନେ କାର୍ଯ୍ୟ ନିର୍ବାହନରେ ତ୍ରୁଟି କରନ୍ତି, ତେବେ ସେମାନଙ୍କୁ ଜୋରିମାନା ଦଣ୍ଡରେ ଦଣ୍ଡିତ କରାଯିବ। ଅନୁମତିଧାରୀମାନେ ଆହୁରି ଦର୍ଶାଇଥିଲେ ଯେ, ସେମାନେ ବହୁ ସଂଖ୍ୟକ ଗ୍ରାହକଙ୍କୁ କ୍ଷେତ୍ରସ୍ଥଳ ବିଲିଂ ବା ସ୍ପଟ ବିଲିଂ ଯୋଜନା ଅନ୍ତର୍ଭୁକ୍ତ କରିପାରିଛନ୍ତି; ଏବଂ ୨୦୧୦-୧୧ ଆର୍ଥିକ ବର୍ଷରେ ଅବଶିଷ୍ଟ ଗ୍ରାହକଙ୍କୁ ନିମ୍ନ ସାରଣୀରେ ଉଲ୍ଲେଖ ମତେ ଉଦ୍ଧିଷ୍ଟ ଦର ଧାର୍ଯ୍ୟ ପୂର୍ବକ ସ୍ପଟ ବିଲିଂ ଅନ୍ତର୍ଭୁକ୍ତ କରିବାକୁ ପ୍ରସ୍ତାବ ରଖିଛନ୍ତି।

**ସାରଣୀ – ୭**

| ବଣ୍ଟନ କମ୍ପାନୀମାନଙ୍କ ନାମ | **Existing No of Customers** | **Numbers of Customers to be Covered** | **Total Cost Involved (Rs.)** |
|---|---|---|---|
| ନେସ୍କୋ | ୪,୦୦,୦୦୦ | ୨,୦୦,୦୦୦ | ୧୧,୦୦,୦୦୦ |
| ଓ୍ୱେସ୍କୋ | ୩,୨୪,୦୦୦ | ୨,୦୦,୦୦୦ | ୧୩,୫୦,୦୦୦ |
| ସାଉଥ୍କୋ | ୩,୫୦,୦୦୦ | ୧,୨୫,୦୦୦ | ୮,୬୮,୦୦୦ |
| ସମୁଦାୟ | **୧୦,୭୪,୦୦୦** | **୫,୨୫,୦୦୦** | **୩୩,୧୮,୭୫୦** |

<u>କାପେକ୍ସ ପ୍ଲାନ/ପଦ୍ଧତିଗତ ଉନ୍ନୟନ ଅଧିଯୋଜନା :</u>

୨୧. ସେସୁ ଆୟୋଗଙ୍କ ସମକ୍ଷରେ କାପେକ୍ସ ପ୍ଲାନ ଉପସ୍ଥାପନ କରିଛି । ୨୧୦ କୋଟି ଟଙ୍କାର ପଦ୍ଧତିଗତ ଉନ୍ନୟନ ଖସଡା ନିମ୍ନ ସାରଣୀରେ ଉଲ୍ଲେଖ ଅନୁଯାୟୀ ଏଥିରେ ଅନ୍ତର୍ଭୁକ୍ତ ଅଟେ।

**ସାରଣୀ – ୮**

| **କ୍ର.ସଂ** | **କାର୍ଯ୍ୟକ୍ରମ** | ପରିମାଣ (କୋଟି ଟଙ୍କାରେ) |
|---|---|---|
| ୧ | ପ୍ରଣାଳୀଗୁଡ଼ିକର ଉନ୍ନତିକରଣ କାର୍ଯ୍ୟକ୍ରମ<br>System Improvement Programme | ୮୬.୦୦ |
| ୨ | ପଦ୍ଧତିଗତ କ୍ଷତି ହ୍ରାସକାର୍ଯ୍ୟକ୍ରମ<br>Technical Loss Reduction Programme | ୩୬.୦୦ |
| ୩ | ବାଣିଜ୍ୟିକ କ୍ଷତି ହ୍ରାସ କାର୍ଯ୍ୟକ୍ରମ<br>Commercial Loss reduction Programme | ୭୬.୦୦ |
| ୪ | ସୂଚନା ପ୍ରଜ୍ୟୁକ୍ତି କାର୍ଯ୍ୟକ୍ରମ<br>Application of Information Technology | ୧୨.୦୦ |
| | ସମୁଦାୟ | **୨୧୦.୦୦** |

ନିମ୍ନଲିଖିତ ସଂସ୍ଥାମାନଙ୍କ ସହଯୋଗରେ କାପେକ୍ସ ଜମାକୁ ସୁଦୃଢ କରିବାକୁ ସେସୁ ପ୍ରସ୍ତାବ ରଖିଛି।

(କ) ଆରଇସି ଲିମିଟେଡ ଭଳି ଅର୍ଥ ଲଗାଣକାରୀ ସଂସ୍ଥାନରୁ ଅର୍ଥ ଆଣି -

(ଖ) କେନ୍ଦ୍ର ସରକାର/କେନ୍ଦ୍ରୀୟ ଆୟୋଗଙ୍କର କ୍ଷମତା/କର୍ତ୍ତୃପକ୍ଷତ୍ୱକୁ ରାଜ୍ୟସରକାର/ରାଜ୍ୟ ଆୟୋଗଙ୍କଠାରେ ନ୍ୟସ୍ତ କରାଇ -

**ଯୋଜନାର ଆର୍ଥିକ ଲାଭ ଜନିତ ଉପାଦେୟତାର ବିଶ୍ଳେଷଣ ନିମ୍ନ ପ୍ରକାରରେ ହେବ।**

(କ) ତୁଳନାତ୍ମକ ଭାବେ ଆରଇସିର ମାପକ ୧୨ ପ୍ରତିଶତ ହୋଇଥିଲା ବେଳେ ଯୋଜନାର ଆଇଆରଆର୍ ୧୮ ପ୍ରତିଶତ ହୋଇଥିବା ଜଣାପଡିଛି, ଯାହା ସଂପୂର୍ଣ୍ଣ ଆକର୍ଷଣୀୟ ଅଟେ।

(ଖ) ଯୋଜନାର ୫ ବର୍ଷ ସମାପ୍ତି ପରେ ଏନପିଭି ସଂପୂର୍ଣ୍ଣ ସକରାତ୍ମକ ହେଉଥିବା ଜଣା ପଡିଛି।

(ଗ) ଅର୍ଥ ଫେରସ୍ତର ସମୟ-ସୀମା ହେଉଛି ୩.୬୩ ବର୍ଷ, ଯାହା ଅତ୍ୟନ୍ତ ଆକର୍ଷଣୀୟ।

୨୨. ରିଲିଆନ୍ସ ପରିଚାଳିତ ତିନି ବଣ୍ଟନ ଅନୁମତିଧାରୀ କଂପାନୀ ଦର୍ଶାଇଥିଲେ ଯେ, ଦଶମ ପଂଚବାର୍ଷିକ ଯୋଜନାରେ ଏପିଡିଆର୍‌ପି ସ୍କିମ ପ୍ରାୟତଃ ବନ୍ଦ କରିଦଆଯାଇଛି;ଏବଂ ଭାରତ ସରକାର ଏକାଦଶ ପଞ୍ଚବାର୍ଷିକ ଯୋଜନାରେ ସ୍କିମ ଅଧିନରେ ନିରୂପିତ ଅର୍ଥକୁ ବିଶେଷରେ ଘରୋଇକରଣ କରାଯାଇଥିବା ବଣ୍ଟନ ବିନିଯୋଗକାରୀ ଅନୁମତିଧାରୀ କଂପାନୀମାନଙ୍କୁ ଦେବାକୁ ବାରଣ କରିଛନ୍ତି। ତେବେ, ତିନି ବଣ୍ଟନ ଅନୁମତିଧାରୀ ଦୋହରାଇଛନ୍ତି ଯେ, ଏପିଡିଆରପି ସ୍କିମରେ ଓଡ଼ିଶାର ବଣ୍ଟନ ଅନୁମତିଧାରୀ କଂପାନୀମାନଙ୍କୁ ଆର୍ଥିକ ସହାୟତା ଦେବା ନେଇ ଓଡ଼ିଶା ସରକାର କେନ୍ଦ୍ର ସରକାରଙ୍କ ଶକ୍ତି ବିଭାଗ ସହ ମୁଣ୍ଡ ପୂରାଇଲେ କୌଣସି ପ୍ରକାର ସମାଧାନର ସୂତ୍ର ବାହାରିବ।୨୦୧୦-୧୧ ଆ.ବ ପାଇଁ ରିଲିଆନସ୍ ପରିଚାଳିତ କଂପାନୀମାନଙ୍କର କାପେକ୍ସ ପ୍ରୋଗ୍ରାମ ବା ମୁଖ୍ୟ ବ୍ୟୟର ଯୋଜନା ନିମ୍ନ ସାରଣୀରେ ଉଲ୍ଲେଖ ପ୍ରକାରରେ ଅଟେ।

**ସାରଣୀ – ୯**

ରିଲାୟନ୍ସ ଦ୍ୱାରା ପରିଚାଳିତ ବଣ୍ଟନକମ୍ପାନୀମାନଙ୍କର କ୍ୟାପେକ୍ସ କାର୍ଯ୍ୟକ୍ରମ(କୋଟି ଟଙ୍କାରେ)

**Capex Programme of REL Managed DISCOMs (Rs. Cr.)**

| **କାର୍ଯ୍ୟକ୍ରମଗୁଡ଼ିକର ନାମ** | ନେସ୍କୋ | ଓ୍ୱେସ୍କୋ | ସାଉଥ୍‌କୋ |
|---|---|---|---|
| **ଆର୍ ଜିଜିଭିଓ୍ୱାଇ** | ୩୮୧.୬୦ | ୬୭୧.୯୬ | ୪୩.୮୩ |
| **ନୂତନ ପରିକଳ୍ପନା** | | | |
| **ଏପିଡିଆରପି** | | | |
| **ଗଚ୍ଛିତ କାର୍ଯ୍ୟ** | ୨୫.୭୪ | ୧୭.୭୭ | ୯.୫୦ |
| **ପଦ୍ଧତି ମାନଙ୍କର ଉନ୍ନତି** | ୩୪.୭୫ | ୨୭.୫୨ | ୬.୮୨ |
| **ସୂଚନା ପ୍ରଯୁକ୍ତି ଓ ଏବିଟି ଓ ଅନ୍ୟାନ୍ୟ** IT Automation & ABT & Others | ୪.୧୯ | ୩୬.୭୫ | ୧୦.୯୮ |
| **ବିଜୁ ଗ୍ରାମ୍ୟ ଜ୍ୟୋତି ଯୋଜନା** | ୭.୬୨ | | ୩୬.୦୩ |
| **ତ୍ରୟୋଦଶ ଅର୍ଥ ଆୟୋଗ** | | | ୧୫୦.୦୦ |
| **ଏମ୍ ଏନ୍ ପି** | | | ୪.୨୦ |
| **ବିଜୁ ଗ୍ରାମ୍ୟ ଜ୍ୟୋତି (ଏସ୍ ଆଇ)** | | | ୩୧.୮୯ |
| ସମୁଦାୟ | **୪୫୩.୯୦** | **୭୫୪.୦୦** | **୨୯୩.୨୫** |

ପଦ୍ଧତିଗତ ଉନ୍ନୟନ ଓ ଆଇଟି ସ୍ୱୟଂଚାଳନା ବାଦ୍ ଉପରୋକ୍ତ ଆଉ ସବୁ ଯୋଜନାଗୁଡିକ ହେଉଛି ସରକାରଙ୍କ ପ୍ରଯୋଜିତ ଯୋଜନା; ଏବଂ ତେଣୁ ବଣ୍ଟନ କଂପାମାନଙ୍କ ପାଇଁ ଅତିରିକ୍ତ ଅର୍ଥ ସହାୟତାର ଆବଶ୍ୟକତା ରଖେ ନାହିଁ। ପଦ୍ଧତିଗତ ଉନ୍ନୟନ ଯୋଜନା ପାଇଁ ବଣ୍ଟନକାରୀ କଂପାନୀଗୁଡିକ ଅର୍ଥ ଲଗାଣକାରୀ ସଂସ୍ଥାମାନଙ୍କଠାରୁ ୧୨.୫ ପ୍ରତିଶତ ସୁଧ ହାରରେ ଋଣ ଆଣିବାର ପ୍ରସ୍ତାବ ରଖିଛନ୍ତି।

<u>ସ୍ୱୟଂ ଚାଳିତ ମିଟର ରିଡିଂ</u>

୨୩. ସବୁ ଏଚଟି ଏବଂ ଇଏଚଟି ଗ୍ରାହକମାନଙ୍କ କ୍ଷେତ୍ରରେ ଜିଏସ୍ ଏମ୍ ଭିତ୍ତିକ ଅଟୋମେଟିକ ମିଟର ରିଡିଂ (ଏଏମ୍ଆର) ବସାଇବାକୁ ସେସୁ ଉଦ୍ଦେଶ୍ୟ ରଖିଛି। ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଏହି ଉଦ୍ଦେଶ୍ୟରେ ସେସୁ ୫୦ ଲକ୍ଷ ଟଙ୍କାର ବ୍ୟୟ ବରାଦର ପ୍ରସ୍ତାବ ରଖିଛି।

ରିଲିଆନ୍ସ ପରିଚାଳିତ କଂପାନୀମାନେ ଦର୍ଶାଇଥିଲେ ଯେ, ୪୦ କିଲୋୱାଟରୁ ଉର୍ଦ୍ଧ୍ୱ ବିଦ୍ୟୁତ ଶକ୍ତି ଉପଭୋଗ କରୁଥିବା ଗ୍ରାହକମାନଙ୍କ ପାଇଁ ଅଗ୍ରାଧିକାର ଭିତ୍ତିରେ ଏଏମ୍ଆର ବା ଅଟୋମେଟିକ ମିଟର ରିଡିଂର ସଂସ୍ଥାପନା ପାଇଁ ସେମାନେ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ୩ଟି ଯାକ ବଣ୍ଟନକାରୀ କଂପାନୀରେ ଏ ପର୍ଯ୍ୟନ୍ତ ୧୮୫୦ ସଂଖ୍ୟକ ଗ୍ରାହକଙ୍କୁ ଏହି ଶ୍ରେଣୀରେ ସାମିଲ କରାସରିଲାଣି। ଆଉ ଅବଶିଷ୍ଟ ୧୮୫୦ ସଂଖ୍ୟକ ଗ୍ରାହକଙ୍କୁ ଏହି ଆର୍ଥିକ ବର୍ଷ ଶେଷ ସୁଦ୍ଧା ଏହି ଶ୍ରେଣୀଭୁକ୍ତ କରାଯିବ। ତା'ପରବର୍ତ୍ତୀ ପର୍ଯ୍ୟାୟରେ ୨୦୧୦-୧୧ ଆର୍ଥିକ ବର୍ଷରେ ୨୦କିଲୋୱାଟରୁ ଉର୍ଦ୍ଧ୍ୱ ଶକ୍ତି ଉପଭୋଗ କରୁଥିବା ଗ୍ରାହକମାନଙ୍କର ପୁରୁଣା ମିଟର ବଦଳାଯାଇ ସ୍ୱୟଂଚାଳିତ ମିଟର ବା ଏଏମ୍ଆର ସଂସ୍ଥାପନ କରାଯିବ। ଏହାର ସାରଣୀକୃତ ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

**ସାରଣୀ – ୧୦**

| ବଣ୍ଟନ କମ୍ପାନୀମାନଙ୍କ ନାମ | ଉପଭୋକ୍ତାଙ୍କ ସଂଖ୍ୟା | ମୋଟ ମୂଲ୍ୟ ପ୍ରତି ମାସ (ଲକ୍ଷ ଟଙ୍କାରେ) **Overall Cost per month (Rs. lakh)** |
|---|---|---|
| ନେସ୍କୋ | ୧୦୦ | ୮.୦୦ |
| ୱେସ୍କୋ | ୧୬୩୪ | ୮.୫୦ |
| ସାଉଥ୍କୋ | ୧୩୬୮ | ୭.୧୭ |
| ଓମୁଦାୟ | **୩୧୦୨** | **୨୩.୬୭** |

<u>ଶକ୍ତି ଅଡିଟ</u> (Energy Audit)

୨୪. ଡିଟିଆର ସ୍ତରରେ ଶକ୍ତି ଆକାଉଣ୍ଟିଂ ଓ ଅଡିଟିଂ କରିବାକୁ ଯୋଜନା କରୁଥିବା ସେସୁ ଦର୍ଶାଇଛି। ବର୍ତ୍ତମାନ ସମୟ ପାଇଁ ଯେଉଁ କାର୍ଯ୍ୟକ୍ରମ ହାତକୁ ନେଉଛି, ସେଗୁଡିକ ହେଲା –

(କ) ୧୩୨ କେଭି ଏବଂ ୩୩ କେଭି ବିଦ୍ୟୁତ ଲାଇନ ମଧ୍ୟରେ କ୍ଷତି ପରିମାଣକୁ ମାପିବା ପାଇଁ ୨୬ ସଂଖ୍ୟକ ୧୩୨/୩୩ କେଭି ସବଷ୍ଟେସନରେ ୩୩ କେଭି ଫିଡର ମିଟରର ସଂସ୍ଥାପନା।

(ଖ) ୩୩ କେଭି ବିଦ୍ୟୁତ ଶକ୍ତି ଉପଭୋଗ କରୁଥିବା ଉପଭୋକ୍ତାଙ୍କ ଅଂଚଳରେ କ୍ଷତିକୁ ଚିହ୍ନଟ କରିବା ପାଇଁ ୩୩/୧୧ କେଭି ସବଷ୍ଟେସନଗୁଡିକରେ ୩୩ କେଭି ଫିଡରର ୧୦୫ ସଂଖ୍ୟକ ମିଟରିଂ କରିବା।

(ଗ) ୩୩ କେଭି ଇନକମିଂ ପଏଣ୍ଟରୁ ୧୧ କେଭି ଆଉଟଗୋଇଙ୍ଗ୍ ପଏଣ୍ଟ ମଧ୍ୟରେ କ୍ଷତିକୁ ମାପିବା ପାଇଁ ୩୩/୧୧ କେଭି ସବଷ୍ଟେସନଗୁଡିକରେ ୧୧ କେଭି ଫିଡରର ୫୮୪ ସଂଖ୍ୟକ ୧୧ କେଭି ମିଟରିଂ କରିବା। ଏହା ବାଦ୍,୧୧ କେଭି ଫିଡରଗୁଡିକର ଅଡିଟିଂ ପାଇଁ ୧୭୪୦୫ ସଂଖ୍ୟକ ଡିଷ୍ଟ୍ରିବ୍ୟୁସନ ଟ୍ରାନ୍ସଫରମରର ମିଟରିଂ ପାଇଁ ସେସୁ ପ୍ରସ୍ତାବ ରଖିଛି। ଏହା ମଧ୍ୟରୁ ମାତ୍ର ୫୧୧୮ ଟିର ମିଟରିଂ ହୋଇଛି। ୨୦୧୦-୧୧ ଆର୍ଥିକ ବର୍ଷର ଶେଷ ସୁଦ୍ଧା ୧୦୦ ପ୍ରତିଶତ ଡିଟିଆର ମିଟରିଂ ସଂପୂର୍ଣ୍ଣ କରିବାକୁ ପ୍ରୟାସ କରୁଥିବା ସେସୁ ଉପସ୍ଥାପନ କରିଛି।

୨୫. ନେସ୍କୋ, ସାଉଥକୋ ଓ ୱେସକୋ ସ୍ୱତନ୍ତ୍ର ଭାବେ ଦର୍ଶାଇଥିଲେ ଯେ, ଶକ୍ତି ଅଡିଟ ପରିଚାଳନା କରିବା ପାଇଁ ସେମାନେ ଉପଯୁକ୍ତ ଉପାୟମାନ ଅବଲମ୍ବନ କରିବା ଆରମ୍ଭ କରିଦେଇଛନ୍ତି। ସଂପ୍ରତି ସବୁ ୩୩ କେଭି ଫିଡର ଓ ୧୧ କେଭି ଫିଡରରେ ମାସିକିଆ ଭିତ୍ତିରେ ଶକ୍ତି ଅଡିଟ କାର୍ଯ୍ୟ କରାଯାଉଥିବା ୱେସକୋ ଓ ସାଉଥକୋ କହିଥିଲା ବେଳେ ନେସକୋ କେବଳ ୩୩ କେଭି ସ୍ତରରେ ଏହା କରୁଛି ବୋଲି କହିଥିଲା ଏବଂ ଆଗାମୀ ବର୍ଷ ଶେଷ ସୁଦ୍ଧା ୧୧ କେଭି ସ୍ତରରେ ଶକ୍ତି ଅଡିଟ କାର୍ଯ୍ୟ ସମାପନ କରିବାକୁ ଦୋହରାଇଥିଲା।

୨୬. ସବୁ ରିଲିଆନ୍ସ ପରିଚାଳିତ ବଣ୍ଟନକାରୀ କଂପାନୀ ଦର୍ଶାଇଥିଲେ ଯେ, ନିର୍ବାଚିତ ଡିଭିଜନଗୁଡିକରେ ଶକ୍ତି ଅଡିଟ କାର୍ଯ୍ୟସୂଚୀ ନିର୍ବାହନ କରାଯିବ, ଯେଉଁଥି ପାଇଁ ୬୦୦୦ ଡିଷ୍ଟ୍ରିବ୍ୟୁସନ ଟ୍ରାନ୍ସଫରମର ସହିତ ୧୦୦ ପ୍ରତିଶତ ଗ୍ରୀଡ ଓ ଫିଡର ମିଟରିଂର ଆବଶ୍ୟକତା ପଡିବ, ଯାହାର ଦାମ୍ ନିମ୍ନସାରଣୀରେ ପ୍ରଦାନ କରାଗଲା।

**ସାରଣୀ – ୧୧**

**ଶକ୍ତି ମୂଲ୍ୟର ସାମକ୍ଷା**

**Cost of Energy Audit**

(ଲକ୍ଷ ଟଙ୍କାରେ)

| ବଣ୍ଟନ କମ୍ପାନୀମାନଙ୍କ ନାମ | ବଣ୍ଟନ କରାଯାଇଥିବା ଟ୍ରାନ୍ସଫର୍ମର ସଂଖ୍ୟା | ଏଏମ୍‌ଆର ପ୍ରତିଷ୍ଠା ସହିତ ସମୁଦାୟ ମୂଲ୍ୟ **Total Cost including installation of AMR** | ସର୍ବମୋଟ୍ ଟଙ୍କା/ମାସ | ଡିଟି ସଂଖ୍ୟା ମିଟରିଂ/ମାସ **No. of DT Metering/ Month** | ଡିଟି ମିଟରିଂ ଦେୟ (ଟଙ୍କା) **DT Metering Cost (Rs.)** | ଆର୍ଥିକ ବର୍ଷ ୨୦୧୦-୧୧ ସମୁଦାୟ ମୂଲ୍ୟ ଏକ୍ରମ **Total Cost in FY ୨୦୧୦-୧୧** |
|---|---|---|---|---|---|---|
| ନେସ୍କୋ | ୨୦୦୦ | ୩୪୦ | ୨୮.୩୩ | ୫୦୦ | ୩୦୦ | ୬.୦୦ |
| ୱେସ୍କୋ | ୨୦୦୦ | ୩୪୦ | ୨୮.୩୩ | | | ୬.୦୦ |
| ସାଉଥ୍‌କୋ | ୨୦୦୦ | ୩୪୦ | ୨୮.୩୩ | | | ୬.୦୦ |
| ସମୁଦାୟ | ୬୦୦୦ | ୧୦୨୦ | ୮୪.୯୯ | | | ୧୮.୦୦ |

୨୭. ଉପଭୋକ୍ତା ସୂଚକାଙ୍କକରଣ (Consumer Indexing) ନେଟୱାର୍କ ସର୍ଭେ , ବିଦ୍ୟୁତ ଖୁଣ୍ଟମାନଙ୍କରେ ବୈଦ୍ୟୁତିକ ଠିକଣା ସମୂହକୁ ଅଙ୍କନ କରିବା ଆଦି କାର୍ଯ୍ୟସୂଚୀ ସଂପର୍କରେ ସେମାନେ ମଧ୍ୟ ପ୍ରସ୍ତାବ ଦେଇଛନ୍ତି। ଉପଭୋକ୍ତା ସୂଚକାଙ୍କକରଣ ଏବଂ ନେଟୱାର୍କ ନଥିକରଣ ପାଇଁ ଟେଣ୍ଡର ମଗାଯିବା କାର୍ଯ୍ୟ ସଂପୂର୍ଣ୍ଣ ହୋଇଛି ଏବଂ ପ୍ରକ୍ରିୟାଟି ଚୁକ୍ତି ଚୂଡାନ୍ତ ହେବାର ପର୍ଯ୍ୟାୟରେ ପହଞ୍ଚିଛି।

୨୮. ଉପଭୋକ୍ତା ସୂଚକାଙ୍କକରଣ ପାଇଁ ନେସ୍‌କୋ , ସାଉଥକୋ ଓ ୱେସ୍‌କୋ ଅଟକଳିତ ଦରର ସିଦ୍ଧାନ୍ତ ଦେଇ ସାରିଛନ୍ତି । ନିମ୍ନ ସାରଣୀରେ ଏହାର ସବିଶେଷତା ପ୍ରଦତ୍ତ ହେଲା ।

**ସାରଣୀ – ୧୨**

ଗ୍ରାହକ ମୂଲ୍ୟ

**Cost of Consumer Indexing**

| କ୍ର.ସଂ | ବଣ୍ଟନ କମ୍ପାନୀମାନଙ୍କ ନାମ | ଉପଭୋକ୍ତାଙ୍କ ସଂଖ୍ୟା | ଗ୍ରାହକ ପ୍ରତି ଦର | ସର୍କିଟ ଅଞ୍ଚଳ **CKT Area** | ସର୍କିଟ କି.ମିର ଦର **ଜବସ୍ପର ଉକଞ କଗ.** | (କୋଟି ଟଙ୍କାରେ) **Total Cost including Network Documentation (Crores)** | ମୋଟ ମୂଲ୍ୟ /ପ୍ରତି ମାସ (ଲକ୍ଷ ଟଙ୍କାରେ) **Overall Cost/ Month (Rs. lakh)** |
|---|---|---|---|---|---|---|---|
| ୧ | ନେସ୍କୋ | ୨୦୦୦୦୦ | ୪୦ | ୭୦୦୦ | ୭୦୦ | ୧.୨୯ | ୧୦.୭୫ |
| ୨ | ୱେସ୍କୋ | ୧୭୫୦୦୦୦ | | ୬୦୦୦ | | ୧.୧୨ | ୯.୩୩ |
| ୩ | ସାଉଥ୍‌କୋ | ୧୫୦୦୦୦ | | ୫୯୦୦ | | ୧.୦୧ | ୮.୪୧ |
| | ସମୁଦାୟ | **୨୧୦୦୦୦୦** | | | | **୩.୪୨** | **୨୮.୪୯** |

୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ସେମାନଙ୍କର ଏଆର୍‌ଆର୍ ଉପସ୍ଥାପନାରେ 'ପ୍ରାଶାସନଗତ ଓ ସାଧାରଣ ବ୍ୟୟ' ଅଂଶ ବିଶେଷ ଭାବରେ ଶକ୍ତି ଅଡିଟର ଧାର୍ଯ୍ୟ ଦରକୁ ସ୍ଥିର କରିଛନ୍ତି ।

<u>ସ୍ୱତନ୍ତ୍ର ପୋଲିସ ଥାନା ଓ ସ୍ୱତନ୍ତ୍ର କୋର୍ଟ :</u>

୨୯. ସେସୁ ଦର୍ଶାଇଛି ଯେ, ତା' ଅଧିନସ୍ଥ ୮ଟ ଜିଲ୍ଲାରେ ଅନୁମତିଧାରୀଙ୍କର ନିଜ ଇଲାକାରେ ୮ଟି ଶକ୍ତି ପୋଲିସ ଥାନା ପ୍ରତିଷ୍ଠା କରିବାକୁ ସେ ଯୋଜନା କରିଛି । ନେସକୋ , ୱେସକୋ ଓ ସାଉଥକୋ ଦର୍ଶାଇଛନ୍ତି ଯେ, ଯଥାକ୍ରମେ ବାଲେଶ୍ୱର, ସମ୍ବଲପୁର ଓ ବ୍ରହ୍ମପୁରଠାରେ ଗୋଟିଏ ଲେଖାଏଁ ସ୍ୱତନ୍ତ୍ର ପୋଲିସ ଥାନା (କାର୍ଯ୍ୟ ନିର୍ବାହନ ଅଂଚଳରେ) ଖୋଲାଯାଇ ସରିଛି ।ଓଡ଼ିଶା ସରକାରଙ୍କ ଘରୋଇ ବିଭାଗର ୨୩.୧୦.୨୦୦୮ ବିଜ୍ଞପ୍ତି ନଂ - ୪୭୫୧୪ ଅନୁଯାୟୀ, ସାରା ଓଡ଼ିଶାରେ ଆଉ ୨୯ ଟି ଶକ୍ତି ପୋଲିସ ଥାନାର ପ୍ରତିଷ୍ଠା କରାଯିବାକୁ ଅଛି, ଯହିଁରୁ ନେସକୋ, ୱେସକୋ ଓ ସାଉଥକୋ ଅଧିନରେ ଯଥାକ୍ରମେ ୫,୯ ଓ ୯ଟି ପୋଲିସ ଥାନା ରହିବ । ସେମାନଙ୍କର କାର୍ଯ୍ୟନିର୍ବାହନ କରାଯାଉଥିବା ଅଂଚଳର ସବୁ ରାଜସ୍ୱ ଜିଲ୍ଲାରେ ଗୋଟିଏ ଲେଖାଏଁ ପୋଲିସ ଥାନା ପ୍ରତିଷ୍ଠା କରିବାକୁ ବଣ୍ଟନ ଅନୁମତିଧାରୀ କଂପାନୀମାନେ ପ୍ରସ୍ତାବ ରଖିଛନ୍ତି । ଯେଉଁଥିପାଇଁ 'ଏ ଆଣ୍ଡ ଜି' ବ୍ୟୟ ଅଧିନରେ ନେସ୍‌କୋ, ୱେସ୍‌କୋ ଓ ସାଉଥ୍‌କୋ ଯଥାକ୍ରମେ ୨.୨୭କୋଟି , ୩.୮୧ କୋଟି ଓ ୩.୭୪ କୋର୍ଟି ଟଙ୍କାର ବ୍ୟୟ ଅଟକଳ କରିଛନ୍ତି ।

<u>ଆଭିଯାନିକ କାର୍ଯ୍ୟପନ୍ଥା (Franchisee Operation)</u>

ରାଜୀବ ଗାନ୍ଧୀ ଗ୍ରାମୀଣ ବିଦ୍ୟୁତକରଣ ଯୋଜନା ଅନ୍ତର୍ଭୁକ୍ତ ଅଂଚଳ ଏବଂ ବିଧିବଦ୍ଧ ଭାବେ ରାଜସ୍ୱ ଲଗାଣ କରାଯାଇଥିବା ଓ ଆନୁଷଙ୍ଗିକ ବୈଦ୍ୟୁତିକ ଭିତ୍ତି ବ୍ୟବସ୍ଥା କରାଯାଇଥିବା ସତ୍ତ୍ୱେ ଅଧିକ କ୍ଷତି ହେଉଥିବା ଅଂଚଳମାନଙ୍କରେ ବଡଧରଣର 'ଆଭିଯାନିକ କାର୍ଯ୍ୟପନ୍ଥା'ଜନିତ ପଦକ୍ଷେପ ଗ୍ରହଣ କରିବାକୁ ଆୟୋଗଙ୍କ

ସମକ୍ଷରେ ସେସୁ ଦୃଢ ମତ ପ୍ରକାଶ କରିଛି । ସେହି ଅନୁଯାୟୀ ନିର୍ବାଚିତ  ଅଂଚଳଗୁଡିକ ନିମ୍ନ ପ୍ରକାର ହେବା ବାଞ୍ଛନୀୟ ବୋଲି ସେସୁ ମତ ପୋଷଣ କରିଛି ।

(କ) ଯେଉଁ ଅଂଚଳରେ ବିଦ୍ୟୁତ ସରବରାହ ଓ ଯୋଗାଣ କ୍ଷତି ୫୫ ପ୍ରତିଶତରୁ ଅଧିକ ହେଉଥିବ -

(ଖ) ଯେଉଁ ଅଂଚଳରେ ହାରାହାରି ବୈଷୟିକ ଓ ବିପଣନ କ୍ଷତି ୪୯ ପ୍ରତିଶତରୁ ଅଧିକ ହେଉଥିବ ।

(ଗ) ଭିତ୍ତି-ନିବେଶ କ୍ଷତି ବାର୍ଷିକ ୧୦୦ ଏମୟୁରୁ ଅଧିକ ହେଉଥିବ ।

ତେବେ ରାଜୀବଗାନ୍ଧୀ ଗ୍ରାମୀଣ  ବିଦ୍ୟୁତକରଣ ଯୋଜନା ଅନ୍ତର୍ଭୁକ୍ତ ନୂଆ ଅଂଚଳଗୁଡିକରେ ଆଭିଯାନିକ କାର୍ଯ୍ୟପନ୍ଥା ବାଧ୍ୟତାମୂଳକ ଅଟେ । ଏହି ଅଧିଯୋଜନାରେ ଲାଇନର ତତ୍ତ୍ୱାବଧାନ ଓ ପରିଚାଳନା , ଟ୍ରାନ୍ସଫରମର ବଦଳ ଆଦି ପାଇଁ ସେସୁ ୬ କୋଟି ଟଙ୍କାର ପ୍ରସ୍ତାବ ଦେଇଛି, ଯାହାକୁ ଅନୁମତିଧାରୀମାନଙ୍କୁ ଯୋଗାଇ ଦେବାକୁ ପଡିବ ।

ଯାଜପୁରରୋଡ ସର୍କଲର ଧର୍ମଶାଳା ଓ ଯାଜପୁର ଟାଉନ ସବଡିଭିଜନ ଅଧିନରେ ୧୧୦ କେଭିଏରୁ କମ ସ୍ତରର ବିଦ୍ୟୁତ ଉପଭୋଗ କରୁଥିବା ୩୬୨୬ ସଂଖ୍ୟକ ଏଲଟି ଉପଭୋକ୍ତାଙ୍କୁ 'ଭିତ୍ତି ନିବେଶ କ୍ଷତି ଜନିତ ଆଭିଯାନିକ କାର୍ଯ୍ୟପନ୍ଥା 'ଏ ପଦ୍ଧତିରେ ଅନ୍ତର୍ଭୁକ୍ତ କରାଯାଇଛି ବୋଲି ନେସକୋ ଦର୍ଶାଇଛି । ଭଦ୍ରକ ସର୍କଲର ଖଇରା ଓ ତିହିଡି ସବଡିଭିଜକୁ ଚଳିତ ବର୍ଷ ଆଭିଯାନିକ କାର୍ଯ୍ୟପନ୍ଥା ପଦ୍ଧତିର ଅନ୍ତର୍ଭୁକ୍ତ କରାଯିବ । ତେଣୁ ଏହି ଦିଗରେ ୨୦୧୦-୧୧ ଆର୍ଥିକ ବର୍ଷରେ ୨.୯୭କୋଟି ଟଙ୍କାର ଏକ ବ୍ୟୟ ବ୍ୟବସ୍ଥାକୁ ଦୃଷ୍ଟିରେ ରଖାଯାଇଛି ।

ବଲାଙ୍ଗୀର ଡିଭିଜନର ୧୧ କେଭି ଫିଡରର ୨୧ ଉପଭୋକ୍ତା, ସୋନପୁର ଡିଭିଜନର ୧୧ କେଭି ଫିଡରର ୧୨ ଉପଭୋକ୍ତା , ଝାରସୁଗୁଡା ଡିଭିଜନର ୧୧ କେଭି  ଫିଡରର ୯  ଉପଭୋକ୍ତା , ୱେସ୍କୋ ଅଧିନସ୍ଥ ୧୧ କେଭି ଫିଡରର ୧୦ ଉପଭୋକ୍ତା ଏବଂ ବରଗଡ ଡିଭିଜନର ୧୧ କେଭି ଫିଡରର ୩ ଉପଭୋକ୍ତାଙ୍କୁ 'ଭିତ୍ତି ନିବେଶ କ୍ଷତି ଜନିତ ଆଭିଯାନିକ କାର୍ଯ୍ୟପନ୍ଥା ପଦ୍ଧତି (Input based Franchisee)ର ଅନ୍ତର୍ଭୁକ୍ତ କରାଯାଇଥିବା ୱେସ୍କୋ ଦର୍ଶାଇଛି ।

ଅଧିକନ୍ତୁ, ଟିଟିଲାଗଡ ଡିଭିଜନର କଣ୍ଟାବାଂଝି  ଓ ପାଟଣାଗଡ଼ ନାମକ ୨ ଟି ସବଡିଭିଜନକୁ ମେସର୍ସ ଏନଜେନ ଗ୍ଲୋବାଲ 'ମୁଖ୍ୟ ଆଭିଯାନିକ ଯୋଜନା' ରେ ଅନ୍ତର୍ଭୁକ୍ତ କରିଛି । ଏହି ଉଦ୍ଦେଶ୍ୟରେ ୱେସକୋ ଆର୍ଥିକ ବର୍ଷ ୨୦୧୦-୧୧ ପାଇଁ ୧.୯୫ କୋଟି ଟଙ୍କାର ବ୍ୟୟ ଅଟକଳ ପ୍ରସ୍ତାବ ରଖିଛି । ସେହଭଳି, ସାଉଥକୋ ଦର୍ଶାଇଛି ଯେ, ଗେଡ ଅଧିନରେ ୨ ଟି ସବଡିଭିଜନକୁ ଭିତ୍ତି ନିବେଶ କ୍ଷତି ଜନିତ ଆଭିଯାନିକ କାର୍ଯ୍ୟପନ୍ଥା ପଦ୍ଧତି ରେ ଅନ୍ତର୍ଭୁକ୍ତ କରାଯାଇଛି ଏବଂ ଆଉ ଅଧିକ ୨ଟି ସବଡିଭିଜନକୁ ଏହି ପଦ୍ଧତିରେ ସାମିଲ କରାଯିବ । ବହୁ ସଂଖ୍ୟକ 'ଏନଜିଓ' ଏବଂ 'ଆତ୍ମ ସହାୟକ ଗୋଷ୍ଠୀ'ଙ୍କୁ ଏହି ଅଭିଯାନର ବ୍ୟବସାୟିକ ଭାଗୀଦାରୀ ଭାବରେ ସାମିଲ କରାଯାଉଥିବା ସହ ଏଥିପାଇଁ ୨୦୧୦-୧୧ ଆର୍ଥିକ ବର୍ଷରେ ୧.୨୨ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଥିବା ସାଉଥକୋ ପ୍ରକାଶ କରିଛି ।

**<u>ତଥ୍ୟ ଉତ୍ସ ସମୂହ</u>** (Data Sources)

୩୧. ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଆୟୋଗଙ୍କ କହିବା ମୁତାବକ ଏଆରଆର ଏବଂ ତାରିଫ ସୂଚନା ସମୂହ ଉପସ୍ଥାପନାରେ ନେସ୍କୋ, ୱେସ୍କୋ, ସାଉଥ୍କୋ ଏବଂ ସେସୁ ଯଥେଷ୍ଟ ସତର୍କତା ଅବଲମ୍ବନ କରିଥିଲେ ।  ସବୁ ରିଲିଆନ୍ସ ପରିଚାଳିତ ବଣ୍ଟନ ଅନୁମତିଧାରୀ କଂପାନୀଙ୍କ ଉଦ୍ଦେଶ୍ୟରେ 'କଂପାନୀ ଆଇନ' ଅନୁଯାୟୀ  ୨୦୦୯, ମାର୍ଚ୍ଚ ପର୍ଯ୍ୟନ୍ତ ଆକାଉଣ୍ଟ ସବୁର ଉପଯୁକ୍ତ ଅଡିଟ କରାଯାଇଛି । ସେସୁ କ୍ଷେତ୍ରରେ ଏହି ଅଡିଟ କରାଯାଇଥିବା ଆକାଉଣ୍ଟ  ୨୦୦୮, ମାର୍ଚ୍ଚ ପର୍ଯ୍ୟନ୍ତ ଉପଲବ୍ଧ ଅଟେ । ଅଡିଟ କରାଯାଇଥିବା ଆକାଉଣ୍ଟ ସବୁର ନକଲସମୂହକୁ ଓ

ଆୟୋଗଙ୍କ ଠାରେ ଦାଖଲ କରାଯାଇଛି । ୨୦୦୯, ମାର୍ଚ୍ଚ ପର୍ଯ୍ୟନ୍ତ ଅଡିଟ କରାଯାଇଥିବା ସବୁ ଆକାଉଣ୍ଟ ଉପରେ ଅନୁମତିଧାରୀମାନେ ଆସ୍ଥା ପ୍ରକଟ କରିଛନ୍ତି । କେବଳ ସେସୁର ଏଆରଆର ତଥ୍ୟ ସଂକଳନ ଓ ପ୍ରସ୍ତୁତି ଅପେକ୍ଷାରେ ଅଛି । ଅତଏବ,ଅନୁମତିଧାରୀମାନେ ସେମାନଙ୍କ ଆବେଦନ ପତ୍ରରେ ଉପସ୍ଥାପନ କଲେ ଯେ, ସେମାନଙ୍କ ଦ୍ୱାରା ଉପସ୍ଥାପିତ ତଥ୍ୟ ନିର୍ଭୁଲ  ଓ ନିର୍ଭରଯୋଗ୍ୟ ଅଟେ ।

<u>ରାଜସ୍ୱ ଆବଶ୍ୟକତା</u>

<u>ବିକ୍ରି ଆକଳନ</u>

୩୨.  ଆର୍ଥିକବର୍ଷ ୨୦୧୦-୧୧ ପାଇଁ ୪ଟି ଯାକ ବଣ୍ଟନ ବିନିଯୋଗକାରୀ କର୍ତ୍ତୃପକ୍ଷ ସେମାନଙ୍କର ଶକ୍ତି ବିକ୍ରିର ବିବରଣୀ ଆକଳନ କରିଛନ୍ତି । ସେମାନଙ୍କର ଶକ୍ତି ବିକ୍ରୀ ବୃଦ୍ଧି କାହିଁକି ସମ୍ଭବ ହୋଇଛି, ତାହାର କାରଣ ସବିଶେଷ ଭାବେ ନିମ୍ନ ସାରଣୀରେ ପ୍ରଦାନ କରାଗଲା ।

**ସାରଣୀ – ୧୩**

| ଅନୁମତି-ଧାରୀ କମ୍ପାନୀ | ଏଲ୍.ଟି. ଗ୍ରାହକ (ଏମ.ୟୁ) ୨୦୦୯-୧୦ (ଅଟକଳିତ) | ଆର୍ଥିକ ବର୍ଷ ୦୯ - ୧୦ ପର ସମୟ ପାଇଁ ପ୍ରତିଶତ ବୃଦ୍ଧି | ମନ୍ତବ୍ୟ | ଏଚ୍.ଟି. ଗ୍ରାହକ (ଏମ.ୟୁ) ୨୦୦୯-୧୦ (ଆକଳିତ) | ଆର୍ଥିକ ବର୍ଷ ୦୯ -୧୦ ପର ସମୟ ପାଇଁ ପ୍ରତିଶତ ବୃଦ୍ଧି % | ମନ୍ତବ୍ୟ | ଇ.ଏଚ୍.ଟି. ଗ୍ରାହକ (ଏମ.ୟୁ) ୨୦୦୯-୧୦ (ଆକଳିତ) | ଆର୍ଥିକ ବର୍ଷ ୦୯ -୧୦ ପର ସମୟ ପାଇଁ ପ୍ରତିଶତ ବୃଦ୍ଧି % | ମନ୍ତବ୍ୟ |
|---|---|---|---|---|---|---|---|---|---|
| ସେସୁ | ୨୨୫୫.୬୫ | ୨୦ | ଆର.ଇ ଓ ପ୍ରକାର -ଭେଦ ଜନିତ ବୃଦ୍ଧି ଯୋଗୁ | ୯୫୧.୯୯ | ୧ | ବିଗତ ଦିନର ଅଭ୍ୟାସ / ଧାରା ଏବଂ ଲୋଡ ବୃଦ୍ଧି (ପ୍ରତ୍ୟାଶିତ) | ୯୧୬.୯୨ | -୧୨ | ପ୍ରଚଳିତ ଓ ନୂଆ ଗ୍ରାହକଙ୍କ ଠାରୁ ବୃଦ୍ଧି- ପ୍ରାପ୍ତ ପରିମାଣର ଉପଲବ୍ଧି |
| ନେସ୍କୋ | ୧୪୫୧.୪୮ | ୨୫.୨୧ | ପ୍ରଚଳିତ ଏବଂ ନୂଆ ଗ୍ରାହକଙ୍କ ଠାରୁ ଆର.ଇ. ପ୍ରୋଗ୍ରାମ ଏବଂ ବୃଦ୍ଧିର ପ୍ରଭାବ | ୭୫୦.୦୨ | ୮.୩୯ | ଇସ୍ପାତ ଶିଳ୍ପ ଗୁଡିକ ଦ୍ୱାରା ହ୍ରାସମୁଖୀ ବିଦ୍ୟୁତ୍ ଉପଯୋଗ ଏବଂ ଏଚ.ଟି. ଲୋଡର ଇ.ଏଚ୍.ଟି ଲୋଡକୁ ଅନ୍ତରଣ | ୧୭୯୪.୫୭ | ୧୬ | ଇସ୍ପାତ ଶିଳ୍ପ ଗୁଡିକ ଦ୍ୱାରା ଅବ୍ୟାହତି ଅବସ୍ଥା ଯୋଗୁ ସେମାନଙ୍କ ସି.ଡି. (ବିନିଯୋଗ ବୃଦ୍ଧି)ରେ ହ୍ରାସ |
| ୱେସ୍କୋ | ୧୫୮୪.୦୦ | ୨୦.୨୭ | ଆର.ଇ.ର ପ୍ରଭାବ ଏବଂ ପ୍ରଚଳିତ ଓ ନୂଆ ଗ୍ରାହକଙ୍କ ଠାରୁ ବୃଦ୍ଧି ପ୍ରାପ୍ତ ପରିମାଣର ଉପଲବ୍ଧି; ସବୁ ଜଳସେଚନ କରୁଥିବା | ୧୫୬୩.୦୦ | ୨.୯୬ | ପ୍ରଚଳିତ ଏବଂ ନୂଆ ଗ୍ରାହକଙ୍କ ଠାରୁ ଆର.ଇ. ପ୍ରୋଗ୍ରାମ ଏବଂ ବୃଦ୍ଧିର ପ୍ରଭାବ Trend of 2007-08 & growth from | ୧୫୦୪.୦୦ | -୪.୩୯ | ଆର୍ଥିକ ବର୍ଷ ୨୦୦୭-୦୮ରେ ଧାରା/ ଅଭ୍ୟାସ ଏବଂ ଅପ୍‌ଟିକ୍ଲ ନେଟ୍‌ୱାର୍କ ଉପଲବ୍ଧି ଜନିତ ପ୍ରଚଳିତ ଓ ନୂଆ |

| | | | | | | | | | |
|---|---|---|---|---|---|---|---|---|---|
| | | | ଗ୍ରାହକଙ୍କର ମିଟରିଂ କରାଯିବା Impact of RE programme & growth from existing & new consumers, metering of all irrigation consumer. | | | existing & new consumers | | | ଗ୍ରାହକଙ୍କ ଠାରୁ ବୃଦ୍ଧି ପ୍ରାପ୍ତ ପରିମାଣର ଉପଲବ୍ଧି Trend of FY ୨୦୦୭-୦୮ & growth from existing & new consumers subject to availability of OPTCL network. |
| ସାଉଥ୍‌କୋ | ୯୨୩.୯୯ | ୧୯.୯୦ | ପ୍ରଚଳିତ ଏବଂ ନୂଆ ଗ୍ରାହକଙ୍କ ଠାରୁ ଆର.ଇ. ପ୍ରୋଗ୍ରାମ ଏବଂ ବୃଦ୍ଧିର ପ୍ରଭାବ Impact of RE programme & growth from existing & new consumers | ୨୩୪.୧୪ | -୧.୨୯ | ୨୦୦୭-୦୮ର ଧାରା/ ଅଭ୍ୟାସ ଏବଂ ପ୍ରଚଳିତ ଓ ନୂଆ ଗ୍ରାହକଙ୍କ ଠାରୁ ବୃଦ୍ଧି ପ୍ରାପ୍ତ ପରିମାଣର ଉପଲବ୍ଧି (>IMVA) Trend of 2007-08 & growth from existing & new consumers (>1MVA) | ୨୯୦.୧୫ | ୨୬.୫୫ | ପ୍ରତ୍ୟେକ ଶିଳ୍ପର ନିର୍ଦ୍ଦିଷ୍ଟ ଲୋଡ ଉପରେ ଆଧାରିତ Based on the specific load of each industry. |

ରାଜସ୍ୱ ଆବଶ୍ୟକତାରେ ନିବେଶ

**ଶକ୍ତିକ୍ରୟ ବାବଦକୁ ବ୍ୟୟ**

୩୩. ୪୧୨୪.୫୫ ଏମୟୁର ଆକଳିତ ଶକ୍ତି ଖର୍ଚ୍ଚ ଓ ୪୪.୨୮ ପ୍ରତିଶତର ବଣ୍ଟନକ୍ଷତିକୁ ଦୃଷ୍ଟିରେ ରଖି ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ସେସୁ ୭୪୦୧.୭୮ ଏମୟୁ ଶକ୍ତି ନିବେଶର ଅଟକଳ ରଖିଛି। ପ୍ରଚଳିତ ସ୍ଥୁଳ ଯୋଗାଣ ଦରସୂଚୀ ଆଧାରରେ କିଲୋୱାଟ ପିଛା ୧୦୧.୫ ପଇସା ସହ ସରବରାହ ଦର କିଲୋୱାଟ ପିଛା ୨୦.୫୦ ପଇସା ଓ ଏସ୍ଏଲ୍‌ଡିସି ଦର କିଲୋୱାଟ ପିଛା ୦.୫୦ ପଇସାକୁ ମିଶାଇ ଶକ୍ତି କ୍ରୟର ବ୍ୟୟ ପରିମାଣ ଅଟକଳନ କରାଯାଇଛି। ଏହି ଦରରେ ସମୁଦାୟ ଶକ୍ତି କ୍ରୟ ଜନିତ ବ୍ୟୟ ପରମାଣକୁ ହିସାବକୁ ନେଲେ ତାହା ୮୦୬.୩୯ କୋଟି ଟଙ୍କା ହେବ। ପ୍ରଚଳିତ ବିଏସ୍‌ପି ବା ସ୍ଥୁଳ ଯୋଗାଣ ଦର, ସରବରାହ ଦର ଓ ଏସଏଲଡିସ ଦର ସମୂହକୁ ଆଧାର କରି ରିଲିଆନ୍ସ ପରିଚାଳିତ କଂପାନୀମାନେ ମଧ୍ୟ ସେମାନଙ୍କର ଶକ୍ତି କ୍ରୟ ଜନିତ ବ୍ୟୟ ପରିମାଣର ଅଟକଳନ କରିଛନ୍ତି। ରାଜୀବଗାନ୍ଧୀ ଗ୍ରାମୀଣ ବିଦ୍ୟୁତକରଣ ଯୋଜନା ଓ ବିଜୁ ଗ୍ରାମଜ୍ୟୋତି ଯୋଜନାକୁ ଦୃଷ୍ଟିରେ ରଖି ସେମାନେ ସେମାନଙ୍କର ସମତାଳିକ ସର୍ବାଧିକ ଚାହିଦା ବା ଏସଏମଡିକୁ ମଧ୍ୟ ପ୍ରଦର୍ଶନ କରିଛନ୍ତି।

**ସାରଣୀ – ୧୪**

| ବଣ୍ଟନ କମ୍ପାନୀମାନଙ୍କ ନାମ | ଅଟକଳିତ ଶକ୍ତି କ୍ରୟ(ଏମ୍.ୟୁ) | ଅଟକଳିତ ଶକ୍ତି ବିକ୍ରି(ଏମ୍.ୟୁ) | ପରିବହନ ଜନିତ କ୍ଷତି (%) | ଚଳିତ ବିଏସ୍‌ପି ୟୁନିଟ୍ ପ୍ରତି ପଇସା **Current BSP Paise/Unit** | ଅଟକଳିତ ଶକ୍ତି କ୍ରୟ ମୂଲ୍ୟ (କୋଟି ଟଙ୍କାରେ) | ଏମଭିଏ ପ୍ରସ୍ତାବିତ ଏସ୍‌ଏମ୍‌ଡି |
|---|---|---|---|---|---|---|
| ନେସ୍କୋ | ୫୫୭୩.୩୨୪ | ୩୯୯୬.୦୭ | ୨୮.୩୦ | ୧୩୦ | ୮୪୧.୫୭ | ୭୩୦ |
| ୱେସ୍କୋ | ୬୫୦୦.୦୦ | ୪୬୫୧.୦୦ | ୨୮.୪୫ | ୧୫୪ | ୧୧୩୭.୫୦ | ୧୦୫୦ |
| ସାଉଥ୍‌କୋ | ୨୫୩୦.୦୦ | ୧୪୪୮.୨୯ | ୪୨.୭୬ | ୭୦ | ୨୩୦.୨୩ | ୪୧୦ |

<u>କର୍ମଚାରୀଙ୍କ ବାବଦ ବ୍ୟୟ</u>

୩୪. ଚଳିତ ଆର୍ଥିକ ବର୍ଷର ୬ ମାସର ସମୟ ଅବଧି ପାଇଁ ଷଷ୍ଠ ବେତନ ଆୟୋଗଙ୍କର ସ୍ଥିରୀକୃତ ବେତନର ପ୍ରଭାବ ଓ ପ୍ରତିଫଳନକୁ ଦୃଷ୍ଟିରେ ରଖି ସେସୁ ଚଳିତ ବର୍ଷ ପାଇଁ କର୍ମଚାରୀଙ୍କ ସକାଶେ ବ୍ୟୟ ବାବଦକୁ ୨୪୯.୭୦ କୋଟି ଟଙ୍କା ଏବଂ ଆଗାମୀ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ୪୩୩.୬୨ କୋଟି ଟଙ୍କାର ବ୍ୟୟ ପରିମାଣ ଅଟକଳ କରିଛନ୍ତି।

ବର୍ଦ୍ଧିତ ଉପଭୋକ୍ତାଙ୍କ ଯୋଗୁ କର୍ମଚାରୀଙ୍କ ସଂଖ୍ୟା ୭୫ ପ୍ରତିଶତ ବୃଦ୍ଧି କରାଯିବାର ପ୍ରସ୍ତାବ ପ୍ରଦର୍ଶନ କରାଯାଇଛି; ଏବଂ ଉପରୋକ୍ତ ପରିମାଣର ବ୍ୟୟ ଅଟକଳକୁ ସେହି ଆଧାରରେ ହିଁ ସ୍ଥିର କରାଯାଇଛି। ଏହା ବାଦ ଅନୁମତିଧାରୀମାନେ କର୍ମଚାରୀମାନଙ୍କର ବାକିଆ ବେତନ ବାବଦକୁ ୮୭.୬୯ କୋଟି ଟଙ୍କା ଦେବାକୁ ହିସାବ କରିଛନ୍ତି ଏବଂ ତାହାର ୬୦ ପ୍ରତିଶତ ହିଁ ୨୦୧୦-୧୧ ଆର୍ଥିକ ବର୍ଷରେ ଦେବାକୁ ପଡିବ।

୩୫. ନେସ୍‌କୋ, ୱେସ୍‌କୋ ଏବଂ ସାଉଥ୍‌କୋ ଦର୍ଶାଇଥିଲେ ଯେ, ଷଷ୍ଠ ବେତନ ଆୟୋଗଙ୍କ ସଂଶୋଧିତ ବେତନ ହାର ଯୋଗୁ ଅଣଅଧିକାରୀ ସ୍ତରୀୟ କର୍ମଚାରୀଙ୍କୁ ୧.୪.୨୦୦୫ ଠାରୁ ଏବଂ ଅଧିକାରୀ ସ୍ତରୀୟ କର୍ମଚାରୀଙ୍କୁ ୧.୧.୨୦୦୬ ଠାରୁ ବର୍ଦ୍ଧିତ ହାରରେ ବେତନ ଦେବାକୁ ପଡିବ। ଅତଏବ,କର୍ମଚାରୀମାନଙ୍କ ବେତନ ବାବଦକୁ ସେମାନଙ୍କୁ ଯଥାକ୍ରମେ ୨୬୯.୫୧ କୋଟି, ୨୮୨.୩୮ କୋଟି ଓ ୨୫୨.୫୫ କୋଟି ଟଙ୍କାର ବ୍ୟୟ ଭାର ବହନ କରିବାକୁ ପଡିବ।

ନେସକୋ, ୱେସକୋ ଓ ସାଉଥକୋ କର୍ମଚାରୀଙ୍କ ପାଇଁ ଅନୁମୋଦିତ ପରିମାଣ ଉପରେ ପ୍ରତି ବର୍ଷ ଯଥାକ୍ରମେ ୭୧.୯୫ କୋଟି, ୭୩.୮୯ କୋଟି ଓ ୬୮.୩୨ କୋଟି ଟଙ୍କାର ଅତିରିକ୍ତ ପରିମାଣ ଭରଣା କରିବାକୁ ପ୍ରସ୍ତାବ ନେଇଥିବା ପ୍ରକାଶ କରିଥିଲେ। ବିଭାଗର 'ନିର୍ବାହନ ଓ ତୁଲଜମା' କାର୍ଯ୍ୟସୂଚୀଠାରୁ ବାଣିଜ୍ୟଗତ କାର୍ଯ୍ୟସୂଚୀକୁ ପୃଥକ କରିବାର ପଦ୍ଧତି ଅବଲମ୍ବନ କରିବା ନେଇ ଅନୁମତିଧାରୀମାନେ ପ୍ରୟାସ ଆରମ୍ଭ କରିଦେଇଛନ୍ତି। ଷଷ୍ଠ ବେତନ ଆୟୋଗଙ୍କ ସଂଶୋଧିତ ବେତନର କାର୍ଯ୍ୟକାରିତା ଯୋଗୁ ନେସକୋ, ୱେସକୋ ଓ ସାଉଥକୋ ୨୦୦୯-୧୦ ଆର୍ଥିକ ବର୍ଷ ପାଇଁ ୭୧.୬୫ କୋଟି, ୨୧.୫୦ କୋଟି ଓ ୧୦.୭୧ କୋଟି ଟଙ୍କାର 'ବାସ୍ତବାୟନ ପ୍ରକ୍ରିୟା' ଆରମ୍ଭ କରିବାକୁ ପ୍ରସ୍ତାବ ରଖିଥିବା ପ୍ରକାଶ କରିଛନ୍ତି। ଉପଭୋକ୍ତାଙ୍କ ସଂଖ୍ୟା ବୃଦ୍ଧି ପାଇଥିବା ଯୋଗୁଁ ଅନୁମତିଧାରୀ ତିନି କଂପାନୀ ଆଗାମୀ ଆର୍ଥିକ ବର୍ଷରେ ଉପଯୁକ୍ତ ସଂଖ୍ୟକ କର୍ମଚାରୀ ନିଯୁକ୍ତି ଦେବାକୁ ପ୍ରସ୍ତାବ ରଖିଛନ୍ତି। ୨୦୧୦-୧୧ ଆର୍ଥିକ ବର୍ଷରେ କର୍ମଚାରୀଙ୍କ ଟର୍ମିନାଲ ବେନିଫିଟ ଟ୍ରଷ୍ଟକୁ ନେସକୋ, ୱେସକୋ ଓ ସାଉଥକୋଙ୍କୁ ଯଥାକ୍ରମେ ୫୩.୯୩ କୋଟି, ୪୯.୧୪ କୋଟି ଓ ୪୫.୮୬ କୋଟି ଟଙ୍କା ଦେବାକୁ

ପଡିବ। ଅତଏବ ନେସକୋ, ୱେସକୋ ଓ ସାଉଥକୋର ୨୦୧୦-୧୧ ଆର୍ଥିକବର୍ଷ ପାଇଁ ରାଜସ୍ୱ ଆବଶ୍ୟକତା ଉଦ୍ଦେଶ୍ୟରେ ସମୁଦାୟ ପରିମାଣ ଯଥା କ୍ରମେ ୨୩୨.୫୩କୋଟି, , ୨୫୦ କୋଟି ଏବଂ ୧୯୯.୪୦ କୋଟି ଟଙ୍କା ହେବ ବୋଲି ହିସାବରୁ ଜଣାପଡିଛି। ନେସ୍‌କୋ , ୱେସ୍‌କୋ ଓ ସାଉଥ୍‌କୋ ର କର୍ମଚାରୀଙ୍କ ବେତନ ବାବଦକୁ ସମୁଦାୟ ଅନୁମୋଦିତ ପରିମାଣ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଥିଲା ଯଥାକ୍ରମେ ୧୧୪.୨୮ କୋଟି, ୧୩୮.୮୮ କୋଟି ଓ ୯୮.୫୯ କୋଟି।

## ପ୍ରଶାସନଗତ ଓ ସାଧାରଣ ବ୍ୟୟ ସମୂହ

୩୬. ଚଳିତ ୨୦୦୯-୧୦ ଆର୍ଥିକବର୍ଷର ଅନୁମୋଦିତ ପରିମାଣ ୪୪.୨୬ କୋଟି ବିପକ୍ଷରେ ଆଗାମୀ ୨୦୧୦-୧୧ ଆର୍ଥିକବର୍ଷ ପାଇଁ ପ୍ରଶାସନଗତ ଓ ସାଧାରଣ ବ୍ୟୟ ବାବଦକୁ ସେସୁ ୯୯.୨୨ କୋଟି ଟଙ୍କାର ପ୍ରସ୍ତାବ ଦେଇଛି। ରାଜୀବଗାନ୍ଧୀ ଗ୍ରାମୀଣ ବିଦ୍ୟୁତକରଣ ଯୋଜନା ଯୋଗୁ ହିତାଧିକାରୀଙ୍କ ସଂଖ୍ୟା ବୃଦ୍ଧି , ଆଭିଯାନିକ କାର୍ଯ୍ୟପନ୍ଥା ବା ଫ୍ରାଞ୍ଚାଇଜ୍ ଅପରେସନ , ବାକିଆ ଦେୟ ଆଦାୟ ପାଇଁ ପାରିତୋଷିକ , ସାପ୍ ଏବଂ ଏଏମଆର ଆଦିର ଅନ୍ତର୍ଭୁକ୍ତିକରଣ ଯୋଗୁ ଅଧିକ ବ୍ୟୟର ଆବଶ୍ୟକତା ପଡୁଥିବାରୁ ସେସୁ ଉପରୋକ୍ତ ବର୍ଦ୍ଧିତ ବ୍ୟୟ ପରିମାଣ ଦର୍ଶାଇଛି।

ସେହିପରି, ନେସ୍‌କୋ, ୱେସ୍‌କୋ ଓ ସାଉଥ୍‌କୋ ଏ ଆଣ୍ଡ ଜି ବ୍ୟୟ ବାବଦକୁ ୨୦୦୯-୧୦ ଆର୍ଥିକବର୍ଷର ଅନୁମୋଦିତ ପରିମାଣ ଯଥାକ୍ରମେ ୧୮.୭୫ କୋଟି, ୨୨.୮୧ କୋଟି ଓ ୧୪.୭୯ କୋଟି ବିପକ୍ଷରେ ୨୦୧୦-୧୧ ଆର୍ଥିକବର୍ଷ ପାଇଁ ଯଥାକ୍ରମେ ୪୨.୨ କୋଟି, ୩୬.୫ କୋଟି ଓ ୩୪.୭ କୋଟି ଟଙ୍କା ଦର୍ଶାଇଛନ୍ତି। ଅନୁମତିଧାରୀମାନେ ମଧ୍ୟ ନେସ୍‌କୋ, ୱେସ୍‌କୋ ଓ ସାଉଥ୍‌କୋ କ୍ଷେତ୍ରରେ ଯଥାକ୍ରମେ ୧୧.୯୦ କୋଟି, ୧୨.୩୮ କୋଟି ଓ ୧୬.୯୩ କୋଟି ଟଙ୍କାର ଏକ ଅତିରିକ୍ତ ଏ ଆଣ୍ଡ ଜି ବ୍ୟୟର ବାସ୍ତବାୟନ ପାଇଁ ଆୟୋଗଙ୍କୁ ପ୍ରାର୍ଥନା କରିଛନ୍ତି।

## ମରାମତି ଓ ତୁଲାଜମା (Repair & Maintaninance -R & M)ବ୍ୟୟ ସମୂହ

୩୭. ବର୍ଷ ଆରମ୍ଭରେ ସବୁ ବଣ୍ଟନକାରୀ କଂପାନୀ ଜିଏଫଏ ର ୫.୪ ପ୍ରତିଶତ 'ମରାମତି ଓ ତୁଲାଜମା 'ବା ଆର୍ ଆଣ୍ଡ ଏମ୍ ବ୍ୟୟ ବାବଦକୁ ହିସାବ କରିଛନ୍ତି। ରାଜୀବ ଗାନ୍ଧୀ ଗ୍ରାମୀଣ ବିଦ୍ୟୁତକରଣ ଯୋଜନା ଏବଂ ବିଜୁ ଗ୍ରାମ ଜ୍ୟୋତି ଯୋଜନା ଉଦ୍ଦେଶ୍ୟରେ ବଣ୍ଟନକାରୀ କଂପାନୀମାନଙ୍କୁ ଅତିରିକ୍ତ ଭାବେ ଆନୁଷଙ୍ଗିକ ସାମଗ୍ରୀ ସମୂହର ମରାମତି ଓ ତୁଲାଜମା କରିବାକୁ ଥିବାରୁ ସେଥିପାଇଁ ଏକ ଅତିରିକ୍ତ ଅଥି ପରିମାଣର ଅନୁମୋଦନ ପାଇଁ ସେମାନେ ଆୟୋଗଙ୍କୁ ପ୍ରାର୍ଥନା କରିଛନ୍ତି।

ରିଲିଆନ୍ସ ପରିଚାଳିତ କଂପାନୀମାନେ ଆୟୋଗଙ୍କୁ ପ୍ରାର୍ଥନା କରିଛନ୍ତି ଯେ, ଏସ୍‌କ୍ରୋ କଟକଣା ପାଇଁ ୨୦୦୦ ରୁ ୨୦୦୮ ମଧ୍ୟରେ ମରାମତି ଓ ତୁଲାଜମା ବାବଦକୁ ସେମାନେ ଖୁବ କମ ଖର୍ଚ୍ଚ କରୁଛନ୍ତି; ଏବଂ ସେହି ପାର୍ଥକ୍ୟଗତ ପରିମାଣକୁ ୨୦୧୦-୧୧ ଆର୍ଥିକ ବର୍ଷରେ ସେମାନେ ଖର୍ଚ୍ଚ କରିବାକୁ ଆୟୋଗଙ୍କୁ ପ୍ରସ୍ତାବ ଦେଇଛନ୍ତି। ପ୍ରସ୍ତାବର ସବିଶେଷତା ନିମ୍ନ ସାରଣୀରେ ପ୍ରଦାନ କରାଗଲା।

**ସାରଣୀ – ୧୫**

(କୋଟି ଟଙ୍କାରେ)

| ବଣ୍ଟନ କମ୍ପାନୀମାନଙ୍କ ନାମ | ଜିଏଫ୍ଏ **GFA** | ଜିଏଫ୍ଏର ୫.୪% ଆର୍. ଏଣ୍ଡ ଏମ୍ **R&M as** | ଆରଜିଜିଭିଏ ଓ ବିଜିଜେୱାଇ ଭିତରେ ସମ୍ପତ୍ତି **Assets** | ଆର ଏଣ୍ଡ ଏମ୍ ପାଇଁ ଆରଜିଜିଭିଏ ଓ ବିଜିଜେୱାଇ ସମ୍ପତ୍ତି **R&M for** | ୨୦୦୦-୦୮ **ଭିତରେ** ଆର ଏଣ୍ଡ ଏମ୍ **ବ୍ୟୟ** **R&M** | ପ୍ରସ୍ତାବିତ ସମୁଦାୟ ପରିମାଣ **Total** |
|---|---|---|---|---|---|---|

| | | 5.4% of GFA | under RGGVY and BGJY | RGGVY and BGJY assets | Expenditure left to be covered between ୨୦୦୦-୦୮ | Amount projected |
|---|---|---|---|---|---|---|
| **ସେସୁ** | ୯୬୯.୦୭ | ୫୨.୩୩ | ୮୧୫.୧୨ | ୮୧.୫୨ | ଦାଖଲ କରିନାହାଁନ୍ତି | ୧୩୩.୮୫ |
| ନେସ୍କୋ | ୧୦୬୯.୫୭ | ୫୭.୭୬ | ଦାଖଲ କରିନାହାଁନ୍ତି | ଦାଖଲ କରିନାହାଁନ୍ତି | ୬୯.୨୧ | ୧୨୬.୯୭ |
| ୱେସ୍କୋ | ୮୯୨.୧୩ | ୪୮.୧୮ | ଦାଖଲ କରିନାହାଁନ୍ତି | ଦାଖଲ କରିନାହାଁନ୍ତି | ୬୧.୨୬ | ୧୦୯.୪୪ |
| ସାଉଥ୍କୋ | ୬୨୪.୩୦ | ୩୩.୭୧ | ଦାଖଲ କରିନାହାଁନ୍ତି | ଦାଖଲ କରିନାହାଁନ୍ତି | ୬୯.୬୭ | ୧୦୩.୩୮ |

ତେବେ ରାଜୀବ ଗାନ୍ଧୀ ଗ୍ରାମୀଣ ବିଦ୍ୟୁତ କରଣ ଯୋଜନା ଓ ବିଜୁ ଗ୍ରାମଜ୍ୟୋତି ଯୋଜନା ଅଧିନରେ ଆନୁଷଙ୍ଗିକ ବୈଦ୍ୟୁତିକ ଉପକରଣ ସମୂହର ମରାମତି ଉଦ୍ଦେଶ୍ୟରେ ନିର୍ଦ୍ଦିଷ୍ଟ ଆବଶ୍ୟକୀୟ ପରମାଣକୁ ତିନି ରିଲିଆନସ୍ ପରିଚାଳିତ ବଣ୍ଟନକାରୀ କଂପାନୀ ଅଟକଳନ କରିନାହାନ୍ତି ।

<u>ମନ୍ଦ ଓ ସନ୍ଦେହଜନକ ଋଣ ପାଇଁ ବ୍ୟବସ୍ଥା</u>

୩୮. ସମୁଦାୟ ବିକ୍ରୀଲବ୍ଧ ରାଜସ୍ୱର ୫ ପ୍ରତିଶତ ଆଧାରରେ ସେସୁ ୫୯.୧୩ କୋଟି ଟଙ୍କାର 'ମନ୍ଦ ଓ ସନ୍ଦେହ ଜନକ' ଋଣର ବ୍ୟବସ୍ଥା କରିଛି ।

୩୯. ନେସକୋ, ସାଉଥକୋ ଓ ୱେସକୋ ଦର୍ଶାଇଥିଲେ ଯେ, ଯଦି ଆଦାୟ ଉତ୍କୃଷ୍ଟତା ର ବିଚ୍ୟୁତିକୁ ଆୟୋଗ ସ୍ୱୀକାର ନ କରନ୍ତି ,ତେବେ ବିଗତ ଦିନମାନଙ୍କର କ୍ଷତି ଓ ଅତ୍ୟଧିକ ମାତ୍ରାର କାର୍ଯ୍ୟଭାର ଯୋଗୁ ସେମାନଙ୍କ ପାଇଁ କାର୍ଯ୍ୟକାରୀ ମୂଳଧନ ଯୋଗାଡ କରିବା କଷ୍ଟକର ହୋଇପଡିବ ଓ ପରିସ୍ଥିତି ସାଂଘାତିକ ହୋଇ ପଡିବ। ଅତଏବ, ଆଦାୟ ଉତ୍କୃଷ୍ଟତାରେ ବିଚ୍ୟୁତି ଓ କ୍ଷତିକୁ ପରିଚିତ ଓ ସ୍ୱୀକୃତ କରାଇବା ନିମନ୍ତେ , ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଏଆରଆର ଅଟକଳ ବେଳେ ଅନୁମତିଧାରୀମାନେ ଆଦାୟ- ନିକୃଷ୍ଟତା ଜନିତ କ୍ଷତି ବା ଅର୍ଥ ପରିମାଣକୁ 'ମନ୍ଦ ବା ସନ୍ଦେହ ଜନକ ଋଣ' ଭାବେ ପରିଗଣନା କରିଛନ୍ତି। ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ନେସକୋ ପାଇଁ ୯୭ % ସାଉଥକୋ ପାଇଁ ୯୭.୫% ଏବଂ ୱେସକୋ ପାଇଁ ୯୭%,ର ପ୍ରସ୍ତାବିତ ଆଦାୟ- ଉତ୍କୃଷ୍ଟତାକୁ ବିଚାରକୁ ନେଇ ସେମାନେ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଏଆରଆରର ଅଂଶ ବିଶେଷ ଭାବରେ ଯଥାକ୍ରମେ ୪୧୨୧ କୋଟି, ୪୭.୯୩ କୋଟି ଏବଂ ୧୧.୬୦ କୋଟି ଟଙ୍କାର ପରମାଣକୁ ମନ୍ଦ ଓ ସନ୍ଦେହଜନକ ଋଣ ଭାବେ ବିବେଚନା କରିଛନ୍ତି ।

**<u>ମୂଲ୍ୟ ହ୍ରାସ (Depriciation)</u>**

୪୦. ପ୍ରାକ୍ ୯୨ ଦର ହାରରେ ମୂଲ୍ୟ ହ୍ରାସକୁ ସ୍ୱୀକାର ଓ କଂପ୍ୟୁଟରୀକରଣ କରାଇବାକୁ ୪ଟିଯାକ ବଣ୍ଟନକାରୀ କଂପାନୀ 'ସରଳରେଖା ପଦ୍ଧତିକୁ' ଗ୍ରହଣ କରିଛନ୍ତି। ତେବେ ଚଳିତ ଯେଉଁ ସବୁ ଆନୁଷଙ୍ଗିକ ଗୃହ ବା ବୈଦ୍ୟୁତିକ ସାମଗ୍ରୀ ଯୋଗାଇ ଦିଆଯାଇଛି , ସେ ବାବଦରେ ମୂଲ୍ୟ-ହ୍ରାସ ଫାକ୍ଟରକୁ ଗ୍ରହଣ କରାଯାଇନାହିଁ।

**<u>ଋଣ ସମୂହ ଓ ବାକିଆ ଦେୟ ସମୂହ :</u>**

୪୧. ୨୦୦୫ , ଫେବୃୟାରି ୨୮ ତାରିଖରେ, ୨୦୦୪ ର କେଶ ନଂ - ୧୧୫ ମୂଳେ ସେମାନଙ୍କର ବ୍ୟବସାୟିକ ଖସଡା ଅନୁମୋଦନ କରି ଆୟୋଗ ଏକ ଆଦେଶନାମା ଜାରି କରିଥିବା ନେସକୋ, ୱେସକୋ ଓ ସାଉଥକୋ ଦର୍ଶାଇଥିଲେ। ସେହି ଆଦେଶନାମା ଉପରେ ୨୦୦୬ ଜୁଲାଇ ୨୦ରେ ଏକ ସ୍ପଷ୍ଟୀକରଣ ମଧ୍ୟ

ଦିଆଯାଇଥିଲା । ଉପରୋକ୍ତ ଆଦେଶନାମାରେ ନିହିତ ନିର୍ଯ୍ୟାସ ଅନୁଯାୟୀ, ତିନି ରିଲିଆନ୍ସ ପରିଚାଳିତ କଂପାନୀ ଋଣ ପରିଶୋଧ ଜନିତ କିସ୍ତି ଖିଲାପ କରିବାର ଅଧିକ ସମ୍ଭାବନା ଅଛି, କାରଣ ସେମାନଙ୍କ ପ୍ରଦର୍ଶିତ ଏଆରଆରରେ ପରସ୍ପର ଠାରୁ ଯଥେଷ୍ଟ ପାର୍ଥକ୍ୟ ପରିଲକ୍ଷିତ ହେଉଛି । ସ୍ୱଳ୍ପ ଯୋଗାଣ ଦର ବା ବିଏସ୍‌ପି , ସିକ୍ୟୁରିଟି ଦେୟ ବାବଦକୁ ମାସିକ କିସ୍ତି ଏବଂ ଅନ୍ୟାନ୍ୟ ଓଇଆରସି ଅନୁମୋଦିତ ଖର୍ଚ୍ଚ ପରିଶୋଧ ପରେ ସେମାନଙ୍କଠାରେ ଗଚ୍ଛିତ ରହୁଥିବା ଜମା ପାଇଁ ସେମାନଙ୍କୁ କୌଣସି ପ୍ରୋତ୍ସାହନ ରାଶି ଦିଆଯିବାର ବ୍ୟବସ୍ଥା ନାହିଁ। ତେଣୁ, ରିଲିଆନ୍ସ ପରିଚାଳିତ କଂପାନୀମାନେ କେନ୍ଦ୍ରୀୟ ଜୋନ ବିଦ୍ୟୁତ ବଣ୍ଟନ ଏବଂ ପାଇକାରୀ ଯୋଗାଣ ବିନିଯୋଗକାରୀ କର୍ତ୍ତୃପକ୍ଷଙ୍କ ପାଇଁ 'କ୍ରୟ ବିକ୍ରୟ ନଥି'ରେ ନିର୍ଦ୍ଧାରିତ ପଦ୍ଧତିକୁ ଅନୁସରଣ କରିବାକୁ ଆୟୋଗଙ୍କୁ ଚାପ ପକାଇଛନ୍ତି ।

## <u>ଗ୍ରୀଡକୋ ଓ ଅନ୍ୟ ଅର୍ଥ ଲଗାଣ ସଂସ୍ଥାରୁ ସୁଧ ସହ ଋଣ</u>

୪୨. ସେସୁ ଦର୍ଶାଇଛି ଯେ, ଆୟୋଗଙ୍କ ଆଦେଶନାମା ଅନୁଯାୟୀ, ୧୭୪ କୋଟି ଟଙ୍କାର ଅର୍ଥ ସହାୟତାକୁ ମିଶାଇ ଗ୍ରୀଡକୋ ଋଣ ଉପରେ କୌଣସି ସୁଧ ହିସାବ କରାଯାଇନାହିଁ। ବାର୍ଷିକ ୧୩ ପ୍ରତିଶତ ସୁଧ ହାରରେ 'ପଦ୍ଧତିଗତ ଉନ୍ନୟନ ଯୋଜନା' ପାଇଁ ୨୦୧୦-୧୧ ଆର୍ଥିକ ବର୍ଷ ନିମନ୍ତେ ୨୧୦ କୋଟି ଟଙ୍କାର ଏକ 'ନିବେଶ ଖସଡା'... ସଂପର୍କରେ ସେସୁ ମତ ପ୍ରକାଶ କରିଛି । ତା'ଛଡା ,ବାର୍ଷିକ ୧୨ ପ୍ରତିଶତ ସୁଧ ହାରରେ କୌଣସି ବ୍ୟବସାୟିକ ବ୍ୟାଙ୍କରୁ ୨୦ କୋଟି ଟଙ୍କା ବଜେଟର ଏକ ଋଣ ଆଣି ଏକ କର୍ପୋରେଟ ବ୍ୟୁଲଡିଂ ନିର୍ମାଣ କରିବାକୁ ସେସୁ ପ୍ରସ୍ତାବ ଦେଇଛି । ସେସୁ ଆହୁରି ଦର୍ଶାଇଛି ଯେ, ସେମାନେ ଓଡ଼ିଶା ସରକାରଙ୍କ ଜରିଆରେ ଭାରତ ସରକାରଙ୍କଠାରୁ ୩୭.୦୯ କୋଟି ଟଙ୍କାର ଏପିଡିଆରପି ସହାୟତା ଆଣିଛନ୍ତି ଓ ସହାୟତାର ଅଂଶବିଶେଷ ସ୍ୱରୂପ ପିଏଫସିରୁ ୩୫.୫୨ କୋଟି ଟଙ୍କା ଆଣିଛନ୍ତି । ଏପିଡିଆରପି ଓ ପିଏଫସି ଋଣର ସୁଧ ହାର ଯଥାକ୍ରମେ ବାର୍ଷିକ ୧୨.୫ ପ୍ରତିଶତ ଓ ୮.୫ ପ୍ରତିଶତ ଅଟେ । ବିଶ୍ୱବ୍ୟାଙ୍କ ଋଣର ସୁଧ ହାର ବାର୍ଷିକ ୧୩ ପ୍ରତିଶତ ଭାବରେ ହିସାବ କରାଯାଇଛି ।

<u>ଶକ୍ତି ବନ୍ଧକ</u>

୪୩. ୧୨.୫ ପ୍ରତିଶତ ସୁଧ ହାରରେ ୧, ଅକ୍ଟୋବର ୨୦୦୦ ଠାରୁ ଗ୍ରୀଡକୋ ସପକ୍ଷରେ ଏନଟିପସି ସହ ସ୍ୱାକ୍ଷର ସମ୍ମିଳିତ ଚୁକ୍ତି ହେବା ନେଇ ୱେସ୍‌କୋ, ନେସ୍‌କୋ ଓ ସାଉଥ୍‌କୋ ୪୦୦ କୋଟି ଟଙ୍କାର ବନ୍ଧକ ପ୍ରଦାନ କରିଛନ୍ତି । ଆହ୍ଲୁୱାଲିଆ କମିଟିର ସୁପାରିଶ ଅନୁଯାୟୀ ,ଏହି ସବୁ ବନ୍ଧକ ଉପରେ ଆୟୋଗ ତାଙ୍କର ବିଗତ ଦରସୂଚୀ ଆଦେଶନାମାରେ ୮.୫ ପ୍ରତିଶତ ସୁଧହାର (କରମୁକ୍ତ) ରେ ଅନୁମତି ଦେଇଥିଲେ । ଯଦି ୧.୧୦.୨୦୦୧ ଠାରୁ ବଳବତ୍ତର ହେବାକୁ ଥିବା ଭାରତ ସରକାରଙ୍କ ଦ୍ୱାରା ଅନୁମୋଦିତ ଏକକାଳୀନ ନିର୍ଦ୍ଧାରଣ ଅଧିଯୋଜନା ସହ ସମତାଳରେ'ନିରାପତ୍ତାକରଣ' ଫଳପ୍ରଦ ହେବ, ତେବେ ବିଦ୍ୟୁତ ଶକ୍ତିର ସର୍ବଶେଷ ଉପଭୋକ୍ତାଙ୍କ ପ୍ରତି କୋହଳ କରାଯିବାକୁ ଥିବା ଉପଲବ୍ଧ ଉପାଦେୟତାକୁ ଅନୁମତି ଦେବାକୁ ଆୟୋଗ ତାଙ୍କ ଆଦେଶ ନାମାରେ ସରକାରଙ୍କୁ ପରାମର୍ଶ ଦେଇଛନ୍ତି । କିନ୍ତୁ ଏଥିପାଇଁ ଓଡ଼ିଶା ସରକାର ତାଙ୍କର ନିଷ୍ପତ୍ତି ଏ ପର୍ଯ୍ୟନ୍ତ ଦେଇନାହାନ୍ତି । ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଏଆରଆରରେ ୧ ଅକ୍ଟୋବର ୨୦୦୦ ଠାରୁ ମାର୍ଚ୍ଚ ,୨୦୦୭ ପର୍ଯ୍ୟନ୍ତ ଏହି ବନ୍ଧକ ପରିମାଣ ଉପରେ ବାର୍ଷିକ ୧୨.୫ ପ୍ରତିଶତ ଏବଂ ୮.୫ ପ୍ରତିଶତ ସୁଧହାର ମଝିରେ ଏକ ପାର୍ଥକ୍ୟଗତ ସୁଧ ହାରର ଅନୁମତି ଦେବାକୁ ଅନୁମତିଧାରୀ ଆୟୋଗଙ୍କୁ ଅନୁରୋଧ କରିଛନ୍ତି । ପାର୍ଥକ୍ୟଗତ ସୁଧ ହିସାବରେ ୱେସ୍‌କୋ, ନେସ୍‌କୋ ଓ ସାଉଥ୍‌କୋ ଯଥାକ୍ରମେ ୧୩.୬୫, ୩୨.୮୦ କୋଟି ଓ ୩୦.୬୮ କୋଟି ଟଙ୍କା ଅଟକଳ କରିଛନ୍ତି ।

୨୦୦୭, ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ସବୁ ବଣ୍ଟନକାରୀ କଂପାନୀଙ୍କ ପାଇଁ ସେହି ସବୁ ବନ୍ଧକ ଉପରେ ସୁଧହାରର ନମନୀୟତା ସହିତ ଏକକାଳୀନ ଚୁକ୍ତି ଜରିଆରେ ଏନଟିପିସି ସହ ଶକ୍ତି ବନ୍ଧକର ଅବଶିଷ୍ଟ ଦେୟକୁ ୯୧.୫କୋଟି ଟଙ୍କାରେ ଗ୍ରୀଡକୋ ଚୂଡ଼ାନ୍ତ କରିସାରିଛନ୍ତି । ରିଲିଆନ୍ସ ପରିଚାଳିତ ବଣ୍ଟନକାରୀ କଂପାନୀମାନେ ମତ ଦେଇଛନ୍ତି ଯେ, ନିର୍ଦ୍ଧାରିତ /ଚୂଡ଼ାନ୍ତ ହୋଇଥିବା ଅର୍ଥପରିମାଣର ସବିଶେଷତା ପ୍ରଦାନ କରିବାକୁ ଗ୍ରୀଡକୋକୁ ନିର୍ଦ୍ଦେଶ ଦିଆଯାଇପାରେ, ଯାହାକି ପୂର୍ବ ଦେୟ ସମୂହର/ସହ ସାମିଲକରଣ ପରେ ବଣ୍ଟନକାରୀ କଂପାନୀଙ୍କ ଦ୍ୱାରା ଗ୍ରୀଡକୋକୁ ଫେରସ୍ତ ଦେବାକୁ ପଡିବ । ପୁନଶ୍ଚ, ସେମାନେ ଏହା ମଧ୍ୟ ଦର୍ଶାଇଛନ୍ତି ଯେ ଗ୍ରୀଡକୋ ଦ୍ୱାରା ଉପଲବ୍ଧ ରିହାତିର ପରିମାଣ ଶକ୍ତିବନ୍ଧକର ଦେୟ ସମୂହଠାରୁ କମାଇବାକୁ ପଡିବ ।

**ଗ୍ରୀଡକୋର ସ୍ଥୁଳ ଯୋଗାଣ ଦର ବାବଦକୁ ବାକିଆ ଦେୟ ସମୂହ :**

୪୪. ନେସ୍‌କୋ , ସାଉଥକୋ ଓ ୱେସକୋ ବ୍ୟବସାୟିକ ଖସଡା ଅନୁମୋଦନ କଲା ବେଳେ ଆୟୋଗ ତାଙ୍କର ୨୮, ଫେବୃୟାରୀ ୨୦୦୫ ର ଆଦେଶନାମାରେ ଉଲ୍ଲେଖ କରିଥିଲେ ଯେ, ବଣ୍ଟନକାରୀ କଂପାନୀମାନଙ୍କ ଦ୍ୱାରା ଗ୍ରୀଡକୋକୁ ଦେବାକୁ ଥିବା ବିଏସପି ବାକିଆ ଦେୟର ସିକ୍ୟୁରିଟାଇଜେସନ ଶୂନ୍ୟ ପ୍ରତିଶତ ସୁଧହାରରେ ହେବ ଏବଂ ଯେତେବେଳେ ସବୁ କଂପାନୀ ଗ୍ରୀଡକୋକୁ ୧୦୦ ପ୍ରତିଶତ ସ୍ଥୁଳ ଯୋଗାଣ ସରବରାହ ବିଲ ଦେବାକୁ ଆରମ୍ଭ କରିବେ, ସେତେବେଳେ ବା ସେହି ପରବର୍ତ୍ତୀ ତାରିଖରେ ସବୁ ବଣ୍ଟନକାରୀ କଂପାନୀଙ୍କ ପାଇଁ ଉର୍ଦ୍ଦିଷ୍ଟ ଅର୍ଥ ପରିମାଣର ନିରାପତ୍ତାକରଣ ବା ସିକ୍ୟୁରିଟାଇଜ କରାଯିବ । ସେହି ଅନୁସାରେ, ନେସକୋ, ସାଉଥକୋ ଓ ୱେସକୋ ସେମାନଙ୍କର ୨୦୧୦-୧୧ ଆର୍ଥିକ ବର୍ଷର ଏଆରଆରରେ ବାକିଆ ବିଏସପି ଦେୟ ଉପରେ କୌଣସି ସୁଧ ପରିମାଣକୁ ବିବେଚନା କରିନାହାନ୍ତି । ପୁନଶ୍ଚ, ଆୟୋଗ ତାଙ୍କର ସେହି ଆଦେଶନାମାରେ ମତ ଦେଇଛନ୍ତି ଯେ, ଗ୍ରୀଡକୋର ବାକିଆ ବିଏସପି ଦେୟର ସିକ୍ୟୁରିଟାଇଜେସନ କରାଯିବା ପୂର୍ବରୁ ବଣ୍ଟନକାରୀ କଂପାନୀମାନଙ୍କୁ ଦିଆଯିବାକୁ ଥିବା ରାଜ୍ୟ ସରକାର ଓ ସରକାରଙ୍କ ଔଦ୍ୟୋଗିକ ଦେୟ ସମୂହକୁ ସହ ସାମିଲ କରଣ କରାଯିବ । ପରବର୍ତ୍ତୀ ସମୟରେ, ଓଇଆରସି ୨୦.୭.୨୦୦୬ର ଅତିରିକ୍ତ ଆଦେଶନାମା (କେଶ ନଂ ୧୧୫/୨୦୦୪) ରେ ୧୦ ବର୍ଷର ସମୟ ସୀମା ମଧ୍ୟରେ ସମାନ ମାସିକିଆ କିସ୍ତିରେ ନିରାପତ୍ତାକରଣିତ ବିଏସଟି ଏବଂ ଋଣ ଅବଶିଷ୍ଟାଂଶ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

**ଏପିଡିଆରପି ସହାୟତା**

୪୫. ସରକାରଙ୍କଠାରୁ ଋଣ ସଂପର୍କରେ ସେସୁ ଦର୍ଶାଇଥିଲା ଯେ, ସେମାନେ ଓଡ଼ିଶା ସରକାରଙ୍କ ଜରିଆରେ ଭାରତ ସରକାରଙ୍କଠାରୁ ୩୭.୦୯ କୋଟି ଟଙ୍କାର ଏପିଡିଆରପି ସହାୟତା ଏବଂ ୩୫.୫୨ କୋଟି ଟଙ୍କାର ପିଏଫସି ଋଣ ଆଣିଛନ୍ତି , ଯାହାର ସୁଧର ହାର ଯଥାକ୍ରମେ ବାର୍ଷିକ ୧୨ ପ୍ରତିଶତ ଓ ୮.୫ ପ୍ରତିଶତ ଅଟେ ।

୪୬. ଆଗାମୀ ବର୍ଷରେ ଏପିଡିଆରପି ସ୍କିମରେ କିଛି ବି ପରିମାଣ ଖର୍ଚ୍ଚ ନ କରିବାକୁ ନେସକୋ, ସାଉଥକୋ ଓ ୱେସକୋ ଅଟକଳନ କରିଛନ୍ତି । ଅନୁମତିଧାରୀ କଂପାନୀମାନେ ପୂର୍ବରୁ ସହାୟତା ରାଶି ଆଣିଥିଲେ । ସେହି ଋଣ ଉପରେ ବାର୍ଷିକ ୧୨ ପ୍ରତିଶତ ସୁଧହାର ବିବେଚନା କରାଯାଇଛି । ଏହି ଦିଗରେ ନେସକୋ, ସାଉଥକୋ ଓ ୱେସକୋ ଯଥାକ୍ରମେ ୧.୭୪ କୋଟି, ୦.୭୬ କୋଟି ଓ ୦.୬୬ କୋଟି ଟଙ୍କାର ସୁଧ ଅଟକଳନ କରିଛନ୍ତି ।

**ପୂର୍ବର ଆଇନାନୁବନ୍ଧ ଦେୟ, ଚାପଗ୍ରସ୍ତ ଦେୟ ଓ ପରିଦର୍ଶନ ଦେୟ ଦର ସଂପର୍କରେ :**

୪୭. ନେସକୋ, ସାଉଥକୋ ଓ ୱେସକୋ ଦର୍ଶାଇଥିଲେ ଯେ, ୨୦୦୮ ମାର୍ଚ୍ଚ ୩୧ ସୁଦ୍ଧା ଆଇନାନୁବନ୍ଧ ଦେୟ, ଯାହାର ପରିମାଣ ନେସ୍‌କୋ,ସାଉଥ୍‌କୋ ଓ ୱେସ୍‌କୋ ପାଇଁ ଯଥାକ୍ରମେ ୧୬୬.୨୬ କୋଟି, ୯୯.୭୨ କୋଟି

ଓ ୧୧୧.୦୮ କୋଟି ଟଙ୍କା ହିସାବକୁ ଆସୁଛି, ତାହାକୁ ୨୦୧୦-୧୧ ରେ ପରିଶୋଧ କରିବାକୁ ବିଚାରଭୁକ୍ତ କରାଯାଉ। ଓ୍ୱେସକୋ ଓ ସାଉଥକୋ ୨୦୦୯ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ସେମାନଙ୍କର ୧୦୭.୧୭ କୋଟି ଓ ୧୧୧.୦୩ କୋଟି ଟଙ୍କାର ବାକିଆ ନିରାପତ୍ତାକରଣିତ ଦେୟକୁ ସାମଗ୍ରୀ ଜନିତ ରୂପାନ୍ତରଣ ଭାବରେ କ୍ରମେ କ୍ରମେ ଶୁଝିବାକୁ ପ୍ରସ୍ତାବ ଦେଇଛନ୍ତି। ସେମାନେ ଦେବାକୁ ଥିବା ଉପରୋକ୍ତ ପରିମାଣର ଦେୟକୁ 'ନିୟାମକ ସାମଗ୍ରୀ'(ଉପକରଣ) ଭାବରେ ରୂପାନ୍ତରଣ କରିବାକୁ ଆୟୋଗଙ୍କୁ ଅନୁରୋଧ କରିଛନ୍ତି।

## ସୁଧ ମୂଳଧନୀକରଣ

୪୮. ବର୍ଷ ଆରମ୍ଭରେ ନେସକୋ, ଓ୍ୱେସକୋ ଓ ସାଉଥକୋ ସେମାନଙ୍କର ଏଆରଆରର ଅଂଶବିଶେଷ ସ୍ୱରୂପ ବାକିଆ ଋଣର ସୁଧକୁ ରାଜସ୍ୱ ବ୍ୟୟ ଭାବେ ଦର୍ଶାଇଛନ୍ତି। ଆଗାମୀ ବର୍ଷରେ ମୁଖ୍ୟ କାମଗୁଡିକ ପାଇଁ ଉଠାଣ କରାଯିବାକୁ ଥିବା ଋଣ ଉପରେ ସୁଧ ପରିମାଣକୁ ମୂଳଧନୀକରଣ କରାଯାଇଛି। ୨୦୦୯-୧୦ ଆର୍ଥିକ ବର୍ଷ ପାଇଁ ନେସକୋ, ଓ୍ୱେସକୋ ଓ ସାଉଥକୋର ଅଟକଳିତ ସମୁଦାୟ ସୁଧ ପରିମାଣ ହେଉଛି ଯଥାକ୍ରମେ ୧.୯୩ କୋଟି, ୨.୧୩ କୋଟି ଓ ୧.୮୨ କୋଟି।

## ସିକ୍ୟୁରିଟି ଜମା ଉପରେ ସୁଧ:

୪୯. ୨୦୧୦-୧୧ ଆର୍ଥିକ ବର୍ଷ ନିମନ୍ତେ ନେସକୋ, ଓ୍ୱେସକୋ ଓ ସାଉଥକୋ ଉଦ୍ଦେଶ୍ୟରେ ସିକ୍ୟୁରିଟି ଜମା ଉପରେ ସୁଧ ପରିମାଣକୁ ବାର୍ଷିକ ୬ ପ୍ରତିଶତ ସୁଧ ହାର (ବ୍ୟାଙ୍କ ହାର)ରେ ଯଥାକ୍ରମେ ୧୨.୨୧ କୋଟି, ୧୬.୪୭ କୋଟି ଓ ୪.୨୬ କୋଟି ହିସାବ କରାଯାଇଛି।

## ଅଣ-ଦରସୂଚୀ ନିର୍ଦ୍ଧାରଣ ଜନିତ ଆୟ

୫୦. ୨୦୧୦ ଆର୍ଥିକ ବର୍ଷ ପାଇଁ ଅଣ ଦରସୂଚୀ ନିର୍ଦ୍ଧାରଣ ଜନିତ ଆୟ ବାବଦକୁ ନେସକୋ, ଓ୍ୱେସକୋ ଓ ସାଉଥକୋ ଯଥାକ୍ରମେ ୧୭.୩୧ କୋଟି, ୧୬.୭୫ କୋଟି ଓ୯.୭୬ କୋଟି ଟଙ୍କାର ପ୍ରସ୍ତାବ ଦେଇଛନ୍ତି।ତେବେ, ସବୁ ଶ୍ରେଣୀର ଉପଭୋକ୍ତାଙ୍କ ଉଦ୍ଦେଶ୍ୟରେ ମିଟର ଭଡା ଉଠାଇ ଦେବାକୁ ସେମାନେ ପ୍ରସ୍ତାବ ଦେଇଛନ୍ତି ଏବଂ ମିଟର ଭଡାରୁ କୌଣସି ଆୟକୁ ବିଚାରଭୁକ୍ତ କରିନାହାନ୍ତି।

## ନିୟାମକ ଆସେଟ ସମୂହର ଆର୍ଥିକ ରୂପାନ୍ତରଣ :

୫୧. ନେସକୋ, ଓ୍ୱେସକୋ ଓ ସାଉଥକୋ ଉପସ୍ଥାପନ କରିଛନ୍ତି ଯେ, ୨୦୧୦-୧୧ ଆର୍ଥିକ ବର୍ଷରେ ନିୟାମକ ଆସେଟସବୁର ଆର୍ଥିକ ରୂପାନ୍ତରଣ କରାଯାଇପାରେ। ପେନସନ ଆଦି ଭଳି ନିଯୁକ୍ତିକାରୀ ଟ୍ରଷ୍ଟକୁ ଦେବା ଯୋଗ୍ୟ ଆଇନାନୁବଦ୍ଧ ଦେୟ ସମୂହର ପେମେଣ୍ଟ ଉଦ୍ଦେଶ୍ୟରେ ପ୍ରକୃତ ଅପରିହାର୍ଯ୍ୟ ଆବଶ୍ୟକତା ପର୍ଯ୍ୟନ୍ତ ସେମାନେ କେବଳ ନିୟାମକ ଆସେଟସମୂହର ଆର୍ଥିକ ରୂପାନ୍ତରଣକୁ ଅନ୍ତର୍ଭୁକ୍ତ କରିଛନ୍ତି। ଏହାର ସାରଣୀ କୃତ ଚିତ୍ର ନିମ୍ନମତେ ପ୍ରଦତ୍ତ ହେଲା।

**ସାରଣୀ – ୧୬**

**ଆର୍ଥିକ ବର୍ଷ ୨୦୦୯-୧୦ର ଋଣପରିଶୋଧ**

Amortisation of Regulatory Assets in FY ୨୦୦୯-୧୦

**(କୋଟି ଟଙ୍କାରେ)**

| କ୍ର.ସଂ | ବର୍ଣ୍ଣନା | ନେସ୍କୋ | ଓ୍ୱେସ୍କୋ | ସାଉଥ୍କୋ |
|---|---|---|---|---|
| ୧. | Statutory dues towards trusts | ୯୭.୬୨ | ୧୧୧.୦୯ | ୨୫୦.୮୯ |

| | | | | |
|---|---|---|---|---|
| ୨. | Outstanding securitized dues to GRIDCO | - | ୧୦୭.୧୭ | ୧୧୧.୦୩ |
| ୩. | ବିଶ୍ୱ ବ୍ୟାଙ୍କ ଓ ଏପିଡିଆରପି ଅଶୁଝା କରଜର ସୁଧ | ୭୫.୩୩ | - | - |
| ୪. | Past Statutory Dues and Pressing Creditors | - | - | ୯.୫୨ |
| | ସମୁଦାୟ | ୧୭୨.୯୫ | ୨୧୮.୨୬ | ୩୭୧.୪୪ |

## ୨୦୦୮-୦୯ ଆର୍ଥିକ ବର୍ଷ ପାଇଁ ରାଜସ୍ୱ ପାର୍ଥକ୍ୟର ବାସ୍ତବାୟନ

୫୨. ରିଲିଆନ୍ସ ପରିଚାଳିତ କଂପାନୀମାନେ ଯୁକ୍ତି ଉପସ୍ଥାପନ କରିଥିଲେ ଯେ, ଆୟୋଗ ଗ୍ରହଣ କରିଥିବା ଅସଂହତ ବାସ୍ତବାୟନ ପଦ୍ଧତି ଯୋଗୁ ୨୦୦୯-୧୦ ଆର୍ଥିକ ବର୍ଷ ପାଇଁ 'ପାଇକାରୀ ତାରିଫ'ର ପ୍ରଦର୍ଶିତ ପାର୍ଥକ୍ୟଗତ ବଳକା ପରିମାଣକୁ ବାସ୍ତବାୟନ ପାଇଁ ବିବେଚନା କରାଯିବା ତ୍ରୁଟିପୂର୍ଣ୍ଣ ଥିଲା। ୨୦୦୯ ଆର୍ଥିକବର୍ଷ ପାଇଁ ଅଡିଟ କରାଯାଇଥିବା ଆକାଉଣ୍ଟର ପ୍ରସ୍ତୁତି ପରେ ୱେସକୋ ଓ ସାଉଥକୋ ଯଥାକ୍ରମେ ୧୪୪.୨୩ କୋଟି ଓ ୧୭୬.୭୩ କୋଟି ଟଙ୍କାର ବାସ୍ତବାୟନ ପାଇଁ ପ୍ରାର୍ଥନା କରିଛନ୍ତି। ବଣ୍ଟନକାରୀ କଂପାନୀମାନଙ୍କର ନିୟନ୍ତ୍ରଣ ବର୍ହିଭୂତ କାରଣ ସମୂହ ଯୋଗୁ ୨୦୦୯-୧୦ ଆର୍ଥିକ ବର୍ଷରେ ଅଟକଳିତ ରାଜସ୍ୱ ଓ ପ୍ରକୃତ ବ୍ୟୟ ମଧ୍ୟରେ ପାର୍ଥକ୍ୟକୁ ବିଚାର କରି ନେସ୍‌କୋ, ୱେସ୍‌କୋ ଓ ସାଉଥ୍‌କୋ ଯଥାକ୍ରମେ ୧୧୭.୨୧ କୋଟି, ୮୯.୮୯ କୋଟି ଓ ୬୮.୫୨ କୋଟି ଟଙ୍କାର ଅନାବୃତ ପାର୍ଥକ୍ୟକୁ ବାସ୍ତବାୟନ କରିବାକୁ ଅନୁମତି ଦେବାକୁ ଆୟୋଗଙ୍କୁ ଅନୁରୋଧ କରିଛନ୍ତି। ଏହା ସହ, ୨୦୧୦-୧୧ ର ଏଆରଆରରେ ବାସ୍ତବାୟନ ହେବାକୁ ଥିବା ଉପରୋକ୍ତ ଅନାବୃତ ପାର୍ଥକ୍ୟ ପରିମାଣକୁ ଆର୍ଥିକ ବର୍ଷ ୨୦୦୯-୧୦ ପାଇଁ ଆକଳିତ ରାଜସ୍ୱ ପାର୍ଥକ୍ୟ ଭାବେ ବିଚାର କରିବାକୁ ମଧ୍ୟ ଆୟୋଗଙ୍କୁ ଅନୁରୋଧ କରିଛନ୍ତି।

## ନିବେଶ ଉପରେ ଲାଭାଂଶ ଫେରସ୍ତ /ଯୁକ୍ତିସଂଗତ ଫେରସ୍ତ

୫୩. ଲାଭାଂଶ ଧନ ଉପରେ ୧୬ ପ୍ରତିଶତ ହାରରେ ୧୧.୬୪ କୋଟି ଟଙ୍କାର ନିବେଶ ଉପରେ ଲାଭାଂଶ ଫେରସ୍ତ ପରିମାଣକୁ ସେସୁ ଦାବି କରିଛି। ନେସ୍‌କୋ, ୱେସକୋ ଓ ସାଉଥକୋ ଦର୍ଶାଇଛନ୍ତି ଯେ, ପୂର୍ବ ବର୍ଷମାନଙ୍କରେ ଏଆର୍‌ଆର୍‌ରେ 'ନକରାତ୍ମକ ଫେରସ୍ତ (ପାର୍ଥକ୍ୟ)' ଯୋଗୁ ଅତ୍ୟଧିକ ପରିମାଣର ନିୟାମକ ଆସେଟ ସମୂହର ଆବଶ୍ୟକୀୟ ଆର୍ଥିକ ରୂପାନ୍ତରଣ କରା ନଯାଇ ସେଗୁଡିକୁ ଅଧା/ଆଂଶିକ କାର୍ଯ୍ୟକ୍ଷମ ବା କାର୍ଯ୍ୟକ୍ଷମହୀନ ଭାବେ କେବଳ ବର୍ଷକୁ ବର୍ଷ ପକାଇ ରଖିବା କିମ୍ବା ବୋହାଇ ଚାଲିବା ଦ୍ୱାରା ଅନୁମତିଧାରୀମାନେ ଲାଭାଂଶ ପରିମାଣର ଫେରସ୍ତ ଉପଲବଧ୍ କରିପାରିଲେ ନାହିଁ। ସେମାନେ ସେମାନଙ୍କର ଅଂଶଧନ ଉପରେ ଲାଭାଂଶ ପରିମାଣ ଏବଂ ପୂର୍ବବର୍ଷମାନଙ୍କ ପାଇଁ ଲାଭାଂଶ ଫେରସ୍ତ ପରିମାଣକୁ ୨୦୧୦-୧୧ ଆର୍ଥିକବର୍ଷରେ ଏଆର୍‌ଆର୍ ଅନୁମତି ଦେବାକୁ ଦାବୀ କରିଛନ୍ତି। ଏହା ଦ୍ୱାରା ଉପଭୋକ୍ତା ସେବା ଉଦ୍ଦେଶ୍ୟରେ ଅତିରିକ୍ତ ଜମା ଉପଲବ୍ଧ ହୋଇ ପାରିବ। ତେଣୁ ବର୍ଦ୍ଧିତ ଲାଭାଂଶ ଫେରସ୍ତ ପରିମାଣ ସହ ଯଥାକ୍ରମେ ୧୨.୨୩ କୋଟି, ୯.୦୩ କୋଟି ଓ ୮.୧୧ କୋଟି ଟଙ୍କାର ଏକ ଯୁକ୍ତିସଂଗତ ଫେରସ୍ତ ପରମାଣକୁ ନେସ୍‌କୋ, ୱେସକୋ ଓ ସାଉଥକୋ ଅନୁମାନସିଦ୍ଧ କରିଛନ୍ତି।

## ଏଆରଆରର ସାରାଂଶ ଓ ରାଜସ୍ୱ ପାର୍ଥକ୍ୟ

୫୪. ଚାରୋଟି ଯାକ ବିତର୍କ କଂପାନୀ ପାଇଁ ପ୍ରସ୍ତାବିତ ରାଜସ୍ୱ ଆବଶ୍ୟକତାକୁ ନିମ୍ନ ସାରଣୀକୃତ ଫର୍ମାଟରେ ସ୍ଥାନିତ କରାଯାଇଛି ।

**ସାରଣୀ – ୧୭**

**୨୦୦୯-୧୦ ପାଇଁ ବଣ୍ଟନକାରୀ କମ୍ପାନୀମାନଙ୍କର ପ୍ରସ୍ତାବିତ ରାଜସ୍ୱ ଆବଶ୍ୟକତା**

**(କୋଟି ଟଙ୍କାରେ)**

| | ନେସ୍କୋ | ୱେସ୍କୋ | ସାଉଥ୍କୋ | ସେସୁ |
|---|---|---|---|---|
| **ଇ୍ୟୟ** | **ପ୍ରସ୍ତାବିତ** | **ପ୍ରସ୍ତାବିତ** | **ପ୍ରସ୍ତାବିତ** | **ପ୍ରସ୍ତାବିତ** |
| ଶକ୍ତି କ୍ରୟର ଦର | ୮୪୧.୫୭ | ୧୧୩୭.୫୦ | ୨୧୩.୮୫ | ୯୦୬.୩୯ |
| କର୍ମଚାରୀଙ୍କ ପାଇଁ ବ୍ୟୟ | ୨୩୨.୫୩ | ୨୫୦.୦୦ | ୧୭୨.୨୮ | ୪୩୩.୬୨ |
| ମରାମତି ଓ ରକ୍ଷଣାବେକ୍ଷଣ | ୧୨୬.୯୭ | ୧୦୯.୪୪ | ୧୦୬.୨୨ | ୧୩୩.୮୫ |
| ପ୍ରଶାସନିକ ଓ ସାଧାରଣ ବ୍ୟୟ | ୪୨.୨୦ | ୩୬.୫୫ | ୩୩.୭୪ | ୯୯.୨୨ |
| ମନ୍ଦ ଓ ସନ୍ଦେହଜନକ ଋଣ ବ୍ୟବସ୍ଥା | ୪୧.୨୧ | ୪୭.୬୩ | ୧୮.୨୦ | ୫୯.୧୩ |
| ମୂଲ୍ୟ ହ୍ରାସ | ୩୮.୪୭ | ୩୧.୯୨ | ୨୪.୪୫ | ୮୨.୩୪ |
| ଏସଡି ଉପରେ ଆଇଏନଟିକୁ ମିଶାଇ ରାଜସ୍ୱ ପ୍ରତି ଲାଗୁ କରାଯିବାକୁ ଥିବା ସୁଧ<br>Interest Chargeable to Revenue including INT on SD | ୬୧.୭୨ | ୫୬.୦୦ | ୪୬.୪୧ | |
| ଆର୍ଥିକ ମୂଲ୍ୟ Financing Cost | | | | ୮୦.୯୯ |
| ସମ୍ଭାବ୍ୟ ପରିସ୍ଥିତି ପାଇଁ ଆରକ୍ଷଣ<br>ଉକ୍ଷଭସ୍ୱସଭଶରଭମଛ ଜରସ୍ବରକ୍ସଙ୍ଖର | ୪.୦୧ | ୩.୩୫ | | |
| ସମୁଦାୟ | **୧୩୮୮.୬୭** | **୧୬୭୨.୪୧** | **୬୪୪.୬୨** | **୧୭୯୫.୫୩** |
| ଆଇନଗତ ନିୟନ୍ତ୍ରିତ ସମ୍ପତ୍ତିର ଭରଣା ଜନିତ ଆର୍ଥିକ ରୂପାନ୍ତରଣ<br>**Amortization of Regulatory Asset** | ୧୭୨.୯୫ | ୨୧୮.୨୬ | ୩୭୧.୪୪ | |
| ବିଗତ ବର୍ଷର କ୍ଷତି (ବାସ୍ତବାୟନ)<br>Past Losses(TRUING UP) | ୧୧୭.୨୧ | ୮୯.୮୯ | ୬୮.୫୨ | |
| ଲାଭାଂଶ ଫେରସ୍ତ | ୧୨.୨୩ | ୯.୦୩ | ୮.୧୧ | ୧୧.୬୪ |
| ସମୁଦାୟ ବଣ୍ଟନର ଦର | **୧୬୯୧.୦୬** | **୧୯୮୯.୫୯** | **୧୦୯୨.୬୮** | **୧୮୦୭.୧୭** |
| ଶକ୍ତି ବିକ୍ରୟ | ୧୦୮୧.୧୭ | ୧୩୪୫.୦୦ | ୩୮୬.୫୯ | ୧୧୮୨.୬୦ |
| ଅନ୍ୟାନ୍ୟ ରାଜସ୍ୱ | ୧୭.୩୦ | ୧୯.୭୫ | ୯.୭୬ | ୨୦.୨୭ |
| ସମୁଦାୟ | **୧୦୯୮.୪୭** | **୧୩୬୪.୭୫** | **୩୯୬.୩୫** | **୧୨୦୨.୮୭** |
| ପାର୍ଥକ୍ୟ (+/-) | (୫୯୨.୫୯) | (୬୨୪.୮୪) | (୬୯୬.୩୩) | (୬୦୪.୩୦) |

## ଟାରିଫ ପ୍ରସ୍ତାବ

୫୫. ନିମ୍ନ ସାରଣୀରେ ପ୍ରଦର୍ଶନ ମତେ ପାଇକାରୀ ଦରସୂଚୀରେ ବୃଦ୍ଧି ଘଟାଇ ରାଜସ୍ୱ ପାର୍ଥକ୍ୟକୁ କମାଇବାକୁ ପ୍ରସ୍ତାବ ରଖାଯାଇଛି ।

**ସାରଣୀ – ୧୮**

| | **ସେସୁ** | ନେସ୍କୋ | ୱେସ୍କୋ | ସାଉଥ୍କୋ |
|---|---|---|---|---|
| **ରାଜସ୍ୱ ପାର୍ଥକ୍ୟ ସହିତ ପ୍ରଚଳିତ ଶୁଳ୍କ**<br>Revenue Gap with existing Tariff | ୬୦୪.୩୦ | ୫୯୨.୫୯ | ୬୨୪.୮୪ | ୬୯୬.୩୩ |
| **ଅତିରିକ୍ତ ରାଜସ୍ୱ ସହିତ ପ୍ରସ୍ତାବିତ ଶୁଳ୍କ**<br>Excess Revenue with Proposed Tariff | ଦାଖଲ ହୋଇନାହିଁ | ୨୯୨.୪୮ | ୩୩୦.୦୦ | ୧୧୩.୧୨ |
| **ପ୍ରସ୍ତାବିତ ରାଜସ୍ୱ ପାର୍ଥକ୍ୟ** | - | ୩୦୦.୧୧ | ୨୯୪.୮୪ | ୫୮୩.୨୧ |

<u>ଅନୁମତିଧାରୀଙ୍କର ପ୍ରସ୍ତାବ ଅନୁଯାୟୀ ତାରିଫ ସନ୍ତୁଳନକରଣ :</u>

<u>'ସେସୁ'ର ପ୍ରସ୍ତାବ :</u>

ଏଚ୍‌ଟିରେ ଶକ୍ତି ଉପଲବ୍ଧ କରୁଥିବା ୭୦ କେଭିଏରୁ ଉର୍ଦ୍ଧ୍ୱ ଏବଂ ୧୧୦ କେଭିଏରୁ କମ କଣ୍ଟ୍ରାକ୍ଟ ଡିମାଣ୍ଡରେ ଅଧିକାଂଶ ଶିଳ୍ପ ସଂସ୍ଥା ୫୦ %ରୁ ଅଧିକ ଲୋଡ ଫାକ୍ଟର ସହ 'ପ୍ରୋସେସ ଶିଳ୍ପ ସଂସ୍ଥା' ଭାବରେ ବିଦ୍ୟୁତ ଶକ୍ତି ବ୍ୟବହାର କରୁଛନ୍ତି । ଏହି ଶିଳ୍ପଗୁଡିକ ଉଚ୍ଚତର ଲୋଡ ସଂଯୋଗ କରି ଅନବରତ ଭାବେ ୯୦ କିଲୋ ୱାଟରୁ ୧୦୦ କିଲୋ ୱାଟର ବ୍ୟବଧାନ ମଧ୍ୟରେ ସର୍ବାଧିକ ଚାହିଦା ରଖୁଛନ୍ତି; ସିଫଟ ନିର୍ଘଣ୍ଟସମୂହରେ ନିରବଚ୍ଛିନ୍ନ ଶକ୍ତି ବିଚ୍ଛୁରଣ ହୋଇ ଚାଲିଛି । କିନ୍ତୁ ତାହା ସତ୍ତ୍ୱେ ନିମ୍ନତର ଡିମାଣ୍ଡ ଚାର୍ଜର ସୁବିଧା ସୁଯୋଗ ଉପଭୋଗ କରୁଛନ୍ତି । ତେଣୁ, ୧୧୦ କେଭିଏରୁ ଉର୍ଦ୍ଧ୍ୱ କଣ୍ଟ୍ରାକଟ୍ ଡିମାଣ୍ଡରେ ଚାଲୁଥିବା ଶିଳ୍ପସଂସ୍ଥା ସମୂହ ସମ ସେହିସବୁ ଶିଳ୍ପସଂସ୍ଥାର ଡିମାଣ୍ଡ ଚାର୍ଜକୁ ବୃଦ୍ଧି କରିବାକୁ ସେସୁ ପ୍ରସ୍ତାବ ଦେଇଛି ।

(କ) ସିଷ୍ଟମ ଲୋଡକୁ ଚାପଗ୍ରସ୍ତ କରାଇ 'ବ୍ୟସ୍ତ ନିର୍ଘଣ୍ଟ'ମାନଙ୍କରେ ବହୁ ଶିଳ୍ପସଂସ୍ଥା 'ଅଧିକ ଶକ୍ତି ଆହରଣ' କରୁଛନ୍ତି । ତେଣୁ ଏଥିପାଇଁ ସେମାନଙ୍କ ଉପରେ କୌଣସି ଜୋରିମାନା ନ କରାଇ 'କୋହଳ ନିର୍ଘଣ୍ଟ' ପାଇଁ ଉଦ୍ଦିଷ୍ଟ କଣ୍ଟ୍ରାକ୍ଟ ଡିମାଣ୍ଡର ୧୨୦% ସୁବିଧା ସୁଯୋଗ ବ୍ୟବସ୍ଥିତ କରାଇବାର କୌଣସି ଯୌକ୍ତିକତା ନାହିଁ । ଏହା ଦ୍ୱାରା ବ୍ୟସ୍ତ ନିର୍ଘଣ୍ଟ ପିକ୍ ଆୱାରରୁ ଅଣ-ବ୍ୟସ୍ତ ନିର୍ଘଣ୍ଟ ବା ଅଫ-ପିକ ଆୱାରକୁ ଶକ୍ତି ପ୍ରବାହର ଦର୍ଶନ ପରାଜିତ ହୋଇଥାଏ ।

(ଖ) ସୋପାନୀକରଣ ସ୍ଲାବ୍ ତାରିଫର ୫୦% ରୁ ୬୦% ସ୍ଲାବକୁ ଉଠାଇ ଦିଆଯିବା ଉଚିତ; କାରଣ ଅନେକ ଶିଳ୍ପସଂସ୍ଥା ଅଫ-ପିକ୍ ଆୱାରରେ ଅଧିକ ଶକ୍ତି ଉଠାଣ କରୁଛନ୍ତି, ଯାହାକୁ କି ସମୁଦାୟ ଶକ୍ତି ଖର୍ଚ୍ଚ ମଧ୍ୟରେ ହିସାବକୁ ନିଆଯାଇଛି; ଏବଂ ଯାହାଦ୍ୱାରା ସେହି ଶିଳ୍ପସଂସ୍ଥାମାନେ ରିହାତି ତାରିଫ ଉପଲବ୍ଧି କରିବାକୁ ସମର୍ଥ ହୋଇଯାଉଛନ୍ତି ।

(ଗ) ଧାର୍ଯ୍ୟ ତାରିଖରେ ଦେୟ ନଦେଲେ ମାସିକ ୨ ୦ ଟଙ୍କା ହିସାବରେ ଜୋରିମାନା ଦଣ୍ଡ ଅନ୍ତର୍ଭୁକ୍ତ କରାଯିବା ଉଚିତ ।

(ଘ) ସର୍ବନିମ୍ନ ମାସିକିଆ ସ୍ଥିର ଦେୟ ପରିବର୍ତ୍ତେ ଏଚ୍‌ଟି ଶ୍ରେଣୀର ମଧ୍ୟମ ଧରଣର ଶିଳ୍ପସଂସ୍ଥାଙ୍କ ଭଳି ୧୦ କିଲୋୱାଟ ଏବଂ ତଦୁର୍ଦ୍ଧ୍ୱ କଣ୍ଟ୍ରାକ୍ଟ ଡିମାଣ୍ଡର ସବୁ କ୍ଷୁଦ୍ର ଓ ମଧ୍ୟମ ଏଲଟି ଶିଳ୍ପସଂସ୍ଥା ଡିମାଣ୍ଡ ଚାର୍ଜ ଦେବା ଉଚିତ ।

(ଙ) ଘରୋଇ ଶିକ୍ଷାନୁଷ୍ଠାନଗୁଡିକର ବ୍ୟବସାୟିକ ପରିଚାଳନାଗତ ପ୍ରକୃତି ଦୃଷ୍ଟିରୁ ସେମାନଙ୍କୁ ସୁନିର୍ଦ୍ଦିଷ୍ଟ ଭାବେ ସର୍ବସାଧାରଣଙ୍କ ଉଦ୍ଦେଶ୍ୟିତ ଶ୍ରେଣୀଠାରୁ ପୃଥକ କରିଦିଆଯିବା ଉଚିତ ।

(ଚ) ଯେଉଁ ଉପଭୋକ୍ତାମାନେ ପିକ ଆୱାରରେ ଓଭରଡ୍ରୟାଲ କରୁଛନ୍ତି, ସେମାନଙ୍କଠାରୁ ୧୨୦ ପ୍ରତିଶତର ଅଫ-ପିକ୍ ଆୱାରର ଓଭରଡ୍ରୟାଲ ବେନିଫିଟକୁ ପ୍ରତ୍ୟାହାର କରାଯିବା ଉଚିତ।

(ଛ) ଶିଳ୍ପ କାରଖାନାଗୁଡିକ ଦ୍ୱାରା କ୍ୟାପଟିଭ ଜେନେରେଟିଂ ପ୍ଲାଣ୍ଟ ବା ସିଜିପି ସଂଖ୍ୟାର ବୃଦ୍ଧି ଘଟୁଥିବାରୁ ଏବଂ ଯେଣୁ ମୁଚାଲିକା ଆବେଦନକାରୀ ସିଜିପିଗୁଡିକୁ ୨୪/୭ ସହାୟତା ଦେଉଛନ୍ତି; ସେହେତୁ ସେମାନଙ୍କୁ ଡିମାଣ୍ଡ ଚାର୍ଜ ଦେବାରୁ ମୁକ୍ତ କରିବା ଉଚିତ ନୁହେଁ।

(ଜ) ଉପଭୋକ୍ତାଙ୍କ ଘରକୁ ଯାଇ ଦେୟ ଆଦାୟ କରାଯିବ ଓ ଶକ୍ତି ବିଲ୍ ପ୍ରଦାନ କରାଯିବ। ଏଥିପାଇଁ ଆଦାୟକାରୀ ଏଜେଣ୍ଟଙ୍କୁ ନିଯୁକ୍ତି ଦିଆଯିବ ଓ ଆଦାୟ ଦେୟ ହିସାବରେ ଘର ପିଛା ଟ ୩୦.୦୦ ଦିଆଯିବ।

(ଝ) ଦ୍ରୁତ ସହରୀକରଣ ହୋଇ ଚାଲିଛି। ବଡ ବଡ ସୌଧ ଓ ବ୍ୟବସାୟିକ ହାଉସିଂ କମ୍ପ୍ଲେକ୍ସ ତିଆରି ହେଉଛି। ଗୋଟିଏ ସୌଧ ବା ଆପାର୍ଟମେଣ୍ଟରେ ବହୁ ପରିବାର ରହୁଛନ୍ତି। ତେଣୁ ସମସ୍ତଙ୍କ ପାଇଁ ପୃଥକ ମିଟରର ବ୍ୟବସ୍ଥା କରିବା ଓ ଦେୟ ଆସାୟ କରିବା କଷ୍ଟକର ବ୍ୟାପାର। ତେଣୁ 'ଏକକ ପଏଣ୍ଟ ବିଲିଂ ଓ ଦେୟ ଆଦାୟ' ପାଇଁ ସ୍ଥୁଳ ଯୋଗାଣ ଅଣ ଘରୋଇ ଉପଭୋକ୍ତାଙ୍କ ପାଇଁ ସ୍ୱତନ୍ତ୍ର ଶ୍ରେଣୀର ସୃଷ୍ଟି କରାଯାଇପାରେ।

(ଞ) ଶୀତଳ ଭଣ୍ଡାର ଥିବା ବୃହତ୍ ଶିଳ୍ପ କାରଖାନାଗୁଡିକ କୃଷି ଭିତ୍ତିକ ଶିଳ୍ପ ସଂସ୍ଥା, ମାନ୍ୟତାର ଶ୍ରେଣୀଭୁକ୍ତ ହେବା ପାଇଁ ଆବେଦନ କରିଛନ୍ତି। ଏହି ଦୃଷ୍ଟିରୁ ସେସୁ ସେମାନଙ୍କ 'ସଂଯୋଗିତ ଲୋଡ'ରେ ଏକ ଟୋପି ପିନ୍ଧାଇବାକୁ ପ୍ରସ୍ତାବ ଦେଇଛି। ଅର୍ଥାତ୍ ଏଲଟି ଉପଭୋକ୍ତାଙ୍କ ପାଇଁ ୨୦ କିଲୋ ୱାଟ ଓ ଏଚଟି ଉପଭୋକ୍ତାଙ୍କ ପାଇଁ ୩୦ କିଲୋୱାଟରୁ ଅଧିକ ଲୋଡ ପରିଗଣନା କରାଗଲେ ସେମାନଙ୍କ ଲୋଡ ସ୍ଥିତି ବିଦ୍ୟୁତ ବିଭାଗର ସନ୍ତୁଳିତ ସ୍ୱାର୍ଥ ଅନୁକୂଳ ହୋଇପାରିବ।

(ଟ) ସଂପ୍ରତି ସେସୁ ଅଧିନରେ ଥିବା ସବ୍‌ଷ୍ଟେସନଗୁଡିକ ଅତିବେଶୀରେ ୫ ଏମଭିଏ ଓ ତଦୁର୍ଦ୍ଧ୍ୱର ଶକ୍ତି ଶୈଳ୍ପିକ ଚାହିଦାକୁ ପୂରଣ କରିବାକୁ ସକ୍ଷମ ଅଟନ୍ତି। ତେଣୁ ଅନୁମତିଧାରୀ ପ୍ରସ୍ତାବ ଦେଇଛନ୍ତି ଯେ, ଏଚଟିରେ ୫ ଏମଭିଏ ଓ ତଦୁର୍ଦ୍ଧ୍ୱରୁ କୌଣସି ଅଧିକ ଚାହିଦା ହେଲେ ତାହାକୁ ଅତିରିକ୍ତ ଦେୟ ଭିତ୍ତିକ ସ୍କିମ ଶ୍ରେଣୀଭୁକ୍ତ କରାଯାଇପାରେ।

୫୬. ଉପଯୁକ୍ତ ଢାଞ୍ଚାରେ ରାଜ୍ୟ ସରକାରଙ୍କଠାରୁ ଅର୍ଥ ମଂଜୁର କରାଇ ବା ସବସିଡି ଆଣି, 'ସ୍ଥୁଳ ଯୋଗାଣ ଦରସୂଚୀ'ରେ ଦର ହ୍ରାସ କରାଇ, ପାଇକାରୀ ଯୋଗାଣ ଦରସୂଚୀରେ ଦର ବୃଦ୍ଧି କରାଇ ଏବଂ ଏଗୁଡିକର ସଂଯୋଗରେ ନେସ୍‌କୋ, ୱେସକୋ ଓ ସାଉଥକୋ ରାଜସ୍ୱ ପାର୍ଥକ୍ୟକୁ ଭରଣା କରିବାକୁ ଆୟୋଗଙ୍କୁ ପ୍ରସ୍ତାବ ଦେଇଛନ୍ତି।

## <u>ଦରସୂଚୀ ନିର୍ଦ୍ଧାରଣରେ ସନ୍ତୁଳନର ଉପାୟ ସମୂହ ଏବଂ ନେସ୍‌କୋ, ୱେସକୋ ଓ ସାଉଥ୍‌କୋର ପ୍ରସ୍ତାବ ସମୂହ :</u>

### <u>ଧାର୍ଯ୍ୟ -ଚାହିଦା ଦେୟସମୂହରୁ ଭରଣା</u>

୫୭. ଉଚ୍ଚ ସରବରାହ ବା ଏଚଟିରେ ୧୧୦ କେଭିଏରୁ ଉର୍ଦ୍ଧ୍ୱ କଣ୍ଟ୍ରାକ୍ଟ ଡିମାଣ୍ଡ ଥିବା ଉପଭୋକ୍ତାଙ୍କ ସହ ୭୦ କେଭିଏ ଓ ତଦୁର୍ଦ୍ଧ୍ୱ ଏବଂ ୧୧୦ କେଭିଏରୁ କମ କଣ୍ଟ୍ରାକ୍ଟ ଡିମାଣ୍ଡର ଉପଭୋକ୍ତାଙ୍କ ପାଇଁ ସମତୁଲ୍ୟ ଡିମାଣ୍ଡ ଚାର୍ଜ ବସାଇବାକୁ ନେସ୍‌କୋ, ୱେସ୍‌କୋ ଓ ସାଉଥ୍‌କୋ ପ୍ରସ୍ତାବ ଦେଇଛନ୍ତି। ' ନିମ୍ନ ଶକ୍ତି ଫାକ୍ଟର'କୁ ସୀମାବଦ୍ଧ କରିବା ପାଇଁ ଏବଂ କେଭିଏ ଚାହିଦାର ଉଚ୍ଚତର ଉଠାଣ ଉଦ୍ଦେଶ୍ୟରେ ଭରଣା ପାଇଁ କିଲୋୱାଟ ପରିବର୍ତ୍ତେ କେଭିଏ ଟର୍ମରେ ଏଲଟି ଇଣ୍ଡଷ୍ଟିଆଲ (ଏସ୍)ଏଲ.ଟି ଇଣ୍ଡଷ୍ଟିଆଲ(ଏମ୍) ଓ ସାଧାରଣ ଜଳଯୋଗାଣ କାର୍ଯ୍ୟାଳୟ ପାଇଁ ମାସିକିଆ ସର୍ବନିମ୍ନ ଧାର୍ଯ୍ୟ ଦେୟ ଦର/ଚାହିଦା ଦେୟ ଦର ଧାର୍ଯ୍ୟ କରିବାକ ବଂଟନକାରୀ କଂପାନିମାନେ ଆୟୋଗଙ୍କୁ ପରାମର୍ଶ ଦେଇଛନ୍ତି।

(୫୮) ସଂପ୍ରତି ରିଲିଆନ୍ସ ପରିଚାଳିତ ବଣ୍ଟନକାରୀ କଂପାନୀମାନଙ୍କ ପାଇଁ ମାସିକିଆ ସର୍ବନିମ୍ନ ଧାର୍ଯ୍ୟ ଦେୟ ଦର ଆନୁମାନିକ ୪୯୦.୬୦ କୋଟି ଟଙ୍କା ହୋଇଥିବା ବେଳେ 'ଧାର୍ଯ୍ୟ ବଣ୍ଟନ ଦର' ପାଖାପାଖି ୧୨୬୭.୩୦ କୋଟି ଟଙ୍କା। ସେଗୁଡିକୁ ସମତୁଲ କରିବାକୁ ଅନୁମତିଧାରୀମାନେ ଉପଯୁକ୍ତ ଭାବରେ ଧାର୍ଯ୍ୟ କିମ୍ବା ଡିମାଣ୍ଡ ଚାର୍ଜକୁ ସଂଶୋଧନ କରିବାକୁ ପ୍ରସ୍ତାବ ଦେଇଛନ୍ତି।

**<u>କ୍ୟାପଟିଭ୍ ପାୱାର ପ୍ଲାଣ୍ଟ ସମୂହ ଦ୍ୱାରା ଡିମାଣ୍ଡ ଚାର୍ଜ ପ୍ରଦାନ ସଂପର୍କରେ......</u>**

୫୯. ରାଜ୍ୟରେ ଦ୍ରୁତ ଶିଳ୍ପାୟନ ହୋଇ ଚାଲିଛି। ପ୍ରାୟ ସବୁ ଶିଳ୍ପସଂସ୍ଥା ସେମାନଙ୍କର ନିଜସ୍ୱ ସିଜିପି ପ୍ରତିଷ୍ଠା କରିଚାଲିଛନ୍ତି। ତେଣୁ, ପ୍ରାରମ୍ଭିକ ବିଦ୍ୟୁତ ଶକ୍ତି ପାଇଁ 'ଶକ୍ତି ଦେୟ ଦର' ସହିତ କେଭିଏ ପ୍ରତି ୧୦୦ ଟଙ୍କାର 'ସ୍ଥିର ଦର'ର ଅନ୍ତର୍ଭୁକ୍ତିକରଣ ଜନିତ ଦୁଇ ଅଂଶ ତାରିଫ ବା ଟୁ ପାର୍ଟ ତାରିଫର ପ୍ରବର୍ତ୍ତନ ପାଇଁ ତିନି ଅନୁମତିଧାରୀ ପ୍ରସ୍ତାବ ଦେଇଛନ୍ତି। ସେହିପରି, ଅନୁମତିଧାରୀମାନେ ଉପସ୍ଥାପନ କରିଛନ୍ତି ଯେ, ଯଦି ଅତ୍ୟାବଶ୍ୟକୀୟ ଓ ଅପରିହାର୍ଯ୍ୟ ଲୋଡ ଆବଶ୍ୟକତା ୧୦ ପ୍ରତିଶତ ଲୋଡ ଫାକ୍ଟରକୁ ବଳେଇଯାଏ, ତେବେ ସିଜିପମାନେ ପ୍ରଚଳିତ ଶିଳ୍ପସଂସ୍ଥା ତାରିଫ ଅନୁରୂପ ଦେୟ ଦେବେ।

**<u>ତାରିଫ ସଂରଚନରେ ପ୍ରରିବର୍ତ୍ତନ</u>**

୬୦. କମ ବିଦ୍ୟୁତ ଶକ୍ତି ଉପଯୋଗ କରୁଥିବା ବିଦ୍ୟୁତ ସାମଗ୍ରୀ ସମୂହର ଉଦ୍ଭାବକ ଓ ବଜାରକୁ ଆଗମନ ପରେ ଏବଂ ତା'ସହ ମଧ୍ୟମ ଆୟ ସଂପନ୍ନ ଲୋକଙ୍କ ଆର୍ଥିକ ସ୍ଥିତିରେ ଅଭିବୃଦ୍ଧି ଆସିଥିବା ଯୋଗୁ ତିନି ରିଲିଆନ୍ସ ପରିଚାଳିତ କଂପାନୀ ୧ମ ଘରୋଇ ସ୍ଲାବକୁ ୦-୧୦୦ ୟୁନିଟରୁ ୦-୫୦ ୟୁନିଟକୁ କମାଇ ଦେବାକୁ ପ୍ରସ୍ତାବ ଦେଇଛନ୍ତି।

୬୧. ଅଫ-ପିକ ଆୱାରର ପାରିତୋଷିକ ଓ ଅନୁମତିପ୍ରାପ୍ତ ପରିମାଣଠାରୁ ଅଧିକ ଶକ୍ତି ଉଠାଣର ସୀମା ଜନିତ ଏକ ସଙ୍ଗରେ ଦୁଇଟି ସୁବିଧା ଦୃଷ୍ଟିରୁ, ସକାଳ ୧୦ ଟାରୁ ସଂଧ୍ୟା ୬ ଟା ମଧ୍ୟରେ ସମୟ ନିର୍ଘଣ୍ଟ ଏବଂ କରାଯିବାକୁ ଥିବା ତଜ୍ଜନିତ କଂପ୍ୟୁଟରୀକରଣ ସଂପର୍କରେ ପୁନର୍ବାର ସ୍ୱଷ୍ଟିକରଣର ଆବଶ୍ୟକତା ଅଛି। ଅଧିକନ୍ତୁ, ରାଜ୍ୟରେ ବିଦ୍ୟୁତ ଶକ୍ତିର ନିଅଣ୍ଟିଆ ପରିସ୍ଥିତି ଯୋଗୁ ଉଭୟ ବେନିଫିଟକୁ ପ୍ରତ୍ୟାହାର କରିନିଆଯିବା ଉଚିତ।

୬୨. ରିଲିଆନ୍ସ ପରିଚାଳିତ କଂପାନୀମାନେ ଦର୍ଶାଇଥିଲେ ଯେ, ଯେହେତୁ ସବୁ ଅନାଦାୟ ପରମାଣ ପାଇଁ ଗ୍ରୀଡକୋକୁ ଡିପିଏସ୍ ଦେବା ଯୋଗ୍ୟ ଥିଲା, ତେଣୁ ସବୁ ଶ୍ରେଣୀର ଉପଭୋକ୍ତା ଡିପିଏସ୍ ଜୋରିମାନା ଦେବା ପାଇଁ ବାଧ୍ୟ ହେବା ଉଚିତ।

୬୩. ପଦ୍ଧତିର ଉଚ୍ଚତର କେଭିଏ ଲୋଡିଂ ଏବଂ ଉଚ୍ଚ ପରମାଣର ଲାଇନ କ୍ଷତିକୁ ପରିହାର କରିବାକୁ ସବୁ ତିନି ଫେଜ ଉପଭୋକ୍ତାଙ୍କ ସକାଶେ କେଭିଏଏଚ୍ ବିଲିଂର ପ୍ରବର୍ତ୍ତନ ପାଇଁ ତିନି ଅନୁମତିଧାରୀ କଂପାନୀ ପ୍ରସ୍ତାବ ଦେଇଥିଲେ।

ଚଳିତ ବର୍ଷର ପ୍ରଥମ ୬ ମାସ ପାଇଁ ୱେସକୋ ଓ ସାଉଥକୋ କ୍ଷେତ୍ରରେ 'ଲକ୍ଷ ୟୁନିଟ'ରେ କେଡବ୍ଲ୍ୟୁଏଚ୍ ଏବଂ କେଭିଏଏଚ୍ ମଧ୍ୟରେ ୟୁନିଟ ପାର୍ଥକ୍ୟ ନିମ୍ନ ପ୍ରକାରରେ ପ୍ରଦାନ କରାଗଲା।

| ୱେସକୋ (ଲକ୍ଷ ୟୁନିଟ) | ସାଉଥକୋ (ଲକ୍ଷ ୟୁନିଟ) |
|---|---|
| ଇଏଚ୍‌ଟି - ୩୦.୪୭ | --- |

ଏଚ୍‌ଟି - ୨୯.୪୭ ---

ଏଲଟି - ୨.୬୭ ---

ସମୁଦାୟ - ୬୨.୬୧ ୩.୮ (ଲକ୍ଷ ୟୁନିଟ)

୬୪. କେଭିଏଏଚ୍ ବିଲିଂ ଲାଗୁ ହେବା ପର୍ଯ୍ୟନ୍ତ ନିର୍ଦ୍ଦିଷ୍ଟ ଶ୍ରେଣୀର ଉପଭୋକ୍ତାଙ୍କ ଉଦ୍ଦେଶ୍ୟରେ ପାୱାର ଫ୍ୟାକ୍ଟର ଜୋରିମାନା ଓ ପ୍ରୋତ୍ସାହନ ରାଶିର ପ୍ରୟୋଗ ପାଇଁ ଅନୁମତିଧାରୀମାନେ ପ୍ରସ୍ତାବ ଦେଇଛନ୍ତି।

**ସାରଣୀ - ୧୯**

| | |
|---|---|
| | ଏଲ୍.ଟି. ଶ୍ରେଣୀ<br>**LT Category** |
| ୧ | ଏଲଟି ଇଣ୍ଡଷ୍ଟ୍ରିଆଲ (ଏମ) ସପ୍ଲାଏ<br>L.T. Industrial (M) Supply |
| ୨ | ପବ୍ଲିକ୍ ୱାଟର ୱାର୍କସ ଏବଂ ସେୱରେଜ ପମ୍ପିଙ୍ଗ >୨୨ କେଭିଏ<br>Public Water Works and Sewerage Pumping >22 KVA |
| | ଏଚ.ଟି. ଶ୍ରେଣୀ<br>**HT Category** |
| ୩ | ବିନିର୍ଦ୍ଦିଷ୍ଟ ସ୍ପେସିଫାୟଡ୍ ସାଧାରଣ ଉଦ୍ଦେଶ୍ୟ<br>Specified Public Purpose |
| ୪ | ସାଧାରଣ ଉଦ୍ଦେଶ୍ୟ [ ୧୧୦ କେଭିଏ<br>General Purpose < 110 KVA |
| ୫ | ଏଚଟି ଇଣ୍ଡଷ୍ଟ୍ରିଆଲ (ଏମ) ସପ୍ଲାଏ<br>H.T. Industrial (M) Supply |

୬୫. ତିନି ଅନୁମତିଧାରୀ କଂପାନୀ ପ୍ରସ୍ତାବ ଦେଇଛନ୍ତି ଯେ, ମଧ୍ୟମ ଧରଣର ଶିଳ୍ପସଂସ୍ଥା ପାଇଁ ସାଧାରଣ ଉଦ୍ଦେଶ୍ୟରେ ପ୍ରୟୋଗିତ ଟାରିଫ ସମତୁଲ୍ୟ ଟାରିଫର ବିବେଚନା କରାଯିବା ଉଚିତ, ଯାହା ଫଳରେ ଏଚ୍‌ଟିର ଟାରିଫର ସୁବିଧା ସୁଯୋଗ ଉପଲବ୍ଧ କରିବାକୁ ଏଚଟିରେ ବିଦ୍ୟୁତ ସଂଯୋଗ ନେବାକୁ ପରୋକ୍ଷରେ ଏହା ସେମାନଙ୍କୁ ପ୍ରୋତ୍ସାହିତ କରିବ । ଏହା ଦ୍ୱାରା ନିମ୍ନ ଶକ୍ତି ସଂପନ୍ନ ସରବରାହ ବା ଏଲ୍‌ଟି ବୈଷୟିକ କ୍ଷତିର ହ୍ରାସ ଘଟିବ।

**<u>ଲୋଡ ଫାକ୍ଟର ପାରିତୋଷିକର ପରିହାର୍ଯ୍ୟତା ଏବଂ ୧୨୦ % ଓଭରଡ୍ରାୟାଲ ବେନିଫିଟ :</u>**

୬୬. ରାଜ୍ୟ ଶକ୍ତି ସଂକଟ ଦେଇ ଗତି କରୁଥିବାବେଳେ ସବୁ ରିଲିଆନ୍ସ ପରିଚାଳିତ ବଣ୍ଟନକାରୀ କଂପାନୀ ଲୋଡ ଫାକ୍ଟର ପାରିତୋଷିକତାକୁ ପରିହାର କରିବାକୁ ଯୁକ୍ତି ଦର୍ଶାଇଛନ୍ତି। ସେମାନେ କହିଛନ୍ତି ଯେ, ରାଜ୍ୟରେ ଶକ୍ତି ବଳକା ରହୁଥିବା ପରିସ୍ଥିତିରେ ଅଫ ପିକ୍ ଆୱାରର ଲୋଡ ଫାକ୍ଟର ପାରିତୋଷିକ ଓ ୧୨୦% ଓଭରଡ୍ରାୟାଲ

ବେନିଫିଟକୁ ଅନୁମତି ଦିଆଯାଇଛି, କିନ୍ତୁ ସାଂପ୍ରତିକ ସମୟରେ ତାହା ପ୍ରାସଙ୍ଗିକତା ହରାଇଛି। ତେଣୁ ତାହାକୁ ପରିହାର କରାଯିବା ଉଚିତ।

## ୧୧୦ କେଭିଏରୁ କମ 'ଚୁକ୍ତି ଭିତ୍ତିକ ଚାହିଦା'ର ଉପଭୋକ୍ତାଙ୍କ ପାଇଁ ମାସିକିଆ ସର୍ବନିମ୍ନ ଧାର୍ଯ୍ୟ ଦେୟ - ଦର :

୬୭. ପାଖାପାଖି ଚିହ୍ନିତ ୦.୫ କିଲୋ ୱାଟ ଲିପିବଦ୍ଧ ଡିମାଣ୍ଡ ପରିବର୍ତ୍ତେ 'କଣ୍ଟ୍ରାକ୍ଟ ଡିମାଣ୍ଡ' କିମ୍ବା 'ସର୍ବାଧିକ ଡିମାଣ୍ଡ'ର ଦରରେ ୧୧୦ କେଭିଏରୁ କମ କଣ୍ଟ୍ରାକ୍ଟ ଡିମାଣ୍ଡର ଉପଭୋକ୍ତାଙ୍କ ପାଇଁ ମାସିକିଆ ସର୍ବନିମ୍ନ ଧାର୍ଯ୍ୟ ଦେୟ-ଦର ଲାଗୁ କରିବାକୁ ୱେସକୋ , ସାଉଥକୋ ଏବଂ ନେସକୋ ପ୍ରସ୍ତାବ ଦେଇଛନ୍ତି।

## ସେବା ସଂଯୋଗ ଦର

୬୮. ଜଣେ ନୂଆ ଉପଭୋକ୍ତାଙ୍କୁ ନୂଆ ସେବା ସଂଯୋଗ ଦେବାରେ ଯେଉଁ ସହାୟକ ବୈଦ୍ୟୁତିକ ଓ ଆନୁଷଙ୍ଗିକ ସମାଗ୍ରୀସମୂହ ଓ ଶ୍ରମ ଆବଶ୍ୟକ ପଡେ, ସଂପ୍ରତି ତା'ର ଦାମ ସବୁ ବଢିଯାଇଛି, ଯାହା ଉପଭୋକ୍ତାଙ୍କ ଠାରୁ ଆଦାୟ କରାଯାଉଥିବା ଦେୟ ଦରର ପରିମାଣଠାରୁ ଯଥେଷ୍ଟ ବେଶୀ। ତେଣୁ, ନୂଆ ଉପଭୋକ୍ତାଙ୍କଠାରୁ ସେବା ସଂଯୋଗ ବାବଦକୁ ଆଦାୟ କରାଯାଉଥିବା ଦେୟ-ଦର ଟ୫୦୦/-ରୁ ବଢାଇ ଟ୧,୦୦୦/- କରାଯିବାକୁ ତିନି ରିଲିଆନ୍ସ ପରିଚାଳିତ କଂପାନୀ ପ୍ରସ୍ତାବ ଦେଇଛନ୍ତି।

## ମିଟର ପାଇଁ ସିକ୍ୟୁରିଟି ଡିପୋଜିଟ

୬୯. ମିଟରଭଡା ଉଠାଇ ଦେବାକୁ ଅନୁମତିଧାରୀମାନେ ଆୟୋଗଙ୍କୁ ଅନୁରୋଧ କରିଛନ୍ତି। ତା'ସହ ଅନୁମତିଧାରୀଙ୍କ ଦ୍ୱାରା ଯୋଗାଇ ଦିଆଯାଇଥିବା ମିଟରର ପୂରା ଦାମ ଉପଭୋକ୍ତାମାନେ ବହନ କରିବାକୁ ଆୟୋଗ ସେମାନଙ୍କୁ ଅନୁରୋଧ କରିବାକୁ ଅନୁମତିଧାରୀମାନେ କହିଛନ୍ତି। ଆୟୋଗଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ବର୍ତ୍ତମାନର ସିକ୍ୟୁରିଟି ଜମା ବାକିଆ ବିଲର ଆଡଜେଷ୍ଟମେଣ୍ଟ ଉଦ୍ଦେଶ୍ୟରେ ଅନୁମତିଧାରୀଙ୍କ ନିକଟରେ ରଖାଯାଇଛି। ଏହି ଦୃଷ୍ଟିରୁ ମିଟରର କ୍ରୟ ଦର ପରିମାଣର ସମତୁଲ୍ୟ ପରିମାଣ ଅର୍ଥ ସିକ୍ୟୁରିଟି ଜମା ଉଦ୍ଦେଶ୍ୟରେ ଅନୁମୋଦନ କରିବାକୁ ଅନୁମତିଧାରୀମାନେ ଆୟୋଗଙ୍କ ନିକଟରେ ମତ ଉପସ୍ଥାପନ କରିଛନ୍ତି।

## ପରିଦର୍ଶନ ଦେୟ

୭୦. ତିନି ଅନୁମତିଧାରୀ କଂପାନୀ ଦର୍ଶାଇଥିଲେ ଯେ, ସେବା ସଂଯୋଗସମୂହର ବାର୍ଷିକ ପରିଦର୍ଶନ ଦେୟ ସ୍ୱତନ୍ତ୍ର ଭାବେ ଉପଭୋକ୍ତାଙ୍କଠାରୁ ସଂଗ୍ରହ କରାଯାଇ ଆଦାୟ ଆଧାରରେ ସରକାରଙ୍କ ନିକଟରେ ଜମା ଦିଆଯାଇପାରେ। ପୁନଶ୍ଚ, ସେମାନେ କହିଥିଲେ ଯେ , ଲାଇନ ଓ ସବଷ୍ଟେସନ ଉଦ୍ଦେଶ୍ୟରେ ବାର୍ଷିକ ପରିଦର୍ଶନ ଦେୟ ୨୦୧୦-୧୧ ଆର୍ଥିକ ବର୍ଷର ଏଆର୍‌ଆର୍ ଜରିଆରେ ପାଶ କରାଯାଇପାରେ। ପୂର୍ବ ପରିଦର୍ଶନ ଦେୟ ସମୂହ ଯେଣୁ ଉପଭୋକ୍ତାଙ୍କଠାରୁ ଆଦାୟ କରିବାରୁ ସରକାର କ୍ଷାନ୍ତ ରହିବାକୁ ସରକାରଙ୍କୁ ଆୟୋଗ ସୁପାରିଶ କରିବାକୁ ଅନୁମତିଧାରୀମାନେ ଆୟୋଗଙ୍କୁ ଅନୁରୋଧ କରିଛନ୍ତି।

## ଉଠାଜଳସେଚନ ପଏଣ୍ଟଗୁଡିକର ବିଲିଂ

୭୧. ପ୍ରାୟତଃ ଜନବସତିଗୁଡିକଠାରୁ ଦୂରବର୍ତ୍ତୀ ସ୍ଥାନମାନଙ୍କରେ ଉଠାଜଳସେଚନ ପଏଣ୍ଟଗୁଡିକ ସ୍ଥାନିତ ହୋଇଥାଏ। ସାଧାରଣତଃ ବର୍ଷା ଋତୁରେ ମିଟରଗୁଡିକ କମ ସକ୍ରିୟ ରହେ ଓ ମୁଖ୍ୟତଃ ବର୍ଷାଋତୁ ଆରମ୍ଭରେ

ମିଟରଗୁଡିକୁ ଟେମ୍ପରିଂ କରିଦିଆଯାଏ। ଏହି କାରଣରୁ ବର୍ଷର ଅନ୍ୟ ଶୁଷ୍କ ଋତୁମାନଙ୍କରେ ମିଟର ରିଡିଂ କରାଗଲେ ତାହା ବର୍ଷାଋତୁର ରିଡିଂ ଆଧାରରେ ହିଁ ହୋଇଥାଏ। ଏହା ଦ୍ୱାରା ଅନୁମତିଧାରୀଙ୍କର ଯଥେଷ୍ଟ କ୍ଷତି ହୋଇଥାଏ। ଏହି ଦୃଷ୍ଟିରୁ, ଅନୁମତିଧାରୀମାନେ ଆୟୋଗଙ୍କୁ ଅନୁରୋଧ କରିଛନ୍ତି ଯେ, ଉଠାଜଳସେଚନ ପଏଣ୍ଟ ଉପଭୋକ୍ତାମାନେ କୌଣସି ପ୍ରକାର କ୍ଷତିରୁ ବି ମିଟରଗୁଡିକୁ ନିଜେ ସୁରକ୍ଷିତ ରଖନ୍ତୁ; ଏବଂ ମିଟର ତ୍ରୁଟିଯୁକ୍ତ ହେଲେ, ବର୍ଷାଋତୁ ବାଦ ବର୍ଷର ଅନ୍ୟ ଶୁଷ୍କ ଋତୁ (ଚଳିତ ବର୍ଷର ଅକ୍ଟୋବରରୁ ପରବର୍ତ୍ତୀ ବର୍ଷର ଏପ୍ରିଲ) ପାଇଁ ଏଚ୍‌ପି ପିଛା ମାସିକ ଟ ୪୦୦ /-(ସବୁ ଉପଭୋକ୍ତାଙ୍କ ପାଇଁ ସମାନ ଦର ହାର)ଏକ ତାରିଫ ସେହି ଉଠାଜଳ ସେଚନ ପଏଣ୍ଟ ଉପଭୋକ୍ତାଙ୍କ ଉପରେ ଲାଗୁ କରାଯିବ ଉଚିତ।

## ରିହାତି

୭୨. ଘରୋଇ ବ୍ୟବହାର, ସାଧାରଣ ଉଦ୍ଦେଶ୍ୟିତ ବ୍ୟବହାର, ଜଳସେଚନ ଓ କ୍ଷୁଦ୍ରଶିଳ୍ପମାନଙ୍କ ବାଦ ଆଉ ସବୁ ଶ୍ରେଣୀର ଉପଭୋକ୍ତା ବିଲ୍ ପାଇବାର ୩ ଦିନ ମଧ୍ୟରେ ଯଦି ଦେୟ ପ୍ରଦାନ କରନ୍ତି, ତେବେ ସେମାନଙ୍କୁ ରିହାତି ପାଇବାର ଅନୁମତି ଦିଆଯିବ ଏବଂ ଅନ୍ୟମାନଙ୍କ ପାଇଁ ଏହି ସମୟ ସୀମା ୩ ଦିନ ପରିବର୍ତ୍ତେ ୧୫ ଦିନ ହେବ। ୩ କାର୍ଯ୍ୟ ଦିବସ ମଧ୍ୟରେ'ଆଂଶିକ ପେମେଣ୍ଟ 'କୁ ମିଶାଇ ବିଏସ୍‌ଟି ବିଲ୍‌ର ଆଶୁ ପେମେଣ୍ଟ ପାଇଁ ଅନୁମତିଧାରୀମାନଙ୍କୁ ୨%ର ରିହାତି ଅନୁମୋଦନ କରିବାକୁ ଅନୁମତିଧାରୀମାନେ ଆୟୋଗଙ୍କ ସମକ୍ଷରେ ପ୍ରାର୍ଥନା କରିଛନ୍ତି। ଯଦି ରିହାତି ତାରିଖର ୩ ଦିନ ପରେ ବିଏସଟି ବିଲ ଦିଆଯାଏ, ତେବେ ରିହାତିର ହାରକୁ ଆନୁପାତିକ ଭାବରେ ଅନୁମତି ଦିଆଯିବ। ଅର୍ଥାତ୍ ମାସର ୩୦ ତମ ଦିନରେ ପ୍ରଦତ୍ତ ପେମେଣ୍ଟ ଉପରେ ୧% ରିହାତି ମିଳିବ।

## ଓଇଆରସି ଅନୁମୋଦିତ ପରିମାଣ (ଲକ୍ଷ ୟୁନିଟ)/(ଏମଭିଏ)ଠାରୁ ଉର୍ଦ୍ଧ୍ୱର ଶକ୍ତି ଉଠାଣ ପାଇଁ ଜୋରିମାନା :

୭୩. ସବୁ ରିଲିଆନ୍ସ ପରିଚାଳିତ ବଣ୍ଟନକାରୀ କଂପାନୀ ଦର୍ଶାଇଥିଲେ ଯେ, ସମୁଦାୟ ଶକ୍ତିର ଦାମ ଏକ 'ପାସ ଥ୍ରୋ ଆଇଟମ ଅର୍ଥାତ୍ ସ୍ଥୁଳ ଯୋଗାଣକାରୀ , ବଣ୍ଟନକାରୀ କଂପାନୀ ଓ ଉପଭୋକ୍ତାଙ୍କ ମଧ୍ୟରେ ସରବରାହର ଏକ ଆଇଟମ ଏବଂ ବଣ୍ଟନକାରୀ କଂପାନୀମାନଙ୍କର ଓଭରଡ୍ରୟାଲ ଯୋଗୁ ଅତିରିକ୍ତ ଶକ୍ତିର ଦାମ ବଣ୍ଟନକାରୀ କଂପାନୀଙ୍କଠାରୁ ଭରଣାଯୋଗ୍ୟ ଅଟେ; ଏବଂ ଯଦି ପ୍ରକୃତ ଡିମାଣ୍ଡ (ଏମଭିଏ )'୧୦% ଦ୍ୱାରା ଅଧିକ ହୋଇଥାଏ, ତେବେ ଡିମାଣ୍ଡ ଚାର୍ଜ ସମୂହର ପେମେଣ୍ଟ ଆବଶ୍ୟକ ନାହିଁ।

## ଗ୍ରୀଡକୋ ଏବଂ ଓପିଟିସିଏଲର ପରିଚାଳନା ସଂପର୍କିତ ଦ୍ୱନ୍ଦ:

୭୪. ଗ୍ରୀଡକୋ ଏବଂ ଓପିଟିସିଏଲ ମଧ୍ୟରେ ସାଧୀନ, ସ୍ୱତନ୍ତ୍ର ଓ ସ୍ପଷ୍ଟଭାବେ ପୃଥକ ପରିଚାଳନା ସଂପର୍କରେ ନେସକୋ, ଓ୍ୱେସକୋ ଓ ସାଉଥକୋ ଆୟୋଗଙ୍କୁ ପ୍ରାର୍ଥନା କରିଛନ୍ତି। ଜମା ଉପଲବ୍ଧତାକୁ ବିଚାରକୁ ନେଇ ଓପିଟିସିଏଲ କିମ୍ବା ଗ୍ରୀଡକୋକୁ ପେମେଣ୍ଟ ପ୍ରଦାନ ଜନିତ ବଣ୍ଟନକାରୀ କଂପାନୀଙ୍କର ପସନ୍ଦକୁ ଅନୁମତି ଦେବାକୁ ସେମାନେ ପୁନର୍ବାର ଆୟୋଗଙ୍କୁ ଅନୁରୋଧ କରିଛନ୍ତି।

## ତାରିଫ ସିଡ୍ୟୁଲ

**୭୫. ସେସୁ ଓ ତିନି ରିଲିଆନ୍ସ ପରିଚାଳିତ ବଣ୍ଟନକାରୀ କଂପାନୀ ନିମ୍ନ ପ୍ରଦତ୍ତ ସାରଣୀରେ ଉଲ୍ଲେଖ ପ୍ରକାରରେ ସେମାନଙ୍କର ସ୍ୱତନ୍ତ୍ର ତାରିଫ ସିଡ୍ୟୁଲର ପ୍ରସ୍ତାବ ଦେଇଛନ୍ତି।**

**ସାରଣୀ – ୨୦**

## ୧, ଏପ୍ରିଲ, ୨୦୧୦ରୁ ସେସୁ ଦ୍ୱାରା ପ୍ରସ୍ତାବିତ ଖୁଚୁରା ବିଦ୍ୟୁତ ଯୋଗାଣର ଦରସୂଚୀ ତାଲିକା

ଜରଞ୍ଚଇଓଖ ୟଟଚଚଖଣ ଞ୍ଚଇଜଓରର ରରରରଉଞ୍ଚଓଠର ରଜଙଂଗ ୧ୱ୍ୱ ଇଚଜଓଖ' ୨୦୧୦ ଚଜଙଂଚଙଂୟରଉ ଈଣ ଉରୟଟ

| କ୍ର:ସଂ | ଗ୍ରାହକଙ୍କର ପ୍ରକାର | ବିଦ୍ୟୁତ ଯୋଗାଣର ଭୋଲ୍‌ଟେଜ | ଡିମାଣ୍ଡ ଚାର୍ଜ (ଟଙ୍କା/ କିଲୋହ୍ୱାଟ/ ମାସ) (ଟଙ୍କା / କେଭିଏ / ମାସ) Demand Charge (Rs./KW/ Month)/ (Rs./KVA/ Month) | ଶକ୍ତି ଦେୟ (ପଇସା /କିଲୋହ୍ୱାଟ) Energy Charge (P/kWh) | ଗ୍ରାହକ ସେବା ଋର୍ଜ (ଟଙ୍କା/ମାସ) Customer Service Charge (Rs./Month) | ପ୍ରଥମ କିଲୋହ୍ୱାଟ କିମ୍ବା ଅଂଶବିଶେଷ (ଟଙ୍କା)ପାଇଁ ମାସିକିଆ ସର୍ବନିମ୍ନ ନିର୍ଦ୍ଧାରିତ ଦର Monthly Minimum Fixed Charge for first KW or part (Rs.) | କୌଣସି ଅତିରିକ୍ତ କିଲୋହ୍ୱାଟ କିମ୍ବା ଅଂଶବିଶେଷ (ଟଙ୍କା) ପାଇଁ ମାସିକିଆ ନିର୍ଦ୍ଧାରିତ ଦର Monthly Fixed Charge for any additional KW or part (Rs.) | ରିହାତି (ପଇସା/ କିଲୋହ୍ୱାଟ) ଡିପିଏସ Rebate (P/kWh)/ DPS |
|---|---|---|---|---|---|---|---|---|
| | ଏଲ୍‌ଟି ଶ୍ରେଣୀ | | | | | | | |
| ୧ | ଘରୋଇ | | | | | | | |
| ୧ (କ) | କୁଟୀରଜ୍ୟୋତି <୩୦ୟୁ./ମାସ | ଏଲ୍.ଟି | ନିର୍ଦ୍ଧାରିତ ମାସିକିଆ ଦର | | | ୬୦ | | |
| ୧ (ଖ) | ଅନ୍ୟାନ୍ୟ | | | | | | | ୧୦ |
| | (ବିଦ୍ୟୁତ ବ୍ୟୟ <= ୧୦୦ ୟୁ/ମାସ) | ଏଲ୍.ଟି | | ୧୬୦ | | ୬୦ | ୫୦ | |
| | (ବିଦ୍ୟୁତ ବ୍ୟୟ >୧୦୦, <= ୨୦୦ ୟୁ/ମାସ) | ଏଲ୍.ଟି | | ୩୦୦ | | ୬୦ | ୫୦ | |
| | (ବିଦ୍ୟୁତ ବ୍ୟୟ >୨୦୦ ୟୁ/ମାସ) | ଏଲ୍.ଟି | | ୩୬୦ | | ୬୦ | ୫୦ | |
| ୨ | ସାଧାରଣ ଉଦ୍ଦେଶ୍ୟରେ ବ୍ୟୟିତ ବିଦ୍ୟୁତ <୧୦୦ କେଭିଏ | | | | | | | ୧୦ |
| | (ବିଦ୍ୟୁତ ବ୍ୟୟ <= ୧୦୦ ୟୁ/ମାସ) | ଏଲ୍.ଟି | | ୪୦୦ | | ୮୦ | ୮୦ | |
| | (ବିଦ୍ୟୁତ ବ୍ୟୟ >୧୦୦, < =୩୦୦ ୟୁ/ମାସ) | ଏଲ୍.ଟି | | ୪୬୦ | | ୮୦ | ୮୦ | |
| | (ବିଦ୍ୟୁତ ବ୍ୟୟ >୩୦୦ ୟୁ/ମାସ) | ଏଲ୍.ଟି | | ୫୫୦ | | ୮୦ | ୮୦ | |
| ୩ | ଉଠାଜଳସେଚନ ଏବଂ କୃଷି Irrigation Pumping and Agriculture | ଏଲ୍.ଟି | | ୧୫୦ | | ୬୦ | ୫୦ | ୧୦ |
| ୪ | ସମବର୍ଗୀ କୃଷି ଭିତ୍ତିକ କ୍ରୀୟାକଳାପ Allied Agricultural Activities | ଏଲ୍.ଟି | | ୧୫୦ | | ୬୦ | ୫୦ | ୧୦ |
| ୫ | ସମବର୍ଗୀ କୃଷି ଭିତ୍ତିକ ଶିଳ୍ପସଂସ୍ଥା କ୍ରୀୟାକଳାପ Allied Agro-Industrial Activities | ଏଲ୍.ଟି | | ୩୨୦ | | ୧୦୦ | ୧୦୦ | ୧୦ |

| | | | | | | | | |
|---|---|---|---|---|---|---|---|---|
| ୬ | ପବ୍ଲିକ୍ ଲାଇଟିଂ<br>Public Lighting | ଏଲ୍.ଟି | | ୪୦୦ | | ୬୦ | ୫୦ | ଡିପିଏସ/<br>ରିହାତି |
| ୭ | ଏଲଟି ଇଣ୍ଡଷ୍ଟ୍ରିଆଲ (ଏସ୍) ସପ୍ଲାଏ<br>L.T. Industrial (S) Supply | ଏଲ୍.ଟି | | ୪୦୦ | | ୮୦ | ୮୦ | ୧୦ |
| ୮ | ଏଲଟି ଇଣ୍ଡଷ୍ଟ୍ରିଆଲ (ଏମ) ସପ୍ଲାଏ<br>L.T. Industrial (M) Supply | ଏଲ୍.ଟି | | ୪୦୦ | | ୧୦୦ | ୧୦୦ | ଡିପିଏସ/<br>ରିହାତି |
| ୯ | ବିନିର୍ଦ୍ଧିଷ୍ଟ ସାଧାରଣ ଉଦ୍ଦେଶ୍ୟ | ଏଲ୍.ଟି | | ୩୭୦ | | ୧୦୦ | ୧୦୦ | ଡିପିଏସ/<br>ରିହାତି |
| ୧୦ | ପବ୍ଲିକ୍ ଓ୍ୱାଟର ଓ୍ୱାର୍କସ ଏବଂ ସେ୍ୱରେଜ ପମ୍ପିଙ୍ଗ <୧୧୦ କେଭିଏ | ଏଲ୍.ଟି | | ୩୭୦ | | ୧୦୦ | ୧୦୦ | **୧୦** |
| ୧୧ | ପବ୍ଲିକ୍ ଓ୍ୱାଟର ଓ୍ୱାର୍କସ ଏବଂ ସେ୍ୱରେଜ ପମ୍ପିଙ୍ଗ >=୧୧୦ କେଭିଏ<br>Public Water Works and Swerage Pumping >=110 KVA | ଏଲ୍.ଟି | ୨୫୦ | ୩୭୦ | ୨୦୦ | | | **୧୦** |
| ୧୨ | ସାଧାରଣ ଉଦ୍ଦେଶ୍ୟ > =୧୧୦ କେଭିଏ<br>General Purpose >= 110 KVA | ଏଲ୍.ଟି | ୨୫୦ | ୩୭୦ | ୨୦୦ | | | ଡିପିଏସ/<br>ରିହାତି |
| ୧୩ | ବୃହତ୍ ଶିଳ୍ପ | ଏଲ୍.ଟି | ୨୫୦ | ୩୭୦ | ୨୦୦ | | | ଡିପିଏସ/<br>ରିହାତି |
| | ଏଚ୍.ଟି. ଶ୍ରେଣୀ | | | | | | | |
| ୧୪ | ସ୍ଥୁଳ ଯୋଗାଣ (ଘରୋଇ)<br>Bulk Supply - Domestic | ଏଚ୍.ଟି. | ୬୦ | ୩୫୦ | ୫୦୦ | | | ୧୦ |
| ୧୫ | ଉଠାଜଳସେଚନ ଏବଂ କୃଷି<br>**Irrigation Pumping and Agriculture** | ଏଚ୍.ଟି. | ୬୦ | ୨୦୦ | ୫୦୦ | | | ୧୦ |
| ୧୬ | ସମବର୍ଗୀ କୃଷି ଭିତ୍ତିକ କ୍ରୀୟାକଳାପ<br>**Allied Agricultural Activities** | ଏଚ୍.ଟି. | ୬୦ | ୨୦୦ | ୫୦୦ | | | ୧୦ |
| ୧୭ | ସମବର୍ଗୀ କୃଷି ଭିତ୍ତିକ ଶିଳ୍ପସଂସ୍ଥା କ୍ରୀୟାକଳାପ<br>**Allied Agro-Industrial Activities** | ଏଚ୍.ଟି. | **୧୦୦** | **୩୫୦** | ୫୦୦ | | | ୧୦ / ଡିପିଏସି |
| ୧୮ | ବିନିର୍ଦ୍ଧିଷ୍ଟ ସାଧାରଣ ଉଦ୍ଦେଶ୍ୟ<br>Specified Public Purpose | ଏଚ୍.ଟି. | ୧୦୦ | ୩୭୫ | ୫୦୦ | | | ଡିପିଏସ/<br>ରିହାତି |
| ୧୯ | ସାଧାରଣ ଉଦ୍ଦେଶ୍ୟ <୧୧୦ କେଭିଏ<br>General Purpose < 110 KVA | ଏଚ୍.ଟି. | ୨୦୦ | ୪୦୦ | ୫୦୦ | | | ୧୦ |
| ୨୦ | ଏଚ୍.ଟି. ଇଣ୍ଡଷ୍ଟ୍ରିଆଲ (ଏମ) ସପ୍ଲାଏ<br>H.T .Industrial (M) Supply | ଏଚ୍.ଟି. | ୧୦୦ | ୩୭୫ | ୫୦୦ | | | ଡିପିଏସ/<br>ରିହାତି |
| ୨୧ | ସାଧାରଣ ଉଦ୍ଦେଶ୍ୟରେ >= ୧୦୦ କେଭିଏ<br>General Purpose >= 110 KVA | ଏଚ୍.ଟି. | ୨୫୦ | ନିମ୍ନ ବର୍ଣ୍ଣିତ ପ୍ରଦର୍ଶନ ଅନୁଯାୟୀ | ୫୦୦ | | | ଡିପିଏସ/<br>ରିହାତି |
| ୨୨ | ପବ୍ଲିକ୍ ଓ୍ୱାଟର ଓ୍ୱାର୍କସ ଆଣ୍ଡ ସେ୍ୱରେଜ ପମ୍ପିଙ୍ଗ<br>Public Water Works & Swerage Pumping | ଏଚ୍.ଟି. | ୨୫୦ | | ୫୦୦ | | | **୧୦** |
| ୨୩ | ବୃହତ୍ ଶିଳ୍ପ | ଏଚ୍.ଟି. | ୨୫୦ | | ୫୦୦ | | | ଡିପିଏସ/<br>ରିହାତି |
| ୨୪ | ପାୱାର ଇଣ୍ଟେନ୍‌ସିଭ ଇଣ୍ଡଷ୍ଟ୍ରି | ଏଚ୍.ଟି. | ୨୫୦ | | ୫୦୦ | | | ଡିପିଏସ/ |

| | | | | | | | | |
|---|---|---|---|---|---|---|---|---|
| | Power Intensive Industry | | | | | | | ରିହାତି |
| ୨୫ | କ୍ଷୁଦ୍ର ଇସ୍ପାତ ପ୍ଲାଣ୍ଟ | ଏଚ୍.ଟି. | ୨୫୦ | | ୫୦୦ | | | ଡିପିଏସ/ ରିହାତି |
| ୨୬ | ରେଲୱେ ଟ୍ରାକ୍ସନ | ଏଚ୍.ଟି. | ୨୫୦ | | ୫୦୦ | | | ଡିପିଏସ/ ରିହାତି |
| ୨୭ | ସି.ପି.ପି.କୁ ଜରୁରୀ ଯୋଗାଣ | ଏଚ୍.ଟି. | | ୫୫୦ | ୫୦୦ | | | ଡିପିଏସ/ ରିହାତି |
| ୨୮ | କଲୋନୀ ବ୍ୟବହାର | ଏଚ୍.ଟି. | | ୩୫୦ | | | | ଡିପିଏସ/ ରିହାତି |
| | ଇ.ଏଚ୍.ଟି ଶ୍ରେଣୀ | | | | | | | |
| ୨୯ | ସାଧାରଣ ଉଦ୍ଦେଶ୍ୟରେ | ଇ.ଏଚ୍.ଟି | ୨୫୦ | ନିମ୍ନ ବର୍ଣ୍ଣିତ ପ୍ରଦର୍ଶନ ଅନୁଯାୟୀ | ୧୦୦୦ | | | ଡିପିଏସ/ ରିହାତି |
| ୩୦ | ବୃହତ୍ ଶିଳ୍ପ | ଇ.ଏଚ୍.ଟି | ୨୫୦ | | ୧୦୦୦ | | | ଡିପିଏସ/ ରିହାତି |
| ୩୧ | ରେଲୱେ ଟ୍ରାକ୍ସନ | ଇ.ଏଚ୍.ଟି | ୨୫୦ | | ୧୦୦୦ | | | ଡିପିଏସ/ ରିହାତି |
| ୩୨ | ଭାରୀ ଶିଳ୍ପ | ଇ.ଏଚ୍.ଟି | ୨୫୦ | | ୧୦୦୦ | | | ଡିପିଏସ/ ରିହାତି |
| ୩୩ | ପାୱାର ଇଣ୍ଟେନ୍‌ସିଭ ଇଣ୍ଡଷ୍ଟ୍ରି | ଇ.ଏଚ୍.ଟି | ୨୫୦ | | ୧୦୦୦ | | | ଡିପିଏସ/ ରିହାତି |
| ୩୪ | ଛୋଟ ଇସ୍ପାତ ପ୍ଲାଣ୍ଟ | ଇ.ଏଚ୍.ଟି | ୨୫୦ | | ୧୦୦୦ | | | ଡିପିଏସ/ ରିହାତି |
| ୩୫ | ସି.ପି.ପି.କୁ ଜରୁରୀ ଯୋଗାଣ | ଇ.ଏଚ୍.ଟି | | ୫୦୦ | ୧୦୦୦ | | | ଡିପିଏସ/ ରିହାତି |
| ୩୬ | କଲୋନୀ ବ୍ୟବହାର | ଇ.ଏଚ୍.ଟି | | ୩୦୦ | | | | ଡିପିଏସ/ ରିହାତି |
| | ଡି.ସି. ସର୍ଭିସ | | | | | | | |
| ୩୭ | ଘରୋଇ | ଏଲ୍.ଟି | | | | | | |
| ୩୮ | ସାଧାରଣ ଉଦ୍ଦେଶ୍ୟରେ<୧ ୧ ୦ କେଭିଏ | ଏଲ୍.ଟି | | | | | | |
| ୩୯ | ଏଲଟି ଇଣ୍ଡଷ୍ଟ୍ରିଆଲ (ଏସ୍) ସପ୍ଲାଏ | ଏଲ୍.ଟି | | | | | | |

| ଲୋଡ୍ ଫ୍ୟାକ୍ଟର (%) | ଏଚ୍.ଟି | ଇ.ଏଚ୍.ଟି |
|---|---|---|
| **୬୦% ପର୍ଯ୍ୟନ୍ତ** | ୩୭୫ ପଇସା/ୟୁନିଟ | **୩୬୦** ପଇସା/ୟୁନିଟ |
| **୬୦%** | **୩୦୦** ପଇସା/ୟୁନିଟ | **୩୧୦** ପଇସା/ୟୁନିଟ |

**ସାରଣୀ – ୨୧**

**୧, ଏପ୍ରିଲ, ୨୦୧୦ରୁ ରିଲାୟେନ୍ସ ପରିଚାଳିତ ବଣ୍ଟନକମ୍ପାନୀଙ୍କ ଦ୍ୱାରା ପ୍ରସ୍ତାବିତ ଖୁଚୁରା ବିଦ୍ୟୁତ ଯୋଗାଣର ଦରସୂଚୀ ତାଲିକା**

| କ୍ର.ନଂ. | ଗ୍ରାହକଙ୍କର ପ୍ରକାର | ବିଦ୍ୟୁତ ଯୋଗାଣର ଭୋଲ୍‌ଟେଜ | ଡିମାଣ୍ଡ ଚାର୍ଜ (ଟଙ୍କା/ କିଲୋୱାଟ/ ମାସ) (ଟଙ୍କା / କେଭିଏ / ମାସ) **Demand Charge** | ଶକ୍ତି ଦେୟ (ପଇସା /କିଲୋୱାଟ) **Energy Charge (P/kWh)** | ଗ୍ରାହକ ସେବା ଖର୍ଚ୍ଚ (ଟଙ୍କା/ମାସ) **Customer Service Charge (Rs./Month )** | ପ୍ରଥମ କିଲୋୱାଟ କିମ୍ବା ଅଂଶବିଶେଷ (ଟଙ୍କା)ପାଇଁ ମାସିକିଆ | କୌଣସି ଅତିରିକ୍ତ କିଲୋୱାଟ କିମ୍ବା ଅଂଶବିଶେଷ (ଟଙ୍କା) ପାଇଁ | ରିହାତି (ପଇସା/ କିଲୋୱାଟ) ଡିପିଏସ **Rebate (P/kWh)/ DPS** |
|---|---|---|---|---|---|---|---|---|

| | | | (Rs./KW/ Month)/ (Rs./KVA/ Month) | | | ସର୍ବନିମ୍ନ ନିର୍ଦ୍ଧାରିତ ଦର **Monthly Minimum Fixed Charge for first KW or part (Rs.)** | ମାସିକିଆ ନିର୍ଦ୍ଧାରିତ ଦର **Monthly Fixed Charge for any additional KW or part (Rs.)** | |
|---|---|---|---|---|---|---|---|---|
| | ଏଲ୍‌ଟି ଶ୍ରେଣୀ | | | | | | | |
| ୧ | ଘରୋଇ | | | | | | | |
| ୧ (କ) | କୁଟୀରଜ୍ୟୋତି <୩୦ୟୁ./ମାସ | ଏଲ୍.ଟି | ନିର୍ଦ୍ଧାରିତ ମାସିକିଆ ଦର | | | ୫୦ | | |
| ୧ (ଖ) | ଅନ୍ୟାନ୍ୟ | | | | | ୫୦ | | ୧୦ |
| | (ବିଦ୍ୟୁତ ବ୍ୟୟ <= ୧୦୦ ୟୁ/ମାସ) | ଏଲ୍.ଟି | | ୧୮୦ | | ୫୦ | ୫୦ | |
| | (ବିଦ୍ୟୁତ ବ୍ୟୟ >୧୦୦, <= ୨୦୦ ୟୁ/ମାସ) | ଏଲ୍.ଟି | | ୨୫୦ | | ୫୦ | ୫୦ | |
| | (ବିଦ୍ୟୁତ ବ୍ୟୟ >୨୦୦ ୟୁ/ମାସ) | ଏଲ୍.ଟି | | ୩୩୦ | | ୫୦ | ୫୦ | |
| ୨ | ସାଧାରଣ ଉଦ୍ଦେଶ୍ୟରେ ବ୍ୟକ୍ତିଗତ ବିଦ୍ୟୁତ <୧୦୦ କେଭିଏ | | | | | | | ୧୦ |
| | (ବିଦ୍ୟୁତ ବ୍ୟୟ <= ୧୦୦ ୟୁ/ମାସ) | ଏଲ୍.ଟି | | ୩୬୦ | | ୧୦୦ | ୧୦୦ | |
| | (ବିଦ୍ୟୁତ ବ୍ୟୟ >୧୦୦, <=୩୦୦ ୟୁ/ମାସ) | ଏଲ୍.ଟି | | ୪୩୦ | | ୧୦୦ | ୧୦୦ | |
| | (ବିଦ୍ୟୁତ ବ୍ୟୟ >୩୦୦ ୟୁ/ମାସ) | ଏଲ୍.ଟି | | ୪୭୦ | | ୧୦୦ | ୧୦୦ | |
| ୩ | ଉଠାଜଳସେଚନ ଏବଂ କୃଷି **Irrigation Pumping and Agriculture** | ଏଲ୍.ଟି | | ୧୫୦ | | ୨୫ | ୨୫ | ୧୦ |
| ୪ | ସମବର୍ଗୀ କୃଷି ଭିତ୍ତିକ କ୍ରୀୟାକଳାପ **Allied Agricultural Activities** | ଏଲ୍.ଟି | | ୧୭୦ | | ୫୦ | ୫୦ | ୧୦ |
| ୫ | ସମବର୍ଗୀ କୃଷି ଭିତ୍ତିକ ଶିଳ୍ପସଂସ୍ଥା କ୍ରୀୟାକଳାପ **Allied Agro-Industrial Activities** | ଏଲ୍.ଟି | | ୨୫୦ | | ୧୦୦ | ୧୦୦ | ଡିପିଏସ/ ରିହାତି |
| ୬ | ପବ୍ଲିକ୍ ଲାଇଟିଂ Public Lighting | ଏଲ୍.ଟି | | ୩୭୦ | | ୧୦୦ | ୧୦୦ | ଡିପିଏସ/ ରିହାତି |
| ୭ | ଏଲଟି ଇଣ୍ଡଷ୍ଟ୍ରିଆଲ (ଏସ୍) ସପ୍ଲାଏ L.T. Industrial (S) Supply | ଏଲ୍.ଟି | | ୩୭୦ | | ୧୦୦ | ୧୦୦ | ୧୦ |
| ୮ | ଏଲଟି ଇଣ୍ଡଷ୍ଟ୍ରିଆଲ (ଏମ) ସପ୍ଲାଏ L.T. Industrial (M) Supply | ଏଲ୍.ଟି | | ୩୭୦ | | ୧୨୦ | ୧୨୦ | ଡିପିଏସ/ ରିହାତି |
| ୯ | ବିନିର୍ଦ୍ଧିଷ୍ଟ ସାଧାରଣ ଉଦ୍ଦେଶ୍ୟ | ଏଲ୍.ଟି | | ୩୭୦ | | ୧୦୦ | ୧୦୦ | ଡିପିଏସ/ ରିହାତି |

| | | | | | | | | |
|---|---|---|---|---|---|---|---|---|
| ୧୦ | ପବ୍ଲିକ୍ ଓ୍ୱାଟର ଓ୍ୱାର୍କସ ଏବଂ ସ୍ୱେରେଜ ପମ୍ପିଙ୍ଗ <୧୧୦ କେଭିଏ | ଏଲ୍.ଟି | | ୩୭୦ | | ୧୦୦ | ୧୦୦ | ୧୦ |
| ୧୧ | ପବ୍ଲିକ୍ ଓ୍ୱାଟର ଓ୍ୱାର୍କସ ଏବଂ ସ୍ୱେରେଜ ପମ୍ପିଙ୍ଗ >=୧୧୦ କେଭିଏ<br>Public Water Works and Swerage Pumping >=110 KVA | ଏଲ୍.ଟି | ୨୫୦ | ୩୭୦ | ୧୦୦ | | | ୧୦ |
| ୧୨ | ସାଧାରଣ ଉଦ୍ଦେଶ୍ୟ > =୧୧୦ କେଭିଏ<br>General Purpose >= 110 KVA | ଏଲ୍.ଟି | ୨୫୦ | ୩୭୦ | ୧୦୦ | | | ଡିପିଏସ/ ରିହାତି |
| ୧୩ | ବୃହତ୍ ଶିଳ୍ପ | ଏଲ୍.ଟି | ୨୫୦ | ୩୭୦ | ୧୦୦ | | | ଡିପିଏସ/ ରିହାତି |
| | ଏଚ୍.ଟି. ଶ୍ରେଣୀ | | | | | | | |
| ୧୪ | ସ୍ଥୁଳ ଯୋଗାଣ (ଘରୋଇ)<br>Bulk Supply - Domestic | ଏଚ୍.ଟି. | ୫୦ | ୨୫୦ | ୫୦୦ | | | ୧୦ |
| ୧୫ | ଉଠାଜଳସେଚନ ଏବଂ କୃଷି<br>**Irrigation Pumping and Agriculture** | ଏଚ୍.ଟି. | ୫୦ | ୧୪୦ | ୫୦୦ | | | ୧୦ |
| ୧୬ | ସମବର୍ଗୀ କୃଷି ଭିତ୍ତିକ କ୍ରୀୟାକଳାପ<br>**Allied Agricultural Activities** | ଏଚ୍.ଟି. | ୫୦ | ୧୬୦ | ୫୦୦ | | | ୧୦ |
| ୧୭ | ସମବର୍ଗୀ କୃଷି ଭିତ୍ତିକ ଶିଳ୍ପସଂସ୍ଥା କ୍ରୀୟାକଳାପ<br>**Allied Agro-Industrial Activities** | ଏଚ୍.ଟି. | ୧୦୦ | ୨୪୦ | ୫୦୦ | | | ଡିପିଏସ/ ରିହାତି |
| ୧୮ | ବିନିର୍ଦ୍ଦିଷ୍ଟ ସାଧାରଣ ଉଦ୍ଦେଶ୍ୟ<br>Specified Public Purpose | ଏଚ୍.ଟି. | ୧୦୦ | ନିମ୍ନ ବର୍ଣ୍ଣିତ ପ୍ରଦର୍ଶନ ଅନୁଯାୟୀ | ୫୦୦ | | | ଡିପିଏସ/ ରିହାତି |
| ୧୯ | ସାଧାରଣ ଉଦ୍ଦେଶ୍ୟ <୧୧୦ କେଭିଏ<br>General Purpose < 110 KVA | ଏଚ୍.ଟି. | ୧୦୦ | | ୫୦୦ | | | ୧୦ |
| ୨୦ | ଏଚ୍.ଟି. ଇଣ୍ଡଷ୍ଟ୍ରିଆଲ (ଏମ) ସପ୍ଲାଏ<br>H.T .Industrial (M) Supply | ଏଚ୍.ଟି. | ୧୨୦ | | ୫୦୦ | | | ଡିପିଏସ/ ରିହାତି |
| ୨୧ | ସାଧାରଣ ଉଦ୍ଦେଶ୍ୟରେ >= ୧୦୦ କେଭିଏ<br>General Purpose >= 110 KVA | ଏଚ୍.ଟି. | ୨୫୦ | | ୫୦୦ | | | ଡିପିଏସ/ ରିହାତି |
| ୨୨ | ପବ୍ଲିକ୍ ଓ୍ୱାଟର ଓ୍ୱାର୍କସ ଆଣ୍ଡ ସ୍ୱେରେଜ ପମ୍ପିଙ୍ଗ<br>Public Water Works & Swerage Pumping | ଏଚ୍.ଟି. | ୨୫୦ | | ୫୦୦ | | | ୧୦ |
| ୨୩ | ବୃହତ୍ ଶିଳ୍ପ | ଏଚ୍.ଟି. | ୨୫୦ | | ୫୦୦ | | | ଡିପିଏସ/ ରିହାତି |
| ୨୪ | ପାଓ୍ୱାର ଇଣ୍ଟେନ୍ସିଭ ଇଣ୍ଡଷ୍ଟ୍ରି<br>Power Intensive Industry | ଏଚ୍.ଟି. | ୨୫୦ | | ୫୦୦ | | | ଡିପିଏସ/ ରିହାତି |
| ୨୫ | କ୍ଷୁଦ୍ର ଇସ୍ପାତ ପ୍ଲାଣ୍ଟ | ଏଚ୍.ଟି. | ୨୫୦ | | ୫୦୦ | | | ଡିପିଏସ/ ରିହାତି |
| ୨୬ | ରେଲଓ୍ୱେ ଟ୍ରାକ୍ସନ | ଏଚ୍.ଟି. | ୨୫୦ | | ୫୦୦ | | | ଡିପିଏସ/ ରିହାତି |
| ୨୭ | ସି.ପି.ପି.କୁ ଜରୁରୀ ଯୋଗାଣ | ଏଚ୍.ଟି. | ୧୦୦ | ୪୨୦ | ୫୦୦ | | | ଡିପିଏସ/ |

| | | | | | | | | |
|---|---|---|---|---|---|---|---|---|
| | | | | | | | | ରିହାତି |
| ୨୮ | କଲୋନୀ ବ୍ୟବହାର | ଏଚ୍.ଟି. | ୦ | ୨୫୦ | ୦ | | | ଡିପିଏସ/ ରିହାତି |
| | ଇ.ଏଚ୍.ଟି ଶ୍ରେଣୀ | | | | | | | |
| ୨୯ | ସାଧାରଣ ଉଦ୍ଦେଶ୍ୟରେ | ଇ.ଏଚ୍.ଟି | ୨୫୦ | ନିମ୍ନ ବର୍ଣ୍ଣିତ ପ୍ରଦର୍ଶନ ଅନୁଯାୟୀ | ୧୦୦୦ | | | ଡିପିଏସ/ ରିହାତି |
| ୩୦ | ବୃହତ୍ ଶିଳ୍ପ | ଇ.ଏଚ୍.ଟି | ୨୫୦ | | ୧୦୦୦ | | | ଡିପିଏସ/ ରିହାତି |
| ୩୧ | ରେଲୱେ ଟ୍ରାକ୍ସନ | ଇ.ଏଚ୍.ଟି | ୨୫୦ | | ୧୦୦୦ | | | ଡିପିଏସ/ ରିହାତି |
| ୩୨ | ଭାରୀ ଶିଳ୍ପ | ଇ.ଏଚ୍.ଟି | ୨୫୦ | | ୧୦୦୦ | | | ଡିପିଏସ/ ରିହାତି |
| ୩୩ | ପାୱାର ଇଣ୍ଟେନ୍‌ସିଭ ଇଣ୍ଡଷ୍ଟ୍ରି | ଇ.ଏଚ୍.ଟି | ୨୫୦ | | ୧୦୦୦ | | | ଡିପିଏସ/ ରିହାତି |
| ୩୪ | ଛୋଟ ଇସ୍ପାତ ପ୍ଲାଣ୍ଟ | ଇ.ଏଚ୍.ଟି | ୨୫୦ | | ୧୦୦୦ | | | ଡିପିଏସ/ ରିହାତି |
| ୩୫ | ସି.ପି.ପି.କୁ ଜରୁରୀ ଯୋଗାଣ | ଇ.ଏଚ୍.ଟି | ୧୦୦ | ୪୦୦ | ୧୦୦୦ | | | ଡିପିଏସ/ ରିହାତି |
| ୩୬ | କଲୋନୀ ବ୍ୟବହାର | ଇ.ଏଚ୍.ଟି | ୦ | ୨୫୦ | ୦ | | | ଡିପିଏସ/ ରିହାତି |
| | ଡି.ସି. ସର୍ଭିସ | | ଦର କେବଳ ଡି.ସି. ସର୍ଭିସ ପାଇଁ | | | | | |
| ୩୭ | ଘରୋଇ | ଏଲ୍.ଟି | କ୍ର.ସଂ ୧ ସହ ଦର ସମାନ<br>SAME AS RATE AT SL. 1 | | | | | ୧୦ |
| ୩୮ | ସାଧାରଣ ଉଦ୍ଦେଶ୍ୟରେ<୧୧୦ କେଭିଏ | ଏଲ୍.ଟି | କ୍ର.ସଂ ୩ ସହ ଦର ସମାନ<br>SAME AS RATE AT SL. 2 | | | | | ୧୦ |
| ୩୯ | ଏଲଟି ଇଣ୍ଡଷ୍ଟ୍ରିଆଲ (ଏସ୍) ସପ୍ଲାଏ | ଏଲ୍.ଟି | କ୍ର.ସଂ ୫ ସହ ଦର ସମାନ<br>SAME AS RATE AT SL. 5 | | | | | ୧୦ |
| | ଦ୍ରଷ୍ଟବ୍ୟ: ଏଚ୍.ଟି. ଏବଂ ଇଏଚଟି ଗ୍ରାହକଙ୍କ ପାଇଁ ଶକ୍ତି ଦର | | | | | | | |
| | ଲୋଡ୍ ଫ୍ୟାକ୍ଟର (ପ୍ରତିଶତରେ) | | ଏଚ୍.ଟି | ଇ.ଏଚ୍.ଟି | | | | |
| | ୫୦ ପ୍ରତିଶତ ପର୍ଯ୍ୟନ୍ତ | | ୩୫୦ ପଇସା/ୟୁନିଟ | ୩୪୦ ପଇସା/ୟୁନିଟ | | | | |
| | >୫୦% = <୬୦% | | ୩୫୦ ପଇସା/ୟୁନିଟ | ୩୪୦ ପଇସା/ୟୁନିଟ | | | | |
| | <୬୦ % | | ୩୫୦ ପଇସା/ୟୁନିଟ | ୩୪୦ ପଇସା/ୟୁନିଟ | | | | |

୭୬. ୨୦୦୮-୦୯ ଆର୍ଥିକ ବର୍ଷରେ ପ୍ରକୃତ ହାରାହାରି ବୈଷୟିକ ଓ ବ୍ୟବସାୟିକ କ୍ଷତି (ଏଟି ଆଣ୍ଡ ସି କ୍ଷତି)କୁ ଭିତ୍ତି ସ୍ତରରେ ବିଚାର କରିବାକୁ ସେସୁ ଆୟୋଗଙ୍କୁ ନିବେଦନ କରିଛି। ତା'ଛଡା ଏଟି ଆଣ୍ଡ ସି କ୍ଷତିର ସ୍ଥିରୀକରଣ ପାଇଁ 'ପ୍ରତିଶତ ହ୍ରାସକରଣ' ଉଦ୍ଦେଶ୍ୟରେ ଆବ୍ରାହମ କିମିଟି ସୁପାରିଶ କୁ ଗ୍ରହଣ କରିବାକୁ ସେସୁ ମଧ୍ୟ ନିବେଦନ କରିଛି। ଏହା ସହିତ ସେସୁ ତା'ର ଏଆରଆର ଓ ତାରିଫ ପ୍ରସ୍ତାବକୁ ଅନୁମୋଦନ କରିବାକୁ ମଧ୍ୟ ଆୟୋଗଙ୍କୁ ନିବେଦନ କରିଛି।

୭୭. ନେସକୋ, ୱେସକୋ ଓ ସାଉଥକୋ ଆୟୋଗଙ୍କୁ ନିମ୍ନଲିଖିତ ପ୍ରାର୍ଥନା କରିଛନ୍ତି।

- ଉପସ୍ଥାପନା କରାଯାଇଥିବା ଏଆରଆର ସମୂହ ଓ ତାରିଫ ପିଟିସନକୁ ରେକର୍ଡଭୁକ୍ତ କରାଯିବା –
- ଆୟୋଗଙ୍କ ଦ୍ୱାରା ଅନୁମୋଦିତ ରାଜସ୍ୱ ଓ ବ୍ୟୟସମୂହକୁ ଆଧାର କରି ୨୦୦୮-୦୯ ଆର୍ଥିକ ବର୍ଷ ପାଇଁ ନିୟାମକ ଆସେଟର ଆର୍ଥିକ ରୂପାନ୍ତରଣ ଓ ଅନାବୃତ ପାର୍ଥକ୍ୟର ବାସ୍ତବାୟନକୁ ମିଶାଇ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ବାର୍ଷିକ ରାଜସ୍ୱ ଆବଶ୍ୟକତାକୁ ଅନୁମୋଦନ କରିବା –
- ବିଏସପିରେ ହ୍ରାସକରଣର ଯୌଗିକତା , ଓଡିଶାର ରାଜ୍ୟ ସରକାରଙ୍କଠାରୁ ମଂଜୁରୀ/ସବସିଡି ଏବଂ /କିମ୍ବା ପାଇକାରୀ ଯୋଗାଣ ତାରିଫରେ ବୃଦ୍ଧି ଜରିଆରେ ରାଜସ୍ୱ ପାର୍ଥକ୍ୟକୁ ପୂରଣ କରିବା –
- ଓଡ଼ିଶାର ଉପଭୋକ୍ତାଙ୍କ ଉଦ୍ଦେଶ୍ୟରେ ସେମାନଙ୍କର ସ୍ୱାର୍ଥ ଓ ଉତ୍ତମ ସେବାକୁ ଦୃଷ୍ଟିରେ ରଖି ଏହି ପ୍ରାଥମିକତାରେ ଏସକ୍ରୋ ମେକାନିଜମକୁ କୋହଳ କରିବାକୁ ଗ୍ରୀଡକକୋକୁ ନିର୍ଦ୍ଦେଶଦେବା –

-ନଗଦ ସ୍ଥୁଳ ଯୋଗାଣ ତାରିଫ ବିଲ ସମୂହର ପେମେଣ୍ଟ

-କର୍ମଚାରୀଙ୍କ ବ୍ୟୟ

-ମରାମତି ଓ ତୁଲାଜମା ବ୍ୟୟ

-ପ୍ରଶାସନିକ ଓ ସାଧାରଣ ବ୍ୟୟ

-ଗ୍ରୀଡକୋର ପୂର୍ବ ଦେୟ ପାଇଁ ଅବଶିଷ୍ଟ ୫୦ ପ୍ରତିଶତକୁ ବିନିଯୋଗ କରିବା ଏବଂ ଅବଶିଷ୍ଟ ୫୦ ପ୍ରତିଶତ ପଦ୍ଧତିଗତ ଉନ୍ନୟନ ପାଇଁ ବିନିଯୋଗ କରିବା-

- ଅନ୍ୟାନ୍ୟ ରିହାତି , ଆଦେଶନାମା କିମ୍ବା ନିର୍ଦ୍ଦେଶ, ଯାହା ଆୟୋଗ ଉପଯୁକ୍ତ ମନେ କରନ୍ତି, ସେସବୁ ପ୍ରଦାନ କରାଯାଇପାରେ –

<u>ଶୁଣାଣି ସମୟରେ ଅଭିଯୋଗକାରୀଙ୍କ ଦ୍ୱାରା ଉଦ୍ରେକିତ ଅଭିଯୋଗ ଓ ଅନୁସନ୍ଧାନ : (ପରିଚ୍ଛେଦ ୭୮ ରୁ ୧୭୨)</u>

୭୮. ଆୟୋଗ ଓ ଅଭିଯୋଗକାରୀଙ୍କ ଉଦ୍ଦେଶ୍ୟରେ ଏକ ବିଦ୍ୟୁତ ଶକ୍ତି ଅଭିମୁଖୀ ଉପସ୍ଥାପନା ସହ ୨୦୧୦ – ୧୧ ଆର୍ଥିକ ବର୍ଷ ପାଇଁ ସବୁ ବଣ୍ଟନକାରୀଙ୍କର 'ବାର୍ଷିକ ରାଜସ୍ୱ ଆବଶ୍ୟକତା' ଓ ଦରସୂଚୀ ନିର୍ଦ୍ଧାରଣ ଜନିତ ଆବେଦନ ପତ୍ରର ଶୁଣାଣି ଆରମ୍ଭ ହେଲା। ଉପଭୋକ୍ତା ଉପଦେଷ୍ଟା ଭାବେ ନିଯୁକ୍ତି ପାଇଥିବା 'ନବକୃଷ୍ଣ ଚୌଧୁରୀ ସେଣ୍ଟର ଫର ଡେଭଲପମେଣ୍ଟ ଷ୍ଟଡିଜ' ର ପ୍ରତିନିଧିଙ୍କ ଦ୍ୱାରା ଏହି ଉପସ୍ଥାପନ କରାଯାଇଥିଲା। ଅନୁମତିଧାରୀମାନେ ସେମାନଙ୍କ ଆବେଦନ ପତ୍ରରେ ଦର୍ଶାଇଥିବା ବିଷୟବସ୍ତୁର ସାରାଂଶକୁ ସେ ଉପସ୍ଥାପନ କରିଥିଲେ, ଏବଂ ତାରିଫ ଦରଖାସ୍ତ ଉପରେ କେତେକ ପର୍ଯ୍ୟବେକ୍ଷଣ ପ୍ରଦାନ କରିଥିଲେ। ତା'ପରେ ଶୁଣାଣିରେଭାଗ ନେଇଥିବା ଅଭିଯୋଗାକରୀମାନେ ଅନୁମତିଧାରୀମାନଙ୍କର ଉପସ୍ଥାପିତ ଏଆରଆର ଓ ତାରିଫ ସଂପର୍କରେ ନିଜ ନିଜର ମତ ଓ ପର୍ଯ୍ୟବେକ୍ଷଣ କରିଥିଲେ। ତାପରେ ଶୁଣାଣିରେ ଭାଗ ନେଇଥିବା ଅଭିଯୋଗକାରୀମାନେ ଅନୁମତୀଧାରୀମାନଙ୍କର ଉପସ୍ଥାପିତ ଏଆରଆର ଓ ତାରିଫ ସଂପର୍କରେ ନିଜ ନିଜର ମତ ଓ ପର୍ଯ୍ୟବେକ୍ଷଣ ପ୍ରଦାନ କରିଥିଲେ। ପରେ ପରେ, ନିର୍ଦ୍ଦେଶକ (ତାରିଫ) ସେହି ସବୁ ଆବେଦନ ପତ୍ର ଉପରେ କେତେକ ଅନୁସନ୍ଧାନ ଓ ପର୍ଯ୍ୟବେକ୍ଷଣ ଜନିତ ପ୍ରଶ୍ନ ଉତଥାପନ କରିଥିଲେ।

<u>ତାରିଫ ଆବେଦନ ଉପରେ ନବକୃଷ୍ଣ ଚୌଧୁରୀ ସେଣ୍ଟର ଫର ଡେଭଲପମେଣ୍ଟ ଷ୍ଟଡିଜରୁ ନିଯୁକ୍ତ ଉପଭୋକ୍ତା ଉପଦେଷ୍ଟା ଡ଼ଃ ଏସ୍. ମେହେରଙ୍କ ମନ୍ତବ୍ୟ</u>

୭୯. ନବକୃଷ୍ଣ ଚୌଧୁରୀ ସେଣ୍ଟର ଫର ଡେଭେଲପମେଣ୍ଟ ଷ୍ଟଡିଜରୁ ନିଯୁକ୍ତ ଡ଼ଃ ଶିବଲାଲ ମେହେର ଆବେଦନପତ୍ରଗୁଡିକ ଉପରେ କେତେକ ସାରଗର୍ଭକ ବିଶ୍ଳେଷଣ ଓ ପର୍ଯ୍ୟବେକ୍ଷଣ ଉପସ୍ଥାପନ କରିଥିଲେ। ସେଗୁଡିକ ହେଲା –

(କ) ଶକ୍ତିର ଚାହିଦା ଆକଳନର ଉପଯୁକ୍ତ ବିଜ୍ଞାନ ଭିତ୍ତିକ ପଦ୍ଧତିକୁ ଆଧାର କରି ଶକ୍ତି ସେବା ପ୍ରଦର୍ଶିତ ହେବା ଉଚିତ, ଯାହା ବିନିଯୋଗକାରୀ କର୍ତ୍ତୃପକ୍ଷମାନେ କରିନାହାନ୍ତି।

(ଖ) ଓଇଆରସି ଓ କାନୁନଗୋ କମିଟି ସୁପାରିଶ ଉପରେ ବିନିଯୋଗକାରୀ କର୍ତ୍ତୃପକ୍ଷମାନେ ବଣ୍ଟନକ୍ଷତିକୁ ହ୍ରାସ କରିବାକୁ କୌଣସି ପଦକ୍ଷେପ ନେଇନାହାନ୍ତି। କେବଳ ବଣ୍ଟନକ୍ଷତିକୁ କମାଇବା ଦ୍ୱାରା ହିଁ ଆଖିଦୃଶିଆ ପରିମାଣ ର ରାଜସ୍ୱ ଟାରିଫରୁ ହାସଲ କରାଯାଇପାରିବ ଓ ବଣ୍ଟନକାରୀମାନେ ବଳକା ରାଜସ୍ୱର ଅଧିକାରୀ ହୋଇପାରିବେ।

(ଗ) ନିଅଣ୍ଟିଆ ସ୍ଥିତର ଭରଣା ନିମନ୍ତେ ବାକିଆ ଦେୟସବୁକୁ ଆଦାୟ କରାଯିବାକୁ ପ୍ରୟାସ କରାଯିବାର ଆବଶ୍ୟକତା ଅଛି।

(ଘ) ନିର୍ବାହନ ଓ ତୁଳାଜମା ଖର୍ଚ୍ଚକୁ ହ୍ରାସ କରାଇ ଏବଂ ଯୌକ୍ତିକ ଫେରସ୍ତ ପରିମାଣ ଓ ମନ୍ଦ ଓ ସନ୍ଦେହଜନକ ଋଣ କୁ ଅନୁମୋଦନ ନ କରି ଏଆରଆରକୁ ହ୍ରାସ କରାଯାଇପାରିବ।

(ଙ) ଉପରୋକ୍ତ ପରାମର୍ଶ ସମୂହକୁ ଅନୁସରଣ କରି ଆଖିଦୃଶିଆ ପରିମାଣର ଟାରିଫ ହ୍ରାସ କରାଯାଇପାରିବ।

(ଚ) ଅତଏବ, ଟାରିଫକୁ ଆଉ ଅଗ୍ରମୁଖୀ ଭାବେ ସଂଶୋଧନ କରିବା ପରିବର୍ତ୍ତେ ବରଂ ଆୟୋଗ ଟାରିଫକୁ ହ୍ରାସ କରିବା ଉଚିତ।

<u>ଅନ୍ୟ ଉପଭୋକ୍ତା ଉପଦେଷ୍ଟାମାନଙ୍କର ମନ୍ତବ୍ୟ:</u>

୮୦. ଭିନ୍ନ ଭିନ୍ନ ବଣ୍ଟନ ଅନୁମତିଧାରୀଙ୍କ ଅଂଚଳ ପାଇଁ ଉପଭୋକ୍ତା ଉପଦେଷ୍ଟା ଭାବେ ଭିନ୍ନ ଭିନ୍ନ ଉପଭୋକ୍ତା ପ୍ରତିଷ୍ଠାନମାନଙ୍କୁ ମଧ୍ୟ ଆୟୋଗ ନିଯୁକ୍ତି ଦେଇଥିଲେ। ସେମାନେ ହେଲେ –

<u>ସେସୁ</u>

(କ) ଫେଡରେସନ ଅଫ କଂଜ୍ୟୁମର ଅର୍ଗାନାଇଜେସନ (ଫୋକୋ), ବିଶ୍ୱନାଥ ଲେନ, କଟକ,

(ଖ) ଶ୍ରୀ ଏ.ବି ରାଉତରାୟ, ଓଡ଼ିଶା ଇଲେକ୍ଟ୍ରିକାଲ କଂଜ୍ୟୁମର ଆସୋସିଏସନ, ଶିବଶକ୍ତି ମେଡିସିନ କଂପ୍ଲେକ୍ସ କଟକ -୭୫୩ ୦୦୧

(ଗ) ସେକ୍ରେଟାରୀ, କନଫେଡେରସନ ଅଫ ସିଟିଜେନ ଆସୋସିଏସନ, ୧୨/ଏ,ଫରେଷ୍ଟ ପାର୍କ, ଭୁବନେଶ୍ୱର ୭୫୧୦୦୯.

ନେସ୍‌କୋ – (କ) ଓଡ଼ିଶା କଂଜ୍ୟୁମର୍ସ ଆସୋସିଏସନ , ବାଲେଶ୍ୱର ଚାପ୍ଟର , ବାଲେଶ୍ୱର।

ୱେସ୍‌କୋ – (କ) ସମ୍ବଲପୁର ଡିଷ୍ଟ୍ରିକ୍ଟ କଂଜୁମର୍ସ ଫେଡେରେସନ, ବାଲାଜୀ ମନ୍ଦିର ଭବନ, କ୍ଷେତରାଜପୁର, ସମ୍ବଲପୁର।

(ଖ) ସୁନ୍ଦରଗଡ, ଡିଷ୍ଟ୍ରିକ୍ଟ ଏମ୍ପଲୟିଜ ଆସୋସିଏସନ, ଏଲ -୧ ,ବାସନ୍ତୀ ନଗର, ରାଉରକେଲା।

<u>ସାଉଥକୋ</u>

(କ) ଗ୍ରାହକ ପଂଚାୟତ, ଫ୍ରେଣ୍ଡ୍ସ କଲୋନୀ, ପାରଳାଖେମୁଣ୍ଡି, ଜିଲ୍ଲା – ଗଜପତି।

(ଖ) ଶ୍ରୀ ପ୍ରଭାକର ଦୋରା, ୩ୟ ଲେନ, କୋପରେଟିଭ କଲୋନୀ, ବିଦ୍ୟାନଗର,ରାୟଗଡା।

<u>ଏକତ୍ରିତ ଭାବେ ସବୁ ବଣ୍ଟନ ଅନୁମତିଧାରୀଙ୍କ ଅଂଚଳ ପାଇଁ :</u>

'ପ୍ରୟାସ ଏନର୍ଜି'ଗ୍ରୁପ ଅମ୍ରିତା କ୍ଲିନିକ,ଅଥାୱେଲ କର୍ଣ୍ଣର ,କାର୍ଭେ ରୋଡ, ପୁନେ – ୪୧୧୦୦୪।

ପ୍ରୟାସ ଏନର୍ଜି ଗ୍ରୁପ ଓ ସେକ୍ରେଟାରୀ, କନଫେଡେରସନ ଅଫ ସିଟିଜେନ ଆସୋସିଏସନ, ଭୁବନେଶ୍ୱରଙ୍କ ବାଦ୍ ଉପରୋକ୍ତ ଆଉସବୁ ଉପଦେଷ୍ଟା ଶୁଣାଣିରେ ଉପସ୍ଥିତ ଥିଲେ।

ଉପସ୍ଥିତ ଥିବା ଉପଭୋକ୍ତା ଉପଦେଷ୍ଟାମାନଙ୍କର ପର୍ଯ୍ୟବେକ୍ଷଣ ନିମ୍ନ ପ୍ରକାରରେ ସାରାଂଶଭୁକ୍ତ କରାଯାଇପାରେ।

୮୧. ଯୋଗାଣର ଗୁଣବତ୍ତା

- ଗ୍ରାମାଞ୍ଚଳ ଅବସ୍ଥିତିମାନଙ୍କରେ ଫ୍ୟୁଜ ସ୍ତୋରଣ ପରେ ଶକ୍ତି ଯୋଗାଣ ବହୁ ସମୟ ପାଇଁ ବ୍ୟାହତ ହୋଇଥାଏ।
- ଗ୍ରାମାଞ୍ଚଳରେ ବିଭାଗୀୟ ଧାର୍ଯ୍ୟ ନିର୍ଘଣ୍ଟ ଅନୁଯାୟୀ ଶକ୍ତି ବିରତିର ସମୟ ସଂପୂର୍ଣ୍ଣ ଖାପଛଡା ଏବଂ ଅନେକ ସମୟରେ ଦୀର୍ଘ ସମୟ ପର୍ଯ୍ୟନ୍ତ ବିରତି ଲାଗି ରହୁଛି।
- ପଦ୍ଧତିଗତ ଉନ୍ନୟନ କାର୍ଯ୍ୟ ପାଇଁ ଅନୁମତିଧାରୀମାନେ କୌଣସି ପ୍ରକାର ସ୍ୱଳ୍ପକାଳୀନ ଏବଂ ଦୀର୍ଘକାଳୀନ ଉପାୟ ଅବଲମ୍ବନ କରିନାହାନ୍ତି।
- ଉପଭୋକ୍ତାମାନଙ୍କୁ ଗୁଣବତ୍ତା ଭିତ୍ତିକ ଶକ୍ତି ଯୋଗାଣ କ୍ଷେତ୍ରରେ ଅନୁମତିଧାରୀମାନେ ସବୁମନ୍ତେ ବିଫଳ ହୋଇଛନ୍ତି। କର୍ମଚାରୀମାନଙ୍କର ସଂଖ୍ୟାକୁ ମଧ କମାଇ ଦିଆଯାଇଛି।

୮୨. ସେବାର ଗୁଣବତ୍ତା :

- ବିଦ୍ୟୁତ ଚୋରି କମାଇବାରେ ଶକ୍ତି ପୋଲିସ ଥାନାଗୁଡିକର କିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା ରହୁନାହିଁ।
- ଜଂଗଲ ଓ ଅବକାରୀ ବିଭାଗ ଭଳି ଶକ୍ତି ଚୋରି ରୋକିବା ପାଇଁ ଅନୁମତିଧାରୀଙ୍କର ଅଧିକାରୀମାନଙ୍କୁ ସରକାର କିଛି କ୍ଷମତା ଦେବା ଉଚିତ।
- ଅନୁମତିଧାରୀମାନଙ୍କର କାର୍ଯ୍ୟକର୍ତ୍ତାମାନେ ବିଲିଂ ସଂପର୍କିତ ସମସ୍ୟାର ବିଶେଷ ମୁଣ୍ଡ ଖେଳାଇବାକୁ ସ୍ପୃହା ପ୍ରକାଶ କରୁନାହାନ୍ତି।
- ଗ୍ରାମାଞ୍ଚଳରେ ଅନେକ ବିଦ୍ୟୁତ ଖୁଣ୍ଟ/ଟ୍ରାନ୍ସଫରମର/କେବୁଲ ଦୟନୀୟ ଓ ମୁକୁଳା ଅବସ୍ଥାରେ ଥିବାରୁ ତାହା ମଣିଷ ଓ ପଶୁମାନଙ୍କ ପାଇଁ ବିପଦ ସଂକୁଳ ହେଉଛି।
- ବିଲ୍ ସବୁ ବିଳମ୍ବରେ ପ୍ରଦାନ କରାଯାଉଛି ଓ ବିଲ୍‌ରେ ଅନେକ ତ୍ରୁଟି ରହୁଛି।
- ବିଲ୍ ସଂପର୍କିତ ଅଭିଯୋଗଗୁଡିକୁ କ୍ୱଚିତ ପଞ୍ଜିକରଣ କରାଯାଉଛି। ସଂପୃକ୍ତ ବିଭାଗୀୟ ବିଲ୍ କାର୍ଯ୍ୟକର୍ତ୍ତା ଓ ଉପଭୋକ୍ତା ବେଆଇନ ଆଚରଣରୁ ବିରତ ନହେଲେ ବିଲ୍ ସଂଶୋଧନ ପ୍ରାୟତଃ ଅସମ୍ଭବ ଅଟେ।
- ଦେୟ ପ୍ରଦାନର ଧାର୍ଯ୍ୟ ତାରିଖର ବହୁଦିନ ପୂର୍ବରୁ ପ୍ରାୟ ସବୁ ବିଲ ପ୍ରଦାନ କରାଯାଇଛି। ଫଳରେ ଉପଭୋକ୍ତାମାନନେ ଠିକ ସମୟରେ ପେମେଣ୍ଟ ଦେବାକୁ ପ୍ରସ୍ତୁତ ହୋଇ ପାରୁନାହାନ୍ତି ଓ ରିହାର୍ଟ ସୁବିଧା ଉପଲବ୍ଧ କରିପାରୁନାହାନ୍ତି।

ତାରିଫ ସମସ୍ୟା ସଂପର୍କରେ.......

- ସିକ୍ୟୁରିଟି ଡିପୋଜିଟ ଉପରେ ସୁଧ ପରିମାଣକୁ ବଢାଇ ଦିଆଯିବା ଉଚିତ।
- ସବୁ ଶ୍ରେଣୀର ଉପଭୋକ୍ତାଙ୍କ ପାଇଁ ଡିପିଏସ୍ ପ୍ରୟୋଗ କରାଯିବା ଉଚିତ ନୁହେଁ।
- ଉପଭୋକ୍ତାମାନେ ଅବାଂଛିତ ସୁବିଧାର ସୁଯୋଗ ନ ନେଇ ପାରିବା ପାଇଁ ଅନେକ ତିନି ଫେଜ ର ଉପଭୋକ୍ତାଙ୍କ କ୍ଷେତ୍ରରେ ଷ୍ଟାଟିକ ମିଟର ର ସଂସ୍ଥାପନା କରାଯାଇନାହିଁ।

- ମୁକ୍ତ ପ୍ରବେଶ ଏବଂ 'ଘୂର୍ଣ୍ଣନ ଦେୟ-ଦର' ଏଭଳି ଢାଞ୍ଚାରେ ଧାର୍ଯ୍ୟ କରାଯିବା ଉଚିତ ଯେ ଏହା ଯେପରି ସୁସ୍ଥ ପ୍ରତିଦ୍ୱନ୍ଦିତାରେ ସହାୟକ ହେବ।
- ଗୋଟିଏ ଦିନରେ ଯେତିକି ଘଣ୍ଟା ପାଇଁ ବିଦ୍ୟୁତ ଯୋଗାଣ ଉପଲବ୍ଧ ହୋଇଥବ, ସେହି ସମୟ ସୀମା ଅଧାରରେ ଡିମାଣ୍ଡ ଚାର୍ଜ ଓ ଲୋଡ ଫାକ୍ଟରର ହିସାବ କରାଯିବ।
- ଆବଶ୍ୟକୀୟ ମତେ ଆବଶ୍ୟକୀୟ ସମୟରେ ଯଦି ଉପଭୋକ୍ତାଙ୍କୁ ଟାରିଫ ସଂପର୍କିତ ସୂଚନା ପ୍ରଦାନ କରାଯାଉ ନଥାଏ, ତେବେ ଅନୁମତିଧାରୀଙ୍କ ଟାରିଫ ଆବେଦନ ପତ୍ରରେ ଦର୍ଶାଯାଇଥିବା କ୍ଷତିକୁ ମିଥ୍ୟା ଓ ଅଭିସନ୍ଧିମୂଳକ ବୋଲି ଧରିନିଆଯିବ।

<u>ଆର୍ଥିକ ପ୍ରସଂଗସମୂହ :</u>

୮୩. ସୁଧର ପରିମାଣକୁ କମାଇବା ସକାଶେ ଋଣ ନ କରି ଅନ୍ୟାନ୍ୟ ଉତ୍ସରୁ ରାଜସ୍ୱ ପାର୍ଥକ୍ୟକୁ ପରିଚାଳନା କରାଯିବା ଉଚିତ।

- 'କାର୍ଯ୍ୟକାରୀ ମୂଳଧନ' କୁ 'ଭାଗୀଦାର ଚୁକ୍ତି' ରୂପରେ ଆଣିବାକୁ ବଣ୍ଟନକାରୀ କଂପାନୀମାନେ ପ୍ରୟାସ କରିବା ଉଚିତ।
- ୱେସକୋ ପଦ୍ଧତିର ଦାୟିତ୍ୱ ହାତକୁ ନେଲାବେଳେ ତା' ପାଖରେ ମାତ୍ର ୪୮.୬୫ କୋଟି ଟଙ୍କା ଥିଲା, ଯାହା କଂପାନୀର ସମୁଦାୟ ଆସେଟର ୧୦ ପ୍ରତିଶତ ମାତ୍ର। ଉପଭୋକ୍ତାମାନେ ସିକ୍ୟୁରିଟି ଜମା ରୂପରେ ୱେସକୋକୁ ୬୮୪.୭୬ କୋଟି ଟଙ୍କା ଦେଇଛନ୍ତି।

<u>୮୪. ଅନୁମତିଧାରୀଙ୍କର କାର୍ଯ୍ୟ ନିର୍ବାହନର ଏପାଖ ସେପାଖ</u>

- ଅନୁମତିଧାରୀଙ୍କ ଦ୍ୱାରା ପ୍ରଦତ୍ତ ମିଟରିଂ ଡାଟା ଗୋଳମାଳିଆ ଜଣାପଡେ।
- ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳ ଲୋକଙ୍କର ଅଜ୍ଞତା ଯୋଗୁ ସେମାନେ କ୍ଷତିପୂରଣ ଦାବୀ କରିବାକୁ ଅସମର୍ଥ ହୋଇଥା'ନ୍ତି। ଆୟୋଗଙ୍କ ଦ୍ୱାରା ନିର୍ଦ୍ଧାରିତ କ୍ଷତିପୂରଣ ପରିମାଣ ଖୁବ ନଗଣ୍ୟ। ତା'ଛଡା ଉପଭୋକ୍ତାଙ୍କ ଦ୍ୱାରା ଦାବୀ କରାଯାଉଥିବା କ୍ଷତିପୂରଣର ଉଦାହରଣ ମଧ୍ୟ ସୀମିତ ଅଟେ।
- ବଣ୍ଟନକାରୀ କଂପାନୀମାନେ ଯେଉଁ ତଥ୍ୟସବୁ ସେମାନଙ୍କ ଏଆରଆର ଓ ଟାରିଫରେ ଉଲ୍ଲେଖ କରନ୍ତି, ତା'ର ଅଡିଟ କରାଯିବା ଉଚିତ।
- ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ହୁକ ପକାଇବା ଓ ଶକ୍ତି ଚୋରି ସଂପର୍କରେ ବହୁ ସଂଖ୍ୟାରେ ଅଭିଯୋଗ ଆସୁଛି, ଯାହାକୁ ରୋକା ଯିବାର ଆବଶ୍ୟକତା ଅଛି।
- ଅନୁମତିଧାରୀଙ୍କର କର୍ମଚାରୀମାନଙ୍କର ୟୁନିଫର୍ମ ପୋଷାକ, ରକ୍ତ ଗ୍ରୁପ ସହିତ ପରିଚୟ ପତ୍ର ଥିବା ଉଚିତ, ଯାହା ଫଳରେ ସେମାନଙ୍କୁ ସହଜରେ ଚିହ୍ନଟ କରିହେବ। ବ୍ୟକ୍ତିଗତ ବାଛବିଚାର ଓ ଅପରାଧୀମାନେ ନିଜକୁ ବିଭାଗୀୟ କର୍ମଚାରୀ ଭାବେ ପରିଚିତ କରାଇ ଦେୟ ଆଦାୟ କରିବାକୁ ରୋକିବାରେ ଏହା ସାହାଯ୍ୟ କରିବ।
- ସିଙ୍ଗଲ ଫେଜ ଉପଭୋକ୍ତାଙ୍କୁ ମିଟର ପରୀକ୍ଷଣର ରିପୋର୍ଟ ଦିଆଯାଇନାହିଁ।
- ସେବା ସଂଯୋଗ ଛିନ୍ନ କରିବାର ତାରିଖ, ସମୟ ଓ ସଂଯୋଗ ଛିନ୍ନ କରିବାର କାରଣ ସର୍ବସାଧାରଣରେ ପ୍ରକାଶ କରିବାରେ ଅନୁମତିଧାରୀମାନେ ସ୍ୱଚ୍ଛ ନୁହନ୍ତି।

- ସୂଚନା ଅଧିକାର ଆଇନ ଅନୁଯାୟୀ ଅନୁମତିଧାରୀମାନେ ସର୍ବସାଧାରଣଙ୍କୁ ସୂଚନା ପ୍ରକାଶ କରିବା କଥା; କିନ୍ତୁ କୌଣସି ସମସ୍ୟା ଓଡ଼ିଶାର ଉଚ୍ଚ ନ୍ୟାୟଳୟରେ ବିଚାରାଧିନ ଥିବା ଦର୍ଶାଇବା ଆଳରେ ସେମାନେ ସର୍ବସାଧାରଣରେ ତାହା ପ୍ରକାଶ କରୁନାହାନ୍ତି ।

<u>ଉପଭୋକ୍ତା ଉପଦେଷ୍ଟାଙ୍କ ଦ୍ୱାରା ଉପଭୋକ୍ତା ସନ୍ତୁଷ୍ଟିକରଣ ସର୍ବେକ୍ଷଣ :</u>

୮୫. ସେସୁ ପରିଚାଳନାଧିନ ଅଂଚଳରେ ଅନୁମତିଧାରୀମାନଙ୍କର କାର୍ଯ୍ୟ ନିର୍ବାହନର ମାନ ସଂପର୍କିତ ବିଦ୍ୟୁତ ସେବା ସମ୍ବନ୍ଧୀୟ ଉପଭୋକ୍ତାଙ୍କର ସନ୍ତୁଷ୍ଟିକରଣର ମୂଲ୍ୟାୟନ ନିମନ୍ତେ ଓଡ଼ିଶା ଇଲେକ୍ଟ୍ରିକାଲ ଉପଭୋକ୍ତା ଆସୋସିଏସନ ଦ୍ୱାରା ଏକ ଉପଭୋକ୍ତା ସର୍ବେକ୍ଷଣ କାର୍ଯ୍ୟକ୍ରମର ପରିଚାଳନା କରାଯାଇଥିଲା । ସେସୁ ଆୟତ୍ତାଧିନ ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳର ୮ ଟି ରାଜସ୍ୱ ଜିଲ୍ଲାର ୧୬୦୦ ଉପଭୋକ୍ତାଙ୍କୁ ନେଇ ସର୍ବେକ୍ଷଣ କରାଯାଇଥିଲା । ସେହି ସର୍ବେକ୍ଷଣରୁ ନିମ୍ନଲିଖିତ ସିଦ୍ଧାନ୍ତଗୁଡିକୁ ଆବିଷ୍କାର କରାଯାଇଥିଲା ।

- ସାଧାରଣତଃ ଗ୍ରାମାଞ୍ଚଳରେ ଫ୍ୟୁଜ ଚାଲିଯିବା ପରେ ବହୁ ସମୟ ପର୍ଯ୍ୟନ୍ତ ଶକ୍ତି ଯୋଗାଣ ବ୍ୟାହତ ହୋଇଥାଏ ।

କେତେକ ସମୟରେ ଟ୍ରାନ୍ସଫରମର ଅଚଳ ହେଲେ ସେଗୁଡିକୁ ମରାମତି କିମ୍ବା ବଦଳ କରିବା ପାଇଁ ବହୁ ଦିନ ଲାଗିଯାଏ ।

- ଗ୍ରାମାଞ୍ଚଳରେ ମୁଖ୍ୟତଃ ସଂଧ୍ୟା ସମୟରେ ଭୋଲଟେଜ ଖୁବ ନିମ୍ନ ସ୍ତରରେ ରହେ । ଏପରିକି ସହରାଞ୍ଚଳରେ ମଧ୍ୟ କେତେକ ସମୟରେ ଭୋଲଟେଜ କମ ବେଶୀ ହେବାର ପରିଲକ୍ଷିତ ହୁଏ ।
- ଗ୍ରାମାଞ୍ଚଳରେ ଶକ୍ତି ବିରତିର ଖାପଛଡା ପ୍ରକୃତି ପ୍ରାୟତଃ ପରିଲକ୍ଷିତ ହୁଏ । ବେଳେବେଳେ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ତାହା ଲାଗି ରହେ ।
- ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳ ଲୋକଙ୍କର ଅଜ୍ଞତା ଯୋଗୁ ସେମାନେ କ୍ଷତିପୂରଣ ଦାବୀ କରିବାର ସମର୍ଥ ହୋଇ ପାରନ୍ତି ନାହିଁ । ଦାବୀ କରାଯାଉଥିବା କ୍ଷତି ପୂରଣର ଉପଭୋକ୍ତାଙ୍କ ସଂଖ୍ୟା ଖୁବ ସୀମିତ ।
- ତ୍ରୁଟିପୂର୍ଣ୍ଣ ମିଟର, ସଜାଡିବା ସଂପର୍କରେ କୁହାଗଲେ ଏହା ହେବ ଯେ, ଅନୁମତିଧାରୀମାନେ କ୍ୱଚିତ ଉପଭୋକ୍ତାଙ୍କର ମିଟର ସଜାଡିଥାନ୍ତି ।
- ବିଲ ଅନାଦାୟ କାରଣ ଯୋଗୁ ସେବା ସଂଯୋଗ ଛିନ୍ନ କରାଯାଇଥିଲେ ଏବଂ ଉପଭୋକ୍ତା ବିଲ ପେମେଣ୍ଟ କଲା ପରେ ସେବାର ପୁନଃ ସଂଯୋଗ ପାଇଁ ଗ୍ରାମାଞ୍ଚଳରେ ୨/୩ ଦିନ ସମୟ ଲାଗିଯାଏ ଏବଂ ସହରାଞ୍ଚଳରେ ୫/୬ ଘଣ୍ଟା ପର୍ଯ୍ୟନ୍ତ ସମୟ ଲାଗିଯାଏ । ପୁନଃ ସଂଯୋଗ ପାଇଁ ସେସୁର କର୍ମଚାରୀମାନେ ବେଳେବେଳେ ବିଲ ପରିମାଣର ଉର୍ଦ୍ଧ୍ୱରେ ସିଡି ବୋହିଆଣିଥିବା ଯୋଗୁ କିମ୍ବା ଆସିଥିବା ଗାଡିରେ ତେଲ ଖର୍ଚ୍ଚ ଯୋଗୁଁ ଅଧିକ ଅର୍ଥ ଉପଭୋକ୍ତାଙ୍କ ଠାରୁ ଦାବି କରିଥାନ୍ତି ।
- ବିଲ ସଂପର୍କିତ ଅଭିଯୋଗଗୁଡିକ କ୍ୱଚିତ ପଂଜିକରଣ କରାଯାଇଥାଏ । ଅନେକ କ୍ଷେତ୍ରରେ ଲାଞ୍ଚ ନ ଦେଲେ ବିଲ ସଂଶୋଧନ କରାଯାଇ ନଥାଏ ।
- ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ହୁକ ପକାଇବା ଓ ଅନ୍ୟାନ୍ୟ ଉପାୟରେ ବିଦ୍ୟୁତ ଚୋରି କରିବାର ଅଭିଯୋଗ ଏକ ସାଧାରଣ କଥା ହୋଇଗଲାଣି । ବେଳେ ବେଳେ ତଳ ସ୍ତରର ବିଦ୍ୟୁତ କର୍ମଚାରୀମାନେ ହାତଗୁଞ୍ଜା ନେଇ ବେଆଇନ ସଂଯୋଗ ଦେଉଥିବାର ନଜର ମିଳୁଛି । ଏଥି ନେଇ କୌଣସି ବୈଧାନିକ ପ୍ରତିକାର କରାଯାଉନାହିଁ; ବରଂ ଅପରପକ୍ଷରେ ଏଭଳି ବେଆଇନ ଓ ଅପରାଧିକ ଆଚରଣକୁ ପ୍ରୋତ୍ସାହିତ କରାଯାଉଛି ।

- ଅନେକ ସମୟରେ ଗ୍ରାମାଞ୍ଚଳମାନଙ୍କରେ ବିଦ୍ୟୁତ୍/ଟ୍ରାନ୍ସଫରମର/କେବୁଲଗୁଡିକ ଦୟନୀୟ ଅବସ୍ଥାରେ ରହୁଛି। ଟ୍ରାନ୍ସଫରମର ଚାରିପଟେ କୌଣସି ବାଡ ରହୁନଥିବାରୁ ପଶୁ ଓ ମଣିଷଙ୍କ ଚଳାଚଳ ପାଇଁ ତାହା ସଂକଟଜନକ ହେଉଛି।
- ଅନେକ ଉପଭୋକ୍ତା ଅଛନ୍ତି, ଯେଉଁମାନଙ୍କର ବିଦ୍ୟୁତ ଶକ୍ତି ବିନିଯୋଗ କ୍ଷେତ୍ରରେ ଜ୍ଞାନ ଓ ସଚେତନତା ଅଛି କିନ୍ତୁ ବିନିଯୋଗ ଜନିତ ଆଚରଣରେ ତାହା ସେମାନେ ପ୍ରଦର୍ଶନ କରୁନାହାନ୍ତି।
- ରାଜ୍ୟର ଅନେକ ଅଗମ୍ୟ ଅଞ୍ଚଳକୁ ବିଦ୍ୟୁତ ସେବା ଉପଲବ୍ଧି ହୋଇ। ପାରିନାହିଁ। ତା' ଛଡା ସମାଜର ଦୁର୍ବଳ ଶ୍ରେଣୀର ଲୋକେ ଏପର୍ଯ୍ୟନ୍ତ ବିଦ୍ୟୁତ ଆଲୁଅ ଟିକେ ଜାଳିବାକୁ ସମର୍ଥ ହୋଇପାରୁନାହାନ୍ତି।
- ସହରାଞ୍ଚଳର ୪୫ ପ୍ରତିଶତ ଘରୋଇ ଉପଭୋକ୍ତା ବିଦ୍ୟୁତ ସେବା ନେଇ ସନ୍ତୁଷ୍ଟ ହେବା ବେଳେ ଗ୍ରାମାଞ୍ଚଳର ୮୩ ପ୍ରତିଶତ ଉପଭୋକ୍ତା ନେଇ ଅସନ୍ତୁଷ୍ଟ ଅଟନ୍ତି।
- ଉପଭୋକ୍ତା ଅଧିକାର ସଂପର୍କରେ କୌଣସି ସଚେତନତା କାର୍ଯ୍ୟକ୍ରମର ଅନୁଷ୍ଠାନ କରାଯାଉନାହିଁ। ମୁଦ୍ରଣ-ଗଣମାଧ୍ୟମ କିମ୍ବା ଦୃଶ୍ୟ-ଶ୍ରାବ୍ୟ ଗଣମାଧମ ଦ୍ୱାରା ଉପଭୋକ୍ତାମାନଙ୍କ ପାଇଁ କୌଣସି ଆଇଇସି ସାମଗ୍ରୀର ବ୍ୟବସ୍ଥା କରାଯାଉନାହିଁ।
- ଠିକ ସମୟରେ ନୂଆ ବିଦ୍ୟୁତ ସଂଯୋଗ ଉପଲବ୍ଧ ହେଉନାହିଁ।
- ସେବା ସଂଯୋଗ ବିଦ୍ୟୁତ ତାରର ଉପଯୁକ୍ତ ତତ୍ତ୍ୱାବଧାନ ହେଉନାହିଁ। କୌଣସି ସୂଚନା ନ ଦେଇ ଗ୍ରାମାଞ୍ଚଳରେ ମନଇଛା ବିଦ୍ୟୁତ କାଟ କରାଯାଉଛି।
- ଅନେକ କ୍ଷେତ୍ରରେ ବିଲ୍ ସବୁ ବିଳମ୍ବରେ ଦିଆଯାଉଛି ତ କେତେକ କ୍ଷେତ୍ରରେ ତ୍ରୁଟିପୂର୍ଣ୍ଣ ବିଲ ଦିଆଯାଉଛି। ସଠିକ ପରିମାଣର ବିଲ୍ ଦେୟ ପ୍ରଦାନ ପରେ ବି ଅନେକ କ୍ଷେତ୍ରରେ ବାକିଆ ପଡୁଥିବାର ଉଦାହରଣ ଜାଣିବାକୁ ମିଳିଛି। ସାଧାରଣ ଉପଭୋକ୍ତାମାନେ ଇଂରାଜୀରେ ଲେଖାଥିବା ବିଲକୁ ପଢିପାରୁନାହାନ୍ତି କି ବୁଝିପାରୁନାହାନ୍ତି।
- ଉପଭୋକ୍ତା ଅଧିକାର ଗ୍ରୁପ ସହ କୌଣସି ଉପଭୋକ୍ତାଙ୍କର ସହ-ସମ୍ବନ୍ଧ ରହୁନାହିଁ କିମ୍ବା ନେଟୱାର୍କିଂ ସଂପର୍କ ସ୍ଥାପନ ହୋଇପାରୁନାହିଁ।
- ଉପଭୋକ୍ତା ଓ ଅନୁମତିଧାରୀଙ୍କ ମଧ୍ୟରେ ସହ-ସମ୍ବନ୍ଧର ଅଭାବ ରହୁଛି।
- ଅଭିଯୋଗ ଶୁଣାଣି ଫୋରମ ଓ ଅଭିଯୋଗ ଅଧିକାରୀଙ୍କ ସଂପର୍କରେ ଉପଭୋକ୍ତାମାନେ ଜାଣନ୍ତି ନାହିଁ ଯେ, ସେମାନଙ୍କ ସମକ୍ଷରେ ଅଭିଯୋଗ ଉପସ୍ଥାପନ କରାଯାଇପାରିବ କାରଣ ଏ ସଂପର୍କରେ ସେସବୁ ବିଭିନ୍ନ କାର୍ଯ୍ୟାଳୟ ଓ ବିଭାଗମାନଙ୍କରେ କୌଣସି ସୂଚନା-ଫଳକ କିମ୍ବା ସୂଚକ କାନ୍ଥର ପ୍ରଦର୍ଶନ ନାହିଁ।

**<u>ଶୁଣାଣି ସମୟରେ ଓ ଲିଖିତ ଉପସ୍ଥାପନା ଜରିଆରେ ଅଭିଯୋଗକାରୀଙ୍କ ଦ୍ୱାରା ଉଦ୍ରେକିତ ସମସ୍ୟାସମୂହ:</u>**

୮୬. ଆୟୋଗ ଜନଶୁଣାଣି ସମୟରେ ସହଭାଗୀମାନଙ୍କ ଦ୍ୱାରା ଉଦ୍ରେକିତ ଓ ଲିଖିତ ଉପସ୍ଥାପନା ଜରିଆରେ ଉପସ୍ଥାପିତ ସମସ୍ୟା ସମୂହର ବିଚାର କରିଥିଲେ। ଅଭିଯୋଗଗୁଡିକ ମଧ୍ୟରୁ କେତେକ ସାଧାରଣ ପ୍ରକୃତିର ଥିବା ଜଣାପଡି ଥିବା ବେଳେ ଆଉ କେତେକ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ପ୍ରସ୍ତାବିତ ରାଜସ୍ୱ ଆବଶ୍ୟକତା ଓ ଟାରିଫ ଆବେଦନ ଆଧାରିତ ଥିଲା ସେଗୁଡିକର ପ୍ରକୃତି ଓ ପ୍ରକାରକୁ ଭିତ୍ତିକରି ସେହି ସବୁ ଅଭିଯୋଗଗୁଡ଼ିକୁ ନିମ୍ନଲିଖିତ ଭାବରେ ଶ୍ରେଣୀକରଣ କରାଯାଇଛି।

<u>ଆଇନଗତ ସମସ୍ୟାସମୂହ:</u>

୮୭. ଜଣେ ଅଭିଯୋଗକାରୀ ତାଙ୍କର ମୂଲ୍ୟବାନ ମତ ଉପସ୍ଥାପନ କରି କହିଥିଲେ ଯେ, ବଣ୍ଟନକାରୀ କଂପାନୀମାନଙ୍କ ଦ୍ୱାରା ଆଗତ କରାଯାଉଥିବା ଏଆର୍‌ଆର୍ ନିର୍ଦ୍ଧାରଣ ଓ ଟାରିଫ ସ୍ଥିରୀକରଣ ସଂପୂର୍ଣ୍ଣ ଭାବେ ଏକ ଆଇନ ବହିର୍ଭୁତ ପଦ୍ଧତି। ଆଇନର ଉଲ୍ଲେଖ ଅନୁଯାୟୀ, ଟାରିଫ ସ୍ଥିରୀକରଣ ଉଦ୍ଦେଶ୍ୟରେ ଆୟୋଗଙ୍କୁ ପ୍ରଥମେ ନିଜ

ତରଫରୁ ଅନୁମତିଧାରୀମାନଙ୍କର ରାଜସ୍ୱ ନିର୍ଦ୍ଧାରଣ କରିବାକୁ ପଡିବ ସମୂହ ଆବେଦନ ଉପରେ ନୁହେଁ, ଯାହା ସଂପୂର୍ଣ୍ଣ ଦ୍ୱନ୍ଦାତ୍ମକ ଓ ଆଇନର ବିରୁଦ୍ଧାଚରଣ କରୁଛି। ଆବେଦନକାରୀମାନଙ୍କର ପ୍ରଦର୍ଶିତ ଭୁଲ ଓ ଦୁର୍ନୀତି-ଅଭିପ୍ରେତ ତଥ୍ୟ /ସାମଗ୍ରୀ /ହିସାବର ବିବରଣୀ ଉପରେ ଆଧାରିତ ଆବେଦନ ପତ୍ର ଗୁଡିକୁ ଖାରଜ କରାଯାଇପାରେ। ଅଧିକନ୍ତୁ, ବିଗତ ୩ ବର୍ଷ ଧରି ଅନୁମତିଧାରୀମାନେ ସେମାନଙ୍କର ଅଡିଟ କରାଯାଇଥିବା ଆକାଉଣ୍ଟ ଆୟୋଗଙ୍କ ସମକ୍ଷରେ ଦାଖଲ କରିନାହାନ୍ତି। ଅତଏବ, ସେମାନଙ୍କର ଏଆରଆର ନିର୍ଦ୍ଧାରଣ ପାଇଁ ଆବେଦନପତ୍ରଗୁଡିକୁ ଅନୁମତି ଦିଆଯାଇ ନ ପାରେ।

୮୮. ଜଣେ ଅଭିଯୋଗକାରୀ ଦର୍ଶାଇଥିଲେ ଯେ, ବଣ୍ଟନକାରୀ କଂପାନୀମାନେ ସେମାନଙ୍କର କାର୍ଯ୍ୟ ନିର୍ବାହନରେ ଉନ୍ନତି ଆଣିବା ପରିବର୍ତ୍ତେ ରିଭ୍ୟୁ ପିଟିସନ ଦେବାରେ ଏବଂ ଆୟୋଗଙ୍କ ପ୍ରାୟ ସବୁ ଆରଏସଟି ଆଦେଶନାମା ଉପରେ ଏଟିଇଙ୍କ ସମକ୍ଷରେ ଅପିଲ କରିବା ଜନିତ ଧାରାବାହିକ ଅଭିଯୋଗ ବାଢିବାରେ ନିଜକୁ ବ୍ୟାପୃତ କରି ସମୟ ବାହନ କରୁଛନ୍ତି।

**<u>ସାଧାରଣ ଭାବେ ପୂର୍ବବର୍ତ୍ତୀ କାର୍ଯ୍ୟନିର୍ବାହନ ସମୂହର ପୁନଃ ମତାୟନ:</u>**

୮୯. ଅଭିଯୋଗକାରୀମାନେ ଦର୍ଶାଇଥିଲେ ଯେ, ବିଭିନ୍ନ ସମୟରେ ଆୟୋଗ ବଣ୍ଟନ ଅନୁମତିଧାରୀମାନଙ୍କୁ ସେମାନଙ୍କର କାର୍ଯ୍ୟଦକ୍ଷତା , ସେବାର ମାନ, କାର୍ଯ୍ୟ-ନିର୍ବାହନରେ ଉନ୍ନତି ଆଣିବା ସାଂଗକୁ ସରବରାହ ଓ ବଣ୍ଟନ ଜନିତ କ୍ଷତିକୁ କମାଇବାକୁ ନିର୍ଦ୍ଦେଶ ଦେବା ସତ୍ତ୍ୱେ ସେମାନେ ତାହା କରୁନାହାନ୍ତି। ସୁତରାଂ ଅନୁମତିଧାରୀଙ୍କର ବିଭ୍ରାନ୍ତିକର ପରିଚାଳନା , ଦକ୍ଷତାହୀନତା, ଦୁର୍ନୀତିପରାୟଣତା ଓ ବିଭ୍ରାନ୍ତିକର ପ୍ରଶାସନ ଜନିତ କ୍ଷତିର ଭରଣା ପାଇଁ ଆୟୋଗ ଉପଭୋକ୍ତାମାନଙ୍କୁ ଦଣ୍ଡିତ କରିବା ଉଚିତ ନୁହେଁ। ଏହି ପରିପ୍ରେକ୍ଷୀରେ- କୌଣସି କ୍ଷେତ୍ରରେ ଉନ୍ନତି ନଆଣି, ବରଂ ଅବନତି ଘଟାଇ, ଅନୁମତିଧାରୀମାନେ କେବଳ ଅଧିକ ଦର-ଯୁକ୍ତ ଟାରିଫ ନିର୍ଦ୍ଧାରଣ ପାଇଁ ଆୟୋଗଙ୍କୁ ଚାପ ପକାଇବାର ସୁଯୋଗ ନେଉଛନ୍ତି। ସେମାନେ ଆହୁରି ମଧ୍ୟ ଦର୍ଶାଇଥିଲେ ଯେ ଟ୍ରାନ୍ସଫରମର ପୋଡି ଓ କଣ୍ଡକ୍ଟରଗୁଡିକର ଚୋରି/ପ୍ରତ୍ୟାହାର ଯୋଗୁ ନିରବିଚ୍ଛିନ୍ନ ଭାବେ କମ ଭୋଲଟେଜ ଯୋଗାଣ, ଶକ୍ତି ବିରତି ଆଳରେ ଶକ୍ତିକାଟ ମାସ ମାସ ଧରି ଲାଗି ରହୁଛି।

<u>ଅଡିଟର ଫଳାଫଳ</u>

୯୦. ବହୁ ଅଭିଯୋଗକାରୀ ଅଭିଯୋଗ କରିଥିଲେ ଯେ, ୨୦୦୮-୦୯ ଆର୍ଥିକ ବର୍ଷରୁ ପରବର୍ତ୍ତୀ ସମୟ ପର୍ଯ୍ୟନ୍ତ ବଣ୍ଟନକାରୀ କଂପାନୀମାନଙ୍କର ଆକାଉଣ୍ଟ ସମୂହର ଅଡିଟ କରାଯାଇନାହିଁ। ଅନୁମତିଧାରୀମାନଙ୍କର କାର୍ଯ୍ୟ ନିର୍ବାହନରେ ଉନ୍ନତି ଆଣି ନିଅଣ୍ଟିଆ ରାଜସ୍ୱକୁ ଭରଣା କରାଯିବା ଉଚିତ, ଟାରିଫ ବୃଦ୍ଧି କରି ନୁହେଁ। ତା' ଛଡା , ଅନୁମତିଧାରୀମାନେ କଳ୍ପିତ ଓ ବିଭ୍ରାନ୍ତିକର ବିବରଣୀ ଦେଇ ସେମାନଙ୍କର ଏଆରଆର ଓ ଟାରିଫ ଉପସ୍ଥାପନ କରିଛନ୍ତି।

୯୧. ଜଣେ ଅଭିଯୋଗକାରୀ ଦର୍ଶାଇଥିଲେ ଯେ, ଆୟୋଗ ଅନୁମତିଧାରୀଙ୍କର ଅଡିଟ କରାଯାଇଥିବା ତଥ୍ୟ ସମୂହକୁ ଯାଞ୍ଚ କରିବା ଉଚିତ ଏବଂ ଶକ୍ତି କ୍ରୟ ଓ ବିକ୍ରୟ ଜନିତ ହିସାବ ବାହାର କରି ଆୟ ପରିମାଣ ଜାଣିବା ଉଚିତ।

୯୨. 'ମନ୍ଦ ଓ ସନ୍ଦେହ ଜନକ ଋଣ' କାରଣ'ର ବ୍ୟବସ୍ଥାକୁ ପୁନର୍ବାର 'ଅନୁଚିତ ଋଣ' ଭାବରେ ଉପ-ବିଭାଗ କରାଯାଇପାରେ, ଯାହା ସେହି ଉପଭୋକ୍ତାଙ୍କ ଉପରେ ଲାଗୁ କରାଯାଉଛି, ଯେଉଁମାନଙ୍କର ବାସସ୍ଥାନ ବା ଠିକଣାର ଚିହ୍ନବର୍ଣ୍ଣ ନାହିଁ।

୯୩. ଆୟୋଗଙ୍କର ନିମ୍ନଲିଖିତ ଆଦେଶନାମା ଓ ନିୟମସମୂହକୁ ବଣ୍ଟନକାରୀ କଂପାନୀ/ଅନୁମତିଧାରୀମାନେ ପାଳନ କରିଛନ୍ତି କି ନା ସେ ସଂପର୍କରେ ପରୀକ୍ଷଣ/ଯାଞ୍ଚ କରିବାକୁ ଅଭିଯୋଗକାରୀମାନେ ଆୟୋଗଙ୍କୁ ଅନୁରୋଧ କରିଥିଲେ।

(କ) ପୂର୍ବବର୍ତ୍ତୀ ଆଦେଶନାମା ଓ ନିୟମସମୂହରେ ପ୍ରଦତ୍ତ ଆୟୋଗଙ୍କର ନିର୍ଦ୍ଦେଶକୁ ବଣ୍ଟନକାରୀ କଂପାନୀମାନେ ମାନିଛନ୍ତି କି ?

(ଖ) ଶକ୍ତିକ୍ରୟ ଜନିତ ଚୁକ୍ତିପତ୍ରକୁ ନିଷ୍ଠା ଓ ବିଶ୍ୱସ୍ତତାର ସହ ଅନୁମତିଧାରୀମାନେ ପାଳନ କରିଛନ୍ତି କି ?

(ଗ) ଆୟୋଗଙ୍କର ପୂର୍ବବର୍ତ୍ତୀ ଆଦେଶନାମାର ନିର୍ଦ୍ଦେଶନା ଅନୁଯାୟୀ ସରବରାହ ଓ ବଣ୍ଟନ ଜନିତ କ୍ଷତିକୁ ରୋକାଯାଇପାରିଛି କିମ୍ବା ହ୍ରାସ କରାଯାଇ ପାରିଛି ?

(ଘ) ବିଲ ପ୍ରସ୍ତୁତି ଓ ଆଦାୟ କାର୍ଯ୍ୟ ତ୍ୱରାନ୍ୱିତ , ସଠିକ ଓ ଉତ୍କୃଷ୍ଟ ମାନର ହେଉଛି ତ ?

(ଙ) ଯେଉଁ କର୍ମଚାରୀମାନେ ଉପଭୋକ୍ତାମାନଙ୍କର ଅଭିଯୋଗଗୁଡିକ ପ୍ରତି ଦୃଷ୍ଟି ଦେଇ ନାହାନ୍ତି, ସେମାନଙ୍କୁ କିଭଳି ଭାବେ ଉତ୍ତରଦାୟୀ କରାଯାଉଛି ?

(ଚ) ଅନୁମତିଧାରୀମାନଙ୍କ ଦ୍ୱାରା କାର୍ଯ୍ୟ ନିର୍ବାହନ ଜନିତ ରିଭ୍ୟୁ ତଥ୍ୟ ଓ ବର୍ତ୍ତମାନର ଉପସ୍ଥାପିତ ତଥ୍ୟ ମଧ୍ୟରେ ଅମେଳ ହେବାର କାରଣ କ'ଣ ?

(ଛ) ଅଟକଳିତ ପରିସଂଖ୍ୟାନ ସହ ଠିକାରେ କରାଯାଉଥିବା ହିସାବକୁ ଯୋଡା ଯାଉଛି କି ?

<u>ଯୋଗାଣର ଗୁଣବତ୍ତା</u>

୯୪. କେତେକ ଅଭିଯୋଗକାରୀ ଦର୍ଶାଇଥିଲେ ଯେ, ଅନୁମତିଧାରୀମାନଙ୍କ ଦ୍ୱାରା ଯୋଗାଣ କରାଯାଉଥିବା ଶକ୍ତିର ଗୁଣବତ୍ତା ଖୁବ ନିମ୍ନ ମାନର ଅଟେ। ସଂଖ୍ୟାଧିକ ଅଭିଯୋଗକାରୀ କହିଥିଲେ ଯେ, କମ ଭୋଲଟେଜ, ବିରତି ଆଳରେ ଶକ୍ତିକାଟ ଓ ଟ୍ରାନ୍ସଫରମର ପୋଡି ଯାଇଥିବା ଯୋଗୁଁ ଧାରାବାହିକ ଶକ୍ତି ସଂଯୋଗ ଛିନ୍ନ କରାଯିବା ଏବେ ଦେହସୁହା ହୋଇଗଲାଣି। ଜଣେ ଅଭିଯୋଗକାରୀ ଦର୍ଶାଇଥିଲେ ଯେ, ମରାମତି ଆଳରେ ଭଦ୍ରକ ଅଞ୍ଚଳରେ ସବୁ ବୁଧବାର ଦିନ ଶକ୍ତିକାଟ ହେଉଛି। ଯେ ପର୍ଯ୍ୟନ୍ତ ଏହି ସବୁ ଉଦ୍ଦେଶ୍ୟପ୍ରଣୋଦିତ ଓ ମନ୍ଦ ଆଭିମୁଖ୍ୟ ସଂପନ୍ନ କାର୍ଯ୍ୟକଳାପର ଉପଯୁକ୍ତ ଫଇସଲା ନ ହୋଇ ପାରିଛି, ସେ ପର୍ଯ୍ୟନ୍ତ ତାରିଫର ଦର-ହାର ବୃଦ୍ଧି କରିବାର କୌଣସି ଯଥାର୍ଥତା ନାହିଁ।

୯୫. କେତେକ ଅଭିଯୋଗକାରୀ ଦର୍ଶାଇଥିଲେ ଯେ, ୱେସକୋ ଆୟତ୍ତାଧିନ ଅଞ୍ଚଳରେ ବାରମ୍ବାର ଅହେତୁକ ଶକ୍ତି ବିରତି ସଂଘଟିତ ହେଉଛି। ଫଳରେ ଶିଳ୍ପ ସଂସ୍ଥାଗୁଡିକଗୁରୁତର ଭାବେ ପ୍ରଭାବିତ ହେଉଛି।

୯୬. ୬୬%ର ଧାର୍ଯ୍ୟ ସୀମାରେଖା ଜନିତ ୨୩୦ ଭୋଲଟେଜ (ଘରୋଇ ବ୍ୟବହାର ପାଇଁ ) ଓ ଏବଂ ଭୋଲଟେଜ(ଦୁଇ କିମ୍ବା ତିନି ଫେଜ ପାଇଁ)ର ଶକ୍ତି ଯୋଗାଣ ପାଇବା ପାଇଁ ଉପଭୋକ୍ତା ମାନେ ହକଦାର ଅଟନ୍ତି; କିନ୍ତୁ ପିକ୍ ଆୱାର ସମୟରେ ଉପଭୋକ୍ତାମାନେ ଏଭଳି ଭୋଲଟେଜ ପାଉଛନ୍ତି ଯେ, ୨୦୦ ୱାଟର ଏକ ଲ୍ୟାମ୍ପ ଗୋଟିଏ ମହମବତୀଠାରୁ ବି କମ ଆଲୁଅ ପ୍ରଦାନ କରୁଛି।

୯୭. ଯୋଗାଣର ଗୁଣବତ୍ତା ବୃଦ୍ଧି କରିବା ସକାଶେ ଆୟୋଗଙ୍କ ଦ୍ୱାରା ନିଯୁକ୍ତ ତଦନ୍ତ କମିଶନର ସୁପାରିଶର ପ୍ରବର୍ତ୍ତନ ସଂପର୍କରେ ବଣ୍ଟନକାରୀ କଂପାନୀଙ୍କ ନୀରବତା ଅବଲମ୍ବନକୁ ଜଣେ ଅଭିଯୋଗକାରୀ ଆକ୍ଷେପ କରିଥିଲେ।

୯୮. କୌଣସି ଶିଳ୍ପସଂସ୍ଥା ବା ପ୍ଲାଣ୍ଟରେ ଯଦି କିଛି ମୁହୁର୍ତ୍ତ ବା ଖୁବ ଅଳ୍ପ କିଛି ମିନିଟ ପାଇଁ ଶକ୍ତି ବିରତି ଘଟେ, ତାହା ଏକ ଦୀର୍ଘ ସମୟ ଅବଧିର ଉତ୍ପାଦନ କ୍ଷତି ଘଟାଇଥାଏ। କାରଣ କୌଣସି ପ୍ଲାଣ୍ଟ/ମେସିନିକୁ ବନ୍ଦ କରାଯାଇ ପୁନଃ ଚାଲୁ କରିବା ପାଇଁ ଓ ବିରତିର ପୂର୍ବ ସମୟର ଚାଲୁ ହେଉଥିବା ଲୋଡ ସ୍ତରରେ ପହଞ୍ଚିବା ପାଇଁ ସାଧାରଣତଃ ୩୦ ରୁ

୪୫ ମିନିଟ ସମୟ ଲାଗିଯାଏ। ତେଣୁ କାରଖାନା ଉଦ୍ଦେଶ୍ୟରେ ଯେ କୌଣସି ସମୟ ଅବଧିର ଶକ୍ତି ବିରତିକୁ ୩୦ ମିନିଟ ସମୟରୁ କମ ବିବେଚନା/ବିଚାର କରାଯିବା ଉଚିତ ନୁହେଁ।

୯୯.  ଯଦି ଗୋଟିଏ ମାସରେ ଶକ୍ତି ଯୋଗାଣର ବିରତି ଅବଧି ୬୦ ଘଣ୍ଟାରୁ ଅଧିକ ହୋଇଥାଏ, ତେବେ ଆନୁପାତିକ ହାରରେ ଡିମାଣ୍ଡ ଚାର୍ଜର ହିସାବ କରାଯାଇପାରେ।

୧୦୦. ଆୟୋଗଙ୍କ ଦ୍ୱାରା ନିର୍ବାଚିତ ନିର୍ଭରଯୋଗ୍ୟ ମାପକାଙ୍କ ଅନୁଯାୟୀ ଅନୁମତିଧାରୀମାନେ କାର୍ଯ୍ୟ ନିର୍ବାହନର 'ନିଶ୍ଚିତ ମାନ'କୁ ଅନୁସରଣ କରିବା ଉଚିତ।

୧୦୧. ଟ୍ରାନ୍ସଫରମରର ଓଭରଲୋଡିଂ ଯୋଗୁ ଆନୁମତିଧାରୀଙ୍କ ଦ୍ୱାରା ଯୋଗାଣ ହେଉଥିବା ଭୋଲଟେଜ ଅତି ନିମ୍ନମାନର ଅଟେ। ବଣ୍ଟନକାରୀ ଟ୍ରାନ୍ସଫରମର ଗୁଡିକୁ  ତୁଲାଇବା ପାଇଁ ଅନୁମତିଧାରୀମାନେ ସର୍ବନିମ୍ନ ଦେୟ-ଦର ଆଦାୟ କରୁଛନ୍ତି। ସଂଗୃହୀତ ଏହି ଅଳକୁ ସବ୍‌ଷ୍ଟେସନ ଓ ଟ୍ରାନ୍ସଫରମର ଗୁଡିକର ବିକାଶ ଦିଗରେ ବିନିଯୋଗ କରାଯାଉନାହିଁ।

୧୦୨. ଯଦି ଅନୁମତିଧାରୀମାନେ ଭଲ ମାନର ଭୋଲଟେଜ ଯୋଗାଣ ଓ ତତ୍ତ୍ୱାବଧାନରେ ଅସମର୍ଥ ହୁଅନ୍ତି, ତେବେ ଉପଭୋକ୍ତାମାନେ ସେମାନଙ୍କୁ ଆଇନତଃ ବିଲ୍ କାହିଁକି ଦେବେ ?

୧୦୩. ବାରମ୍ବାର ଭୋଲଟେଜ କମ ବେଶୀ ହେଲେ ଶିଳ୍ପକାରଖାନାରେ ବ୍ୟବହୃତ ଯନ୍ତ୍ରଗୁଡିକରେ ଯାନ୍ତ୍ରିକ ତ୍ରୁଟିର ସଂଘଟନ ହୋଇଥାଏ ଅନୁମତିଧାରୀମାନେ ଏହି କ୍ଷତି ପାଇଁ କ୍ଷତିପୂରଣ ଦେବା ଉଚିତ୍।

<u>ସେବାର ଗୁଣବତ୍ତା :</u>

୧୦୪. ବଣ୍ଟନକାରୀ କଂପାନୀମାନଙ୍କ ମଧ୍ୟରେ ସୁସ୍ଥ ପ୍ରତିଦ୍ୱନ୍ଦିତା ନାହିଁ, ଯାହା ବିଦ୍ୟୁତ ସଂସ୍କାର ପାଇଁ ଅନ୍ୟତମ ବିଭାବ ଅଟେ। ସେସୁର ଏକଚାଟିଆ ଆଚରଣ କେବଳ ଆତ୍ମସନ୍ତୁଷ୍ଟିକରଣରେ ସୀମାବୃଦ୍ଧି ଯାହାଫଳରେ ପ୍ରତ୍ୟାଶିତ ଫଳ ହାସଲ ହୋଇପାରୁନାହିଁ।

୧୦୫. ସୂଚନା ଅଧିକାର ଆଇନ, ୨୦୦୫ ମୂଳେ, ବିଭିନ୍ନ ସମସ୍ୟା ସଂପର୍କରେ ସଂପର୍କିତ ସୂଚନାସମୂହ ଯୋଗାଇ ଦେବା ପାଇଁ ଓଇଆରସି ଦ୍ୱାରା ବ୍ୟବସ୍ଥା ତଥା ନିର୍ଦ୍ଦେଶ ଥିଲାବେଳେ ଅନୁମତିଧାରୀମାନେ ତାହା କରୁନାହାନ୍ତି। ସେମାନେ ଆଳ ଦେଖାଉଛନ୍ତି ଯେ, ସେହିସବୁ ସମସ୍ୟା ଉଚ୍ଚ ନ୍ୟାୟଳୟରେ ବିଚାରାଧିନ ଅଛି ଓ ନ୍ୟାୟାଳୟ ସେଗୁଡିକର ସ୍ଥଗିତାଦେଶ ଜାରି କରିଛନ୍ତି।

୧୦୬. ଜଣେ ଅଭିଯୋଗକାରୀ କହିଥିଲେ ଯେ, ଅଟକଳିତ ହିସାବ ସହ ପାରିତୋଷିକ ହିସାବକୁ ଯୋଡା ଯାଉନାହିଁ। ତା' ଛଡା ଯଦି କେହି ଜିଆରଏଫ୍ କିମ୍ବା ଅନୁମତିଧାରୀଙ୍କ ବିରୋଧରେ ଯାଞ୍ଚ ଅଧିକାରୀଙ୍କୁ ସାମନା କରେ, ତେବେ ସେହି ଉପଭୋକ୍ତାଙ୍କର ଶକ୍ତି ସେବା ଯୋଗାଣ କାଟି ଦିଆଯିବାକୁ ଧମକ ଦିଆଯାଉଛି।

୧୦୭. ବିଦ୍ୟୁତଯୋଗାଣ ସର୍ତ୍ତାବଳୀ , ୨୦୦୪ ର ୧୨ (ଘ) ନିୟମ ମୂଳେ, ଏକ ଡିମାଣ୍ଡ କିମ୍ବା ଫେରସ୍ତ ନୋଟିସ ସହ ଏକତ୍ରିତ ଭାବେ କରାଯାଇଥିବା ଖର୍ଚ୍ଚ ପରିମାଣକୁ ସୂଚାଇ ୩୦ ଦିନ ମଧ୍ୟରେ ଡିପୋଜିଟ କାମ ଉପରେ ସର୍ବଶେଷ ବିଲ୍ ପ୍ରଦାନ କରାଯାଉନାହିଁ।

୧୦୮. ଅନେକ ଅଭିଯୋଗକାରୀ କହିଥିଲେ ଯେ, ଅନୁମତିଧାରୀଙ୍କ ଦ୍ୱାରା ଯୋଗାଇ ଦିଆଯାଉଥିବା ବିଦ୍ୟୁତ ସେବାର ଗୁଣବତ୍ତା ଖୁବ ନିମ୍ନମାନର ଅଟେ। ଉପଭୋକ୍ତାଙ୍କ ତରଫରୁ ଦିନକୁ ଦିନ ଅଧିକ ସଂଖ୍ୟାରେ ବିବାଦୀୟ ସମସ୍ୟା

ସମୂହର ସଂଖ୍ୟା ବୃଦ୍ଧି ପାଇଛି । ଫ୍ୟୁଜ କଲ ସେଣ୍ଟରଗୁଡିକ ଠିକ ଭାବେ ସେସୁ କରୁନାହିଁ । ରାତିରେ କୌଣସି ତ୍ରୁଟି ହେଲେ ତାହା ସକାଳ ପର୍ଯ୍ୟନ୍ତ ଲାଗି ରହୁଛି । ରାତିରେ କେହି  କର୍ମଚାରୀ ସଜାଡିବାକୁ ଯାଉନାହାନ୍ତି ।

ବଣ୍ଟନ କ୍ଷତି :

୧୦୯. ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଶକ୍ତି ଚୋରୀକୁ ରୋକିବାରେ କୌଣସି ଉନ୍ନତି ପରିଲକ୍ଷିତ ହେଉ ନଥିବା ସଂପର୍କରେ ଅନେକ ଅଭିଯୋଗକାରୀ ମତ ଦେଇଥିଲେ । ସେମାନେ ଆହୁରି କହିଥିଲେ ଯେ, ଏହି ପ୍ରକାରର ମନ୍ଦ ଆଚରଣ ବିଭାଗୀୟ କର୍ମକର୍ତ୍ତାଙ୍କ ଜ୍ଞାତସାରରେ ହେଉଛି । ଅପରାଧୀ ଓ ବିଭାଗୀୟ କର୍ମକର୍ତ୍ତାଙ୍କ ମଧ୍ୟରେ ଏଭଳି ଆଚରଣ ଏକ ସଲାସୁତରା ଭଳି ଜଣାପଡୁଛି । ଯାହା ଫଳରେ କୋଟି କୋଟି ଟଙ୍କାର କ୍ଷତି ଘଟୁଛି । ଏବେ ସୁଦ୍ଧା ବହୁ ସଂଖ୍ୟକ ଉପଭୋକ୍ତାଙ୍କର ମିଟର ବସା ଯାଇନାହିଁ କିମ୍ବା ଅନେକଙ୍କର ତ୍ରୁଟିଯୁକ୍ତ ମିଟର ରହିଛି । ଏହି ଯୋଗୁ ଅନୁମତିଧାରୀଙ୍କ ଦ୍ୱାରା ଘୋଷିତ କ୍ଷତି ପରିମାଣ ଅବାସ୍ତବ ଲାଗୁଛି ।

୧୧୦. ବହୁ ଅଭିଯୋଗକାରୀ ମତ ଉପସ୍ଥାପନ କରିଥିଲେ ଯେ, ଅନୁମତିଧାରୀଙ୍କର ଉପଯୁକ୍ତ ଭାବେ କାର୍ଯ୍ୟ ନିର୍ବାହନରେ ତ୍ରୁଟି ଖୁବ ଦୁଃଖଦାୟକ ଓ ବିଭାଗୀୟ ଆର୍ଥିକ କ୍ଷତିର ମୂଳ କାରଣ ଅଟେ । କାନୁନଗୋ କମିଟିଙ୍କର ହିସାବକୁ ଆଧାର କରି ୨୦୦୧-୦୨ ଆର୍ଥିକ ବର୍ଷରେ ବଣ୍ଟନ କ୍ଷତି ୧୩ ପ୍ରତିଶତ ଦ୍ୱାରା ବୃଦ୍ଧିପ୍ରାପ୍ତ ଥିଲା; ଅର୍ଥାତ୍ ୩୪ ପ୍ରତିଶତରୁ ୪୬.୯୧ ପ୍ରତିଶତ ବୃଦ୍ଧି ପାଇଥିଲା । ପୁନଶ୍ଚ, ୨୦୦୪-୦୫ ଆର୍ଥିକ ବର୍ଷ ପାଇଁ ଆୟୋଗ ବଣ୍ଟନ କ୍ଷତି ପାଇଁ ସୀମା ଚିହ୍ନ ବୃଦ୍ଧି କଲେ ଏବଂ ପୂର୍ବବର୍ତ୍ତୀ ଆଦେଶନାମା ଗୁଡିକରେ ନିର୍ଦ୍ଧାରିତ ବର୍ଷକୁ ୩ ପ୍ରତିଶତରୁ ୫ ପ୍ରତିଶତର ବଣ୍ଟନ କ୍ଷତି ସମୂହର  ହ୍ରାସ-ଦର-ହାରକୁ କମାଇ ଦେଲେ । ପରିତାପର ପ୍ରସଂଗ ଯେ, ୨୦୦୯-୧୦ ଆର୍ଥିକ ବର୍ଷରେ ସାଉଥକୋ ପାଇଁ ଆୟୋଗ ୨୭.୯୨ ପ୍ରତିଶତ ଧାର୍ଯ୍ୟ ଲକ୍ଷ୍ୟର ବଣ୍ଟନ କ୍ଷତି ପରିମାଣ ସ୍ଥିର କରିଥିଲା ବେଳେ ସାଉଥକୋ ଏହି କ୍ଷତି ସ୍ତରକୁ ୪୬.୭୭ ପ୍ରତିଶତ ଭାବେ ଦର୍ଶାଇଛି । ଉପଭୋକ୍ତାମାନଙ୍କୁ  ବିକ୍ରୀ କରାଯାଉଥିବା ଇଏଚଟି ଶକ୍ତିକୁ ବାଦଦେଇ ବଣ୍ଟନ କ୍ଷତିର ହିସାବ କରାଯିବା ଉଚିତ୍ ।

୧୧୧. ଜଣେ ଅଭିଯୋଗକାରୀ ଦର୍ଶାଇଥିଲେ ଯେ, ଅନୁମତିଧାରୀମାନଙ୍କର ଭିନ୍ନ ଭିନ୍ନ ଡିଭିଜନ ଏବଂ ବିଦ୍ୟୁତ ବିଭାଗୀୟ ପରିଦର୍ଶକମାନେ ବିଦ୍ୟୁତ ଚୋରିର ଆକଳନ କରୁଛନ୍ତି । ତା'ଛଡା ଜଣେ ଉପଭୋକ୍ତାଙ୍କ ଦ୍ୱାରା ଅବାଂଛିତ ଓ ବେଆଇନ ଶକ୍ତି କ୍ଷତିକୁ ମଧ୍ୟ ସେମାନେ ଆକଳନ କରୁଛନ୍ତି । ତେଣୁ ସବୁ ବଣ୍ଟନକାରୀ କଂପାନୀଙ୍କ ପାଇଁ ଗୋଟିଏ ପ୍ରକାର ପଦ୍ଧତିର ପ୍ରସ୍ତାବ କରାଯାଇପାରେ । ଅଞ୍ଚଳର ଜଣେ ସମ୍ମାନନୀୟ, ସଚ୍ଛଳ ଓ ସ୍ୱାବଲମ୍ବୀ ବିଶିଷ୍ଟ ବ୍ୟକ୍ତିଙ୍କ ଉପସ୍ଥିତି/ସାକ୍ଷ୍ୟରେ ବିଦ୍ୟୁତ ଆଇନର ଧାରା ୧୩୨ (୨) ମୂଳେ ପରିଚାଳିତ ସଂସ୍ଥାପନା/ହିସାବର ପରିଦର୍ଶନ/ଯାଞ୍ଚ କରାଯିବା ଉଚିତ । ଏହା ବାଦ୍, ଯଦି କୌଣସି ପରିସ୍ଥିତିରେ ମିଟର ଟେମ୍ପରିଂ କରିଥିବା ଜଣେ ଉପଭୋକ୍ତା ସ୍ୱେଚ୍ଛାକୃତ ଭାବେ ନିଜର ଦୋଷ ସ୍ୱୀକାର କରିଯାଏ ଏବଂ ଠିକ ସମୟରେ ଯଥୋଚିତ ଦେୟ ଦେଇଦିଏ, ତେବେ ତାଙ୍କ ବିରୋଧରେ ଅନୁମତିଧାରୀ ଆଉ ସ୍ୱତନ୍ତ୍ର ନ୍ୟାୟାଳୟର ଦ୍ୱାରସ୍ଥ ହେବା ଉଚିତ ନୁହେଁ ।

ବିଲ୍ ପ୍ରସ୍ତୁତି, ବିଲ୍ ପ୍ରଦାନ ଓ ଦେୟ ଆଦାୟ:

୧୧୨. ବହୁ ଅଭିଯୋଗକାରୀ ଦର୍ଶାଇଥିଲେ ଯେ, ସାଂପ୍ରତିକ ଦୃଶ୍ୟପଟ୍ଟରେ ବିଲିଂ (ବିଲ ପ୍ରସ୍ତୁତି/ପ୍ରଦାନ) ଓ ଦେୟ ଆଦାୟ କ୍ଷେତ୍ରରେ ବଣ୍ଟନକାରୀ କଂପାନୀମାନଙ୍କର କାର୍ଯ୍ୟ ନିର୍ବାହନ ଅତି ନୈରାଶ୍ୟଜନକ । ଅନୁମତିଧାରୀମାନେ ସେମାନଙ୍କର ଆଦାୟ ଉତ୍କୃଷ୍ଟତାକୁ ସାବ୍ୟସ୍ତ କରିବା ସକାଶେ ଚଳିତ ବର୍ଷ ଓ ପୂର୍ବବର୍ଷମାନଙ୍କ ଉଦ୍ଦେଶ୍ୟରେ ସ୍ୱତନ୍ତ୍ର ଭାବେ ବିଲ ଆଦାୟର ପ୍ରଦର୍ଶନ କରିବା ଉଚିତ । ତା'ଛଡା ଚଳିତ ଦେୟ ଓ ପୂର୍ବ ବର୍ଷମାନଙ୍କର ବାକିଆ ଦେୟ ଉଦ୍ଦେଶ୍ୟରେ ଆୟୋଗ ଆଦାୟର ସ୍ତର ନିର୍ଦ୍ଧାରଣ କରିପାରନ୍ତି ।

<u>ମନ୍ଦ ଓ ସନ୍ଦେହଜନକ ଋଣ ପାଇଁ ବ୍ୟବସ୍ଥା :</u>

୧୧୩. ଜଣେ ଅଭିଯୋଗକାରୀ ମତ ବ୍ୟକ୍ତ କରିଥିଲେ ଯେ, ଆଦାୟ ହୋଇ ପାରିନଥିବା ପରିମାଣକୁ ମନ୍ଦ ଓ ସନ୍ଦେହଜନକ ଋଣ ଭାବେ ବିବେଚନା କରାଯାଇ ପାରିବ ନାହିଁ। ଅନୁମତିଧାରୀମାନେ ବିଲ ଅନାଦାୟ ଯୋଗୁ ସରକାରୀ ସଂସ୍ଥାପନାଗୁଡିକୁ ଶକ୍ତି ଯୋଗାଣ ଛିନ୍ନ କରିବା ଉଚିତ୍। ଅନୁମତିଧାରୀମାନେ ଆଦାୟ କରାଯାଇଥିବା ବାକିଆ ଋଣକୁ ଉଦ୍ଦେଶ୍ୟମୂଳକ ଭାବେ ଲୁକ୍କାୟିତ ରଖୁଛନ୍ତି। କୌଣସି 'ହିସାବ ଫର୍ଦ୍ଦ' ନ ଦେଖାଇ ଆଇନର ଧାରା - ୧୨୬ ମୂଳେ ଅନୁମତିଧାରୀମାନେ ସେମାନଙ୍କ ଏଅର୍‌ଆର୍‌ଏସ ସ୍ଫୀତ ବିଲ ପ୍ରସ୍ତୁତ କରୁଛନ୍ତି ଓ ଉପସ୍ଥାପନ କରୁଛନ୍ତି, ଯାହା ପରିମାଣତଃ ମନ୍ଦ ଓ ସନ୍ଦେହଜନକ ଋଣରେ ରୂପାନ୍ତରଣ ହୋଇଯାଇଛି।

୧୧୪. ଜଣେ ଅଭିଯୋଗକାରୀ ଉପସ୍ଥାପନ କରିଥିଲେ ଯେ, ୨୦୦୯-୧୦ ଆର୍ଥିକ ବର୍ଷ ପାଇଁ ଆରଏସଟି ଆଦେଶନାମାରେ ମନ୍ଦ ଋଣ ଭାବେ କ୍ରମ ବର୍ଦ୍ଧିତ ରାଜସ୍ୱର ୨ ପ୍ରତିଶତର ବ୍ୟବସ୍ଥା ଅସ୍ୱଭାବିକ ଭାବେ ଖୁବ ବେଶୀ। ଅଡିଟ କରାଯାଇଥିବା ଫଳାଫଳ ଉପରେ ଭିତ୍ତି କରି ଅନାଦାୟ ଓ ଅନୁମତିଧାରୀଙ୍କର ଖାତାରୁ କଟା ହୋଇଯାଇଥିବା ଦେୟ ସମୂହକୁ ୧.୫ ପ୍ରତିଶତ ସୀମା ମଧ୍ୟରେ ଅନୁମତି ଦିଆଯାଇପାରେ।

୧୧୫. କେତେକ ଅଭିଯୋଗକାରୀ କହିଥିଲେ ଯେ, ମନ୍ଦ ଓ ସନ୍ଦେହଜନକ ଋଣର ପୁଙ୍ଖାନୁପୁଙ୍ଖ ହିସାବ କରାଯିବା ଉଚିତ ଏବଂ ମାମଲାର ଭିତ୍ତି ଉପରେ ତା'ର ପ୍ରୟୋଗ କରାଯିବା ଉଚିତ।

<u>ସିକ୍ୟୁରିଟି ଜମା :</u>

୧୧୬. ଉତ୍ତର ଓଡ଼ିଶା ଚ୍ୟାମ୍ବର ଅଫ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଦର୍ଶାଇଥିଲେ ଯେ, ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗଙ୍କ ନିୟମାବଳୀ ଅନୁଯାୟୀ ସଂସ୍କରିତ ସିକ୍ୟୁରିଟି ଜମାର ହିସାବ ପୂର୍ବ ୧୨ ମାସର ସମୟ ଅବଧିର ହାରାହାରି ଉପଯୋଗକୁ ନେଇ ଆଧାରିତ ହେବାକୁ ଥିବା ବେଳେ ନେସ୍‌କୋ ତାହାକୁ ପୂର୍ବ ୧୨ମାସର ସର୍ବୋଚ୍ଚ ଡିମାଣ୍ଡ ଚାର୍ଜକୁ ନେଇ ହିସାବ କରିଛି।

୧୧୭. ନିର୍ଦ୍ଧାରିତ ସମୟ ବିତିଯିବା ପରେ ବର୍ଦ୍ଧିତ ଡିମାଣ୍ଡ ଚାର୍ଜ ଉଦ୍ଦେଶ୍ୟରେ ସିକ୍ୟୁରିଟି ଜମା ଦାଖଲ ନ କରିବା କାରଣରୁ ଯେହେତୁ ଜଣେ ଉପଭୋକ୍ତାଙ୍କୁ ବିଳମ୍ବିତ ଦେୟ ପ୍ରଦାନ ଜନିତ ସରଚାର୍ଜ ଦେବାକୁ ପଡୁଛି, ସେହି ପରିପ୍ରେକ୍ଷୀରେ ଜଣେ ଅନୁମତିଧାରୀ କଂପାନୀ ସିକ୍ୟୁରିଟି ଜମା ଉପରେ ଯେଉଁ ୬ ପ୍ରତିଶତର ସୁଧ ଦେଉଛି, ତାହାକୁ ୧୫ ପ୍ରତିଶତ ସ୍ତରକୁ ବୃଦ୍ଧି କରାଯିବା ଉଚିତ ବୋଲି ଅନେକ ଅଭିଯୋଗକାରୀ ମତ ଦେଇଥିଲେ।

<u>ମିଟରିଂ</u>

୧୧୮. ଓଡ଼ିଶା ଇଲେକ୍ଟ୍ରିକାଲ କଂଜ୍ୟୁମର ଆସୋସିଏସନ ଦର୍ଶାଇଥିଲେ ଯେ, ବଣ୍ଟନକାରୀ କଂପାନୀଙ୍କ ଦ୍ୱାରା ଘୋଷିତ ମିଟର ସଂସ୍ଥାପନା ଓ ପରିଚାଳନା ଜନିତ କାର୍ଯ୍ୟରେ ସେ ସନ୍ତୁଷ୍ଟ ନୁହେଁ। ବଣ୍ଟାଯାଇଥିବା ମିଟର ଗୁଡିକ ତ୍ରୁଟିଯୁକ୍ତ କିମ୍ବା ଅକାମୀ ବୋଲି ଜଣାପଡୁଛି। ଜଣେ ଅଭିଯୋଗକାରୀ ଦର୍ଶାଇଥିଲେ ଯେ , ଏପରିକି ମିଟରର ଦାମ୍ ଭରଣା ପରେ ବି ଅନୁମତିଧାରୀମାନେ ଉପଭୋକ୍ତାଙ୍କଠାରୁ ମିଟରର ଦାମ ନେଉଛନ୍ତି।

୧୧୯. ଜଣେ ଅଭିଯୋଗକାରୀ ମତ ଦେଇଥିଲେ ଯେ, ଲୋଡ ସମ୍ଭାଳିବାର ଦକ୍ଷତାକୁ ବିଚାରକୁ ନ ନେଇ ଏକ ନିର୍ଦ୍ଦିଷ୍ଟ ବ୍ରାଣ୍ଡ ଓ ନିର୍ଦ୍ଦିଷ୍ଟ ଦକ୍ଷତା ବିଶିଷ୍ଟ ମିଟର ବ୍ୟବହାର ପାଇଁ ଅନୁମତିଧାରୀମାନେ ଉପଭୋକ୍ତାମାନଙ୍କୁ ବାଧ୍ୟ କରୁଛନ୍ତି। ଏକ ତ୍ରୁଟିପୂର୍ଣ୍ଣ ମିଟରକୁ ୩୦ ଦିନ ମଧ୍ୟରେ ବଦଳାଯିବା କଥା। ତାହା କୌଣସି ଅନୁମତିଧାରୀ କରୁନାହାନ୍ତି।

ଯୋଗାଣ କୋଡ୍‌ର ନିୟମ- ୬୨ ଅନୁଯାୟୀ ପ୍ରତି ୫ ବର୍ଷରେ ଥରେ ଏକ ତୃତୀୟ ପକ୍ଷ ଦ୍ୱାରା ସବୁ ମିଟରର ଯାଞ୍ଚ କରାଯିବା ଉଚିତ।

୧୨୦. ଅନୁମତିଧାରୀମାନଙ୍କର ବିଗତ ୧ ୦ବର୍ଷର କାର୍ଯ୍ୟ ନିର୍ବାହନ ମଧ୍ୟରେ ମିଟର ସମୂହର ନେବା ଆଣିବା (ପରିବହନ) ସହ ଅନୁମତିଧାରୀଙ୍କ ଦ୍ୱାରା ମିଟରର ସଂଖ୍ୟା ସଂପର୍କିତ ଘୋଷଣାରେ ଦୁର୍ନୀତିର ସ୍ତର ଆକଳନ କରିବାକୁ ସେହି ସମୟ ଅବଧିରେ ସିଙ୍ଗଲ ଫେଜ୍ ଓ ତିନି ଫେଜ ଉପଭୋକ୍ତାଙ୍କର ସଂଖ୍ୟାବୃଦ୍ଧି ସଂପର୍କରେ ସୂଚନା ଜାଣିବାକୁ ଜଣେ ଉପଭୋକ୍ତା ଚାହିଁଥିଲେ।

୧୨୧. ଏମ୍‌ଡି, ପିଏଫ୍ ମିଟରର ସଂଖ୍ୟା ଓ କେତେ ସମୟ ଅବଧି ପାଇଁ ମିଟର ବ୍ୟାହତ ଅବସ୍ଥାରେ ରହିଛି, ସେ ସବୁ ସଂପର୍କିତ ଷ୍ଟାଟିକ ମିଟରରେ ବିବରଣୀ ସମୂହର ପ୍ରିଣ୍ଟ ଆଉ୍ଟ ବିଲ୍ ସହ ଯୋଡାଯିବା ଉଚିତ।

<u>ଶକ୍ତି ଅଡିଟ ଓ ଉପଭୋକ୍ତା ସୂଚକାଙ୍କ କରଣ :</u>

୧୨୨. ଜଣେ ଅଭିଯୋଗକାରୀ ଦର୍ଶାଇଥିଲେ ଯେ, ଏଲଟିଟିଏସ୍ ଅର୍ଡରର ଅନୁଚ୍ଛେଦ ୫.୫.୩ରେ ଏଲଟି ପର୍ଯ୍ୟାୟଭୁକ୍ତ ବଣ୍ଟନ ଟ୍ରାନ୍ସଫରମର ସହ ସବୁ ୩୩/୧୧ କେଭି ଫିଡର ପାଇଁ ଆୟୋଗ ସ୍ୱତନ୍ତ୍ର ଶ୍ରେଣୀଭୁକ୍ତ ଭାବେ ଶେଷ -ସମୟ-ସୀମା ସ୍ଥିର କରିଥିଲେ, ଯାହାକି ଅନୁମତିଧାରୀମାନେ ସ୍ଥୁଳତଃ କରିସାରିଛନ୍ତି ବୋଲି ଦାବୀ କରୁଛନ୍ତି। କିନ୍ତୁ ବିଗତ ୫ ବର୍ଷ ପାଇଁ ଶକ୍ତି ଅଡିଟର ତଥ୍ୟାବଳୀ ଉପସ୍ଥାପନ କରାଯାଇନାହିଁ। ଅତଏବ, ଅନୁମତିଧାରୀମାନେ ଏତଦ୍‌ଜନିତ ଯେଉଁ କ୍ଷତି ପରିମାଣର ପ୍ରସ୍ତାବ ଦେଇଛନ୍ତି, ତାହା କପୋଳକଳ୍ପିତ ଅଟେ ଓ ଆୟୋଗଙ୍କ ଦ୍ୱାରା ଗ୍ରହଣୀୟ ହେବା ଉଚିତ ନୁହେଁ।

୧୨୩. ଜଣେ ଅଭିଯୋଗକାରୀ ଦର୍ଶାଇଥିଲେ ଯେ, ଶକ୍ତି ଅଡିଟ ଓ ସହାୟକ ପ୍ରିଣ୍ଟ ଆଉଟକୁ ଭିତ୍ତିକରି ଅନୁମତିଧାରୀମାନେ ସଠିକ ତଥ୍ୟ ଉପସ୍ଥାପନ କରିବା ବାଂଛନୀୟ। ଆଉ ଜଣେ ଅଭିଯୋଗକାରୀ ଦର୍ଶାଇଥିଲେ ଯେ, ସଂସ୍ଥାପିତ ହୋଇସାରିଥିବା ଫିଡର ମିଟର ସବୁକୁ ବିନିଯୋଗ କରିବାକୁ ଅନୁମତିଧାରୀମାନେ ବିଫଳ ହୋଇଛନ୍ତି। ୫ ବର୍ଷ ବିତିଯିବା ପରେ , ୨୦୦୦ ଡିଟିଆର୍ ମିଟରିଂ ପଦ୍ଧତିର ସଂସ୍ଥାପନା ପାଇଁ ୩.୫ କୋଟି ଟଙ୍କା ଶକ୍ତି ଅଡିଟ ପାଇଁ ୬ ଲକ୍ଷ ଟଙ୍କାର ଅତିରିକ୍ତ ବ୍ୟୟ ପରିମାଣକୁ ଅନୁମତିଧାରୀମାନେ ଚାହୁଁଛନ୍ତି, ଯାହାକୁ ଆୟୋଗ ଗ୍ରହଣ କରିବା ଉଚିତ ନୁହେଁ। ଏଏମ୍‌ଆର୍‌ର ବ୍ୟବସ୍ଥା ମିଟରିଂ କାର୍ଯ୍ୟ ସୂଚୀର ଏକ ଅଂଶବିଶେଷ ଅଟେ, ଏବଂ ଶକ୍ତି ଅଡିଟ କ୍ଷେତ୍ରରେ ଐ ବ୍ୟବସ୍ଥା କୌଣସି ସାହାଯ୍ୟ କରୁନାହିଁ।

<u>ପ୍ରଶାସନିକ ଓ ସାଧାରଣ ଏବଂ ଅନ୍ୟାନ୍ୟ ବ୍ୟୟ ସମୂହ :</u>

୧୨୪. କେତେକ ଅଭିଯୋଗକାରୀ ଅଭିଯୋଗ କରିଥିଲେ ଯେ, ଭଡା, ମାଲି ମୋକଦ୍ଦମା ଓ ଅଡିଟର ଫି ଦେବାରେ ବଣ୍ଟନକାରୀ କଂପାନୀମାନେ ବଡ ଧରଣର ବ୍ୟୟ କରୁଛନ୍ତି।

୧୨୫. ଶକ୍ତି ଅଡିଟ, ଉପଭୋକ୍ତାଙ୍କର ଘରେ ବିଲ୍ ପ୍ରସ୍ତୁତ କରି ଦେବା ଦିଗରେ ଯେଉଁ ବ୍ୟୟ ହେଉଥିବା ଏଆର୍‌ଆର୍‌ରେ ଦର୍ଶାଯାଇଛି, ତାହା ଠିକ ନୁହେଁ। ଅତଏବ, ତାହାକୁ ଅନୁମତି ଦିଆଯିବା ଉଚିତ ନୁହେଁ। ସବୁ ମାସରେ ମିଟର ରିଡିଂ, ବିଲ୍ ବଣ୍ଟନ, ଉପଭୋକ୍ତାଙ୍କ ଘରେ ବିଲ୍ ପ୍ରସ୍ତୁତ କରି ଦେବା ଓ ଶକ୍ତି ଅଡିଟ ପାଇଁ ବ୍ୟୟ ଭାରକୁ ତୁଲାଇବା ସକାଶେ ଧାର୍ଯ୍ୟ ମତେ ଏମ ଏମ ଏଫସି ଏବଂ ଡିମାଣ୍ଡ ଚାର୍ଜ ଆଦାୟ କରିବାକୁ ଅନୁମତିଧାରୀ ଅନୁମତିପ୍ରାପ୍ତ ଅଟନ୍ତି।

୧୨୬. ସଂପ୍ରତି ଆଂଶିକ ଭାବରେ ପ୍ରବର୍ତ୍ତନ କରାଯାଇଥିବା ଉପଭୋକ୍ତା ତତ୍ତ୍ୱାବଧାନ କେନ୍ଦ୍ର, ସ୍ୱତନ୍ତ୍ର ପୋଲିସ ଥାନା, ଫ୍ରାଞ୍ଚାଇଜ୍ ଅପରେସନ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସମସ୍ୟାସମୂହରୁ ପାଉଥିବା ଉପକାରିତା ସଂପର୍କରେ

ପୁଂଖାନୁପୁଂଖତାକୁ ଅନୁମତିଧାରୀମାନେ ଆୟୋଗଙ୍କ ସମକ୍ଷରେ ଉପସ୍ଥାପନ କରିବା ଉଚିତ। ଅବାଂଛିତ ଭାବେ କ୍ଷତିଗ୍ରସ୍ତ ବ୍ୟୟ ସମୂହକୁ କମାଇବା ପାଇଁ ଅନୁମତିଧାରୀମାନେ ଆବଶ୍ୟକତା ଅଭିମୁଖୀ କାର୍ଯ୍ୟପନ୍ଥାର ଅନୁସରଣ କରିବାକୁ ଅଭିଯୋଗକାରୀମାନେ ମଧ୍ୟ ପ୍ରସ୍ତାବ ଦେଇଛନ୍ତି।

<u>ବିଗତ କ୍ଷତି ସମୂହକୁ ଅନୁମତି ପ୍ରାପ୍ତ କରାଇନେବା ଏବଂ ବାସ୍ତବାୟନ</u>

୧୨୭. ଅଡିଟ କରାଯାଇଥିବା ହିସାବ ଆଧାରରେ କଂପୁଟରୀକରଣ କରାଯାଇଥିବା ବିଗତ କ୍ଷତି ସମୂହକୁ ଦର୍ଶାଇବାର ଅନୁମତିଧାରୀମାନେ ଯେଉଁ ଦାବୀ କରୁଛନ୍ତି, ତାହା ଆଉ କିଛି ନୁହେଁ, ନିୟାମକ ଆସେଟ, ଯାହା ଗ୍ରହଣୀୟ ନଥିଲା। ତା'ଛଡା ବଣ୍ଟନ କ୍ଷତି ଓ ଆଦାୟ -ଉତ୍କୃଷ୍ଟତାକୁ ସନ୍ତୁଳନ କରିବାକୁ ଅସାମର୍ଥ୍ୟ ଭଳି ନିଅଣ୍ଟିଆ ସ୍ଥିତିକୁ ଭରଣା କରିବାରକୁ ଅନୁମତିଧାରୀଙ୍କୁ 'ବାସ୍ତବାୟନ' ର ଅନୁମତି ଦିଆଯିବା ଉଚିତ ନୁହେଁ।

<u>କୃଷି ଭିତ୍ତିକ ଶିଳ୍ପ</u>

୧୨୮. ଅନେକ ଅଭିଯୋଗକାରୀ ମତ ଦେଇଥିଲେ ଯେ, କୃଷି ହିଁ ରାଜ୍ୟର ମୁଖ୍ୟ ଆର୍ଥିକ ମେରୁଦଣ୍ଡ। କୁକୁଡା ପାଳନ, ପଶୁପାଳନ, ମାଛଚାଷ, ଗୋ-ପାଳନ ଆଦିକୁ 'ଜଳସେଚନ'ରେ ଦିଆଯାଉଥିବା ବିଦ୍ୟୁତ ଶକ୍ତି ଜନିତ ସୁବିଧା ସୁଯୋଗ ଦିଆଯିବା ଉଚିତ।

୧୨୯. ଅନେକ ଅଭିଯୋଗକାରୀ କହିଥିଲେ ଯେ, ଜଳସେଚନ ପାଇଁ ବ୍ୟୟିତ ଶକ୍ତିକୁ ସ୍ୱତନ୍ତ୍ର ଶ୍ରେଣୀଭୁକ୍ତ କରାଯିବା ଉଚିତ୍। ଅଫ ସିଜିନ୍ ଅର୍ଥାତ୍ ଜଳସେଚନ ଆବଶ୍ୟକ ହେଉ ନଥିବା ଋତୁମାନଙ୍କରେ ଜଳସେଚନର ଉତ୍ସସମୂହକୁ ବିଦ୍ୟୁତ ଯୋଗାଣ ଛିନ୍ନ କରିଦିଆଯିବା ଉଚିତ।

<u>ଜିଆର୍ଏଫ୍ଙ୍କର ଭୂମିକା :</u>

୧୩୦. ଅନେକ ଅଭିଯୋଗକାରୀ କହିଥିଲେ ଯେ, ସାଧାରଣ ଉପଭୋକ୍ତାମାନେ ଜିଆର୍ଏଫ୍ଙ୍କ ସଂପର୍କରେ କିଛି ଜାଣନ୍ତି ନାହିଁ। ସେମାନେ ପୁଣି କହିଥିଲେ ଯେ, ଜିଆର୍ଏଫ୍ ସଦସ୍ୟମାନେ ଅନୁମତିଧାରୀଙ୍କ ତରଫରୁ ଯେପରି ସେମାନଙ୍କର କାର୍ଯ୍ୟକଳାପ ନିର୍ବାହନ କରୁଛନ୍ତି! ଆଉ କେତେକ ଅଭିଯୋଗକାରୀ ଦର୍ଶାଇଥିଲେ ଯେ ଜିଆର୍ଏଫ୍ ସଦସ୍ୟଙ୍କର ଆଦେଶନାମା ମୁତାବକ କୌଣସି ଅନୁମତିଧାରୀ ଜଣେ ହେଲେ ଉପଭୋକ୍ତାଙ୍କୁ କୌଣସି କ୍ଷତିପୂରଣ ଦେଇନାହାନ୍ତି। ଆଉ ଜଣେ ଅଭିଯୋଗକାରୀ କହିଥିଲେ ଯେ, ଜିଆର୍ଏଫ୍ ଙ୍କର ଆଦେଶନାମାର ଅବମାନନା ପାଇଁ ପିଟିସନ ଦାୟର କରିଥିବା ଉପଭୋକ୍ତାଙ୍କୁ ୫ ହଜାର ଟଙ୍କା କିମ୍ବା ଅନୁମତିଧାରୀଙ୍କ ଦ୍ୱାରା ଦେୟ-ଯୋଗ୍ୟ କ୍ଷତି ଭରଣାର ୫୦ଗୁଣ ଦିଆଯିବା ଉଚିତ।

<u>ଶକ୍ତି ପୋଲିସ ଥାନା :</u>

୧୩୧. କେତେକ ଅଭିଯୋଗକାରୀ ମତ ସାବ୍ୟସ୍ତ କରିଥିଲେ ଯେ, କେବଳ ଶକ୍ତି ପୋଲିସ ଥାନାର ପ୍ରତିଷ୍ଠା ଦ୍ୱାରା ସମସ୍ୟାର ସମାଧାନ ହୋଇଯିବ ନାହିଁ। ସେମାନେ ଯୁକ୍ତି ଦର୍ଶାଇଥିଲେ ଯେ, ସେହି ସବୁ ପୋଲିସ ଥାନାଗୁଡିକ କେବଳ ଏଫଆଇଆର୍ ଦରଜ କରିବା ପାଇଁ ଯେପରି ଦାୟିତ୍ୱଗ୍ରସ୍ତ। ଅପରାଧୀମାନଙ୍କ ବିରୋଧରେ କୌଣସି ଭିଜିଲାନ୍ସ/ଏନ୍ଫୋର୍ସମେଣ୍ଟ ଚଢାଉ କରିବାରେ ସେମାନଙ୍କର କୌଣସି ଭୂମିକା ନାହିଁ।

୧୩୨. କେତେକ ଅଭିଯୋଗକାରୀ ଦର୍ଶାଇଥିଲେ ଯେ, କାର୍ଯ୍ୟ କରୁଥିବା ଶକ୍ତି ପୋଲିସ ଥାନାଗୁଡିକୁ ଶକ୍ତି ଚୋରି ସଂପର୍କିତ ମାମଲାର କାର୍ଯ୍ୟ କରିବା ପାଇଁ କ୍ଷମତା ହେବା ଉଚିତ। ସେମାନେ ପୁନଶ୍ଚ ଦୋହରାଇଥିଲେ ଯେ, ସରକାର ଜଂଗଲ ବିଭାଗର ଅଧିକାରୀ/କର୍ମକର୍ତ୍ତାମାନଙ୍କୁ ଜଂଗଲ ଚୋରୀ ରୋକିବାକୁ କ୍ଷମତାପ୍ରାପ୍ତ କରାଇଛନ୍ତି। ସେହିଭଳି

ଅନୁମତିଧାରୀମାନଙ୍କର କାର୍ଯ୍ୟାଳୟ ଅଧିକାରୀମାନଙ୍କୁ ଶକ୍ତିଚୋରି ରୋକିବାରେ କୌଣସି ପ୍ରକାରରେ କ୍ଷମତା ଦିଆଯିବା ଉଚିତ।

<u>ଶକ୍ତି ବିକ୍ରୀ</u>

୧୩୩. କେତେକ ଅଭିଯୋଗକାରୀ ଦର୍ଶାଇଥିଲେ ଯେ, ପୂର୍ବ ବର୍ଷର ଶକ୍ତି ଉପଯୋଗର ବାସ୍ତବ ବୃଦ୍ଧିକୁ ଭିତ୍ତି ନକରି ଅନୁମତିଧାରୀମାନେ ଚଳିତ ବର୍ଷର ବିକ୍ରୀ ପରିମାଣ ପ୍ରଦର୍ଶନ କରିଛନ୍ତି। ଏଲଟି ଶକ୍ତି ଉପଯୋଗର ପ୍ରଦର୍ଶନ ଅସ୍ୱଭାବିକ ଭାବେ ଉଚ୍ଚା ହୋଇଯାଇଛି, ଯାହା ପୂର୍ବ ବର୍ଷ ମାନଙ୍କ ତୁଳନାରେ ୩ ପ୍ରତିଶତର ଅଧିକ ହେବା ଉଚିତ ନୁହେଁ।

୧୩୪. ଜଣେ ଅଭିଯୋଗକାରୀ ଦର୍ଶାଇଥିଲେ ଯେ, ବଣ୍ଟନ କ୍ଷତିକୁ ବୈଷୟିକ କ୍ଷତି ଓ ବ୍ୟବସାୟିକ କ୍ଷତି - ଏଭଳି ୨ ଭାଗରେ ବିଭକ୍ତ କରାଯିବା ଉଚିତ ଏବଂ ଶକ୍ତି କ୍ରୟକୁ କେବଳ ବୈଷୟିକ କ୍ଷତିର ଭିତ୍ତି ଉପରେ ହିସାବ କରାଯିବା ଉଚିତ।

୧୩୫. କେତେକ ଅଭିଯୋଗକାରୀ ଦର୍ଶାଇଥିଲେ ଯେ, ଅନୁମତିଧାରୀମାନେ ଯଥା ସମୟରେ ବାକିଆ ଦେୟ ଆଦାୟ କରିବା ଉଚିତ। ଏଆର୍‌ଆର୍ ଅନୁମୋଦନ କଲାବେଳେ ଆୟୋଗ ଅନୁମତିଧାରୀଙ୍କ ଦ୍ୱାରା ଆଦାୟ କରାଯିବାକୁ ଥିବା ବାକିଆ ଦେୟ ପାଇଁ ନିର୍ଦ୍ଦିଷ୍ଟ ଭାବେ କିଛି ଧାର୍ଯ୍ୟ-ଲକ୍ଷ୍ୟ ସ୍ଥିର କରିବା ଉଚିତ ଏବଂ ସେହି ଧାର୍ଯ୍ୟ ଲକ୍ଷ୍ୟର ନିର୍ଯାସ ଏଆରଆର୍ ରେ ନିହିତ ହୋଇଥିବା ବାଂଛନୀୟ।

<u>କ୍ଷେତ୍ରସ୍ଥଳ ବିଲିଂ</u>

୧୩୬. କେତେକ ଅଭିଯୋଗକାରୀ ଦର୍ଶାଇଥିଲେ ଯେ, ଅନୁମତିଧାରୀଙ୍କ ଦ୍ୱାରା ନିଯୁକ୍ତ କ୍ଷେତ୍ରସ୍ଥଳ ବିଲିଂ ଏଜେଣ୍ଟମାନଙ୍କର ନିମ୍ନମାନର କାର୍ଯ୍ୟ ନିର୍ବାହକ ଯୋଗୁ ନିମ୍ନ ସ୍ତରର ବିଲିଂ ସଂପାଦିତ ହେଉଛି। ଉପଭୋକ୍ତାମାନଙ୍କର ଘର/ଅଗଣା ପରିଦର୍ଶନ ନ କରି ଆନୁମାନିକ ଭାବେ ରିଡିଂ ଲିପିବଦ୍ଧ କରୁଛନ୍ତି। ୬୦ ରୁ ୭୦ ପ୍ରତିଶତର ଘରୋଇ ମିଟରିଂ ପାଇଁ ଅନୁମତିଧାରୀଙ୍କର ଦାବୀ ସତ୍ତ୍ୱେ ଆଜି ପର୍ଯ୍ୟନ୍ତ ହାରାହାରି ଭିତ୍ତିରେ କିମ୍ବା ଲୋଡ ଫାକ୍ଟର ଭିତ୍ତିରେ ଅଧିକାଂଶ ଉପଭୋକ୍ତାଙ୍କୁ ବିଲ୍ ଦିଆଯାଉଛି। ଅଭିଯୋଗକାରୀମାନେ କ୍ଷୋଭ ପ୍ରକାଶ କରିଥିଲେ ଯେ, ଅନୁମତିଧାରୀମାନେ ସଫଳ ବିଲିଂ ତୁଲାଇ ନ ପାରିଲେ କ୍ଷତି ହ୍ରାସକରଣ ପ୍ରସ୍ତାବତଃ ସ୍ୱପ୍ନ ହୋଇଯିବ। ସେମାନେ ପୁନଶ୍ଚ କହିଥିଲେ ଯେ, ବାହାର-ବିଲିଂ ଏଜେଣ୍ଟମାନଙ୍କୁ ଅଧିକ ବିଲିଂ ଦାମରେ କ୍ଷେତ୍ର ସ୍ଥଳ ବିଲିଂ ଦାୟିତ୍ୱ ଦିଆଯାଉଛି। ତା ଛଡା ବାହାର ବିଲିଂ ଏଜେଣ୍ଟମାନଙ୍କର ସ୍ଥାନୀୟ ସମସ୍ୟାସମୂହ ଉପରେ କୌଣସି ଜ୍ଞାନ ନାହିଁ।

<u>ଆଭିଯାନିକ କାର୍ଯ୍ୟପନ୍ଥା ନିର୍ବାହନ</u>

୧୩୭. କେତେକ ଅଭିଯୋଗକାରୀ ଦର୍ଶାଇଥିଲେ ଯେ, ଆଭିଯାନିକ କାର୍ଯ୍ୟପନ୍ଥା ନିର୍ବାହନ ଉପରେ ଅନୁମତି ଦେବାକୁ ଅନୁମତିଧାରୀମାନେ ଆଗ୍ରହ ପ୍ରକାଶ କରୁନାହାନ୍ତି। ଫ୍ରାଞ୍ଚାଇଜ୍ ଅଧିକାରୀ/କର୍ମକର୍ତ୍ତାମାନଙ୍କ କାର୍ଯ୍ୟଧାରା ସନ୍ତୋଷଜନକ ହେଉଥିବାରୁ ଅନୁମତିଧାରୀଙ୍କ ଅଧିକାରକୁ ସେମାନଙ୍କ ସହ ତୁଳନୀୟ ଭାବେ ପ୍ରତିଦ୍ୱନ୍ଦିତାକ୍ଷମ ପ୍ରମାଣ କରିବାକୁ ତାହା ଚାପ ସୃଷ୍ଟି କରୁଛି। ଏମିତି ହେଉଛି ଯେ, ଯେଉଁଠାରେ ଫ୍ରାଞ୍ଚାଇଜ ଅଧିକାରୀ/କର୍ମକର୍ତ୍ତାମାନେ କର୍ଯ୍ୟ ନିର୍ବାହନ କରୁଛନ୍ତି, ସେଠାରେ ଅନୁମତିଧାରୀ ଅଧିକାରୀ/କର୍ମକର୍ତ୍ତାମାନେ ସେମାନଙ୍କୁ କମ ଯୋଗ୍ୟତା ସଂପନ୍ନ ପ୍ରମାଣ କରିବା ଉଦ୍ଦେଶ୍ୟରେ ସେମାନଙ୍କ ସହ ଅସହଯୋଗ କରୁଛନ୍ତି। ଅତଏବ, ରାଜ୍ୟର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଫ୍ରାଞ୍ଚାଇଜ ଅପରେସନ ସଂପର୍କରେ ଆୟୋଗ ଏକ ଗାଇଡଲାଇନ ପ୍ରଦାନ କରିବାକୁ ଅଭିଯୋଗକାରୀମାନେ ଆୟୋଗଙ୍କୁ ଅନୁରୋଧ କରିଛନ୍ତି।

<u>ରାଜୀବ ଗାନ୍ଧୀ ଗ୍ରାମ ବିକାଶ ଅଧିଯୋଜନା ଏବଂ କ୍ଷତି:</u>

୧୩୮. ବହୁ ସଂଖ୍ୟକ ଅଭିଯୋଗକାରୀ ଦର୍ଶାଇଥିଲେ ଯେ, ରାଜୀବ ଗାନ୍ଧୀ ଗ୍ରାମ ବିକାଶ ଯୋଜନା ଓ ବିଜୁ ଗ୍ରାମ ଜ୍ୟୋତି ଯୋଜନାର ପ୍ରବର୍ତ୍ତନ ପରେ ବଣ୍ଟନ ଅନୁମତିଧାରୀ କଂପାନୀମାନେ ଯେଉଁ କ୍ଷତି ବୃଦ୍ଧିର ଆଶଙ୍କା କରିଛନ୍ତି, ତାହା ସତ୍ୟ ନୁହେଁ, କାରଣ ଅଧିଯୋଜନା ଅଧିନରେ ଉଦ୍ଦେଶ୍ୟତ ଶକ୍ତି ଯୋଗାଣ ଏଚଭିଡିଏସ୍ ଅନ୍ତର୍ଭୁକ୍ତ। ପଦ୍ଧତିର ରୂପାୟନ ପୂର୍ବରୁ ଆରଜିଜିଭିୱାଇ ଅନ୍ତର୍ଭୁକ୍ତ ଅଞ୍ଚଳମାନଙ୍କରେ ଶକ୍ତି ବଣ୍ଟନ ପାଇଁ ଅନୁମତିଧାରୀମାନେ ଫ୍ରାଞ୍ଚାଇଜିମାନଙ୍କ ସହ ଅଣ୍ଟା ଭିଡିବା ବାଂଛନୀୟ ଯାହା ଯୋଜନାର ଉଦ୍ଦେଶ୍ୟ ମୂଳେ ବାଧ୍ୟତାମୂଳକ ଅଟେ।

**<u>ଚାହିଦା ପାର୍ଶ୍ୱ ପରିଚାଳନା :</u>**

୧୩୯. ଅନେକ ଅଭିଯୋଗକାରୀ ମତ ଦେଇଥିଲେ ଯେ, ବଣ୍ଟନ ପଦ୍ଧତିର 'ଚାହିଦା ପାର୍ଶ୍ୱ' କୁ ଅନୁମତିଧାରୀମାନେ ଆଦୌ ଧ୍ୟାନ ଦେଉନାହାନ୍ତି। ଏସ୍ଏଲଡିସି ସିଡ୍ୟୁଲର ଉର୍ଦ୍ଧ୍ୱରେ ଅଧିକ ଶକ୍ତି ଉଠାଣ କରିବା ଅନୁମତିଧାରୀଙ୍କର ନିୟମିତ ଅଭ୍ୟାସ /ଆଚରଣରେ ପରିଣତ ହୋଇଛି। ସେମାନେ ପୁନଶ୍ଚ କହିଛନ୍ତି ଯେ,'ଭାରତ ସରକାରଙ୍କ ଦ୍ୱାରା ପ୍ରୋତ୍ସାହନ ପୂର୍ବକ ଆରମ୍ଭ କରାଯାଇଥିବା 'ବଚାତ୍ ଲ୍ୟାମ୍ପ ଯୋଜନା'' ପ୍ରତି ଅନୁମତିଧାରୀମାନେ ଆଗ୍ରହ ପ୍ରଦର୍ଶନ କରିନାହାନ୍ତି। ଏହି ସ୍କିମ ଦ୍ୱାରା ୨୦୮୨ ୟୁନିଟର ବିଦ୍ୟୁତ ଶକ୍ତି ବଞ୍ଚାଯାଇ ପାରିଥାନ୍ତା ଓ ପରିଣାମତଃ କ୍ଷତିର ହ୍ରାସକରଣ ହୋଇପାରିଥାନ୍ତା। ୨୦୧୧ରେ ଏହି ସ୍କିମ ବନ୍ଦ ହେବା ପୂର୍ବରୁ ଅନୁମତିଧାରୀମାନେ ଏହାର ପୂର୍ଣ୍ଣ ସୁଯୋଗ ନେବା ଉଚିତ ବୋଲି ସେହି ଅଭିଯୋଗକାରୀମାନେ କହିଥିଲେ।

<u>ଟାରିଫ ସନ୍ତୁଳନର ଉପାୟ ସମୂହ :</u>

୧୪୦. କେତେକ ଅଭିଯୋଗକାରୀ ଦର୍ଶାଇଥିଲେ ଯେ, 'ଲୋଡ ଫାକ୍ଟରର' ହିସାବ ପାଇଁ ପ୍ରକୃତ ମୂଲ୍ୟ ନିର୍ବିଶେଷରେ ୯୦ ପ୍ରତିଶତରେ 'ପାୱାର ଫାକ୍ଟର'କୁ ଗ୍ରହଣ କରାଯିବା ଉଚିତ।

୧୪୧. ଜଣେ ଏଚଟି ଉପଭୋକ୍ତା ବିଲ୍ ପାଇବାର ୧୫ ଦିନ ମଧ୍ୟରେ ଦେୟ ଦେଇଥିଲେ, ତାଙ୍କୁ ୧ ପ୍ରତିଶତ ରିହାତି ଦିଆଯାଇପାରେ।

୧୪୨. ଜଣେ ଅଭିଯୋଗକାରୀ ମତ ଦେଇଥିଲେ ଯେ, ଏପରିକି ଯେଉଁଠାରେ ଷ୍ଟାଟିକ ମିଟର ଯୋଗାଇ ଦିଆଯାଇଛି, ସେ କ୍ଷେତ୍ରରେ ଅନୁମତିଧାରୀମାନେ ଏମଏମଏଫସିର ହିସାବକୁ ଭୁଲ ବୋଧ କଲେ ଏବଂ ଚୁକ୍ତି-ଚାହିଦା/ସଂଯୋଗିତ ଲୋଡ ଅନୁଯାୟୀ ବିଲରେ ଏମ୍ଏମ୍ଏଫସିର ବୃଦ୍ଧି କଲେ। କିନ୍ତୁ ଆୟୋଗଙ୍କର ନିର୍ଦ୍ଦେଶନାମା ଦ୍ୱାରା ପରିଚାଳିତ ହେଲେ, ଅନୁମତିଧାରୀମାନେ ଷ୍ଟାଟିକ ମିଟରରେ ଲିପିଭୁକ୍ତ ସର୍ବାଧିକ ଚାହିଦାର ଆଧାରରେ ଏମ୍ଏମ୍ଏଫସିର ହିସାବ କରିବା ଉଚିତ ଏହା ସତ୍ତ୍ୱେ , ଆୟୋଗଙ୍କର ଆଦେଶନାମାର ସ୍ୱଷ୍ଟ ଉଲଂଘନ କରାଯାଉଛି।

୧୪୩. କେନ୍ଦ୍ର ସ୍ଥଳରେ ଲୋଡ ଫାକ୍ଟରକୁ ଉଠାଇଦେବା ଏବଂ ପ୍ରତିପାର୍ଶ୍ୱ ଚାହିଦା ଦେୟ ସମୂହକୁ ଉଠାଇଦେବାକୁ ଅନୁମତିଧାରୀଙ୍କର ପ୍ରସ୍ତାବକୁ ଆୟୋଗ ଗ୍ରହଣ କରିବା ଉଚିତ ନୁହେଁ।

୧୪୪. ଭିନ୍ନ ଭିନ୍ନ ଅନୁମତିଧାରୀଙ୍କ ସକାଶେ 'ସ୍ଥୂଳ ଯୋଗାଣ ଦର'(ବିଏସପି)ର ତତ୍ତ୍ୱାବଧାନ ଓ ସ୍ଥିରୀକରଣ ଉଦ୍ଦେଶ୍ୟରେ ବିଦ୍ୟୁତ ଆଇନର ନିୟମ ୭ (ଚ) ଅନୁଯାୟୀ ସ୍ଥୂଳ ଯୋଗାଣ ଦରର ନିର୍ଦ୍ଧାରଣ ପାଇଁ ସମ୍ମାନନୀୟ ଆୟୋଗ ଏକ ସୂତ୍ର ଆବିଷ୍କାର କରିବାକୁ ଜଣେ ଅଭିଯୋଗକାରୀ ମତ ଦେଇଥିଲେ।

୧୪୫. ମାନ୍ୟବର ଆୟୋଗଙ୍କର ୧.୪.୨୦୦୪ ର ଆଦେଶନାମା ପରେ ମଧ ଅନୁମତିଧାରୀମାନେ ଲୋଡ ଫାକ୍ଟର ବିଲିଂ ପ୍ରକ୍ରିୟାକୁ ଜାରି ରଖିଛନ୍ତି, ଯାହା ବିଦ୍ୟୁତ ଆଇନର ମଧ ଉଲଂଘନ କରୁଛି। ଆଇନରେ ସ୍ୱଷ୍ଟ ଭାବେ ନିର୍ଦ୍ଧାରିତ ହୋଇଛି ଯେ, ସଂସ୍ଥାପନା ନ କରାଯାଇ କୌଣସି ଶକ୍ତି ଯୋଗାଣର ସଂଯୋଗ ହୋଇ ପାରିବ ନାହିଁ।

<u>ସରଚାର୍ଜ</u>

୧୪୬. ସଂଖ୍ୟାଧିକ ଅଭିଯୋଗକାରୀ ଦର୍ଶାଇଥିଲେ ଯେ, ଓଇଆର୍ ସି (ଟାରିଫ ନିର୍ଦ୍ଧାରଣ ଜନିତ ସର୍ତ୍ତାବଳୀ) ନିୟମାବଳୀ, ୨୦୦୪ ଅନୁଯାୟୀ , ମାନ୍ୟବର ଆୟୋଗଙ୍କ ସ୍ଥିରୀକରଣ ମୂଳେ, ଯୋଗାଣ ଦରକୁ ସମୁନ୍ନତଭାବେ ଟାରିଫ ପ୍ରତିଫଳନ କରିବା ଉଚିତ ଏବଂ ଏକ ନିର୍ଦ୍ଦିଷ୍ଟ ସମୟ-ସୀମା ମଧ୍ୟରେ କ୍ରସ-ସବସିଡିର ହ୍ରାସକରଣ ହେବା ଉଚିତ। ଏହା ଜାତୀୟ ଟାରିଫ ନୀତି ଓ ଏହି ନୀତିର ଅନୁଚ୍ଛେଦ ୮.୩.୨ ପରିସରଭୁକ୍ତ ଯେ, ୨୦୧୦-୧୧ ଆର୍ଥିକ ବର୍ଷର ଶେଷ ସୁଦ୍ଧା ଏହି ଲକ୍ଷ୍ୟ ହାସଲ ପାଇଁ ମାନ୍ୟବର ଆୟୋଗ  ଏକ 'ରୋଡ ମ୍ୟାପ 'ର ବିଜ୍ଞପ୍ତି ପ୍ରକାଶ କରିବା ଉଚିତ।

୧୪୭. ଇଏଚ୍‌ଟିରେ ଯୋଗାଣର ହାରାହାରି ଦର ନିର୍ଦ୍ଧାରଣ ପାଇଁ ବିଭିନ୍ନ ଉତ୍ସରୁ ଶକ୍ତି ଆହରଣର ହାରାହାରି ଦର ଆଧାରରେ ସ୍ଥୁଳ ଯୋଗାଣ ଦର ବିଚାର କରାଯିବା ଉଚିତ। ଏହା ସହ କେନ୍ଦ୍ରୀୟ ବିଦ୍ୟୁତ ନିୟାମକ ଆୟୋଗଙ୍କ ଦ୍ୱାରା ନିର୍ଦ୍ଧରିତ ମତେ ଏକ ବାଣିଜ୍ୟକ ପରିମାଣ ମଧ୍ୟ ସଂଯୋଗ କରାଯିବ।

୧୪୮. କେତେକ ଅଭିଯୋଗକାରୀ ଦର୍ଶାଇଥିଲେ ଯେ, ଅନୁମତିଧାରୀମାନେ ସେମାନଙ୍କର ଏଆର୍‌ଆର୍ ଆବେଦନର ଫର୍ମ ନଂ -ଏଫ୍ -୭, ୮ ଓ ୯ରେ ଉଲ୍ଲେଖିତ ମତେ ଏଚଟି ଉପଭୋକ୍ତାଙ୍କ ଦ୍ୱାରା ବ୍ୟବସ୍ଥିତ କ୍ରସ-ସବସିଡି ଧିରେ ଧିରେ ବଢୁଛି।

୧୪୯. ପୁନଶ୍ଚ, ଏଲଟି ଓ ଏଚଟି ସେକ୍ଟରରେ ମତ ଦେଇଥିବା ପ୍ରସଂଗରେ ଅନୁମତିଧାରୀମାନେ ସେମାନଙ୍କର ଏଆର୍‌ଆର୍ ଆବେଦନର ଫର୍ମ ନଂ -ଏଫ - ୧୩ ରେ ଦର୍ଶାଇ ଲାଭାଂଶ ପାଇବା ସଂପର୍କରେ ଉପସ୍ଥାପନ କରିଛନ୍ତି। ଅଭିଯୋଗକାରୀମାନେ ଏହା ମଧ୍ୟ ଦର୍ଶାଇଛନ୍ତି ଯେ ୨୦୦୭-୦୮ ଆର୍ଥିକ ବର୍ଷ ଠାରୁ ଆଜି ପର୍ଯ୍ୟନ୍ତ ଇଏଚଟି ଏବଂ ଏଚଟି ଶ୍ରେଣୀଭୁକ୍ତ ଉପଭୋକ୍ତାଙ୍କ ପାଇଁ ୨୦ ପ୍ରତିଶତର ଟାରିଫ ବୃଦ୍ଧି କରାଯାଇଛି ଏବଂ ଅନୁମତିଧାରୀମାନଙ୍କ ଦ୍ୱାରା ଉପସ୍ଥାପିତ ମତେ ଅନୁଭବ୍ୟ-ତଥ୍ୟସମୂହକୁ ବିଚାର କରି ୨୦ ପ୍ରତିଶତର ଏଲଟିକୁ କମାଇ ଦିଆଯାଇଛି।

୧୫୦. ଅର୍ଥନୈତିକ ଦୃଷ୍ଟିରୁ ଏକ ଦରିଦ୍ର ରାଜ୍ୟ ପାଇଁ ଅବଶ୍ୟ ସବସିଡି ଉଚିତ ଓ ଭଲ ଅଟେ; କିନ୍ତୁ ଅନୁମତିଧାରୀମାନଙ୍କର ନିକୃଷ୍ଟ ନର୍ବାହନ ଓ ବିଚ୍ୟୁତିକୁ ଘୋଡେଇବାରେ ଏହା ଯେପରି ଉପଯୋଗ ନହୁଏ।

<u>ବୃହତ ଓ ଓଜନଦାର ଶିଳ୍ପ ସଂସ୍ଥା :</u>

୧୫୧. ବାରମ୍ବାର ବିଦ୍ୟୁତ କାଟ ହେବା ଦ୍ୱାରା ଓଜନଦାର ଶିଳ୍ପସଂସ୍ଥାର ଦାମୀ ମେସିନ ଓ ଆନୁଷଙ୍ଗିକ ଯନ୍ତ୍ରପାତିର କ୍ଷୟକ୍ଷତି ଘଟୁଛି।

୧୫୨. ବୃହତ ଓ ଓଜନଦାର ଶିଳ୍ପସଂସ୍ଥାଗୁଡିକ ଦେଶର ବୃହତ୍ତର ସ୍ୱାର୍ଥ ସାଧନ କରିଥାନ୍ତି ବାହାର ଦେଶକୁ ଶତ ପ୍ରତିଶତ ଉତ୍ପାଦିତ ସମାଗ୍ରୀ ରପ୍ତାନୀ କରି ଦେଶର ଅର୍ଥନୀତିକୁ ସମୃଦ୍ଧି କରିଥାନ୍ତି।ସେହି ଦୃଷ୍ଟିରୁ ସେମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ସ୍ଲାବର ସୃଷ୍ଟି କରାଯିବା ଉଚିତ।

୧୫୩. ୯୭ ପ୍ରତିଶତରୁ ଉର୍ଦ୍ଧ୍ୱ ପି.ଏଫ୍ ତୁଲାଇବା ସଂପୂର୍ଣ୍ଣ ଅସମ୍ଭବ ଅଟେ। ୯୦ ପ୍ରତିଶତରୁ ନିମ୍ନର ପିଏଫ୍ ପାଇଁ ଶିଳ୍ପ ସଂସ୍ଥାମାନଙ୍କୁ ଦଣ୍ଡିତ କରାଯାଉଥିବା ବେଳେ ୯୦ ପ୍ରତିଶତରୁ  ଉର୍ଦ୍ଧ୍ୱର ପି.ଏଫ୍ ପାଇଁ ସେମାନଙ୍କୁ ପ୍ରୋତ୍ସାହନ ରାଶି ଦିଆଯିବା ଉଚିତ।

୧୫୪. ୭୨ ଘଣ୍ଟା  ମଧ୍ୟରେ ବିଲ ପେମେଣ୍ଟ  କରିବା ଯେ କୌଣସି ବୃହତ ଶିଳ୍ପ ପାଇଁ ବି ଆର୍ଥିକ ସମସ୍ୟାର କାରଣ ହେଉଛି ତେଣୁ. ଅନ୍ତତଃ ପକ୍ଷେ, ୧୫ ଦିନ ପର୍ଯ୍ୟନ୍ତ ଡିପୋଜିଟ ପାଇଁ ୧ପ୍ରତିଶତର ରିହାତିକୁ ଅନୁମତି ଦିଆଯାଇପାରେ।

୧୫୫. ବୃହତ ଶିଳ୍ପଗୁଡିକ ପାଇଁ ୫୦ପ୍ରତିଶତରୁ ଅଧିକ ଲୋଡ ଫାକ୍ଟର ତୁଳାଇବା ଖୁବ୍ କଷ୍ଟକର ଅଟେ। ତେଣୁ ୩୦ ପ୍ରତିଶତରୁ ଅଧିକ ପ୍ରତିଶତ ପର୍ଯ୍ୟନ୍ତ ଲୋଡ ଫାକ୍ଟର ପାଇଁ ପାରିତୋଷିକ ଦିଆଯିବା ଉଚିତ।

୧୫୬. ୧୦୦ ପ୍ରତିଶତ ଲୋଡ ଫାକ୍ଟର ସହିତ ଚାଲୁଥିବା ଏକ ଶିଳ୍ପସଂସ୍ଥା ପାଇଁ ବର୍ତ୍ତମାନର ୨୦ ପ୍ରତିଶତ ଲୋଡ ଫାକ୍ଟରରେ ଗୋଟିଏ ମାସରେ ୬ ଦିନର ବନ୍ଦ-ନିର୍ଘଣ୍ଟ ସହ ସଂଶ୍ଳିଷ୍ଟ ବୋଲି ବୁଝିବାକୁ ହୋଇଥାଏ। ଅତଏବ, ଗୋଟିଏ କାରଖାନାର ବାର୍ଷିକ ମେଣ୍ଟେନାନ୍ସ ପାଇଁ ଏହା ଆଦୌ ଯଥେଷ୍ଟ ନୁହେଁ। ତେଣୁ ୫୦ ପ୍ରତିଶତର ଲୋଡ ଫାକ୍ଟର ମଧ୍ୟରେ ଏକ ଶିଳ୍ପସଂସ୍ଥାର ମେଣ୍ଟେନାନ୍ସ ବିଚାର କରାଯାଇପାରେ, ଯାହାକୁ ଅନୁମତିଧାରୀ ଓ ଉପଭୋକ୍ତାଙ୍କ ମଧ୍ୟରେ ମିଳିତ ଭାବେ ଯାଞ୍ଚ କରାଯିବ।

## ଅବିଚ୍ଛିନ୍ନ ଭାବେ ଶକ୍ତି ଯୋଗାଣ ଆବଶ୍ୟକ କରୁଥିବା ଶିଳ୍ପସଂସ୍ଥା ସମୂହ :

୧୫୭. ଏହି ସବୁ ଶିଳ୍ପ ସଂସ୍ଥାଗୁଡ଼ିକ ଦ୍ୱାରା ଶକ୍ତି ଉପଯୋଗର ଢାଞ୍ଚାକୁ ଦୃଷ୍ଟିରେ ରଖି ବିଦ୍ୟୁତ ଆଇନ, ୨୦୦୩ ର ବିଭାଗ - ୬୨ (୩) ଅନୁସାରେ ଏକ ସ୍ୱତନ୍ତ୍ର ନିମ୍ନ-ତାରିଫ ବ୍ୟବସ୍ଥିତ କରାଯିବା କଥା। କିନ୍ତୁ ତା' ବଦଳରେ ଆୟୋଗ ଏହି ଶିଳ୍ପଗୁଡିକ ଉଦ୍ଦେଶ୍ୟରେ ଶକ୍ତିଦର ବୃଦ୍ଧି କରିଛନ୍ତି ଏବଂ ୨୦୦୭-୦୮ ଆର୍ଥିକ ବର୍ଷ ପାଇଁ ୨୨.୩.୨୦୦୭ ର ତାରିଫ ଆଦେଶନାମା ମୂଳେ ସେମାନଙ୍କ ଠାରୁ ପାରିତୋଷିକକୁ ପ୍ରତ୍ୟାହାର କରିଛନ୍ତି। ଅଭିଯୋଗକାରୀମାନେ ପୁନଶ୍ଚ ଦର୍ଶାଇଛନ୍ତି ଯେ, ଅନୁମତିଧାରୀଙ୍କର ନିକୃଷ୍ଟ ମାନର ନିର୍ବାହନ ଯୋଗୁଁ ଉଚ୍ଚ ପରିମାଣର ଏଲଟି କ୍ଷତି ହେଉଛି, ଯାହା ପରୋକ୍ଷରେ ଇଏଚଟି ଉପଭୋକ୍ତାମାନଙ୍କ ଉପରେ ବୋଝ ହେଉଛି। ଅତଏବ, ଭାରତ ସରକାରଙ୍କ ଦ୍ୱାରା ଯୋଚିତ ଜାତୀୟ ତାରିଫ ନୀତି ଅନୁଯାୟୀ ସବ୍‌ସିଡିଯୁକ୍ତ ତାରିଫ ବଦଳରେ ଅବିଚ୍ଛିନ୍ନଭାବେ ଶକ୍ତି ଯୋଗାଣ ଆବଶ୍ୟକ କରୁଥିବା ଶିଳ୍ପ ସଂସ୍ଥାମାନେ ଅଧିକ ଦେୟ ଦେଉଛନ୍ତି।

୧୫୮. ଜଣେ ଅଭିଯୋଗକାରୀ ତାଙ୍କର ମତ ପ୍ରଦର୍ଶନ କରିଥିଲେ ଯେ, ବିଦ୍ୟୁତ ଆଇନର ବିଭାଗ -୨(୩) ଅନୁସାରେ; ଏବଂ ଏଚଟି ଓ ଇଏଚ୍‌ଟି ଉପଭୋକ୍ତାଙ୍କର ଶ୍ରେଣୀକରଣ ସଂପର୍କିତ ଓଇଆରସି ବଣ୍ଟନ (ଯୋଗାଣ ସର୍ତ୍ତାବଳୀ) କୋଡ, ୨୦୦୪ ର ନିୟମ -୮୦ ମୂଳେ ମାନ୍ୟବର ଆୟୋଗ ଓଜନଦାର, ବୃହତ୍ , କ୍ଷୁଦ୍ର ଇସ୍ପାତ କାରଖାନା ଓ ଅବିଚ୍ଛିନ୍ନ ଭାବେ ଶକ୍ତି ଯୋଗାଣ ଆବଶ୍ୟକ କରୁଥିବା ଶିଳ୍ପସଂସ୍ଥା ମାନଙ୍କୁ ଏଚଟି ଓ ଇଏଚଟି ଶ୍ରେଣୀର ସ୍ୱତନ୍ତ୍ର ଶ୍ରେଣୀଭୁକ୍ତ କରିବା ଉଚିତ। ପୁନଶ୍ଚ ଅଭିଯୋଗକାରୀ ଦର୍ଶାଇଥିଲେ ଯେ, ଇଏଚଟି ଓ ଏଚଟି ଶିଳ୍ପସଂସ୍ଥାମାନଙ୍କ ଦ୍ୱାରା ପ୍ରଦତ୍ତ କ୍ରସ-ସବସିଡିର ହ୍ରାସକରଣ ହେବା ଉଚିତ ଏବଂ ମାନ୍ୟବର ଆୟୋଗଙ୍କ ଦ୍ୱାରା ସେହି ଉଦ୍ଦେଶ୍ୟରେ ଏକ ରୋଡ-ମ୍ୟାପର ପ୍ରବର୍ତ୍ତନ ହେବା ଉଚିତ।

୧୫୯. ଜଣେ ଅଭିଯୋଗକାରୀ ଦର୍ଶାଇଥିଲେ ଯେ, ମାନ୍ୟବର ଆୟୋଗଙ୍କର ଆରଏସଟି ୨୦୦୯-୧୦ର ଆଦେଶନାମା ଅନୁଯାୟୀ , ଅନୁମତିଧାରୀ ସର୍ବାଧିକ ଡିମାଣ୍ଡ ପରିବର୍ତ୍ତେ କଣ୍ଟ୍ରାକ୍ଟ ଡିମାଣ୍ଡ ବା ଚୁକ୍ତି ଭିତ୍ତିକ ଡିମାଣ୍ଡରେ ବିଲ ପ୍ରସ୍ତୁତ ଓ ପ୍ରଦାନ କରିଆସୁଛନ୍ତି। କିନ୍ତୁ ଶକ୍ତି ଯୋଗାଣରେ ବାରମ୍ବାର କଟକଣା ଦୃଷ୍ଟିରୁ ଆନୁପାତିକ ହାରରେ ଡିମାଣ୍ଡ ଚାର୍ଜର ପ୍ରବର୍ତ୍ତନ ପାଇଁ ସେହି ଅଭିଯୋଗକାରୀ ମତ ଦେଇଛନ୍ତି।

## ନିଜସ୍ୱ ଉତ୍ପାଦନକାରୀ ଶକ୍ତି ଉତ୍ସ

୧୬୦. ନିଜସ୍ୱ ଉତ୍ପାଦନକାରୀ ଶକ୍ତି ଉତ୍ସ ବା କ୍ୟାପ୍‌ଟିଭ ଜେନେରେଟିଂ ପ୍ଲାଣ୍ଟଗୁଡିକ ଦ୍ୱାରା ପ୍ରାରମ୍ଭିକ ପର୍ଯ୍ୟାୟର ଶକ୍ତି ପାଇଁ ସ୍ୱତନ୍ତ୍ର ଭାବେ 'ଚାହିଦା ଦେୟ' ଓ 'ଶକ୍ତି ଦେୟ' ର ପ୍ରସ୍ତାବ ଅନୁମତିଧାରୀମାନେ ସେମାନଙ୍କର ପ୍ରସ୍ତାବିତ ତାରିଫରେ ଉପସ୍ଥାପନ କରିଛନ୍ତି। କ୍ୟାପ୍‌ଟିଭ୍ ଜେନେରେଟିଂ ପ୍ଲାଣ୍ଟମାନେ ସେମାନଙ୍କର ପ୍ରତିବାଦରେ ଦର୍ଶାଇଥିଲେ ଯେ ମୁଖ୍ୟତଃ ଯେତେବେଳେ ଶକ୍ତି ଉଠାଣର ନିର୍ଘଣ୍ଟ ୬୦ ଘଣ୍ଟାରୁ ଯଥେଷ୍ଟ କମ ସମୟ ଅବଧିରେ ସୀମାବଦ୍ଧ , ଯାହା ବିଦ୍ୟୁତ ଯୋଗାଣ କୋଡର ନିୟମ -୮୫ (୩) ମୂଳେ ପୂରା ଡିମାଣ୍ଡ ଚାର୍ଜ ଲାଗୁ ପାଇଁ ଉଠାଣର ସର୍ବନିମ୍ନ ସମୟ-

ସୀମା ସେତେବେଳେ ଡିମାଣ୍ଡ ଚାର୍ଜ ଲାଗୁ କରିବାର କୌଣସି ଯଥାର୍ଥତା ନାହିଁ। ପୁନଶ୍ଚ , ଡିମାଣ୍ଡ ଚାର୍ଜର ସ୍ଥିରୀକରଣ ପାଇଁ ୧୦ ପ୍ରତିଶତର ଏଲଏଫର ସିଲିଂ କିମ୍ବା ବୃହତ୍ତମ ୟୁନିଟର ୧୨ ପ୍ରତିଶତ କ୍ଷମତାର କଣ୍ଟ୍ରାକ୍ଟ ଡିମାଣ୍ଡକୁ ଗ୍ରହଣ କରିବାରେ କୌଣସି ବି ଯଥାର୍ଥତା ନାହିଁ। ସିଜିପି ଭଳି ଏକ ସେକ୍ଟର ଉଦ୍ଦେଶ୍ୟରେ ଅନୁମତିଧାରୀଙ୍କ ଦ୍ୱାରା ଉପସ୍ଥାପିତ ପ୍ରସ୍ତାବ ଅନ୍ୟାୟୋଚିତ ଅଟେ, ଯାହା ଏକ ପାରିତୋଷିକ ବିହୀନ ପ୍ରସ୍ତାବ ଭଳି ପ୍ରତୀୟମାନ ହୁଏ।

<u>ଦକ୍ଷିଣ-ପୂର୍ବ ରେଳବାଇ</u>

୧୬୧. ରେଳବାଇ ଭଳି ଏକ ଉପଭୋକ୍ତାଙ୍କ ପାଇଁ ଅନୁମତିଧାରୀମାନେ ଯେଉଁ ଓଭରଡ୍ରୟାଲ ଜୋରିମାନା ଦଣ୍ଡ ଧାର୍ଯ୍ୟ କରିଛନ୍ତି, ତାହା ଅନ୍ୟାୟୋଚିତ। କାରଣ ଅନିୟନ୍ତ୍ରିତ କାରଣଗୁଡିକ ଯୋଗୁ ରେଳବାଇରେ ଓଭରଡ୍ରୟାଲ ହୋଇଥାଏ। ତେଣୁ ପଡୋଶୀ ଝାଡଖଣ୍ଡ ରାଜ୍ୟ ଭଳି ଓଡ଼ିଶାରେ ରେଳବାଇ ଉପରୁ ଓଭରଡ୍ରୟାଲ ଜୋରିମାନାକୁ ପ୍ରତ୍ୟାହାର କରାଯିବା ଉଚିତ।

୧୬୨. ଆନ୍ଧ୍ର ପ୍ରଦେଶ ରାଜ୍ୟ ବିଦ୍ୟୁତ ବୋର୍ଡ ଓ ମଧ୍ୟ ପ୍ରଦେଶ ରାଜ୍ୟ ବିଦ୍ୟୁତ ବୋର୍ଡ ଭଳି ରେଳବାଇ ଟ୍ରାକସନଗୁଡିକ ପାଇଁ ସିଙ୍ଗଲ ପାର୍ଟ ଟାରିଫର ବ୍ୟବସ୍ଥା ହେବା ଉଚିତ। ପୁନଶ୍ଚ, ଟାରିଫର ନିଖୁଣ ହିସାବ ପାଇଁ ରେଳବାଇର ସବୁ ସଂଯୋଗ ପଏଣ୍ଟରେ ବିକଳ୍ପ ସର୍ବାଧିକ ଡିମାଣ୍ଡକୁ ରାଜସ୍ଥାନ ବିଦ୍ୟୁତ ନିୟାମକ ଆୟୋଗଙ୍କର ୨୪.୩.୨୦୦୧ ଟାରିଫ ଆଦେଶନାମା ଭଳି ବିଚାର କରାଯିବା ଉଚିତ।

୧୬୩. ରେଳବାଇ କେନ୍ଦ୍ର ସରକାରଙ୍କ ସଂସ୍ଥା ହୋଇଥିବା ଦୃଷ୍ଟିରୁ ତା'ଉପରୁ ସିକ୍ୟୁରିଟି ଡିପୋଜିଟ ଛାଡ କରାଯିବା ଉଚିତ ଏବଂ ଅନୁମତିଧାରୀମାନେ ଯେଉଁ ସିକ୍ୟୁରିଟି ଡିପୋଜିଟ ଆଦାୟ କରି ନିଜ ପାଖରେ ରଖୁଛନ୍ତି, ତାହାକୁ ତୁରନ୍ତ ରେଳବାଇକୁ ଫେରାଇ ଦେବା ଉଚିତ।

୧୬୪. ଦିଲ୍ଲୀ, ପଶ୍ଚିମବଂଗ ଓ ଝାଡଖଣ୍ଡ ରାଜ୍ୟ ବିଦ୍ୟୁତ ବୋର୍ଡ଼ ଭଳି ଏହା ଯଦି ୦.୮୫ରୁ ତଳକୁ ହେଉଥାଏ, ତେବେ ପାୱାର ଫାକ୍ଟର ଜୋରିମାନା ଲାଗୁ କରାଯିବା ଉଚିତ।

<u>ଗ୍ରୀଡକୋ</u>

୧୬୫. ଗ୍ରୀଡକୋ ଦର୍ଶାଇଥିଲା ଯେ, ବଣ୍ଟନକାରୀ କଂପାନୀମାନେ ସେମାନଙ୍କର କାର୍ଯ୍ୟ ନିର୍ବାହନରେ ଉନ୍ନତି ଆଣିବା ସହ ବଣ୍ଟନ କ୍ଷତିକୁ ଓଇଆରସି ଅନୁମୋଦିତ ସ୍ତରକୁ କମାଇବାକୁ ପ୍ରୟାସ କରିବା ବାଂଛନୀୟ। ଏହା କରିବାରେ ଅସମର୍ଥ/ଅସଫଳ ହେଲେ ସେମାନଙ୍କୁ ଆବଶ୍ୟକୀୟ ଶକ୍ତି ଯୋଗାଣ କରିବା ଗ୍ରୀଡକୋ ପକ୍ଷରେ ସମ୍ଭବ ହେବନାହିଁ। ଗ୍ରୀଡକୋ ପୁନଶ୍ଚ କହିଥିଲା ଯେ, ବଣ୍ଟନକାରୀ କଂପାନୀଙ୍କ ତରଫରୁ ସମତାଳିକ ସର୍ବାଧିକ ଡିମାଣ୍ଡ ବା ଏସ୍‌ଏମଡି ଉପରେ ବିଚାର କରିବାକୁ ଅନୁମୋଦିତ ସ୍ତରରୁ ଅଧିକ ଉଠାଣ ଉପରେ ଜୋରିମାନା ଲାଗୁ ନ କରିବାକୁ ପ୍ରସ୍ତାବ ଦିଆଯାଇଥିଲା, ତାହା ଗ୍ରହଣୀୟ ନୁହେଁ।

୧୬୬. ଜମାର ଉପଲବ୍ଧତା କୁ ଆଧାର କରି ସିକ୍ୟୁରିଟି ଥିବା ପରିମାଣକୁ ପ୍ରଦାନ କରିବାର ଅନୁମତିଧାରୀଙ୍କର ପ୍ରସ୍ତାବ ଗ୍ରହଣୀୟ ନୁହେଁ। ବରଂ, ଆରଇସି/ପିଏଫ୍‌ସି ଋଣ ଭଳି ଖିଲାପି ପାଇଁ ସର୍ବ ପ୍ରଥମେ ଡିପିଏସ୍ ପରିମାଣକୁ ଭରଣା କରାଯିବା ଉଚିତ ଏବଂ ତା'ପରେ କିସ୍ତି ପରିମାଣକୁ ଭରଣା କରାଯିବା ଉଚିତ। ଏସ୍‌କ୍ରୋ ଆକାଉଣ୍ଟରୁ କୌଣସି ପରିମାଣର ଅର୍ଥ ଉଠାଣ କରିବା ପୂର୍ବରୁ ବାକିଆ ଦେୟର ମାସିକିଆ କସ୍ତି ପ୍ରଦାନ ପାଇଁ ଏଲସି ଖୋଲିବାକୁ ସେମାନଙ୍କୁ ନିର୍ଦ୍ଦେଶ ଦିଆଯାଇପାରେ।

୧୬୭. ପଛୁଆ ଆଭାସର ପ୍ରତିଫଳନ ଥିବାରୁ ସେହି ରୂପରେ ବଣ୍ଟନକାରୀ କଂପାନୀମାନଙ୍କ ଦ୍ୱାରା କରାଯାଇଥିବା ଏନଟିପିସି ବନ୍ଧକକୁ ବିବେଚନା ଓ ବିଚାର ନ କରିବାକୁ ଗ୍ରୀଡକୋ ଆୟୋଗଙ୍କୁ ପ୍ରାର୍ଥନା କରିଥିଲା। 'ସେକ୍ଟର

ବାସ୍ତବାୟନ'    ସଂପର୍କରେ ଗ୍ରୀଡକୋ ଦର୍ଶାଇଥିଲା ଯେ, ସାଂପ୍ରତିକ ଦୃଶ୍ୟପଟରେ ଯେତେବେଳେ ଅଟକଳିତ ରାଜସ୍ୱ ପାର୍ଥକ୍ୟର ପରିମାଣ ପ୍ରାୟ ୧୬୫୦ କୋଟି ଟଙ୍କା, ଏହି ସ୍ଥିତିରେ 'ସେକ୍ଟର ବାସ୍ତବାୟନ' ପ୍ରକ୍ରିୟା ସ୍ୱତଃ ତା'ର ଯଥାର୍ଥତା ହରାଇଛି । ଅତଏବ ଏହାକୁ ଗ୍ରହଣ କରାଯାଇ ନପାରେ ।

୧୬୮. ବ୍ୟାଙ୍କର୍‌ମାନଙ୍କୁ ଋଣ ପରିଶୋଧ ପାଇଁ ଦେୟଯୋଗ୍ୟ ପରିମାଣ ଉପରେ 'ପ୍ରଥମ ଦେୟ-ଦର' ର ଅନୁମତି ଦେବାକୁ ଅନୁମତିକାରୀଙ୍କର ଅନୁରୋଧ (ଯାହାର ଅର୍ଥ ହେଉଛି ଯେ, କାପେକସ ଋଣ ପାଇବାକୁ 'ଏସକ୍ରୋ ଆମାଉଣ୍ଟ' କୁ ସିକ୍ୟୁରିଟି ରୂପେ ପରିଗଣନା କରାଯିବାକୁ)ଗ୍ରୀଡକୋ ଗ୍ରହଣ କରି ନଥିଲା । ରିହାତି ପାରିତୋଷିକ ପ୍ରଦାନ ସଂପର୍କରେ ଗ୍ରୀଡକୋ କହିଥିଲା ଯେ, ୩୦ ଦିନର ଏକ ସମୟ ଅବଧି ମଧ୍ୟରେ ଯେ କୌଣସି ଦିନରେ ଏଲସି କିମ୍ବା ଅଗ୍ରୀମ ଜରିଆରେ ମାସିକିଆ କିସ୍ତି ସହ ପୂରା ବିଲର ମୂଲ୍ୟ ପାଇଁ ଦେୟ ଗ୍ରହଣ କରି ଗ୍ରୀଡକୋର ୨ ଟି କାର୍ଯ୍ୟ ଦିବସ ମଧରେ ଶକ୍ତି ବିଲ ଦେବାକୁ  ଯେଉଁ କ୍ଷେତ୍ରରେ ଅନୁମତିଧାରୀମାନେ ଅସଫଳ ହେଉଥିବେ, ସେ କ୍ଷେତ୍ରରେ ସେମାନଙ୍କୁ ୧ ପ୍ରତିଶତର ରିହାତି ଓ ପାରିତୋଷିକ ପ୍ରଦାନ କରିବାକୁ ଗ୍ରୀଡକୋ ପ୍ରସ୍ତାବ ଦେଇଥିଲା ।

୧୬୯. ମନ୍ଦ ଓ ସନ୍ଦେହଜନକ ଋଣ , ଟର୍ମିନାଲ ବେନିଫିଟ ଆଦି ପାଇଁ ସମୁନ୍ନତ ବ୍ୟବସ୍ଥାର ବିଧାନ କରି ସ୍ୱତନ୍ତ୍ର ଆକାଉଣ୍ଟ ଗୁଚ୍ଛ ଖୋଲିବା ଦ୍ୱାରା (ଯାହା ଭାରତର ସି'ଆଣ୍ଡ ଏଜିଙ୍କ ଦ୍ୱାରା ସାଂଘାତିକ ଭାବେ ସମାଲୋଚିତ ହୋଇଛି) ଅନୁମତିଧାରୀଙ୍କର ଆଡଜଷ୍ଟମେଣ୍ଟ ଏଣ୍ଟ୍ରିସମୂହର ପ୍ରତିବନ୍ଧକ-ସଂପନ୍ନ ଗତିଶୀଳତା ହେବା ଉଚିତ ଏବଂ ସେହି ଅନୁସାରେ ଅନୁମତିଧାରୀମାନଙ୍କୁ ସେମାନଙ୍କର ବାଲାନ୍ସ ସିଟ୍ ଓ ପି'ଆଣ୍ଡ ଏଲ୍ ଆକାଉଣ୍ଟ ସହ ପ୍ରୋଫର୍ମା ଏଫ ୩୭ ଓ ଏଫ ୩୮ ର ପୁନଃ ସଂସ୍କରଣ କରିବାକୁ କୁହାଯିବା ଉଚିତ ।

<u>ସ୍ଥୁଳ ଯୋଗାଣ ତାରିଫର ନିର୍ଦ୍ଧାରଣ</u>

୧୭୦. ଅନେକ ଅଭିଯୋଗକାରୀ ଦର୍ଶାଇଥିଲେ ଯେ, ପାଇକାରୀ ଯୋଗାଣ ତାରିଫ ଭଳି, ଆୟୋଗ ଏକ 'ଦୁଇ-ଅଂଶ' ଯୋଗାଣ ଦର ପ୍ରବର୍ତ୍ତନ କରିବା ଉଚିତ । ଏହାଦ୍ୱାରା ଅନୁମତିଧାରୀମାନେ ନିଜ ନିଜର ଶକ୍ତି ବିଭାବ ବା ପାୱାର ଫାକ୍ଟରର ଉନ୍ନତି କରାଇବାକୁ ବାଧ୍ୟ ହେବେ କିମ୍ବା ସେମାନଙ୍କ ପାଇଁ ଜୋରିମାନା ଦେବାର ବାଟ ଫିଟିଯିବ । ପରିଣାମରେ ଏକ ସୁସ୍ଥ ଯୋଗାଣ ପଦ୍ଧତିରମଧ୍ୟ ପ୍ରତିଷ୍ଠା ହୋଇପାରିବ । ଅଭିଯୋଗକାରୀମାନେ ପୁନଶ୍ଚ କହିଥିଲେ ଯେ, ସାରା ରାଜ୍ୟରେ ଭିନ୍ନ ଭିନ୍ନ ଅନୁମତିଧାରୀଙ୍କ ସକାଶେ କାହିଁକି ଏକ ପାର୍ଥକ୍ୟଗତ ସ୍ଥୁଳ ଯୋଗାଣ ଦର ସ୍ଥିର କରାଯାଇଛି, ତାହା ବୁଝି ହେଉନାହିଁ । ଯଦି ଭିନ୍ନ ଭିନ୍ନ ଅନୁମତିଧାରୀଙ୍କ ପାଇଁ ପୃଥକ ପିପିଏର ପ୍ରବର୍ତ୍ତନ ହେଉଛି, ତେବେ ଭିନ୍ନ ଭିନ୍ନ ଅନୁମତିଧାରୀଙ୍କର ଲୋଡ ମିଶ୍ରଣର ଭିନ୍ନ ଭିନ୍ନ ସେଟକୁ ଖାପ ଖୁଆଇବାକୁ ପାର୍ଥକ୍ୟଗତ ସ୍ଥୁଳ ଯୋଗଣ ଦରର ଆବଶ୍ୟକତା ପଡିବ ନାହିଁ । କେତେକ ଅଭିଯୋଗକାରୀ ମତ ଦେଇଥିଲେ ଯେ, ରାଜ୍ୟର ଭିନ୍ନ ଭିନ୍ନ ଅନୁମତିଧାରୀଙ୍କ ପାଇଁ ସ୍ଥୁଳ ଯୋଗାଣ ତାରିଫର ନିର୍ଦ୍ଧାରଣ ପାଇଁ ମାନ୍ୟବର ଆୟୋଗ ଏକ ସୁଚିନ୍ତିତ ସୂତ୍ରର ଆବିଷ୍କାର ଓ ପ୍ରୟୋଗ କରିବା ଉଚିତ ।

<u>ତାରିଫର କଂପ୍ୟୁଟରୀକରଣ :</u>

୧୭୧. ୨୦୦୮-୦୯ର ତାରିଫ ଅର୍ଡରରେ କେତେକ ସଂଶୋଧନ/ନିର୍ଦ୍ଧାରିତ ନିୟମର ଯୋଗକରଣ କରିବାକୁ କେତେକ ଅଭିଯୋଗକାରୀ ଆୟୋଗଙ୍କୁ ଅନୁରୋଧ କରିଥିଲେ ସେଗୁଡିକ ହେଲା-

(କ)  ପ୍ରକୃତ ପାୱାର ଫାକ୍ଟର ନିର୍ବିଶେଷରେ ଲୋଡ ଫାକ୍ଟରର ହିସାବ ପାଇଁ ପାୱାର ଫାକ୍ଟରକୁ ୦.୯ ଭାବେ ଧରାଯିବ ଉଚିତ ।

(ଖ)  ଅଫ-ପିକ ସମୟସୀମା ବାଦ୍ ଅନ୍ୟ ନିର୍ଘଣ୍ଟରେ, ଲୋଡ ଫାକ୍ଟରର କଂପ୍ୟୁଟରୀକରଣ ପାଇଁ କେଭିଏରେ ସର୍ବାଧିକ ଡିମାଣ୍ଡ କେଭିଏରେ ଉଲ୍ଲେଖମତେ ସର୍ବାଧିକ ଡିମାଣ୍ଡ ସହ ସମାନ କିମ୍ବା କଣ୍ଟ୍ରାକ୍ଟ ଡିମାଣ୍ଡର ୮୦ ପ୍ରତିଶତ - ଏ ଦୁଇଟି ମଧ୍ୟରୁ ଯେଉଁଟି ଅଧିକ ହେବ ତାହାକୁ ଗ୍ରହଣ କରାଯିବ।

(ଗ)  ପ୍ଲାଷ୍ଟିକ ଶିଳ୍ପ ଏବଂ ସମଧର୍ମୀ ତାଦୃଶ୍ୟ ନିରବଚ୍ଛିନ୍ନ ଭାବେ କାର୍ଯ୍ୟକରୁଥିବା ପ୍ରୋସେସ ଶିଳ୍ପ ଗୁଡିକ ୫୦ ପ୍ରତିଶତରୁ ୩୫ ପ୍ରତିଶତ ଲୋଡ ଫାକ୍ଟର କମାଇ ହେଲେ ସେମାନଙ୍କୁ ରିହାତି ତାରିଫ ପାଇଁ ସମର୍ଥ ବିବେଚନା କରାଯିବା ବାଂଛନୀୟ।

(ଘ)  କଲୋନୀ ପାଇଁ ସମୁଦାୟ ଉପଯୋଗିତ ଶକ୍ତିର ୧୦ ପ୍ରତିଶତ ଅଧିକ ଉପଯୋଗିତ ଶକ୍ତି ପାଇଁ ଶିଳ୍ପ ସଂସ୍ଥାମାନଙ୍କ ଉଦ୍ଦେଶ୍ୟରେ ନିର୍ଦ୍ଧାରିତ ଦରରେ ଦେୟ ନିର୍ଦ୍ଧାରିତ ହେଉଛି। ଏହି ବ୍ୟବସ୍ଥାର ଉଚ୍ଛେଦ କରାଯାଇ ବରଂ ଘରୋଇ ଉପଭୋକ୍ତାଙ୍କ ଉଦ୍ଦେଶ୍ୟରେ ନିର୍ଦ୍ଧାରିତ ଦରହାରରେ କଲୋନୀ ପାଇଁ ଉପଯୋଗିତ ସଂପୂର୍ଣ୍ଣ ଶକ୍ତିର ଦର ନିର୍ଦ୍ଧାରଣ ହେବା ଉଚିତ। ତେବେ , ଶିଳ୍ପସଂସ୍ଥାଗୁଡ଼ିକର କଲୋନୀରେ ସର୍ବାଧିକ ସୀମା ପର୍ଯ୍ୟନ୍ତ ଉପଯୋଗିତ ଶକ୍ତିର ଦେୟ ହାରକୁ ପାରିତୋଷିକ ହିସାବକୁ ନେବା ପାଇଁ ୫୦ ପ୍ରତିଶତତର ପ୍ରଥମ ସ୍ଲାବକୁ ଅନ୍ତର୍ଭୁକ୍ତ କରାଯିବା ଉଚିତ।

(ଙ)  ଟିଓଡି ରିହାତି ସାଧାରଣ ଦର-ହାର ର ୫୦ ପ୍ରତିଶତ ହେବା ଉଚିତ। ଜଣେ ଅଭିଯୋଗକାରୀ ଟିଓଡି ରିହାତିକୁ ୟୁନିଟ ପିଛା ୧୦ ପଇସାରୁ ୨୦ ପଇସାକୁ ବଢାଇବାକୁ ଦାବୀ କରିଥିଲେ।

(ଚ)  ଅପରିହାର୍ଯ୍ୟ/ଜରୁରୀ ଆବଶ୍ୟକତା ଚାହିଦା ଯୋଗୁ ପିକ୍ ଆୱାର ବା ଶକ୍ତି ଯୋଗାଣର ବ୍ୟସ୍ତ ବହୁଳ ନିର୍ଘଣ୍ଟରେ କଣ୍ଟ୍ରାକ୍ଟ ଡିମାଣ୍ଡର ୨୦ ପ୍ରତିଶତର ସୀମା ପର୍ଯ୍ୟନ୍ତ ଅଧିକ ଶକ୍ତି ଉଠାଣ ପାଇଁ କୌଣସି ଜୋରିମାନା ନ୍ୟସ୍ତ କରାଯିବା ଉଚିତ ନୁହେଁ।

(ଛ)  ଏଚଟି ଉପଭୋକ୍ତାଙ୍କ ଉଦ୍ଦେଶ୍ୟରେ, ସେମାନେ ବିଲ୍ ପାଇବାର ୧୫ ଦିନ ମଧ୍ୟରେ ଯଦି ଦେୟ ପ୍ରଦାନ କରନ୍ତି, ତେବେ ସେମାନଙ୍କୁ ୧ ପ୍ରତିଶତର ରିହାତି ପ୍ରଦାନ କରିବାକୁ ଅନୁମତି ଦେବାରୁ ଆୟୋଗଙ୍କୁ ଅନୁରୋଧ କରାଯାଇଛି।

(ଜ)  ପ୍ରତି ଥରର ଶକ୍ତି ବିରତିକୁ ୩୦ ମିନିଟର ବିରତି ଭାବେ ପରିଗଣନା କରାଯାଇ ଗୋଟିଏ ମାସରେ ସମୁଦାୟ ଯେତିକି ମିନିଟ ହେଲା, ସେହି ସମୟ ପାଇଁ ଯୋଗାଣ ପରିମାଣ ଓ ତଦ୍‌ଜନିତ ଦେୟ-ଦର ମାସକର ବିଲ ଦେୟକୁ ବାଦ୍ ଦିଆଯିବା ଉଚିତ।

<u>ସାଧାରଣ ସମସ୍ୟା / ଅନ୍ୟାନ୍ୟ ସମସ୍ୟା ସମୂହ :</u>

୧୭୨. ଶୁଣାଣି ସମୟରେ ଅଭିଯୋଗକାରୀ ଅନୁମତିଧାରୀମାନଙ୍କ ଦ୍ୱାରା ନିମ୍ନଲିଖିତ କେତେକ ସାଧାରଣ/ଅନ୍ୟାନ୍ୟ ସମସ୍ୟାର ଉଦ୍ରେକ ଓ ଉପସ୍ଥାପନା କରାଯାଇଥିଲା।

- ରାଜ୍ୟର ନିରକ୍ଷର ଓ ଅଜ୍ଞ ଉପଭୋକ୍ତାଙ୍କୁ ଦୃଷ୍ଟିରେ ରଖି ଆୟୋଗ ଗ୍ରହଣ କରୁଥିବା ପଦ୍ଧତି/ପ୍ରଣାଳୀସମୂହ ସରଳ ଓ ବ୍ୟୟ-ସଂକୁଚିତ ହେବା ଉଚିତ।

- ମୁଦ୍ରଣ ମାଧମ, ଇଲେକଟ୍ରୋନିକ୍ସ ମାଧମ ଓ ଡାକବାଜି ଯନ୍ତ୍ର ଦ୍ୱାରା ଘୋଷଣା ଜରିଆରେ ନିର୍ଦ୍ଧାରିତ ଶକ୍ତି କାଟର ୨୪ ଘଣ୍ଟା ପୂର୍ବରୁ ଅନୁମତିଧାରୀମାନେ ଉପଭୋକ୍ତାମାନଙ୍କୁ ଜଣାଇଦେବା ଜରୁରୀ ଆବଶ୍ୟକତା ଅଟେ।

- ଅବଧାରିତ ମାନର ନିର୍ବାହନ ସେବା ଅଭାବରେ କଂପାନୀଉପଭୋକ୍ତାଙ୍କୁ ଯେଉଁ ସ୍ୱତଃ ପ୍ରାପ୍ୟ କ୍ଷତିପୂରଣ ଦେବା କଥା ତାହା ଦେଉ ନାହାନ୍ତି।

- କେତେକ ଅଭିଯୋଗକାରୀ ମତ ଦେଇଥିଲେ ଯେ, ଅନ୍ୟ ରାଜ୍ୟମାନଙ୍କ ଭଳି ଆନ୍ତରିକତାର ସହ ଆନ୍ତଃରାଜ୍ୟ ଏବିଟି ମଧ୍ୟ ଆମ ରାଜ୍ୟରେ ପ୍ରଣୀତ ହେବା ଉଚିତ। ବଣ୍ଟନକାରୀ କଂପାନୀମାନେ ଶକ୍ତି ଓଭର ଡ୍ରୟାଲ କରୁଥିବା ଆୟୋଗଙ୍କ ନିର୍ଦ୍ଧାରିତ ନୀତି ନିୟମ ମାନୁନଥିବା ନେଇ କେତେକ ଅଭିଯୋଗକାରୀ କ୍ଷୋଭ ପ୍ରକାଶ କରିଥିଲେ।

- ମାନ୍ୟବର ଆୟୋଗଙ୍କ ସମକ୍ଷରେ ଅନୁସୂଚିତ ବର୍ଗର ଜାତି ଓ ଉପଜାତି ଉନ୍ନୟନ ବିଭାଗ ଯୁକ୍ତି ଦର୍ଶାଇଥିଲେ ଯେ, ରାଜ୍ୟ ସରକାରଙ୍କ ନିୟନ୍ତ୍ରଣାଧିନ ଅନୁସୂଚିତ ବର୍ଗ ଜାତି ଓ ଉପଜାତିର ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ପରିଚାଳିତ ବିଦ୍ୟାଳୟ ଓ ଛାତ୍ରାବାସଗୁଡିକୁ ସ୍ୱତନ୍ତ୍ର ଶ୍ରେଣୀଭୁକ୍ତ ଭାବେ ବିବେଚନା କରାଯାଇ ସେଗୁଡିକୁ ସବସିଡିଯୁକ୍ତ ଟାରିଫ ଅନ୍ତର୍ଭୁକ୍ତ କରାଯିବା ଉଚିତ।
- ପ୍ଲାଷ୍ଟିକ ଶିଳ୍ପଗୁଡିକ କୁଟୀର ଶିଳ୍ପ ଶ୍ରେଣୀଭୁକ୍ତ ହୋଇଥିବା ଯୋଗୁ ସେଗୁଡିକ ପାଇଁ ସ୍ୱତନ୍ତ୍ର ସବସିଡିଯୁକ୍ତ ଟାରିଫର ପ୍ରବର୍ତ୍ତନ କରାଯାଇପାରେ।
- ନିମ୍ନମାନର ଶକ୍ତି ସେବା ପାଇଁ କ୍ଷତିପୂରଣ ଦିଆଯିବା ଉଚିତ। ଶକ୍ତି ଯୋଗାଣରେ ଭୋଲଟେଜ ୧୦ଗୁଣ ବୃଦ୍ଧି କରାଯିବା ଉଚିତ।
- ଅନୁମତିଧାରୀଙ୍କର କର୍ମଚାରୀମାନଙ୍କୁ ୟୁନିଫର୍ମ ପୋଷାକ ଓ ପରିଚୟ ପତ୍ର ଯୋଗାଇ ଦିଆଯିବା ଉଚିତ।
- ଏକ ବଣ୍ଟନ ପଦ୍ଧତିର ଆୟୁଷ ସର୍ବାଧିକ ୨୫ ବର୍ଷ। ତେଣୁ ସେହି ଅନୁସାରେ ଆନୁଷଙ୍ଗିକ ଆସେଟ୍ ବା ସାମଗ୍ରୀ ସମୂହର ମୂଲ୍ୟାୟନ କରାଯିବା ଉଚିତ। ପଦ୍ଧତିରେ କାର୍ଯ୍ୟ କରୁଥିବା ସବୁ ଲୋକଙ୍କର ସୁରକ୍ଷା ଓ ନିରାପତ୍ତା ପାଇଁ ଅନୁମତିଧାରୀଙ୍କର ସବୁ ବିଦ୍ୟୁତ ବିଭାଗୀୟ ସଂସ୍ଥାପନାଗୁଡିକ ବିଦ୍ୟୁତ ବିଭାଗୀୟ ପରିଦର୍ଶକଙ୍କ ଦ୍ୱାରା ପରିଦର୍ଶିତ ହେବା ଉଚିତ।
- ମୁଖ୍ୟତଃ ନିୟାମକ ସାମଗ୍ରୀ ସମୂହର ଆର୍ଥିକ ରୂପାନ୍ତରଣ ଯୋଗୁ ରାଜସ୍ୱ ପାର୍ଥକ୍ୟକୁ ପୂରଣ କରିବା ଉଦ୍ଦେଶ୍ୟରେ ଟାରିଫକୁ ବୃଦ୍ଧି କରିବାକୁ ଅନୁମତି ଦିଆଯିବା ଉଚିତ ନୁହେଁ।
- ବୈଷୟିକ ଦକ୍ଷତା ଥିବା ଶ୍ରମିକଙ୍କ ଅଭାବରୁ ବିଦ୍ୟୁତ ଲାଇନ ଓ ସବଷ୍ଟେସନ ଗୁଡିକର ଉପଯୁକ୍ତ ରକ୍ଷଣାବେକ୍ଷଣ ହୋଇପାରୁନାହିଁ।
- ବିଦ୍ୟୁତ ସେବା ନିର୍ବାହନରେ ନିକୃଷ୍ଟତା/ତ୍ରୁଟି ବିଚ୍ୟୁତି ଯୋଗୁ ଅନୁମତିଧାରୀଙ୍କ ପାଇଁ ଯେଉଁ ପ୍ରକାର/ପରିମାଣର ଜୋରିମାନାର ବ୍ୟବସ୍ଥା କରାଯାଇଛି, ତାହା ସେମାନଙ୍କ ପାଇଁ ବାଧକ ହେଉନାହିଁ, ବରଂ ଆୟୋଗଙ୍କୁ ପରାମର୍ଶ ଦିଆଯାଇପାରେ ଯେ, ଜୋରିମାନାର ପରିମାଣ ସେହି ସୀମାକୁ ବୃଦ୍ଧି କରାଯାଉ, ଯାହା ଫଳରେ ଉପଭୋକ୍ତାମାନେ ଅନୁମତିଧାରୀଙ୍କଠାରୁ ସେହି ପରିମାଣ ଦାବୀ କରିବେ ଏବଂ ଉପଭୋକ୍ତାଙ୍କ ପାଇଁ ତାହା ପାରିତୋଷିକ ସଦୃଶ ହେବ। ପରିଣାମତଃ ଅନୁମତିଧାରୀମାନେ ମଧ ସେବା ନିର୍ବାହନରେ ଉତ୍କୃଷ୍ଟତା ପ୍ରଦର୍ଶନ ପାଇଁ ସଜାଗ ଓ ସତର୍କ ହେବେ।
- ଏଲଟି/ଏଚଟି ବଣ୍ଟନକୁ ଅଧିକ ସାନ୍ଦ୍ର କରିବା ସକାଶେ ସାଂପ୍ରତିକ ବଣ୍ଟନ ଅନୁମତିଧାରୀଙ୍କୁ ବାଧ୍ୟ କରିବାକୁ ଓଡ଼ିଶା ପାଇଁ ଏକ ସ୍ୱତନ୍ତ୍ର ଇଏଚ୍‌ଟି ବଣ୍ଟନ ଅନୁମତିଧାରୀର ସୃଷ୍ଟି କରାଯିବା ଉଚିତ ଏବଂ ସେହି ଇଏଚଟି ଅନୁମତିଧାରୀଙ୍କ ଅଧିନକୁ ସବୁ ନୂଆ ଇଏଚଟି ଉପଭୋକ୍ତାଙ୍କୁ ଅଣାଯିବା ଉଚିତ।
- ଯେତେବେଳେ ନୂଆ ଆସେଟଗୁଡିକ ବାବଦ ବ୍ୟୟ 'ମୂଖ୍ୟ ବ୍ୟୟ'ରେ ସାମିଲ କରାଯାଏ, ସେତେବେଳେ ଆନୁଷଙ୍ଗିକ ବୈଦ୍ୟୁତିକ ସାମଗ୍ରୀ, ବିଭାଗୀୟ ଆସେଟ ସମୂହର ମରାମତି ଓ ତୁଲାଜମା ବାବଦ ବ୍ୟୟକୁ ମୁଖ୍ୟ ବ୍ୟୟ ଭାବେ ପରିଗଣନା କରାଯିବା ଉଚିତ, ଯାହା ଫଳରେ ଆସେଟସବୁକୁ ପୂରାଦାମ ପରିବର୍ତ୍ତେ ଏଆର୍‌ଆର୍ ସହ କେବଳ ହ୍ରାସ-ମୂଲ୍ୟ ଓ ସୁଧକୁ ଦେୟଭୁକ୍ତ କରାଯିବ।
- ସିକ୍ୟୁରିଟି ଜମା ଉପରେ ସୁଧ ପରିମାଣକୁ ପ୍ରଚଳିତ ୬ ପ୍ରତିଶତର ସୁଧ ହାର ପରିବର୍ତ୍ତେ ବ୍ୟବସାୟିକ ସୁଧ ହାର ସହ ସମତାଳରେ ସ୍ଥିର କରାଯିବା ଉଚିତ।

• ସ୍ଥୁଳ ଯୋଗାଣ ଦର ହାର ଉପରେ ଓ୍ୱେସକୋ ଆନ୍ୟ ତିନି ଅନୁମତିଧାରୀଙ୍କୁ କ୍ରସ ସବ୍‌ସିଡିଭୁକ୍ତ କରୁଛି। ଓ୍ୱେସକୋର ସ୍ଥୁଳ ଯୋଗାଣ ଦର ହାର ଅନ୍ୟ ବଣ୍ଟନ ଅନୁମତିଧାରୀମାନଙ୍କ ପ୍ରତି ପ୍ରୟୋଗ କରାଯାଉଥିବା ଦର ହାର ଠାରୁ ଅଧିକ ଅଟେ।

• ସିଇଏ ନିୟମାବଳୀ ଅନୁଯାୟୀ ଟିଓଡି ମିଟରଗୁଡିକର ୩୫ ଦିନିଆ ସ୍ମୃତି ରହିଥିବା ଉଚିତ।

• ଆଭିଯାନିକ କାର୍ଯ୍ୟପନ୍ଥା ନିର୍ବାହନ ପାଇଁ 'ଦର ଉପକାରିତା' ସଂପର୍କିତ ବିଶ୍ଳେଷଣ ହେବା ଉଚିତ। ଯଦି ଡିଟିଆର ମିଟରିଂ ସଂପୂର୍ଣ୍ଣ ନୁହେଁ, ତେବେ ଆଭିଯାନିକ କାର୍ଯ୍ୟପନ୍ଥା ନିର୍ବାହନ ବା ଫ୍ରାଞ୍ଚାଇଜି ଅନୁମତିଧାରୀଙ୍କ ନିକଟରେ କିଭଳି ଉତ୍ତରଦାୟୀ / ଦାୟିତ୍ୱ ସଂପନ୍ନ ପ୍ରମାଣିତ ହୋଇ ପାରିବ ?

• ୧.୪.୧୯୯୯ ପୂର୍ବର ବାକିଆ ଦେୟ ଉପରେ କୌଣସି ଅଡିଟ ରିପୋର୍ଟ ଉପଲବ୍ଧ ନୁହେଁ।

• ଘରୋଇ ଶିକ୍ଷାନୁଷ୍ଠାନଗୁଡିକୁ ଏସପିପି (ସ୍ୱତନ୍ତ୍ର) ଟାରିଫର ଅନୁମତି ଦିଆଯିବା ଉଚିତ ନୁହେଁ, ବରଂ ସେମାନଙ୍କୁ ସରକାରୀ ଦର ଜନିତ ଟାରିଫ ବା ଜିପି ଟାରିଫ ଅନ୍ତର୍ଭୁକ୍ତ କରାଯିବା ଉଚିତ।

• ସେସୁ ଅଞ୍ଚଳରେ ଏଚଟି କୃଷି ଭିତ୍ତିକ ଶିଳ୍ପସଂସ୍ଥା ଭଳି କୃଷି ଭିତ୍ତିକ ଶିଳ୍ପର ଉପଭୋକ୍ତାମାନେ ହେଉଛନ୍ତି ସାମୁଦ୍ରିକ ଖାଦ୍ୟ ପ୍ରକ୍ରିୟାକରଣ ସଂସ୍ଥାନ । ସେମାନଙ୍କୁ ରିହାତିଯୁକ୍ତ ଟାରିଫ ପ୍ରଦାନ କରିବା ଉଚିତ ନୁହେଁ।

• ଜଣେ ଅଭିଯୋଗକାରୀ ଦର୍ଶାଇଥିଲେ ଯେ, ସେସୁ ଦ୍ୱାରା ଅଭିଯୋଜିତ ଓଟିଏସ୍ ସ୍କିମରୁ କୌଣସି ସୁଫଳ ମିଳିଲା ନାହିଁ, ଯେଣୁ ୧୨୮୦ କୋଟି ଟଙ୍କାର ଏକ ବଡ ପରିମାଣର ବାକିଆ ଦେୟରୁ ମାତ୍ର ଆନୁମାନିକ ୪୪ କୋଟି ଟଙ୍କା ସଂଗ୍ରହ କରାଯାଇଛି।

<u>ଶୁଣାଣି ସମୟରେ ନିର୍ଦ୍ଦେଶକ(ଟାରିଫ)ଙ୍କ ଦ୍ୱାରା ଉଦ୍ରେକିତ ସମସ୍ୟାସମୂହ :</u>

୧୭୩. ଶୁଣାଣି ସମୟରେ ନିର୍ଦ୍ଦେଶକ (ଟାରିଫ) ବଣ୍ଟନକାରୀ କଂପାନୀ ତରଫରୁ ଆବେଦନ କରାଯାଇଥିବା ଏଆର୍‌ଆର୍ ଓ ଟାରିଫ ସଂପର୍କିତ କେତେକ ସମସ୍ୟାର ଉଦ୍ରେକ କରିଥିଲେ। ସମସ୍ତଙ୍କ ପାଇଁ ସମାନ (ବେଣ୍ଟନକାରୀ କଂପାନୀଙ୍କ ପାଇଁ) ଥିବା କେତେକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ନିମ୍ନରେ ଉଲ୍ଲେଖ କରାଗଲା।

୧୭୪. ସିଧାସଳଖ ଭାବେ ପାଓ୍ୱାର ଫାକ୍ଟର ମାପିବା ପାଇଁ ନିମ୍ନଲିଖିତ ଉପଭୋକ୍ତାଙ୍କୁ ଷ୍ଟାଟିକ ମିଟର ଯୋଗାଇ ଦିଆଯାଇଛି କି ନା, ସେ ସଂପର୍କରେ ଅନୁମତିଧାରୀମାନେ ସୂଚନା ଓ ତଥ୍ୟ ଉପସ୍ଥାପନ କରିପାରନ୍ତି।

<u>ଏଲଟି ଶ୍ରେଣୀର</u>

୧. ଏଲଟି ଇଣ୍ଡଷ୍ଟିଆଲ (ଏମ୍ )ଯୋଗାଣ

୨. ସାଧାରଣ ଜଳ ଯୋଗାଣ କାର୍ଯ୍ୟ ଓ ଜଳପ୍ରବାହନ/ନିଷ୍କାସନ ପମ୍ପିଂ ]୨୨ କେଭିଏ

<u>ଏଚଟି ଶ୍ରେଣୀର</u>

୩. ସୁନିର୍ଦ୍ଦିଷ୍ଟ ଭାବେ ସାଧାରଣ ସ୍ୱାର୍ଥ ଉଦ୍ଦେଶ୍ୟିତ

୪. ସାଧାରଣ ଉଦ୍ଦେଶ୍ୟିତ [୧୧୦ କେଭିଏ

୫. ଏଚଟି ଇଣ୍ଡଷ୍ଟ୍ରିଆଲ (ଏମ) ଯୋଗାଣ

୧୭୫. ଏଚଟି ଓ ଇଏଚଟି ଉପଭୋକ୍ତାଙ୍କ ଦ୍ୱାରା ଦେବାକୁ ଥିବା କ୍ରସ୍ ସବସିଡିକୁ ପୁନଃ ହ୍ରାସକରଣ ପାଇଁ ବଣ୍ଟନକାରୀ କଂପାନୀମାନେ ଏକ ଖସଡା ଉପସ୍ଥାପନ କରିବା ଉଚିତ।

୧୭୬. ୨୦୧୦, ଜାନୁଆରୀ ୧୫ ଠାରୁ ୨୦୧୦ଫେବୃୟାରୀ ୭ ମଧ୍ୟରେ ଏସଏଲଡ଼ିସିର ଅନଲାଇନ ତଥ୍ୟାବଳୀରୁ ପର୍ଯ୍ୟବେକ୍ଷଣ କରାଯାଇଛି ଯେ, ଅନୁମତିଧାରୀମାନେ ଆୟୋଗଙ୍କର ୧୪.୧.୨୦୧୦ର ଶକ୍ତି

ନିୟମାବଳୀରେ ଜାରି କରାଯାଇଥିବା ତାଗିଦା କୁ ଗ୍ରହଣ କରୁନାହାନ୍ତି ଏବଂ ଏସଏଲଡିସିର ଆଗୁଆ ଦିନରେ ପ୍ରବର୍ତ୍ତିତ ହେବାକୁ ଥିବା କାର୍ଯ୍ୟସୂଚୀର ଉଲଂଘନ କରୁଛନ୍ତି, ଯାହାଫଳରେ ସେହି ଦିନମାନଙ୍କରେ ଅନୁମତିଧାରୀମାନେ ଶକ୍ତି ଓ ଓଭରଡ୍ରୟାଲ କରିଛନ୍ତି। ଏଭଳି ଓଭରଡ୍ରୟାଲ ଓ ଆୟୋଗଙ୍କ ପ୍ରତି ଅବଜ୍ଞାର କାରଣ ସେମାନେ ଦର୍ଶାଇବା ଉଚିତ।

୧୭୭. ଏକ ପୁଙ୍ଖାନୁପୁଙ୍ଖ ଅଟକଳନ ଅନୁଯାୟୀ, ସବୁ ଅନୁମତିଧାରୀଙ୍କ ମଧ୍ୟରେ ଏକ ଆଭିଯାନିକ ପଦକ୍ଷେପ ଭାବରେ ଯଦି ବଇଇର ବଚାତ୍ ଲ୍ୟାମ୍ପ ଯୋଜନା ଗ୍ରହଣ କରାଯାଏ , ତେବେ ରାଜ୍ୟ ଗ୍ରୀଡରୁ ସଂଧ୍ୟା ସମୟର ବ୍ୟସ୍ତ ନିର୍ଘଣ୍ଟରେ ୪୦୨ ଲକ୍ଷ ୟୁନିଟର କମ ଉଠାଣ ସଂଘଟିତ କରାଇ ବାର୍ଷିକ ଶକ୍ତି ସଂଚୟର ପରିମାଣ ପାଖାପାଖି ୨୧୯୨ ଲକ୍ଷ ୟୁନିଟ ହେବ। ରାଜ୍ୟ ଶକ୍ତି ସଂକଟ ଦେଇ ଗତି କରୁଥିବାର ଏହି ସମୟରେ ଅନୁମତିଧାରୀମାନେ ବଚାତ ଲ୍ୟାମ୍ପ ଯୋଜନାର ସ୍ଥିତି ସଂପର୍କରେ ଜଣାଇପାରନ୍ତି।

୧୭୮. ହାରାହାରି ଦର ହାରର ଆବଶ୍ୟକୀୟ କଂପ୍ୟୁଟରୀକୃତ ବିବରଣୀ ସହ ୨୦୦୯-୧୦ ଆର୍ଥିକ ବର୍ଷର (ଡିସେମ୍ବର, ୨୦୦୯ ପର୍ଯ୍ୟନ୍ତ )ଏଚଟି ଓ ଇଏଚଟି ଉପଭୋକ୍ତାଙ୍କର ବ୍ୟକ୍ତିଗତ ବିଲ୍ ସବୁକୁ ବଣ୍ଟନକାରୀ କଂପାନୀମାନେ ଉପସ୍ଥାପନ କରିବା ବାଂଛନୀୟ, ଯାହା ଫଳରେ ୨୦୦୯-୧୦ ତାରିଫ ଆଦେଶନାମାର ଅନୁମୋଦିତ ମତେ ୟୁନିଟ ପିଛା ହାରାହାରି ଦର -ହାର ସହ ଆୟୋଗ ସେହି ସବୁ ବିଲ୍‌କୁ ଯାଞ୍ଚ କରିବାକୁ ସକ୍ଷମ ହେବେ।

<u>ଉପରୋକ୍ତ ସମସ୍ୟାସମୂହ ବାଦ୍ ବ୍ୟକ୍ତିଗତ ଅନୁମତିଧାରୀଙ୍କ ସଂପର୍କିତ କେତେକ ନିର୍ଦ୍ଦିଷ୍ଟ ଅନୁସନ୍ଧାନମୂଳକ ତଥ୍ୟ ନିମ୍ନରେ ପ୍ରଦାନ କରାଗଲା</u>

<u>୧୭୯. ସେସୁ</u>

- ୧୦ କିଲୋୱାଟ କଣ୍ଟ୍ରାକ୍ଟ ଡିମାଣ୍ଡ ସହ ଏଲଟିରେ ଶକ୍ତି ଯୋଗାଣ ଉପଲବ୍ଧି କରୁଥିବା କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ସଂସ୍ଥାଗୁଡିକ ଉପରେ ଡ଼ିମାଣ୍ଡ ଚାର୍ଜ ଲାଗୁ କରିବାକୁ ସେସୁ ପ୍ରସ୍ତାବ କରିଛି। ଏହି ପରିପ୍ରେକ୍ଷୀରେ କେଭିଏ ରେ ଚାହିଦା ଲିପିବଦ୍ଧ କରିବାକୁ ଏହି ସବୁ ଉପଭୋକ୍ତାଙ୍କର ଷ୍ଟାଟିକ ମିଟର ଅଛି କି ନା ଆମେ ତାହା ଜାଣିବାକୁ ଚାହିଁବୁ।
- ୭୨ ଘଣ୍ଟାର ଯୋଗାଣର ଉର୍ଦ୍ଧ୍ୱରେ କ୍ୟାପଟିଭ ଜେନେରେଟିଂ ପ୍ଲାଣ୍ଟଗୁଡିକୁ ଶକ୍ତି ଯୋଗାଣ ପାଇଁ ସେସୁ ଡିମାଣ୍ଡ ଚାର୍ଜର ପ୍ରସ୍ତାବ ରଖିଛି। ତେବେ ସେହି ୭୨ ଘଣ୍ଟାର ସମୟ ଅବଧିକୁ କେଉଁ ଆଧାରରେ ଡିମାଣ୍ଡ ଚାର୍ଜ ବହିର୍ଭୁତ କରାଯିବ, ସେସୁ ତାହା ଉପସ୍ଥାପନ କରିବା ଉଚିତ।
- ୨୦୦୭-୦୮ ପାଇଁ ଅଡିଟ କରାଯାଇଥିବା ଆକାଉଣ୍ଟର ସିଡ୍ୟୁଲ - ୧୫ ରେ ବେତନ, ମଜୁରୀ ଓ ଭତ୍ତା ପରିମାଣର ଯେଉଁ ପ୍ରତିଫଳନ କରାଯାଇଛି, ସେଥିରୁ ଜଣାପଡିଛି ଯେ, ୨୦୦୬-୦୭ ରେ ଏ ବାବଦରେ ସମୁଦାୟ ପରିମାଣ ୯୯.୪୫ କୋଟି ଟଙ୍କା ଥିଲାବେଳେ ୨୦୦୭-୦୮ କୁ ତାହା ୧୭୪.୨୪ କୋଟି ଟଙ୍କା ହେଉଛି। ସେସୁ ଏଭଳି ବୃଦ୍ଧିର ସର୍ବ ବିଶେଷ ବିଶ୍ଳେଷଣ ସହ କାରଣ ଦର୍ଶାଇବା ବାଂଛନୀୟ।
- ତା ୩୧.୩.୨୦୧୦ ସୁଦ୍ଧା ନିୟମିତ କର୍ମଚାରୀଙ୍କ ସଂଖ୍ୟା ୫୨୩୫ ଥିଲେ। ୩୧.୩.୨୦୧୧ବେଳକୁ ଏହି ସଂଖ୍ୟା ୧୧୦୯୧ ରେ ପହଞ୍ଚିଛି। ସେସୁ ଏ ସଂପର୍କରେ ବିଶଦ ଭାବରେ ବୁଝାଇଦେବା ଉଚିତ।
- ବିବିଧ ଉପକରଣରେ ନିବେଶ ମାଧ୍ୟମରେ ଆର୍ଥିକ ବର୍ଷ ୨୦୦୭-୦୮, ୨୦୦୮-୦୯ ଓ ୨୦୦୯-୧୦ ପାଇଁ ଉପଭୋକ୍ତା ସିକ୍ୟୁରିଟି ଜମାରୁ ଅର୍ଜିତ ସୁଧ ପରିମାଣକୁ ଅନୁମତିଧାରୀ ଉପସ୍ଥାପନ କରିବା ବାଂଛନୀୟ/ସେହିଭଳି ,ଉପରୋକ୍ତ ସମୟ ସୀମା 'ତଦାରଖ ଦେୟ' ଭଳି ଦେୟ ବାବଦରୁ ଆୟକୁ ସେସୁକୁ ମଧ୍ୟ ଉଲ୍ଲେଖ କରିବାକୁ ପଡିବ।

<u>୧୮୦. ନେସକୋ, ୱେସକୋ, ସାଉଥ୍‌କୋ :</u>

- ୩୦ କେଭିଏରୁ ଉର୍ଦ୍ଧ୍ୱ ଓ ୧୧୦ କେଭିଏରୁ କମ କଣ୍ଟ୍ରାକ୍ଟ ଡିମାଣ୍ଡର ଉପଭୋକ୍ତା (ଉଭୟ ଏଚଟି ଓ ଏଲଟି)ଙ୍କ ଉପରେ କେଭିଏ ଟର୍ମରେ ଡିମାଣ୍ଡ ଚାର୍ଜ ଲାଗୁ କରିବାକୁ ନେସକୋ, ସାଉଥ୍‌କୋ ଓ ୱେସକୋ ପ୍ରସ୍ତାବ କରିଛନ୍ତି। କେଭିଏରେ ଡିମାଣ୍ଡ ରେକର୍ଡ କରିବାକୁ ଏହି ସବୁ ଉପଭୋକ୍ତାଙ୍କର ଷ୍ଟାଟିକ ମିଟର ଅଛି ତ ?

- ନେସକୋ, ୱେସକୋ ଓ ସାଉଥକୋ ପରାମର୍ଶ ଦେଇଛନ୍ତି ଯେ, ସିକ୍ୟୁରିଟି ଜମା ଜରିଆରେ ସିଙ୍ଗଲ ଫେଜ ମିଟର ର ପୂରା ଦାମ ଭରଣା କରାଯିବ। ଓଇଆରସି ତାଙ୍କର ପାଇକାରୀ ଯୋଗାଣ ତାରିଫ ନିର୍ଦ୍ଦେଶନାମାରେ ନିର୍ଦ୍ଧାରଣ କରିଛନ୍ତି ଯେ, 'ମିଟର ଭଡା' ଜରିଆରେ ମିଟରର ଦାମ ଭରଣା କରାଯିବ। ଏହି ପରିପ୍ରେକ୍ଷୀରେ ପ୍ରଶ୍ନ ଆସୁଛି ଯେ, ଯେଉଁସବୁ କ୍ଷେତ୍ରରେ ଅନୁମତିଧାରୀ ସିକ୍ୟୁରିଟି ଡିପୋଜିଟ ଜରିଆରେ ମିଟରର ଦାମ ଭରଣା କରିବାକୁ ପ୍ରସ୍ତାବ ରଖିଛନ୍ତି, ସେ କ୍ଷେତ୍ରରେ ମିଟର ଭଡା କିପରି ଆଦାୟ କରାଯିବ ? ଏ ସଂପର୍କରେ ଅନୁମତିଧାରୀ ସ୍ୱଷ୍ଟ ଭାବରେ ବୁଝାଇ ଦିଅନ୍ତୁ। ପୁନଶ୍ଚ, କେତେକ ଉପଭୋକ୍ତା ମିଟରର ପୂରା ଦାମ ସିକ୍ୟୁରିଟି ଡିପୋଜିଟ ଜରିଆରେ ଦେବାକୁ ମଧ୍ୟ ସକ୍ଷମ ନୁହନ୍ତି ଏବଂ ସେହି କାରଣ ହେତୁ ଓଇଆର୍‌ସି ମିଟର ଭଡା ପଦ୍ଧତିର ପ୍ରବର୍ତ୍ତନ କରିଛନ୍ତି। ଏଭଳି ସ୍ଥିତିରେ, ସିକ୍ୟୁରିଟି ଡିପୋଜିଟ ଜରିଆରେ ଅନୁମତିଧାରୀ ମିଟରର ପୂରା ଦାମ ଆଦାୟ କରିବକୁ କିଭଳି ପ୍ରସ୍ତାବ କରୁଛନ୍ତି ?

- ସେବା ସଂଯୋଗ ଜନିତ ଦେୟ ଦରକୁ ପ୍ରତି ସଂଯୋଗ ପିଛା ଟ ୫୦୦/- ରୁ ଟ୧୦୦୦/-କୁ ବୃଦ୍ଧି କରିବାକୁ ନେସକୋ, ୱେସକୋ ଓ ସାଉଥକୋ ପ୍ରସ୍ତାବ କରିଛନ୍ତି। ଆବଶ୍ୟକୀୟ ହିସାବ ସହ ଏହି ବର୍ଦ୍ଧିତ ସଂଯୋଗ ଦେୟ ଦରର ଯଥାର୍ଥତାକୁ ଅନୁମତିଧାରୀ ବୁଝାଇ ଦିଅନ୍ତୁ।

- ଆର୍ଥିକ ବର୍ଷ ୨୦୦୮-୦୯ ଓ ୨୦୦୯-୧୦ ପାଇଁ ଟିଓଡି ବେନିଫିଟ, ପାୱାର ଫାକ୍ଟରର ଉନ୍ନତି ଓ ଠିକ ସମୟରେ ବା ସହଜ ଦେୟ ପ୍ରଦାନ ଜନିତ ରିହାତି ଯୋଗୁ ପାଇଥିବା ରାଜସ୍ୱ ଲାଭାଂଶକୁ ଅନୁମତିଧାରୀମାନେ ଆୟୋଗଙ୍କ ସମକ୍ଷରେ ଉପସ୍ଥାପନ କରିବା ଉଚିତ। ୱେସକୋ ମଧ ଉପରୋକ୍ତ ସମୟ ପାଇଁ ପାୱାର ଫାକ୍ଟର ଜୋରିମାନା, ଅଧିକ ଉଠାଣ ବାବଦକୁ ଜୋରିମାନା ଓ ଡିପିଏସ୍ ବାବଦକୁ ଆଦାୟ କରୁଥିବା ରାଜସ୍ୱ ପରିମାଣକୁ ପଇଠ କରିବା ଉଚିତ୍।

## ଶୁଣାଣି ସମୟରେ ଅଭିଯୋଗକାରୀ/ପରାମର୍ଶକାରୀଙ୍କ ଦ୍ୱାରା ଉଦ୍ରେକିତ ଅଭିଯୋଗସମୂହର ଉତ୍ତରରେ ଅନୁମତିଧାରୀଙ୍କ ଲିଖିତ ଜବାବ : (ଅନୁଚ୍ଛେଦ ୧୮୧ ରୁ ୧୪୭)

୧୮୧. ଶୁଣାଣି ସମୟରେ ଅଭିଯୋଗକାରୀମାନଙ୍କର ଲିଖିତ ଓ ମୌଳିକ ଅଭିଯୋଗ ସମୂହର ଉତ୍ତରରେ ଅନୁମତିଧାରୀମାନେ ସେମାନଙ୍କର ଲିଖିତ ଜବାବ ଉପସ୍ଥାପନ କରିଥିଲେ। ଅଭିଯୋଗକାରୀଙ୍କ ଦ୍ୱାରା ଉଦ୍ରେକିତ କେତେକ ସମସ୍ୟା ସାଧାରଣ ପ୍ରକୃତିର ହୋଇଥିଲା ବେଳେ ଆଉ କେତେକ ଅନୁମତିଧାରୀମାନଙ୍କ ପ୍ରତି ଉଦ୍ଦେଶ୍ୟିତ ନିର୍ଦ୍ଦିଷ୍ଟ ପ୍ରକୃତିର ଥିଲା। ଆୟୋଗ ମଧ ଅନୁମତିଧାରୀମାନଙ୍କ ଠାରୁ ସେମାନଙ୍କର ତାରିଫ ଦରଖାସ୍ତ ଉପରେ କେତେକ ସ୍ୱଷ୍ଟିକରଣ ଚାହିଁଥିଲେ। ଅତଏବ, ଯଦି ପ୍ରସଂଗର ପ୍ରକାର ଭେଦରେ ଅନୁମତିଧାରୀଙ୍କର ଲିଖିତ ଉତ୍ତରନାମାଗୁଡିକର ଉପସ୍ଥାପନା କରାଯାଏ, ତେବେ ତାହାକୁ ଅଧିକ ଭଲ ଭାବେ ବୁଝିହେବ। ସେଗୁଡିକୁ ସେହି ଅନୁସାରେ ପ୍ରସଂଗ-ୱାରୀ ନିମ୍ନରେ ପ୍ରଦାନ କରାଗଲା।

<u>ଆଇନଗତ ପ୍ରସଂଗ</u>

୧୮୨. ଏହାର ଉତ୍ତରରେ ଅନୁମତିଧାରୀମାନେ ଦର୍ଶାଇଥିଲେ ଯେ ଓଇଆରସି (ବ୍ୟବସାୟ ପରିଚାଳନା)ନିୟମାବଳୀ, ୨୦୦୪ ର ନିୟମ ୫୩ ଏବଂ ଓଇଆରସି ନିୟମାବଳୀ ୨୦୦୪ ର ନିୟମ ୫ (ତାରିଫ ନିର୍ଦ୍ଧାରଣର ସର୍ତ୍ତାବଳୀ)ର ବ୍ୟବସ୍ଥା ଅନୁଯାୟୀ ବଣ୍ଟନକାରୀ କଂପାନୀମାନେ ଚଳିତ ବର୍ଷର ନଭେମ୍ବର ୩୦ ସୁଦ୍ଧା ଆଗାମୀ ଆର୍ଥିକ ବର୍ଷ ପାଇଁ ସେମାନଙ୍କର ବାର୍ଷିକ ରାଜସ୍ୱ ଆବଶ୍ୟକତା (ଏଆର୍‌ଆର୍) ଓ ପାଇକାରୀ ଯୋଗାଣ ତାରିଫ (ଅର୍‌ଏସଟି) ନିର୍ଦ୍ଧାରଣ

ପାଇଁ ଆୟୋଗଙ୍କ ସମକ୍ଷରେ ନିଜ ନିଜର ଆବେଦନ ପତ୍ର ଦାଖଲ କରିବା ଆବଶ୍ୟକ ଅଟେ। ସେହି ଅନୁସାରେ, ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ବଣ୍ଟନକାରୀ କଂପାନୀମାନେ ସେମାନଙ୍କର ଏଆରଆର ଓ ଆରଏସଟି ଆୟୋଗଙ୍କର ଅନୁମୋଦନ ପାଇଁ ଦାଖଲ କରିଛନ୍ତି। ଆବେଦନକାରୀମାନେ ବିଦ୍ୟୁତ ଆଇନ, ୨୦୦୩ର ବିଭାଗ ୬୨ ଓ ଅନ୍ୟାନ୍ୟ ପ୍ରୟୋଗନୀୟ ବ୍ୟବସ୍ଥାସମୂହ ଅଧିନରେ ତଥା ଓଇଆରସି ବ୍ୟବସ୍ଥା ସମୂହ (ତାରିଫ ନିର୍ଦ୍ଧାରଣ ଜନିତ ସର୍ତ୍ତାବଳୀ)ର ନିୟମାବଳୀ,୨୦୦୪ ଏବଂ ଓଇଆରସି (ବ୍ୟବସାୟ ପରିଚାଳନା) ନିୟମାବଳୀ ୨୦୦୪ ସହ ସମ୍ବନ୍ଧିତ ମତେ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ସେମାନଙ୍କର 'ବାର୍ଷିକ ରାଜସ୍ୱ ଆବଶ୍ୟକତା' ଓ 'ପାଇକାରୀ ତାରିଫ'ର ଅନୁମୋଦନ ପାଇଁ ଆୟୋଗଙ୍କ ସମକ୍ଷରେ ସେମାନଙ୍କର ଆବେଦନ ପତ୍ର ଦରଜ କରିଛନ୍ତି।

୧୮୩. ଆୟୋଗଙ୍କ ପାଇକାରୀ ଯୋଗାଣ ତାରିଫ ଓ ସ୍ଥୁଳ ଯୋଗାଣ ତାରିଫ ଆଦେଶନାମାରେ ଆଭାସିକ ତ୍ରୁଟି ଥିବା ଦର୍ଶାଇ ତା' ବିରୋଧରେ ଓଇଆର୍‌ସି ପାଖରେ 'ପୁନଃ ମତାୟନ ଅଭିଯୋଗ ପତ୍ର'(ରିଭ୍ୟୁ ପିଟିସନ) ଦାୟର କରିବାକୁ ଉଚିତ ମନେ କରିଛନ୍ତି ଏବଂ ତା' ସହ ଓଆଇଆରସିଙ୍କ ଆଦେଶନାମା ଉପରେ କ୍ରୋଧ ପ୍ରକାଶ କରି ଏଟିଇଙ୍କ ନିକଟରେ ମଧ୍ୟ ଅପିଲ କରିଛନ୍ତି। ବିଦ୍ୟୁତ ଆଇନ, ୨୦୦୩ ର ଧାରା ୧୧୧ ଅନୁଯାୟୀ, ଯେତେବେଳେ ବଣ୍ଟନକାରୀ କଂପାନୀମାନେ ଓଇଆରସିଙ୍କ ଠାରୁ ନ୍ୟାୟ ପାଇବାରୁ ବଂଚିତ ହୁଅନ୍ତି ବୋଲି ମନେ କରନ୍ତି, ସେତେବେଳେ ସେମାନେ ଏଟିଇଙ୍କ ନିକଟରେ ଅପିଲ କରିବାର ଆଇନ ସମ୍ମତ ବିଧି ରହିଛି। ଅତଏବ, ଅଭିଯୋଗକାରୀମାନଙ୍କ ଦ୍ୱାରା ଯେଉଁ ସମାଲୋଚନା ଯେ, ବଣ୍ଟନକାରୀ କଂପାନୀମାନେ ନିରବିଚ୍ଛିନ୍ନ ଓ ଧାରାବାହିକ ଭାବେ କେବଳ ମାଲିମୋକଦ୍ଦମାରେ ବ୍ୟସ୍ତ ଅଛନ୍ତି, ତାହା ଜଣେ ବ୍ୟକ୍ତି/ବ୍ୟଷ୍ଟିର ମୌଳିକ ଅଧିକାର ଅପହରଣକୁ ସାବ୍ୟସ୍ତ କରୁଛି।

<u>ବିଗତ ଦିନର କ୍ଷତି</u>

୧୮୪. ଶକ୍ତି ସରବରାହ ଓ ବଣ୍ଟନ କ୍ଷତି- ହ୍ରାସର ଧାର୍ଯ୍ୟଲକ୍ଷ୍ୟ ହେଉଛି ବଣ୍ଟନ ବିନିଯୋଗକାରୀ କର୍ତ୍ତୃପକ୍ଷମାନଙ୍କର ନିର୍ବାହନ ପରିମାପର ଏକ ସ୍ୱଷ୍ଟସିଦ୍ଧ ମାପକ। ଏହା ବ୍ୟବସାୟର ନିର୍ଯାସ ସହ ପ୍ରତ୍ୟେକ୍ଷ ଭାବେ ସଂପର୍କିତ। ମାନ୍ୟବର ଆୟୋଗ ଏଆରଆର୍ ଓ ତାରିଫ ଆଦେଶନାମା ପାସ କରାଇଲାବେଳେ କ୍ଷତି ହ୍ରାସକରଣର କେତେକ ଅଭିଳାଷ ଓ ପ୍ରବଣାତ୍ମକ ସିଦ୍ଧାନ୍ତ ନେଇଛନ୍ତି, ଯାହାକି ସର୍ବନିମ୍ନ ବାସ୍ତବତାକୁ ଆଧାର କରି ମତାୟନ କରଯାଇଛି ବୋଲି କୁହାଯାଉଛି। ଆୟୋଗ ମନେ କରିଛନ୍ତି ଯେ, ଏନଟିପସି ବଣ୍ଡ ସମୂହର ପୁନଃ ସଂରଚନା, ଶକ୍ତି ପୋଲିସ ଥାନାର ପ୍ରତିଷ୍ଠା ଓ ସକ୍ରିୟ ନିର୍ବାହନ, ଋଣ ପୁନଃ ସଂରଚନା, ମାନ୍ୟବର ଆୟୋଗଙ୍କ ନିର୍ଦ୍ଦେଶ ଅନୁଯାୟୀ ଏସକ୍ରୋ ମେକାନିଜିମରେ କୋହଳତା ଭଳି କେତେକ ପରିକଳ୍ପନାକୁ ଭିତ୍ତି କରି ବିଭାଗୀୟ ସାମୂହିକ ନିର୍ବାହନ ପଦ୍ଧତିରେ ଉତ୍କୃଷ୍ଟତା ଅଣାଯାଇପାରିବ। କିନ୍ତୁ ଏ ନେଇ କୌଣସି ଅଗ୍ରସରତାର ପ୍ରତିଫଳନ ଏବେ ସୁଦ୍ଧା ପ୍ରମାଣିତ ହୋଇନାହିଁ। ଏଠାରେ ଉଲ୍ଲେଖଯୋଗ୍ୟ ଭାବେ ଅବତାରଣା କରାଯାଇପାରେ ଯେ, "ଓଇଆରସି (ତାରିଫ ନିର୍ଦ୍ଧାରଣ ଜନିତ ସର୍ତ୍ତାବଳୀ)" ନିୟମାବଳୀ,୨୦୦୪ ର ଅଧ୍ୟାୟ ୩, ଧାରା ୫ (୩) (ଖ) ଉଲ୍ଲେଖ ଅଛି ଯେ, ପୂର୍ବ ବର୍ଷମାନଙ୍କରୁ ଥିବା କ୍ଷତି ସ୍ତର, ଅନୁମତିଧାରୀମାନଙ୍କର ଆବେଦନ ପତ୍ର ଦାଖଲ ସ୍ୱୀକାରୋକ୍ତି ଏବଂ ବିଭାଗୀୟ ପଦ୍ଧତି ଅନୁସାରେ ଅଂଶୀଦାର (ଅନୁମତିଧାରୀମାନେ, ଉପଭୋକ୍ତାମାନେ, ଉପଭୋକ୍ତା ଉପଦେଷ୍ଟା, ଗ୍ରୀଡକୋ ଏସଏଲଡିସି ଆଦି)ମାନଙ୍କ ଦ୍ୱାରା ଉଦ୍ରେକିତ ଅଭିଯୋଗସମୂହକୁ ଆଧାର କରି ନିର୍ଦ୍ଦିଷ୍ଟ ଆର୍ଥିକ ବର୍ଷ ପାଇଁ ଆୟୋଗ ଏକ ବାସ୍ତବ ହାସଲ ହୋଇପାରିବା ଯୋଗ୍ୟ ବାସ୍ତବ କ୍ଷତି ଧାର୍ଯ୍ୟ -ଲକ୍ଷ୍ୟ କୁ ଅନୁମୋଦନ କରିବେ। ସେହି ଅନୁମୋଦିତ କ୍ଷତି ଧାର୍ଯ୍ୟ ଲକ୍ଷ୍ୟକୁ ଉପଭୋକ୍ତା ମାନଙ୍କ ଉଦ୍ଦେଶ୍ୟରେ ଶକ୍ତି ବିକ୍ରୀ ଜନିତ ବିବରଣୀର କଂପ୍ୟୁଟରୀକରଣ ପାଇଁ ବ୍ୟବହାର କରାଯାଇପାରିବ।

୧୮୫. ନେସକୋର ୨୦୦୮-୦୯ ପାଇଁ ପ୍ରକୃତ ସରବରାହ ଓ ବଣ୍ଟନ କ୍ଷତି ଥିଲା ୩୪.୫୭ ପ୍ରତିଶତ। କିନ୍ତୁ ୨୦୦୯-୧୦ ଆର୍ଥିକ ବର୍ଷର ପ୍ରଥମ ୬ ମାସର ସରବରାହ ଓ ବଣ୍ଟନ କ୍ଷତି ୩୧.୪୫ ପ୍ରତିଶତ ବୋଲି ଅଟକଳ

କରାଯାଇଥିଲା ଏବଂ ଆଗାମୀ ଆର୍ଥିକ ବର୍ଷ ୨୦୧୦-୧୧ ରେ ଅନୁମତିଧାରୀମାନେ ଏହି କ୍ଷତିକୁ ୨୮.୩୦ ପ୍ରତିଶତରେ ସୀମିତ ରଖିବାକୁ ପ୍ରସ୍ତାବ ରଖିଛନ୍ତି ।

ଅଡିଟ ଫଳାଫଳ

୧୮୬. ୫.୫.୧୯୯୯ର ଚିଠି ନଂ -୨୬/୯୯/୮୩୮(୫) ରେ ପ୍ରସାରିତ 'ହିସାବ ନୀତି'ସହ ଅନୁରୂପ ଭାବେ ୨୦୦୮-୦୯ ଆର୍ଥିକ ବର୍ଷ ପାଇଁ ଅନୁମତିଧାରୀମାନେ ଅଡିଟ କରାଯାଇ ସାରିଥିବା ଆକାଉଣ୍ଟସମୂହକୁ ପ୍ରସ୍ତୁତ କରିଛନ୍ତି । ସେହି ଅନୁସାରେ ଆର୍ଥିକ ବର୍ଷ ୨୦୦୮-୦୯ ପାଇଁ ଅନୁମତିଧାରୀମାନେ ଅଡିଟେଡ ଆକାଉଣ୍ଟକୁ ଉପସ୍ଥାପନ କରିଛନ୍ତି ।

୧୮୭. ସେସୁ କହିଥିଲା ଯେ, ୨୦୦୭-୦୮ ଆର୍ଥିକ ବର୍ଷ ପାଇଁ ଆକାଉଣ୍ଟସବୁର ଅଡିଟ କାର୍ଯ୍ୟ ସଂପୂର୍ଣ୍ଣ ହୋଇଛି । ତେବେ ୨୦୦୮-୦୯ ଆର୍ଥିକ ବର୍ଷର ଅଡିଟ ୨୦୧୦ ମାର୍ଚ୍ଚ ସୁଦ୍ଧା ସଂପୂର୍ଣ୍ଣ ହେବ ।

ଯୋଗାଣର ଗୁଣବତ୍ତା

୧୮୮. ନେସକୋ ଉତ୍ତରରେ କହିଥିଲେ ଯେ, କେଉଁଝର ଭଳି କିଛି ଗ୍ରାମାଞ୍ଚଳ ଓ ଗ୍ରାମ୍ୟ ବସତିରେ ସେମାନେ କମ୍ ଭୋଲଟେଜ ସମସ୍ୟା ଲକ୍ଷ୍ୟ କରୁଛନ୍ତି । ଆୟୋଗଙ୍କ ସମକ୍ଷରେ ନେସ୍‌କୋ କହିଥିଲା ଯେ, ୧୩୨/୩୩ ଇଏଚଟି ସବ ଷ୍ଟେସନରେ ମଧ ୧୩୨ କେଭି ପରିବର୍ତ୍ତେ ସେମାନେ ୧୦୮ କେଭିରୁ କମ ଭୋଲଟେଜର ପ୍ରକୃତ ଆଲୁଅ ପାଉଛନ୍ତି ଏବଂ ସେହି ଆଲୁଅର ତୀବ୍ରତା ସ୍ୱାଭାବିକ ଭାବେ ମଧ କମି କମି ଯାଇପାରେ । ତେବେ ନେସ୍‌କୋ ଏବଂ ଓପିଟିସିଏଲ ପଦ୍ଧତିଗତ ନେଟୱାର୍କ ର ଉନ୍ନତି ବିଧାନ ନିମନ୍ତେ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରୁଛନ୍ତି ଓ ସେମାନଙ୍କର ଉପଭୋକ୍ତାମାନଙ୍କୁ ଗୁଣବତ୍ତା ଭିତ୍ତିକ ଶକ୍ତି ଯୋଗାଣ ପାଇଁ ପ୍ରୟାସ କରୁଛନ୍ତି ।

ସେବାର ଗୁଣବତ୍ତା

୧୮୯. ଉପଭୋକ୍ତାମାନଙ୍କୁ ଉନ୍ନତ ମାନର ସେବା ଓ ଗୁଣବତ୍ତା ଭିତ୍ତିକ ଶକ୍ତି ଯୋଗାଣ ପାଇଁ ବଣ୍ଟନକାରୀ କଂପାନୀମାନେ ବଦ୍ଧପରିକର ଅଟନ୍ତି । ନିର୍ଦ୍ଧାରିତ ଅଞ୍ଚଳ (ଜୋନ)ଗୁଡିକର ଲୋଡ ଫାକ୍ଟରକୁ ତୁଳନା କରି ଅନୁଧ୍ୟାନ କଲେ ଜଣାଯିବ ଯେ ପୂର୍ବବର୍ତ୍ତୀ ସମୟଠାରୁ ସଂପ୍ରତି ଉପଭୋକ୍ତାମାନଙ୍କ ପାଇଁ ଶକ୍ତି ଉପଲବ୍ଧତାର ପରିମାଣ ଓ ଗୁଣ ଯୁକ୍ତିଯୁକ୍ତ ଭାବେ ଯଥେଷ୍ଟ ଅଧିକ ଅଟେ ।

୧୯୦. ପୁନଶ୍ଚ, ବଣ୍ଟନକାରୀ କଂପାନୀମାନେ ଆୟୋଗଙ୍କ ସମକ୍ଷରେ ଯୁକ୍ତି ଉପସ୍ଥାପନ କରିଥିଲେ ଯେ, 'ନିର୍ବାହନ-ପୁନଃମତାୟନ' ଜରିଆରେ ଆୟୋଗ ନିର୍ବାହନ ଉତ୍କୃଷ୍ଟତା, ଗୁଣବତ୍ତା ଭିତ୍ତିକ ଶକ୍ତି ଯୋଗାଣର ବିସ୍ତାର କିମ୍ବା ଉପଭୋକ୍ତା ସେବାର ଉନ୍ନତି ସାଧନ କରୁଛନ୍ତି । ଅତଏବ, ଏଆର୍‌ଆର୍ ଅନୁମୋଦନ ପାଇଁ ଏହି ବିଭାବକୁ ଏକ ଅଂଶ ଭାବେ ଗ୍ରହଣ କରିବା ଉଚିତ ନୁହେଁ ।

ବଣ୍ଟନ କ୍ଷତି

୧୯୧. ବଣ୍ଟନକାରୀ କଂପାନୀମାନେ ସେମାନଙ୍କର ଉତ୍ତରରେ କହିଥିଲେ ଯେ, ବଣ୍ଟନ କ୍ଷତି ହ୍ରାସ କରିବାକୁ ଓ ଗୁଣବତ୍ତା ଭିତ୍ତିକ ଶକ୍ତି ଯୋଗାଣ ପାଇଁ ସେମାନେ ସବୁ ମତେ ପ୍ରୟାସ କରୁଛନ୍ତି । ଶିଳ୍ପ ସଂସ୍ଥାଗତ ଉପଭୋକ୍ତାଙ୍କ ପାଇଁ ଅଡିଟ ମିଟରର ସଂସ୍ଥାପନା , ଶକ୍ତି ଅଡିଟ, ଭିଜିଲାନ୍ସ ଯାଞ୍ଚ, କ୍ଷେତ୍ରସ୍ଥଳ ବିଲିଂ, ସମାନ୍ତରାଳ ମିଟରିଂ, ଏଚଟି ଉପଭୋକ୍ତାଙ୍କ ପାଇଁ ମିଟରିଂ କ୍ୟୁବିକଲ୍‌ସ ଓ ଏକସଏଲପିଇ କେବୁଲ ଜରିଆରେ ଏଚଟିରେ ଯୋଗାଣ ଆଦି ଏହି ପ୍ରୟାସର ଉଦାହରଣ ଅଟେ । ପୁନଶ୍ଚ, ବିବିଧ ପ୍ରକାରର ପଦ୍ଧତିଗତ ବିକାଶ କାର୍ଯ୍ୟ ମଧ୍ୟ କରାଯାଉଛି । ଫିଡରରେ

ଉନ୍ନତି ଆଣିବା, ବହୁ ଦିନର ପୁରୁଣା କଣ୍ଡକ୍ଟରକୁ ଅପଲୋଡ କରିବାକୁ ନୂଆ ଦୀର୍ଘସ୍ଥାୟୀ ଫିଡର ବସାଇବା, ନୂଆ ସବଷ୍ଟେସନ ସବୁର ସଂସ୍ଥାପନା, ବ୍ରେକର ସଂସ୍ଥାପନା ଆଦି ଏହି ପଦ୍ଧତିଗତ ବିକାଶ କାର୍ଯ୍ୟସୂଚୀ ମଧ୍ୟରେ ଅନ୍ତର୍ଭୁକ୍ତ। ଉଚ୍ଚ ମୂଲ୍ୟ(ବହୁ ପରିମାଣରେ ଶକ୍ତି ଉପଯୋଗ କରୁଥିବା )ର କେତେକ ଉପଭୋକ୍ତାଙ୍କ କ୍ଷେତ୍ରରେ ସ୍ୱୟଂଚାଳିତ ମିଟର ରିଡିଂର ସୁବିଧା ମଧ୍ୟ ପ୍ରବର୍ତ୍ତନ କରାଯାଇଛି। ଏହା ଦ୍ୱାରା ଅନଲାଇନରେ ମିଟରର ସ୍ଥିତି ଯାଞ୍ଚ କରିହେବ। ଏହା ବାଦ , କ୍ଷତି ହ୍ରାସ ପାଇଁ ଅନେକ ନୂଆ ପଦକ୍ଷେପର ପ୍ରୟୋଗ ମଧ୍ୟ ହାତକୁ ନିଆଯାଇଛି। ସେଗୁଡିକ ହେଲା ୩ ମାସରେ ଥରେ ପୁନଃ ମତାୟନ ବୈଠକ, ନୂଆ ସର୍କଲ ଓ ଡିଭିଜନ ସୃଷ୍ଟି କରାଯାଇ ପୁରୁଣା ସର୍କଲ ଓ ଡିଭିଜନର ପୁନର୍ଗଠନ , ଏମଆରଟି ବିଭାଗର ଦକ୍ଷତା ନିର୍ମାଣ ଓ ଏହାର କାର୍ଯ୍ୟସୂଚୀ ପ୍ରସ୍ତୁତି, ଅବସରପ୍ରାପ୍ତ ଦକ୍ଷ ପୋଲିସ ଅଧିକାରୀ କର୍ମଚାରୀଙ୍କୁ ନିଯୁକ୍ତି ଦେଇ ଭିଜିଲାନ୍ସ ବିଭାଗର ଦକ୍ଷତା ନିର୍ମାଣ କରିବା ଆଦି ଏହି ପଦକ୍ଷେପଗୁଡିକ ମଧ୍ୟରେ ଅନ୍ତର୍ଭୁକ୍ତ ଅଟେ।

୧୯୨. ଅନୁମତିଧାରୀଙ୍କ ପାଇଁ ନିୟନ୍ତ୍ରଣ ବହିର୍ଭୁତ ବିବିଧ କାରଣସମୂହ ଯୋଗୁ ଓଇଆରସିଙ୍କ ଦ୍ୱାରା ଭିନ୍ନ ଭିନ୍ନ ଆର୍ଥିକ ବର୍ଷ ପାଇଁ ସ୍ଥିରୀକୃତ ବଣ୍ଟନ କ୍ଷତି ହାସଲ ହୋଇପାରିନାହିଁ। ନକରାତ୍ମକ ଭୌଗୋଳିକ ଦୃଶ୍ୟପଟ, ଅନୁମତିଧାରୀଙ୍କ ଅଞ୍ଚଳର ଉପଭୋକ୍ତାମାନଙ୍କର ନିମ୍ନମାନର ସାମାଜିକ ଅର୍ଥନୈତିକ ଅବସ୍ଥା, ଅସନ୍ତୁଳିତ ପାଣିପାଗ (ବାତ୍ୟା ପିଡୀତ ବନ୍ୟା ଅଞ୍ଚଳ ପାଇଁ), ସକରାତ୍ମକ ପ୍ରଶାସନିକ ସହାୟତାର ଅଭାବ ସହିତ ଉପଭୋକ୍ତାଙ୍କର ନକରାତ୍ମକ ମନଃସ୍ଥିତି ଏହି କାରଣଗୁଡିକ ମଧ୍ୟରେ ଅନ୍ୟତମ ଅଟେ। ପ୍ରସ୍ତାବିତ ଦରସୂଚୀ ନିର୍ଦ୍ଧାରଣ ପାଇଁ ହାରାହାରି ବୈଷୟିକ ଓ ବ୍ୟବସାୟିକ କ୍ଷତିକୁ ବିଚାର କରିବାକୁ ଅନୁମତିଧାରୀମାନେ ଆୟୋଗଙ୍କୁ ଅନୁରୋଧ କରିଛନ୍ତି।

<u>ବଚାତ ଲ୍ୟାମ୍ପ ଯୋଜନା:</u>

୧୯୩. କେତେକ ଅଭିଯୋଗକାରୀଙ୍କ ଦ୍ୱାରା ବଚାତ୍ ଲ୍ୟାମ୍ପ ଯୋଜନା ସଂପର୍କରେ ଯେଉଁ ସବୁ ଆରୋପ ଅଣାଯାଇଛି, ସେଗୁଡିକ ସବୁ ସତ୍ୟ ନୁହେଁ। ନେସକୋ ବଚାତ୍ ଲ୍ୟାମ୍ପ ଯୋଜନାର ପ୍ରବର୍ତ୍ତନ କରିବାକୁ ଯାଉଛି। ମେସର୍ସ ବାନ୍ୟାନ ଏନଭିରନମେଣ୍ଟାଲ ସଲ୍ୟୁସନ୍ସ ଲିମିଟେଡ ନେସକୋ ଆୟତ୍ତାଧିନ ଅଂଚଳରେ ଏହି ଯୋଜନାକୁ କାର୍ଯ୍ୟକାରୀ କରାଇବାକୁ ନିଷ୍ଠାର ସହ କାର୍ଯ୍ୟ କରୁଛନ୍ତି। ସେଥିପାଇଁ ସବୁ ପ୍ରକାରର ଆନୁଷଙ୍ଗିକ ପ୍ରସ୍ତୁତି ପର୍ବ ଶେଷ ହୋଇଛି ଓ ଚୁକ୍ତିନାମା ଖୁବ ଶୀଘ୍ର ସ୍ୱାକ୍ଷରିତ ହେବାକୁ ଯାଉଛି, ଯହିଁରେ 'ବ୍ୟୁରୋ ଅଫ ଏନର୍ଜି ଏଫିସିଏନ୍ସି' ମଧ୍ୟ ଏକ ପକ୍ଷ ଅଟନ୍ତି।

<u>ବିଲ୍ ପ୍ରସ୍ତୁତି, ବିଲ୍ ପ୍ରଦାନ ଓ ଦେୟ ଆଦାୟ :</u>

୧୯୪. ବିଲିଂ ଉତ୍କୃଷ୍ଟତାର ଉନ୍ନତି ସଂପର୍କରେ ବଣ୍ଟନକାରୀ କଂପାନୀମାନେ କହିଥିଲେ ଯେ, ସବୁ ଅଞ୍ଚଳଗୁଡିକୁ କ୍ଷେତ୍ରସ୍ଥଳ ବିଲ୍ ପ୍ରସ୍ତୁତି/ବିଲ୍ ପ୍ରଦାନର ପଦ୍ଧତି ଅନ୍ତର୍ଭୁକ୍ତ କରାଯାଇଛି। ଏଜେନ୍ସିମାନେ ଅବଶ୍ୟ ଏହି କାର୍ଯ୍ୟକୁ ଚଳାଇବାକୁ ପ୍ରାରମ୍ଭିକ ପ୍ରୟାସ କରିଛନ୍ତି। ଏହା ଏକ ଅପେକ୍ଷମାଣ ସମୟ । ଆଗାମୀ ଆର୍ଥିକ ବର୍ଷର ପ୍ରଥମ ୬ ମାସ ମଧ୍ୟରେ ସେମାନଙ୍କର କାର୍ଯ୍ୟ ନିର୍ବାହନ ସଠିକ ଢାଞ୍ଚାରେ ଆଗେଇଯିବ। ଆଦାୟ ଉତ୍କୃଷ୍ଟତାକୁ ଉନ୍ନତି କରିବା ପାଇଁ ବିଶ୍ୱସନୀୟ/ଦକ୍ଷ ଆଭିଯାନିକ କାର୍ଯ୍ୟପନ୍ଥା ନିର୍ବାହନକାରୀଙ୍କୁ କାର୍ଯ୍ୟଲିପ୍ତ କରାଯାଇଛି। ଆଦାୟ ଉତ୍କୃଷ୍ଟତାରେ ବିକାଶ ଆଣିବାକୁ ସେମାନେ ନୂଆ ନୂଆ ପାରିତୋଷିକ ସ୍କିମର ପ୍ରଣୟନ କରାଇଛନ୍ତି।

<u>ମନ୍ଦ ଓ ସନ୍ଦେହ ଜନକ ଋଣ</u>

୧୯୫. ବଣ୍ଟନକାରୀ କଂପାନୀମାନେ ଉତ୍ତରରେ କହିଥିଲେ ଯେ, ଆର୍ଥିକ ବର୍ଷ ୨୦୦୪-୦୫ ପାଇଁ ପାଇକାରୀ ଯୋଗାଣ ତାରିଫର ଆଦେଶନାମାରେ ଧାରା ୫.୪.୮ ମୂଳେ ଆୟୋଗ ସୂଚିତ କରିଛନ୍ତି ଯେ, ୧୦୦ ପ୍ରତିଶତ ଆଦାୟ ଉତ୍କୃଷ୍ଟତା ଓ ୨.୫ ପ୍ରତିଶତର କ୍ରମ ବର୍ଦ୍ଧମାନ ରାଜସ୍ୱର ବ୍ୟବସ୍ଥିତିକରଣ ପରେ ଓଇଆରସିଙ୍କ ଦ୍ୱାରା ଅନୁମୋଦିତ ମତେ ଆଦାୟ ଉତ୍କୃଷ୍ଟତା ମଧ୍ୟରେ ପାର୍ଥକ୍ୟ ଜନିତ ମନ୍ଦ ଋଣ ସମୂହକୁ କାର୍ଯ୍ୟକାରୀ ମୂଳଧନର

ଆବଶ୍ୟକତା ଭାବେ ବିବେଚନା କରାଯିବ। କାର୍ଯ୍ୟକାରୀ ମୂଳଧନ ଉପରେ ବାହିତ ଦାମ/ସୁଧକୁ ଏଆରଆରରେ ପାସ୍-ଥ୍ରୋ ଭାବରେ ଅନୁମତି ଦିଆଯାଇଛି। ରାଜସ୍ୱ ଆଦାୟରେ ଏଭଳି ପାର୍ଥକ୍ୟ ଉଦ୍ଦେଶ୍ୟରେ ଅନୁମତିଧାରୀଙ୍କୁ କାର୍ଯ୍ୟକାରୀ ମୂଳଧନ ଯୋଗାଡ କରିବାକୁ ପଡିବ। ସେମାନେ ପୁନଶ୍ଚ କହିଥିଲେ ଯେ, ଏଲଟିଟିଏସ୍ ଆଦେଶନାମା ସହ ସମଛନ୍ଦରେ କାର୍ଯ୍ୟକାରୀ ମୂଳଧନର ଆବଶ୍ୟକତାକୁ ପୂରଣ କରିବା ନିମନ୍ତେ ଏଭଳି ସ୍ୱତ୍ୱମିଆଦୀ ଋଣ ଉପରେ ସୁଧ ସ୍ୱୀକାର କରିବାକୁ ଆୟୋଗ ରାଜି ହୋଇଥିଲେ। ଯଦିଓ ଏଭଳି କାର୍ଯ୍ୟକାରୀ ମୂଳଧନ ଋଣଗୁଡିକ ଉପରେ ଆଦେଶନାମା ସୁଧ ପ୍ରବେଶର ସୂଚନା ଦେଇଛି, ତେବେ ତାହାକୁ ଆର୍ଥିକ ବର୍ଷ ୨୦୦୪-୦୫ ଠାରୁ ଆର୍ଥିକ ବର୍ଷ ୨୦୦୮-୦୯ ପାଇଁ ଅନୁମୋଦିତ ଏଆରଆରର ଏକ ଅଂଶବିଶେଷ ଭାବରେ ଅନ୍ତର୍ଭୁକ୍ତ କରାଯାଇନାହିଁ।

୧୯୬. ଅନୁମତିଧାରୀମାନେ ମତ ଦେଇଥିଲେ ଯେ, ବିଗତ ଦିନର କ୍ରମ ବର୍ଦ୍ଧମାନ କ୍ଷତି ଓ ବଡଧରଣର ନିର୍ଭରଯୋଗ୍ୟ ଦାୟିତ୍ୱ ତୁଲାଇବାକୁ ଦୃଷ୍ଟିରେ ରଖି ରାଜସ୍ୱ ପାର୍ଥକ୍ୟ ପୂରଣ କରିବା ନିମନ୍ତେ କାର୍ଯ୍ୟକାରୀ ମୂଳଧନ ଯୋଗାଡ କରିବା ଅନୁମତିଧାରୀଙ୍କ ପାଇଁ କଷ୍ଟକର ବ୍ୟାପାର ହେବା, ଯାହା ଦରସୂଚୀ ନିର୍ଦ୍ଧାରଣରେ ଆଦାୟ ଉତ୍କୃଷ୍ଟତାର ଅସ୍ୱୀକୃତିକୁ ସାବ୍ୟସ୍ତ କରିବ। ତେଣୁ, ନିର୍ବାହନ ସ୍ତରକୁ ଉପଯୁକ୍ତ ଭାବେ ବିଚାର କରି ସମୁଦାୟ ଦାମକୁ ଭରଣା କରିବାକୁ ଅନୁମତିଧାରୀଙ୍କୁ ସମର୍ଥ କରିବା ନିମନ୍ତେ ଆଦାୟ-ନିକୃଷ୍ଟତାର ପରିମାଣ ସହ ପାଖାପାଖି ସମପରିମାଣର ମନ୍ଦ ଋଣକୁ ବିଚାର କରିବାକୁ ଅନୁମତିଧାରୀମାନେ ନମ୍ରତାର ସହ ଆୟୋଗଙ୍କୁ ଅନୁରୋଧ କରିଥିଲେ।

୧୯୭. ସେସୁ 'ମନ୍ଦ ଋଣ' ସଂପର୍କରେ କହିଥିଲା ଯେ, ସେମାନେ ଉପଭୋକ୍ତାଙ୍କ ଠାରୁ ବିଗତ ଦିନର ବାକିଆ ପରିମାଣକୁ ପାଇ ପାରିବା ସ୍ଥିତିରେ ପହଞ୍ଚିବା ନିମନ୍ତେ ସବୁ ପ୍ରକାର ପ୍ରୟାସ କରୁଛନ୍ତି। ଓଟିଏସ ସ୍କିମରେ ଉପଭୋକ୍ତାଙ୍କ ଠାରୁ ଭରଣା କରାଯାଇଥିବା ଅର୍ଥର ପରିମାଣ ହେଲା ୪୪.୩୬ କୋଟି ଟଙ୍କା। ଏହି ପରିମାଣର ଅର୍ଥ ୧,୦୨,୪୪୭ ଜଣ ଉପଭୋକ୍ତାଙ୍କ ଠାରୁ ଆଦାୟ କରାଯାଇଛି। ଏକକାଳୀନ ସ୍ଥିରୀକରଣ କାର୍ଯ୍ୟସୂଚୀ ଯୋଗୁ ରିହାତି ପ୍ରଦାନ ପରେ ଏହି ପରିମାଣ ୭୪.୮୦ କୋଟି ଟଙ୍କାର ଭରଣା କରାଯାଇଥିବା ପରିମାଣ ସହ ପ୍ରାୟ ସମାନ ଅଟେ।

<u>ସିକ୍ୟୁରିଟି ଜମା</u>

୧୯୮. ସିକ୍ୟୁରିଟି ଜମା ସଂପର୍କରେ ବଣ୍ଟନକାରୀ କଂପାନୀମାନେ କହିଥିଲେ ଯେ, ସେମାନେ ଓଇଆରସିଙ୍କର ବଣ୍ଟନ (ଯୋଗାଣ ସର୍ତ୍ତାବଳୀ) କୋଡ, ୨୦୦୪ର ନିୟମ ୨୧(୧)କୁ ଅନୁସରଣ କରୁଛନ୍ତି। ଏହା ହେଲା -ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆଙ୍କ ଦ୍ୱାରା ବିଜ୍ଞପିତ ବ୍ୟାଙ୍କ ଦର ହାରରେ ଉପଭୋକ୍ତାଙ୍କର ସିକ୍ୟୁରିଟି ଜମା ଉପରେ ଅନୁମତିଧାରୀମାନେ ସୁଧ ଦେବେ, କିନ୍ତୁ ଏହା ସର୍ତ୍ତାଧିନ ଯେ, ଆୟୋଗ ତାଙ୍କର କାର୍ଯ୍ୟାଳୟ ରାଜପତ୍ରରେ ସମୟକୁ ସମୟ ବିଜ୍ଞପ୍ତି ଜାରି କରି ଏକ ଉଚ୍ଚତର ପରିମାଣର ସୁଧ ହାର ପାଇଁ ନିର୍ଦ୍ଦେଶ ଦେଇପାରନ୍ତି।'

<u>ମିଟରିଂ</u>

୧୯୯. ମିଟରିଂ ସଂପର୍କରେ ସେସୁ କହିଥିଲା ଯେ, ବର୍ତ୍ତମାନର ସିଙ୍ଗଲ ଫେଜ ଉପଭୋକ୍ତାଙ୍କ ମଧ୍ୟରୁ ୬୦ ରୁ ୭୦ ପ୍ରତିଶତ ଅର୍ଥାତ୍ ପାଖାପାଖି ୧୧ ଲକ୍ଷ ଉପଭୋକ୍ତାଙ୍କର ପୁରୁଣା ଇଲେକ୍ଟ୍ରୋ-ମାଗ୍ନେଟିକ ସିଙ୍ଗଲ ଫେଜ ମିଟର ଅଛି। ଯେତିକି ସଂଖ୍ୟାରେ ମିଟର ବଦଳ କରାଯାଇଛି, ତା'ଠାରୁ ଅଧିକ ସଂଖ୍ୟକ ମିଟର ତ୍ରୁଟିପୂର୍ଣ୍ଣ ଅବସ୍ଥାରେ ରହିଛି। ହାରାହାରି ୧୦ ପ୍ରତିଶତ ସଂଖ୍ୟକ ମିଟର ସବୁବେଳେ ତ୍ରୁଟିପୂର୍ଣ୍ଣ ଅବସ୍ଥାରେ ରହିବା ଅବଶ୍ୟ ଏକ ସ୍ୱାଭାବିକ ସ୍ଥିତି; ଏବଂ ଯଥେଷ୍ଟ ସଂଖ୍ୟାରେ ଷ୍ଟାଟିକ ମିଟର ଯୋଗୁ ଏହି ତ୍ରୁଟିକୁ ସଜାଡି କମାଇ ହେବ। ଷ୍ଟାଟିକ ମିଟର ମିଳିଲେ ନିମ୍ନ ହାରର ତ୍ରୁଟି ଯୋଗୁ ୩ ଫେଜ ଉପଭୋକ୍ତାଙ୍କ କ୍ଷେତ୍ରରେ ୪ ପ୍ରତିଶତ ତ୍ରୁଟିପୂର୍ଣ୍ଣ ମିଟର ସ୍ତରର ସୃଷ୍ଟି ହୋଇଥାଏ; ଏବଂ ୩ ଫେଜ ଉପଭୋକ୍ତା ମଧ୍ୟରୁ ୯୦ ପ୍ରତିଶତ ଉପଭୋକ୍ତାଙ୍କୁ ଏହି ମିଟର ଯୋଗାଇ ଦିଆଯାଇଥାଏ। କ୍ଷତି ହ୍ରାସର ଲକ୍ଷ୍ୟ ସାଧନ କରିବାକୁ ହେଲେ ବହୁ ସଂଖ୍ୟକ ଇଲେକଟ୍ରୋ ମେକାନିକାଲ ମିଟର ଗୁଡିକୁ ବଦଳାଇ ଷ୍ଟାଟିକ ମିଟର ବସାଇବାକୁ

ହେବ। ଉପଭୋକ୍ତା ନିଜେ ମିଟର ଦେଇଥାନ୍ତୁ କିମ୍ବା ବିନିଯୋଗକାରୀ କର୍ତ୍ତୃପକ୍ଷ ଦେଇଥାନ୍ତୁ, କିନ୍ତୁ ଉପରୋକ୍ତ କାର୍ଯ୍ୟଧାରା ଅନୁଯାୟୀ ମିଟର ସବୁର ସଜଡା ବା ବଦଳ କାର୍ଯ୍ୟ ସଂପନ୍ନ କରାଯାଉଛି, ଏବଂ ଏଥିପାଇଁ ବଡ ପରିମାଣର ଅର୍ଥ ବ୍ୟୟ କରିବାକୁ ପଡୁଛି, ଯେଉଁ ପରିମାଣକୁ ମୂଳଧନ ନିବେଶ ଆୟୋଗ ଗ୍ରହଣ କରିବା ଉଚିତ।

ଶକ୍ତି ଅଡିଟ ଓ ଉପଭୋକ୍ତା ସୂଚକାଙ୍କ କରଣ :

୨୦୦. ଅନୁମତିଧାରୀମାନେ ଉତ୍ତରରେ ଉପସ୍ଥାପନ କରିଥିଲେ ଯେ, ଏକ ନିରବିଚ୍ଛିନ୍ନ ପ୍ରକ୍ରିୟା ଭାବେ ବାହାନ କରିବାରେ ଶକ୍ତି ଅଡିଟ ଏକ ନିୟମିତ କାର୍ଯ୍ୟସୂଚୀ ଅଟେ। ବଣ୍ଟନକାରୀ କଂପାନୀମାନେ ୩୩ କେଭି ତଥା ୧୧ କେଭି ଫିଡର ମିଟରର ସଂସ୍ଥାପନା କରିଛନ୍ତି ଓ ଶକ୍ତି ଅଡିଟ କାର୍ଯ୍ୟକ୍ରମର ଆରମ୍ଭ କରିଛନ୍ତି। ଏହି ଫିଡର ମିଟରଗୁଡିକ ମଝିରେ ମଝିରେ ପୋଡିଯିବା ଯୋଗୁ /ତ୍ରୁଟି ପୂର୍ଣ୍ଣ ମିଟରିଂ ୟୁନିଟ ଯୋଗୁ ତଥା ଅପରାଧୀମାନଙ୍କ ଦ୍ୱାରା ଉଦ୍ଦେଶ୍ୟମୂଳକ ଭାବେ କ୍ଷତିଗ୍ରସ୍ତ ହେବା ଯୋଗୁ ଅଡିଟ କାର୍ଯ୍ୟ ସଫଳ ଭାବେ ଜାରି ରଖାଯାଇ ପାରିଲା ନାହିଁ। ତେବେ , ଏହାକୁ ସୂଚାରୁ ରୂପେ ସଂପନ୍ନ କରିବାକୁ ନେସ୍କୋ ବହୁ ସଂଖ୍ୟକ ଆଇଟିଆଇ ଯୋଗ୍ୟତାଧାରୀ କର୍ମକର୍ତ୍ତା ଏବଂ ବିଶେଷକରି ଅଡିଟ କାର୍ଯ୍ୟ ଉଦ୍ଦେଶ୍ୟରେ ବହୁ ସଂଖ୍ୟକ ଡିପ୍ଲୋମା/ଗ୍ରାଜୁଏଟ ଇଂଜିନିୟରମାନଙ୍କୁ ନିଯୁକ୍ତି ଦେଇଛି, ଯାହା ଫଳରେ ସାମୂହୀକ ଭାବେ ଉପଭୋକ୍ତା ସୂଚକାଙ୍କ କାର୍ଯ୍ୟସୂଚୀ , ଉପଭୋକ୍ତା ମ୍ୟାପିଂ ଓ ଶକ୍ତି ଅଡିଟ କାର୍ଯ୍ୟସୂଚୀ ସମୂହ ଗୋଟିକ ପରେ ଗୋଟିଏ ସଫଳ ଭାବେ ସଂପନ୍ନ ହୋଇପାରିବ।

୨୦୧. ସେସୁ କହିଥିଲା ଯେ, ସେସୁର ସାମୁଦାୟିକ ଶକ୍ତି ଇନପୁଟର ଆକଳନ ଓ ଆଗାମୀ ଆର୍ଥିକ ବର୍ଷ ପାଇଁ ସାମୁଦାୟିକ ବିକ୍ରୀ ୟୁନିଟ ଗୁଡିକୁ ଆଧାର କରି ପ୍ରଦର୍ଶିତ ବଣ୍ଟନ କ୍ଷତି ହେଉଛି  ସାମୁଦାୟିକ କ୍ଷତି। ସେସୁ ପୁନଶ୍ଚ କହିଥିଲା ଯେ, 'ଡିଟି-ଓ୍ୱାରୀ' ୧୧କେଭି ଫିଡର ଓ୍ୱାରୀ ଓ ୩୩ କେଭି ଫିଡର ଓ୍ୱାରୀ (ଯେଉଁଠାରେ ଯେମିତି ଡିଟି ଓ ଫିଡର ମିଟର ଉପଲବ୍ଧ) ଶକ୍ତି ଅଡିଟ କାର୍ଯ୍ୟ କରାଯାଉଛି। ମାନ୍ୟବର ଆୟୋଗଙ୍କର ଅନୁସନ୍ଧାନର ଉତ୍ତରରେ ଡିଟି ଓ ୧୧ କେଭି ଫିଡରଗୁଡିକର ଶକ୍ତି ଅଡିଟ ରିପୋର୍ଟ ଆୟୋଗଙ୍କ ସମକ୍ଷରେ ଉପସ୍ଥାପନ କରାଯାଇଛି।

୨୦୨. (କ୍ର.ନଂ ୧୯୯ ର ସଂପୂର୍ଣ୍ଣ ପୁନରାବୃତ୍ତି ହୋଇଛି)

୨୦୩. (କ୍ର.ନଂ ୨୦୦ର ସଂପୂର୍ଣ୍ଣ ପୁନରାବୃତ୍ତି ହୋଇଛି)

ପ୍ରଶାସନିକ ଓ ସାଧାରଣ ବ୍ୟୟ

୨୦୪. ଅନୁମତିଧାରୀମାନେ ଉତ୍ତରରେ କହିଥିଲେ ଯେ, ଅଭିଯୋଗକାରୀମାନେ  ନ ଜାଣି ଥାଇପାରିଥାନ୍ତି ଯେ, ଅନୁମତିଧାରୀମାନେ ସବୁ ଆର୍ଥିକ ବର୍ଷର ଅଡିଟ କରାଯାଇଥିବା ଆକାଉଣ୍ଟକୁ ଆୟୋଗଙ୍କ ସମକ୍ଷରେ ଉପସ୍ଥାପନ କରିଥାନ୍ତି। ଅଡିଟ କରାଯାଇଥିବା ଆକାଉଣ୍ଟକୁ ଆଧାର କରି (ଯାହା ଆଧାର ବର୍ଷ ଭାବେ ବିବେଚିତ ହୁଏ) ଅନୁମତିଧାରୀମାନେ ପ୍ରଶାସନିକ ଓ ସାଧାରଣ ବ୍ୟୟ ବା ଏ' ଆଣ୍ଡ ଜି' ବ୍ୟୟ ଆୟୋଗଙ୍କର ସ୍ଥିରୀକରଣ ମତେ 'ନିର୍ଦ୍ଧାରିତ ମାପର ବୃଦ୍ଧି' ସହ ଅତୀତ ଅଭିଜ୍ଞତା ଉପରେ ଆଧାରିତ ଅଟେ। ଯେତେବେଳେ ଆପେକ୍ଷିକ ଭାବେ ଅଧିକ ସମୟ(ଦିନ/ମାସ/ବର୍ଷ) ପାଇଁ  କୌଣସି ବ୍ୟୟ କରାଯାଏ, ସେତେବେଳେ ଉପଯୁକ୍ତ ଯଥାର୍ଥ କାରଣ ଦର୍ଶାଇ ଅନୁମତିଧାରୀମାନେ ସେହି ବ୍ୟୟିତ ଅର୍ଥକୁ ଦାବି କରନ୍ତି। ତା'ଛଡା ଅନୁମତିଧାରୀମାନେ ସବୁ ଖର୍ଚ୍ଚ କୁ ଭଲ ଭାବେ ଯାଞ୍ଚ କରନ୍ତି। ତେଣୁ ବ୍ୟୟର ଔଚିତ୍ୟ ଓ ଯଥାର୍ଥତା ସଂପର୍କରେ ଅଭିଯୋଗକାରୀମାନେ ଯେଉଁ ପ୍ରଶ୍ନ ଉଠାଇଛନ୍ତି, ସେ ସବୁ ସଂପୂର୍ଣ୍ଣ ଅମୂଳକ ଅଟେ। ତେଣୁ ଅନୁମତିଧାରୀମାନେ 'ପ୍ରଶାସନିକ ଓ ସାଧାରଣ ବ୍ୟୟ'କୁ ଯଥୋଚିତ ଭାବେ ବିଚାର କରିବାକୁ ଆୟୋଗଙ୍କୁ ଅନୁରୋଧ କରିଛନ୍ତି।

ବିଗତ ସମୟର କ୍ଷତିର ବାସ୍ତବାୟନ

୨୦୫. ଅନୁମତିଧାରୀମାନେ ଉଲ୍ଲେଖ କରିଥିଲେ ଯେ, ଆର୍ଥିକ ବର୍ଷ ୨୦୦୪-୦୫ ଓ ଆର୍ଥିକ ବର୍ଷ ୨୦୦୫-୦୬ ର ରାଜସ୍ୱ ଆଧିକ୍ୟ କୁ ତାର ବିଗତ ବର୍ଷମାନଙ୍କର ସାମୁଦାୟିକ କ୍ଷତି ବାବଦକୁ ସହ ସାମିଲ କରଣ କରିବାକୁ ଆୟୋଗ ଗ୍ରୀଡକୋକୁ ଅନୁମତି ଦେଇଛନ୍ତି । ଏଥିରୁ ଏହା ସୂଚିତ ହୁଏ ଯେ, ଯେଉଁ ସାମୁଦାୟିକ ଅତୀତ କ୍ଷତି ସବୁ ବିଭାଗୀୟ ନିୟନ୍ତ୍ରଣାଧିନ ହେବା ସମ୍ଭବ ନୁହେଁ, ସେହି ସବୁ କ୍ଷତିକୁ କେବଳ ସମୁନ୍ନତ ପରିସ୍ଥିତିରେ ସହ ସାମିଲକରଣ କରିବାକୁ ବିଭାଗ ଅନୁମତିପ୍ରାପ୍ତ ଅଟନ୍ତି । ସେହି ଅନୁଯାୟୀ , ଯୁକ୍ତିଯୁକ୍ତ ଭାବେ ଅନୁମତିଧାରୀମାନେ ଆଶା ପୋଷଣ କରନ୍ତି ଯେ, ସେଭଳି ଅତୀତ କ୍ଷତି ସମୂହ ଅର୍ଥାତ୍ ବିଶେଷ କରି ନିୟାମକ ଆସେଟ ସମୂହକୁ ଭରଣା କରିବାର ଦାମକୁ ମାନ୍ୟବର ଆୟୋଗ ଗ୍ରହଣ କରିବେ । ଅନୁମତିଧାରୀଙ୍କର ସ୍ଥିତିଶୀଳତା ଓ ଗତିଶୀଳତା ଉପରେ ନିଷ୍ପତ୍ତିର ପ୍ରଭାବର ତୀବ୍ରତାକୁ ବିଚାର କରି ନିୟାମକ ଆସେଟ ଭାବେ ଅଡିଟ କରାଯାଇଥିବା ଆକାଉଣ୍ଟ ସମୂହକୁ ଭିତ୍ତିକରି ସାମୁଦାୟିକ କ୍ଷତି କୁ ବିବେଚନା ଓ ବିଚାର ଭୁକ୍ତ କରିବାକୁ ଅନୁମତିଧାରୀମାନେ ମଧ୍ୟ ଆୟୋଗଙ୍କୁ ଅନୁରୋଧ କରିଛନ୍ତି ।

<u>ବଣ୍ଟନ ଦର</u>

୨୦୬. ରିଲିଆନସ୍ ପରିଚାଳିତ କଂପାନୀମାନେ ଉତ୍ତରରେ ଦର୍ଶାଇଥିଲେ ଯେ, ବଣ୍ଟନ ଦରର ୯୦ ପ୍ରତିଶତ ପ୍ରକୃତିତଃ ସ୍ଥିର ଦର ଅଟେ । ଅନୁମତିଧାରୀଙ୍କର ବଣ୍ଟନ ଦର, ଯାହାକି ଏକ ସ୍ଥିର ଦର, ନଗଦ କିଛି ବର୍ଷ ଧରି ବହୁ ଗୁଣ ବୃଦ୍ଧି ପାଇଛି ଏବଂ ଏହା ସାଧାରଣତଃ ଡିମାଣ୍ଡ ଚାର୍ଜରୁ ଭରଣା କରାଯିବା ବାଂଛନୀୟ । କାପାସିଟି ଦେୟ ଦର ଉଦ୍ଦେଶ୍ୟରେ ପେମେଣ୍ଟ ମାଧମରେ ଶକ୍ତି ଆହରଣର ଧାର୍ଯ୍ୟ ଦର ଗତ କେତେବର୍ଷ ଧରି ମଧ ବୃଦ୍ଧି ପାଇଛି । ଅପର ପକ୍ଷରେ , ଡିମାଣ୍ଡ ଚାର୍ଜ ଓ ଏମଏମଏଫସି ରୂପରେ ରାଜସ୍ୱ ଭରଣା ବିଗତ କିଛି ବର୍ଷ ଧରି ବଣ୍ଟନ ଦରଠାରୁ କମ ହୋଇଛି ।

<u>ମିଶ୍ରିତ କୃଷି ଭିତ୍ତିକ କାର୍ଯ୍ୟସୂଚୀ ସମୂହ :</u>

୨୦୭. ନେସ୍କୋ ଦର୍ଶାଇଥିଲା ଯେ, ୨୦୦୯ ଅକ୍ଟୋବର ୧୯ ତାରିଖର ରାଜପତ୍ର ବିଜ୍ଞପ୍ତିର ଅନୁଚ୍ଛେଦ ୨ , ଅଧ୍ୟାୟ ୮ର ନିୟମ -୮୦(୫) ଅନୁଯାୟୀ -ଉପଭୋକ୍ତା ଶ୍ରେଣୀ କରଣକୁ ସଂଶୋଧନ କରାଯାଇଛି ଏବଂ ସେହି ଅନୁସାରେ ଶକ୍ତି ଯୋଗାଣ କରାଯାଇଥିବା ମିଶ୍ରିତ କୃଷି ଭିତ୍ତିକ କାର୍ଯ୍ୟଗୁଡିକ ହେଲା- ଆକୁଆ କଲ୍‌ଚର (ମାଛଚାଷ/ଚିଙ୍ଗୁଡିଚାଷ), ଉଦ୍ୟାନକରଣ, ଫୁଲଚାଷ, କପାଚାଷ, ପଶୁପାଳନ ଓ କୁକୁଡା ଓ ବତକ ଚାଷ ଇତ୍ୟାଦି । ତେବେ ବରଫ କାରଖାନା , ଶୀତଳୀକରଣ ପ୍ଲାଣ୍ଟ, ଶୀତଳ ଭଣ୍ଡାର, ଗୋରୁ/କୁକୁଡା/ବତକ/ମାଛ ଖାଦ୍ୟର ପ୍ରକ୍ରିୟାକରଣ ୟୁନିଟ, କୃଷି ଉତ୍ପାଦକକାରୀ ସହାୟକ ସାମଗ୍ରୀ (ରାସାୟନିକ ସାର ବିଷ ଆଦି ପାଇଁ ପ୍ରକ୍ରିୟାକରଣ ୟୁନିଟଗୁଡିକୁ ଏଥିରୁ ବାଦ ଦିଆଯାଇଛି । ତେବେ, କେବଳ କ୍ଷେତ କର୍ଷଣ ଓ ଅମଳ ଯୋଗ୍ୟ ଅଳ୍ପସ୍ଥାୟୀ ଭଣ୍ଡାରୀକୃତ କାର୍ଯ୍ୟ ସମୂହ ହିଁ ମିଶ୍ରିତ କୃଷିଭିତ୍ତିକ ଶ୍ରେଣୀର ଅନ୍ତର୍ଭୁକ୍ତ ଅଟେ । ୨୦୦୯-୧୦ର ପାଇକାରୀ ଯୋଗାଣ ଟାରିଫ ଆଦେଶନାମାର ଅନୁଚ୍ଛେଦ ୨୫୪ ରୁ ୨୫୮ ରେ ମାନ୍ୟବର ଓଇଆରସି ସ୍ପଷ୍ଟ କରିଛନ୍ତି ଯେ, କ୍ଷେତ ସଂଶ୍ଳିଷ୍ଟ କାର୍ଯ୍ୟଗୁଡିକ ମିଶ୍ରିତ କୃଷି ଶ୍ରେଣୀର ଓ ପ୍ରକ୍ରିୟାକରଣ ୟୁନିଟଗୁଡିକ ମିଶ୍ରିତ କୃଷିରୁ ବାଦ୍ ଅଟନ୍ତି । କୃଷି କାର୍ଯ୍ୟ ପାଇଁ ଜଳସେଚନର ଆବଶ୍ୟକତା ଅଛି ଏବଂ ଜଳସେଚନ ବିନା କୃଷିକାର୍ଯ୍ୟ ସମ୍ଭବ ନୁହେଁ । ଏଥିପାଇଁ ବିଦ୍ୟୁତ ଶକ୍ତିର ଆବଶ୍ୟକତା ଅପରିହାର୍ଯ୍ୟ ଅଟେ । ଗୋ-ଖାଦ୍ୟ ବା କୁକୁଡା/ବତକ ଖାଦ୍ୟ ଯଦିଓ ଗୋରୁ ଓ କୁକୁଡା/ବତକ ଆଦିଙ୍କ ସହ ସଂପର୍କିତ , କିନ୍ତୁ ସେଗୁଡିକର ପ୍ରତ୍ୟକ୍ଷ ଭାବେ ବିଦ୍ୟୁତ ଶକ୍ତି ଉପଯୋଗ ସହ କୌଣସି ସଂପର୍କ ନାହିଁ । ଅତଏବ, ଗୋ ଖାଦ୍ୟ ଓ କୁକୁଡା/ବତକ ଖାଦ୍ୟକୁ ମିଶ୍ରିତ କୃଷି କାର୍ଯ୍ୟସୂଚୀରୁ ବାଦ ଦିଆଯିବା ଯଥାର୍ଥ ଅଟେ ।

<u>ଶକ୍ତି ପୋଲିସ ଥାନା</u>

୨୦୮. ସେସୁ କହିଥିଲା ଯେ, ଶକ୍ତି ପୋଲିସ ଥାନାଗୁଡିକର କାର୍ଯ୍ୟଧାରା କ୍ରମେ ଶକ୍ତିଶାଳୀ ହେଉଛି । ଅଧିକ କର୍ମଚାରୀ ନିଯୁକ୍ତି, ଉପଯୁକ୍ତ ଘର ଓ କାର୍ଯ୍ୟାଳୟ ତଥା ଶକ୍ତିଚୋରୀ ପ୍ରବଣ ଅଂଚଳରେ ତନାଘନା ପେଟ୍ରୋଲିଂ ଯୋଗୁ ଏହା ସମ୍ଭବ ହୋଇପାରିଛି । ଉପରୋକ୍ତ ଉପାୟ ସମୂହର ଅବଲମ୍ବନ ଦ୍ୱାରା ଅଦ୍ୟାବଧି ୪୧୬ଟି ଘଟଣାରେ ଏଫଆଇଆର ଦରଜ କରାଯାଇଛି ଓ ୩୮୯ ଜଣ ଅପରାଧିଙ୍କୁ ଗିରଫ କରାଯାଇଛି । ଖୋର୍ଦ୍ଧା ଓ କଟକ ଶକ୍ତି ପୋଲିସ ଥାନା ସହ ୨୦୦୯-୧୦ରେ ନୟାଗଡ, ଢେଙ୍କାନାଳ ଓ କେନ୍ଦ୍ରାପଡା ପୋଲିସ ଥାନାର ପ୍ରତିଷ୍ଠା କରାଯାଇଛି ।

<u>ବିକ୍ରୀ</u>

୨୦୯. ବଣ୍ଟନକାରୀ କଂପାନୀମାନେ ଉତ୍ତରରେ ଦର୍ଶାଇଥିଲେ ଯେ, ବର୍ଦ୍ଧିତ ସ୍ଥୁଳ ଯୋଗାଣ ତାରିଫଙ୍କୁ ଦୃଷ୍ଟିରେ ରଖି ସେମାନଙ୍କର ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ପ୍ରସ୍ତାବିତ ଏଆର୍‌ଆର୍ ଓ ତାରିଫ ଆବେଦନରେ ସେମାନେ ଡିମାଣ୍ଡ ଚାର୍ଜ (ଚାହିଦା ଦର) ଓ ଏନର୍ଜି ଚାର୍ଜ (ଶକ୍ତି ଦର)ର ପୁନଃ ମତାୟନ ଚାହିଁଛନ୍ତି । ଶକ୍ତିବିକ୍ରୀ, ଉପଭୋକ୍ତାଙ୍କ ସଂଖ୍ୟା ଓ ପ୍ରତି ଉପଭୋକ୍ତାଙ୍କର (ଶ୍ରେଣୀ ଓ୍ୱାରୀ)ଲୋଡ ଢାଞ୍ଚାର ଏକ କାରଣ ସଂଗତ ଆକଳନକୁ ଆଧାର କରି ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ବଣ୍ଟନକାରୀ କଂପାନୀମାନଙ୍କର ଏଆର୍‌ଆର୍ ଆଧାରିତ ଅଟେ । ତେବେ, ନିର୍ଦ୍ଦିଷ୍ଟ ସମୟସୀମା ପାଇଁ ପ୍ରତି ଉପଭୋକ୍ତାଙ୍କ ଉଦ୍ଦେଶ୍ୟରେ ନିର୍ଦ୍ଧାରିତ ପ୍ରତି ସ୍ଲାବକୁ ବିଚାରକୁ ନିଆଯିବ ।

<u>ରାଜୀବ ଗାନ୍ଧୀ ଗ୍ରାମବିକାଶ ଯୋଜନା ଏବଂ କ୍ଷତି</u>

୨୧୦. ସେସୁ କହିଥିଲା ଯେ, ଯେହେତୁ ଅନେକ ଅଗମ୍ୟ ଓ ଜଂଗଲ ଘେରା ଅଂଚଳରେ ୧୧ କେଭି ଲାଇନ ବିଛା ଯାଇଛି, ଯାହାକି ବୈଷୟିକ କ୍ଷତି ଉପୁଜାଇପାରେ, ତେଣୁ ଅନୁମତିଧାରୀଙ୍କ ଦ୍ୱାରା ପ୍ରଦର୍ଶିତ ଉଚ୍ଚ ସ୍ତରର କ୍ଷତି କେବଳ ଏକ ପ୍ରଦର୍ଶନ ଥିଲା । ତା'ଛଡା ବିଚ୍ଛୁରିତ ଗ୍ରାମ ଓ ହାମଲେଟଗୁଡିକ ପାଇଁ ୧୧ କେଭି ଫିଡର ଯଥେଷ୍ଟ ଅଧିକ ହେଉଥିବାରୁ ବୈଷୟିକ କ୍ଷତି ମଧ ସୃଷ୍ଟି ହେବ । ତେବେ, କ୍ଷତିକୁ ନିୟନ୍ତ୍ରଣ କରିବାକୁ ଅନେକ ପ୍ରତିଶେଧାତ୍ମକ ବ୍ୟବସ୍ଥା ଗ୍ରହଣ କରାଯାଇଛି । ଗ୍ରାମାଞ୍ଚଳରେ ଏଚଭିଡିଏସ ର ପ୍ରବର୍ତ୍ତନ ଦ୍ୱାରା କ୍ଷତି କମାଇବାକୁ ଯଦିଓ ସମାଧାନର ସୂତ୍ର ବାହାର କରାଯାଇଛି, କିନ୍ତୁ ନିମ୍ନଲିଖିତ ପ୍ରକାରରେ କେତେକ ବାଧକ ମଧ୍ୟ ଅଛି ।

- ଡି.ଟି ସମୂହର ଏଲଟି ବଣ୍ଟନରୁ ଅଣ-ସ୍ୱୀକୃତିପ୍ରାପ୍ତ ଶକ୍ତିକୁ ଟ୍ୟାପ କରିବା
- ରାଜୀବଗାନ୍ଧୀ ଗ୍ରାମ ବିକାଶ ଯୋଜନାରେ ଗ୍ରହଣ କରାଯାଇଥିବା ଦର ନିୟନ୍ତ୍ରଣ ବ୍ୟବସ୍ଥା ଯୋଗୁ ସଂସ୍ଥାପନା ସମୂହର ଗୁଣବତ୍ତା ପ୍ରଭାବିତ ହୋଇଛି ।
- ସଂସ୍ଥାପିତ ମିଟରଗୁଡିକର ସନ୍ତୋଷଜନକ ସଠିକତା ରହୁନାହିଁ ।
- ପ୍ରଶସ୍ତ ରାସ୍ତା ଥିବା ଅଂଚଳମାନଙ୍କରେ ଉଚ୍ଚ ଶକ୍ତି ସଂପନ୍ନ ଲାଇନ(ଏଚଭିଡିଏସ)ରେ ଶକ୍ତି ଯୋଗାଣ କରାଯାଉଥିବା ବେଳେ ସଂକୀର୍ଣ୍ଣ ଗଳି ରାସ୍ତାରେ ଏଲ୍‌ଟି ଲାଇନରେ ଶକ୍ତିଯୋଗାଣ ହେଉଛି ।
- କୁଟୀର ଜ୍ୟୋତି ଉପଭୋକ୍ତାଙ୍କ ପାଇଁ କେବଳ ଧାର୍ଯ୍ୟ ପରିମାଣକୁ ଲାଗୁ କରାଯାଇଛି ଏହା ଦ୍ୱାରା ବେଆଇନ ଶକ୍ତି ଉପଯୋଗ ବରଂ ପ୍ରୋତ୍ସାହନ ପାଉଛି ।

<u>ସରଚାର୍ଜ</u>

୨୧୧. ଆୟୋଗ ଉପଯୁକ୍ତ ମଣୁଥିବା ମତେ ଏବଂ ସରକାରଙ୍କ ଦ୍ୱାରା ବ୍ୟବସ୍ଥିତ ସୀମା ପର୍ଯ୍ୟନ୍ତ ବିଚାରାଧୀନ ଭାବେ କ୍ରସ ସବସିଡିର ହ୍ରାସକରଣ ପାଇଁ ପ୍ରସ୍ତାବ ଦେଇଛନ୍ତି । ତା'ଛଡା ଜାତୀୟ ତାରିଫ ନୀତିର ବ୍ୟବସ୍ଥା ସମୂହ ଅନୁଯାୟୀ କ୍ରସ ସବସିଡିକୁ ନ କମାଇବାକୁ ଆୟୋଗଙ୍କୁ ମଧ୍ୟ ଅନୁରୋଧ କରାଯାଇଛି ।

<u>ଦୁଇ-ଅଂଶ ସ୍ଥୁଳ ଯୋଗାଣ ଦର</u>

୨୧୨. ଶକ୍ତି ଦେୟ ଦର ଓ ଚାହିଦା ଦେୟ ଦରକୁ ଦୁଇ ଅଂଶ ତାରିଫର ଶ୍ରେଣୀକରଣ ଭାବେ କୁହାଯାଇଛି। ସେସୁ ଉଦ୍ଦେଶ୍ୟରେ ଚାହିଦା ହେଲା 'ଅନ୍ତର୍ମୁଖୀ ମିଟର ସମୂହ'ର ୮୫ ସଂଖ୍ୟକ ଏସଏମଡି, ଯାହା ମାଧମରେ ସେସୁ ଇନପୁଟ ଶକ୍ତି ପରିମାଣକୁ ଉଠାଇଥାଏ। ସବୁ ଇନପୁଟ ପଏଣ୍ଟର ଏସଏମ୍‌ଡି ଲିପିବଦ୍ଧ କରିବାକୁ ଗ୍ରୀଡକୋ/ଓପିଟିସିଏଲର ସୁଯୋଗ ନାହିଁ। ଅବଶ୍ୟ ଗ୍ରୀଡକୋ ଏସ୍‌ଏମ୍‌ଡିର ହିସାବ କରେ, କିନ୍ତୁ ତାହା ସ୍ୱଚ୍ଛ ନୁହେଁ। ଯଦି ଉପଯୁକ୍ତ ଉପାୟରେ ଏସ୍‌ଏମଡି ଉପରେ ଉପରୋକ୍ତ ସମସ୍ୟାର ଯତ୍ନ ନିଆଯାଏ, ତେବେ ସେସୁ ଦୁଇଅଂଶ ତାରିଫ ପାଇଁ ରାଜି ଅଛି।

<u>ଗ୍ରୀଡକୋକୁ ଡିପିଏସ୍ ପ୍ରଦାନ</u>

୨୧୩. ଅନୁମତିଧାରୀମାନେ ସେମାନଙ୍କର ମତ ଉପସ୍ଥାପନ କରିଥିଲେ ଯେ, ଆୟୋଗ (ସେମାନଙ୍କଠାରୁ ଯଥା ଭାବେ ଶୁଣିବା ପରେ) ଏବଂ ଗ୍ରୀଡକୋ ଏସ୍‌କ୍ରୋ ଆକାଉଣ୍ଟରେ ଜମା ବିନିଯୋଗର ପ୍ରାଥମିକତାକୁ ଧାର୍ଯ୍ୟ କରିଛନ୍ତି। ବଣ୍ଟନକାରୀ କଂପାନୀଙ୍କ ଦ୍ୱାରା ଶକ୍ତି ବିକ୍ରିରୁ ଆଦାୟ କରାଯାଇଥିବା ସବୁ ଦେୟ ଦର ଏସ୍‌କ୍ରୋ ଆକାଉଣ୍ଟ ଜମା ଦିଆଯାଉଛି। ଯାହାକି ଗ୍ରୀଡକୋର ଏସକ୍ରୋ ରିହାତି ଅନୁଯାୟୀ ନିର୍ବାହିତ ହେଉଛି। ପୁନଶ୍ଚ ଯେଉଁ କ୍ଷେତ୍ରରେ ବିଏସ୍‌ପି ପେମେଣ୍ଟରେ ଅନୁମତିଧାରୀମାନେ ଖିଲାପୀ ହେବେ, ସେ କ୍ଷେତ୍ରରେ ଆୟୋଗ ଡିପିଏସ୍ ପେମେଣ୍ଟ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ବଣ୍ଟନକାରୀମାନଙ୍କର ଖିଲାପି ପରିପ୍ରେକ୍ଷୀରେ ଗ୍ରୀଡକୋ ଆର୍ଥିକ ସଂସ୍ଥାନ ଓ ବ୍ୟାଙ୍କମାନଙ୍କୁ ଋଣ/କିସ୍ତି ସେବାରେ ଢିଲା କରୁଛି। ପରିଣାମତଃ, ଗ୍ରୀଡକୋ ଅଧିକ ସୁଧଦେବା ବୋଝକୁ ନିଜ ମୁଣ୍ଡକୁ ନେଉଛି, ଯାହା ଗ୍ରୀଡକୋର ଏଆର୍‌ଆର୍ ଜରିଆରେ ବଣ୍ଟନକାରୀ କଂପାନୀମାନଙ୍କ ଉପରେ ଲଦି ଦିଆଯାଉଛି। ସିକ୍ୟୁରିଟାଇଜେସନ ଅର୍ଡର ବା ନିରାପତ୍ତାକୃତ ନିର୍ଦ୍ଦେଶନାମାରେ ବିବେଚିତ ୩୧.୩.୨୦୦୫ ସୁଦ୍ଧା ବଣ୍ଟନକାରୀ କଂପାନୀମାନଙ୍କଠାରୁ ଭରଣା ଯୋଗ୍ୟ ଡିପିଏସ୍ ତଥାପି ଗ୍ରୀଡକୋର ଆୟ ଅନ୍ତର୍ଭୁକ୍ତ କରିବାକୁ ବାକି ଅଛି। ସେହିଭଳି ବଣ୍ଟନକାରୀ କଂପାନୀଙ୍କର ଏଆର୍‌ଆର୍ ର ବ୍ୟୟ ପରିମାଣ ବାବଦରେ ମଧ୍ୟ ଭରଣାଯୋଗ୍ୟ ଡିପିଏସ୍ ଅନ୍ତର୍ଭୁକ୍ତ ହେବାକୁ ବାକି ଅଛି। ଅବଶ୍ୟ ଏହି ଅନ୍ତର୍ଭୁକ୍ତିକରଣ ଆଗାମୀ ବର୍ଷରେ କରାଯିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଛି। ବିଗତ ସମୟର ଋଣ ଓ କିସ୍ତି ପରିଶୋଧ ଉପରେ ବଣ୍ଟନ ପଦ୍ଧତିର ନିର୍ବାହନ ଓ ତୁଳାଜମା ପାଇଁ ପ୍ରାଥମିକତା ପ୍ରଦାନ କରାଯିବାର ଆବଶ୍ୟକତା ସଂପର୍କରେ ଅନୁମତିଧାରୀମାନେ ଦାବୀ ଉପସ୍ଥାପନ କରିଛନ୍ତି। ଯଦି ବିଭାଗୀୟ କାର୍ଯ୍ୟସୂଚୀ ପଦ୍ଧତିରେ ଜମାର ପୁନଃ ନିବେଶ କରାଯାଏ, ସେଥିରୁ ଅଧିକ ରାଜସ୍ୱ ଆସିବ। କିନ୍ତୁ ଯଦି ପଦ୍ଧତିର ସାଂପ୍ରତିକ ଆବଶ୍ୟକତାକୁ ଉପେକ୍ଷା କରାଯାଇ ଜମାକୁ କେବେଳ ଋଣ ଓ କିସ୍ତି ପରିଶୋଧରେ ବର୍ତ୍ତମାନର ନିର୍ବାହନ ନିଶ୍ଚୟ ବାଧାପ୍ରାପ୍ତ ହେବ ଓ ହ୍ରାସ ପାଇବ।

<u>ଶକ୍ତି ବନ୍ଧକ</u>

୨୧୪. ବଣ୍ଟନକାରୀ କଂପାନୀମାନେ ସେମାନଙ୍କର ଉତ୍ତରରେ କହିଥିଲେ ଯେ, 'ବଣ୍ଟନକାରୀ କଂପାନୀମାନଙ୍କର ଏସକ୍ରୋ ଆକାଉଣ୍ଟରୁ ଗ୍ରୀଡକୋ ନେଇଥିବା ସବୁ ଅର୍ଥକୁ ଶକ୍ତି ବନ୍ଧକ ଜନିତ ବାକିଆ ଦେୟ ପରିବର୍ତ୍ତେ ବାକିଆ ବିଏସ୍‌ପି ଉଦ୍ଦେଶ୍ୟରେ ଭରଣା କରାଯାଉ।୨୦୦୫, ସେପ୍ଟେମ୍ବର ପର୍ଯ୍ୟନ୍ତ ଗ୍ରୀଡକୋ ସିଧାସଳଖ ଏନଟିପିସିକୁ ୧୧୦.୮୦କୋଟି ଟଙ୍କା ଦେଇଥିଲା ।ତା'ପରେ ଗ୍ରୀଡକୋ ବଣ୍ଟନକାରୀ କଂପାନୀମାନଙ୍କୁ କୌଣସି ବଳକା ଜମା ନଦେବାକୁ ତାଗିଦ କରିଥିଲା ଏବଂ ବିଏସ୍‌ପି ବିଲ ସଂପୂର୍ଣ୍ଣ ଭାବେ ଦିଆ ସରିବା ପରେ ବଳକା ଜମାକୁ ଗ୍ରୀଡକୋର ଆକାଉଣ୍ଟକୁ ନିଆଯିବାକୁ ନିର୍ଦ୍ଦେଶ ଦେଇଥିଲା। ୨୦୦୫-୨୦୦୮,ଡିସେମ୍ବର ମଧରେ ଆଡଜଷ୍ଟ କରାଯାଇଥିବା ଏହି ପରିମାଣ ହେଲା ୩୭୨ କୋଟି ଟଙ୍କା। ଏନଟିପିସିକୁ ୪୯୩କୋଟି ଟଙ୍କାର ଏକ ପରିମାଣର ବାକିଆ ଦେୟ ଦେଇ ଏକ ନିଷ୍ପତ୍ତିମୂଳକ ସ୍ଥିତିରେ ପହଂଚିଥିଲା।ନଗଦ ମାସିକିଆ ବିଏସ୍‌ପି ବିଲର ଉର୍ଦ୍ଧ୍ୱରେ ବଣ୍ଟନକାରୀ କଂପାନୀମାନେ ମଧ୍ୟ ଗ୍ରୀଡକୋକୁ ବଳକା ୫୩୦ କୋଟି ଟଙ୍କା ଦେଇଛନ୍ତି ଏବଂ ସେମାନଙ୍କର ନିଜ ନିଜର ଆକାଉଣ୍ଟରେ ଓଇଆରସି ନିର୍ଦ୍ଦେଶନାମା ମୁତାବକ 'ଶକ୍ତିଦେୟ ଦର'କୁ ଆଡଜଷ୍ଟ କରିଛନ୍ତି।

<u>ପ୍ରବେଶ କ୍ଷତି ସ୍ତର ଏବଂ ଆଦାୟ ଯୋଗ୍ୟ ହିସାବ ସମୂହ</u>

୨୧୫. ଗ୍ରୀଡକୋ ସମୟସୀମା ମଧରେ ବଣ୍ଟନକାରୀ କଂପାନୀମାନଙ୍କ ବହିରେ ହିସାବ କରାଯାଇଥିବା ସାମୁଦାୟିକ ଆଦାୟ ଯୋଗ୍ୟ ପରିମାଣ ଠିକ ହିସାବ ନୁହେଁ। କାରଣ ଉଲ୍ଲେଖିତ ଉପଭୋକ୍ତାଙ୍କ ମଧରୁ ଅନେକ ଉପଭୋକ୍ତାଙ୍କ ତାଲିକା ରହିଛି, ଯେଉଁମାନେ ମୃତ କିମ୍ବା ବାସସ୍ଥାନ ସ୍ଥାନାନ୍ତରଣ କରିସାରିଛନ୍ତି। କେବଳ ଏକ ନିମ୍ନତର ସରବରାହ ଓ ବଣ୍ଟନ କ୍ଷତିର ପ୍ରଦର୍ଶନ ପାଇଁ ହିସାବ ଉଦ୍ଦେଶ୍ୟରେ ବିଲ୍ ସବୁର ପ୍ରସ୍ତୁତି କରାଯାଇଥିଲା। ପ୍ରାକ୍-ଘରୋଇକରଣ ର ଶେଷ ୩ ବର୍ଷର ହିସାବର ବାର୍ଷିକ ଅଡିଟ କରାଯାଇଥିବା ଆକାଉଣ୍ଟ ସମୂହରୁ ଏହାସ୍ପଷ୍ଟ ଅଟେ।ବିଗତ ଦିନର ବାକିଆ ପରିମାଣକୁ ସଂଶୋଧନ ନ କରି ସରବରାହ ଓ ବଣ୍ଟନ କ୍ଷତି ହଠାତ ୨୪ ପ୍ରତିଶତରୁ ୪୭ ପ୍ରତିଶତକୁ ଚଢିଗଲା। ଏହା ମଧ୍ୟ ସତ୍ୟ ଯେ, ଏହି ସବୁ କାରଣ ପାଇଁ ସୂଚନା ସ୍ମୃତିଚାରଣ ପତ୍ର ରେ ପ୍ରଦର୍ଶନ କରାଯାଇଥିବା ବଣ୍ଟନ କ୍ଷତି ମଧ ବାସ୍ତବ କ୍ଷତି ସ୍ତରର ନଥିଲା।(ସଂପର୍କ- ୪୫ ପ୍ରତିଶତରୁ ୫୦ ପ୍ରତିଶତର ବଣ୍ଟନ ଓ ସରବରାହ କ୍ଷତି ଦର୍ଶାଇଥିବା କାନୁନଗୋ କମିଟି ରିପୋର୍ଟ) ଅତଏବ, କୌଣସି ନିର୍ଭର ଯୋଗ୍ୟ ତଥ୍ୟ ଅଭାବରୁ ଆୟୋଗ ଏଭଳି ଅବାସ୍ତବ ସରବରାହ ଓ ବଣ୍ଟନ କ୍ଷତିକୁ ଭିତ୍ତିକରି ପାଇକାରୀ ଯୋଗାଣ ଟାରିଫର ବାର୍ଷିକ ରାଜସ୍ୱ ଆବଶ୍ୟକତାକୁ କଂପ୍ୟୁଟରୀକରଣ କଲେ। ସଂପ୍ରତି, ରିଲିଆନ୍ସ ପରିଚାଳିତ ବଣ୍ଟନକାରୀ କଂପାନୀମାନେ ଏହି ପାର୍ଥକ୍ୟଗତ ପରିମାଣକୁ ଗ୍ରୀଡକୋ ଦେବାକୁ ଥିବା ଦେୟ ପରିବର୍ତ୍ତେ ମନ୍ଦ ଓ ସନ୍ଦେହଜନକ ଋଣ ଭାବେ ଆଡଜଷ୍ଟ କରୁଛନ୍ତି।

୨୧୬. ହିସାବ ମାନଦଣ୍ଡ ଅନୁଯାୟୀ ଅର୍ଥାତ୍ 'ରାଜସ୍ୱ ସ୍ୱୀକୃତି ' ସଂପର୍କିତ କଂପାନୀଆଇନ, ୧୯୫୬ର ବିଭାଗ ୨୧୧ ଅନୁଯାୟୀ, ପଦାର୍ଥ ସମୂହର ବିକ୍ରୀ ସମୟ କିମ୍ବା ସେବା ନିର୍ବାହନ ପରବର୍ତ୍ତୀ ସମୟରେ ଯଦି ଦେୟ ଆଦାୟ ଜନିତ କୌଣସି ଅନିଶ୍ଚିତତା ସୃଷ୍ଟି ହୁଏ, ତେବେ ସେତେବେଳେ ହିସାବରେ ଉପଯୁକ୍ତ ବ୍ୟବସ୍ଥା ତିଆରି କରିବାର ଆବଶ୍ୟକତା ଅଛି। ଏହା ଦର୍ଶାଇବା ଆବଶ୍ୟକ ଯେ, ୩୧.୩.୧୯୯୯ ସୁଦ୍ଧା 'ବ୍ୟବସ୍ଥା ପରିମାଣ' ବାହାରେ ଅନୁମତିଧାରୀମାନେ କୌଣସି ପରିମାଣକୁ ହାସଲ କରିପାରିଲେ ନାହିଁ। ଯାହା ଏକ ବାସ୍ତବତା ଅଟେ। ୮ ବର୍ଷର ସମୟ ଅତିବାହିତ ହେବା ପରେ, ବଣ୍ଟନକାରୀ କଂପାନୀମାନଙ୍କ ଦ୍ୱାରା ପ୍ରସ୍ତୁତ ବ୍ୟବସ୍ଥା ସମୂହକୁ ଉତ୍ତମ ପ୍ରାପ୍ୟ ପରିମାଣ ଭାବେ ବିବେଚନା କରାଯାଇ ପାରିବ ନାହିଁ। ସେହି ପରିପ୍ରେକ୍ଷୀରେ ହିସାବ ବହିଗୁଡିକର ପ୍ରକୃତ ପରିସଂଖ୍ୟାନ ଦର୍ଶାଏ ଯେ , ଏହା ଆଦାୟ କରାଯାଇନାହିଁ ଏବଂ/କିମ୍ବା ଆଦାୟ ଯୋଗ୍ୟ ନୁହେଁ।

<u>ଅବଶିଷ୍ଟ ହିସାବ ଫର୍ଦ୍ଦର ସାମିଲକରଣ</u>

୨୧୭. କଂପାନୀଆଇନର ବିଭାଗ ୨୧୭ ଅଧିନରେ ନିର୍ଦ୍ଦେଶକଙ୍କର ରିପୋର୍ଟ ଏକ 'ନିର୍ଦ୍ଦେଶକୀୟ ଦାୟିତ୍ୱ ବିବରଣୀ' ର ଆବଶ୍ୟକତା ରଖେ; ଯାହ ସୂଚାଏ ଯେ, " ବାର୍ଷିକ ଆକାଉଣ୍ଟ ପ୍ରସ୍ତୁତିରେ ପ୍ରୟୋଗନୀୟ ହିସାବ ମାନଦଣ୍ଡ"କୁ ଅନୁସରଣ କରିବାକୁ ପଡିବ। ଯଦି ଏକ ବ୍ୟବସ୍ଥାର ପ୍ରସ୍ତୁତି ଆବଶ୍ୟକ କରାଯାଏ, ତେବେ ଏଭଳି ବ୍ୟବସ୍ଥା ସମୂହର ପ୍ରସ୍ତୁତି ବିନା କୌଣସି ଆର୍ଥିକ ହିସାବ ଜନିତ ବିବରଣୀର ସିଦ୍ଧାନ୍ତ କେବେହେଲେ ଏକ ସତ୍ୟସିଦ୍ଧ ଓ ସ୍ୱଚ୍ଛ ଦୃଷ୍ଟିକୋଣକୁ ଉପସ୍ଥାପନ କରିପାରିବ ନାହିଁ। ଉପରୋକ୍ତ ପୃଷ୍ଠଭୂମିକୁ ଦୃଷ୍ଟିରେ ରଖି ଏବଂ ବାଲାନ୍ସ ଫର୍ଦ୍ଦର ଉଦ୍ଦିଷ୍ଟ ତାରିଖ ପରେ ପ୍ରାପ୍ୟ ପରିମାଣ ଓ ସୃଷ୍ଟ ସ୍ଥିତିସମୂହ ଉପରେ ବାସ୍ତବ ଦୃଷ୍ଟିକୋଣକୁ ବିଚାରକୁ ନେଇ ବଣ୍ଟନକାରୀ କଂପାନୀମାନଙ୍କର ଏହି ଅର୍ଥଗତ ବିବରଣୀ ସମୂହ କଂପାନୀର ନିର୍ଦ୍ଦେଶକ ମଣ୍ଡଳୀ ଦ୍ୱାରା ଅନୁମୋଦିତ ହୋଇଛି।

୨୧୮. ବଣ୍ଟନକାରୀ କଂପାନୀମାନଙ୍କର ୧୯୯୯-୨୦୦୦ ଆର୍ଥିକ ବର୍ଷ ଠାରୁ ପରବର୍ତ୍ତୀ ବର୍ଷମାନଙ୍କର ବିଭିନ୍ନ ପ୍ରକରଣ ଉପରେ ଗ୍ରୀଡକୋ ନୋମିନି ନିର୍ଦ୍ଦେଶକମାନେ ଅସହମତ ହେବା 'ହିସାବ ମାନଦଣ୍ଡ' ଓ ୧୯୫୬ ର କଂପାନୀ ଆଇନର ନିହିତ ସତ୍ୟ ଓ ସ୍ୱଚ୍ଛ ଅର୍ଥଗତ ହିସାବ ବିବରଣୀ କୁ ସଂପୂର୍ଣ୍ଣ ବିରୋଧ କରୁଛି। ଉଦ୍ଦିଷ୍ଟ ସିଦ୍ଧାନ୍ତ ସମୂହ ଉଦ୍ଦେଶ୍ୟରେ ଆଗ୍ରହୀ ପକ୍ଷ ଭାବେ ଗ୍ରୀଡକୋ ନୋମିନି ନିର୍ଦ୍ଦେଶକମାନେ ସୀମିତ ଲକ୍ଷ୍ୟ ପାଇଁ ନିଯୁକ୍ତ ହୋଇଥାନ୍ତି। କଂପାନୀମାନଙ୍କର ସ୍ୱାର୍ଥ ବିରୁଦ୍ଧରେ ମତ ସାବ୍ୟସ୍ତ କରି କଂପାନୀ ଆଇନ, ୧୯୫୬ ର ବ୍ୟବସ୍ଥାସମୂହ ଅଧିନରେ ସେମାନଙ୍କର କର୍ତ୍ତବ୍ୟ ଓ ଦାୟିତ୍ୱ ସଂପାଦନ ନ କରି ନିର୍ଦ୍ଦେଶକମାନେ କଂପାନୀ ସହ ସ୍ୱେଚ୍ଛାଚାରୀ ସଂପର୍କ ବଢାଇଛନ୍ତି।

ଗ୍ରୀଡକୋ ନୋମିନି ନିର୍ଦ୍ଦେଶକମାନେ ହୁଏତ ମତ ସାବ୍ୟସ୍ତରୁ କ୍ଷାନ୍ତ ହୋଇ ପାରିଥାନ୍ତେ, କିନ୍ତୁ 'ହିସାବ ମାନଦଣ୍ଡ' ଓ କଂପାନୀର ଆଇନ ସିଦ୍ଧ ସ୍ୱାର୍ଥର ବିରୁଦ୍ଧାଚରଣ କରି ସେମାନେ  ସେମାନଙ୍କର କର୍ତ୍ତବ୍ୟର ପାଳନ କରିନାହାନ୍ତି। ଯାହା କଂପାନୀ ଆଇନ , 'ଆର୍ଟିକଲସ୍ ଅଫ ଆସୋସିଏସନ ଓ ନର୍ମସ ଅଫ କର୍ପୋରେଟ ଗଭର୍ଣ୍ଣାନସ୍' ରେ ସ୍ୱଚ୍ଛ ବୈଧାନିକତାକୁ ଉଲ୍ଲଂଘନ କରୁଛି। ଏହା ମଧ୍ୟ ପ୍ରମାଣସିଦ୍ଧ ଯେ, ଗ୍ରୀଡକୋ ଦ୍ୱାରା ଚାଟାର୍ଡ ଆକାଉଣ୍ଟ ଜେନେରାଲ କୁ ୩୧.୩.୧୯୯୯ ସୁଦ୍ଧା ସ୍ଥିତି ସଂପର୍କରେ ବୁଝା ଯାଉଥିବା ବେଳେ ପ୍ରାୟତଃ ସଂପୂର୍ଣ୍ଣ ସତ୍ୟ ଓ ତଥ୍ୟକୁ ପ୍ରକାଶ କରାଯାଇନାହିଁ।

୨୧୯. ଉପରୋକ୍ତ ଅବତାରଣାକୁ ବିଚାର କଲେ ଏହା ସ୍ୱଷ୍ଟଭାବେ ପ୍ରମାଣସିଦ୍ଧ ଯେ, ବଣ୍ଟନକାରୀ କଂପାନୀମାନଙ୍କ ଦ୍ୱାରା ଉପସ୍ଥାପିତ ଓପନିଂ ବାଲାନ୍ସ ସମୂହ ବାସ୍ତବ ଓ ହିସାବ ମାନଦଣ୍ଡ ଅନୁସାରେ ଅଟେ। ତେଣୁ, ବଣ୍ଟନକାରୀ କଂପାନୀମାନେ ଦାବୀ କରିଛନ୍ତି ଯେ, ବିଏସ୍‌ପି ଦେୟ ଓ ଋଣ କିସ୍ତି ବାବଦକୁ ଓପନିଂ ବାଲାନ୍ସ ରେ ସୃଷ୍ଟ ପାର୍ଥକ୍ୟ ପରିମାଣକୁ ପ୍ରଦାନ କରାଯିବା କିମ୍ବା ଆଡଜଷ୍ଟ କରାଯିବାର ଆବଶ୍ୟକତା ଅଛି।

**<u>ଟାରିଫର କମ୍ପ୍ୟୁଟରୀକରଣ:</u>**

**<u>ଲୋଡ ଫାକ୍ଟର ପାରିତୋଷିକ</u>**

୨୨୦. ୨୦.୩.୨୦୦୯ ତାରିଖର ପାଇକାରୀ ଯୋଗାଣ ଟାରିଫ ଆଦେଶନାମା ବିରୋଧରେ ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗଙ୍କ ସମକ୍ଷରେ ଅନୁମତିଧାରୀମାନେ ଏକ ରିଭ୍ୟୁ ପିଟିସନ ଦାୟର କରିଥିବା କୁହାଯାଇଛି, ଯହିଁରେ ପାରିତୋଷିକ ଟାରିଫ ଉଦ୍ଦେଶ୍ୟରେ ଲୋଡ ଫାକ୍ଟରର ହିସାବ ଦିଆଯାଇଥିଲା। ୧୫.୯.୨୦୦୯ରେ ଏହାର ଫଇସଲା କରାଯାଇଥିଲା। ପୁନଶ୍ଚ , ନେସ୍‌କୋ ଓଇଆରସିଙ୍କର ୧୫.୯.୨୦୦୯ର ଆଦେଶନାମା ବିରୁଦ୍ଧରେ ଏଟିଇଙ୍କ ନିକଟରେ ଚ୍ୟାଲେଞ୍ଜ କରିଛି, ଯାହା ନିଷ୍ପତ୍ତି ଅପେକ୍ଷାରେ ସ୍ଥଗିତାବସ୍ଥାରେ ଅଛି।

୨୨୧. ଗୋଟିଏ ବର୍ଷ ପାଇଁ ଦରସୂଚୀ ନିର୍ଦ୍ଧାରଣ ଉଦ୍ଦେଶ୍ୟରେ ଅନୁମତିଧାରୀମାନେ 'ବାର୍ଷିକ ଆବଶ୍ୟକତା (ଏଆରଆର) ଆବେଦନ ପତ୍ର ଦାଖଲ କରିଛନ୍ତି। ଏଠାରେ ବାର୍ଷିକ ମେଣ୍ଟନାନ୍ସର ସମୟ ସୀମା ମଧ୍ୟରେ ୫୦ ପ୍ରତିଶତ ପର୍ଯ୍ୟନ୍ତ ଲୋଡ ଫାକ୍ଟରକୁ ବିଚାର ପରିସରଭୁକ୍ତ କରାଯାଇ ପାରିବ ନାହିଁ । ତେଣୁ ଏହାକୁ ପାଇକାରୀ ଯୋଗାଣ ତାରିଫ ଦରଖାସ୍ତରେ ସାମିଲ କରାଯାଇପାରିବ ନାହିଁ। ଯେହେତୁ, ୧.୪.୨୦୦୮ ଠାରୁ ଲାଗୁ କରାଯାଇଥିବା ପାଇକାରୀ ଯୋଗାଣ ତାରିଫରେ ସ୍ୱତନ୍ତ୍ର ତାରିଫକୁ ପ୍ରତ୍ୟାହାର କରାଯାଇ ସାରିଛି, ସେହେତୁ ୨୦୦୯-୧୦ ଆର୍ଥିକ ବର୍ଷରେ ନିଶ୍ଚିତ ଲୋଡ ଫାକ୍ଟର ପ୍ରୟୋଗନୀୟ ହୋଇପାରିବ ନାହିଁ।

**<u>ନିରବଚ୍ଛିନ୍ନ ଭାବେ ଶକ୍ତି ଯୋଗାଣ ଆବଶ୍ୟକ କରୁଥିବା ଶିଳ୍ପ ସଂସ୍ଥା' ଉଦ୍ଦେଶ୍ୟରେ ସ୍ୱତନ୍ତ୍ର ତାରିଫ:</u>**

୨୨୨. ମୁଖ୍ୟତଃ ମିଶ୍ରିତ ଲୌହ ଶିଳ୍ପ ସଂସ୍ଥାଗୁଡିକ ପାଓ୍ୱାର ଇଣ୍ଟେନସିଭ ଶିଳ୍ପ ଶ୍ରେଣୀର ଅଟନ୍ତି। ସେଗୁଡିକ ସାଧାରଣତଃ ଇଲେକଟ୍ରୋ କେମିକାଲ ଓ ଇଲେକ୍ଟ୍ରୋ -ମେଟାଲୁର୍ଜିକାଲ ପ୍ରକ୍ରିୟାକରଣ ସହ ସଂଶ୍ଳିଷ୍ଟ ଥିବାରୁ ନିରବଚ୍ଛିନ୍ନ ଶକ୍ତି ବିନିଯୋଗର ଆବଶ୍ୟକତା ରହିଥାଏ। ଅତଏବ, ୨୦୦୦ କେଭି ବା ତଦୁର୍ଦ୍ଧ୍ୱ କଣ୍ଟ୍ରାକ୍ଟ ଡିମାଣ୍ଡର ଶକ୍ତି ସେମାନେ ବ୍ୟବହାର କରନ୍ତି। ଏହା ଉପସ୍ଥାପନ କରାଯାଇଛି ଯେ, ଆର୍ଥିକ ବର୍ଷ ୨୦୦୫-୦୬, ୨୦୦୬-୦୭ ଓ ୨୦୦୭-୦୮ ପାଇଁ ସେହିସବୁ ଶିଳ୍ପସଂସ୍ଥାକୁ ସ୍ୱତନ୍ତ୍ର ତାରିଫର ଅନୁମତି ଦିଆଯାଇଛି, ଯେଉଁମାନେ କି ଏ ସଂପର୍କରେ ଅନୁମତିଧାରୀମାନଙ୍କ ସହ ଚୁକ୍ତିନାମା ସଂପାଦନ କରିଥିଲେ। ତେବେ, ଏହି ଚୁକ୍ତିନାମା ୧.୪.୨୦୦୮ରେ ଶେଷ ହୋଇଛି। ୧.୪.୨୦୦୮ ପରଠାରୁ ଏହି ଚୁକ୍ତିନାମାକୁ ଆଉ ବିସ୍ତାରିତ କରାଯାଇନାହିଁ। ଆୟୋଗ ୨୦୦୮-୦୯ ପାଇଁ ପାଇକାରୀ ଯୋଗାଣ ତାରିଫ ପାସ୍ କଲାବେଳେ ସ୍ୱତନ୍ତ୍ର ତାରିଫ ପ୍ରତ୍ୟାହାରର ଯର୍ଥାଥତା ସଂପର୍କରେ ପ୍ରକାଶ

କରଛନ୍ତି। ଅତଏବ, ଆୟୋଗଙ୍କ ଆଦେଶନାମାର ମର୍ମ ଅନୁଯାୟୀ, ପାୱାର ଇଣ୍ଟେନସିଭ ଶିଳ୍ପ ସଂସ୍ଥାଗୁଡିକର ଟାରିଫ କମାଇବା ପ୍ରସ୍ତାବ ଯୁକ୍ତିଯୁକ୍ତ ନୁହେଁ ଏବଂ ତେଣୁ ଗ୍ରହଣ କରାଯିବା ଉଚିତ ନୁହେଁ।

<u>ପାୱାର ଫାକ୍ଟର ଜୋରିମାନା /ପାରିତୋଷିକ</u>

ନିର୍ବାହନ ଜନିତ ଉତ୍କୃଷ୍ଟତା ଯଥୋଉମ ଦକ୍ଷତା ବିନିଯୋଗର ଅଭିବୃଦ୍ଧି କରିବାକୁ ଉଚ୍ଚା ପାୱାର ଫାକ୍ଟରର ଉପଯୋଗ ପାଇଁ ଓଇଆରସି ଉପଭୋକ୍ତାଙ୍କ ଉଦ୍ଦେଶ୍ୟରେ ପାୱାର ଫାକ୍ଟର ପାରିତୋଷିକ ନିର୍ଦ୍ଧାରଣ କରିଛନ୍ତି।ତେଣୁ ଆୟୋଗ ଉଚ୍ଚତର ପାୱାର ଫାକ୍ଟର ହାସଲ ଦ୍ୱାରା ଉପଯୁକ୍ତ ମିଟର ସହ ଉପଭୋକ୍ତାଙ୍କ ଉଦ୍ଦେଶ୍ୟରେ ଭବିଷ୍ୟତରେ କେଭିଏ ଏଚ ଟାରିଫ ପାଇଁ ଆଗଭର ହୋଇପାରନ୍ତି। ତେଣୁ କେଡବ୍ଲ୍ୟୁଏଚ ଏବଂ କେଭିଏଏଚ୍ ମଧ୍ୟରେ ପାର୍ଥକ୍ୟ କମିଯିବ । ଏହି କୌଶଳ ଗୋଟିଏ ଦୃଷ୍ଟିକୋଣରୁ ପ୍ରୟୋଗ କରାଯାଇଛି ଏବଂ ତାହା ହେଲା ଉନ୍ନତତର ପାୱାର ଫାକ୍ଟର ପାଇଁ ପାରିତୋଷିକ ଭାବରେ ଏହି ପଦ୍ଧତି ସହାୟକ ହେବ। ତା'ଛଡା ଜୋରିମାନା ପାଇଁ ନିଛକ ଭାବେ ଧାର୍ଯ୍ୟ କରାଯାଇଥିବା ଏକ ନିର୍ଦ୍ଦିଷ୍ଟ ସୀମା ବିନ୍ଦୁର ଉର୍ଦ୍ଧ୍ୱରେ ପାୱାର ଫାକ୍ଟରକୁ ଉନ୍ନତତର ନ କରାଇବାର ମାନସିକତାକୁ ମଧ୍ୟ ଏହି ପଦ୍ଧତି ଦୂ ର କରିବ।

୨୨୩. ନିୟାମକ ଆୟୋଗଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ସାଧାରଣ ମାନଙ୍କର ପାୱାର ଫାକ୍ଟର ହେଉଛି ୦.୯। ପୁନଶ୍ଚ ରିହାତି ଯୁକ୍ତ ପାୱାର ଫାକ୍ଟର ଉଚ୍ଚତର ପାୱାର ଫାକ୍ଟରରେ ପହଁଞ୍ଚିବାକୁ ଉପଭୋକ୍ତାମାନଙ୍କୁ ନିରୁତ୍ସାହିତ କରିବ। ତା'ଛଡା ଏହାର ଚାହିଦା ଓ ସକ୍ରିୟ ଶକ୍ତି ବିନିଯୋଗ ଉପରେ ମଧ ପ୍ରଭାବ ରହିଛି। ସେହି ଅନୁସାରେ , ୯୦ ପ୍ରତିଶତ ନିମ୍ନର ପାୱାର ଫାକ୍ଟର ଜୋରିମାନାକୁ ଆକର୍ଷଣ କରିବା ଉଚିତ। ତେବେ, ଉତ୍ତମ/ୟୁନିଟ ପାୱାର ଫାକ୍ଟର ଚଳାଇବା ନିମନ୍ତେ ଆୟୋଗ ୯୭ ପ୍ରତିଶତରୁ ଉର୍ଦ୍ଧ୍ୱ ୧୦୦ ପ୍ରତିଶତ ପର୍ଯ୍ୟନ୍ତ ପାୱାର ଫାକ୍ଟର ର ଉନ୍ନତି ପାଇଁ ପାରିତୋଷିକତା ବ୍ୟବସ୍ଥା କରିଛନ୍ତି, ଯାହା ସଂପୂର୍ଣ୍ଣ କାରଣ ସମ୍ମତ। ପୁନଶ୍ଚ ଏହା ମଧ୍ୟ ସତ୍ୟ ଯେ, ପାରିତୋଷିକତା ପାଇଁ ପାୱାର ଫାକ୍ଟରରେ ରିହାତି ମିଳିଲେ ତାହା ଉଚ୍ଚତର ପାୱାର ଫାକ୍ଟରରେ ପହଞ୍ଚିବାକୁ କେବଳ ଉପଭୋକ୍ତାଙ୍କୁ ନିରୁତ୍ସାହିତ କରିବ ନାହିଁ, ବରଂ ଚାହିଦା ଓ ଶକ୍ତି ଉପଯୋଗକୁ ପ୍ରଭାବିତ ରକିବ।

**<u>ଅଧିକ ଉଠାଣ ବାବଦକୁ ଜୋରିମାନା</u>**

୨୨୪. ଦକ୍ଷିଣ-ପୂର୍ବ ରେଳବାଇ ଦାବୀର ଉତ୍ତରରେ ଅନୁମତିଧାରୀମାନେ କହିଥିଲେ ଯେ, ସର୍ବାଧିକ ଚାହିଦା ଉଦ୍ଦେଶ୍ୟରେ ଓଭରଡ୍ରୟାଲ ଜୋରିମାନା ସଂପର୍କିତ ପ୍ରଚଳିତ ବ୍ୟବସ୍ଥାସମୂହ ଉପଭୋକ୍ତାମାନଙ୍କ ଦ୍ୱାରା କଣ୍ଟ୍ରାକ୍ଟ ଡିମାଣ୍ଡର ନିମ୍ନ ପରିସଂଖ୍ୟାନ ଜନିତ ହିସାବ ବିପକ୍ଷରେ ଏକ ଜଗୁଆଳୀର କାର୍ଯ୍ୟ କରିବାକୁ ଅଭିପ୍ରେତ। ଶକ୍ତି ଓଭରଡ୍ରୟାଲ ଯୋଗୁ ପଦ୍ଧତିଗତ ସ୍ଥିରତା ଓ ନିର୍ଭରଯୋଗ୍ୟତାକୁ ବ୍ୟାହତ କରିଥାଏ, ପଡୋଶୀ ଉପଭୋକ୍ତାଙ୍କର ସାଂଘାତିକ କ୍ଷତି ସାଧନ କରିଥାଏ। ତା'ଛଡା ଓଭରଡ୍ରୟାଲ ଦ୍ୱାରା ପଦ୍ଧତିଗତ ନେଟୱାର୍କ ଖିନିଭିନ୍ ହୋଇଯିବା ସାଂଗକୁ ଶକ୍ତି ଆହରଣ ଯୋଜନା ପ୍ରଭାବିତ ହୁଏ ଏବଂ ପରିଣାମତଃ ଶକ୍ତି କ୍ରୟର ଦର ବଢିଯାଏ। ମୁଖ୍ୟତଃ ଯେତେବେଳେ ଏବିଟି ପଦ୍ଧତିର କାର୍ଯ୍ୟକାରିତା ଅଛି, ସେତେବେଳେ ଉପଭୋକ୍ତାମାନଙ୍କୁ ଓଭରଡ୍ରୟାଲରୁ ବିରତ କରିବା ଲାଗି ଓଭରଡ୍ରୟାଲ ଚାର୍ଜ ସେମାନଙ୍କ ଉପରେ ଲଦି ଦିଆଯାଇ ନିରୁତ୍ସାହିତ କରାଯିବା ଉଚିତ। ଅପରପକ୍ଷରେ ରେଳବାଇଗୁଡିକୁ ଏକ ଉଚ୍ଚତର ପାର୍ଶ୍ୱରେ ସେମାନଙ୍କର କଣ୍ଟ୍ରାକ୍ଟ ଡିମାଣ୍ଡକୁ ରଖିବାକୁ ପରାମର୍ଶ ଦିଆଯାଉଛି, ଯଦ୍ୱାରା ସେମାନଙ୍କର ଆବଶ୍ୟକତା କଣ୍ଟ୍ରାକ୍ଟ ଡିମାଣ୍ଡର ପାଖାପାଖି ୮୦ ପ୍ରତିଶତ ହେବ। କଣ୍ଟ୍ରାକ୍ଟ ଡିମାଣ୍ଡର ୮୦ ପ୍ରତିଶତ ଉପରେ ସାଧାରଣତଃ ଡିମାଣ୍ଡ ଚାର୍ଜ ଲାଗୁ କରାଯାଇଥାଏ, ଯଦ୍ୱାରା କଣ୍ଟ୍ରାକ୍ଟ ଡିମାଣ୍ଡର ଆଧିକ୍ୟକୁ ଆକର୍ଷଣ କରାଯାଇପାରିବ।

୨୨୫. ଅଫ-ପିକ ନିର୍ଘଣ୍ଟରେ କଣ୍ଟ୍ରାକ୍ଟ ଡିମାଣ୍ଡର ୧୨୦ ପ୍ରତିଶତ ପର୍ଯ୍ୟନ୍ତ ଓଭର ଡ୍ରୟାଲ ଜୋରିମାନାକୁ ଛାଡ କରିବା ନିୟମକୁ ପ୍ରତ୍ୟାହାର କରିନିଆଯିବା ଓ ଗ୍ରେଡଭୁକ୍ତ ସ୍ଲାବ ପଦ୍ଧତି ସଂପର୍କରେ ଉପସ୍ଥାପନ କରାଯାଇଥିଲା ଯେ, ଶକ୍ତି ବଳକା ରହୁଥିବା ପରିସ୍ଥିତିରେ, ପଦ୍ଧତିଗତ ଦକ୍ଷତାର ସମୁନ୍ନତ ବିନିଯୋଗ ଉଦ୍ଦେଶ୍ୟରେ ଆୟୋଗ ଶକ୍ତି ଲୋଡର ଗତିପଥକୁ ନମନୀୟ କରିବାକୁ ଆବଶ୍ୟକ ମଣିଥିଲେ। ଅତଏବ, ସେହିଭଳି ସ୍ଥିତିରେ ଅଫ ପିକ୍ ନିର୍ଘଣ୍ଟରେ କଣ୍ଟ୍ରାକ୍ଟ ଡିମାଣ୍ଡରୁ ଅଧିକ ଶକ୍ତି ଉପଯୋଗ କରୁଥିବା ଉପଭୋକ୍ତାମାନଙ୍କୁ ଓଭରଡ୍ରୟାଲ ଜୋରିମାନା ଦେବାକୁ ପଡୁନଥିଲା। ଶକ୍ତି ସରବରାହ ଜନିତ ଫ୍ରିକ୍ୟୁଏନସିର ସ୍ଥିରତାରେ ମଧ୍ୟ କୌଣସି ବାଧା ସୃଷ୍ଟି ହେଉ ନଥିଲା। କିନ୍ତୁ ସଂପ୍ରତି ରାଜ୍ୟର ଶକ୍ତି ସ୍ଥିତି ବଦଳି ଯାଇଛି ଏବଂ ପିକ୍ ଓ ଅଫ୍ ପିକ୍ ନିର୍ଘଣ୍ଟର ହାରାହାରି ଡିମାଣ୍ଡର ନିଅଣ୍ଟ ହେଉଛି ଯଥାକ୍ରମେ ୪୦୦ ଲକ୍ଷ ୟୁନିଟ ଓ ୯୦୦ ଲକ୍ଷ ୟୁନିଟ। ତେଣୁ, ଅଫ ପିକ୍ ନିର୍ଘଣ୍ଟରେ ସେମାନଙ୍କର କଣ୍ଟ୍ରାକ୍ଟ ଡିମାଣ୍ଡରୁ ଅଧିକ ଅତିରିକ୍ତ ଲୋଡ ଉପଯୋଗ ପାଇଁ କିମ୍ବା ରିହାତିଯୁକ୍ତ ତାରିଫ ଅଧିନରେ ବିଲ୍ ଭୁକ୍ତ ହେବାକୁ ଅଧିକ ଶକ୍ତି ଉପଲବ୍ଧି କରିବା ପାଇଁ ଉପଭୋକ୍ତାଙ୍କୁ ପ୍ରବର୍ତ୍ତାଇବାର ଆବଶ୍ୟକତା ନାହିଁ। ଅତଏବ, ଅଫ ପିକ ନିର୍ଘଣ୍ଟରେ ଅଧିକ ଚାହିଦା ଉଠାଣ ପାଇଁ ରିହାତି ପ୍ରତ୍ୟାହାର ଏବଂ ଗ୍ରେଡଭୁକ୍ତ ସ୍ଲାବ ପଦ୍ଧତିକୁ ଉଠାଇ ଦେବା ତାରିଫ ନିର୍ଦ୍ଧାରଣ ନିୟମର ପରିପନ୍ଥୀ ହୋଇଥିବାରୁ ଅଭିଯୋଗ କାରୀଙ୍କର ଆରୋପ ସତ୍ୟ ଉପରେ ପ୍ରତିଷ୍ଠିତ ନୁହେଁ। ଏହା ଏକ ଅନ୍ତର୍ମୁଖୀ ଅନୁଧ୍ୟାନର ପ୍ରସଂଗ ଓ ତାରିଫ ନିର୍ଦ୍ଧାରଣ ବେଳେ ଉପଯୁକ୍ତ ଭାବେ ଏହାକୁ ବିଚାର କରାଯିବାର ଆବଶ୍ୟକତା ଅଛି।

## ହାରାହାରି ଏବଂଲୋଡ ଫାକ୍ଟର ବିଲିଂ

୨୨୬. ଅଭିଯୋଗକାରୀଙ୍କ ଦ୍ୱାରା କରାଯାଇଥିବା ଆରୋପ ସତ୍ୟ ନୁହେଁ। ଅନୁମତିଧାରୀଙ୍କ ଦ୍ୱାରା ଉପସ୍ଥାପିତ ମିଟରିଂ ରିପୋର୍ଟ ବଣ୍ଟନକାରୀ କଂପାନୀମାନଙ୍କର ପ୍ରକୃତ ମିଟରିଂ ସ୍ଥିତିକୁ ପ୍ରତିଫଳନ କରୁଛି। ଅଭିଯୋଗକାରୀଙ୍କ ଅଭିଯୋଗ ମତେ ପରିସଂଖ୍ୟାନରେ କୌଣସି ପ୍ରକାର ଜାଲିଆତି କରାଯାଇଥିବାର ପ୍ରଶ୍ନ ଉଠୁନାହିଁ। କିନ୍ତୁ ମିଟରର ଅନୁପଲବ୍ଧତା ଯୋଗୁ ଫର୍ମାଟ ଟି ୨ , ଟି -୩ ଓ ଟି -୫ରେ ଉଲ୍ଲେଖ ମତେ ଘରୋଇ , ବ୍ୟବସାୟିକ ଓ ଜଳସେଚନ ସହ ସଂପୃକ୍ତ ଶ୍ରେଣୀର କେତେକ ଉପଭୋକ୍ତାଙ୍କୁ ହାରାହାରି ଭିତ୍ତିରେ ବିଲ୍ ପ୍ରଦାନ କରାଯାଏ। ପୂର୍ବରୁ ଏହି ଉପଭୋକ୍ତାମାନଙ୍କୁ ଲୋଡ ଫାକ୍ଟର ଆଧାରରେ ବିଲ୍ ଦିଆଯାଉଥିଲା। ସଂପ୍ରତି ପୂର୍ବର ଉପଯୋଗ ଢାଞ୍ଚାକୁ ବିଚାରକୁ ନେଇ ହାରାହାରି ଭିତ୍ତିରେ ଏହି ଉପଭୋକ୍ତାମାନଙ୍କୁ ବିଲ ଦିଆଯାଇଛି। ତେବେ, ପ୍ରୋଭିଜିନାଲ ଭିତ୍ତିରେ ବିଲିଂ ଭୁଲ ଅଟେ, ଏବଂ ନୂଆ ମିଟର ସମୂହର ସଂସ୍ଥାପନା ପରେ ପ୍ରକୃତ ମିଟର ରିଡିଂର ହାରାହାରି ସହ ଏହି ବିଲିଂକୁ ଆଡଜଷ୍ଟ କରାଯିବ।

## କ୍ୟାପଟିଭ ଜେନେରେଟିଭ ପ୍ଲାଣ୍ଟ ସମୂହ ପାଇଁ ଚାହିଦା ଦେୟ-ଦର :

୨୨୭. କ୍ୟାପଟିଭ ଜେନେରେଟିଭ ପ୍ଲାଣ୍ଟ ବା ସିଜିପିମାନଙ୍କୁ ଜରୁରୀ ଶକ୍ତି ଯୋଗାଣ ପାଇଁ ଚାହିଦା ଦେୟ ଦରର ପ୍ରବର୍ତ୍ତନ ସଂପର୍କରେ ଉପସ୍ଥାପନାରେ କୁହାଯାଇଛି ଯେ, 'ଏପରିକି ସାଧାରଣ ଉପଭୋକ୍ତାମାନଙ୍କ ଉଦେଦଶ୍ୟରେ ଲୋଡକୁ କମାଇ (ଯେଉଁମାନେ କି ଶକ୍ତି ସଂକଟ ସମୟରେ ସାରା ମାସ ପାଇଁ ଚାହିଦା ଦେୟ ଦର ଦେଉଛନ୍ତି)' କ୍ୟାପଟିଭ ଜେନେରେଟିଂ ପ୍ଲାଣ୍ଟ ଥିବା ଉପଭୋକ୍ତାଙ୍କୁ ଅନୁମତିଧାରୀମାନେ ଜରୁରୀକାଳୀନ ଶକ୍ତି ଯୋଗାଇବାକୁ ପଡୁଛି।ପ୍ରଥମତଃ ସିଜିପି ଉପଭୋକ୍ତାମାନେ ଡିମାଣ୍ଡ ଚାର୍ଜ ବା ଚାହିଦା ଦେୟ ଦର ଦେଉନାହାନ୍ତି ଏବଂ ଦ୍ୱିତୀୟତଃ ଅନ୍ୟ ଉପଭୋକ୍ତାମାନେ ଘଣ୍ଟା ଘଣ୍ଟା ଧରି ଶକ୍ତି ଯୋଗାଣରୁ ବଂଚିତ ହେଉଥିଲେ ମଧ୍ୟ ସେମାନଙ୍କୁ ଡିମାଣ୍ଡ ଚାର୍ଜ ଦେବାକୁ ପଡୁଥିବାରୁ ସେମାନେ କ୍ଷତି ହିଁ ସହୁଛନ୍ତି। ଅତଏବ, ସିଜିପି ଉପଭୋକ୍ତାମାନଙ୍କୁ ତୁଳନାତ୍ମକ ଭାବେ ଅଧିକ ସୁବିଧାସୁଯୋଗ ଦିଆଯାଉନାହିଁ କି ?

୨୨୮. ପୁନଶ୍ଚ, ସବୁ ବଣ୍ଟନକାରୀ କଂପାନୀଙ୍କର ଶକ୍ତି ଉଠାଣ ଉପରେ କଟକଣା ଏବଂ ଓଭରଡ୍ରୟାଲ ଯୋଗୁ ସମ୍ଭାବ୍ୟ ଜୋରିମାନା ଦଣ୍ଡ ସିଜିପିମାନଙ୍କର ଜରୁରୀ ଆବଶ୍ୟକତା ମେଣ୍ଟାଇବାକୁ ଜଟିଳ କରି ପକାଉଛି। ଅଧିକନ୍ତୁ, ଏମିତି

ଉଦାହରଣ ବି ଅଛି - ଯେଉଁ କ୍ଷେତ୍ରରେ ଜରୁରୀ ଶକ୍ତି ଯୋଗାଣ ଉପଲବ୍ଧି କରୁଥିବା ଶିଳ୍ପସଂସ୍ଥାମାନେ କିଛି ପରିମାଣର ଶକ୍ତି ନର୍ମାଲ ପ୍ରଡକ୍ସନ ବା ସାଧାରଣ ଉତ୍ପାଦନ ପାଇଁ ବି ବିନିଯୋଗ କରୁଥିବା ଜାଣିବାକୁ ମିଳିଛି।ଅତଏବ, ଅନୁମତିଧାରୀମାନେ ଦାବୀ ଉପସ୍ଥାପନ କରିଛନ୍ତି ଯେ, ସାଧାରଣ ଲୋଡ ଓ ଜରୁରୀ ଲୋଡ ମଧ୍ୟରେ ଏକ ସ୍ପଷ୍ଟ ପାର୍ଥକ୍ୟ ବଢାଯିବା ଉଚିତ।

## ଆନୁପାତିକ ଚାହିଦା ଦେୟ ଦରସମୂହ

୨୨୯. ଚାହିଦା ଦେୟ ଦରର ଆନୁପାତିକକରଣ ସଂପର୍କରେ ଅନୁମତିଧାରୀମାନେ ଦର୍ଶାଇଛନ୍ତି ଯେ, ଏସ୍‌ଏଲଡିସି/ଓପିଟିସିଏଲ ଦ୍ୱାରା ଲାଗୁ କରାଯାଇଥିବା ସବୁ କଟକଣା କେବଳ ଓପିଟିସିଏଲର ନେଟୱାର୍କ ସମସ୍ୟା ପାଇଁ ହେଉଛି। ଗୋଟିଏ ମାସରେ ୬୦ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ପାଇଁ ଶକ୍ତି ଯୋଗାଣରେ ଯେତେବେଳେ କଟକଣା ରଖାଯାଇଛି, ସେହି ପରିପ୍ରେକ୍ଷୀରେ ଚାହିଦା ଦେୟ ଦରକୁ ଆନୁପାତିକକରଣ କରାଯିବା ଉଚିତ। ଟାରିଫ ନିର୍ଦ୍ଧାରଣ ପାଇଁ ଏହା ତେଣୁ ପ୍ରାସଙ୍ଗିକ ନୁହେଁ। ତେଣୁ ସେ ପ୍ରସଂଗର ଅବତାରଣା ଏଠାରେ କରାଯାଇନାହିଁ, କିନ୍ତୁ ବଣ୍ଟନକାରୀ କଂପାନୀମାନେ ଉପସ୍ଥାପନ କରିଛନ୍ତି ଯେ, ଓପିଟିସିଏଲ ନେଟୱାର୍କରେ ଯେ କୌଣସି କାରଣ ଯୋଗୁ ଶକ୍ତି ଯୋଗାଣର କଟକଣା ହୋଇଥାଉ ନା କାହିଁକି, ଚାହିଦା ଦେୟଦରର ଆନୁପାତିକରଣର ପଛକୁ ପଛ ବ୍ୟବସ୍ଥା ହୋଇଥିବା ଉଚିତ। ଓପିଟିସିଏଲ ନେଟୱାର୍କର ସମସ୍ୟା ପାଇଁ ବଣ୍ଟନକାରୀ କଂପାନୀମାନେ କ୍ଷତି ସହିବା ଉଚିତ ନୁହେଁ।

ଷ୍ଟାଟିକ ମିଟରର ସୁଲଭତା :

୨୩୦. ସବୁ ଅନୁମତିଧାରୀ କହିଥିଲେ ଯେ, ସେମାନଙ୍କ ଉପଭୋକ୍ତାମାନଙ୍କୁ ଯେଉଁସବୁ ଷ୍ଟାଟିକ ମିଟର ଯୋଗାଇ ଦିଆଯାଇଛି, ସେଥିରେ ବୃହତ୍ ଶିଳ୍ପସଂସ୍ଥା କିମ୍ବା ୧୧୦ କେଭିଏରୁ ଉର୍ଦ୍ଧ୍ୱ ଲୋଡର ଅଧିକାରୀ ଉପଭୋକ୍ତାଙ୍କ ଭଳି ସବୁ ପ୍ରସଂଗିତ ବିଭାବ ଲିପିବଦ୍ଧ କରାଯାଇପାରିବାର ବ୍ୟବସ୍ଥା ରହିଛି। ତେଣୁ ବୃହତ୍ ଶିଳ୍ପସଂସ୍ଥାର ଉପଭୋକ୍ତାଙ୍କ ପାଇଁ ଯେପରି କରାଯାଉଛି, ସେପରି ଭାବେ ସାଧାରଣ ଉପଭୋକ୍ତାଙ୍କୁ ପ୍ରଦତ୍ତ ଏହିସବୁ ଷ୍ଟାଟିକ ମିଟରରୁ ହାରାହାରି ପାୱାର ଫାକ୍ଟରର ଉଚିତ ଆକଳନ କରିହେବ। ପୁନଶ୍ଚ, ଏହା ଉପସ୍ଥାପନ କରାଯାଇପାରେ ଯେ, ଉପରୋକ୍ତ ଶ୍ରେଣୀର ଉପଭୋକ୍ତାଙ୍କ ପାଇଁ ପାୱାର ଫାକ୍ଟର ଜୋରିମାନା ଦଣ୍ଡର ପ୍ରସ୍ତାବ କରାଯାଇଛି।ଏହା ଫଳରେ କିଛି ଅର୍ଥଗତ ଦେଣନେଡାର ବନ୍ଧନ ଦ୍ୱାରା ପାୱାର ଫାକ୍ଟରର ଉନ୍ନତି ପାଇଁ ସେମାନେ କାପାସିଟର ବ୍ୟାଙ୍କ ସଂସ୍ଥାପନା କରିବାକୁ ଆଗେଇ ଯିବେ ଏବଂ ପରୋକ୍ଷରେ ତାହା ଆମର ପଦ୍ଧତିଗତ ସ୍ଥିରତାକୁ ଅଧିକ ବିକଶିତ କରିବ।

## କ୍ରସ-ସବସିଡିର ପୁନଃ ହ୍ରାସକରଣ :

୨୩୧. ଏଲଟି ଶ୍ରେଣୀର ଉପଭୋକ୍ତାଙ୍କ କ୍ଷେତ୍ରରେ ୩୭ ପ୍ରତିଶତର ସାମୁଦାୟିକ ଅଭିବୃଦ୍ଧି ସହ ଘରୋଇ ଉପଭୋକ୍ତାଙ୍କ ପାଇଁ ୪୦ ପ୍ରତିଶତର ଟାରିଫ ବୃଦ୍ଧି ପାଇଁ ସେସୁ ପ୍ରସ୍ତାବ ଦେଇଥିଲା। ପୁନଶ୍ଚ ଏଚଟି ଉପଭୋକ୍ତାଙ୍କ ପାଇଁ ପ୍ରସ୍ତାବିତ ଟାରିଫ ବୃଦ୍ଧି ହେଉଛି ୩୧ ପ୍ରତିଶତ ଏବଂ ଇଏଚଟି ଉପଭୋକ୍ତାଙ୍କ ପାଇଁ ୩୦ ପ୍ରତିଶତ । ଯଦି ଉପରୋକ୍ତ ପ୍ରସ୍ତାବଗୁଡିକ ମାନ୍ୟବର ଆୟୋଗଙ୍କ ଦ୍ୱାରା ଗ୍ରହଣୀୟ ହୁଏ , ତେବେ ଏଚଟି ଓ ଇଏଚ୍‌ଟି ଉପଭୋକ୍ତାଙ୍କ ଦ୍ୱାରା ଦେବାକୁ ଥିବା କ୍ରସ-ସବସିଡିର ପୁନଃ ହ୍ରାସକରଣ ଘଟିବ।

୨୩୨. ପାଇକାରୀ ଯୋଗାଣ ଟାରିଫକୁ ବୃଦ୍ଧି କରିବାକୁ ଓଡ଼ିଶା ସରକାର ଚାହୁଁନାହାନ୍ତି। ଏହି ପରୀପ୍ରେକ୍ଷୀରେ ଏଚଟି ଏବଂ ଇଏଚ୍‌ଟି ଉପଭୋକ୍ତାଙ୍କ ଦ୍ୱାରା ଦେବାକୁ ଥିବା କ୍ରସ ସବସିଡିକୁ ହ୍ରାସ କରିବାକୁ ସେମାନଙ୍କ ପକ୍ଷରେ କଷ୍ଟକର ଅଟେ ବୋଲି ନେସ୍‌କୋ ଓ ସାଉଥ୍‌କୋ ଦର୍ଶାଇଥିଲେ। କ୍ରସ ସବସିଡି ହ୍ରାସକରଣର ପ୍ରସଂଗ ପରିପ୍ରେକ୍ଷୀରେ କ୍ରସ ସବସିଡିଭୁକ୍ତ ଉପଭୋକ୍ତାଙ୍କର ଟାରିଫକୁ ବୃଦ୍ଧି କରିବାକୁ ପଡିବ କିମ୍ବା ସରକାରୀ ସବସିଡି ଜରିଆରେ ଭରଣା କରିବାକୁ ପଡିବ। ତେଣୁ ସେମାନେ ଏଚଟି ଏବଂ ଇଏଚଟି ଉପଭୋକ୍ତାଙ୍କ ଦ୍ୱାରା ହେବାକୁ ଥିବା କ୍ରସ ସବସିଡିର ହ୍ରାସ

ପାଇଁ ଉପଯୁକ୍ତ ପଦକ୍ଷେପ ନେବାକୁ ଆୟୋଗଙ୍କୁ ଅନୁରୋଧ କରିଛନ୍ତି । ସଂପ୍ରତି ସମୁଦାୟ ଶକ୍ତି କିଣା ଦରକୁ ଏକକ ଉପଭୋକ୍ତାଙ୍କର ବୋଲି ବିଚାର କରି ଆୟୋଗ ଯୋଗାଣ ଦର ହିସାବ କରୁଥିବା ଓ୍ୱେସକୋ ଦର୍ଶାଇଛି । ତେବେ, ସେ ଯା ହେଉ ନା କାହିଁକି , ଏକ ଉଚିତ ଆଚରଣ ଭାବରେ ଏଲଟି ଶ୍ରେଣୀର ଉପଭୋକ୍ତାଙ୍କ ପାଇଁ କମ ଦରର ଶକ୍ତି ଓ ଶିଳ୍ପ ସଂସ୍ଥାମାନଙ୍କ ପାଇଁ ଉଚ୍ଚ ଦରର ଶକ୍ତି ଯୋଗାଣ ଉଦ୍ଦିଷ୍ଟ କରାଯିବା ଉଚିତ । ଯଦି ଏଚଟି ଏବଂ ଇଏଚଟି ଶ୍ରେଣୀର ଉପଭୋକ୍ତାଙ୍କ ପାଇଁ ଯୋଗାଣ ଦର ହିସାବର ଉପରୋକ୍ତ ବର୍ଣ୍ଣିତ ଏକା ଆଚରଣ ଗ୍ରହଣ କରାଯାଏ, ତେବେ ଇଏଚଟି ଓ ଏଚଟି ଶ୍ରେଣୀର ଉପଭୋକ୍ତାଙ୍କର ଯୋଗାଣ ଦରର ବୃଦ୍ଧି ଘଟିବ ଏବଂ ସେହି ଅନୁସାରେ କ୍ରସ ସବସିଡିଭୁକ୍ତକରଣର ମଧ୍ୟ ହ୍ରାସ ଘଟିବ ।

**<u>ବିଦ୍ୟୁତ ଶକ୍ତି ନିୟନ୍ତ୍ରଣ ନିୟମାବଳୀ ଅନୁଯାୟୀ ଉଠାଣ ଅଧିସୂଚୀକୁ ମାନ୍ୟତା ନ ଦେବା ସଂପର୍କରେ :</u>**

୨୩୩. କେଶ ନଂ -୦୧/୨୦୧୦ ରେ ତା ୧୪.୧.୨୦୧୦ ରିଖର ଆଦେଶନାମା ମୂଳେ ଆୟୋଗଙ୍କ ଦ୍ୱାରା ପ୍ରଦତ୍ତ ଆଚରଣ ବିଧି ର ପ୍ରବର୍ତ୍ତନ ପାଇଁ ସେସୁ ଖୁବ ଗୁରୁତ୍ୱ ଦେଇଥିଲା ଓ ସେହି ଅନୁସାରେ ସବିଶେଷ ଖସଡା ପ୍ରସ୍ତୁତି ଉପରେ ମଧ୍ୟ ଗୁରୁତ୍ୱ ଦେଇଥିଲା । ଯଥା ପ୍ରସ୍ତୁତ ଶକ୍ତି ନିୟନ୍ତ୍ରଣ ନିୟମାବଳୀ ଅଧିସୂଚୀ ତତ୍କ୍ଷଣାତ୍ ରାଜ୍ୟର ଅନେକ ଗୁରୁତ୍ୱପୂର୍ଣ୍ଣ ଓ ବହୁଳ ପ୍ରସାରିତ ଦୈନିକ ସମ୍ବାଦପତ୍ରମାନଙ୍କରେ ପ୍ରକାଶ କରାଯାଇଥିଲା । ତା' ସହ ସେସୁର ଓ୍ୱେବସାଇଟରେ ପ୍ରକାଶ କରାଯାଇଥିବା ତାଲିକା ସୂଚୀ ଅନୁଯାୟୀ ନିୟନ୍ତ୍ରଣ ନିୟମାବଳୀ ଅଧିସୂଚୀକୁ କଡାକଡିଭାବେ ଅନୁସରଣ କରିବାକୁ ସବୁ କ୍ଷେତ୍ର ସ୍ତରୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା , ଯାହାକି ପୂର୍ବରୁ ଆୟୋଗଙ୍କ ସମକ୍ଷରେ ଉପସ୍ଥାପନ କରାଯାଇଥିଲା । ବହୁ ସ୍ଥାନରେ ଏହି ଅଧିସୂଚୀକୁ କାର୍ଯ୍ୟକାରୀ କରାଯାଇଥିଲା । ତେବେ ଶକ୍ତି ନିୟନ୍ତ୍ରଣ ନିୟମାବଳୀ ସଂପର୍କରେ କେତେକ ଗଣମାଧ୍ୟମ ଦ୍ୱନ୍ଦାତ୍ମକ ସମ୍ବାଦ ପ୍ରକାଶ କରିବାରୁ ଜନସାଧାରଣଙ୍କ ମଧ୍ୟରେ ଉତ୍ତେଜନା ସୃଷ୍ଟି ହୋଇଥିଲା ଓ ଜନସାଧାରଣଙ୍କ ଚାପରେ କେତେକ କ୍ଷେତ୍ରରେ କ୍ଷେତ୍ରୀୟ ୟୁନିଟଗୁଡିକ ସିଡ୍ୟୁଲ ଭୁକ୍ତ ସ୍ଥୁଳ ଯୋଗାଣକୁ ଉଦ୍ଦେଶ୍ୟହୀନ ଭାବେ ଓହରାଇ ଆଣି ଥାଇପାରିଥାନ୍ତି, ଯଦ୍ୱାରା ତା ୧୫.୧.୨୦୧୦ ରୁ ୭.୨.୨୦୧୦ ସମୟ ସୀମା ମଧ୍ୟରେ ଓଭରଡ୍ରୟାଲର ଉଦ୍ଭବ ହୋଇଥାଇପାରେ ।

୨୩୪. ନେସକୋ ତା'ର ଉତ୍ତରରେ କହିଥିଲା ଯେ, ଏସ୍ଏଲଡିସି ଅନୁଯାୟୀ ଶକ୍ତିର ସୁଲଭତା ୩୮୦ ଲକ୍ଷ ୟୁନିଟ(ଅଫ ପିକ) ଓ ୫୮୦ ରୁ ୩୦୦ ଲକ୍ଷ ୟୁନିଟ (ପିକ ଆଓ୍ୱାରରେ ୨ ରୁ ୩ ଘଣ୍ଟା ପାଇଁ)।୪୨୦ ଲକ୍ଷ ୟୁନିଟର ହାରାହାରି ଶକ୍ତି ଉପଲବ୍ଧତା ବିପକ୍ଷରେ ନେସ୍କୋ ହାରାହାରି ଉଠାଣ ହେଉଛି ୫୩୦ ଲକ୍ଷ ୟୁନିଟ ଅର୍ଥାତ୍ ନିଅଣ୍ଟ ହେଉଛି ୧୧୦ ଲକ୍ଷ ୟୁନିଟ । ଏହା ବାଦ୍ ୩୫ ଲକ୍ଷ ୟୁନିଟର ହାରାହାରି ନିର୍ଘଣ୍ଟର ଲୋଡ ସହ ୫ ଟ୍ରାକସନ ଉପଭୋକ୍ତା, ୩ ଜରୁରୀ ଉପଭୋକ୍ତା ଓ ପ୍ରତିରକ୍ଷା ବିଭାଗରୁ ୨ ଉପଭୋକ୍ତା ଅଛନ୍ତି । ଆଉ କିଛି ଲୋଡ, ଯାହାକୁ ଏଆରଆର ବିଚାରଭୁକ୍ତ କରାଯାଇନାହିଁ, ୨୦୦୯ ଡିସେମ୍ବରରେ ତତକ୍ଷଣାତ୍ ଗ୍ରୀଡକୋ ଦ୍ୱାରା ରିଲିଜ ହୋଇଛିଏବଂ ସିଡ୍ୟୁଲଭୁକ୍ତ ଡିମାଣ୍ଡରେ କୌଣସି ଅଂଶୀଦାରତ୍ୱ ଦିଆଯାଇନାହିଁ ।

୨୩୫. ୨୩.୧.୧୦ ଠାରୁ ଶକ୍ତି ନିୟନ୍ତ୍ରଣର ସକ୍ରିୟ ପ୍ରବର୍ତ୍ତନ କରାଯାଇଥିଲା ଏବଂ ସେହି ଅନୁସାରେ ଉଠାଣକୁ ହ୍ରାସ କରାଯାଇଛି । ଏହା ମଧ୍ୟ ସ୍ଥିର ନିଶ୍ଚିତ ହୋଇଛି ଯେ, କୁଚେଇ ଓ ଭଦ୍ରକ ଗ୍ରୀଡର ପ୍ରକୃତ ସମୟ ତଥ୍ୟର ଅନୁପଲବ୍ଧତା ଯୋଗୁ ଏହି ଗ୍ରୀଡ ସବଷ୍ଟେସନ ଦୁଇଟି ପାଇଁ ଏସଏଲଡିସି ହାରାହାରି ଆକଳିତ ତଥ୍ୟକୁ ବିଚାରକୁ ନେଉଛି, ଯାହା ଠିକ ହୋଇ ନ ପାରେ । ଅଧିକନ୍ତୁ ,ବିଭିନ୍ନ ଗ୍ରୀଡ ସବଷ୍ଟେସନରେ ୩୩ କେଭି ଫିଡର ଗୁଡିକର ଅଣ୍ଡର ଫ୍ରିକ୍ୟୁଏନସି ରିଲେ ର ସଂସ୍ଥାପାନ ପାଇଁ ତଥ୍ୟ ଭୁକ୍ତ ଆବଶ୍ୟକୀୟ କାଗଜାତ ପ୍ରଦାନ କରିଛି । ଅତଏବ,ଉପସ୍ଥାପନାରେ କୁହାଯାଇଛି ଯେ, ଯଦି ଉପରୋକ୍ତ ଉଲ୍ଲେଖିତ ତଥ୍ୟ ସମୂହକୁ ବିଚାର ପରିସରକୁ ନିଆଯାଇଥା'ନ୍ତା, ତେବେ ନେସ୍କୋ ସିଡ୍ୟୁଲରୁ ଅଧିକ ଉଠାଣ କରି ପାରି ନ ଥା'ନ୍ତା ଏବଂ ୟୁଆଇ ଆକାଉଣ୍ଟ ଉପରେ ୬.୧୧ କୋଟି ଟଙ୍କାର ଦାବୀ ନ୍ୟାୟୋଚିତ ବିବେଚିତ ହୋଇ ନଥାନ୍ତା । ତେବେ, ଏହି ପ୍ରକାର ସୂଚନା ନିଶ୍ଚିତ ଭାବେ ସେମାନଙ୍କର ଏବିଟି କୋଷକୁ ତ୍ୱରାନ୍ୱିତ କରିବ ।

୨୩୬. ଏବିଟିର ପ୍ରବର୍ତ୍ତନ ପାଇଁ ସଂପ୍ରତି ନେସ୍‌କୋର ଆନୁଷଙ୍ଗିକ ପ୍ରସ୍ତୁତି ପର୍ବ ସରିନାହିଁ। ଏହାର କାରଣଗୁଡିକ ନିମ୍ନରେ ପ୍ରଦତ୍ତ ହେଲା।

(କ) ଡ଼ାକ୍ତରଖାନା, ଜଳଯୋଗାଣ ବିଭାଗ ଓ ରେଳବାଇ ଇତ୍ୟାଦିକୁ ପ୍ରାଥମିକତା ଭିତ୍ତିରେ ଶକ୍ତି ଯୋଗାଣ କରିବାକୁ ସେଭଳି କିଛି ସ୍ୱତନ୍ତ୍ର ଫିଡର ନାହିଁ ଏବଂ ଭାଗିଦାରୀ ଫିଡରରୁ ସେମାନେ ସମସ୍ତେ ଶକ୍ତି ଯେଗାାଣ ପାଉଛନ୍ତି। ତେଣୁ ଶକ୍ତି ନିୟନ୍ତ୍ରଣ ନିୟମାବଳୀର ପ୍ରବର୍ତ୍ତନ ସମସ୍ୟାଜନକ ଅଟେ ।

(ଖ) ବ୍ୟକ୍ତିଗତ ଶିଳ୍ପସଂସ୍ଥାଗତ ଉପଭୋକ୍ତାଙ୍କର ଶକ୍ତି ଯୋଗାଣକୁ ନିୟନ୍ତ୍ରିତ କରିବାକୁ କୌଣସି ନିୟନ୍ତ୍ରଣ କୌଶଳ ନାହିଁ। ତେଣୁ , ପ୍ରସ୍ତାବିତ ଲୋଡ ସେଡିଂର ପ୍ରବର୍ତ୍ତନ କଷ୍ଟକର ବ୍ୟାପାର ଅଟେ।

(ଗ) ଭାଗିଦାରୀ ଫିଡରଗୁଡିକରୁ ଶକ୍ତିଯୋଗାଣ ପାଉଥିବା ଶିଳ୍ପସଂସ୍ଥା ଶକ୍ତି ନିୟନ୍ତ୍ରଣ ପାଇଁ ମତାମତ ନ ଦେଇ ସାଧାରଣ ଲୋଡ ସେଡିଂ ଦ୍ୱାରା ପ୍ରଭାବିତ ହେବେ।

(ଘ) ବର୍ତ୍ତମାନ କାର୍ଯ୍ୟରତ ୯୭ ଟି ୩୩ କେଭି ଫିଡର ମଧ୍ୟରୁ ସବୁ ଫିଡରର ଇନକମିଂ ଭିସିବି ନାହିଁ। ସେହିପରି ୪୬୩ ଟି ୧୧ କେଭି ଫିଡର ମଧ୍ୟରୁ ସବୁ ଫିଡରର ଆଉଟ ଗୋଇଙ୍ଗ ଭିସିବି ନାହିଁ।

(ଙ) ଆନ୍ତଃ-ରାଜ୍ୟ ଏବିଟିର ଉପଯୁକ୍ତ ପ୍ରବର୍ତ୍ତନ ପାଇଁ ସବୁ ୩୩/୧୧ କେଭି ସବଷ୍ଟେସନରୁ (ସ୍କାଡା ସିଷ୍ଟମ) ଡିଏସଓସିସି ସିଷ୍ଟମ ରିଏଲ ଟାଇମ ଡାଟା ଆକ୍ୟୁଜିସନର ଆବଶ୍ୟକତା ରଖେ।

୨୩୭. ଆୟୋଗଙ୍କ ଦ୍ୱାରା ଅନୁମତିପ୍ରାପ୍ତ କେଶ ନଂ -୦୧/୨୦୧୦ ରେ ତା ୧୫.୧.୨୦୧୦ ରିଖ ଆଦେଶ ଅନୁଯାୟୀ ସାଉଥକୋ ନିଜ ଆୟତ୍ତାଧିନ ଅଂଚଳରେ ଲୋଡ ନିୟନ୍ତ୍ରଣ ସିଡ୍ୟୁଲର ପ୍ରସ୍ତୁତି କରିଛି ଏବଂ ୧୬.୧.୧୦ ସୁଦ୍ଧା ଉଦ୍ଦିଷ୍ଟ ଅଂଚଳଗୁଡିକୁ ଏଲଆାର୍ ସମୟ ନିର୍ଘଣ୍ଟର ଉପଯୁକ୍ତ ପ୍ରଚାର ପରେ ପ୍ରବର୍ତ୍ତନ ପାଇଁ କ୍ଷେତ୍ରସ୍ଥଳଗୁଡିକୁ ବଣ୍ଟନ କରିଥିଲେ। ତା ୧୯.୧.୧୦ରିଖରେ ମାନ୍ୟବର ଶକ୍ତି ମନ୍ତ୍ରୀଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା ଏବଂ ସେଠାରେ ନିଷ୍ପତ୍ତି ନିଆଯାଇଥିଲା ଯେ, କେବଳ ଜରୁରୀ ଅଂଚଳଗୁଡିକୁ ବାଦ ଦେଇ ଆଉ ସବୁ ଅଂଚଳକୁ ସକାଳ ୬ ଟାରୁ ସଂଧ୍ୟା ୬ ଟା ମଧ୍ୟରେ ୪ ଘଣ୍ଟା ପାଇଁ ଲୋଡ କଟକଣା ରଖାଯିବ। ମାନ୍ୟବର ଆୟୋଗଙ୍କର ନିର୍ଦ୍ଦେଶ ଅନୁଯାୟୀ, ଓଡ଼ିଶା ସରାକାରଙ୍କର ଶକ୍ତି ବିଭାଗ ଦ୍ୱାରା ପ୍ରଦତ୍ତ ୨୨.୧.୧୦ର ନଂ -୫୬୭ ମୂଳେ ଏ ସଂପର୍କରେ ଏକ ବିଜ୍ଞପ୍ତି ସାଉଥକୋ ପ୍ରାପ୍ତ ହୋଇଛି। ଏହି ବିଜ୍ଞପ୍ତିଟି ଶକ୍ତି ସଂରକ୍ଷଣ । ଆଇନ (୨୦୦୧ ର ୫୨ର) ବିଭାଗ -୧୮ ଅଧିନରେ କ୍ଷମତା ଭୁକ୍ତ। ଅର୍ଥାତ୍ ଶକ୍ତି ସଂରକ୍ଷଣର ଉତ୍କୃଷ୍ଟ ଉପଯୋଗ ପାଇଁ ବିଜ୍ଞାପନ ଓ ସାଧାରଣରେ ଆଲୋକ ବ୍ୟବସ୍ଥାର ନିୟନ୍ତ୍ରିତ ନିର୍ବାହନ ହିଁ ପ୍ରକୃଷ୍ଟ ପନ୍ଥା ଓ ସମୟ। ୧୯.୧.୧୦ ତାରିଖରେ ବୈଠକର ନିଷ୍ପତ୍ତି ଅନୁଯାୟୀ, ସାଉଥକୋ ଏଲଆରକୁ ସକାଳ ୬ ଟାରୁ ସଂଧ୍ୟା ୬ ପର୍ଯ୍ୟନ୍ତ ଶକ୍ତି ଯୋଗାଣରେ ୪ ଘଣ୍ଟାର କଟକଣା ପାଇଁ ଯୋଜନା ପ୍ରସ୍ତୁତ କଲ ଏବଂ ଉପଯୁକ୍ତ ପ୍ରଚାର ପରେ କ୍ଷେତ୍ରମାନଙ୍କରେ ପ୍ରବର୍ତ୍ତନ ପାଇଁ ପ୍ରସାର କଲା। ଉପରୋକ୍ତ ଏଲଆର୍ ସିଡ୍ୟୁଲର ପ୍ରବର୍ତ୍ତନ ପରେ ଲକ୍ଷ୍ୟ କରାଯାଇଛି ଯେ, କଟକଣା ଲାଗୁ କରାଯାଇଥିବା ଅଂଚଳମାନଙ୍କର ବାରମ୍ବାର ଶକ୍ତି ବିରତି ଯୋଗୁ ଉପଭୋକ୍ତାଙ୍କର ଅସନ୍ତୋଷ ସୃଷ୍ଟି ନ କରି ସକାଳ ୬ ଟାରୁ ସଂଧ୍ୟା ୬ ଟା ମଧ୍ୟରେ ଶକ୍ତିକାଟ କରିବାକୁ ଓପିଟିସିଏଲର ଗ୍ରୀଡକୁ ନିର୍ଦ୍ଦେଶ ଦେବା ଦ୍ୱାରା ଏସ୍‌ଏଲ୍ ଡିସି ପ୍ରତ୍ୟକ୍ଷ ଭାବେ ସାଉଥକୋ ର ଉଠାଣକୁ କଟକଣିତ କରିଛି। ଏହି ସବୁ ସମସ୍ୟାର ଦୂରୀକରଣ ପାଇଁ ସାଉଥକୋ ନିଜ ଅଂଚଳରେ ଲୋଡ ପରିଚାଳନା ପାଇଁ ଏକ ଶୃଙ୍ଖଳାବଦ୍ଧ ପଦ୍ଧତିକୁ ଗ୍ରହଣ କରିଛି, ଯାହା ନିମ୍ନ ମତେ ବର୍ଣ୍ଣନା କରାଗଲା ।

ସାରଣୀ - ୨୨

| Kâ.^õ. | A‰ð^û | Grids coming under | Duration of Load restriction | c«aý |
|---|---|---|---|---|
| 1 | Areas under SOUTHCO jurisdiction, | Jaynagar, Rayagada, | 06.00 Hrs to 16.00 Hrs: 3 | As per the decision |

| | | | | |
|---|---|---|---|---|
| | those are availing power supply from Machhkund | Parlakhemundi, Mohana, Digapahandi | Hrs. Evening: Depending upon the Grid condition | taken during the high level meeting at Bhubaneswar on 19.01.10 & as per the OERC order no 1/2010 dated 14.01.10 u/s 23 of Electricity Act '2003. |
| ୨ | Power transformers of those 132/33 KV Grids of OPTCL under SOUTHCO jurisdiction being over loaded during Evening peak hours | Bhanjanagar, Sunabeda, Berhampur-(Ambagada) | 06.00 Hrs to 16.00 Hrs: 2 Hrs. Evening: 1.5 Hrs. | |
| ୩ | Rest of areas | Aska, Chatrapur, Ganjam, Balugoan, Narendrapur, Phulbani, Theruvali, Sonpur, Balimela, Tentulikhunti, | 06.00 Hrs to 18.00 Hrs: 4 Hrs. Evening: No Load restriction | |

୨୩୮. ଇତି ମଧ୍ୟରେ ମୁଦ୍ରଣ ଗଣମାଧ୍ୟମ ଓ ରେଡିଓ /ଟିଭି ଆଦି ଇଲେକଟ୍ରୋନିକ ଗଣ ମାଧମରେ ସମ୍ବାଦ ପ୍ରସାରିତ ହୋଇଛି ଯେ, ଓଡ଼ିଶାରେ ଶକ୍ତି ସଂକଟ ଦୂରୀଭୂତ ହୋଇଛି ଏବଂ ରାଜ୍ୟରେ ଆଉ ଶକ୍ତି କାଟ ହେବ ନାହିଁ। ଏହା ଦ୍ୱାରା ସାଉଥକୋ କ୍ଷେତ୍ରୀୟ ୟୁନିଟ ଗୁଡିକରେ ଉପଭୋକ୍ତା ଅସନ୍ତୋଷ ସୃଷ୍ଟି ହୋଇଛି, (କାରଣ ଉପଭୋକ୍ତା ସମ୍ବାଦ ପତ୍ର/ରେଡିଓ / ଟିଭି ରୁ ପଢିଛନ୍ତି/ଶୁଣିଛନ୍ତି ଯେ ରାଜ୍ୟରେ ଆଉ ବିଦ୍ୟୁତ ଶକ୍ତି କାଟ ହେବ ନାହିଁ।), ଯାହା ସାଉଥକୋର ରାଜସ୍ୱ ଅଦାୟକୁ ପ୍ରଭାବିତ କରିପାରେ। ଲୋଡ ନିୟନ୍ତ୍ରଣ ପାଇଁ ଆଇନ ଓ ଆଦେଶ  ଜାରି କରୁଥିବା କାର୍ଯ୍ୟାଳୟ/ବିଭାଗ ଗୁଡିକ ସାଉଥକୋକୁ ସହଯୋଗ କରୁନାହାନ୍ତି। ମାନ୍ୟବର ଆୟୋଗଙ୍କ ନିର୍ଦ୍ଦେଶ ମୁତାବକ ଏଲଆର ଆଚରଣ ବିଧି ଅନୁଯାୟୀ ,ଲୋଡ କଟକଣାର ସହମତି ହାସଲ ପାଇଁ ଏଚଟି ଓ ଇଏଚଟି ଶ୍ରେଣୀର ସବୁ ବୃହତ ଶିଳ୍ପସଂସ୍ଥାଗତ ଉପଭୋକ୍ତାଙ୍କୁ ସାଉଥକୋ  ଏକ ଚିଠି ମଧ୍ୟ ଜାରି କଲେ। ଏସଏଲଡିସି ଯେଉଁ ତଥ୍ୟ ଦେଇଛି, ସେଥିରେ ବଣ୍ଟନ ପାଇଁ ହିସାବ କରାଯାଇଥିବା ଲୋଡ ପରିମାଣ ଓ ଉଠାଣ ଲୋଡ ପରିମାଣ ମଧ୍ୟରେ ମେଳ ରହୁନାହିଁ। ଓଇଆର୍‌ସିର ୱେବସାଇଟରେ ଏସ୍‌ଏଲଡିସିର ଉଠାଣ ତଥ୍ୟାବଳୀ ୨୨୦ କେଭି ଅଟେ। ଟ୍ରାନ୍ସଫରମର ଅତିକ୍ରାନ୍ତ ୧୫ ମିନିଟର ଉଠାଣକୁ ସଂପର୍କ କରେ, ଯାହା ସିଡ୍ୟୁଲ ସୀମା ମଧ୍ୟରେ ଉଠାଣକୁ ତୁଲାଇନେବାକୁ ସାଉଥକୋ କୁ ସାହାର୍ଯ୍ୟ କରେ ନାହିଁ। ତେଣୁ ପରାମର୍ଶ ଦିଆଯାଉଛି ଯେ, ୨୨୦ କେଭି ଅଟୋ ଟ୍ରାନ୍ସଫରମର ଅତିକ୍ରାନ୍ତ ୧୫ ମିନିଟର ଉଠାଣକୁ ବ୍ୟବସ୍ଥିତ କରିବା ପରିବର୍ତ୍ତେ ସାଉଥକୋର ଇଣ୍ଟରଫେସ୍ ପଏଣ୍ଟ ସମୂହର ତଥ୍ୟ ପାଇଁ ଏସଏଲଡିସି ବର୍ତ୍ତମାନର ଉଠାଣ ତଥ୍ୟକୁ ବ୍ୟବସ୍ଥିତ କରିବା ଉଚିତ। ଉପରଲିଖିତ ସମୟ ସୀମା ମଧ୍ୟରେ ଓପିଟିସିଏଲ୍ ମାଛକୁଣ୍ଡ ଯୋଗାଣରେ ଓଡିଶା ଭାଗକୁ ମୋହନା ଗ୍ରୀଡ ପର୍ଯ୍ୟନ୍ତ ବିସ୍ତାର କରିଥିଲା। ଏହି ଗ୍ରୀଡସମୂହ ଅଧିନରେ ଯଥା ଉଦ୍ଦିଷ୍ଟ ଫିଡରଗୁଡିକର ଏଲଆର୍ ସିଡ୍ୟୁଲ, ଯାହା ପାଖାପାଖି ୫୦ ଲକ୍ଷ ୟୁନିଟ ହେବ, ଯଥା ଉଦ୍ଦିଷ୍ଟ ନିର୍ବାହୀ ଯନ୍ତ୍ରୀମାନଙ୍କ ଦ୍ୱାରା ଓପିଟିସିଏଲକୁ ସୂଚନା ଦିଆଯାଇଥିଲା। କିନ୍ତୁ  ଉପରୋକ୍ତ ସମୟ ସୀମା ମଧରେ ସାଉଥକୋ ଦ୍ୱାରା  ଅଧିକ ପରିମାଣର ଉଠାଣ ସୃଷ୍ଟି କରି ଓପିଟିସିଏଲ ତାହାକୁ କାର୍ଯ୍ୟକାରୀ କରାଇ ପାରିଲା ନାହିଁ।

**ବଚାତ୍ ଲ୍ୟାମ୍ପ ଯୋଜନା :**

୨୩୯. ସେସୁ ଏହି ଯୋଜନା ପାଇଁ ଆଗ୍ରହ ପ୍ରକାଶ କରି କାର୍ଯ୍ୟକ୍ରମ ଗ୍ରହଣ କରିଛି। ବିଲ୍ ସହ ତାଲିକାବଦ୍ଧ କେତେକ ସିଏଫଏଲ ଉତ୍ପାଦନକାରୀ ଓ ବଣିକଙ୍କ ଠାରୁ ଏହି ଯୋଜନା ସଂପର୍କରେ ସେସୁ ପ୍ରସ୍ତାବ ଅମନ୍ତ୍ରଣ କରିଥିଲା। ୩ ଟି ବଣିକ ସଂସ୍ଥା ଯଥା ମେସର୍ସ ସିଲଭର ଫାୟାର ଆଡଭାଇଜର୍ସ , ମେସର୍ସ ବାନ୍ୟାନ ଏନଭିରନମେଣ୍ଟାଲ ଇନୋଭେସନସ ଓ ମେସର୍ସ ସର୍ଭ କନସନଲଟାଣ୍ଟସ ସେସୁ ଅଂଚଳରେ ବଚାତ ଲ୍ୟାମ୍ପ ଯୋଜନାର କାର୍ଯ୍ୟକାରିତା ପାଇଁ ତାଲିକାଭୁକ୍ତ ହୋଇଛନ୍ତି। ଏହି ବଣୀକ ସଂସ୍ଥାମାନଙ୍କ ସହ କଣ୍ଟ୍ରାକ୍ଟର ଆକଳନ ଓ ନିଷ୍ପତ୍ତି ପାଇଁ ସେସୁ ପରିଚାଳନାରେ ଜି.ଏମ୍ (ଏର୍ଟ ଆଣ୍ଡ ସି), ଜିଏମ୍ (ଅର୍ଥ) ଓ ଡେପୁଟି ମ୍ୟାନେଜର (ଡିଏସ୍ଏମ ସେଲ୍)ଙ୍କୁ ନେଇ ଏକ କମିଟି ଗଠିତ ହୋଇଛି। ୧୦ ଟି ଗୁରୁତ୍ୱପୂର୍ଣ୍ଣ ନିୟମ ପ୍ରକରଣର ଭିତ୍ତି ଉପରେ ଉପଯୋଗ୍ୟ ଅଂଚଳ ପାଇଁ କମିଟି ତା'ର ଆନୁଷଙ୍ଗିକ ପ୍ରସ୍ତୁତି ପର୍ବ ଆରମ୍ଭ କରିସାରିଛି। ଏ ସଂପର୍କରେ ଉପଯୋଗ୍ୟ ଅଂଚଳମାନଙ୍କରୁ କମିଟି ଅନୁସଂଧାନ କରି କେତେକ ଅତିରିକ୍ତ ସୂଚନା ମଧ୍ୟ ସଂଗ୍ରହ କରିଛି। ଉପଯୋଗ୍ୟ ଅଂଚଳମାନଙ୍କର ମାନ ନିର୍ଦ୍ଧାରଣ ସକାଶେ ଏକ ମାନକ ନିର୍ଦ୍ଧାରଣ ଫର୍ଦ୍ଦର ପ୍ରସ୍ତୁତି ମଧ୍ୟ କରାଯାଇଛି, ଯଦ୍ୱାରା ଉପରୋକ୍ତ ୧୦ ଟି ଗୁରୁତ୍ୱପୂର୍ଣ୍ଣ ନିୟମ -ପ୍ରକରଣ ଆଧାରରେ ସେହି ସବୁ ଉପଯେଗ୍ୟ ଅଂଚଳଗୁଡିକର ସୋପାନୀକରଣ କରାଯାଇ ପାରିବ। କମିଟିର ସୁପାରିଶ ସଂପର୍କରେ ଶେଷ ସିଦ୍ଧାନ୍ତ ଶୀଘ୍ର ସେସୁ ପରିଚାଳନା ମଣ୍ଡଳୀକୁ ଜଣାଇ ଦିଆଯିବ। ପରିଚାଳନା ମଣ୍ଡଳିର ନିଷ୍ପତ୍ତି ପରେ, ନିର୍ବାଚିତ ଉପଯୋଗ୍ୟ ଅଂଚଳଗୁଡିକୁ ଚୂଡାନ୍ତ ରାଜିନାମା ପାଇଁ ଆମନ୍ତ୍ରଣ କରାଯାଇ ସେମାନଙ୍କୁ ପଞ୍ଜିକରଣ କରାଯିବ ଓ ତା'ପରେ ପରେ ଯୋଜନାର କାର୍ଯ୍ୟକାରିତାକୁ ନିର୍ବାହନ କରାଯିବ।

୨୪୦. ନେସ୍କୋ ଉତ୍ତରରେ କରିଥିଲା ଯେ, ବ୍ୟୁରୋ ଅଫ ଏନର୍ଜି ଏଫିସିଏନସି ଦ୍ୱାରା ତାଲିକାଭୁକ୍ତ ମେସର୍ସ ବ୍ୟାନନ ଏନଭିରନ୍‌ମେଣ୍ଟାଲ ଇନୋଭେସନସ୍ (ପ୍ରା)ଲିଃ ନେସକୋ ଇଲାକାରେ ବଚାତ ଲ୍ୟାମ୍ପ ଯୋଜନା କାର୍ଯ୍ୟକାରୀ କରିବାକୁ ବଦ୍ଧପରିକର ଅଟେ। ସବୁ ପ୍ରକାରର ଆନୁଷଙ୍ଗିକ ପ୍ରସ୍ତୁତି ପର୍ବ ସରିଛି ଓ ମେସର୍ସ ବାନ୍ୟାନଙ୍କୁ ଏକ ସୁବିଧାଜନକ ଉପଯୁକ୍ତ ତାରିଖ ଜଣାଇବାକୁ ଆମନ୍ତ୍ରଣ କରାଯାଇଛି, ଯେଉଁ ତାରିଖରେ ବିଇଇ, ନେସକୋ ଓ ବ୍ୟାନନ ମଧ୍ୟରେ ସିଏସ୍ଓ ଠାରେ ତ୍ରିପାକ୍ଷିକ ଚୁକ୍ତିନାମା ସାକ୍ଷରିତ ହେବ। ଯେତେଶୀଘ୍ର ସମ୍ଭବ ଚୁକ୍ତିନାମା ସଂପାଦନ ଶେଷ ହେବ, ସେତେ ଶୀଘ୍ର ମେସର୍ସ ବନ୍ୟାନ ତା'ର କାର୍ଯ୍ୟ ନିର୍ବାହନ ପ୍ରକ୍ରିୟା ଚାଲୁ କରିବ।

୨୪୧. 'ଶକ୍ତି ଉତ୍କୃଷ୍ଟ କରଣ ଯୋଜନା' କୁ ସଫଳ କରିବା ପାଇଁ ୱେସକୋ ମଧ୍ୟ ମେସର୍ସ ବାନ୍ୟାନ ଏନଭିରନମେଣ୍ଟ ଇନୋଭେସନ (ପ୍ରା )ଲିଃ ସହ ଚୁକ୍ତି ନାମା ସାକ୍ଷର କରିଛି। ଏହି ଯୋଜନା ଅଧିନରେ, କଂପାନୀ ରିହାତି ଦରରେ ବିଦ୍ୟୁତ ଉପଭୋକ୍ତାମାନଙ୍କୁ ସିଏଫଏଲ ବିଦ୍ୟୁତ ବଲ୍‌ବ ଯୋଗାଇ ଦେବେ (ଗୋଟିଏ ବଲ୍‌ବର ଦାମ ଟ୧୦/-ରୁ ଟ ୧୨/- ହେବ)। ସାଧାରଣତଃ, ସିଏଫଏଲ ବଲ୍‌ବଗୁଡିକର ଆୟୁ ୬୦୦୦ ଘଣ୍ଟା ରହିବା ସହିତ ୦.୮୫ରୁ ଅଧିକ ପାୱାର ଫାକ୍ଟର ରହିବ। ଏହା ସହ ଶକ୍ତି ସଂରକ୍ଷଣ ଉଦ୍ଦେଶ୍ୟରେ କଂପାନୀ ତରଫରୁ ଜନସାଧାରଣରେ ସଚେତନତା କାର୍ଯ୍ୟସୂଚୀର ପରିଚାଳନା କରାଯିବ। ୱେସ୍କୋ ଅଧିନସ୍ଥ ଗ୍ରାମାଞ୍ଚଳମାନଙ୍କରେ ସାମାଜିକ କାର୍ଯ୍ୟପାଇଁ କଂପାନୀ ତା'ର ନେଟ୍ ପ୍ରୋଜେକ୍ଟ ଆୟର ୧୦ ପ୍ରତିଶତ ଅର୍ଥ ଖର୍ଚ୍ଚ କରିବ। ସିଏଫଏଲ ବଲ୍‌ବ ବ୍ୟବହାର ଦ୍ୱରା ତାପ ବିକିରଣର ମାତ୍ରା କମ ହେବା ସହ ବିଶ୍ୱ ସମୁଦାୟ ପ୍ରଭାବିତ ହେଉଥିବା ଉତ୍ତାପ ଆଧିକ୍ୟରୁ ଏହା ମଧ୍ୟ ସୁରକ୍ଷା ଦେବ।

୨୪୨. ସାଉଥକୋ କହିଥିଲା ଯେ, ବିଇଇର ବଚାତ୍ ଲ୍ୟାମ୍ପ ଯୋଜନା ତା' ଅଂଚଳରେ ପ୍ରବର୍ତ୍ତନ କରାଯିବାକୁ ତଥାପି ବାକି ଅଛି। ତେବେ, ମେସର୍ସ ବାନ୍ୟାନ ଏନଭରନମେଣ୍ଟ ସଲ୍ୟୁସନସ୍ (ପ୍ରା) ଲିଃ ନାମକ ହାଇଦ୍ରାବାଦର ଏକ କଂପାନୀ ସହ ସିଡିଏମ ପ୍ରୋଜେକ୍ଟର ପ୍ରବର୍ତ୍ତନ ପାଇଁ ସାଉଥକୋର ରାଜିନାମା ହୋଇସାରିଛି। ୟୁଏନ୍ଏଫସିସିସି ସହ ଫଞ୍ଜିକରଣ ପରେ ବିଇଇ, ସାଉଥକୋ ଏବଂ ମେସର୍ସ ବାନ୍ୟାନ ମଧ୍ୟରେ ଏକ ତ୍ରି-ପାକ୍ଷିକ ରାଜିନାମା ହେବାକୁ ଯାଉଛି।

**୧୦ କିଲୋ ୱାଟରୁ ଅଧିକ କଣ୍ଟ୍ରାକ୍ଟ ଡିମାଣ୍ଡ ସହ ଏଲଟିରେ ଶକ୍ତି ଯୋଗାଣ ଉପଲବ୍ଧି କରୁଥିବା କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ସଂସ୍ଥା ଗୁଡିକ ପାଇଁ ଏବଂ ୭୦ କେଭିଏରୁ ଉର୍ଦ୍ଧ୍ୱ ଓ୧୧୦ କେଭିଏରୁ କମ (ଉଭୟ ଏଚଟି ଓ ଏଲଟି କଣ୍ଟ୍ରାକ୍ଟ ଡିମାଣ୍ଡ ଥିବା ଉପଭୋକ୍ତାଙ୍କ ପାଇଁ ଷ୍ଟାଟିକ ମିଟରର ସୁଲଭତା ସଂପର୍କରେ.......)**

୨୪୩. ସେସୁ ଉପସ୍ଥାପନ କରିଥିଲା ଯେ, ୧୦କିଲୋ ୱାଟରୁ ଅଧିକ କଣ୍ଟ୍ରାକ୍ଟ ଡିମାଣ୍ଡ ସହ ଏଲଟିରେ ଶକ୍ତି ଯୋଗାଣ ଉପଲବ୍ଧି କରୁଥିବା କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ସଂସ୍ଥାଭୁକ୍ତ ସବୁ ଉପଭୋକ୍ତାଙ୍କର ଷ୍ଟାଟିକ ମିଟର ସଂସ୍ଥାପନା ହୋଇ ସାରିଛି ଏବଂ ଏହି ମିଟରଗୁଡିକ ମଧ୍ୟରୁ ପ୍ରାୟ ୯୦ ପ୍ରତିଶତ ମିଟରର କେଭିଏରେ ଡିମାଣ୍ଡ ବିବରଣୀ ଭୁକ୍ତ କରିବାର ସୁବିଧା ଅଛି। ଅବଶିଷ୍ଟ ୧୦ ପ୍ରତିଶତ ମିଟରର ହାରାହରି ପାୱାର ଫାକ୍ଟର ତଥା କିଲୋୱାଟରେ ଡିମାଣ୍ଡ ବିବରଣୀଭୁକ୍ତ କରିବାର ସୁବିଧାଅଛି। ମିଟରଗୁଡିକ ସଜଡାଯିବା କିମ୍ବ ବଦଳାଯିବା ସମୟ ପର୍ଯ୍ୟନ୍ତ ଏଭଳି ଉପଭୋକ୍ତାଙ୍କର କେଭିଏରେ ଡିମାଣ୍ଡ କିଲୋୱାଟ ବିବରଣୀ ଏବଂ ହାରାହାରି ପାୱାର ଫାକ୍ଟରରୁ ହିସାବ କରିହେବ। ୧୦ କିଲୋୱାଟ ଓ ତଦୁର୍ଦ୍ଧ୍ୱ ର କଣ୍ଟ୍ରାକ୍ଟ ଡିମାଣ୍ଡର ସବୁ ଉପଭୋକ୍ତାଙ୍କୁ କେଭିଏ ବିବରଣୀବଦ୍ଧ  କରିବାକୁ ସୁବିଧା ସହ ଷ୍ଟାଟିକ ମିଟର ସମୂହର ସଂସ୍ଥାପନା ପାଇଁ ସେସୁ ଜରୁରୀ ପଦକ୍ଷେପ ଗ୍ରହଣ କରୁଛି।

୨୪୪. ରିଲିଆନସ ପରିଚାଳିତ ସବୁ ବଣ୍ଟନକାରୀ କଂପାନୀ ଉପସ୍ଥାପନ କରିଥିଲେ ଯେ, ୭୦ କେଭିଏରୁ ଉର୍ଦ୍ଧ୍ୱ ଓ ୧୧୦ କେଭିଏରୁ କମ (ଉଭୟ ଏଚଟି ଓ ଏଲଟି)କଣ୍ଟ୍ରାକ୍ଟ ଡିମାଣ୍ଡ ଥିବା ସବୁ ଉପଭୋକ୍ତାଙ୍କୁ କେଭିଏରେ ଡିମାଣ୍ଡ ବିବରଣୀବଦ୍ଧ କରିବାର ସୁବିଧା ସହ ଷ୍ଟାଟିକ ମିଟର ଯୋଗାଇ ଦିଆଯାଇଛି।

<u>ଡିମାଣ୍ଡ ଚାର୍ଜର ହିସାବରେ କ୍ୟାପଟିଭ ଜେନେରେଟିଂ ପ୍ଲାଣ୍ଟ ପାଇଁ ବିରତି ସମୟ</u>

୨୪୫. ସେସୁ ଉପସ୍ଥାପନ କରିଛି ଯେ, କ୍ୟାପଟିଭ ଜେନେରେଟିଂ ପ୍ଲାଣ୍ଟଗୁଡିକୁ ଯୋଗାଇ ଦିଆଯାଉଥିବା ଶକ୍ତିର ଜରୁରୀ ସ୍ଥିତି ର ଅର୍ଥ ହେଲା - ପ୍ରାରମ୍ଭିକ ଅବସ୍ଥାର କିମ୍ବା ଜୀଇଁ ରହିବା ଶକ୍ତି  ଯାହାକି କେବଳ ତିଷ୍ଠି ରହିବା ସମସ୍ୟାକୁ ସମ୍ଭାଳିବା ନିମନ୍ତେ ଉପଭୋକ୍ତାଙ୍କ ଦ୍ୱାରା ପ୍ରାପ୍ତ ହୋଇଥାଏ, କିନ୍ତୁ ନିୟମିତ ଉପଯୋଗ ପାଇଁ ନୁହେଁ। ସେସୁ ଏଭଳି ଶକ୍ତି ବ୍ୟବହାରର ନିର୍ଦ୍ଧିଷ୍ଟ ସୀମାକୁ ଗୋଟିଏ ମାସରେ ୭୨ ଘଣ୍ଟା ମଧ୍ୟରେ ସୀମିତ ରଖିବାକୁ ପ୍ରସ୍ତାବ ଦେଇଛି। ୭୨ ଘଣ୍ଟାରୁ ଉର୍ଦ୍ଧ୍ୱରେ ଶକ୍ତିର ବ୍ୟବହାର କରାଯାଉଥିବା କ୍ଷେତ୍ରରେ, ଶକ୍ତି ଉପଯୋଗକୁ ଶିଳ୍ପସଂସ୍ଥାଗତ  ବ୍ୟବହାର ରୂପରେ ବିବେଚନା କରାଯାଇପାରେ ଏବଂ ସେହି ସ୍ତରୀୟ ଯୋଗାଣ ଭୋଲ୍‌ଟେଜରେ ଅନ୍ୟ ଶ୍ରେଣୀର ଉପଭୋକ୍ତାଙ୍କ ପ୍ରତି ପ୍ରଯୋଗନୀୟ ମତେ ଡିମାଣ୍ଡ ଚାର୍ଜ ପାଇଁ ଦାୟବଦ୍ଧ ହୋଇପାରେ। ଯେଣୁ ଡିମାଣ୍ଡ ସଂରକ୍ଷିତ ଅଟେ ଓ ଉପଭୋକ୍ତାଙ୍କ ଦ୍ୱାରା ଉପଲବ୍ଧ ଅଟେ। ତେଣୁ ସେ ସାଧାରଣ ଶିଳ୍ପ ସଂସ୍ଥାଗତ ଉପଯୋଗ ସହ ସମାନ ସ୍ତରୀୟ ଡିମାଣ୍ଡ ଚାର୍ଜ ଦେବେ। ତା'ଛଡା ସେହି ଉପଭୋକ୍ତା ୭୨ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟର ଶକ୍ତି ବ୍ୟବହାର କରୁଥିଲେ ସିଡିପିମାନଙ୍କୁ ପ୍ରଯୋଗନୀୟ ଦରହାର ମତେ ଶକ୍ତି ଚାର୍ଜ ମଧ୍ୟ ଦେବେ।

<u>ସିକ୍ୟୁରିଟି ଜମା ଜରିଆରେ ମିଟରର ପୂରା ଦାମର ଭରଣା :</u>

୨୪୬. ସବୁ ରିଲିଆନସ ପରିଚାଳିତ ବଣ୍ଟନକାରୀ କଂପାନୀ ଦର୍ଶାଇଥିଲେ ଯେ, ମାନ୍ୟବର ଆୟୋଗଙ୍କର ଆଦେଶନାମା ଅନୁଯାୟୀ ଯେଉଁ ସବୁ ପୁରୁଣା ଉପଭୋକ୍ତାଙ୍କଠାରୁ ମିଟରର ଦାମ ପ୍ରାପ୍ତ ହୋଇନାହିଁ, ସେମାନଙ୍କଠାରୁ ୧୧/୨୦୦୩ ଠାରୁ ୪୦ ଟି ମାସିକିଆ କିସ୍ତିରେ ମିଟର ଭଡା ଆଦାୟ କରାଯାଇଛ। ଯେଉଁ ଉପଭୋକ୍ତାମାନେ ମିଟରର ପୂରାଦାମ ଦେବାକୁ ଇଛା ପ୍ରକାଶ କରୁନାହାନ୍ତି କିମ୍ବ ଷ୍ଟାଣ୍ଡାର୍ଡ ମିଟରର ସଂସ୍ଥାପନା କରୁଛନ୍ତି, ସେମାନଙ୍କଠାରୁ ମଧ୍ୟ ମିଟର ଭଡା ଆଦାୟ କରାଯାଇଛି। ବିଦ୍ୟୁତ ଆଇନ, ୨୦୦୩ ର ବିଭାଗ ୪୭ ଅନୁଯାୟୀ, ଯଦି କୌଣସି ଉପଭୋକ୍ତା ନିର୍ଦ୍ଧିଷ୍ଟ ପ୍ରକାରର ମିଟର କିଣିବାକୁ ରାଜି ନହୁଏ, ସେ କ୍ଷେତ୍ରରେ ସେହି ଉପଭୋକ୍ତାଠାରୁ ମିଟରର ଦାମ ବାବଦକୁ ସିକ୍ୟୁରିଟି ଆଦାୟ କରିବାକୁ ତିନି ବଣ୍ଟନକାରୀ କଂପାନୀ ପ୍ରସ୍ତାବ ଗ୍ରହଣ କରିଛନ୍ତି। ସଂପ୍ରତି ମିଟରକୁ

ପୋଡିଦେବା ବା ଟେମ୍ପରିଂ କରିବାର ଯେଉଁ ମନ୍ଦ ଆଚରଣ କିଛି ଉପଭୋକ୍ତାଙ୍କର ମାନସିକତା ହୋଇଛି, ତାହାକୁ ରୋକିବାର ଏକ ପଦ୍ଧତି/ପ୍ରକ୍ରିୟା ପ୍ରସ୍ତୁତି ପାଇଁ ଏଭଳି ପ୍ରୟାସ କରାଯାଇଛି।

**ଶକ୍ତି ସେବା ସଂଯୋଗ ଦେୟଦର ପ୍ରତି ସଂଯୋଗ ପିଛା ଟ ୫୦୦/- ରୁ ଟ ୧୦୦୦/- କୁ ବୃଦ୍ଧି ସଂପର୍କରେ :**

୨୪୭. ସେବା-ସଂଯୋଗ ଦେୟ-ଦର ପ୍ରତି ସଂଯୋଗ ପିଛା ଟ ୫୦୦/- ରୁ ଟ ୧୦୦୦/- କୁ ବୃଦ୍ଧି କରିବା ସପକ୍ଷରେ ସବୁ ବଣ୍ଟନକାରୀ କଂପାନୀ ସହମତି ଦେଇଥିଲେ। ସେବା ସଂଯୋଗ ଉଦ୍ଦେଶ୍ୟରେ ଯେଉଁ ଟେଣ୍ଡର ଆମନ୍ତ୍ରଣ କରାଯାଇଥିଲା, ସେଥିରେ ବିଡରମାନେ ଆନୁଷଙ୍ଗିକ ସାମଗ୍ରୀ ନେବା ଆଣିବା ଓ ସ୍ଥାପନା ଚାର୍ଜକୁ ବାଦ୍ ଦେଇ ନୂଆ ସଂଯୋଗ ବାବଦକୁ ପ୍ରତି ସଂଯୋଗ ପିଛା ଟ ୮୫୦ /-ର ପରିମାଣକୁ ସ୍ଥିର କରିଥିବା ଜଣାପଡିଥିଲା। ତେଣୁ ବଣ୍ଟନକାରୀ କଂପାନୀମାନେ ଏହି ଦେୟ ଦରକୁ ଟ ୧୦୦୦/- କୁ ଧାର୍ଯ୍ୟ କଲେ, ଯହିଁରେ ଅନୁଷଙ୍ଗିକ ସାମଗ୍ରୀ ଜନିତ ଚାର୍ଜ ଓ ମଜୁରିଆର ମଜୁରୀ ମଧ୍ୟ ଅନ୍ତର୍ଭୁକ୍ତ ଅଟେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଆନୁଷଙ୍ଗିକ ବୈଦ୍ୟୁତିକ ସାମଗ୍ରୀ ଓ ଦୈନିକ ମଜୁରୀ ତୁଳନାତ୍ମକ ଭାବେ ବୃଦ୍ଧି ପାଇଛି।

ଓଡ଼ିଶା ସରକାରଙ୍କ ମତାୟନ

- ୨୪୮. ଓଡିଶା ବିଦ୍ୟୁତ ନିୟାମକ ଆୟୋଗଙ୍କର ୩୧.୧୨.୨୦୦୯ର ଚିଠ ନଂ -ଜେଡି (ଏଫ୍)୧୭୫/୦୨/୩୦୭୪ ମୂଳେ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ପାଇକାରୀ ଶକ୍ତି ଯୋଗାଣର ତାରିଫ ସଂପର୍କିତ ବିବିଧ ସମସ୍ୟା ଉପରେ ଓଡ଼ିଶା ସରକାର ୨୩.୨.୨୦୧୦ ର ଚିଠି ନଂ -ଆର ଆଣ୍ଡ ଆର୍ - II - ୧ /୨୦୧୦/୧୫୬୭ /ଇଏନ୍ ଭୁବନେଶ୍ୱର ରେ ନିମ୍ନ ଲିଖିତ ମତାମତ ଉପସ୍ଥାପନ କରିଥିଲେ।
- ସାମାଜିକ ହିତ ସାଧନ ଉଦ୍ଦେଶ୍ୟରେ ରାଜ୍ୟର ଅଗମ୍ୟ ଅଂଚଳମାନଙ୍କ ପାଇଁ ଅଣ ପାରିତୋଷିକ ଅଧିଯୋଜନା ରେ ବ୍ୟୟ ଭାରକୁ ସହାୟତା ଦେବା ସକାଶେ ରାଜ୍ୟ ସରକାର ୩ ବର୍ଷରେ ଓପିଟିସିଏଲକୁ ଲାଭାଂଶ ନିବେଶ ଭାବରେ ୧୦୦ କୋଟି ଟଙ୍କା ଯୋଗାଇ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ରାଜ୍ୟ ସରକାର ୨୦୦୮-୦୯ ଓ ୨୦୦୯-୧୦ ଆର୍ଥିକ ବର୍ଷ ପାଇଁ ଯଥାକ୍ରମେ ଟ୨୩,୦୫,୫୫,୦୦୦ /- ଏବଂ ୫ କୋଟି ଟଙ୍କାର ବ୍ୟବସ୍ଥା କରିଛନ୍ତି।
- ବିପିଏଲ୍ ଓ କୁଟୀର ଜ୍ୟୋତି ଉପଭୋକ୍ତାମାନଙ୍କୁ ଶକ୍ତି ଯୋଗାଣ ଉଦ୍ଦେଶ୍ୟରେ ବଣ୍ଟନକାରୀ କଂପାନୀମାନଙ୍କୁ ସଂପ୍ରତି ସବସିଡି ବ୍ୟବସ୍ଥାର କୌଣସି ପ୍ରସ୍ତାବ ନାହିଁ।
- ବଣ୍ଟନକାରୀ କଂପାନୀମାଙ୍କର ବଣ୍ଟନ ପଦ୍ଧତିର ଉନ୍ନତି ସକାଶେ ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇପାରେ ଯେ, ତ୍ରୟୋଦଶ ଅର୍ଥ ଆୟୋଗଙ୍କ ଆୱାର୍ଡ ପରେ ଏ ସଂପର୍କରେ ଆବଶ୍ୟକୀୟ ନିଷ୍ପତ୍ତି ଗ୍ରହଣ କରାଯିବ।
- ରାଜୀବ ଗାନ୍ଧୀ ଗ୍ରାମ ବିକାଶ ଯୋଜନା ଓ ବିଜୁ ଗ୍ରାମଜ୍ୟୋତି ଯୋଜନା ଆଦି ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ପାଇଁ ସ୍ଥୁଳ ପରିମାଣର କ୍ୟାପିଟାଲ ସବ୍‌ସିଡି ଯୋଗାଇ ଦିଆଯାଇଛି, ଯେଉଁଥିରୁ ବଣ୍ଟନକାରୀ କଂପାନୀମାନେ ଲାଭବାନ ହେବେ।
- ରାଜୀବ ଗାନ୍ଧୀ ଗ୍ରାମ ବିକାଶ ଯୋଜନା ଅଧିନରେ ବ୍ୟବହାର୍ଯ୍ୟ ଆସେଟଗୁଡିକର ମାଲିକ ଓଡ଼ିଶା ସରକାର ହିଁ ହେବେ। ଯୋଜନାଭୁକ୍ତ ଅଂଚଳମାନଙ୍କର ଶକ୍ତି ଯୋଗାଣର ସକ୍ରିୟ ଓ ସଫଳ କାର୍ଯ୍ୟକାରିତା ପାଇଁ ଏହି ସବୁ ଆସେଟର ନିର୍ବାହନ ଓ ତୁଳାଜମା ପାଇଁ ଓଡ଼ିଶା ସରକାର ବଣ୍ଟନକାରୀ କଂପାନୀ ମାନଙ୍କୁ କ୍ଷମତାପ୍ରାପ୍ତ କରାଯାଇଛନ୍ତି।
- ବିଜୁଗ୍ରାମ ଜ୍ୟୋତି ଯୋଜନାର ସଫଳ ସଂପୂର୍ଣ୍ଣ କରଣ ହୋଇଥିଲେ ଆସେଟ ସମୂହ ସହ ପ୍ରୋଜେକ୍ଟ ଗୁଡିକୁ ନିର୍ଦ୍ଦିଷ୍ଟ ବଣ୍ଟନକାରୀ କଂପାନୀଙ୍କୁ ପରିଚାଳନା ପାଇଁ ହସ୍ତାନ୍ତରଣ କରାଯିବ । ତେବେ ଆସେଟଗୁଡିକର ମାଲିକାନାତ୍ୱ ନେଇ ଏ ପର୍ଯ୍ୟନ୍ତ ନିଷ୍ପତ୍ତି ସରିନାହିଁ। ଯେଣୁ ବଣ୍ଟନକାରୀ କଂପାନୀମାନେ ଆସେଟଗୁଡିକରୁ ପରିଣାମଗତ ଉପକାରିତା ପାଇବେ, ତେଣୁ ସେମାନେ ସରକାରଙ୍କ ଠାରୁ ନିର୍ବାହନ ଓ ତୁଳାଜମା ଖର୍ଚ୍ଚ ଦାବୀ କରିପାରିବେ ନାହିଁ।

- ଯେଉଁ ଉଚ୍ଚ ଶ୍ରେଣୀର ଉପଭୋକ୍ତାମାନେ ବିରତିହୀନ  ଶକ୍ତି ଯୋଗାଣ ଉପଭୋଗ କରିବାକୁ ସକ୍ଷମ, ସେମାନଙ୍କ ସଂପର୍କରେ ଆୟୋଗ ସ୍ଵତନ୍ତ୍ର ନିଷ୍ପତ୍ତି ଗ୍ରହଣ କରିପାରିନ୍ତି।

- ରାଜ୍ୟ ସରାକର ୫ ଟି ଶକ୍ତି ପୋଲିସ ଥାନା ପ୍ରତିଷ୍ଠା କରିଛନ୍ତି ଏବଂ ଆଉ ୨୯ ଟି ଶକ୍ତି ପୋଲିସ ଥାନାର ସୃଷ୍ଟି ପାଇଁ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ବିଜ୍ଞପିତ ଶକ୍ତି ପୋଲିସ ଥାନା ଗୁଡିକ ମଧ୍ୟରୁ ଢେଙ୍କାନାଳ, କେନ୍ଦ୍ରାପଡା ଓ ନୟାଗଡ ଠାରେ ୩ଟି ପୋଲିସ ଥାନା କାର୍ଯ୍ୟକରିବା ଆରମ୍ଭ ହୋଇଗଲାଣି। ସମୟକୁ ସମୟ ଏହିସବୁ ଶକ୍ତି ପୋଲିସ ଥାନାର କାର୍ଯ୍ୟକଳାପକୁ ସରକାର ତଦାରଖ କରୁଛନ୍ତି। ତେବେ, ଆଇଜି ସ୍ତରୀୟ ପୋଲିସ ଅଧିକାରୀଙ୍କ ଦ୍ଵାରା ଏହି ସବୁ ଶକ୍ତି ପୋଲିସ ଥାନାର କାର୍ଯ୍ୟପରିଚାଳନା ର ତତ୍ତ୍ଵାବଧାନ ପାଇଁ ଆୟୋଗଙ୍କର ସୁପାରିଶ ସରକାରଙ୍କର ବିଚାରାଧିନ ଅଛି। ଶକ୍ତି ସଂପର୍କିତ ମୋକଦ୍ଦମାଗୁଡିକର ପରିଚାଳନା ପାଇଁ ୫ ଟି ସ୍ଵତନ୍ତ୍ର ନ୍ୟାୟଳୟର ପ୍ରତିଷ୍ଠା କରାଯାଇଛି।

- ସରକାରୀ ବିଭାଗଗୁଡିକର ବିଦ୍ୟୁତ ଦେୟ ପରିଶୋଧ ପାଇଁ ବଜେଟରେ ବ୍ୟବସ୍ଥା ନିହିତ ଅଛି। ସରକାରୀ ବିଭାଗ ସମୂହର ବାକିଆ ଦେୟ ସଂପର୍କରେ ବଣ୍ଟନକାରୀ କଂପାନୀମାନେ ସଠିକ ହିସାବ କରିନାହାନ୍ତି, ଯାହା ସେମାନେ କରିବା ଉଚିତ୍। ଖିଲାପୀ ସରକାରୀ ବିଭାଗ, ସ୍ଵାୟତ୍ତଅନୁଷ୍ଠାନ ଓ ନିଗମଗୁଡିକ ଅନ୍ୟ ଯେ କୌଣସି ବ୍ୟକ୍ତିଗତ ଉପଭୋକ୍ତାଙ୍କ ସହ ସମାନ ଅଟନ୍ତି। ଅତଏବ, ସେମାନେ ଦେୟ ଦେବାର ଖିଲାପ କଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସ୍ଵରୂପ ସେମାନଙ୍କର ଶକ୍ତି ସଂଯୋଗ ମଧ୍ୟ ଛିନ୍ନ କରିବାକୁ ବଣ୍ଟନକାରୀ କଂପାମାନେ କ୍ଷମତାପ୍ରାପ୍ତ ଅଟନ୍ତି। ତା'ଛଡା ବିଦ୍ୟୁତ ଆଇନ, ୨୦୦୩ ର ବିଭାଗ ୧୨୬ ଅନୁଯାୟୀ ଦେୟ ଆଦାୟର ଅନ୍ୟାନ୍ୟ କୌଶଳ ମଧ୍ୟ ବଣ୍ଟନକାରୀ କଂପାନୀମାନେ  ପ୍ରୟୋଗ କରିବା ଉଚିତ୍।

- ଯେତେବେଳେ ଏବଂ ଯେମିତି ବାଂଛିତ ଭାବେ ଆବଶ୍ୟକ ହେଉଥିବ, ଉପଭୋକ୍ତାମାନଙ୍କୁ ବିରତିଶୂନ୍ୟ ଶକ୍ତି ଯୋଗାଣକୁ ନିଶ୍ଚିତ କରିବାକୁ ସରକାର ଏସ୍‌ମା ଲାଗୁ କରିପାରନ୍ତି।

- ଗୁଣବତ୍ତା ଭିତ୍ତିକ ଶକ୍ତି ଯୋଗାଣ କରି ଉପଭୋକ୍ତାଙ୍କୁ ସନ୍ତୋଷ ଦେଇ, ଆଦାୟ ଉତ୍କୃଷ୍ଟତାରେ ଉନ୍ନତି ଆଣି, ବଣ୍ଟନକ୍ଷତି ତଥା  ହାରାହାରି ବୈଷୟିକ ଓ ବ୍ୟବସାୟିକ କ୍ଷତିର ହ୍ରାସ କରି ଲାଭବାନ ହେବାକୁ ଆୟୋଗ ବଣ୍ଟନକାରୀ କଂପାନୀମାନଙ୍କୁ ନିର୍ଦ୍ଦେଶ ଦେଇପାରନ୍ତି।

- ତାପଜ ଶକ୍ତି ପ୍ଲାଣ୍ଟ ପାଇଁ ୨୧ ଟି ଆଇପିପି ସହ ବୁଝାମଣା ପତ୍ର ସ୍ଵାକ୍ଷର କରି ଏବଂ କ୍ଷୁଦ୍ର ଜଳ ବିଦ୍ୟୁତ ପ୍ରୋଜେକ୍ଟ ପ୍ରତିଷ୍ଠା ପାଇଁ ୩୨ ଟି ବୁଝାମଣା ପତ୍ର ସ୍ଵାକ୍ଷର କରି ରାଜ୍ୟ ସରକାର ଅଧିକ ଶକ୍ତି ଉତ୍ପାଦନ ଉଦ୍ଦେଶ୍ୟରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିଛନ୍ତି। ୨୧ ଟି ଆଇପିପି ମଧରୁ 'ଷ୍ଟେରଲାଇଟ ଏନର୍ଜି' ଗୌଣ ଉପଯୋଗ ପରେ, ୨୦୧୦ ମାର୍ଚ୍ଚରେ ତା'ର ୧ମ ୟୁନିଟରୁ ୫୦୦ ରୁ ୫୫୦ ଲକ୍ଷ ୟୁନିଟର ଶକ୍ତି ବାହାରକୁ ଦେବ। ୬୦୦ ଲକ୍ଷ  ୟୁନିଟ କ୍ଷମତାର ୨ୟ ୟୁନିଟ ୨୦୧୦ର ଶେଷ ଆଡକୁ ଶକ୍ତି ଯୋଗାଣ କରିବ। ସେହିଭଳି, ଆରତୀ ଷ୍ଟିଲ ଓ ଶ୍ୟାମ ଡିଆରଆଇ ଯଥାକ୍ରମେ ସେମାନଙ୍କର ୫୦ ଲକ୍ଷ ୟୁନିଟ ଓ ୩୦ ଲକ୍ଷ ୟୁନିଟର ପାଓ୍ଵାର ପ୍ଲାଣ୍ଟରୁ ଶକ୍ତି ଯୋଗାଣ କରିବାକୁ ରାଜି ହୋଇଛନ୍ତି।ନିର୍ଗତ ଶକ୍ତିକୁ ତ୍ଵରାନ୍ଵିତ କରିବାକୁ ଓପିଟିସିଏଲକୁ ମଧ ନିର୍ଦ୍ଦେଶ ଦିଆଯାଇଛି।

- ଗ୍ରୀଡକୋ ତା'ର ନିଅଣ୍ଟିଆ ପରିସ୍ଥିତିକୁ ସୁଧାରିବା ପାଇଁ ବିନା ସୁଧରେ ୪୭୦୦ କୋଟି ଟଙ୍କାର ଋଣ ଦେବାକୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଥିଲା। ୪ ବର୍ଷ ପାଇଁ ବିଚାର ଯୋଗ୍ୟ ଏହି ଋଣ ସଂପର୍କରେ ସରକାର କିଛି ନିଷ୍ପତ୍ତି ନେଇ ନାହାନ୍ତି। ତେବେ, ଆରଇସିରୁ ଋଣ ପାଇବାକୁ ଗ୍ରୀଡକୋକୁ ଗ୍ୟାରେଣ୍ଟି ସମୟର ବୃଦ୍ଧି ପାଇଁ ସରକାର ଚିନ୍ତା କରୁଛନ୍ତି।

• ୨୦୧୦-୧୧ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଗ୍ରୀଡକୋ/ଓଏଚପିସିର ଆସେଟସମୂହର ଉର୍ଦ୍ଧ୍ୱ ମୂଲ୍ୟାୟନ ପ୍ରକ୍ରିୟାକୁ ବିଚାରାଧିନ ଅବସ୍ଥାରେ ସ୍ଥଗିତ ରଖାଯାଇଛି। ଏହି ପ୍ରସଂଗିତ ବିଜ୍ଞପ୍ତିର ସଂଶୋଧନ ଉପରେ ଓଇଆରସିଙ୍କ ପରାମର୍ଶକ୍ରମେ ସରକାରଙ୍କର ଆଦେଶନାମା କାର୍ଯ୍ୟକାରୀ କରାଯିବ।

<u>ରାଜ୍ୟ ଉପଦେଷ୍ଟା କମିଟିର ପର୍ଯ୍ୟବେକ୍ଷଣ:</u>

୨୪୯. ଓଏଚ୍‌ପିସି, ଓପିଟିସିଏଲ, ଗ୍ରୀଡକୋ,ସେସୁ , ନେସକୋ , ୱେସକୋ ଓ ସାଉଥକୋ ଆଦି ବିଦ୍ୟୁତ ଶକ୍ତି ବିନିଯୋଗକାରୀ କର୍ତ୍ତୃପକ୍ଷଙ୍କର ବାର୍ଷିକ ରାଜସ୍ୱ ଆବଶ୍ୟକତା ଓ ଦରସୂଚୀ ନିର୍ଦ୍ଧାରଣଜନିତ ଆବେଦନପତ୍ର ଉପରେ ପର୍ଯ୍ୟବେକ୍ଷଣ ଜନିତ ମୂଲ୍ୟାୟନ କରିବାକୁ ବିଦ୍ୟୁତ ଆଇନ ୨୦୦୩ ର ବିଭାଗ -୮୭ ମୂଳେ ଗଠିତ ରାଜ୍ୟ ଉପଦେଷ୍ଟା କମିଟି (ସାକ୍)ର ଏକ ବୈଠକ ୧୮, ଫେବୃୟାରୀ,୨୦୧୦ରେ ଆହୂତ ହୋଇଥିଲା। ସେହି ବୈଠକରେ ସାକ୍ ନିମ୍ନଲିଖିତ ଅନୁଧ୍ୟାନ ଓ ପର୍ଯ୍ୟବେକ୍ଷଣ କରିଥିଲା।

• ଅତୀତରେ ନିୟମିତ ସମୟ ବ୍ୟବଧାନରେ ଟାରିଫ ବୃଦ୍ଧି କରାଯାଇଛି; ଅର୍ଥାତ୍ ପ୍ରାକ୍ ବିଦ୍ୟୁତ ଶକ୍ତି ସଂସ୍କାର ଏବଂ ସଂସ୍କାରିତ ସମୟର ପରେ ପରେ ଏହା କରାଯାଇଛି। ୧.୪.୧୯୯୬ ଠାରୁ ଏହା କାର୍ଯ୍ୟକାରୀ ହୋଇ ଆସୁଛି; କିନ୍ତୁ ୨୦୦୧- ୦୨ଆର୍ଥିକବର୍ଷ ଠାରୁ ହାରାହାରି ଟାରିଫ ଊଣା ଅଧିକ ସମାନ ରହିଆସିଛି। ଶକ୍ତି ସେକ୍ଟରର ସଂସ୍କାର ପୂର୍ବରୁ ୧୯୯୩-୯୪ ରେ ଏହି ହାରାହାରି ଟାରିଫ ବୃଦ୍ଧି ଥିଲା ୨୮.୫୮ %, ୧୯୯୪-୯୫ ରେ ୧୭.୦୭%,। ତାପରେ ପରେ ୧୯୯୬-୯୭ରେ ଟାରିଫ ବୃଦ୍ଧି ୧୭%, ୧୯୯୭-୯୮ରେ ୧୦.୩୩%,୧୯୯୮-୯୯ ରେ ୯.୩୦%, ୧୯୯୯-୨୦୦୦ ରେ ୪.୫୦%, ୨୦୦୦-୦୧ ରେ ୧୦.୨୩% ହୋଇଛି ୨୦୦୧-୦୨ ଠାରୁ ୨୦୦୯-୧୦ ବର୍ଷ ପର୍ଯ୍ୟନ୍ତ ହାରାହାରି ଟାରିଫର କୌଣସି ବୃଦ୍ଧି ଘଟି ନାହିଁ। ଯଦି ଏହାକୁ ସମୁଦାୟ ଦର ସୂଚକାଙ୍କର ବୃଦ୍ଧି ସହ ତୁଳନା କରାଯାଏ, ତେବେ ଦେଖାଯିବ ଯେ ସମୁଦାୟ ଦର ସୂଚକାଙ୍କର ବୃଦ୍ଧି ତୁଳନାରେ ୧୯୯୫-୯୬ ଠାରୁ ୨୯.୭୯% ଦ୍ୱାରା ଟାରିଫ ବୃଦ୍ଧିର ହ୍ରାସ ଘଟିଛି। ୨୦୦୧-୦୨ ଠାରୁ ଯେତେବେଳେ ବିଭିନ୍ନ ସାମଗ୍ରୀର ଦରବୃଦ୍ଧି ଘଟିଛି ଓ କର୍ମଚାରୀଙ୍କ ବେତନ ବୃଦ୍ଧି ଘଟିଛି, ସେହି ପରିପ୍ରେକ୍ଷୀରେ ବିଦ୍ୟୁତ ଶକ୍ତିର ଟାରିଫ ମଧ ବଢିବାକୁ ବାଧ୍ୟ ଅଟେ, ଯାହା ଦର ଯୁକ୍ତ ନିୟମରେ ଆଧାରିତ ଅଟେ। ନଚେତ ଶକ୍ତି ବିନିଯୋଗକାରୀ କର୍ତ୍ତୃପକ୍ଷଙ୍କର ଆର୍ଥିକ ସ୍ଥିତିଶୀଳତା ଓ ଗତିଶୀଳତା ସାଙ୍ଘାତିକ ଭାବେ ପ୍ରଭାବିତ ହେବ ଓ ଦୋହଲିଯିବ।

• କର୍ମଚାରୀମାନଙ୍କର ବେତନ ବଢିଛି। ଠିକା ମଜୁରିଆଙ୍କର ମଜୁରୀ ବଢିଛି। କୋଇଲା ଓ ଅନ୍ୟାନ୍ୟ ସାମଗ୍ରୀର ଦର ବଢିଛି। ରାଜ୍ୟରେ ଜଳଜ ବିଦ୍ୟୁତ ଶକ୍ତି ଉତ୍ପାଦନରେ ପ୍ରତିଶତ ହାର କମିଛି। ୨୦୦୪-୦୫ ରେ ଏହା ୫୬.୬୭ ପ୍ରତିଶତ ଥିଲାବେଳେ ୨୦୦୮-୦୯ରେ ୩୦.୩୩ ପ୍ରତିଶତ ହୋଇଛି। ୨୦୦୯-୧୦ ରେ ଜଳଜ ବିଦ୍ୟୁତର ଉତ୍ପାଦନ ହାର ୩୦ ପ୍ରତିଶତ ତଳକୁ ଖସିଆସିଛି। ଏଭଳି ଅବସ୍ଥାରେ ଟାରିଫ ବୃଦ୍ଧି ହେବାକୁ ବାଧ୍ୟ । ଏହା ସତ୍ତ୍ୱେ ଉପଭୋକ୍ତାମାନଙ୍କର ଦେୟ ପ୍ରଦାନର ସାମର୍ଥ୍ୟକୁ ମଧ୍ୟ ଆୟୋଗ ଦୃଷ୍ଟିରେ ରଖିବାକୁ ପଡିବ।

• ସଂପ୍ରତି, ବଣ୍ଟନକାରୀ କଂପାନୀଙ୍କ ଦ୍ୱାରା ଯୋଗାଇ ଦିଆଯାଇଥିବା ଶକ୍ତି-ସେବାର ମାନ ସନ୍ତୋଷଜନକ ହେଉନାହିଁ। ମୁଖ୍ୟତଃ ଗ୍ରାମାଞ୍ଚଳମାନଙ୍କରେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ କାଟ ହେଉଛି। ପୋଡ଼ି ଯାଉଥିବା ଟ୍ରାନ୍ସଫରମରଗୁଡିକୁ ବଦଳାଇବାକୁ ବଣ୍ଟନକାରୀ କଂପାନୀମାନେ ଅହେତୁକ ବିଳମ୍ବ କରୁଛନ୍ତି। ସେହିଭଳି, ଅନ୍ୟାନ୍ୟ ମରାମତି ଓ ପୁନରୁଦ୍ଧାର କାର୍ଯ୍ୟରେ ମଧ୍ୟ ବିଳମ୍ବ ଘଟୁଛି। ଉପଭୋକ୍ତାମାନେ ଉପଯୁକ୍ତ ସେବା ପାଉନଥିବା

ପରିପ୍ରେକ୍ଷୀରେ ଟାରିଫ ବୃଦ୍ଧି ହେଲେ ସେମାନଙ୍କ ମଧରେ ତିକ୍ତତା ସୃଷ୍ଟି ହେବ। ଅତଏବ, ଟାରିଫ ବୃଦ୍ଧି ସହ ସମତାଳରେ ସେବାରେ ଉନ୍ନତି ଘଟିବା ବାଂଛନୀୟ।

• ଟାରିଫ ବୃଦ୍ଧିରୁ ଉପାର୍ଜିତ ଅର୍ଥକୁ ଗ୍ରୀଡକୋ ପାଖରେ ଏକ ପୃଥକ ଜମାରେ ରଖାଯିବା ଉଚିତ ଏବଂ ସେହି ଜମାରୁ ଅର୍ଥ ଆଣି ଉପଭୋକ୍ତାଙ୍କୁ ଭଲ ମାନର ବିଦ୍ୟୁତ ସେବା ଯୋଗାଇ ଦେବା ନିମନ୍ତେ ବଣ୍ଟନ ନେଟୱ୍ୱାର୍କରେ ଖର୍ଚ୍ଚ କରାଯିବା ଉଚିତ।

• ଟାରିଫ ବୃଦ୍ଧି କଲାବେଳେ ଧ୍ୟାନ ଦିଆଯିବା ଉଚିତ , ଯେପରି ଶିଳ୍ପସଂସ୍ଥାମାନଙ୍କ ଦ୍ୱାରା ଅନ୍ୟ ଉପଭୋକ୍ତାମାନଙ୍କୁ ଦିଆଯାଉଥିବା କ୍ରସ-ସବସିଡି ହ୍ରାସ ପାଉଥିବ, ଏବଂ ଟାରିଫ ନୀତି ଅନୁଯାୟୀ , ହାରାହାରି ଯୋଗାଣ ଦରର ±୨୦% ମଧ୍ୟରେ ରହୁଥିବ।

• ଜଳବିଦ୍ୟୁତ ଉତ୍ପାଦନ କରାଯାଉଥିବା ଜଳ ଭଣ୍ଡାରଗୁଡିକ କ୍ରମଶଃ ବାଲୁକା ଦ୍ୱାରା ପୋତି ହୋଇଯାଏ। ସମୟକୁ ସମୟ ସେଗୁଡିକୁ ଖୋଳାଯିବା ବାଂଛନୀୟ। ଏହା ଫଳରେ ବର୍ଷାଋତୁ ବାଦ ଅନ୍ୟ ଋତୁରେ ମଧ୍ୟ ନିମ୍ନ ଦର-ମାନର ଶକ୍ତି ଉତ୍ପାଦନ କରାଯାଇପାରିବ।

• ଉପଭୋକ୍ତାଙ୍କୁ ସନ୍ତୋଷଜନକ ସେବା ପ୍ରଦାନ ଓ ସଂପନ୍ନ ଆର୍ଥିକ ସ୍ଥିତିଶୀଳତାର ବଡ ବାଧକ ହେଉଛି 'ହାରାହାରି ବୈଷୟିକ ଓ ବ୍ୟବସାୟିକ କ୍ଷତି'(ଏଟି ଆଣ୍ଡ ସି, ଲସ୍)। ୨୦୦୮-୦୯ର ଶେଷ ଆଡକୁ ଏହି କ୍ଷତିର ପରିମାଣ ୪୧.୭%ଥିଲା। ୨୦୦୯-୧୦ ଆର୍ଥିକ ବର୍ଷର ସେପ୍ଟେମ୍ବର ୩୦ ସୁଦ୍ଧା ଏଟି ଆଣ୍ଡ ସି କ୍ଷତି ୪୦.୨୭% ଥିବା ଜଣାପଡିଛି। ଯଦିଓ, ୧୯୯୮-୯୯ରେ ଏଟି ଆଣ୍ଡ ସି କ୍ଷତି ୬୦.୯% ଓ ୧୯୯୯-୨୦୦୦ରେ ୫୬.୭%ରୁ ୨୦୦୮-୦୯ର ଶେଷ ଆଡକୁ ୪୧.୩%କୁ କମିଛି, ତେବେ ଏହି କମିବା ହାର ଖୁବ କମ । ତା'ଛଡା, ଏଭଳି ବି ଦେଖାଯାଇଛି ଯେ , ଗୋଟିଏ ଆର୍ଥିକ ବର୍ଷର ବିଭିନ୍ନ ସମୟରେ ବି ଏଟି ଆଣ୍ଡ ସି କ୍ଷତି କମ। ବେଶୀ ହୋଇଛି। ଏକ ପ୍ରତିଶତର ଏଟି ଆଣ୍ଡ ସି କ୍ଷତିକୁ ହିସାବକୁ ନେଲେ ବାର୍ଷିକ ଆନୁମାନିକ ୪୮ କୋଟି ଟଙ୍କାର କ୍ଷତି ହେଉଥିବା ଜଣା ପଡିଛି। ସାଂପ୍ରତିକ ସ୍ତରର ୪୧.୩୦ %ରୁ ଯଦି ହାରାହାରି ବୈଷୟିକ ଓ ବ୍ୟବସାୟିକ କ୍ଷତି ପାଖାପାଖି ୩୦% କୁ କମିଯାଏ, ତେବେ ବଣ୍ଟନ ନେଟୱ୍ୱାର୍କର ଉନ୍ନତି ଓ ବିସ୍ତାରଣ ପାଇଁ ଶକ୍ତି ସେକ୍ଟରକୁ ୫୮୮ କୋଟି ବା ୬୦୦ କୋଟି ଟଙ୍କା ମିଳିଯିବ। ଅତଏବ, ବଣ୍ଟନକାରୀ କଂପାନୀମାନେ ଏହି ହାରାହାରି ବୈଷୟିକ ଓ ବ୍ୟବସାୟିକ କ୍ଷତି ବା ଏଟି ଆଣ୍ଡ ସି କ୍ଷତିକୁ କମାଇବାକୁ ସକ୍ରିୟ ପଦକ୍ଷେପ ଗ୍ରହଣ କରିବା ଉଚିତ ଓ ସରକାର କଂପାନୀମାନଙ୍କର ତଜ୍ଜନିତ ପ୍ରୟାସ ଓ ନିଷ୍ଠାକୁ ଆବଶ୍ୟକୀୟ ସହାୟତା ପ୍ରଦାନ କରିବା ଉଚିତ।ହୁକ ପକାଇ ବିଦ୍ୟୁତ ଚୋରି କରିବା, ମିଟରର ବାଇ ପାସ୍ କରିବା ତଥା ଅନ୍ୟାନ୍ୟ ଅସାଧୁ ଉପାୟରେ ଶକ୍ତି ଚୋରିକୁ ରୋକିବାକୁ ସରକାରଙ୍କର ସକ୍ରିୟ ସହଯୋଗ ଅବଶ୍ୟ ଲୋଡା ଅଟେ। ତା'ଛଡା କ୍ଷତି ହ୍ରାସ ଦ୍ୱାରା ରାଜ୍ୟର ଶକ୍ତି ଆବଶ୍ୟକତାକୁ ମଧ୍ୟ ପରିପୂରଣ କରିହେବ।ଏହି ପରିପ୍ରେକ୍ଷୀରେ ଏଭଳି ବ୍ୟବସ୍ଥା ହେବା ଉଚିତ ଯେ, ଯେଉଁ ବଣ୍ଟନକାରୀ କଂପାନୀମାନେ କ୍ଷତି ହ୍ରାସର ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରୁଥିବେ, ସେମାନଙ୍କୁ ଟାରିଫରେ ପାରିତୋଷିକ ପ୍ରଦାନ କରାଯିବ ଓ ଯେଉଁମାନେ ତାହା କରିପାରୁ ନଥିବେ, ସେମାନଙ୍କୁ ଜୋରିମାନା ଦଣ୍ଡରେ ଦଣ୍ଡିତ କରାଯିବ।

• ବିଦ୍ୟୁତ ଆଇନ ଅନୁଯାୟୀ ବଣ୍ଟନକାରୀ କଂପାନୀମାନେ ବିଭିନ୍ନ ଉପଭୋକ୍ତାଙ୍କଠାରୁ ବାକିଆ ଦେୟ ଆଦାୟ କରିବାକୁ ସକ୍ରିୟ ପଦକ୍ଷେପ ଗ୍ରହଣ କରିବା ଉଚିତ। ଦେବାଳିଆ ଉପଭୋକ୍ତାଙ୍କୁ ଉପଯୁକ୍ତ ନୋଟିସ ଦେଇ ସେମାନଙ୍କର ସେବା ସଂଯୋଗ ଛିନ୍ନ କରିବା ଉଚିତ। ଚୋରି ରୋକିବା କିମ୍ବା ଉପଭୋକ୍ତା ସେବା ସଂଯୋଗ ଛିନ୍ନ କରିବା (ବାକିଆ ଦେୟ ନଦେବା ଜନିତ )ଯୋଗୁ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଲେ, ସେହି ଅଂଚଳର ପୋଲିସ ପ୍ରଶାସନ ବଣ୍ଟନକାରୀ କଂପାନୀମାନଙ୍କୁ ସକ୍ରିୟ ସହଯୋଗ ଓ ସହାୟତା ପ୍ରଦାନ କରିବା ଉଚିତ। ଏ

ଦିଗରେ ରାଜ୍ୟ ସରକାର  ବିହିତ ଆଦେଶନାମା ଜାରି କରିପାରନ୍ତି। ତା'ଛଡା ଶକ୍ତି ପୋଲିସ ଥାନାଗୁଡିକର କାର୍ଯ୍ୟ ପରିଚାଳନା ଓ ନିର୍ବାହନର ଉପଯୁକ୍ତ ତତ୍ତ୍ୱାବଧାନ କରିବାରେ ମଧ୍ୟ ସରକାର ତତ୍ପରତା ପ୍ରକାଶ କରିବା ଉଚିତ। ଶକ୍ତି ଅପରାଧ  ସଂପର୍କିତ ମାମଲାଗୁଡିକର ପ୍ରତିଶେଧାତ୍ମକ ବ୍ୟବସ୍ଥା କରିବା ପାଇଁ ସରକାରୀ ବିଭାଗ, ସହରାଞ୍ଚଳର ସ୍ୱାୟତ୍ତ ଶାସିତ ସଂସ୍ଥା, ସାଧାରଣ ବିଭାଗୀୟ ଉଦ୍ୟୋଗ ସମୂହ, ସ୍ୱୟଂଶାସିତ ପ୍ରତିଷ୍ଠାନ ସମୂହ ତଥା ସମବାୟ ସଂସ୍ଥାଗୁଡିକ ବାକିଆ ଦେୟ ଦେଉନାହାନ୍ତି; ଏବଂ ଶକ୍ତି ଚୋରି ରୋକା ଯାଇପାରୁନାହିଁ। ସେହିଭଳି ଅବସ୍ଥାରେ ସରକାରଙ୍କ ସକ୍ରିୟ ସହାୟତା ବିନା କୌଣସି ଆଖିଦୃଶିଆ ଉନ୍ନତି ଘଟିପାରିବ ନାହିଁ।

• ଭିନ୍ନ ଭିନ୍ନ ଆଇଟମ ଉପରେ ଶକ୍ତି ବିନିଯୋଗକାରୀ କର୍ତ୍ତୃପକ୍ଷମାନଙ୍କ ଦ୍ୱାରା ପ୍ରଦର୍ଶିତ ରାଜସ୍ୱ ଆବଶ୍ୟକତାକୁ ଆୟୋଗ ଖୁବ ସତର୍କତାର ସହ ଯାଞ୍ଚ କରିବା ଉଚିତ ଓ କେବଳ ଯୁକ୍ତିଯୁକ୍ତ ଖର୍ଚ୍ଚକୁ ଅନୁମତି ଦେବା ଉଚିତ। ଷଷ୍ଠ ବେତନ ଆୟୋଗଙ୍କ ସୁପାରିଶର କାର୍ଯ୍ୟକାରିତାରୁ ସୃଷ୍ଟି ହୋଇଥିବା କର୍ମଚାରୀମାନଙ୍କୁ ସଂଶୋଧିତ ବେତନ ଓ ବାକିଆ ବେତନ ପ୍ରଦାନ ସେମାନଙ୍କର କାର୍ଯ୍ୟ ନିର୍ବାହନର ଉତ୍କୃଷ୍ଟତା ସହ ସଂପର୍କିତ ହେବା ଉଚିତ। ୧.୪.୨୦୧୦ ସୁଦ୍ଧା ବିଭିନ୍ନ ଦେବାଳିଆ ଉପଭୋକ୍ତାଙ୍କଠାରୁ ସ୍ଥୁଳ ପରିମାଣର ବାକିଆ ଦେୟ ଆଦାୟ ହୋଇସାରିଥିଲେ ଓ କର୍ମଚାରୀମାନଙ୍କର ସେବାର ଗୁଣବତ୍ତାରେ ଉନ୍ନତି ପରିଲକ୍ଷିତ ହୋଇଥିଲେ, କେବଳ ସେହି ପରିପ୍ରେକ୍ଷୀରେ କର୍ମଚାରୀମାନଙ୍କୁ ସଂସ୍କରିତ ବାକିଆ ବେତନ ଦିଆଯିବା ଉଚିତ। ତେବେ, ସଂଗୃହୀତ ବାକିଆ ଦେୟର ପରିମାଣକୁ ଆଖି ଆଗରେ ରଖି କର୍ମଚାରୀଙ୍କୁ ସେମାନଙ୍କର ବାକିଆ ବେତନ ମଧ୍ୟ ପ୍ରଦାନ କରିବା ଉଚିତ।

• ବଣ୍ଟନକାରୀ କଂପାନୀମାନେ ପ୍ରଦର୍ଶନ କରିଥିବା ପୂର୍ବବର୍ଷମାନଙ୍କର କ୍ଷତି ସ୍ତର କିମ୍ବା ୨୦୦୯-୧୦ ଓ ୨୦୧୦-୧୧ଆର୍ଥିକ ବର୍ଷର କ୍ଷତି ସ୍ତରକୁ ଆୟୋଗ ଗ୍ରହଣ କରିବା ଉଚିତ ନୁହେଁ। ଶକ୍ତି କିଣାର ଦର ଉପରେ ଖର୍ଚ୍ଚକୁ ଅନୁମତି ଦିଆଯିବା ଉଚିତ। ପ୍ରଦର୍ଶିତ ଅନ୍ୟାନ୍ୟ ଆନୁଷଙ୍ଗିକ ଖର୍ଚ୍ଚ ପାଇଁ ଅନୁମତି ଆୟୋଗଙ୍କ  ଅନୁମୋଦିତ କ୍ଷତି ସ୍ତର ଅନୁଯାୟୀ ହେବା ଉଚିତ, କିନ୍ତୁ ବଂଟନକାରୀ କଂପାନୀମାନେ ପ୍ରଦର୍ଶନ କରିଥିବା କ୍ଷତି ସ୍ତର ଅନୁଯାୟୀ ନୁହେଁ। ସେହି ଅନୁଯାୟୀ ବାସ୍ତବାୟନ ପ୍ରକ୍ରିୟା କାର୍ଯ୍ୟକାରୀ ହେବା ଉଚିତ ଏବଂ କଡାକଡି ଭାବେ ଆୟୋଗଙ୍କ ଦ୍ୱାରା ଅନୁମୋଦିତ ନିର୍ବାହନର ମାପଦଣ୍ଡକୁ ଭିତ୍ତି କରି ନିୟାମକ ଆସେଟ ସମୂହର ସୃଷ୍ଟି କରାଯିବା ଉଚିତ।

• ଶକ୍ତି ଚୋରି ରୋକିବା ପାଇଁ , ଦେବାଳିଆ ଉପଭୋକ୍ତାଙ୍କ ଠାରୁ ଦେୟ ଆଦାୟ କରିବା ପାଇଁ ଏବଂ ଦେୟ ଆଦାୟ ନ ହେବା ଯୋଗୁ ସେମାନଙ୍କଠାରୁ ସେବା ସଂଯୋଗ ଛିନ୍ନ କରିବା ଆଦି କାରଣରୁ ଯେମିତି ବଂଟନକାରୀ କଂପାନୀ ଓ ସରକାରଙ୍କ ତରଫରୁ  ଶକ୍ତି ପୋଲିସ ଥାନାର ଆବଶ୍ୟକତା ଅଛି, ସେମିତି ଶକ୍ତି ଯୋଗାଣର ଗୁଣବତ୍ତା ବୃଦ୍ଧି ପାଇଁ ଓ ବୈଷୟିକ କ୍ଷତି ହ୍ରାସ ଉଦ୍ଦେଶ୍ୟରେ ପଦ୍ଧତିଗତ ଉନ୍ନୟନ ପାଇଁ ମୂଳଧନ ନିବେଶର ଆବଶ୍ୟକତା ମଧ୍ୟ ଅଛି। ଅତଏବ, ପଦ୍ଧତିଗତ ବିକାଶ ପାଇଁ ସରକାର ଓ ବଣ୍ଟନକାରୀ କଂପାନୀମାନେ ମିଳିତ ଭାବେ ଆଗେଇ ଆସିବା ଉଚିତ। ସରକାରଙ୍କଠାରୁ କୌଣସି ଅର୍ଥ ବଣ୍ଟନକାରୀ କଂପାନୀଙ୍କ ଉଦ୍ଦେଶ୍ୟରେ ମଂଜୁର ହେଉଥିଲେ, ତାହା ଗ୍ରୀଡକୋ ଜରିଆରେ ପାସ୍ କରାଯିବା ଉଚିତ। ଏହା ବାଦ୍ ପଦ୍ଧତିଗତ ଉନ୍ନୟନ ବାବଦକୁ ମଂଜୁରୀ ବ୍ୟୟ ପରିମାଣକୁ ସଂପାଦକ, ଶକ୍ତି, ଇଆଇସି(ବିଦ୍ୟୁତ), ସିଏମଡି, ଗ୍ରୀଡକୋ ଏବଂ ୪ ଟିଯାକ ବଣ୍ଟନକାରୀ କଂପାନୀଙ୍କର ସିଇଓ ମାନଙ୍କୁ  ନେଇ ଗଠିତ ଏକ କମିଟି ଦ୍ୱରା ପୁନଃ ମତାୟନ କରାଯିବା ଉଚିତ। ତେବେ, ଏହି କାର୍ଯ୍ୟରେ ସମୟକୁ ସମୟ ଆୟୋଗଙ୍କର ସାମୁଦାୟିକ ତଦାରଖ ଓ ତତ୍ତ୍ୱାବଧାନ ରହିଥିବା ବଂଛନୀୟ।

• ଶକ୍ତି ଉତ୍ପାଦନ ଓ ସରବରାହ ଦର  ବଢିଲେ ତା'ର ପ୍ରତିଫଳନ ପାଇକାରୀ ତାରିଫ ଉପରେ ପଡିଥାଏ। ଅତଏବ, ପାଇକାରୀ ତାରିଫରେ ଆଖି ଦୃଶିଆ ପରିମାଣର ଦରବୃଦ୍ଧିକୁ ରୋକିବାକୁ ହେଲେ ଓଏଚପିସି, ଓପିଟିସିଏଲ

ଓ ଗ୍ରୀଡକୋକୁ ଉତ୍କୃଷ୍ଟତାର ସହ କାର୍ଯ୍ୟ ନିର୍ବାହନ କରିବାକୁ ପଡିବ, ଯଦ୍ଦ୍ୱାରା ଶକ୍ତିର ଉତ୍ପାଦନ ଓ ସରବରାହ ଦର ଏକ ଯୁକ୍ତିଯୁକ୍ତ ଓ ନିର୍ଭରଯୋଗ୍ୟ ସ୍ତରରେ ହିଁ ସ୍ଥିର ରହିବ।

• ୨୦୦୭-୦୮ ଆର୍ଥିକ ବର୍ଷ ପର୍ଯ୍ୟନ୍ତ କମ ଦରରେ ଗ୍ରୀଡକୋ ବଣ୍ଟନକାରୀ କଂପାନୀମାନଙ୍କୁ ଶକ୍ତି ଯୋଗାଇ ଆସୁଥିଲା। କାରଣ ସେତେବେଳେ ଜଳ ବିଦ୍ୟୁତ ଉତ୍ପାଦନକାରୀ ଷ୍ଟେସନମାନଙ୍କରୁ ଅଧିକ ପରିମାଣର ଶକ୍ତି ଉତ୍ପାଦନ ସାଂଗକୁ ଗ୍ରୀଡକୋର କିଣା ଦର ଓ ବଂଟନକାରୀ କଂପାନୀମାନଙ୍କୁ ଯୋଗାଣ ଦର ମଧ୍ୟରେ ଅଧିକ ତାରତମ୍ୟ ଯେଉଁ କ୍ଷତି ହେଉଥିଲା, ତାହାକୁ ବଳକା ଶକ୍ତିକୁ ବିକ୍ରୀ କରି ଗ୍ରୀଡକୋ ଭରଣା କରିପାରୁଥିଲା। ଉପଭୋକ୍ତାଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଛି ଓ ୨୦୧୧-୧୨ ସୁଦ୍ଧା ଏହା ୬୮ ଲକ୍ଷ ପର୍ଯ୍ୟନ୍ତ ହେବାର ସମ୍ଭାବନା ରହିଛି ଏବଂ ପରିଣାମତଃ ଶକ୍ତି ଚାହିଦାର ମଧ୍ୟ ବୃଦ୍ଧି ଘଟୁଛି। ଏହା ବାଦ୍, ସମୁଦାୟ ଚାହିଦା ଅନୁଯାୟୀ ଜଳ ବିଦ୍ୟୁତ ଶକ୍ତିର ଉତ୍ପାଦନର ଅନୁପାତ ମଧ୍ୟ ଦିନକୁ ଦିନ ହ୍ରାସ ପାଉଛି। ୨୦୦୪-୦୫ରେ ଏହି ଅନୁପାତ ୫୬.୬୭% ଥିଲା ବେଳେ ୨୦୦୮-୦୯ରେ ଏହା ୩୦.୩୩%କୁ କମି ଆସିଥିଲା ଏବଂ ଏହି ଅନୁପାତ ଆଗାମୀ ବର୍ଷମାନଙ୍କରେ ଆହୁରି କମିଯିବାର ଆଶଙ୍କା ରହିଛି। ତେଣୁ, ବିଭିନ୍ନ ଉତ୍ସରୁ ଉଚ୍ଚା ଦରର ତାପଜ ବିଦ୍ୟୁତ ଶକ୍ତି କିଣା ହୋଇ ଆସିବାର ଆବଶ୍ୟକତା ପଡିବ। ପାଇକାରୀ ଯୋଗାଣ ତାରିଫକୁ ଏକ ସୁସଂହତ ସ୍ତରରେ ସ୍ଥିର ରଖିବାକୁ ହେଲେ ଅର୍ଥ ମଂଜୁରୀ /ଋଣ କିମ୍ବା ରାଜ୍ୟ ସରକାର ଗ୍ୟାରେଣ୍ଟି କିମ୍ବା ଏ ସବୁର ମିଶ୍ରିତ ରୂପରେ ସରକାର ଗ୍ରୀଡକୋକୁ ଆର୍ଥିକ ସହାୟତାର ବ୍ୟବସ୍ଥା କରିବା ଉଚିତ।

• ୨୦୧୦-୧୧ ଆର୍ଥିକ ବର୍ଷ ଏବଂ ତା' ପରବର୍ତ୍ତୀ ସମୟ ପାଇଁ ତାରିଫ ବୃଦ୍ଧି ସଂପର୍କରେ ହିସାବ କରାଯିବା ପରିପ୍ରେକ୍ଷୀରେ ଉପଭୋକ୍ତାଙ୍କର ଦେୟ ପ୍ରଦାନ ଜନିତ ଆର୍ଥିକ ଅବସ୍ଥାକୁ ବିଚାରକୁ ନିଆଯିବା ଉଚିତ। ତା'ସହ , କମ ଦରହାରରେ ରାଜ୍ୟର ଅନୁସୂଚିତ ଜାତି ଓ ଉପଜାତିର ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ଛାତ୍ରାବାସଗୁଡିକୁ ରିହାତି ଦରହାରରେ ଶକ୍ତି ଯୋଗାଣର ଆବଶ୍ୟକତାକୁ ଆୟୋଗ ମଧ ଦୃଷ୍ଟିରେ ରହିବା ବାଂଛନୀୟ।

• ନିର୍ଦ୍ଧିଷ୍ଟ ଆର୍ଥିକ ବର୍ଷ ଉଦ୍ଦେଶ୍ୟରେ ଆୟୋଗଙ୍କ ଦ୍ୱାରା ସ୍ଥିରୀକୃତ ନିର୍ବାହନ ଜନିତ ବିବିଧ ମାପଦଣ୍ଡସମୂହକୁ ହାସଲ କରିବାରେ ଓ ଶକ୍ତି ସେବାର ନିର୍ଦ୍ଧାରିତ ମାନଦଣ୍ଡ ସମୂହକୁ ବ୍ୟବସ୍ଥିତ କରିବାରେ ବଂଟନକାରୀ କଂପାନୀମାନେ ଅସଫଳ ହେଉଥିଲେ, ସେମାନଙ୍କୁ ଜୋରିମାନା ଦଣ୍ଡରେ ଦଣ୍ଡିତ କରିବାକୁ ଆୟୋଗ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବା ଉଚିତ।

• ଗ୍ରୀଡକୋର ପ୍ରକୃତ ଶକ୍ତି କ୍ରୟ ଦର ଓ ଆୟୋଗଙ୍କ ଦ୍ୱାରା ଅନୁମୋଦିତ ସ୍ଥୁଳ ଯୋଗାଣ ଦର ମଧ୍ୟରେ ପାର୍ଥକ୍ୟ ରହୁଛି। ଆୟୋଗଙ୍କର ଅନୁମୋଦିତ ଦର ହେଲା ହାରାହରି ହିସାବରେ ୟୁନିଟ ପିଛା ୧୨୨.୨୦ ପଇସା। ଏଥି ପାଇଁ ଗ୍ରୀଡକୋକୁ ମାସିକ ପ୍ରାୟ ୧୫୦ କୋଟି ଟଙ୍କାର କ୍ଷତି ସହିବାକୁ ପଡୁଛି। ୩୧.୩.୨୦୧୦ ସୁଦ୍ଧା ଏ ଦିଗରେ ଗ୍ରୀଡକୋକୁ ପ୍ରାୟ ୧୮୦୦ କୋଟି ଟଙ୍କାର କ୍ଷତି ସହିବାକୁ ପଡିବ।

• ବଣ୍ଟନକାରୀ କଂପାନୀମାନେ ଦର୍ଶାଇଥିଲେ ଯେ, ବର୍ଷକୁ ରାଜସ୍ୱ ଆବଶ୍ୟକତା ବା ଏଆରଆର ହେଉଛି ଏକ ଦରଯୁକ୍ତ ମୂଲ୍ୟାଙ୍କନ। ଏହାର ମୁଖ୍ୟ ବିଚାରାଧିନ ଦର ହେଉଛି ଶକ୍ତି କ୍ରୟ ଦର। ଯେତେବେଳେ 'ପ୍ରଶାସନିକ ଓ ସାଧାରଣ ଦର କର୍ମଚାରୀଙ୍କ ବାବଦ ବ୍ୟୟ ମରାମତି ଓ ତୁଲାଜମା ଦରକୁ ରୋକି ହେବ ନାହିଁ, ସେତେବେଳେ ବଣ୍ଟନକାରୀ କଂପାନୀମାନେ ପାଇକାରୀ ଯୋଗାଣ ତାରିଫର ହିସାବ ପାଇଁ ଚଳିତ ସ୍ଥୁଳ ଯୋଗାଣ ତାରିଫକୁ ଆଧାର ସୂଚକ ଭାବରେ ଗ୍ରହଣ କରିଛନ୍ତି। ସ୍ଥୁଳ ଯୋଗାଣ ତାରିଫରେ ବୃଦ୍ଧି ଘଟିଲେ ପାଇକାରୀ ଯୋଗାଣ ତାରିଫ ସେହି ଅନୁସାରେ ବୃଦ୍ଧି ପାଇବ। ତାରିଫ ସ୍ଥିରୀକରଣରେ ମୁଦ୍ରାସ୍ଫୀତିକୁ ହିସାବକୁ ନିଆଯାଇନାହିଁ। ଉପଭୋକ୍ତା ଆବଶ୍ୟକତା ଓ ବିନିଯୋଗକାରୀଙ୍କ ପରବର୍ତ୍ତନୀୟତା (ଦର ହାରରେ କମ/ବେଶୀ) ମଧ୍ୟରେ ଉତ୍ତମ ସନ୍ତୁଳନର

ଆବଶ୍ୟକତା ରହିଛି। ନିମ୍ନ ଶକ୍ତି ଉପଲବଧତା ଯୋଗୁ ସୃଷ୍ଟ ରାଜସ୍ୱ ପାର୍ଥକ୍ୟର ପରିପୂରଣ ପାଇଁ ୩ ଗୋଟି ବିକଳ୍ପ ଉପାୟକୁ ଗ୍ରହଣ କରାଯାଇପାରେ। ସେଗୁଡିକ ହେଲା -

୧. ନିର୍ବାହନ ଜନିତ ଉତ୍କୃଷ୍ଟତାର ବୃଦ୍ଧି

୨. ତାରିଫ ବୃଦ୍ଧି

୩. ସରକାରୀ ସବସିଡି

• ରାଜ୍ୟ ଉପଦେଷ୍ଟା କମିଟିର କେତେକ ସଭ୍ୟଙ୍କ ପର୍ଯ୍ୟବେକ୍ଷଣ ଉପରେ ଉତ୍ତର ଦେଇ ଆୟୋଗ ସ୍ପଷ୍ଟ କରିଦେଇଥିଲେ ଯେ, ଶକ୍ତି ବିନିଯୋଗକାରୀ କର୍ତ୍ତୃପକ୍ଷ ମାନଙ୍କ ଦ୍ୱାରା ପ୍ରଦର୍ଶିତ ଓ ଉପସ୍ଥାପିତ ମତେ ବଣ୍ଟନ କ୍ଷତିର ଆଧାର ଉପରେ ଶକ୍ତି କ୍ରୟର ଦରକୁ ମିଶାଇ ଆୟୋଗ ରାଜସ୍ୱ ଆବଶ୍ୟକତାର ହିସାବ କରୁନାହାନ୍ତି, ବରଂ ଓଇଆରସିଙ୍କ ଧାର୍ଯ୍ୟ-ଲକ୍ଷ୍ୟକୁ ଆଧାର କରି ହିସାବ କରୁଛନ୍ତି। ସେହିଭଳି, ଆୟୋଗଙ୍କ ଅନୁମୋଦିତ ମାନଦଣ୍ଡ ଭିତ୍ତିକ ନିର୍ବାହନ ମାପଦଣ୍ଡ ଅନୁଯାୟୀ ବାସ୍ତବାୟନ କାର୍ଯ୍ୟ ସଂପାଦନ କରାଯାଉଛି, କିନ୍ତୁ ବଣ୍ଟନକାରୀ କଂପାନୀଙ୍କ ଦ୍ୱାରା ଏଟି ଆଣ୍ଡ ସି କ୍ଷତି ପ୍ରଦର୍ଶନ ଦ୍ୱାରା ନୁହେଁ। ତାରିଫ ସ୍ଥିରୀକରଣରେ ନିୟାମକ ଆସେଟକୁ ଦୁଇଥର ହିସାବକୁ ନେବାର ସୁଯୋଗ ନାହିଁ। ଜିଆରଏଫ ଏବଂ ଅମ୍ବୁଡ୍ସମ୍ୟାନ (ସରକାରୀ ଅନୁଷ୍ଠାନଗୁଡିକ ବିରୋଧରେ ନିଯୁକ୍ତ ତଦନ୍ତ ଅଧିକାରୀ)ଙ୍କର ଆଦେଶନାମାକୁ କାର୍ଯ୍ୟକାରୀ କରାଯାଉ ନଥିବା ସଂପର୍କରେ ଆୟୋଗଙ୍କର ସଦସ୍ୟ ବୁଝାଇ କହିଥିଲେ ଯେ, 'ଜିଆରଏଫ ସଭାପତି, ସଦସ୍ୟବୃନ୍ଦ , ଅମ୍ବୁଡ୍ସମ୍ୟାନ ଓ ବଣ୍ଟନକାରୀ କଂପାନୀଙ୍କର ବରିଷ୍ଠ କର୍ମକର୍ତ୍ତାଙ୍କୁ ନେଇ ଆୟୋଗ ଏକ ଆଲୋଚନାତ୍ମକ ବୈଠକ ଡକାଇଥିଲେ। ଜିଆରଏଫ୍ /ଅମ୍ବୁଡ୍ସମ୍ୟାନଙ୍କର ଆଦେଶନାମାର କାର୍ଯ୍ୟକାରିତା ସଂପର୍କରେ ନିୟମିତ ବିବରଣୀକୁ ଆହୂତ କରାଯାଉଛି। ଯେଉଁ କ୍ଷେତ୍ରରେ କାର୍ଯ୍ୟକାରିତାର ବିଳମ୍ବ ଘଟୁଛି, ସେ କ୍ଷେତ୍ରରେ ବଣ୍ଟନକାରୀ କଂପାନୀଙ୍କର ସିଇଓମାନଙ୍କୁ କାର୍ଯ୍ୟରେ ଖିଲାପ କରୁଥିବା ଅଧିକାରୀମାନଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କୁହାଯାଉଛି'। ଏହିଭଳି ଭାବେ, ଜିଆରଏଫ/ଅମ୍ବୁଡସମ୍ୟାନଙ୍କର ଆଦେଶନାମାର କାର୍ଯ୍ୟକାରିତାକୁ ନିଶ୍ଚିତ କରିବାକୁ, ବିଦ୍ୟୁତ ଆଇନ ୨୦୦୩ ର ବିଭାଗ ୧୪୨ ଅନୁଯାୟୀ ବହୁ ସଂଖ୍ୟକ କାର୍ଯ୍ୟପନ୍ଥା ଆରମ୍ଭ କରାଯାଇଛି। ଆୟୋଗଙ୍କର ସଦସ୍ୟ ଜଣକ ପୁଣି କହିଥିଲେ ଯେ, ବଣ୍ଟନକାରୀ କଂପାନୀମାନେ ପ୍ରଦର୍ଶନ/ଉପସ୍ଥାପନ କରିଥିବା ବିଭିନ୍ନ ଆଇଟମର ଖର୍ଚ୍ଚକୁ ଭଲ ଭାବେ ଯାଞ୍ଚ କରିବାକୁ ଆୟୋଗ ପଦକ୍ଷେପ ନେଇ ଆସୁଛନ୍ତି। ଅତଏବ, ଶକ୍ତି ବିନିଯୋଗକାରୀ କର୍ତ୍ତୃପକ୍ଷଙ୍କ ଉପରେ କୋହଳ ବା କଠୋର ହେବାର ପ୍ରଶ୍ନ ହିଁ ଉଠୁନାହିଁ। ଅତଏବ, ବିନିଯୋଗକାରୀ କର୍ତ୍ତୃପକ୍ଷଙ୍କ ତାରିଫ ନିର୍ଦ୍ଧାରଣ ଓ ନିର୍ବାହନ ମାନକୁ ତତ୍ତ୍ୱାବଧାନ କଲାବେଳେ ଆୟୋଗ ସ୍ୱଚ୍ଛ ଓ ଯୌକ୍ତିକତା ସଂପନ୍ନ ହେବେ।

• ରାଜ୍ୟ ସରାକରଙ୍କର ଶକ୍ତି ବିଭାଗର ସଚିବ ପର୍ଯ୍ୟବେକ୍ଷଣରୁ ପ୍ରକାଶ କରିଥିଲେ ଯେ, ରାଜ୍ୟର ସବୁ ଘର ମାଲିକଙ୍କୁ ୨୦୧୧-୧୨ ଆର୍ଥିକ ବର୍ଷ ସୁଦ୍ଧା ବିଦ୍ୟୁତ ଶକ୍ତି ଯୋଗାଇ ଦେବାର ଯୋଜନା ରହିଛି। ସେହ ଅନୁଯାୟୀ, ବଣ୍ଟନକାରୀ କଂପାନୀମାନଙ୍କ ସମେତ ସବୁ ଶକ୍ତି ବିନିଯୋଗକାରୀ କର୍ତ୍ତୃପକ୍ଷ ଏହି ଅବଧାରିତ ଉଦ୍ଦେଶ୍ୟକୁ ଉପଲବ୍ଧ କରିବା ଉଚିତ ଓ ଯଥାବିଧି କାର୍ଯ୍ୟ ସଂପାଦନ କରିବା ଉଚିତ। ଗ୍ରାମାଞ୍ଚଳ ବିଦ୍ୟୁତ କରଣର ଅଭିବୃଦ୍ଧି ଘଟିଲେ ବଣ୍ଟନ -କ୍ଷତି ଆଶଙ୍କା ରହିଛି ବୋଲି ବଣ୍ଟନକାରୀ କଂପାନୀମାନେ ଯଦି ଅଭିଯୋଗ କରନ୍ତି, ତେବେ କୌଣସି ପରିସ୍ଥିତିରେ ତାହା ଗ୍ରହଣ କରାଯାଇ ପାରିବ ନାହିଁ। ବଣ୍ଟନକାରୀ କଂପାନୀମାନେ ରାଜୀବ ଗାନ୍ଧୀ ଗ୍ରାମ ବିକାଶ ଯୋଜନା ଅନ୍ତର୍ଭୁକ୍ତ ସଂସ୍ଥାପନାଗୁଡିକର ପରିଦର୍ଶନ କରିବା ଉଚିତ ଓ ନିକୃଷ୍ଟ ମାନର ଆନୁଷଙ୍ଗିକ ବ୍ୟବହାର୍ଯ୍ୟ ସାମଗ୍ରୀଗୁଡିକ ସଂପର୍କରେ ସରକାରଙ୍କ ଦୃଷ୍ଟିକୁ ଆଣିବା ଉଚିତ। ରାଜ୍ୟରେ ଶକ୍ତି ସେକ୍ଟର ପାଇଁ ଏଟି ଏବଂ ସି କ୍ଷତିର ହ୍ରାସକୁ ୧ ପ୍ରତିଶତର ହିସାବକୁ ନେଲେ ମୋଟ କ୍ଷତିର ପରିମାଣ ୪୮ କୋଟି ଟଙ୍କା ହେବ। ଯଦି

ସାଂପ୍ରତିକ ସ୍ତରର ୪୧ ପ୍ରତିଶତର ଏଟି ଏବଂ ସି କ୍ଷତିକୁ ୩୦ ପ୍ରତିଶତକୁ କମାଇ ଦିଆଯାଏ, ତେବେ ସାମଗ୍ରୀକ ଭାବେ ଶକ୍ତି ସେକ୍ଟର ୫୨୮ କୋଟି ଟଙ୍କାର ଲାଭରେ ରହିବ ଏବଂ ସେ କ୍ଷେତ୍ରରେ ତାରିଫ ବୃଦ୍ଧିର ଆବଶ୍ୟକତା ସର୍ବନିମ୍ନ ଦର ହାରରେ ରଖାଯିବ। ସେହିଭଳି ଯଦି ଏଟି ଏବଂ ସି କ୍ଷତିକୁ ଶୃଙ୍ଖଳାବଦ୍ଧ ଓ ପ୍ରତିବଦ୍ଧ ଭାବରେ କମାଇ ଦିଆଯାଏ, ତେବେ ଏମିତି ଏକ ସମୟ ଆସିପାରେ ଯେ ଭବିଷ୍ୟତରେ ଆଉ ତାରିଫ ବୃଦ୍ଧି କରାଯିବାର ଆବଶ୍ୟକତା ପଡିବ ନାହିଁ। କୋଇଲା ଓ ତେଲର ଦର ବୃଦ୍ଧି ଯୋଗୁ ଦିନକୁ ଦିନ ତାପଜ ବିଦ୍ୟୁତ ଶକ୍ତିର ଦର ବଢି ଚାଲିଛି। ତେଣୁ , ତାରିଫ ନିର୍ଦ୍ଧାରଣରେ ଏହା ପ୍ରଭାବ ପଡିବା ସ୍ୱାଭାବିକ। ବିଗତ ୯ ବର୍ଷ ମଧ୍ୟରେ ପାଇକାରୀ ଯୋଗାଣ ତାରିଫରେ କୌଣସି ବୃଦ୍ଧି କରାଯାଇନାହିଁ। ଯଦି ଚଳିତ ବର୍ଷ ଏଥିରେ ବୃଦ୍ଧି କରାଯାଏ, ତେବେ ସମୁଦାୟ ବର୍ଦ୍ଧିତ ପରମାଣକୁ ହିସାବ କରାଯାଇ ଏକ ସ୍ୱତନ୍ତ୍ର ଆକାଉଣ୍ଟରେ ରଖାଯିବା ଉଚିତ ଏବଂ ବଣ୍ଟନକାରୀ କଂପାନୀମାନଙ୍କୁ ସେମାନଙ୍କର ନିର୍ବାହନ ଭିତ୍ତିରେ ପ୍ରଦାନ କରାଯିବା ଉଚିତ। ତେବେ, ତଫସିଲ ଭୁକ୍ତ ଜାତି ଓ ଉପଜାତି ବିଭାଗ ଦ୍ୱାରା ପରିଚାଳିତ ବିଦ୍ୟାଳୟ ଓ ଛାତ୍ରାବାସ ଗୁଡିକ ପାଇଁ ଆୟୋଗ ଏକ ନିମ୍ନ ଦର ହାରର ତାରିଫକୁ ବିଚାର କରିବା ଉଚିତ।

• ପୁନଶ୍ଚ , ରାଜ୍ୟ ସରକାରଙ୍କ ଶକ୍ତି ସଚିବ କହିଥିଲେ ଯେ, ଶକ୍ତି ସେକ୍ଟରକୁ କିମ୍ବା କୌଣସି ଶ୍ରେଣୀର ଉପଭୋକ୍ତାଙ୍କୁ ସରକାର ସବସିଡି ଯୋଗାଇବା ଅବସ୍ଥାରେ ନାହାନ୍ତି। କିନ୍ତୁ, ବିଭାଗର ବଣ୍ଟନ ସେକ୍ଟରରେ ପଦ୍ଧତିଗତ ଉନ୍ନୟନ ଉଦ୍ଦେଶ୍ୟରେ ଅର୍ଥ ବ୍ୟବସ୍ଥା କରିବା ପାଇଁ ରାଜ୍ୟ ସରକାର ତ୍ରୟୋଦଶ ଅର୍ଥ ଆୟୋଗଙ୍କୁ ଅନୁରୋଧ କରିଛନ୍ତି ଏବଂ କିଛି ପରିମାଣର ଅର୍ଥ ମଂଜୁର ହୋଇପାରେ ବୋଲି ଆଶା କରାଯାଇଛି, ଯାହାର ରିର୍ପୋଟ ଅଦ୍ୟାବଧି ସାଧାରଣରେ ପ୍ରକାଶ ପାଇନାହିଁ। ଯେଣୁ, ବର୍ତ୍ତମାନ ସୁଦ୍ଧା ବଣ୍ଟନ ନେଟୱାର୍କର ପଦ୍ଧତିଗତ ଉନ୍ନୟନ ଉଦ୍ଦେଶ୍ୟରେ ବଂଟନକାରୀ କଂପାନୀମାନେ କିଛି ବି ପରିମାଣର ଅର୍ଥ ଖର୍ଚ୍ଚ କରିବାକୁ ସମର୍ଥ ହୋଇନାହାନ୍ତି, ତେଣୁ ଗ୍ରୀଡକୋ ଜରିଆରେ ଏକ ଯୁକ୍ତିଯୁକ୍ତ ସୁଧ ହାରରେ ୨ ହଜାର କୋଟି ଟଙ୍କାର ଏକ ଋଣ ବଣ୍ଟନକାରୀ କଂପାନୀମାନଙ୍କୁ ଦେବାକୁ ରାଜ୍ୟ ସରକାର ବିଚାର କରୁଛନ୍ତି। ଯେହେତୁ, ବଂଟନକାରୀ କଂପାନୀମାନଙ୍କର ସବୁ ପ୍ରାପ୍ୟ ପରିମାଣ ଗ୍ରୀଡକୋର ଏସ୍କ୍ରୋ ଆକାଉଣ୍ଟରେ ଜମା କରାଯାଉଛି, ସେହେତୁ ଉପରୋକ୍ତ ଋଣର ମୂଳ ଓ ସୁଧକୁ ଗ୍ରୀଡକୋ ଜରିଆରେ ଏବଂ ତା'ର ଏସ୍କ୍ରୋ ଆକାଉଣ୍ଟରେ ଜମା କରି ରାଜ୍ୟ ସରକାରଙ୍କୁ ପରିଶୋଧ କରିବାକୁ ପଡିବ।

• ଗ୍ରୀଷ୍ମ ଋତୁରେ ରାଜ୍ୟରେ ଶକ୍ତି ଯୋଗାଣ ସଂପର୍କରେ ଶକ୍ତି ସଚିବ କହିଲେ ଯେ, ଆମର ଜଳଭଣ୍ଡାର ଗୁଡିକରେ ଭରପୂର ଜଳ ରହିଛି। ତେଣୁ, ସରକାର ଗ୍ରୀଷ୍ମ ଋତୁ ପାଇଁ ପ୍ରସ୍ତୁତ ଅଛନ୍ତି। ୨୦୧୨ ପର୍ଯ୍ୟନ୍ତ ଆମକୁ ଶକ୍ତି ସଂକଟର ସମ୍ମୁଖୀନ ହେବାକୁ ପଡିବ । ତଜ୍ଜନିତ ନିଅଣ୍ଟିଆ ସ୍ଥିତିକୁ ସମ୍ଭାଳିବାକୁ ରାଜ୍ୟ ସରକାର ସବୁମତେ ଉଦ୍ୟମ ଜାରି ରଖିଛନ୍ତି। କେନ୍ଦ୍ରୀୟ ଉତ୍ପାଦନକାରୀ ଷ୍ଟେସନମାନଙ୍କରୁ ଅଣ ନିର୍ଦ୍ଧାରିତ ଭାଗ ବାବଦକୁ ଅତିରିକ୍ତ ଶକ୍ତି ପାଇବାକୁ ସରକାର ଉଦ୍ୟମ କରିଆସୁଛନ୍ତି। ଯେଣୁ, ଅନ୍ୟ ରାଜ୍ୟମାନଙ୍କର ଶକ୍ତି ସ୍ଥିତି ମଧ୍ୟ ଆମ ରାଜ୍ୟ ତୁଳନାରେ ଆହୁରି ଖରାପ , ତେଣୁ ଓଡ଼ିଶା ଯେ ଏହି ଇପ୍‌ସିତ ଅତିରିକ୍ତ ଶକ୍ତି ପାଇବ , ତାହା କହିହେବ ନାହିଁ। ତାଳଚେର ସୁପର ଥର୍ମାଲ ପାୱାର ପ୍ରୋଜେକ୍ଟରୁ ୨୦୦ ମେଗାୱାଟର ଶକ୍ତି ଓଡ଼ିଶା ପାଇଁ ବ୍ୟବସ୍ଥା କରାଯାଇ ପାରିଛି। ତା'ଛଡା ଅନ୍ୟ ରାଜ୍ୟମାନଙ୍କ ସହ ଶକ୍ତି ବ୍ୟାଙ୍କିଙ୍ଗ ପାଇଁ ମଧ୍ୟ ସରକାର ଉଦ୍ୟମ ଜାରି ରଖିଛନ୍ତି। ଏହି ବ୍ୟବସ୍ଥା ଅନୁଯାୟୀ, ପଂଜାବ ଓ ଆସାମ ରାଜ୍ୟରୁ ୩୦୦ ମେଗାୱାଟ ଶକ୍ତି ଅଣାଯାଇ ପାରିଛି। ରାଜ୍ୟରେ ଥିବା ଜଳଭଣ୍ଡାର ଗୁଡିକରୁ ଜଳସେଚନ ଉଦ୍ଦେଶ୍ୟରେ ଛଡାଯାଉଥିବା ଜଳରୁ ଶକ୍ତି ଉତ୍ପାଦନ କରାଯାଇ ଯଥାସମ୍ଭବ

ଜରୁରୀ ଶକ୍ତି ଚାହିଦାକୁ ମେଣ୍ଟାଇବା ସହ ଶକ୍ତି ଉତ୍ପାଦନକୁ ବଢାଇବା ନିମନ୍ତେ ସବୁ ପ୍ରକାର ପ୍ରୟାସ ମଧ୍ୟ କରାଯାଇଛି।

• ଶେଷରେ ଅଧକ୍ଷ ତାଙ୍କ ସୈଦ୍ଧାନ୍ତିକ ସୂଚନାରେ ଦୋହରାଇଥିଲେ ଯେ, ଶକ୍ତି ସେକ୍ଟରର ସବୁ ଭାଗୀଦାରମାନଙ୍କ ପ୍ରତି ଆୟୋଗ ସ୍ୱଚ୍ଛତା ଓ ନ୍ୟାୟ ପ୍ରଦାନ କରିବେ। କାରଣ- ସମ୍ମତ ଓ ସୁହାଇବା ଭଳି ଦର ହାରରେ ଉପଭୋକ୍ତାଙ୍କୁ ଶକ୍ତି ଯୋଗାଣ କରି ସେମାନଙ୍କ ସ୍ୱାର୍ଥର ସୁରକ୍ଷା ହେବା ନେଇ ନିଶ୍ଚିତ ହେବା ସହ ଶକ୍ତି ବିନିଯୋଗକାରୀ କର୍ତ୍ତୃପକ୍ଷମାନଙ୍କର ସ୍ଥିତିଶୀଳତା ଓ ଗତିଶୀଳତା ଯେପରି ସୁରକ୍ଷିତ ହେଉଥିବ, ସେ ନେଇ ମଧ ନିଶ୍ଚିତ ହେବେ ବୋଲି ଆୟୋଗ ପ୍ରତିଶ୍ରୁତି ଦେଇଥିଲେ।

<u>ଆୟୋଗଙ୍କ ପର୍ଯ୍ୟବେକ୍ଷଣ (ପରିଚ୍ଛେଦ ୨୫୦ ରୁ ୫୭୪)</u>

<u>୨୦୧୦ -୧୧ ଆର୍ଥିକ ବର୍ଷ ପାଇଁ ତାରିଫ ନିର୍ଦ୍ଧାରଣରେ ଗ୍ରହଣୀୟ ମୂଳ ନିୟମ ସମୂହ</u>

୨୫୦. ବିଦ୍ୟୁତ ଆଇନ ୨୦୦୩ ର ବିଭାଗ ୬୧ ଅନୁଯାୟୀ, ଆୟୋଗ ତାରିଫ ନିର୍ଦ୍ଧାରଣ ବେଳେ ନିମ୍ନଲିଖିତ ଶୃଙ୍ଖଳାଗୁଡିକୁ ଅନୁସରଣ କରିବେ।

(କ) ଶକ୍ତି ଉତ୍ପାଦନକାରୀ କଂପାନୀ ଓ ସରବରାହକାରୀ ଅନୁମତିଧାରୀମାନଙ୍କ ଉଦ୍ଦେଶ୍ୟରେ ପ୍ରଯୋଜ୍ୟ ତାରିଫ ନିର୍ଦ୍ଧାରଣ ପାଇଁ କେନ୍ଦ୍ରୀୟ ଆୟୋଗଙ୍କ ଦ୍ୱାରା ସୂଚିତ ଶୃଙ୍ଖଳା ଓ ପଦ୍ଧତି ସମୂହ –

(ଖ) ବିଦ୍ୟୁତ ଶକ୍ତିର ଉତ୍ପାଦନ , ସରବରାହ, ବଣ୍ଟନ ଓ ଯୋଗାଣ ବ୍ୟବସାୟିକ ନିୟମାବଳୀ ଉପରେ ପରିଚାଳିତ ହେଉଥିବା ଆବଶ୍ୟକ।

(ଗ) ପ୍ରତିଦ୍ୱନ୍ଦିତାମୂଳକ ଉତ୍କୃଷ୍ଟତା , ସମ୍ବଳସମୂହର ମିତବ୍ୟୟତା, ଉତ୍ତମ ନିର୍ବାହନ ଓ ସର୍ବାଧିକ ଉପଯୋଗୀ ନିବେଶକୁ ପ୍ରୋତ୍ସାହିତ କରୁଥିବା ବିଭାବ ସମୂହ –

(ଘ) ଉପଭୋକ୍ତା ସ୍ୱାର୍ଥର ସୁରକ୍ଷା ସହ ସମତାଳରେ କାରଣ-ସମ୍ମତ ଢାଞ୍ଚାରେ ବିଦ୍ୟୁତ ଶକ୍ତି ଦରର ଭରଣା –

(ଙ) ନିର୍ବାହନକୁ ପୁରସ୍କୃତ କରୁଥିବା ଶୃଙ୍ଖଳାଗୁଡିକୁ ଗ୍ରହଣ କରିବା

(ଚ) ବହୁ – ବାର୍ଷିକ ତାରିଫ ନିୟମାବଳୀ

(ଛ) ଶକ୍ତି ଯୋଗାଣ ଦରକୁ ବିକଶିତ ଭାବେ ତାରିଫ ପ୍ରତିଫଳନ କରୁଥିବ, ଏବଂ ଉପଯୁକ୍ତ ଆୟୋଗଙ୍କ ସୂଚିତ ମତେ ନିର୍ଦ୍ଦିଷ୍ଟ ସମୟ ସୀମାରେ କ୍ରସ୍ ସବସିଡିକୁ ହ୍ରାସ କରୁଥିବ କିମ୍ବା ସଂପୂର୍ଣ୍ଣ ଭାବେ ମୂଳପୋଛ କରୁଥିବ।

(ଜ) ଅଚଳ ଶକ୍ତି ଉତ୍ସଗୁଡିକୁ ସଚଳ କରାଯାଇ ଶକ୍ତି ଉତ୍ପାଦନକୁ ବୃଦ୍ଧି କରିବା ସହ 'ସହ-ଉତ୍ପାଦନ' କୁ ବିକାଶ କରିବା।

(ଝ) ଜାତୀୟ ବିଦ୍ୟୁତ ନୀତି ଓ ତାରିଫ ନୀତିକୁ କାର୍ଯ୍ୟକାରୀ କରିବା –

<u>ବିଦ୍ୟୁତ ଆଇନ (ଯୋଗାଣ) ୧୯୪୮, ବିଦ୍ୟୁତ ନିୟାମକ ଆୟୋଗ ସମୂହ ଆଇନ ୧୯୯୮, ଏବଂ 'ଅଧିସୂଚୀରେ ସୂଚିତ କାର୍ଯ୍ୟକାରୀ ହେବାକୁ ଥିବା ନିୟମାବଳୀ (ଯାହା ଲାଗୁ ହେବାର ଧାର୍ଯ୍ୟ ତାରିଖ ପୂର୍ବରୁ ଯେମିତି ବଳବତ୍ତର ଥିବ) ସମୂହ ଧାର୍ଯ୍ୟ ତାରିଖଠାରୁ ଆଗାମୀ ଏକ ବର୍ଷ ପର୍ଯ୍ୟନ୍ତ ବଳବତ୍ତର ରହିବ' କିମ୍ବା 'ଏହି ବିଭାଗ ଅଧିନରେ ଉଦ୍ଦିଷ୍ଟ ନିୟମାବଳୀ ଓ ସର୍ତ୍ତାବଳୀ ତାରିଫ ପାଇଁ ଯେ ପର୍ଯ୍ୟନ୍ତ ସୂଚିତ ଥିବ ଏହି ଦୁଇଟି ମଧ୍ୟରୁ ଯେଉଁଟିର ସମୟ -ସୀମା ଆଗ ଶେଷ ହେଉଥିବ' ସେହି ସମୟ ପର୍ଯ୍ୟନ୍ତ ନିର୍ଦ୍ଦିଷ୍ଟ ତାରିଫ ନିର୍ଦ୍ଧାରଣର ନିୟମାବଳୀ ଓ ସର୍ତ୍ତାବଳୀ କାର୍ଯ୍ୟକ୍ଷମ ବା ଆଇନାନୁମୋଦିତ ବୋଲି ବୁଝାଯିବ।</u>

୨୫୧. ବିଦ୍ୟୁତ ଆଇନ ୨୦୦୩ଶକ୍ତି ସେକ୍ଟରର ବେଗଗାମୀ ଓ  ଉତ୍କୃଷ୍ଟ ବିକାଶ ପାଇଁ ଏକ ସମର୍ଥ ନକ୍ସା ସଦୃଶ। ଉପଯୁକ୍ତ ନିୟନ୍ତ୍ରିତ ସଂପୃକ୍ତି ସହ ଏହି ଆଇନ ଏକ ସୁସ୍ଥ ପ୍ରତିଦ୍ୱନ୍ଦିତାକୁ ହିଁ ସୃଷ୍ଟି କରିଛି। ଏଭଳି ପ୍ରତିଦ୍ୱନ୍ଦିତା ଅଧିକ ଉତ୍ପାଦନ ସାଂଗକୁ ଶକ୍ତି ବ୍ୟବସାୟରେ ଲାଭ ଓ ଉପଭୋକ୍ତାମାନଙ୍କୁ ପ୍ରତିଦ୍ୱନ୍ଦିତାମୂଳକ ସୁଲଭ ଦର ହାରରେ ଶକ୍ତି ଯୋଗାଣ ପାଇଁ ହିଁ ଉଦ୍ଦିଷ୍ଟ। ସୁତରାଂ ଜାତୀୟ ବିଦ୍ୟୁତ ନୀତି ୨୦୦୫ ନିମ୍ନଲିଖିତ ମୌଳିକ ଲକ୍ଷ୍ୟ ସମୂହ ହାସଲ କରିବା ଦିଗରେ ପ୍ରୟାସରତ। ସେଗୁଡିକ ହେଲା -

- ବିଦ୍ୟୁତ ଶକ୍ତି ପାଇବା  - ଆଗାମୀ ୫ ବର୍ଷ ମଧ୍ୟରେ ସବୁ ଘର ମାଲିକଙ୍କୁ ବିଦ୍ୟୁତ ଯୋଗାଣ
- ଆବଶ୍ୟକ ପରିମାଣର ଶକ୍ତି ସୁଲଭତା  ସଂପର୍କରେ - ୨୦୧୦ ସୁଦ୍ଧା ଶକ୍ତି ଚାହିଦାକୁ ସଂପୂର୍ଣ୍ଣ ଭାବେ ମେଣ୍ଟାଯିବ। ନିଅଣ୍ଟିଆ ଅବସ୍ଥାର ଭରଣା ଓ ଉପଯୁକ୍ତ ପରିମାଣର 'ଉତ୍ପାଦିତ ଶକ୍ତି' ର ସଂରକ୍ଷଣ।
- ସୂଚିତ ମାନର ନିର୍ଭରଯୋଗ୍ୟ ଓ ଗୁଣବତ୍ତାଭିତ୍ତିକ ଶକ୍ତିକୁ ଉତ୍କୃଷ୍ଟ ଢାଞ୍ଚାରେ ଓ ଯୁକ୍ତିଯୁକ୍ତ ଦର ହାରରେ ଯୋଗାଣ
- ୨୦୧୦ ସୁଦ୍ଧା ବାର୍ଷିକ ମୁଣ୍ଡ ପିଛା ଶକ୍ତି ଉପଲବ୍ଧତାର ପରିମାଣ ୧୦୦୦ ୟୁନିଟକୁ ବୃଦ୍ଧି କରାଯିବ।
- ୨୦୧୦ ସୁଦ୍ଧା ସେକ୍ଟରର ଆର୍ଥିକ ଘୂର୍ଣ୍ଣନ ଓ ବ୍ୟବସାୟିକ ଗତିଶୀଳତା
- ଉପଭୋକ୍ତା ସ୍ୱାର୍ଥର ସୁରକ୍ଷା

୨୫୨. ତାରିଫ ନୀତି , ୨୦୦୬ ବ୍ୟକ୍ତ କରେ ଯେ, କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ଆର୍ଥିକ ସମ୍ବଳ ବିଦ୍ୟୁତ  ସେକ୍ଟରର ଆବଶ୍ୟକତାକୁ ବ୍ୟବସ୍ଥିତ  କରିବାକୁ ଅସମର୍ଥ ହେଉଥିବାରୁ ଉପଯୁକ୍ତ ଲାଭାଂଶ ବା ପରିଶୋଧ ପରିମାଣ ସହ ଯଥାଯୋଗ୍ୟ ଅର୍ଥ ନିବେଶକୁ ଆମନ୍ତ୍ରଣ କରିବା ସାଂପ୍ରତିକ ସମୟର ଆବଶ୍ୟକତା ହୋଇପଡିଛି। ଠିକ ସେହିଭଳି, ଦେଶର ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧି ଓ ଜନସାଧାରଣଙ୍କର ଜୀବନ ଧାରଣର ମାନକୁ ବିକାଶ କରିବା ନିମନ୍ତେ  ଯୁକ୍ତି ସଂଗତ ଦର ହାରରେ ବିଭିନ୍ନ ଶ୍ରେଣୀର ଉପଭୋକ୍ତାଙ୍କୁ ମଧ୍ୟ ବିଦ୍ୟୁତ ଶକ୍ତିର ଉପଲବ୍ଧତାକୁ ନିଶ୍ଚିତ କରିବା ବାଂଛନୀୟ।

୨୫୩. ପୁନଶ୍ଚ ତାରିଫ ନିତୀ ବ୍ୟକ୍ତ କରେ ଯେ, ସେକ୍ଟର ପ୍ରତି ଉପଯୁକ୍ତ ନିବେଶର ଆବଶ୍ୟକତା ଓ ଉପଭୋକ୍ତାଙ୍କ ଉଦ୍ଦେଶ୍ୟରେ 'ୟୁଜର ଚାର୍ଜ'ର ଯୌକ୍ତିକତାକୁ ନିଶ୍ଚିତ କରାଇବା ନିୟାମକ ପଦ୍ଧତି ପାଇଁ ଏକ ଆହ୍ୱାନ ଅଟେ। ଶକ୍ତ ସେକ୍ଟରରେ ତ୍ୱରାନ୍ୱିତ ବିକାଶ ଓ ଆବଶ୍ୟକୀୟ ନିବେଶ ପାଇଁ ଏହାର ସାମଥ୍ୟ ସାରା ଦେଶରେ ନିରବିଚ୍ଛିନ୍ନ ନିୟାମକ ଆଭିମୁଖ୍ୟର ପ୍ରୟୋଜନ ରଖେ। ବହୁ ସଂଖ୍ୟକ ରାଜ୍ୟ ଓ ଏହାର ବିବିଧତାକୁ ବିବେଚନା କରି ସବୁଠୁ ଗୁରୁତ୍ୱ ପୂର୍ଣ୍ଣ ଆବଶ୍ୟକତା ହେଉଛି ଆଭିମୁଖ୍ୟ ଓ ପ୍ରୟାସର ନିରବିଚ୍ଛିନ୍ନ ଧାରା ଓ କାର୍ଯ୍ୟସୂଚୀ। ସଂପୂର୍ଣ୍ଣ ଛାଡ ଅଛି। କପିର ପୃଷ୍ଠା - ନଂ - ୭୨ ଦେଖନ୍ତୁ।

୨୫୪. ୨୦୦୬ର ତାରିଫ ନୀତିର ମୂଳ ଲକ୍ଷ୍ୟଗୁଡିକୁ ସଂକ୍ଷେପରେ ବର୍ଣ୍ଣନା କରାଗଲା -

(କ)  ଉପଭୋକ୍ତାମାନଙ୍କୁ ଯୁକ୍ତି ସଂଗତ ଓ ପ୍ରତିଦ୍ୱନ୍ଦିତାମୂଳକ ଦର ହାରରେ ବିଦ୍ୟୁତ ଶକ୍ତି ଯୋଗାଣ ଉପରେ ନିଶ୍ଚିତ ହେବା

(ଖ)  ଶକ୍ତି ସେକ୍ଟରର ଆର୍ଥିକ ଗତିଶୀଳତା ଉପରେ ନିଶ୍ଚିତ ହେବା ଓ ନିବେଶକୁ ଆକର୍ଷଣ କରିବା

(ଗ)  ନିର୍ଦ୍ଦିଷ୍ଟ ଇଲାକା ମଧ୍ୟରେ ନିୟାମକ ଆମନ୍ତ୍ରଣରେ ସ୍ୱଚ୍ଛତା , ନିରବଚ୍ଛିନ୍ନତା ଓ ଅନୁମାନସିଦ୍ଧତାର ବିକାଶ କରାଇବା ଓ ନିୟାମକଦାୟ ବଦ୍ଧତାର ପ୍ରତ୍ୟୟକୁ ଯଥାସମ୍ଭବ କମାଇବା ।

(ଘ)  ନିର୍ବାହନଗତ ଉତ୍କୃଷ୍ଟତା ଓ ସୁସ୍ଥ ପ୍ରତିଦ୍ୱନ୍ଦ୍ୱିତାର ବିକାଶ ଘଟାଇବା ଓ ଶକ୍ତି ଯୋଗାଣର ଗୁଣବତ୍ତା ବୃଦ୍ଧି କରିବା।

୨୫୫. ମେସର୍ସ ଫେରୋ ଆଲୟଜ କର୍ପୋରେସନ ଲିଃ ଏବଂ ଅନ୍ୟମାନେ , ବନାମ ଓଡ଼ିଶା ରାଜ୍ୟ ଓ ଅନ୍ୟମାନେ କେଶରେ ୨୦୦୮ ର ଡବ୍ଲୁପି (ସି) ନଂ -୬୬୨୪, ୬୬୨୫ ଓ ୬୬୨୬ ରେ ୧୬.୩.୨୦୧୦ ର ଆଦେଶନାମାରେ , ଇତି ମଧ୍ୟରେ, ମାନ୍ୟବର ଓଡ଼ିଶା ହାଇକୋର୍ଟ ଅନ୍ୟାନ୍ୟ ଆଦେଶ ସହ ନିମ୍ନ ଆଦେଶ ସମୂହର ନିର୍ଦ୍ଦେଶନା ଦେଇଛନ୍ତି।

(କ)  ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଟାରିଫ ବା ଦରସୂଚୀ ନିର୍ଦ୍ଧାରଣ କଲାବେଳେ ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗଙ୍କୁ କଡାକଡି ଭାବେ ବିଦ୍ୟୁତ ଆଇନ, ୨୦୦୩ ର ବିଭାଗ -୬୧ ଓ ୬୨ ର ଆବଶ୍ୟକତା ସମୂହ ଏବଂ ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ (ଦରସୂଚୀ ନିର୍ଦ୍ଧାରଣର ଆନୁଷଙ୍ଗିକ ସର୍ତ୍ତାବଳୀ ) ୨୦୦୪ ର ନିୟମ - ୭ (ଗ) (ସସସ) ର ଆବଶ୍ୟକତାସମୂହକୁ ଗ୍ରହଣ କରିବେ।

(ଖ)  ଭିନ୍ନ ଭିନ୍ନ ଭୋଲଟେଜରେ ଓଇଆରସି ଯୋଗାଣ ଦର ସ୍ଥିର କରିବେ, ଅର୍ଥାତ୍ ଇଏଚଟି , ଏଚଟି ଓ ଏଲଟିରେ ଯୋଗାଣ ଦର ସ୍ଥିର କରିବେ।

(ଗ)  ଓଇଆରସି ପ୍ରତ୍ୟେକ ଶ୍ରେଣୀ (ଇଏଚ୍ଟି/ଏଚଟି/ଏଲଟି)ପାଇଁ ଟାରିଫ ଦରର ସୂଚନା ଦେବେ।

ତା'ଛଡା ପ୍ରଚଳିତ କ୍ରସ ସବସିଡିର ବିସ୍ତାରିତ ପରମାଣର ମଧ୍ୟ ସୂଚନା ଦେବେ, ଏବଂ ବିଦ୍ୟୁତ ଆଇନ ୨୦୦୫ ର ବିଭାଗ -୬୧ (ଛ) ଏବଂ ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ (ଟାରିଫ ନିର୍ଦ୍ଧାରଣର ଆନୁଷଙ୍ଗିକ ସର୍ତ୍ତାବଳୀ) ନିୟମାବଳୀ, ୨୦୦୪ ର ନିୟମ -୭ (ଗ) (ସସସ) ରେ ସୂଚିତ ମତେ ଏକ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଏହି କ୍ରସ ସବସିଡିକୁ ହ୍ରାସ କରିବାକୁ କାର୍ଯ୍ୟସୂଚୀର ଖସଡାକୁ ମଧ୍ୟ ସୂଚାଇ ଦେବେ।

୨୫୬. ଉପରୋକ୍ତ ମତେ ବର୍ଣ୍ଣିତ ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଏବଂ ଜାତୀୟ ବିଦ୍ୟୁତ ନୀତିର ମୌଳିକ ଲକ୍ଷ୍ୟ ସମୂହ ସହ ପ୍ରସଂଗିତ ମତେ ବିଦ୍ୟୁତ ଆଇନ , ୨୦୦୩ର ବିଭାଗ -୬୧ ର ବ୍ୟବସ୍ଥାସମୂହ ପରିପ୍ରେକ୍ଷୀରେ ଆୟୋଗଙ୍କୁ ବଣ୍ଟନକାରୀ କଂପାନୀମାନଙ୍କ ପାଇଁ ପାଇକାରୀ ଟାରିଫ ନିର୍ଦ୍ଧାରଣ କରିବାକୁ ପଡିବ। ଏହି ପରିପ୍ରେକ୍ଷୀରେ , ଏଠାରେ ଉଲ୍ଲେଖ କରିବା ପ୍ରାସଙ୍ଗିକ ହେବ ଯେ, ବଣ୍ଟନକାରୀ କଂପାନୀଙ୍କ ପାଇଁ ପାଇକାରୀ ଟାରିଫ ନିର୍ଦ୍ଧାରଣ କଲାବେଳେ ଜାତୀୟ ଟାରିଫ ନୀତି ୨୦୦୫ ଓ ଟାରିଫ ନୀତି ୨୦୦୬ସହ ପ୍ରସଙ୍ଗିତମତେ ବିଦ୍ୟୁତ ଆଇନ ୨୦୦୩ ର ବିଭାଗ ୬୧ (ଘ)ରେ ସୂଚିତ ଅନୁଯାୟୀ ଆୟୋଗଙ୍କୁ ଉପଭୋକ୍ତାଙ୍କର ସ୍ୱାର୍ଥର ସୁରକ୍ଷା ପ୍ରତି ଦୃଷ୍ଟି ଦେବାକୁ ଚେତାବନୀ ଦିଆଯାଇଛି। ୧.୪.୧୯୯୬ ପୂର୍ବରୁ ନିୟମିତ ସମୟ ବ୍ୟବଧାନରେ ଟାରିଫର ସଂସ୍କରଣ କରାଯାଉଥିଲା, କିନ୍ତୁ ୧.୪.୧୯୯୬ ର ଠିକ ପରେ ପରେ ୨୦୦୧-୦୨ ଆର୍ଥିକବର୍ଷ ଠାରୁ ହାରାହାରି ଟାରିଫରେ ଆଉ ବୃଦ୍ଧି କରାଯାଇନାହିଁ। ସଂସ୍କାର ପୂର୍ବରୁ ଯେତେବେଳେ ସାମୁଦାୟିକ ଟାରିଫ ବୃଦ୍ଧି ୧୯୯୩-୯୪ରେ ୨୮.୫୮% , ୧୯୯୪-୯୫ ରେ ୧୫.୭୩%, ୧୯୯୫-୯୬ ରେ ୧୭.୪୭ % ଥିଲା, ସେହି ପରିପ୍ରେକ୍ଷୀରେ ହାରାହାରି ଟାରିଫର ବୃଦ୍ଧି ୧୯୯୬-୯୭ ରେ ୧୭.୦୦%,୧୯୯୭-୯୮ରେ ୧୦.୩୩%,୧୯୯୮-୯୯ ରେ ୯.୩୦%,୧୯୯୯-୨୦୦୦ ରେ ୪.୫୦% ଏବଂ ୨୦୦୦-୦୧ ରେ ୧୦.୨୩% ହୋଇଥିଲା। ୨୦୦୧-୦୨ ଠାରୁ ଆନୁଷଙ୍ଗିକ ସାମଗ୍ରୀ ସମୂହର ଦର ବର୍ଷକୁ ବର୍ଷ ବଢିଚାଲିଛି। ସାମୁଦାୟିକ ସାମଗ୍ରୀର ଦର ସୂଚକାଙ୍କ ସହ ତୁଳନା କଲେ ଜଣାପଡିବ ଯେ, ବାସ୍ତବ ଭାବେ କାର୍ଯ୍ୟକାରୀ ହୋଇଥିବା ଟାରିଫ ବୃଦ୍ଧିର କ୍ରମ ହେଉଛି (-) ୩୦.୪୬%, ଅର୍ଥାତ୍ ଆୟୋଗଙ୍କ ଦ୍ୱାରା ଅନୁମୋଦିତ ଟାରିଫ ବୃଦ୍ଧି ଆନୁଷଙ୍ଗିକ ସାମଗ୍ରୀ ସମୂହର ଦରବୃଦ୍ଧି ତୁଳନାରେ ଯଥେଷ୍ଟ କମ ଅଟେ, ଯାହା ନିମ୍ନ ଗ୍ରାଫ୍ରୁ ସ୍ପଷ୍ଟ ଭାବେ ବୁଝିହେବ।

**ସାରଣୀ – ୨୩**

ଶୁଳ୍କ ବୃଦ୍ଧି ତୁଳନାରେ ମୁଦ୍ରାସ୍ଫୀତି (ପାଇକାରୀ ଦାମ୍ ସୂଚକ)

**Tariff Rise vis-a-vis Inflation (Wholesale Price Index)**

୧୯୯୩-୯୪ – ୨୮.୫୮% (ରାଜ୍ୟ ସରକାର)

୧୯୯୪-୯୫ – ୧୫.୭୩% (ରାଜ୍ୟ ସରକାର)

| **ବର୍ଷ** | ହାରାହାରୀ ଶୁଳ୍କରେ ବୃଦ୍ଧି | ପାଇକାରୀ ଦାମ୍ ସୂଚକରେ ବୃଦ୍ଧି |
|---|---|---|
| ୧୯୯୫-୯୬ | ୧୭.୪୭% (ରାଜ୍ୟ ସରକାର) | ୧୯.୩୦% |
| ୧୯୯୬-୯୭ | ୧୭.୦୦% (ରାଜ୍ୟ ସରକାର) | ୬.୪୫% |
| ୧୯୯୭-୯୮ | ୧୦.୩୩% | ୪.୮୦% |
| ୧୯୯୮-୯୯ | ୯.୩୦% | ୬.୮୪% |
| ୧୯୯୯-୦୦ | ୪.୫୦% | ୩.୦୨% |
| ୨୦୦୦-୦୧ | ୧୦.୨୩% | ୬.୫୫% |
| ୨୦୦୧-୦୨ | ୦.୦୦% | ୩.୩୩% |
| ୨୦୦୨-୦୩ | ୦.୦୦% | ୩.୪୧% |
| ୨୦୦୩-୦୪ | ୦.୦୦% | ୫.୪୬% |
| ୨୦୦୪-୦୫ | ୦.୦୦% | ୬.୪୮% |
| ୨୦୦୫-୦୬ | -୦.୩୭% | ୪.୪୩% |
| ୨୦୦୬-୦୭ | ୦.୦୦% | ୫.୩୭% |
| ୨୦୦୭-୦୮ | ୦.୧୨% | ୪.୭୧% |
| ୨୦୦୮-୦୯ | -୦.୬୪% | ୮.୩୪% |
| ୨୦୦୯-୧୦ | ୦.୦୦% | ୩.୪% |

## ୨୫୭. କପି ନଂ -୫୯ ରୁ ଗ୍ରାଫ ଉଠାଇ ଏଠାରେ ସ୍ଥାନିତ କରନ୍ତୁ।

ପୁନଶ୍ଚ ଏଠାରେ ଦର୍ଶାଯାଇପାରେ ଯେ, ପାର୍ଲିଆମେଣ୍ଟରେ ଉପସ୍ଥାପିତ ଅର୍ଥନୈତିକ ସର୍ଭେ , ୨୦୦୮-୦୯ ଅନୁଯାୟୀ , ଓଡ଼ିଶା ରାଜ୍ୟ କ୍ଷେତ୍ରରେ ପାଇକାରୀ ତାରିଫ ହେଉଛି ଅନ୍ୟତମ ସର୍ବନିମ୍ନ ତାରିଫ। ନିମ୍ନଲିଖିତ ସାରଣୀ ଓ ଗ୍ରାଫରୁ ତାରିଫରୁ ସ୍ଥିତି ଭଲ ଭାବେ ବୁଝିହେବ।

<u>ଭିନ୍ନ ଭିନ୍ନ ରାଜ୍ୟରେ ୫ ମେଗାୱାଟର ଲୋଡ ପାଇଁ ଏଚଟି ସ୍ତରର ଜଣେ ଉପଭୋକ୍ତାଙ୍କ ପାଇଁ ତୁଳନାତ୍ମକ ତାରିଫ</u>

| ରାଜ୍ୟ | ତାରିଫ (କିଲୋ ୱାର୍ଟ ପିଛା ପାଇସା) |
|---|---|
| ଓଡ଼ିଶା | ୨୪୫ - ୨୯୦ |
| ମହାରାଷ୍ଟ୍ର | ୩୯୦ |
| କେରଳ | ୩୪୦ |
| କର୍ଣ୍ଣାଟକ | ୪୯୦ |
| ଛତିଶଗଡ | ୩୩୭ |
| ଆନ୍ଧ୍ରପ୍ରଦେଶ | ୨୫୫-୨୮୭ |
| ପଶ୍ଚିମବଂଗ | ୨୪୫-୩୩୦ |

କପି ନଂ - ୬୦ ରୁ ଗ୍ରାଫ୍ ଆଣି ଏଠାରେ ବସାନ୍ତୁ। * ଅନୁମତିଧାରୀଙ୍କ ଦ୍ୱାରା ଅଟକଳିତ --

୨୫୮. ଯେତେବେଳେ ତାରିଫ ନୀତି ୨୦୦୬ ର ଆବଶ୍ୟକତା ମତେ, ଉପଭୋକ୍ତାଙ୍କର ସ୍ୱାର୍ଥର ସୁରକ୍ଷା ସକାଶେ ସବୁ ପ୍ରକାର ପ୍ରୟାସ କରାଯାଇଛି, ସେତେବେଳେ ବଂଟନକାରୀ କଂପାନୀମାନଙ୍କର ଉତ୍କୃଷ୍ଟ ନିର୍ବାହନ ଉପରେ ନିଶ୍ଚିତ ହେବାକୁ ମଧ୍ୟ ସମାନ ଗୁରୁତ୍ୱ ପ୍ରଦାନ କରାଯାଇଛି। ଏହା ସେହି ସତ୍ୟରୁ ସ୍ୱଷ୍ଟ ଯେ, ନିର୍ଦ୍ଧିଷ୍ଟ ଆର୍ଥିକ ବର୍ଷ ଗୁଡିକ ଉଦ୍ଦେଶ୍ୟରେ ପାଇକାରୀ ତାରିଫ ନିର୍ଦ୍ଧାରଣରେ ବଣ୍ଟନକାରୀ କଂପାନୀ ଦ୍ୱାରା ପ୍ରଦର୍ଶିତ ବଡ଼ ପରିମାଣର ବଣ୍ଟନ କ୍ଷତି ଏବଂ ହାରାହାରି ବୈଷୟିକ ଓ ବ୍ୟବସାୟିକ କ୍ଷତିକୁ ଆୟୋଗ ଗ୍ରହଣ କରିନାହାନ୍ତି। ବରଂ ଏକ ନିର୍ଦ୍ଧିଷ୍ଟ ମାପଦଣ୍ଡର ବଣ୍ଟନ କ୍ଷତି ତଥା ହାରାହାରି ବୈଷୟିକ ଓ ବ୍ୟବସାୟିକ କ୍ଷତିକୁ ଆୟୋଗ ଗ୍ରହଣ କରିଛନ୍ତି। ଏହାକୁ ନିମ୍ନ ସାରଣୀରୁ ଲକ୍ଷ୍ୟ କରାଯାଇପାରେ।

**ସାରଣୀ – ୨୪ (କ)**

| | ୨୦୦୧-୦୨ | ୨୦୦୨-୦୩ | | | ୨୦୦୩-୦୪ | | | ୨୦୦୪-୦୫ | | | ୨୦୦୫-୦୬ | | |
|---|---|---|---|---|---|---|---|---|---|---|---|---|---|
| | (ବାସ୍ତବିକ ୧୦ମାସ ଉପରେ ପର୍ଯ୍ୟବେସିତ) | ବ୍ୟବସାୟୀକ ଯୋଜନାରେ ଅନୁମୋଦିତ | ବାର୍ଷିକ ରାଜସ୍ୱ ଆବଶ୍ୟକତାରେ ଅନୁମୋଦିତ | ବାସ୍ତବିକ | ବ୍ୟବସାୟୀକ ଯୋଜନାରେ ଅନୁମୋଦିତ | ବାର୍ଷିକ ରାଜସ୍ୱ ଆବଶ୍ୟକତାରେ ଅନୁମୋଦିତ | ବାସ୍ତବିକ (ସମୀକ୍ଷା) | ବ୍ୟବସାୟୀକ ଯୋଜନାରେ ଅନୁମୋଦିତ | ବାର୍ଷିକ ରାଜସ୍ୱ ଆବଶ୍ୟକତାରେ ଅନୁମୋଦିତ | ବାସ୍ତବିକ (ସମୀକ୍ଷା) | ବ୍ୟବସାୟୀକ ଯୋଜନାରେ ଅନୁମୋଦିତ | ବାର୍ଷିକ ରାଜସ୍ୱ ଆବଶ୍ୟକତାରେ ଅନୁମୋଦିତ | ବାସ୍ତବିକ (ସମୀକ୍ଷା) |
| **ବଣ୍ଟନ ଜନିତ କ୍ଷତି (%)** | | | | | | | | | | | | | |
| ସେସୁ | ୪୦.୯୪ | ୪୩.୦ | ୩୫.୯ | ୪୩.୦ | ୩୯.୮ | ୩୦.୯ | ୩୯.୮ | ୩୯.୦ | ୩୯.୦ | ୪୧.୫ | ୩୬.୦ | ୩୬.୦ | ୪୨.୯ |
| ନେସ୍କୋ | ୪୬.୯୮ | ୪୧.୪ | ୪୨.୦ | ୪୧.୪ | ୪୩.୭ | ୩୪.୮ | ୪୩.୭ | ୩୮.୦ | ୩୮.୦ | ୩୯.୪ | ୩୫.୦ | ୩୫.୦ | ୩୬.୧ |
| ୱେସ୍କୋ | ୪୧.୦୮ | ୩୮.୩ | ୩୬.୧ | ୩୮.୩ | ୩୯.୦ | ୩୧.୧ | ୩୯.୦ | ୩୪.୦ | ୩୪.୦ | ୩୬.୪ | ୩୧.୦ | ୩୧.୦ | ୩୬.୮ |
| ସାଉଥ୍କୋ | ୪୦.୮୯ | ୩୯.୧ | ୩୫.୯ | ୩୯.୧ | ୪୨.୪ | ୩୦.୯ | ୪୨.୫ | ୩୯.୦ | ୩୯.୦ | ୪୦.୫ | ୩୬.୦ | ୩୬.୦ | ୪୧.୧ |
| **ସମଗ୍ର ଓଡ଼ିଶା** | **୪୨.୨୧** | **୪୦.୭** | **୩୭.୨** | **୪୦.୭** | **୪୦.୮** | **୩୧.୯** | **୪୦.୮** | **୩୭.୧** | **୩୭.୧** | **୩୯.୨** | **୩୪.୨** | **୩୪.୨** | **୩୯.୬** |
| ଆଦାୟ ଉତ୍କୃଷ୍ଟତା (%) | | | | | | | | | | | | | |
| ସେସୁ | ୮୫.୦ | ୬୮.୯ | ୮୭.୫ | ୭୯.୯ | ୮୧.୨ | ୯୦.୦ | ୮୨.୧ | ୮୩.୦ | ୮୩.୦ | ୮୩.୫ | ୮୬.୦ | ୮୬.୦ | ୮୮.୯ |
| ନେସ୍କୋ | ୮୫.୦ | ୮୧.୫ | ୮୭.୫ | ୮୧.୫ | ୮୮.୧ | ୯୦.୦ | ୮୫.୫ | ୯୨.୦ | ୯୨.୦ | ୯୫.୬ | ୯୩.୦ | ୯୩.୦ | ୯୦.୨ |
| ୱେସ୍କୋ | ୮୫.୦ | ୮୫.୪ | ୮୭.୫ | ୮୫.୪ | ୮୮.୩ | ୯୦.୦ | ୮୮.୦ | ୯୦.୦ | ୯୦.୦ | ୯୧.୭ | ୯୨.୦ | ୯୨.୦ | ୯୩.୭ |
| ସାଉଥ୍କୋ | ୮୫.୦ | ୮୨.୬ | ୮୭.୫ | ୮୩.୪ | ୮୪.୨ | ୯୦.୦ | ୮୮.୨ | ୮୯.୦ | ୮୯.୦ | ୧୦୦.୫ | ୯୧.୦ | ୯୧.୦ | ୯୫.୩ |
| **ସମଗ୍ର ଓଡ଼ିଶା (*)** | **୮୫.୦** | **୮୧.୭** | **୮୭.୫** | **୮୨.୫** | **୮୫.୩** | **୯୦.୦** | **୮୫.୫** | **୮୮.୨** | **୮୮.୨** | **୯୧.୦** | **୯୦.୪** | **୯୦.୪** | **୯୧.୬** |
| **ଏଟି ଏଣ୍ଡ ସି କ୍ଷତି (%)** | | | | | | | | | | | | | |
| ସେସୁ | ୪୯.୮ | ୫୫.୦ | ୪୩.୯ | ୫୪.୫ | ୫୧.୧ | ୩୭.୮ | ୫୦.୬ | ୪୯.୪ | ୪୯.୪ | ୫୧.୧ | ୪୫.୦ | ୪୫.୦ | ୪୯.୨ |
| ନେସ୍କୋ | ୫୪.୯ | ୫୨.୨ | ୪୯.୨ | ୫୨.୨ | ୫୦.୪ | ୪୧.୪ | ୫୧.୮ | ୪୩.୦ | ୪୩.୦ | ୪୨.୧ | ୩୯.୬ | ୩୯.୬ | ୪୩.୨ |
| ୱେସ୍କୋ | ୪୯.୯ | ୪୭.୩ | ୪୪.୧ | ୪୭.୩ | ୪୬.୨ | ୩୮.୦ | ୪୬.୪ | ୪୦.୬ | ୪୦.୬ | ୪୧.୭ | ୩୬.୫ | ୩୬.୫ | ୪୧.୭ |
| ସାଉଥ୍କୋ | ୪୯.୮ | ୪୯.୮ | ୪୩.୯ | ୪୯.୩ | ୫୧.୬ | ୩୭.୮ | ୪୯.୩ | ୪୫.୭ | ୪୫.୭ | ୪୦.୨ | ୪୧.୮ | ୪୧.୮ | ୪୩.୯ |
| **ସମଗ୍ର ଓଡ଼ିଶା (*)** | **୫୦.୯** | **୫୧.୬** | **୪୫.୦** | **୫୧.୧** | **୪୯.୪** | **୩୮.୭** | **୪୯.୩** | **୪୪.୫** | **୪୪.୫** | **୪୪.୭** | **୪୦.୫** | **୪୦.୫** | **୪୪.୭** |

**ସାରଣୀ – ୨୪ (ଖ)**

| | ୨୦୦୬-୦୭ | | | ୨୦୦୭-୦୮ | | | ୨୦୦୮-୦୯ | | ୨୦୦୯-୧୦ | |
|---|---|---|---|---|---|---|---|---|---|---|
| | ବ୍ୟବସାୟୀକ ଯୋଜନାରେ ଅନୁମୋଦିତ | ବାର୍ଷିକ ରାଜସ୍ୱ ଆବଶ୍ୟକତାରେ ଅନୁମୋଦିତ | ବାସ୍ତବିକ (ସମୀକ୍ଷା) | ବ୍ୟବସାୟୀକ ଯୋଜନାରେ ଅନୁମୋଦିତ | ବାର୍ଷିକ ରାଜସ୍ୱ ଆବଶ୍ୟକତାରେ ଅନୁମୋଦିତ | ବାସ୍ତବିକ (ସମୀକ୍ଷା) | ବାର୍ଷିକ ରାଜସ୍ୱ ଆବଶ୍ୟକତାରେ ଅନୁମୋଦିତ | ବାସ୍ତବିକ (ସମୀକ୍ଷା) | ବାର୍ଷିକ ରାଜସ୍ୱ ଆବଶ୍ୟକତାରେ ଅନୁମୋଦିତ | ବାସ୍ତବିକ (ସେପ୍ଟେମ୍ବର ୦୯ ସୁଦ୍ଧା ) |
| ବଣ୍ଟନ ଜନିତ କ୍ଷତି (%) | | | | | | | | | | |
| ସେସୁ | ୩୩.୦ | ୩୩.୦ | ୪୩.୫ | ୩୦.୦ | ୨୯.୩ | ୪୧.୫ | ୨୯.୩ | ୪୦.୩ | ୨୬.୩ | ୩୯.୦ |
| ନେସ୍କୋ | ୩୨.୦ | ୩୧.୫ | ୩୩.୨ | ୨୯.୦ | ୨୬.୦ | ୩୧.୨ | ୨୫.୫ | ୩୪.୬ | ୨୩.୦ | ୩୨.୨ |
| ୱେସ୍କୋ | ୨୮.୦ | ୩୩.୭ | ୩୬.୪ | ୨୫.୦ | ୨୫.୦ | ୩୬.୧ | ୨୫.୦ | ୩୩.୬ | ୨୨.୫ | ୩୩.୮ |
| ସାଉଥ୍କୋ | ୩୩.୦ | ୩୩.୦ | ୪୩.୪ | ୩୦.୦ | ୩୦.୪ | ୪୫.୫ | ୩୦.୪ | ୪୭.୮ | ୨୭.୯ | ୪୭.୯ |
| **ସମଗ୍ର ଓଡ଼ିଶା** | **୩୧.୨** | **୩୨.୮** | **୩୮.୬** | **୨୮.୨** | **୨୭.୧** | **୩୭.୫** | **୨୭.୦** | **୩୭.୫** | **୨୪.୪** | **୩୬.୭** |
| ଆଦାୟ ଉତ୍କୃଷ୍ଟତା (%) | | | | | | | | | | |
| ସେସୁ | ୮୯.୦ | ୮୯.୦ | ୯୨.୮ | ୯୨.୦ | ୯୨.୦ | ୯୪.୧ | ୯୫.୦ | ୯୧.୮ | ୯୮.୦ | ୯୬.୭ |
| ନେସ୍କୋ | ୯୪.୦ | ୯୪.୦ | ୮୮.୭ | ୯୪.୦ | ୯୪.୦ | ୯୩.୨ | ୯୫.୦ | ୯୨.୫ | ୯୮.୦ | ୯୦.୫ |
| ୱେସ୍କୋ | ୯୪.୦ | ୯୪.୦ | ୯୪.୩ | ୯୬.୦ | ୯୬.୦ | ୯୨.୯ | ୯୬.୬ | ୯୩.୯ | ୯୮.୦ | ୯୬.୦ |
| ସାଉଥ୍କୋ | ୯୩.୦ | ୯୩.୦ | ୯୪.୩ | ୯୪.୦ | ୯୪.୦ | ୯୪.୧ | ୯୪.୦ | ୯୪.୨ | ୯୮.୦ | ୯୧.୨ |
| **ସମଗ୍ର ଓଡ଼ିଶା (*)** | **୯୨.୪** | **୯୨.୫** | **୯୨.୪** | **୯୪.୧** | **୯୪.୨** | **୯୩.୪** | **୯୫.୪** | **୯୩.୦** | **୯୮.୦** | **୯୪.୪** |
| **ଏଟି ଏଣ୍ଡ ସି କ୍ଷତି (%)** | | | | | | | | | | |
| ସେସୁ | ୪୦.୪ | ୪୦.୪ | ୪୭.୬ | ୩୫.୬ | ୩୫.୦ | ୪୫.୦ | ୩୨.୮ | ୪୫.୨ | ୨୭.୮ | ୪୧.୦ |
| ନେସ୍କୋ | ୩୬.୧ | ୩୫.୬ | ୪୦.୭ | ୩୩.୩ | ୩୦.୪ | ୩୫.୯ | ୨୯.୨ | ୩୯.୫ | ୨୪.୫ | ୩୮.୬ |
| ୱେସ୍କୋ | ୩୨.୩ | ୩୭.୭ | ୪୦.୦ | ୨୮.୦ | ୨୮.୦ | ୪୦.୭ | ୨୭.୫ | ୩୭.୬ | ୨୪.୦ | ୩୬.୪ |
| ସାଉଥ୍କୋ | ୩୭.୭ | ୩୭.୭ | ୪୬.୬ | ୩୪.୨ | ୩୪.୬ | ୪୮.୭ | ୩୪.୬ | ୫୦.୮ | ୨୯.୪ | ୫୨.୫ |
| **ସମଗ୍ର ଓଡ଼ିଶା (*)** | **୩୬.୪** | **୩୭.୯** | **୪୩.୩** | **୩୨.୪** | **୩୧.୪** | **୪୧.୬** | **୩୦.୪** | **୪୧.୯** | **୨୬.୦** | **୪୦.୩** |

୨୫୯. ୨୦୦୧-୦୨ ଆର୍ଥିକ ବର୍ଷରେ ବଣ୍ଟନକାରୀ କଂପାନୀମାନେ କାନୁନଗୋ କମିଟି ସମକ୍ଷରେ ଯେଉଁ ପ୍ରଦର୍ଶନ କରିଥିଲେ, ସେଥିରୁ ପ୍ରମାଣିତ ହୋଇଥିଲା ଯେ, ସେମାନଙ୍କର ପ୍ରତ୍ୟାଶିତ କ୍ଷତି- ହ୍ରାସ ସ୍ତରରେ ସେମାନେ ପହଞ୍ଚି ପାରିନଥିଲେ। ଏହା ଅବଶ୍ୟ ଦୁର୍ଭାଗ୍ୟଜନକ। ଏହା ସ୍ପଷ୍ଟ ଭାବେ ସ୍ୱୀକୃତ ଯେ, ଯେ ପର୍ଯ୍ୟନ୍ତ ଶକ୍ତି ସେକ୍ଟରରେ ଶକ୍ତି ସରବରାହ ଓ ବଣ୍ଟନ ଜନିତ କ୍ଷତି ଉଲ୍ଲେଖଯୋଗ୍ୟ ଭାବେ ଦ୍ରୁତ ହ୍ରାସ ନ ଘଟିଛି, ସେ ପର୍ଯ୍ୟନ୍ତ ଶକ୍ତି ସେକ୍ଟର ଗତିଶୀଳ (ବିକାଶଶୀଳ) ହୋଇ ପାରିବ ନାହିଁ। ସଦ୍ୟ ବିଗତ ବର୍ଷମାନଙ୍କରେ ଦେଶର ସଂଖ୍ୟାଧିକ ରାଜ୍ୟ ୪୦ ପ୍ରତିଶତରୁ କମ ପରିମାଣ କ୍ଷତି ଦର୍ଶାଇଛନ୍ତି। ଏହି ପରିପ୍ରେକ୍ଷୀରେ, ଓଡ଼ିଶାର ବିଭିନ୍ନ ବଣ୍ଟନକାରୀ କଂପାନୀଙ୍କ ଦ୍ୱାରା କ୍ଷତି-ହ୍ରାସର ପ୍ରକୃତ ସଫଳତାକୁ ସୂଚାଇବା ପ୍ରାସଂଗିକ ହେବ।

**ସାରଣୀ – ୨୫**

**ବାସ୍ତବିକ ବଣ୍ଟନଜନିତ କ୍ଷତି ଏବଂ ଏଟି ଆଣ୍ଡ ସି କ୍ଷତି (ପ୍ରତିଶତରେ)**

**ଇମସ୍ବଙ୍କବକ୍ଷ ଉସବ୍ଦସ୍କ୍ସସଭଙ୍କସ୍ଵସକ୍ଟଭ ଖକ୍ଟବ୍ଦ ବଭୟ ଇଞ୍ଚଠଉ ଖକ୍ଟବ୍ଦ (ସଭ %)**

| ଅନୁମତିଧାରୀ ସଂସ୍ଥା | | ୦୦-୦୧ | ୦୧-୦୨ | ୦୨-୦୩ | ୦୩-୦୪ | ୦୪-୦୫ | ୦୫-୦୬ | ୦୬-୦୭ | ୦୭-୦୮ | ୦୮-୦୯ |
|---|---|---|---|---|---|---|---|---|---|---|
| ସେସୁ | ବଣ୍ଟନଜନିତ କ୍ଷତି | ୪୪.୮୯ | ୪୮.୮୧ | ୪୩.୦୩ | ୩୯.୭୬ | ୪୧.୪୯ | ୪୨.୮୬ | ୪୩.୫୨ | ୪୧.୪୮ | ୪୦.୩୪ |
| | 'ଏଟି ଆଣ୍ଡ ସି' କ୍ଷତି | ୫୮.୯୪ | ୬୩.୫୭ | ୫୪.୪୮ | ୫୦.୫୭ | ୫୧.୧୨ | ୪୯.୧୮ | ୪୭.୫୮ | ୪୪.୯୬ | ୪୫.୨୩ |
| ନେସ୍କୋ | ବଣ୍ଟନଜନିତ କ୍ଷତି | ୪୪.୪୪ | ୫୧.୦୦ | ୪୧.୩୮ | ୪୩.୬୬ | ୩୯.୪୦ | ୩୭.୦୮ | ୩୩.୨୨ | ୩୧.୧୭ | ୩୪.୫୭ |
| | 'ଏଟି ଆଣ୍ଡ ସି' କ୍ଷତି | ୫୪.୩୮ | ୬୩.୫୭ | ୫୨.୨୫ | ୫୧.୮୫ | ୪୨.୦୯ | ୪୩.୨୪ | ୪୦.୭୫ | ୩୫.୮୮ | ୩୯.୪୮ |

| | | | | | | | | | | |
|---|---|---|---|---|---|---|---|---|---|---|
| ଓ୍ୱେସ୍କୋ | ବଣ୍ଟନଜନିତ କ୍ଷତି | ୪୩.୨୦ | ୪୬.୪୪ | ୩୮.୨୯ | ୩୯.୦୨ | ୩୬.୩୮ | ୩୭.୮୦ | ୩୬.୩୬ | ୩୬.୧୩ | ୩୩.୫୫ |
| | 'ଏଟି ଆଣ୍ଡ ସି' କ୍ଷତି | ୫୪.୯୪ | ୫୭.୧୮ | ୪୭.୩୦ | ୪୬.୩୬ | ୪୧.୬୬ | ୪୧.୭୫ | ୩୯.୯୯ | ୪୦.୬୫ | ୩୭.୬୩ |
| ସାଉଥ୍କୋ | ବଣ୍ଟନଜନିତ କ୍ଷତି | ୪୨.୫୨ | ୪୦.୪୭ | ୩୯.୧୪ | ୪୨.୪୫ | ୪୦.୫୦ | ୪୧.୦୭ | ୪୩.୩୯ | ୪୫.୪୯ | ୪୭.୬୮ |
| | 'ଏଟି ଆଣ୍ଡ ସି' କ୍ଷତି | ୫୨.୧୦ | ୫୨.୮୦ | ୪୯.୨୬ | ୪୯.୨୭ | ୪୦.୨୨ | ୪୩.୮୬ | ୪୬.୬୧ | ୪୮.୭୩ | ୫୦.୮୦ |
| **ସମଗ୍ର ଓଡ଼ିଶା** | ବଣ୍ଟନଜନିତ କ୍ଷତି | ୪୪.୦୧ | ୪୭.୪୭ | ୪୦.୭୫ | ୪୦.୭୫ | ୩୯.୨୧ | ୩୯.୬୦ | ୩୮.୫୭ | ୩୭.୪୮ | ୩୭.୫୦ |
| | 'ଏଟି ଆଣ୍ଡ ସି' କ୍ଷତି | ୫୫.୯୨ | ୬୦.୩୧ | ୫୧.୧୫ | ୪୯.୩୫ | ୪୪.୬୮ | ୪୪.୬୯ | ୪୩.୨୫ | ୪୧.୬୦ | ୪୧.୮୯ |

**ସାରଣୀ – ୨୬**

**ଏଲ୍.ଟି. ସ୍ତରରେ ବଣ୍ଟନ କ୍ଷତି (ପ୍ରତିଶତରେ)**

**(ଅନୁମତିଧାରୀଙ୍କର ଫାଇଲିଂକୁ ଆଧାର କରି)**

| | ୦୧-୦୨ | ୦୨-୦୩ | ୦୩-୦୪ | ୦୪-୦୫ | ୦୫-୦୬ | ୦୬-୦୭ | ୦୭-୦୮ | ୦୮-୦୯ | ୦୯-୧୦* |
|---|---|---|---|---|---|---|---|---|---|
| ସେସୁ | ୫୪.୫ | ୪୯.୬ | ୪୬.୪ | ୪୭.୪ | ୪୯.୭ | ୫୩.୨ | ୫୩.୮ | ୫୩.୨୪ | ୫୨.୨୦ |
| ନେସ୍କୋ | ୬୫.୧ | ୫୮.୮ | ୬୨.୧ | ୬୦.୬ | ୫୯.୨ | ୫୯.୫ | ୫୯.୩ | ୫୯.୪୦ | ୫୨.୭୦ |
| ଓ୍ୱେସ୍କୋ | ୬୩.୩ | ୫୮.୬ | ୬୩.୪ | ୬୫.୦ | ୬୫.୫ | ୬୫.୦ | ୬୫.୩ | ୬୫.୬୫ | ୫୫.୪୦ |
| ସାଉଥ୍କୋ | ୪୬.୭ | ୪୫.୯ | ୫୦.୨ | ୪୭.୮ | ୪୯.୬ | ୫୨.୪ | ୫୪.୯ | ୫୭.୬୩ | ୫୪.୪୦ |
| **ସମଗ୍ର ଓଡ଼ିଶା** | ୫୭.୬ | ୫୩.୧ | ୫୪.୯ | ୫୪.୯ | ୫୫.୮ | ୫୭.୫ | ୫୮.୨ | ୫୮.୬୩ | ୫୩.୫୦ |

(*୨୦୦୯-୧୦ ପାଇଁ ଲାଇସେନ୍ସଧାରୀ କମ୍ପାନୀମାନଙ୍କ ଦ୍ୱାରା ଅଟକଳ)

**(* ରବ୍ଦବ୍ସସଙ୍କବବ୍ସରୟ ଭଛ ବ୍ଷର ଖସମରଭବ୍ଦରର ଲକ୍ଟକ୍ସ ୨୦୦୯-୧୦)**

**ସାରଣୀ – ୨୭**

**ଆଦାୟ - ଉତ୍କୃଷ୍ଟତା (ପ୍ରତିଶତରେ)**

| | ୦୧-୦୨ | ୦୨-୦୩ | ୦୩-୦୪ | ୦୪-୦୫ | ୦୫-୦୬ | ୦୬-୦୭ | ୦୭-୦୮ | ୦୮-୦୯ | ୦୯-୧୦* |
|---|---|---|---|---|---|---|---|---|---|
| ସେସୁ | ୭୧.୨ | ୭୯.୯ | ୮୨.୧ | ୮୩.୫ | ୮୮.୯ | ୯୨.୮୧ | ୯୪.୧୦ | ୯୧.୮୦ | ୯୫.୦୦ |
| ନେସ୍କୋ | ୭୪.୩ | ୮୧.୫ | ୮୫.୫ | ୯୫.୬ | ୯୦.୨ | ୮୮.୭୪ | ୯୩.୧୬ | ୯୨.୫୦ | ୯୬.୦୦ |
| ଓ୍ୱେସ୍କୋ | ୭୯.୯ | ୮୫.୪ | ୮୮.୦ | ୯୧.୭ | ୯୩.୬ | ୯୪.୨୯ | ୯୨.୯୧ | ୯୩.୮୬ | ୯୭.୦୦ |
| ସାଉଥ୍କୋ | ୭୯.୩ | ୮୩.୪ | ୮୮.୨ | ୧୦୦.୫ | ୯୫.୩ | ୯୪.୩୧ | ୯୪.୦୫ | ୯୪.୨୧ | ୯୬.୦୦ |
| **ସମଗ୍ର ଓଡ଼ିଶା** | ୭୫.୫ | ୮୨.୪ | ୮୫.୫ | ୯୧.୦ | ୯୧.୬ | ୯୨.୩୭ | ୯୩.୪୦ | ୯୨.୯୮ | ୯୬.୦୦ |

୨୬୦. ଟଙ୍କା ବା ଅର୍ଥ ହିସାବରେ ୧ ପ୍ରତିଶତରେ ଏଟି ଆଣ୍ଡ ସି କ୍ଷତି ହ୍ରାସ ଘଟିଲେ ବର୍ଷକୁ ସେ ଦିଗରୁ ୫୦ କୋଟି ଟଙ୍କା ଆୟ ହେବ। ୧୮.୨.୨୦୧୦ ରେ ଅନୁଷ୍ଠିତ ରାଜ୍ୟ ଉପଦେଷ୍ଟା କମିଟିରେ ଆଲୋଚନା ହୋଇଥିବା ଅନୁଯାୟୀ, ଯଦି ବଣ୍ଟନକାରୀ କଂପାନୀମାନେ ୨୦୦୮-୦୯ର ୪୧.୮୯ % ର ସାଂପ୍ରତିକ ସ୍ତରରୁ ଏଟି ଆଣ୍ଡ ସି କ୍ଷତିକୁ ୧୦ ପ୍ରତିଶତର ହ୍ରାସ ଆଣିବାରେ ସଫଳ ହୁଅନ୍ତି, ତେବେ ବଂଟନ ସେକ୍ଟର ବାର୍ଷିକ ୫୦୦ କୋଟି ଟଙ୍କା ଆୟ କରିବ, ଯାହାକୁ ପଦ୍ଧତିଗତ ବିକାଶ ଓ ଉପଭୋକ୍ତାଙ୍କୁ ଶକ୍ତି ଯୋଗାଣର ଗୁଣବତ୍ତାକୁ ବୃଦ୍ଧି କରିବା ଦିଗରେ ବିନିଯୋଗ କରାଯାଇପାରିବ।

୨୬୧. ବାସ୍ତବ ଢାଞ୍ଚାରେ ଟାରିଫ ନିର୍ଦ୍ଧାରଣ କରିବା ଯଦିଓ ଟାରିଫ ନୀତିର ନିର୍ଯାସ ଅଟେ, ତେବେ ବଂଟନ ସେକ୍ଟରର କେନ୍ଦ୍ର ବିନ୍ଦୁ ହୋଇଥିବା ଉପଭୋକ୍ତାଙ୍କ ସ୍ୱାର୍ଥକୁ ଏଡାଇ ଦେଇ ହେବ ନାହିଁ। ଏହା ସାଂଗକୁ ବଂଟନ

ସେକ୍ଟରର ଆର୍ଥିକ ସଂପନ୍ନତା ଓ ଗତିଶୀଳତାକୁ ମଧ୍ୟ ଦୃଷ୍ଟି ଦେବାକୁ ପଡିବ। ଏହି ପରିପ୍ରେକ୍ଷୀରେ ଏଠାରେ ଉଲ୍ଲେଖ କରିବା ଆବଶ୍ୟକ ଯେ, ଜନ ଶୁଣାଣି ସମୟରେ ବିଭିନ୍ନ ଉପଭୋକ୍ତା ବର୍ଗର ପ୍ରତିନିଧିମାନେ ଦୃଢ ଭାବେ ବର୍ତ୍ତମାନର ତାରିଫ ବୃଦ୍ଧିକୁ ପ୍ରତିବାଦ କରିଥିଲେ। ସେମାନେ ଯୁକ୍ତି ଦର୍ଶାଇଥିଲେ ଯେ, ବଂଟନ ଅନୁମତିଧାରୀମାନଙ୍କର ନିକୃଷ୍ଟ ନିର୍ବାହନ ପାଇଁ ସେମାନେ କାହିଁକି ବୋଝ ମୁଣ୍ଡାଇବେ? ବରଂ ବଡ଼ ଧରଣର ବଂଟନ-କ୍ଷତି ଏବଂ 'ଏଟି ଆଣ୍ଡ ସି' କ୍ଷତିକୁ କମାଇ ତାରିଫ ଦର-ହାର କମାଇବାର ଯୌକ୍ତିକତା ରହିଛି। ସେମାନେ ଦର୍ଶାଇଥିଲେ ଯେ, ୱେସକୋର ଏଲଟି ସ୍ତରୀୟ ଏଟି ଆଣ୍ଡ ସି କ୍ଷତି ପାଖାପାଖି ୭୪.୭୮ ପ୍ରତିଶତ ଏବଂ ଉପଯୋଗିତ ପ୍ରତି ୧୦୦ ୟୁନିଟରୁ ପ୍ରାୟ ୭୫ ୟୁନିଟର ରାଜସ୍ୱ ଆଦାୟ ହୋଇପାରୁନାହିଁ। ଏଭଳି ସ୍ଥିତିରେ କେବଳ ତାରିଫ ବୃଦ୍ଧି କରିଦେଇ ଆର୍ଥିକ ଅବସ୍ଥାରେ ଉନ୍ନତି ଅଣାଯାଇ ପାରିବ ନାହିଁ। ଏହା କଣା ମାଠିଆରେ ପାଣି ଢାଳିବା ସଦୃଶ ହେବା ହିଁ ସାର ହେବ।

୨୬୨. ଜନଶୁଣାଣିରେ ଭାଗ ନେଇଥିବା ଏବଂ ୫.୧.୨୦୧୦ ର କର୍ମଶାଳାରେ ଭାଗ ନେଇଥିବା ବିଭିନ୍ନ ଉପଭୋକ୍ତାବର୍ଗର ପ୍ରତିନିଧିମାନଙ୍କର ଅଭିଯୋଗର ଯଥେଷ୍ଟ ଯଥାର୍ଥତା ଥିବା ଅନୁଭୂତ ହୋଇଥିଲା। ୨୦୦୧-୦୨ଆର୍ଥିକ ବର୍ଷ ପାଇଁ ହାରାହାରି ୪୨.୨୧ ପ୍ରତିଶତ ଦର ହାରରେ ବଂଟନକାରୀ କଂପାନୀମାନେ ଶୋଭନ କାନୁନଗୋ କମିଟି ସମକ୍ଷରେ ବଂଟନ କ୍ଷତିର ସ୍ତରକୁ ଉପସ୍ଥାପନ କରିଥିଲେ। ଇଏଚଟି ସରବରାହ ପଦ୍ଧତିରେ କ୍ଷତିକୁ ବାଦ ଦେଇ ନେସ୍କୋ, ୱେସକୋ , ସାଉଥକୋ ଓ ସେସୁ ସେମାନଙ୍କର କ୍ଷତି ସ୍ତର ଉପସ୍ଥାପନ କରିଥିଲେ। ସେମାନଙ୍କର କ୍ଷତି ସ୍ତର ହେଲା ଯଥାକ୍ରମେ ୪୬.୯୫%,୪୧.୦୮%,୪୦.୮୯% ଓ ୪୦.୯୪ %। ୨୦୦୪ ର କେଶ ନଂ ୧୧୫ ରେ ୨୦୦୫ ଫେବୃୟାରୀ ୨୮ ତାରିଖର ଆଦେଶନାମାରେ ଓଇଆରସି ୱେସକୋ, ନେସକୋ, ସାଉଥକୋ ଓ ସେସ୍କୋ (ବର୍ତ୍ତମାନ ସେସୁ) ର ବ୍ୟବସାୟିକ ଖସଡାକୁ ଅନୁମୋଦନ କଲାବେଳେ ପରବର୍ତ୍ତୀ ସମୟରେ ବ୍ୟବହାର ପାଇଁ ୨୦୦୨-୦୩ କୁ ରେଫେରେନ୍ସ୍ ବର୍ଷ ଭାବେ ବିବେଚିତ କରି ବଂଟନ କ୍ଷତି ଆଦାୟ ଉତ୍କୃଷ୍ଟତା ଅନୁଯାୟୀ ଅଡିଟ କରାଯାଇଥିବା ପରିସଂଖ୍ୟାନକୁ ଗ୍ରହଣ କରିଥିଲେ। ସେହି ଅନୁସାରେ ଆୟୋଗ ଆର୍ଥିକ ବର୍ଷ ୨୦୦୫-୦୬ ଠାରୁ ୨୦୦୭-୦୮ ପର୍ଯ୍ୟନ୍ତ ଉପରୋକ୍ତ ୪ ଗୋଟି କଂପାନୀର ବଂଟନ କ୍ଷତି ଓ ଏଟି ଆଣ୍ଡ ସି' କ୍ଷତି-ହ୍ରାସ ସ୍ଥିର କରିଥିଲେ। ଇତି ମଧ୍ୟରେ ବଂଟନକାରୀ କଂପାନୀମାନେ ୨୦୦୮-୦୯ ଆର୍ଥିକ ବର୍ଷ ଠାରୁ ଆରମ୍ଭ କରି ଆଗାମୀ ୫ ବର୍ଷର ସମୟ ପର୍ଯ୍ୟନ୍ତ ବ୍ୟବସାୟିକ ଖସଡା ସଂପର୍କରେ ସେମାନଙ୍କର ଆବେଦନ ପତ୍ର ମଧ୍ୟ ଦାଖଲ କରିଛନ୍ତି, ଯହିଁରେ ସେମାନେ ନିଜ ତରଫରୁ ବଂଟନ କ୍ଷତି କମାଇବାକୁ ପ୍ରଦର୍ଶନ କରିଛନ୍ତି।

୨୬୩. ଇତି ମଧ୍ୟରେ ଅର୍ଥାତ୍ ୨୦୦୦-୦୧ ରୁ ୨୦୦୯-୧୦ ମଧ୍ୟରେ ବିଭିନ୍ନ ଅତ୍ୟାବଶ୍ୟକୀୟ ସାମଗ୍ରୀର ଦର ଧିରେ ଧିରେ ବଢିଚାଲିଛି । ୨୦୦୦-୦୧ ମଧ୍ୟରେ ଚିନି କି.ଗ୍ରା ପିଛା ଟ ୧୭/- ଥିଲା ବେଳେ ୨୦୦୮-୦୯ କୁ ଟ ୨୩/- ହୋଇଛି। ୨୦୦୦-୦୧ରେ ଲୁଣ କେଜି ପିଛା ଟ ୨.୨୦ ପଇସା ଥିବା ବେଳେ ୨୦୦୮-୦୯କୁ କେଜି ପିଛା ଟ ୮.୪୨ ପଇସା ହୋଇଛି। ସେହିପରି କିରୋସିନି ଲିଟର ପିଛା ୨୦୦୦-୦୧ ରେ ଟ ୧୦/- ଥିଲାବେଳେ ୨୦୦୮-୦୯କୁ ଟ ୧୮.୦୬ ପଇସା ହୋଇଛି। ବିଭିନ୍ନ ଅତ୍ୟାବଶ୍ୟକୀୟ ସାମଗ୍ରୀର ବର୍ଷକୁ ବର୍ଷ ଯେଉଁ ଦର ଦ୍ରୁତ ଭାବେ ବଢିଚାଲିଛି ତାହାର ଏକ ସାରଣୀ କୃତ ଚିତ୍ର ନିମ୍ନରେ ଦିଆଗଲା।

**ସାରଣୀ – ୨୮ (କ)**

**୨୦୦୦-୦୧ ରୁ ୨୦୦୯-୧୦ ପର୍ଯ୍ୟନ୍ତ ଅତ୍ୟନ୍ତ ଦରକାରୀ ସାମଗ୍ରୀ ମାନଙ୍କର ଦରବୃଦ୍ଧି**

**Price rise of different essential commodities from 2000-01 to 2009-10**

| ଦ୍ରବ୍ୟ | ୨୦୦୦-୦୧ | ପ୍ରତିଶତ | ୨୦୦୧-୦୨ | ପ୍ରତିଶତ | ୨୦୦୨-୦୩ | ପ୍ରତିଶତ | ୨୦୦୩-୦୪ | ପ୍ରତିଶତ | ୨୦୦୪–୦୫ | ପ୍ରତିଶତ |
|---|---|---|---|---|---|---|---|---|---|---|

| | | ବୃଦ୍ଧି | | ବୃଦ୍ଧି | | ବୃଦ୍ଧି | | ବୃଦ୍ଧି | | ବୃଦ୍ଧି |
|---|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ |
| ଆଳୁ / କେଜି | ୫.୧୦ | | ୭.୩୨ | ୪୩.୫୩ | ୬.୨୮ | -୧୪.୨୧ | ୫.୬୨ | -୧୦.୫୧ | ୬.୬୯ | ୧୯.୦୪ |
| ପିଆଜ/କେଜି | ୭.୦୨ | | ୭.୬୯ | ୯.୫୪ | ୬.୯୩ | -୯.୮୮ | ୯.୧୪ | ୩୧.୮୯ | ୭.୫୭ | -୧୭.୧୮ |
| ଲୁଣ/କେଜି | ୨.୨୦ | | ୨.୨୭ | ୩.୧୮ | ୨.୪୯ | ୯.୬୯ | ୩.୧୦ | ୨୪.୫୦ | ୪.୩୪ | ୪୦.୦୦ |
| ଚିନି/କେଜି | ୧୬.୯୪ | | ୧୬.୯୨ | -୦.୧୨ | ୧୫.୫୦ | -୮.୩୯ | ୧୬.୦୫ | ୩.୫୫ | ୧୮.୭୨ | ୧୬.୬୪ |
| କିରୋସିନି/ଲିଟର | ୯.୯୯ | | ୧୧.୮୮ | ୧୮.୯୨ | ୧୨.୩୯ | ୪.୨୯ | ୧୨.୬୪ | ୨.୦୨ | ୧୩.୩୮ | ୫.୮୫ |
| ଚାଉଳ/କେଜି | ୮.୪୨ | | ୭.୬୧ | -୯.୬୨ | ୬.୯୯ | -୮.୧୫ | ୮.୪୦ | ୨୦.୧୭ | ୮.୬୩ | ୨.୬୪ |
| ଖୋଲା ବଜାର | | | | | | | | | | |
| ଧାନ/କୁଇଣ୍ଟାଲ (ସରକାରଙ୍କ ଅନୁମୋଦିତ) | ୫୧୦.୦୦ | | ୫୩୦.୦୦ | ୩.୯୨ | ୫୩୦.୦୦ | ୦.୦୦ | ୫୫୦.୦୦ | ୩.୭୭ | ୫୬୦.୦୦ | ୧.୮୨ |
| ଗହମ/କୁଇଣ୍ଟାଲ (ସରକାରଙ୍କ ଅନୁମୋଦିତ) | | | | | ୬୨୦.୦୦ | | ୬୩୦.୦୦ | ୧.୬୧ | ୬୪୦.୦୦ | ୧.୫୯ |
| ମାଛ/କେଜି | ୪୭.୧୨ | | ୪୯.୫୮ | ୫.୨୨ | ୪୯.୭୯ | ୪୨.୦୦ | ୫୦.୯୦ | ୨.୨୩ | ୫୩.୬୨ | ୫.୩୪ |
| ଅଣ୍ଡା (ଡଜନ) | ୧.୭୭ | | ୧.୭୮ | ୦.୫୬ | ୧.୭୯ | ୦.୫୬ | ୧.୮୦ | ୦.୫୬ | ୧.୮୭ | ୩.୮୯ |
| କୁକୁଡ଼ା ମାଂସ/କେଜି | ୭୭.୪୭ | | ୭୮.୮୫ | ୧.୭୮ | ୭୭.୬୧ | -୧.୫୭ | ୭୫.୮୦ | -୨.୩୩ | ୭୯.୨୫ | ୪.୫୫ |
| ଛେଳି ମାଂସ/କେଜି | ୧୦୪.୭୮ | | ୧୦୮.୭୮ | ୩.୮୨ | ୧୧୨.୬୨ | ୩.୫୩ | ୧୧୫.୮୬ | ୨.୮୮ | ୧୨୧.୫୦ | ୪.୮୭ |

**ସାରଣୀ – ୨୮ (ଖ)**

| | ୨୦୦୫-୦୬ | ପ୍ରତିଶତ ବୃଦ୍ଧି | ୨୦୦୬-୦୭ | ପ୍ରତିଶତ ବୃଦ୍ଧି | ୨୦୦୭-୦୮ | ପ୍ରତିଶତ ବୃଦ୍ଧି | ୨୦୦୮-୦୯ | ପ୍ରତିଶତ ବୃଦ୍ଧି | ୨୦୦୯-୧୦ | ପ୍ରତିଶତ ବୃଦ୍ଧି |
|---|---|---|---|---|---|---|---|---|---|---|
| ୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ | ୨୧ |
| ଆଳୁ / କେଜି | ୭.୪୧ | ୧୦.୭୬ | ୮.୩୮ | ୧୩.୦୯ | ୮.୭୧ | ୩.୯୪ | ୮.୬୭ | -୦.୪୬ | | |
| ପିଆଜ/କେଜି | ୮.୪୨ | ୧୧.୨୩ | ୧୦.୧୫ | ୨୦.୫୫ | ୧୧.୪୩ | ୧୨.୬୧ | ୧୩.୮୩ | ୨୧.୦୦ | | |
| ଲୁଣ/କେଜି | ୪.୮୬ | ୧୧.୯୮ | ୬.୯୨ | ୪୨.୩୯ | ୭.୫୧ | ୮.୫୩ | ୮.୪୨ | ୧୨.୧୨ | | |
| ଚିନି/କେଜି | ୨୦.୮୩ | ୧୧.୨୭ | ୧୯.୯୫ | -୪.୨୨ | ୧୭.୨୮ | -୧୩.୩୮ | ୨୨.୯୩ | ୩୨.୭୦ | | |
| କିରୋସିନି/ଲିଟର | ୧୫.୯୪ | ୧୯.୧୩ | ୧୬.୦୮ | ୦.୮୮ | ୧୭.୩୫ | ୭.୯୦ | ୧୮.୦୬ | ୪.୦୯ | | |
| ଚାଉଳ/କେଜି | ୮.୮୪ | ୨.୪୩ | ୯.୧୭ | ୩.୭୩ | ୧୧.୧୭ | ୨୧.୮୧ | ୧୩.୦୩ | ୧୬.୬୫ | | |
| ଖୋଲା ବଜାର | | | | | | | | | | |
| ଧାନ/କୁଇଣ୍ଟାଲ (ସରକାରଙ୍କ ଅନୁମୋଦିତ) | ୫୭୦.୦୦ | ୧.୭୯ | ୫୮୦.୦୦ | ୧.୭୫ | ୬୪୫.୦୦ | ୧୧.୨୧ | ୮୫୦.୦୦ | ୩୧.୭୮ | | |
| ଗହମ/କୁଇଣ୍ଟାଲ (ସରକାରଙ୍କ ଅନୁମୋଦିତ) | ୬୫୦.୦୦ | ୧.୫୬ | ୭୫୦.୦୦ | ୧୫.୩୮ | | -୧୦୦.୦୦ | ୧୦୦୦.୦୦ | | | |
| ମାଛ/କେଜି | ୫୩.୩୦ | -୦.୬୦ | ୫୯.୭୯ | ୧୨.୧୮ | ୬୫.୧୭ | ୯.୦୦ | ୭୪.୯୭ | ୧୫.୦୪ | | |
| ଅଣ୍ଡା (ଡଜନ) | ୧.୮୫ | -୧.୦୭ | ୨.୧୧ | ୧୪.୦୫ | ୨.୩୯ | ୧୩.୨୭ | ୨.୮୨ | ୧୭.୯୯ | | |
| କୁକୁଡ଼ା ମାଂସ/କେଜି | ୮୦.୪୦ | ୧.୪୫ | ୮୫.୨୫ | ୬.୦୩ | ୮୭.୬୫ | ୨.୮୨ | ୧୦୪.୩୮ | ୧୯.୦୯ | | |
| ଛେଳି ମାଂସ/କେଜି | ୧୨୮.୯୩ | ୬.୧୨ | ୧୪୪.୪୭ | ୧୨.୦୫ | ୧୫୫.୫୮ | ୭.୬୯ | ୧୬୮.୯୮ | ୧୫.୦୪ | | |

ସୌଜନ୍ୟ : (୧) ଖାଦ୍ୟ ଯୋଗାଣ ଓ ଉପଭୋକ୍ତା ମଂଗଳ ବିଭାଗ (ଏମ ଆଇ ସେଲ)(ଧାନ ଓ ଗହମ ପାଇଁ ) (୨) ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ, ଓଡ଼ିଶା (ଅନ୍ୟାନ୍ୟ ସମାଗ୍ରୀ ପାଇଁ)

୨୬୪. ସଂପ୍ରତି ଆମ ରାଜ୍ୟ ଶକ୍ତି ସଂକଟର ଏକ ବିଚିତ୍ର ଘଡିସନ୍ଧିରେ ଉପନୀତ। ସଂଧ୍ୟା ୫ ଟାରୁ ରାତି ୧୦ଟା (ପିକ ଆୱାର) ମଧ୍ୟରେ ଯେତିକି ଶକ୍ତି ଉପଯୋଗ ହେବା କଥା, ସେଥିରୁ ୯୮୦ ମେଗାୱାଟ ନିଅଣ୍ଟ ରହୁଛି। ସକାଳ ୬ ଟାରୁ ୧୦ ଟା (ପିକ ଆୱାର) ମଧ୍ୟରେ ୭୦୦ ମେଗାୱାଟ ନିଅଣ୍ଟ ରହୁଛି। ଅବଶିଷ୍ଟ ୧୫ ଘଣ୍ଟାର ସମୟ ପାଇଁ ୨୦୦ ମେଗାୱାଟର ନିଅଣ୍ଟିଆ ଅବସ୍ଥା ଜାରି ରହୁଛି। ଅବଶିଷ୍ଟ ୧୫ ଘଣ୍ଟାର ସମୟ ପାଇଁ ୨୦୦ ମେଗାୱାଟର ନିଅଣ୍ଟିଆ ଅବସ୍ଥା ଜାରି ରହୁଛି। ତେଣୁ ଶକ୍ତି ଉପଯୋଗକୁ ଏଭଳି ଭାବେ ନିୟନ୍ତ୍ରିତ କରିବାକୁ ହେବ ଯେ ଦିନକୁ ୧୦ ରୁ ୧୧ ଲକ୍ଷ ୟୁନିଟର ଶକ୍ତି ହିଁ ଖର୍ଚ୍ଚ କରିବାକୁ ପଡିବ , ଏବଂ ଏହା ହିଁ ଆଜିର ସମୟର ଆବଶ୍ୟକତା ବୋଲି ବୁଝିବାକୁ ପଡିବ। ଆଗାମୀ ବର୍ଷାଋତୁ ପର୍ଯ୍ୟନ୍ତ ଅର୍ଥାତ୍ ଜୁଲାଇ ୨୦୧୦ ପର୍ଯ୍ୟନ୍ତ ଏହି ସାଧାରଣ ନିଅଣ୍ଟିଆ ଅବସ୍ଥା ଲାଗି ରହିବ । ବିଦ୍ୟୁତ ଆଇନ ୨୦୦୩ ର ବିଭାଗ ୬୧ (ଡ଼) ଅନୁଯାୟୀ ଆୟୋଗ ଟାରିଫ ସ୍ଥିର କଲାବେଳେ ଶକ୍ତି ସମ୍ବଳର ମିତବ୍ୟୟତା ପ୍ରତି ଦୃଷ୍ଟି ଦେବାକୁ ମଧ୍ୟ ଆଇନାନୁବଦ୍ଧ। ଶକ୍ତି ସଂକଟର ଏଭଳି ସମୟରେ ପ୍ରତି ୟୁନିଟର ବିଦ୍ୟୁତ ଶକ୍ତି ମୂଲ୍ୟବାନ ଅଟେ। ତେଣୁ ଅନୁମତିଧାରୀ ଓ ଗ୍ରୀଡକୋ ଦ୍ୱାରା ପ୍ରଦର୍ଶନ କରାଯାଇଥିବା ଉପଯୋଗ ଓ ଉତ୍ପାଦନକୁ ପୁଙ୍ଖାନୁପୁଙ୍ଖ ଭାବରେ ବିଶ୍ଳେଷଣ କରିଛନ୍ତି ଏବଂ ଖୁବ ସତର୍କତାର ସହ ବିଚାର କରି ଯଥାଯୋଗ୍ୟ ପରିମାଣକୁ ବିଚାର କରିଛନ୍ତି।

୨୬୫. ଏହି ସଂକଟ ସମୟରେ ଯଦି ବଂଟନକାରୀ କଂପାନୀମାନେ ନିର୍ମଳ ଭାବମୂର୍ତ୍ତିର ସହ ଅଧିସୂଚୀର ନିୟମକୁ ମାନି ଚଳନ୍ତି, ତେବେ ଉପଭୋକ୍ତାଙ୍କ ମୁଣ୍ଡରେ କୌଣସି ବୋଝ ନ ଲଦି ଓ ଗ୍ରୀଡକୋ ଉପରେ କୌଣସି ଚାପ ସୃଷ୍ଟି ନକରି ଏହି ଅତିରିକ୍ତ ଦୃଶ୍ୟପଟ୍ଟକୁ ଆମେ ସହଜରେ ପାର ହୋଇଯାଇ ପାରିବା। କାରଣ ବଂଟନକାରୀ କଂପାନୀମାନେ ସ୍ୱଚ୍ଛ ଓ ସାଧୁ ହେଲେ ଉଚ୍ଚାଦରରେ ଶକ୍ତି ମଧ୍ୟ କିଣି ନିଅଣ୍ଟିଆ ସ୍ଥିତିକୁ ତୁଲାଇ ନେଇ ହେବ। ଯଦି ବଂଟନକାରୀ କଂପାନୀମାନଙ୍କ ଦ୍ୱାରା ଶକ୍ତି ଉଠାଣର ଅଧିସୂଚୀରେ, ଯେ କୌଣସି କାରଣରୁ ହେଉ ନା କାହିଁକି, ଏପାଖ ସେପାଖ ହୁଏ, ତେବେ ୟୁଆଇ ମେକାନିଜିମ ଜରିଆରେ ବଂଟନକାରୀ କଂପାନୀଙ୍କୁ ସେହି ଦେୟ ଦେବାକୁ ପଡିବ, ଯାହାକୁ ଖୁବ ଶୀଘ୍ର ଆନ୍ତଃ ରାଜ୍ୟ ଏବିଟି ଜରିଆରେ ଆୟୋଗ ବଂଟନକାରୀ କଂପାନୀମାନଙ୍କ ଉପରେ ଲାଗୁ କରିବାକୁ ଯାଉଛନ୍ତି।

୨୬୬. ଆୟୋଗଙ୍କ ଦ୍ୱାରା ଗ୍ରହଣୀୟ ନିର୍ଦ୍ଦିଷ୍ଟ କ୍ଷତି ସ୍ତରକୁ ଆଧାର କରି ବର୍ଷକୁ ବର୍ଷ ଭିତ୍ତିରେ ଟାରିଫ ସ୍ଥିର କରାଯାଇଛି। ଇତି ମଧ୍ୟରେ ତାପଜ ଶକ୍ତି ଉତ୍ପାଦନ ପାଇଁ ଆବଶ୍ୟକ କୋଇଲା ଓ ଅନ୍ୟାନ୍ୟ ଜାଳେଣିର ଦର ବହୁଗୁଣ ବୃଦ୍ଧି ପାଇଛି। ୨୦୦୧-୦୨ ଆର୍ଥିକବର୍ଷ ଠାରୁ ବଂଟନ ନେଟ ୱାର୍କ ପାଇଁ ଆବଶ୍ୟକ ବଂଟନ ଟ୍ରାନ୍ସଫରମର ,କଣ୍ଡକ୍ଟର ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସାମଗ୍ରୀ ସମୂହର ଦର ଅହେତୁକ ଭାବେ ବୃଦ୍ଧି ପାଇଛି। ଏହା ସହ ବଂଟନକାରୀ କଂପାନୀମାନଙ୍କ ଅଧିନରେ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କର ବେତନ ସଂଶୋଧନ କରାଯାଇଛି ଏବଂ ୧.୪.୨୦୦୫ ଠାରୁ ଶ୍ରମିକମାନଙ୍କର ଦରମା ବଢିଛି। ଫଳରେ ଓଏଚପିସସ, ଓପିସିଏଲ, ଗ୍ରୀଡକୋ ତଥା ବଂଟନକାରୀ କଂପାନୀଙ୍କ ପାଇଁ ଅର୍ଥ ପ୍ରଦାନର ବୋଝ ଅଧିକ ଓଜନିଆ ହୋଇଯାଇଛି। ତା'ଛଡା ବଂଟନକାରୀ କଂପାନୀଙ୍କ ପାଇଁ ସର୍ବନିମ୍ନ ମରାମତି ଓ ତୁଳାଜମା ଦାୟିତ୍ୱ ତ ହାତକୁ ନେବାକୁ ପଡିବ ଏବଂ ସେଥିପାଇଁ ମଧ୍ୟ ଅର୍ଥର ବ୍ୟବସ୍ଥା କରିବାକୁ ପଡିବ। ବାସ୍ତବରେ ୧୯.୨.୨୦୧୦ ରେ ଅନୁଷ୍ଠିତ ହୋଇଥିବା ରାଜ୍ୟ ଉପଦେଷ୍ଟା କମିଟିର ପ୍ରାୟ ସବୁ ସଦସ୍ୟ ମତ ଦେଇଥିଲେ ଯେ, ଟାରିଫ ବୃଦ୍ଧି କରାଯିବାରୁ କୌଣସି ପ୍ରତିବାଦ ରହିବା ଉଚିତ

ନୁହେଁ, କିନ୍ତୁ ବଂଟନକାରୀ କଂପାନୀମାନେ ଉପଭୋକ୍ତାଙ୍କୁ ନିଶ୍ଚିତ ଭାବେ ଗୁଣବତ୍ତା ଭିତ୍ତିକ ଶକ୍ତି ଯୋଗାଣ କରିବା ଉଚିତ। ତେବେ, ସଦସ୍ୟମାନେ ପୁନଶ୍ଚ ମଧ୍ୟ ଦୋହରାଇଥିଲେ ଯେ, ଟାରିଫ ବୃଦ୍ଧି ଏକା ଥରକେ କରାଯିବ ନାହିଁ, ବରଂ ଏହାକୁ ପର୍ଯ୍ୟାୟ କ୍ରମେ କରାଯିବ ଯଦ୍ୱାରା ବିଭିନ୍ନ ବର୍ଷରେ ଉପଭୋକ୍ତାମାନେ ବର୍ଦ୍ଧିତ ଟାରିଫର ଦେୟ ଦର ଦେବାକୁ ସକ୍ଷମ ହୋଇ ପାରିବେ।

୨୬୭. ପାଇକାରୀ ଟାରିଫ ଏଭଳି ଏକ ଦର, ଯାହା ଅନେକ ପରିବର୍ତ୍ତନୀୟ କାରଣ ଉପରେ ନିର୍ଭର କରେ। ସେଗୁଡିକ ହେଲା ସ୍ଥୁଳ ଯୋଗାଣ ଦର ବା ବିଏସ୍‌ପି, ସରବରାହ ଦର, ବଂଟନ କ୍ଷତି , ନିର୍ବାହନ ଓ ତୁଳାଜମା (ଓ ଆଣ୍ଡ ସି) ଦର ଓ ପଦ୍ଧତିର ବିସ୍ତାରଣ ଓ ବିକାଶ ଇତ୍ୟାଦି। ଯଦିଓ ଏମଓ୍ୱାଇଟି ପଦ୍ଧତି ଟାରିଫକୁ ଅନୁମାନ ଯୋଗ୍ୟ କରାଇଥାଏ, ତେବେ ବି ଏହା ଦ୍ୱାରା ଏକ ନିର୍ଦ୍ଦିଷ୍ଟ ସ୍ତରରେ ଟାରିଫ ନିର୍ଦ୍ଧାରଣ କରାଯାଇପାରିବ ନାହିଁ। ଟାରିଫର ବୃଦ୍ଧି କିମ୍ବ ହ୍ରାସ ପାଇଁ ଜଡିତ କେତେକ ଅପରିହାର୍ଯ୍ୟ କାରଣ ପାଇଁ ଗୋଟିଏ ନିର୍ଦ୍ଦିଷ୍ଟ ବର୍ଷର ବିଭିନ୍ନ ସମୟରେ ଟାରିଫ ମଧ୍ୟ କମ ବେଶୀ ହୋଇପାରେ। ପରିଚ୍ଛେଦ ୬ ରେ ଉଲ୍ଲେଖ ମତେ , କେବଳ କେତେକ ନଗଣ୍ୟ ପରିବର୍ତ୍ତନକୁ ବାଦଦେଲେ ୨୦୦୧-୦୨ ଆର୍ଥିକ ବର୍ଷ ଠାରୁ ହାରାହରି ଉପରେ ପାଇକାରୀ ଟାରିଫରେ କୌଣସି ବୃଦ୍ଧି ଘଟିନାହିଁ। ବାସ୍ତବରେ, ଶକ୍ତି ସଂସ୍କାରର ପରବର୍ତ୍ତୀ ସମୟରେ ମୁଦ୍ରସ୍ଫୀତିର ହାରାହାରି ଦର ହାର ତୁଳନାରେ ବାର୍ଷିକ ପାଇକାରୀ ଟାରିଫ ବୃଦ୍ଧି ଖୁବ କମ ହୋଇଛି ବା ନଗଣ୍ୟ ବୋଲି କୁହାଯାଇପାରେ। ସାଧାରଣତଃ ମୁଦ୍ରାସ୍ଫୀତି ସହ ତାଳ ଦେଇ ଅନ୍ତତଃ ପକ୍ଷେ ଟାରିଫ ନିର୍ଦ୍ଧାରଣ କରାଯିବା ଉଚିତ , ନତୁବା ନିବେଶକାରୀଙ୍କ ପାଇଁ ନକରାତ୍ମକ ଫେରସ୍ତ ର ଆଶଙ୍କା ରହିଛି। ସାମୁଦାୟିକ ଦର ସୂଚକାଙ୍କ ର ବୃଦ୍ଧିକୁ ନେଇ ପରିମାପନ ଅନୁଯାୟୀ ଯଦି ଆମେ ଦର ବୃଦ୍ଧିକୁ ବିଚାର କରୁ ତେବେ ଜଣାଯିବ ଯେ ଅଦ୍ୟାବଧି ଲାଗୁ କରାଯାଇଥିବା ଟାରିଫରେ ବାସ୍ତବ ବୃଦ୍ଧି (-) ୨୯.୭୬% କ୍ରମରେ ହିଁ ହୋଇଛି (୨୦୦୮-୦୯ ପାଇଁ ୬% ର ଦରବୃଦ୍ଧି ଓ ୨୦୦୯-୧୦ ପାଇଁ ୪%ର ଦରବୃଦ୍ଧିକୁ ଆନୁମାନିକ ଭାବେ ନିଆଯାଇ) ଅର୍ଥାତ୍ ସାଧାରଣ ସାମଗ୍ରୀ ସମୂହର ଦରବୃଦ୍ଧି ତୁଳନାରେ ଆୟୋଗଙ୍କ ଅନୁମୋଦିତ ଟାରିଫର ବୃଦ୍ଧି ଖୁବ କମ ଅଟେ। ) ତେବେ ପାଇକାରୀ ଟାରିଫ ସହ ଜଡିତ କାରଣ ସମୂହର ଆକୃତି ପ୍ରକୃତି ସଂପର୍କରେ ପରୀକ୍ଷଣ କରାଯାଇ -

୨୬୮. ପାଇକାରୀ ଟାରିଫର ମୁଖ୍ୟ ଉପାଦାନ ହେଲା ଶକ୍ତି କ୍ରୟ ଦର ବା ବଂଟନକାରୀ କଂପାନୀଙ୍କର ସ୍ଥୁଳ ଯୋଗାଣ ଦର। ଅନୁଧ୍ୟାନରୁ ଏହା ପରିଲକ୍ଷିତ ହେବ ଯେ, ସ୍ଥୁଳ ଯୋଗାଣ ଦର (ସରବରାହ ଦେୟ ଦରକୁ ମିଶାଇ) ୨୦୦୧-୦୨ ର ୟୁନିଟ ପିଛା ୧୩୮.୨୧ ପଇସାରୁ ୨୦୦୯-୧୦ କୁ ୟୁନିଟ ପିଛା ୧୪୩.୨୦ ପଇସାକୁ ବଢିଛି। ଏହି ସମୟ ମଧ୍ୟରେ ଗ୍ରୀଡକୋର ଶକ୍ତି କ୍ରୟର ହାରାହାରି ଦର ହାର ସରବରାହ ଦରକୁ ମିଶାଇ ୨୦୦୧-୦୨ର ୟୁନିଟ ପିଛା ୯୪.୬୦ ପଇସାର ୨୦୦୯-୧୦ କୁ ୟୁନିଟ ପିଛା ୧୪୮.୨୭ ପଇସାକୁ ବଢିଛି। ଅର୍ଥାତ୍ ଯେଉଁ ସମୟ ମଧ୍ୟରେ ଗ୍ରୀଡକୋର ଶକ୍ତି କିଣା ଦର ୫୬.୭୩% ବଢିଛି, ସେହି ସମୟ ମଧ୍ୟରେ ବିଏସପି (ଯାହା ମାଧ୍ୟମରେ ସରବରାହ ଚାର୍ଜକୁ ମିଶାଇ ଗ୍ରୀଡକୋ ତା'ର ଦରକୁ ଭରଣା କରେ) ମାତ୍ର ୩% ବଢିଛି। ଏହି ପରିପ୍ରେକ୍ଷୀରେ ପାଇକାରୀ ଟାରିଫ ବୃଦ୍ଧିରୁ ସାଧାରଣ ଉପଭୋକ୍ତାଙ୍କୁ ଉପଶମ ଦେବା ପାଇଁ ଆୟୋଗଙ୍କ ଦ୍ୱାରା ଅନୁମତିପ୍ରାପ୍ତ ଏକ ରାଜସ୍ୱ ପାର୍ଥକ୍ୟ ପରିମାଣ ଜରିଆରେ ଗ୍ରୀଡକୋ ଦ୍ୱାରା ପାର୍ଥକ୍ୟଗତ ବୃଦ୍ଧି ପରିମାଣକୁ ଭରଣା କରାଯାଇଛି। ଗ୍ରୀଡକୋର ଏହି ରାଜସ୍ୱ ପାର୍ଥକ୍ୟ ୟୁଆଇ ମେକାନିଜିମ ଓ ବଳକା ଶକ୍ତିକୁ ବାଣିଜ୍ୟ କରି ପୂରଣ କରାଯାଇଛି। ବିଗତ ସମୟରେ ୟୁଆଇ ଚାର୍ଜ ଓ ବାଣିଜ୍ୟ ରାଜସ୍ୱ ପାର୍ଥକ୍ୟକୁ ପୂରଣ କରିବାରେ ଆନେକାଂଶରେ ସାହାଯ୍ୟ କରିଥିଲା। କିନ୍ତୁ ଚଳିତ ବର୍ଷ କମ ବୃଷ୍ଟିପାତ ଓ ପରଣାମତଃ ଜଳ ବିଦ୍ୟୁତ ଶକ୍ତି ଷ୍ଟେସନମାନଙ୍କରୁ କମ ଉତ୍ପାଦନ ଯୋଗୁ ପରିସ୍ଥିତିରେ ଏକ ସାଂଘାତିକ ମୋଡ ଆସିଛି। ତେଣୁ ରାଜ୍ୟର

ଉପଭୋକ୍ତାଙ୍କୁ ଅବିରତ ଶକ୍ତି ଯୋଗାଇ ଦେବା ପାଇଁ ୟୁ ଆଇ, ବାଣିଜ୍ୟ ଓ କ୍ୟାପଟିଭ ଜେନେରେଟିଂ ପ୍ଲାଣ୍ଟଗୁଡିକରୁ ଅଧିକ ଦରରେ ଶକ୍ତି କିଣିବା ଛଡା ଅନ୍ୟ ବିକଳ୍ପ ନାହିଁ।

୨୬୯. ରାଜ୍ୟରେ ଦ୍ରୁତ ଶିଳ୍ପାୟନ ଘଟିଛି। ରାଜୀବ ଗାଂଧୀ ଗ୍ରାମ ବିକାଶ ଯୋଜନା ଓ ବିଜୁ ଗ୍ରାମଜ୍ୟୋତି ଯୋଜନା ଅଧିନରେ ଗ୍ରାମାଞ୍ଚଳ ବିଦ୍ୟୁତକରଣରେ ବିସ୍ତାର ଘଟିଛି। ଅତଏବ, ବିଭିନ୍ନ ଶ୍ରେଣୀର ଉପଭୋକ୍ତାଙ୍କ ସଂଖ୍ୟା ବୃଦ୍ଧି ସାଂଗକୁ ଶକ୍ତି ଉପଯୋଗର ମାତ୍ରା ବହୁ ଗୁଣ ବୃଦ୍ଧି ପାଇଛି। ତେଣୁ ଶକ୍ତିର ଚାହିଦା ଓ ଯୋଗାଣ ମଧ୍ୟରେ ତାରତମ୍ୟ ଦିନକୁ ଦିନ ବୃଦ୍ଧି ପାଇଛି। ୨୦୦୮-୦୯ ଯେତେବେଳେ ଶକ୍ତିର ପିକ୍ ସମୟ ପାଇଁ ଚାହିଦା ୩୦୬୨ ମେଗାୱାଟ ଥିଲା, ସେତେବେଳେ ଶକ୍ତି ଉପଲବ୍ଧତାର ପରିମାଣ ଥିଲା ୨୯୮୭ ମେଗାୱାଟ୍। ସୁତରାଂ ଚାହିଦା ନିଅଣ୍ଟ ଥିଲା ୨.୪ ପ୍ରତିଶତ । ସେହିପରି ୨୦୦୮-୦୯ ରେ ଶକ୍ତିର ଆବଶ୍ୟକତା ୨୦୫୧୯ଲକ୍ଷ ୟୁନିଟ ଥିବା ବେଳେ, ଉପଲବ୍ଧତାର ପରିମାଣ ଥିଲା ୨୦୨୧୪ ଲକ୍ଷ ୟୁନିଟ। ଅତଏବ ନିଅଣ୍ଟ ଥିଲା ୧.୫ ପ୍ରତିଶତ (ସୌଜନ୍ୟ: ସିଇଏ)୨୦୦୨-୦୩ ଠାରୁ ଶକ୍ତି ଚାହିଦା ଉପରେ କିଭଳି ଅଧିକ ଉପଲବ୍ଧତା କ୍ରମେ କ୍ରମେ କମିଆସିଛି ଏବଂ ୨୦୦୮-୦୯ରେ ସଂପୂର୍ଣ୍ଣ ନିଅଣ୍ଟିଆ ହୋଇଛି ତାର ଏକ ରେଖାଚିତ୍ର ନିମ୍ନରେ ପ୍ରଦାନ କରାଗଲା।

ଇଂରାଜୀ କପି ନଂ ୬୩ରୁ ଗ୍ରାଫ୍ ଆସିବ।

୨୭୦. ୧୯.୧.୨୦୦୧ରେ ଇନ୍ଦ୍ରାବତୀ ଜଳ ବିଦ୍ୟୁତ ଷ୍ଟେସନରୁ ଉତ୍ପାଦନକୁ ଆୟୋଗୀକରଣ କରାଗଲା, ତା' ପରଠାରୁ ରାଜ୍ୟରେ ଆଉ କୌଣସି ନୂଆ ଜଳ ବିଦ୍ୟୁତ ଷ୍ଟେସନ ପ୍ରତିଷ୍ଠା କରାଯାଇନାହିଁ। ସୁତରାଂ ଅଧିକ ଦରର ତାପଜ ଶକ୍ତି ଉପରେ ରାଜ୍ୟକୁ ନିର୍ଭର କରିବାକୁ ପଡୁଛି। ୨୦୦୪-୦୫ରେ ରାଜ୍ୟର ଜଳଜ ଶକ୍ତି ଉତ୍ପାଦନ ରାଜ୍ୟର ସମୁଦାୟ ଚାହିଦାର ୫୬.୭୧% ଥିଲା। ୨୦୦୮-୦୯ ବେଳକୁ ଏହା ୩୧.୦୪% କୁ କମିଆସିଛି ଓ ୨୦୦୯-୧୦ ବେଳକୁ ୩୦% ତଳକୁ ଖସିଆସିଛି। ଯଦି ବି ଜଳଜ ଉତ୍ପାଦନକୁ ୨୦୦୪-୦୫ ସ୍ତରରେ ବ୍ୟବହାର କରାଯାଇଥାନ୍ତା, ତେବେ ବି ୨୦୦୮-୦୯କୁ ସମୁଦାୟ ଆବଶ୍ୟକତାର ଏହାର ଅଂଶ ୨୦୦୪-୦୫ ର ୫୬.୭୧%ରୁ ୩୧.୦୪% ପରିବର୍ତ୍ତେ ୩୭.୭୩ % ହୋଇ ଥାଆନ୍ତା। ଏଥିରୁ ଜଣାପଡୁଛି ଯେ, ପାଖାପାଖି ୫୦%ର ଚାହିଦା ବୃଦ୍ଧି ସତ୍ତ୍ୱେ ଜଳ ବିଦ୍ୟୁତ ସେକ୍ଟରରେ କୌଣସି ଅଧିକ ପରିମାଣର ଶକ୍ତି ଉତ୍ପାଦନ କରାଯାଇପାରିନାହିଁ।

**ସାରଣୀ – ୨୯**

| | ୨୦୦୪-୦୫ | ୨୦୦୫-୦୬ | ୨୦୦୬-୦୭ | ୨୦୦୭-୦୮ | ୨୦୦୮-୦୯ | ୨୦୦୯-୧୦ (ଜାନୁୟାରୀ ୨୦୧୦ ପର୍ଯ୍ୟନ୍ତ ) |
|---|---|---|---|---|---|---|
| **ରାଜ୍ୟର ଦାବୀ (ଏମ୍.ୟୁ)** | ୧୨୪୯୯.୪୫ | ୧୩୪୮୩.୭୫ | ୧୫୧୧୯.୯୩ | ୧୭୨୧୨.୫୧ | ୧୮୭୭୧.୮୨ | ୧୬୨୯୭.୨୪ |
| **ରାଜ୍ୟ ଜଳ ବିଦ୍ୟୁତ୍ ଉତ୍ପାଦନର ବିକ୍ରୀ** | ୭୦୮୭.୮୨ | ୫୨୩୪.୪୮ | ୭୩୫୭.୫୮ | ୭୮୮୫.୮୧ | ୫୮୨୬.୧୨ | ୩୪୭୧.୦୦ |
| **ସମୁଦାୟ ରାଜ୍ୟ ଜଳ ବିଦ୍ୟୁତ୍ରେ ରାଜ୍ୟର ଦାବୀ (%)** **% of state hydro to total state demand** | ୫୬.୭୧ | ୩୮.୮୨ | ୪୮.୬୬ | ୪୫.୮୧ | ୩୧.୦୪ | ୨୧.୩୦ |

୨୭୧. ଆୟୋଗଙ୍କ ପାଖରେ ଉପଲବ୍ଧ ସୂଚନା ଅନୁଯାୟୀ, ଜାଳେଣି ଦର ବୃଦ୍ଧି ଓ ବର୍ଦ୍ଧିଷ୍ଣୁ ଚାହିଦା ଯୋଗୁ, ଚଳିତ ବର୍ଷ ପାଇଁ ଓଇଆରସିଙ୍କ ଅନୁମୋଦିତ ଦର -ହାର ୟୁନିଟ ପିଛା ୧୪୮.୩୦ ପଇସା ବିପକ୍ଷରେ ଗ୍ରୀଡକୋର ହାରାହାରି ଶକ୍ତି କ୍ରୟ ଦର ଆକାଶଛୁଆଁ ହୋଇ ପଡିଛି, ଅର୍ଥାତ୍ ୨୦୦୯ ସେପ୍ଟେମ୍ବର ସୁଦ୍ଧା ୟୁନିଟ ପିଛା ୧୮୫.୦୨ ପଇସାରେ ଓ ୨୦୧୦ ଜାନୁଆରୀ ସୁଦ୍ଧା ୨୦୨ ପଇସାରେ ପହଂଚିଛି। ଶକ୍ତି ନିୟମାବଳୀକୁ ଉଲ୍ଲଙ୍ଘନ କରି ୨୦୧୦ ଜାନୁଆରୀ ପର୍ଯ୍ୟନ୍ତ ଗ୍ରୀଡକୋ ତା'ର ଶକ୍ତି କ୍ରୟ ଆବଶ୍ୟକତାର ପରିପୂରଣ ନିମନ୍ତେ ବ୍ୟାଙ୍କ ଓ ଅନ୍ୟାନ୍ୟ ଅର୍ଥ ଲଗାଣ କାରୀ ସଂସ୍ଥାରୁ ୧୨୦୦ କୋଟି ଟଙ୍କାର ଋଣ ଆଣିଛି। ମାପଦଣ୍ଡ ଭିତ୍ତିକ ଶୃଙ୍ଖଳାର ଅବଲମ୍ବନ ପୂର୍ବକ ଆୟୋଗ ଆଗାମୀ ଆର୍ଥିକ ବର୍ଷ (୨୦୧୦-୧୧) ପାଇଁ ଗ୍ରୀଡକୋକୁ ୟୁନିଟ ପିଛା ୧୭୪.୫୮ ପଇସା ଦର- ହାରରେ ହାରାହାରି ଶକ୍ତି କ୍ରୟର ଦରକୁ ଅନୁମୋଦନ ଦେଇଛନ୍ତି। ଅର୍ଥାତ୍ ଏହି ଦର ପୂର୍ବ ବର୍ଷର ଦର- ହାର ଅପେକ୍ଷା ୧୭.୩୦% ଅଧିକ ଅଟେ। ଯଦି ଗ୍ରୀଡକୋର ସ୍ଥୁଳ ଯୋଗାଣ ଦରକୁ ଅଧିକ ହେବାର ଅନୁମତି ଦିଆ ନଯାଏ ,ତେବେ କେବଳ ରାଜସ୍ୱ-ପାର୍ଥକ୍ୟ ପରିଚାଳନା ଜରିଆରେ ପାର୍ଥକ୍ୟଗତ ଦରକୁ ସମ୍ଭାଳି ନେବାକୁ ଗ୍ରୀଡକୋ ସ୍ୱଭାବିକ ସ୍ଥିତିରେ ରହିବ ନାହିଁ। କାରଣ ବଳକା ଶକ୍ତି ସଂପନ୍ନ ଏକ ରାଜ୍ୟ ୨୦୦୯-୧୦ ଆର୍ଥିକ ବର୍ଷ ଠାରୁ ନିଅଣ୍ଟିଆ ପରିସ୍ଥିତିର ସମ୍ମୁଖୀନ ହେଉଛି ଏବଂ ଗ୍ରୀଡକୋର ଅନ୍ତଃ ରାଜ୍ୟ ବାଣିଜ୍ୟ ଉଦ୍ଦେଶ୍ୟରେ ଖୁବ କମ ଶକ୍ତି ଦିଆଯାଉଛି। ଜଳ ବିଦ୍ୟୁତ ଶକ୍ତି ଉତ୍ପାଦନର ପ୍ରତିଶତ ପରିମାଣ ସମୁଦାୟ ଆବଶ୍ୟକତା ତୁଳନାରେ ସାଙ୍ଘାତିକ ଭାବେ କମ ହୋଇଥିବା ଯୋଗୁ ସଦ୍ୟ ବିଗତ ମାସମାନଙ୍କରେ ୟୁଆଇ ଏବଂ ବାଣିଜ୍ୟ ବା ଟ୍ରେଡିଂରୁ ଆୟ ପ୍ରାୟତଃ ଶୂନ୍ୟ କହିଲେ ଠିକ ହେବ। ୟୁଆଇ ଓ ଟ୍ରେଡିଂ ପାଇଁ ଉତ୍ପାଦିତ ଜଳ ବିଦ୍ୟୁତ ଶକ୍ତି ହିଁ ମୁଖ୍ୟ ଅବଲମ୍ବନ ହୋଇଥାଏ। ତେଣୁ ବଂଟନକାରୀ କଂପାନନୀମାନଙ୍କର ହାରାହାରି ସ୍ଥୁଳ ଯୋଗାଣ ଦରକୁ ବଢାଇବା ବ୍ୟତିରେକ ଆୟୋଗଙ୍କ ପାଖରେ ଆଉ କୌଣସି ବିକଳ୍ପ ନାହିଁ । ଏହି ସ୍ଥୁଳ ଯୋଗାଣ ଦରକୁ (ସେରବରାହ ଦେୟ-ଦରକୁ ମିଶାଇ) ୟୁନିଟ ପିଛା ୧୪୩.୨୦ ପଇସାରୁ ୟୁନିଟ ପିଛା ୧୯୩.୭୫ ପଇସାକୁ (୧୭୦.୨୫+୨୩.୫୪)ବଢାଇବାକୁ ପଡିବ। ଏଥିରେ ବୃଦ୍ଧି ପ୍ରାପ୍ତ ଦର-ହାର ହେବ ୩୫ ପ୍ରତିଶତ।

୨୭୨. ପାଇକାରୀ ଯୋଗାଣ ଟାରିଫର ପରବର୍ତ୍ତୀ ଉପାଦାନ ହେଉଛି ବଂଟନ କ୍ଷତି। ଆୟୋଗଙ୍କ ଦ୍ୱାରା ଅନୁମୋଦିତ ଏମ୍ ୱାଇଟି ପଦ୍ଧତି ଅନୁଯାୟୀ, ବଂଟନ କ୍ଷତି ଏକ ନିୟନ୍ତ୍ରଣ-ଯୋଗ୍ୟ ଇନ୍‌ପୁଟ। ନିୟନ୍ତ୍ରଣ ସମୟ ସୀମା ୨୦୦୪-୦୫ ଠାରୁ ୨୦୦୭-୦୮ ପାଇଁ ଆୟୋଗ ତାଙ୍କର ବ୍ୟବସାୟିକ ଖସଡା ଜନିତ ଆଦେଶନାମାରେ ଏକ କ୍ରମାନ୍ୱିତ କ୍ଷତି ହ୍ରାସକୁ ଅନୁମୋଦନ କରିଥିଲେ। ଏହି ନିୟମ ଅନୁଯାୟୀ ବଂଟନକାରୀ କଂପାନୀମାନେ ଆୟୋଗଙ୍କ ଅନୁମୋଦିତ କ୍ରମାଙ୍କକୁ ଟପିଲେ ଯେଉଁ କ୍ଷତି ଆସିବ, ତାହାକୁ ସେମାନେ ନିଜେ ବହନ କରିବେ। କିନ୍ତୁ ଦୁର୍ଭାଗ୍ୟବଶତଃ, ବଂଟନକାରୀ କଂପାନୀମାନେ ସେମାନଙ୍କର ସୃଷ୍ଟି ହେବା ଦିନ ଠାରୁ ଧାର୍ଯ୍ୟ-ଲକ୍ଷ୍ୟର ବଂଟନ କ୍ଷତିକୁ ହାସଲ କରିପାରିନାହାନ୍ତି, ଯାହାକି ଓଭି ଆଦେଶନାମାରେ ଅନ୍ୟତ୍ର ଆଲୋଚନା କରାଯାଇଛି।

୨୭୩. ତେଣୁ, ହାସଲ କରି ପାରି ନଥିବା କ୍ଷତି-ହ୍ରାସର ଅଂଶକୁ ବଣ୍ଟନକାରୀ କଂପାନୀମାନେ ବହନ କରି ଆସୁଛନ୍ତି। ବଂଟନକାରୀ କଂପାନୀମାନେ ପଦ୍ଧତିର ନିର୍ବାହନ ଓ ତୁଳାଜମା ବାବଦକୁ ଲାଭାଂଶ ଫେରସ୍ତ ପରିମାଣ ଏବଂ ନିବେଶ ଆଦି ପାଇଁ ଯେତିକି ପରିମାଣର ଅର୍ଥ ପାଆନ୍ତି , ହାସଲ ହୋଇ ପାରି ନଥିବା କ୍ଷତି ହ୍ରାସ ଯୋଗୁ ସେହି ଅର୍ଥ ବଳକା ରହି କ୍ଷତି ହ୍ରାସ ହୋଇ ପାରି ନଥିବା ନିଅଣ୍ଟିଆ ପରିମାଣକୁ ଭରଣା କରିବାରେ ହିଁ ସରିଯାଏ। ଯେଣୁ, ବଂଟନକାରୀ କଂପାନୀମାନଙ୍କର ରାଜସ୍ୱ ଗ୍ରୀଡକୋର ଏସକ୍ରୋ ଆକାଉଣ୍ଟରେ ରହେ, ତେଣୁ ଗ୍ରୀଡକୋକୁ ପୂରା ବିଏସ୍‌ପିଦେଇଦେବା ପରେ ସେମାନଙ୍କ ନିଜ ଆକାଉଣ୍ଟରେ ଥାଇ କିଛି ନଥାଏ। ଏଭଳି ଅସ୍ୱସ୍ତିକର ବଂଟନ କ୍ଷତିକୁ

କିପରି ଆବଦ୍ଧ କରିହେବ ? ଖୋଲା କଣ୍ଡକ୍ଟରଗୁଡିକୁ ଏବି କେବୁଲ ଦ୍ୱାରା ବଦଳ କରି ,ଏଚଭିଡିଏସ ଲାଗୁ କରି, ସ୍ଥିତ ବଂଟନ ଟ୍ରାନ୍ସଫରମର ଗୁଡିକର ଅବସ୍ଥାରେ ଉନ୍ନତି ଘଟାଇ,ଫେଜ ବାଲାନ୍ସ କରି, ଶକ୍ତି ଅଡିଟ ଦ୍ୱାରା ଓ ଉପଭୋକ୍ତା ସୂଚକାଙ୍କକରଣ ଆଦି କାର୍ଯ୍ୟକ୍ରମ ହାତକୁ ନେଇ ଅନେକାଂଶରେ ଉପରୋକ୍ତ ବଂଟନ କ୍ଷତିକୁ ରୋକାଯାଇ ପାରିବ। ଅତଏବ, ବଂଟନକାରୀ କଂପାନୀଙ୍କର ଅହରିତ ଅର୍ଥ ଯଦି କେବଳ କ୍ଷତି ହ୍ରାସ ଭରଣା କରିବା ପାଇଁ ବିନିଯୋଗ ହୁଏ ତେବେ ଯୋଗାଣର ଗୁଣବତ୍ତା ବଢାଇବାର ପ୍ରଶ୍ନ ବା ଉଠୁଛି କେଉଁଠି ? ଫଳରେ ମରାମତି କାମରେ ଖୁଣ ରହୁଛି, ପୁରୁଣା କଣ୍ଡକ୍ଟରଗୁଡିକ ସେହି ଦଦରା ଅବସ୍ଥାରେ ଅନେକ ଦିନ ପଡି ରହୁଛି। କେଉଁଠି ବିଦ୍ୟୁତ ଖୁଣ୍ଟ ଉପୁଡି ଅନେକ ଦି ନ ଧରି ପଡିରହିଛି କିମ୍ବା ଆଉ କେଉଁଠି ଟ୍ରାନ୍ସଫରମର ପୋଡ଼ିଯାଇ ଅନେକ ଦିନ ଧରି ସେହି ଅବସ୍ଥାରେ ରହୁଛି। ଏହା ଯେମିତି ଦେହସୁହା ଘଟଣା ହୋଇଗଲାଣି। ଫଳରେ ବିସ୍ତୃତ ଅଂଚଳ ଅନେକ ଦିନ ଧରି ଶକ୍ତି ଯୋଗାଣରୁ ବଂଚିତ ହେଉଛନ୍ତି। ତା'ଛଡା ଗ୍ରାମାଞ୍ଚଳ ବିଦ୍ୟୁତକରଣ ବିସ୍ତାରଣ ଯୋଗୁ ସଂଖ୍ୟାଧିକ ଉପଭୋକ୍ତା କେବଳ ଏଲ୍‌ଟିରେ ସେବା ସଂଯୋଗ ନେବା ଫଳରେ ବଂଟନକାରୀ କଂପାନୀମାନେ ଲାଭବାନ ହୋଇ ପାରୁନାହାନ୍ତି। ଉପରୋକ୍ତ ଉଲ୍ଲେଖିତ ସମସ୍ୟାସମୂହ ଦୃଷ୍ଟିରୁ ବଂଟନକାରୀ କଂପାନୀମାନଙ୍କୁ ଅଧିକ ଅର୍ଥ ମଂଜୁରୀର ଆବଶ୍ୟକତା ଉପୁଜୁଛି।

୨୭୪. ଏପିଡିଆରପି ସ୍କିମରୁ ଋଣ ଆଣିବା କଥା କୁହାଯାଇପାରେ। ଏପିଡିଆରପି ସ୍କିମରୁ ସାଧାରଣତଃ ସରକାରୀ ଉଦ୍ୟୋଗ ଗୁଡିକୁ ଋଣ ଦିଆଯାଇଥାଏ। ଓଡିଶାରେ ସବୁ ବିଦ୍ୟୁତ ବିନିଯୋଗକାରୀ କଂପାନୀଙ୍କୁ ଘରୋଇ କରଣ କରିଦିଆଯାଇଛି। ତେଣୁ ଏମାନେ ଏପିଡିଆରପି ସ୍କିମରୁ ଋଣ ପାଇବାକୁ ହକଦାର ନୁହନ୍ତି। ତଥାପି ଭାରତ ସରକାରଙ୍କର ଶକ୍ତି ମନ୍ତ୍ରଣାଳୟ ୩୧.୭.୨୦୧୦ ପରେ ଏମାନଙ୍କ କଥା ବିଚାର କରିପାରନ୍ତି ବୋଲି ଆଶା କରାଯାଏ। ଓଡ଼ିଶାର କଂପାନୀମାନଙ୍କୁ ସେମାନଙ୍କର ଜମା ଆରଇସି/ପିଏଫସିରୁ ବନ୍ଦୋବସ୍ତ କରିବାକୁ ହିଁ ପଡିବ। ତା'ଛଡା ଋଣ ଜମାର ଅର୍ଥକୁ ଟାରିଫ ସହ ସାମିଲ କରିଦିଆଯିବ। ଏହା ବାଦ୍ ଅନ୍ୟାନ୍ୟ ଅର୍ଥ ଲଗାଣକାରୀ ସଂସ୍ଥାନମାନଙ୍କଠାରୁ ଋଣ ଆଣିବା ମଧ୍ୟ ଏମାନଙ୍କ ପାଇଁ ସହଜ ନୁହେଁ, କାରଣ ଭବିଷ୍ୟତର ଆସେଟ ସମୂହକୁ ମିଶାଇ ଏମାନଙ୍କର ସବୁ ଆସେଟ ୪୦୦ କୋଟି ଟଙ୍କାର ଏନଟିପିସି ବନ୍ଧକ ପାଇଁ ତ୍ରିପାକ୍ଷିକ ଚୁକ୍ତିନାମା ଅନୁଯାୟୀ ଗ୍ରୀଡକୋକୁ ବଂଧା ଦିଆସରିଛି।

୨୭୫. ଟାରିଫ ନୀତିକୁ ଅନୁସରଣ କରି ହାରାହାରି ଯୋଗାଣ ଦର ±୨୦% ମଧ୍ୟରେ ସଂପ୍ରତି ପାଇକାରୀ ଟାରିଫକୁ ରଖାଯାଇଛି। ଏବେ, ପାଇକାରୀ ବା ଖୁଚୁରା ଉପଭୋକ୍ତାଙ୍କ ଉଦ୍ଦେଶ୍ୟରେ ଶକ୍ତି ଯୋଗାଣ ଦର ଆଖିଦୃଶିଆ ଭାବରେ ବଢ଼ିଯିବ। ତେଣୁ, ଟାରିଫ ନୀତିରେ ନିର୍ଦ୍ଧାରଣ ଅନୁଯାୟୀ ହାରାହାରି ଯୋଗାଣ ଦରର ±୨୦% ମଧ୍ୟରେ କ୍ରସ୍ ସବ୍‌ସିଡିକୁ ସ୍ଥିର ରଖିବାକୁ ଖୁଚୁରା ଟାରିଫକୁ ବୃଦ୍ଧି କରାଯାଇପାରେ।

୨୭୬. ବଂଟନକାରୀ କଂପାନୀମାନଙ୍କର ନିର୍ବାହନ ଉତ୍କୃଷ୍ଟତାର ବିକାଶକୁ ଦୃଷ୍ଟିରେ ରଖି ବଂଟନ ନେଟୱର୍କର ମରାମତି ଓ ତୁଲାଜମା ପାଇଁ ସେମାନଙ୍କୁ ସକ୍ଷମ କରାଇବା ନିମନ୍ତେ ସେମାନଙ୍କ ପାଇଁ ଅର୍ଥ ବ୍ୟବସ୍ଥା କରାଯିବାର ମଧ୍ୟ ଆବଶ୍ୟକତା ଅଛି । ତା'ଛଡା ଶକ୍ତି ଉତ୍ପାଦନକାରୀ କଂପାନୀଠାରୁ ଶକ୍ତି କିଣା ବାବଦକୁ ଦେୟ ପ୍ରଦାନ ନିମନ୍ତେ ଗ୍ରୀଡକୋକୁ ସକ୍ଷମ କରିବା ପାଇଁ ଗ୍ରୀଡକୋକୁ ମଧ୍ୟ ଅର୍ଥ ବ୍ୟବସ୍ଥା କରାଯିବାର ଆବଶ୍ୟକତା ଅଛି। ଏସବୁକୁ ଦୃଷ୍ଟିରେ ରଖି ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ହାରାହାରି ଟାରିଫ ଉପରେ ୨୫.୪୦ ପ୍ରତିଶତର ସାମୁଦାୟିକ ଟାରିଫ ବୃଦ୍ଧିକୁ ସୀମାଭୁକ୍ତ କରାଯାଇଛି। ଉପଭୋକ୍ତାଙ୍କର ଦେୟ ପ୍ରଦାନର କ୍ଷମତାକୁ ଦୃଷ୍ଟିରେ ରଖି ବିଭିନ୍ନ ଶ୍ରେଣୀର ଉପଭୋକ୍ତାଙ୍କ ପାଇଁ ପୃଥକ ଟାରିଫର ଆକାରାୟନ କରାଯାଇଛି। ଟାରିଫ ଆକାରାୟନ ବେଳେ ବିପିଏଲ ଶ୍ରେଣୀର ଉପଭୋକ୍ତାଙ୍କ ପାଇଁ ମାସିକ ୩୦ ଟଙ୍କାର ସମାନ ଦର ହାରରେ ମାସକୁ ୩୦ ୟୁନିଟ ର

ବିଦ୍ୟୁତ ଶକ୍ତି ବ୍ୟବସ୍ଥାକୁ ମଧ୍ୟ ଅୟୋଗ ଦୃଷ୍ଟିରେ ରଖିଛନ୍ତି। ତା'ଛଡା ଘରୋଇ ଉପଭୋକ୍ତାଙ୍କର ଦେୟ ପ୍ରଦାନ ଜନିତ ସକ୍ଷମତାକୁ ମଧ୍ୟ ବିଚାରକୁ ନିଆଯାଇଛି। ତା'ଛଡା କୃଷି ଉତ୍ପାଦନ, ମିଶ୍ରିତ କୃଷି କାର୍ଯ୍ୟସୂଚୀ, ମିଶ୍ରିତ କୃଷି ଭିତ୍ତିକ ଶିଳ୍ପ କାର୍ଯ୍ୟସୂଚୀ ଆଦିକୁ ନିଶ୍ଚିତ ପ୍ରୋତ୍ସାହିତ କରାଯିବାର ଆବଶ୍ୟକତା ଅଛି। ବିପିଏଲ ଉପଭୋକ୍ତାଙ୍କ କ୍ଷେତ୍ରରେ ମାସକୁ ୩୦ ୟୁନିଟର ଉପଯୋଗ ପର୍ଯ୍ୟନ୍ତ ତାରିଫରେ କୌଣସି ପରିବର୍ତ୍ତନ କରାଯାଇନାହିଁ। ଘରୋଇ ଉପଭୋକ୍ତାଙ୍କ ଉଦ୍ଦେଶ୍ୟରେ ପ୍ରଥମ ୧୦୦ କିଲୋହ୍ୱାଟର ଉପଯୋଗ ପର୍ଯ୍ୟନ୍ତ ତାରିଫରେ ମଧ୍ୟ ପରିବର୍ତ୍ତନ କରାଯାଇନାହିଁ। ଜଳସେଚନ, ଉଠା ଜଳସେଚନ, କୃଷି ଓ ମିଶ୍ରିତ କୃଷି କାର୍ଯ୍ୟସୂଚୀ ନିମନ୍ତେ ଉପଯୋଗିତ ଶକ୍ତି ପରିମାଣର ସୀମା ପାଇଁ ନିର୍ଦ୍ଧାରିତ ତାରିଫରେ ମଧ୍ୟ କୌଣସି ପରିବର୍ତ୍ତନ କରାଯାଇନାହିଁ। ପୁନଶ୍ଚ, ପାଇକାରୀ ତାରିଫର ଆକାରାୟନ ବେଳେ, ଏଚଟି ଓ ଇଏଚଟି ଶ୍ରେଣୀର ଶିଳ୍ପ ସଂସ୍ଥାମାନଙ୍କ ପାଇଁ ତାରିଫ ଯେପରି ଶକ୍ତି ଯୋଗାଣର ହାରାହାରି ଦରର ±୨୦% ମଧ୍ୟରେ ରହେ, ସେଥିପାଇଁ ମଧ୍ୟ ସତର୍କତା ଅବଲମ୍ବନ କରାଯାଇଛି।

<u>ବଂଟନକାରୀ କଂପାନୀଙ୍କ ଦ୍ୱାରା କ୍ରୟ ଓ ବିକ୍ରୟ</u>

<u>ଶକ୍ତି କ୍ରୟ</u>

<u>ସେସୁ</u>

୨୭୭. ଚଳିତ ଆର୍ଥିକ ବର୍ଷ ଅର୍ଥାତ୍ ୨୦୦୯-୧୦ ରେ ଡିସେମ୍ବର ପର୍ଯ୍ୟନ୍ତ ମାସ ଓ୍ୱାରୀ ଶକ୍ତି କ୍ରୟର ତଥ୍ୟ ଆୟୋଗଙ୍କ ପାଖରେ ଅଛି। ଜଣାଯାଇଛି ଯେ, ୨୦୦୯ ର ଅକ୍ଟୋବର , ନଭେମ୍ବର ଓ ଡିସେମ୍ବର ମାସ ମାନଙ୍କରେ ସେସୁ ଶକ୍ତିର ପୂର୍ଣ୍ଣ ଆବଶ୍ୟକତାକୁ ପୂରଣ କରିବାକୁ ସମର୍ଥ ହୋଇନାହିଁ। ତେଣୁ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଶକ୍ତି କ୍ରୟର ପରିମାଣ ଆକଳନ ପାଇଁ ସେସୁ ର ୨୦୦୯ ର ଏପ୍ରିଲରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ଶକ୍ତି କ୍ରୟର ଧାରାକୁ ଆଧାର ଭାବେ ଗ୍ରହଣ କରିବା ଯୁକ୍ତି ସମ୍ମତ ହେବ। ଆର୍ଥିକ ବର୍ଷ ୨୦୧୦-୧୧ ର ସାରାବର୍ଷ ପାଇଁ ଅଟକଳିତ ଶକ୍ତି କ୍ରୟର ପରିମାଣ/ପରିସଂଖ୍ୟାନରେ ଉପନୀତ ହେବାକୁ ୨୦୦୯-୧୦ ବର୍ଷର ପ୍ରଥମ ୬ ମାସର ହାରାହାରି ପରିମାଣ/ପରିସଂଖ୍ୟାନକୁ ଆନୁପାତିକ ଭାବରେ ହିସାବକୁ ନିଆଯିବ ଏବଂ ଏହି ହାରାହାରି ପରିମାଣ ୬୩୭୭.୩ ଲକ୍ଷ ୟୁନିଟ ବୋଲି ଜଣାପଡିଛି। ୨୦୧୦-୧୧ ଆର୍ଥିକ ବର୍ଷର ପ୍ରଦର୍ଶନ ଜନିତ ଶକ୍ତି କ୍ରୟ ପରିସଂଖ୍ୟାନ ରେ ଉପନୀତ ହେବାକୁ ଏଚଟି ଓ ଇଏଚଟିରେ ଅତିରିକ୍ତ ବିକ୍ରୀ ଜନିତ ଶକ୍ତିର କ୍ରୟ ପରିମାଣକୁ ଉପରୋକ୍ତ ପରିମାଣ ସହ ସାମିଲ କରିବା ବୁଦ୍ଧିମତ୍ତାର କାର୍ଯ୍ୟ ହେବ। ଅତଏବ, ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ପ୍ରଦର୍ଶିତ ଶକ୍ତି କ୍ରୟ ର ପରିସଂଖ୍ୟାନଗତ ପରିମାଣ ହେବ ୬୩୭୭.୩ ଲକ୍ଷ ୟୁନିଟ+୪୨.୭ ଲକ୍ଷ ୟୁନିଟ (ଅତିରିକ୍ତ) = ୬୪୨୦ ଲକ୍ଷ ୟୁନିଟ। ତେଣୁ ଆୟୋଗ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ସେସୁ ଉଦ୍ଦେଶ୍ୟରେ ୬୪୨୦ ଲକ୍ଷ ୟୁନିଟ ର ଶକ୍ତି କ୍ରୟ ପରିମାଣ ପରିସଂଖ୍ୟାନକୁ ଅନୁମୋଦନ କରିଛନ୍ତି।

<u>ନେସ୍କୋ</u>

୨୭୮. ଚଳିତ ଆର୍ଥିକ ବର୍ଷ ଅର୍ଥାତ୍ ୨୦୦୯-୧୦ର ଡିସେମ୍ବର ପର୍ଯ୍ୟନ୍ତ ମାସଓ୍ୱାରୀ ଶକ୍ତି କ୍ରୟର ତଥ୍ୟ ଆୟୋଗଙ୍କ ପାଖରେ ଅଛି। ତେଣୁ,ଆର୍ଥିକ ବର୍ଷ ୨୦୧୦-୧୧ ସମୟର ଶକ୍ତି କ୍ରୟର ଆକଳନ ପାଇଁ ଶେଷ ୬ ମାସ (ଜୁଲାଇରୁ ଡିସେମ୍ବର ୨୦୦୯)ର ଶକ୍ତି କ୍ରୟର ଧାରାକୁ ଆଧାର ଭାବରେ ଗ୍ରହଣ କରିବା ଯୁକ୍ତି ସଂଗତ ହେବ। ସାରାବର୍ଷ, ଅର୍ଥାତ୍ ୨୦୧୦-୧୧ ରେ ଅଟକଳିତ ଶକ୍ତ କ୍ରୟର ପରିମାଣ ପରିସଂଖ୍ୟାନରେ ଉପନୀତ ହେବାକୁ ଆମକୁ ୨୦୦୯-୧୦ର ଶେଷ ୬ ମାସର ହାରାହାରି ଶକ୍ତି କ୍ରୟର ଦରକୁ ଆନୁପାତିକ ହିସାବରେ ଗ୍ରହଣ କରିବାକୁ ହେବ ଏବଂ ଏହି ପରିମାଣ ୪୭୮୩.୬ ଲକ୍ଷ ୟୁନିଟ ବୋଲି ଜଣାପଡିଛି। ୨୦୧୦-୧୧ ଆର୍ଥିକ ବର୍ଷର ପ୍ରଦର୍ଶନ ଜନିତ ଶକ୍ତି କ୍ରୟର ପରିସଂଖ୍ୟାନରେ ଉପନୀତ ହେବାକୁ ଏଚଟି ଏବଂ ଇଏଚଟିରେ ଅତିରିକ୍ତ ବିକ୍ରୀ ଜନିତ

ଶକ୍ତି କ୍ରୟକୁ ପରିମାଣକୁ ମଧ୍ୟ ଉପରୋକ୍ତ ପରିମାଣ ସହ ସାମିଲ କରିବା ବୁଦ୍ଧିମତ୍ତାର କାର୍ଯ୍ୟ ହେବ। ଅତଏବ, ନେସକୋ ପ୍ରଦର୍ଶିତ ଶକ୍ତି କ୍ରୟର ପରିମାଣ ହେବ ୪୭୮୩.୬ ଲକ୍ଷ ୟୁନିଟ + ୩୩୮.୨ ଲକ୍ଷ ୟୁନିଟ = ୫୧୨୧ .୮ ଲକ୍ଷ_ୟୁନିଟ। ତେଣୁ ଆୟୋଗ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ନେସକୋ ଉଦ୍ଦେଶ୍ୟରେ ୫୧୨୨ ଲକ୍ଷ ୟୁନିଟର ଶକ୍ତି କ୍ରୟ ପରିମାଣ-ପରିସଂଖ୍ୟାନକୁ ଅନୁମୋଦନ କରିଛନ୍ତି।

ୱେସକୋ

୨୭୯. ଚଳିତ ଆର୍ଥିକ ବର୍ଷ ଅର୍ଥାତ୍ ୨୦୦୯-୧୦ ର ଡିସେମ୍ବର ପର୍ଯ୍ୟନ୍ତ ମାସୱାରୀ ଶକ୍ତି କ୍ରୟର ତଥ୍ୟ ଆୟୋଗଙ୍କ ପାଖରେ ଅଛି। ତେଣୁ,ଆର୍ଥିକ ବର୍ଷ ୨୦୧୦-୧୧ ସମୟର ଶକ୍ତି କ୍ରୟର ଆକଳନ ପାଇଁ ଶେଷ ୬ ମାସ (ଜୁଲାଇରୁ ଡିସେମ୍ବର ୨୦୦୯)ର ଶକ୍ତି କ୍ରୟର ଧାରାକୁ ଆଧାର ଭାବରେ ଗ୍ରହଣ କରିବା ଯୁକ୍ତି ସଂଗତ ହେବ। ସାରାବର୍ଷ, ଅର୍ଥାତ୍ ୨୦୧୦-୧୧ ରେ ଅଟକଳିତ ଶକ୍ତ କ୍ରୟର ପରିମାଣ-ପରିସଂଖ୍ୟାନରେ ଉପନୀତ ହେବାକୁ ଆମକୁ ୨୦୦୯-୧୦ର ଶେଷ ୬ ମାସର ହାରାହାରି ଶକ୍ତି କ୍ରୟର ଦରକୁ ଆନୁପାତିକ ହିସାବରେ ଗ୍ରହଣ କରିବାକୁ ହେବ ଏବଂ ଏହି ପରିମାଣ ୬୩୮୫.୫ ଲକ୍ଷ ୟୁନିଟ ବୋଲି ଜଣାପଡିଛି। ୨୦୧୦-୧୧ ଆର୍ଥିକ ବର୍ଷର ପ୍ରଦର୍ଶନ ଜନିତ ଶକ୍ତି କ୍ରୟର ପରିସଂଖ୍ୟାନରେ ଉପନୀତ ହେବାକୁ ଏଚଟି ଏବଂ ଇଏଚଟିରେ ଅତିରିକ୍ତ ବିକ୍ରୀ ଜନିତ ଶକ୍ତି କ୍ରୟର ପରିମାଣକୁ ମଧ୍ୟ ଉପରୋକ୍ତ ପରିମାଣ ସାମିଲ କରିବା ବୁଦ୍ଧିମତ୍ତାର କାର୍ଯ୍ୟ ହେବ। କିନ୍ତୁ ଇଏଚଟିରେ କମ ଉଠାଣ ଯୋଗୁ ଶକ୍ତି  କ୍ରୟ ପରିମାଣରେ ୧୪୧.୧ ଲକ୍ଷ ୟୁନିଟର ହ୍ରାସ ଘଟିବ। ଅତଏବ, ୱେସକୋର ପ୍ରଦର୍ଶିତ ଶକ୍ତି କ୍ରୟ ପରିମାଣର ପରିସଂଖ୍ୟାନ ହେବ ୬୩୮୫.୫-୧୪୧.୧=୬୨୪୪.୪ ଲକ୍ଷ ୟୁନିଟ। ତେଣୁ ଆର୍ଥିକ ବର୍ଷ ୨୦୧୦-୧୧ ପାଇଁ ଆୟୋଗ ୱେସକୋ ଉଦ୍ଦେଶ୍ୟରେ ୬୨୪୪ ଲକ୍ଷ ୟୁନିଟର ଶକ୍ତି କ୍ରୟର ପରିମାଣ ପରିସଂଖ୍ୟାନକୁ ଅନୁମୋଦନ କରିଛନ୍ତି।

ସାଉଥକୋ

୨୮୦. ଚଳିତ ଆର୍ଥିକ ବର୍ଷ ଅର୍ଥାତ୍ ୨୦୦୯-୧୦ ର ଡିସେମ୍ବର ପର୍ଯ୍ୟନ୍ତ ମାସୱାରୀ ଶକ୍ତି କ୍ରୟର ତଥ୍ୟ ଆୟୋଗଙ୍କ ପାଖରେ ଅଛି। ତେଣୁ,ଆର୍ଥିକ ବର୍ଷ ୨୦୧୦-୧୧ ସମୟର ଶକ୍ତି କ୍ରୟର ଆକଳନ ପାଇଁ ଶେଷ ୬ ମାସ (ଜୁଲାଇରୁ ଡିସେମ୍ବର ୨୦୦୯)ର ଶକ୍ତି କ୍ରୟର ଧାରାକୁ ଆଧାର ଭାବରେ ଗ୍ରହଣ କରିବା ଯୁକ୍ତି ସଂଗତ ହେବ। ସାରାବର୍ଷ, ଅର୍ଥାତ୍ ୨୦୧୦-୧୧ ରେ ଅଟକଳିତ ଶକ୍ତି କ୍ରୟର ପରିମାଣ-ପରିସଂଖ୍ୟାନରେ ଉପନୀତ ହେବାକୁ ଆମକୁ ୨୦୦୯-୧୦ର ଶେଷ ୬ ମାସର ହାରାହାରି ଶକ୍ତି କ୍ରୟର ଦରକୁ ଆନୁପାତିକ ହିସାବରେ ଗ୍ରହଣ କରିବାକୁ ହେବ ଏବଂ ଏହି ପରିମାଣ ୨୩୧୬.୮ ଲକ୍ଷ ୟୁନିଟ ବୋଲ ଜଣାପଡିଛି। ୨୦୧୦-୧୧ ଆର୍ଥିକ ବର୍ଷର ପ୍ରଦର୍ଶନ ଜନିତ ଶକ୍ତି କ୍ରୟର ପରିସଂଖ୍ୟାନରେ ଉପନୀତ ହେବାକୁ ଏଚଟି ଏବଂ ଇଏଚଟିରେ ଅତିରିକ୍ତ ବିକ୍ରୀ ଜନିତ ଶକ୍ତି କ୍ରୟର ପରିମାଣକୁ ମଧ୍ୟ ଉପରୋକ୍ତ ପରିମାଣ ସାମିଲ କରିବା ବୁଦ୍ଧିମତ୍ତାର କାର୍ଯ୍ୟ ହେବ। କିନ୍ତୁ ଇଏଚଟିରେ କମ ଉଠାଣ ଯୋଗୁ ଶକ୍ତି  କ୍ରୟ ପରିମାଣରେ ୧୪୧.୧ ଲକ୍ଷ ୟୁନିଟର ହ୍ରାସ ଘଟିବ। ଅତଏବ, ସାଉଥକୋ ପାଇଁ ପ୍ରଦର୍ଶିତ ଶକତ କ୍ରୟର ପରିମାଣ ହେବ ୨୩୧୬.୮ ଲକ୍ଷ ୟୁନିଟ + ୫୦.୮ ଲକ୍ଷ ୟୁନିଟ = ୨୩୬୭.୬ ଲକ୍ଷ ୟୁନିଟ। ତେଣୁ ଆର୍ଥିକ ବର୍ଷ ୨୦୧୦-୧୧ ପାଇଁ  ଆୟୋଗ ସାଉଥକୋ ଉଦ୍ଦେଶ୍ୟରେ ୨୩୬୮ ଲକ୍ଷ ୟୁନିଟର ଶକ୍ତି କ୍ରୟର ପରିମାଣ -ପରିସଂଖ୍ୟାନକୁ ଆୟୋଗ ଅନୁମୋଦନ କରିଛନ୍ତି।

ଶକ୍ତି ବିକ୍ରୀ

୨୮୧. ୨୦୦୯ ଏପ୍ରିଲ ଠାରୁ ୨୦୦୯ ଡିସେମ୍ବର ପର୍ଯ୍ୟନ୍ତ ଭିନ୍ନ ଭିନ୍ନ ଭୋଲଟେଜ ସ୍ତରରେ ବଂଟନକାରୀ କଂପାନୀମାନଙ୍କର ଶକ୍ତି ବିକ୍ରୀର ତଥ୍ୟ ଆୟୋଗଙ୍କ ପାଖରେ ଉପଲବ୍ଧ ଅଛି।

<u>ସେସୁ</u>

<u>ଇଏଚଟିରେ ବିକ୍ରୀ</u>

୨୮୨. ୨୦୦୯-୧୦ ଆର୍ଥିକ ବର୍ଷର ଶେଷ ୬ ମାସର ୨୦୦୯ ଜୁଲାଇରୁ ଡିସେମ୍ବରରେ ଇଏଚଟି ଶକ୍ତି ବିକ୍ରୀର ଧାରା ଅନୁଯାୟୀ ୨୦୧୦ର ପ୍ରଥମ ୩ ମାସର ଶକ୍ତି ବିକ୍ରୀର ଧାରା ପରିଚାଳିତ ହେବ। ୨୦୦୯-୧୦ ଆର୍ଥିକ ବର୍ଷର  ଶେଷ ୬ ମାସର ହାରାହାରି ଇଏଚଟି ବିକ୍ରୀର ଆନୁପାତିକ ଦର-ହାର ସାରାବର୍ଷ ଅର୍ଥାତ୍ ୨୦୦୯-୧୦ଆର୍ଥିକ ବର୍ଷ ପାଇଁ ଲାଗୁ ହେବ ଏବଂ ସେହି ଅନୁଯାୟୀ ୨୦୦୯-୧୦ ଆର୍ଥିକ ବର୍ଷ ପାଇଁ ଇଏଚଟିରେ ସେସୁରର ଅଟକଳିତ ଶକ୍ତି ବିକ୍ରୀ ପରିମାଣ ହେଉଛି ୧୦୪୬.୯୪ ଲକ୍ଷ ୟୁନିଟ। ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ସେସୁ ୧.୭୨ ଲକ୍ଷ ୟୁନିଟ ର ଅତିରିକ୍ତ ଶକ୍ତି  ମେମର୍ସ ଆରତୀ ଷ୍ଟିଲକୁ ବିକ୍ରୀ କରିବାର ପ୍ରଦର୍ଶନ କରିଛି।

ଅତଏବ, ଏହି ଅତିରିକ୍ତ ବିକ୍ରୀକୁ ମିଶାଇଲେ ଇଏଚଟିରେ ସେସୁର ସମୁଦାୟ ବିକ୍ରୀ ପରିମାଣ ହେବ - ୧୦୪୬.୯୪ + ୧.୭୨=୧୦୪୮.୬୬ ଲକ୍ଷ ୟୁନିଟ ବା ଧରାଯାଉ ୧୦୪୮.୭୦ ଲକ୍ଷ ୟୁନିଟ।

<u>ଏଚଟିରେ ବିକ୍ରୀ</u>

୨୮୩. ସେହିଭଳି ଭାବେ, ୨୦୦୯-୧୦ ଆର୍ଥିକ ବର୍ଷର ଶେଷ ୬ ମାସର (୨୦୦୯ ଜୁଲାଇରୁ ଡିସେମ୍ବର)ଇଏଚଟିରେ  ଶକ୍ତି ବିକ୍ରୀର ଧାରା ଅନୁଯାୟୀ ୨୦୧୦ର ପ୍ରଥମ ୩ ମାସର ଶକ୍ତି ବିକ୍ରୀର ଧାରା ପରିଚାଳିତ ହେବ। ୨୦୦୯-୧୦ ଆର୍ଥିକ ବର୍ଷର  ଶେଷ ୬ ମାସର ହାରାହାରି ଏଚଟି ବିକ୍ରୀର ଆନୁପାତିକ ଦର ହାର , ସାରାବର୍ଷ ଅର୍ଥାତ୍ ୨୦୦୯-୧୦ଆର୍ଥିକ ବର୍ଷ ପାଇଁ ଲାଗୁ ହେବ ଏବଂ ସେହି ଅନୁଯାୟୀ ୨୦୦୯-୧୦ ଆର୍ଥିକ ବର୍ଷ ପାଇଁ ଏଚଟିରେ ସେସୁ ର ଅଟକଳିତ ଶକ୍ତି ବିକ୍ରୀ ପରିମାଣ ହେଉଛି ୮୨୫.୫୬ ଲକ୍ଷ ୟୁନିଟ। ୨୦୧୦-୧୧ ଆର୍ଥିକ ବର୍ଷରେ ୧ ଏମଭିଏରୁ ଅଧିକ କଣ୍ଟ୍ରାକ୍ଟ ଡିମାଣ୍ଡ ଥିବା ଏଚଟି ଶିଳ୍ପ ସଂସ୍ଥାର ଅଧିକ ଉପଯୋଗ ଯୋଗୁ ସେସୁ ୩୭.୭୨ ଲକ୍ଷ ୟୁନିଟର ଅତିରିକ୍ତ ବିକ୍ରିର ପ୍ରଦର୍ଶନ କରିଛି। ଏହି ଅତିରିକ୍ତ ବିକ୍ରୀକୁ ମିଶାଇଲେ ୨୦୦୯-୧୦ ଆର୍ଥିକ ବର୍ଷ ପାଇଁ ଏଚଟିରେ ବିକ୍ରୀ ପରିମାଣ ହେବ ୮୨୫.୫୬+୩୭.୭୨ = ୮୬୩.୨୮ ଲକ୍ଷ ୟୁନିଟ ବା ଧରାଯାଉ ୮୬୩.୩୦ ଲକ୍ଷ ୟୁନିଟ।

<u>ଏଲଟିରେ ବିକ୍ରୀ</u>

୨୮୪. ଆୟୋଗ ଲକ୍ଷ୍ୟ କରିଥିଲେ ଯେ, ସାରା ରାଜ୍ୟରେ  ୪ ଟି ଯାକ ବଂଟନକାରୀ କଂପାନୀଙ୍କର ବ୍ୟବସାୟିକ କାରବାର ପ୍ରାୟତଃ ସମାନ। ସେହିଭଳି ସାରା ରାଜ୍ୟର ଏଲ୍‌ଟି ନେଟଓ୍ୱର୍କ ମଧ୍ୟ ଏକା ପ୍ରକାରର ଅଟେ। ତା 'ଛଡା ସବୁ  ବଂଟନକାରୀ କଂପାନୀଙ୍କର ଏଲ୍‌ଟି ନେଟଓ୍ୱାର୍କ ସମାନ ନ ହୋଇ ପାରିବାର ସେମିତି କିଛି କାରଣ ବି ନାହିଁ। ଏଲଟିରେ ଉପଯୁକ୍ତ ନିର୍ବାହନ ଦ୍ୱାରା ବଂଟନ କାରୀ କଂପାନୀଙ୍କର ବ୍ୟବସାୟ ଅସଲ ମୋଡ଼ ନେଇଥାଏ। ଅତଏବ ଆୟୋଗ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ୨୯.୪%ର ଏକ ସମାନ କ୍ଷତି ଧାର୍ଯ୍ୟ ଲକ୍ଷ୍ୟକୁ ଅନୁମୋଦନ କରିଛନ୍ତି। ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ୬୪୨୦ ଲକ୍ଷ ୟୁନିଟର ଶକ୍ତି-କ୍ରୟ ପରିମାଣକୁ ବିଚାର କରି ଏବଂ ଏଚଟି ଓ ଏଲଟି ପାଇଁ ଯଥାକ୍ରମେ ୮% ଓ ୨୯.୪% ର  କ୍ଷତି ଧାର୍ଯ୍ୟ-ଲକ୍ଷ୍ୟକୁ ପ୍ରୟୋଗ କରି ଆୟୋଗ ସେସୁ ଉଦ୍ଦେଶ୍ୟରେ ୨୮୭୯.୩ ଲକ୍ଷ ୟୁନିଟର ବିକ୍ରୀ ପରିମାଣରେ ଉପନୀତ ହୋଇଛନ୍ତି ଓ ସେହି ପରିମାଣକୁ ଅନୁମୋଦନ କରିଛନ୍ତି। ଅତଏବ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ସେସୁ ଉଦ୍ଦେଶ୍ୟରେ  ୬୪୨୦ ଲକ୍ଷ ୟୁନିଟରେ ଅନୁମୋଦିତ ଶକ୍ତି ପରିମାଣର କ୍ରୟ ବିପକ୍ଷରେ ଆୟୋଗ ୪୭୯୧.୩ ଲକ୍ଷ ୟୁନିଟର ଶକ୍ତି ବିକ୍ରୀ ପାଇଁ ଅଟକଳନ କରିଛନ୍ତି।

<u>ନେସକୋ</u>

<u>ଇଏଚଟି ବିକ୍ରୀ</u>

୨୮୫. ଚଳିତ ବର୍ଷର ଅବଶିଷ୍ଟ ୩ ମାସ (ଜାନୁୟାରୀ , ଫେବୃୟାରୀ ଓ ମାର୍ଚ୍ଚ ୨୦୧୦) ପାଇଁ ଇଏଚଟି ସ୍ତରରେ ଶକ୍ତି ବିକ୍ରୀର ଧାରା ୨୦୦୯-୧୦ ଆର୍ଥିକ ବର୍ଷର ଶେଷ ୬ ମାସ(ଜୁଲାଇ ରୁ ଡିସେମ୍ବର ୨୦୦୯) ର ଶକ୍ତି ବିକ୍ରୀର ଧାରା ଅନୁଯାୟୀ ଗ୍ରହଣୀୟ ହେବା ଉଚିତ ହେବ। ଇଏଚଟିରେ ୨୦୦୯ ର ଶେଷ ୬ ମାସର ହାରାହାରି ବିକ୍ରୀର ଆନୁପାତିକତାକୁ ୨୦୦୯-୧୦ ଆର୍ଥିକ ବର୍ଷର ସାରାବର୍ଷ ପାଇଁ ଆକଳନ କରାଯାଇଛି, ଯାହାର ପରିମାଣ ହେଉଛି ୧୫୫୧.୬୭ ଲକ୍ଷ ୟୁନିଟ। ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ମୁଖ୍ୟତଃ ମେସର୍ସ ଜିନ୍ଦଲ ଷ୍ଟିଲ୍ସ ଆଣ୍ଡ ପାୱାର, ମେସର୍ସ ମିଶ୍ରିଲାଲ ମାଇନ୍ସ, ମେସର୍ସ ଏମଏସପି ସ୍ପଞ୍ଜ ଓ ମେସର୍ସ ଫେରୋଟେକ୍ ଉଦ୍ଦେଶ୍ୟରେ ୨୧୧.୯୬ ଲକ୍ଷ ୟୁନିଟ ର ଅତିରିକ୍ତ ବିକ୍ରୀ ପରିମାଣ ଦର୍ଶାଇଛି। ତେଣୁ ଇଏଚଟି ସ୍ତରରେ ୨୦୦୯-୧୦ ର ପ୍ରଦର୍ଶିତ ବିକ୍ରୀ ପରିମାଣ ପାଇଁ ଅଟକଳିତ ବିକ୍ରୀ ପରିମାଣ ସହ ଏହି ଅତିରିକ୍ତ ପରିମାଣର ବିକ୍ରୀକୁ ମିଶାଇ ଦେବା ଯୁକ୍ତି ସଂଗତ ହେବ। ଅତଏବ, ଆୟୋଗ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ୧୫୫୧.୬୭+୨୧୧.୯୬=୧୭୬୩.୬୩ ଲକ୍ଷ ୟୁନିଟକୁ ଇଏଚଟି ବିକ୍ରୀ ପାଇଁ ଅନୁମୋଦନ କରିଛନ୍ତି। ଅଧିକନ୍ତୁ , ଅନୁମତିଧାରୀମାନେ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ୧୭୯୪.୬୦ ୟୁନିଟର ଏକ ଅଧିକ ପରିମାଣର ପ୍ରଦର୍ଶନ କରିଛନ୍ତି ଏବଂ ଆୟୋଗ ସେହି ପରିମାଣକୁ ମଧ୍ୟ ଅନୁମୋଦନ କରିଛନ୍ତି।

<u>ଏଚଟି ବିକ୍ରି</u>

୨୮୬. ସେହିପରି , ଚଳିତ ବର୍ଷର ଅବଶିଷ୍ଟ ୩ ମାସ (୨୦୧୦ ର ଜାନୁୟାରୀ ,ଫେବୃୟାରୀ, ମାର୍ଚ୍ଚ) ପାଇଁ ଏଚଟି ସ୍ତରରେ ଶକ୍ତି ବିକ୍ରୀର ଧାରା ୨୦୦୯-୧୦ ଆର୍ଥିକ ବର୍ଷର ଶେଷ ୬ ମାସ (୨୦୦୯ ର ଜୁଲାଇରୁ ଡିସେମ୍ବର)ର ଶକ୍ତି ବିକ୍ରୀର ଧାରା ଅନୁଯାୟୀ ଗ୍ରହଣୀୟ ହେବା ଉଚିତ ହେବ। ଏଚଟିରେ ୨୦୦୯ ର ଶେଷ ୬ ମାସର ହାରାହାରି ବିକ୍ରୀର ଆନୁପାତିକତାକୁ ୨୦୦୯-୧୦ ଆର୍ଥିକ ବର୍ଷର ସାରା ବର୍ଷ ପାଇଁ ଅଟକଳନ କରାଯାଇଛି, ଯାହାର ପରିମାଣ ହେଉଛି ୬୬୨.୩୯ ଲକ୍ଷ ୟୁନିଟ। ୨୦୧୦-୧୧ ଆର୍ଥିକ ବର୍ଷରେ ୧ ଏମଭିଏରୁ ଅଧିକ କଣ୍ଟ୍ରାକ୍ଟ ଡିମାଣ୍ଡ ଥିବା ବିକାଶଶୀଳ ଏଚଟି ଶିଳ୍ପସଂସ୍ଥାଗୁଡିକ ପାଇଁ ନେସକୋ ଅତିରିକ୍ତ ୧୪ ଲକ୍ଷ ୟୁନିଟର ଶକ୍ତି ବିକ୍ରୀକୁ ପ୍ରଦର୍ଶନ କରିଛି। ଅତଏବ, ଏଚଟି ସ୍ତରରେ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ସମୁଦାୟ ଅଟକଳିତ ପ୍ରଦର୍ଶିତ ବିକ୍ରି ପରିମାଣ ହେଉଛି ୬୬୨.୩୯+୧୪ = ୬୭୬.୩୯ ଲକ୍ଷ ୟୁନିଟ। କିନ୍ତୁ ଅନୁମତିଧାରୀମାନେ ଲୋଡ ଫାକ୍ଟର ଆଦିର ବୃଦ୍ଧି ଯୋଗୁ ଏଚଟିରେ ଅଧିକ ପରିମାଣର ଶକ୍ତି ବିକ୍ରୀ ପାଇଁ ଆଶାବାଦୀ ଅଛନ୍ତି ଏବଂ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ୭୫୦.୦୧ ଲକ୍ଷ ୟୁନିଟର ପରିମାଣକୁ ପ୍ରଦର୍ଶନ କରିଛନ୍ତି ଓ ଆୟୋଗ ଏହାକୁ ଅନୁମୋଦନ କରିଛନ୍ତି।

<u>ଏଲଟି ବିକ୍ରୀ</u>

୨୮୭. ଉପରୋକ୍ତ ମତେ ପ୍ରୟୋଗିତ ନୀତି ଅନୁସାରେ ଆୟୋଗ ନେସକୋ ପାଇଁ ୨୯.୪%ର ଏଲଟି କ୍ଷତି ଧାର୍ଯ୍ୟ-ଲକ୍ଷ୍ୟକୁ ଅନୁମୋଦନ କରିଛନ୍ତି। ୨୦୧୦-୧୧ ଆର୍ଥିକ ବର୍ଷରେ ୫୧୨୨ ଲକ୍ଷ ୟୁନିଟର ଶକ୍ତି କ୍ରୟ ପରିମାଣକୁ ବିଚାର କରି ଏବଂ ଏଚଟି ଓ ଏଲ୍‌ଟି ପାଇଁ ଯଥାକ୍ରମେ ୮% ଓ ୨୯.୪%ର କ୍ଷତି ଧାର୍ଯ୍ୟ-ଲକ୍ଷ୍ୟକୁ ହିସାବକୁ ନେଇ ଆୟୋଗ ନେସକୋ ପାଇଁ ୨୦୧୦-୧୧ ଆର୍ଥିକ ବର୍ଷରେ ଏଲଟି ବିକ୍ରୀ ପରିସଂଖ୍ୟାନକୁ ୧୬୩୧.୭ ଲକ୍ଷ ୟୁନିଟରେ ଉପନୀତ ହୋଇଛନ୍ତି ଓ ସେହି ପରିମାଣକୁ ଅନୁମୋଦନ କରିଛନ୍ତି । ଏହି କ୍ଷତି ସ୍ତରକୁ ହାସଲ କରିବା ପାଇଁ ବଂଟନକାରୀ କଂପନୀମାନଙ୍କୁ ସବୁମତେ ପ୍ରୟାସ କରିବାକୁ ପଡିବ। ଅତଏବ, ନେସକୋ

କ୍ଷେତ୍ରରେ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ୫୧୨୨ ଲକ୍ଷ ୟୁନିଟର ଶକ୍ତି କ୍ରୟ ବିପକ୍ଷରେ ଆୟୋଗ ସମୁଦାୟ ବିକ୍ରୀ ପରିମାଣକୁ ୪୧୭୬.୩ ଲକ୍ଷ ୟୁନିଟରେ ଅଟକଳନ କରିଛନ୍ତି।

ୱେସକୋ

ଇଏଚଟିରେ ବିକ୍ରୀ

୨୮୮. ଚଳିତ ବର୍ଷ (୨୦୦୯-୧୦) ର ଅବଶିଷ୍ଟ ୩ ମାସ (୨୦୧୦ ର ଜାନୁୟାରୀ , ଫେବୃୟାରୀ, ମାର୍ଚ୍ଚ)ପାଇଁ ଇଏଚଟିରେ  ଶକ୍ତି ବିକ୍ରୀର ଧାରା ୨୦୦୯ର ଶେଷ ୬ ମାସ (୨୦୦୯ ର ଜୁଲାଇରୁ ଡିସେମ୍ବର)ର ଶକ୍ତି ବିକ୍ରୀର ଧାରା ଅନୁଯାୟୀ ଅନୁସରଣୀୟ ହେବା ବିଜ୍ଞତାର କାର୍ଯ୍ୟ ହେବ। ୨୦୦୯-୧୦ ଆର୍ଥିକ ବର୍ଷ ପାଇଁ ସାରା ବର୍ଷର ଇଏଚଟିରେ ଶକ୍ତି ବିକ୍ରୀର ପରିମାଣକୁ ୨୦୦୯ ର ଶେଷ ୬ ମାସର ହାରାହାରି ବିକ୍ରୀ ଅନୁପାତରେ ଧାରାଯାଇ ହିସାବ କରାଗଲେ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଅଟକଳିତ ପରିମାଣ  ୧୭୦୮.୨୫ ଲକ୍ଷ ୟୁନିଟକୁ ଧାର୍ଯ୍ୟ କରାଯାଇଛି। ମୁଖ୍ୟତଃ ମେସର୍ସ ବେଦାନ୍ତ ଓ ମେସର୍ସ ଆଧୁନିକ ଷ୍ଟିଲ ଲିଃ (୨୦୧୦-୧୧ ଆର୍ଥିକ ବର୍ଷ ପାଇଁ) ୱେସକୋ ଠାରୁ କୌଣସି ପରିମାଣର ଉଠାଣ ନ କରିବାରୁ ୱେସକୋ ୧୯୦ ଲକ୍ଷ ୟୁନିଟର ବିକ୍ରୀ-ହ୍ରାସ ପ୍ରଦର୍ଶନ କରିଛି। ତେଣୁ, ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଇଏଚଟି ସ୍ତରରେ ସମୁଦାୟ ଅଟକଳିତ ପରିମାଣରୁ ଏହି ପରିମାଣକୁ ବିୟୋଗ କରିବା ଯୁକ୍ତି ସଂଗତ ହେବ। ଅତଏବ, ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ୱେସକୋର ଇଏଚଟି ରେ ବିକ୍ରୀ ପରିମାଣ ହେବ ୧୭୦୮.୨୫-୧୯୦=୧୫୧୮.୨୫ ଲକ୍ଷ ୟୁନିଟ। କିନ୍ତୁ ମେସର୍ସ ଭୂଷଣର ନିଜସ୍ୱ କ୍ୟାପ୍ଟିଭ ଜେନେରେଟିଂ ପ୍ଲାଣ୍ଟରୁ ଉତ୍ପାଦନ ଯୋଗୁ ସେ ଉଠାଣ ପରିମାଣ କମାଇ ଦେବାରୁ ୱେସକୋ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ୧୩୮୩ ଲକ୍ଷ ୟୁନିଟର ବିକ୍ରୀ ପ୍ରଦର୍ଶନ କରିଛନ୍ତି। ତେଣୁ ଆୟୋଗ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଇଏଚଟିରେ ୧୩୮୩ ଲକ୍ଷ ୟୁନିଟ ପରିମାଣର ଶକ୍ତି ବିକ୍ରୀ ପ୍ରଦର୍ଶନ କରିଛନ୍ତି।

ଏଚଟିରେ ବିକ୍ରୀ

୨୮୯. ସେହିପରି , ଚଳିତ ବର୍ଷ (୨୦୦୯-୧୦ ଆର୍ଥିକ ବର୍ଷ)ର ଅବଶିଷ୍ଟ ୩ ମାସ  (୨୦୧୦ ର ଜାନୁୟାରୀ ,ଫେବୃୟାରୀ, ମାର୍ଚ୍ଚ) ପାଇଁ ଏଚଟିରେ  ଶକ୍ତି ବିକ୍ରୀର ଧାରା ୨୦୦୯-୧୦ ଆର୍ଥିକ ବର୍ଷର ଶେଷ ୬ ମାସ (୨୦୦୯ ର ଜୁଲାଇରୁ ଡିସେମ୍ବର)ର ଶକ୍ତି ବିକ୍ରୀର ଧାରା ଅନୁଯାୟୀ ଅନୁସରଣୀୟ ହେବା ବିଜ୍ଞତାର କାର୍ଯ୍ୟ ହେବ। ସାରାବର୍ଷ ୨୦୦୯-୧୦ ଆର୍ଥିକ ବର୍ଷ ପାଇଁ ଏଚଟିରେ ଶକ୍ତି ବିକ୍ରୀର ପରିମାଣକୁ ୨୦୦୯ର ଶେଷ ୬ମାସର ହାରାହାରି ବିକ୍ରୀ ଅନୁପାତରେ ଧରାଯାଇ ହିସାବ କରାଗଲେ ଅଟକଳିତ ପରିମାଣ ୧୩୯୩.୬୭ ଲକ୍ଷ ୟୁନିଟକୁ ଧାର୍ଯ୍ୟ କରାଯାଇଛି। ୨୦୧୦-୧୧ ଆର୍ଥିକ ବର୍ଷରେ ୧ ଏମଭିଏରୁ ଅଧିକ କଣ୍ଟ୍ରାକ୍ଟ ଡିମାଣ୍ଡ ଥିବା ବିକାଶଶୀଳ ଏଚଟି ଶିଳ୍ପସଂସ୍ଥାଗୁଡିକର ଅତିରିକ୍ତ ଆବଶ୍ୟକତା ଯୋଗୁ ୪୫ ଲକ୍ଷ ୟୁନିଟର ଏକ ଅତିରିକ୍ତ ପରିମାଣର ଶକ୍ତି ବିକ୍ରୀକୁ ୱେସକୋ ପ୍ରଦର୍ଶନ କରିଛି। ତେଣୁ, ସମୁଦାୟ ପ୍ରଦର୍ଶିତ ବିକ୍ରୀ ପରିମାଣରେ ଉପନୀତ ହେବାକୁ ହେଲେ ଏହି ୪୫ ଲକ୍ଷ ୟୁନିଟର ମୂଳ ପ୍ରଦର୍ଶିତ ପରିମାଣ ସହ ମିଶାଇବାକୁ ପଡିବ। ଅତଏବ, ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଏଚଟିରେ ୱେସକୋ ର ସମୁଦାୟ ପ୍ରଦର୍ଶିତ ପରିମାଣ ହେଲା ୧୩୯୩ .୬୭ +୪୫ = ୧୪୩୮.୬୭ ଲକ୍ଷ ୟୁନିଟ। କିନ୍ତୁ ୱେସକୋ ଏହାଠାରୁ ଅଧିକ ଅର୍ଥାତ୍ ୧୫୬୩ ଲକ୍ଷ ୟୁନିଟର ଶକ୍ତି ବିକ୍ରୀ ପରିମାଣ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ପ୍ରଦର୍ଶନ କରିଛି ଓ ଆୟୋଗ ଏହି ପରିମାଣକୁ ଅନୁମୋଦନ କରିଛନ୍ତି।

ଏଲଟିରେ ବିକ୍ରୀ

୨୯୦. ସେସୁ ପାଇଁ ବିଚାରିତ ନୀତି ଅନୁଯାୟୀ ଆୟୋଗ ୱେସକୋ ପାଇଁ ୨୯.୪%ର ଏଲଟି କ୍ଷତି ଧାର୍ଯ୍ୟ-ଲକ୍ଷ୍ୟକୁ ଅନୁମୋଦନ କରିଛନ୍ତି। ୨୦୧୦-୧୧ ଆର୍ଥିକ ବର୍ଷରେ ୬୨୪୪ ଲକ୍ଷ ୟୁନିଟର ଶକ୍ତି କ୍ରୟ ପରିମାଣକୁ ବିବେଚନା କରି ଏବଂ ଏଚଟି ଓ ଏଲଟି ସ୍ତରରେ ଯଥାକ୍ରମେ ୮% ଓ ୨୯.୪%ର କ୍ଷତି ଧାର୍ଯ୍ୟ-ଲକ୍ଷ୍ୟକୁ ପ୍ରଯୋଜ୍ୟ କରି ଆୟୋଗ ୨୦୧୦-୧୧ ଆର୍ଥିକ ବର୍ଷରେ ୱେସକୋ ପାଇଁ ଏଲଟି ବିକ୍ରୀ ପରିସଂଖ୍ୟାନକୁ ୨୦୫୩.୮ ଲକ୍ଷ ୟୁନିଟ ଭାବେ ହିସାବ କରିଛନ୍ତି ଏବଂ ସେହି ପରିମାଣକୁ ମଧ୍ୟ ଅନୁମୋଦନ କରିଛନ୍ତି। ଧାର୍ଯ୍ୟ-ଲକ୍ଷ୍ୟ କ୍ଷତି ସ୍ତରକୁ ହାସଲ କରିବା ପାଇଁ ବଂଟନକାରୀ କଂପାନୀମାନେ ମଧ୍ୟ ସବୁମନ୍ତେ ପ୍ରୟାସ କରିବାକୁ ପଡିବ। ଅତଏବ,୨୦୧୦-୧୧ ଆର୍ଥିକ ବର୍ଷରେ ୱେସ୍‌କୋ ପାଇଁ ସମୁଦାୟ ଅନୁମୋଦିତ ଶକ୍ତି କ୍ରୟ ପରିମାଣ ୬୨୪୪ ଲକ୍ଷ ୟୁନିଟ ବିପକ୍ଷରେ ବିକ୍ରୀ ପରିମାଣକୁ ଆୟୋଗ ୪୯୯୯.୮ ଲକ୍ଷ ୟୁନିଟରେ ଅଟକଳନ କରିଛନ୍ତି।

<u>ସାଉଥକୋ</u>

<u>ଇଏଚଟିରେ ବିକ୍ରୀ</u>

୨୯୧. ଚଳିତ ବର୍ଷ (୨୦୦୯-୧୦ ଆର୍ଥିକ ବର୍ଷ)ର ଅବଶିଷ୍ଟ ୩ ମାସ (୨୦୧୦ ର ଜାନୁୟାରୀ, ଫେବୃୟାରୀ, ମାର୍ଚ୍ଚ) ପାଇଁ ଇଏଚଟିରେ ଶକ୍ତି ବିକ୍ରୀର ଧାରା ୨୦୦୯-୧୦ ଆର୍ଥିକ ବର୍ଷର ଶେଷ ୬ ମାସ (୨୦୦୯ ର ଜୁଲାଇରୁ ଡିସେମ୍ବର)ର ଶକ୍ତି ବିକ୍ରୀର ଧାରା ଅନୁଯାୟୀ ଅନୁସରଣୀୟ ହେବା ବିଜ୍ଞତାର କାର୍ଯ୍ୟ ହେବ। ସାରାବର୍ଷ ଅର୍ଥାତ୍ ୨୦୦୯-୧୦ ଆର୍ଥିକ ବର୍ଷ ପାଇଁ ଇଏଚଟିରେ ଶକ୍ତି ବିକ୍ରୀର ପରିମାଣକୁ ୨୦୦୯ର ଶେଷ ୬ମାସର ହାରାହାରି ବିକ୍ରୀ ଅନୁପାତରେ ଧରାଯାଇ ହିସାବ କରାଗଲେ ଅଟକଳିତ ପରିମାଣ ୨୪୮.୨୪ ଲକ୍ଷ ୟୁନିଟକୁ ଧାର୍ଯ୍ୟ କରାଯାଇଛି। ତେବେ, ସାଉଥକୋ ଆର୍ଥିକ ବର୍ଷ ୨୦୧୦-୧୧ ପାଇଁ ଇଏଚଟିରେ ୩୯.୫୫ ଲକ୍ଷ ୟୁନିଟର ଅତିରିକ୍ତ ବିକ୍ରୀ ପରିମାଣ ପ୍ରଦର୍ଶନ କରିଛି। ତେଣୁ ଏହି ଅତିରିକ୍ତ ପରିମାଣକୁ ମୂଳ ପରିମାଣ ସହ ମିଶାଇ ବିକ୍ରୀ ପରିମାଣ ଧାର୍ଯ୍ୟ କରାଯିବା ସଂପୂର୍ଣ୍ଣ ଯୁକ୍ତି ସଂଗତ ହେବ । ଅର୍ଥାତ୍ ଇଏଚଟିରେ ସାଉଥକୋ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ୨୪୮.୨୪ +୩୯.୫୫ = ୨୮୭.୭୯ ଲକ୍ଷ ୟୁନିଟ ବା ୨୮୭.୮୦ ଲକ୍ଷ ୟୁନିଟର ଶକ୍ତି ବିକ୍ରୀ ପରିମାଣ ପ୍ରଦର୍ଶନ କରିଛି ଓ ଆୟୋଗ ଏହାକୁ ଅନୁମୋଦନ କରିଛନ୍ତି।

<u>ଏଚଟିରେ ବିକ୍ରୀ</u>

୨୯୨. ସେହିଭଳି ଚଳିତ ବର୍ଷ (୨୦୦୯-୧୦ ଆର୍ଥିକ ବର୍ଷ)ର ଅବଶିଷ୍ଟ ୩ ମାସ (୨୦୧୦ ର ଜାନୁୟାରୀ ,ଫେବୃୟାରୀ, ମାର୍ଚ୍ଚ) ପାଇଁ ଏଚଟିରେ ଶକ୍ତି ବିକ୍ରୀର ଧାରା ୨୦୦୯-୧୦ ଆର୍ଥିକ ବର୍ଷର ଶେଷ ୬ ମାସ (୨୦୦୯ ର ଜୁଲାଇରୁ ଡିସେମ୍ବର)ର ଶକ୍ତି ବିକ୍ରୀର ଧାରା ଅନୁଯାୟୀ ଅନୁସରଣୀୟ ହେବା ବିଜ୍ଞତାର କାର୍ଯ୍ୟ ହେବ। ସାରାବର୍ଷ ଅର୍ଥାତ୍ ୨୦୦୯-୧୦ ଆର୍ଥିକ ବର୍ଷ ପାଇଁ ଇଏଚଟିରେ ଶକ୍ତି ବିକ୍ରୀର ପରିମାଣକୁ ୨୦୦୯ର ଶେଷ ୬ମାସର ହାରାହାରି ବିକ୍ରୀ ଅନୁପାତରେ ଧରାଯାଇ ହିସାବ କରାଗଲେ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଅଟକଳିତ ପରିମାଣ ୨୨୮.୪୭ ଲକ୍ଷ ୟୁନିଟକୁ ଧାର୍ଯ୍ୟ କରାଯାଇଛି। ତେବେ, ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ୧ ଏମଭିଏରୁ ଅଧିକ କଣ୍ଟ୍ରାକ୍ଟ ଡିମାଣ୍ଡ ଥିବା ବିକାଶଶୀଳ ଏଚଟି ଶିଳ୍ପ ସଂସ୍ଥାଗୁଡିକ ଉଦ୍ଦେଶ୍ୟରେ ଅତିରିକ୍ତ ୧୦.୩୭ ଲକ୍ଷ ୟୁନିଟର ଶକ୍ତି ବିକ୍ରୀ ପରିମାଣକୁ ପ୍ରଦର୍ଶନ କରିଛି। ଅତଏବ, ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଏହି ଅତିରିକ୍ତ ପରିମାଣକୁ ମୂଳ ପରିମାଣ ସହ ମିଶାଇ ଏଚଟିରେ ଶକ୍ତି ବିକ୍ରୀର ମୋଟ ପରିମାଣ ସ୍ଥିର କରାଗଲେ , ତାହା ହେବ ୨୨୮.୪୭+ ୧୦.୩୭ =୨୩୮.୮୪ ଲକ୍ଷ ୟୁନିଟ ବା ୨୩୮.୦୦ ଲକ୍ଷ ୟୁନିଟ, ଏବଂ ଆୟୋଗ ଏହି ପରିମାଣକୁ ଅନୁମୋଦନ କରିଛନ୍ତି।

<u>ଏଲଟିରେ ବିକ୍ରୀ</u>

୨୯୩. ସେସୁ ଉଦ୍ଦେଶ୍ୟରେ ପ୍ରଯୋଜ୍ୟ ଯୁକ୍ତିକୁ ବିଚାର କରି ସାଉଥକୋ ପାଇଁ ୨୯.୪% ରେ ଏକ ଏଲ୍‌ଟି କ୍ଷତି ଧାର୍ଯ୍ୟ-ଲକ୍ଷ୍ୟକୁ ଆୟୋଗ ଅନୁମୋଦନ କରିଛନ୍ତି। ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ୨୩୬୮ ଲକ୍ଷ ୟୁନିଟର ଶକ୍ତି କ୍ରୟ ପରିମାଣକୁ ବିଚାର କରି ଏବଂ ଯଥାକ୍ରମେ ଏଚଟି ଓ ଏଲଟି ରେ ୮% ଓ ୨୯.୪% ର କ୍ଷତି ଧାର୍ଯ୍ୟ ଲକ୍ଷ୍ୟକୁ ପ୍ରୟୋଗ କରି ଆୟୋଗ ୧୧୮୨.୫ ଲକ୍ଷ ୟୁନିଟର ଏଲଟି ବିକ୍ରୀ ପରିମାଣରେ ଉପନୀତ ହୋଇଛନ୍ତି ଏବଂ ଏହି ପରିମାଣକୁ ମଧ୍ୟ ଅନୁମୋଦନ କରିଛନ୍ତି। ତେବେ, ବଂଟନକାରୀ କଂପାନୀମାନଙ୍କୁ ଆୟୋଗଙ୍କ ଦ୍ୱାରା ସ୍ଥିରୀକୃତ କ୍ଷତି ସ୍ତରକୁ ହାସଲ କରିବାକୁ ସବୁ ମନ୍ତେ ପ୍ରୟାସ କରିବାକୁ ପଡିବ। ଅତଏବ ସାଉଥକୋ ଉଦ୍ଦେଶ୍ୟରେ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ୨୩୬୮ ଲକ୍ଷ ୟୁନିଟ ର ଅନୁମୋଦିତ କ୍ରୟ ପରିମାଣ ବିପକ୍ଷରେ ଆୟୋଗ ୧୭୦୯.୧ ଲକ୍ଷ ୟୁନିଟର ବିକ୍ରୀ ପରିମାଣକୁ ଅଟକଳନ କରିଛନ୍ତି।

**ସାରଣୀ – ୩୦**

**୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଅନୁମୋଦିତ କ୍ରୟ ଓ ବିକ୍ରୟ ପରିମାଣ (ଏମ୍.ୟୁ)**

| ଅନୁମତିଧାରୀ ସଂସ୍ଥା | ସେସୁ | ନେସ୍କୋ | ୱେସ୍କୋ | ସାଉଥ୍‌କୋ | ସମଗ୍ର ଓଡ଼ିଶା |
|---|---|---|---|---|---|
| କ୍ରୟ | ୬୪୨୦ | ୫୧୨୨ | ୬୨୪୪ | ୨୩୬୮ | ୨୦୧୫୪ |
| ବିକ୍ରି | | | | | |
| ଇଏଚ୍‌ଟି | ୧୦୪୮.୭ | ୧୭୯୪.୬ | ୧୩୮୩.୦ | ୨୮୭.୮ | ୪୫୧୪.୦ |
| ଏଚ୍‌ଟି | ୮୬୩.୩ | ୭୫୦.୦ | ୧୫୬୩.୦ | ୨୩୮.୮ | ୩୪୧୫.୧ |
| ସମୁଦାୟ ଏଚ୍‌ଟି ଓ ଓଏଚ୍‌ଟି | ୧୯୧୨.୦ | ୨୫୪୪.୬ | ୨୯୪୬.୦ | ୫୨୬.୬ | ୭୯୨୯.୧ |
| ଏଲ୍‌ଟି ବିକ୍ରି | ୨୮୭୯.୩ | ୧୬୩୧.୭ | ୨୦୫୩.୮ | ୧୧୮୨.୫ | ୭୭୪୭.୪ |
| ସମୁଦାୟ ବିକ୍ରି | ୪୭୯୧.୩ | ୪୧୭୬.୩ | ୪୯୯୯.୮ | ୧୭୦୯.୧ | ୧୫୬୭୬.୫ |

୨୯୪. ଆର୍ଥିକ ବର୍ଷ ୨୦୦୬-୦୭ ଆର୍ଥିକ ବର୍ଷ ୨୦୦୮-୦୯ ପର୍ଯ୍ୟନ୍ତ ବିଭିନ୍ନ ବଂଟନକାରୀ କଂପାନୀଙ୍କର ମାସ ୱାରୀ ଶକ୍ତି ଉଠାଣର ତଥ୍ୟ ଆୟୋଗଙ୍କ ପାଖରେ ଅଛି। ସଦ୍ୟ ବିଗତ ବର୍ଷର ତଥ୍ୟକୁ ଆଧାର କରି ନିମ୍ନଲିଖିତ ଉଠାଣ ଢାଞ୍ଚାକୁ ପ୍ରୟୋଗ କରାଯାଇଛି।

**ସାରଣୀ – ୩୧**

**୨୦୦୬-୦୭ ରୁ ୨୦୦୮-୦୯ ବଣ୍ଟନକାରୀ କମ୍ପାନୀମାନଙ୍କ ମାସିକ ଉଠାଣ**

**Month-Wise Drawal Pattern for DISCOMs from FY 2006-07 to 2008-09**

| | ସେସୁ (ଏମ୍.ୟୁ) | % ଉଠାଣ | ନେସ୍କୋ (ଏମ୍.ୟୁ) | % ଉଠାଣ | ୱେସ୍କୋ (ଏମ୍.ୟୁ) | % ଉଠାଣ | ସାଉଥ୍‌କୋ (ଏମ୍.ୟୁ) | % ଉଠାଣ |
|---|---|---|---|---|---|---|---|---|
| ଏପ୍ରିଲ | ୧୨୯୧ | ୮.୩୩% | ୧୦୮୭ | ୮.୨୪% | ୯୫୮ | ୭.୮୨% | ୮୧୧ | ୭.୯୫% |
| ମେ | ୧୨୮୩ | ୮.୨୭% | ୧୦୪୯ | ୭.୯୫% | ୯୬୮ | ୭.୯୧% | ୮୨୪ | ୮.୦୮% |
| ଜୁନ୍ | ୧୨୪୭ | ୮.୦୪% | ୧୦୩୬ | ୭.୮୬% | ୯୬୭ | ୭.୯୦% | ୭୮୯ | ୭.୭୪% |
| ଜୁଲାଇ | ୧୩୩୨ | ୮.୫୯% | ୧୦୮୩ | ୮.୨୧% | ୯୯୪ | ୮.୧୨% | ୮୫୦ | ୮.୩୪% |
| ଅଗଷ୍ଟ | ୧୩୧୭ | ୮.୪୯% | ୧୦୫୯ | ୮.୦୩% | ୧୦୩୬ | ୮.୪୬% | ୮୨୭ | ୮.୧୧% |
| ସେପ୍ଟେମ୍ବର | ୧୨୮୨ | ୮.୨୭% | ୧୦୨୫ | ୭.୭୭% | ୧୦୦୯ | ୮.୨୪% | ୮୬୨ | ୮.୪୬% |
| ଅକ୍ଟୋବର | ୧୩୫୫ | ୮.୭୪% | ୧୧୨୨ | ୮.୫୧% | ୧୦୬୬ | ୮.୭୧% | ୮୭୨ | ୮.୫୫% |
| ନଭେମ୍ବର | ୧୨୩୦ | ୭.୯୩% | ୧୦୭୫ | ୮.୧୫% | ୯୯୦ | ୮.୦୯% | ୮୪୩ | ୮.୨୭% |
| ଡିସେମ୍ବର | ୧୨୪୧ | ୮.୦୦% | ୧୧୫୦ | ୮.୭୨% | ୧୦୪୫ | ୮.୫୩% | ୮୭୪ | ୮.୫୭% |
| ଜାନୁୟାରୀ | ୧୨୬୫ | ୮.୧୬% | ୧୧୭୫ | ୮.୯୧% | ୧୦୮୫ | ୮.୮୬% | ୮୯୭ | ୮.୮୦% |
| ଫେବୃୟାରୀ | ୧୨୧୪ | ୭.୮୩% | ୧୧୦୮ | ୮.୪୦% | ୧୦୦୨ | ୮.୧୮% | ୮୦୩ | ୭.୮୮% |
| ମାର୍ଚ୍ଚ | ୧୪୪୮ | ୯.୩୪% | ୧୨୨୦ | ୯.୨୫% | ୧୧୨୪ | ୯.୧୮% | ୯୪୩ | ୯.୨୫% |

| | | | | | | | | |
|---|---|---|---|---|---|---|---|---|
| ସମୁଦାୟ ଉଠାଣ | ୧୫୫୦୫ | | ୧୩୧୮୯ | | ୧୨୨୪୪ | | ୧୦୧୯୫ | |

ଅତଏବ, ଆର୍ଥିକ ବର୍ଷ ୨୦୧୦-୧୧ ପାଇଁ ଉଠାଣର ନିମ୍ନଲିଖିତ ମାସ ୱାରୀ ସିଡ୍ୟୁଲକୁ ଆୟୋଗ ଅନୁମୋଦନ କରିଛନ୍ତି।

**ସାରଣୀ – ୩୨**

**୨୦୧୦-୧୧ରେ ବଣ୍ଟନକାରୀ କମ୍ପାନୀମାନଙ୍କ ବିଭିନ୍ନ ମାସର ଉଠାଣ (ଏମ.ୟୁ)**

**Schedule of Drawal of DISCOMs in different Months of FY 2010-11 (MU)**

| ମାସ | ସେସୁ | ନେସ୍କୋ | ୱେସ୍କୋ | ସାଉଥ୍କୋ | ସମଗ୍ର ଓଡ଼ିଶା |
|---|---|---|---|---|---|
| ଏପ୍ରିଲ ୨୦୧୦ | ୫୩୪.୫୫୧ | ୪୨୨.୧୪୧ | ୪୮୮.୫୪୬ | ୧୮୮.୩୭୨ | **୧୬୩୩.୬୧୦** |
| ମେ ୨୦୧୦ | ୫୩୧.୨୩୯ | ୪୦୭.୩୮୩ | ୪୯୩.୬୪୫ | ୧୯୧.୩୯୧ | **୧୬୨୩.୬୫୮** |
| ଜୁନ୍ ୨୦୧୦ | ୫୧୬.୩୩୩ | ୪୦୨.୩୩୫ | ୪୯୩.୧୩୫ | ୧୮୩.୨୬୨ | **୧୫୯୫.୦୬୫** |
| ଜୁଲାଇ ୨୦୧୦ | ୫୫୧.୫୨୮ | ୪୨୦.୫୮୭ | ୫୦୬.୯୦୪ | ୧୯୭.୪୩୦ | **୧୬୭୬.୪୪୯** |
| ଅଗଷ୍ଟ ୨୦୧୦ | ୫୪୫.୩୧୭ | ୪୧୧.୨୬୭ | ୫୨୮.୩୨୩ | ୧୯୨.୦୮୮ | **୧୬୭୬.୯୯୫** |
| ସେପ୍ଟେମ୍ବର ୨୦୧୦ | ୫୩୦.୮୨୫ | ୩୯୮.୦୬୩ | ୫୧୪.୫୫୪ | ୨୦୦.୨୧୭ | **୧୬୪୩.୬୫୯** |
| ଅକ୍ଟୋବର ୨୦୧୦ | ୫୬୧.୦୫୧ | ୪୩୫.୭୩୩ | ୫୪୩.୬୨୨ | ୨୦୨.୫୪୦ | **୧୭୪୨.୯୪୬** |
| ନଭେମ୍ବର ୨୦୧୦ | ୫୦୯.୨୯୪ | ୪୧୭.୪୮୦ | ୫୦୪.୮୬୪ | ୧୯୫.୮୦୪ | **୧୬୨୭.୪୪୨** |
| ଡିସେମ୍ବର ୨୦୧୦ | ୫୧୩.୮୪୮ | ୪୪୬.୬୦୭ | ୫୩୨.୯୧୨ | ୨୦୩.୦୦୫ | **୧୬୯୬.୩୭୨** |
| ଜାନୁୟାରୀ ୨୦୧୧ | ୫୨୩.୭୮୬ | ୪୫୬.୩୧୬ | ୫୫୩.୩୧୧ | ୨୦୮.୩୪୭ | **୧୭୪୧.୭୬୦** |
| ଫେବୃୟାରୀ ୨୦୧୧ | ୫୦୨.୬୬୯ | ୪୩୦.୨୯୬ | ୫୧୦.୯୮୪ | ୧୮୬.୫୧୩ | **୧୬୩୦.୪୬୨** |
| ମାର୍ଚ୍ଚ ୨୦୧୧ | ୫୯୯.୫୫୯ | ୪୭୩.୭୯୨ | ୫୭୩.୨୦୦ | ୨୧୯.୦୩୧ | **୧୮୬୫.୫୮୨** |
| **ସମୁଦାୟ** | **୬୪୨୦.୦୦୦** | **୫୧୨୨.୦୦୦** | **୬୨୪୪.୦୦୦** | **୨୩୬୮.୦୦୦** | **୨୦୧୫୪.୦୦୦** |

୨୯୫. ବଂଟନକାରୀ କଂପାନୀମାନେ ଉଠାଣ ସିଡ୍ୟୁଲରେ କୌଣସି ପ୍ରକାର ତ୍ରୁଟି ବିଚ୍ୟୁତି ଘଟାଇଲେ ଓଇଆର୍‌ସି (ଆନ୍ତଃ-ରାଜ୍ୟ ଏବିଟି) ନିୟମାବଳୀ ୨୦୦୭ ଓ ଆୟୋଗଙ୍କ ସଂପର୍କିତ ଆଦେଶନାମା ସମୂହ ଅନୁଯାୟୀ ସେମାନଙ୍କୁ ଦଣ୍ଡ ବିଧାନ କରାଯିବ।

<u>ଶକ୍ତି ନିୟମାବଳୀ</u>

ରାଜ୍ୟର ଉପଭୋକ୍ତାମାନଙ୍କ ଉପଯୋଗ ଉଦ୍ଦେଶ୍ୟରେ ବଂଟନକାରୀ କଂପାନୀମାନଙ୍କୁ ଶକ୍ତି ଯୋଗାଣ ନିମନ୍ତେ ଆୟୋଗ ଗ୍ରୀଡକୋ ଜରିଆରେ ନର୍ଦ୍ଦିଷ୍ଟ ପରିମାଣର ଶକ୍ତିକୁ ଅନୁମୋଦନ କରିଛନ୍ତି। ବିଭିନ୍ନ ଜଳ ବିଦ୍ୟୁତ ଉତ୍ପାଦନକାରୀ ଷ୍ଟେସନମାନଙ୍କର ମୂଳ ଆକାରାୟିତ ଶକ୍ତି ପରିମାଣ, ବିଭିନ୍ନ ତାପଜ ବିଦ୍ୟୁତ ଷ୍ଟେସନର ମାପଦଣ୍ଡ ସ୍ତରୀୟ ଉତ୍ପାଦନ ତଥା ସଦ୍ୟ ବିଗତ ବର୍ଷମାନଙ୍କର ପ୍ଲାଣ୍ଟ ଲୋଡ ଫାକ୍ଟର(ପିଏଲଏଫ) ଉପରେ ଏହା ଆଧାରିତ। କମ ବୃଷ୍ଟିପାତ ଯୋଗୁ ଜଳ ବିଦ୍ୟୁତର ଉତ୍ପାଦନ କମ ହେଲେ କିମ୍ବା ଆବଶ୍ୟକ ପରିମାଣର କୋଇଲା ଅଭାବରୁ ତାପଜ ବିଦ୍ୟୁତର ଉତ୍ପାଦନ କମ ହେଲେ ସେତେବେଳେ ଗ୍ରୀଡ ଶୃଙ୍ଖଳାକୁ ବଜାୟ ରଖିବା ପାଇଁ ଏବଂ ଆୟୋଗଙ୍କ ଅନୁମୋଦିତ ଦର ହାରରେ ଗ୍ରୀଡକୋ ଶକ୍ତି କିଣିବାରେ ସମର୍ଥ ହେବା ନିମନ୍ତେ 'ଶକ୍ତି ନିୟନ୍ତ୍ରଣର ଆବଶ୍ୟକତା' ସୃଷ୍ଟି ହେବ । ସେ କ୍ଷେତ୍ରରେ କେଶ ନଂ ୧/୨୦୧୦ରେ ୧୪.୧.୨୦୧୦ ର ଅଦେଶନାମା ଅନୁଯାୟୀ ଆୟୋଗଙ୍କ ଦ୍ୱାରା ନିର୍ଦ୍ଧାରିତ ପଦ୍ଧତି ଓ ନିର୍ଦ୍ଧାରଣ ସମୂହକୁ ଏବଂ ସମୟକୁ ସମୟ ଆୟୋଗଙ୍କ ଦ୍ୱାରା ସଂଶୋଧନ

ମତେ ଅନୁସରଣ କରାଯିବ। ସଂପ୍ରତି ଏଠାରେ ସ୍ପଷ୍ଟ କରିଦିଆ ଯାଇପାରେ ଯେ, ୧୪.୧.୨୦୧୦ ର ଆଦେଶନାମାର ଅନୁଚ୍ଛେଦ ୨୩ (୨୦) ଅନୁଯାୟୀ, ଶିଳ୍ପ ସଂସ୍ଥାମାନେ ସେମାନଙ୍କ ଅଂଚଳରେ ନିଜ ନିଜ ମଧ୍ୟରେ ଅଦଳ ବଦଳ କରି ସାପ୍ତାହିତ ଛୁଟି /ବନ୍ଦ ଦିବସ ପାଇଁ ନିଷ୍ପତ୍ତି ନେଇ ପାରନ୍ତି। ଏଚଟି ଶିଳ୍ପ ସଂସ୍ଥା କ୍ଷେତ୍ରରେ ୨୫%ର ଏବଂ ଇଏଚଟି ଶିଳ୍ପସଂସ୍ଥା କ୍ଷେତ୍ରରେ ୧୫%ର ୨୪ ଘଣ୍ଟିଆ ଲୋଡ ନିୟନ୍ତ୍ରଣ ପାଇଁ ଯେଉଁ ଏଲଟି ଶିଳ୍ପସଂସ୍ଥାମାନେ ସର୍ତ୍ତାଧିନ ନୁହନ୍ତି, ସେମାନଙ୍କ ପାଇଁ ଉପରୋକ୍ତ ନିୟମାବଳୀର ପ୍ରସ୍ତୁତି ହିଁ ପ୍ରଯୋଜ୍ୟ ଅଟେ। ଅନ୍ୟ ଅର୍ଥରେ କହିବାକୁ ଗଲେ, ଫେରୋ ଅଲେୟଜ, ଶୀତଳ ଭଣ୍ଡାର ଓ ବରଫ କାରଖାନା ଆଦି ଭଳି ନିରବଚ୍ଛିନ୍ନ ପ୍ରକ୍ରିୟାକରଣ-ରତ ଶିଳ୍ପସଂସ୍ଥାଗୁଡିକ ପାଇଁ ସାପ୍ତାହିକ ଶକ୍ତି ଛୁଟି ପ୍ରଯୋଜ୍ୟ ନୁହେଁ।

<u>୨୦୧୦-୧୧ ଆର୍ଥିକ ବର୍ଷ ପାଇଁ କ୍ଷତି ହ୍ରାସର ଧାର୍ଯ୍ୟ-ଲକ୍ଷ୍ୟ</u>

୨୯୬. ଶୋଭନ କାନୁନଗୋ କମିଟି ପର୍ଯ୍ୟବେକ୍ଷଣରୁ ଜାଣିଥିଲେ ଯେ, ଅଡିଟ ରିପୋର୍ଟ ଅନୁଯାୟୀ, ୧୯୯୫-୯୬ ସରବରାହ ଓ ବଂଟନ କ୍ଷତି ୪୬.୯୫% ଥିଲା ବେଳେ ୨୦୦୧ ର ହିସାବ ବେଳକୁ ତାହା ୪୬.୬୩% ହୋଇ ଯାଇଥିଲା (୨୦୦୦-୦୧ ଆର୍ଥିକ ବର୍ଷ ରେ ପ୍ରକୃତ ବଂଟନ କ୍ଷତି ଥିଲା ୪୪.୦୧% )। ଏପରିକି ଏଲଟି ସେଗମେଣ୍ଟରେ ଉପଭୋକ୍ତାମାନଙ୍କ ମଧ୍ୟରେ ୬୮%ର ବଂଟନ କ୍ଷତି କମ / ବେଶୀ ହେବାକୁ ଲାଗୁଥିଲା। କମିଟି ଅନୁଧ୍ୟାନ କରିଥିଲେ ଯେ, ୨୦୦୧-୦୨ ଆର୍ଥିକ ବର୍ଷ ଠାରୁ ଆରମ୍ଭ କରି ଆଗାମୀ ୫ ବର୍ଷରେ ବାଂଛିତ କ୍ଷତି ହ୍ରାସର ଦର-ହାର ୫% ର ହାରାହାରୀ ଦର-ହାର ଠାରୁ କମ ହେବା ଉଚିତ ନୁହେଁ। ଏହି ୫%ର ସରବରାହ ଓ ବଂଟନ କ୍ଷତି-ହ୍ରାସର ହାରାହାରି ଦର-ହାର ବିଦ୍ୟୁତ ସଂସ୍କାରର ପ୍ରାରମ୍ଭିକ ବର୍ଷମାନଙ୍କ ପାଇଁ ସୁପାରିଶ କରାଯାଇଥିଲା। ଯେତେବେଳେ ଘୋଷିତ କ୍ଷତି ସ୍ତର ସମୂହ ଖୁବ ଉଚ୍ଚା ଥିଲା। ପୁନଶ୍ଚ କାନୁନଗୋ କମିଟି ଏହା ମଧ୍ୟ ସୁପାରିଶ କରିଥିଲେ ଯେ, ସଂସ୍କାରିତ ପଦ୍ଧତି ଫଳପ୍ରଦ ହେବା ପର୍ଯ୍ୟନ୍ତ ୩୨୪୦ କୋଟି ଟଙ୍କା ପରିମାଣର ଅନ୍ତରୀଣ ଆର୍ଥିକ ସହାୟତା ବଂଟନକାରୀ କଂପାନୀଙ୍କୁ ଦିଆଯିବା ଉଚିତ । ବିଦ୍ୟୁତ ଶକ୍ତିର ବେଆଇନ ଆଚରଣକୁ ରୋକିବା ପାଇଁ ମଧ୍ୟ ରାଜ୍ୟ ସରକାର ପୋଲିସ ସହାୟତା ଯୋଗାଇ ଦେବା ନିମନ୍ତେ ମଧ୍ୟ କାନୁନଗୋ କମିଟି ସୁପାରିଶ କରିଥିଲେ। ତେବେ ଏ ଦିଗରେ ରାଜ୍ୟ ସରକାର କିମ୍ବା ବଂଟନକାରୀ କଂପାନୀଙ୍କ ପକ୍ଷରୁ ସେମିତି କିଛି ଫଳପ୍ରଦ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ପଦ୍ଧତିଗତ ବିକାଶ ପାଇଁ ବଂଟନକାରୀ କଂପାନୀମାନେ ମଧ୍ୟ ସେମିତି କିଛି ଆଖି ଦୃଶିଆ ପଦକ୍ଷେପ ଗ୍ରହଣକରିନାହାନ୍ତି। କଂପାନୀର କିଛି ଅସାଧୁ କର୍ମଚାରୀଙ୍କ ସହ ସଲାସୁତରାରେ କିଛି ଅସାଧୁ ଉପଭୋକ୍ତା ବେଆଇନ ବିଦ୍ୟୁତ ଶକ୍ତି ବ୍ୟବହାର କରୁଛନ୍ତି। ବଂଟନକାରୀ କଂପାନୀମାନେ ଏହାକୁ ରୋକିବାରେ ମଧ୍ୟ ସମର୍ଥ ହୋଇନାହାନ୍ତି। ଫଳରେ ୨୦୦୦-୦୧ ଠାରୁ ୨୦୦୮-୦୯ ପର୍ଯ୍ୟନ୍ତ ମାତ୍ର ୬.୫% ହାରରେ ବଂଟନ କ୍ଷତିର ହ୍ରାସ ଘଟିଛି। ନିମ୍ନ ସାରଣୀରେ ତାହାର ପ୍ରଦର୍ଶନ କରାଯାଇଛି।

**ସାରଣୀ – ୩୩**

| ବର୍ଷ | ଓଇଆରସି ଦ୍ୱାରା ଧାର୍ଯ୍ୟ ବଣ୍ଟନଜନିତ କ୍ଷତି (%) | ବାସ୍ତବିକ ବଣ୍ଟନଜନିତ କ୍ଷତି (%) | କମ୍ ବଣ୍ଟନଜନିତ କ୍ଷତି (-) କିମ୍ବା ଅଧିକ ବଣ୍ଟନଜନିତ କ୍ଷତି (+) (%) |
|---|---|---|---|
| ୧୯୯୯-୦୦ | - | ୪୩.୯୧ | - |
| ୨୦୦୦-୦୧ | - | ୪୪.୦୧ | (+) ୦.୧୦% |
| ୨୦୦୧-୦୨ | ୪୨.୨୨ | ୪୭.୪୭ | (+) ୩.୪୬% |
| ୨୦୦୨-୦୩ | ୩୭.୧୯ | ୪୦.୭୫ | (-) ୬.୭୨% |

| ବର୍ଷ | ଓଇଆରସି ଦ୍ୱାରା ଧାର୍ଯ୍ୟ ବଣ୍ଟନଜନିତ କ୍ଷତି (%) | ବାସ୍ତବିକ ବଣ୍ଟନଜନିତ କ୍ଷତି (%) | କମ୍ ବଣ୍ଟନଜନିତ କ୍ଷତି (-) କିମ୍ବା ଅଧିକ ବଣ୍ଟନଜନିତ କ୍ଷତି (+) (%) |
|---|---|---|---|
| ୨୦୦୩-୦୪ | ୩୧.୮୬ | ୪୦.୭୫ | (-) ୦.୦୦% |
| ୨୦୦୪-୦୫ | ୩୬.୧୨ | ୩୯.୨୧ | (-) ୧.୫୪% |
| ୨୦୦୫-୦୬ | ୩୪.୧୮ | ୩୯.୬୦ | (+) ୦.୩୯ |
| ୨୦୦୬-୦୭ | ୩୨.୮୧ | ୩୮.୫୭ | (-) ୧.୦୩ |
| ୨୦୦୭-୦୮ | ୨୭.୧୧ | ୩୭.୪୮ | (-) ୧.୦୯ |
| ୨୦୦୮-୦୯ | ୨୭.୦୦ | ୩୭.୫୦ | (+) ୦.୦୨ |
| ୨୦୦୯-୧୦ | ୨୪.୪ | ୩୬.୭୦(ସେପ୍ଟେମ୍ବର ୨୦୦୯ ପର୍ଯ୍ୟନ୍ତ ) | (-) ୦.୮୦ |

୨୯୭. ୧୯୯୯-୨୦୦୦ କୁ ଆଧାର ବର୍ଷ ରୂପେ ବିବେଚନା କରି ବଂଟନ କ୍ଷତିକୁ ୪୩.୯୧ % ରୁ ୨୦୦୮-୦୯ ବେଳକୁ ୩୭.୫୦% କୁ କମାଇ ଦିଆଯାଇପାରିଛି। ଅର୍ଥାତ୍ ବାର୍ଷିକ ହାରାହାରି ହ୍ରାସ ସ୍ତର ହେଉଛି ୦.୭୧% । ଏହି ପରିପ୍ରେକ୍ଷୀରେ, ଆଦାୟ ଉତ୍କୃଷ୍ଟତା ୫.୭୯% ବଢ଼ିଛି । ୧୯୯୯-୨୦୦୦ ରେ ଏହା ୭୭.୧୯% ଥିଲାବେଳେ ୨୦୦୮-୦୯ ବେଳକୁ ଏହା ୯୨.୯୮ % ହୋଇଛି। ଅତଏବ, ବାର୍ଷିକ ହାରାହାରି ବୃଦ୍ଧି ହେଉଛି ୧.୭୫ %। ଏହା ଛଡ଼ା ହାରାହାରି ବୈଷୟିକ ଓ ବ୍ୟବସାୟିକ କ୍ଷତି ସାମୁଦାୟିକ ଭାବେ ୧୫% କମିଛି। ୧୯୯୯-୨୦୦୦ ରେ ଏହା ୫୬.୭% ଥିଲାବେଳେ ୨୦୦୮-୦୯ ବେଳକୁ ହୋଇଛି ୪୧.୭୦% । ବାର୍ଷିକ ହାରାହାରି ହ୍ରାସ ହାର ହେଉଛି ୧.୬୬%। ସାମୁଦାୟିକ ଏଟି ଆଣ୍ଡ ସି କ୍ଷତି-ହ୍ରାସରେ ସେମିତି କିଛି ଶୃଙ୍ଖଳିତ ଉନ୍ନତି ହୋଇ ନାହିଁ ଏବଂ ଆୟୋଗଙ୍କ ନିର୍ଦ୍ଧାରିତ ଧାର୍ଯ୍ୟ ଲକ୍ଷ୍ୟଠାରୁ ନିର୍ବାହନର ମାନ ସବୁବେଳେ କମ ରହିଆସିଛି। ନିମ୍ନ ସାରଣୀରୁ ତାହା ଅନୁଧ୍ୟାନ କରାଯାଇପାରେ।

**ସାରଣୀ – ୩୪**

| ବର୍ଷ | ଓଇଆରସି ଦ୍ୱାରା ଧାର୍ଯ୍ୟ ଏଟି ଏଣ୍ଡ ସି କ୍ଷତି (%) | ବାସ୍ତବିକ ଏଟି ଏଣ୍ଡ ସି କ୍ଷତି (%) **AT&C loss level achieved (%)** | କମ୍ କ୍ଷତି (-) କିମ୍ବା ଅଧିକ ଏଟି ଏଣ୍ଡ ସି କ୍ଷତି (+) (%) **Rate of reduction (-) or increase (+) of AT&C loss (%)** |
|---|---|---|---|
| ୧୯୯୬-୯୭ | - | ୫୬.୭ | |
| ୧୯୯୭.୯୮ | - | ୫୮.୮ | (+) ୨.୧ |
| ୧୯୮୮-୯୯ | - | ୬୦.୯ | (+) ୨.୧ |
| ୧୯୯୯-୦୦ | - | ୫୬.୭ | (-) ୪.୨ |
| ୨୦୦୦-୦୧ | - | ୫୫.୯ | (-) ୦.୮ |

| | | | |
|---|---|---|---|
| ୨୦୦୧-୦୨ | - | ୬୦.୩ | (+) ୪.୪ |
| ୨୦୦୨-୦୩ | ୪୫.୦ | ୫୧.୧ | (-) ୯.୨ |
| ୨୦୦୩-୦୪ | ୩୭.୮ | ୪୯.୩ | (-) ୧.୮ |
| ୨୦୦୪-୦୫ | ୪୪.୫ | ୪୪.୭ | (-) ୪.୬ |
| ୨୦୦୫-୦୬ | ୪୦.୫ | ୪୪.୭ | (-)୦.୦ |
| ୨୦୦୬-୦୭ | ୩୭.୯ | ୪୩.୩ | (-)୧.୪ |
| ୨୦୦୭-୦୮ | ୩୧.୪ | ୪୧.୯ | (-) ୧.୪ |
| ୨୦୦୮-୦୯ | ୩୦.୪ | ୪୧.୭ | (-) ୦.୨ |
| ୨୦୦୯-୧୦ | ୨୬.୦ | ୪୦.୩ (ସେପ୍ଟେମ୍ବର ୨୦୦୯ ପର୍ଯ୍ୟନ୍ତ ) | (-) ୧.୪ |

୨୯୮. ଆୟୋଗଙ୍କ ଦ୍ୱାରା ନିର୍ଦ୍ଧାରିତ ବଂଟନ କ୍ଷତି-ହ୍ରାସ ଏବଂ ଏଟି ଆଣ୍ଡ ସି କ୍ଷତି-ହାସର ଧାର୍ଯ୍ୟ-ଲକ୍ଷ୍ୟରୁ ଏହା ଜଣାପଡ଼େ ଯେ, ୨୦୦୪-୦୫ ରେ ଆୟୋଗ ଏହି ଧାର୍ଯ୍ୟ-ଲକ୍ଷ୍ୟକୁ କୋହଳ କରିଥିଲେ , ଯହିଁରେ ୨୦୦୩-୦୪ ର ଧାର୍ଯ୍ୟ ଲକ୍ଷ୍ୟ ୩୧.୮୬% ବିପକ୍ଷରେ ୨୦୦୪-୦୫ ରେ ୩୭.୧୨%ରେ ସ୍ଥିର କରାଯାଇଥିଲା। ସେହିପରି ଏଟି ଆଣ୍ଡ ସି କ୍ଷତି-ହ୍ରାସ ୨୦୦୪-୦୫ କୁ ୪୪.୫% କୁ କୋହଳ କରାଯାଇଥିଲା, ଯାହା ୨୦୦୩-୦୪ ରେ ଥିଲା ୩୭.୮% । ଅତଏବ ଏହା ସ୍ପଷ୍ଟ ହେଉଛି ଯେ, ବଂଟନର ନମନୀୟ ସ୍ତର ଏବଂ ନମନୀୟ ହାରା-ହାରି ବୈଷୟିକ ଓ ବ୍ୟବସାୟିକ କ୍ଷତି ସହ ସଂପର୍କିତ ମତେ ବଂଟନକାରୀ  କଂପାନୀମାନେ କ୍ଷତି-ହ୍ରାସ କମାଇବା ପାଇଁ ସେମିତି କିଛି ଆଖିଦୃଷିଆ ସଫଳ ପ୍ରୟାସ କରିନାହାନ୍ତି। ଉପରୋକ୍ତ ଦୃଷ୍ଟିରୁ , ୨୦୦୯-୧୦ ଆର୍ଥିକ ବର୍ଷ ପାଇଁ ସ୍ଥିରୀକୃତ କ୍ଷତି -ହ୍ରାସର ଧାର୍ଯ୍ୟ ଲକ୍ଷ୍ୟ ତୁଳନାରେ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଆୟୋଗ ବଂଟନ-କ୍ଷତି ଓ ଏଟି ଆଣ୍ଡ ସି' କ୍ଷତିକୁ କୋହଳ କରାଇବାକୁ ନିଜକୁ ବୁଝାଇ ପାରିନାହାନ୍ତି। ପୁନଶ୍ଚ, ବଂଟନକାରୀ କଂପାନୀମାନେ ଯେଉଁ କ୍ଷତି ସ୍ତରର ପ୍ରଦର୍ଶନ କରିଛନ୍ତି, ତାହାର ସତ୍ୟାସତ୍ୟ ଏକ ସ୍ୱାଧୀନ ଏଜେନ୍ସି ଦ୍ୱାରା ଯାଞ୍ଚ ନିମନ୍ତେ ମଧ୍ୟ ଅୟୋଗ ମତ ଦେଇଛନ୍ତି।

୨୯୯. ଏପିଡିଆର୍‌ପି ପରିଚାଳନାଧିନ ଅଂଚଳରେ ଓଡ଼ିଶା ସରକାରଙ୍କ ଦ୍ୱାରା ନିଯୁକ୍ତ ଆବ୍ରାହମ କମିଟି ହାରାହାରି ବୈଷୟିକ ଓ ବ୍ୟବସାୟିକ କ୍ଷତି କୁ କମାଇବା ନିମନ୍ତେ ଏକ ସ୍ୱତନ୍ତ୍ର କାର୍ଯ୍ୟସୂଚୀର ସୁପାରିଶ କରିଥିଲେ। 'କାର୍ଯ୍ୟସୂଚୀ ନିର୍ବାହନ କାରୀ ବଳ' 'ଏଟି ଆଣ୍ଡ ସି' କ୍ଷତିକୁ କମାଇବା ନିମନ୍ତେ ନିମ୍ନଲିଖିତ ଧାର୍ଯ୍ୟ-ଲକ୍ଷ୍ୟ ସମୂହର ସୁପାରିଶ କରିଥିଲେ।

(କ) ୪୦%ରୁ ଅଧିକ ଏଟି ଆଣ୍ଡ ସି' କ୍ଷତିରେ ଥିବା ବିନିଯୋଗକାରୀ କର୍ତ୍ତୃପକ୍ଷ ବର୍ଷକୁ ୩ % ର କ୍ଷତି ହ୍ରାସ କରିବେ।

(ଖ) ୩୦% ରୁ  ୪୦% ମଧ୍ୟରେ ଏଟି ଆଣ୍ଡ ସି କ୍ଷତିରେ ଥିବା ବିନିଯୋଗକାରୀ କର୍ତ୍ତୃପକ୍ଷ ବର୍ଷକୁ ୩% ର କ୍ଷତି ହ୍ରାସ କରିବେ।

(ଗ) ୨୦ % ରୁ ୩୦% - ୨%ର କ୍ଷତି ହ୍ରାସ କରିବେ।

ତେବେ ଏକାଦଶ ପଞ୍ଚ ବାର୍ଷିକ ଯୋଜନା ସମୟରେ (ତା ୨୨.୧୨.୨୦୦୮) ଏପିଡିଆରପିର ପୁନଃ ସଂରଚନା ପାଇଁ ଭାରତ ସରକାରଙ୍କ ନିର୍ଦ୍ଦେଶନାମାରେ ନିମ୍ନଲିଖିତ ଏଟି ଆଣ୍ଡ ସି' କ୍ଷତିର ହ୍ରାସ ଜନିତ ଧାର୍ଯ୍ୟ-ଲକ୍ଷ୍ୟ ନିର୍ଦ୍ଧାରିତ ହୋଇଛି।

(କ) ୩୦% ରୁ ଉର୍ଦ୍ଧ୍ୱ ଏଟି ଆଣ୍ଡ ସି କ୍ଷତିର ବିନିଯୋଗକାରୀ କର୍ତ୍ତୃପକ୍ଷଙ୍କ ପାଇଁ ବାର୍ଷିକ ୩ % ର କ୍ଷତି-ହ୍ରାସର ଧାର୍ଯ୍ୟ ଲକ୍ଷ୍ୟ।

(ଖ) ୩୦%ରୁ କମ  -ବାର୍ଷିକ ୧.୫%।

୩୦୦.୨୦୦୮-୦୯ରେ ହାସଲ ହୋଇଛି ବୋଲି ଦର୍ଶାଯାଇଥିବା କ୍ଷତି-ସ୍ତର ଏବଂ ୨୦୦୯-୧୦ ପାଇଁ ଅନୁମୋଦିତ କ୍ଷତି-ହ୍ରାସର ଧାର୍ଯ୍ୟ-ଲକ୍ଷ୍ୟ ଏବଂ ଏଟି ଆଣ୍ଡ ସି'  କ୍ଷତିକୁ ଯୁଦ୍ଧ କାଳୀନ ଭିତ୍ତିରେ କମାଇବାକୁ ଦୃଷ୍ଟିରେ ରଖି (କାରଣ କ୍ଷତି ହ୍ରାସ ଉପରେ ରାଜ୍ୟର ଶକ୍ତି ବିଭାଗର ସମୃଦ୍ଧ ସ୍ଥିତିଶୀଳତା ନିର୍ଭର କରେ) ଆୟୋଗ ବଂଟନ-କ୍ଷତି ହ୍ରାସକୁ ଏବଂ ଏଟି ଆଣ୍ଡ ସି କ୍ଷତି-ହ୍ରାସକୁ ୨୦୦୯-୧୦ ଆର୍ଥିକ ବର୍ଷର ଧାର୍ଯ୍ୟ-ଲକ୍ଷ୍ୟ ଉପରେ ଯଥାକ୍ରମେ ୨.୨୫%  ଓ ୨.୧୬% ରେ ସ୍ଥିର କରିବା ପାଇଁ ଉପଯୁକ୍ତ ଓ ନ୍ୟାୟୋଚିତ ମଣିଛନ୍ତି।  ୨୦୦୯-୧୦ ପାଇଁ ସ୍ଥିରୀକୃତ ୯୮% ର ଆଦାୟ-ଉତ୍କୃଷ୍ଟତାକୁ  ୨୦୧୦ -୧୧ ଆର୍ଥିକ ବର୍ଷ ପାଇଁ ଅପରିବର୍ତ୍ତିତ ରଖାଯାଇଛି।

ସେହି ଅନୁଯାୟୀ ବଂଟନକାରୀ କଂପାନୀଙ୍କ ପାଇଁ ଶକ୍ତି କ୍ରୟର ପରିମାଣ ଓ ବିଭିନ୍ନ ଭୋଲ୍‌ଟେଜ ସ୍ତରରେ ବିକ୍ରୀ ପରିମାଣକୁ ଓ ୨୦୦୯-୧୦ ପାଇଁ ସ୍ଥିରୀକୃତ ଧାର୍ଯ୍ୟ-ଲକ୍ଷ୍ୟକୁ ଆଧାର କରି ଆୟୋଗ ପ୍ରତି ବଂଟନକାରୀ କଂପାନୀମାନଙ୍କ ପାଇଁ ପୃଥକ ଭାବେ ବଂଟନ-କ୍ଷତିର ମାପଦଣ୍ଡ ଭିତ୍ତିକ ସ୍ତର ଆଦାୟ ଉତ୍କୃଷ୍ଟତା ଏବଂ ଏଟି ଆଣ୍ଡ ସି' କ୍ଷତିକୁ ଅନୁମୋଦନ କରିଛନ୍ତି।  ବଂଟନ କ୍ଷତିକୁ ସ୍ଥିରୀକରଣ କରିବାରେ ଆୟୋଗ ସାରା ରାଜ୍ୟରେ ଇଏଚଟିରେ ଶୂନ୍ୟ ପ୍ରତିଶତ,ଏଚଟିରେ ୮ ପ୍ରତିଶତ ଓ ଏଲଟି ଭୋଲ୍‌ଟେଜରେ ସମାନତଃ ୨୯.୪ ପ୍ରତିଶତକୁ ଗ୍ରହଣ କରିଛନ୍ତି। ତେବେ, ସବୁ ବଂଟନକାରୀ କଂପାନୀ ବିଭିନ୍ନ ଭୋଲଟେଜରେ କ୍ଷତି ହ୍ରାସ ପାଇଁ ଏକ ସ୍ତରର ଉତ୍କୃଷ୍ଟ ନିର୍ବାହନ ହାସଲ କରିବାକୁ ଏବଂ ବିଭିନ୍ନ ଶ୍ରେଣୀର ଉପଭୋକ୍ତାଙ୍କଠାରୁ ମଧ୍ୟ ଏକା ସ୍ତରର ଆଦାୟ ଉତ୍କୃଷ୍ଟତା ନିର୍ବାହନ କରିବାକୁ ନିଶ୍ଚିତ ଭାବେ ଯଥାସାଧ୍ୟ ପ୍ରୟାସ କରିବେ।

**ସାରଣୀ – ୩୫**

**ବଣ୍ଟନଜନିତ କ୍ଷତି, ଆଦାୟ-ଉତ୍କୃଷ୍ଟତା ଏବଂ ଏଟି ଆଣ୍ଡ ସି କ୍ଷତି (ପ୍ରତିଶତରେ)**

**Distribution Loss, Collection Efficiency & AT&C Loss (in %)**

| | ୦୮–୦୯ ବର୍ଷ ପାଇଁ ବାସ୍ତବ ପରିମାଣ (ସମୀକ୍ଷା) | ୨୦୦୯-୧୦ ପାଇଁ ଅନୁମୋଦିତ ପରିମାଣ | | ୨୦୦୯-୧୦ ପାଇଁ ବଣ୍ଟନକାରୀଙ୍କ ଦ୍ୱାରା ଅଟକଳିତ | ୨୦୧୦-୧୧ ପାଇଁ (ବଣ୍ଟନକାରୀଙ୍କ ଦ୍ୱାରା ପ୍ରସ୍ତାବିତ) | ୨୦୧୦-୧୧ (ଅନୁମୋଦିତ) |
|---|---|---|---|---|---|---|
| **ବଣ୍ଟନଜନିତ କ୍ଷତି** | | **ସମୁଦାୟ** | **ଏଲଟି** | | | **ସମୁଦାୟ** |
| ସେସୁ * | ୪୦.୩୪ | ୨୬.୩୦ | ୩୫.୦୪ | ୩୯.୦୦ | ୪୪.୨୮ | ୨୫.୩୭ |
| ନେସ୍କୋ | ୩୪.୫୭ | ୨୩.୦୦ | ୩୩.୧୯ | ୩୧.୪୫ | ୨୮.୩୦ | ୧୮.୪୬ |
| ୱେସ୍କୋ | ୩୩.୫୫ | ୨୨.୫୦ | ୩୫.୮୬ | ୩୧.୪୫ | ୨୮.୪୫ | ୧୯.୯୩ |

| | ୦୮-୦୯ ବର୍ଷ ପାଇଁ ବାସ୍ତବ ପରିମାଣ (ସମୀକ୍ଷା) | ୨୦୦୯-୧୦ ପାଇଁ ଅନୁମୋଦିତ ପରିମାଣ | | ୨୦୦୯-୧୦ ପାଇଁ ବଣ୍ଟନକାରୀଙ୍କ ଦ୍ୱାରା ଅଟକଳିତ | ୨୦୧୦-୧୧ ପାଇଁ (ବଣ୍ଟନକାରୀଙ୍କ ଦ୍ୱାରା ପ୍ରସ୍ତାବିତ) | ୨୦୧୦-୧୧ (ଅନୁମୋଦିତ) |
|---|---|---|---|---|---|---|
| ସାଉଥ୍କୋ | ୪୭.୭୮ | ୨୭.୯୨ | ୨୯.୫୦ | ୪୬.୭୭ | ୪୨.୭୬ | ୨୭.୮୨ |
| **ସମଗ୍ର ଓଡ଼ିଶା** | ୩୭.୫୦ | ୨୪.୪୫ | ୩୪.୦୪ | ୩୫.୬୧ | ୩୫.୩୮ | ୨୨.୨୨ |
| **ଆଦାୟ-ଉତ୍କୃଷ୍ଟତା** | | | | | | |
| ସେସୁ * | ୯୧.୮୦ | ୯୮.୦୦ | | ୯୫.୦୦ | ୯୫.୦୦ | ୯୮.୦୦ |
| ନେସ୍କୋ | ୯୨.୫୦ | ୯୮.୦୦ | | ୯୬.୦୦ | ୯୭.୦୦ | ୯୮.୦୦ |
| ୱେସ୍କୋ | ୯୩.୮୬ | ୯୮.୦୦ | | ୯୭.୦୦ | ୯୭.୫୦ | ୯୮.୦୦ |
| ସାଉଥ୍କୋ | ୯୪.୨୧ | ୯୮.୦୦ | | ୯୬.୦୦ | ୯୭.୦୦ | ୯୮.୦୦ |
| **ସମଗ୍ର ଓଡ଼ିଶା** | ୯୨.୯୮ | ୯୮.୦୦ | | ୯୬.୦୦ | ୯୬.୫୮ | ୯୮.୦୦ |
| **ଏଟି ଆଣ୍ଡ ସି କ୍ଷତି** | | | | | | |
| ସେସୁ * | ୪୫.୨୩ | ୨୭.୭୮ | | ୪୨.୦୫ | ୪୭.୦୬ | ୨୬.୮୬ |
| ନେସ୍କୋ | ୩୯.୪୮ | ୨୪.୫୪ | | ୩୪.୧୯ | ୩୦.୪୫ | ୨୦.୦୯ |
| ୱେସ୍କୋ | ୩୭.୬୩ | ୨୪.୦୫ | | ୩୩.୫୦ | ୩୦.୨୪ | ୨୧.୫୩ |
| ସାଉଥ୍କୋ | ୫୦.୮୦ | ୨୯.୩୬ | | ୪୮.୯୦ | ୪୪.୪୭ | ୨୯.୨୭ |
| **ସମଗ୍ର ଓଡ଼ିଶା** | ୪୧.୮୯ | ୨୫.୯୬ | | ୩୮.୧୬ | ୩୭.୫୯ | ୨୩.୭୭ |

**(* ୨୦୦୮-୦୯ ସେସୁର ସଂଖ୍ୟା ସଂମ୍ପାଦନ ସମୀକ୍ଷାରୁ ଅଣାଯାଇଛି)**

(*In case of CESU the figure for 2008-09 has been taken from Performance Review data)

<u>ରାଜସ୍ୱର କଂପ୍ୟୁଟରୀକରଣ</u>

<u>ଏଚଟି ଓ ଇଏଚଟି</u>

୩୦୧. ଚଳିତ ବର୍ଷର ବ୍ୟବସାୟ ଧାରା ଓ ଆଗାମୀ ଆର୍ଥିକ ବର୍ଷ ପାଇଁ ଅନୁମତିଧାରୀଙ୍କ ଦ୍ୱାରା ଅତିରିକ୍ତ କିମ୍ବା ହ୍ରାସିତ ଶକ୍ତି ବିକ୍ରୀ ପରିମାଣକୁ ବିଚାର କରି ଆୟୋଗ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଏଚଟି ଓ ଇଏଚଟି ସ୍ତରରେ ସମୁଦାୟ ବିକ୍ରୀ ପରିମାଣକୁ ଅନୁମୋଦନ କରିଛନ୍ତି। ବଂଟନକାରୀ କଂପାନୀଙ୍କ ଦ୍ୱାରା ଉପଭୋକ୍ତା ଶ୍ରେଣୀ ଭେଦରେ ୟୁନିଟ ପିଛା (କିଲୋହ୍ୱାଟ ପିଛା ପଇସା) ବିଲ୍ କରାଯାଇଥିବା ଚଳିତ ବର୍ଷର ପ୍ରଥମ ୯ ମାସର ହାରାହାରି ରାଜସ୍ୱ ଆୟୋଗଙ୍କ ପାଖରେ ଉପଲବ୍ଧ ଅଛି। ସ୍ଥିତ ତାରିଫର ନିର୍ଦ୍ଦିଷ୍ଟ ଶ୍ରେଣୀରେ ଅନୁମତିଧାରୀଙ୍କର ପ୍ରତ୍ୟାଶିତ ରାଜସ୍ୱ ପରିମାଣରେ ଉପନୀତ ହେବାକୁ ବିଲ୍ କରାଯାଇଥିବା ପ୍ରତି ୟୁନିଟର ରାଜସ୍ୱ ପରିମାଣକୁ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଶ୍ରେଣୀ ୱାରୀ ପ୍ରତ୍ୟାଶିତ ବିକ୍ରୀ ଲବ୍ଧ ଆର୍ଥିକ ପରିମାଣ ସହ ଗୁଣନ କରାଯାଇଥାଏ। ତା'ପରେ ଆଗାମୀ ବର୍ଷରେ ବିଲ୍ କରାଯାଇଥିବା ୟୁନିଟ ପିଛା ହାରାହାରି ରାଜସ୍ୱକୁ ବାହାର କରିବାକୁ ହେଲେ ତାରିଫର ବର୍ଦ୍ଧିତ ଅଂଶକୁ ଚଳିତ ବର୍ଷର ବିଲ୍ କରାଯାଇଥିବା ହାରାହାରି ରାଜସ୍ୱ ସହ ମିଶାଇବାକୁ ପଡିଥାଏ। ଅତଏବ ସଂଶୋଧିତ ତାରିଫରେ ନିର୍ଦ୍ଦିଷ୍ଟ ଶ୍ରେଣୀରେ ଅନୁମତିଧାରୀଙ୍କର ପ୍ରତ୍ୟାଶିତ ରାଜସ୍ୱରେ ଉପନୀତ

ହେବାକୁ ହେଲେ ଆଗାମୀ ବର୍ଷରେ ବିଲ କରାଯାଇଥିବା ସମ୍ଭାବ୍ୟ-ହାରାହାରି ରାଜସ୍ୱ କୁ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଶ୍ରେଣୀ-ୱାରୀ ପ୍ରତ୍ୟାଶିତ ବିକ୍ରୀ ଦ୍ୱାରା ଗୁଣନ କରାଯାଇଥାଏ।

ଏଲଟି

୩୦୨. ସେମାନଙ୍କୁ ଅନୁମତି ମିଳିଥିବା ଶକ୍ତି କ୍ରୟର ପରିମାଣକୁ ବିଚାର କରି ଏବଂ ସେହି ଭୋଲ୍‌ଟେଜ୍‌ରେ ୨୦୧୦ -୧୧ ଆର୍ଥିକ ବର୍ଷ ପାଇଁ କ୍ଷତି ସ୍ତରର ଧାର୍ଯ୍ୟ-ଲକ୍ଷ୍ୟକୁ ପ୍ରୟୋଗ କରି ଆୟୋଗ ବଂଟନକାରୀ କଂପାନୀମାନଙ୍କର ଏଲଟି ସ୍ତରରେ ବିକ୍ରୀ ପରିମାଣକୁ ଅନୁମୋଦନ କରିଛନ୍ତି। ରାଜ୍ୟରେ ସାଧାରଣ ଲୋକଙ୍କର ଜୀବନ ଧାରଣର ମାନରେ ଉନ୍ନତି ଘଟିଥିବାରୁ ଦ୍ରୁତ ଗ୍ରାମାଞ୍ଚଳ ବିଦ୍ୟୁତ କରଣ ହୋଇଥିବା ଯୋଗୁ ଆୟୋଗ ଏଲ୍‌ଟି ବିକ୍ରୀରେ ବଡ ଧରଣର ବୃଦ୍ଧି ଆଶା କରିଛନ୍ତି। କିନ୍ତୁ କ୍ଷତି ସ୍ତରର ଧାର୍ଯ୍ୟ ଲକ୍ଷ୍ୟ ସୂତ୍ରକୁ ପ୍ରୟୋଗ କରି ଅନୁମତିଧାରୀମାନେ ଆୟୋଗଙ୍କ ଅନୁମୋଦିତ ପରିମାଣଠାରୁ ଏଲଟିରେ କମ ପରିମାଣର ଶକ୍ତି ବିକ୍ରୀକୁ ପ୍ରଦର୍ଶନ କରିଛନ୍ତି । ତେଣୁ ଆଗାମୀ ଆର୍ଥିକ ବର୍ଷ ପାଇଁ ପାଇଁ ସଠିକ ଭାବେ ଶକ୍ତି ବିକ୍ରୀର ପରିମାଣକୁ ଆକଳନ କରିବା ସେତେ ସମ୍ଭବ ନୁହେଁ। ଅତଏବ, ବଂଟନକାରୀ କଂପାନୀଙ୍କୁ ସେମାନଙ୍କର ପ୍ରଦର୍ଶିତ ବିକ୍ରୀ-ପରିମାଣ ଅନୁସାରେ (ଏଲ୍‌ଟିରେ) ରାଜସ୍ୱର ଅନୁମତି ଦେବାକୁ ଉଚିତ ମନେ କରିଛନ୍ତି। ଏଲ୍‌ଟି ସ୍ତରରେ ବଂଟନକାରୀ କଂପାନୀମାନଙ୍କ ଦ୍ୱାରା ଉପଭୋକ୍ତା-ଶ୍ରେଣୀ-ୱାରୀ ୟୁନିଟ ପିଛା (କିଲୋହ୍ୱାଟ ପିଛା ପଇସା) ବିଲ୍ କରାଯାଇଥିବା ଚଳିତ ବର୍ଷର ପ୍ରଥମ ୯ ମାସର ହାରାହାରି ରାଜସ୍ୱ ପରିମାଣ ଆୟୋଗଙ୍କ ପାଖରେ ଗଚ୍ଛିତ ଅଛି। ଆଗାମୀ ବର୍ଷରେ ଅନ୍ୟୂନ ଚଳିତ ବର୍ଷର ଧାରାକୁ କିମ୍ବା ୟୁନିଟ ପିଛା ବିକ୍ରୀ-ଲବ୍ଧ ରାଜସ୍ୱକୁ ଅଧିକ ଭାବେ ବିଲ୍ ଭୁକ୍ତ କରିବା ବଂଟନକାରୀ କଂପାନୀଙ୍କ ଠାରୁ ଆଶା କରାଯାଇଛି। ସ୍ଥିତ ତାରିଫର ନିର୍ଦ୍ଦିଷ୍ଟ ଶ୍ରେଣୀରେ ଅନୁମତିଧାରୀଙ୍କର ପ୍ରତ୍ୟାଶିତ ରାଜସ୍ୱ ପରିମାଣରେ ଉପନୀତ ହେବାକୁ ହେଲେ ବିଲ୍ କରାଯାଇଥିବା ୟୁନିଟ ପିଛା ରାଜସ୍ୱକୁ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଶ୍ରେଣୀ ୱାରୀ ପ୍ରତ୍ୟାଶିତ ବିକ୍ରୀ ଦ୍ୱାରା ଗୁଣନ କରିବାକୁ ହେବ। ତା'ପରେ ଆଗାମୀ ବର୍ଷର ବିଲ ଭୁକ୍ତ ୟୁନିଟ ପିଛା ହାରାହାରି ରାଜସ୍ୱର ହିସାବ ଜାଣିବାକୁ ହେଲେ, ତାରିଫରେ ବୃଦ୍ଧି ପରିମାଣକୁ ଚଳିତ ବର୍ଷର ବିଲ୍‌ଭୁକ୍ତ ହାରାହାରି ରାଜସ୍ୱ ସହ ଯୋଗ କରିବାକୁ ପଡିବ। ସଂଶୋଧିତ ତାରିଫରେ ନିର୍ଦ୍ଦିଷ୍ଟ ଶ୍ରେଣୀରେ ଅନୁମତିଧାରୀଙ୍କର ପ୍ରତ୍ୟାଶିତ ରାଜସ୍ୱକୁ ଜାଣିବାକୁ ହେଲେ ଆଗାମୀ ବର୍ଷରେ ବିଲ କରାଯାଇଥିବା ସମ୍ଭାବ୍ୟ ହାରାହାରି ରାଜସ୍ୱକୁ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଶ୍ରେଣୀ ୱାରୀ ପ୍ରତ୍ୟାଶିତ ବିକ୍ରୀ ସହ ଗୁଣନ କରିବାକୁ ହେବ। ଅତଏବ ନିର୍ଦ୍ଦିଷ୍ଟ ଶ୍ରେଣୀରେ ଅନୁମତିଧାରୀଙ୍କର ପ୍ରତ୍ୟାଶିତ ରାଜସ୍ୱକୁ ଜାଣିବା ପାଇଁ ବିଲ୍ ଭୁକ୍ତ ଏହି ୟୁନିଟ ପିଛା ରାଜସ୍ୱକୁ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଶ୍ରେଣୀ ୱାରୀ ପ୍ରତ୍ୟାଶିତ ବିକ୍ରୀ ସହ ଗୁଣନ କରାଯାଇଥାଏ।

**ସାରଣୀ – ୩୬**

**ଆର୍ଥିକ ବର୍ଷ ୨୦୧୦-୧୧ ପାଇଁ ଅନୁମୋଦିତ ରାଜସ୍ୱ (କୋଟି ଟଙ୍କାରେ)**

| ବିଭାଗ | ସେସୁ | | ନେସ୍‌କୋ | | ୱେସ୍କୋ | | ସାଉଥ୍‌କୋ | | ସମଗ୍ର ଓଡ଼ିଶା | |
|---|---|---|---|---|---|---|---|---|---|---|
| | ପ୍ରଚଳିତ ଶୁଳ୍କ ସହ ରାଜସ୍ୱ | ସଂଶୋଧିତ ଶୁଳ୍କ ସହ ରାଜସ୍ୱ (ଅନୁମୋଦିତ) | ପ୍ରଚଳିତ ଶୁଳ୍କ ସହ ରାଜସ୍ୱ | ସଂଶୋଧିତ ଶୁଳ୍କ ସହ ରାଜସ୍ୱ (ଅନୁମୋଦିତ) | ପ୍ରଚଳିତ ଶୁଳ୍କ ସହ ରାଜସ୍ୱ | ସଂଶୋଧିତ ଶୁଳ୍କ ସହ ରାଜସ୍ୱ (ଅନୁମୋଦିତ) | ପ୍ରଚଳିତ ଶୁଳ୍କ ସହ ରାଜସ୍ୱ | ସଂଶୋଧିତ ଶୁଳ୍କ ସହ ରାଜସ୍ୱ (ଅନୁମୋଦିତ) | ପ୍ରଚଳିତ ଶୁଳ୍କ ସହ ରାଜସ୍ୱ | ସଂଶୋଧିତ ଶୁଳ୍କ ସହ ରାଜସ୍ୱ (ଅନୁମୋଦିତ) |
| ଇଏଚଟି | ୩୫୭.୩୦ | ୪୪୯.୯୨ | ୫୫୦.୬୮ | ୭୦୫.୪୮ | ୪୭୪.୩୪ | ୫୯୫.୮୭ | ୧୦୪.୧୪ | ୧୨୯.୩୦ | ୧୪୮୬.୪୫ | ୧୮୮୦.୫୮ |
| ଏଚଟି | ୩୦୨.୬୦ | ୩୭୨.୯୯ | ୨୫୭.୧୪ | ୩୧୯.୨୭ | ୫୨୭.୭୪ | ୬୫୫.୪୪ | ୭୮.୯୫ | ୯୮.୯୨ | ୧୧୬୬.୪୩ | ୧୪୪୬.୬୧ |
| ଏଲଟି | ୬୦୩.୪୩ | ୭୨୭.୮୯ | ୩୧୯.୩୯ | ୩୩୭.୭୮ | ୩୨୫.୪୯ | ୩୮୭.୧୧ | ୨୧୧.୨୪ | ୨୪୫.୫୬ | ୧୪୫୯.୫୬ | ୧୬୯୮.୩୪ |
| ସମୁଦାୟ | **୧୨୬୩.୩୪** | **୧୫୫୦.୮୧** | **୧୧୨୭.୨୧** | **୧୩୬୨.୫୩** | **୧୩୨୭.୫୭** | **୧୬୩୮.୪୨** | ୩୯୪.୩୨ | ୪୭୩.୭୮ | **୪୧୧୨.୪୩** | **୫୦୨୫.୫୩** |

<u>ମିଟରିଂର ସ୍ଥିତାବସ୍ଥା</u>

୩୦୩. ପ୍ରତି ୨ ମାସରେ ଥରେ ୩୩/୧୧ କେଭି ଫିଡର, ବଂଟନ ଟ୍ରାନ୍ସଫରମର ଓ ଉପଭୋକ୍ତାଙ୍କର ମିଟରିଂର ସ୍ଥିତାବସ୍ଥାକୁ ଆୟୋଗ ମତାୟନ କରିଆସୁଛନ୍ତି। ଏ ସଂପର୍କରେ ବଂଟନକାରୀ କଂପାନୀଙ୍କ ଦ୍ୱାରା ଯେଉଁ ବିବରଣୀ ପ୍ରଦାନ କରାଯାଇଛି, ତାହାକୁ ନିମ୍ନରେ ପ୍ରଦାନ କରାଗଲା।

**ସାରଣୀ – ୩୭**

**ସେପ୍ଟେମ୍ବର ୨୦୦୯ ସୁଦ୍ଧା ମିଟରିଂ ସ୍ଥିତି**

| ବର୍ଣ୍ଣନା | ନେସ୍କୋ | ୱେସ୍କୋ | ସାଉଥ୍କୋ | ସେସୁ | ସମଗ୍ର ଓଡ଼ିଶା |
|---|---|---|---|---|---|
| **ଫିଡ଼ର ମିଟରିଂ ସ୍ଥିତି** | | | | | |
| **୩୩ କେଭି ଫିଡ଼ର ସଂଖ୍ୟା** | ୬୦ | ୮୭ | ୧୫୯ | ୧୦୭ | ୪୧୩ |
| **୩୩ କେଭି ଫିଡ଼ର ମିଟରିଂ ସଂଖ୍ୟା** | ୫୫ | ୮୭ | ୧୫୯ | ୧୦୭ | ୪୦୮ |
| **୩୩ କେଭି ଫିଡ଼ର ମିଟରିଂ ବାକି ସଂଖ୍ୟା** | ୫ | ୦ | ୦ | ୦ | ୫ |
| **୧୧ କେଭି ଫିଡ଼ର** | ୪୨୮ | ୪୧୭ | ୪୨୫ | ୫୯୭ | ୧୮୬୭ |
| **୧୧ କେଭି ଫିଡ଼ର ମିଟରିଂ ସଂଖ୍ୟା** | ୧୧୨ | ୪୧୭ | ୪୨୫ | ୫୯୭ | ୧୫୫୧ |
| **୧୧ କେଭି ଫିଡ଼ର ମିଟରିଂ ବାକି ସଂଖ୍ୟା** | ୩୧୬ | ୦ | ୦ | ୦ | ୩୧୬ |
| **୩୩/୧୧ କେଭି ଟ୍ରାନ୍ସଫରମର** | ୨୬୦ | ୨୫୭ | ୨୧୮ | ୩୭୦ | ୧୧୦୫ |
| **୩୩/୧୧ କେଭି ଟ୍ରାନ୍ସଫରମର ମିଟରିଂ ସଂଖ୍ୟା** | ୦ | ୦ | ୩୦ | ୮୧ | ୧୧୧ |
| **୩୩/୧୧ କେଭି ଟ୍ରାନ୍ସଫରମର ମିଟରିଂ ବାକି ସଂଖ୍ୟା** | ୨୬୦ | ୨୫୭ | ୧୮୮ | ୨୮୯ | ୯୯୪ |
| **ବଇଣ୍ଟନ କରାଯାଇଥିବା ଟ୍ରାନ୍ସଫରମର ସଂଖ୍ୟା** | ୧୮୨୩୫ | ୧୬୯୪୧ | ୧୩୧୨୦ | ୨୧୬୨୫ | ୬୯୯୨୧ |
| **ବଇଣ୍ଟନ କରାଯାଇଥିବା ଟ୍ରାନ୍ସଫରମର ମିଟରିଂ** | ୧୬ | ୧୨୫୫୮ | ୯୨୩୬ | ୮୮୩୨ | ୩୦୬୪୨ |
| **ଗ୍ରାହକଙ୍କ ମିଟରିଂ ସ୍ଥିତି** | | | | | |
| **ସମୁଦାୟ ଗ୍ରାହକଙ୍କ ସଂଖ୍ୟା** | ୫୯୩୮୩୩ | ୫୫୧୫୫୬ | ୫୮୯୯୩୪ | ୧୧୦୧୧୩୪ | ୨୮୩୬୪୫୭ |
| **ସମୁଦାୟ ମିଟର ସଂଖ୍ୟା** | ୫୪୨୫୪୩ | ୫୨୯୯୭୭ | ୫୮୩୪୦୦ | ୧୧୦୧୧୩୪ | ୨୭୫୭୦୫୪ |
| **ସମୁଦାୟ କାର୍ଯ୍ୟରତ ମିଟର ସଂଖ୍ୟା** | ୩୬୯୬୨୦ | ୫୦୯୩୨୭ | ୫୪୪୩୮୫ | ୯୫୪୦୭୯ | ୨୩୭୭୪୧୧ |
| **କାର୍ଯ୍ୟରତ ମିଟରର ପ୍ରତିଶତ** | ୬୮% | ୯୬% | ୯୩% | ୮୭% | **୮୬%** |

୩୦୪. ଆୟୋଗ କ୍ଷୋଭର ସହ ଉଲ୍ଲେଖ କରିଛନ୍ତି ଯେ, ଶକ୍ତି ଅଡିଟ କ୍ଷେତ୍ରରେ ବଂଟନକାରୀ କଂପାନୀମାନଙ୍କର ସାଫଲ୍ୟ ଆଦୌ ସନ୍ତୋଷଜନକ ନୁହେଁ। ଏହି ସବୁ ସଂସ୍ଥାପନା ଗୁଡିକରେ ମିଟିରିଂ ପାଇଁ ଯେତିକି ପରିମାଣର ଅର୍ଥ ନିବେଶ କରାଯାଇଛି , ବଂଟନକାରୀ କଂପାନୀମାନେ ଜାଣିବା ଉଚିତ ଯେ, ଯଦି ଉତ୍ପାଦିତ ବିଭାବ ସମୂହର ଉପଯୁକ୍ତ ତତ୍ତ୍ୱାବଧାନ , ମିଟରିଂରେ ଉପଯୁକ୍ତ ମାପନ କରା ନଯାଏ, ତେବେ ବୈଷୟିକ ଓ ବ୍ୟବସାୟିକ କ୍ଷତିର ଆଶାନୁରୂପ ହ୍ରାସ ଘଟି ପାରିବ ନାହିଁ। ପ୍ରତି ବଂଟନ-ଟ୍ରାନ୍ସଫରମର ଅଂଚଳରେ କ୍ଷତି ସ୍ତରକୁ ଚିହ୍ନଟ କରିବାକୁ ଓ କେଉଁ ବ୍ୟକ୍ତି ବିଶେଷ / ଉପଭୋକ୍ତା ସେଭଳି କ୍ଷତି ପାଇଁ ଦାୟୀ, ତାହା ଚିହ୍ନଟ କରିବାକୁ ଅନୁମତିଧାରୀମାନେ ଶକ୍ତି ଅଡିଟ କାର୍ଯ୍ୟ ସଠିକ ଭାବେ ସଂପନ୍ନ କରିବା ଉଚିତ। ବଂଟନ-ଟ୍ରାନ୍ସଫରମରର ଅଡିଟିଂ ,ଉପଭୋକ୍ତା ସୂଚକାଙ୍କକରଣ ଓ ବିଦ୍ୟୁତ ଖୁଣ୍ଟଗୁଡିକୁ ସିଡ୍ୟୁଲିଂ  କରିବା ଆଦି ଏହି ଅଡିଟ କାର୍ଯ୍ୟସୂଚୀ ମଧ୍ୟରେ ଅନ୍ତର୍ଭୁକ୍ତ ଅଟେ। ବ୍ୟବସାୟିକ କ୍ଷତିକୁ ହ୍ରାସ କରିବା ନିମନ୍ତେ ସଠିକ ମିଟରିଂ  କାର୍ଯ୍ୟ  ପରିଚାଳନା କରିବା ବାଦ୍ ଅନୁମତିଧାରୀମାନେ ବୈଷୟିକ କ୍ଷତି ହ୍ରାସ ପାଇଁ ପ୍ରତିଶେଧାତ୍ମକ ବ୍ୟବସ୍ଥା ଗ୍ରହଣ କରିବା ଉଚିତ। ଭିନ୍ନ ସ୍ଥାନରେ ସବଷ୍ଟେସନ ବସାଇ, ଟ୍ରାନ୍ସଫରମର କ୍ଷମତାର ବୃଦ୍ଧି ଘଟାଇ , ପୁନର୍ବାର କଣ୍ଡକ୍ଟର ସଂଯୋଗ କରି ,ଫେଜ ବାଲାନ୍ସ ଦ୍ୱାରା ତଥା ଅନ୍ୟାନ୍ୟ

ଆନୁଷଙ୍ଗିକ ପଦ୍ଧତିଗତ କାର୍ଯ୍ୟର ବିକାଶ ଘଟାଇ ଉପରୋକ୍ତ ପ୍ରତିଶେଧାତ୍ମକ ବ୍ୟବସ୍ଥା ଗ୍ରହଣ କରାଯାଇପାରିବ। ଆଗାମୀ ଆର୍ଥିକ ବର୍ଷ ଠାରୁ ଡିଭିଜନ ଓ୍ଵାରୀ ଶକ୍ତି ଅଡିଟ କାର୍ଯ୍ୟ କରିବାକୁ ଆୟୋଗ ଯୋଜନା କରିଛନ୍ତି। ପ୍ରତି ଡିଭିଜନକୁ ପୃଥକ ଭାବେ ଏକ ଲାଭଜନକ କେନ୍ଦ୍ର ଭାବରେ ଅନୁମତିଧାରୀ ବିବେଚନା କରିବା ଉପରେ ଆୟୋଗ ଗୁରୁତ୍ୱ ଆରୋପ କରିଛନ୍ତି। ତା'ଛଡା ମାସିକିଆ ଭିତ୍ତିରେ ପ୍ରତି ଡିଭିଜନର ଭଲ ମନ୍ଦ ବା ଲାଭ କ୍ଷତି ବୁଝା ନ ଯାଇ ଆବଶ୍ୟକତାମତେ ଯେ କୌଣସି ସମୟରେ ଅନୁମତିଧାରୀ କଂପାନୀମାନେ ସେସବୁର ତତ୍ତ୍ୱାବଧାନ କରିବା ଉଚିତ। ସେହି ସବୁ ତତ୍ତ୍ୱାଧାରଣକୁ ନିମ୍ନମତେ ଉଲ୍ଲେଖ କରାଯାଇପାରେ।

(କ) ଡିଭିଜନ ପାଇଁ ପ୍ରଥମ ଥରରେ ଏଚଟି ଓ ଏଲଟି ଇନପୁଟ ଶକ୍ତି କ୍ରୟ ଦରର ଭରଣା

(ଖ) ଏଚଟି ଏବଂ ଏଲଟି ବଂଟନରୁ ଏକ ନିର୍ବାହନକ୍ଷମ ବଳକା ଆୟ ପାଇଁ ବିଲିଂ-ଉତ୍କୃଷ୍ଟତା ଓ ଆଦାୟ-ଉତ୍କୃଷ୍ଟତାରେ ବିକଶିତ-ଅଭିବୃଦ୍ଧି ଆଣିବା

(ଗ) ଏହି ତାରିଫ ଆଦେଶନାମାରେ ଆୟୋଗଙ୍କ ଦ୍ୱାରା ଅନୁମୋଦିତ ମାପଦଣ୍ଡ ଭିତ୍ତିକ ଏଚଟି ଓ ଏଲଟି କ୍ଷତିକୁ ହାସଲ କରିବା ନିମନ୍ତେ ଆପ୍ରାଣ ଆୟାସର ସହ ବଂଟନ କ୍ଷତିକୁ ରୋକିବା

(ଘ) ଶକ୍ତି ଚାହିଦାର ପରିଚାଳନା ପାଇଁ ନିୟମିତ ଭାବେ ଉପଭୋକ୍ତା ସଂପୃକ୍ତି କାର୍ଯ୍ୟକ୍ରମର ପରିଚାଳନା କରିବା ଏବଂ ମାଇକ୍ରୋ ଲେଭଲ (ବଣ୍ଟନ-ଟ୍ରାନ୍ସଫରମର ଓ୍ଵାରୀ) ଫ୍ରାଞ୍ଚାଇଜର ପ୍ରବର୍ତ୍ତନ କରିବା

(ଙ) ୧୦ କେଭିଏ ଏବଂ ତଦୁର୍ଦ୍ଧ୍ୱରେ ଶକ୍ତି ଉପଲବ୍ଧ କରୁଥିବା ଉଚ୍ଚ ଶ୍ରେଣୀର ସବୁ ଉପଭୋକ୍ତାଙ୍କ ପାଇଁ ଏଏମଆର ସୁବିଧାର ବୃଦ୍ଧି ଘଟାଇବା

ବିନିଯୋଗକାରୀ କର୍ତ୍ତୃପକ୍ଷମାନଙ୍କର ଡିଭିଜନ/ସବ୍ ଡିଭିଜନର ନିର୍ବାହନ ଭିତ୍ତିରେ ପରିଚାଳନା କମିଟି ଏକ ପାରିତୋଷିକ / ଅଣ ପାରିତୋଷିକ ସ୍କିମ ର ପ୍ରବର୍ତ୍ତନ କରିପାରନ୍ତି।

ଉପଭୋକ୍ତା ଶ୍ରେଣୀକରଣ ଏବଂ ତାରିଫ ସଂପର୍କିତ ପ୍ରସଂଗସମୂହ

୩୦୫. ବିଦ୍ୟୁତ ଆଇନ, ୨୦୦୩ ର ବିଭାଗ ୬୧ (ଛ) ଅନୁଯାୟୀ ବିଦ୍ୟୁତ ଶକ୍ତିର ଦାମ ଯୋଗାଣ ଦରକୁ ପ୍ରତିଫଳିତ କରିବା ଉଚିତ। ଅର୍ଥ ନିବେଶ, ସଂଯୋଗିତ ଲୋଡର ପରିମାଣ, ଯୋଗାଣର ନିର୍ଘଣ୍ଟ ଏବଂ କେଉଁ ଭୋଲ୍‌ଟେଜରେ ଶକ୍ତି ଯୋଗାଣ ହେଉଛି । ଏ ସବୁ ସହ ସଂପର୍କ ରଖି ଯୋଗାଣ ଦର ସ୍ୱଚ୍ଛ ଭାବରେ ନିର୍ଦ୍ଧାରଣ କରାଯାଇ ପାରିବ। ଦ୍ୱିତୀୟତଃ ଶୁଳ୍କ ରିହାତି କିମ୍ବା ଛାଡ଼ ଦେଇ ସରକାର ଅନେକ ଶିଳ୍ପ ସଂସ୍ଥାକୁ ବିକଶିତ କରାଇବାରେ ସହାୟତା କରନ୍ତି, ଯାହାର ବିଦ୍ୟୁତ ଦର ନିର୍ଦ୍ଧାରଣରେ କୌଣସି ଭୂମିକା ନଥାଏ। ତୃତୀୟତଃ, ବିଦ୍ୟୁତ ଦେୟ-ଦର ସଂପୂର୍ଣ୍ଣ ଭାବେ ବାଛ ବିଚାର ହୀନ ହେବା ଉଚିତ। ଅତଏବ, ସରକାରଙ୍କ ଶକ୍ତି ବିଭାଗ ହେଉ ବା ଅନ୍ୟ କୌଣସି ବିଭାଗ - ସେମାନେ କୌଣସି ଶିଳ୍ପ ସଂସ୍ଥା ବା ଉଦ୍ୟୋଗୀଙ୍କୁ ଅହେତୁକ ଅନୁକମ୍ପା ବା ସହାୟତା କଲେ ବିଦ୍ୟୁତ ଦର ସ୍ଥିରୀକରଣରେ ଅସନ୍ତୁଳନ ସୃଷ୍ଟି ହୋଇଥାଏ। ଜଳସେଚନ ଓ ଘରୋଇ ଶ୍ରେଣୀର ସବସିଡିଭୁକ୍ତ ଉପଭୋକ୍ତା ଭାବେ ସାବ୍ୟସ୍ତ ହେବା ପାଇଁ କିଛି ଉପଭୋକ୍ତାଙ୍କ ମଧ୍ୟରେ ପ୍ରବଣତା ଥାଏ ଓ ତାହା ସେମାନେ ଦାବୀ କରିଆସୁଛନ୍ତି। ବିଦ୍ୟୁତ ଆଇନ ୨୦୦୩ ର ବିଭାଗ ୬୧ (ଘ) ଅନୁଯାୟୀ ତାରିଫ ନିର୍ଦ୍ଧାରଣ କଲାବେଳେ ଆୟୋଗଙ୍କୁ ଉପଭୋକ୍ତା ସ୍ୱାର୍ଥର ସୁରକ୍ଷା ପ୍ରତି ଦୃଷ୍ଟି ଦେବା ସହ ଏକ ଯୁକ୍ତି ସମ୍ମତ ଢାଞ୍ଚାରେ ବିଦ୍ୟୁତ ଦରର ଭରଣା ପାଇଁ ମଧ୍ୟ ଦୃଷ୍ଟି ଦେବାକୁ ପଡିଥାଏ। ସବ୍‌ସିଡିଭୁକ୍ତ ଶ୍ରେଣୀରେ ଅଧିକ ସଂଖ୍ୟକ ଉପଭୋକ୍ତାଙ୍କୁ ଗ୍ରହଣ କରାଗଲେ ଅନ୍ୟ ଉପଭୋକ୍ତା ଦେଉଥିବା କ୍ରସ ସବସିଡିର ପରିମାଣରେ ବୃଦ୍ଧି ଘଟିବ, ଯାହା ବିଦ୍ୟୁତ ଆଇନ ୨୦୦୩ ଓ ତାରିଫ ନୀତିର ପକ୍ଷପାତୀ ନୁହେଁ ଏବଂ ଯଦ୍ୱାରା ଶକ୍ତିର ଯୋଗାଣ ଦରକୁ ପ୍ରତିଫଳନ କରିବା ଉଦ୍ଦେଶ୍ୟରେ ଏକ

ଟାରିଫର ସ୍ଥିରୀକରଣ ପାଇଁ ଆୟୋଗଙ୍କୁ କ୍ଷମତା ପ୍ରାପ୍ତ କରାଏ ଏବଂ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ କ୍ରସ ସବସିଡିକୁ ହ୍ରାସ କରାଏ। ଶକ୍ତି ଯୋଗାଣର ଦର ଉପଭୋକ୍ତାଙ୍କ ଠାରୁ ତ ଭରଣା କରିବାକୁ ପଡିବ, କିନ୍ତୁ ଯଦି କୌଣସି ନିର୍ଦ୍ଦିଷ୍ଟ ବର୍ଗର ଉପଭୋକ୍ତାଙ୍କୁ ସରକାର ରିହାତି ଦରରେ ଶକ୍ତି ଯୋଗାଇବାକୁ ଚାହୁଁଥାନ୍ତି, ତେବେ ବିଦ୍ୟୁତ ଆଇନ ୨୦୦୩ ର ବିଭାଗ- ୬୫ ଅନୁଯାୟୀ ରାଜ୍ୟ ସରକାରଙ୍କୁ ଏହି ସବସିଡିକୁ ଅଗ୍ରୀମ ଭାବେ ଆୟୋଗଙ୍କଠାରେ ପଇଠ କରିବାକୁ ପଡିବ।

୩୦୬. ସାଧାରଣ ଉଦ୍ଦେଶ୍ୟିତ କ୍ୟାଟେଗୋରୀ ବା ଶ୍ରେଣୀ ପରିବର୍ତ୍ତେ ପିଡବ୍ଲ୍ୟୁଡବ୍ଲ୍ୟୁ ରେ ଏକ ନୂଆ ଟାରିଫ ସ୍ଲାବକୁ ଅନୁମତି ଦେବାକୁ ବ୍ରହ୍ମପୁରର 'ଗ୍ରାମ ବିକାଶ' ଆୟୋଗଙ୍କୁ ଅନୁରୋଧ କରିଥିଲେ। ସେହି ଅନୁସାରେ, ଓଇଆରସି ବଂଟନ (ଯୋଗାଣ ସର୍ତ୍ତାବଳୀ) ନିୟମାବଳୀ ୨୦୦୪ ର ନିୟମ ୮୦(୬)କୁ ସଂଶୋଧନ କରାଇ ଆୟୋଗ ତାଙ୍କର ୧୯,ଅକ୍ଟୋବର ୨୦୦୯ ର ବିଜ୍ଞପ୍ତି ମୂଳେ ୨୬.୧୦ .୨୦୦୯ 'ଅତିରିକ୍ତ ଓଡ଼ିଶା ରାଜପତ୍ର'ରେ ପ୍ରକାଶ କରାଇଲେ ଯେ, ଏଣିକି ଭାରତ ସରକାରଙ୍କ ସ୍ୱଜଳଧାରା ଅଧିଯୋଜନା ଅଧିନରେ ଜଳ ଯୋଗାଣ ପାଇଁ ଶକ୍ତି ଯୋଗାଣ କିମ୍ବା ୧୦ କିଲୋୱାଟରୁ କମ ସଂଯୋଗିତ ଲୋଡ଼ ରେ ହାରାହାରି ୧୦୦ ଟି ପରିବାର ବିଶିଷ୍ଟ ପଡ଼ାଗ୍ରାମ ଗୁଡିକର ବିଦ୍ୟୁତ ଶକ୍ତି ସେବା ଜନିତ ଗ୍ରାମ କମିଟି ଦ୍ୱାରା ପରିଚାଳିନା କରାଯାଉଥିବା ଅନ୍ୟ କୌଣସି ସ୍କିମକୁ ସାଧାରଣ ଜଳ ଯୋଗାଣ କାର୍ଯ୍ୟ ଜଳ ନିଷ୍କାସନ ପାଇଁ 'ଜଳ ଉଠାଣ ସଂସ୍ଥାପନା' ରେ ଅନ୍ତର୍ଭୁକ୍ତ କଲେ। ସଂପ୍ରତି , ଘରୋଇ ଶ୍ରେଣୀର ଏକ ଟାରିଫକୁ ମଂଜୁର କରିବାରେ 'ଗ୍ରାମ ବିକାଶ' ଆୟୋଗଙ୍କୁ ଅନୁରୋଧ କରୁଛି। ଗ୍ରାମ ବିକାଶର ଆବେଦନକୁ ବିଚାର କରି ଆୟୋଗ ଯୋଗାଣ କୋଡର ସଂପର୍କିତ ନିୟମାବଳୀକୁ ସଂଶୋଧନ କରିଛନ୍ତି। ତେବେ ଏହି ପରିପ୍ରେକ୍ଷୀରେ ଘରୋଇ ଶ୍ରେଣୀର ଟାରିଫରେ ଅନ୍ତର୍ଭୁକ୍ତ କରିବାକୁ ଗ୍ରାମ ବିକାଶର ଅନୁରୋଧ ଯଥାର୍ଥ ନୁହେଁ ଏବଂ ଗ୍ରହଣୀୟ ନୁହେଁ। ସାଧାରଣ ଜଳ ଯୋଗାଣ କାର୍ଯ୍ୟ ପାଇଁ ଯେଉଁ ଟାରିଫ ଲାଗୁ କରାଯାଇଛି , ତାହାକୁ ଭାରତ ସରକାରଙ୍କ ସ୍ୱଜଳ ଧାରା ସ୍କିମ ଅଧିନସ୍ଥ ପାଣି ଉଠାଇବା ପାଇଁ ନଳକୂପ ଗୁଡିକ ପାଇଁ ପଯୋଜ୍ୟ ବୋଲି ଗ୍ରହଣ କରିବାକୁ ପଡିବ।

୩୦୭. ରାଜ୍ୟ ସରକାରଙ୍କ ଅନୁସୂଚିତ ଜାତି ଓ ଅନୁସୂଚିତ ଉପଜାତି ବିଭାଗ ନିଜ ପରିଚାଳନାଧିନ ବିଦ୍ୟାଳୟ ଓ ଛାତ୍ରାବାସଗୁଡିକୁ ସାଧାରଣ ଉଦ୍ଦେଶ୍ୟ ପାଇଁ ସୂଚିତ ପରିବର୍ତ୍ତେ 'ସ୍ୱତନ୍ତ୍ର ଶ୍ରେଣୀ' ର ଟାରିଫ ଅନୁମତି ଦେବାକୁ ଆୟୋଗଙ୍କୁ ଅନୁରୋଧ କରିଛନ୍ତି। ସମାଜ ମଂଗଳ ବିଧାନ ପାଇଁ ଏଭଳି ପରିବର୍ତ୍ତନକୁ ଲାଗୁ କରିବାକୁ ଅନୁସୂଚିତ ଜାତି ଓ ଉପଜାତି ବିଭାଗ ଆୟୋଗଙ୍କୁ ଅନୁରୋଧ କରିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଓଇଆରସି ବଂଟନ (ଯୋଗାଣ ସର୍ତ୍ତାବଳୀ) କୋଡ ୨୦୦୪ ର ନିୟମ ୮୦(୭) ଅନୁଯାୟୀ, ଶିକ୍ଷାନୁଷ୍ଠାନଗୁଡିକୁ ଶକ୍ତି ଯୋଗାଣ (ସେମାନଙ୍କର ଛାତ୍ରାବାସକୁ ମିଶାଇ ) 'ସାଧାରଣ ଉଦ୍ଦେଶ୍ୟ ପାଇଁ ସୂଚିତ' ଶ୍ରେଣୀର ଅନ୍ତର୍ଭୁକ୍ତ ଅଟେ। ଅତଏବ, ସୂଚିତ ନିୟମରେ ଶିକ୍ଷାନୁଷ୍ଠାନର ମାଲିକାନାତ୍ୱକୁ ଅଧାର କରି କୌଣସି ପାର୍ଥକ୍ୟ ବଢାଯାଇପାରିବ ବୋଲି ଉଲ୍ଲେଖ ନାହିଁ। ସୁତରାଂ, ପ୍ରୋକ୍ତ ବିଭାଗର ଅନୁରୋଧକୁ କାର୍ଯ୍ୟକାରୀ କରାଯାଇପାରିବ ନାହିଁ।

୩୦୮. ଓଇଆରସି ବଂଟନ (ଯୋଗାଣ ସର୍ତ୍ତାବଳୀ) କୋଡ, ୨୦୦୪ ର ନିୟମ ୮୦(୭) ଅନୁଯାୟୀ, ଶିକ୍ଷାନୁଷ୍ଠାନ ଓ ଛାତ୍ରାବାସଗୁଡ଼ିକ ସୂଚିତ ସାଧାରଣ ଉଦ୍ଦେଶ୍ୟ ଶ୍ରେଣୀର ଅଟନ୍ତି। ଧର୍ମାନୁଷ୍ଠାନ ଓ ଡାକ୍ତରଖାନାଗୁଡିକୁ ମଧ୍ୟ ଏହି ଶ୍ରେଣୀରେ ଅନ୍ତର୍ଭୁକ୍ତ କରାଯାଇଛି। ଗୋଟିଏ ଶ୍ରେଣୀ ପାଇଁ ଗୋଟିଏ ପ୍ରକାର ଟାରିଫର ଆଦେଶନାମା ଆୟୋଗ କରିଛନ୍ତି। ଅନୁସୂଚିତ ବର୍ଗ ଜାତି ଓ ଉପଜାତିଙ୍କ ପାଇଁ ଉଦ୍ଦିଷ୍ଟ ଶିକ୍ଷାନୁଷ୍ଠାନ ଓ ଛାତ୍ରାବାସ ପାଇଁ ତେଣୁ ଅଲଗା ଶ୍ରେଣୀର ଟାରିଫ ପ୍ରୟୋଗ କରାଯାଇ ପାରିବ ନାହିଁ , ଯେ ପର୍ଯ୍ୟନ୍ତ ଆୟୋଗ ସେଗୁଡିକ ପାଇଁ ଓଇଆରସି ବଂଟନ (ଯୋଗାଣ ସର୍ତ୍ତାବଳୀ) କୋଡ, ୨୦୦୪ରେ ପୃଥକ ଶ୍ରେଣୀର ସୃଷ୍ଟି ନ କରିଛନ୍ତି। ଅନୁସୂଚିତ ବର୍ଗ ଜାତି ଓ

ଉପଜାତିଙ୍କ ପାଇଁ ଉଦ୍ଦିଷ୍ଟ ଛାତ୍ରାବାସଗୁଡିକ ସରକାରଙ୍କର ସେହି ବିଭାଗ ଦ୍ୱାରା ଆର୍ଥିକ ସହାୟତା ପ୍ରାପ୍ତ ଅଟନ୍ତି। ପୁନଶ୍ଚ, ଯଦି ସରକାର କୌଣସି ଉପଭୋକ୍ତା ବା କୌଣସି ଶ୍ରେଣୀର ଉପଭୋକ୍ତାଙ୍କୁ ବିଦ୍ୟୁତ ଆଇନ, ୨୦୦୩ ର ବିଭାଗ ୬୫ ଅନୁଯାୟୀ ସବସିଡି ଦେବାକୁ ଚାହାନ୍ତି, ସେ ସଂପର୍କରେ ଆୟୋଗଙ୍କୁ ଜଣାଇଦେବା ବାଂଛନୀୟ, ଯାହା ଫଳରେ ସେହି ଇନପୁଟକୁ ଭବିଷ୍ୟତର ତାରିଫ ଆକାରାୟନ ପାଇଁ ଆୟୋଗ ଗ୍ରହଣ କରିବେ। ଏହି ପ୍ରସଂଗ ୧୫.୧୨୦୦୯ ତାରିଖର ଚିଠି ନଂ ୧୪୨ ଓ ୧୦ .୬. ୨୦୦୯ ର ଚିଠି ନଂ ୧୨୯୮ ମୂଳେ ସରକାରଙ୍କୁ ଜଣାଇ ଦିଆଯାଇଛି। ଅତଏବ, ଅନୁସୂଚିତ ବର୍ଗର ଜାତି ଓ ଉପଜାତି ପାଇଁ ଉଦ୍ଦିଷ୍ଟ ବିଦ୍ୟାଳୟ ବା ଛାତ୍ରାବାସକୁ ସ୍ୱତନ୍ତ୍ର ଶ୍ରେଣୀର ତାରିଫ ବା କମ ଦରର ତାରିଫ ନିର୍ଦ୍ଧାରଣ କରିବାକୁ ଆୟୋଗ ଆଗ୍ରହ ପ୍ରକାଶ କରିନାହାନ୍ତି। ପୁନଶ୍ଚ, ଆୟୋଗ ଜାଣିବାକୁ ପାଇଛନ୍ତି ଯେ, ଅନୁସୂଚିତ ବର୍ଗର ଜାତି ଓ ଉପଜାତିଙ୍କ ଉଦ୍ଦେଶ୍ୟରେ ପରିଚାଳିତ ବିଦ୍ୟାଳୟ ଓ ଛାତ୍ରାବାସଗୁଡିକ ପାଇଁ ସରକାରଙ୍କ ରାଜକୋଷରୁ ବ୍ୟୟ ଅଟକଳ ୨୦୦୨-୦୩ ରେ ୨୩୩.୫୮ କୋଟି ଟଙ୍କା ଥିଲା ବେଳେ ୨୦୦୭-୦୮ ବେଳକୁ ୬୦୪.୭୧ କୋଟି ଟଙ୍କା (ବାସ୍ତବ ପରିମାଣ) ଏବଂ ୨୦୦୮-୦୯ (ଆର ଇ) କୁ ୭୮୨.୦୧ କୋଟି ଓ ୨୦୦୯-୧୦(ବିଇ) କୁ ୯୦୫.୦୯ କୋଟି ଟଙ୍କା ହୋଇଛି। ତେଣୁ ସରକାରଙ୍କ ଅନୁସୂଚିତ ଜାତି ଓ ଉପଜାତି ଉନ୍ନୟନ ବିଭାଗ ଠିକ ସମୟରେ ବିଦ୍ୟୁତ ଦେୟ ଦେବାରେ ମଧ୍ୟ କୌଣସି ସମସ୍ୟା ରହିବା ଉଚିତ ନୁହେଁ।

୩୦୯. ସେହିଭଳି ଭାବେ ସେସୁ ଦର୍ଶାଇଛି ଯେ ଘରୋଇ ଶିକ୍ଷାନୁଷ୍ଠାନଗୁଡିକ ପାଇଁ ବ୍ୟବସାୟିକ ଶ୍ରେଣୀର ତାରିଫ ଏକ ସ୍ୱତନ୍ତ୍ର ଶ୍ରେଣୀର ତାରିଫ ଲାଗୁ ହେବା ଉଚିତ। କିନ୍ତୁ ଉପରୋକ୍ତ ବର୍ଣ୍ଣିତ କାରଣ ଯୋଗୁ (ପରିଚ୍ଛେଦ- ୩୦୭ ରେ ଉଲ୍ଲେଖିତ) ସେସୁର ଏହି ପ୍ରଦର୍ଶନକୁ ଆୟୋଗ ଗ୍ରହଣ କରିପାରିନାହାନ୍ତି।

୩୧୦. ସେହିଭଳି ‘ଓଡ଼ିଶା ରାଜ୍ୟ ପ୍ରାକୃତିକ ଦୁର୍ବିପାକ ପରିଚାଳନା କର୍ତ୍ତୃପକ୍ଷ’ ବାତ୍ୟା ଆଶ୍ରୟ ସ୍ଥଳ ଗୁଡିକ ପାଇଁ ବ୍ୟବସାୟିକ ତାରିଫ ପରିବର୍ତ୍ତେ ଘରୋଇ ଶ୍ରେଣୀର ତାରିଫ ଲାଗୁ କରିବାକୁ ଆୟୋଗଙ୍କୁ ଅନୁରୋଧ କରିଛନ୍ତି। ଓଇଆରସି ବଂଟନ (ଯୋଗାଣ ସର୍ତ୍ତାବଳୀ) ୨୦୦୪ର ନିୟମ ସୂଚାଏ ଯେ , ସାଧାରଣ ଉଦ୍ଦେଶ୍ୟିତ ଶ୍ରେଣୀ କହିଲେ ‘ମୁକ୍ତ ପରିସର ଆକୃତି ଘର’ କୁ ବୁଝାଏ, ଯାହାକି ସରକାରୀ/ବେସରକାରୀ କାର୍ଯ୍ୟାଳୟ ପାଇଁ ବା ବ୍ୟବସାୟ ପାଇଁ ବ୍ୟବହାର କରାଯାଇଥାଏ। ତେଣୁ ଏଭଳି ଏକ ଶ୍ରେଣୀକୁ ଘରୋଇ ଉପଭୋକ୍ତା ଶ୍ରେଣୀର ଅନ୍ତର୍ଭୁକ୍ତ କରାଯାଇପାରିବ ନାହିଁ , ଯେଉଁ କ୍ଷେତ୍ରରେ ଅଣଘରୋଇ ଲୋଡ ସମୁଦାୟ ‘ସଂଯୋଗିତ ଲୋଡ’ର ୨୦% ଅଧିକ ଥାଏ। ଓଇଆରସି ବଂଟନ (ଯୋଗାଣ ସର୍ତ୍ତାବଳୀ)କୋଡ ୨୦୦୪ ର ନିୟମ ୮୦ ଅନୁଯାୟୀ ବାତ୍ୟା ଆଶ୍ରୟ ସ୍ଥଳୀଗୁଡିକ ସେହି ପ୍ରକାର ଉପଭୋକ୍ତା , ଯେଉଁମାନେ ଉପଭୋକ୍ତା ଶ୍ରେଣୀକରଣରେ କୌଣସି ଶ୍ରେଣୀର ଅନ୍ତର୍ଭୁକ୍ତ ହୋଇ ନାହାନ୍ତି। ତେଣୁ, ସେମାନଙ୍କୁ ସାଧାରଣ ଉଦ୍ଦେଶ୍ୟିତ ଶ୍ରେଣୀ ରେ ଅନ୍ତର୍ଭୁକ୍ତ କରାଯାଇଛି। ବିଦ୍ୟୁତ ଆଇନ ୨୦୦୩ ର ନିୟମାବଳୀ ମୁତାବକ ଓଡ଼ିଶାରେ ବିଦ୍ୟୁତ ଶକ୍ତିର ତାରିଫ ବା ଦରସୂଚୀକୁ ସଂପୂର୍ଣ୍ଣ ସନ୍ତୁଳନ କରାଯାଇଛି। ଅର୍ଥାତ୍ ଯୋଗାଣର ପକୃତି ନିର୍ବିଶେଷରେ ଉପଭୋକ୍ତାମାନେ ଏକ ନିର୍ଦ୍ଦିଷ୍ଟ ଭୋଲଟେଜ (ଏଲଟି/ଏଚଟି/ଇଏଚଟି)ରେ ସଦୃଶ ତାରିଫ ର ଦେୟ ଦେଇ ଥାଆନ୍ତି। ଅତଏବ, ସଂଖ୍ୟାଧିକ ଉପଭୋକ୍ତାଙ୍କୁ ଆୟୋଗ ସର୍ବନିମ୍ନ ଶ୍ରେଣୀର ତାରିଫରେ ଅନ୍ତର୍ଭୁକ୍ତ କରିଛନ୍ତି। ପୁନଶ୍ଚ, ରିହାତି ଶ୍ରେଣୀର ଅଧିକ ଉପଭୋକ୍ତା ସୃଷ୍ଟି କରାଗଲେ ଅବଶିଷ୍ଟ ଉପଭୋକ୍ତାଙ୍କ ଉପରେ ଅଧିକ କ୍ରସ ସବସିଡିର ବୋଝ ପଡିବ ଯାହା ଭାରତ ସରକାରଙ୍କ ଜାତୀୟ ତାରିଫ ନୀତିର ବିରୋଧାଚରଣ କରୁଛି। ତେଣୁ ଆୟୋଗ ସତର୍କତାର ସହ ବିଭିନ୍ନ ଶ୍ରେଣୀ ମଧ୍ୟରେ ତାରିଫରେ ସନ୍ତୁଳନ ରକ୍ଷା କରିଛନ୍ତି। ସୁତରାଂ ଗୋଟିଏ ନିର୍ଦ୍ଦିଷ୍ଟ ଭୋଲ୍ଟେଜକୁ ନେଇ ଏକ ସ୍ୱତନ୍ତ୍ର ତାରିଫ ସୃଷ୍ଟି କରାଗଲେ ତାହା ବିଦ୍ୟୁତ ଆଇନ, ତାରିଫ ନୀତି ଏବଂ ତଜ୍ଜନିତ ନିୟମାବଳୀର ଉଦ୍ଦେଶ୍ୟକୁ ପ୍ରତିହତ କରିବ। ଏହି

ପରିପ୍ରେକ୍ଷୀରେ, ସରକାର ଯଦି କୌଣସି ଅବହେଳିତ ଓ ଅନଗ୍ରସର ବର୍ଗଙ୍କୁ ସବସିଡି ଦେବାକୁ ଇଚ୍ଛା ପ୍ରକାଶ କରୁଥାନ୍ତି , ତେବେ ତଜ୍ଜନିତ ଅର୍ଥ ଆୟୋଗଙ୍କୁ ଆଗୁଆ ଦେଇ ଦେବାକୁ ପଡିବ, ଯାହା ବିଦ୍ୟୁତ ଆଇନ ୨୦୦୩ର ପକ୍ଷପାତୀ ଅଟେ।

୩୧୧.ଆୟୋଗ ୨୦୦୭ରେ 'କୃଷି ଭିତ୍ତିକ ଶିଳ୍ପ ସଂସ୍ଥା' ନାମକ ଏକ ଉପଭୋକ୍ତା ଶ୍ରେଣୀର ସୃଷ୍ଟି କରିଥିଲେ। ସେହି ଅନୁସାରେ ଓଇଆରସି ବଂଟନ (ଯୋଗାଣ ସର୍ତ୍ତାବଳୀ) କୋଡ ୨୦୦୪ କୁ ସଂଶୋଧନ କରାଯାଇଥିଲା। ପୁନଶ୍ଚ, ଆୟୋଗ ୧୯.୧୦.୨୦୦୯ର ବିଜ୍ଞପ୍ତି ମୂଳେ ଓଇଆରସି ବଂଟନ (ଯୋଗାଣ ସର୍ତ୍ତାବଳୀ) କୋଡ ୨୦୦୪ର ନିୟମ ୮୦ (୫)ରେ ଆବଶ୍ୟକୀୟ  ସଂଶୋଧନ ଆଣିଛନ୍ତି, ଯାହା ୨୬.୧୦.୨୦୦୯ର ଓଡ଼ିଶା ରାଜପତ୍ର ସଂଖ୍ୟା ୧୫୮୬ (ଅତିରିକ୍ତ)ରେ ପ୍ରକାଶିତ ହୋଇଛି , ଯହିଁରେ ମିଶ୍ରିତ କୃଷି କାର୍ଯ୍ୟସୂଚୀ ଓ ମିଶ୍ରିତ କୃଷି ଭିତ୍ତିକ ଶିଳ୍ପ କାର୍ଯ୍ୟସୂଚୀ ନାମକ ଦୁଇଟି ସ୍ୱତନ୍ତ୍ର ଶ୍ରେଣୀର ଉଦ୍ଭବ କରାଯାଇଛି। ଜଳସେଚନ ଓ ଜଳଉଠାଣ, ପଶୁପାଳନ ସଂପର୍କିତ କାର୍ଯ୍ୟସୂଚୀ ଟସର ପୋକ ପାଳନ, ମାଛ ଓ ଅନ୍ୟାନ୍ୟ ଜଳଜ ଜୀବ ଚାଷ, ଫୁଲଚାଷ ଏବଂ ବିଭିନ୍ନ କୃଷି ଜାତ ଦ୍ରବ୍ୟକୁ ଅମଳ ପରେ ତାପ ନିୟନ୍ତ୍ରିତ ଭଣ୍ଡାର ମାନଙ୍କରେ ସାଇତି ରଖିବା ଆଦି ସ୍ୱତନ୍ତ୍ର କାର୍ଯ୍ୟସୂଚୀ ସମୂହକୁ ଦୃଷ୍ଟିରେ ରଖି ଉପଭୋକ୍ତାମାନଙ୍କ ମଧ୍ୟରେ ଶ୍ରେଣୀକରଣ କରାଯାଇଛି। ତେବେ, ପ୍ରକ୍ରିୟାକରଣ କାର୍ଯ୍ୟସୂଚୀକୁ ସାଧାରଣ ଉଦ୍ଦେଶ୍ୟିତ କାର୍ଯ୍ୟସୂଚୀ ମଧ୍ୟରେ ରଖାଯାଇଛି, କାରଣ ପାଳନ ଓ କର୍ଷଣ ପରର ତତକ୍ଷଣାତ୍ ସ୍ଥିତିରେ କୃଷି ସାମଗ୍ରୀ/ପଶୁ/ମାଛ/ଜଳଜ ଜୀବ ଆଦିକୁ ତାପ ନିୟନ୍ତ୍ରିତ ଅବସ୍ଥାରେ ରଖିବାକୁ ହିଁ ପଡିଥାଏ। ସୁତରାଂ ଉପରୋକ୍ତ ଶ୍ରେଣୀକରଣକୁ ସଂପୂର୍ଣ୍ଣ ଭାବେ ଯୁକ୍ତି ସମ୍ମତ ଓ ସନ୍ତୁଳିତ ଶ୍ରେଣୀକରଣ ଭାବେ ବିବେଚନା କରାଯିବ। ଅତଏବ, ସେହି ପ୍ରକାରର ଏକ ନୂତନ ଭାବେ ଉଦଭବ ଶ୍ରେଣୀକୁ ଟାରିଫ ସଂଶୋଧନ ବଳରେ ୨୦୧୦-୧୧ ଆର୍ଥିକ ବର୍ଷ  ପାଇଁ ଆୟୋଗ ଅନୁମୋଦନ କରିଥିଲେ। ତେଣୁ ଯେଉଁ ଉପଭୋକ୍ତାମାନେ ଉପରୋକ୍ତ ୨ ଟି ଶ୍ରେଣୀରେ ପୁନଃ ଶ୍ରେଣୀକରଣ କରାଗଲେ, ଉପରୋକ୍ତ ମତେ  ନିର୍ଦ୍ଧାରିତ ତାରିଖ ଠାରୁ ସେହି ଶ୍ରେଣୀର ଟାରିଫ ଉପଭୋଗ କରିବାକୁ ସମର୍ଥ ହେଲେ ବୋଲି ବିଜ୍ଞପିତ ହେଲେ। ଏଠାରେ ସ୍ପଷ୍ଟ କରିଦିଆଯାଇପାରେ ଯେ  ୯.୧୧.୨୦୦୯ ପୂର୍ବରୁ ସେହିସବୁ ଉପଭୋକ୍ତାଙ୍କର ଟାରିଫ ସଂପର୍କରେ କହିବାକୁ ଗଲେ ଏହା ହେବ ଯେ ସେମାନେ  ୯.୧୧.୨୦୦୯ ପୂର୍ବର ପ୍ରଚଳିତ ନିୟମ ଅନୁଯାୟୀ ଟାରିଫ ଜନିତ ଶ୍ରେଣୀକରଣର ଅନ୍ତର୍ଭୁକ୍ତ ହେବେ।

୩୧୨.ଓଇଆରସି ବଂଟନ (ଯୋଗାଣ ସର୍ତ୍ତାବଳୀ)କୋଡ, ୨୦୦୪ର ଅଧ୍ୟାୟ ୮- ର ଧାରା  ୮୦(୫) ସଂଶୋଧନ ମତେ ୧୯.୧୦.୨୦୦୯ର ବିଜ୍ଞପ୍ତି ଅନୁଯାୟୀ , ଧାରା ୮୦(୫) (ସସ) ଅଧିନରେ ଖାଦ୍ୟ/କୃଷି ଉତ୍ପାଦିତ ପ୍ରକ୍ରିୟାକରଣ ୟୁନିଟ ଗୁଡିକୁ ମିଶ୍ରିତ କୃଷି କାର୍ଯ୍ୟସୂଚୀରୁ ବାଦ୍ ଦିଆଯାଇଛି। କିନ୍ତୁ ଦୁଗ୍ଧ ଶୀତଳୀକରଣ ପ୍ଲାଣ୍ଟ ଏବଂ ମାଂସ, ମାଛ, ଚିଙ୍ଗୁଡି, ଫୁଲ , ଫଳ ଓ ପନିପରିବା ପାଇଁ ପ୍ରକ୍ରିୟା କରଣ ୟୁନିଟଗୁଡିକ ସହ ସଂପୃକ୍ତ ଶୀତଳ ଭଣ୍ଡାରଗୁଡିକୁ ଧାରା ୮୦ -୫(ସସସ)ମୂଳେ ମିଶ୍ରିତ କୃଷି ଭିତ୍ତିକ ଶିଳ୍ପ କାର୍ଯ୍ୟସୂଚୀ ସମୂହ ମଧରେ ଅନ୍ତର୍ଭୁକ୍ତ କରାଯାଇଛି। ସେସୁ ସହ ଆଉ କେତେକ ଅଭିଯୋଗକାରୀ ଦର୍ଶାଇଥିଲେ ଯେ, ଯେଉଁ ୟୁନିଟ / ସେଡ୍ ଗୁଡିକରେ ମାଛ, ମାଂସ, ଚିଙ୍ଗୁଡି, ଫୁଲ ଫଳ ଓ ପନିପରିବା ଆଦିର ପ୍ରକ୍ରିୟାକରଣ କାର୍ଯ୍ୟସୂଚୀ ନିର୍ବାହିତ ହେଉଛି, ସେଗୁଡିକ ଶୀତଳ ଭଣ୍ଡାରର ଅଂଶବିଶେଷ ସ୍ୱରୂପ ଅଟନ୍ତି। ଏଣୁ, ଶୀତଳଭଣ୍ଡାରଠାରୁ ପ୍ରକ୍ରିୟାକରଣ ୟୁନିଟଗୁଡିକର ଶକ୍ତି ଉପଯୋଗକୁ ପୃଥକ ଭାବେ ଚିହ୍ନଟ କରିବା ଅବଶ୍ୟ କଷ୍ଟକର ବ୍ୟାପାର ଅଟେ। ପ୍ରକ୍ରିୟାକରଣ କାର୍ଯ୍ୟସୂଚୀ ଓ ଶୀତଳଭଣ୍ଡାରର କାର୍ଯ୍ୟସୂଚୀ ନିର୍ବାହନ ହେଉଥିବା ସମୁଦାୟ ଅଂଚଳ ପାଇଁ ଗୋଟିଏ ମିଟର ବସାଯାଇଥାଏ ଓ ସମାନ ଉତ୍ସରୁ ଶକ୍ତି ଯୋଗାଣ ହୋଇଥାଏ। ତେଣୁ ସେମାନେ ଯୁକ୍ତି ଦର୍ଶାଇଛନ୍ତି ଯେ, ଶୀତଳ ଭଣ୍ଡାର ସହ ସଂପର୍କିତ ମାଛ,

ମାଂସ, ଚିଙ୍ଗୁଡି, ଫୁଲ ଫଳ ଓ ପନିପରିବା ଆଦିର ପ୍ରକ୍ରିୟାକରଣ ୟୁନିଟଗୁଡିକୁ ମିଶ୍ରିତ କୃଷି ଭିତ୍ତିକ ଶିଳ୍ପ କାର୍ଯ୍ୟସୂଚୀ ମଧ୍ୟରେ ଅଣାଯିବା ଉଚିତ ଏବଂ ଶୀତଳ ଭଣ୍ଡାର ପ୍ରତି ପ୍ରଯୋଜ୍ୟ ଟାରିଫ ସମ ସେଗୁଡିକ ପାଇଁ ଟାରିଫ ନିର୍ଦ୍ଧାରଣ କରିବା ଉଚିତ। ଅଭିଯୋଗକାରୀ ଓ ଅନୁମତିଧାରୀଙ୍କ ଦ୍ୱାରା ଉପସ୍ଥାପିତ ଅଭିଯୋଗର ସତର୍କ-ବିଚାର ପରେ ଆୟୋଗ ଏହି ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି ଯେ , ଯଦିଓ ପ୍ରକ୍ରିୟାକରଣ ୟୁନିଟ ଓ ଶୀତଳଭଣ୍ଡାର ଦୁଇଟି ଗୋଟିଏ ପ୍ରକାରର ସାଧାରଣ ଶୀତଳୀକୃତ ପ୍ରକ୍ରିୟାରେ ପରିଚାଳିତ ଅଟନ୍ତି, ତଥାପି ସେ ଦୁଇଟି ପୃଥକ କାର୍ଯ୍ୟଧାରା ସହ ଜଡିତ। ତେଣୁ, ଏହି କାର୍ଯ୍ୟଧାରା ଗୁଡିକ ପୃଥକ ଚିହ୍ନିତ ଓ ସେମାନଙ୍କର ଲୋଡ୍‌ରେ ପାର୍ଥକ୍ୟ ପାଇଁ 'ପ୍ରକ୍ରିୟାକରଣ ୟୁନିଟ' ଓ ଷ୍ଟୋରେଜ ୟୁନିଟ ଭାବେ ପୃଥକ ଭାବେ ଚିହ୍ନିତ ଏବଂ ବିବେଚିତ ହେବା ଉଚିତ। ତେଣୁ ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି ଯେ ମାଛ, ମାଂସ, ଚିଙ୍ଗୁଡି, ଫୁଲ ଫଳ ଓ ପନିପରିବା ଆଦିର ପ୍ରକ୍ରିୟାକରଣ ୟୁନିଟଗୁଡିକୁ ମିଶ୍ରିତ କୃଷି ଭିତ୍ତିକ ଶିଳ୍ପସଂସ୍ଥା କାର୍ଯ୍ୟସୂଚୀ ସମୂହ ମଧ୍ୟରେ ଅନ୍ତର୍ଭୁକ୍ତ କରାଯାଇପାରିବ ନାହିଁ । ଅତଏବ କୃଷି ଭିତ୍ତିକ କାର୍ଯ୍ୟସୂଚୀ (ଶୀତଳ ଭଣ୍ଡାର )ପାଇଁ ପ୍ରଯୋଜ୍ୟ ଟାରିଫ ପ୍ରକ୍ରିୟାକରଣ ୟୁନିଟଗୁଡିକ ପାଇଁ ପ୍ରଯୋଜ୍ୟ ହେବ ନାହିଁ। ଯେଉଁ ୟୁନିଟ ଗୁଡିକ ରିହାତି ଦରର ଟାରିଫ ପାଇଁ ଆଗ୍ରହୀ ହେବେ, ସେମାନେ ସେମାନଙ୍କର ଶୀତଳ ଭଣ୍ଡାର ୟୁନିଟର ବୈଦ୍ୟୁତିକ ଲୋଡକୁ ପୃଥକ କରିବା ବଂଛନୀୟ, ନତୁବା ସମୁଦାୟ ୟୁନିଟ ପାଇଁ ନିର୍ଦ୍ଧାରିତ ଟାରିଫ ଆୟୋଗଙ୍କ ବିବେଚିତ ମତେ ଯଥାଯୋଗ୍ୟ ଟାରିଫ ଅନୁଯାୟୀ ନିର୍ଦ୍ଧାରଣୀୟ ହେବ।

୩୧୩. କେତେକ ଅଭିଯୋଗକାରୀ ଗୋ-ଖାଦ୍ୟ, ମାଛ ଖାଦ୍ୟ, କୁକୁଡା/ବତକ ଖାଦ୍ୟକୁ ଓଇଆରସି ବଂଟନ (ଯୋଗାଣ ସର୍ତ୍ତାବଳୀ) କୋଡ ୨୦୦୪ ର ଧାରା ୮୦ (୫) ମୂଳେ ମିଶ୍ରିତ କୃଷିଭିତ୍ତିକ କାର୍ଯ୍ୟସୂଚୀ ମଧ୍ୟରେ ଅନ୍ତର୍ଭୁକ୍ତ କରିବାକୁ ଯୁକ୍ତି ଦର୍ଶାଇଥିଲେ। ଯୁକ୍ତି ଦର୍ଶାଯାଇଛି ଯେ, ମଣିଷ ଉପଯୋଗୀ ଯେ କୌଣସି ଉତ୍ପାଦନକୁ କୃଷି କୁହାଯିବ। ପୁନଶ୍ଚ, ଉପସ୍ଥାପନାରେ ଯୁକ୍ତି ଦର୍ଶାଯାଇଥିଲା ଯେ, କୃଷି ପାଇଁ ଦୁଇଟି ଉତ୍ସ ରହିଛି। ତାହା ହେଲେ (କ) ଶସ୍ୟ/ପନିପରିବା ଚାଷ (ଖ) ଅଣ ଶସ୍ୟ /ଅଣ ପନିପରିବା ଚାଷ। କ୍ଷେତ୍ର କର୍ଷଣ ଦ୍ୱାରା ଶସ୍ୟ/ପନିପରିବା ଚାଷ କରାଯାଇଥାଏ ଏବଂ ଅଣ ଶସ୍ୟ/ଅଣ ପନିପରିବା ଚାଷ ଯଥା- ପଶୁପାଳନ, କୁକୁଡା/ବତକ ଚାଷ, ମାଛ ଚାଷ ଆଦି ଭିନ୍ନ ଭିନ୍ନ ଉପାୟରେ କରାଯାଇଥାଏ। ମଣିଷ ସମାଜ ଖାଦ୍ୟକୁ ନେଇ ବଂଚୁଥିବାରୁ ଏଗୁଡିକ ପ୍ରତି ଗୁରୁତ୍ୱ ଦେବା ଜରୁରୀ ଅଟେ। ଅତଏବ, ଯେ କୌଣସି ସମାଜ ପାଇଁ ମଣିଷ ଉପଯୋଗୀ ଖାଦ୍ୟ ଉତ୍ପାଦନ କରିବା ମୁଖ୍ୟ ଲକ୍ଷ୍ୟ ଅଟେ। ଧାନ ,ରବି ଫସଲ ଓ ପନିପରିବା ପାଇଁ ଜଳସେଚନ ଯେମିତି ଆବଶ୍ୟକ, ସେମିତି ଗୋରୁ, କୁକୁଡା, ବତକ ଆଦିଙ୍କ ପାଇଁ ଖାଦ୍ୟ ଦରକାର। ଅଧୁନା ସାଧାରଣତଃ ଗ୍ରାମାଞ୍ଚଳରେ କ୍ରମଶଃ ଘାସ ପଡିଆ ବିଲୋପ ହେବାକୁ ବସିଲାଣି। ତେଣୁ ଗୋରୁ,ମଇଁଷି, ଛେଳି, ମେଣ୍ଢା ଆଦିଙ୍କ ପାଇଁ ପାଳକମାନେ ଗୋଖାଦ୍ୟ , ପଶୁଖାଦ୍ୟ ଉପରେ ନିର୍ଭର କରୁଛନ୍ତି। ପଶୁପାଳନ ମଣିଷ ପାଇଁ ନିହାତି ଆବଶ୍ୟକ। କାରଣ ବଳଦ ହଳ କରିବ, ଗାଈ ଠାରୁ ମଣିଷ ଦୁଗ୍ଧ ପାଇବ ଏବଂ ଛେଳି , ମେଣ୍ଢା ଠାରୁ ମାଂସ ପାଇବ। ଗୋରୁ ମଳ ବା ଗୋବର କୃଷି ପାଇଁ ସବୁଠାରୁ ଉତ୍କୃଷ୍ଟ ଜୈବିକ ସାର ଅଟେ। ଅତଏବ, ଓଡ଼ିଶାର ଅର୍ଥନୀତିର ସମୃଦ୍ଧି ପାଇଁ କୃଷି ଓ ପଶୁପାଳନର ବିକାଶ ଏକ ଅପରିହାର୍ଯ୍ୟ ଆବଶ୍ୟକତା ଅଟେ। ଅତଏବ, ସାମୁଦାୟିକ ଭାବେ କୃଷି-ସେକ୍ଟର ସ୍ୱାର୍ଥର ସୁରକ୍ଷା ସକାଶେ ଗୋ -ଖାଦ୍ୟ, କୁକୁଡା, ବତକ ଖାଦ୍ୟର ଉତ୍ପାଦନକୁ ଆୟୋଗ ଜଳସେଚନ ସହ ସମାନ ଭାବେ ବିବେଚନା କରି ରାଜ୍ୟର କୃଷକ ମାନଙ୍କୁ ସହାୟତା ଦେବା ଉଚିତ। ପୂର୍ବରୁ ଅଲୋଚିତ ମତେ, ନିର୍ଦ୍ଦିଷ୍ଟ କେତେକ ସେକ୍ଟରର ବିକାଶ କରାଇବା କିମ୍ବା ନିର୍ଦ୍ଦିଷ୍ଟ ଶ୍ରେଣୀର ଉପଭୋକ୍ତାଙ୍କର ବିକାଶ କରାଇବା ଟାରିଫ କାର୍ଯ୍ୟସୂଚୀର ଉଦ୍ଦେଶ୍ୟ ନୁହେଁ। ଜାତୀୟ ବିଦ୍ୟୁତ ନୀତି ଅନୁଯାୟୀ, + ୨୦% ର କ୍ରସ୍ ସବ୍‌ସିଡିକୁ ସ୍ଥିର ରଖି ଶକ୍ତି ଦରର ପରିଚାଳନା (ଭରଣା) କରିବା ହେଉଛି ଟାରିଫ କାର୍ଯ୍ୟସୂଚୀର ମୁଖ୍ୟ ଉଦ୍ଦେଶ୍ୟ। କୌଣସି ସେକ୍ଟର ବା ଶ୍ରେଣୀର ଉପଭୋକ୍ତାଙ୍କୁ ରିହାତି ବା ସହାୟତା ଦେବା

ହେଉଛି ସରକାରଙ୍କ କାର୍ଯ୍ୟସୂଚୀ। ତେଣୁ ଦୁର୍ବଳ/ଅବହେଳିତ ଶ୍ରେଣୀର ଉପଭୋକ୍ତା ହୁଅନ୍ତୁ ବା କୌଣସି ଯୋଜନାବଦ୍ଧ କାର୍ଯ୍ୟକ୍ରମରେ ବିକାଶ ଲକ୍ଷ୍ୟରେ ହେଉ, ସରକାର ସେ ସବୁ ପାଇଁ ଦାୟିତ୍ୱ ବଦ୍ଧ ହେବେ ଓ ସେମାନଙ୍କୁ ସହାୟତା ଦେବା ଜନିତ ସବସିଡି ଅର୍ଥ ଆଗୁଆ ଭାବେ ଆୟୋଗଙ୍କୁ ଦେବାକୁ ପଡିବ। ଅତଏବ, କୃଷି ଭିତ୍ତିକ ବିକାଶ କାର୍ଯ୍ୟକ୍ରମ ହେଉ ବା ପଶୁପାଳନ ପାଇଁ ହେଉ ବା କୌଣସି ଉଦ୍ୟୋଗର ବିକାଶ ପାଇଁ ହେଉ, ସେଥିପାଇଁ ତାରିଫର ସୀମିତ ଦାୟିତ୍ୱ ହିଁ ଅଭିପ୍ରେତ। ଅତଏବ ଜଳସେଚନ, ପମ୍ପିଙ୍ଗ, ପଶୁପାଳନ ଓ ତାପ ନିୟନ୍ତ୍ରିତ ଭଣ୍ଡାର ଆଦି ଦାୟିତ୍ୱ ସହ ସସୀମ ସଂପର୍କିତ ଭାବେ ସାମୁଦାୟିକ ଶକ୍ତି-ନୀତିକୁ ଅବଲମ୍ବନ କରି ଆୟୋଗ ଉପଭୋକ୍ତା ଶ୍ରେଣୀକରଣ ଓ ତାରିଫର ସନ୍ତୁଳନକରଣ କରିଛନ୍ତି ଏବଂ ସେ ସବୁର ଆଲୋଚନା ବିଧିବଦ୍ଧ ଭାବେ ଜନଶୁଣାଣି କାର୍ଯ୍ୟକ୍ରମରେ ସଂପାଦିତ ହୋଇଛି।

୩୧୪. ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ୧୯.୧୦.୨୦୦୯ର ବିଜ୍ଞପ୍ତି ମୂଳେ ଆୟୋଗ ଶକ୍ତି ଯୋଗାଣ କୋଡ ୨୦୦୪ ର ଧାରା ୮୦(୫)ରେ ସଂଶୋଧନ ଆଣିଛନ୍ତି, ଯହିଁରେ ଏହି ପଶୁ ଜାତୀୟ ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟଗୁଡିକୁ ମିଶ୍ରିତ କୃଷିଭିତ୍ତିକ କାର୍ଯ୍ୟସୂଚୀ ରୁ ବାଦ୍ ଦିଆଯାଇଛି। ଅବଶ୍ୟ ଶକ୍ତି ଉତ୍ପାଦନ, ଯୋଗାଣ ଓ ବଂଟନର ସବୁ ଅଂଶୀଦାରମାନଙ୍କଠାରୁ ମତାମତ ଆମନ୍ତ୍ରଣ ପରେ ଉପରୋକ୍ତ ନିୟମରେ ସଂଶୋଧନ ଅଣାଯାଇଛି। ତେଣୁ ଆୟୋଗ ଏ ପ୍ରସଂଗକୁ ଆଉ ଦୋହରାଇବାକୁ ଚାହାନ୍ତି ନାହିଁ। ବିଦ୍ୟୁତ ତାରିଫ ନିର୍ଦ୍ଧାରଣ ପରିପ୍ରେକ୍ଷୀରେ (ଉଦ୍ଦେଶ୍ୟରେ) ସବୁ ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟଗୁଡିକ ହେଉଛନ୍ତି ବ୍ୟବସାୟିକ ସଂସ୍ଥାନ। ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟଗୁଡିକ ଯେଭଳି ବ୍ୟବସାୟିକ ଲାଭ ଚାହାନ୍ତି, ବିଦ୍ୟୁତ ଶକ୍ତି ବିନିଯୋଗକାରୀ କର୍ତ୍ତୃପକ୍ଷମାନେ ମଧ୍ୟ ସେଭଳି ଲାଭ ଚାହାନ୍ତି, ବିଦ୍ୟୁତ୍ ଶକ୍ତି ବିନିଯୋଗକାରୀ କର୍ତ୍ତୃପକ୍ଷମାନେ ମଧ୍ୟ ସେହିଭଳି ଲାଭ ଚାହାନ୍ତି। ତେଣୁ, କୌଣସି ସେକ୍ଟର ପାଇଁ ବିଦ୍ୟୁତ ତାରିଫକୁ ଏକ ମାଧ୍ୟମ ଭାବେ କାହିଁକି ନ ଗ୍ରହଣ କରାଯିବ ?

୩୧୫. ଏହି ପରିପ୍ରେକ୍ଷୀରେ ୨୭.୧.୨୦୧୦ ର ଆଦେଶନାମାରେ ୨୦୦୯ର କେଶ ନଂ ୨୧୭ ଓ ୧୨୮ ରେ ଏ ପ୍ରସଂଗରେ ବିସ୍ତାରିତ ଭାବେ ଆଲୋଚନା କରାଯାଇଛି, ଯହିଁରେ ଆୟୋଗ ସ୍ପଷ୍ଟ କରିଦେଇଛନ୍ତି ଯେ, ଗୋ-ଖାଦ୍ୟ, ମାଛ ଖାଦ୍ୟ, ଓ କୁକୁଡା/ବତକ ଖାଦ୍ୟ ୟୁନିଟଗୁଡିକ ମିଶ୍ରିତ କୃଷିଭିତ୍ତିକ ଶିଳ୍ପ କାର୍ଯ୍ୟସୂଚୀର ଅନ୍ତର୍ଭୁକ୍ତ ନୁହନ୍ତି। ସ୍ୱଷ୍ଟ ଓ ସ୍ୱଚ୍ଛ ପ୍ରାସଙ୍ଗିକତା ପାଇଁ ସେହି ଆଦେଶନାମାର ସଂପର୍କିତ ଅଂଶଗୁଡିକ ନିମ୍ନରେ ଉଦ୍ଧାର କରାଗଲା।

(୧୨) ୧୧.୯.୨୦୦୭ ର ବିଜ୍ଞପ୍ତି ମୂଳେ ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗଙ୍କ ବଂଟନ (ଯୋଗାଣ ସର୍ତ୍ତାବଳୀ) (୪ର୍ଥ ସଂଶୋଧନ)କୋଡ ୨୦୦୭ ଜରିଆରେ ନିୟମ ୮୦ (୫) (୧) ଅନୁଯାୟୀ 'କୃଷି ଭିତ୍ତିକ ଶିଳ୍ପ' ନାମକ ଏକ ନୂଆ ଉପଭୋକ୍ତା ଶ୍ରେଣୀର ସୃଷ୍ଟି କରାଯାଇଛି। ଏହି ସଂଶୋଧିତ ନିୟମ ୮୦ (୫) (୧) ନିମ୍ନ ଉଲ୍ଲେଖି ପ୍ରକାରର ଅଟେ।

"ମାଛ ଚାଷ , ଉଦ୍ୟାନ ପ୍ରସ୍ତୁତି , ଫୁଲ ଚାଷ, ଟସର ଚାଷ ଏବଂ ପଶୁପାଳନ, କୁକୁଡା/ବତକ ଚାଷ ଓ ଶୀତଳ ଭଣ୍ଡାର (ଯେଉଁଠାରେ ଫୁଲ, ଫଳ, ପନିପରିବା, ମାଛ, ମାଂସ ଓ ଖାଦ୍ୟ ଆଦିକୁ ଶୀତଳୀକୃତ କରି ସତେଜ ଅବସ୍ଥାରେ ରଖାଯାଏ)ଆଦି ମିଶ୍ରିତ କୃଷି କାର୍ଯ୍ୟସୂଚୀକୁ ଶକ୍ତି ଯୋଗାଣ ଜନିତ ଉପଭୋଗର ଉପଭୋକ୍ତାଗଣ ହେଉଛନ୍ତି ଏହି ଶ୍ରେଣୀର।

୦. ୧୧.୯.୨୦୦୭ର ସଂଶୋଧନ ଅନୁଯାୟୀ ଯେତେବେଳେ ପଶୁପାଳନ,କୁକୁଡା/ବତକ ଚାଷ ଓ ଶୀତଳ ଭଣ୍ଡାର ଆଦି କୃଷି ଭିତ୍ତିକ ଶିଳ୍ପ ଜନିତ ଉପଭୋକ୍ତା ଶ୍ରେଣୀର ହେବେ, ସେତେବେଳେ ପ୍ରଶ୍ନ ଉଠିବ ଯେ ଗୋ-ଖାଦ୍ୟ ଓ କୁକୁଡା/ବତକ ଖାଦ୍ୟ ଉତ୍ପାଦନ କରୁଥିବା ୟୁନିଟଗୁଡିକୁ ଯଥାକ୍ରମେ ପଶୁପାଳନ ଓ କୁକୁଡା/ବତକ ଚାଷ ଅଧିନରେ ରଖା ନଯିବ କାହିଁକି ? ସଂଶୋଧିତ ବ୍ୟବସ୍ଥାରେ ପଶୁପାଳନ ଓ କୁକୁଡା/ବତକ ଚାଷକୁ ମିଶାଇ ଅନ୍ୟାନ୍ୟ

କୃଷି ଭିତ୍ତିକ କାର୍ଯ୍ୟସୂଚୀ ପାଇଁ ଶକ୍ତି ଯୋଗାଣ ପାଇଁ ସ୍ୱଷ୍ଟ ସୂଚନା ଦିଆଯାଇଛି। ଗୋରୁ ,ଛେଳି , ମେଣ୍ଢା, କୁକୁଡା , ବତକ ଆଦି ପାଳନ ପାଇଁ ଅନେକ ଆନୁଷଙ୍ଗିକ ବ୍ୟବସ୍ଥାର ପ୍ରୟୋଜନ ଅଛି। କିନ୍ତୁ ପଶୁପାଳନ ଓ କୁକୁଡା/ବତକ ଚାଷ ପାଇଁ ଶକ୍ତି ଯୋଗାଣ 'କୃଷି ଭିତ୍ତିକ ଶିଳ୍ପ ଶ୍ରେଣୀ'କୁ ଶକ୍ତି ଯୋଗାଣ ଭାବେ ବୁଝାଯିବ। ଅନ୍ୟ ଭାଷାରେ କହିବାକୁ ଗଲେ ଗାଇ ଗୁହାଳ ବା ଗାଈ ଫାର୍ମ ଓ କୁକୁଡା/ବତକ ଫାର୍ମକୁ ଆଲୋକିତ କରିବା, ପାଣି ଛିଞ୍ଚିବା , ଗାଈ ,ମଇଁଷି, କୁକୁଡା, ବତକ ଆଦି ପାଣି ପିଇବା ପାଇଁ ପାଣି ଉଠାଇବା ଓ ଫାର୍ମ ଗୁହାଳକୁ ସଫାସୁତରା କରିବାରେ ଯେଉଁ ଶକ୍ତି ଆବଶ୍ୟକ ଏବଂ ତଜ୍ଜନିତ ଯେଉଁ ତାରିଫ ପ୍ରୟୋଗନୀୟ, ତାହା ମିଶ୍ରିତ କୃଷି ଭିତ୍ତିକ ଶିଳ୍ପ ପାଇଁ ପ୍ରଯୋଜ୍ୟ ତାରିଫ ହିଁ ହେବ। ଗୋ-ଖାଦ୍ୟ ଓ କୁକୁଡା/ବତକ ଖାଦ୍ୟର ଉତ୍ପାଦନକୁ ପଶୁପାଳନ କିମ୍ବା କୁକୁଡା/ବତକ ଚାଷର ଅନ୍ତର୍ଭୁକ୍ତ କରାଯାଇପାରିବ ନାହିଁ। ଗୋଖାଦ୍ୟ ବା କୁକୁଡା ଖାଦ୍ୟର ପ୍ରସ୍ତୁତି ପାଇଁ ଅନେକ କଂଚାମାଲର ଆବଶ୍ୟକ ପଡିଥାଏ। ଯଦି ଆମେ ଅଭିଯୋଗ ଦାଖଲକାରୀଙ୍କ ଯୁକ୍ତି ସହ ସହମତ ହେଉ, ତେବେ କୁଟା, ପିଡିଆ ତଥା ଅନ୍ୟାନ୍ୟ ଆନୁଷଙ୍ଗିକ କଂଚାମାଲର ଉତ୍ପାଦନ ପାଇଁ ଯେଉଁ ଶକ୍ତିର ଆବଶ୍ୟକ ହୁଏ, ତାହା ପଶୁପାଳନ ଓ କୁକୁଡା /ବତକ ଚାଷ ପାଇଁ ବ୍ୟବହାର ହେଉଛି ବୋଲି କୁହାଯାଇପାରେ। ଏଭଳି କାର୍ଯ୍ୟସୂଚୀର ଅନ୍ତ ନାହିଁ । କାରଣ, ଏଭଳି ଫାର୍ମ ବା କୌଣସି ବ୍ୟକ୍ତିବିଶେଷ ନିଜ ଫାର୍ମ ପାଇଁ ଅନ୍ୟ କୌଣସି ଚାଷୀଙ୍କୁ ବିକ୍ରୀ କରିବାକୁ ଚାହୁଁଥିଲେ, ସେହିସବୁ ଖାଦ୍ୟ ପ୍ରସ୍ତୁତିର ୟୁନିଟଗୁଡିକୁ ପଶୁପାଳନ ଓ କୁକୁଡା /ବତକ ଚାଷ କାର୍ଯ୍ୟସୂଚୀର ଅଂଶବିଶେଷ ଭାବେ ବିବେଚିତ ହୋଇପାରିବ ନାହିଁ। ଏଗୁଡିକ ହେଉଛି ସ୍ୱତନ୍ତ୍ର ଶିଳ୍ପ ସଂସ୍ଥାଗତ କାର୍ଯ୍ୟସୂଚୀ। ପୁନଶ୍ଚ ୧୯.୧୦.୨୦୦୯ ର ବିଜ୍ଞପ୍ତି ମୂଳେ ସଂଶୋଧିତ ନିୟମରେ ଏହା ସ୍ୱଷ୍ଟ ଭାବେ ଉଲ୍ଲେଖ ଅଛି (ଯାହା ନିମ୍ନରେ ଉଲ୍ଲେଖ କରାଯାଇଛି), ଯହିଁରେ ଗୋରୁ, କୁକୁଡା, ବତକ, ମାଛ ଖାଦ୍ୟ ୟୁନିଟ ଓ ଖାଦ୍ୟ/କୃଷି ଉତ୍ପାଦନ ପ୍ରକ୍ରିୟାକରଣ ୟୁନିଟଗୁଡିକୁ ମିଶ୍ରିତ କୃଷି କାର୍ଯ୍ୟସୂଚୀରୁ ବାଦ୍ ଦିଆଯାଇଛି।"

<u>"୮୦(୫)(ସସ) ମିଶ୍ରିତ କୃଷି ଭିତ୍ତିକ କାର୍ଯ୍ୟସୂଚୀ"-</u>

"ମାଛ ଚାଷ, ଚିଙ୍ଗୁଡି ଚାଷ, ଉଦ୍ୟାନକରଣ, ଫୁଲ ଚାଷ, ଟସର ଚାଷ, ପଶୁପାଳନ, କୁକୁଡା/ବତକ ଚାଷ ଆଦିକୁ ଶକ୍ତି ଯୋଗାଣ ମିଶ୍ରିତ କୃଷି ଭିତ୍ତିକ କାର୍ଯ୍ୟସୂଚୀ ଅନ୍ତର୍ଭୁକ୍ତ ଅଟେ। ତେବେ, ବରଫ କାରଖାନା, ଶୀଳୀକରଣ ପ୍ଲାଣ୍ଟ, ଶୀଳତ ଭଣ୍ଡାର, , ଗୋରୁ , କୁକୁଡା, ବତକ , ମାଛ ଖାଦ୍ୟ ପ୍ରସ୍ତୁତକାରୀ ୟୁନିଟଗୁଡିକୁ ଏବଂ ଖାଦ୍ୟ/କୃଷି ଉତ୍ପାଦନ ପ୍ରକ୍ରିୟାକରଣ ୟୁନିଟଗୁଡିକୁ ଏଥିରୁ ବାଦ୍ ଦିଆଯାଇଛି।" ଅଭିଯୋଗକାରୀଙ୍କର ଅଭିଯୋଗ ପତ୍ରରେ ଭୁଲ ପ୍ରତ୍ୟୟର ଦୂରୀକରଣ ପାଇଁ ଉପରୋକ୍ତ ବର୍ଣ୍ଣନାମତେ ସ୍ୱଷ୍ଟୀକରଣ ଦିଆଗଲା।

ପୁନଶ୍ଚ, ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ୧୧.୯.୨୦୦୭ ର ବିଜ୍ଞପ୍ତି ଶୀତଳଭଣ୍ଡାରକୁ ମିଶ୍ରିତ କୃଷି ଭିତ୍ତିକ କାର୍ଯ୍ୟସୂଚୀ ଭାବରେ ସୂଚିତ କରିଛି ଏବଂ ୧୯.୧୦.୨୦୦୯ର ସଂଶୋଧିତ ନିୟମରେ ଏହାକୁ କାଏମ ରଖାଯାଇଛି। କେବଳ ଏହାର ଏକ ଉପଶ୍ରେଣୀକରଣ କରାଯାଇଛି, ଯାହାର ନାମ ଦିଆଯାଇଛି 'ମିଶ୍ରିତ କୃଷି ଭିତ୍ତିକ କାର୍ଯ୍ୟସୂଚୀ ସମୂହ'। ଯେଣୁ ଗୋଖାଦ୍ୟ ଓ କୁକୁଡା/ବତକ ଖାଦ୍ୟ ଉତ୍ପାଦନକାରୀ ୟୁନିଟଗୁଡିକ ୧୧.୯.୨୦୦୭ର ବିଜ୍ଞପ୍ତି ମୂଳେ 'ମିଶ୍ରିତ କୃଷି ଭିତ୍ତିକ କାର୍ଯ୍ୟସୂଚୀ'ର ଅନ୍ତର୍ଭୁକ୍ତ ନ ଥିଲେ, ତେଣୁ ସୁନିର୍ଦ୍ଦିଷ୍ଟ ଭାବେ ଏଗୁଡିକୁ ୧୯.୧୦.୨୦୦୯ର ସଂଶୋଧିତ ବିଜ୍ଞପ୍ତିରେ ବାଦ୍ ଦିଆଯାଇଛି।

୦. ୧୯.୧୦.୨୦୦୯ର ସେହି ସଂଶୋଧନରେ, ବିଭିନ୍ନ ଶ୍ରେଣୀର ତାରିଫରେ ଅନ୍ତର୍ଭୁକ୍ତ ହେବା ନେଇ ୟୁନିଟଗୁଡିକର ପ୍ରକାର ଭେଦ ସଂପର୍କରେ ସ୍ୱଷ୍ଟୀକରଣ ଦେଇ ଆୟୋଗ ସୁନିର୍ଦ୍ଦିଷ୍ଟ ଭାବେ ଉତ୍ପାଦନକାରୀ ୟୁନିଟଗୁଡିକୁ ବାଦ୍ ଦେଇଛନ୍ତି, ଯେଉଁ ଗୁଡିକୁ ମଧ୍ୟ 'କୃଷି ଭିତ୍ତିକ ଶିଳ୍ପ ଶ୍ରେଣୀ'ରେ ଅନ୍ତର୍ଭୁକ୍ତ କରାଯାଇନାହିଁ , ଯାହା ୧୧.୯.୨୦୦୭ର ବିଜ୍ଞପ୍ତି ମୂଳେ ଶକ୍ତି ବଂଟନ(ଯୋଗାଣ ସର୍ତ୍ତାବଳୀ) କୋଡ ୨୦୦୭ ର ୪ ର୍ଥ

ସଂଶୋଧନରେ ଯେପରି ଭାବେ ପ୍ରବର୍ତ୍ତନ କରାଯାଇଥିଲା। ସଦ୍ୟ ପରିବର୍ତ୍ତିତ / ସଂଶୋଧିତ ଆଇନରେ କୃଷି ଭିତ୍ତିକ ଶିଳ୍ପ ସଂସ୍ଥାଗତ ଉପଭୋକ୍ତାଙ୍କର ଦ୍ରୁତ ବିକାଶ ପାଇଁ ଆୟୋଗଙ୍କର ଅଭିପ୍ରାୟ ଅନୁଯାୟୀ 'ମିଶ୍ରିତ କୃଷି ଭିତ୍ତିକ ଶିଳ୍ପ ସଂସ୍ଥା'ର ସୁନିର୍ଦ୍ଦିଷ୍ଟ ସଜ୍ଞାକରଣ କରାଯାଇଛି। ଏହି ସଂଯୋଗରେ, ସେସୁ ତା'ର ନିଜ ମାମଲା (ଯାହା ସୁପ୍ରିମକୋର୍ଟରେ ଦାୟର ହୋଇଥିଲା) ସପକ୍ଷରେ ଏଆଇଆର ୧୯୭୫ ଏସିସି- ୯୧୫ ରେ ପ୍ରକାଶିତ ରିପୋର୍ଟରେ ମାନ୍ୟବର ସୁପ୍ରିମକୋର୍ଟଙ୍କର ରାୟର ପ୍ରାସଙ୍ଗିକତାକୁ ନିମ୍ନମତେ ଉଲ୍ଲେଖ କରିଛନ୍ତି।

(ଖ) ଆଇନର ପ୍ରତ୍ୟୟକରଣ - ବୈଧାନିକତା ପ୍ରତି ଅଭିପ୍ରେତ ଉଦ୍ଦେଶ୍ୟ ସମୂହ - ଜରୁରୀ କିମ୍ବା ନିର୍ଦ୍ଦେଶାତ୍ମକ - ବାଧ୍ୟତାମୂଳକ -ପ୍ରଭାବ

ଆଇନରେ ଏମିତି କିଛି ଉପପାଦ୍ୟ ନାହିଁ, ଯାହାର ଅନୁସିଦ୍ଧାନ୍ତ ସମସ୍ତଙ୍କୁ ସୁହାଇଲା  ଭଳି ହେଉଥିବ। ଆଇନ କୌଣସି ପ୍ରବଣତାର ମଧ୍ୟ ବଶବର୍ତ୍ତୀ ନୁହେଁ। ବୈଧାନିକତାର ଔଚିତ୍ୟ ପ୍ରତିପାଦନ ପାଇଁ ଯାହା କରାଯିବା କଥା, ନ୍ୟାୟାଳୟ ସେହି ସିଦ୍ଧାନ୍ତ ହିଁ ନେଇଥାଏ। ଆମେ ଯେତେବେଳେ ନ୍ୟାୟାଳୟକୁ ବୈଚାରିକ କ୍ଷମତା ଅର୍ପଣ କରିଛୁ, କୌଣସି ବି ମାମଲାରେ ତାଙ୍କର ନିଷ୍ପତ୍ତି ତ ମାନିବାକୁ ପଡିବ ଏବଂ ତାହା ଅମାନ୍ୟ କଲେ ସ୍ଥିତି ସାଂଘାତିକ ହିଁ ହୋଇଥାଏ।

୦.    ଏଆଇଆର ୧୯୭୫- ଏସସି -୯୧୫ ରେ ବିବରଣୀଯୁକ୍ତ ଆଦେଶନାମାରେ ଆପେକ୍ସ କୋର୍ଟଙ୍କ ଦ୍ୱାରା ସ୍ପଷ୍ଟୀକରଣ ମତେ, ପ୍ରତିପାଦ୍ୟ ଆଇନର ନିୟମାବଳୀର ବ୍ୟବସ୍ଥା ସମୂହ ହିଁ କୌଣସି ଅଭିଯୋଗ ଦାଖଲକାରୀଙ୍କର ସ୍ୱାର୍ଥ-ସମ୍ବଳିତ ଅଭିଯୋଗକୁ ସ୍ୱତଃ ପ୍ରତିହତ କରିଥାଏ। ସେହି ଅନୁସାରେ ଆୟୋଗ ଗ୍ରହଣ କଲେ ଯେ, ମେସର୍ସ ପଶୁପତି ଫିଡ୍ସଙ୍କର ଗୋ ଖାଦ୍ୟ ଓ କୁକୁଡା ଖାଦ୍ୟ ଉତ୍ପାଦନକାରୀ ୟୁନିଟ କୃଷି ଭିତ୍ତିକ ଶିଳ୍ପ ଅନ୍ତର୍ଭୁକ୍ତ ନୁହେଁ କିମ୍ବା ମିଶ୍ରିତ କୃଷି ଭିତ୍ତିକ ଶିଳ୍ପ କାର୍ଯ୍ୟସୂଚୀ ଅନ୍ତର୍ଭୁକ୍ତ ନୁହେଁ ଏବଂ ଏ ସଂପର୍କରେ ବିଧିବଦ୍ଧ ବିଜ୍ଞପ୍ତି ୧୧.୯.୨୦୦୭ ଓ ୧୯.୧୦.୨୦୦୯ରେ ପ୍ରକାଶିତ ହୋଇଛି। ସେଗୁଡିକ କେବଳ ଶିଳ୍ପ ଶ୍ରେଣୀର ଅନ୍ତର୍ଭୁକ୍ତ ଅଟନ୍ତି। ଅତଏବ ନ୍ୟାୟାଳାୟରେ ଅଭିଯୋଗ ଦାଖଲକାରୀ ୧.୪.୨୦୦୮ ଠାରୁ ଶିଳ୍ପ ଉପଭୋକ୍ତାଙ୍କ ସଦୃଶ ତାଙ୍କର ଦେୟ ଦେଇ ଦେବାକୁ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି।

ନିୟମାବଳୀର ସ୍ପଷ୍ଟୀକରଣ

୩୧୬. କେତେକ ବଂଟନକାରୀ କଂପାନୀ ଆୟୋଗଙ୍କ ସମକ୍ଷରେ ଉପସ୍ଥାପନ କରିଥିଲେ ଯେ, ଓଇଆରସି ବଂଟନ (ଯୋଗାଣ ସର୍ତ୍ତାବଳୀ) କୋଡ, ୨୦୦୪ ର ପରିଶିଷ୍ଟ-୧ ସହ ପଠିତ ନିୟମ-୧୩ 'ପାରିତୋଷିକ ମାପଦଣ୍ଡ ସମୂହ' ପାଇଁ ପଦ୍ଧତିକୁ ସୂଚାଏ। ଏହି ମାପଦଣ୍ଡ ଅନୁଯାୟୀ, ଅନ୍ୟାନ୍ୟ ଓଭରହେଡସ୍ ଅଧିନରେ ସମୁଦାୟ ଅଟକଳିତ ମୁଖ୍ୟ ବ୍ୟୟର ୬ ପ୍ରତିଶତ ପାଇବାକୁ ଅନୁମତିଧାରୀମାନେ ହକ୍‌ଦାର ଅଟନ୍ତି। ସୁରକ୍ଷିତ ଓ ନିରାପଦ ମାନଦଣ୍ଡର ସହ ମୁଖ୍ୟ କାର୍ଯ୍ୟସମୂହର ନିଶ୍ଚିତକରଣ ଓ ଯାଞ୍ଚ ଉଦ୍ଦେଶ୍ୟରେ 'ପରିଦର୍ଶନ ଦେୟ ଦର' ବାବଦକୁ ଏହି  ୬ ପ୍ରତିଶତର ଅର୍ଥ ପରିମାଣ ହିଁ ଉଦ୍ଦିଷ୍ଟ। ବିଦ୍ୟୁତ ବିଭାଗୀୟ ପରିଦର୍ଶକମାନଙ୍କ ଦ୍ୱାରା ପରିଦର୍ଶନ କାର୍ଯ୍ୟକୁ ଅନୁମତିଧାରୀମାନେ ନିଶ୍ଚିତ କରାଇବା ଉଚିତ। ଯେତେବେଳେ ନିୟମାବଳୀର ବ୍ୟବସ୍ଥାସମୂହ ଏହିଭଳି ଭାବେ ପ୍ରତିପାଦ୍ୟ ଅଟେ, ସେହି ପରିପ୍ରେକ୍ଷୀରେ ଉପଭୋକ୍ତାମାନେ ଯଦି ସ୍କିମକୁ ପାରିତୋଷିକ କରିବାକୁ ଚାହୁଁଥାନ୍ତି, ତେବେ ସେମାନଙ୍କୁ ବିଦ୍ୟୁତ ବିଭାଗୀୟ ପରିଦର୍ଶକମାନଙ୍କ ପାଖରେ ଆଇନଗତ-ବିଦ୍ୟୁତ ବିଭାଗୀୟ ପରିଦର୍ଶନ ଦେୟ ମଧ୍ୟ ଜମା କରିବାକୁ ପଡିବ। ଏହି ସଂଯୋଗରେ , ବଂଟନକାରୀ କଂପାନୀମାନଙ୍କୁ ଦେବାକୁ ଥିବା ତା ୨୨.୭.୨୦୦୮ ରିଖରେ ଚିଠି ନଂ - ଆର (ବିଜେ) ୪୨/୦୮-୮୨୬୪/ ଇଡିରେ ଶକ୍ତି ବିଭାଗ ସ୍ପଷ୍ଟ କରିଛନ୍ତି ଯେ, ବଂଟନକାରୀମାନଙ୍କ ପାଖରେ ଜମା ଥିବା ୬ ପ୍ରତିଶତର ଅଟକଳିତ ପରିମାଣରୁ ସେମାନେ ବିଦ୍ୟୁତ ବିଭାଗୀୟ

ପରିଦର୍ଶକମାନଙ୍କ ପାଖରେ ବିଦ୍ୟୁତ ବିଭାଗୀୟ ପରିଦର୍ଶନ ଦେୟ-ଦର ଜମା କରିବାକୁ ପଡିବ। କିନ୍ତୁ ଅନୁମତିଧାରୀମାନେ ଉପଭୋକ୍ତାମାନଙ୍କର ଉପରୋକ୍ତ ଦାବିକୁ ବିରୋଧ କରିଛନ୍ତି ଏବଂ ଆଇନଗତ ବିଦ୍ୟୁତ୍ ବିଭାଗୀୟ ପରିଦର୍ଶନ ପାଇଁ ସ୍ୱତନ୍ତ୍ର ଦେୟ ସରକାରଙ୍କ ପାଖରେ ଜମା କରିବାକୁ ସେମାନଙ୍କୁ କହିଛନ୍ତି। ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି ଯେ, ମୁଖ୍ୟ ବିଦ୍ୟୁତ ବିଭାଗୀୟ ପରିଦର୍ଶକ, ବଂଟନ ଅନୁମତିଧାରୀ,ସରକାରଙ୍କ ଶକ୍ତି ବିଭାଗ ଓ ସେକ୍ଟରର ଅନ୍ୟାନ୍ୟ ଅଂଶୀଦାରମାନଙ୍କଠାରୁ ମତାମତ / ପରାମର୍ଶ ଆମନ୍ତ୍ରଣ ପରେ ଆବଶ୍ୟକୀୟ ସ୍ପଷ୍ଟୀକରଣ ସହ ପ୍ରୋକ୍ତ ନିୟମରେ ଆବଶ୍ୟକୀୟ ସଂଶୋଧନ ଅଣାଯାଉ।

<u>ଗ୍ରାମାଞ୍ଚଳ ବନାମ ସହରାଞ୍ଚଳ ଟାରିଫ</u>

୩୧୭. ଶୁଣାଣି ସମୟରେ ଅନେକ ପ୍ରତିକ୍ରିୟାଶୀଳ ଉପଭୋକ୍ତା ଦର୍ଶାଇଥିଲେ ଯେ, ଘରୋଇ ଶ୍ରେଣୀର ଉପଭୋକ୍ତା ସହରାଞ୍ଚଳ ଓ ଗ୍ରାମାଞ୍ଚଳ ନିର୍ବିଶେଷରେ ସମାନ ଦର-ହାରର ଟାରିଫ ଦେଉଥିଲା ବେଳେ ଗ୍ରାମାଞ୍ଚଳର ଉପଭୋକ୍ତା ନିର୍ଦ୍ଧାରିତ ମାନର ସେବାରୁ କାହିଁକି ବଂଚିତ ହେବେ ? ସେମାନେ ଯୁକ୍ତି କରିଥିଲେ ଯେ, ଓଇଆରସି (ଅନୁମତିଧାରୀଙ୍କର ନିର୍ବାହନର ମାନଦଣ୍ଡ) ନିୟମାବଳୀ, ୨୦୦୪ ସହରାଞ୍ଚଳ ଓ ଗ୍ରାମାଞ୍ଚଳ ପାଇଁ ଦୁଇଟି ପୃଥକ ନିର୍ବାହନ ମାନଦଣ୍ଡ ନିର୍ଦ୍ଧାରଣ କରିଛନ୍ତି। ତେଣୁ ସହରାଞ୍ଚଳ ଓ ଗ୍ରାମାଞ୍ଚଳର ସମାନ ଶ୍ରେଣୀର ଉପଭୋକ୍ତାଙ୍କ ପାଇଁ ଟାରିଫ ମଧ୍ୟ ପୃଥକ ହେବା ଉଚିତ। ଜଣେ ଉପଭୋକ୍ତା ପୋଡି ଯାଇଥିବା କିମ୍ବା ନଷ୍ଟ ହୋଇଯାଇଥିବା ଏକ ଟ୍ରାନ୍ସଫରମରର ବଦଳ କରାଯିବା ସଂପର୍କିତ ଏକ ଉଦାହରଣ ଦେଇଥିଲେ। ଟ୍ରାନ୍ସଫରମର ବଦଳ କରାଯିବାର ନିର୍ଦ୍ଧାରିତ ସମୟସୀମା ଗ୍ରାମାଞ୍ଚଳ ପାଇଁ ୪୮ ଘଣ୍ଟା ରଖାଯାଇଥିବା ବେଳେ ସହରାଞ୍ଚଳ ପାଇଁ ୨୪ ଘଣ୍ଟା ରଖାଯାଇଛି। ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ବିଭାଗୀୟ ବିରତି / ଶକ୍ତି ଯୋଗାଣର ବ୍ୟାହତି ପାଇଁ ନିମ୍ନ ଉଲ୍ଲେଖମତେ ଭିନ୍ନ ଭିନ୍ନ ସମୟ ସୀମା ନିର୍ଦ୍ଧାରଣ କରାଯାଇଛି।

(କ) ସାଧାରଣ ଭାବେ ଫ୍ୟୁଜ କଟିଲେ - ଫ୍ୟୁଜର ବଦଳ
ସହରାଞ୍ଚଳ ଓ ନଗରାଞ୍ଚଳ ପାଇଁ - ୬ ଘଣ୍ଟା ମଧ୍ୟରେ
ଗ୍ରାମାଞ୍ଚଳ ପାଇଁ - ୨୪ ଘଣ୍ଟା ମଧ୍ୟରେ

(ଖ) ଲାଇନ କଟିଲେ -
ସହରାଞ୍ଚଳ ଓ ନଗରାଞ୍ଚଳ ପାଇଁ - ୧୨ ଘଣ୍ଟା ମଧ୍ୟରେ
ଗ୍ରାମାଞ୍ଚଳ ପାଇଁ - ୨୪ ଘଣ୍ଟା ମଧ୍ୟରେ

(ଗ) ଲାଇନର ବିଶେଷ ବିଚ୍ୟୁତି ଘଟିଥିଲେ -
ସହରାଞ୍ଚଳ ଓ ନଗରାଞ୍ଚଳ ପାଇଁ - ୨୪ ଘଣ୍ଟା ମଧ୍ୟରେ
ଗ୍ରାମାଞ୍ଚଳ ପାଇଁ - ୪୮ ଘଣ୍ଟା ମଧ୍ୟରେ

(ଘ) ବଂଟନ ଟ୍ରାନ୍ସଫରମରରେ ତ୍ରୁଟି ହୋଇଥିଲେ -
ସହରାଞ୍ଚଳ ଓ ନଗରାଞ୍ଚଳ ପାଇଁ - ୨୪ ଘଣ୍ଟା ମଧ୍ୟରେ
ଗ୍ରାମାଞ୍ଚଳ ପାଇଁ - ୪୮ ଘଣ୍ଟା ମଧ୍ୟରେ

୩୧୮. ଗ୍ରାମାଞ୍ଚଳର ଶକ୍ତି ଯୋଗାଣ କ୍ଷେତ୍ରରେ ଶକ୍ତି ବ୍ୟାହତି / ଶକ୍ତି ବିରତି ଅବସ୍ଥାରୁ ପୁନଃ ଶକ୍ତି ଯୋଗାଣର ଭିନ୍ନ ଭିନ୍ନ ନିର୍ଦ୍ଧାରିତ ସମୟ ସୀମା ତ ରହିଛି, କିନ୍ତୁ ଆଉ ଗୋଟିଏ ସାଙ୍ଘାତିକ ସମସ୍ୟା ହେଉଛି ଲୋ' ଭୋଲଟେଜରେ

ଶକ୍ତି ଯୋଗାଣ। ସୁତରାଂ ଗ୍ରାମାଞ୍ଚଳ ଉପଭୋକ୍ତାଙ୍କ ତୁଳନାରେ ସହରାଞ୍ଚଳର ଉପଭୋକ୍ତା ଭୋଲ୍‌ଟେଜ ଓ ଶକ୍ତି ବିରତି /ବ୍ୟାହତିର ତାରତମ୍ୟ ଜନିତ ଅଧିକ ସୁବିଧା ସୁଯୋଗ ପାଉଥିବାରୁ ସେମାନେ ଅଧିକ ଦରର ତାରିଫ ଦେବା ଉଚିତ ବୋଲି ଅଧିକାଂଶ ଅଭିଯୋଗକାରୀ ମତ ପ୍ରଦାନ କରିଥିଲେ। ଆୟୋଗ , ଏହି ପ୍ରସଂଗ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ଅପର ପକ୍ଷରେ , ଯଦିଓ ସବୁ ସହରାଞ୍ଚଳ ଓ ନଗରାଞ୍ଚଳ ପାଇଁ ନିର୍ଦ୍ଧାରିତ ଶକ୍ତି ସେବା ସମାନ ମାନର ଅଟେ, କିନ୍ତୁ ସେବାର ଗୁଣବତ୍ତାରେ ଅନେକତ୍ର ଅମେଳ ପରିଦୃଷ୍ଟ ହୁଏ। ଭୁବନେଶ୍ୱର, କଟକ, ରାଉରକେଲା (ଇସ୍ପାତ ନଗରୀକୁ ମିଶାଇ) ସମ୍ବଲପୁର, ବ୍ରହ୍ମପୁର ଓ ବାଲେଶ୍ୱରର ଉପଭୋକ୍ତାମାନେ ରାଜ୍ୟର ଅନ୍ୟ ସହରର ଉପଭୋକ୍ତାଙ୍କଠାରୁ ଅଧିକ ଗୁଣବତ୍ତା ଭିତ୍ତିକ ସେବା ପାଇଥା'ନ୍ତି। ଏହି ପରିପ୍ରେକ୍ଷୀରେ ଆୟୋଗ ଅନୁଭବ କରନ୍ତି ଯେ ଉପରୋକ୍ତ ସହର/ନଗର ମାନଙ୍କର ଉପଭୋକ୍ତା ନିର୍ଭରଯୋଗ୍ୟ ସରଚାର୍ଜ ବା ଅନ୍ୟ କୌଣସି ପ୍ରକାରରେ ଉଚ୍ଚା ଦରର ତାରିଫ ଦିଅନ୍ତୁ। କିନ୍ତୁ ଏଥିପାଇଁ ସେକ୍ଟରର ବିଭିନ୍ନ ଅଂଶୀଦାରମାନଙ୍କ ସହ ପୁନଃ ଆଲୋଚନା ଆବଶ୍ୟକ। ସଂପ୍ରତି, ଆୟୋଗ ସହରାଞ୍ଚଳ ଓ ନଗରାଞ୍ଚଳ ପାଇଁ ପୃଥକ ତାରିଫ ଏକା ଶ୍ରେଣୀର ଉପଭୋକ୍ତାଙ୍କ ପାଇଁ ନିର୍ଦ୍ଧାରଣ କରିନାହାନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଅତୀତର ଗତାନୁଗତିକତା ଓ ବର୍ତ୍ତମାନର ସ୍ଥିତାବସ୍ଥାକୁ ନେଇ ଆୟୋଗ ସାରା ରାଜ୍ୟରେ ସମାନ ଶ୍ରେଣୀର ଉପଭୋକ୍ତାଙ୍କ ପାଇଁ ସମାନ ଦରର ତାରିଫ ନିର୍ଦ୍ଧାରଣ କରିଛନ୍ତି। ଯେଣୁ ତାରିଫ ସମାନ , ତେଣୁ ଉପଭୋକ୍ତାମାନେ ସମାନ ଗୁଣବତ୍ତାର ସେବା କାହିଁକି ନ ପାଇବେ ? କେବଳ ଅନୁମତିଧାରୀମାନଙ୍କର ନିର୍ବାହନ ଉପରେ ଶକ୍ତି ସେବାର ଗୁଣବତ୍ତା ନିର୍ଭର କରେ ନାହିଁ। ଏଥିପାଇଁ ଆଉ କେତେକ କାରଣ ମଧ୍ୟ ଦାୟୀ। ସେଗୁଡିକ ହେଲା (କ) ସେବା ଅଂଚଳକୁ ଗମନାଗମନର ସୁବିଧା (ଖ) ଉପଭୋକ୍ତାଙ୍କର ସଂଖ୍ୟା (ସସସ) ଟ୍ରାନ୍‌ସମିଶନ ଗ୍ରୀଡର ଅବସ୍ଥିତି ଇତ୍ୟାଦି , ଯାହା ଉପରେ ଅନୁମତି କୌଣସି ନିୟନ୍ତ୍ରଣ ନାହିଁ। ତେଣୁ , ରାଜ୍ୟର ୪ଟି ଯାକ ବଂଟନକାରୀ କଂପାନୀଙ୍କର ପୃଥକ ନିର୍ବାହନ ପ୍ରକ୍ରିୟା ରହିଛି। ସହରାଞ୍ଚଳର ସୁଗମ୍ୟ ସ୍ଥାନଗୁଡିକ ତୁଳନାରେ ଗ୍ରାମାଞ୍ଚଳର ଦୂରବର୍ତ୍ତୀ ଓ ଅଗମ୍ୟ ସ୍ଥାନଗୁଡିକୁ ଶକ୍ତି ଯୋଗାଣ କରିବାରେ ଅନୁମତିଧାରୀଙ୍କୁ ବେଶୀ ଅର୍ଥ ବ୍ୟୟ କରିବାକୁ ପଡିଥାଏ। ତା ' ସତ୍ତ୍ୱେ ଆୟୋଗ ନିର୍ବାହନ ମାନଦଣ୍ଡ ନିର୍ଦ୍ଧାରଣ କରିବାରେ ସେତେଟା ପାର୍ଥକ୍ୟ ରଖିନାହାନ୍ତି। ଶକ୍ତି ବ୍ୟାହତି ଓ ବିରତି ପରେ ପୁନଃ ଶକ୍ତି ସରବରାହ ସଂଯୋଗ କରିବାରେ କେବଳ ସହରାଞ୍ଚଳ ଓ ଗ୍ରାମାଞ୍ଚଳ ମଧ୍ୟରେ ସମୟ-ବ୍ୟବଧାନରେ ପାର୍ଥକ୍ୟ ରଖିଛନ୍ତି; ତେବେ କମ୍ ଭୋଲ୍‌ଟେଜ ବା ନିର୍ଦ୍ଧାରିତ ନିର୍ଘଣ୍ଟ ପାଇଁ ଶକ୍ତିକାଟରେ ପାର୍ଥକ୍ୟର ପରିମାଣ ଖୁବ କମ ରଖିଛନ୍ତି। ଅତଏବ, ବିଚ୍ଛିନ୍ନ ଶକ୍ତିର ପୁନଃ ସରବରାହ, ପୋଡି ଯାଇଥିବା,/ଅକାମୀ ହୋଇଯାଇଥିବା ଟ୍ରାନ୍ସଫରମର ଆଦିର ବଦଳ ଆଦି କାର୍ଯ୍ୟ ସହରାଞ୍ଚଳ ତୁଳନାରେ ଗ୍ରାମାଞ୍ଚଳ ଉପଭୋକ୍ତାଙ୍କୁ ଅପେକ୍ଷାକୃତ ବିଳମ୍ବରେ କରାଯାଉଥିବା ଅଭିଯୋଗରେ ଗ୍ରାମାଞ୍ଚଳ ଉପଭୋକ୍ତାଙ୍କୁ କମ ଦରର ତାରିଫର ବ୍ୟବସ୍ଥା କରିବା ଅୟୋଗ ଉଚିତ ମଣିନାହାନ୍ତି। ପୁନଶ୍ଚ, ଆୟୋଗ ଗୁରୁତ୍ୱ ଆରୋପ କରିବାକୁ ଚାହିଛନ୍ତି ଯେ, ରାଜ୍ୟରେ ବିସ୍ତାରିତ ଶିଳ୍ପାୟନ ଯୋଗୁ ବିଗତ ସମୟ ତୁଳନାରେ ସହରୀକରଣ ବୃଦ୍ଧି ପାଇଛି। ଅତଏବ, ଆଜି ଯାହାକୁ ଗ୍ରାମାଞ୍ଚଳ ବୋଲି କୁହାଯାଇଛି, କାଲି ତାହା ସହରାଞ୍ଚଳର ଆଖ୍ୟା ପାଇବାକୁ ଏବଂ ନିର୍ବାହନ ମାନଦଣ୍ଡ ସହରାଞ୍ଚଳ ଉପଭୋକ୍ତାଙ୍କ ସହ ସମାନ ହେବାକୁ କେତେ ଡେରି ?

<u>ରେଳବାଇ ଟ୍ରାକ୍ସନ ତାରିଫ</u>

୩୧୯. ଓଡ଼ିଶାରେ ରେଳବାଇ ଟ୍ରାକ୍ସନ ତାରିଫ ପଡୋଶୀ ରାଜ୍ୟ ଝାଡଖଣ୍ଡ ଠାରୁ ଅଧିକ ବୋଲି ରେଳବାଇ ବିଭାଗ ଅଭିଯୋଗ କରିଛି। ବିଭିନ୍ନ ରାଜ୍ୟରେ ସମାନ ଶ୍ରେଣୀର ଉପଭୋକ୍ତାଙ୍କ କ୍ଷେତ୍ରରେ ତୁଳନା 'ସମୁଦାୟ' ଉପରେ ଆଧାରିତ କରିବାକୁ ପଡିବ; କିନ୍ତୁ ବ୍ୟକ୍ତିଗତ ବିଭାବ ଉପରେ ନୁହେଁ। ତେଣୁ, ରେଳବାଇ ବିଭାଗର ଏଥିରେ କିଛି ଅସନ୍ତୋଷ ବ୍ୟକ୍ତ କରିବାର ନାହିଁ। ଯୋଗାଣର ଭୋଲଟେଜ ଉପରେ ନିର୍ଭର କରି ଏଚଟି ଏବଂ ଇଏଚଟି ତାରିଫ

ଷ୍ଟ୍ରକ୍ଚର ଅନୁସାରେ ଓଡ଼ିଶାର ରେଳବାଇ ଟ୍ରାକ୍ସନ ଟାରିଫ ସ୍ଥିର କରାଯାଇଛି ବୋଲି ଆୟୋଗ ପୁନର୍ବାର ସ୍ପଷ୍ଟ କରିଦେଇଛନ୍ତି । ଅନ୍ୟ ଭାଷାରେ କୁହାଗଲେ, ଓଡ଼ିଶାର ରେଳବାଇ ଟ୍ରାକ୍ସନ ଟାରିଫ ସଂପୂର୍ଣ୍ଣ ଭାବେ ସନ୍ତୁଳିତ ଟାରିଫ ଅଟେ ।

୩୨୦. ଦୀର୍ଘ ବର୍ଷ ଧରି ପାଖାପାଖି ସବଷ୍ଟେସନଗୁଡିକରେ ରେକର୍ଡ ଭୁକ୍ତ 'ଏକକ ସର୍ବଧିକ ଚାହିଦା' ପରିବର୍ତ୍ତେ 'ଏକ ସମୟର ସର୍ବଧିକ ଚାହିଦା' ସମତାଳିକ ଚାହିଦା(ଏସ୍ଏମ୍ଡି) କୁ ଗ୍ରହଣ କରିବା ପାଇଁ ଦକ୍ଷିଣ ପୂର୍ବ ରେଳବାଇ ଦାବୀ କରିଆସୁଛି । ଅୟୋଗ ଦୋହରାଇଛନ୍ତି ଯେ, ଓପିଟିସିଏଲର ଇଏଚଟି ନେଟୱାର୍କରୁ ବିଭିନ୍ନ ଅନୁମତିଧାରୀଙ୍କ ଦ୍ୱାରା ରେଳବାଇ ଟ୍ରାକ୍ସନ ଯୋଗାଣ ଦିଆଯାଇଛି ଏବଂ ଯୋଗାଣ ଅନୁମତିଧାରୀ ଓ ଉପଭୋକ୍ତାଙ୍କ ମଧ୍ୟରେ ହୋଇଥିବା ଯୋଗାଣର ଚୁକ୍ତି ଅନୁଯାୟୀ ବିଲିଂ କାର୍ଯ୍ୟ କରାଯାଇଛି । ଯେଣୁ ପାଖାପାଖି ସବଷ୍ଟେସନ ଗୁଡିକରେ ରେକର୍ଡଭୁକ୍ତ ଏସ୍ଏମଡି ଅଧାରରେ ବିଲିଂ ପାଇଁ ଏସ୍ଏମଡିକୁ ଗ୍ରହଣ କରିବା ସମ୍ଭବ ନୁହେଁ । ଯେଉଁ କ୍ଷେତ୍ରରେ ପାଖାପାଖି ଦୁଇଟି ସବଷ୍ଟେସନ ପାଖାପାଖି ଦୁଇ ଅନୁମତିଧାରୀଙ୍କର ସୀମା ମଧ୍ୟରେ ପଡୁଥିବ, ସେ କ୍ଷେତ୍ରରେ ପାଖାପାଖି ସବଷ୍ଟେସନରେ ରେକର୍ଡଭୁକ୍ତ ଏସଏମଡିକୁ ଅଧାର କରି ବିଲିଂକୁ ଗ୍ରହଣ କରିବା ସମ୍ଭବ ନୁହେଁ, ଯେଣୁ ଜଣକରୁ ଅଧିକ ବଂଟନ ଅନୁମତିଧାରୀଙ୍କ ଦ୍ୱାରା ବିଲିଂ କରିବାକୁ ପଡିଥାଏ ।

୩୨୧. ୨୦୦୮-୦୯ର ପାଇକାରୀ ଯୋଗାଣ ଟାରିଫ ର ଆଦେଶନାମାରେ ଆୟୋଗ ନିର୍ଦ୍ଦେଶ ଦେଇଥିଲେ ଯେ ଯୋଗାଣ ବିସ୍ତାରଣ ସମୟରେ ସର୍ବାଧିକ ଚାହିଦାର ବୃଦ୍ଧି ଯୋଗୁ ଓପିଟିସିଏଲର ଅସାମର୍ଥ୍ୟ ଯୋଗୁ ରେଳବାଇ ଦଣ୍ଡିତ ହେବା ଉଚିତ ନୁହେଁ । ପରବର୍ତ୍ତୀ ଆଦେଶନାମା ପର୍ଯ୍ୟନ୍ତ ଏହି ବ୍ୟବସ୍ଥା ବଳବତ୍ତର ରହିବ । ରେଳବାଇ , ଓପିଟିସିଏଲ ଓ ବଂଟନକାରୀ କଂପାନୀଙ୍କ ମଧ୍ୟରେ ପାରସ୍ପରିକ ବୁଝାମଣା ଭିତ୍ତିକ ଆଲୋଚନା ପରେ ଯୋଗାଣ ବିସ୍ତାରଣ ଯୋଗୁ ଅଧିକ ପରିମାଣର ଶକ୍ତି ଉଠାଣର ନିର୍ଦ୍ଧାରଣର କୌଶଳକୁ କାର୍ଯ୍ୟକାରୀ କରାଯିବା ଉଚିତ । ପ୍ରସଂଗ ସହ ସଂପର୍କିତ ହେବାକୁ ଅନ୍ୟତମ ପସନ୍ଦର କଣ୍ଟ୍ରାକ୍ଟ ଡିମାଣ୍ଡ ଭାବରେ ଏକକ ବଂଟନକାରୀଙ୍କ ଠାରୁ ସମୁଦାୟ ସର୍ବାଧିକ ଚାହିଦା ପାଇଁ ଅନ୍ୟମାନଙ୍କ ମଧ୍ୟରେ ରେଳବାଇ ଓ ବଂଟନକାରୀ କଂପାନୀମାନେ ଗୋଟିଏ ଚୁକ୍ତିନାମା କରିବାକୁ ରାଜି ହେବା ବାଂଛନୀୟ । ଆୟୋଗଙ୍କର ଗୋଚର ପାଇଁ ଯୋଗାଣ ବିସ୍ତାରଣ ଯୋଗୁ ଅଧିକ ଉଠାଣର ଢାଞ୍ଚା  ସଂପର୍କରେ ଉପନୀତ ନିଷ୍ପତ୍ତି ସଂପର୍କରେ ରେଳବାଇ ଆୟୋଗଙ୍କ ପାଖରେ ଆବେଦନ କରିବା ବିହିତ ଅଟେ ।

୩୨୨. ଭିନ୍ନ ଭିନ୍ନ ଭୋଲଟେଜ ସ୍ତରରେ ଟାରିଫର ସନ୍ତୁଳନକରଣ ଯୋଗୁ ସମାନ ଦର-ହାରରେ ୯ଟି ଶ୍ରେଣୀର ଏଚଟି ଓ ଇଏଚଟି ଉପଭୋକ୍ତାଙ୍କ ପାଇଁ ଆୟୋଗ ପାୱାର ଫାକ୍ଟର ଜୋରିମାନା ପାରିତୋଷିକତାର ଅନୁମତି ଦେଇଛନ୍ତି । ରେଳବାଇ ସେଗୁଡିକ ମଧ୍ୟରୁ ଅନ୍ୟତମ ଅଟେ । ଅତଏବ, କେବଳ ରେଳବାଇ ପାଇଁ ପାୱାର ଫାକ୍ଟର ପାରିତୋଷିକତାର ଏକ ପୃଥକ ସସୀମତାର ପ୍ରୟୋଗ ପାଇଁ ରେଳବାଇର ଅନୁରୋଧକୁ ଆୟୋଗ ଆଗ୍ରାହ୍ୟ କରିଦେଇଛନ୍ତି । ବାସ୍ତବରେ ଆୟୋଗ ଦେଇଛନ୍ତି ଯେ, 'ପାୱାର ଫାକ୍ଟର ପାରିତୋଷିକତା' ପାଇବା ପାଇଁ ଏବଂ 'ଚାହିଦା ପାର୍ଶ୍ୱସ୍ଥ'  ପରିଚାଳନା ରେ ପଦ୍ଧତିକୁ ସହାୟତା ଦେବା ପାଇଁ ନିଜକୁ ସହାୟତା ଦେବା ସକାଶେ ଉଚ୍ଚତର ପାୱାର ଫାକ୍ଟରରେ ଶକ୍ତି ଉଠାଣ ପାଇଁ ତା'ର ଉଠାଣ ପଏଣ୍ଟରେ କାପାସିଟରର ସଂସ୍ଥାପନା କରିବା ଉଚିତ । ଏହା ରେଳବାଇ ପାଇଁ ନିହାତି ପ୍ରୟୋଜନୀୟ,ଯେଣୁ ରେଳବାଇ ଏକ ଅପରିହାର୍ଯ୍ୟ ବୃତ୍ତିଧାରୀ ସଂସ୍ଥାନ ଅଟେ ।

୩୨୩. ଆୟୋଗଙ୍କ ଦ୍ୱାରା ଓଇଆରସି (ଅନୁମତିଧାରୀଙ୍କ ନିର୍ବାହନର ମାନଦଣ୍ଡ) ନିୟମାବଳୀ ୨୦୦୪ ର ନିର୍ଦ୍ଧାରଣମତେ କମ ଭୋଲଟେଜ ଯୋଗୁ ଅନ୍ୟ ଶ୍ରେଣୀର ଉପଭୋକ୍ତାଙ୍କ ଭଳି ରେଳବାଇ ମଧ୍ୟ କ୍ଷତିପୂରଣ ପାଇବାକୁ ହକଦାର ଅଟେ । ଯୋଗାଣ ବିନିଯୋଗକାରୀ କର୍ତ୍ତୃପକ୍ଷଙ୍କଠାରୁ ରେଳବାଇ ଏହି ଦାବୀ କରିବାକୁ ପଡିବ ।

୩୨୪. ଜୋରିମାନାର ଲେଭି ବିନା ଅଫ ପିକ୍ ଆୱାର (ମଧ୍ୟରାତ୍ରି ୧୨ ଟାରୁ ପରଦିନ ସକାଳ ୬ ଟା ପର୍ଯ୍ୟନ୍ତ)ର ସେମାନଙ୍କର ଚୁକ୍ତିଭିତ୍ତିକ ଚାହିଦାର ୧୨୦% ପର୍ଯ୍ୟନ୍ତ ଶକ୍ତି ଉଠାଣ ପାଇଁ ଆୟୋଗ ଉପଭୋକ୍ତାଙ୍କୁ 'ଦୁଇ ଅଂଶ ତାରିଫ' ବା ଟୁ-ପାର୍ଟ ତାରିଫକୁ ଅନୁମତି ଦେଇଛନ୍ତି। ଯେଣୁ ,ରେଳବାଇ ମଧ୍ୟ ଟୁ ପାର୍ଟ ତାରିଫ ଥିବା ଉପଭୋକ୍ତା ଅଟନ୍ତି, ତେଣୁ ସେମାନେ ସେହି ସୁବିଧା ପାଇବାରେ ମଧ୍ୟ କୌଣସି ପ୍ରତିବଂଧକ ରହିବା ଉଚିତ ନୁହେଁ। ଅଫ ପିକ ଆୱାରରେ ଶକ୍ତି ଲୋଡର ମୋଡ଼କୁ ବିସ୍ତାରିତ କରିବାକୁ ଏବଂ ଅଧିକ ଉତ୍ପାଦିତ ଶକ୍ତିର(ଯେଦି କିଛି ଥାଏ) ବିନିଯୋଗ ପାଇଁ ସାହାଯ୍ୟ କରୁଥିବାରୁ ଉନ୍ନତତର ଫ୍ରିକ୍ୟୁଏନ୍‌ସି ପ୍ରୋଫାଇଲର ପରିଚାଳନା ପାଇଁ ପଦ୍ଧତିକୁ ସହାୟତା ଦେବା ନିମନ୍ତେ ଅଫ ପିକ ଆୱାରର ଉଠାଣକୁ ଆୟୋଗ ପ୍ରୋତ୍ସାହନ ଦେଇଛନ୍ତି।

୩୨୫. ୨ ଟି କ୍ୟାଟେଗୋରୀ (ରାସ୍ତା ପାର୍ଶ୍ୱ ଲାଇଟ ଓ କ୍ୟାପ୍‌ଟିଭ ଜେନେରେଟିଂ ପ୍ଲାଣ୍ଟ)କୁ ବାଦ୍ ଦେବା, ଅଫ୍ ପିକ୍ ନିର୍ଘଣ୍ଟରେ ଶକ୍ତି ଉଠାଣ କରୁଥିବା ଓ ଡାଉନ ଲୋଡିଂ ପାଇଁ ବ୍ୟବସ୍ଥା ଥାଇ ଷ୍ଟାଟିକ ମିଟର ଥିବା ସବୁ ୩ ଫେଜ ଧାରୀ ଉପଭୋକ୍ତାଙ୍କୁ ଆୟୋଗ ୟୁନିଟ ପିଛା ୧୦ ପଇସା ଦର-ହାରର ରିହାତିର ଅନୁମତି ଦେଇଛନ୍ତି। ଆୟୋଗଙ୍କର ଉପରୋକ୍ତ ଆଦେଶନାମା ରେଳବାଇ ସହିତ ସବୁ ଏକ-ଫେଜ ଓ ଦୁଇ-ଫେଜ୍‌ଧାରୀ ଉପଭୋକ୍ତାଙ୍କ ପାଇଁ ପ୍ରଯୋଜ୍ୟ ନୁହେଁ ବୋଲି ସ୍ପଷ୍ଟ କରିଦିଆଯାଇଛି। ସାଧାରଣତଃ ରେଳବାଇ ଦୁଇ ଫେଜରେ ଶକ୍ତି ଉଠାଣ କରିଥାଏ। ୨୦୦୮ର କେଶ ନଂ ୩୨ ରେ ଆୟୋଗ ମଧ୍ୟ ଏହି ପ୍ରସଂଗକୁ ସ୍ପଷ୍ଟ କରିଦେଇଛନ୍ତି । ଅଧିକାଂଶ ଏକ ଫେଜ ଓ ଦୁଇ ଫେଜ ଲୋଡ ଧାରୀଙ୍କୁ ବାଦ ଦେବା ପାଇଁ , ଯେଉଁମାନେ କି ଫେଜ-ଅସନ୍ତୁଳନକରଣ ଓ ଶୃଙ୍ଖଳିତ ଶକ୍ତି ଉତ୍ପାଦନରେ ବିଘ୍ନ ସୃଷ୍ଟି କରିଥାନ୍ତି, ଏଭଳି ବ୍ୟବସ୍ଥା କରାଯାଇଛି।

<u>ଅନୁମତିଧାରୀଙ୍କ ଦ୍ୱାରା ସିକ୍ୟୁରିଟି ଜମା ଲାଗୁ କରିବା ସଂପର୍କରେ</u>

୩୨୬. କେତେକ ଅଭିଯୋଗକାରୀ ଦାବୀ କରିଥିଲେ ଯେ ବ୍ୟାଙ୍କ ଗ୍ୟାରେଣ୍ଟି ଆକାରରେ ସିକ୍ୟୁରିଟି ଡିପୋଜିଟକୁ ଗ୍ରହଣ କରାଯାଇପାରେ ଏବଂ ସିକ୍ୟୁରିଟି ଜମା ଉପରେ ସୁଧ ପରିମାଣକୁ ବଢାଇ ଦିଆଯିବା ଉଚିତ। ଓଇଆରସି ବଂଟନ (ଯୋଗାଣ ସର୍ତ୍ତାବଳୀ) କୋଡ ୨୦୦୪ର ଅନ୍ୟାନ୍ୟ ମିଶ୍ରିତ ବ୍ୟବସ୍ଥା ସମୂହ ଓ ବିଦ୍ୟୁତ ଆଇନର ନିୟମ ୧୯,୨୦,୨୧ରେ ସିକ୍ୟୁରିଟି ଡିପୋଜିଟ ପ୍ରସଙ୍ଗ ନିହିତ ଅଛି। ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି ଯେ, ପ୍ରୋକ୍ତ କୋଡର ସବୁ ବ୍ୟବସ୍ଥା ଯେପରି କଡାକଡି ଭାବେ ପାଳନ କରାଯାଏ, ସେଥିପ୍ରତି ସେକ୍ଟରର ସବୁ ଅଂଶୀଦାର ସଜାଗ ରହିବା ବାଂଛନୀୟ। କେବଳ ବଂଟନକାରୀ କଂପାନୀମାନେ ଆର୍ଥିକ ସ୍ୱଚ୍ଛଳତା ହାସଲ କଲା ପରେ ଓ ପୁରୁଣା ନେଟଓ୍ୱର୍କ ର ମରାମତି ଓ ପୁନରୁଦ୍ଧାର କାର୍ଯ୍ୟ ହାତକୁ ନେବାପାଇଁ ଯଥେଷ୍ଟ ଅର୍ଥ ସୃଷ୍ଟି କରିବାକୁ ସମର୍ଥ ହେବା ପରେ ହିଁ ସ୍ଥିତ ବ୍ୟବସ୍ଥା ସମୂହର ସଂଶୋଧନ ବିଷୟକୁ ବିଚାରକୁ ନିଆଯାଇପାରେ।

<u>ବିଦ୍ୟୁତ ଆଇନ ୨୦୦୩ ର ବିଭାଗ ୧୩୫/୧୩୬ ଅଧିନରେ ଚୋରି ଓ ବେଆଇନ ବ୍ୟବହାର ଯୋଗୁ ଶକ୍ତିର କ୍ଷତି ଆକଳନ</u>

୩୨୭. ଚୋରି ଓ ବେଆଇନ ଶକ୍ତିର ଆକଳନ ପାଇଁ ଜଣେ ଅଭିଯୋଗକାରୀ ଏକ ସୂତ୍ର ଆବିଷ୍କାର କରିଥିଲେ ଏବଂ ତାହାକୁ ଗ୍ରହଣ କରି ସେହି ଆକଳିତ ଶକ୍ତିକୁ ଅନୁମୋଦନ କରିବା ପାଇଁ ମଧ୍ୟ ଆୟୋଗଙ୍କୁ ପରାମର୍ଶ ଦେଇଥିଲେ। ଆୟୋଗ ସେହି ପରାମର୍ଶକୁ ସତର୍କତାର ସହ ପରୀକ୍ଷଣ କରିଥିଲେ ଓ ଜାଣିବାକୁ ପାଇଥିଲେ ଯେ, ବିଦ୍ୟୁ ତ ଆଇନ ୨୦୦୩ର ବିଭାଗ ୧୨୬ ଅନୁଯାୟୀ, ଯଦି ଜଣେ ଆକଳନ-ଅଧିକାରୀ ସିଦ୍ଧାନ୍ତରେ ଉପନୀତ ହୁଅନ୍ତି ଯେ, କୌଣସି ବ୍ୟକ୍ତି ବେଆଇନ ଭାବେ ଶକ୍ତି ବ୍ୟବହାର କରୁଛି, ତେବେ ସେ ତାଙ୍କର ସର୍ବୋତ୍କୃଷ୍ଟ ବୈଚାରିକ ଜ୍ଞାନ ପ୍ରୟୋଗ କରି ସେହି ବ୍ୟକ୍ତି ଦେଉଥିବା ବିଦ୍ୟୁତ ଦେୟ ସଂପର୍କରେ ଜାଣିବେ। ତା'ପରେ ସେହି ବ୍ୟକ୍ତି ଜଣକ (ବିଦ୍ୟୁତ ବ୍ୟବହାରକାରୀ) ମଧ୍ୟ ଆତ୍ମପକ୍ଷ ସମର୍ଥନ ପୂର୍ବକ ବିଦ୍ୟୁତ ବ୍ୟବହାର ଜନିତ ନିଜର ବିବରଣୀ ସେହି

ଅଧିକାରୀଙ୍କ ନିକଟରେ ଉପସ୍ଥାପନ କରିପାରିବେ। ତା'ପରେ ସଂପୃକ୍ତ ଅଧିକାରୀ ଘଟଣାର ପୁନଃ ଯାଞ୍ଚ କରିବେ ଓ ପୂର୍ବ ନିଷ୍ପତ୍ତିର ସଂଶୋଧନ କରି (ଯଦି ଉଚିତ ମନେକରୁଥା'ନ୍ତି) ଏକ ଶେଷ ସିଦ୍ଧାନ୍ତ ଦେବେ। ଅବଶ୍ୟ ଆଇନରେ ଉଲ୍ଲେଖ ଅଛି ଯେ, ସଂପୃକ୍ତ ଅଧିକାରୀଙ୍କ ବୈଚାରିକ ଜ୍ଞାନର ଗଭୀରତାକୁ ମାପି ତାଙ୍କୁ ଶେଷ ନିଷ୍ପତ୍ତି ପାଇଁ କ୍ଷମତା ଅର୍ପଣ କରାଯିବ। ଆଇନର ଉଲ୍ଲେଖ ଏତଦ୍ୱାରା ମଧ୍ୟ ସୂଚାଏ ଯେ, ଅଧିକାରୀ ଜଣକ ପୁଙ୍ଖାନୁପୁଙ୍ଖ ଭାବେ ଅଭିଯୁକ୍ତଙ୍କ କାଗଜାତ ସବୁକୁ ଯାଞ୍ଚ କରିଥିବେ। କୌଣସି ସିଧାସଳଖ ସୂତ୍ର ପ୍ରୟୋଗ କରି କେବେହେଲେ ଆକଳନ-ଅଧିକାରୀ ବେଆଇନ ଶକ୍ତି ବ୍ୟବହାର ସଂପର୍କରେ ନିଷ୍ପତ୍ତି ନେବେନାହିଁ। ସେପରି ହେଲେ ଆଇନର ଉଦ୍ଦେଶ୍ୟ ପରିପୂରଣ ହୋଇ ପାରିବ ନାହିଁ।

୩୨୮. ଉପରୋକ୍ତ ଅଭିଯୋଗକାରୀ ତାଙ୍କର ଲିଖିତ ଉପସ୍ଥାପନାରେ ଦର୍ଶାଇଥିଲେ ଯେ, କମ ଦର-ହାରର ଟାରିଫ ଦେଉଥିବା ଜଣେ ଉପଭୋକ୍ତା ଯଦି ବେଆଇନ ଭାବେ ଶକ୍ତି ବ୍ୟବହାର କରିଥାଏ, ତେବେ ତାଙ୍କୁ ସେଥିପାଇଁ ଦୋଷୀ ସାବ୍ୟସ୍ତ କରାଯିବା ଉଚିତ ନୁହେଁ, ଯାହା ଉଚ୍ଚତର ଟାରିଫ ଦେଉଥିବା ଉପଭୋକ୍ତାଙ୍କ ପ୍ରତି ପ୍ରଯୋଜ୍ୟ ହେବ। ବିଦ୍ୟୁତ ଆଇନ ୨୦୦୩ର ବିଭାଗ ୧୨୬ ର ବିଶଦାର୍ଥ - (ଞ) ଅନୁଯାୟୀ, ବିଦ୍ୟୁତ ଶକ୍ତିର ବେଆଇନ ଉପଯୋଗ ଅର୍ଥ ହେଲା - 'ଆଇନ ସିଦ୍ଧ ଉଦ୍ଦେଶ୍ୟରେ ବ୍ୟବହାରଯୋଗ୍ୟ ବିଦ୍ୟୁତ ଶକ୍ତି ବାଦ୍ ଅନ୍ୟ ଉଦ୍ଦେଶ୍ୟରେ ଶକ୍ତିର ଉପଯୋଗ'। କିନ୍ତୁ ଏହା କେବେହେଲେ ବୈଧାନିକତାର ଉଦ୍ଦେଶ୍ୟ କିମ୍ବା ଆଇନର ଆତ୍ମା ବୋଲି କୁହାଯାଇପାରିବ ନାହିଁ। ଏହି ବ୍ୟବସ୍ଥାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି - କେବଳ ଶ୍ରେଣୀକରଣକୁ କାରଣ କରି ବେଆଇନ ଶକ୍ତି ଉପଯୋଗକାରୀଙ୍କୁ ଦଣ୍ଡ ବିଧାନ କରାଯାଇପାରେ , ଯିଏକି ଯୋଗାଣକାରୀଙ୍କର କ୍ଷତି ସାଧନ କରିଛନ୍ତି। ଆୟୋଗ ଏ ପ୍ରକାର ଯୁକ୍ତିକୁ ଗ୍ରହଣ କରିପାରିନାହାନ୍ତି ଏବଂ ସେଭଳି ବେଆଇନ ଶକ୍ତି ବ୍ୟବହାରକାରୀଙ୍କୁ ଦୃଷ୍ଟାନ୍ତ ମୂଳକ ଦଣ୍ଡ ବିଧାନ କରିବା ପାଇଁ କହିଛନ୍ତି। ତା'ଛଡା କୌଣସି ବିଭାଗୀୟ ଅଧିକାରୀ / କର୍ମଚାରୀ ଯଦି ବେଆଇନ ଶକ୍ତି ବ୍ୟବହାରକାରୀଙ୍କ ସହ ହାତ ମିଶାଇଥା'ନ୍ତି, ତେବେ ତାଙ୍କ ପ୍ରତି ମଧ୍ୟ ସମାନ ପରିମାଣର ଦଣ୍ଡ ବିଧାନ କରାଯିବା ଉଚିତ ବୋଲି ଆୟୋଗ କହିଛନ୍ତି।

<u>ଶକ୍ତିକାଟ କ୍ଷେତ୍ରରେ ଚାହିଦା ଦେୟ-ଦର</u>

୩୨୯. ପ୍ରକୃତରେ ସମୁଦାୟ ଯେତିକି ସମୟ ପାଇଁ ଜଣେ ଉପଭୋକ୍ତା ଶକ୍ତି ଉପଲବ୍ଧ କରିଥିବ, ଶକ୍ତିର ଚାହିଦା ଦେୟ ଦର କେବଳ ସେତିକି ସମୟ ପାଇଁ ଆନୁପାତିକ ଭିତ୍ତିରେ ହିସାବ କରାଯିବା ଉଚିତ ବୋଲି କେତେକ ଅଭିଯୋଗକାରୀ ଯୁକ୍ତି ଦର୍ଶାଇଥିଲେ। ତା'ଛଡା ଯଦି ଗୋଟିଏ ମାସରେ ୫୦ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ପାଇଁ ଶକ୍ତି ବ୍ୟାହତି ହୋଇଥାଏ, ତେବେ ଡିମାଣ୍ଡ ଚାର୍ଜକୁ ଛାଡ଼ କରିଦିଆଯାଇପାରେ। ଓଇଆରସି ବଂଟନ (ଯୋଗାଣ ସର୍ତ୍ତାବଳୀ) କୋଡ, ୨୦୦୪ ର ଧାରା ୮୫ (୩) ଅନୁଯାୟୀ, ଗୋଟିଏ ମାସରେ ୬୦ ଘଣ୍ଟାରୁ ଅଧିକ ସମୟ ପାଇଁ ଅନୁମତିଧାରୀଙ୍କ ଦ୍ୱାରା ଆଇନଗତ ଭାବେ ଶକ୍ତି କାଟ କରାଯାଇଥିଲେ କିମ୍ବା ଶକ୍ତି ଯୋଗାଣ ଉପରେ କଟକଣା କରାଯାଇଥିଲେ, ସେ କ୍ଷେତ୍ରରେ ଲାଗୁ କରାଯାଇଥିବା ଶକ୍ତି ବ୍ୟାହତିର ସମୟ ସୀମା ଓ ଚାହିଦା କଟକଣାର ପରମାଣ ସହିତ ତାଳମେଳ ରଖି ଡିମାଣ୍ଡ ଚାର୍ଜର ଆନୁପାତିକ ହିସାବ ବାହାର କରାଯିବ। ଇତି ମଧ୍ୟରେ , ବିଦ୍ୟୁତ ଆଇନ ୨୦୦୩ର ବିଭାଗ ୨୩ ଅଧିନରେ ଶକ୍ତି ନିୟମାବଳୀ ଉପରେ କେଶ ନଂ ୧/୨୦୧୦ ମୂଳେ ଆୟୋଗ ଆଦେଶନାମା ଜାରି କରିଛନ୍ତି। ଏହି ଆଦେଶନାମା ଅନୁଯାୟୀ ଇଏଚଟି ଏବଂ ଏଚଟି ଇଣ୍ଡଷ୍ଟ୍ରିମାନଙ୍କର ଡିମାଣ୍ଡ ଯଥାକ୍ରମେ ୧୫% ଓ ୨୫%ରେ ସୀମିତ କରାଯିବା ଦରକାର। ଯେଉଁ ସବୁ ଶିଳ୍ପସଂସ୍ଥାମାନଙ୍କର ଲୋଡକୁ କଟକଣିତ କରାଯାଇଛି, ସେମାନଙ୍କର ଡିମାଣ୍ଡ ଚାର୍ଜକୁ କଟକଣିତ ଡିମାଣ୍ଡ ଉପରେ ବିଲ୍ କରାଯିବ ଏବଂ ଲୋଡ ଫାକ୍ଟରର ହିସାବ ମଧ୍ୟ କଟକଣିତ ଡମାଣ୍ଡ ଉପରେ ହିସାବ କରାଯିବ। ଅତଏବ, ବିଲିଂ

ଉଦ୍ଦେଶ୍ୟରେ ରେକର୍ଡ କରାଯାଇଥିବା ସର୍ବାଧିକ ଡମାଣ୍ଡ କିମ୍ବା କଟକଣିତ କଣ୍ଟ୍ରାକ୍ଟ ଡିମାଣ୍ଡ ମଧ୍ୟରୁ ଯେଉଁଟି ଅଧିକ , ତା' ଉପରେ ଡିମାଣ୍ଡ ଚାର୍ଜ ସମୂହର ହିସାବ କରାଯିବ। ଅ-କଟକଣିତ ଯୋଗାଣର ଆଉ ସବୁ କ୍ଷେତ୍ରରେ ପ୍ରଚଳିତ ନିୟମାବଳୀ ଓ ତାରିଫ ଆଦେଶନାମା ଅନୁଯାୟୀ ଉପଭୋକ୍ତା ଡିମାଣ୍ଡ ଚାର୍ଜ ଦେବାକୁ ବାଧ୍ୟ ହେବେ। ଏହା ଓଇଆରସି ବଂଟନ ଯୋଗାଣ ସର୍ତ୍ତାବଳୀ, କୋ. ୨୦୦୪ ର ନିୟମ ୧୧୦ ର ବ୍ୟବସ୍ଥା ସମୂହକୁ ମଧ୍ୟ ସ୍ୱୀକାର କରେ।

<u>ଶକ୍ତି ଉପଲବ୍ଧତା କ୍ଷେତ୍ରରେ ପାରିତୋଷିକତା</u>

୩୩୦. ଅନୁମତୀଧାରୀମାନେ ସ୍ୱଚ୍ଛତା ପ୍ରଦର୍ଶନର ଉଦ୍ଦେଶ୍ୟ ପରିପୂରଣ ନିମନ୍ତେ, ଓଇଆରସି ବଂଟନ (ଯୋଗାଣ ସର୍ତ୍ତାବଳୀ) କୋଡ ୨୦୦୪ର ନିର୍ଦ୍ଧାରଣ ମତେ, ବିକାଶମୁଖୀ ଉପଭୋକ୍ତାଙ୍କୁ ଶକ୍ତି ଉପଲବ୍ଧିର ବିସ୍ତାରଣ /ବୃଦ୍ଧି ବିପକ୍ଷରେ ଅଟକଳନ ପ୍ରସ୍ତୁତ କଲାବେଳେ, ପାରିତୋଷିକ ମାପଦଣ୍ଡ ସଂଯୋଚନାକରିବା ଉଚିତ। ଯେଉଁ କ୍ଷେତ୍ରରେ ଅନୁମତିଧାରୀମାନେ ଏପରି କରୁନଥିବେ , ସେ କ୍ଷେତ୍ରରେ ଉପେକ୍ଷିତ ଉପଭୋକ୍ତା ସେମାନଙ୍କର ଅଧିକାରକୁ ଲାଗୁ କରାଯିବା ପାଇଁ ଉପଯୁକ୍ତ ଅଭିଯୋଗ ଶୁଣାଣି ପ୍ରକୋଷ୍ଠକୁ ଆବେଦନ କରିବା ଉଚିତ।

<u>ମିଟର ଭଡା</u>

୩୩୧. କେନ୍ଦ୍ରୀୟ ବିଦ୍ୟୁତ ଆଇନର ମିଟରିଂ ନିୟମ ଅନୁଯାୟୀ, ମିଟର ବାକ୍ସ ସହିତ ସିଙ୍ଗିଲ ଫେଜ ମିଟର ପିଛା ଟ ୧୦୯୯/- ର ସିକ୍ୟୁରିଟି ଡିପୋଜିଟ ଉପଭୋକ୍ତାମାନଙ୍କ ଠାରୁ ଆଦାୟ କରିବାକୁ ରିଲିଆନ୍ସ ପରିଚାଳିତ ବଂଟନକାରୀ କଂପାନୀମାନେ ଆୟୋଗଙ୍କୁ ଅନୁମତି ମାଗିଛନ୍ତି। ଓଇଆରସି ବଂଟନ(ଯୋଗାଣ ସର୍ତ୍ତାବଳୀ) କୋଡ, ୨୦୦୪ର ନିୟମ ୧୯(୫) , ଅନୁଯାୟୀ ଅନୁମତିଧାରୀ ଉପଭୋକ୍ତାଙ୍କୁ ଯୁକ୍ତି ସଂଗତ ସିକ୍ୟୁରିଟି ଦେବାକୁ କହିପାରିବେ, ଯାହା ଆୟୋଗଙ୍କ ଦ୍ୱାରା ଅନୁମତିପ୍ରାପ୍ତ କରାଯିବ ଏବଂ ସେହି ସିକ୍ୟୁରିଟି ପରିମାଣ ଉପଭୋକ୍ତାଙ୍କ ପାଇଁ ଏକ ଦେୟ ରୂପେ ଲାଗୁ କରାଯିବ। ଏହି ପ୍ରସଂଗରେ ଆୟୋଗ କେଶ ନଂ ୧୩୯,୧୪୧,୧୪୩ ଏବଂ ୨୨.୩.୨୦୦୫ ର ୧୪୫/ ୨୦୦୫ ରେ ପାସ୍ କରିଥିବା ନିଜ ଆଦେଶନାମାର ତର୍ଜମା କରିଛନ୍ତି। ତାହା ନିମ୍ନ ପ୍ରକାରର ଅଟେ।

"୮.୩୩.୧୬ ୫୬.(୧) ନୂଆ ସେବା ସଂଯୋଗ ସମୟରେ କିମ୍ବା ଆବଶ୍ୟକତା ମତେ ଅନ୍ୟ କୌଣସି ସମୟରେ ଅନୁମତିଧାରୀ ଉପଭୋକ୍ତାଙ୍କୁ ମିଟର (ଯଦି ଉପଭୋକ୍ତା ନିଜେ ମିଟର କିଣିବାକୁ ଚାହୁଁ ନ ଥାନ୍ତି), କଟ୍-ଆଉଟ, ଏମସିବି, ସିବି, ଲୋଡ ଲିମିଟର ଆଦି ଯୋଗାଇଦେବେ।"

(ଖ) ନୂଆ ସଂଯୋଗ ବା ମିଟରର ବଦଳ କ୍ଷେତ୍ରରେ, ଉପଭୋକ୍ତା ବିଦ୍ୟୁତ ଆଇନର ବିଭାଗ - ୭୩ ଅଧିନରେ ଗଠିତ ନିୟମାବଳୀ ଏବଂ ବିଭାଗ ୫୫ ସହ ତାଳମେଳ ରଖି ଅନୁମତିଧାରୀଙ୍କର ବୈଷୟିକ ଚିହ୍ନଥିବା ଓ ଅନୁମତିଧାରୀଙ୍କ ଦ୍ୱାରା ପ୍ରମାଣିକୃତ ହୋଇଥିବା ଭେଣ୍ଡରମାନଙ୍କଠାରୁ ନିଜେ ମିଟର କିଣି ପାରନ୍ତି କିମ୍ବା ଅନୁମତିଧାରୀଙ୍କୁ ମିଟର ଯୋଗାଇ ଦେବା ପାଇଁ ଅନୁରୋଧ କରିପାରନ୍ତି ଓ ତାରିଫ ଅର୍ଡର ଅନୁସାରେ ମିଟର ଭଡା ଲାଗୁ କରିବାକୁ ଅନୁରୋଧ କରିପାରନ୍ତି। ଉପଭୋକ୍ତାଙ୍କ ଉଦ୍ଦେଶ୍ୟରେ ଏହି ଭଡାର ସଠିକତାକୁ ଅନୁମତିଧାରୀ ପରିମାପନ କରିବେ ଓ ମିଟରକୁ ଜଉମୁଦ ଦେଇ ବନ୍ଦ କରିବେ। ତା'ଛଡା ଉପଭୋକ୍ତା ଚାହିଁଲେ ସେହି ମିଟରକୁ ବିଦ୍ୟୁତ ବିଭାଗୀୟ ପରିଦର୍ଶକଙ୍କର ପରୀକ୍ଷାଗାରରେ ମଧ୍ୟ ପରୀକ୍ଷା କରାଇ ପାରିବେ। ଅନ୍ୟ ପକ୍ଷରେ ଉପଭୋକ୍ତାଙ୍କ ପସନ୍ଦମତେ, ଅନୁମତିଧାରୀଙ୍କ ଦ୍ୱାରା ଯୋଗାଇ ଦିଆଯାଇଥିବା ମିଟରକୁ ମଧ୍ୟ ପୂରା ଦାମ ଦେଇ ଆଣିପାରିବେ। ଏଭଳି କ୍ଷେତ୍ରରେ କୌଣସି ମିଟର ଭଡା ଲାଗୁ କରାଯିବ ନାହିଁ।

୩୩୨. ଉପରୋକ୍ତ ମତାୟନ ଦୃଷ୍ଟିରୁ ମିଟର ଯୋଗାଣ କ୍ଷେତ୍ରରେ ଉପଭୋକ୍ତାଙ୍କର ପସନ୍ଦ ହିଁ ଗୁରୁତ୍ୱପୂର୍ଣ୍ଣ ଅଟେ। ଯେଉଁ ଉପାୟରେ ସେମାନେ ଏକ ସଠିକ ମିଟର ପାଇ ପାରିଲେ ବୋଲି ସେମାନଙ୍କର ସନ୍ତୋଷ ଆସିବ, ସେହି ସ୍ୱାଧୀନତା ସେମାନଙ୍କୁ ଦିଆଯିବ। ମିଟର ଭଡା ଭରଣାର ପ୍ରତ୍ୟାହାରକୁ ଅନୁମତି ଦିଆଯିବା ଉଚିତ ନୁହେଁ। ଏହା ଦ୍ୱାରା ଅନୁମତିଧାରୀମାନେ ତ୍ରୁଟିଯୁକ୍ତ ମିଟରଗୁଡିକୁ ବଦଳାଇବାରେ ବିମୁଖତା ପ୍ରକାଶ କରିବେ। ବିଦ୍ୟୁତ ଆଇନର ବିଭାଗ ୫୫ ଅନୁଯାୟୀ , ଯଦ ଉପଭୋକ୍ତା ନିଜେ ମିଟର ନ କିଣନ୍ତି ଏବଂ ଅନୁମତିଧାରୀଙ୍କଠାରୁ ଆଣନ୍ତି, ଅନୁମତିଧାରୀମାନେ ଉପଭୋକ୍ତାଙ୍କଠାରୁ ଏକ ମିଟରର ଦାମ ବାବଦକୁ ସିକ୍ୟୁରିଟି ଆଣିପାରନ୍ତି ଏବଂ ଉପଭୋକ୍ତାଙ୍କୁ ସେହି ମିଟର ଦେବା ନେଇ ତାଙ୍କ ସହ ଏକ ଚୁକ୍ତି ପତ୍ର ସ୍ୱାକ୍ଷରିତ କରିପାରନ୍ତି। ଓଇଆରସି ନିୟମାବଳୀ ଅନୁଯାୟୀ, ଯେଉଁ ପରିସ୍ଥିତିରେ ଅନୁମତିଧାରୀ ଜଣେ ଉପଭୋକ୍ତାଙ୍କୁ ଏକ ମିଟର ଯୋଗାଇ ଦିଏ, ସେ କ୍ଷେତ୍ରରେ ମିଟର ଭଡା ଆଦାୟଯୋଗ୍ୟ, କିନ୍ତୁ ମିଟର ଯଦି ଉପଭୋକ୍ତାଙ୍କ ଦ୍ୱାରା ଯୋଗାଇ ଦିଆଯାଇଥାଏ, ସେ କ୍ଷେତ୍ରରେ ମିଟର ଭଡା ଦେୟଯୋଗ୍ୟ ନୁହେଁ। କିନ୍ତୁ ମିଟରର ପୂରା ଦାମକୁ ସିକ୍ୟୁରିଟି ଡିପୋଜିଟ ଭାବରେ ଆଦାୟ କରିବାକୁ ସଂପ୍ରତି ଅନୁମତିଧାରୀଙ୍କର ପ୍ରସ୍ତାବ ନ୍ୟାୟୋଚିତ ମନେ ହୁଏ ନାହିଁ, ଯେଣୁ ସଂଖ୍ୟାଧିକ ଉପଭୋକ୍ତା ମିଟରର ପୂରା ଦାମ ଦେବାକୁ ସମର୍ଥ ହୋଇ ନ ପାରନ୍ତି। ଯେଉଁ ପରିସ୍ଥିତିରେ ମିଟରର ପୂରା ଦାମ ସିକ୍ୟୁରିଟି ଡିପୋଜିଟ ଭାବେ ଭରଣା କରାଯିବ , ସେତେବେଳେ ତ ଆଉ ମିଟର ଭଡା ଆଦାୟ କରାଯିବାର ଆବଶ୍ୟକତା ରହିବ ନାହିଁ। ମିଟର ଯୋଗାଣ କରୁଥିବା ଅନୁମତିଧାରୀଙ୍କର ପସନ୍ଦକୁ ଅପେକ୍ଷା ନ କରି ମିଟର ଯୋଗାଇ ଦେବାକୁ କୁହାଯିବା ଉପଭୋକ୍ତାଙ୍କୁ ବାଧ୍ୟ କଲା ଭଳି ଅନୁମତିଧାରୀଙ୍କ ପାଇଁ ବାଧ୍ୟବାଧକତା ସଦୃଶ ହେବ। ଏହା ସଂପୂର୍ଣ୍ଣ ଭାବେ ଆଇନଗତ ବ୍ୟବସ୍ଥାର ବିରୁଦ୍ଧାଚରଣ କରୁଛି। ଅତଏବ, ଏହାକୁ ଗ୍ରହଣ କରାଯାଇ ପାରିବ ନାହିଁ।

୩୩୩. ତେଣୁ ମିଟର ଭଡା ଏବଂ ମିଟରର ଦାମ / ଲିଜ୍ ଆଦି ଅନୁମତିଧାରୀଙ୍କର ସାଧାରଣ ରାଜସ୍ୱ ଓ ବ୍ୟୟ ଠାରୁ ପୃଥକ ଭାବେ ହିସାବକୁ ଅଣାଯିବା ଉଚିତ। ତେବେ, ଯଦି ଜଣେ ଉପଭୋକ୍ତା ଭଡାରେ ମିଟର ନେବାକୁ ଚାହୁଁଥାଏ, ସେ କ୍ଷେତ୍ରରେ ଅନୁମତିଧାରୀ ମିଟର ଭଡା ଲାଗୁ କରିପାରିବେ।

୩୩୪. କେତେକ କ୍ଷେତ୍ରରେ ଅନୁମତିଧାରୀ ଉପଭୋକ୍ତାଙ୍କଠାରୁ କ୍ୟୁବିକ୍‌ଲ ମିଟରର ଦାମ ଦାବୀ କରୁଛନ୍ତି। କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ସଂସ୍ଥାମାନେ ଏହି ଦାମକୁ ଦେବାକୁ ଅକ୍ଷମତା ପ୍ରକାଶ କରିପାରନ୍ତି। ଯୁକ୍ତି ଦର୍ଶାଯାଇଥିଲା ଯେ, କ୍ୟୁବିକଲ ମିଟରିଂର ସମୁଦାୟ ଦରକୁ ବହନ କରିବା ପ୍ରସଂଗ ଉପଭୋକ୍ତାଙ୍କ ପାଇଁ ସଂପୂର୍ଣ୍ଣ ଇଚ୍ଛାଧିନ କରାଯିବା ଉଚିତ। କେନ୍ଦ୍ରୀୟ ବିଦ୍ୟୁତ କର୍ତ୍ତୃପକ୍ଷ ବିଦ୍ୟୁତ ଶକ୍ତିର ପରିମାପନ, ସୂଚନାକରଣ ଏବଂ ଉପଯୋଗିତ ପରିମାଣର ବିବରଣୀକରଣ କିମ୍ବା ବୈଦ୍ୟୁତିକ ପଦ୍ଧତି ସହ ସଂପର୍କିତ ଆଉ କୌଣସି ପରିମାଣର ବିବରଣୀକରଣ କିମ୍ବା ବୈଦ୍ୟୁତିକ ପଦ୍ଧତି ସହ ସଂପର୍କିତ ଆଉ କୌଣସି ପରିମାଣର ପରିମାପନ ପାଇଁ ଏକ ଯନ୍ତ୍ର, ଏବଂ କ୍ଷେତ୍ର -ବିଶେଷ ପାଇଁ ପ୍ରଯୋଜ୍ୟ ମତେ ଅନ୍ୟାନ୍ୟ ବୈଦ୍ୟୁତିକ ସାମଗ୍ରୀ ଯଥା କରେଣ୍ଟ ଟ୍ରାନ୍ସଫରମର , ଭୋଲଟେଜ ଟ୍ରାନ୍ସଫରମର, କିମ୍ବା କାପାସିଟର ଭୋଲଟେଜ ଟ୍ରାନ୍ସଫରମର, ଭୋଲଟେଜ ଟ୍ରାନ୍ସଫରମର ଆଦିକୁ (ଯାହା ଉପରୋକ୍ତ ଉଦ୍ଦେଶ୍ୟଗୁଡିକ ପାଇଁ ଆବଶ୍ୟକ ହେଉଥିବ)ମଧ୍ୟ ମିଟର ଶ୍ରେଣୀଭୁକ୍ତ କରାଯାଇ ପାରିବ। ଓଇଆରସି ବଂଟନ (ଯୋଗାଣ ସର୍ତ୍ତାବଳୀ) କୋଡ ୨୦୦୪ର ନିୟମ- ୫୫ ପ୍ରକାଶ କରେ ଯେ, କ୍ରମ- ବିକଶିତ ବୈଷୟିକ ଜ୍ଞାନ କୌଶଳର ସୁଲଭତା ପରିପ୍ରେକ୍ଷୀରେ ଅନୁମତିଧାରୀମାନେ ସଂସ୍ଥାପିତ ହୋଇସାରିଥିବା ମିଟର ଗୁଡିକ ସଂପର୍କରେ ପୁନଃ ମତାୟନ କରିବାକୁ ସଂପୂର୍ଣ୍ଣ ଭାବେ କ୍ଷମତା ପ୍ରାପ୍ତ ଅଟନ୍ତି।

୩୩୫. ଅତଏବ, ଅନୁମତିଧାରୀମାନେ ଉପଭୋକ୍ତାମାନଙ୍କ ପାଇଁ ମିଟରିଂ କ୍ୟୁବିକଲସର ସଂସ୍ଥାପନା କରିପାରନ୍ତି। ତେବେ, ଅନୁମତିଧାରୀମାନେ କିସ୍ତି ଓ୍ୱାରୀ ମିଟରିଂ କ୍ୟୁବିକଲର ଦାମ ଭରଣା କରିପାରନ୍ତି, କାରଣ ଉପଭୋକ୍ତାମାନେ ସେହି ସଂସ୍ଥାପନାଜନିତ ଦାମକୁ ଗୋଟିଏ କିସ୍ତିରେ ଦେବାକୁ ସକ୍ଷମ ହୋଇ ନ ପାରନ୍ତି।

୩୩୬. ପୂର୍ବବର୍ଷମାନଙ୍କ ପରି ଆୟୋଗ ଏକା ଅଭିଯୋଗ ପାଇଁ କ୍ଷୋଭ ପ୍ରକାଶ କରିଛନ୍ତି ଯେ, ପୁରୁଣା ମିଟର ଗୁଡ଼ିକରେ ବିବରଣୀ ସବୁ ରହୁନାହିଁ। ଫଳରେ, ଶେଷ ତାରିଖକୁ ନେଇ ସମସ୍ୟା ସୃଷ୍ଟି ହେଉଛି, ଯେଉଁ ତାରିଖ ପର୍ଯ୍ୟନ୍ତ ମିଟରଭଡାର ଭରଣା କରାଯାଇ ପାରିଥାଆନ୍ତା । ଏହି ପରିପ୍ରେକ୍ଷୀରେ ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି ଯେ, ଯେଉଁ ସବୁ କ୍ଷେତ୍ରରେ ବିବରଣୀ ସମୂହ ଉପଲବ୍ଧ ନୁହେଁ, ସେ କ୍ଷେତ୍ରରେ ମିଟର ଭଡା ଆଦାୟ ବନ୍ଦ କରାଯିବା ଉଚିତ, ଯଦି ପୂର୍ବ ୪୦ ମାସ ଧରି ମିଟର ଭଡା ସଂପୂର୍ଣ୍ଣ ଆଦାୟ କରାଯାଇସାରିଥାଏ । ଏହି ସର୍ତ୍ତାଧିନ ନିର୍ଦ୍ଦେଶନାମା ମଧ୍ୟ ପୂର୍ବ ତାରିଫ ଆଦେଶନାମାରେ ଅନୁମତି ଦିଆଯାଇଥିଲା।

୩୩୭. ଅନୁମତିଧାରୀଙ୍କ ଦ୍ୱାରା ଯୋଗାଣ କରାଯାଇଥିବା ଉପଭୋକ୍ତାଙ୍କ ପ୍ରତି ନିର୍ଦ୍ଧାରିତ ଦର ହାରରେ ମିଟରର ମାସିକିଆ ଭଡା ଲାଗୁ କରାଯିବ। ଭିନ୍ନ ଭିନ୍ନ ଶ୍ରେଣୀର ଉପଭୋକ୍ତାଙ୍କ ପ୍ରତି ପ୍ରଯୋଜ୍ୟ ଆନୁଷଙ୍ଗିକ ସାମଗ୍ରୀ ସହ ମିଟର ଭଡାର ଦର-ହାରରେ ସଂଶୋଧନ କରାଯାଇଛି। ଏହି ସଂଶୋଧିତ ଦର ହାର ନିମ୍ନ ସାରଣୀରେ ପ୍ରଦାନ କରାଗଲା।

**ସାରଣୀ - ୩୮**

| ମିଟରର ପ୍ରକାର | ପ୍ରଚଳିତ ମିଟରର ଭଡ଼ା (ଟଙ୍କା) | ସଂଶୋଧିତ ମିଟରର ଭଡ଼ା (ଟଙ୍କା |
|---|---|---|
| ୧. ସିଙ୍ଗଲ ଫେଜ ଇଲୋକ୍ଟ୍ରୋ ମ୍ୟାଗ୍ନେଟିକ କଙ୍କଷ ମିଟର | ୧୫ | ୨୦ |
| ୨. ୩ ଫେଜ ଇଲୋକ୍ଟ୍ରୋ ମ୍ୟାଗ୍ନେଟିକ କଙ୍କଷ ମିଟର | ୩୦ | ୪୦ |
| ୩. ୩ ଫେଜ ଇଲୋକ୍ଟ୍ରୋ ମ୍ୟାଗ୍ନେଟିକ ଟ୍ରାଇଭେକ୍ଟର ମିଟର | ୮୦୦ | ୧୦୦୦ |
| ୪. ରେଲୱେ ଟ୍ରାକ୍ସନ ପାଇଁ ଟ୍ରାଇଭେକ୍ଟର ମିଟର | ୮୦୦ | ୧୦୦୦ |
| ୫. ସିଙ୍ଗଲ ଫେଜ ଷ୍ଟାଟିକ କଙ୍କଷ ମିଟର | ୩୫ | ୪୦ |
| ୬. ୩ ଫେଜ ଷ୍ଟାଟିକ କଙ୍କଷ ମିଟର | ୧୦୦ | ୧୫୦ |
| ୭. ୩ଫେଜ ଷ୍ଟାଟିକ ଟ୍ରାଇଭେକ୍ଟର ମିଟର | ୮୦୦ | ୧୦୦୦ |
| ୮. ୩ ଫେଜ ଷ୍ଟାଟିକ ବାଇ-ଭେକ୍ଟର ମିଟର | ୮୦୦ | ୧୦୦୦ |

୩୩୮. ଆୟୋଗ ପର୍ଯ୍ୟବେକ୍ଷଣରୁ ଜାଣିବାକୁ ପାଉଛନ୍ତି ଯେ, ମିଟର ପରୀକ୍ଷଣରେ ବିଳମ୍ବ ହେବା ଯୋଗୁ ଉପଭୋକ୍ତାମାନଙ୍କୁ ନୂଆ ସେବା ସଂଯୋଗ ଦେବାରେ ମଧ୍ୟ ବିଳମ୍ବ ହେଉଛି। ଏହାଛଡା, ସ୍ୱୀକୃତିପ୍ରାପ୍ତ ମିଟର ପରୀକ୍ଷଣ ପରୀକ୍ଷାଗାରରେ ମିଟର ପରୀକ୍ଷଣ ପାଇଁ କେନ୍ଦ୍ରୀୟ ବିଦ୍ୟୁତ ଆଇନରେ ବ୍ୟବସ୍ଥା ଉଲ୍ଲେଖିତ। ସୁତରାଂ, ଅନୁମତିଧାରୀମାନେ କେନ୍ଦ୍ରୀୟ ବିଦ୍ୟୁତ ଆଇନକୁ ମାନି ସେମାନଙ୍କର ମିଟର ପରୀକ୍ଷଣ ପରୀକ୍ଷାଗାରକୁ ଉପଯୁକ୍ତ ଭାବେ ବିକଶିତ କଲେ ତ୍ରୁଟିଯୁକ୍ତ ମିଟରଗୁଡିକର ମରାମତି ଓ ବଦଳ କାର୍ଯ୍ୟ ତ୍ୱରାନ୍ୱିତ ଓ ସୁଗମ ହୁଅନ୍ତା ଏବଂ ଏ ସଂପର୍କିତ ଅଧିକ ଅଭିଯୋଗ ଉପଭୋକ୍ତାମାନଙ୍କଠାରୁ ଆସନ୍ତା ନାହିଁ।

<u>ସ୍ୱୟଂକ୍ରିୟ ମିଟର ରିଡିଂ ପଦ୍ଧତି</u>

୩୩୯. ଉଚ୍ଚ ଦରର ଉପଭୋକ୍ତାଙ୍କ କ୍ଷେତ୍ରରେ ସ୍ୱୟଂକ୍ରିୟ ମିଟରର ସଂସ୍ଥାପନା ପାଇଁ ବଂଟନକାରୀ କଂପାନୀମାନେ ପଦକ୍ଷେପ ନେବା ଆରମ୍ଭ କରିଦେଇଛନ୍ତି। ନେସକୋ,ୱେସକୋ, ଏବଂ ସାଉଥକୋ ଉପସ୍ଥାପନ କରିଛନ୍ତି ଯେ, ୨୦୧୦ ମାର୍ଚ୍ଚ ସୁଦ୍ଧା ୪୦ କିଲୋୱାଟରୁ ଉର୍ଦ୍ଧ୍ୱ ଲୋଡଧାରୀ ଉପଭୋକ୍ତାଙ୍କୁ ସ୍ୱୟଂକ୍ରିୟ ମିଟର ଭୁକ୍ତ କରାଯିବ। ସ୍ୱୟଂକ୍ରିୟ ମିଟର ସଂସ୍ଥାପନା ଦ୍ୱାରା ମିଟରରେ ଯେ କୌଣସି ପ୍ରକାରର ବେଆଇନ ବ୍ୟବହାରକୁ ଚିହ୍ନଟ କରାଯାଇପାରିବ। ଏହା ଦ୍ୱାରା ମିଟର ଟେମ୍ପରିଂ ମଧ୍ୟ ହ୍ରାସ ପାଇବ। ଫଳରେ ରାଜସ୍ୱରେ ମଧ୍ୟ ବୃଦ୍ଧି ଘଟିବ। ତେଣୁ, ଆୟୋଗ ନିର୍ଦ୍ଦେଶ ଦିଅନ୍ତି ଯେ, ୧୦ କିଲୋୱାଟରୁ ଉର୍ଦ୍ଧ୍ୱ ସଂଯୋଗିତ ଲୋଡର ଉପଭୋକ୍ତାଙ୍କୁ ଆଗାମୀ ୨୦୧୦ -୧୧ ଆର୍ଥିକ ବର୍ଷରେ ସ୍ୱୟଂକ୍ରିୟ ମିଟର ଭୁକ୍ତ କରାଯିବ।

**ଆପାର୍ଟମେଣ୍ଟ ଓ ସାଧାରଣ ଉଦ୍ଦେଶ୍ୟିତ ଉପଭୋକ୍ତାଙ୍କ ସକାଶେ ସ୍ଥୁଳଯୋଗାଣ :**

୩୪୦. ବଡ ବଡ ଦୋକାନ ଘର, ବ୍ୟବସାୟିକ କୋଠରୀ ଓ ଆବାସ ଗୃହ ଭାବେ ବାସ କରୁଥିବା ସଂଖ୍ୟାଧିକ ପରିବାରଙ୍କୁ ନେଇ ଆପାର୍ଟମେଣ୍ଟଗୁଡିକ ପାଇଁ ବ୍ୟକ୍ତିଗତ ଭାବେ ସମସ୍ତଙ୍କ ପାଇଁ ମିଟର ବସାଇବା କଷ୍ଟକର ବ୍ୟାପାର ହୋଇଥିବାରୁ 'ଅଣ ଘରୋଇ ସ୍ଥୁଳ ଯୋଗାଣ ନାମରେ ଏକ ନୂଆ ଶ୍ରେଣୀର ସୃଷ୍ଟି ପାଇଁ ସେସୁ ଯୁକ୍ତି ଦେଖାଇଛି। ଆୟୋଗ ସ୍ପଷ୍ଟ କରିଦେଇଛନ୍ତି ଯେ, ଓଇଆରସି ବଣ୍ଟନ (ଯୋଗାଣ ସର୍ତ୍ତାବଳୀ) କୋଡ ୨୦୦୪ର ବ୍ୟବସ୍ଥା ଅନୁଯାୟୀ, ଯଦି ସେହି ଆପାର୍ଟମେଣ୍ଟର ମାଲିକ ସମୁଦାୟ ବ୍ୟିଲ୍‌ଡିଂ ପାଇଁ ଏକକ ଉପଭୋକ୍ତା ଭାବରେ ସ୍ଥୁଳ ଯୋଗାଣ ଚାହାନ୍ତି, ତେବେ ତାହା ତାଙ୍କୁ ଯୋଗାଇ ଦିଆଯିବ କିମ୍ବା ସମସ୍ତଙ୍କୁ ପୃଥକ ଉପଭୋକ୍ତା ଭାବେ ଚାହାନ୍ତି, ତେବେ ସେହି ଅନୁଯାୟୀ ମଧ୍ୟ ଯୋଗାଣ କରାଯିବା ମୋଟ ଉପରେ, ସେଭଳି ଆପାର୍ଟମେଣ୍ଟ ପାଇଁ ସ୍ଥୁଳ ଯୋଗାଣର ଶ୍ରେଣୀକରଣ ସେହି ଆପାର୍ଟମେଣ୍ଟର ମାଲିକଙ୍କ ପସନ୍ଦ ଉପରେ ନିର୍ଭର କରେ। ତେବେ, ବିଦ୍ୟୁତ ଆଇନ, ୨୦୦୩ ର ବିଭାଗ ୧୩ ଅଧିନରେ ଶକ୍ତି ବ୍ୟବହାର କାରୀ ସଂଗଠନର ସେମାନଙ୍କ ପସନ୍ଦକୁ ସ୍ୱାଧିନତା ଦିଆଯାଇପାରେ ବୋଲି ମତ ଦିଆଯାଇଛି; ଅର୍ଥାତ ଶକ୍ତି ବ୍ୟବହାରକାରୀ ସଂଗଠନ ଯଦି ଏଚଟିରେ ଶକ୍ତି ଯୋଗାଣ ଚାହିଁବେ, ସେମାନେ ସ୍ୱତନ୍ତ୍ର ଟ୍ରାନ୍ସଫରମର ବସାଇ ଏଚଟି ତାରିଫର ଅନ୍ତର୍ଭୁକ୍ତ ହୋଇପାରନ୍ତି ଏବଂ ବଣ୍ଟନକାରୀ କଂପାନୀମାନେ ଏଭଳି ଅନୁରୋଧକୁ ତ୍ୱରାନ୍ୱିତ କରାଇ ପାରନ୍ତି ବୋଲି ସେସୁ ମତ ଦେଇଛି।

**ଯୋଗାଣ ଓ ସେବାର ଗୁଣବତ୍ତା**

୩୪୧. କେତେକ ଅଭିଯୋଗକାରୀ ଯୁକ୍ତି ଦର୍ଶାଇଥିଲେ ଅନୁମତିଧାରୀଙ୍କର ଯେ ଶକ୍ତି ସେବାର ଗୁଣବତ୍ତା ଅତି ନିମ୍ନ ମାନର ଅଟେ। ଅତଏବ, ସେବାର ଗୁଣବତ୍ତାକୁ ନେଇ ତାରିଫ ନିର୍ଦ୍ଧାରଣ କରାଯିବା ଉଚିତ। ଶକ୍ତି ବ୍ୟାହତି , କମ ଭୋଲଟେଜ ଓ ଯୋଗାଣର ନିର୍ଭରଯୋଗ୍ୟ ବିହୀନତା ଆୟୋଗଙ୍କ ପାଇଁ ଚିନ୍ତାର କାରଣ ଅଟେ। ତେଣୁ ଏ ସଂପର୍କରେ ସତ୍ୟପାଠ ଜରିଆରେ ଆୟୋଗ। ଅନୁମତିଧାରୀଙ୍କର ଉକପସ୍ଥାପିତ ତଥ୍ୟାବଳୀକୁ ଯାଞ୍ଚ କରିବାକୁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରୁଥିବା ପ୍ରକାଶ କରିଥିଲେ। ପୁନଶ୍ଚ, ଆୟୋଗ ନିଜର ନିର୍ଦ୍ଧାରଣ ମତେ ଯୋଗାଣ ଗୁଣବତ୍ତାର ପରିପୂରଣ ନିମନ୍ତେ ଅନୁମତିଧାରୀଙ୍କର ନିର୍ବାହନ ମାପଦଣ୍ଡକୁ ତତ୍ତ୍ୱାବଧାନ କରିବାକୁ ପଦକ୍ଷେପ ନେଉଥିବା ମଧ୍ୟ ପ୍ରକାଶ କରିଥିଲେ। ଅତଏବ, ଆୟୋଗଙ୍କ ନିର୍ଦ୍ଧାରଣ ମାପଦଣ୍ଡ ଠାରୁ ନିମ୍ନମାନର ନିର୍ବାହନ ପାଇଁ ଉପଭୋକ୍ତାମାନେ କ୍ଷତିପୂରଣ ପାଇବାକୁ ହକଦାର ଅଟନ୍ତି ବୋଲି ଆୟୋଗ ପ୍ରକାଶ କରିଥିଲେ।

**ଶକ୍ତି ଯୋଗାଣରେ ବ୍ୟାହତି**

୩୪୨. କେତେକ ଅଭିଯୋଗକାରୀ ଦର୍ଶାଇଥିଲେ ଯେ, ବାରମ୍ବାର ଶକ୍ତି କାଟ ଯୋଗୁ ଅନେକ ସମସ୍ୟା ସୃଷ୍ଟି ହେଉଛି। ଆୟୋଗ ମତ ଦେଇଥିଲେ ଯେ, ଓଇଆରସି (ଅନୁମତିଧାରୀଙ୍କର ନିର୍ବାହନର ମାନଦଣ୍ଡ) ନିୟମାବଳୀ,୨୦୦୪ ଅନୁଯାୟୀ ଏଥିପାଇଁ ସଂପୃକ୍ତ ଯୋଗାଣ ଅନୁମତିଧାରୀଙ୍କୁ ଦଣ୍ଡିତ କରିବା ଉଚିତ।

୩୪୩. ଆଉ କେତେକ ଅଭିଯୋଗକାରୀ ଉପସ୍ଥାପନ କରିଥିଲେ ଯେ, ପ୍ରତି ଥରର ଶକ୍ତି ବ୍ୟାହତିକୁ (ତାହା ଯେତେ କମ ସମୟ ପାଇଁ ହୋଇଥିଲେ ମଧ୍ୟ) ୩୦ ମିନିଟର ବ୍ୟାହତି ବୋଲି ଧରାଯିବ ଏବଂ ଗୋଟିଏ ମାସର ସମୁଦାୟ ଲୋଡ ଫ୍ୟାକ୍ଟରକୁ ହିସାବକୁ ନେଲାବେଳେ ଯେତେଥର ଶକ୍ତି ବ୍ୟାହତି ହୋଇଥିବ, 'ସେତେଥର ଗୁଣନ ୩୦ ମିନିଟ = ଯେତିକି ଘଣ୍ଟା ହେବ - ସେତିକି ସମୟକୁ ମାସକର ସମୁଦାୟ ଫାକ୍ଟରକୁ ସମୟରୁ ବାଦ୍ ଦିଅଯିବା' ଆୟୋଗ କିନ୍ତୁ ୮୦%ର ନିଶ୍ଚିତ ଲୋଡ୍ ଗ୍ରହଣ କରିନାହାନ୍ତି। ଅଧିକନ୍ତୁ ୩୦ ମିନିଟରୁ କମ ସମୟ ପାଇଁ ହୋଇଥିବା ଶକ୍ତି ବ୍ୟାହତିକୁ ୩୦ ମିନିଟର ଶକ୍ତି ବ୍ୟାହତି ଭାବେ ପରିଗଣନା କରିବା ବିଦ୍ୟୁତ ଆଇନର ବିରୋଧାଚରଣ କରୁଛି ବୋଲି ମଧ୍ୟ ଆୟୋଗ କହିଛନ୍ତି।

୩୪୪. କେତେକ ଅଭିଯୋଗକାରୀ ଯୁକ୍ତି ଦର୍ଶାଇଥିଲେ ଯେ, ଷ୍ଟାଟିକ ମିଟରରେ ଏସ୍‌ଡ଼ି ପିଏଫ୍, ନମ୍ବର ଓ ଶକ୍ ବ୍ୟାହତିର ସମୟ ସଂପର୍କିତ ବିବରଣୀର ପ୍ରିଣ୍ଟଆଉଟ ଦେୟ ପରିମାଣର ଉଲ୍ଲେଖ ସହ ଶକ୍ତି ବିଲରେ ସଂଯୋଜିତ ହେବା ଉଚିତ। ମିଟର ରିଡିଂରେ ଯଦି ଏସବୁ ଉପଲବ୍ଧ ହୁଏ ,ତେବେ ଅନୁମତିଧାରୀଙ୍କ ପକ୍ଷେ ସେହି ସୂଚନାର ବ୍ୟବସ୍ଥିତିକରଣ କଷ୍ଟକର ହେବନାହିଁ। ଅଧିକନ୍ତୁ ଅନୁମତିଧାରୀମାନେ ମିଟର ରେକଡିଂରେ ଯଦି କିଛି ଟ୍ୟାମ୍ପରିଂ ତଥ୍ୟ ଥାଏ, ସେଥିପାଇଁ ଉପଯୁକ୍ତ ଦଣ୍ଡ ବିଧାନର ଉଲ୍ଲେଖ କରି ତାହାକୁ ସଂପୃକ୍ତ ଉପଭୋକ୍ତାଙ୍କୁ ସୂଚାଇ ଦେବେ। ପ୍ରିଣ୍ଟ ଆଉଟ ଯୋଗାଣର ଦର ସଂପ୍ରତି ସାମୟିକ ଭାବେ ଟ ୫୦୦/-ରେ ସ୍ଥିର କରାଯାଇଛି କିନ୍ତୁ ଏହାକୁ ପରବର୍ତ୍ତୀ ତାରିଫରେ ରିଭ୍ୟୁ କରାଯିବ।

**<u>ରାସ୍ତା ପାର୍ଶ୍ୱ ଲାଇଟ ପ୍ରସଂଗରେ.......</u>**

୩୪୫. ଥରକୁ ଥର ଆୟୋଗ ନିର୍ଦ୍ଦେଶ ଦେଇ ଆସୁଛନ୍ତି ଯେ, ସବୁ ବିଦ୍ୟୁତ ଉପଭୋକ୍ତାଙ୍କ ପାଇଁ ମିଟରର ବ୍ୟବସ୍ଥା କରିବାକୁ ପଡିବ। ଶକ୍ତି ଯୋଗାଣ ପାଇଁ ଅନୁମତିଧାରୀଙ୍କ ସହ ମ୍ୟୁନିସପାଲଟି ଏକ ଚୁକ୍ତିନାମା କରିବାକୁ ପଡିବ। ମିଟରିଂର ସଂପୂର୍ଣ୍ଣକରଣ ହୋଇଗଲେ ଆଉ ଦିନକୁ ୧୦/୧୧ ଘଣ୍ଟା ପାଇଁ ବିଲିଂର ସମସ୍ୟା ରହିବ ନାହିଁ। ଅତଏବ, ରାସ୍ତାପାର୍ଶ୍ୱ ଆଲୋକ ଜଳାଇବା ପାଇଁ ସବୁ ଅନୁମତିଧାରୀଙ୍କୁ ମିଟରିଂର ବ୍ୟବସ୍ଥା ପାଇଁ ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି। ମିଟରିଂ ବ୍ୟବସ୍ଥା ନ ହୋଇ ସାରିବା ପର୍ଯ୍ୟନ୍ତ ଗ୍ରୀଷ୍ମ ଋତୁ ଓ ଶୀତଋତୁର ହାରାହାରି ଉପଯୋଗକୁ ହିସାବକୁ ନେଇ ୧୧ ଘଣ୍ଟାର ଆଲୋକ ଜଳାଇବାକୁ ଗ୍ରହଣ କରି ବିଲିଂ କରାଯିବା ଉଚିତ। ଇତି ମଧ୍ୟରେ ଶକ୍ତିର ସାଂଘାତିକ ସଂକଟ ଯୋଗୁ ଓଡ଼ିଶା ସରକାର ତାଙ୍କର ତା ୨୨.୧.୨୦୧୦ ରିଖର ବିଜ୍ଞପ୍ତି ନଂ ୫୬୭/ ଇଏନରେ ନିର୍ଦ୍ଦେଶ ଦେଇଛନ୍ତି ଯେ-

"ରାତି ୧୧ ଟା ପରେ ଅନ୍ୟୁନ ୫୦ ପ୍ରତିଶତର ଆଲୋକିତ ସ୍ତର କୁ ହ୍ରାସ କରିବା ସମୟର ଅପରିହାର୍ଯ୍ୟ ଆବଶ୍ୟକତା ଅଟେ। ଆଉଟଡୋର/ସବୁସହର ଓ ନଗର , ସରକାରୀ କିମ୍ବା ସରକାରୀ ସହାୟତାପ୍ରାପ୍ତ ସେକ୍ଟର ଅଧିନରେ ଆବାସିକ କଲୋନୀ/ପରିଷଦ ଓ ନିଗମ ସମୂହ /ସ୍ୱୟଂଚାଳିତ ପ୍ରତିଷ୍ଠାନଗୁଡିକର ଉପଯୁକ୍ତ (ବିବେଚିତ) ସଂଖ୍ୟକ ଲାଇଟକୁ ଲିଭାଇ ଦେବାକୁ ପଡିବ। ଏହି ଉଦ୍ଦେଶ୍ୟରେ ସହର/ନଗରର ସଂପୃକ୍ତ କର୍ତ୍ତୃପକ୍ଷ ତଥା ସ୍ଥାନୀୟ ସାଧୀନ ପରିଷଦ/ପ୍ରତିଷ୍ଠାନମାନଙ୍କର ସଂପୃକ୍ତ କର୍ତ୍ତୃପକ୍ଷ ସୁଇଚଂ / ଟାଇମର କଣ୍ଟ୍ରୋଲ ଜନିତ ସଂପର୍କିତ ବୈଦ୍ୟୁତିକ ସଂଯୋଗସମୂହର ସଂସ୍ଥାପନା ପ୍ରତି ଯେପରି ନିଶ୍ଚିତ ହେବେ।

ଉପରୋକ୍ତ ଶକ୍ତି କଟକଣାକୁ ଦୃଷ୍ଟିରେ ରଖି ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି ଯେ, ଯେଉଁ ମ୍ୟୁନିସପାଲଟି ବା ସ୍ୱାଧୀନ ପରିଷଦ / ପ୍ରତିଷ୍ଠାନମାନେ ଉପରୋକ୍ତ ନିୟମକୁ ମାନି ଚଳୁଥିବେ, ସେମାନଙ୍କ ପାଇଁ ଗ୍ରୀଷ୍ମଋତୁ ଓ ଶୀତଋତୁର ହାରାହାରି ଉପଯୋଗକୁ ବିଚାରକୁ ନେଇ ଆଲୋକ ଜଳାଇବା ସମୟକୁ ଗ୍ରହଣ କରି ୯ ଘଣ୍ଟାର ବିଲିଂ କରାଯିବ। ପ୍ରକୃତ ମିଟର ରିଡିଂ ଆଧାରରେ ବିଲିଂ କରାଯିବା ଉଚିତ।

**<u>ଶିଳ୍ପ ସଂସ୍ଥାଗୁଡିକର କଲୋନୀରେ ଶକ୍ତି ଉପଯୋଗ ସଂପର୍କରେ .........</u>**

୩୪୬. ପାରିତୋଷିକ ହିସାବରେ ୫୦ ପ୍ରତିଶତର ପ୍ରଥମ ସ୍ଲାବରେ ଅନ୍ତର୍ଭୁକ୍ତ ହେବାକୁ ଥିବା ସର୍ବାଧିକ ୧୦ ପ୍ରତିଶତର ସସୀମତା ଏବଂ ସମୁଦାୟ ଉପଯୋଗର ୧୦ ପ୍ରତିଶତର ସୀମା ଅନ୍ତର୍ଭୁକ୍ତ ସିଲିଂର ପ୍ରତ୍ୟାହାର ଏବଂ ଘରୋଇ ଉପଭୋକ୍ତାଙ୍କ ଦର-ହାର ଲାଗୁ କରାଯିବା ଜନିତ ଶିଳ୍ପସଂସ୍ଥାଗୁଡ଼ିକର କଲୋନୀରେ ଶକ୍ତି ଉପଯୋଗ ପ୍ରସଂଗରେ ଆୟୋଗ ପର୍ଯ୍ୟବେକ୍ଷଣ କରିଛନ୍ତି ଯେ, ବିଦ୍ୟୁତ ଆଇନର ନିୟମ -୮୦ ଅନୁଯାୟୀ, ଅର୍ଥାତ୍ ଓଇଆରସି ବଣ୍ଟନ (ଯୋଗାଣ ସର୍ତ୍ତାବଳୀ) କୋଡ ୨୦୦୪ ରେ ଉପଭୋକ୍ତା ଶ୍ରେଣୀକରଣ ଅନୁଯାୟୀ ଶିଳ୍ପ ପ୍ରତିଷ୍ଠାନଗୁଡ଼ିକ ସହ ସଂଯୋଚିତ ଆବାସିକ କଲୋନୀଗୁଡ଼ିକ ପାଇଁ 'ଘରୋଇ ଶ୍ରେଣୀ' ପ୍ରୟୋଗ କରାଯାଇପାରିବ ନାହିଁ। କାରଣ ସେହିସବୁ କଲୋନୀ ଗୁଡ଼ିକୁ ସଂଶ୍ଳିଷ୍ଟ ଶିଳ୍ପ ପ୍ରତିଷ୍ଠାନର ମିଟର ଜରିଆରେ ଶକ୍ତି ଯୋଗାଣ ଆହରଣ କରାଯାଇଥାଏ। ତେଣୁ , ଆୟୋଗ ଉପରୋକ୍ତ କଲୋନୀମାନଙ୍କରେ ପ୍ରଚଳିତ ଶକ୍ତି ଉପଯୋଗ ଢାଞ୍ଚାର କୌଣସି ପରିବର୍ତ୍ତନ କରିନାହାନ୍ତି।

**ଲୋଡ ଫାକ୍ଟରର ହିସାବରୁ ବିଭାଗୀୟ ବାର୍ଷିକ ମେଣ୍ଟେନାନ୍ସ ଜନିତ ଶକ୍ତି ଯୋଗାଣରେ ବ୍ୟାହତି ନିର୍ଘଣ୍ଟକୁ ବାଦ ଦେବା ପ୍ରସଂଗରେ.....**

୩୪୭. ଏଚଟି ଏବଂ ଇଏଚଟି 'ପର୍ଯ୍ୟାୟଭୁକ୍ତ ସ୍ଲାବ ଟାରିଫ'ର ଲାଭ ପାଇବାକୁ ଲୋଡ ଫ୍ୟାକ୍ଟର ହିସାବରୁ ବିଭାଗୀୟ ବାର୍ଷିକ ମେଣ୍ଟେନାନ୍ସ ଜନିତ ଶକ୍ତି ଯୋଗାଣର ବ୍ୟାହତି ନିର୍ଘଣ୍ଟକୁ ବାଦ୍ ଦିଆଯିବା ଉଚିତ ବୋଲି କେତେକ ଅଭିଯୋଗକାରୀ ଦାବୀ ଉପସ୍ଥାପନ କରିଥିଲେ। ଏହି ପରିପ୍ରେକ୍ଷୀରେ ଆୟୋଗ ପର୍ଯ୍ୟବେକ୍ଷଣ କରିଛନ୍ତି ଯେ, ଉଚ୍ଚତର ଲୋଡ ଫାକ୍ଟର ଯୋଗୁ ଟାରିଫରେ ଲାଭ ପାଇବାକୁ ଉପଭୋକ୍ତାମାନେ ବର୍ଷର ବିଭିନ୍ନ ମାସ ମଧ୍ୟରେ ମେଣ୍ଟେନାନ୍ସ ପିରିଅଡକୁ ପୃଥକ ଭାବେ ହିସାବ କରିବାରେ ଉପଯୁକ୍ତ ପଦକ୍ଷେପ ନେବା ଉଚିତ, ଯାହା ଫଳରେ ମାସିକିଆ ଲୋଡ ଫାକ୍ଟର ଉଚ୍ଚା ରହିବ। ଅତଏବ,ଏ ପ୍ରସଂଗରେ ଅଧିକ ଲାଭ ଦେବାକୁ ଆୟୋଗ ଉଚିତ ମଣିନାହାନ୍ତି।

**ଏଚଟି ଏବଂ ଇଏଚଟି ଉପଭୋକ୍ତାଙ୍କ ପାଇଁ ଟାରିଫ**

୩୪୮. ଏଚଟି ଏବଂ ଇଏଚଟିରେ ଟାରିଫ ସଂରଚନାର ଏକ ଅଧ୍ୟୟନରୁ ଜଣାଯିବ ଯେ, ସାଧାରଣ ଭାବେ ଟାରିଫ ସଂରଚନା ସନ୍ତୁଳିତ ହୋଇଛି। କେବଳ କ୍ୟାପଟିଭ ପାୱାର ପ୍ଲାଣ୍ଟଗୁଡ଼ିକୁ ଜରୁରୀକାଳୀନ ଯୋଗାଣ ବାଦ୍ ଏଚଟି ଏବଂ ଇଏଚଟିରେ ଶକ୍ତି ଗ୍ରହଣ କରୁଥିବା (୧୧୦ କେଭିଏ ଓ ତଦୁର୍ଦ୍ଧ୍ୱର କଣ୍ଟ୍ରାକ୍ଟ ଡିମାଣ୍ଡ ଥିବା) ଉପଭୋକ୍ତାଙ୍କ ପାଇଁ ଟାରିଫ ଦର-ହାର ସମାନ ଅଟନ୍ତି। ସାଧାରଣ ଉଦ୍ଦେଶ୍ୟିତ ଉପଭୋକ୍ତା, ସାଧାରଣ ଜଳ ଯୋଗାଣ କାର୍ଯ୍ୟ, ସେୱରେଜ ପମ୍ପିଙ୍ଗ୍, ବୃହତ ଶିଳ୍ପ, ନିରବଚ୍ଛିନ୍ନ ଭାବେ ଶକ୍ତି ଆହରଣ କରୁଥିବା ଶିଳ୍ପସଂସ୍ଥା , କ୍ଷୁଦ୍ର ଇସ୍ପାତ କରାଖାନା, ରେଳବାଇ ଟ୍ରାକ୍ସନ ଓ ବୃହତ ଶିଳ୍ପ ସଂସ୍ଥାଗୁଡ଼ିକ ଏହି ଶ୍ରେଣୀର ଅନ୍ତର୍ଭୁକ୍ତ ଅଟେ। ଭୋଲଟେଜ ସ୍ତର ଉପରେ ନିର୍ଭରଶୀଳ ଭାବେ ଉପରୋକ୍ତ ଶ୍ରେଣୀ ବା କ୍ୟାଟେଗୋରୀ ପାଇଁ ଏଚଟି ଓ ଇଏଚଟିରେ ଯଦି ପାୱାର ଫାକ୍ଟର ଓ ଲୋଡ ଫାକ୍ଟର ସମାନ ରହୁଥାଏ, ତେବେ ସାମୁଦାୟିକ ଭାବେ ୟୁନିଟ ପିଛା ଟାରିଫ ସମାନ ରହିବ। ଦର-ଭିତ୍ତିକ ଟାରିଫ ସଂରଚନା ଆଡକୁ ଗତି କରିବାରେ ଏହା ଏକ ସୂଚକ ଅଟେ। ବାସ୍ତବରେ, ଯଦି ସରକାରଙ୍କ ଦ୍ୱାରା ଲାଗୁ କରାଯାଇଥିବା ବିଦ୍ୟୁତ ଡ୍ୟୁଟିରେ ପାର୍ଥକ୍ୟ ବଢ଼ା ନଯାଆନ୍ତା ,ତେବେ ସବୁ ଏଚଟି ଏବଂ ଇଏଚଟି କ୍ୟାଟେଗୋରୀକୁ ସମାନ ଟାରିଫକୁ ଅଣାଯାଇ ପାରନ୍ତା।

**ଏଚଟି ଏବଂ ଇଏଚଟି ଉପଭୋକ୍ତାଙ୍କ ପାଇଁ ସୋପାନୀଭୁକ୍ତ ସ୍ଲାବ ଟାରିଫ**

୩୪୯. କୌଣସି ପ୍ରାକ୍ ସର୍ତ୍ତ ବିନା ଉଚ୍ଚତର ଲୋଡ ଫାକ୍ଟର ପାଇଁ କମ ଦରହାର ନିର୍ଦ୍ଧାରଣ ଦ୍ୱାରା ଉଚ୍ଚତର ଉପଯୋଗ ପାଇଁ ୨୦୦୮-୦୯ ଆର୍ଥିକ ବର୍ଷ ଠାରୁ ଆୟୋଗ ପ୍ରୋତ୍ସାହନ ଦେଇ ଆସୁଛନ୍ତି। ଏଲଟି କ୍ୟାଟାଗୋରୀରେ ସ୍ଲାବ ଦରହାରର ଟାରିଫର ଏହା ଠିକ ବିପରୀତ। ଇଏଚଟି ସ୍ତରରେ କମ ବଣ୍ଟନ କ୍ଷତି ଯୋଗୁ ଏହା ସମ୍ଭବ ହୋଇପାରିଛି, ଯାହାକି କାଟାଗୋରୀର ବିପରୀତ ଅଟେ; ଏବଂ ଯେଉଁ କ୍ଷେତ୍ରରେ ଅଧିକ ବିକ୍ରୀ ପଦ୍ଧତି ପାଇଁ ଅଧିକ ବଣ୍ଟନ କ୍ଷତି ଆଣିଥାଏ। ଉଚ୍ଚତର ଉପଯୋଗ ପାଇଁ ଏହି ସୋପାନୀଭୁକ୍ତ ସ୍ଲାବ ଟାରିଫ ସବୁ ଏଚଟି ଓ ଇଏଚଟି ଉପଭୋକ୍ତାଙ୍କ ପାଇଁ

ଟାରିଫ ହ୍ରାସ କରିବାକୁ ପ୍ରଭାବିତ କରିବ। ଫଳତଃ କ୍ରସ୍ ସବସିଡିର ହ୍ରାସ ମଧ୍ୟ ଘଟାଇଥାଏ। କିନ୍ତୁ ପ୍ରଯୋଜ୍ୟ ମତେ ଡିମାଣ୍ଡ ଚାର୍ଜ ଓ ଅନ୍ୟାନ୍ୟ ଚାର୍ଜ ସମୂହ ଶକ୍ତି ଦେୟ ଦର ସହ ଯୋଗକ ଭାବେ ଦେୟ-ଯୋଗ୍ୟ ହେବ। ସୋପାନୀଭୁକ୍ତ ସ୍ଲାବ ଟାରିଫ ଏଚ୍‌ଟି ଓ ଇଏଚଟି ସ୍ତରରେ ଟାରିଫକୁ ଅଧିକ ପ୍ରତିଦ୍ୱନ୍ଦିତାକ୍ଷମ କରିବ। ଫଳତଃ ମୁକ୍ତ ପ୍ରବେଶ ପାଇଁ ପରିବେଶ ସୃଷ୍ଟି କରିବ ଓ ରାଜ୍ୟରେ କ୍ୟାପଟିଭ ଉତ୍ପାଦନକୁ ଅଧିକ କ୍ଷମ କରାଇବ। ଅତଏବ, ବିଦ୍ୟୁତ ଆଇନ ୨୦୦୩ ର ବିଭାଗ ୬୧ (ଗ) ଅନୁଯାୟୀ ଏତଦ୍ୱାରା ମଂଜୁର କରାଯାଇଥିବା ପାରିତୋଷିକ ଟାରିଫ ଉପଭୋକ୍ତାଙ୍କ ସ୍ୱାର୍ଥାର୍ଥେ ଉନ୍ନତ ପ୍ରତିଦ୍ୱନ୍ଦିତାକୁ ବିକଶିତ କରାଇବ।

୩୫୦. ଉପଭୋକ୍ତା ଫାକ୍ଟରଗୁଡିକୁ ଦୃଷ୍ଟିରେ ରଖି, ଆୟୋଗ ସବୁ ଏଚଟି ଓ ଇଏଚଟି ଉପଭୋକ୍ତାଙ୍କ ପାଇଁ ଶକ୍ତି ଦେୟ ଦରର ସ୍ଲାବ ଦର ହାର ନିମ୍ନମତେ ନିର୍ଦ୍ଧାରଣ କରିଛନ୍ତି।

**ସାରଣୀ – ୩୯**

**ଏଚଟି** ଓ **ଇଏଚଟି** ପାଇଁ ଶକ୍ତି ଦେୟ-ଦରର ସ୍ଲାବ ରେଟ୍ (ୟୁନିଟ୍ ପ୍ରତି ପଇସା)

**Slab rate of energy charges for HT & EHT (Paise per unit)**

| ଲୋଡ ଫାକ୍ଟର (%) | ଏଚଟି | ଇଏଚଟି |
|---|---|---|
| ୫୦% ପର୍ଯ୍ୟନ୍ତ | ୩୭୫ | ୩୭୦ |
| >୫୦ % =<୬୦% | ୩୩୦ | ୩୨୫ |
| >୬୦% | ୨୮୦ | ୨୮୦ |

୩୫୧. ଲୋଡ ଫାକ୍ଟରକୁ ହିସାବକୁ ନିଆଗଲା ବେଳେ, ଓଇଆରସି ବଣ୍ଟନ (ଯୋଗାଣ ସର୍ତ୍ତାବଳୀ) କୋଡ,୨୦୦୪ର ନିୟମ-୨ (କ କ) ଅନୁଯାୟୀ ସର୍ବାଧିକ ଡିମାଣ୍ଡକୁ ନିଆଯିବ। ଓଇଆରସି ବଣ୍ଟନ (ଯୋଗାଣ ସର୍ତ୍ତାବଳୀ), କୋଡ ୨୦୦୪ର ନିୟମ ୨(ଛ) ଅନୁଯାୟୀ ମଧ୍ୟ ଲୋଡ ଫାକ୍ଟରର ହିସାବ କରିବାକୁ ପଡିବ।

## ଅଫ ପିକ୍ ନିର୍ଘଣ୍ଟରେ ଅଧିକ ଉଠାଣ ପାଇଁ ଉଠାଣ-ଆଧିକ୍ୟ ଜୋରିମାନା

୩୫୨. ଟୁ ପାର୍ଟ ଟାରିଫ ଭୁକ୍ତ ଉପଭୋକ୍ତାମାନଙ୍କୁ ଡିମାଣ୍ଡ ଚାର୍ଜରେ କୌଣସି ଜୋରିମାନା ବିନା ଅଫ ପିକ ନିର୍ଘଣ୍ଟରେ ସେମାନଙ୍କ କଣ୍ଟ୍ରାକ୍ଟ ଡିମାଣ୍ଡ ବା ଚୁକ୍ତିବଦ୍ଧ ଚାହିଦାର ୧୨୦ ପ୍ରତିଶତ ପର୍ଯ୍ୟନ୍ତ ଶକ୍ତି ଉଠାଣ ପାଇଁ ଆୟୋଗ ଅନୁମତି ଦେଇଛନ୍ତି। ଆୟୋଗଙ୍କର ମତ ଯେ, ଅଫ ପିକ୍ ନିର୍ଘଣ୍ଟରେ ଶକ୍ତି ଉଠାଣ ପଦ୍ଧତିରେ ଉତ୍ତମ ଶକ୍ତି ପ୍ରବହମାନତାରେ ସନ୍ତୁଳନ ରକ୍ଷା କରେ। ତା'ଛଡା ଯଦି କିଛି ବଳକା ଶକ୍ତି ରହିଥାଏ, ତେବେ ତା'ର ମଧ୍ୟ ଉତ୍ତମ ବିନିଯୋଗ ହୋଇଥାଏ। କିନ୍ତୁ ଅଫ ପିକ୍ ନିର୍ଘଣ୍ଟରେ ଚୁକ୍ତିବଦ୍ଧ ଚାହିଦାର ୧୨୦ ପ୍ରତିଶତରୁ ଉର୍ଦ୍ଧ୍ୱରେ କୌଣସି ଉଠାଣ ହେଉଥିଲେ ବର୍ଦ୍ଧିତ ଚାହିଦା ପାଇଁ ଚାହିଦା ଦେୟ ଦରର ଦୁଇଗୁଣ ପରିମାଣର ଜୋରିମାନା ଦେବାକୁ ପଡବ। ଏହି ଉଦ୍ଦେଶ୍ୟରେ ଅଫ ପିକ ନିର୍ଘଣ୍ଟକୁ ମଧ୍ୟରାତ୍ର ୧୨ ଟାରୁ ପରବର୍ତ୍ତୀ ଦିବସର ୬ ଟା ପର୍ଯ୍ୟନ୍ତ ସଞ୍ଜାୟନ କରାଯାଇଥାଏ। ଯେତେବେଳେ ଅଫ ପିକ୍ ନିର୍ଘଣ୍ଟ ବାଦ୍ ଅନ୍ୟ ନିର୍ଘଣ୍ଟରେ ସର୍ବାଧିକ ଚାହିଦା ଚୁକ୍ତିବଦ୍ଧ ଚାହିଦାଠାରୁ ବଳେଇଯାଏ, ସେତେବେଳେ ଏହି ଅଧିକ ଚାହିଦା ପାଇଁ ଦେୟ ଦରର ଦୁଇଗୁଣ ପରିମାଣର ଜୋରିମାନା ଦେବାକୁ ପଡିଥାଏ। ଅଫ୍ ପିକ୍ ନିର୍ଘଣ୍ଟ ବାଦ୍ ଅନ୍ୟ ନିର୍ଘଣ୍ଟରୁ ଲୋଡ ପ୍ରବହମାନତାର ଦର୍ଶନ ଏତଦ୍ୱାରା ବାଧାପ୍ରାପ୍ତ ହୋଇଥାଏ, ଯେତେବେଳେ ଅଫ୍ ପିକ୍ ନିର୍ଘଣ୍ଟ ବାଦ୍ ଅନ୍ୟ ନିର୍ଘଣ୍ଟରେ କେତେକ ଉପଭୋକ୍ତା ଚୁକ୍ତିବଦ୍ଧ ଚାହିଦାଠାରୁ ଅଧିକ ପରିମାଣର ସେମାନଙ୍କର ଉଠାଣ କରନ୍ତି ଏବଂ ବିକଳ୍ପତଃ ଅଫ ପିକ୍ ନିର୍ଘଣ୍ଟର ଉଠାଣ ଆଧିକ୍ୟ ହାସଲ କରନ୍ତି। ସେହିଭଳି ଉପଭୋକ୍ତା ଉଠାଣ- ଆଧିକ୍ୟ ଲାଭ ବା ଓଭର ଡ୍ରୟାଲ ବେନିଫିଟ ପାଇବାକୁ ଯୋଗ୍ୟ ହେବେ ନାହିଁ ବୋଲି ଆୟୋଗ ସ୍ୱଷ୍ଟୋକ୍ତି କରିଦେଇଛନ୍ତି। ଆୟୋଗ ପୁନର୍ବାର ଦୋହରାଛନ୍ତି ଯେ, ଯେତେବେଳେ ଆଇନଗତ ଭାବେ ଲୋଡ କଟକଣା

ଥିବ, ସେତେବେଳେ କଣ୍ଟ୍ରାକ୍ଟ ଡିମାଣ୍ଡ ବା ଚୁକ୍ତିବଦ୍ଧ ଚାହିଦା ପରିମାଣ କଟକଣିତ ଚାହିଦାକୁ ଆଧାର କରି ହିସାବ କରାଯିବ।

ୱ୦୦ ଏମଭିଏ ଏବଂ ତଦୁର୍ଦ୍ଧ୍ୱର କଣ୍ଟ୍ରାକ୍ଟ ଡିମାଣ୍ଡ ଥିବା ଶିଳ୍ପସଂସ୍ଥାଙ୍କ ପାଇଁ ସ୍ୱତନ୍ତ୍ର ଟାରିଫ

୩୫୩. ୧୦୦ ଏମଭିଏ ଏବଂ ତଦୁର୍ଦ୍ଧ୍ୱର କଣ୍ଟ୍ରାକ୍ଟ ଥିବା ଏବଂ ମାସକୁ ୮୦ ପ୍ରତିଶତର ନିଶ୍ଚିତ ଅଫଟେକ ଚାଳନା କରୁଥିବା ଶିଳ୍ପସଂସ୍ଥାଙ୍କ ପାଇଁ ୧୯୯୯ - ୨୦୦୦ ରୁ ଆୟୋଗ ସ୍ୱତନ୍ତ୍ର ଟାରିଫକୁ ଅନୁମତି ଦେଇଛନ୍ତି। ୨୦୦୮-୦୯ ଆର୍ଥିକ ବର୍ଷରୁ ଏହି ଟାରିଫ ବନ୍ଦ ଥିଲା, ଯେତେବେଳେ ଆୟୋଗ ଜାଣିବାକୁ ପାଇଲେ ଯେ ଏହାର ନେବାବାଲା କେହି ନାହାନ୍ତି। ପରବର୍ତ୍ତୀ ସମୟରେ ଆୟୋଗଙ୍କ ସମକ୍ଷରେ କେତେକ ଶିଳ୍ପସଂସ୍ଥା ଦାବୀ କରିବାରୁ ୨୦୦୯-୧୦ ଆର୍ଥିକ ବର୍ଷରେ ଆୟୋଗ ଏହାର ପୁନଃ ପ୍ରବର୍ତ୍ତନ କରିଥିଲେ। ଏବେ ୧.୪.୨୦୧୦ ଠାରୁ ଆୟୋଗ ଏହି ଟାରିଫକୁ ୟୁନିଟ ପିଛା ୩.୩୦ ପଇସାରେ ସଂଶୋଧନ କରିଛନ୍ତି। ଏହି ଟାରିଫ ପାଇବାକୁ ଅନ୍ୟାନ୍ୟ ସର୍ତ୍ତାବଳୀ ସବୁ ଅପରିବର୍ତ୍ତିତ ରହିଛି। ଅବଶ୍ୟ ଏହି ଟାରିଫର ପ୍ରଚଳନ ଦ୍ୱାରା ବଣ୍ଟନକାରୀ କଂପାନୀମାନେ ବେଶି ପରିମାଣର ରାଜସ୍ୱ ପାଇବେ ଏବଂ ବଣ୍ଟନ-କ୍ଷତି ହ୍ରାସରେ ଏହା ସାହାଯ୍ୟ କରିବେ।

ପାୱାର ଫାକ୍ଟର ପାରିତୋଷିକତା /ଜୋରିମାନା

୩୫୪. କେତେକ ଅଭିଯୋଗକାରୀ ୯୦ ପ୍ରତିଶତ ଓ ତଦୁର୍ଦ୍ଧ୍ୱରୁ ପାୱାର ଫାକ୍ଟରରେ ଉନ୍ନତି ପାଇଁ ପାରିତୋଷିକତାର ପୂର୍ବବତ୍ ଉପଲବ୍ଧି ପାଇଁ କେତେକ ଯୁକ୍ତି ଦର୍ଶାଇଥିଲେ । ତା'ଛଡା ନିମ୍ନ ମାନର ପାୱାର ଫାକ୍ଟର ପାଇଁ ମଧ୍ୟ ସମାନ ଦର ହାରରେ ଜୋରିମାନା ସ୍ଥିରୀକରଣ ପାଇଁ ମଧ୍ୟ ସେମାନେ ମତ ଦେଇଥିଲେ। ଆୟୋଗ ୨୦୦୯-୧୦ ଆର୍ଥିକ ବର୍ଷ ଠାରୁ ମାସିକିଆ ଡିମାଣ୍ଡ ଚାର୍ଜ ଓ ଶକ୍ତି ଚାର୍ଜ ଉପରେ ପାରିତୋଷିକତା ପାଇବାକୁ ପାୱାର ଫାକ୍ଟରର ସୀମାକୁ ୯୫% ରୁ ୯୭% କୁ ସଂଶୋଧନ କରିଥିଲେ। ଉନ୍ନତ ପାୱାର ଫାକ୍ଟର ଉପରେ ପ୍ରଚଳିତ ମାପଦଣ୍ଡର ପାରିତୋଷିକତାକୁ ବଜାୟ ରଖିବା ସଂପର୍କରେ ଆୟୋଗ ପରୀକ୍ଷଣ କରିଥିଲେ।ଚଳିତ ପଦ୍ଧତିର ପାୱାର ଫାକ୍ଟର ପାରିତୋଷିକତା/ଜୋରିମାନାଦଣ୍ଡର ହିସାବର ଆର୍ଥିକ ପ୍ରତିଫଳନର ପରୀକ୍ଷଣରୁ ବିତରକ କଂପାନୀଂକ ଠାରୁ ୨୦୦୯ ଏପ୍ରିଲ ଠାରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ନିମ୍ନୋକ୍ତ ସୂଚନା ମିଳିଥିଲା।

**ସାରଣୀ - ୪୦**

| **ଅନୁମତିଧାରୀ ସଂସ୍ଥା** | ଦିଆଯାଇଥିବା ପ୍ରୋତ୍ସାହନ (କୋଟି ଟଙ୍କା) **Incentive given (Rs. Crore)** | ଶାସ୍ତି ଆଦାୟ (କୋଟି ଟଙ୍କା) **Penalty received (Rs. Crore)** |
|---|---|---|
| ସେସୁ | ୧.୧୯୮ | ୧.୫୧୫ |
| ନେସ୍କୋ | ୨.୫୪୮ | ୧.୦୭୯ |
| ୱେସ୍କୋ | ୩.୪୭୦ | ୨.୩୮୬ |
| ସାଉଥ୍କୋ | ୦.୨୨୬ | ୦.୧୬୪ |

ଉପରୋକ୍ତ ସୂଚନା ରୁ ଏହା ସ୍ପଷ୍ଟ ଯେ କେବଳ ସେସୁ ବ୍ୟତୀତ ୯୦% ରୁ କମ ପାୱାର ଫାକ୍ଟର ମ୍ୟାଣ୍ଟେନ କରୁଥିବା ଉପଭୋକ୍ତାମାନେ ଜୋରିମାନା ଦେବା ତୁଳନାରେ ଅଧିକ ପାରିତୋଷିକତା ପାଇଛନ୍ତି। ଏଠାରେ ସ୍ପଷ୍ଟ କରିଦିଆଯିବା ଉଚିତ ହେବ ଯେ, ପାୱାର ଫାକ୍ଟରର ୯୭% ସ୍ତରରେ ସକ୍ରିୟ ଶକ୍ତିର ୨୫% ଉଠାଣ ହେଉଛି ଅତି ସକ୍ରିୟ ଶକ୍ତି। ଅତଏବ ପାରିତୋଷିକତାର ଉପଲବ୍ଧି ପାଇଁ ଉପଭୋକ୍ତାମାନେ ବିଭିନ୍ନ ପାୱାର ଫାକ୍ଟରର ସଠିକ ପରିମାପନ ଦ୍ୱାରା ଯଥେଷ୍ଟ ସଜାଗ ହେବାକୁ ପଡିବ। ଆୟୋଗ ଅନୁଭବ କରିଛନ୍ତି ଯେ, ଅନ୍ୟୁନ ଏକ ବୃହତ୍ ସଂଖ୍ୟକ ଉପଭୋକ୍ତା ଗୋଷୀ

ଏଭଳି ଏକ ପାୱାର ଫାକ୍ଟର ବ୍ୟାଣ୍ଡରେ ରହିବା ଦରକାର, ଯାହା ଫଳରେ ଉଭୟ ଅନୁମତିଧାରୀ ଓ ଉପଭୋକ୍ତା ଲାଭବାନ ହେବେ। ତେଣୁ, ଆୟୋଗ ପାୱାର ଫାକ୍ଟରର ନିମ୍ନ ସୀମାକୁ ୯୦% ରୁ ୯୨ % କୁ ସଂଶୋଧନ କରିଛନ୍ତି ଏବଂ ତା' ତଳକୁ ଉପଭୋକ୍ତାଙ୍କ ଉପରେ ଜୋରିମାନା ଲଦି ଦିଆଯାଇ ପାରିବ। ୯୨% ର ପାୱାର ଫାକ୍ଟର ହେଉଛି ଏକ ସ୍ତର ଯେଉଁ ସ୍ତରରେ ଅତି-ସକ୍ରିୟ ଶକ୍ତିର ଉଠାଣ ସକ୍ରିୟ ଶକ୍ତି ଉଠାଣ ଠାରୁ ୪୩ % ଉଚ୍ଚା ହେବ। ଅନୁମତିଧାରୀ ଓ ନିଜକୁ ଭାରାକ୍ରାନ୍ତ କରିବାକୁ ଉପଭୋକ୍ତାମାନେ ଅତି-ସକ୍ରିୟ ଶକ୍ତିକୁ ଅଧିକ ଉଠାଣ କରିବା ଉଚିତ ନୁହେଁ। ଇତି ମଧ୍ୟରେ ଆୟୋଗ ରାଜ୍ୟର ୨୩ ଟି ଗୀଡ୍ ସବ୍‌ଷ୍ଟେସନରେ କାପାସିଟର ବ୍ୟାଙ୍କର ସ୍ଥାପନା କରିବାକୁ 'ରାଜ୍ୟ ଶକ୍ତି ସରବରାହ ବିନିଯୋଗକାରୀ କର୍ତ୍ତୃପକ୍ଷ'ଙ୍କୁ ନିର୍ଦ୍ଦେଶ ଦେଇ ସାରିଛନ୍ତି। ଯାହା ଫଳରେ ୨୦୧୦-୧୧ ଆର୍ଥିକ ବର୍ଷ ସୁଦ୍ଧା ଅତି ସକ୍ରିୟ ଶକ୍ତିର ଭରଣା ଉଦ୍ଦେଶ୍ୟରେ ରାଜ୍ୟରେ ସମୁଦାୟ ୨୭୫ ଟି ଏମଭିଆର୍‌ର ସ୍ଥାପନା କରାଯାଇପାରିବ। ଅତଏବ, ଉପଭୋକ୍ତାମାନେ ନିଜ ତରଫରୁ କାପାସିଟରର ସ୍ଥାପନା କରିବେ, ଯାହା ଫଳରେ ବଣ୍ଟନକାରୀ କଂପାନୀମାନେ ଅତି ସକ୍ରିୟ-ଶକ୍ତି ଉଠାଣରୁ ନିବୃତ୍ତ ହେବେ ଏବଂ ତା ସଂଗେ ସଂଗେ ଉପଭୋକ୍ତାମାନେ ପାୱାର ଫାକ୍ଟର ପାରିତୋଷିକତା ପାଇବେ, ଯାହା କାପାସିଟର ସ୍ଥାପନାରେ ବ୍ୟୟିତ ଅର୍ଥକୁ ନ୍ୟାୟୋଜିତ ବୋଲି ପ୍ରତିପାଦନ କରିବ।

<u>ଶକ୍ତି ସଂରକ୍ଷଣ</u>

୩୫୫. ଆମ ରାଜ୍ୟର ଘରୋଇ ଉପଭୋକ୍ତାମାନେ ଯେଉଁ ବିଦ୍ୟୁତ ବଲ୍‌ବ ବ୍ୟବହାର କରନ୍ତି, ସେଗୁଡିକ କମ ଆଲୋକ ବିଚ୍ଛୁରଣ କରିଥା'ନ୍ତି। ସେଗୁଡିକର ଫିଲାମେଣ୍ଟରେ ପ୍ରବାହିତ ହେଉଥିବା ବିଦ୍ୟୁତ୍‌ର ୯୫ ପ୍ରତିଶତ ଭାଗ କେବଳ ତାପକୁ ରୂପାନ୍ତରିତ ହୋଇଥାଏ ଓ ଅବଶିଷ୍ଟ ୫ ଭାଗ ଶକ୍ତି ଆଲୋକ ବିଚ୍ଛୁରଣ କରିଥାଏ। ଘରୋଇ ଉପଭୋକ୍ତାଙ୍କର ସମୁଦାୟ ବିଦ୍ୟୁତ ଶକ୍ତି ଉପଯୋଗର ୨୫ ପ୍ରତିଶତ ଆଲୁଅ ଜଳାଇବାରେ ବିନିଯୋଗ ହୋଇଥାଏ। ଯଦି ଉପଭୋକ୍ତାମାନେ କମ ତାପ ଗ୍ରହଣକାରୀ ଓ ବେଶୀ ଆଲୁଅ ପ୍ରଦାନକାରୀ ଫ୍ଲୁରୋସେଣ୍ଟ କିମ୍ବା ବାର୍ ଲାଇଟ ବ୍ୟବହାର କରନ୍ତେ, ତେବେ ଲୋଡ ହ୍ରାସକରଣରେ ଏହା ଉଲ୍ଲେଖ ଯୋଗ୍ୟ ଭୂମିକା ଗ୍ରହଣ କରିପାରନ୍ତା। କଂପାକ୍ଟ ଫ୍ଲୋରୋସେଣ୍ଟ ଲାଇଟ, ଯହିଁରେ ଓସ୍ପ : ୧୫୧୧୧ କ୍ସବକ୍ସସ୍ପ ୧୪୨(୨୦୦୮, ନଭେମ୍ବରରେ ଶେଷ ସଂଶୋଧନ)ସ୍ପେସିଫିକେସନ ଅଛି, ସେଥିରେ କମ ଆସ୍ତରଣର ପାରଦ ଲେପନ ଅଛି, ୦.୮୫ ର ଉଚ୍ଚତର ପାୱାର ଫାକ୍ଟର ଅଛି, ତାହାର ଆୟୁଷ ଅନ୍ୟୂନ ୬୦୦୦ ଆଲୋକିତ ଘଣ୍ଟା ଅଟେ। ତାହା ସାଧାରଣ ବ୍ୟବହୃତ ବଲ୍‌ବଠାରୁ ପାଞ୍ଚଭାଗରୁ ୧ ଭାଗ ଶକ୍ତି ଖର୍ଚ୍ଚ କରାଇଥାଏ ଓ ସାଧାରଣ ବଲ୍‌ବର ଆଲୋକ ସହ ସମାନ ପରିମାଣର ଆଲୋକ ବିଚ୍ଛୁରଣ କରାଇଥାଏ। ତେବେ ଏହି ବଲ୍‌ବର ବ୍ୟବହାର ଆମ ରାଜ୍ୟର ମାତ୍ର ୧୦ ପ୍ରତିଶତ ଅଟେ, କାରଣ ସାଧାରଣ ବଲବଠାରୁ ଏହାର ଦାମ ୧୦/୧୨ ଗୁଣ ବେଶି ଅଟେ।

ବଚାତ ଲ୍ୟାମ୍ପ ଯୋଜନା ନାମରେ ଏକ ବିକାଶଶୀଳ ଯୋଜନା ବିଇଇ ପ୍ରସ୍ତୁତ କରିଛି, ଯାହାର ଶୁଭ ଉଦ୍‌ଘାଟନ ୨୫.୨.୨୦୦୯ରେ ଜାତୀୟ ସ୍ତରରେ କେନ୍ଦ୍ର ଶକ୍ତି ମନ୍ତ୍ରୀଙ୍କ ଦ୍ୱାରା କରାଯାଇଥିଲା। କ୍ୟୋଟୋ ପ୍ରୋଟୋକଲର କ୍ଲିନ ଡେଭଲପମେଣ୍ଟ ମେକାନିଜିମ ଅଧିନରେ 'ପ୍ରମାଣୀକୃତ ଆଲୋକ ବିଚ୍ଛୁରଣ ଅଧିକାର'ର ବିକ୍ରୀକୁ ଅଧିକ ଚଳନକ୍ଷମ କରାଇ କମ ଆଲୋକ ପ୍ରଦାନକାରୀ ବଲ୍‌ବଗୁଡିକୁ ସିଏଫଏଲ ବଲ୍‌ବ ଦ୍ୱାରା ବଦଳ କରାଇବା କାର୍ଯ୍ୟକୁ ବଚାତ ଲ୍ୟାମ୍ପ ଯୋଜନା ବିକଶିତ କରାଉଛି। ଭାରତ ସରକାର , ଘରୋଇ ସେକ୍ଟର ସିଏଫଏଲ୍ ଯୋଗାଣକାରୀ ଓ ରାଜ୍ୟସ୍ତରୀୟ ବିଦ୍ୟୁତ ଯୋଗାଣକାରୀ କଂପାନୀମାନଙ୍କ ମଧ୍ୟରେ 'ଏକ ସାଧାରଣ ଘରୋଇ ଭାଗୀଦାରିତା' ମାଧ୍ୟମରେ ଘରୋଇ ଉପଭୋକ୍ତାଙ୍କୁ ସିଏଫ୍ ଏଲ୍ ବଲ୍ ଟ୧୫/- (ଗୋଟିଏ ବଲ୍‌ବକୁ) ଦରରେ ଯୋଗାଇ ଦେବାକୁ ଏହି ସ୍କିମରେ ବ୍ୟବସ୍ଥା ଅଛି। ଏହି ସ୍କିମ ଅନୁଯାୟୀ, କେବଳ ୬୦ ୱାଟ ଓ ୧୦୦ ୱାଟର ସାଧାରଣ ବଲ୍‌ବକୁ ଯଥାକ୍ରମେ ୧୧ ରୁ ୧୫ ୱାଟ ଓ ୨୦ ରୁ ୨୩ ୱାଟର ସିଏଫଏଲ ବଲବ ଦ୍ୱାରା ବଦଳ କରାଇବାର ବ୍ୟବସ୍ଥା ରହିଛି।

ଯେଣୁ , ୨୦୧୨ ମାର୍ଚ୍ଚ ପର୍ଯ୍ୟନ୍ତ ବଚାତ୍ ଲ୍ୟାମ୍ପ ଯୋଜନା ଅନ୍ତର୍ଭୁକ୍ତ ଅଂଚଳମାନଙ୍କରେ ଯୋଜନାର ପରିଚାଳନା ଓ ତତ୍ତ୍ୱାବଧାନ ପାଇଁ ବିଇଇ ତା'ର ବୈଷୟିକ ଓ ଉପଦେଶାତ୍ମକ ସହାୟତା ଯୋଗାଇ ଦେବ, ତେଣୁ ରାଜ୍ୟର ୪ ଟି ଯାକ ବଣ୍ଟନକାରୀ କଂପାନୀ ଏହି ସ୍କିମରୁ ସଂପୂର୍ଣ୍ଣ ଉପକାରିତା ଉଠାଇବାକୁ ୨୦୧୦ -୧୧ ଆର୍ଥିକ ବର୍ଷରେ ଏହି ଯୋଜନାର ଆୟମାରମ୍ଭ କରିଦେବା ଉଚିତ। ଓଡ଼ିଶା ସରକାର ମଧ୍ୟ ବିଇଇର ଏହି ବଚାତ୍ ଲ୍ୟାମ୍ପ ଯୋଜନାକୁ ବଣ୍ଟନକାରୀ କଂପାନୀମାନେ 'ଅଭିଯାନ- ୨୦୧୦' ଭାବେ ଗ୍ରହଣ କରନ୍ତୁ ବୋଲି ଗୁରୁତ୍ୱ ଆରୋପ କରିଛନ୍ତି। ବଂଟନକାରୀ କଂପାନୀମାନେ ଏହି ଯୋଜନାକୁ ୨୦୧୦ର ଶେଷ ସୁଦ୍ଧା ସଂପୂର୍ଣ୍ଣ କରନ୍ତୁ ବୋଲି ରାଜ୍ୟ ସରକାର ଦୋହରାଇଛନ୍ତି। ଏହା ହୋଇ ପାରିଲେ ସଂଧ୍ୟା ସମୟର ପିକ୍ ନିର୍ଘଣ୍ଟରେ ୪୦ ପ୍ରତିଶତର ପିକ୍ ଚାହିଦାକୁ ହ୍ରାସ କରାଯାଇ ପାରିବ। ଅଧିକନ୍ତୁ, ଉପଭୋକ୍ତାମାନେ ଠିକ ସମୟରେ ବିଦ୍ୟୁତ ଦେୟ ଦେବା ଉଦ୍ଦେଶ୍ୟରେ ବଂଟନକାରୀ କଂପାନୀମାନେ ଏକ 'ପୁରସ୍କାର ସ୍କିମ' ର ପ୍ରବର୍ତ୍ତନ କରିବା ବାଂଛନୀୟ ବୋଲି ରାଜ୍ୟ ସରକାର କହିଛନ୍ତି। ତାହା ହେଲା- ଯେଉଁ ଉପଭୋକ୍ତାମାନେ ନିୟମିତ ରିହାତି ପାଉଛନ୍ତି, ସେମାନଙ୍କୁ ପ୍ରତି ମାସକ ଅନ୍ତରରେ ଗୋଟିଏ ସିଏଫଏଲ ବଲ୍‌ବ ମାଗଣାରେ କିମ୍ବା ରିହାତି ଦରରେ ଦିଆଯିବ ଓ ବଣ୍ଟନକାରୀ କଂପାନୀମାନେ ହିଁ ସେ ଦାୟିତ୍ୱ ତୁଲାଇବେ। ଶକ୍ତି ସଂରକ୍ଷଣର ଏହି ଅମୋଘ ଉପାୟ ସଂପର୍କରେ ରାଜ୍ୟର ବିଭିନ୍ନ ଗଣ ମାଧ୍ୟମରେ ପ୍ରଚାର/ପ୍ରସାର କରାଇବା ସହ ତୁରନ୍ତ ଏହାର କାର୍ଯ୍ୟ ଆରମ୍ଭ କରିଦିଆଯିବା ରାଜ୍ୟ ପାଇଁ ଏକ ଜରୁରୀ ଆବଶ୍ୟକତା ବୋଲି ରାଜ୍ୟ ସରକାର କହିଛନ୍ତି।

<u>ଚାହିଦା ପାର୍ଶ୍ୱ ପରିଚାଳନା</u>

୩୫୬. ଚାହିଦା ପାର୍ଶ୍ୱ ପରିଚାଳନା ପାଇଁ ଆନ୍ତଃ ରାଜ୍ୟ ଏବିଟି ହେଉଛି ଏକ ଫଳପ୍ରଦ ଉପାୟ। ଅବଶ୍ୟ ଓଇଆରସି (ଆନ୍ତଃ ରାଜ୍ୟ ଏବିଟି) ନିୟମାବଳୀ ୨୦୦୭ କୁ ପାସ୍ କରାଇଛନ୍ତି, ଯାହା ୧୪.୨.୨୦୦୮ ରୁ ଲାଗୁ କରାଯିବାକୁ ଥିଲା। କିନ୍ତୁ କେତେକ ଅପରିହାର୍ଯ୍ୟ କାରଣ ପାଇଁ ତାହା ଏପର୍ଯ୍ୟନ୍ତ ହୋଇପାରିନାହିଁ।

୩୫୭. ଆୟୋଗ କ୍ଷୋଭ ପ୍ରକାଶ କରିଛନ୍ତି ଯେ, ସେକ୍ଟରର ବିଭିନ୍ନ ଅଂଶୀଦାରମାନଙ୍କର 'ମୁଖ୍ୟତଃ ବଂଟନକାରୀ କଂପାନୀମାନଙ୍କର ଆନ୍ତଃ-ରାଜ୍ୟ ଏବିଟିର ବ୍ୟବସାୟିକ କାର୍ଯ୍ୟକାରିତା ଆଦୌ ସନ୍ତୋଷଜନକ ନୁହେଁ। ଉପଯୁକ୍ତ ସଂଖ୍ୟକ କର୍ମଚାରୀ , ହାଡୱେର ଓ ସଫ୍ଟୱେର ଉପକରଣ ସହ ବଂଟନକାରୀ କଂପାନୀମାନେ ତାଙ୍କର ଡିଏସଓସିସି ଗୁଡିକୁ ୩୦.୪.୨୦୧୦ ସୁଦ୍ଧା ସଂପୂର୍ଣ୍ଣ କାର୍ଯ୍ୟକ୍ଷମ କରାନ୍ତୁ ବୋଲି ଆୟୋଗ ସବୁ ବଂଟନକାରୀ କଂପାନୀଙ୍କୁ ଏତଦ୍ୱାରା ନିର୍ଦ୍ଦେଶ ଦେଇଛନ୍ତି ଏବଂ କଂପାନୀମାନେ ଡିଏସଓସିସି ଗୁଡିକୁ ୨୪ x ୭ ଘଣ୍ଟିଆ ଭିତ୍ତିରେ କରନ୍ତୁ ବୋଲି ଅୟୋଗ ସ୍ପଷ୍ଟ ଭାବେ କହିଛନ୍ତି। ଏହା ଛଡା, ବଂଟନକାରୀ କଂପାନୀମାନେ ଆବଶ୍ୟକ କରୁଥିବା ମତେ , ଗ୍ରେଡେଡ ସେଟିଂ ସହ ସବୁ ୩୩ କେଭି ଫିଡର ଉପରେ ୩୦.୪.୨୦୧୦ ୟୁଏଫଆର ସ୍ଥାପନା କରିବାକୁ ମଧ୍ୟ ଆୟୋଗ ଓପିଟିସିଏଲକୁ ନିର୍ଦ୍ଦେଶ ଦେଇଛନ୍ତି। ଆହୁରି ମଧ୍ୟ ୩୦.୪.୨୦୧୦ ସୁଦ୍ଧା ଇଏଏସ୍‌ଏସସି ପ୍ରତିଷ୍ଠା ଓ କମିଶନିଂ ପାଇଁ ଏସଏଲଡିସିକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ଫଳରେ ଏସଏଲଡିସି ୧.୫.୨୦୧୦ ଠାରୁ ଶକ୍ତି ଆକାଉଣ୍ଟ , ସାପ୍ତାହିକ ୟୁଆଇ ଏବଂ ଅତି-ସକ୍ରିୟ ଶକ୍ତି ହିସାବକୁ ପ୍ରସ୍ତୁତ ଓ ଇସ୍ୟୁ କରିପାରିବ। ୟୁଆଇ ଏବଂ ଅତି-ସକ୍ରିୟ ଶକ୍ତି ହିସାବର ବ୍ୟବସାୟିକ ବନ୍ଦୋବସ୍ତ ପାଇଁ ଆୟୋଗ ଖୁବ ଶୀଘ୍ର ଆନ୍ତଃ-ରାଜ୍ୟ ଏବିଟି (ଫେଜ - ୧) କାର୍ଯ୍ୟକାରିତା ପାଇଁ ନିର୍ଦ୍ଦିଷ୍ଟ ତାରିଖ ସ୍ଥିର କରିବେ।

<u>ପ୍ରୋଭିଜିନାଲ / ହାରାହାରି / ଲୋଡ ଫାକ୍ଟର ଆଧାରିତ ବିଲିଂ</u>

୩୫୮. ଓଇଆରସି ବଂଟନ (ଯୋଗାଣ ସର୍ତ୍ତାବଳୀ) କୋଡ ୨୦୦୪ ର ନିୟମ ୯୩(୮) ଓ ୯୯ ମୂଳେ ଆୟୋଗଙ୍କ ଦ୍ୱାରା ପ୍ରୋଭିଜିନାଲ ବିଲିଂକୁ ଅନୁମତି ଦିଆଯାଇଛି। ପରବର୍ତ୍ତୀ ନିର୍ଦ୍ଧାରିତ ବିଲିଂ ସମୟରେ ପ୍ରକୃତ ମିଟର ରିଡିଂର ଆଧାରରେ ହୋଇଥିବା ବିଲ୍ ବିପକ୍ଷରେ ବିଲ କରାଯାଇଥିବା ଏହି ପରିମାଣକୁ ଆଡଜଷ୍ଟ କରାଯିବ। ଏକା ଥରକରେ, ଏକରୁ ଅଧିକ 'ମିଟର ରିଡିଂ ଚକ୍ର' ପାଇଁ ଏହି ପ୍ରୋଭିଜିନାଲ ବିଲିଂ ଅବିଚ୍ଛିନ୍ନ ଭାବେ ଲାଗି ରହିବ ନାହିଁ। ଯଦି

ପରବର୍ତ୍ତୀ ମିଟର ରିଡିଂ ଚକ୍ର (କାର୍ଯ୍ୟକ୍ରମ) ପାଇଁ ମିଟର ଲଭ୍ୟ ନହୁଏ, ତେବେ ବିଦ୍ୟୁତ ଆଇନ ୨୦୦୩ ର ବିଭାଗ-୧୬୩ ଅନୁଯାୟୀ ଅନୁମତିଧାରୀ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ କ୍ଷମତାପ୍ରାପ୍ତ ହେବେ, ଯଦ୍ଦ୍ୱାରା ଉପଭୋକ୍ତାଙ୍କର ସେବା ସଂଯୋଗ ଛିନ୍ନ କରିଦିଆଯାଇପାରେ। ତେଣୁ ରିଡିଂ ଉଦ୍ଦେଶ୍ୟରେ ମିଟରର ଅ-ଲଭ୍ୟତା କ୍ଷେତ୍ରରେ ଅନୁମତିଧାରୀ ଆଭିଯାନିକ କାର୍ଯ୍ୟପନ୍ଥା ଗ୍ରହଣ କରିବା ଉଚିତ। ଏକରୁ ଅଧିକ ବିଲିଂ ଚକ୍ର ପାଇଁ ପ୍ରୋଭିଜନାଲ ଭିତ୍ତିରେ କୌଣସି କ୍ଷେତ୍ରରେ ବି ବିଲିଂ କରାଯିବା ଉଚିତ ନୁହେଁ।

୩୫୯. ଯେଉଁ କ୍ଷେତ୍ରରେ ମିଟର ତ୍ରୁଟିଯୁକ୍ତ ହୋଇଥିବ କିମ୍ବା ହଜି ଯାଇଥିବା, କେବଳ ସେହି ସମୟ ପାଇଁ 'ଯୋଗାଣ କୋଡ, ୨୦୦୪ ର ନିୟମ-୯୭ ମୂଳେ ସଂପୃକ୍ତ ଉପଭୋକ୍ତାଙ୍କ ଉଦ୍ଦେଶ୍ୟରେ ହାରାହାରି ବିଲିଂ କରାଯିବାକୁ ଆୟୋଗ ଅନୁମତି ଦେଇଛନ୍ତି। ଯେଉଁ ବିଲିଂ ପିରିଅଡରେ ମିଟର ତ୍ରୁଟିଯୁକ୍ତ ଥିଲା ବା ହଜି ଯାଇଥିଲା , ତା' ପରବର୍ତ୍ତୀ କ୍ରମାନ୍ୱୟରେ ୩ ଟି ବିଲିଂ ପାଇଁ ହାରାହାରି ମିଟର ରିଡିଂ ଭିତ୍ତିରେ ବିଲିଂ କରାଯିବ। ଏହାଛଡା, ଆଉ କୌଣସି ପରିସ୍ଥିତିରେ ହାରାହାରି ମିଟର ରିଡିଂକୁ ଆୟୋଗ ଅନୁମତି ଦେଇ ନାହାନ୍ତି। ତେଣୁ, ଅନୁମତିଧାରୀମାନେ ଅନ୍ୟ କୌଣସି କ୍ଷେତ୍ରରେ ବା ପରିସ୍ଥିତିରେ ହାରାହାରି ବିଲିଂକୁ ଆଦୌ ପଶ୍ରୟ ଦେବେ ନାହିଁ।

୩୬୦. ୧.୪.୨୦୦୪ ଠାରୁ ଆୟୋଗ ଲୋଡ ଫ୍ୟାକ୍ଟର ବିଲିଂକୁ ଉଠାଇ ଦେଇଛନ୍ତି। କୌଣସି ବି କାରଣ ପାଇଁ ଯଦି ଅନୁମତିଧାରୀ ମିଟର ରିଡିଂ ପାଇଁ ଅସମର୍ଥ ହୋଇଥାନ୍ତି, ତେବେବି ଏହି ପଦ୍ଧତି (ଲୋଡ ଫାକ୍ଟର ବିଲିଂ) କୁ ବିକଳ୍ପ ପଦ୍ଧତି ଭାବେ ବିନିଯୋଗ କରିବେ ନାହିଁ। ଅତଏବ, ଆଇନର ନିୟମାବଳୀକୁ କଡାକଡି ଭାବେ ପାଳନ କରିବାକୁ ଏତଦ୍ୱାରା ଆୟୋଗ ଅନୁମତିଧାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅତଏବ, ଏଥିରୁ ସ୍ପଷ୍ଟ ହେଉଛି ଯେ, ବିଦ୍ୟୁତ ଆଇନ ୨୦୦୩ ଓ ଯୋଗାଣ କୋଡ, ୨୦୦୪ ର ବ୍ୟବସ୍ଥା ମୂଳେ ଉପଭୋକ୍ତାମାନଙ୍କୁ ପ୍ରତିକାରାତ୍ମକ ଉପାୟ ଅବଲମ୍ବନ କରିବାରେ ସଂପୂର୍ଣ୍ଣ ସ୍ୱାଧୀନତା ଦିଆଯାଇଛି।

<u>ସିଜିପିମାନଙ୍କୁ ଜରୁରୀ ଶକ୍ତି ଯୋଗାଣର ଦର ନିର୍ଦ୍ଧାରଣ</u>

୩୬୧. ଅନେକ ଶିଳ୍ପ ସଂସ୍ଥାଙ୍କର ନିଜସ୍ୱ ସିଜିପି ବା କ୍ୟାପଟିଭ ଜେନେରେଟିଂ ପ୍ଲାଣ୍ଟ ଥାଏ। ଅନେକ ସମୟରେ ଶକ୍ତି କାଟ ଯୋଗୁ ଶିଳ୍ପସଂସ୍ଥାର ଉତ୍ପାଦନ ବ୍ୟାହତ ହେଲେ, ସେଗୁଡିକୁ ଜରୁରୀ ଭାବେ ଶକ୍ତି ଯୋଗାଣର ଆବଶ୍ୟକତା ସୃଷ୍ଟି ହୋଇଥାଏ। ଏହି ପରିପ୍ରେକ୍ଷୀରେ ଓଇଆରସି ବଂଟନ (ଯୋଗାଣ ସର୍ତ୍ତାବଳୀ) କୋଡ ୨୦୦୪ ର ନିୟମ ୮୦ (୧୫) ଅନୁଯାୟୀ, କାରଖାନାର ୟୁନିଟଗୁଡିକୁ ଚାଲୁ କରାଯିବାର ପ୍ରାରମ୍ଭିକ ସମୟ ପାଇଁ କିମ୍ବା ମେସିନ ଆଦିକୁ ଚାଲୁ ରଖିବାର ଜରୁରୀ ଆବଶ୍ୟକତାକୁ ପୂରଣ କରିବା ପାଇଁ ସିଜିପିରୁ ଶକ୍ତି ଯୋଗାଣ କରାଯାଇଥାଏ। ସଂପୃକ୍ତ ଉତ୍ପାଦନକାରୀ ଷ୍ଟେସନର କ୍ୟାପଟିଭ ପାୱାର ପ୍ଲାଣ୍ଟରେ ଥିବା ବୃହତ୍ତମ ୟୁନିଟର ନିର୍ଦ୍ଧାରିତ କ୍ଷମତାର ୧୦୦ ପ୍ରତିଶତ ପର୍ଯ୍ୟନ୍ତ ଏହି ଜରୁରୀ କାଳୀନ ଶକ୍ତି ସହାୟତା ଉଦ୍ଦିଷ୍ଟ ହେବ।

୩୬୨. ରାଜ୍ୟର କ୍ୟାପ୍‌ଟିଭ ଜେନେରେଟିଂ ପ୍ଲାଣ୍ଟ / କୋ-ଜେନେରେସନ ପ୍ଲାଣ୍ଟରୁ ପାଖାପାଖି ୬୦୦ ମେଗାୱାଟର ବଳକା /ଗଚ୍ଛିତ ଶକ୍ତିର ଆହରଣ ପାଇଁ ଆୟୋଗ ତାଙ୍କର ୨୮.୧୦.୨୦୦୯ ର ଆଦେଶନାମା ମୂଳେ ଆକର୍ଷଣୀୟ ଟାରିଫକୁ ଅନୁମୋଦନ କରିଛନ୍ତି। ଗ୍ରୀଡକୋ, ବଂଟନକାରୀ କଂପାନୀ , ଓପିଟିସିଏଲ ଏବଂ ଏସଏଲଡିସିର ଅବଗତି ଓ କାର୍ଯ୍ୟକାରିତା ନିମନ୍ତେ ଉପରୋକ୍ତ ଆଦେଶନାମର ପରିଚ୍ଛେଦ-୧୯ କୁ ନିମ୍ନରେ ଉଦ୍ଧାର କରାଗଲା।

" ୧୯ ୩୦.୬.୨୦୦୯ ର ଆଦେଶନାମାର ରିଭ୍ୟୁର କ୍ରମିକତା ଅନୁଯାୟୀ , ଆୟୋଗ ନିମ୍ନମତେ ନିର୍ଦ୍ଦେଶ ଓ ନିର୍ଦ୍ଧାରଣ ଲାଗୁ କରିଛନ୍ତି।"

(କ) ସିଜିପି ଦ୍ୱାରା ମାସକୁ ୩.୬ ଲକ୍ଷ ୟୁନିଟ ପର୍ଯ୍ୟନ୍ତ ଶକ୍ତି ଯୋଗାଣର ଦର (ଯ ୫ ମେଗାୱାଟ ହାରାହାରି ) କିଲୋୱାଟ ପିଛା ୯୩.୧୦ ପଇସା ହେବ।

(ଖ) ସିଜିପି ଦ୍ୱାରା ମାସିକ ୩.୬ ଲକ୍ଷ ୟୁନିଟରୁ ୩୬ ଲକ୍ଷ ୟୁନିଟ ପର୍ଯ୍ୟନ୍ତ (ଯ ୫୦ ମେଗାୱାଟ ହାରାହାରି) ବର୍ଦ୍ଧିତ ଶକ୍ତି ଯୋଗାଣର ଦର କିଲୋହ୍ୱାଟ ପିଛା ଟ ୩.୪୦ ପଇସା ହେବ।

(ଗ) ସିଜିପି ଦ୍ୱାରା ମାସିକ ୩୬ ଲକ୍ଷ ୟୁନିଟରୁ ୭୨ ଲକ୍ଷ ୟୁନିଟ ପର୍ଯ୍ୟନ୍ତ (ଯ୧୦୦ ମେଗାୱାଟ ହାରାହାରି) ବର୍ଦ୍ଧିତ ଶକ୍ତି ଯୋଗାଣର ଦର କିଲୋହ୍ୱାଟ ପିଛା ଟ ୩.୭୦ ପଇସା ହେବ।

(ଘ) ସିଜିପି ଦ୍ୱାରା ମାସିକ ୭୨ ଲକ୍ଷ ୟୁନିଟରୁ ଉର୍ଦ୍ଧ୍ୱ ବର୍ଦ୍ଧିତ ଶକ୍ତି ଯୋଗାଣର ଦର କିଲୋହ୍ୱାଟ ପିଛା ଟ. ୪.୦୫ ପଇସା ହେବ।

(ଙ) କୋ-ଜେନେରେଟିଂ ପ୍ଲାଣ୍ଟ ଦ୍ୱାରା ମାସକୁ ୩.୬ ଲକ୍ଷ ୟୁନିଟ ପର୍ଯ୍ୟନ୍ତ ଶକ୍ତି ଯୋଗାଣର ଦର କିଲୋହ୍ୱାଟ ପିଛା ଟ ୩.୨୦ ପଇସା ହେବ, ଏବଂ ୩.୬ ଲକ୍ଷ ୟୁଟିନ ଠାରୁ ଉର୍ଦ୍ଧ୍ୱ ପରିମାଣ ପାଇଁ ନିର୍ଦ୍ଧାରିତ ଦର ଉପରୋକ୍ତ ସିଜିପିମାନଙ୍କ ପ୍ରତି ପ୍ରଯୋଜ୍ୟ ଦର ସହ ସମାନ ହେବ।

*************** *

(ଚ) ଶିଳ୍ପସଂସ୍ଥାମାନଙ୍କରେ ସ୍ଥାପିତ କ୍ୟାପଟିଭ ଜେନେରେଟିଂ ପ୍ଲାଣ୍ଟ ବା କୋ-ଜେନେରେଟି ପ୍ଲାଣ୍ଟ ନିଜର ବଳକା /ଗଚ୍ଛିତ ଶକ୍ତିକୁ ଗ୍ରୀଡକୁ ଦେଇଥାନ୍ତି ଏବଂ ଜରୁରୀ ଆବଶ୍ୟକତା ସମୟରେ ଗ୍ରୀଡରୁ ଶକ୍ତି ଆଣିଥା'ନ୍ତି। ଅତଏବ, ଶକ୍ତି ନେବା ଆଣିବା ଦର ସଂପର୍କରେ କେଶ୍ ନଂ ୫୯ (ଗ୍ରୀଡ୍କୋ ବନାମ ସିସିପିପିଓ )ରେ ୨୬.୬.୨୦୦୯ର ଆଦେଶନାମାରେ ପରିଚ୍ଛେଦ -୮ (ସସ) ରେ ସ୍ପଷ୍ଟ କରିଦିଆଯାଇଛି। ସେଥିରେ ଶିଳ୍ପ ସଂସ୍ଥାମାନଙ୍କୁ ନିଜସ୍ୱ ସିଜିପି ବା କୋ-ଜେନେରେଟିଂ ପ୍ଲାଣ୍ଟ ପରିବର୍ତ୍ତେ ଗ୍ରୀଡ୍ରୁ ଶକ୍ତି ଆଣିବାକୁ ବରଂ ନିରୁତ୍ସାହିତ କରାଯାଇଛି। ଯେଉଁ ସର୍ବାଧିକ ଦରରେ ସିଜିପି/କୋ-ଜେନେରେଟିଂ ପ୍ଲାଣ୍ଟମାନେ ନିଜର ବଳକା / ଗଚ୍ଛିତ ଶକ୍ତି ବିକ୍ରୀ କରନ୍ତି, ତା'ର ୧୦୫ ପ୍ରତିଶତ ଦରରେ କିମ୍ବା ୨୦୦୮ ର କେଶ୍ ନଂ ୬୬,୬୭,୬୮ ଓ ୬୯ ରେ ୨୦୦୯-୧୦ ଆର୍ଥିକ ବର୍ଷ ପାଇଁ ୨୦.୩.୨୦୦୯ ର ଆରଏସଟି ଆଦେଶନାମାର ପରିଚ୍ଛେଦ- ୪୪୭ ରେ ନିର୍ଦ୍ଧାରିତ ଦରରେ ସେମାନଙ୍କୁ ଜରୁରୀକାଳୀନ ଶକ୍ତି ପାଇଁ ଦେବାକୁ ପଡିବ ବୋଲି ଏମିତି ଏକ ନିର୍ଦ୍ଧାରଣରେ ସିଜିପି ଓ ଗ୍ରୀଡକୋ ମଧ୍ୟରେ ମଧ୍ୟ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଗ୍ରୀଡରୁ ସିଜିପିମାନଙ୍କର ଆହରିତ ପରିମାଣ ଓ ସିଜିପି ମାନଙ୍କଠାରୁ ଗ୍ରୀଡକୁ ଯୋଗାଣ ପରିମାଣ ସ୍ୱତନ୍ତ୍ର ଭାବେ ହିସାବ କରାଯାଇ ଉପରୋକ୍ତ ନିର୍ଣ୍ଣିତ ଦର ଅନୁଯାୟୀ ଚୂଡାନ୍ତ କରାଯିବ।

୩୬୩. ବଣ୍ଟନକାରୀ କଂପାନୀମାନେ ଅଭିଯୋଗ ଉପସ୍ଥାପନ କରିଛନ୍ତି ଯେ, ଯେତେବେଳେ ସେମାନେ ସିଜିପିମାନଙ୍କୁ ୨୪ଙ୍କ ୭ ଘଣ୍ଟାର ଅନ୍ ଲାଇନ ଜରୁରୀ ସହାୟତା ଦିଅନ୍ତି, ସେ ପରିପ୍ରେକ୍ଷୀରେ ସିଜିପିମେନ ବଂଟନକାରୀ କଂପାନୀମାନଙ୍କୁ କୌଣସି ଡିମାଣ୍ଡ ଚାର୍ଜ ଦିଅନ୍ତି ନାହିଁ। ସିଜିପିମାନେ ସେହି ଜରୁରୀ ଯୋଗାଣ ଶକ୍ତିକୁ ଅନ୍ୟ କୌଣସି ଉଦ୍ଦେଶ୍ୟରେ ଖର୍ଚ୍ଚ କରିପାରନ୍ତି ବଂଟନକାରୀ ବୋଲି କଂପାନୀମାନଙ୍କର ଆଶଙ୍କା ଆସୁଛି, ଏବଂ ଅନ୍ୟ ଉଦ୍ଦେଶ୍ୟରେ ଖର୍ଚ୍ଚ କରିବା ଆଇନ ବିରୋଧି ବୋଲି ସିଜିପିମାନେ ଜାଣିରଖିବା ଉଚିତ। ତେବେ, ଆୟୋଗ ଜାଣି ପାରିଛନ୍ତି ଯେ, ସିଜିପି ଓ ବଂଟନକାରୀ କଂପାନୀଙ୍କ ସଂପର୍କ ନିବିଡ ଅଟେ। ଆବଶ୍ୟକତା ସମୟରେ ସେମାନଙ୍କର ବଳକା /ଗଚ୍ଛିତ ଶକ୍ତି ବିକ୍ରି କରି ସିଜିପିମାନେ ଗ୍ରୀଡକୁ ଦେଇ ବଂଟନକାରୀ କଂପାନୀମାନଙ୍କୁ ସାହାଯ୍ୟ କରନ୍ତି। ଆୟୋଗ ଏ ପ୍ରସଂଗରେ ୨୮.୧୦.୨୦୦୯ ର କେଶ ନଂ ୦୬.୨୦.୨୦୦୯ରେ ରେ ପରିଚ୍ଛେଦ ୧୯ (ସଙ୍ଘ)ରେ ଉଲ୍ଲେଖ କରିଛନ୍ତି। ଯଦିଓ ସିଜିପିମାନେ ଡମାଣ୍ଡ ଚାର୍ଜ ଦିଅନ୍ତି ନାହିଁ, ତେବେ ସେମାନଙ୍କ ଭଳି ବିବେଚିତ ଏଚଟି ଓ ଇଏଚଟି ଶିଳ୍ପସଂସ୍ଥାଙ୍କ ଅପେକ୍ଷା ଉଚ୍ଚତର ଶକ୍ତି ଦେୟ-ଦର ଭାବରେ ସିଙ୍ଗଲ୍ ପାର୍ଟ ତାରିଫ ଦିଅନ୍ତି। ତେଣୁ, ସିଜିପିମାନଙ୍କୁ ଡିମାଣ୍ଡ ଚାର୍ଜ ଦେବାକୁ ବାଧ୍ୟ କରିବା ସେମାନଙ୍କ ଉପରେ ଏକ ଅନ୍ୟାୟୋଚିତ ଶୁଳ୍କକୁ ଲଦିଦେବା ସଦୃଶ ହେବ। ସଂପ୍ରତି, ସିଡ୍ୟୁଲ - ଖରେ ଉଲ୍ଲେଖ ଅନୁଯାୟୀ, ଏଚଟି ଓ ଇଏଚଟିରେ ସିଜିପିମାନଙ୍କ ଦ୍ୱାରା ଜରୁରୀ ଶକ୍ତି ଉଠାଣ ପାଇଁ ଆୟୋଗ

ସଂଶୋଧିତ ସିଙ୍ଗିଲ୍ ପାର୍ଟ ତାରିଫର ସ୍ଥିରୀକରଣ କରିଛନ୍ତି। ଅତଏବ, ୨୮.୧୦.୨୦୦୯ ର କେଶ ନଂ ୦୬/୨୦/୨୦୦୯ ରେ ପରିଚ୍ଛେଦ - ୧୯(ସଘ) ର ଆୟୋଗଙ୍କ ଆଦେଶନାମା ୧.୪.୨୦୧୦ ଠାରୁ ଏତଦ୍ୱାରା ସଂଶୋଧିତ ବିବେଚିତ ହୋଇଛି।

କ୍ୟାପଟିଭ ଜେନେରେଟି ପ୍ଲାଣ୍ଟ (ସିଜିପି)ଥିବା ଶିଳ୍ପ କାରଖାନା ପାଇଁ ଚୁକ୍ତି ଚାହିଦାର ହ୍ରାସ ସଂପର୍କରେ...

୩୬୪. ବିନିଯୋଗକାରୀ କର୍ତ୍ତୃପକ୍ଷଙ୍କର ନିବେଶ ଜନିତ ଆର୍ଥିକ ସ୍ଥିତିକୁ ଦୃଷ୍ଟିରେ ରଖି ଯୋଗାଣ କୋଡରେ ଚୁକ୍ତି ଚାହିଦାର ହ୍ରାସକରଣ ପାଇଁ ବ୍ୟବସ୍ଥା କରାଯାଇଛି। ଯଦି କେବଳ ଗୋଟିଏ ବର୍ଷର ସମୟ ଅବଧି ପାଇଁ ଚୁକ୍ତିନାମା କରାଯାଇଥିବ , ତେବେ ଭରଣା ଜନିତ ଦର ଖୁବ ଉଚ୍ଚା ହେବ ଏବଂ ବ୍ୟବସାୟିକ ଆଦବ କାଇଦାକୁ ପ୍ରୟୋଗ କରାଗଲେ ତାରିଫ ସହନୀୟ ହୋଇ ପାରିବ। ଏହା ଛଡା, ନିରବଚ୍ଛିନ୍ନ ଭାବେ ଏକ ଦୀର୍ଘ ସମୟର ଅବଧି ଭିତ୍ତିରେ ଯୋଜନାର ବୃଦ୍ଧି ଓ ବିକାଶ ପାଇଁ କୌଣସି ବିନିଯୋଗକାରୀ କର୍ତ୍ତୃପକ୍ଷ ବିକାଶମୁଖୀ ଖସଡା ପ୍ରସ୍ତୁତ କରିବାକୁ ସମର୍ଥ ହେବେ ନାହିଁ। ଏହି ପରିପ୍ରେକ୍ଷୀରେ, ଆୟୋଗ ଓଇଆରସି ବଂଟନ (ଯୋଗାଣ ସର୍ତ୍ତାବଳୀ) କୋଡ, ୨୦୦୪ ର ନିୟମ -୮୧ କୁ ଉଦ୍ଧାର କରିଛନ୍ତି । ତାହା ହେଲା -

"ଯୋଗାଣର ପ୍ରକୃତି ଓ ଯେଉଁ ଉଦ୍ଦେଶ୍ୟରେ ଯୋଗାଣ ଆବଶ୍ୟକ , ତାହାକୁ ଦୃଷ୍ଟିରେ ରଖି ଅନୁମତିଧାରୀମାନେ ଏହି କୋଡ ଅନୁଯାୟୀ ଶ୍ରେଣୀଭୁକ୍ତ ହୋଇ ନଥିବା ଉପଭୋକ୍ତାଙ୍କ ପାଇଁ ସ୍ୱତନ୍ତ୍ର ତାରିଫ ଓ ଯୋଗାଣ ସର୍ତ୍ତାବଳୀ ସ୍ଥିର କରିବେ। 'ମାନକ ଚୁକ୍ତିନାମା ଫର୍ମ' ରେ ଉପଯୁକ୍ତ ସଂଶୋଧନ ସହ ଆୟୋଗଙ୍କର ଉପଯୁକ୍ତ ଅନୁମୋଦନ ଆଧାରରେ ଅନୁମତିଧାରୀମାନେ ଏହି ଉଦ୍ଦେଶ୍ୟରେ ସ୍ୱତନ୍ତ୍ର ଚୁକ୍ତିନାମାରେ ଆବଦ୍ଧ ହେବେ। ଏଭଳି କ୍ଷେତ୍ରରେ ଆୟୋଗଙ୍କ ଦ୍ୱାରା ସ୍ୱତନ୍ତ୍ର ଭାବେ ତାରିଫର ଅନୁମୋଦନ କରାଯିବ।

୩୬୫. କ୍ୟାପଟିଭ ଜେନେରେଟିଂ ପ୍ଲାଣ୍ଟ ଥିବା ଶିଳ୍ପ ସଂସ୍ଥାମାନଙ୍କ ସହ ସ୍ୱତନ୍ତ୍ର ପ୍ରାସଂଗିକତା ରକ୍ଷା କରି କଣ୍ଟ୍ରାକ୍ଟ ଡିମାଣ୍ଡର ହ୍ରାସ ପାଇଁ ସମୟ ସୀମା ଲାଗୁ କରାଯିବା ସଂପର୍କରେ ଆୟୋଗ ପର୍ଯ୍ୟବେକ୍ଷଣ କରିବାକୁ ପସନ୍ଦ କରିଛନ୍ତି ଯେ, ଓଇଆରସି ବଂଟନ (ଯୋଗାଣ ସର୍ତ୍ତାବଳୀ) କୋଡ, ୨୦୦୪ ର ନିୟମାବଳୀ ମଧ୍ୟରେ ଉପରୋକ୍ତ ପରିଚ୍ଛେଦର ଆଲୋଚିତ ମତେ କଣ୍ଟ୍ରାକ୍ଟ ଡିମାଣ୍ଡ ଚୁକ୍ତି ଚାହିଦାର ହ୍ରାସକରଣ ସମ୍ଭବ ହୋଇପାରେ।

୩୬୬. ୭୦ କେଭିଏରୁ ଉର୍ଦ୍ଧ୍ୱ ଏବଂ ୧୧୦ କେଭିଏରୁ କମ କଣ୍ଟ୍ରାକ୍ଟ ଡିମାଣ୍ଡ ଥିବା ଉପଭୋକ୍ତାଙ୍କର ଏଚଟିରେ ଡିମାଣ୍ଡ ଚାର୍ଜର ବୃଦ୍ଧି

୭୦ କେଭିଏରୁ ଉର୍ଦ୍ଧ୍ୱ ଡିମାଣ୍ଡ ଚାର୍ଜ ଥିବା ଏ୍ବଂ ଏଚଟିରେ ଶକ୍ତି ଆହରଣ କରୁଥିବା ଉପଭୋକ୍ତାଙ୍କର ଡିମାଣ୍ଡ ଚାର୍ଜକୁ ବୃଦ୍ଧି କରିବା ପାଇଁ ଅନୁମତିଧାରୀମାନଙ୍କର ଦାବୀକୁ ଆୟୋଗ ବିଚାରକୁ ନେଇଥିଲେ। ୩୬୫.୭୦ କେଭିଏରୁ ୧୧୦ କେଭିଏ ମଧ୍ୟରେ ଅନେକ ଉପଭୋକ୍ତା ମଧ୍ୟମ ସ୍ତରର ଶିଳ୍ପ ସଂସ୍ଥା ଅଟନ୍ତି। ସେମାନେ ଡମାଣ୍ଡ ଚାର୍ଜ ହିସାବରେ ମାସିକ କେଭିଏ କିଲୋୱାଟ ପିଛା ଟ ୫୦/- ଦିଅନ୍ତି। ତେବେ ଏଚଟିରେ ଶକ୍ତି ଆହରଣ କରୁଥିବା ଉପଭୋକ୍ତାଙ୍କ ପାଇଁ ମାସିକ କେଭିଏ ପିଛା ଟ ୬୦୦/-ର ଡିମାଣ୍ଡ ଚାର୍ଜ ଲାଗୁ କରିବା ସେମାନଙ୍କୁ ପାତର ଅନ୍ତର କଲା ଭଳି ହେବ। କାରଣ ଏଲଟିରେ ଶକ୍ତି ଆହରଣ କରୁଥିବା ସଦୃଶ ଶିଳ୍ପସଂସ୍ଥାମାନେ ପ୍ରଚଳିତ ଦରହାରରେ କେବଳ ଏମଏମଏଫସି ଦେଉଛନ୍ତି। ତା' ଛଡା ଏଚଟିରେ ଶକ୍ତି ଉପଯୋଗ କରୁଥିବା ଉପଭୋକ୍ତାମାନେ ଅନୁମତିଧାରୀଙ୍କୁ ସରବରାହ ଓ ବଂଟନ କ୍ଷତି ହ୍ରାସ କରାଇବାରେ ସାହାଯ୍ୟ କରିଥାଆନ୍ତି। ଅତଏବ, ସେହି ସବୁ ଉପଭୋକ୍ତାଙ୍କ ପାଇଁ ଆୟୋଗ ପ୍ରଚଳିତ ଦର ହାରରେ ଡିମାଣ୍ଡ ଚାର୍ଜ ଜାରି ରଖିବାକୁ ନିଷ୍ପତ୍ତି ନେଇଛନ୍ତି।

କେଭିଏଚ ବିଲିଂ

୩୬୭. ସବୁ ଏଲଟି/ଏଚଟି ୩ ଫେଜଧାରୀ ଶିଳ୍ପ ସଂସ୍ଥାଗତ ଉପଭୋକ୍ତାଙ୍କ ପାଇଁ ସେସୁ, ୱେସକୋ, ନେସକୋ ଓ ସାଉଥକୋ କେଭିଏଚ୍ ବିଲିଂ ପାଇଁ ପ୍ରସ୍ତାବ ଦେଇଛନ୍ତି । ସେହି ଉପଭୋକ୍ତାମାନେ ନିମ୍ନତର ପାୱାର ଫାକ୍ଟରରେ ଶକ୍ତି ଉଠାଣ କରୁଥିବା ଯୋଗୁ ସେମାନଙ୍କ ଉପରେ ପାୱାର ଫାକ୍ଟର ଜୋରିମାନା ଲାଗୁ ହୋଇନାହିଁ । କିନ୍ତୁ କେଭିଏଏଚ୍ ବିଲିଂ ପାଇଁ ଷ୍ଟାଟିକ ମିଟରର ଆବଶ୍ୟକତା ଅଛି । ୧୦ କିଲୋୱାଟ ଓ ତଦୁର୍ଦ୍ଧ୍ୱର ସଂଯୋଗିତ ଲୋଡ ଥିବା କମ ଭୋଲଟେଜ ର ଅନ୍ତର୍ଭୁକ୍ତ ଉପଭୋକ୍ତାଙ୍କ ପାଇଁ ଷ୍ଟାଟିକ ମିଟରର ଉପଲବ୍ଧତା ସଂପର୍କରେ ବିବରଣୀ ଉପସ୍ଥାପନା କରିବାକୁ ୨୦୦୯-୧୦ ଆର୍ଥିକ ବର୍ଷ ପାଇଁ ପାଇକାରୀ ଯୋଗାଣ ତାରିଫ ଆଦେଶନାମାର ପରିଚ୍ଛେଦ ୩୧୨ ରେ ଆୟୋଗ ନିର୍ଦ୍ଦେଶ ଦେଇଥିଲେ । ବଂଟନକାରୀ କଂପାନୀଙ୍କର ଉପର ସୂଚିତ ତଥ୍ୟରୁ ଜଣାପଡିଛି ଯେ, ପରବର୍ତ୍ତୀ ଆର୍ଥିକ ବର୍ଷରେ ସେମାନେ ୧୦ କିଲୋୱାଟ ଏବଂ ତଦୁର୍ଦ୍ଧ୍ୱର ସଂଯୋଗିତ ଲୋଡ ଥିବା ଉପଭୋକ୍ତାଙ୍କୁ ଷ୍ଟାଟିକ ମିଟର ଯୋଗାଇ ଦେବାର ପ୍ରୟାସରେ ଅଛନ୍ତି । ଅତଏବ, ଷ୍ଟାଟିକ ମିଟରର ସ୍ଥାପନା ସଂପୂର୍ଣ୍ଣ ନ ହେବା ପର୍ଯ୍ୟନ୍ତ ପରବର୍ତ୍ତୀ ତାରିଫ ଫାଇଲିଂକୁ କେଭିଏଏଚ ବିଲିଂ ପ୍ରସଂଗ ସ୍ଥଗିତ ରଖାଗଲା ।

<u>ଗ୍ରାମାଞ୍ଚଳ ବିଦ୍ୟୁତ କରଣ</u>

୩୬୮. ରାଜୀବ ଗାଂଧୀ ଗ୍ରାମ ବିକାଶ ଯୋଜନା ଓ ବିଜୁ ଗ୍ରାମ୍ୟଜ୍ୟୋତି ଯୋଜନା ଭଳି ଯୋଜନା ଜରିଆରେ ୨୦୧୦ ସୁଦ୍ଧା ଦେଶର ସବୁ ଗ୍ରାମାଞ୍ଚଳକୁ ବିସ୍ତୃତ ଭାବେ ବିଦ୍ୟୁତକରଣ କରିବାକୁ ରାଜ୍ୟ ସରକାରଙ୍କ ସମେତ ଭାରତ ସରକାର କାର୍ଯ୍ୟସୂଚୀ ହାତକୁ ନେଇଛନ୍ତି । ଏହା ଏକ ଜାତୀୟ ଇସ୍ତାହାର ଓ ଏଥିରେ ୧୦୦ ପ୍ରତିଶତ ସଫଳତା ପାଇଁ ଉଭୟ ସରକାର ପ୍ରୟାସରତ । ଏପରିକି ସର୍ବ ନିମ୍ନ ଶ୍ରେଣୀର ସବୁ ଗୃହ ମାଲିକଙ୍କୁ ବିଦ୍ୟୁତ ସେବା ସଂଯୋଗ ଯୋଗାଇ ଦିଆଯିବା ଫଳରେ ଲାଇନ ବିଛା ଯିବା ଜନିତ ବୈଷୟିକ କ୍ଷତି ଓ ବ୍ୟବସାୟିକ କ୍ଷତି ହେବା ଅବଶ୍ୟମ୍ଭାବୀ ବୋଲି ବଂଟନକାରୀ କଂପାନୀମାନେ ଆଶଙ୍କା ପ୍ରକାଶ କରିଛନ୍ତି । ଅବଶ୍ୟ ସେମାନଙ୍କ ଆଶଙ୍କାର ଆଂଶିକ ସତ୍ୟତା ଅଛି । କିନ୍ତୁ ଏଥିପାଇଁ ଅନେକ ପ୍ରତିକାରାତ୍ମକ ଉପାୟ ଅଛି । ରାଜୀବ ଗାନ୍ଧୀ ଗ୍ରାମ ବିକାଶ ଯୋଜନା ନିର୍ଦ୍ଧାରିତ ଏଭଳି ବୈଷୟିକ ଓ ବ୍ୟବସାୟିକ କ୍ଷତିର ପ୍ରତିକାରାତ୍ମକ ଉପାୟ ନିମ୍ନରେ ଉଦ୍ଧାର କରାଗଲା ।

- ଉନ୍ନତ ଉପଭୋକ୍ତା ସେବା ଓ କ୍ଷତି-ହ୍ରାସ ପାଇଁ ଗ୍ରାମାଞ୍ଚଳ ବଂଟନ ପରିଚାଳନା ଉଦ୍ଦେଶ୍ୟରେ ଆଭିଯାନିକ ପଦକ୍ଷେପ (ଦକ୍ଷ କର୍ମଚାରୀ /ଉନ୍ନତ ସାମଗ୍ରୀ) ନିଆଯିବ ।
- ଉପଭୋକ୍ତାଙ୍କୁ ଏଲଟିରୁ ନିମ୍ନ ସ୍ତରର ପଦ୍ଧତିରେ ଶକ୍ତି ଯୋଗାଣ ।
- ରାଜୀବ ଗାନ୍ଧୀ ଗ୍ରାମ ବିକାଶ ଯୋଜନା ନେଟୱର୍କରେ ଦୈନିକ ଅନ୍ୟୁନ ୬ ରୁ ୮ ଘଣ୍ଟାର ଶକ୍ତି ଯୋଗାଣ ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରତିଲିଖନ ।
- ରାଜ୍ୟ ସରକାରଙ୍କ ଦ୍ୱାରା ଆବଶ୍ୟକୀୟ ରାଜସ୍ୱ ସବସିଡିର ବ୍ୟବସ୍ଥା ଗ୍ରହଣ ।
- ବ୍ୟବସାୟିକ-ଗତିଶୀଳତାକୁ ସୁହାଇଲା ଭଳି ଢାଞ୍ଚାରେ ସ୍ଥୂଳ ଯୋଗାଣର ନିର୍ଦ୍ଧାରଣ ।
- ଏକାଦଶ ପଂଚ ବାର୍ଷିକ ଯୋଜନା ପାଇଁ ଉର୍ଦ୍ଦିଷ୍ଟ ଶକ୍ତି ସେକ୍ଟରର ୩ ପର୍ଯ୍ୟାୟର ଗୁଣବତ୍ତା- ତତ୍ତ୍ୱାବଧାନ କୌଶଳର ପ୍ରୟୋଗ ।

ତେଣୁ ନୂତନ ଭାବେ ସୃଷ୍ଟି କରାଯାଇଥିବା ଗ୍ରାମାଞ୍ଚଳ ବିଦ୍ୟୁତକରଣ କାର୍ଯ୍ୟ ହାତକୁ ନିଆଯିବାର ପ୍ରସ୍ତୁତି ସଂପୂର୍ଣ୍ଣ ହେବା ପୂର୍ବରୁ ବଂଟନକାରୀ କଂପାନୀମାନେ ଯୁଦ୍ଧକାଳୀନ ଭିତ୍ତିରେ ଫ୍ରାଞ୍ଚାଇଜ୍ ପଦ୍ଧତିକୁ ଚୂଡାନ୍ତ କରିବା ଉଚିତ । ରାଜୀବ ଗାନ୍ଧୀ ଗ୍ରାମ ବିକାଶ ଯୋଜନାରେ ଯେହେତୁ ଦୈନିକ ସର୍ବନିମ୍ନ ୬ ରୁ ୮ ଘଣ୍ଟାର ଶକ୍ତି ଯୋଗାଣର ବ୍ୟବସ୍ଥା ଅଛି, ତାହା ନିଶ୍ଚିତ ଭାବେ ବଂଟନକାରୀ କଂପାନୀଙ୍କୁ କ୍ଷତି ହ୍ରାସରେ ସାହାଯ୍ୟ କରିବ । ଶୁଣାଣି ସମୟରେ କେତେକ ବଂଟନକାରୀ କଂପାନୀ ଯୁକ୍ତିସ୍ଥାପନ କରିଥିଲେ ଯେ ନୂଆ କୁଟୀର ଜ୍ୟୋତି ସେବା ସଂଯୋଗ ପାଇଁ ଯୋଗାଇ ଦିଆଯାଉଥିବା

ମିଟରଗୁଡିକ ନିମ୍ନ ମାନର ଅଟେ। ତେଣୁ, ଆୟୋଗ କହିଛନ୍ତି ଯେ, ଯେ କୌଣସି ଶ୍ରେଣୀର ଉପଭୋକ୍ତାଙ୍କୁ ଯୋଗାଇ ଦିଆଯାଉଥିବା ମିଟରର ଗୁଣବତ୍ତା କେନ୍ଦ୍ରୀୟ ବିଦ୍ୟୁତ ଆଇନରେ ମିଟରିଂ ନିୟମାବଳୀର ଉଦ୍ଦେଶ୍ୟକୁ ପରିପୂରଣ କରୁଥିବା ବାଂଛନୀୟ। ବଂଟନକାରୀ କଂପାନୀମାନଙ୍କୁ ଏ ଦିଗରେ ସଜାଗ ହେବାକୁ ପଡିବ। ଆୟୋଗ ପୁଣି କହିଛନ୍ତି ଯେ, ଓଡ଼ିଶା ସରକାରଙ୍କ ବିଜ୍ଞପ୍ତି ମୁତାବକ ବଂଟନକାରୀ କଂପାନୀମାନଙ୍କରେ ନିଯୁକ୍ତି ଦିଆଯାଉଥିବା ନିର୍ବାହୀ ଯନ୍ତ୍ରୀମାନେ ବିଦ୍ୟୁତ ବିଭାଗୀୟ ପରିଦର୍ଶକ ହୋଇଥିବା ବାଂଛନୀୟ। ତା' ହେଲେ ଗ୍ରାମାଞ୍ଚଳ ବିଦ୍ୟୁତକରଣ ପାଇଁ ଯୋଗାଇ ଦିଆଯାଉଥିବା ମିଟର ବା କୌଣସି ହାର୍ଡୱାରର ଗୁଣବତ୍ତାରେ କୌଣସି ଖୁଣ ରହିବ ନାହିଁ। ଉପରୋକ୍ତ ଉପାୟ ସମୂହର ଅବଲମ୍ବନ ପୂର୍ବକ ବଂଟନକାରୀ କଂପାନୀମାନେ ଗ୍ରାମାଞ୍ଚଳରେ ବିସ୍ତାରିତ ନେଟୱର୍କରେ ଆଶଙ୍କିତ କ୍ଷତିକୁ ଅନେକ ପରିମାଣରେ ରୋକି ପାରିବେ।

<u>କୃଷି ଟାରିଫ</u>

୩୬୯. ଜାତୀୟ ଟାରିଫ ନୀତି ର ପରିଚ୍ଛେଦ ୮.୩, ଉପ ପରିଚ୍ଛେଦ (୩) ରେ ସ୍ପଷ୍ଟ କରିଦିଆଯାଇଛି ଯେ, ବିଦ୍ୟୁତ ଶକ୍ତିର କୃଷି ଭିତ୍ତିକ ଉପଯୋଗ ପାଇଁ ହାରାହାରି ଯୋଗାଣ ଦର ବାଦ୍ ଭୂତଳ ଜଳର ସ୍ତରକୁ ବିଚାରକୁ ନେବାକୁ ପଡିବ। ଅର୍ଥାତ୍ କୌଣସି ସ୍ଥାନରେ ଜଳ ଉଠାଣ ଦ୍ୱାରା ଯଦି ଭୂତଳ ଜଳସ୍ତର ସଂପୂର୍ଣ୍ଣ ଭାବେ ନିଃଶେଷ ହୋଇଯିବାର ଆକଳନରୁ ଜଣାପଡୁଥାଏ, ତେବେ ସେଠାରେ ଜଳ ଉଠାଣ କରାଯିବ ନାହିଁ। ସଂପ୍ରତି କୌଣସି ଶ୍ରେଣୀର ଉପଭୋକ୍ତାଙ୍କୁ ସବସିଡି ଦେବା ପ୍ରସଂଗରେ ଆୟୋଗ ଓଡିଶା ସରକାରଙ୍କଠାରୁ କୌଣସି ସୂଚନା ପାଇ ନାହାନ୍ତି। ପୁନଶ୍ଚ, ବିଦ୍ୟୁତ ଆଇନ ୨୦୦୩ ର ବିଭାଗ ୬୫ ର ବ୍ୟବସ୍ଥା ମୂଳେ, କୌଣସି ଶ୍ରେଣୀର ଉପଭୋକ୍ତାଙ୍କୁ ସବସିଡି ଦିଆଯିବାକୁ ହେଲେ , ସେହି ସବ୍‌ସିଡି ପରିମାଣକୁ ରାଜ୍ୟ ସରକାର ଅଗ୍ରୀମ ଭାବେ ଆୟୋଗଙ୍କୁ ଦେବାକୁ ପଡିବ।

୩୭୦. ନିର୍ଦ୍ଦିଷ୍ଟ ଶ୍ରେଣୀର ଉପଭୋକ୍ତାପାଇଁ ସବସିଡି ଯୁକ୍ତ ଟାରିଫ ପାଇଁ ଆବେଦନ କରିବା ପୂର୍ବରୁ ଅଗ୍ରୀମ ଭାବେ ସବସିଡି ଅର୍ଥ ପ୍ରଦାନ ହେଉଛି ଜାତୀୟ ଟାରିଫ ନୀତିର ପ୍ରାକ ଆବଶ୍ୟକତା। ଏହି ପରିପ୍ରେକ୍ଷୀରେ ଟାରିଫ ନୀତିର ଉପ ପରିଚ୍ଛେଦ (୪) କୁ ଉଦ୍ଧାର କରାଗଲା।

"ବିବିଧ ବିଭାବକୁ ଦୃଷ୍ଟିରେ ରଖି ଭିନ୍ନ ଭିନ୍ନ ଶ୍ରେଣୀର ଉପଭୋକ୍ତାଙ୍କ ପାଇଁ ରାଜ୍ୟ ସରକାର ଟାରିଫର ସବସିଡି ସହାୟତା ନେଇପାରନ୍ତି। କିନ୍ତୁ ସଂପୂର୍ଣ୍ଣ ମାଗଣାରେ ବିଦ୍ୟୁତଶକ୍ତି ଯୋଗାଇ ଦେବା ଆଦୌ ବାଂଛିତ ନୁହେଁ, କାରଣ ଏହା ଦ୍ୱାରା ଲଗାମଛଡା ଭାବେ ବ୍ୟବହାରକାରୀ ଶକ୍ତିର ବ୍ୟୟ କରିଥା'ନ୍ତି। ଅପର ପକ୍ଷରେ ଅବାରିତ ଭାବେ ଜଳ ଉଠାଣ କରି ଜଳସେଚନ ଓ ପିଇବା ପାଣିର ସମସ୍ୟା ମଧ୍ୟ ସୃଷ୍ଟି କରିଥା'ନ୍ତି। ଅଧିକନ୍ତୁ, ବର୍ଦ୍ଧିଷ୍ଣୁ ଶକ୍ତି ଚାହିଦା ଉପରେ ଏହା ପ୍ରଭାବ ପକାଇବ ଓ ସ୍ୱାଭାବିକ ଭାବେ ଯୋଗାଣର ଗୁଣବତ୍ତା ମଧ୍ୟ ହ୍ରାସ ପାଇବ। ଅତଏବ, ଯୁକ୍ତି ସଂଗତ ସ୍ତରର 'ବ୍ୟବହାରକାରୀ ଦେୟ ଦର' ଲାଗୁ କରାଯିବାର ଆବଶ୍ୟକତା ଅଛି। ପୁନଶ୍ଚ, କେବଳ ଉପଯୋଗର ଏକ ପ୍ରାକ୍ ସୂଚିତ ସ୍ତର ପର୍ଯ୍ୟନ୍ତ ବିଦ୍ୟୁତ ଶକ୍ତିର ସବସିଡିଯୁକ୍ତ ଦରକୁ ଅନୁମତି ଦିଆଯିବା ଉଚିତ ଏବଂ ସୂଚିତ ସ୍ତରର ଉର୍ଦ୍ଧ୍ୱରେ ଉପଭୋକ୍ତାଙ୍କ ପ୍ରତି ସେବାର ଉତ୍କୃଷ୍ଟ ଦରକୁ ପ୍ରତିଫଳନ କରୁଥିବା ଭଳି ଏକ ଦର-ହାରର ଟାରିଫ ଲାଗୁ କରାଯିବା ଉଚିତ। ଯଦି ରାଜ୍ୟ ସରକାର ଉପରୋକ୍ତ ସୂଚିତ ସ୍ତରର ଉର୍ଦ୍ଧ୍ୱରେ ବିନିଯୁକ୍ତ ଶକ୍ତି ପାଇଁ ଉପଭୋକ୍ତାଙ୍କୁ ଆଂଶିକ ଭାବେ ସବସିଡି ଦେବାକୁ ବି ଚାହାନ୍ତି, ତେବେ ସେହି ସବସିଡି ଅର୍ଥକୁ ଅଗ୍ରୀମ ଭାବେ ସିଧାସଳଖ କିମ୍ବା ଅନ୍ୟ କୌଣସି ଉପାୟରେ ଆୟୋଗଙ୍କ ପାଖରେ ଜମା କରିପାରନ୍ତି। ସରକାର ମିଟରଗୁଡିକୁ କିଣିନେଇ ଯଦି ଉଦ୍ଦେଶ୍ୟିତ ଉପଭୋକ୍ତାମାନଙ୍କୁ ଯୋଗାଇ ଦିଅନ୍ତି, ତା'ହେଲେ ସେହି ଉପଭୋକ୍ତାଙ୍କ ପାଇଁ ଦେବାକୁ ଥିବା ସବସିଡି ପରିମାଣରୁ ମିଟରର ଦାମକୁ ମଧ୍ୟ ଭରଣା କରିନିଆଯାଇ ପାରିବ। ବିଦ୍ୟୁତ ଆଇନ ଓ ଟାରିଫ ନୀତିର ଉପରୋକ୍ତ ବ୍ୟବସ୍ଥା ସମୂହ ସତ୍ତ୍ୱେ ଆୟୋଗ ସରକାରଙ୍କର କୃଷି ନୀତିର ବିକାଶ ବଜାୟ ରଖିବା ପାଇଁ ଜଳସେଚନ ଉଦ୍ଦେଶ୍ୟରେ ପମ୍ପିଙ୍ଗ୍ ଟାରିଫକୁ ବିଗତ ଅନେକ କିଛି ବର୍ଷ ଧରି ଅପରିବର୍ତ୍ତିତ ରଖିଛନ୍ତି।

<u>ଜାଳେଣି ଦରର ସହ-ସାମିଲକରଣ</u>

୩୭୧. ପର୍ଯ୍ୟବେକ୍ଷଣରୁ ଜଣାଯାଇଛି ଯେ, ୨୦୦୯ ଏପ୍ରିଲରୁ ୨୦୧୦ ଜାନୁଆରୀ ମଧ୍ୟରେ ତେଲ ଓ କୋଇଲା ଦର ବହୁଗୁଣ ବଢିଛି। ସେହି ଅନୁଯାୟୀ ତାପଜ ବିଦ୍ୟୁତ ଷ୍ଟେସନଗୁଡିକ ପାଇଁ ଏଫପିଏ ଦର ମଧ୍ୟ ଅହେତୁକ ବୃଦ୍ଧି ପାଇଛି। ଏନଟିପିସି ତା'ର ପ୍ଲାଣ୍ଟ ଗୁଡ଼ିକରେ ଉଚ୍ଚା ଦରରେ ଆମଦାନୀ କରାଯାଉଥିବା କୋଇଲା ବ୍ୟବହାର କରୁଥିବା ଯୋଗୁ ସଂପ୍ରତି ଏଫପିଏ ଦର ଉଚ୍ଚା ରହୁଛି। ତେବେ , ଆୟୋଗ ମତ ଦେଇଛନ୍ତି ଯେ ଆମଦାନୀ କରାଯାଉଥିବା ଉଚ୍ଚା ଦାମର କୋଇଲା ଦର ସବୁଦିନେ କ'ଣ ସେତିକିରେ ରହିଥିବ? ୨୦୧୦-୧୧ ଆର୍ଥିକ ବର୍ଷକୁ ଏହି ଉଚ୍ଚା ଦର ଥାଇପାରେ ବା ନଥାଇପାରେ। ଉପରୋକ୍ତ ଅବତାରଣାକୁ ବିଚାର କରି, ଗ୍ରୀଡକୋ ଦ୍ୱାରା ପ୍ରସ୍ତାବିତ ୧୧ ପ୍ରତିଶତର ଏକ ବୃଦ୍ଧି ବିପକ୍ଷରେ ଦର-ପାର୍ଥକ୍ୟକୁ ପରିପୂରଣ କରିବା ନିମନ୍ତେ, ହାରାହାରି ଏଫପିଏ ଉପରେ ୧୦ ପ୍ରତିଶତର ବୃଦ୍ଧି ସହିତ ୨୦୦୯ ଏପ୍ରିଲ ଠାରୁ ୨୦୧୦ ଜାନୁୟାରୀ ପର୍ଯ୍ୟନ୍ତ ସମୟ ଅବଧି ପାଇଁ କୋଇଲା ଓ ତେଲର ହାରାହାରି ଦର ଓ ଜିସିଭିକୁ ଭିତ୍ତିକରି ଆୟୋଗ ହାରାହାରି ଏଫପି,ଏ ଦରର ଅଟକଳନ କରିଛନ୍ତି। ଯଦି କୌଣସି ପରିସ୍ଥିତିରେ ଆୟୋଗଙ୍କ ଦ୍ୱାରା ଆକଳିତ ୧୦ ପ୍ରତିଶତରୁ ଉର୍ଦ୍ଧ୍ୱରେ ୨୦୧୦-୧୧ ଆର୍ଥିକ ବର୍ଷର ଏଫପିଏର ପୁନର୍ବାର ପାର୍ଥକ୍ୟ ଆସେ, ତେବେ ଓଇଆରସି (ଯୋଗାଣ ସର୍ତ୍ତାବଳୀ) କୋଡ ୨୦୦୪ ର ନିୟମ ୬୦ ସହ ପଠିତ ମତେ ପରିଶିଷ୍ଟ ୭ ରେ ନିହିତ ପଦ୍ଧତି ଓ ନିର୍ଦ୍ଦେଶାବଳୀ ସହ ସମତାଳରେ କୋଇଲା ଓ ତେଲର ଏହି ଅତିରିକ୍ତ ଦରକୁ ଗ୍ରୀଡକୋ ଭରଣା କରିପାରେ। ଏହା ପ୍ରଯୋଜ୍ୟ ସାଧାରଣ ଟାରିଫର ଉର୍ଦ୍ଧ୍ୱରେ ହିଁ ହେବ।

<u>ଟାରିଫରେ କ୍ରସ ସବସିଡି</u>

୩୭୨. ମାନ୍ୟବର ଓଡ଼ିଶା ଉଚ୍ଚ ନ୍ୟାୟାଳୟ କ୍ରସ୍ ସବସିଡି ପ୍ରସଂଗରେ ବିଚାର କରି ତାଙ୍କର ୧୬.୩.୨୦୧୦ର ଆଦେଶନାମାରେ ପରିଚ୍ଛେଦ ୧୦ ରେ ୨୦୦୮ ର ଡବ୍ଲୁପି (ସି) ନଂ ୬୬୨୪ , ୬୬୨୫ ଏବଂ ୬୬୨୬ ରେ ଆୟୋଗଙ୍କୁ ନିମ୍ନମତେ ନିର୍ଦ୍ଦେଶ ଦେଇଛନ୍ତି।

"୧୦ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଟାରିଫ ସ୍ଥିର କଲାବେଳେ ଅଭିଯୋଗକାରୀ ଜଟିଳତାକୁ ଉପେକ୍ଷା କରିବା ନିମନ୍ତେ, ଓଇଆରସିଙ୍କ ସମକ୍ଷରେ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ 'ଟାରିଫ ପ୍ରକ୍ରିୟାର ସ୍ଥଗିତ- ସ୍ଥିତି-ଶୀର୍ଷକ ମାମଲାର ସମୁଦାୟ ସତ୍ୟାସତ୍ୟକୁ ବିଚାରକୁ ନେଇ (ପରବର୍ତ୍ତୀ ପରିବର୍ତ୍ତନକୁ ମିଶାଇ) ମାନ୍ୟବର ଓଡ଼ିଶା ଉଚ୍ଚ ନ୍ୟାୟାଳୟ ବିଦ୍ୟୁତ୍ ଆଇନ ୨୦୦୩ ର ବିଭାଗ ୬୧ ଓ ୬୨ ଏବଂ ଓଇଆରସି (ଟାରିଫ ନିର୍ଦ୍ଧାରଣର ମାପଦଣ୍ଡ ସମୂହ ଓ ସର୍ତ୍ତାବଳୀ) ନିୟମାବଳୀ, ୨୦୦୪ ର ଆବଶ୍ୟକତା ସମୂହକୁ କଡାକଡି ଭାବେ ପାଳନ କରିବାକୁ ଏତଦ୍ଦ୍ୱାରା ଓଇଆରସିଙ୍କୁ ନିର୍ଦ୍ଦେଶ ଦେଉଛନ୍ତି। ପୁନଶ୍ଚ, ଭିନ୍ନ ଭିନ୍ନ ଭୋଲଟେଜ- ଇଏଚଟି /ଏଚଟି/ଏଲଟି ରେ ଶକ୍ତି ଯୋଗାଣ ଦର ନିର୍ଦ୍ଧାରଣ କରିବାକୁ ଏବଂ ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ ପ୍ରଚଳିତ କ୍ରସ ସବସିଡିର ସର୍ବୋଚ୍ଚ ସୀମା ଓ ବିଦ୍ୟୁତ ଆଇନ ୨୦୦୩ ର ବିଭାଗ ୬୧ (ଛ) ଏବଂ ଓଇଆରସି (ଟାରିଫ ନିର୍ଦ୍ଧାରଣର ମାପଦଣ୍ଡ ସମୂହ ଓ ସର୍ତ୍ତାବଳୀ) ନିୟମାବଳୀ , ୨୦୦୪ ରେ ଉଲ୍ଲେଖି ମତେ ଏକ ନିର୍ଦ୍ଦିଷ୍ଟ ସମୟ ଅବଧି ଉପରେ କ୍ରସ୍ ସବସିଡି ହ୍ରାସ ପାଇଁ କାର୍ଯ୍ୟସୂଚୀର ଖସଡା ପ୍ରସ୍ତୁତ କରିବାକୁ ଏତଦ୍ଦ୍ୱାରା ଓଇଆରସିଙ୍କୁ ମଧ୍ୟ ମାନ୍ୟବର ଓଡ଼ିଶା ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଉଛନ୍ତି।

୩୭୩. ଅତଏବ, ମାନ୍ୟବର ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କର ଆଦେଶନାମା ଅନୁଯାୟୀ ସବୁ ଉପଭୋକ୍ତା ଶ୍ରେଣୀ ପାଇଁ ଯୋଗାଣ ଦର , ପ୍ରଚଳିତ କ୍ରସ ସବସିଡିର ସର୍ବୋଚ୍ଚ ସୀମା ଏବଂ ବିଦ୍ୟୁତ ଆଇନ ଏବଂ ଓଇଆରସି ନିୟମାବଳୀ ଅନୁଯାୟୀ ଏକ ନିର୍ଦ୍ଧିଷ୍ଟ ସମୟର ଅବଧି ଉପରେ କ୍ରସ ସବସିଡିର ହ୍ରାସ ପାଇଁ ଆୟୋଗଙ୍କୁ କାର୍ଯ୍ୟସୂଚୀର ଖସଡା ପ୍ରସ୍ତୁତ କରିବାକୁ ପଡିବ।

୩୭୪. ଯୋଗାଣ ଦର ନିର୍ଦ୍ଧାରଣ ପ୍ରସଂଗରେ ଉଲ୍ଲେଖ କରାଯାଇପାରେ ଯେ, ବିଦ୍ୟୁତ ଆଇନ ୨୦୦୩ର ବିଭାଗ ୬୨ ଅନୁଯାୟୀ ଉପଭୋକ୍ତାଙ୍କଠାରୁ ବଂଟନ ଅନୁମତିଧାରୀଙ୍କ ଦ୍ୱାରା ଲାଗୁ କରିବାକୁ ଆୟୋଗଙ୍କୁ ପାଇକାରୀ ତାରିଫ ନିର୍ଦ୍ଧାରଣ କରିବାକୁ ପଡିଥାଏ। ଆୟୋଗ ତାରିଫ ନିର୍ଦ୍ଧାରଣ କଲାବେଳେ ବିଦ୍ୟୁତ ଆଇନ ୨୦୦୩ ର ବିଭାଗ ୬୨(୩),୬୧(ଗ)ଏବଂ ୬୧(ଙ)ରେ ତାଲିକାଭୁକ୍ତ ଲୋଡ ଫାକ୍ଟର, ପାୱାର ଫାକ୍ଟର ଓ ଭୋଲଟେଜ ସ୍ତରକୁ ବିଚାରକୁ ନେବାକୁ ପଡିବ, କାରଣ ଏଗୁଡିକ ଅତ୍ୟାବଶ୍ୟକୀୟ ଭାବେ ଦର ନିର୍ଦ୍ଧାରକ ଅଟନ୍ତି। ଅର୍ଥନୈତିକ ଦୃଷ୍ଟିରୁ ଏକ ଉତ୍କୃଷ୍ଟ ତାରିଫ କୌଣସି କ୍ରସ୍ ସବସିଡିର ବ୍ୟବସ୍ଥା ବିନା ଏହି ଫାକ୍ଟରଗୁଡିକର ଦର ପ୍ରଭାବକୁ ହିଁ ବିଚାର କରିବ। ବିଦ୍ୟୁତ ଆଇନ ୨୦୦୩ ଏହି ସତ୍ୟକୁ ସ୍ୱୀକୃତି ଦିଏ ଯେ, ସଂପ୍ରତି କେତେକ ଶ୍ରେଣୀର ଉପଭୋକ୍ତାଙ୍କର ତାରିଫ ଯୋଗାଣ ଦରରୁ ନିମ୍ନରେ ଏବଂ ଅନ୍ୟ ଉପଭୋକ୍ତା ଶ୍ରେଣୀଙ୍କ ଦ୍ୱାରା କ୍ରସ୍ ସବସିଡିଭୁକ୍ତ ହେଉଛି। ତେଣୁ ଏଭଳି ଉପଭୋକ୍ତାଙ୍କ ଉଦ୍ଦେଶ୍ୟରେ କ୍ରସ୍ ସବସିଡିକୁ ଅନ୍ଧାଧୁନିଆ ଭାବରେ ଉଠାଇ ଦିଆଯିବା ଫଳରେ ତାରିଫର ଯେଉଁ କ୍ଷତି ଘଟୁଛି, ତାହାକୁ ଏଡାଇ ଦିଆଯିବା ଉଚିତ ବୋଲି ଆଶା କରାଯାଇପାରେ। ଅତଏବ, ଏହା କ୍ରସ୍ ସବସିଡିର ବିକାଶୋନ୍ମୁଖୀ ହ୍ରାସକରଣ ପାଇଁ ବ୍ୟବସ୍ଥା ରଖେ ଏବଂ କ୍ରସ୍ ସବସିଡିକୁ ଉଠାଇ ଦେବାର ବ୍ୟବସ୍ଥା ରଖେ ନାହିଁ।

ବିଦ୍ୟୁତ ଆଇନ, ୨୦୦୩ ର ବିଭାଗ ୬୧ (ଛ) ଅନୁଯାୟୀ ତାରିଫ ଯେଭଳି ଯୋଗାଣ ଦରକୁ ଉତ୍କୃଷ୍ଟ ଓ ଉନ୍ନତ କରୁଥିବ ଏବଂ ଆୟୋଗଙ୍କ ଦ୍ୱାରା ନିର୍ଦ୍ଧାରିତ ଢାଂଚାରେ କ୍ରସ୍ ସବସିଡିକୁ ହ୍ରାସ କରୁଥିବ, ସେଥିପ୍ରତି ଆୟୋଗ ସତର୍କ ଦୃଷ୍ଟି ଦେବେ। ତାରିଫ ନୀତିର ପରିଚ୍ଛେଦ ୮.୩.୨ ଆହୁରି ପ୍ରକାଶ କରେ ଯେ, ତାରିଫ ଯୋଗାଣ ଦରକୁ ବିକଶିତ ଭାବେ ପ୍ରଭାବିତ କରିବାକୁ ହେଲେ ରାଜ୍ୟ ଆୟୋଗ ୬ ମାସ ମଧ୍ୟରେ (୨୦୧୦-୧୧ ଆର୍ଥିକ ବର୍ଷ ଶେଷ ସୁଦ୍ଧା )ରୋଡ ମ୍ୟାପର ବିଜ୍ଞପ୍ତି ପ୍ରକାଶ କରିବେ, ଯଦ୍ଦ୍ୱାରା ଯୋଗାଣର ହାରାହାରି ଦରର ± ୨୦% ମଧ୍ୟରେ ତାରିଫ ରହୁଥିବ।

୩୭୫. ଅଳ୍ପ କିଛି ପରିମାଣର କ୍ରସ୍ ସବସିଡି ସପକ୍ଷରେ ମଧ୍ୟ ଜାତୀୟ ବିଦ୍ୟୁତ ନୀତି ମତ ପ୍ରଦାନ କରେ। ଜାତୀୟ ବିଦ୍ୟୁତ ନୀତିର ପରିଚ୍ଛେଦ ୧.୧. ଅନୁଯାୟୀ , ଦେଶର ଗ୍ରାମାଞ୍ଚଳର ସାମୁଦାୟିକ ବିକାଶ ପାଇଁ ଯୁକ୍ତିସଂଗତ ଦରହାରରେ ଶକ୍ତି ଯୋଗାଣ କରିବା ଏକ ଅପରିହାର୍ଯ୍ୟ ଆବଶ୍ୟକତା ଅଟେ। ଏହା ସହିତ , ଭାରତୀୟ ଶିଳ୍ପସଂସ୍ଥାମାନଙ୍କୁ ଆନ୍ତର୍ଜାତୀୟ ସ୍ତରରେ ପ୍ରତିଦ୍ୱନ୍ଦିତା କ୍ଷମ ଏ୍ବଂ ଜାତୀୟ ସ୍ତରରେ ଅଧିକ କର୍ମନିଯୁକ୍ତି ସୃଷ୍ଟି ପାଇଁ ନିର୍ଭରଯୋଗ୍ୟ ଓ ଗୁଣବତ୍ତା ଭିତ୍ତିକ ଶକ୍ତି ଯୋଗାଇ ଦେବାକୁ ଅନ୍ୟୁନ ସର୍ବନିମ୍ନ ସ୍ତରର ସହାୟତା ମଧ୍ୟ ଆବଶ୍ୟକ। ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଉପଭୋକ୍ତାମାନେ, ଅର୍ଥାତ୍ ଯେଉଁମାନେ ଏକ ସୂଚିତ ସ୍ତରର ନିମ୍ନରେ ଶକ୍ତି ବ୍ୟବହାର କରନ୍ତି - ଧରାଯାଉ ମାସିକ ୩୦ ୟୁନିଟ ବ୍ୟବହାର କରନ୍ତି, ସେମାନଙ୍କୁ କ୍ରସ୍ ସବସିଡିଭୁକ୍ତ ତାରିଫ ଜରିଆରେ ସ୍ୱତନ୍ତ୍ର ସହାୟତା ଦିଆଯାଇପାରେ। ଏଭଳି ନିର୍ଦ୍ଦିଷ୍ଟ ବର୍ଗର ଉପଭୋକ୍ତାଙ୍କ ପାଇଁ ହାରାହାରି (ସାମୁଦାୟିକ ଭାବେ) ଯୋଗାଣ ଦରର ଅନ୍ୟୁନ ୫୦ ପ୍ରତିଶତ ଦରରେ ତାରିଫ ସ୍ଥିର କରାଯିବ।

୩୭୬. ବିଦ୍ୟୁତ ଆଇନ ୨୦୦୩ ର ବିଭାଗ ୬୨ ଓଇଆରସିଙ୍କୁ ବିଦ୍ୟୁତ ଶକ୍ତିର ଖୁଚୁରା ଯୋଗାଣ ପାଇଁ କ୍ଷମତା ପ୍ରଦାନ କରେ। ଅବଶ୍ୟ ଏଥିପାଇଁ ଓଇଆର୍‌ସିଙ୍କୁ ସଂଶିତ ଆଇନର ବିଭାଗ ୬୧ (ଝ) ର ବ୍ୟବସ୍ଥା ମୂଳେ ଜାତୀୟ ବିଦ୍ୟୁତ ନୀତି ଓ ତାରିଫ ନୀତି ଦ୍ୱାରା ପରିଚାଳିତ ହେବାକୁ ପଡିବ। କେନ୍ଦ୍ର ସରକାରଙ୍କର ଉପରୋକ୍ତ ଦୁଇଟି ନୀତିରେ କ୍ରସ୍ ସବ୍‌ସିଡି ହ୍ରାସକରଣ ସଂପର୍କରେ ଆଲୋଚନା କରାଯାଇ ସରିଛି। ତେବେ, ବିଦ୍ୟୁତ ଆଇନ ୨୦୦୩ ରେ କିମ୍ବା ଜାତୀୟ ବିଦୁ୍ୟତ ଓ ତାରିଫ ନୀତିରେ କ୍ରସ ସବସିଡି ର ସଠିକ ସଜ୍ଞାୟନ କରାଯାଇ ନାହିଁ। କ୍ରସ୍ ସବ୍‌ସିଡିର କଂପ୍ୟୁଟରୀକରଣ ପାଇଁ ମଧ୍ୟ ବ୍ୟବସ୍ଥାର ଉପାୟ ଉପରୋକ୍ତ ଦର ହିସାବର ଢାଞ୍ଚା ଉପରେ ଭିନ୍ନ ଭିନ୍ନ ଶ୍ରେଣୀର ଉପଭୋକ୍ତାଙ୍କୁ ଦିଆଯିବାକୁ ଥିବା ବା ଉପଭୋକ୍ତାମାନେ ପାଇବାକୁ ଥିବା କ୍ରସ୍ ସବ୍‌ସିଡିର ପରିମାଣ ନିର୍ଭର କରେ। ଏହି ହିସାବ ନିମ୍ନମତେ କରାଯାଇପାରେ -

- ☐ ଯୋଗାଣର ହାରାହରି ଦର ଭିତ୍ତିରେ –
- ☐ ଭୋଲଟେଜ ଓ୍ୱାରୀ ଯୋଗାଣ ଦର ଭିତ୍ତିରେ –
- ☐ ଭିନ୍ନ ଭିନ୍ନ ଉପଭୋକ୍ତା ଶ୍ରେଣୀଙ୍କୁ ଯୋଗାଣ ଦର ଭିତ୍ତିରେ –

ଗ୍ରହଣୀୟ ହିସାବର ଢାଞ୍ଚା ଉପରେ ନିର୍ଭର କରି କ୍ରସ୍ ସବ୍‌ସିଡିରେ ପାର୍ଥକ୍ୟ ଆସିଥାଏ। ତେବେ ଟାରିଫ ନୀତିର ଧାରା ୮.୩ ଆବଶ୍ୟକ କରେ ଯେ, ୨୦୧୦-୧୧ ସୁଦ୍ଧା ହାରାହାରି ଯୋଗାଣ ଦରର ±୨୦% ମଧ୍ୟରେ ଟାରିଫ ରହିବା ଉଚିତ । ପୁନଶ୍ଚ ଜାତୀୟ ବିଦ୍ୟୁତ ନୀତିର ପରିଚ୍ଛେଦ ୫.୫.୨ ଅନୁଯାୟୀ, ବିପିଏଲ ଶ୍ରେଣୀର ଉପଭୋକ୍ତାଙ୍କ ଉଦ୍ଦେଶ୍ୟରେ ଟାରିଫ ହାରାହାରି (ସାମୁଦାୟିକ ଭାବେ) ଯୋଗାଣ ଦରର ଅନ୍ୟୁନ ୫୦ ପ୍ରତିଶତ ହେବା ଉଚିତ। ଅତଏବ, ଉଭୟ ବିଦ୍ୟୁତ ନୀତି ଓ ଟାରିଫ ନୀତିର ବ୍ୟବସ୍ଥା ସମୂହରୁ ମିଳିତ ନିର୍ଯାସ ଅନୁଯାୟୀ ଅନୁମତିଧାରୀଙ୍କ ଦ୍ୱାରା ଭିନ୍ନ ଭିନ୍ନ ଭୋଲଟେଜରେ ହାରିହାରି ଯୋଗାଣ ଦରକୁ ଏକତ୍ରିତ ଭାବେ ନେଇ ତା'ର ମଧ୍ୟକକୁ ଯୋଗାଣ ଦର ଭାବେ ଚୂଡାନ୍ତ କରାଯାଇପାରିବ।

୩୭୭. ଉପଭୋକ୍ତାଙ୍କର ଶ୍ରେଣୀ-ଓ୍ୱାରୀ ଦ୍ୱାରା ଯୋଗାଣ ଦର ନିର୍ଦ୍ଧାରଣ କରିବା ସପକ୍ଷରେ କେତେକ ଉପଭୋକ୍ତାବର୍ଗ ଯୁକ୍ତି ଉପସ୍ଥାପନ କରିଥିଲେ। କିନ୍ତୁ ଉପଭୋକ୍ତା ଓ୍ୱାରୀ ଯୋଗାଣ ଦର ନିର୍ଦ୍ଧାରଣ ନିମନ୍ତେ ଭୋଲଟେଜ-ଓ୍ୱାରୀ ଦର ନିର୍ଦ୍ଧାରଣ ହେଉଛି ପ୍ରଥମ ସୋପାନ। ଭୋଲଟେଜ-ଓ୍ୱାରୀ ଦର ନିର୍ଦ୍ଧାରଣ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଯେ, ଅନୁମତିଧାରୀଙ୍କର ହିସାବ ଶୃଙ୍ଖଳା 'ମୂଳ ପଏଣ୍ଟ' ରେ ଭୋଲଟେଜ-ଓ୍ୱାରୀ ଦରକୁ ଠାବ କରିବ (ଯେତେବେଳେ ଯେମିତି ଏହା ସଂଘଟିତ ହେଉଥିବ)। ଆୟୋଗ ମଧ୍ୟ ଏଲଟି, ଏଚଟି ଓ ଇଏଚଟି ସ୍ତରର ଭୋଲଟେଜ ପ୍ରକାରରେ ନେଟଓ୍ୱାର୍କ ଦରର ପୃଥକ ଚିହ୍ନଟକରଣ ପାଇଁ ଆବଶ୍ୟକତା ଉପରେ ଗୁରୁତ୍ୱ ଆରୋପ କରିଛନ୍ତି। କିନ୍ତୁ ବିବିଧ କାରଣ ଯୋଗୁ ଏହା ସମ୍ଭବ ହୋଇପାରିନାହିଁ। ଯଥା – ଭୋଲଟେଜ ଓ୍ୱାରୀ ଏବଂ ଉପଭୋକ୍ତା ଓ୍ୱାରୀ ବୈଷୟିକ ଓ ଅଣ ବୈଷୟିକ କ୍ଷତିର ନିର୍ଦ୍ଧାରଣ , ଯାହା ଯୋଗାଣ ଦର ନିର୍ଦ୍ଧାରଣ ପାଇଁ ଅତ୍ୟାବଶ୍ୟକୀୟ ଅଟେ। ଉପଭୋକ୍ତା ଓ ବଂଟନ ଟ୍ରାନ୍ସଫରମରରେ ୧୦୦ ପ୍ରତିଶତ ସଚଳ ମିଟର ନଥିଲେ, ବୈଷୟିକ ଓ ବ୍ୟବସାୟିକ ସ୍ତରର କ୍ଷତିକୁ ସଠିକ ଭାବେ ନିର୍ଦ୍ଧାରଣ କରିବା ଅସମ୍ଭବ ଅଟେ। ଓଡ଼ିଶାରେ ବଂଟନ ନେଟଓ୍ୱର୍କର ବ୍ୟବସ୍ଥା ଏମିତି ଯେ, ଭିନ୍ନ ଭିନ୍ନ ଭୋଲଟେଜ ସ୍ତରରେ ସାଧାରଣ ଦରକୁ ପୃଥକ ଭାବେ ଚିହ୍ନଟ କରିବା ବୈଷୟିକ ଭାବେ ସମ୍ଭବ ନୁହେଁ। ସବୁ ଭୋଲଟେଜ ସ୍ତର ଉଦ୍ଦେଶ୍ୟରେ ଏକ ସାଧାରଣ ଦରର ସ୍ଥିରୀକରଣ ପାଇଁ ବଂଟନକାରୀ କଂପାନୀଙ୍କର ହିସାବ ଶୃଙ୍ଖଳା ଏକ ଭିତ୍ତି ପ୍ରତିଷ୍ଠା କରିବାକୁ ଆବଶ୍ୟକୀୟ ହୋଇପାରେ ଯାହା ସେମାନେ ଅଦ୍ୟାବଧି କରିବାକୁ ସକ୍ଷମ ହୋଇନାହାନ୍ତି। ଟାରିଫ ଫାଇଲିଂ ସମୟରେ ଦର ସ୍ଥିରୀକରଣ ସଂପର୍କରେ ବଂଟନକାରୀ କଂପାନୀଙ୍କର ଉପସ୍ଥାପନାରେ କୌଣସି ବୈଷୟିକ ଓ ବ୍ୟବସାୟିକ ତଥ୍ୟ ଭିତ୍ତିକ ସହାୟକ ଉପାଦାନ ନାହିଁ। ସମସ୍ତ ପ୍ରକାର ବିଜ୍ଞାନ ସମ୍ମତ (ପର୍ଯ୍ୟବେକ୍ଷଣ /ନିରୀକ୍ଷଣ/ବିଶ୍ଳେଷଣ) ବ୍ୟବଚ୍ଛେଦ ସତ୍ତ୍ୱେ ଯୋଗାଣ ଦର ନିର୍ଦ୍ଧାରଣ ପାଇଁ ଏକ ଆନୁମାନିକ (ଆଭାସିକ) ଉପାଦାନର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିବ, କାରଣ ମୁଖ୍ୟତଃ ବଂଟନ ଓ ସରବରାହ ନେଟଓ୍ୱର୍କ ଦ୍ୱୟ ପୃଥକ ହୋଇନାହିଁ। ଅତଏବ, ଯୋଗାଣ ଦରର ଏଭଳି ଅନୁମାନସିଦ୍ଧ ଅଟକଳନ ସେକ୍ଟରର ଜଣେ ଅଂଶୀଦାରଠାରୁ ଆଉ ଜଣେ ଅଂଶୀଦାରକୁ ପୃଥକ କରିବ। ତେଣୁ କ୍ରସ୍ ସବ୍‌ସିଡିର କଂପ୍ୟୁଟେସନ ପାଇଁ ଜାତୀୟ ଟାରିଫ ନୀତି ଓ ଜାତୀୟ ବିଦ୍ୟୁତ ନୀତିରେ ବ୍ୟବସ୍ଥିତ ମତେ ସାରା ରାଜ୍ୟ ପାଇଁ ହାରାହାରି ସାମୁଦାୟିକ ଯୋଗାଣ ଦରକୁ ଗ୍ରହଣ କରିବା ସମୀଚିନ ହେବ।

୩୭୮. ଓଏସଇବି ଅମଳରୁ ଓଡ଼ିଶା ସବୁ ଉପଭୋକ୍ତାଙ୍କ ପାଇଁ ସମାନ ଦରର ପାଇକାରୀ ନୀତିକୁ ଗ୍ରହଣ କରିଆସୁଛି। ଅର୍ଥାତ୍ ସାରା ରାଜ୍ୟରେ ଏକ ନିର୍ଦ୍ଦିଷ୍ଟ ଶ୍ରେଣୀର ଉପଭୋକ୍ତାଙ୍କ ପାଇଁ ବିଦ୍ୟୁତ ଟାରିଫ ସମାନ ଅଟେ, ସିଏ ଯେଉଁ ବଂଟନକାରୀ କଂପାନୀର ଅନ୍ତର୍ଭୁକ୍ତ ହୋଇଥାନ୍ତୁ ନା କାହିଁକି , ଯଦିଓ ଲୋଡ ଫାକ୍ଟର ପାଓ୍ୱାର ଫାକ୍ଟର ଆଦି ଭିତ୍ତିରେ

ଆୟୋଗ ଉପଭୋକ୍ତାଙ୍କ ମଧ୍ୟରେ ପାଥକ୍ୟ ବାଢ଼ିଛନ୍ତି । ତେବେ ଭୌଗୋଳିକ-ଆଂଚଳିକ ସ୍ଥିତି ଭେଦରେ  କୌଣସି ପାର୍ଥକ୍ୟ ଆଣିନାହାନ୍ତି । ଏମିତି ହେବାର କାରଣ ହେଉଛି ରାଜ୍ୟର ସାମାଜିକ ଅର୍ଥନୈତିକ ସ୍ଥିତି ଭେଦରେ ଭିନ୍ନ ଭୌଗୋଳିକ ଅବସ୍ଥିତିର ସମାଜମାନଙ୍କ ମଧ୍ୟରେ ଅନେକ ପାର୍ଥକ୍ୟ ରହିଛି । ଅତଏବ ସେସୁ ଆୟତ୍ତାଧିନ ଅଂଚଳର ଜଣେ ବିପିଏଲ (କୁଟୀର ଜ୍ୟୋତି) କିମ୍ବା ଘରୋଇ ଉପଭୋକ୍ତା ଯେଉଁ ତାରିଫ ଦେଉଛି, ନେସକୋ ଆୟତ୍ତାଧିନ ଅଂଚଳର ଜଣେ ବିପିଏଲ (କୁଟୀର ଜ୍ୟୋତି) କିମ୍ବା ଘରୋଇ ଉପଭୋକ୍ତା ସେହି ତାରିଫ ଦେଉଛି ।

୩୭୯. ୨୦୦୫-୦୬ ଆର୍ଥିକ ବର୍ଷଠାରୁ ଆୟୋଗ ତାରିଫ ସନ୍ତୁଳନା  କରିବାର ଏକ ମାପଦଣ୍ଡ ଧାର୍ଯ୍ୟ କରିଛନ୍ତି ଏବଂ ଶ୍ରେଣୀକରଣକୁ ୩ଟି ଶ୍ରେଣୀରେ ସୀମିତ ରଖିଛନ୍ତି । ସେଗୁଡ଼ିକ ହେଲା ଇଏଚଟି, ଏଚ୍‌ଟି ଓ ଏଲ୍‌ଟି । କୁଟୀର ଜ୍ୟୋତି , ଘରୋଇ , ଜଳସେଚନ ପମ୍ପିଙ୍ଗ୍ , ମିଶ୍ରିତ କୃଷି କାର୍ଯ୍ୟସୂଚୀ , ମିଶ୍ରିତ କୃଷି ଭିତ୍ତିକ  ଶିଳ୍ପଗତ କାର୍ଯ୍ୟସୂଚୀ ଏବଂ ସାଧାରଣ ଉଦ୍ଦେଶ୍ୟିତ ଆଦି ଉପଶ୍ରେଣୀଗୁଡ଼ିକୁ ଅବଶ୍ୟ ଉପରୋକ୍ତ ଶ୍ରେଣୀକରଣରେ ଅନ୍ତର୍ଭୁକ୍ତ କରାଯାଇନାହିଁ, ଏବଂ ସାରା ରାଜ୍ୟ ପାଇଁ ପ୍ରତ୍ୟେକ ଶ୍ରେଣୀ ପାଇଁ ଗୋଟିଏ ପ୍ରକାରର ତାରିଫ ନିର୍ଦ୍ଧାରଣ  କରାଯାଇଛି । ସାମାଜିକ-ଅର୍ଥନୈତିକ ଭିତ୍ତିରେ ଶ୍ରେଣୀକରଣକୁ ଆୟୋଗ ଗୁରୁତ୍ୱ ଦେଇନାହାନ୍ତି, କାରଣ ଏହା ତାରିଫର ସନ୍ତୁଳନକରଣ ବିପକ୍ଷରେ ଯିବ । ତେବେ, ଏଭଳି ସନ୍ତୁଳନକରଣ ସତ୍ତ୍ୱେ ଉପରୋକ୍ତ ବର୍ଣ୍ଣିତ ୫ ଟି ଉପଶ୍ରେଣୀକୁ ଆୟୋଗ କ୍ରସ୍ ସବସିଡିର ଅନ୍ତର୍ଭୁକ୍ତ କରିଛନ୍ତି ଏବଂ ସାଧାରଣ ଉଦ୍ଦେଶ୍ୟିତ ଶ୍ରେଣୀକୁ କ୍ରସ୍ ସବସିଡ ବାଦ୍ ଦିଆଯାଇଛି, ଯେହେତୁ ଜାତୀୟ ବିଦ୍ୟୁତ ନୀତିରେ ନିହିତ ମତେ ଦରିଦ୍ର ଶ୍ରେଣୀର ଉପଭୋକ୍ତାଙ୍କ ପାଇଁ ବିଦ୍ୟୁତ ଶକ୍ତିର ସୁଲଭତାର ଆବଶ୍ୟକତା ଅଛି । ଏଲ୍‌ଟି ଉପଭୋକ୍ତାଙ୍କର ଉପରୋକ୍ତ ୫ ଟି ଉପ ଶ୍ରେଣୀ ପାଇଁ କ୍ରସ୍ ସବସିଡି  ଆଂଶିକ ଭାବେ ଏଲ୍‌ଟି ଉପଭୋକ୍ତାଙ୍କର ସାଧାରଣ ଉଦ୍ଦେଶ୍ୟିତ ଉପଶ୍ରେଣୀଙ୍କଠାରୁ ଆସିଥାଏ । ମୋଟ ଉପରେ ତାରିଫର ସନ୍ତୁଳନକରଣ ଶୃଙ୍ଖଳା ବିଦ୍ୟୁତ ଆଇନରେ ନିହିତ ଉଦ୍ଦେଶ୍ୟସମୂହ ଅନୁଯାୟୀ ଅଟେ ।

୩୮୦. ଆର୍ଥିକ ବର୍ଷ ୨୦୦୮-୦୯ ରୁ ନିରବଚ୍ଛିନ୍ନ ଭାବେ ଶକ୍ତି ଆହରଣ ଆବଶ୍ୟକ କରୁଥିବା ଶିଳ୍ପସଂସ୍ଥା ଗୁଡିକ ପାଇଁ ସ୍ୱତନ୍ତ୍ର ତାରିଫକୁ ପ୍ରତ୍ୟାହାର କରିନିଆଯାଇଛି । ପାୱାର ଇଣ୍ଟେନସିଭ ଇଣ୍ଡଷ୍ଟ୍ରିଗୁଡ଼ିକ ଇଏଚଟି ଉପଭୋକ୍ତାର ଏକ ଉପଶ୍ରେଣୀ ଭାବେ ବିବେଚନା କରି ଏହି ସ୍ୱତନ୍ତ୍ର ତାରିଫର  ପୁନଃ ପ୍ରବର୍ତ୍ତନ କରାଯାଇପାରିବ ନାହିଁ । ତେଣୁ ଏହା ତାରିଫ ସନ୍ତୁଳନକରଣ ନୀତି ବିପକ୍ଷରେ ହିଁ ଯିବ । ଇଏଚଟି ଶ୍ରେଣୀର ଅନ୍ୟାନ୍ୟ ଉପଭୋକ୍ତା ତଥା ଏଚ୍‌ଟି ଓ ଏଲ୍‌ଟି ଉପଭୋକ୍ତାଙ୍କ ଦ୍ୱାରା  ଏହା ମଧ୍ୟ କ୍ରସ୍ ସବସିଡିକରଣକୁ ସୃଷ୍ଟି କରିବ । ଅଧିକନ୍ତୁ, ପକ୍ଷପାତଶୂନ୍ୟତାର ଆଇନଗତ ନୀତି ଆବଶ୍ୟକ କରେ ଯେ, ଯଦି ପାୱାର ଇଣ୍ଟେନସିଭ ଇଣ୍ଡଷ୍ଟ୍ରିଗୁଡ଼ିକୁ ରିହାତି ତାରିଫର ଅନ୍ତର୍ଭୁକ୍ତ କରାଯାଏ, ତେବେ ଓଡ଼ିଶାର ଅନ୍ୟସବୁ ଇଏଚଟି ଉପଭୋକ୍ତାଙ୍କୁ ମଧ୍ୟ ସେହି ରିହାତି ତାରିଫ ଦିଆଯିବ, ଏବଂ ରାଜସ୍ୱ କ୍ଷତିକୁ ଏଚଟି ଓ ଏଲଟି ଉପଭୋକ୍ତାଙ୍କ ଠାରୁ ଭରଣା କରାଯିବ । ଏହି ପରିପ୍ରେକ୍ଷୀରେ ,ଏହା ସ୍ପଷ୍ଟ କରିଦିଆଯିବା ବାଂଛନୀୟ ଯେ, ପୂର୍ବରୁ ପାୱାର ଇଣ୍ଟେନସିଭ ଇଣ୍ଡଷ୍ଟ୍ରିଗୁଡ଼ିକୁ ଯେଉଁ ରିହାତି ଦରର ତାରିଫ ଦିଆଯାଉଥିଲା, ସେଥିପାଇଁ ତତ୍‌କାଳୀନ କେତେକ ପାୱାର ଇଣ୍ଟେନସିଭ ଇଣ୍ଡଷ୍ଟ୍ରି ଏବଂ ସଂପୃକ୍ତ ବଂଟନକାରୀ କଂପାନୀଙ୍କ ମଧ୍ୟରେ ସ୍ୱତନ୍ତ୍ର ଚୁକ୍ତିନାମା ସଂପାଦନ ହେଉଥିଲା କିନ୍ତୁ ସଂପ୍ରତି ସେଭଳି ଚୁକ୍ତିନାମା ଆଉ ହେଉନାହିଁ । ତା'ଛଡା ସାରା ରାଜ୍ୟରେ ଏବେ ସମୁଦାୟ ପାୱାର ଇଣ୍ଟେନସିଭ ଇଣ୍ଡଷ୍ଟ୍ରି ସଂଖ୍ୟା ୭୧ ରେ ପହଂଚିଲାଣି ।

୩୮୧. ରାଜ୍ୟର ଉପଭୋକ୍ତାଙ୍କର ଆବଶ୍ୟକତା ପାଇଁ ଗ୍ରୀଡକୋ ରାଜ୍ୟ ଭିତର ଓ ବାହାରର ବିଭିନ୍ନ ଉତ୍ସରୁ ଶକ୍ତି କିଣିଥାଏ ଏବଂ ଆୟୋଗଙ୍କ ନିର୍ଦ୍ଧାରିତ ଭିନ୍ନ ଭିନ୍ନ ସ୍ଥୁଳ ଯୋଗାଣ ଦରରେ ବଂଣ୍ଟନକାରୀ କଂପାନୀଙ୍କୁ ଯୋଗାଇଥାଏ । ଭିନ୍ନ ଭିନ୍ନ ବଂଣ୍ଟନକାରୀ କଂପାନୀଙ୍କର ଭିନ୍ନ ଭିନ୍ନ ଶ୍ରେଣୀର ମିଶାମିଶି ଉପଭୋକ୍ତା ଥାଆନ୍ତି ଏବଂ କଂପାନୀମାନେ ଅସମୟରେ ମଧ୍ୟ ଦେୟ ଆଦାୟ କରିଥାନ୍ତି । ତେଣୁ, ରାଜ୍ୟର ଏଇଭଳି ପାଇକାରୀ ଯୋଗାଣ ତାରିଫ (ଭିନ୍ନ ଭିନ୍ନ ଶ୍ରେଣୀ ପାଇଁ ଏକା ପ୍ରକାରର) ଗ୍ରହଣୀୟତା ଯୋଗୁ ପାର୍ଥକ୍ୟଗତ ସ୍ଥୁଳ ଯୋଗାଣ ଦରର ଆବଶ୍ୟକତା ପଡିଥାଏ ।

ଉପରୋକ୍ତ ବର୍ଣ୍ଣିତ ମତେ, ଜାତୀୟ ବିଦ୍ୟୁତ ନୀତି ଓ ତାରିଫ ନୀତିରେ ନିହିତ ନିୟମ ଅନୁଯାୟୀ, ସାରା ରାଜ୍ୟ ପାଇଁ ଗ୍ରୀଡକୋର ସ୍ଥୁଳ ଆହରଣ ଭିତ୍ତିରେ ପାଇକାରୀ ତାରିଫ ପାଇଁ ଯୋଗାଣର ହାରାହାରି ଦର ହିସାବ କରାଯାଇଥାଏ ଏବଂ ସାରା ରାଜ୍ୟ ପାଇଁ ବଣ୍ଟନ ଦର ତା' ସହ ମିଶାଇ ଦିଆଯାଏ। ବର୍ଣ୍ଣିତ ଯୋଗାଣ ଦରର ହାରାହାରି ହିସାବର ଉର୍ଦ୍ଧ୍ୱରେ ନିମ୍ନରେ ଏହି ରାଜ୍ୟ-ଓ୍ୱାରୀ ପାଇକାରୀ ତାରିଫର ଆଧିକ୍ୟ/ନିଅଣ୍ଟରୁ କ୍ରସ୍ ସବସିଡି ବାହାର କରାଯାଇଥାଏ। ଏଠାରେ ରାଜ୍ୟ ଓ୍ୱାରୀ ପାଇକାରୀ ତାରିଫ ହେଉଛି ପ୍ରତି ତିନି ଶ୍ରେଣୀର ଉପଭୋକ୍ତାଙ୍କ ଉଦ୍ଦେଶ୍ୟରେ ତାରିଫ ଅର୍ଥାତ୍ ଇଏଚଟି/ଏଚଟି/ଏଲଟି ଶ୍ରେଣୀ ପାଇଁ । ଏହା ତାରିଫ ନୀତି ଅପେକ୍ଷା ପୂର୍ବର ଓଇଆରସି (ତାରିଫ ନିର୍ଦ୍ଧାରଣର ମାପଦଣ୍ଡ ସମୂହ ଓ ସର୍ତ୍ତାବଳୀ) ନିୟମାବଳୀ, ୨୦୦୪ ର ନିୟମ ୭ (ଗ) ସହ ଅଧିକ ଭାବେ ସମ୍ବନ୍ଧ ସୁଝାଇଥାଏ।

**ବ୍ୟବସ୍ଥା ସମୂହ ବ୍ୟକ୍ତ କରେ ଯେ -**

"କ୍ରସ ସବସିଡିର କଂପ୍ୟୁଟରୀକରଣ ଉଦ୍ଦେଶ୍ୟରେ ନିର୍ଦ୍ଦିଷ୍ଟ ଶ୍ରେଣୀ ପାଇଁ ସେବା ଜନିତ ଦର ଏବଂ ସେହି ଶ୍ରେଣୀର ହାରାହାରି ତାରିଫ ଉପଲବ୍ଧତା ମଧ୍ୟରେ ପାର୍ଥକ୍ୟକୁ ବିଚାରକୁ ଅଣାଯିବ।"

ସାଂପ୍ରତିକ ସନ୍ତୁଳିତ ତାରିଫ ପରିପ୍ରେକ୍ଷୀରେ ଉପରୋକ୍ତ ଅବସ୍ଥାର 'କ୍ୟାଟେଗୋରୀ' ବା 'ଶ୍ରେଣୀ' ଶବ୍ଦ ଇଏଚଟି, ଏଚଟି ଓ ଏଲଟି କୁ ସୂଚାଏ, କିନ୍ତୁ ସେହି ସ୍ଥୁଳ ପରିମାଣର ଆହରିତ ଶକ୍ତିର ଦରରୁ ହିସାବର ଉପରୋକ୍ତ ପ୍ରଣାଳୀ ଅନୁଯାୟୀ ସେହି କ୍ୟାଟେଗୋରୀ (ଶ୍ରେଣୀ)କୁ ସେବା ଜନିତ ଦର ପ୍ରତି କ୍ୟାଟେଗୋରୀ ବା ଶ୍ରେଣୀ ପାଇଁ ଏକା ପରିସଂଖ୍ୟାନ ଆସିବ। ଉଲ୍ଲେଖଯୋଗ୍ୟ ଯେ, ଉପରୋକ୍ତ ବ୍ୟବସ୍ଥା ଆଂଚଳିକ ଭିତ୍ତିକ ନୁହେଁ, ଅର୍ଥାତ୍ ନେସକୋ, ଓ୍ୱେସକୋ , ସାଉଥକୋ ଓ ସେସୁ ର ବଂଟନ ଅଂଚଳ ପାଇଁ ଅଂଚଳ ଓ୍ୱାରୀ ସେବା ଜନିତ ଦର ହିସାବ କରାଯିବ ନାହିଁ।

୩୮୨. ସେବା ଜନିତ ଦର ହିସାବର ଉପାୟ 'ନିୟାମକ ଫୋରମ' ର ଆଲୋଚିତ ହୋଇଛି। ନିୟାମକ ଫୋରମ ହେଉଛି ବିଦ୍ୟୁତ ଆଇନ, ୨୦୦୩ ଅଧିନରେ ସୃଷ୍ଟ ଏକ ଆଇନାନୁମୋଦିତ ସଂସ୍ଥାନ। ସେମାନଙ୍କର ସୁପାରିଶ ଅନୁଯାୟୀ, ବିକ୍ରୀ ଯୋଗ୍ୟ ୟୁନିଟ ପାଇଁ ବଂଟନକାରୀ କଂପାନୀମାନଙ୍କର ସମୁଦାୟ ରାଜସ୍ୱ ଆବଶ୍ୟକତାକୁ ଆଧାର କରି ଆଗାମୀ ଆର୍ଥିକ ବର୍ଷ ପାଇଁ ସେବା ଜନିତ ଦରର ହିସାବ କରାଯାଇଛି।

**ସାରଣୀ – ୪୧**

**ଆର୍ଥିକ ବର୍ଷ ୨୦୧୦-୧୧ ପାଇଁ ହାରାହାରୀ ଦେୟ ବଣ୍ଟନକାରୀ କମ୍ପାନୀମାନଙ୍କ ପାଇଁ ସଂଗଣନା)**

(କୋଟି ଟଙ୍କା)

| ବ୍ୟୟ | ଅନୁମୋଦିତ |
|---|---|
| ଶକ୍ତି କ୍ରୟର ମୂଲ୍ୟ | ୩,୪୩୧.୧୯ |
| ସଂଚାରଣ ମୂଲ୍ୟ | ୪୭୩.୬୨ |
| ଏସ୍‌ଏଲଡିସି ମୂଲ୍ୟ | ୩.୫୮ |
| ସମୁଦାୟ ଶକ୍ତି କ୍ରୟ, ସଂଚାରଣ ଓ ଏସ୍‌ଏଲଡିସି ମୂଲ୍ୟ (କ) | ୩,୯୦୮.୩୯ |
| କର୍ମଚାରୀଙ୍କ ମୂଲ୍ୟ | ୬୭୧.୯୦ |
| ମରାମତି ଓ ରକ୍ଷଣାବେଧଣ | ୧୪୯.୨୯ |
| ପ୍ରସାସନିକ ଓ ସାଧାରଣ ବ୍ୟୟ | ୯୫.୭୨ |
| ମନ୍ଦ ଓ ସନ୍ଦେହଜନକ ଋଣ ବନ୍ଦୋବସ୍ତ | ୬୨.୯୦ |
| ହ୍ରାସ ମୂଲ୍ୟ | ୮୫.୭୪ |
| ରାଜସ୍ୱ ଉପରେ ସୁଧ ଦେୟ ସହିତ ଏସ୍.ଡି ଉପରେ ସୁଧ<br>Interest Chargeable to Revenue including Interest on S.D | ୧୨୫.୧୨ |
| ସମୁଦାୟ | ୧,୧୯୦.୬୭ |
| ହ୍ରାସ: ପୁଞ୍ଜି ବ୍ୟୟ | ୩.୦୮ |

| | |
|---|---|
| Less: Expenses capitalised | |
| ସମୁଦାୟ କାର୍ଯ୍ୟ ସମ୍ପାଦନ ଓ ରକ୍ଷଣାବେକ୍ଷଣ ଓ ଅନ୍ୟାନ୍ୟ ମୂଲ୍ୟ<br>**Total Operation & Maintainance and Other Cost** | ୧,୧୮୭.୫୯ |
| ଲାଭାଂଶ ଫେରସ୍ତ | ୩୬.୦୦ |
| ସମୁଦାୟ ବଣ୍ଟନ ମୂଲ୍ୟ (ଖ) | ୧,୨୨୩.୫୯ |
| ରେଗୁଲେଟୋରୀ ଆସେଟର ଋଣ ପରିଶୋଧ<br>Amortisation of Regulatory Asset | - |
| ପୂର୍ବ କ୍ଷତିର ବାସ୍ତବାୟନ<br>True up of Past Losses | - |
| ସମ୍ଭାବ୍ୟ ପରିସ୍ଥିତି ପାଇଁ ଆରକ୍ଷଣ<br>Contingency reserve | - |
| ସମୁଦାୟ ସ୍ୱତନ୍ତ୍ର ବିନିଯୋଗ (ଗ)<br>**Total Special Appropriation (C)** | ଘଓଖ |
| ସମୁଦାୟ ମୂଲ୍ୟ (କ+ଖ+ଗ)<br>**Total Cost (A+B+C)** | ୫,୧୩୧.୯୮ |
| ଅନୁମୋଦିତ ବିକ୍ରୟଯୋଗ୍ୟ ୟୁନିଟ୍ (ଏମ୍.ୟୁ)<br>**Approved Saleable units (MU)** | ୧୫୬୭୬.୫୫ |
| ହାରାହାରୀ ମୂଲ୍ୟ (ପ୍ରତି ୟୁନିଟ୍)<br>**Average Cost (per Unit)** | ୩୨୭.୩୭ |

ଉପର ବର୍ଣ୍ଣିତ ହିସାବ ମତେ ଆର୍ଥିକ ବର୍ଷ ୨୦୧୦-୧୧ ପାଇଁ ହାରାହାରି ଟାରିଫ ହେଉଛି ୟୁନିଟ ପିଛା ୩୨୦.୫୮ ପଇସା। ସେହି ସମୟ ପାଇଁ ବଣ୍ଟନକାରୀ କଂପାନୀମାନଙ୍କ ଦ୍ୱାରା ହାରାହାରି ଯୋଗାଣ ଦର ହେଉଛି ୟୁନିଟ ପିଛା ୩୨୭.୩୭ ପଇସା । ଉପରୋକ୍ତ ଉଲ୍ଲେଖ ଅନୁଯାୟୀ, ହାରାହାରି ଯୋଗାଣ ଦର ତୁଳନାରେ ହାରାହାରି ଟାରିଫ କମ ହୋଇଛି, କାରଣ ସମୁଦାୟ ରାଜସ୍ୱ ଆବଶ୍ୟକତାରୁ ୧୨୨.୬୩ କୋଟି ଟଙ୍କାର ବିବିଧ ଆଦାୟକୁ ସହ-ସାମିଲ କରାଯାଇଛି। ଅବଶିଷ୍ଟ ପରିମାଣକୁ ଉପଭୋକ୍ତାଙ୍କଠାରୁ ଟାରିଫ ଜରିଆରେ ୟୁନିଟ ପିଛା ୩୨୦.୫୮ ପଇସା ଦର ହାରରେ ଭରଣା କରାଯିବାକୁ ଛାଡି ଦିଆଯାଇଛି।

୩୮୩. ଭିନ୍ନ ଭିନ୍ନ ଭୋଲଟେଜ ସ୍ତରରେ ପ୍ରଚଳିତ କ୍ରସ ସବସିଡିର ପରିସର ପ୍ରସଂଗରେ ପରୀକ୍ଷା କରି ଦେଖାଯାଉ ଯେ, ଆୟୋଗ କିପରି ଓ କିଭଳି ଭାବେ ଟାରିଫ ନୀତିର ପରିଚ୍ଛେଦ ୮.୩.୨ ରେ ନିର୍ଦ୍ଧାରଣ ଅନୁଯାୟୀ, ହାରାହାରି ଯୋଗାଣ ଦରର ±୨୦% ମଧ୍ୟରେ କ୍ରସ୍ ସବସିଡିକୁ ରଖିଛନ୍ତି।

ସାରଣୀ - ୪୨

| ବର୍ଷ (୧) | ଭୋଲଟେଜର ସ୍ତର (୨) | **Average cost of supply for the State as a whole (P/U)** (୩) | ଶୁଳ୍କ (ୟୁନିଟ୍ /ପଇସା) (୪) | କ୍ରସ୍ ସବ୍‌ସିଡି (ୟୁନିଟ୍ /ପଇସା) **Cross-Subsidy (P/U)** ୫ = (୪) – (୩) | **Percentage of Cross-subsidy above/below or cost of supply** (୬) |
|---|---|---|---|---|---|
| ୨୦୦୯- | ଇଏଚଟି | ୨୬୩ | ୨୯୫.୦୫<br>୩୦୮.୬୮ | ୩୨.୦୫<br>୪୫.୬୮ | (+) ୧୨.୧୮<br>(+) ୧୭.୩୬ |

| | | | | | |
|---|---|---|---|---|---|
| ୧୦ | ଏଚଟି<br>ଏଲଟି | | ୧୬୯.୯୯ | (-) ୮୩.୦୧ | (-) ୩୧.୫୬ |
| ୨୦୧୦-<br>୧୧ | ଇଏଚଟି<br>ଏଚଟି<br>ଏଲଟି | ୩୨୭.୩୭ | ୩୬୯.୯୩<br>୩୮୩.୬୮<br>୨୧୯.୨୧ | ୫୨.୦୦<br>୫୬.୩୧<br>(-) ୧୦୮.୧୬ | (+) ୧୫.୮୮<br>(+) ୧୭.୨୦<br>(-) ୩୩.୦୩ |

"ବିଦ୍ୟୁତ ଆଇନ ୨୦୦୩ ର ବିଭାଗ ୬୧ (ଗ) ବ୍ୟକ୍ତ କରେ ଯେ, ତାରିଫ ନିର୍ଦ୍ଧାରଣ ବେଳେ ଆୟୋଗ ସେହି ସବୁ ବିଭାବସମୂହ ଦ୍ୱାରା ପରିଚାଳିତ ହେବେ , ଯାହା ସୁସ୍ଥ ପ୍ରତିଦ୍ୱନ୍ଦିତା, ଉତ୍କୃଷ୍ଟତା, ସମ୍ବଳର ଉପଯୁକ୍ତ ବିନିଯୋଗ,ଉତ୍ତମ ନିର୍ବାହନ ଏବଂ ସର୍ବାଧିକ ନିବେଶକୁ ପ୍ରୋତ୍ସାହନ ଦେବ। ତେଣୁ ଯେଉଁ ଶିଳ୍ପସଂସ୍ଥାମାନେ ଉତ୍କୃଷ୍ଟ ଧରଣର ପରିଚାଳନା କରୁଛନ୍ତି, ସେମାନଙ୍କଠାରୁ ସେମାନଙ୍କର ଉତ୍ପାଦନ କ୍ଷମତା ଓ ପରିଣାମତଃ ୮୦ ପ୍ରତିଶତ ଓ ତଦୁର୍ଦ୍ଧ୍ୱରୁ ଲୋଡ ଫାକ୍ଟରରେ ଏଚଟି ଓ ଇଏଚଟି ଶିଳ୍ପ ସଂସ୍ଥାମାନଙ୍କର ତାରିଫକୁ କ୍ରସ ସବସିଡିର ସ୍ତର ନିର୍ଦ୍ଧାରଣ ପାଇଁ ନିଆଯାଇଛି।"

ତାରିଫ ନୀତିର ସୁପାରିଶ ପରାମର୍ଶ ବ୍ୟକ୍ତ କରେ ଯେ, ଯୋଗାଣ ଦରର ±୨୦% ଅନ୍ତରୀଣ ଚିହ୍ନଟ ସୀମା ମଧ୍ୟରେ ନିର୍ବାହନ ପାଇଁ ଆୟୋଗ କ୍ରସ୍ ସବସିଡିକୁ ହ୍ରାସ କରିବା ପାଇଁ ପ୍ରୟାସ କରିବା ଉଚିତ। ଏଭଳି ଏକ ଯୁକ୍ତ ଓ ବିଯୁକ୍ତାତ୍ମକ ଅନ୍ତରୀଣ ଚିହ୍ନଟ ସୀମା ନିର୍ଦ୍ଧାରଣ କରିବାର ଅର୍ଥ ଏହି ଯେ, ସମୟକୁ ସମୟ ସରକାରୀ ନୀତିରେ ପରିବର୍ତ୍ତନ , ଉତ୍ପାଦନ ଉତ୍ସସମୂହର ଯୌଗିକତାରେ ପରିବର୍ତ୍ତନ, ଅଣ ସିଡ୍ୟୁଲ ଭୁକ୍ତ ଉତ୍ସ ସମୂହରୁ ଆବଶ୍ୟକୀୟ ଶକ୍ତି କ୍ରୟ ଆଦି ଅଭାବିତ କାରଣ ସମୂହ ପାଇଁ କ୍ରସ୍ ସବସିଡିର କମ/ବେଶୀ ପାଇଁ ଆୟୋଗ ନିଜର ବୈଷୟିକ ଦୃଷ୍ଟିକୋଣ ମନ୍ତେ ନିଷ୍ପତ୍ତି ନେଇ ପାରିବେ ଏବଂ ଆୟୋଗଙ୍କୁ ହିଁ ଏ ସଂପର୍କୀୟ ନିଷ୍ପତ୍ତି ନେବା ପାଇଁ କ୍ଷମତାନୁବଦ୍ଧ କରାଯାଇଛି।

<u>କ୍ରସ ସବସିଡିର ହ୍ରାସକରଣ ପାଇଁ କାର୍ଯ୍ୟସୂଚୀର ଖସଡା</u>

୩୮୪. ବିଦ୍ୟୁତ ଆଇନ ,୨୦୦୩ ର ବିଭାଗ ୬୧ (ଛ) ତାରିଫ ନୀତିରେ ନିହିତ ମତେ, ଏକ ନିର୍ଦ୍ଦିଷ୍ଟ ସମୟ ଅବଧି ପାଇଁ କ୍ରସ୍ ସବସିଡିର ହ୍ରାସକରଣ ସଂପର୍କରେ କୁହାଯାଇପାରେ ଯେ, ଏଚଟି ଓ ଇଏଚଟି ଶ୍ରେଣୀର ଶିଳ୍ପସଂସ୍ଥାମାନେ ହାରାହାରି ଯୋଗାଣ ଦରର ±୨୦% ମଧ୍ୟରେ କ୍ରସ ସବସିଡି ଦେଉଛନ୍ତି। ଏଚଟି ଓ ଇଏଚଟି ଶିଳ୍ପ ସଂସ୍ଥାମାନଙ୍କ କ୍ଷେତ୍ରରେ ତାରିଫ ନୀତିର ମୌଳିକ ଉଦ୍ଦେଶ୍ୟ ହାସଲ ହୋଇପାରିଛି। ଏଲଟି ଶ୍ରେଣୀର ଉପଭୋକ୍ତାଙ୍କ କ୍ଷେତ୍ରରେ ପ୍ରଚଳିତ କ୍ରସ ସବସିଡି ହେଉଛି ହାରାହାରି ଯୋଗାଣ ଦରର (-) ୩୩% । ଏଲଟିରେ ଯୋଗାଣ ଦର ଅଧିକ, କାରଣ ସେହି ସ୍ତରରେ ଅଧିକ ବଣ୍ଟନ-କ୍ଷତି ହୋଇଥାଏ। ଏହି ବଂଟନ କ୍ଷତିକୁ ରୋକାଯାଇପାରିଲେ ଏଲଟିରେ ଯୋଗାଣ ଦରକୁ କମାଇ ଦିଆଯାଇ ପାରିବ। ବଂଟନ ନେଟଓ୍ୱର୍କର ବୈଷୟିକ ଅଭିବୃଦ୍ଧି ପାଇଁ ବଡଧରଣର ନିବେଶ ଦରକାର ଏବଂ ଏଲଟି ସ୍ତରରେ କ୍ଷତି ରୋକିବାକୁ ସରକାରୀ ଏଜେନ୍ସିଙ୍କ ସହାୟତାରେ ଅନୁମତିଧାରୀମାନଙ୍କୁ ଶକ୍ତି ଚୋରୀ ରୋକିବାକୁ ପଡିବ। ଯେହେତୁ ଏହି ଏଲଟି ସ୍ତରର ଉପଭୋକ୍ତାମାନେ ତଳ ସ୍ତରର ଉପଭୋକ୍ତା ଅଟନ୍ତି, ତେଣୁ ହଠାତ୍ ତାରିଫ ବୃଦ୍ଧି ଘଟିଲେ ସେମାନଙ୍କୁ ଆଘାତ ଲାଗିବ। କୁଟୀର ଜ୍ୟୋତି , ଘରୋଇ , କୃଷି ଶ୍ରେଣୀର ଉପଭୋକ୍ତାମାନେ ଏଲଟି ଅନ୍ତର୍ଭୁକ୍ତ ଅଟନ୍ତି। ଆଇନର ବିଭାଗ ୬୧ ଅନୁଯାୟୀ ଯେଣୁ ରାଜ୍ୟ ସରକାରଙ୍କ ପକ୍ଷରୁ ସବସିଡିର ବ୍ୟବସ୍ଥା ନାହିଁ, ତେଣୁ ଏଲଟି ଶ୍ରେଣୀର ଉପଭୋକ୍ତାଙ୍କ ଉପରେ କ୍ରମଶଃ ତାରିଫ ବୃଦ୍ଧି କରାଯାଇପାରେ,ଯାହା ତାରିଫ ନୀତିର ଅନୁପନ୍ଥୀ ଅଟେ।

ବିଦ୍ୟୁତ ଆଇନ ୨୦୦୩ ର ବିଭାଗ ୬୧ (ଘ) ବ୍ୟକ୍ତ କରେ ଯେ, ଆୟୋଗଙ୍କୁ ଉପଭୋକ୍ତାଙ୍କର ସ୍ୱାର୍ଥର ରକ୍ଷା କରିବା ସହିତ ସମତାଳରେ ଯୁକ୍ତିସଂଗତ ଢାଞ୍ଚାରେ ବିଦ୍ୟୁତ ଦରର ଭରଣା କରିବାକୁ ପଡିବ। ଅତଏବ, ବିଦ୍ୟୁତ ସେକ୍ଟରର ନିୟାମକ ହିସାବରେ ତାରିଫ ନିର୍ଦ୍ଧାରଣ କଲାବେଳେ ଓ କ୍ରସ ସବସିଡିର ପ୍ରୟୋଗ କଲାବେଳେ

ଆୟୋଗଙ୍କୁ ସେକ୍ଟରର ବିଭିନ୍ନ ଭାଗିଦାରୀ ମାନଙ୍କ ମଧ୍ୟରେ ସନ୍ତୁଳିତ ସ୍ଥିତି ରକ୍ଷା କରିବାକୁ ପଡିବ ଏବଂ ଏହା ହିଁ ଆୟୋଗଙ୍କର ଦାୟିତ୍ୱ ଅଟେ।

## ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଅର୍ଥଗତ ପ୍ରସଂଗସମୂହ (ପରିଚ୍ଛେଦ ୩୮୫ ରୁ ୫୦୧)

### କର୍ମଚାରୀଙ୍କ ବାବଦକୁ ବ୍ୟୟ

୩୮୫. ୱେସକୋ, ନେସକୋ, ସାଉଥକୋ ଏବଂ ସେସୁ ୨୦୦୯-୧୦ ଆର୍ଥିକ ବର୍ଷରେ ଅନୁମୋଦିତ ବ୍ୟୟ ପରିମାଣ ବିପକ୍ଷରେ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ କର୍ମଚାରୀଙ୍କ ପାଇଁ ବ୍ୟୟ ବାବଦକୁ ଏଆରଆର ଓ ତାରିଫ ପିଟିସନ ଆୟୋଗଙ୍କ ସମକ୍ଷରେ ଦାଖଲ କରିଛନ୍ତି। ୨୦୦୯-୧୦ ଆର୍ଥିକ ବର୍ଷପାଇଁ କର୍ମଚାରୀଂକ ବ୍ୟୟ ବାବଦକୁ ଅନୁମୋଦିତ ପରିମାଣ ଏବଂ ୨୦୧୦-୧୧ଆ.ବ ପାଇଁ ବିତରକ କଂପାନୀଂକର ପ୍ରସ୍ତାବିତ ପରିମାଣର ଏକ ତୁଳନାନିମ୍ନ ସାରଣୀରେ ପ୍ରଦତ୍ତ ହେଲା।

**ସାରଣୀ - ୪୩**

(କୋଟି ଟଙ୍କାରେ)

| | ୱେସ୍କୋ | | ନେସ୍କୋ | | ସାଉଥ୍‌କୋ | | ସେସୁ | |
|---|---|---|---|---|---|---|---|---|
| | ୨୦୦୯-୧୦ ପାଇଁ ଅନୁମୋଦିତ | ୨୦୧୦-୧୧ ପାଇଁ ପ୍ରସ୍ତାବିତ | ୨୦୦୯-୧୦ ପାଇଁ ଅନୁମୋଦିତ | ୨୦୧୦-୧୧ ପାଇଁ ପ୍ରସ୍ତାବିତ | ୨୦୦୯-୧୦ ପାଇଁ ଅନୁମୋଦିତ | ୨୦୧୦-୧୧ ପାଇଁ ପ୍ରସ୍ତାବିତ | ୨୦୦୯-୧୦ ପାଇଁ ଅନୁମୋଦିତ | ୨୦୧୦-୧୧ ପାଇଁ ପ୍ରସ୍ତାବିତ |
| ମୂଳ ବେତନ + ଗ୍ରେଡ଼ ପେ | ୪୬.୨୪ | ୭୯.୯୧ | ୩୭.୭୧ | ୬୨.୮୫ | ୩୪.୧୧ | ୫୩.୧୦ | ୫୮.୦୯ | ୧୭୧.୦୫ |
| ୬ଷ୍ଠ ବେତନ କମିଶନ ବାକେୟା ଓ ମଜୁରୀ ବୋର୍ଡ **Arrear 6th pay and wage board** | | | | | | ୬୮.୩୧ | | |
| ମହଙ୍ଗା ଭତ୍ତା | ୨୧.୭୩ | ୨୯.୫୭ | ୧୭.୭୨ | ୨୩.୦୭ | ୧୬.୦୩ | ୧୯.୬୪ | ୨୭.୩ | ୭୧.୮୪ |
| ଘରଭଡ଼ା ଭତ୍ତା | ୭.୪ | ୧୪.୩୮ | ୬.୧୭ | ୧୧.୮୫ | ୫.୪ | ୯.୫୫ | ୯.୩ | ୩୪.୨୧ |
| ଅନ୍ୟାନ୍ୟ ଭତ୍ତା | ୨୮.୯୪ | ୧୬.୫୩ | ୨୬.୦୪ | ୧୦.୨ | ୨୨.୫୨ | ୬.୦୮ | ୫୦.୪୮ | ୯୩.୦୭ |
| ଆନ୍ତିକ ଫାଇଦା | ୩୭.୦୪ | ୧୧୨.୧୫ | ୨୭.୧୯ | ୧୨୫.୧୧ | ୨୦.୫୩ | ୪୫.୮୫ | ୪୯.୬୮ | ୬୩.୪୫ |
| **ସମୁଦାୟ** | ୧୪୧.୩୫ | ୨୫୨.୫୪ | ୧୧୪.୮୩ | ୨୩୩.୦୮ | ୯୮.୫୯ | ୨୦୨.୫୩ | ୧୯୪.୮୫ | ୪୩୩.୬୨ |
| **ହ୍ରାସ: ପୁଞ୍ଜି ବ୍ୟୟ Less: Expenses Capitalized** | ୨.୪୭ | ୨.୫୧ | ୦.୫୫ | ୦.୫୬ | | ୩.୧୩ | | |
| **ସମୁଦାୟ ମୂଲ୍ୟ** | ୧୩୮.୮୮ | ୨୫୦.୦୩ | ୧୧୪.୨୮ | ୨୩୨.୫୨ | ୯୮.୫୯ | ୧୯୯.୪୦ | ୧୯୪.୮୫ | ୪୩୩.୬୨ |
| ୨୦୦୯-୧୦ ଅନୁମୋଦନ ଉପରେ ପ୍ରତିଶତ ବୃଦ୍ଧି **% rise over the approval of ୨୦୦୯-୧୦** | | ୮୦.୦୩ | | **୧୦୩.୪୭** | | **୧୦୨.୨୫** | | **୧୨୨.୫୪** |

ସବୁ ବଂଟନକାରୀ କଂପାନୀ ଷଷ୍ଠ ବେତନ ଆୟୋଗଙ୍କ ସୁପାରିଶ କ୍ରମେ କର୍ମଚାରୀଙ୍କ ବାବଦ ବାକିଆ ପରିମାଣ ସହ ବର୍ଦ୍ଧିତ ପରିମାଣକୁ ପ୍ରଦର୍ଶନ କରିଛନ୍ତି। ସେସୁ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ୫୮୦୦ ଜଣ

ଅତିରିକ୍ତ ନିୟମିତ କର୍ମଚାରୀ ଓ ୮୦୦ ଜଣ ଠିକା କର୍ମଚାରୀଙ୍କ ନିଯୁକ୍ତି ବାବଦକୁ ବ୍ୟୟ ପରିମାଣ ଉପସ୍ଥାପନ କରିଛି।

୩୮୬. ୧.୧.୨୦୦୬ ଠାରୁ ଷଷ୍ଠ ବେତନ ଆୟୋଗ ସୁପାରିଶ କରିଥିବା କର୍ମଚାରୀଙ୍କ ପାଇଁ ସଂଶୋଧିତ ବେତନ ଏବଂ ୧.୪.୨୦୦୫ ଠାରୁ ୱେଜ୍ ବୋର୍ଡର ସୁପାରିଶକୁ ବଣ୍ଟନକାରୀ କଂପାନୀମାନେ ଲାଗୁ କରିଛନ୍ତି। ଏଥିପାଇଁ ସେମାନଙ୍କୁ କର୍ମଚାରୀଙ୍କ ବାକିଆ ଦେୟ ଦେବା ସହିତ ସଂଶୋଧିତ ବେତନ ହାରରେ ବେତନ ଦେବାକୁ ପଡୁଛି। ସେସୁ କର୍ମଚାରୀଙ୍କ ବାବଦରେ ଓ ଅତିରିକ୍ତ କର୍ମଚାରୀ ନିଯୁକ୍ତି ବାବଦକୁ ଆଗାମୀ ୨୦୧୦-୧୧ ଆର୍ଥିକ ବର୍ଷରେ ୨୦୦୯-୧୦ ର ପରିସଂଖ୍ୟାନ ଉପରେ ୧୨୨.୫୪ ପ୍ରତିଶତର ବର୍ଦ୍ଧିତ ପରିମାଣ ଦେବାକୁ ପଡିବ, ଯାହାକି ସବୁ ବଣ୍ଟନକାରୀ କଂପାନୀଙ୍କ ମଧ୍ୟରେ ସର୍ବୋଚ୍ଚ ପରିମାଣ ଅଟେ।

୩୮୭. ଆୟୋଗ ୨୦୦୯-୧୦ ଆର୍ଥିକ ବର୍ଷର ଟାରିଫ ଆଦେଶନାମାରେ ମଧ୍ୟ ଷଷ୍ଠ ବେତନ ଆୟୋଗଙ୍କ ସୁପାରିଶକୁ ବିଚାରକୁ ନେଇ କର୍ମଚାରୀଙ୍କ ପ୍ରାକ୍ ସଂଶୋଧିତ ମୂଳ ବେତନର ୩୦% କୁ ଅନୁମତି ଦେଇଥିଲେ ଏବଂ ତା' ସହ ବର୍ଦ୍ଧିତ ମହଙ୍ଗା ଭତ୍ତା ଓ ଘରଭଡାକୁ ମଧ୍ୟ ଅନୁମତି ଦେଇଥିଲେ। ସୁତରାଂ , ୱେସକୋ, ନେସକୋ, ସାଉଥକୋ ଓ ସେସୁ ଉଦ୍ଦେଶ୍ୟରେ ଆୟୋଗ ଯଥାକ୍ରମେ ୨୨.୬୧ କୋଟି, ୧୮.୪୮ କୋଟି, ୧୬.୧୧ କୋଟି ଓ ୨୮.୪୦ କୋଟି ଟଙ୍କାର ଅତିରିକ୍ତ ପରିମାଣକୁ ଅନୁମତି ଦେଇଥିଲେ। ତେବେ, କର୍ମଚାରୀଙ୍କର ବାକିଆ ଦେୟ ଦେବାକୁ ଆୟୋଗ ୨୦୦୯-୧୦ ରେ ଅନୁମତି ଦେଇ ନଥିଲେ, କାରଣ ଏହା ଏକ ମୋଟା ଅଙ୍କର ପରିମାଣ ହେବ ଓ ଟାରିଫ ଉପରେ ଏହାର କ୍ଷତିକାରକ ପ୍ରଭାବ ପଡିବ ବୋଲି ଆଶଙ୍କା କରିଥିଲେ। ବାକିଆ ଦେୟ ସଂପର୍କରେ ୨୦୦୯-୧୦ ର ଏଆରଆରରେ ଆୟୋଗ ନିମ୍ନଲିଖିତ ପର୍ଯ୍ୟବେକ୍ଷଣ କରିଥିଲେ।

(କ) ଆୟୋଗ ସ୍ପଷ୍ଟ କରିଦେଇଛନ୍ତି ଯେ, ସଂଶୋଧିତ ବେତନ ଓ ମହଙ୍ଗା ଭତ୍ତା ପ୍ରଦାନ ସଂପୂର୍ଣ୍ଣ ଭାବେ ଉତ୍କୃଷ୍ଟ ଦେୟ-ଆଦାୟ ଏବଂ ଅନୁମତିଧାରୀଙ୍କର ଆର୍ଥିକ ସ୍ୱଚ୍ଛଳତା ଉପରେ ନିର୍ଭର କରେ। ଆୟୋଗ ମତ ବ୍ୟକ୍ତ କରିଛନ୍ତି ଯେ, କର୍ମଚାରୀଙ୍କ ଆଇନାନୁମୋଦିତ ପାଉଣା ତ ସେମାନଙ୍କୁ ଦେବାକୁ ପଡିବ; ତେବେ ସେହି ପରିପ୍ରେକ୍ଷୀରେ ବଂଟନକାରୀ କଂପାନୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ, ସେମାନେ ଉପଭୋକ୍ତାମାନଙ୍କ ଠାରୁ ଆଦାୟ ନହୋଇ ପଡି ରହିଥିବା ବାକିଆ ଦେୟକୁ ଯତପରୋନାସ୍ତି ଆଦାୟ କରିବାକୁ ସବୁ ମନ୍ତେ ପ୍ରୟାସ କରିବେ।

(ଖ) ସାଂପ୍ରତିକ ଦୃଶ୍ୟପଟରେ ବଂଟନକାରୀ କଂପାନୀମାନଙ୍କର ବିଲିଂ ଓ ଆଦାୟ ଜନିତ ନିର୍ବାହନ ଖୁବ୍ ନୈରାଶ୍ୟଜନକ ଅଟେ। ଏହି ପରିସ୍ଥିତିରେ କର୍ମଚାରୀଙ୍କ ବାକିଆ ବେତନ (ସଂଶୋଧିତ ବେତନ ଯୋଗୁ) କେମିତି ବା ଦେଇ ହେବ? ବିଲିଂ ଓ ଆଦାୟରେ ଉତ୍କୃଷ୍ଟ ନିର୍ବାହନ ସାଂଗକୁ କ୍ଷତି ହ୍ରାସ ହୋଇପାରିଲେ ଯାଇ ଏହା ସମ୍ଭବ ହୋଇପାରିବ।

(ଗ) ଷଷ୍ଠ ବେତନ ଆୟୋଗଙ୍କ ବେତନ ସଂଶୋଧନ ଯୋଗୁ ଆୟୋଗ କର୍ମଚାରୀଙ୍କର ବାକିଆ ପରିମାଣ ବାଦ, ବର୍ତ୍ତମାନର ସଂଶୋଧିତ ବେତନ, ମହଙ୍ଗା ଭତ୍ତା ଓ ଘରଭଡା ପାଇଁ ସାମୟିକ ଭାବେ ୨୦୦୯-୧୦ ପ୍ରାକ୍ ସଂଶୋଧିତ ମୂଳ ବେତନର ୩୦% ର ହାରାହାରି ଦର ହାରରେ ସଂଶୋଧନକୁ ଅନୁମତି ଦେଇଛନ୍ତି। ତେବେ ପ୍ରକୃତ ପରିମାଣ ପ୍ରଦାନ ନେଇ ୩୦% ରୁ ଯେଉଁ ପାର୍ଥକ୍ୟ ପରିମାଣ ସୃଷ୍ଟି ହେବ, ଅଡିଟ କରାଯାଇଥିବ। ଆକାଉଣ୍ଟ ସବୁ ପାଇବା ପରେ ବିଲିଂ ଓ ଆଦାୟ କ୍ଷେତ୍ରରେ ଅନୁମତିଧାରୀଙ୍କର ଅତିରିକ୍ତ ପ୍ରୟାସ ସଂପର୍କରେ ସନ୍ତୁଷ୍ଟ ହେବା ପରେ, ସେ ସବୁର ବାସ୍ତବାୟନ କରି ଆୟୋଗ ସେହି ପାର୍ଥକ୍ୟଗତ ପରିମାଣ ସଂପର୍କରେ ବିଚାର କରିବେ।

୩୮୮. ବାକିଆ ବେତନ ସଂପର୍କରେ ଆୟୋଗ ମଧ୍ୟ ପୃଥକ ପୃଥକ ଭାବେ ବିବେଚନା କରିଛନ୍ତି ଏବଂ ୨୦୦୯ ର କେଶ ନଂ ୧୦୪ ରେ ୨୦.୧୦.୨୦୦୯ ର ଆଦେଶନାମାର ପରିଚ୍ଛେଦ ୧୫ ରେ ନିମ୍ନମତେ ନିର୍ଦ୍ଦେଶ ଦେଇଛନ୍ତି।

(କ) ଆଦାୟ କରାଯିବାକୁ ଥିବା ଓ ଆଦାୟ ହୋଇ ସାରିଥିବା ବାକିଆ ଦେୟର ଆଂଶିକ ପରିମାଣ ସଂପର୍କରେ ୫.୯.୨୦୦୯ ମଧ୍ୟବର୍ତ୍ତୀ ଆଦେଶନାମାର ପରିଚ୍ଛେଦ- ୧୧ ରେ ବର୍ଣ୍ଣନା କରାଯାଇଛି, ଯାହାର ସାମୁଦାୟିକ ପ୍ରାସଂଗିକତା ନିମନ୍ତେ ନିମ୍ନରେ ଉଦ୍ଧାର କରାଗଲା।

(ଖ) ଆୟୋଗଙ୍କ ୬.୫.୨୦୦୯ ତାରିଖର ଚିଠି ନଂ ୯୯୫ ର ପରିଚ୍ଛେଦ (ଖ)ରେ ସୂଚିତ ମତେ ,ବାକିଆ ରାଜସ୍ୱ ଆଦାୟର ଆଂଶିକ ଆଦାୟ ପ୍ରସଂଗିତ ଏକ ମଧ୍ୟବର୍ତ୍ତୀ ପନ୍ଥା ସ୍ୱରୂପ ତାହାର ସଂଶୋଧନ ଓ ସ୍ପଷ୍ଟୀକରଣ ନିମ୍ନରେ ଉଦ୍ଧାର କରାଗଲା। ଏକ ନିର୍ଦ୍ଦିଷ୍ଟ ସମୟରେ ଆଦାୟ କରାଯାଇଥିବା ବାକିଆ ଦେୟରୁ ୪୦% ୩୧.୩.୨୦୦୪ ପର୍ଯ୍ୟନ୍ତ ହିସାବ କରାଯାଇଥିବା ବାକିଆ ବେତନ ବାବଦକୁ ମଂଜୁର କରାଯାଇପାରେ କିମ୍ବା ବାକିଆ ବେତନର କିଛି ଅଂଶ ପାଇଁ ମଂଜୁର କରାଯାଇପାରେ। କିନ୍ତୁ ସେହି ପରିପ୍ରେକ୍ଷୀରେ ଆଦେଶ ଆୟୋଗ ଦିଅନ୍ତି ଯେ, ଆଦାୟ କରାଯାଇଥିବା ବାକିଆ ଦେୟର ୫୦% ରୁ ୩୧.୩.୨୦୦୦ ସୁଦ୍ଧା ହିସାବ କରାଯାଇଥିବା ବାକିଆ ବେତନକୁ କିମ୍ବା ତା'ର କିଛି ଅଂଶକୁ ଦିଆଯିବ, ତେବେ ତାହା ମଧ୍ୟ କରାଯିବ। ବାକିଆ ଆଦାୟର ଅବଶିଷ୍ଟାଂଶରୁ କିଛି ଅଂଶକୁ ୨୦୦୯-୧୦ ପାଇଁ ଅନୁମୋଦିତ ଗ୍ରୀଡକୋର ବିଏସଟି ଦେୟ ଓ ୨୦୦୯-୧୦ ର ଏଆରରେ ଅନ୍ତର୍ଭୁକ୍ତ କରାଯାଇନଥିବା ଅନ୍ୟାନ୍ୟ ବିଏସଟି ଦେୟ ପାଇଁ ଦିଆଯିବ। ୨୦୦୯-୧୦ ଆର୍ଥିକ ବର୍ଷର୧.୪.୨୦୧୦ ସୁଦ୍ଧା ବାକିଆ ଦେୟ ଆଦାୟ ସାରିବାକୁ ବଂଟନକାରୀ କଂପାନୀମାନେ ଆପ୍ରାଣ ପ୍ରୟାସ କରିବେ ଏବଂ ସେଥିପାଇଁ ଡିଭିଜନ/ସବ ଡିଭିଜନ ଓ ସେକସନ ଦ୍ୱାରା ଆଦାୟର ମାସିକ ଧାର୍ଯ୍ୟ-ଲକ୍ଷ୍ୟ ସ୍ଥିର କରିବାକୁ ପଡିବ। କେବଳ ବାକିଆ ଆଦାୟରୁ ହିଁ କର୍ମଚାରୀଙ୍କର ବାକିଆ ବେତନ (ଷଷ୍ଠ ବେତନ ଆୟୋଗଙ୍କ ସଂଶୋଧିତ ସୁପାରିଶ ଅନୁଯାୟୀ) ଦିଆଯିବ, ଏବଂ ଏଥିପାଇଁ କୌଣସି ଚଳିତ ରାଜସ୍ୱକୁ ମଂଜୁର କରାଯିବ ନାହିଁ। ବାକିଆ ଆଦାୟ ପରିମାଣର ସଠିକତା ନିରୂପଣ ନିମନ୍ତେ ୬.୫.୨୦୦୯ ର ଚିଠି ନଂ ଡିଆଇ ଆର (ଟି) ୩୪୨/୦୮/୯୯୫ର ପରିଚ୍ଛେଦ ୯(ଗ) ଓ ୯ (ଘ) ରେ ନିହିତ ନିର୍ଦ୍ଧାରଣ ଓ ନିର୍ଦ୍ଦେଶନାକୁ ଅନୁସରଣ କରାଯିବ।

୩୮୯. ପୁନଶ୍ଚ, ଆୟୋଗ ତାଙ୍କର ୨୯.୧.୨୦୧୦ ଚିଠି ନଂ ଡିଆଇଆର (ଟି)୩୪୭/୦୮/୩୨୬୩ରେ ସବୁ ବଂଟନକାରୀ କଂପାନୀକୁ ବାକିଆ ବେତନ ପ୍ରଦାନ ସଂପର୍କରେ ନିମ୍ନମତେ ନିର୍ଦ୍ଦେଶ ଦେଇଥିଲେ।

"ବଂଟନକାରୀ କଂପାନୀମାନଙ୍କୁ ଗ୍ରୀଡକୋ ତରଫରୁ କର୍ମଚାରୀଙ୍କର ବାକିଆ ବେତନ (୬ଷ୍ଠ ବେତନ ଆୟୋଗଙ୍କ ସଂଶୋଧିତ ସୁପାରିଶ ଅନୁଯାୟୀ) ମଂଜୁର କରିବାକୁ ହେଲେ ବଂଟନକାରୀ କଂପାନୀମାନେ ଗ୍ରୀଡକୋକୁ ୨୦୦୯-୧୦ ଆର୍ଥିକ ବର୍ଷରେ ଆଦାୟ କରିଥିବା ବାକିଆ ଦେୟ ଆଦାୟ ସଂପର୍କରେ ସୂଚନା ଦେବାକୁ ପଡିବ, କାରଣ ଆଦାୟ କରାଯାଇଥିବା ପରିମାଣରୁ ହିଁ କର୍ମଚାରୀଙ୍କର ବାକିଆ ବେତନ ଦିଆଯିବାକୁ ସିଦ୍ଧାନ୍ତ ନିଆଯାଇଛି। କିନ୍ତୁ ଗ୍ରୀଡକୋ ଆୟୋଗଙ୍କୁ ଜଣାଇଛି ଯେ, ୩୧.୩.୨୦୦୯ ସୁଦ୍ଧା ଆଦାୟର ବିବରଣୀ ବଂଟନକାରୀ କଂପାନୀମାନେ ଗ୍ରୀଡକୋକୁ ଦେଇନାହାନ୍ତି। ତେଣୁ, ୨୦୦୯ ଏପ୍ରିଲରୁ ୨୦୦୯ ଡିସେମ୍ବର ପର୍ଯ୍ୟନ୍ତ ନଗଦ ଆଦାୟ ବାବଦକୁ ଓ ବାକିଆ ଆଦାୟ ବାବଦକୁ ମାସ ଦ୍ୱାରୀ ଆଦାୟ ହିସାବ ଅତି ବେଶୀରେ ୭.୨.୨୦୧୦ ସୁଦ୍ଧା ପଇଠ କରିବାକୁ ଆୟୋଗ ବଂଟନକାରୀ କଂପାନୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।"

ଏହା ସତ୍ତ୍ୱେ ବଂଟନକାରୀ କଂପାନୀମାନେ ଆୟୋଗଙ୍କ ଆଦେଶକୁ ପାଳନ କରିନାହାନ୍ତି। ତେଣୁ, କର୍ମଚାରୀଙ୍କର ବାକିଆ ବେତନକୁ ଏହି ଆଦେଶନାମାରେ ମଂଜୁର କରାଯାଇପାରିବ ନାହିଁ।

୩୯୦. ଅନୁମତୀଧାରୀମାନଙ୍କର ଆକାଉଣ୍ଟ ସମୂହ ନିମ୍ନ ଲିଖିତ ବର୍ଷ ପର୍ଯ୍ୟନ୍ତ ଆୟୋଗଙ୍କ ପାଖରେ ଉପଲବ୍ଧ ହେଲା।

**ସାରଣୀ - ୪୪**

| ବଣ୍ଟନ କମ୍ପାନୀମାନଙ୍କ ନାମ | ବର୍ଷ |
|---|---|
| ୱେସ୍କୋ | ୨୦୦୮-୦୯ |

| | |
|---|---|
| **ନେସ୍କୋ** | ୨୦୦୮-୦୯ |
| **ସାଉଥ୍କୋ** | ୨୦୦୮-୦୯ |
| **ସେସୁ** | ୨୦୦୭-୦୮ |

୩୯୧. ମୂଳ ବେତନ ଓ ସୋପନଭୁକ୍ତ ବେତନର ଅଟକଳନ ପାଇଁ ୩୧.୩.୨୦୧୦ ସୁଦ୍ଧା କର୍ମଚାରୀଙ୍କ ସଂଖ୍ୟା ଅନୁସାରେ ବଂଟନକାରୀ କଂପାନୀମାନେ ବର୍ଷକୁ ବର୍ଷ କେତେ କର୍ମଚାରୀ ବଢିଲେ କିମ୍ବା କମିଲେ, ବିତରକ କଂପାନୀମାନେ ତାହାର ହିସାବ ଆୟୋଗଙ୍କ ସମକ୍ଷରେ ଦାଖଲ କରିଛନ୍ତି

**ସାରଣୀ - ୪୫**

| **ବିବରଣୀ** | **ୱେସ୍କୋ** | **ନେସ୍କୋ** | **ସାଉଥ୍କୋ** | **ସେସୁ** |
|---|---|---|---|---|
| ୩୧.୩.୨୦୦୯ ସୁଦ୍ଧା କର୍ମଚାରୀଙ୍କର ସଂଖ୍ୟା | ୫୧୦୦ | ୪୩୦୬ | ୩୮୩୩ | **୫୫୪୬** |
| ୨୦୦୯-୧୦ରେ ଯୋଗ ହେଲେ | ୮୩ | ୧୩୧ | ୨୭୮ | ୧୧୩ |
| ହ୍ରାସ:ଅବସର/ ମୃତ / ୨୦୦୯-୧୦ରେ ଇସ୍ତଫା | ୨୩୭ | ୨୫୦ | ୩୫୩ | ୪୨୪ |
| ୩୧.୩.୨୦୧୦ରେ କର୍ମଚାରୀଙ୍କର ସଂଖ୍ୟା | ୪୯୪୬ | ୪୧୮୭ | ୩୭୫୮ | ୫୨୩୫ |
| ଯୋଗ:୨୦୧୦-୧୧ରେ ସାମିଲ | ୭୬୩ | ୧୧୩ | ୨୨୫ | ୬୩୦୫ |
| ହ୍ରାସ:ଅବସର/ ମୃତ / ବର୍ଷକ ମଧ୍ୟରେ ଇସ୍ତଫା | ୨୫୬ | ୨୧୭ | ୨୨୪ | ୪୪୯ |
| ୩୧.୩.୨୦୧୧ର କର୍ମଚାରୀଙ୍କର ସଂଖ୍ୟା | ୫୪୫୩ | ୪୦୮୩ | ୩୭୫୯ | ୧୧୦୯୧ |

(୨୦୧୦-୧୧ ଆର୍ଥିକ ବର୍ଷ ପର୍ଯ୍ୟନ୍ତ)।

୩୯୨. ଏପ୍ରିଲ ୧ ,୧୯୯୯ ସୁଦ୍ଧା ବୃଦ୍ଧିପ୍ରାପ୍ତ ଉପଭୋକ୍ତାଙ୍କ ସଂଖ୍ୟା ଓ ମଂଜୁରୀ-ବେତନ ପ୍ରାପ୍ତି-ଯୋଗ୍ୟ କର୍ମଚାରୀଙ୍କ ସଂଖ୍ୟା,ତଥା . ଏପ୍ରିଲ ୨୦୦୯ ସୁଦ୍ଧା ମଂଜୁରୀ-ବେତନ ପ୍ରାପ୍ତି-ଯୋଗ୍ୟ କର୍ମଚାରୀଙ୍କ ସଂଖ୍ୟା ଓ ଉପଭୋକ୍ତାଙ୍କ ସଂଖ୍ୟାକୁ ଦୃଷ୍ଟିରେ ରଖି ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ସେସୁ ସମୁଦାୟ ଶ୍ରମ-ଶକ୍ତିରେ ୭୫ % ବୃଦ୍ଧି ଦର୍ଶାଇଛି। ଏହା ବାଦ୍ ଆୟୋଗଙ୍କ ପ୍ରଶ୍ନର ଉତ୍ତର ଦେଇ ଆବଶ୍ୟକ ହେଉଥିବା ଠିକା ଶ୍ରମିକଙ୍କ ସଂଖ୍ୟା ସହିତ ୨୦୦୯-୧୦ ଆର୍ଥିକ ବର୍ଷରେ ସେମାନଙ୍କ ପାଇଁ ହୋଇଥିବା ଖର୍ଚ୍ଚର ହିସାବ ଦାଖଲ କରିଛି।ଏହାର ପୁଂଖାନୁପୁଂଖତା ନିମ୍ନ ସାରଣୀରେ ପ୍ରଦାନକରାଗଲା।

**ସାରଣୀ – ୪୬**

**ସେସୁ ପାଇଁ ନିଯୁକ୍ତ ନୂଆ କଣ୍ଟ୍ରାକ୍ଟୁଆଇ କର୍ମଚାରୀଙ୍କ ବେତନ**

| କ୍ର. ନଂ. | କ୍ୟାଟେଗୋରୀ | ବର୍ଷ | ମୁଳ ବତେନ | ଏଚଆର ଏ | ସମୁଦାୟ (ମାସିକ) | ସଂଖ୍ୟା | ବାର୍ଷିକ ସମୁଦାୟ ପରିମାଣ (କୋଟି ଟଙ୍କାରେ) |
|---|---|---|---|---|---|---|---|
| ୧ | ଜୁନିଅର ଆର୍ଟ- ବି | ୨୦୦୭ ରୁ ୧୦ | ୩୮୦୦ | ୫୦୦ | ୪୩୦୦ | ୯୬୦ | ୪.୯୫ |
| ୨ | ଅଫିସ ଆସିଷ୍ଟାଣ୍ଟ ବିଲ୍ ଆଦାୟକାରୀ | ୨୦୦୭ ରୁ ୧୦ | ୪୦୦୦ | ୧୦୦୦ | ୫୦୦୦ | ୧୦୮୧ | ୬.୪୯ |
| ୩ | ଏନଏମଆର | ୨୦୦୭ ରୁ ୧୦ | | | ୨୬୭୦ | ୧୦୯ | ୦.୩୫ |
| | ସର୍ବମୋଟ | | **୭୮୦୦** | **୧୫୦୦** | **୧୧୯୭୦** | **୨୧୫୦** | **୧୧.୭୯** |

୩୯୩. ବିଗତ କେତେ ବର୍ଷ ଧରି ବିଭିନ୍ନ ବଂଟନକାରୀ କଂପାନୀରେ ନ୍ୟସ୍ତ-ଦାୟିତ୍ୱ-ସ୍ଥିତି-ସଂପନ୍ନ କର୍ମଚାରୀଙ୍କ ସଂଖ୍ୟା ସଂପର୍କରେ କୁହାଯାଇପାରେ ଯେ, ୧୯୯୮ -୯୯ ଆର୍ଥିକ ବର୍ଷରେ ୨୮.୧୧.୧୯୯୮ ର ଟ୍ରାନ୍ସଫର ବିଜ୍ଞପ୍ତିରେ ଧାର୍ଯ୍ୟ ଅନୁଯାୟୀ ଏକ ସ୍ୱାଧୀନ ଅନୁସଂଧାନକାରୀ ସଂସ୍ଥାନ ଦ୍ୱାରା ୩୧.୩.୧୯୯୯ ସୁଦ୍ଧା ବଂଟନକାରୀ କଂପାନୀଙ୍କର ସରବରାହ ଓ ବଂଟନ ବ୍ୟବସାୟ ଉଦ୍ଦେଶ୍ୟରେ ଭିନ୍ନ ଭିନ୍ନ ସମୟ ଅବଧି ପାଇଁ ଦାୟବଦ୍ଧ କର୍ମଚାରୀଙ୍କ ସଂଖ୍ୟା ଜାଣିବା ପାଇଁ ଗ୍ରୀଡକୋ ଏକ ସତ୍ୟସିଦ୍ଧ ମୂଲ୍ୟାୟନ ନିର୍ବାହନ କରିଥିଲା। ତାହାର ଏକ ସାରଣୀକୃତ ଚିତ୍ର ନିମ୍ନରେ ଉଲ୍ଲେଖ କରାଗଲା।

**ସାରଣୀ – ୪୭**

| | | ଓପିଟିସିଏଲ୍ | ୱେସ୍କୋ | ନେସ୍କୋ | ସାଉଥ୍‌କୋ | ସେସୁ | ସମୁଦାୟ |
|---|---|---|---|---|---|---|---|
| କର୍ମଚାରୀଙ୍କର ସଂଖ୍ୟା | ବିଦ୍ୟମାନ | ୫,୯୭୪ | ୫,୫୬୨ | ୪,୫୯୯ | ୪,୬୭୪ | ୮,୬୦୮ | ୨୯,୪୧୭ |
| | ଅବସର | ୪,୪୯୩ | Nil | Nil | Nil | Nil | ୪,୪୯୩ |
| | **ସମୁଦାୟ** | **୧୦,୪୬୭** | **୫,୫୬୨** | **୪,୫୯୯** | **୪,୬୭୪** | **୮,୬୦୮** | **୩୩,୯୧୦** |

୩୯୪. ୩୧.୩.୨୦୧୦ ସୁଦ୍ଧା ସେସୁର ବର୍ତ୍ତମାନର କାର୍ଯ୍ୟରତ କର୍ମଚାରୀଙ୍କ ସଂଖ୍ୟା ହେଉଛି ୫୨୩୫। ଯଦି ବର୍ତ୍ତମାନର ଉପଭୋକ୍ତାଙ୍କ ସଂଖ୍ୟା  ଦୁଇଗୁଣ ବଢ଼ିଯାଏ, ସେହି ଅନୁଯାୟୀ କର୍ମଚାରୀଙ୍କ ସଂଖ୍ୟା ପାଖାପାଖି ୩୦୦୦ କମିଛି ବୋଲି ବୁଝିବାକୁ ହେବ। ତା'ଛଡା ନେଟୱର୍କ ଆସେଟର ସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି। ୨୦୧୦-୧୧ ଆର୍ଥିକ ବର୍ଷରେ ସେସୁ ୫୮୫୬ ନିୟମିତ କର୍ମଚାରୀଙ୍କୁ ନିଯୁକ୍ତି ଦେବାକୁ ପ୍ରସ୍ତାବ ରଖିଛି। ଏହା ହେଲେ କର୍ମଚାରୀଙ୍କ ସମୁଦାୟ ସଂଖ୍ୟା ହେବ  - ୫୨୩୫+୫୮୫୬ = ୧୧୦୯୧। ତା'ଛଡା ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ୮୧୦ ଜଣ କଣ୍ଟ୍ରାକ୍‌ଚୁଆଲ କର୍ମଚାରୀଙ୍କୁ ନିଯୁକ୍ତି ଦେବାକୁ ମଧ୍ୟ ସେସୁ ପ୍ରସ୍ତାବ ରଖିଛି।

୩୯୫. ଆଗାମୀ ବର୍ଷ ପାଇଁ ଅଧିକ କର୍ମଚାରୀ ନିଯୁକ୍ତି  ପ୍ରସଂଗକୁ ଆୟୋଗ ବିଶ୍ଳେଷଣ କରିଥିଲେ। ଆୟୋଗ ମତ ଦେଇଥିଲେ ଯେ, ଏକା ବର୍ଷରେ କର୍ମଚାରୀ ସଂଖ୍ୟା ଦୁଇଗୁଣ ବୃଦ୍ଧି କଲେ ସେମାନଙ୍କ  ବାବଦ ବ୍ୟୟ ପରିମାଣ ଦୁଇଗୁଣରୁ ଅଧିକ ହେବ। ଏହା ସେସୁ ପାଇଁ ଉଚ୍ଚତର ଏଆରଆର ସୃଷ୍ଟି କରିବା ସହ ଉପଭୋକ୍ତାଙ୍କ ଉପରେ ଟାରିଫ ବୋଝ ପଡିବ। ୬ଷ୍ଠ ବେତନ ଆୟୋଗ ଓ ମଜୁରୀ ବୋର୍ଡଙ୍କ ବେତନ ସଂଶୋଧନ ଯୋଗୁ କର୍ମଚାରୀଙ୍କ ବ୍ୟୟ ଅହେତୁକ ଭାବେ ବୃଦ୍ଧି ପାଇଛି। ଏହା କର୍ମଚାରୀଙ୍କ ପାଇଁ ଟର୍ମିନାଲ ବେନିଫିଟର ଆବଶ୍ୟକତାକୁ ମଧ୍ୟ ବୃଦ୍ଧି କରିଛି। ଆୟୋଗ କହିଛନ୍ତି ଯେ, ପର୍ଯ୍ୟାୟ କ୍ରମେ କର୍ମଚାରୀଙ୍କ ସଂଖ୍ୟା ବୃଦ୍ଧି କଲେ ତାହା ବଂଟନକାରୀ କଂପାନୀଙ୍କୁ ବାଧିବ ନାହିଁ। ପୁନଶ୍ଚ ଆୟୋଗ କହିଛନ୍ତି ଯେ, କେବଳ କର୍ମଚାରୀଙ୍କ ସଂଖ୍ୟା ବଢାଇଦେଲେ ହେବ ନାହିଁ, ସେମାନେ କିଭଳି କାର୍ଯ୍ୟ ଦକ୍ଷତା ପ୍ରକଟ କରୁଛନ୍ତି, ଆଗାମୀ ବର୍ଷର ଉପଭୋକ୍ତା ସେବା ଏବଂ ବୈଷୟିକ ଓ ବ୍ୟବସାୟିକ  କ୍ଷତି-ହ୍ରାସକରଣ ପ୍ରସଂଗକୁ ନେଇ ସେ ବିଶ୍ଳେଷଣ କରିବେ। ଶ୍ରମ ଶକ୍ତିର ଆଧିକ୍ୟ ଯୋଗୁ ଅତିରିକ୍ତ ବ୍ୟୟ ଯୋଗୁ ପ୍ରଚଳିତ ଟାରିଫ ସଂରଚନା ଅତିରିକ୍ତ ରାଜସ୍ୱର ସୃଷ୍ଟି କରିବ।  ଏହା ସବୁ ବଂଟନକାରୀ କଂପାନୀଙ୍କ ପାଇଁ ହିଁ ପ୍ରଯୋଜ୍ୟ ଅଟେ।

୩୯୬. ଆୟୋଗ ସେସୁ ପାଇଁ ବର୍ତ୍ତମାନର କର୍ମଚାରୀ ସଂଖ୍ୟାର ୧୦ ପ୍ରତିଶତ (୨୦୧୦-୧୧ ଆର୍ଥିକ ବର୍ଷ ପାଇଁ )କର୍ମଚାରୀ ସଂଖ୍ୟା ବୃଦ୍ଧିକୁ ଅନୁମୋଦନ କରିଛନ୍ତି। ୩୧.୩.୨୦୧୦ ସୁଦ୍ଧା ସେସୁର ୫୨୩୫ ନିୟମିତ କର୍ମଚାରୀ ଅଛନ୍ତି। ଏହାର ୧୦ ପ୍ରତିଶତ ଅର୍ଥାତ୍ ୫୨୪ ଜଣ ନିୟମିତ କର୍ମଚାରୀଙ୍କୁ ୨୦୧୦-୧୧ ପାଇଁ ସେସୁ ନିଯୁକ୍ତି ଦେଇପାରିବେ। ୨୦୧୦-୧୧ ପାଇଁ  ସେସୁର କର୍ମଚାରୀଙ୍କ ବାବଦ ବ୍ୟୟ ପରିମାଣକୁ ହିସାବକୁ ନେଲାବେଳେ ଆୟୋଗ ଏହି ୫୨୪ ଜଣ ଅତିରିକ୍ତ କର୍ମଚାରୀଙ୍କୁ ଯୋଗ କରିଛନ୍ତି। ଭବିଷ୍ୟତର ଅଧିକ କର୍ମଚାରୀ ନିଯୁକ୍ତିକୁ ଅନୁମତି ଦେବା ନିମନ୍ତେ ପରବର୍ତ୍ତୀ ଏଆରଆର ର ଯାଞ୍ଚ ସମୟରେ ଆୟୋଗ ଏହି ଆଧିକ୍ୟର ମତାୟନ କରିବେ। କିନ୍ତୁ ଯଦି

ପରିଚ୍ଛେଦ ୧୧ ଓ ୧୨ ରେ ନିର୍ଦ୍ଧାରଣ ମତେ ଅନ୍ୟାନ୍ୟ କାରଣ ସମାନ ଥାଇ ଅଧିକ କର୍ମଚାରୀ ନିଯୁକ୍ତି ଦ୍ୱାରା ସୀମାତିରିକ୍ତ ରାଜସ୍ୱ ବ୍ୟୟ ହୁଏ, ତେବେ ଭବିଷ୍ୟତରେ ଆଉ କର୍ମଚାରୀ ନିଯୁକ୍ତିକୁ ପଶ୍ରୟ ଦିଆଯିବ ନାହିଁ।

୩୯୭. ଉପରୋକ୍ତ ଆଲୋଚନାର ନିଷ୍କର୍ଷ ମତେ, ଆୟୋଗ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ବଂଟନକାରୀ କଂପାନୀଙ୍କ ଉଦ୍ଦେଶ୍ୟରେ ନିମ୍ନଲିଖିତ-ସଂଖ୍ୟକ କର୍ମଚାରୀଙ୍କ ନିଯୁକ୍ତିକୁ ଅନୁମୋଦନ କରିଥିଲେ।

**ସାରଣୀ – ୪୮**

| ଅନୁମୋଦିତ କର୍ମଚାରୀ | ସେସୁ | ନେସ୍କୋ | ୱେସ୍କୋ | ସାଉଥ୍କୋ |
|---|---|---|---|---|
| ୩୧.୩.୨୦୦୯ ସୁଦ୍ଧା କର୍ମଚାରୀଙ୍କର ସଂଖ୍ୟା | ୫୫୪୬ | ୪୩୦୬ | ୫୧୦୦ | ୩୮୩୩ |
| ୨୦୦୯-୧୦ରେ ଯୋଗ ହେଲେ | ୧୧୩ | ୧୩୧ | ୮୩ | ୨୭୮ |
| ହ୍ରାସ:ଅବସର/ ମୃତ / ୨୦୦୯-୧୦ରେ ଇସ୍ତଫା | ୪୨୪ | ୨୫୦ | ୨୩୭ | ୩୫୩ |
| ୩୧.୩.୨୦୧୦ରେ କର୍ମଚାରୀଙ୍କର ସଂଖ୍ୟା | ୫୨୩୫ | ୪୧୮୭ | ୪୯୪୬ | ୩୭୫୮ |
| ୨୦୦୯-୧୦ ସୁଦ୍ଧା କର୍ମଚାରୀଙ୍କର ହାରାହାରୀ ସଂଖ୍ୟା | ୫୩୯୧ | ୪୨୪୭ | ୫୦୨୩ | ୩୭୯୬ |
| ଯୋଗ:୨୦୧୦-୧୧ରେ ସାମିଲ | ୫୨୪ | ୧୧୩ | ୭୬୩ | ୨୨୫ |
| ହ୍ରାସ:ଅବସର/ ମୃତ / ବର୍ଷକ ମଧ୍ୟରେ ଇସ୍ତଫା | ୪୪୯ | ୨୧୭ | ୨୫୬ | ୨୨୪ |
| ୩୧.୩.୨୦୧୧ର କର୍ମଚାରୀଙ୍କର ସଂଖ୍ୟା | ୫୩୧୦ | ୪୦୮୩ | ୫୪୫୩ | ୩୭୫୯ |
| ୨୦୧୦-୧୧ ସୁଦ୍ଧା କର୍ମଚାରୀଙ୍କର ହାରାହାରୀ ସଂଖ୍ୟା | ୫୨୭୨ | ୪୧୩୫ | ୫୨୦୦ | ୩୭୫୯ |

୩୯୮. ଆୟୋଗ ବିଗତ ବର୍ଷମାନଙ୍କରେ ଏଆରଆରର ଯାଞ୍ଚ ସମୟରେ ପୂର୍ବବର୍ଷମାନଙ୍କର ଅଡିଟ କରାଯାଇଥିବା ଆକାଉଣ୍ଟକୁ ମୂଳ ବେତନ ଭାବେ ବିବେଚନା କରିଥିଲେ ଓ ପରବର୍ତ୍ତୀ ବର୍ଷର ମୂଳ ବେତନ ନିର୍ଦ୍ଧାରଣ ପାଇଁ ଡିପି କୁ ଗ୍ରହଣ କରିଥିଲେ। ତେବେ ସେ ଯାହା ହେଉନା କାହିଁକି , ବଂଟନକାରୀ କଂପାନୀଙ୍କର ପୂର୍ବ ବର୍ଷମାନଙ୍କର ଅଡିଟ କରାଯାଇଥିବା ଆକାଉଣ୍ଟକୁ ଯାଞ୍ଚ କଲାବେଳେ ଏହା ସ୍ପଷ୍ଟ ହୋଇଥିଲା ଯେ, ୬ଷ୍ଠ ବେତନ ଆୟୋଗଙ୍କ ସଂଶୋଧନ ଯୋଗୁ ପୂର୍ବର ବାକିଆ ବେତନକୁ ମିଶାଇ ମୂଳ ବେତନକୁ ବିବେଚନା କରାଯାଇଛି। ଆଗାମୀ ୨୦୧୦-୧୧ ବର୍ଷ ପାଇଁ ମୂଳ ବେତନକୁ ନିର୍ଦ୍ଧାରଣ କରିବା ଉଦ୍ଦେଶ୍ୟରେ ପୂର୍ବବର୍ଷମାନଙ୍କର ମୂଳ ବେତନକୁ ସଠିକ ଭାବେ ଜାଣିବା ଆବଶ୍ୟକ। ଅବଶ୍ୟ ବାକିଆ ବେତନ ଭଳି ଏକ ଉପାଦାନକୁ ପରବର୍ତ୍ତୀ ବର୍ଷର ମୂଳ ବେତନ ନିର୍ଦ୍ଧାରଣ ପାଇଁ ସାମିଲ କରିବା ଦ୍ୱାରା ମୂଳ ପରିସଂଖ୍ୟାନ (ବେତନ ହାର )କୁ ବଢ଼ାଇ ପକାଇବ। ତେଣୁ, ଆୟୋଗଙ୍କୁ ସଦ୍ୟ ବିଗତ ପୂର୍ବ ବର୍ଷର ମୂଳ ବେତନର ସଠିକତା ସଂପର୍କରେ ନିଶ୍ଚିତ ହେବାକୁ ପଡିବ। ତେଣୁ, କେବଳ ୨୦୦୮-୦୯ ଓ ୨୦୦୯-୧୦ ଆର୍ଥିକ ବର୍ଷର ମୂଳ ବେତନ ଓ ଗ୍ରେଡ ବେତନର ସୂଚନା ବଂଟନକାରୀ କଂପାନୀଠାରୁ ଚାହିଛନ୍ତି, କିନ୍ତୁ କୌଣସି ବାକିଆ ବେତନ ସଂପର୍କରେ ନୁହେଁ। ତେବେ, ଏ ସଂପର୍କରେ ବଂଟନକାରୀ କଂପାନୀମାନେ ଯୋଗାଇ ଦେଇଥିବା ତଥ୍ୟକୁ ନେଇ ଆୟୋଗ ସନ୍ତୁଷ୍ଟ ନୁହନ୍ତି। କର୍ମଚାରୀଙ୍କ ହାରାହାରି ସଂଖ୍ୟା ଓ ପ୍ରତି କର୍ମଚାରୀ ପିଛା ବାର୍ଷିକ ବ୍ୟୟକୁ ଭିତ୍ତି କରି ବଂଟନକାରୀ କଂପାନୀମାନେ ଯେଉଁ ପରିସଂଖ୍ୟାନ ଦେଇଛନ୍ତି, ତାହାକୁ ପୁନଶ୍ଚ ଆୟୋଗ ବିଶ୍ଳେଷଣ କରିଥିଲେ। ଏଭଳି ବିଶ୍ଳେଷଣରୁ ବଂଟନକାରୀ କଂପାନୀଙ୍କ ମଧ୍ୟରେ ପ୍ରତି କର୍ମଚାରୀ ପିଛା ବାର୍ଷିକ ବ୍ୟୟକୁ ନେଇ ଯଥେଷ୍ଟ ପାର୍ଥକ୍ୟ ପରିଲକ୍ଷିତ ହୋଇଥିଲା। ତେଣୁ ବଂଟନକାରୀ କଂପାନୀମାନେ ଯୋଗାଇ ଦେଇଥିବା ଏଭଳି ପରିସଂଖ୍ୟାନକୁ ଭିତ୍ତି-ବର୍ଷର ମୂଳ ଦର ଓ ଗ୍ରେଡ ବେତନର ନମନୀୟକରଣ ଉଦ୍ଦେଶ୍ୟରେ ଗ୍ରହଣ କରାଯାଇ ନ ଥିଲା।

୩୯୯. ପୂର୍ବର ଆଦେଶନାମା ଅନୁଯାୟୀ, ବାର୍ଷିକ ଭିତ୍ତିରେ 'ସ୍ୱାଭାବିକ ବାର୍ଷିକ ବୃଦ୍ଧି ଉଦ୍ଦେଶ୍ୟରେ ଆୟୋଗ ୩ ପ୍ରତିଶତର ବର୍ଦ୍ଧିତ ପରିମାଣକୁ ଅନୁମତି ଦେଇଛନ୍ତି। ତେବେ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ମୂଳ ବେତନ ଓ ଗ୍ରେଡ ବେତନରେ ଉପନୀତ ହେବାର ଭିତ୍ତିରେ ପରିବର୍ତ୍ତନ ହୋଇଛି, କାରଣ ଅଡିଟ କରାଯାଇଥିବା ଆକାଉଣ୍ଟରୁ ସନ୍ତୋଷଜନକ ପରିସଂଖ୍ୟାନ ମିଳିନାହିଁ। ସଠିକ ମୂଳ ବେତନରେ ଉପନୀତ ହେବା ନିମନ୍ତେ, ୬ଷ୍ଠ ବେତନ

ଆୟୋଗଙ୍କ ସଂଶୋଧିତ ବେତନ ଜନିତ ବାକିଆ ଦେୟକୁ ହିସାବକୁ  ନନେଇ ଚଳିତ ବର୍ଷର ୩ ରୁ ୪ ମାସ ର ମୂଳ ବେତନ ଓ ଗ୍ରେଡ ବେତନର ପ୍ରକୃତ ପେମେଣ୍ଟକୁ ପେଶ କରିବାକୁ ବଂଟନକାରୀ କଂପାନୀମାନଙ୍କୁ କୁହାଯାଇଥିଲା। ଯେହେତୁ , ୨୦୦୯  ସେପ୍ଟେମ୍ବରଠାରୁ ବଂଟନକାରୀ କଂପାନୀମାନେ ତାଙ୍କର କର୍ମଚାରୀଙ୍କୁ ସଂଶୋଧିତ ହାରରେ ଦରମା ଦେବା ଆରମ୍ଭ କରିଦେଇଛନ୍ତି, ତେଣୁ ତା' ପରବର୍ତ୍ତୀ ପେମେଣ୍ଟ ୬ଷ୍ଠ ବେତନ ଆୟୋଗଙ୍କ ସୁପାରିଶର କାର୍ଯ୍ୟକାରିତା ପରେ ଭବିଷ୍ୟତ ପାଇଁ ଆବଶ୍ୟକତାର ସୂଚକ ସ୍ୱରୂପ ହେବ। ୨୦୦୯-୧୦ ଆର୍ଥିକ ବର୍ଷ ପାଇଁ ସେମାନଙ୍କ ପ୍ରକୃତ ତଥ୍ୟର  ଉପଲବ୍ଧତାକୁ ନେଇ ୩ ରୁ ୪ ମାସର ପ୍ରକୃତ ତଥ୍ୟ ଦାଖଲ କରିଥିଲେ। ଅତଏବ, ୨୦୦୯-୧୦ ଆର୍ଥିକ ବର୍ଷ ପାଇଁ ମୂଳ ବେତନ ଓ ଗ୍ରେଡ ବେତନ ରେ ଉପନୀତ ହେବା ନିମନ୍ତେ ଚଳିତ ବର୍ଷର ଏକ ହାରାହାରି ତଥ୍ୟାଙ୍କ ସାରାବର୍ଷ ପାଇଁ ହିସାବକୁ ନିଆଯାଇଥିଲା। ଚଳିତ ବର୍ଷର ହାରାହାରି କର୍ମଚାରୀ  ଓ ଆଗାମୀ ବର୍ଷର ହାରାହାରି ସଂଖ୍ୟକ କର୍ମଚାରୀଙ୍କୁ ହିସାବକୁ ନେଇ ଚଳିତ ବର୍ଷର ମୂଳ ବେତନର ୩ ପ୍ରତିଶତ ବୃଦ୍ଧି ଉପରେ ଆଗାମୀ ଆର୍ଥିକ ବର୍ଷ ପାଇଁ ମୂଳ ବେତନ ହିସାବ କରାଯାଇଥିଲା। ଏଭଳି ଏକ ହିସାବର ସାରଣୀକୃତ ଚିତ୍ର ନିମ୍ନରେ ସ୍ଥାନୀତ କରାଗଲା।

**ସାରଣୀ – ୪୯**

| ୨୦୧୦-୧୧ର ମୂଳ ବେତନ + ଗ୍ରେଡ଼ ପେ ର ହିସାବ | | | **(ଲକ୍ଷ ଟଙ୍କାରେ)** | |
|---|---|---|---|---|
| | **ୱେସ୍କୋ** | **ନେସ୍କୋ** | **ସାଉଥ୍କୋ** | **ସେସୁ** |
| ମୂଳ ବେତନ + ଗ୍ରେଡ଼ ପେ ୦୯/୨୦୦୯ରେ ଉଠାଣ | | | | ୬୮୯.୦୦ |
| ମୂଳ ବେତନ + ଗ୍ରେଡ଼ ପେ ୧୦/୨୦୦୯ ରେ ଉଠାଣ | ୫୭୧.୧୭ | ୫୧୦.୮୪ | ୪୦୧.୭୧ | ୬୮୪.୦୦ |
| ମୂଳ ବେତନ + ଗ୍ରେଡ଼ ପେ ୧୧/୨୦୦୯ ରେ ଉଠାଣ | ୫୮୭.୧୧ | ୫୨୨.୦୬ | ୪୦୧.୩୫ | ୬୯୬.୦୦ |
| ମୂଳ ବେତନ + ଗ୍ରେଡ଼ ପେ ୧୨/୨୦୦୯ ରେ ଉଠାଣ | ୫୮୫.୯୫ | ୫୧୪.୨୩ | ୪୦୦.୩୫ | ୭୦୧.୦୦ |
| ମୂଳ ବେତନ + ଗ୍ରେଡ଼ ପେ ୧/୨୦୧୦ ରେ ଉଠାଣ | ୫୯୧.୯୧ | | | |
| ମୂଳ ବେତନ + ଗ୍ରେଡ଼ ପେ ହାରାହାରୀ | ୫୮୪.୦୩୫ | ୫୧୫.୭୧ | ୪୦୧.୧୪ | ୬୯୨.୫୦ |
| ଆର୍ଥିକ ବର୍ଷ ୨୦୦୯-୧୦ରେ ଯଥାନୁପାତ | ୭୦୦୮.୪୨ | ୬୧୮୮.୫୨ | ୪୮୧୩.୬୪ | ୮୩୧୦.୦୦ |
| ଆର୍ଥିକ ବର୍ଷ ୨୦୧୦-୧୧ରେ ପ୍ରସ୍ତାବିତ | ୭୪୭୨.୩୨ | ୬୨୦୬.୮୧ | ୪୯୦୯.୭୨ | ୮୩୭୧.୫୪ |
| ଆର୍ଥିକ ବର୍ଷ  ୨୦୧୦-୧୧ ର ଅନୁମୋଦିତ ମୂଳ ବେତନ + ଗ୍ରେଡ଼ ପେ (କୋଟି ଟଙ୍କା) | ୭୪.୭୨ | ୬୨.୦୭ | ୪୯.୧୦ | ୮୩.୭୨ |

୪୦୦. ପରିଚ୍ଛେଦ ୩୯୮ ରେ ବର୍ଣ୍ଣିତ ହିସାବ ଅନୁଯାୟୀ, ୪ ଟି ଯାକ ବଂଟନକାରୀ କଂପାନୀଙ୍କ ଉଦ୍ଦେଶ୍ୟରେ ଆୟୋଗ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ମୂଳବେତନ ଓ ଗ୍ରେଡ ବେତନକୁ ନିମ୍ନମତେ ଅନୁମୋଦନ କରିଥିଲେ।

**ସାରଣୀ – ୫୦**

(କୋଟି ଟଙ୍କା)

| ବଣ୍ଟନକମ୍ପାନୀମାନଙ୍କ ନାମ | ଆର୍ଥିକ ବର୍ଷ  ୨୦୧୦-୧୧ ଅନୁମୋଦିତ ମୂଳ ବେତନ ସହିତ ଗ୍ରେଡ଼ ପେ |
|---|---|
| **ୱେସ୍କୋ** | ୭୪.୭୨ |
| **ନେସ୍କୋ** | ୬୨.୦୬ |
| **ସାଉଥ୍କୋ** | ୪୯.୦୯ |
| **ସେସୁ** | ୮୩.୭୧ |

୪୦୧. ତା' ପରେ ଆୟୋଗ ୬ଷ୍ଠ ବେତନ ଆୟୋଗଙ୍କ ସୁପାରିଶ ଅନୁଯାୟୀ, ମହଙ୍ଗା ଭତ୍ତା ସ୍ଥିରୀକରଣ ଉଦ୍ଦେଶ୍ୟରେ ସଦ୍ୟ ବିଗତ ବର୍ଷର ଅନୁମୋଦିତ ଦର ହାର ଓ ଆଗାମୀ ବର୍ଷର ଅଟକଳିତ ଦର ହାରକୁ ନିମ୍ନ ସାରଣୀରେ ପ୍ରଦର୍ଶନ ମତେ ବିଚାର କରିଥିଲେ।

**ସାରଣୀ – ୫୧**

| ଉହଙ୍ଗା ଭତ୍ତା | | |
|---|---|---|
| **କାର୍ଯ୍ୟକାରୀ ତାରିଖ** | **ଦର (%)** | **ସ୍ଥିତି** |
| ୧.୦୧.୦୯ | ୨୨ | ଓଡ଼ିଶା ସରକାରଙ୍କ ଦ୍ୱାରା ଅନୁମୋଦିତ |
| ୧.୦୭.୦୯ | ୨୭ | ଓଡ଼ିଶା ସରକାରଙ୍କ ଦ୍ୱାରା ଅନୁମୋଦିତ |
| ୧.୦୧.୧୦ | ୩୦ | ଅଟକଳ |
| ୧.୦୭.୧୦ | ୩୩ | ଅଟକଳ |
| ୧.୦୧.୧୧ | ୩୬ | ଅଟକଳ |

୪୦୨. ୧.୭.୨୦୦୯ ଠାରୁ ପ୍ରଚଳିତ ମହଙ୍ଗାଭତ୍ତାର ଦର ହାର ହେଉଛି ୨୭%। ୧.୧.୨୦୧୦ ଓ ୧.୭.୨୦୧୦ ଠାରୁ ପରବର୍ତ୍ତୀ ସଂଶୋଧନ କାର୍ଯ୍ୟକାରୀ କରାଯିବାର ହିସାବକୁ ଆସୁଛି, ଏବଂ ସେହି ସଂଶୋଧିତ ଦର ହାରରେ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ମହଙ୍ଗା ଭତ୍ତାର ଅଟକଳନ କରାଯିବ। ପୂର୍ବର ପ୍ରଚଳିତ ଧାରା ଓ ଭବିଷ୍ୟତର ସମ୍ଭାବ୍ୟ ସଂଶୋଧନ ଅନୁସାରେ ମହଙ୍ଗା ଭତ୍ତା ମୂଳ ବେତନର ୩୩% ଗ୍ରହଣ କରାଯାଇଛି ଓ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଏହି ଦର ହାରରେ ହିସାବ କରାଯାଇଛି।

୪୦୩. ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ କର୍ମଚାରୀଙ୍କ ଉଦ୍ଦେଶ୍ୟରେ ଚିକିତ୍ସା ଜନିତ ଡାକ୍ତରୀ ଖର୍ଚ୍ଚ ବାବଦକୁ ମୂଳ ବେତନ ଓ ଗ୍ରେଡ ବେତନର ୫ % କୁ ଘରଭତା ପାଇଁ ସ୍ଥିର କରାଯାଇଛି।

୪୦୪. ସେସୁର ଏଆରଆର ରେ ଚୁକ୍ତି ଭିତ୍ତିକ ଓ ବାହାରୁ ମଗାଯାଇଥିବା କର୍ମଚାରୀଙ୍କ ଉଦ୍ଦେଶ୍ୟରେ ବ୍ୟବସ୍ଥା ସମୂହକୁ ଆୟୋଗ ଅନୁମତି ଦେଇଛନ୍ତି। ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ବାହାରୁ ମଗାଯାଇଥିବା କର୍ମଚାରୀଙ୍କ ପାଇଁ ମଂଜୁରୀର ସବିଶେଷତାକୁ ନିମ୍ନ ସାରଣୀରେ ପ୍ରଦର୍ଶିତ ମତେ ସେସୁ ଉପସ୍ଥାପନ କରିଛି।

**ସାରଣୀ – ୫୨**

| **ନିଯୁକ୍ତି** | **ସଂଖ୍ୟା** | **କ୍ୟାଟେଗୋରୀ** | **ମାସକୁ ମଜୁରୀ** | ଆର୍ଥିକ ବର୍ଷ ୨୦୧୦-୧୧ **ବର୍ଷକୁ ସମୁଦାୟ ବ୍ୟୟ (ଲକ୍ଷ ଟଙ୍କାରେ)** |
|---|---|---|---|---|
| ଆଟେଣ୍ଡାଣ୍ଟ | ୭ | ଅଣ-ନିପୁଣ | ୨୫୬୧ | ୨.୩୭ |
| ସିକ୍ୟୁରିଟି ଗାର୍ଡ (ଅସ୍ତ୍ର-ବିହୀନ) | ୩୩୫ | ଅର୍ଦ୍ଧାଧିକ ନିପୁଣ | ୨୯୦୫ | ୧୨୮.୭୫ |
| ଅଣ-ଆଇଟିଆଇ | ୨୮୦ | ଅର୍ଦ୍ଧାଧିକ ନିପୁଣ | ୨୯୦୫ | ୧୦୭.୬୧ |
| ଆଇଟିଆଇ | ୧୧୭୦ | ନିପୁଣ | ୩୨୪୯ | ୫୦୨.୯୨ |
| ସିକ୍ୟୁରିଟିଗାର୍ଡ଼ (ଅସ୍ତ୍ରଧାରୀ) | ୨୪ | ନିପୁଣ | ୩୨୪୯ | ୧୦.୩୨ |
| ଅଫିସ ଆସିଷ୍ଟାଣ୍ଟ | ୪ | ନିପୁଣ | ୩୨୪୯ | ୧.୭୨ |
| ବିଲ୍ ଆଦାୟକାରୀ | ୨୮ | ନିପୁଣ | ୩୨୪୯ | ୧୨.୦୪ |
| ହିସାବ ରକ୍ଷାକାରୀ | ୯ | ନିପୁଣ | ୩୨୪୯ | ୩.୮୭ |
| ଗ୍ରାଜୁଏଟ ଇଂଜିନିଅର | ୧୩ | ଅତି ନିପୁଣ | ୫୫୦୦ | ୯.୪୬ |
| ଡିପ୍ଲୋମା ଇଂଜିନିଅର | ୮୬ | ଅତି ନିପୁଣ | ୩୫୯୫ | ୪୦.୯ |
| ଷ୍ଟେନୋଗ୍ରାଫି | ୪ | ଅତି ନିପୁଣ | ୩୫୯୫ | ୧.୯୦ |
| ସ୍କ୍ୱାଡ ପର୍ସୋନେଲ | ୧୮୩ | ନିପୁଣ | ୩୭୬୬ | ୯୧.୧୮ |

| | | | | |
|---|---|---|---|---|
| ବଂଧୁକ ଧାରୀ | ୩୬ | ନିପୁଣ | ୪୬୦୦ | ୨୧.୯୧ |
| ସମୁଦାୟ | **୨୧୭୯** | | | **୯୩୪.୯୫** |
| ସମୁଦାୟ (କୋଟି ଟଙ୍କା) | | | | **୯.୩୪** |

୪୦୫. ଚୁକ୍ତି ଭିତ୍ତିକ ଓ ବାହାରୁ ମଗାଯାଇଥିବା କର୍ମଚାରୀଙ୍କୁ ବାଦ୍ ଦେଇ ଅନ୍ୟ କର୍ମଚାରୀଙ୍କୁ ଦେବାକୁ ଥିବା ପ୍ରକୃତ ପରିମାଣକୁ ଉପସ୍ଥାପନ କରିବାକୁ ସେସୁ କୁ ନିର୍ଦ୍ଦେଶ ଦିଆଯାଇଥିଲା। ସେସୁ ୨୦୧୦ ଜାନୁଆରୀ ପର୍ଯ୍ୟନ୍ତ ତା'ର ସବିଶେଷତା ଆୟୋଗଙ୍କ ସମକ୍ଷରେ ଦାଖଲ କରିଛି। ନିମ୍ନ ସାରଣୀରେ ତାହାର ପ୍ରଦର୍ଶନ କରାଗଲା।

**ସାରଣୀ – ୫୩**

**ଜାନୁୟାରୀ ୨୦୧୦ ପର୍ଯ୍ୟନ୍ତ କଣ୍ଟ୍ରାକ୍ଟ କର୍ମଚାରୀ ଓ ବାହାର ଏଜେନ୍ସିମାନଙ୍କୁ ଦିଆଯାଇଥିବା ପେମେଣ୍ଟର ବିବରଣୀ:**

(କୋଟି ଟଙ୍କା)

| ମାସ | ଠିକା କର୍ମଚାରୀଙ୍କ ବେତନ | ବାହାର ଏଜେନ୍ସିଙ୍କୁ ପେମେଣ୍ଟ | ସମୁଦାୟ ପରିମାଣ |
|---|---|---|---|
| ଏପ୍ରିଲ' ୦୯ | ୦.୫୯ | ୦.୬୧ | ୧.୨୦ |
| ମେ' ୦୯ | ୦.୫୭ | ୦.୬୧ | ୧.୧୮ |
| ଜୁନ' ୦୯ | ୦.୫୬ | ୦.୬୧ | ୧.୧୭ |
| ଜୁଲାଇ' ୦୯ | ୦.୫୬ | ୦.୬୧ | ୧.୧୭ |
| ଅଗଷ୍ଟ' ୦୯ | ୦.୫୬ | ୦.୬୩ | ୧.୧୯ |
| ସେପ୍ଟେମ୍ବର' ୦୯ | ୦.୫୬ | ୦.୬୩ | ୧.୧୯ |
| ଅକ୍ଟୋବର' ୦୯ | ୦.୫୬ | ୦.୬୩ | ୧.୧୯ |
| ନଭେମ୍ବର' ୦୯ | ୦.୫୬ | ୦.୬୩ | ୧.୧୯ |
| ଡିସେମ୍ବର' ୦୯ | ୦.୫୬ | ୦.୬୬ | ୧.୨୨ |
| ଜାନୁୟାରୀ ୧୦ | ୦.୫୬ | ୦.୬୮ | ୧.୨୪ |
| ସମୁଦାୟ | **୫.୬୪** | **୬.୩୦** | **୧୧.୯୪** |

୪୦୬. ଅନୁମତିଧାରୀମାନଙ୍କର ବ୍ୟବସାୟିକ କ୍ଷତି-ହ୍ରାସ ଉଦ୍ଦେଶ୍ୟରେ ଶକ୍ତି ଅଡିଟ କାର୍ଯ୍ୟ ପରିଚାଳନା ନିମନ୍ତେ ଭିନ୍ନ ଭିନ୍ନ ସମୟରେ ଆୟୋଗ ଅତିରିକ୍ତ ଶ୍ରମ ଶକ୍ତିର ବିନିଯୋଗ ଉପରେ ଗୁରୁତ୍ୱ ଦେଇ ଆସୁଛନ୍ତି। କର୍ମଚାରୀମାନଙ୍କର ଅବସର ଗ୍ରହଣ ଓ ଅକ୍ଷମତା ଯୋଗୁ ପଡୁଥିବା ଶୂନ୍ୟ ସ୍ଥାନକୁ ପୂରଣ କରିବାକୁ ଅନୁମତିଧାରୀମାନଙ୍କୁ ବାରମ୍ବାର ନିର୍ଦ୍ଦେଶ ଦିଆ ହୋଇଆସୁଛି। କାରଣ ସ୍ଥାନ ଶୂନ୍ୟ ପଡିବାରୁ ଉପଭୋକ୍ତା ସେବା ବାଧାପ୍ରାପ୍ତ ହେଉଛି। ଏହି ପରିପ୍ରେକ୍ଷୀରେ ଆୟୋଗ ଦୋହରାଉଛନ୍ତି ଯେ କେବଳ ଶ୍ରମ ଶକ୍ତିର ଯୋଗକରଣ ଯଥେଷ୍ଟ ନୁହେଁ, ବରଂ କର୍ମଚାରୀମାନେ ନିଜର ସେବା ପ୍ରତି ନିଷ୍ଠାପର ଓ ଉତ୍ତରଦାୟୀ ରହିବା ବାଂଛନୀୟ। ତେଣୁ ଦକ୍ଷ କର୍ମଚାରୀଙ୍କୁ ନିଯୁକ୍ତି ଦେବା ଦରକାର, ଚୁକ୍ତି ଭିତ୍ତିରେ ନିର୍ଦ୍ଦିଷ୍ଟ ସମୟ ସୀମା ପାଇଁ ନିଯୁକ୍ତି ଦେବା ଦରକାର, ଏବଂ ସେବା ସନ୍ତୋଷଜନକ ହେଲେ ହିଁ ନିଯୁକ୍ତି ସୀମା ବଢାଯିବା ଦରକାର।

୪୦୭. ଚଳିତ ଆର୍ଥିକ ବର୍ଷ, ଅର୍ଥାତ୍ ୨୦୧୦ ଜାନୁଆରୀ ପର୍ଯ୍ୟନ୍ତ ଚୁକ୍ତିବଦ୍ଧ କର୍ମଚାରୀ ଓ ବାହାରୁ ଅଣାଯାଇଥିବା କର୍ମଚାରୀଙ୍କ ୧୦ମାସର ପେମେଣ୍ଟ ବାବଦକୁ ସେସୁ ୧୧.୯୪ କୋଟି ଟଙ୍କା ଖର୍ଚ୍ଚ କରିଛି। ସାରାବର୍ଷ, ଅର୍ଥାତ୍ ଆର୍ଥିକବର୍ଷ ୨୦୦୯-୧୦ ପାଇଁ ଉପରୋକ୍ତ ଦର ହରରେ ଆନୁପାତିକ ହିସାବ ନେଲେ ସମୁଦାୟ ପରିମାଣ ହେବ ୧୪.୩୩ କୋଟି ଏବଂ ଏହାକୁ କଂପୁଟ କରାଯାଇଛି। ତେବେ, ୨୦୧୦-୧୧ ଆର୍ଥିକବର୍ଷ ପାଇଁ ଚୁକ୍ତିବଦ୍ଧ ଓ ବାହାରୁ

ଅଣାଯାଇଥିବା କର୍ମଚାରୀଙ୍କ ପେମେଣ୍ଟ ବାବଦକୁ ଚଳିତ ବର୍ଷର ପ୍ରକୃତ ବ୍ୟୟକୁ ଦୃଷ୍ଟିରେ ରଖି ୧୫.୯୪ କୋଟି ଟଙ୍କାର ପରିମାଣକୁ ଆୟୋଗ ଅନୁମତି ଦେଇଛନ୍ତି।

ବ୍ୟବଧାନିକ ସମୟର ବେନିଫିଟ

୪୦୮. ଆଗାମୀ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ବଂଟନକାରୀ କଂପାନୀମାନେ ଉଲ୍ଲେଖ ଯୋଗ୍ୟ ଭାବେ ବର୍ଦ୍ଧିତ ପରିମାଣର ବ୍ୟବଧାନିକ ସମୟର_ବେନିଫିଟର ପ୍ରଦର୍ଶନ କରିଛନ୍ତି। ୨୦୦୯-୧୦ ଆ.ବ ଏବଂ ୨୦୧୦-୧୧ ଆ.ବର ବ୍ୟବଧାନିକ ସମୟର ବେନିଫିଟର ଏକ ସାରଣୀକୃତ ହିସାବ ନିମ୍ନରେ ଦିଆଗଲା।

**ସାରଣୀ – ୫୪**

(କୋଟି ଟଙ୍କା)

| ବଣ୍ଟନକମ୍ପାନୀମାନଙ୍କ ନାମ | **ଆର୍ଥିକ ବର୍ଷ ୨୦୦୯-୧୦ ପାଇଁ ଅନୁମୋଦିତ** | **ଆର୍ଥିକ ବର୍ଷ ୨୦୧୦-୧୧ ପାଇଁ ପ୍ରସ୍ତାବିତ** | **ପ୍ରତିଶତ ବୃଦ୍ଧି(%)** |
|---|---|---|---|
| **ୱେସ୍କୋ** | ୩୭.୦୪ | ୧୧୨.୧୬ | ୨୦୨.୮୧ |
| **ନେସ୍କୋ** | ୨୭.୧୯ | ୧୨୫.୧୧ | ୩୬୦.୧୩ |
| **ସାଉଥ୍କୋ** | ୨୦.୫୩ | ୪୫.୮୫ | ୧୨୩.୩୩ |
| **ସେସୁ** | ୪୯.୬୮ | ୬୩.୪୫ | ୨୭.୭୨ |

୪୦୯. ୱେସକୋ, ନେସକୋ ଓ ସାଉଥକୋ ସେମାନଙ୍କର ଉପସ୍ଥାପନାରେ ଦର୍ଶାଇଛନ୍ତି ଯେ, ୨୦୧୦-୧୧ ପାଇଁ କର୍ମଚାରୀଙ୍କ ପେନସନ ଜମା , ଗ୍ରାଚ୍ୟୁଇଟି ଜମା ଓ ବଳକା ଛୁଟି ସରେଣ୍ଡର ବାବଦକୁ ଅନୁଦାନ ଅର୍ଥ ୩୧.୩.୨୦୦୯ ରେ କରାଯାଇଥିବା ମେସର୍ସ ବୁଦ୍ଧଦେବ ଚାଟାର୍ଜୀଙ୍କ ପ୍ରକୃତ ମୂଲ୍ୟାୟନ ଅଧ୍ୟୟନ ଉପରେ ପର୍ଯ୍ୟବସିତ। ତେବେ, ଅନୁମତିଧାରୀମାନେ ଧରିନେଇଛନ୍ତି ଯେ, ସର୍ତ୍ତାଧିନ ବେନିଫିଟର ଆବଶ୍ୟକତାର ଧାରା ୨୦୦୯-୧୦ ଆର୍ଥିକ ବର୍ଷ ପାଇଁ ଯାହା ଥିଲା, ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ସେଇଆ ହିଁ ରହିବ।

୪୧୦. ମେସର୍ସ ବୁଦ୍ଧଦେବ ଚାଟାର୍ଜୀଙ୍କ 'ପ୍ରକୃତ ମୂଲ୍ୟାୟନ ବା ଆକଚୁଆଲ ଭେଲ୍ୟୁଏସନ ଭିତ୍ତିରେ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଟର୍ମିନାଲ ୱେସକୋ,ନେସ୍ କୋ ଓ ସାଉଥ୍କୋ ବେନିଫିଟ ଉପରେ ଆବଶ୍ୟକତାକୁ ପ୍ରଦର୍ଶନ କରିଛନ୍ତି ଏବଂ ଆକଚୁଆରୀଙ୍କ ହିସାବ ଉପରେ ୩୦%ର ବୃଦ୍ଧି ଆଣିଛନ୍ତି (୬ଷ୍ଠ ବେତନ ଆୟୋଗ ଓ ମଜୁରୀ ବୋର୍ଡଙ୍କ ସଂଶୋଧନ ଯୋଗୁ) । ତେବେ ବାର୍ଷିକ ୪% ର ସାଧାରଣ ବୃଦ୍ଧି ପରିମାଣ ମଧ୍ୟ ପୂର୍ବବତ୍ ବଳବତ୍ତର ରହିଛି।

୪୧୧. ୨୦୦୯-୧୦ ର ଏଆରଆରର ଟର୍ମିନାଲ ଲାଏବିଲିଟିଜ ବା ସର୍ତ୍ତାଧିନ ଦାୟ ବଦ୍ଧତାକୁ ଅଧ୍ୟୟନ କଲାବେଳେ ଆୟୋଗ ନିମ୍ନଲିଖିତ ପ୍ରସଂଗ ସମୂହକୁ ପର୍ଯ୍ୟବେକ୍ଷଣ କରିଛନ୍ତି।

୩୪୬. ୨୦୦୮-୦୯ ପାଇଁ ଶେଷ ଆଦେଶନାମାର ପରିଚ୍ଛେଦ ୩୪୮ ରୁ ୩୫୫ ମଧ୍ୟରେ ୪ ଟି ଯାକ ବଂଟନକାରୀ କଂପାନୀଙ୍କ ଉଦ୍ଦେଶ୍ୟରେ ସ୍ଵତନ୍ତ୍ର ଭାବେ ଆୟୋଗ ଟର୍ମିନାଲ ବେନିଫିଟ ପ୍ରସଂଗରେ ବିସ୍ତୃତ ଭାବେ ଆଲୋଚନା କରିଛନ୍ତି। ସେହି ଅନୁସାରେ, 'ମୂଲ୍ୟାୟନ ଅଧ୍ୟୟନ' ଅନୁଯାୟୀ ପ୍ରତି ଅନୁମତିଧାରୀଙ୍କ ପାଇଁ ଆୟୋଗ ସମ୍ମିଳିତ ମୂଲ୍ୟାୟନ, କୁ ନିର୍ଦ୍ଧାରଣ କଲେ। ୩୧.୩.୨୦୦୮ 'ସୁଦ୍ଧା ପ୍ରତ୍ୟାଶିତ' ସମ୍ମିଳିତ ମୂଲ୍ୟାୟନର ଉପଲବ୍ଧତାକୁ ସହ ସାମିଲକରଣ କଲାପରେ ନିଅଣ୍ଟିଆ ଜମାକରଣକୁ ଏକ ୭ ବର୍ଷର ସମୟ ଅବଧି ମଧ୍ୟରେ ଭରଣା କରିବାକୁ ଆୟୋଗ ଅନୁମୋଦନ କଲେ।

୩୪୭. ୨୦୦୮-୦୯ର ପାଇକାରୀ ଯୋଗାଣ ଟାରିଫ ସହ ସମ ଧାରାରେ ୮.୫% ଦର-ହାରର ନିର୍ବାହନ ଦେୟ ଦର ସହିତ ୭ ବର୍ଷର ସମୟ ସୀମା ମଧ୍ୟରେ ଆୟୋଗ ନିଅଣ୍ଟିଆ ଜମାର ଭରଣା ନିମନ୍ତେ ଅନୁମତି

ଦେଇଛନ୍ତି। ଯାଞ୍ଚକାରୀ ପ୍ରଶ୍ନର ଉତ୍ତରରେ ଅନୁମତିଧାରୀଙ୍କ ଦ୍ୱାରା ଦିଆଯାଇଥିବା ରିପୋର୍ଟ ଅନୁଯାୟୀ , ସୁଦୃଢ଼ ଆର୍ଥିକ ସ୍ଥିତି ଭିତ୍ତିରେ ନିର୍ଦ୍ଧାରିତ ୨୦୦୮-୦୯ ପାଇଁ ବର୍ଦ୍ଧିତ ଜମା ଆବଶ୍ୟକତାକୁ ନିଅଣ୍ଟିଆ ଜମାର ଭରଣାଗତ ମୂଲ୍ୟ ସହ ଯୋଗ କରାଯାଇଛି। ୨୦୦୭-୦୮ ଆର୍ଥିକ ବର୍ଷରେ ୱେସକୋ,ନେସକୋ, ସାଉଥକୋ ଓ ସେସୁ ଟର୍ମିନାଲ ବେନିଫିଟ ବାବଦକୁ ଯଥାକ୍ରମେ ୧୩ -୬୩ କୋଟି, ୧୨.୭୧ କୋଟି, ୧୧.୨୩ କୋଟି ଓ ୨୧.୯୯ କୋଟି ଟଙ୍କା ପାଇଛନ୍ତି। ୨୦୦୮-୦୯ର ପାଇକାରୀ ଯୋଗାଣ ତାରିଫର ପରିଚ୍ଛେଦ - ୩୫୫ ରେ ଦର୍ଶାଯାଇଥିବା ମୁତାବକ ୨୦୦୯-୧୦ ଆର୍ଥିକ ବର୍ଷର ଟର୍ମିନାଲ ଲାଏବିଲିଟିଜ ବା ସର୍ତ୍ତାଧିନ ଦାୟବଦ୍ଧତାକୁ ଆକଳନ କରିବା ନିମନ୍ତେ ଉପରୋକ୍ତ ପରିମାଣ ସମୂହକୁ ସହସାମିଲକରଣ କରିବାକୁ ପଡିବ।

୩୪୮. ଆୟୋଗଙ୍କ ଦ୍ୱାରା ନିଯୁକ୍ତ ଆକ୍ଚୁଆରୀ ମେସର୍ସ ବୁଦ୍ଧଦେବ ଚାଟାର୍ଜୀ ୨୦୦୫-୦୬ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଆକ୍ଚୁରିଆଲ ଭେଲୁଏସନ ବା ବାସ୍ତବ ମୂଲ୍ୟାୟନ ପ୍ରଦାନ କରିଥିଲେ ଓ ଆର୍ଥିକ ବର୍ଷ ୨୦୦୬-୦୭ ଓ ୨୦୦୭-୦୮ ଆର୍ଥିକ ବର୍ଷ ପାଇଁ ଅଟକଳନ ପ୍ରଦର୍ଶନ କରିଥିଲେ। ତେବେ ୨୦୦୯-୧୦ ଆର୍ଥିକ ବର୍ଷକୁ ମିଶାଇ ପରବର୍ତ୍ତୀ ବର୍ଷମାନଙ୍କର ଅଟକଳନ ଉପଲବ୍ଧ ହୋଇନାହିଁ। କିନ୍ତୁ ଆୟୋଗ ଜାଣିଛନ୍ତି ଯେ, କଂପାନୀମାନଙ୍କର ସର୍ତ୍ତାଧିନ ଦାୟବଦ୍ଧତା ଉପରେ ଆବଶ୍ୟକତା ୬ଷ୍ଠ ବେତନ ଆୟୋଗଙ୍କ ବେତନ ସଂଶୋଧନ ପ୍ରବର୍ତ୍ତନ ହେବା ପରେ, ଅର୍ଥାତ୍ ୧.୧.୨୦୦୬ ଠାରୁ ପରିବର୍ତ୍ତନ ଦେବାକୁ ଯାଉଛି।

୩୪୯. ତେଣୁ ୬ଷ୍ଠ ବେତନ ଆୟୋଗଙ୍କ ସୁପାରିଶ ଓ ମଜୁରୀ ବୋର୍ଡ ଆୱାର୍ଡ ଉପରେ ଭିତ୍ତି କରି କର୍ମଚାରୀଙ୍କ ବେତନ ଓ ଭତ୍ତାର ସମ୍ଭାବ୍ୟ ସଂଶୋଧନକୁ ଦୃଷ୍ଟିରେ ରଖି ୪ ଟି ଯାକ ବଂଟନକାରୀ କଂପାନୀଙ୍କ ଉଦ୍ଦେଶ୍ୟରେ, ୩୧.୩.୨୦୧୦ ପର୍ଯ୍ୟନ୍ତ ଟର୍ମିନାଲ ଲାଏବିଲିଟିଜ ବା ସର୍ତ୍ତାଧିନ ଦାୟବଦ୍ଧତାର ଆକଳନ ନିମନ୍ତେ ଆୟୋଗ ଏକ ସ୍ୱାଧୀନ ଆକଚୁଆରୀଙ୍କୁ ନିଯୁକ୍ତି ଦେବା ନିମନ୍ତେ ବରଂ ପସନ୍ଦ କରିବେ। ଆକଚୁଆରିଙ୍କର ମୂଲ୍ୟାୟନ ହସ୍ତଗତ ହେଲାପରେ, ଦେୟ ସମୂହର ଯାଞ୍ଚ ପରେ ଏବଂ ଅତିରିକ୍ତ ରାଜସ୍ୱ ପାଇବା ଦିଗରେ ବଂଟନକାରୀ କଂପାନୀମାନଙ୍କର ନିର୍ବାହନ ଦକ୍ଷତା ଉପରେ ଭିତ୍ତି କରି ସେହି ପରିମାଣ ଜମାକରଣ ପାଇଁ ଆୟୋଗ ଆବଶ୍ୟକୀୟ ପଦକ୍ଷେପ ନେବେ।

୪୧୨. ୨୦୦୯-୧୦ ଆର୍ଥିକ ବର୍ଷ ଏବଂ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଟର୍ମିନାଲ ଲାଏବିଲିଟିଜର ପ୍ରଦର୍ଶନ ସହିତ ୩୧.୩.୨୦୦୯ ପର୍ଯ୍ୟନ୍ତ ଓପିଟିସିଏଲ ଏବଂ ୪ ଟି ବଂଟନକାରୀ କଂପାନୀମାନଙ୍କର ଟର୍ମିନାଲ ଲାଏବିଲିଟିଜ ମୂଲ୍ୟାୟନର ତର୍ଜମା ନିମନ୍ତେ ଆୟୋଗ ୨୦୦୯-୧୦ ଆର୍ଥିକ ବର୍ଷର ଶେଷ ତାରିଫ ଆଦେଶନାମାର ଉପରୋକ୍ତ ପର୍ଯ୍ୟବେକ୍ଷଣର ନିଷ୍କର୍ଷ ଅନୁସାରେ ଏକ ସ୍ୱାଧୀନ ଆକଚୁଆରୀଙ୍କୁ ନିଯୁକ୍ତି ଦେଇଛନ୍ତି।

୪୧୩. ଉପରୋକ୍ତ ଆଲୋଚନା ଅନୁଯାୟୀ ମୂଲ୍ୟାୟନ ରିପୋର୍ଟକୁ ସ୍ଥଗିତ ରଖି ୨୦୦୯-୧୦ ଆର୍ଥିକ ବର୍ଷ ପାଇଁ ଯେଉଁ ପଦ୍ଧତିର ଅବଲମ୍ବନ କରାଯାଇଥିଲା, ସେହି ପଦ୍ଧତିରେ ବଂଟନକାରୀ କଂପାନୀଙ୍କ ଉଦ୍ଦେଶ୍ୟରେ ଆୟୋଗ ୨୦୧୦-୧୧ ପାଇଁ ଟର୍ମିନାଲ ବେନିଫିଟର ମୂଲ୍ୟାୟନ କରିଥିଲେ। ୨୦୧୦-୧୧ ଆ.ବ ପାଇଁ ବିତରକ କଂପାନୀଂକର ଟର୍ମିନାଲ ଦାୟବଦ୍ଧତାର ଏକ ସାରଣୀକୃତ ହିସାବ ନିମ୍ନରେ ପ୍ରଦତ୍ତ ହେଲା।

**ସାରଣୀ – ୫୫**

**ଆନ୍ତିକ ଦାୟିତ୍ୱର ହିସାବ**

**Calculation of Terminal Liabilities** (କୋଟି ଟଙ୍କା)

| | ୱେସ୍କୋ | ନେସ୍କୋ | ସାଉଥ୍କୋ | ସେସୁ |
|---|---|---|---|---|
| **କମିଶନଙ୍କ ଦ୍ୱାରା ଅନୁମୋଦିତ ନିଅଣ୍ଟିଆ ପାଣ୍ଠିର କିସ୍ତି Installment of deficit funding approved by the Commission** | ୨୪.୫୨ | ୧୬.୬୬ | ୧୬.୨୨ | ୩୧.୮୫ |
| **ବାହକ ଦେୟ Carrying charges** | ୮.୩୪ | ୫.୬୭ | ୫.୫୧ | ୬.୩୭ |
| **୨୦୦୯-୧୦ରେ ବାସ୍ତବିକ ନଗଦର ବହିଁଗମନ** | ୨୦.୧୫ | ୨୧.୪୪ | ୨୬.୪୦ | ୪୪.୦୭ |

| | | | | |
|---|---|---|---|---|
| **Actual Cash outgo for ୨୦୦୮-୦୯** | | | | |
| **୨୦୦୯-୧୦ରେ ନଗଦର ବର୍ହିଗମନ(ଯଥାଭାଗ)**<br>**Cash outgo for 2009-10(Prorated)** | ୨୫.୫୦ | ୩୪.୨୭ | ୨୯.୯୬ | ୩୮.୮୦ |
| **ସମୁଦାୟ ପାଣ୍ଠିର ଆବଶ୍ୟକାତା** | **୭୮.୫୦** | **୭୮.୦୩** | **୭୮.୧୦** | **୧୨୧.୦୯** |
| **ଶୁଳ୍କ ନିର୍ଦ୍ଦେଶନାମରେ ଅନୁମୋଦିତ କମ୍ ନଗଦର ବର୍ହିଗମନ**<br>**Less received from OPTCL (As pre the data provided by OPTCL)** | | | | |
| ୨୦୦୮-୦୯ | ୧୦.୯୬ | ୧୦.୭୪ | ୧୧.୨୪ | ୧୮.୯୭ |
| ୨୦୦୯-୧୦ | | | | |
| ସମୁଦାୟ ଓପିଟିସିଏଲ୍ ଠାରୁ ଗ୍ରହଣ | ୧୦.୯୬ | ୧୦.୭୪ | ୧୧.୨୪ | ୧୮.୯୭ |
| ସମୁଦାୟ | **୬୭.୫୪** | **୬୭.୨୯** | **୬୬.୮୬** | **୧୦୨.୧୨** |
| **୨୦୦୮-୦୯ ଶୁଳ୍କ ନିର୍ଦ୍ଦେଶନାମରେ ଅନୁମୋଦିତ କମ୍ ନଗଦର ବର୍ହିଗମନ** | ୧୫.୭୩ | ୧୬.୧୬ | ୮.୬୪ | ୨୬.୨୮ |
| ଆର୍ଥିକ ବର୍ଷ ୨୦୧୦-୧୧ ବାର୍ଷିକ ରାଜସ୍ୱ ଆବଶ୍ୟକତାରେ ଦେୟର ପରିମାଣ<br>**Amount to be charged to ARR for FY ୨୦୧୦-୧୧** | **୫୧.୮୧** | **୫୧.୧୩** | **୫୮.୨୨** | **୭୫.୮୪** |

<u>ଦ୍ରଷ୍ଟବ୍ୟ</u> ନିଅଣ୍ଟିଆ ଜମାକରଣ କିସ୍ତି ସଂପର୍କରେ କହିବାକୁ ଗଲେ, ଆୟୋଗ ୨୦୦୮-୦୯ ଓ ୨୦୦୯-୧୦ ର ଏଆରଆରରେ ଜମାକରଣର ୨ ଟି ଅନୁମତି ଦେଇଥିଲେ। ୨୦୦୯ -୧୦ ଆର୍ଥିକ ବର୍ଷର ତାରିଫ ଆଦେଶନାମାରେ ଏବେ ୩ ୟ କିସ୍ତିକୁ ଅନୁମତି ଦିଆଗଲା। ଉପରୋକ୍ତ ଆଲୋଚନା ଅନୁଯାୟୀ, ପୂର୍ବ ବର୍ଷମାନଙ୍କରେ ବ୍ୟବସ୍ଥିତ ହୋଇଥିବା ନିଅଣ୍ଟିଆ ଜମାକରଣର କିସ୍ତିକୁ ବାଦ୍ ଦିଆଯିବା ପରେ ଅବଶିଷ୍ଟ ନିଅଣ୍ଟ ଜମା ଉପରେ ୮.୫% ଦର ହାରରେ ନିର୍ବାହନ ଦେୟ ଦରର ହିସାବ କରାଯାଇଛି।

୪୧୪. ଉପରୋକ୍ତ ହିସାବ ଧାରା ଅନୁସାରେ ବଂଟନକାରୀ କଂପାନୀମାନେ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଟର୍ମିନାଲ ଲାଏବିଲିଟିଜର ଅନୁମତି ପାଇଥିଲେ। ତେବେ ନୂଆ ଆକ୍ଚୁଆରୀଙ୍କ ମୂଲ୍ୟାୟନ ରିପୋର୍ଟ ଭିତ୍ତିରେ ଆୟୋଗ ପ୍ରତି ବଂଟନକାରୀଙ୍କର 'ପେନସନ ସଂପର୍କିତ ଅନୁଦାନ' ର ଆବଶ୍ୟକତା ଉପରେ ପୁନଃ ଯାଞ୍ଚ କରିବେ।

**ସାରଣୀ – ୫୬**

ଆର୍ଥିକ ବର୍ଷ ୨୦୧୦-୧୧ର ବଣ୍ଟନକମ୍ପାନୀମାନଙ୍କ **ଆନ୍ତିକ ଦାୟିତ୍ୱର**

**Approved Terminal Liabilities of DISCOMs for FY 2010-11**

(କୋଟି ଟଙ୍କା)

| ବଣ୍ଟନକମ୍ପାନୀମାନଙ୍କ ନାମ | **ୱେସ୍କୋ** | **ନେସ୍କୋ** | **ସାଉଥ୍କୋ** | **ସେସୁ** |
|---|---|---|---|---|
| ବାର୍ଷିକ ରାଜସ୍ୱ ଆବଶ୍ୟକତାରେ ଦେୟର ପରିମାଣ (କୋଟି ଟଙ୍କା) | **୫୧.୮୧** | **୫୧.୧୩** | **୫୮.୨୨** | **୭୫.୮୪** |

୪୧୫. ଉପରୋକ୍ତ ପରିଚ୍ଛେଦ ସମୂହର ଅବତାରଣା ଅନୁଯାୟୀ କର୍ମଚାରୀଙ୍କ ବାବଦକୁ ବ୍ୟୟ ପରିମାଣକୁ ଆୟୋଗ ଅନୁମୋଦନ କରିଥିଲେ। ଏହାର ଏକ ସାରଣୀ କୃତ ବିବରଣୀ ତଳେ ଦିଆଗଲା।

**ସାରଣୀ – ୫୭**

**କର୍ମଚାରୀଙ୍କ ପିଛା ବ୍ୟୟ**

(କୋଟି ଟଙ୍କା)

| କ୍ର | ବିବରଣୀ | ୱେସ୍କୋ | ନେସ୍କୋ | ସାଉଥ୍କୋ | ସେସୁ |
|---|---|---|---|---|---|

| ନଂ. | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| | | ୨୦୦୯-୧୦ ପାଇଁ ଅନୁମୋଦିତ | ୨୦୧୦-୧୧ ପାଇଁ ପ୍ରସ୍ତାବିତ | ୨୦୧୦-୧୧ ପାଇଁ ଅନୁମୋଦିତ | ୨୦୦୯-୧୦ ପାଇଁ ଅନୁମୋଦିତ | ୨୦୧୦-୧୧ ପାଇଁ ପ୍ରସ୍ତାବିତ | ୨୦୧୦-୧୧ ପାଇଁ ଅନୁମୋଦିତ | ୨୦୦୯-୧୦ ପାଇଁ ଅନୁମୋଦିତ | ୨୦୧୦-୧୧ ପାଇଁ ପ୍ରସ୍ତାବିତ | ୨୦୧୦-୧୧ ପାଇଁ ଅନୁମୋଦିତ | ୨୦୦୯-୧୦ ପାଇଁ ଅନୁମୋଦିତ | ୨୦୧୦-୧୧ ପାଇଁ ପ୍ରସ୍ତାବିତ | ୨୦୧୦-୧୧ ପାଇଁ ଅନୁମୋଦିତ |
| ୧ | ମୂଳ ବେତନ + ଡିପି | ୪୬.୨୪ | ୭୯.୯୧ | ୭୪.୭୨ | ୩୭.୭୧ | ୬୨.୮୬ | ୬୨.୦୭ | ୩୪.୧୧ | ୫୩.୧୦ | ୪୯.୧୦ | ୫୮.୦୯ | ୧୭୧.୦୫ | ୮୩.୭୨ |
| ୨ | ୬ଷ୍ଠ ବେତନ କମିଶନ ବାକେୟା ଓ ମଜୁରୀ ବୋର୍ଡ | | | | | | | | ୬୮.୩୨ | | | ୫୨.୬୧ | |
| ୩ | **ଅତିରିକ୍ତ କର୍ମଚାରୀଙ୍କ ପିଛା ବ୍ୟୟ** | | ୨.୪୯ | | | | | | | | ୧୩.୩୪ | ୨୫.୨୯ | ୧୫.୯୪ |
| ୪ | ଉଚ୍ଚଙ୍ଗା ଭତ୍ତା | ୨୧.୭୩ | ୨୯.୫୭ | ୨୪.୬୬ | ୧୭.୭୨ | ୨୩.୦୮ | ୨୦.୪୮ | ୧୬.୦୩ | ୧୯.୬୫ | ୧୬.୨୦ | ୨୭.୩୦ | ୭୧.୮୪ | ୨୭.୬୩ |
| ୫ | ଅନ୍ୟାନ୍ୟ ଭତ୍ତା | ୧.୦୨ | ୧.୨୨ | | ୩.୮୮ | ୪.୨୬ | | ୧ | | | ୧.୩୪ | ୨.୨୧ | |
| ୬ | ବୋନସ୍ | ୦.୯ | ୧.୩୦ | ୧.୩୦ | ୦.୪୦ | ୦.୪୦ | ୦.୪୦ | ୦.୧୬ | | | ୨.୪୬ | ୦.୮୬ | ୦.୮୫ |
| ୭ | ସମୁଦାୟ ବ୍ୟୟ ( ୧ରୁ ୫) | ୬୯.୮୯ | ୧୧୪.୪୯ | ୧୦୦.୬୮ | ୫୯.୭୧ | ୯୦.୬୦ | ୮୨.୯୫ | ୫୧.୩ | ୧୪୧.୦୭ | ୬୫.୩୦ | ୧୦୨.୫୩ | ୩୨୩.୮୬ | ୧୨୮.୧୪ |
| ୮ | ମେଡିକାଲ ପାଇଁ ବର୍ଦ୍ଧିତ ବ୍ୟୟ | ୨.୩୧ | ୪.୦୦ | ୩.୭୪ | ୧.୮୮ | ୩.୧୨ | ୩.୧୦ | ୧.୭୧ | ୨.୬୬ | ୨.୪୫ | ୨.୯ | ୮.୫୫ | ୪.୧୯ |
| ୯ | ଛୁଟି-ଭ୍ରମଣ ପାଇଁ ରିହାତି | ୦.୯୬ | ୦.୩୦ | ୦.୩୦ | ୦.୨୫ | ୦.୩ | ୦.୩୦ | ୦.୦୮ | ୦.୦୮ | ୦.୦୮ | ୧.୧୬ | ୧.୧୩ | ୧.୧୩ |
| ୧୦ | ବର୍ଦ୍ଧିତ ଘରଭତ୍ତା | ୭.୪ | ୧୪.୩୮ | ୧୧.୨୧ | ୬.୧୭ | ୧୧.୮୫ | ୯.୩୧ | ୫.୪ | ୯.୫୬ | ୭.୩୬ | ୯.୩ | ୩୪.୨୧ | ୧୨.୫୬ |
| ୧୧ | ଷ୍ଟାଫଙ୍କ ମଧ୍ୟବର୍ତ୍ତୀକାଳୀନ ଛାଡ଼ | | | | | | | | ୦.୫୨ | | ୦.୧୮ | ୦.୧୭ | |
| ୧୨ | ଅର୍ଜିତ ଛୁଟି ବାବଦ ପ୍ରାପ୍ୟ | | ୪.୫୬ | | | | | ୦.୧୨ | ୦.୧୩ | | | | |
| ୧୩ | ସମ୍ମାନଜନକ ପ୍ରାପ୍ୟ | | ୦.୧୫ | | | | | ୦.୮୩ | ୦.୦୨ | | | | |
| ୧୪ | ଶ୍ରମିକ କ୍ଷତିପୂରଣ ଆଇନ ଅନୁସାରେ ଦେୟ | ୦.୨୫ | ୦.୨୫ | ୦.୨୫ | ୦.୧ | ୦.୧୫ | ୦.୧୫ | ୦.୧୮ | ୦.୧୮ | ୦.୧୮ | ୦.୨୫ | ୦.୨୧ | ୦.୨୧ |
| ୧୫ | (ସାନୁଗ୍ରହ) ଏକ୍ସ-ଗ୍ରାସିଆ | | ୧.୦୦ | | | ୦.୯୬ | | | ୧.୧୩ | | | | |
| ୧୬ | ଅନ୍ୟାନ୍ୟ କର୍ମଚାରୀଙ୍କ ପାଇଁ ବ୍ୟୟ | | | | ୦.୦୨ | ୦.୦୨ | ୦.୦୨ | ୦.୪୫ | ୦.୯୬ | | ୦.୨୪ | ୧.୦୮ | ୦.୬ |
| ୧୭ | ଅନ୍ୟାନ୍ୟ କର୍ମଚାରୀଙ୍କ ପାଇଁ ବ୍ୟୟ (୭ ରୁ ୧୫) | ୧୦.୯୨ | ୨୪.୬୪ | ୧୫.୫୦ | ୮.୪୨ | ୧୬.୩୮ | ୧୨.୮୮ | ୮.୭୭ | ୧୫.୨୪ | ୧୦.୦୭ | ୧୪.୦୩ | ୪୫.୩୫ | ୧୮.୬୯ |
| ୧୮ | କର୍ମଚାରୀ- ମଙ୍ଗଳ ବ୍ୟୟ | ୦.୮୯ | ୧.୨୬ | ୧.୨୬ | ୧.୦୩ | ୦.୯୮ | ୦.୯୮ | ୧.୩୩ | ୦.୩୭ | ୦.୩୭ | ୦.୨୦ | ୦.୯୬ | ୦.୯୬ |
| ୧୯ | ଆନ୍ତିକ ଫାଇଦା ( ପେନସନ + ଗ୍ରାଚ୍ୟୁଇଟ +ଛୁଟି) | ୩୭.୦୪ | ୧୧୨.୧୬ | ୫୧.୮୧ | ୨୭.୧୯ | ୧୨୫.୧୨ | ୫୧.୧୩ | ୨୦.୫୩ | ୪୫.୮୫ | ୫୮.୨୨ | ୪୯.୬୮ | ୬୩.୪୫ | ୭୫.୮୪ |
| ୨୦ | ସମୁଦାୟ ( ୬ + ୧୬ + ୧୭ + ୧୮ ) | ୧୧୮.୭୪ | **୨୫୨.୫୫** | **୧୬୯.୨୫** | ୯୬.୩୫ | **୨୩୩.୦୮** | **୧୪୭.୯୪** | ୮୧.୯୩ | **୨୦୨.୫୩** | **୧୩୩.୯୬** | ୧୬୬.୪୪ | **୪୩୩.୬୨** | **୨୨୩.୬୩** |
| ୨୧ | ହ୍ରାସ : କର୍ମଚାରୀଙ୍କ ସକାଶେ ମୂଳଧନ | ୨.୪୭ | ୨.୫୨ | ୨.୫୨ | ୦.୫୫ | ୦.୫୬ | ୦.୩୬ | | | | | | |
| ୨୨ | ବାସ୍ତବିକ କର୍ମଚାରୀଙ୍କ ବ୍ୟୟ | **୧୧୬.୨୭** | **୨୫୦.୦୩** | **୧୬୬.୭୩** | **୯୫.୮** | **୨୩୨.୫୨** | **୧୪୭.୫୮** | **୮୧.୯୩** | **୨୦୨.୫୩** | **୧୩୩.୯୬** | **୧୬୬.୪୪** | **୪୩୩.୬୨** | **୨୨୩.୬୩** |
| ୨୩ | ଷଷ୍ଠ ବେତନ ସଂଶୋଧନର ମଜୁରୀ ପାଇଁ ଦେୟର ବ୍ୟବସ୍ଥା | **୨୨.୬୧** | | | **୧୮.୪୮** | | | **୧୬.୬୬** | | | **୨୮.୪** | | |
| ୨୪ | ସମୁଦାୟ କର୍ମଚାରୀଙ୍କ ବ୍ୟୟ | ୧୩୮.୮୮ | ୨୫୦.୦୩ | **୧୬୬.୭୩** | ୧୧୪.୨୮ | ୨୩୨.୫୨ | **୧୪୭.୫୮** | ୯୮.୫୯ | ୨୦୨.୫୩ | **୧୩୩.୯୬** | ୧୯୪.୮୫ | ୪୩୩.୬୨ | **୨୨୩.୬୩** |

<u>ପ୍ରଶାସନିକ ଓ ସାଧାରଣ ବ୍ୟୟ</u>

୪୧୬. ବିଭାଗର ଆନୁଷଙ୍ଗିକ ସଂପତ୍ତି ସଂପର୍କିତ ବ୍ୟୟ , ଯୋଗାଯୋଗ , ବୃତ୍ତିଗତ ଦେୟ-ଦର ପରିବହନ (ବାର୍ତ୍ତା ଓ ସାମଗ୍ରୀ), ଭ୍ରମଣ, ସାମଗ୍ରୀ ସଂପର୍କିତ ବ୍ୟୟ ଓ ଅନ୍ୟାନ୍ୟ ବ୍ୟୟ ଆଦି ପ୍ରଶାସନିକ ଓ ସାଧାରଣ ବ୍ୟୟ ଅନ୍ତର୍ଭୁକ୍ତ ଅଟେ। ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଅନୁମତିଧାରୀମାନେ ଯେଉଁ ଢାଞ୍ଚାରେ ପ୍ରଶାସନିକ ଓ ସାଧାରଣ ବ୍ୟୟର ପ୍ରଦର୍ଶନ କରିଛନ୍ତି, ତାହାର ତୁଳନା ୨୦୦୯-୧୦ ଆର୍ଥିକ ବର୍ଷର ଅନୁମୋଦିତ ପ୍ରଶାସନିକ ଓ ସାଧାରଣ ବ୍ୟୟ ସମୂହ ହେବା ବାଂଛ ନୀୟ।

**ସାରଣୀ – ୫୮**

(କୋଟି ଟଙ୍କା)

| ବଣ୍ଟନକମ୍ପାନୀମାନଙ୍କ ନାମ | **ଆର୍ଥିକ ବର୍ଷ ୨୦୦୯-୧୦ରେ ଅନୁମୋଦିଦ** | | | **ଆର୍ଥିକ ବର୍ଷ ୨୦୧୦-୧୧ରେ ପ୍ରସ୍ତାବିତ** | | |
|---|---|---|---|---|---|---|
| | **ସାଧାରଣ ଏ ଏଣ୍ଡ ଜି** | **ଅତିରିକ୍ତ ଏ ଏଣ୍ଡ ଜ** | **ସମୁଦାୟ ଏ ଏଣ୍ଡ ଜି** | **ସାଧାରଣ ଏ ଏଣ୍ଡ ଜି** | **ଅତିରିକ୍ତ ଏ ଏଣ୍ଡ ଜ** | **ସମୁଦାୟ ଏ ଏଣ୍ଡ ଜି** |
| **ୱେସ୍କୋ** | ୧୯.୩୯ | ୩.୪୨ | ୨୨.୮୧ | ୨୪.୧୮ | ୧୨.୩୮ | ୩୬.୫୬ |
| **ନେସ୍କୋ** | ୧୨.୯୬ | ୨.୭୯ | ୧୫.୭୫ | ୧୫.୫୩ | ୨୬.୬୭ | ୪୨.୨୦ |
| **ସାଉଥ୍କୋ** | ୧୧.୧୬ | ୩.୬୩ | ୧୪.୭୯ | ୧୮.୦୭ | ୧୬.୬୩ | ୩୪.୭୦ |
| **ସେସୁ** | ୨୭.୯୫ | ୦.୮୭ | ୨୮.୮୨ | ୬୮.୮୩ | ୩୦.୩୯ | ୯୯.୨୨ |

୪୧୭. ୱେସକୋ, ନେସକୋ ଓ ସାଉଥକୋ ୨୦୦୯-୧୦ ଆର୍ଥିକ ବର୍ଷର ଅନୁମୋଦିତ ପ୍ରଶାସନିକ ଓ ସାଧାରଣ ବ୍ୟୟ ଉପରେ ୭ ପ୍ରତିଶତର ବୃଦ୍ଧିକୁ ବିବେଚନା କରି ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ସେମାନଙ୍କର ପ୍ରଶାସନିକ ଓ ସାଧାରଣ ବ୍ୟୟର ଆକଳନ କରିଥିବା ଆୟୋଗଙ୍କୁ ଦର୍ଶାଇଛନ୍ତି। ମୁଦ୍ରାସ୍ଫୀତି, ଆୟୋଗଙ୍କର ନିର୍ଦ୍ଦେଶନାମା ସମୂହର ପାଳନ ଓ ପରିପୂରଣ ସକାଶେ ବିଭିନ୍ନ ଦିଗର ଅତିରିକ୍ତ ସ୍ୱତନ୍ତ୍ର ବ୍ୟୟଭାରକୁ ବୁଝାଇବା ନିମନ୍ତେ ତଥା କ୍ଷତି-ହ୍ରାସ ଉଦ୍ଦେଶ୍ୟରେ ଏହି ୭%ର ପ୍ରଶାସନିକ ଓ ସାଧାରଣ ବ୍ୟୟ ଭାରର ମୁକାବିଲା ନିମନ୍ତେ ବଂଟନକାରୀ କଂପାନୀମାନେ ନିମ୍ନଲିଖିତ ଉପାୟମାନ ଅବଲମ୍ବନ କରୁଥିବା ଦର୍ଶାଇଛନ୍ତି। ସେଗୁଡିକ ହେଲା-

- ପ୍ରତି ଡିଭିଜନରେ ଉପଭୋକ୍ତା ଯତ୍ନ କେନ୍ଦ୍ର ଖୋଲିବା
- ଉପଭୋକ୍ତା ଯତ୍ନ ଜନିତଭ୍ରାମ୍ୟମାଣ ଗାଡି
- ଭିନ୍ନ ଭିନ୍ନ ଡିଭିଜନରେ କ୍ଷେତ୍ରସ୍ଥଳ ବିଲିଂର ପ୍ରବର୍ତ୍ତନ
- ୩୩ ଏବଂ ୧୧ କେଭି ଫିଡରରେ ଶକ୍ତି ଅଡିଟ କାର୍ଯ୍ୟସମୂହର ପ୍ରବର୍ତ୍ତନ
- ସବୁ ଉପଭୋକ୍ତାଙ୍କର ଉପଭୋକ୍ତା ସୂଚକାଙ୍କ କରଣ ଓ ବିଦ୍ୟୁତ ଖୁଣ୍ଟ ସିଡ୍ୟୁଲିଂ
- ସୂଚନା ଓ ପ୍ରଯୁକ୍ତି ଜ୍ଞାନର ସଂପୃକ୍ତି ଜରିଆରେ ନିର୍ବାହନ ଓ ଉପଭୋକ୍ତା କାର୍ଯ୍ୟସୂଚୀ ପଦ୍ଧତିର ସ୍ୱୟଂଚାଳନାକରଣ
- ଅଧିକ ଆଭିଯାନିକ କର୍ମଚାରୀଙ୍କ ନିଯୁକ୍ତି
- ବ୍ୟୁଲ୍ଡିଂ ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ (ଆରଇ ଏବଂ ସିଏସ)ଆଇନ ୧୯୯୬ ଏବଂ ବ୍ୟୁଲ୍ଡିଂ ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ ମଂଗଳ ସେସ୍ ଆଇନ, ୧୯୯୬ ଅନୁଯାୟୀ ସେସ ନିର୍ଦ୍ଧାରଣ

୪୧୮. ସାଧାରଣ 'ପ୍ରଶାସନିକ ଓ ସାଧାରଣ' ବା ଏ ଆଣ୍ଡ ଜି ବ୍ୟୟ ସହିତ ଅତିରିକ୍ତ ଏ ଆଣ୍ଡ ଜି ବ୍ୟୟ ସଂପର୍କରେ ୱେସକୋ, ନେସକୋ, ସାଉଥକୋ ଓ ସେସୁ ମଧ୍ୟ ପ୍ରସ୍ତାବ ଦେଇଛନ୍ତି। ଏହି ପ୍ରସ୍ତାବିତ ଏ ଆଣ୍ଡ ଜି ବ୍ୟୟ ପରିମାଣ ମୁଖ୍ୟତଃ ସ୍ୱୟଂକ୍ରିୟ ମିଟର ରିଡିଂ କାର୍ଯ୍ୟସୂଚୀ ସମୂହ , ଶକ୍ତି ଅଡିଟ, ଉପଭୋକ୍ତା ସୂଚକାଙ୍କକରଣ, ବିଦ୍ୟୁତ ଖୁଣ୍ଟ ସୂଚୀକରଣ, କ୍ଷେତ୍ରସ୍ଥଳ ବିଲିଂ, ବ୍ୟବସାୟିକ କଲ୍ ସେଣ୍ଟରର ବ୍ୟୟ, ଉପଭୋକ୍ତା ଯନ୍ତ୍ର, ଶକ୍ତି ପୋଲିସ ଥାନା, ସୂଚନା ଓ ପ୍ରଯୁକ୍ତି ଜ୍ଞାନ/ସ୍ୱୟଂକ୍ରିୟକରଣ ଓ ବାକିଆ ଆଦାୟ ପାଇଁ ପାରିତୋଷିକ, ବୀମା , ଗୃହ ନିର୍ମାଣ ପାଇଁ ସେସ୍ ଏବଂ ବିଦ୍ୟୁତ ବିଭାଗୀୟ ସଂସ୍ଥାପନା ସମୂହ ଆଦି ପାଇଁ ଉଦ୍ଦିଷ୍ଟ ଅଟେ।

୪୧୯. ଦୀର୍ଘକାଳୀନ ଟାରିଫ ବ୍ୟବସ୍ଥା ଉପରେ ଆୟୋଗଙ୍କ ଆଦେଶନାମାରେ ୨୦୦୨-୦୩ ଠାରୁ ୨୦୦୭-୦୮ ପର୍ଯ୍ୟନ୍ତ ମୂଳ ବର୍ଷ ଉପରେ ୭% ହାରରେ ଏ ଆଣ୍ଡ ଜି ବ୍ୟୟକୁ ହିସାବର ପଦ୍ଧତିକୁ ଗ୍ରହଣ କରିଆସୁଛନ୍ତି। ଅଧିକନ୍ତୁ, ୨୦୦୮-୦୯ ଠାରୁ ୨୦୧୨-୧୩ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ମଧ୍ୟ ଆୟୋଗ ସେହି ପଦ୍ଧତିକୁ ଗ୍ରହଣ କରିବାର ବ୍ୟବସ୍ଥା କରିଛନ୍ତି । ଆୟୋଗ ଲକ୍ଷ୍ୟ କରିଛନ୍ତି ଯେ, ଏଲଟିଟିଏସ ଅର୍ଡରରେ ସଞ୍ଚାୟନ ମୁତାବକ ଏ ଅଣ୍ଡ ଜି ବ୍ୟୟ ଏକ ନିୟନ୍ତ୍ରଣଯୋଗ୍ୟ ଦର ଏବଂ ବାସ୍ତବାୟନ ଶୃଙ୍ଖଳାରୁ ଉର୍ଦ୍ଧ୍ୱରେ ବଂଟନକାରୀ କଂପାନୀମାନଙ୍କୁ ଏ ଦିଗରେ ବ୍ୟୟ କରିବାକୁ ଅନୁମତି ଦିଆଯିବା ଉଚିତ ନୁହେଁ। ଅତଏବ, ଏ ଆଣ୍ଡ ଜି ବା ପ୍ରଶାସନିକ ଓ ସାଧାରଣ ବ୍ୟୟକୁ ବଂଟନକାରୀ କଂପାନୀମାନେ ମିତବ୍ୟୟତାର ସହ କରିବା ଉଚିତ ଏବଂ ଯଥା ସାଧ କ୍ଷତିକାରକ ଓ ଅପରିହାର୍ଯ୍ୟ ବ୍ୟୟଗୁଡିକୁ ଏଡାଇ ଦେଇଯିବା ଉଚିତ। ଆୟୋଗ ପୁନଶ୍ଚ ପର୍ଯ୍ୟବେକ୍ଷଣ କରିଛନ୍ତି ଯେ, କଂପ୍ୟୁଟରାଇଜେସନ ଏବଂ ସୂଚନା ଓ ପ୍ରଯୁକ୍ତି ଜ୍ଞାନର ସ୍ୱୟଂକ୍ରିୟକରଣ ଯୋଗୁ ସଦ୍ୟ ବିଗତ କେତେ ବର୍ଷ ମଧ୍ୟରେ କର୍ମଚାରୀଙ୍କ ସଂଖ୍ୟା କମିଛି। ତେଣୁ ଏ ଆଣ୍ଡ ଜି ବ୍ୟୟ କମିବା ଉଚିତ। ୱେସକୋ, ନେସକୋ ଓ ସାଉଥକୋର ପ୍ରସ୍ତାବ କ୍ରମେ ଆୟୋଗ ୨୦୦୯-୧୦ ପାଇଁ ଉପଭୋକ୍ତା- ଯନ୍ତ୍ର ବ୍ୟୟ ଉଦ୍ଦେଶ୍ୟରେ ଅତିରିକ୍ତ ପରିମାଣକୁ ଅନୁମୋଦନ କରିଛନ୍ତି। ଫ୍ରିଞ୍ଜେ ବେନିଫିଟ ଟ୍ୟାକ୍ସ ଅର୍ଥାତ୍ ମୁଖ୍ୟ ବେନିଫିଟ ବାଦ୍ ଅତିରିକ୍ତ ବେନିଫିଟ ଶୁଳ୍କ ବିପକ୍ଷରେ ବଂଟନକାରୀମାନଙ୍କର ପ୍ରସ୍ତାବ କ୍ରମେ ଆୟୋଗ ଏକ ଅତିରିକ୍ତ ପରିମାଣକୁ ମଧ୍ୟ ଅନୁମୋଦନ କରିଥିଲେ। ପୂର୍ବ ବର୍ଷର ସ୍ତରରେ ସ୍ୱତନ୍ତ୍ର ପୋଲିସ ଥାନା ବାବଦକୁ ବ୍ୟୟକୁ ମଧ୍ୟ ଆୟୋଗ ଅନୁମତି ଦେଇଥିଲେ। ଆୟୋଗ ପୁନର୍ବାର ପର୍ଯ୍ୟବେକ୍ଷଣ କରିଥିଲେ ଯେ, ଯଦି ନୂତନ ଭାବେ ବିଜ୍ଞପିତ ଶକ୍ତି ପୋଲିସ ଥାନାଗୁଡିକର ନିର୍ବାହନ କାର୍ଯ୍ୟକାରିତା ପାଇଁ ଅଧିକ ବ୍ୟୟର ଆବଶ୍ୟକତା ଆସେ , ତେବେ ଉପଯୁକ୍ତ ଯାଞ୍ଚ ପରେ ବାସ୍ତବାୟନ ଶୃଙ୍ଖଳାରେ ତା'ର ବିଚାର କରାଯିବ।

୪୨୦. ଲାଇନ ଓ ସବଷ୍ଟେସନ ସ୍ଥାପନା ବାବଦକୁ ରାଜ୍ୟ ସରକାରଙ୍କୁ ଏକ ପେମେଣ୍ଟ ସ୍ୱରୂପ ଏଆରଆର ଜରିଆରେ ଭରଣା କରିବାକୁ ୱେସକୋ,ନେସକୋ, ଓ ସାଉଥକୋ ଲାଇନ ଓ ସବ୍‌ଷ୍ଟେସନ ସମୂହର ବାର୍ଷିକ ପରିଦର୍ଶନ ଦେୟ ଦାବୀ କରିଥିଲେ। ଆୟୋଗ ଏ ସଂପର୍କରେ ଅନୁଧ୍ୟାନ କରିଥିଲେ ଯେ, ଏଆରଆରରେ ଅନୁମତି ଦିଆଯାଇଥିବା ସ୍ୱାଭାବିକ ଏ ଆଣ୍ଡ ଜି ବ୍ୟୟ ଉପରେ ଏଭଳି ଦେୟ ଅନ୍ତର୍ଭୁକ୍ତ ହେବ। ତେବେ, ରାଜ୍ୟ ସରକାରଙ୍କ ଦ୍ୱାରା ଉଦ୍ରେକିତ ଚାହିଦା ବିବରଣୀ ସହିତ ତଥ୍ୟଗତ ପ୍ରମାଣ ଉପସ୍ଥାପନା ଉପରେ ଅତିରିକ୍ତ ଏ ଆଣ୍ଡ ଜି ବ୍ୟୟ ଭାବରେ ଏହାକୁ ଅନୁମତି ଦେବାକୁ ଆୟୋଗ ଏକ ମତାୟନ କରିପାରନ୍ତି।

୪୨୧. ଆୟୋଗ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ପ୍ରଶାସନିକ ଓ ସାଧାରଣ ବ୍ୟୟ ବାବଦକୁ ପ୍ରସ୍ତାବର ସମୀକ୍ଷା କରିଥିଲେ। ବିଗତ ବର୍ଷ ଅର୍ଥାତ୍ ୨୦୦୯-୧୦ ଆର୍ଥିକ ବର୍ଷ ପାଇଁ ନର୍ମାଲ ପ୍ରଶାସନିକ ଓ ସାଧାରଣ ବ୍ୟୟ ଉପରେ ୭ ପ୍ରତିଶତର ଏକ ବୃଦ୍ଧିକୁ ଆୟୋଗ ବିଚାର କରିଛନ୍ତି, ଯାହା ଏଲଟିଟିଏସ ଅର୍ଡର ପ୍ରକାରରେ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ନର୍ମାଲ ପ୍ରଶାସନିକ ଓ ସାଧାରଣ ବ୍ୟୟ ଭାବରେ ବିବେଚିତ ହେବ, ଏବଂ ପରବର୍ତ୍ତୀ କଣ୍ଟ୍ରୋଲ ପିରିଅଡ ପାଇଁ ଏହାକୁ ମଧ୍ୟ ଗ୍ରହଣୀୟ ବୋଲି ବିବେଚନା କରିଛନ୍ତି।

୪୨୨. ଅତିରିକ୍ତ ବ୍ୟୟ ବରାଦ ସଂପର୍କରେ କୁହାଗଲେ, ୨୦୧୦ -୧୧ ଆର୍ଥିକ ବର୍ଷ ପାଇଁ ବଂଟନକାରୀ କଂପାନୀଙ୍କ ଦ୍ୱାରା ପ୍ରସ୍ତାବିତ 'ଉପଭୋକ୍ତା ଯନ୍ତ୍ର' ଉଦ୍ଦେଶ୍ୟରେ ଆୟୋଗ ବ୍ୟୟ ବରାଦ କରିଥିଲେ। ସ୍ୱତନ୍ତ୍ର ଶକ୍ତି ପୋଲିସ ଥାନା ସଂପର୍କରେ କୁହାଗଲେ, ଓଡିଶା ସରକାର ତାଙ୍କର ୨୩.୧୦.୨୦୦୮ ର ବିଜ୍ଞପ୍ତି ସଂଖ୍ୟା ୪୭୫୧୪ ମୂଳେ ସାରା ରାଜ୍ୟରେ ୨୯ ଟି ଶକ୍ତି ପୋଲିସ ଥାନା ପ୍ରତିଷ୍ଠା କରିବାକୁ ବିଜ୍ଞପିତ କରିଛନ୍ତି। ସେହି ଅନୁସାରେ ବଂଟନକାରୀ କଂପାନୀମାନେ ଉପସ୍ଥାପନ କରିଛନ୍ତି ଯେ, ମଂଜୁରୀପ୍ରାପ୍ତ ସବୁ ଶକ୍ତି ପୋଲିସ ଥାନା ସେମାନଙ୍କ ଆୟତ୍ତାଧିନ ଅଂଚଳରେ ୧.୪.୨୦୧୦ ଠାରୁ କାର୍ଯ୍ୟ ନିର୍ବାହ ଆରମ୍ଭ କରିବ। ସେଗୁଡିକରେ ନିଯୁକ୍ତ କର୍ମଚାରୀଙ୍କ ବେତନ , ଜାଳେଣି (ଗାଡି ପାଇଁ ) ଖର୍ଚ୍ଚ, ଆସବାବପତ୍ର ତଥା ସ୍ଥାପନା ଜନିତ ଖର୍ଚ୍ଚ ସବୁକୁ ବଂଟନକାରୀ କଂପାନୀଙ୍କୁ ବହନ କରିବାକୁ ପଡିବ। ତା'ଛଡା ସେହି ସବୁ ପୋଲିସ ଥାନାର କାର୍ମଚାରୀଙ୍କ ବେତନ ଓ ଭତ୍ତା ଆଦି ୬ଷ୍ଠ ବେତନ ଆୟୋଗଙ୍କ ସଂଶୋଧିତ ହାର ଅନୁଯାୟୀ ଦେବାକୁ ପଡିବ। ଅର୍ଥାତ୍ ସେଥିପାଇଁ ଅଧିକ ବ୍ୟୟ ଭାର ବହନ କରିବାକୁ ପଡିବ। ହାରାହାରି ବୈଷୟିକ ଓ ବ୍ୟବସାୟିକ କ୍ଷତି ହ୍ରାସ ଉପରେ ଆୟୋଗ ଗୁରୁତ୍ୱ ଦେଇ ଆସୁଛନ୍ତି ଏବଂ ଶକ୍ତି ପୋଲିସ ଥାନାର ସହାୟତା ବିନା ଏଭଳି ଏକ କାର୍ଯ୍ୟ ସଂପନ୍ନ କରିବା କଷ୍ଟକର ହେବ। ଅତଏବ, ମୁଖ୍ୟତଃ ଏହି ଉଦ୍ଦେଶ୍ୟରେ ବଂଟନକାରୀ କଂପାନୀଙ୍କ ପ୍ରସ୍ତାବ ମତେ ଶକ୍ତି ପୋଲିସ ଥାନା ପାଇଁ ଆୟୋଗ ବ୍ୟୟ ବରାଦ କରିଛନ୍ତି। ରାଜ୍ୟ ସରକାରଙ୍କ ଅନୁମୋଦନ ପ୍ରାପ୍ତ ହୋଇଥିବା ସବୁ ଶକ୍ତି ପୋଲିସ ଥାନା ଆଗାମୀ ଆର୍ଥିକ ବର୍ଷ ଶେଷ ସୁଦ୍ଧା କାର୍ଯ୍ୟ ଆରମ୍ଭ କରିବ ବୋଲି ଆୟୋଗ ଆଶା ପ୍ରକାଶ କରିଛନ୍ତି। ସୁତରାଂ, ଏହି ସବୁ ପୋଲିସ ଥାନାଗୁଡିକୁ ଉପଯୁକ୍ତ ଭାବେ କାର୍ଯ୍ୟକାରୀ କରାଇବା ନିମନ୍ତେ ବଂଟନକାରୀ କଂପାନୀମାନେ ରାଜ୍ୟ ସରକାରଙ୍କ ସହ ଘନିଷ୍ଠତା ରକ୍ଷା କରିବା ଉଚିତ। ବିଦ୍ୟୁତ ବିଭାଗର ଆନୁଷଙ୍ଗିକ ଗୁରୁତ୍ୱପୂର୍ଣ୍ଣ ସମାଗ୍ରୀ ସମୂହର ସ୍ୱୟଂକ୍ରିୟକରଣ ଏବଂ ସୂଚନା ଓ ପ୍ରଯୁକ୍ତି ଜ୍ଞାନ ବାବଦ ବ୍ୟୟ ସଂପର୍କରେ କୁହାଯାଇପାରେ ଯେ, ଅନୁମତିଧାରୀଙ୍କ ପ୍ରସ୍ତାବ ଅନୁଯାୟୀ ଆୟୋଗ ବ୍ୟୟ ବରାଦ କରିଛନ୍ତି। ୨୦୧୦-୧୧ ଆ.ବ ପାଇଁ ବିତରକ କଂପାନୀଂକୁ କରାଯାଇଥିବା ସମୁଦାୟ ପ୍ରଶାସନିକ ଓ ସାଧାରଣ ବ୍ୟୟ ସମୁହର ସାରାଂଶ ନିମ୍ନ ସାରଣୀରେ ପ୍ରଦାନ କରାଗଲା।

**ସାରଣୀ – ୫୯**

(କୋଟି ଟଙ୍କା)

| **ଆର୍ଥିକ ବର୍ଷ ୨୦୧୦-୧୧ ପାଇଁ ଏ ଏଣ୍ଡ ଜି ବ୍ୟୟ** | **ୱେସ୍କୋ** | **ନେସ୍କୋ** | **ସାଉଥ୍କୋ** | **ସେସୁ** |
|---|---|---|---|---|
| **ସାଧାରଣ ଏ ଏଣ୍ଡ ଜି ବ୍ୟୟ** | ୨୦.୭୫ | ୧୩.୮୭ | ୧୧.୯୪ | ୨୯.୯ |
| **ଅତିରିକ୍ତ ଏ ଏଣ୍ଡ ଜ ବ୍ୟୟ** | | | | |
| କଷ୍ଟମର କେଆର ସେଣ୍ଟର/କଲ୍ ସେଣ୍ଟର ପାଇଁ ବ୍ୟୟ<br>**Expenses for Customer Care Centers/ Call Centres** | ୦.୦୨ | ୦.୩୦ | ୨.୨୮ | ୧.୧୬ |
| ସ୍ୱତନ୍ତ୍ର ପୋଲିସ ଷ୍ଟେସନ | ୩.୮୧ | ୨.୨୭ | ୩.୭୪ | ୪.୮ |
| ଅଟୋମେସନ/ସୂଚନା ପ୍ରଜୁ୍ୟକ୍ତି ବ୍ୟୟ<br>**Automation/IT expenses** | ୦.୨୧ | ୦.୬୭ | | |
| ସମୁଦାୟ ଅତିରିକ୍ତ ବ୍ୟୟ | ୩.୦୪ | ୩.୨୪ | ୬.୦୨ | ୫.୯୬ |
| ସମୁଦାୟ ଏ' ଆଣ୍ଡ ଜି' ବ୍ୟୟ | **୨୪.୭୯** | **୧୭.୧୧** | **୧୭.୯୬** | **୩୫.୮୬** |

୪୨୩. ବିଦ୍ୟୁତ ଚୋରି ରୋକିବା ସଂପର୍କରେ ଓଡ଼ିଶା ସରକାର ୨୦୧୦ ଫେବୃୟାରୀ ୨୩ ତାରିଖର ଚିଠି ନଂ ୧୫୭୭ / ଇଏନ ମୂଳେ ନିମ୍ନମତେ ବ୍ୟକ୍ତ କରିଛନ୍ତି।

"ବିଦ୍ୟୁତ ଶକ୍ତି ଚୋରି ଜନିତ ଅପରାଧ ଓ ତଦନ୍ତ ଓ ତତ୍ ସଂପର୍କିତ ମାମଲାଗୁଡିକର ବିଚାର ପାଇଁ ଓଡ଼ିଶା ସରକାର ୫ ଟି ପୋଲିସ ଥାନା (ଶକ୍ତି )ଓ ୫ ଟି ସ୍ୱତନ୍ତ୍ର କୋର୍ଟର ସ୍ଥାପନା କରିଛନ୍ତି। ପରବର୍ତ୍ତୀ ସମୟରେ, ରାଜ୍ୟ ସରକାର ସବୁ

ପୋଲିସ ଅଧିକାରୀମାନଙ୍କୁ (ସବ ଇନ୍ସ୍ପେକ୍ଟର ପାହ୍ୟାରୁ କମ ନୁହେଁ ) ବିଦ୍ୟୁତ ଚୋରି ମାମଲାଗୁଡିକର ତଦନ୍ତ କରିବାକୁ କ୍ଷମତାସଂପନ୍ନ କରାଇଛନ୍ତି। ଏହି ଉଦ୍ଦେଶ୍ୟରେ ରାଜ୍ୟ ସରକାର ସବୁ ପୋଲିସ ଥାନାକୁ ବିଜ୍ଞପିତ କରାଇଛନ୍ତି ଏବଂ ସେଥି ମଧ୍ୟରୁ ୩ ଟି (ଢେଙ୍କାନାଳ, ନୟାଗଡ, କେନ୍ଦ୍ରାପଡା)କୁ କାର୍ଯ୍ୟ ନିର୍ବାହକ୍ଷମ କରାଯାଇ ସାରିଛି। ଏହି ୩ ଟି ଶକ୍ତି ପୋଲିସ ଥାନାର କାର୍ଯ୍ୟନିର୍ବାହନକୁ ସମୟକୁ ସମୟ ରାଜ୍ୟ ସରକାରଙ୍କ ଦ୍ୱାରା ପୁନଃ ମତାୟନ କରାଯାଉଛି। ତା'ଛଡା ଶକ୍ତି ପୋଲିସ ଥାନାଗୁଡିକର ତତ୍ତ୍ୱାବଧାନ ଆଇ.ଜି ପାହ୍ୟାର ପୋଲିସ ଅଧିକାରୀଙ୍କ ଦ୍ୱାରା କରାଯିବାର ମାନ୍ୟବର ଆୟୋଗଙ୍କ ପ୍ରସ୍ତାବ ଅବଶ୍ୟ ସରକାରଙ୍କର ବିଚରାଧିନ ଅଛି।

ସ୍ୱତନ୍ତ୍ର ପୋଲିସ ଥାନା ପାଇଁ ଅର୍ଥ ବ୍ୟବସ୍ଥାକୁ ଅନୁମୋଦନ କରିବା ପରିପ୍ରେକ୍ଷୀରେ ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି ଯେ, ପ୍ରତି ମାସରେ ରାଜ୍ୟ ସରକାରଙ୍କର ଶକ୍ତି ବିଭାଗର ସଚିବ ଓ ଆଇଜି ପାହ୍ୟାରୁ ନିମ୍ନରେ ହୋଇ ନଥିବା ଜଣେ ପୋଲିସ ଅଧିକାରୀ (ଯିଏ କି ପୋଲିସ ବିଭାଗର ଡିଜି/ଶକ୍ତି ବିଭାଗର ମୁଖ୍ୟ ସଚିବଙ୍କ ଦ୍ୱାରା ସ୍ୱତନ୍ତ୍ରଭାବେ କାର୍ଯ୍ୟନ୍ୟସ୍ତ ହୋଇଥିବେ)ମିଳିତ ଭାବେ ଶକ୍ତି ପୋଲିସ ଥାନାରେ ଦାୟର କରାଯାଉଥିବା ଅପରାଧ ସଂଖ୍ୟା ଓ ଅପରାଧୀଙ୍କୁ ଦଣ୍ଡ ଦେବା ଜନିତ ରାଜସ୍ୱ ଅର୍ଜନରୁ ସଂପୃକ୍ତ ଶକ୍ତି ପୋଲିସ ଥାନାର ସକ୍ରିୟ ଓ ଯୋଗ୍ୟ ନିର୍ବାହନକୁ ନିର୍ବାଚନ କରାଯିବ।

୪୨୪. ପ୍ରତିଷ୍ଠାନର ବିକାଶ ପାଇଁ ଅନୁମତିଧାରୀମାନଙ୍କର ଅଧିକାରୀ ଓ କର୍ମଚାରୀମାନଙ୍କୁ ତାଲିମ ପ୍ରଦାନ କରିବା ଏକ ଗୁରୁତ୍ୱପୂର୍ଣ୍ଣ ବିଭାବ, କାରଣ ବିବର୍ତ୍ତିତ ସମୟକୁ ନେଇ ପ୍ରଯୁକ୍ତି ଜ୍ଞାନରେ ଦକ୍ଷତା ଆବଶ୍ୟକ ଓ ଅନ୍ୟ ସମାନ୍ତରାଳ ପ୍ରତିଷ୍ଠାନଗୁଡିକ ଏହି ଧାରାରେ ଖୁବ ଆଗେଇ ଗଲେଣି। ତେଣୁ ଶକ୍ତି ବ୍ୟବସାୟରେ ସର୍ବୋତ୍କୃଷ୍ଟ ସଫଳତା ହାସଲ ପାଇଁ ପ୍ରଯୁକ୍ତି ଓ ବୈଷୟିକ ଜ୍ଞାନ ଭିତ୍ତିକ ଦକ୍ଷ ଅଧିକାରୀ ଓ କର୍ମଚାରୀଙ୍କ ନିଯୁକ୍ତି ବିବର୍ତ୍ତିତ ସମୟର ଅପରିହାର୍ଯ୍ୟ ଆବଶ୍ୟକତା ଅଟେ। ପରିଣାମତଃ , ଅନୁମତିଧାରୀମାନେ ସେମାନଙ୍କର କର୍ମଚାରୀମାନଙ୍କ ପାଇଁ ତାଲିମ ସିଡ୍ୟୁଲର ଏକ କ୍ୟାଲେଣ୍ଡର ପ୍ରସ୍ତୁତ କରିବା ଦରକାର, ଯାହା ସେମାନଙ୍କର ନୈପୁଣ୍ୟକୁ ବିକଶିତ କରିବ ଏବଂ ସେମାନଙ୍କ ଉପରେ ନ୍ୟସ୍ତ କାର୍ଯ୍ୟଭାରକୁ ଉତ୍କୃଷ୍ଟତର ଭାବେ ସଂପନ୍ନ କରିବାକୁ ସେମାନଙ୍କ ମଧ୍ୟରେ ପ୍ରବଣତା ଓ ପ୍ରବର୍ତ୍ତନା ସୃଷ୍ଟି କରିବ। ତେଣୁ, ସାଧାରଣ ଓ ସ୍ୱାଭାବିକ ପ୍ରଶାସନିକ ଓ ସାଧାରଣ ବ୍ୟୟ ବାଦ୍ ତାଲିମ ପ୍ରୋଗ୍ରାମ ଉଦ୍ଦେଶ୍ୟରେ ପ୍ରତି ବଂଟନକାରୀ କଂପାନୀଙ୍କୁ ୫୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା (୨୦୧୦-୧୧ ଆର୍ଥିକ ବର୍ଷ ପାଇଁ) ଦେବାକୁ ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି।

୪୨୫. ଶୁଣାଣି ଚାଲିଥିବା ବେଳେ, ଅନେକ ଅଭିଯୋଗକାରୀ ଆଲୋକପାତ କରିଥିଲେ ଯେ, ବିଲିଂ ଓ ଆଦାୟ ଏକ ସମସ୍ୟା ରୂପେ ଉଭା ହେଉଛି, କାରଣ ଏ ନେଇ ଅନେକ ଉପଭୋକ୍ତାଙ୍କ ଠାରୁ ବିଭିନ୍ନ ପ୍ରକାରର ଅଭିଯୋଗମାନ ଆସୁଛି। ଅବଶ୍ୟ ଆୟୋଗ ସଚେତନ ଅଛନ୍ତି ଯେ, ବଂଟନକାରୀ କଂପାନୀମାନେ ଅନେକତ୍ର ବିଲିଂ ସଫଟ୍ଓ୍ୱାରର ବ୍ୟବହାର କରୁଛନ୍ତି। ତା'ଛଡା ପ୍ରତି ଉପଭୋକ୍ତାଙ୍କ ଉଦ୍ଦେଶ୍ୟରେ ବଂଟନକାରୀ କଂପାନୀମାନେ ସେମାନଙ୍କର ଡାଟାବେସ୍ ପ୍ରସ୍ତୁତ କରିଛନ୍ତି ଓ ପ୍ରତି କଂପାନୀଙ୍କର ୱେବସାଇଟରେ ମଧ୍ୟ ବିଲିଂର ପୁଙ୍ଖାନୁପୁଙ୍ଖତା ସ୍ଥାନିତ କରାଯାଉଛି। ଏହା ଦ୍ୱାରା ତଥ୍ୟଗତ ତ୍ରୁଟି କମ ରହୁଛି, କମ ସମୟରେ ବିଲ୍ ପ୍ରସ୍ତୁତ ହୋଇପାରୁଛି, ଯଦ୍ଦ୍ୱାରା ବିଲିଂ ସଂପର୍କିତ ଖୁବ କମ ଅଭିଯୋଗ ଆସୁଛି। ଆୟୋଗ କହିଛନ୍ତି ଯେ, ବିଲିଂ ପଦ୍ଧତିରେ ଏତେ ସବୁ ଉତ୍କୃଷ୍ଟତା ସତ୍ତ୍ୱେ ଯଦି ଦେୟ ଆଦାୟରେ ଉନ୍ନତି ପରିଲକ୍ଷିତ ନ ହୁଏ, ତେବେ ଉତ୍କୃଷ୍ଟ ବିଲିଂ ପଦ୍ଧତିର କିଛି ଅର୍ଥ ନାହିଁ ବୋଲି ବୁଝାଯିବ। ଅବଶ୍ୟ ସହର ଓ ନଗରମାନଙ୍କରେ ଦେୟ ଆଦାୟରେ ବୈଚାରିକ-ଉନ୍ନତି ପରିଲକ୍ଷିତ ହୋଇଛି, କିନ୍ତୁ ଅର୍ଦ୍ଧ ସହର ଓ ଗ୍ରାମାଞ୍ଚଳରେ ତଥାପି ଯଥେଷ୍ଟ ପ୍ରୟାସର ଆବଶ୍ୟକତା ଅଛି। ପଦ୍ଧତିକୁ ଏକ ଉତ୍କୃଷ୍ଟ ଢାଞ୍ଚାରେ ଗତିଶୀଳ କରାଇବାକୁ ଆୟୋଗ ନିମ୍ନଲିଖିତ କୌଶଳ ସମୂହର ଅବଲମ୍ବନ ପାଇଁ ବଂଟନକାରୀ କଂପାନୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

□ ୧. ସଂପ୍ରତି, ମାସର ୭ ତାରିଖ ଠାରୁ ବିଲିଂ ଚକ୍ର ଆରମ୍ଭ ହୋଇ ୨୫ ତାରିଖ ସୁଦ୍ଧା ସରୁଛି। ଯେଉଁ ଉପଭୋକ୍ତାମାନଙ୍କୁ ମାସର ଶେଷ ସପ୍ତାହରେ ବିଲ ଦିଆଯାଉଛି। ସେମାନେ ଦେୟ ପ୍ରସ୍ତୁତ କରିବାକୁ ୧୫ ଦିନର ସମୟ ମଧ୍ୟ ପାଉନାହାନ୍ତି ଏବଂ ଅନେକତ୍ର ବିଲ ଦେବାର ଧାର୍ଯ୍ୟ ଦିନ ମାସର ଶେଷ ଦିନରେ ବି ପଡୁଛି। ଅତଏବ, ଏହି ଉପଭୋକ୍ତାମାନେ ରିହାତି ସମୟ ପାଇବାରୁ ବଂଚିତ ହେଉଛନ୍ତି, ଯାହା ଫଳରେ ଦେୟ ବାକିଆ ପଡିଯାଉଛି। ଏହି ସତ୍ୟକୁ ବିଚାର କରି, ଆୟୋଗ ପରାମର୍ଶ ଦେଉଛନ୍ତି ଯେ, ପହିଲା ଠାରୁ ମାସର ଶେଷଦିନ ପର୍ଯ୍ୟନ୍ତ ଅର୍ଥାତ୍ ସାରା ମାସ ବିଲିଂ ଚକ୍ର କାମ କଲେ, ଉପଭୋକ୍ତାମାନେ ୧୫ ଦିନର ରିହାତି ସମୟ ପାଇ ପାରନ୍ତେ। ଏହା ଦ୍ୱାରା ନିମ୍ନୋକ୍ତ ସୁବିଧାମାନ ମଧ୍ୟ ହୋଇପାରନ୍ତା।

(କ) ସମୁଦାୟ ବିଲିଂ ପରିକ୍ରମା ଅଂଚଳକୁ ପ୍ରତି ଦିନ ଓ୍ୱାରୀ ବାଣ୍ଟି ଦିଆଗଲେ ମିଟର ରିଡର ସବୁ ଉପଭୋକ୍ତାଙ୍କୁ ପରିକ୍ରମା କରିପାରିବେ।

(ଖ) ଯଦି ନିର୍ଦ୍ଦିଷ୍ଟ ଦିନର ବ୍ୟବଧାନରେ ପେମେଣ୍ଟ ତାରିଖକୁ ସାରା ମାସ ପାଇଁ ଧାର୍ଯ୍ୟ କରାଯାଆନ୍ତା। ତେବେ ପେମେଣ୍ଟ କାଉଣ୍ଟରରେ ଏତେ ଭିଡ ହୁଅନ୍ତା ନାହିଁ।

(ଗ) ଦେୟ ଖିଲାପ ଜନିତ କାରଣରୁ ସେବା ସଂଯୋଗ ଛିନ୍ନ କରାଯିବାର ନୋଟିସ ଦେବା କାର୍ଯ୍ୟ ଓ ସେବା ସଂଯୋଗ ଛିନ୍ନ କରାଯିବା କାର୍ଯ୍ୟ ମଧ୍ୟ ସାରା ମାସ କରାଯାଇପାରିବ।

(ଘ) ସାରା ମାସ ଦେୟ ଆଦାୟ ହେବା ଯୋଗୁ ଅନୁମତିଧାରୀଙ୍କ ପାଖରେ ସବୁବେଳେ ଅର୍ଥ ରହିପାରନ୍ତା ଏବଂ ବ୍ୟାଙ୍କରୁ ଆଣିଥିବା ଋଣର ଓଭରଡ୍ରାଫ୍ଟ ସୁବିଧା ଉପରେ ସେମାନଙ୍କୁ କମ ସୁଧ ବି ଦେବାକୁ ପଡନ୍ତା।

୨. ଉପଭୋକ୍ତାଙ୍କୁ ବିଲ୍ ଦେଇ ସାରିବା ପରେ ମିଟର ରିଡର ଏସ୍‌ବିଏସ୍ ଡାଟାକୁ ଡାଉନ ଲୋଡ କରିବେ। ଅର୍ଦ୍ଧ ସହରାଞ୍ଚଳ ବା ଗ୍ରାମାଞ୍ଚଳରେ ପ୍ରତି ୩ ଦିନରେ ଏସବିଏସର ଡାଉନ ଲୋଡିଂ କରାଯାଇପାରେ।

୩. ଦୈନିକ ଭିତ୍ତିରେ ଡିଭିଜନ କାର୍ଯ୍ୟାଳୟରେ ଉପଲବ୍ଧ କଂପ୍ୟୁଟରରେ ସବୁ ସଂଗୃହୀତ ତଥ୍ୟ ବିଲିଂ/ଆଦାୟ ଡାଟା-ବେସ୍‌ରେ ଭର୍ତ୍ତି କରାଯିବ।

୪. ଦୈନିକ ଭିତ୍ତିରେ ବିଲିଂ ଓ ଆଦାୟ ତଥ୍ୟର ନିୟମିତକରଣ ପାଇଁ ଡିଭିଜନ ଓ କାର୍ଯ୍ୟାଳୟର ସହକାରୀ ପ୍ରବନ୍ଧକ (ଅର୍ଥ) ଦାୟୀ ରହିବେ। ଖିଲାପୀ ଉପଭୋକ୍ତାଙ୍କ ଉଦ୍ଦେଶ୍ୟରେ ସେ ହିଁ ସେବା ସଂଯୋଗ ଛିନ୍ନକାରୀ ସ୍କ୍ୱାର୍ଡ ଜରିଆରେ ସେବା ସଂଯୋଗ ଛିନ୍ନ କରିବା ସଂପର୍କରେ ଏଏମସି ନିଶ୍ଚିତ ହେବେ। ସବଡିଭିଜନର ଜୁନିଅର ଆକାଉଣ୍ଟାଣ୍ଟ ସେବା ସଂଯୋଗ ଛିନ୍ନ ସଂପର୍କିତ ବଂଟନ କରାଯିବାକୁ ଥିବା ରିପୋର୍ଟ ଏବଂ ନୋଟିସ ଦିଆଯିବା ପରେ ଛିନ୍ନ କରାଯାଇଥିବା ସେବା ସଂଯୋଗ ସଂପର୍କରେ ରିପୋର୍ଟ ଡିଭିଜନ ଅଫିସର ସହକାରୀ ପ୍ରବନ୍ଧକ (ଅର୍ଥ )ଙ୍କୁ ଦେବେ।

୫. ଯେଣୁ, ମାସ ସାରା ଉପଭୋକ୍ତାଙ୍କ ପାଇଁ ବିଲ୍ ଦେୟ ଦେବାର ସୁବିଧା ରହିବ, ତେଣୁ ସେବା ସଂଯୋଗ ଛିନ୍ନର ପ୍ରକ୍ରିୟାକୁ ନିୟମିତ ଦୈନିକ ଭିତ୍ତିରେ ବିଭାଗୀୟ ଯନ୍ତ୍ରୀ ଓ ସହକାରୀ ପ୍ରବଂଧକ (ଅର୍ଥ)ଙ୍କ ଦ୍ୱାରା ସହଜରେ ବିଶ୍ଳେଷଣ କରାଯାଇପାରିବ।

୬. ମିଟର ରିଡିଂ ଓ ଦେୟ ଆଦାୟର ଉତ୍କୃଷ୍ଟ ତତ୍ତ୍ୱାବଧାନ ପାଇଁ ଅନ୍ୟୂନ ୪ ମାସରେ ଥରେ ମିଟର ରିଡର ଓ ବିଲ ଆଦାୟକାରୀଙ୍କର ଅଦଳ ବଦଳ କରାଯିବ।

୭. ବିଭିନ୍ନ ଅଂଚଳରେ ମିଟର ରିଡିଂରେ କୌଣସି ପ୍ରକାର ଜାଲିଆତିକୁ ପୁଙ୍ଖାନୁପୁଙ୍ଖ ଭାବେ ଯାଞ୍ଚ କରିବା ନିମନ୍ତେ ଏକ ଅଧିକ କ୍ଷମତାପନ୍ନ ଦଳଙ୍କୁ ନିଯୁକ୍ତି ଦିଆଯିବ।

<u>ମରାମତି ଓ ତୁଲାଜମା ବ୍ୟୟ ସମୂହ</u>

୪୨୬. ବିଭାଗୀୟ ଆନୁଷଙ୍ଗିକ ସାମଗ୍ରୀ ଓ ଯନ୍ତ୍ରାଂଶ ମରାମତି ଓ ତୁଲାଜମା ବାବଦକୁ ବଂଟନକାରୀ କଂପାନୀମାନେ ସଦ୍ୟ ବିଗତ ପୂର୍ବ ବର୍ଷର (୨୦୦୯-୧୦ ଆର୍ଥିକ ବର୍ଷ) ଅନୁମୋଦିତ ପରିମାଣ ତୁଳନାରେ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ନିମ୍ନ ଲିଖିତ ଢାଞ୍ଚାରେ ଅତ୍ୟଧିକ ପରିମାଣର ପ୍ରଦର୍ଶନ ସେମାନଙ୍କ ଏଆରଆରରେ କରିଛନ୍ତି।

**ସାରଣୀ – ୬୦**

(କୋଟି ଟଙ୍କା)

| ଆର୍ଥିକ ବର୍ଷ ୨୦୧୦-୧୧ପାଇଁ ପ୍ରସ୍ତାବିତ ଆର୍ ଏଣ୍ଡ ଏମ୍ | ୱେସ୍କୋ | ନେସ୍କୋ | ସାଉଥ୍କୋ | ସେସୁ |
|---|---|---|---|---|
| ଆର୍ଥିକ ବର୍ଷ ୨୦୦୯-୧୦ ପାଇଁ ଅନୁମୋଦିତ | ୨୬.୦୧ | ୨୬.୮୮ | ୨୦.୬୩ | ୪୦.୪୬ |
| **ଆର୍ଥିକ ବର୍ଷ ୨୦୧୦-୧୧ପାଇଁ ପ୍ରସ୍ତାବିତ** | | | | |
| **(କ) ବର୍ଷ ପାଇଁ ପ୍ରସ୍ତାବିତ** | ୪୮.୧୮ | ୫୭.୭୬ | ୩୩.୭୧ | ୧୩୩.୮୫ |
| (ଖ) ବିଗତ ବର୍ଷର ଅନୁମୋଦିତ ପ୍ରସ୍ତାବିତ ଓ ବାସ୍ତବିକ ମଧ୍ୟରେ ପାର୍ଥକ୍ୟ<br>ଭ) Proposed to be passed on for the previous years being difference between approval and actual | ୬୧.୨୬ | ୬୯.୨୧ | ୬୯.୬୭ | - |
| **ଆର୍ଥିକ ବର୍ଷ ୨୦୧୦-୧୧ ପାଇଁ ସମୁଦାୟ ପ୍ରସ୍ତାବିତ** | **୧୦୯.୪୪** | **୧୨୬.୯୭** | **୧୦୩.୩୮** | **୧୩୩.୮୫** |
| **ଆର୍ଥିକ ବର୍ଷ** ୨୦୦୯-୧୦ରେ ଅନୁମୋଦିତ ବର୍ଦ୍ଧିତ ରାଶିର ପ୍ରତିଶତ ପରିମାଣ | ୩୦୫.୧୮ | ୩୫୫.୪୨ | ୩୯୮.୭୦ | ୨୩୦.୮୨ |

୪୨୭. ୱେସକୋ, ନେସକୋ, ସାଉଥକୋ ଏବଂ ସେସୁ 'ମରାମତି ଓ ତୁଲାଜମା' ବାବଦକୁ ୨୦୦୯-୧୦ ଆର୍ଥିକ ବର୍ଷର ଅନୁମୋଦିତ ପରିମାଣ ଉପରେ ଯଥାକ୍ରମେ ୩୦୫%, ୩୫୫%, ୩୯୮% ଓ ୨୭୦% ର ବର୍ଦ୍ଧିତ ପରିମାଣ ପ୍ରଦର୍ଶନ କରିଛନ୍ତି। ୱେସକୋ, ନେସକୋ ଓ ସାଉଥକୋ ୨୦୦୯-୧୦ ଆର୍ଥିକ ବର୍ଷରେ ମଧ୍ୟ ଏଭଳି ଉଚ୍ଚା ଓ ଅହେତୁକ-ଆବଶ୍ୟକତାର ପ୍ରଦର୍ଶନ କରିଥିଲେ। ଏ ସଂପର୍କରେ ଆୟୋଗ ୨୦୦୯-୧୦ ଆର୍ଥିକ ବର୍ଷର ଟାରିଫ ଆଦେଶନାମାକୁ ନିମ୍ନମତେ ପରୀକ୍ଷଣ କରିଛନ୍ତି।

☐ "୩୬୧ ୱେସକୋ, ନେସକୋ ଓ ସାଉଥକୋ ସେମାନଙ୍କର ଉପସ୍ଥାପନାର ଦର୍ଶାଇଥିଲେ ଯେ, ଗ୍ରୀଡକୋର କଟକଣିତ ଏସକ୍ରୋ ମେକାନିଜମ ବା ଏସକ୍ରୋ ମେକାନିଜମରେ କୋହଳ କରା ନଯିବା ଯୋଗୁ ସେମାନେ ଆୟୋଗଙ୍କ ଅନୁମୋଦିତ ପରିମାଣ ସହ ସମାନ ପରିମାଣର ମରାମତି ଓ ତୁଲାଜମା ବ୍ୟୟ ପ୍ରଦର୍ଶନ କରିପାରିନାହାନ୍ତି। ଯେଣୁ ବାସ୍ତବାୟନ ଅନୁଶୀଳନ ରେ ପ୍ରକୃତ ବ୍ୟୟ ପରିମାଣ ବିଚାର କରାଯାଇଥାଏ, ତେଣୁ ଅନୁମତିଧାରୀମାନେ ନିଅଣ୍ଟ ପରିମାଣକୁ ଦାବୀ କରିଛନ୍ତି, ଅର୍ଥାତ୍ ଅନୁମୋଦିତ ପରିମାଣ ଓ ପ୍ରକୃତ ପରିମାଣ ମଧ୍ୟରେ ପାର୍ଥକ୍ୟଗତ ପରିମାଣକୁ ୨୦୦୯-୧୦ ଆର୍ଥିକ ବର୍ଷର ଏଆରଆରରେ ପାସ କରାଇବାକୁ ଦାବୀ କରିଛନ୍ତି। ଅବଶ୍ୟ , ସେହି ଆର୍ଥିକ ବର୍ଷ ପାଇଁ ଏହି ପରିମାଣ ସାଧାରଣ ବା ସ୍ୱାଭାବିକ ଆବଶ୍ୟକତା ଠାରୁ ଅଧିକ ଅଟେ। ସ୍ଥୁଳତଃ , ସମୁଦାୟ ସ୍ଥିର ଆସେଟ ଦାମର ୫.୪% ହାରରେ ଅନୁମତିଧାରୀମାନେ ସାଧାରଣ ଆବଶ୍ୟକତାକୁ ସ୍ଥିର କରିଛନ୍ତି (୨୦୦୯-୧୦ ଆର୍ଥିକ ବର୍ଷ ପାଇଁ)"ପୂର୍ବବର୍ଷର ସାଧାରଣ/ସ୍ୱଭାବିକ 'ମରାମତି ଓ ତୁଲଜମା ବ୍ୟୟ' 'ମରାମତି ଓ ତୁଲାଜମା' ବାବଦକୁ ଖାପଛଡା ବା ଅପ୍ରତ୍ୟାଶିତ ବିବରଣୀ ନିମ୍ନ ସାରଣୀରେ ପ୍ରଦାନ କରାଗଲା।

୩୬୨. ପଦ୍ଧତିର ପ୍ରକାର ନିମନ୍ତେ ଅସନ୍ତୁଳିତ ଅର୍ଥ ଆଗମନ ଏବଂ ଉପସ୍ଥିତ କାର୍ଯ୍ୟ ନିର୍ବାହ ନିମନ୍ତେ ଆନୁଷଙ୍ଗିକ ସଂରଚନାତ୍ମକ ଭିତ୍ତିର ଅଭାବ ଯୋଗୁ ମରାମତି ଓ ତୁଲାଜମା ବାବଦକୁ ଏହି ଖାପଛଡା ଓ ଅପ୍ରତ୍ୟାଶିତ ବ୍ୟୟିତ ପରିମାଣର ଆବଶ୍ୟକତା ପଡିଥାଏ। ଏହି ଖାପଛଡା ଓ ଅପ୍ରତ୍ୟାଶିତ ବ୍ୟୟ ପରିମାଣର ଆକଳନ ନିମନ୍ତେ , ଆୟୋଗ ୱେସକୋ, ନେସକୋ ଓ ସାଉଥକୋ ଦ୍ୱାରା ଉପସ୍ଥାପିତ ଅଡିଟ କରାଯାଇଥିବା ଆକାଉଣ୍ଟସମୂହକୁ ଭିତ୍ତି କରି ୧୯୯୯-୨୦୦୦ ଆର୍ଥିକ ବର୍ଷ ଠାରୁ ୨୦୦୭-୦୮ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ବଂଟନକାରୀ କଂପାନୀମାନଙ୍କର ବିଲିଂ ଓ ଆଦାୟ ଦେୟର ବିଶ୍ଳେଷଣ କରିଥିଲେ। ଏହି ବିଲିଂ ଓ ଆଦାୟ ଜନିତ କଂପାନୀ ଓ୍ୱାରୀ ହିସାବ (ଅଡିଟ କରାଯାଇଥିବା ଆକାଉଣ୍ଟରୁ)ଏକ ସରଣୀକୃତ ବିବରଣୀ ପ୍ରଦାନ କରାଗଲା।

ସାରଣୀ (ୱେସକୋ ପାଇଁ)

**୬୯-୭୦ ପୃଷ୍ଠା ଦେଖନ୍ତୁ**

୩୬୩. ଉପରୋକ୍ତ ସାରଣୀ ସମୂହ ତଥ୍ୟରୁ ସ୍ପଷ୍ଟ ହୁଏ ଯେ, ୱେସକୋ, ନେସକୋ, ଓ ସାଉଥକୋ ବିଲ୍ ଆଦାୟ ପରିୟଡରେ ବିଲ୍ ଭୁକ୍ତ ପରିମାଣକୁ ଆଦାୟ କରିବାକୁ ସଫଳ ହୋଇନାହାନ୍ତି। ମରାମତି ଓ ତୁଲାଜମା କାର୍ଯ୍ୟସୂଚୀ ପାଇଁ ଉପଭୋକ୍ତାମାନଙ୍କଠାରେ ପଡିରହିଥିବା ଅର୍ଥକୁ ଯେଣୁ ବଂଟନକାରୀ କଂପାନୀମାନେ ଆଦାୟ କରିବାକୁ ସମର୍ଥ ହୋଇ ପାରିନାହାନ୍ତି, ତେଣୁ ଆର ଆଣ୍ଡ ଏମ ବ୍ୟୟର ଅଣ-ବ୍ୟୟିତ ପରିମାଣକୁ ଅନୁମତି ଦେବାକୁ ଅନୁମତିଧାରୀଙ୍କର ପ୍ରସ୍ତାବ ଯୁକ୍ତିସଂଗତ ନୁହେଁ। ଆଦାୟର ଉତ୍କୃଷ୍ଟତା ପ୍ରଦର୍ଶନ ପୂର୍ବକ ବରଂ ସେମାନେ ଏସକ୍ରୋ ଆକାଉଣ୍ଟରେ ଅଧିକ ପରିମାଣର ଅର୍ଥ ଗଚ୍ଛିତ କରିଥିବା ଉଚିତ ହୋଇଥାନ୍ତା, ଯଦ୍ୱାରା ଆର୍ ଆଣ୍ଡ୍ ଏମ୍ କାର୍ଯ୍ୟସୂଚୀ ସମୂହ ପାଇଁ ସବୁବେଳେ ଅର୍ଥ ବଳକା ହୋଇ ରହନ୍ତା। ଉପରୋକ୍ତ କାରଣଗୁଡିକ ଯୋଗୁ ,ବିଗତ ବର୍ଷମାନଙ୍କ ପାଇଁ ଆର ଆଣ୍ଡ ଏମ୍ ବ୍ୟୟର ଅଣ ବ୍ୟୟିତ ପରମିାଣକୁ ଆୟୋଗ ଅନୁମତି ଦେବାକୁ ଆଗ୍ରହ ପ୍ରକାଶ କରିନାହାନ୍ତି, ଯାହା ୱେସକୋ, ନେସକୋ ଓ ସାଉଥକୋର ପ୍ରସ୍ତାବ କ୍ରମେ ୨୦୧୦-୧୧ ଆର୍ଥିକ ବର୍ଷର ଏଆରଆରରେ ମଧ୍ୟ ପାସ୍ ହୋଇପାରିନାହିଁ।

୩୬୪. ଶୁଣାଣି ସମୟରେ ସଂଖ୍ୟାଧିକ ଅଭିଯୋଗକାରୀ ଅସନ୍ତୋଷ ପ୍ରକାଶ କରି କହିଥିଲେ ଯେ, ଶକ୍ତି ଯୋଗାଣର ଗୁଣବତ୍ତା, ବାରମ୍ବାର ଶକ୍ତି ସରବରାହରେ ବ୍ୟାହତି, ନିର୍ବାହନ ଉତ୍କୃଷ୍ଟତାରେ ଧାରାବାହିକତା ରକ୍ଷା କରା ନଯିବା, ଲାଇନ ଓ ସବଷ୍ଟେସନଗୁଡିକର ନିମ୍ନମାନର ତତ୍ତ୍ୱାବଧାନ ଓ ମରାମତି କାର୍ଯ୍ୟ ବାରମ୍ବାର ତାର ଛିଡିବା ଦ୍ୱାର ଧନ ଜୀବନ କ୍ଷତିଗ୍ରସ୍ତ ହେବା ଏବଂ ଲାଇନ, ଟାୱାର ,ବିଦ୍ୟୁତ ଖୁଣ୍ଟ ଓ ଟ୍ରାନ୍ସଫରମରଗୁଡିକୁ ସମୁନ୍ନତ କରା ନଯିବା ଯୋଗୁ ଉପଭୋକ୍ତାମାନେ ଅସନ୍ତୁଷ୍ଟ ହେଉଛନ୍ତି, ଯଦ୍ୱାରା ଦେୟ ଆଦାୟର ପରିମାଣ କମିଯାଇଛି।

୩୬୫. ଆୟୋଗ ପରୀକ୍ଷଣରୁ ଜାଣିପାରିଛନ୍ତି ଯେ, ଆର୍ଥିକ ବର୍ଷ ୧୯୯୯-୨୦୦୦ ରୁ, ଅର୍ଥାତ୍ ୪ ଟିଯାକ ବଂଟନକାରୀ କଂପାନୀ ସେମାନଙ୍କର ବ୍ୟବସାୟ ଆରମ୍ଭ କରିବା ଦିନରୁ ପ୍ରତିବର୍ଷର ତାରିଫ ଆଦେଶନାମାରେ ଯେଉଁ

ସବୁ ପରିମାଣକୁ ଅନୁମୋଦନ କରାଯାଉଛି। ତାହାକୁ ବିନିଯୋଗ କରିବାକୁ ବଂଟନକାରୀ କଂପାନୀମାନେ ସମର୍ଥ ହୋଇପାରିନାହାନ୍ତି। ସେମାନଙ୍କର ଅଡିଟ କରାଯାଇଥିବା ପରିମାଣ ସହ ପ୍ରତି ସ୍ୱତନ୍ତ୍ର ବର୍ଷର ଅନୁମୋଦିତ ପରିମାଣର ଏକ ତୁଳନା ନିମ୍ନ ସାରଣୀରେ ପ୍ରଦାନ କରାଗଲା।

ଉପରୋକ୍ତ ବର୍ଣ୍ଣିତ ମତେ, ୨୦୦୯-୧୦ ଆର୍ଥିକ ବର୍ଷ ପାଇଁ ତାରିଫ ଅର୍ଡରର ପରିଚ୍ଛେଦ ୩୬୩ ରେ ୱେସକୋ, ନେସକୋ, ସାଉଥକୋ ପ୍ରସ୍ତାବ ଅନୁଯାୟୀ ଆର ଆଣ୍ଡ ଏମ୍ ବ୍ୟୟର ଅଣ-ବ୍ୟୟିତ ପରିମାଣକୁ ଆୟୋଗ ଅନୁମୋଦନ କରି ନଥିବାର କାରଣ ସଂପର୍କରେ ଆଲୋଚନା କରିଛନ୍ତି। ଏହା ସତ୍ତ୍ୱେ , ଏହି ଅନୁମତିଧାରୀମାନେ ପୁଣି ୨୦୧୦-୧୧ ଆର୍ଥିକ ବର୍ଷର ପିଟିସନରେ ସେହି ପ୍ରସଂଗରେ ଦାବୀ ଉତଥାପନ କରିଛନ୍ତି। ଏହି ପରିପ୍ରେକ୍ଷୀରେ, ଉଲ୍ଲେଖ କରାଯାଇପାରେ ଯେ, ଏହି ସବୁ ବର୍ଷମାନଙ୍କ ପାଇଁ ଅନୁମୋଦିତ ଆର ଆଣ୍ଡ ଏମ୍ ବ୍ୟୟ ଭିତ୍ତିରେ ତାରିଫ ସ୍ଥିର କରାଯାଇଥିଲା ଏବଂ ଅନୁମୋଦିତ ଆର ଆଣ୍ଡ ଏଭ ପରିମାଣର ଉପଯୁକ୍ତ ବିନିଯୋଗ ନ ହୋଇଥିବା ସତ୍ତ୍ୱେ ଆୟୋଗ ତାରିଫ ପରିମାଣରେ କୌଣସି ହ୍ରାସ କରିନାହାନ୍ତି। ଏହି କାରଣରୁ, ୱେସକୋ, ନେସକୋ ଓ ସାଉଥକୋର ପ୍ରସ୍ତାବ ସତ୍ତ୍ୱେ ଆର୍ ଆଣ୍ଡ ଏମ୍ ବ୍ୟୟର ଅଣ ବ୍ୟୟିତ ପରିମାଣକୁ (ପୂର୍ବ ବର୍ଷଗୁଡିକ ପାଇଁ) ଅନୁମତି ଦେବାକୁ ଆୟୋଗ ଆଗ୍ରହ ପ୍ରକାଶ କରିନାହାନ୍ତି ଏବଂ ୨୦୧୦-୧୧ ଆର୍ଥିକ ବର୍ଷର ଏଆରଆର ରେ ମଧ୍ୟ ପାସ କରାଇ ନାହାନ୍ତି। ଯଦି ଆୟୋଗ ଏହି ଅଣ ବ୍ୟୟିତ ପରିମାଣକୁ ଅନୁମତି ଦିଅନ୍ତି, ତେବେ ୨ ଥର ଏଥିପାଇଁ ତାରିଫ ସ୍ଥିରୀକରଣରେ ପରିମାଣକୁ ଯୋଗ କରାଯିବ। ଥରେ ପୂର୍ବବର୍ଷମାନଙ୍କ ପାଇଁ ଏବଂ ଆଉଥରେ ୨୦୧୦-୧୧ ପାଇଁ ଏଥିପାଇଁ ମଧ୍ୟ ବିଚାର କରାଯିବ।

୪୨୮. ୱେସ୍‌କୋ,ନେସ୍‌କୋ ଓ ସାଉଥ୍‌କୋର ଅଡିଟ କରାଯାଇଥିବା ପରିସଂଖ୍ୟାନ ଆୟୋଗଙ୍କ ପାଖରେ ଏବେ ମହଜୁଦ ଅଛି (୨୦୦୮-୦୯ ପର୍ଯ୍ୟନ୍ତ) ,ଏବଂ ସେସୁ କ୍ଷେତ୍ରରେ ୨୦୦୭-୦୮ ପର୍ଯ୍ୟନ୍ତ ମହଜୁଦ ଅଛି। ଅନୁମୋଦିତ ଓ ଅଡିଟ କରାଯାଇଥିବା ପରିସଂଖ୍ୟାନକୁ ଅଦ୍ୟ ତାରିଖାନୁସାରୀ କରାଯାଇଛି ଏବଂ ନିମ୍ନ ସାରଣୀରେ ତାର ପ୍ରଦର୍ଶନ ହୋଇଛି।

**ସାରଣୀ – ୬୧**

(କୋଟି ଟଙ୍କା)

| ଆର ଏଣ୍ଡ ଏମ ବ୍ୟୟ | ୱେସ୍କୋ | | ନେସ୍କୋ | | ସାଉଥ୍କୋ | | ସେସୁ | |
|---|---|---|---|---|---|---|---|---|
| ବର୍ଷ | ଅନୁମୋଦିତ | ସମୀକ୍ଷା | ଅନୁମୋଦିତ | ସମୀକ୍ଷା | ଅନୁମୋଦିତ | ସମୀକ୍ଷା | ଅନୁମୋଦିତ | ସମୀକ୍ଷା |
| ୯୯-୦୦ | ୧୪.୪୩ | ୧୫.୯ | ୧୪.୨୨ | ୧୬.୧୯ | ୧୨.୬୩ | ୧୩.୩୯ | ୧୯.୦୫ | ୨୪.୦୧ |
| ୦୦-୦୧ | ୧୪.୪୩ | ୧୦.୨୫ | ୧୪.୨୨ | ୧୧.୦୨ | ୧୨.୬୩ | ୭.୩୧ | ୧୯.୫୭ | ୧୯.୯୨ |
| ୦୧-୦୨ | ୧୩.୬୨ | ୧୦.୧୨ | ୧୬.୩୨ | ୭.୦୨ | ୧୫.୫୭ | ୯.୨୯ | ୨୩.୪୩ | ୧୫.୬ |
| ୦୨-୦୩ | ୧୫.୩୩ | ୮.୦୪ | ୧୪.୬୨ | ୫.୬୫ | ୧୬.୮୨ | ୬.୪୩ | ୨୨.୧୧ | ୨୫.୦୪ |
| ୦୩-୦୪ | ୧୬.୮୯ | ୧୬.୨୭ | ୧୭.୫୯ | ୮.୮୪ | ୧୬.୩୮ | ୯.୯୩ | ୨୪.୧୨ | ୨୧.୨୨ |
| ୦୪-୦୫ | ୧୭.୨୮ | ୧୨.୮୫ | ୧୭.୬୬ | ୧୧.୧୩ | ୧୩.୨୫ | ୮.୪୩ | ୩୧.୯୫ | ୨୦.୨୭ |
| ୦୫-୦୬ | ୨୧.୩ | ୯.୬୧ | ୨୨.୬୩ | ୧୧.୨୧ | ୧୮.୫୫ | ୬.୦୭ | ୩୩.୬୭ | ୧୨.୨୬ |
| ୦୬-୦୭ | ୨୪.୨୫ | ୧୨.୪୪ | ୨୪.୪୮ | ୧୨.୮୮ | ୧୭.୩୫ | ୫.୫୪ | ୪୧.୩୧ | ୨୨.୦୯ |
| ୦୭-୦୮ | ୨୩.୮୨ | ୧୨.୩୭ | ୨୪.୪୩ | ୧୩ | ୧୮.୩୮ | ୫.୫ | ୪୩.୬୪ | ୨୫.୧୧ |
| ୦୮-୦୯ | ୨୫.୬୬ | ୧୭.୯୦ | ୨୫.୮୭ | ୨୦.୮୬ | ୧୯.୦୮ | ୭.୭୯ | ୪୧.୮୭ | ଘଇ |
| ୦୯-୧୦ (ଜାନୁୟାରୀ ୦୯ ସୁଦ୍ଧା ସମୀକ୍ଷାଗତ ନଗଦ ବହିର୍ଗମ ଉପରେ ପର୍ଯ୍ୟବେସିତ) (*Audited figures based on cash flow till Jan.09) | ୨୭.୦୧ | ୨୧.୮୭ * | ୨୭.୮୮ | ୨୨.୪୬ * | ୨୦.୭୩ | ୧୧.୭୬ | ୪୦.୪୬ | ୨୫.୯୧* |

୪୨୯. ଆୟୋଗ ପର୍ଯ୍ୟବେକ୍ଷଣରୁ ଜାଣିପାରିଛନ୍ତି ଯେ, ବଂଟନକାରୀ କଂପାନୀମାନେ ମରାମତି ଓ ତୁଳାଜମା (ଅର ଆଣ୍ଡ ଏମ) ବ୍ୟୟ ବାବଦରେ ଗତ କେତେବର୍ଷ ହେଲା ଅଧିକ ଖର୍ଚ୍ଚ କରୁଛନ୍ତି। ଆୟୋଗ ଆଶା ପ୍ରକାଶ କରନ୍ତି ଯେ, ଏହି ଧାରା ଆଗାମୀ ବର୍ଷମାନଙ୍କରେ ଅବ୍ୟାହତ ରହୁ। ସଂପ୍ରତି , ସ୍ଥିତ ଅଣ-ବିକଶିତ ନେଟୱର୍କର ସୁ-ଚାଳନା ପାଇଁ ଆର ଆଣ୍ଡ ଏମ କାର୍ଯ୍ୟସୂଚୀ ସମୂହରେ ବ୍ୟୟ କରିବା ନିମନ୍ତେ ବଂଟନକାରୀ କଂପାନୀମାନେ ଅତି ମାତ୍ରାରେ ଏସକ୍ରୋ ରିହାତି ଉପରେ ନିର୍ଭର କରୁଛନ୍ତି। ଆୟୋଗ ଦର୍ଶାଇଛନ୍ତି ଯେ, ବଂଟନ ନେଟୱର୍କର ସର୍ବୋତ୍ତମ ବିନିଯୋଗ ନିମନ୍ତେ ଉଚିତ ସମୟରେ ଉତ୍କୃଷ୍ଟ ଆର ଅଣ୍ଡ ଏମ କାର୍ଯ୍ୟସୂଚୀର ଆବଶ୍ୟକତା ଅପରିହାର୍ଯ୍ୟ ଅଟେ। ଆୟୋଗ ଆର ଆଣ୍ଡ ଏମ କାର୍ଯ୍ୟସୂଚୀ ପାଇଁ ଅଧିକ ଅର୍ଥ ମଂଜୁର କରିବାର ପରିପନ୍ଥୀ ନୁହନ୍ତି, କିନ୍ତୁ ଉଦ୍ଦେଶ୍ୟର ପରିପୂରଣ ନିମନ୍ତେ ବଂଟନକାରୀ କଂପାନୀମାନେ ଆର ଆଣ୍ଡ ଏମ କାର୍ଯ୍ୟସୂଚୀର ଉପଯୁକ୍ତ ନିର୍ବାହନ କଲେ ଚଳିତ ଓ ବାକିଆ ରାଜସ୍ୱ ଆଦାୟର ପଥ ଅଧିକ ସୁଗମ ହୋଇପାରିବ, ଯାହା ଦ୍ୱାରା ଏସକ୍ରୋ ରିହାତି ଦେଇ ଆୟୋଗ ଅଧିକ ପରିମାଣର ଅର୍ଥ ମଂଜୁରୀର ଅନୁମତି ଦେଇପାରିବେ। ତେବେ, ଏସକ୍ରୋ ରେ ରିହାତି ନଦେବା ସମସ୍ୟା ନୁହେଁ, ଅସଲ ସମସ୍ୟା ହେଉଛି ରାଜସ୍ୱ ଆଦାୟ ଉପଯୁକ୍ତ ଭାବେ ହୋଇ ନ ପାରିବା। ଯଦି ବହୁଳ ପରିମାଣର ରାଜସ୍ୱ ଆଦାୟ ହୋଇପାରେ, ତେବେ ସ୍ଥୁଳ ଯୋଗାଣ ତାରିଫ , କର୍ମଚାରୀଙ୍କ ବେତନ ଏବଂ ବ୍ୟୟର ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଆଇଟମ୍‌ର ବ୍ୟୟ ଭାର ସମ୍ଭାଳିବା ପରେ ଏସକ୍ରୋ ଆକାଉଣ୍ଟରୁ ଉଠାଣର ଅନୁମତି ଦେବାକୁ ମଧ୍ୟ ଆୟୋଗଙ୍କ ପକ୍ଷରେ ଆଦୌ ସମସ୍ୟା ହେବ ନାହିଁ।

୪୩୦. ଦୀର୍ଘକାଳୀନ ତାରିଫ ଯୋଜନା ରେ ନିହିତ ଶୃଙ୍ଖଳା ଭିତ୍ତିରେ ଆୟୋଗ ଆର ଆଣ୍ଡ ଏମ ବ୍ୟୟକୁ ଅନୁମତି ଦେଇଛନ୍ତି। ୨୦୦୮-୦୯ ଆର୍ଥିକ ବର୍ଷଠାରୁ ୨୦୧୦-୧୧ ଆର୍ଥିକ ବର୍ଷର କଣ୍ଟ୍ରୋଲ ପରିୟଡ ପର୍ଯ୍ୟନ୍ତ ଆୟୋଗ ଏହି ଶୃଙ୍ଖଳାକୁ ଗ୍ରହଣ କରିଆସୁଛନ୍ତି ଓ କରିବେ। ଏହି ଶୃଙ୍ଖଳା ଅନୁଯାୟୀ, ଆର୍ଥିକ ବର୍ଷର ଆରମ୍ଭରେ ସାମୁଦାୟିକ ଭାବେ ସ୍ଥିର ଆସେଟ ସମୂହର ମୂଲ୍ୟ ଉପରେ ୫.୪ % ଦର ହାରରେ ମରାମତି ଓ ତୁଳାଜାମା ବ୍ୟୟକୁ ଅନୁମତି ଦିଆଯାଇଛି। ଆର ଆଣ୍ଡ ଏମର ସ୍ଥିରୀକରଣ ପାଇଁ ୩୧.୩.୨୦୦୯ ସୁଦ୍ଧା ସାମୁଦାୟିକ ଭାବେ ସ୍ଥିର ଆସେଟ ସମୂହର ମୂଲ୍ୟ ନିମ୍ନ ମତେ ନିର୍ଦ୍ଧାରଣ କରାଯାଇଛି।

**ସାରଣୀ – ୬୨**

(କୋଟି ଟଙ୍କା)

| ୩୧.୦୩.୦୯ ସୁଦ୍ଧା ଜିଏଫ୍‌ଏ | | | | |
|---|---|---|---|---|
| **ବିବରଣୀ** | **ୱେସ୍କୋ** | **ନେସ୍କୋ** | **ସାଉଥ୍‌କୋ** | **ସେସୁ** |
| ୦୧.୦୪.୧୯୯୬ ସୁଦ୍ଧା ସମୁଦାୟ ବୁକ୍ ମୂଲ୍ୟ | ୧୩୯.୮୬୭ | ୧୩୭.୮୯ | ୧୨୨.୪୧ | ୧୮୮.୬୯୭ |
| ୧୯୯୬-୯୭ରେ ଯୋଗ | ୧୩.୭୪ | ୧୩.୫୪ | ୧୨.୦୨ | ୧୮.୫୩ |
| ୧୯୯୭-୯୮ | ୧୬.୮୪ | ୧୬.୬ | ୧୪.୭୪ | ୨୨.୭୨ |
| ୧୯୯୮-୯୯ | ୦ | ୦ | ୦ | ୦ |
| ୧୯୯୯-୦୦ | ୫୩.୩୨ | ୪୧.୧୧ | ୩୭.୫୩ | ୮୭.୧୬ |
| ୨୦୦୦-୦୧ | ୧୯.୯ | ୨୬.୮୩ | ୧୩.୮ | ୮୫.୦୯ |
| ୨୦୦୧-୦୨ | ୧୯.୫୮ | ୩୦.୬୩ | ୨୦.୭୨ | ୬୭.୨୫ |
| ୨୦୦୨-୦୩ | ୨୧.୩୧ | ୩୦.୫୫ | ୭.୬୪ | ୧୨୭.୦୧ |
| ୨୦୦୩-୦୪ | ୩୫.୧୪ | ୨୮.୬୩ | ୧୨.୬ | ୮୮.୪୨ |
| ୨୦୦୪-୦୫ | ୭୧.୭୪ | ୫୫.୦୯ | ୩୯.୭୮ | ୬୬.୨୬ |
| ୨୦୦୫-୦୬ | ୨୩.୫୨ | ୩୦.୨ | ୧୩.୮୯ | -୯୫.୯୫ |
| ୨୦୦୬-୦୭ | ୨୨.୨୧ | ୩୦.୭୩ | ୧୧.୧ | ୨୨.୫୭ |
| ୨୦୦୭-୦୮ | ୨୪.୭୯ | ୩୨.୪୯ | ୧୮.୯୧ | ୩୫.୫୨ |
| ୨୦୦୮-୦୯ | ୩୫.୧୬ | ୯୨.୧୪ | ୩୧.୮୫ | ୯୪.୨୪ |

| ୦୮-୦୯ର ସମୁଦାୟ | ୪୯୭.୧୨ | ୫୬୬.୪୩ | ୩୫୬.୯୯ | ୮୦୭.୫୨ |
|---|---|---|---|---|

୪୩୧. ଆସେଟ ମୂଲ୍ୟର ଯୋଗ କରଣ ନିମନ୍ତେ ଓ୍ୱେସକୋ, ନେସକୋ ଓ ସାଉଥକୋ ଓ ସେସୁ ୨୦୦୯-୧୦ ଆର୍ଥିକ ବର୍ଷରେ ନିମ୍ନ ଲିଖିତ ପରିମାଣର ଅର୍ଥର ପ୍ରସ୍ତାବ ଦେଇଛନ୍ତି।

**ସାରଣୀ – ୬୩**

(କୋଟି ଟଙ୍କା)

| **ଆର୍ଥିକ ବର୍ଷ ୨୦୧୦-୧୧ ପାଇଁ ପ୍ରସ୍ତାବିତ** | **ଓ୍ୱେସ୍କୋ** | **ନେସ୍କୋ** | **ସାଉଥ୍କୋ** | **ସେସୁ** |
|---|---|---|---|---|
| **ଜମି, କୋଠାବାଡ଼ି, ଆସବାପତ୍ର ଓ ଫିକ୍ସଚର୍ସ** Land Building Furniture and Fixtures | **୧.୨୫** | **୨.୬୫** | **୦.୭୩** | - |
| **ଆରଇ/ଏଲଆଇ/ଏମଏନପି** | ୨୧.୮୯ | - | ୦.୨୭ | - |
| **ପିଏମୟୁ** | ୦.୭୫ | ୬.୫୬ | ୯.୭୨ | - |
| ଏପିଡିଆରପି | ୧.୩୫ | ୦.୦୬ | ୧.୨୬ | - |
| ଏସ୍ଆଇ ପରିକଳ୍ପନା | ୧୨.୧୧ | ୫.୭୧ | ୧୦.୮୦ | - |
| ଗଛିତ କାର୍ଯ୍ୟ | ୧୧.୦୩ | ୧୫.୩୩ | ୧୨.୪୪ | - |
| ମିଟରିଂ ଓ ଅନ୍ୟାନ୍ୟ | ୬.୭୫ | - | ୦.୦୫ | ୪୭.୮୩ |
| **ସମୁଦାୟ ଋଣ ବ୍ୟତୀତ** **Sub Total out of loan** | **୫୬.୧୩** | **୩୦.୩୧** | **୩୫.୨୮** | **୪୭.୮୩** |
| ରାଜୀବଗାନ୍ଧୀ ଗ୍ରାମୀଣ ବିଦ୍ୟୁତିକରଣ ଯୋଜନା | ୨୦୨.୩୮ | ୩୭୫.୦୦ | | |
| ବିଜୁ ଗ୍ରାମ ଜ୍ୟୋତି | ୫୬.୧୧ | ୨୬.୩୮ | | |
| **ସମୁଦାୟ** | **୩୧୪.୬୨** | **୪୩୧.୬୯** | **୩୫.୨୮** | **୪୭.୮୩** |

୪୩୨. ୨୦୧୦-୧୧ ଆର୍ଥିକ ବର୍ଷରେ ଆସେଟ୍ ମୂଲ୍ୟ ଯୋଗକରଣ ଅନୁମୋଦନ ନିମନ୍ତେ ଆୟୋଗଙ୍କ ଦ୍ୱାରା ବିବେଚିତ ସ୍କିମ ଓ୍ୱାରୀ ଆସେଟମୂଲ୍ୟର ଯୋଗକରଣ ସଂପର୍କରେ ନିମ୍ନରେ ଆଲୋଚନା କରାଗଲା।

୪୩୩. ରାଜୀବ ଗାନ୍ଧୀ ଗ୍ରାମ ବିକାଶ ଯୋଜନା ଓ ବିଜୁ ଗ୍ରାମ ଜ୍ୟୋତି ଯୋଜନା :-

ଏହି ସ୍କିମ ଅଧିନରେ କରାଯାଉଥିବା ଆସେଟ ମୂଲ୍ୟର ଯୋଗକରଣ ପ୍ରକ୍ରିୟା ସଂପୂର୍ଣ୍ଣ ଭାବେ ଭାରତ ସରକାର ଓ ଓଡ଼ିଶା ସରକାରଙ୍କ ଦ୍ୱାରା ସହାୟତା ପ୍ରାପ୍ତ ଏବଂ ଚୁକ୍ତିନାମା ଅନୁଯାୟୀ, ପ୍ରୋଜେକ୍ଟଗୁଡିକ କେନ୍ଦ୍ରୀୟ 'ସାଧାରଣ ଉଦ୍ୟୋଗ ବିନିଯୋଗକାରୀ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିର୍ବାହନ କରାଯାଉଛି। ଆସେଟଗୁଡିକୁ ଅନୁମତିଧାରୀଙ୍କୁ ହସ୍ତାନ୍ତରଣ କରିଦିଆଗଲା ପରେ ସେମାନେ ସେସବୁର ପରିଚାଳନା, ମରାମତି ଓ ତୁଳାଜମା କରିବାକୁ ଦାୟିତ୍ୱପନ୍ନ ରହିବେ। ସେହିସବୁ ଆସେଟ୍ର ମରାମତି ଓ ତୁଳଜମା ସଂପର୍କରେ କୁହାଯାଇପାରେ ଯେ, ଆୟୋଗ ୨୦୦୯-୧୦ର ଟାରିଫ ଅର୍ଡରରେ ଅନୁଧ୍ୟାନ କରିଥିଲେ ଯେ ରାଜୀବ ଗାନ୍ଧୀ ଗ୍ରାମ ବିକାଶ ଯୋଜନା ଓ ବିଜୁ ଗ୍ରାମ ଜ୍ୟୋତି ଯୋଜନା ଅଧିନରେ ଏହି ସବୁ ଅଣ-ପାରିତୋଷିକ କାର୍ଯ୍ୟଭାର ସମ୍ଭାଳିବା ଜନିତ କ୍ଷୟକ୍ଷତିର କ୍ଷତିପୂରଣ ବାବଦକୁ ରାଜ୍ୟ ସରକାର ବଂଟନକାରୀ କଂପାନୀମାନଙ୍କୁ ରାଜସ୍ୱ ସବସିଡି ଦେବେ। ରାଜସ୍ୱ ସବସିଡି ହାସଲ କରିବାକୁ ଏ ଦିଗରେ ରାଜ୍ୟ ସରକାରଙ୍କ ସହ ଯଥୋଚିତ ଯୋଗସୂତ୍ର ସ୍ଥାପନ କରିବାକୁ ବଂଟନକାରୀ କଂପାନୀମାନଙ୍କୁ ପରାମର୍ଶ ଦିଆଯାଇଛ

ି। ତେବେ, ବଂଟନକାରୀ କଂପାନୀମାନେ ସେମାନଙ୍କର ଏବେର ଏଆରଆର (୨୦୧୦ -୧୧ ଆର୍ଥିକ ବର୍ଷର) ପିଟିସନରେ ଦର୍ଶାଇଛନ୍ତି ଯେ, ରାଜୀବ ଗାନ୍ଧୀ  ଗ୍ରାମ ବିକାଶ ଯୋଜନା ଓ ବିଜୁ ଗ୍ରାମ ଜ୍ୟୋତି ଯୋଜନାରେ ସେମାନେ ଯେଉଁସବୁ କାର୍ଯ୍ୟସୂଚୀ ଗ୍ରହଣ କରିଛନ୍ତି, ସେଥିପାଇଁ ରାଜସ୍ୱ ସବସିଡି ବାବଦୀୟ ସେମାନଙ୍କର ଅନୁରୋଧକୁ ରାଜ୍ୟ ସରକାର ଗ୍ରହଣ କରିନାହାନ୍ତି। ବଂଟନକାରୀ କଂପାନୀମାନେ ପୁନଶ୍ଚ ଦୋହରାଇଛନ୍ତି ଯେ, ଯଦି ରାଜ୍ୟ ସରକାର  ଏହି ଅର୍ଥ ବ୍ୟବସ୍ଥା  ନ କରନ୍ତି, ତେବେ ରାଜୀବ ଗାନ୍ଧୀ ଗ୍ରାମ ବିକାଶ ଯୋଜନା ଓ ବିଜୁ ଗ୍ରାମ ଜ୍ୟୋତି ଯୋଜନାରେ ସେମାନଙ୍କୁ ହସ୍ତାନ୍ତରଣ କରାଯାଇଥିବା ଆସେଟ୍ ସମୂହର ତତ୍ତ୍ୱାବଧାନ ପାଇଁ ସେମାନେ ଉତ୍ତରଦାୟୀ ହେବେ ନାହିଁ। ଉଲ୍ଲେଖଯୋଗ୍ୟ ଯେ, ଆସେଟ ହସ୍ତାନ୍ତରଣର ଏଭଳି ସର୍ତ୍ତ  ଓଡ଼ିଶା ସରକାର , ଭାରତ ସରକାର  ଓ ବଂଟନକାରୀ କଂପାନୀଙ୍କ ମଧ୍ୟରେ ଏକ ଚୁକ୍ତିନାମା ଦ୍ୱାରା ସଂପାଦିତ ଅଟେ।  ଏଭଳି ଏକ ସ୍ଥିତିରେ , ବିଦ୍ୟୁତ ଆଇନ ୨୦୦୩ରେ ନିହିତ ମତେ ସବୁ ସର୍ବନିମ୍ନ ଶ୍ରେଣୀର ଉପଭୋକ୍ତାଙ୍କୁ ଉତ୍ତମ ଗୁଣବତ୍ତା ଭିତ୍ତିକ ଶକ୍ତି ଯୋଗାଣ ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ଦାୟିତ୍ୱକୁ ଅଂଗୁଳି ନିର୍ଦ୍ଦେଶ କରିଛନ୍ତି। ଅତଏବ, ଅନୁମତିଧାରୀମାନେ ଉପରୋକ୍ତ ଶ୍ରେଣୀର ଉପଭୋକ୍ତାଙ୍କୁ ଗୁଣବତ୍ତା ଭିତ୍ତିକ ଶକ୍ତି ଯୋଗାଣ ପାଇଁ ରାଜ୍ୟ ସରକାର ଅନୁମତିଧାରୀଙ୍କୁ ରାଜସ୍ୱ ସବସିଡି ଦେବା ସଂପର୍କରେ ବିଚାର କରିବା ବାଂଛନୀୟ ଅଟେ।  ରାଜ୍ୟ ସରକାର (ଓଡ଼ିଶା ସରକାର) ୨୦୧୦, ଫେବୃଆରୀ  ୨୩ ର ଚିଠି ନଂ ୧୫୬୭/ଇଏନରେ ରାଜୀବ ଗାନ୍ଧୀ ଗ୍ରାମ ବିକାଶ ଯୋଜନା ଓ ବିଜୁ ଗ୍ରାମ ଜ୍ୟୋତି ଯୋଜନାରୁ ଉଦଭୁତ ଆସେଟ୍ ସମୂହର ଆଇନଗତ ସ୍ଥିତି ଓ ଏହାର ଉତ୍ତର ଦାୟିତ୍ୱ ସଂପର୍କରେ ନିମ୍ନ ପ୍ରକାରରେ ବର୍ଣ୍ଣନା କରିଛନ୍ତି।

"ରାଜୀବ ଗାନ୍ଧୀ ଗ୍ରାମ ବିକାଶ ଯେଜାନା ଅନ୍ତର୍ଭୁକ୍ତ ଆସେଟ ସମୂହ ସଂପର୍କରେ କୁହାଯାଇପାରେ ଯେ, ଏଥିନେଇ ରାଜ୍ୟ ସରକାର, ଆରଇସି, ସିପିଏସୟୁ ଓ ବଂଟନକାରୀ  କଂପାନୀଙ୍କ ମଧ୍ୟରେ ଏକ ଚାରି ପାକ୍ଷିକ ଚୁକ୍ତିନାମା ସଂପାଦିତ ହୋଇଛି ଏବଂ ସେହି ଚୁକ୍ତିନାମା ଅନୁଯାୟୀ ବଂଟନକାରୀ କଂପାନୀମାନେ ଆସେଟ ସମୂହର ଦାୟିତ୍ୱ ସମ୍ଭାଳିବାକୁ ବାଧ୍ୟ ଅଟନ୍ତି। ଚୁକ୍ତିନାମାର ପରିଚ୍ଛେଦ  ୯ ଅନୁଯାୟୀ , ଓଡ଼ିଶା ସରକାର ଏହି ସବୁ ଆସେଟର ମାଲିକ ଅଟନ୍ତି। କିନ୍ତୁ ଜାତୀୟ ଯୋଜନା ଅଧିନରେ  ଆର ଇସିଙ୍କ  ଦ୍ୱାରା  ମଂଜୁରୀ ପ୍ରାପ୍ତ ହୋଇ ଓଡ଼ିଶା ସରକାରଙ୍କ ସହ ସହ-ସମ୍ବନ୍ଧ  ରକ୍ଷା କରି ବଂଟନକାରୀ କଂପାନୀମାନେ ଏହି ସବୁ ଆସେଟ୍‌ର ଉପଯୋଗ କରି ପ୍ରୋଜେକ୍ଟ ଅନ୍ତର୍ଭୁକ୍ତ ଅଂଚଳମାନଙ୍କୁ ଶକ୍ତି ଯୋଗାଣ କରିବେ ଓ ତଜ୍ଜନିତ ଲାଭ ଆହରଣ କରିବେ।"

ସେହିଭଳି ବିଜୁ ଗ୍ରାମ ଜ୍ୟୋତି ଯୋଜନା ଅନ୍ତର୍ଭୁକ୍ତ ଆସେଟ ସମୂହ ସମ୍ବନ୍ଧରେ କୁହାଯାଇପାରେ ଯେ, ଯୋଜନାର ସଫଳପ୍ରଦତା ଉପରେ ନିର୍ଦ୍ଦେଶାବଳୀର ପରିଚ୍ଛେଦ ୮ ଅନୁଯାୟୀ, ବିଜୁ ଗ୍ରାମ ଜ୍ୟୋତି ଯୋଜନା ଅନ୍ତର୍ଭୁକ୍ତ ଆସେଟ୍‌ଗୁଡିକୁ ନିର୍ବାହୀ ଏଜେନ୍ସି ନିର୍ଦ୍ଦିଷ୍ଟ ବଂଟନକାରୀ କଂପାନୀମାନଙ୍କୁ ହସ୍ତାନ୍ତରଣ କରିବେ ଓ ସେହି କଂପାନୀ ସେହି ସବୁ ଆସେଟ୍‌ର ତତ୍ତ୍ୱାବଧାନ କରିବେ। କିନ୍ତୁ ସେହି ସବୁ ଆସେଟ୍‌ର ମାଲିକାନା ସଂପର୍କରେ ଏପର୍ଯ୍ୟନ୍ତ କିଛି ସ୍ଥିର କରାଯାଇ ପାରିନାହିଁ। ଯେଣୁ ବଂଟନକାରୀ କଂପାନୀମାନେ ସେହି ସବୁ ଆସେଟର ଉପଯୋଗରୁ ବିଲ୍ ପାଇବେ, ତେଣୁ ତା'ର ମରାମତି ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ସୋମାନଙ୍କର ଅଟେ। ସରକାରଙ୍କଠାରୁ ଏ ବାବଦରେ ସେମାନେ କୌଣସି ପରିମାଣର ଅର୍ଥ ଦାବୀ କରିପାରିବେ ନାହିଁ।

୪୩୪. ୨୦୦୯-୧୦ ଆର୍ଥିକ ବର୍ଷରେ ଆର ଆଣ୍ଡ ଏମ ନିର୍ଦ୍ଧାରଣ ଓ କ୍ଷତି ହ୍ରାସ ଉଦ୍ଦେଶ୍ୟରେ, ରାଜୀବ ଗାଂଧୀ ଗ୍ରାମ ବିକାଶ ଯୋଜନା ଓ ବିଜୁ ଗ୍ରାମ ଜ୍ୟୋତି ଯୋଜନା ଅନ୍ତର୍ଭୁକ୍ତ ଆସେଟ ସମୂହର ମୂଲ୍ୟର ଯୋଗକରଣ ସଂପର୍କରେ ଆୟୋଗ ନିଶ୍ଚିତ ନୁହନ୍ତି।  ତେବେ, ଆର ଇ , ଏଲଆଇ, ଏପିଡିଆରପି, ପିଏମୟୁ ଆଦି ସ୍କିମଗୁଡିକ ଯେଣୁ ସବୁଦିନିଆ ସ୍କିମ , ତେଣୁ ଅନୁମତିଧାରୀଙ୍କ ପ୍ରସ୍ତାବ କ୍ରମେ ଏହି ସ୍କିମ ଗୁଡିକ ଅଧିନସ୍ଥ ଆସେଟ ମୂଲ୍ୟର ଯୋଗକରଣ ପାଇଁ ଆୟୋଗ ଅନୁମତି ଦେଇଛନ୍ତି।

<u>୪୩୫. ପଦ୍ଧତିଗତ ବିକାଶ ଯୋଜନା</u>

ପଦ୍ଧତିଗତ ବିକାଶ ଯୋଜନା ଅଧିନରେ ୱେସକୋ, ନେସକୋ, ସାଉଥକୋ ଆସେଟ ମୂଲ୍ୟର ଯୋଗକରଣ ବାବଦକୁ ଯଥାକ୍ରମେ ୧୨.୧୧କୋଟି , ୫.୭୧ କୋଟି ଓ ୧୦.୮୬ କୋଟି ଟଙ୍କାର ପରିମାଣ ପ୍ରଦର୍ଶନ କରିଛନ୍ତି । ଏ ବାବଦରେ, କଂପାନୀମାନଙ୍କୁ ଯାଞ୍ଚକାରୀ ପ୍ରଶ୍ନର ଉତ୍ତରରେ ସେମାନେ ଉପସ୍ଥାପନା କରିଥିଲେ ଯେ, ସେମାନେ ଆରଇସିରୁ ୨୦୧୦ ଫେବୃୟାରୀ ଶେଷ ସୁଦ୍ଧା ପ୍ରକୃତ ପରିମାଣ ଉଠାଇଛନ୍ତି । ସେମାନଙ୍କ ଉପସ୍ଥାପନାରୁ ଯାହା ଜଣାପଡୁଛି, ପଦ୍ଧତିଗତ ବିକାଶ ବାବଦକୁ ୱେସକୋ, ନେସକୋ ଓ ସାଉଥକୋ ଆରଇସିରୁ ଯଥାକ୍ରମେ ୧୦.୨୩ କୋଟି, ୯.୭୩ କୋଟି ଓ ୯.୫୨ କୋଟି ଟଙ୍କା ଉଠାଇଛନ୍ତି । ତେବେ, ଏ ବାବଦକୁ ଆୟୋଗ ୱେସକୋ, ନେସକୋ ଓ ସାଉଥକୋ ପାଇଁ ଯଥାକ୍ରମେ ୧୦.୨୩ କୋଟି, ୫.୭୦ କୋଟି ଓ ୨.୫୨ କୋଟି ଟଙ୍କାର ପରିମାଣକୁ ଅନୁମୋଦନ କରିଛନ୍ତି ।

୪୩୬. ଜମା କାର୍ଯ୍ୟ ସଂପର୍କରେ

ଜମା କାର୍ଯ୍ୟ ବାବଦକୁ ନେସକୋ, ୱେସକୋ, ସାଉଥକୋ ଏବଂ ସେସୁ ଯଥାକ୍ରମେ ୧୫.୩୨ କୋଟି, ୧୧.୦୩ କୋଟି , ୧୨.୪୪ କୋଟି ଏବଂ ୪୭.୮୩ କୋଟି ଟଙ୍କା ପ୍ରଦର୍ଶନ କରିଛନ୍ତି । ଆୟୋଗ ଏହି ପରିମାଣକୁ ଯୁକ୍ତିସଂଗତ ଅନୁଭବ କରି ଅନୁମୋଦନ କରିଛନ୍ତି ।

୪୩୭. ମିଟରିଂ ଓ ଅନ୍ୟାନ୍ୟ

ଯୋଜନାମାନ ଆଗେଇ ଚାଲିଥିବାରୁ ଅନୁମତିଧାରୀଙ୍କ ପ୍ରସ୍ତାବକ୍ରମେ ଆୟୋଗ ମିଟରିଂ ଓ ଅନ୍ୟାନ୍ୟ ବିବାଦୀୟ ପରିମାଣକୁ ଅନୁମତି ଦେଇଛନ୍ତି ।

୪୩୮. ଉପରୋକ୍ତ ପରିଚ୍ଛେଦ ମାନଙ୍କରେ ଆଲୋଚନା ଅନୁଯାୟୀ, ୨୦୦୯-୧୦ ଆର୍ଥିକ ବର୍ଷ ପାଇଁ ନିମ୍ନମତେ ଆସେଟ ମୂଲ୍ୟର ଯୋଗକରଣ ନିର୍ଦ୍ଧାରଣ କରାଯାଇଛି ଓ ଆୟୋଗ ତାହାକୁ ଅନୁମୋଦନ କରିଛନ୍ତି ।

**ସାରଣୀ – ୬୪**

(କୋଟି ଟଙ୍କା)

| **ଆର୍ଥିକ ବର୍ଷ ୨୦୧୦-୧୧ ପାଇଁ ଅନୁମୋଦିତ** | **ୱେସ୍କୋ** | **ନେସ୍କୋ** | **ସାଉଥ୍କୋ** | **ସେସୁ** |
|---|---|---|---|---|
| **ଜମି, କୋଠାବାଡ଼ି, ଆସବାପତ୍ର ଓ ଫିକ୍ସଚର୍ସ** | ୧.୨୫ | ୨.୬୫ | ୦.୭୩ | |
| ରାଜୀବଗାନ୍ଧୀ ଗ୍ରାମୀଣ ବିଦ୍ୟୁତିକରଣ ଯୋଜନା | - | - | ୦ | - |
| ବିଜୁ ଗ୍ରାମ ଜ୍ୟୋତି | - | - | ୦ | - |
| **ଆରଇ/ଏଲଆଇ/ଏମଏନପି** | ୨୧.୮୯ | - | ୦.୨୭ | - |
| **ପିଏମୟୁ** | ୦.୭୫ | ୬.୫୬ | ୯.୭୨ | - |
| ଏପିଡିଆରପି | ୧.୩୪ | ୦.୦୬ | ୧.୨୮ | - |
| ପଦ୍ଧତିଗୁଡ଼ିକର ଉନ୍ନତିକରଣ ଝଚ୍ଛଷ୍ଟସ୍ଵରଙ୍କ ଓଙ୍କଷ୍ଟକ୍ଷ୍ଵକ୍ଷ୍ଟଙ୍ଗରଙ୍କରଭସ୍ଥ | ୧୦.୨୩ | ୫.୭୧ | ୯.୫୨ | - |
| ଗଚ୍ଛିତ କାର୍ଯ୍ୟ | ୧୧.୦୩ | ୧୫.୩୨ | ୧୨.୪୪ | ୪୭.୮୩ |
| ମିଟରିଂ ଓ ଅନ୍ୟାନ୍ୟ | ୭.୭୫ | | - | |
| **ସମୁଦାୟ** | **୫୪.୨୪** | **୩୦.୩୦** | **୩୩.୯୬** | **୪୭.୮୩** |

୪୩୯. ଆସେଟ ମୂଲ୍ୟ ଯୋଗକରଣ ଭିତ୍ତିରେ , ୩୧.୩.୨୦୧୦ ସୁଦ୍ଧା ସମୁଦାୟ ସ୍ଥିର ଆସେଟର ହିସାବ ନିମ୍ନ ସାରଣୀରେ ଉଲ୍ଲେଖ ମତେ କରାଯାଇଛି ।

**ସାରଣୀ – ୬୫**

(କୋଟି ଟଙ୍କା)

| ୩୧.୦୩.୧୦ ସୁଦ୍ଧା ଜିଏଫ୍ଏ | | | | |
|---|---|---|---|---|
| **ବିବରଣୀ** | **ଓ୍ୱେସ୍କୋ** | **ନେସ୍କୋ** | **ସାଉଥ୍କୋ** | **ସେସୁ** |
| ୦୧.୦୪.୧୯୯୬ ସୁଦ୍ଧା ସମୁଦାୟ ବୁକ୍ ମୂଲ୍ୟ | ୧୩୯.୮୬୭ | ୧୩୭.୮୯ | ୧୨୨.୪୧ | ୧୮୮.୬୯୭ |
| ୧୯୯୬-୯୭ରେ ଯୋଗକରଣ | ୧୩.୭୪ | ୧୩.୫୪ | ୧୨.୦୨ | ୧୮.୫୩ |
| ୧୯୯୭-୯୮ | ୧୬.୮୪ | ୧୬.୬୦ | ୧୪.୭୪ | ୨୨.୭୨ |
| ୧୯୯୮-୯୯ | ୦ | ୦ | ୦ | ୦ |
| ୧୯୯୯-୦୦ | ୫୩.୩୨ | ୪୧.୧୧ | ୩୭.୫୩ | ୮୭.୧୬ |
| ୨୦୦୦-୦୧ | ୧୯.୯ | ୨୬.୮୩ | ୧୩.୮ | ୮୫.୦୯ |
| ୨୦୦୧-୦୨ | ୧୯.୫୮ | ୩୦.୬୩ | ୨୦.୭୨ | ୬୭.୨୫ |
| ୨୦୦୨-୦୩ | ୨୧.୩୧ | ୩୦.୫୫ | ୭.୬୪ | ୧୨୭.୦୧ |
| ୨୦୦୩-୦୪ | ୩୫.୧୪ | ୨୮.୬୩ | ୧୨.୬ | ୮୮.୪୨ |
| ୨୦୦୪-୦୫ | ୭୧.୭୪ | ୫୫.୦୯ | ୩୯.୭୮ | ୬୬.୨୬ |
| ୨୦୦୫-୦୬ | ୨୩.୫୨ | ୩୦.୨ | ୧୩.୮୯ | -୯୫.୯୫ |
| ୨୦୦୬-୦୭ | ୨୨.୨୧ | ୩୦.୭୩ | ୧୧.୧୦ | ୨୨.୫୭ |
| ୨୦୦୭-୦୮ | ୨୪.୭୯ | ୩୨.୪୯ | ୧୮.୯୧ | ୩୫.୫୨ |
| ୨୦୦୮-୦୯ | ୩୫.୧୬ | ୯୨.୧୪ | ୩୧.୮୬ | ୯୪.୨୪ |
| ୨୦୦୯-୧୦ | ୫୪.୨୪ | ୩୦.୩୦ | ୩୩.୯୬ | ୪୭.୮୩ |
| **୩୧.୦୩.୨୦୧୦ ସୁଦ୍ଧା ସମୁଦାୟ ଜିଏଫ୍ଏ** | **୫୫୧.୩୬** | **୫୯୬.୭୩** | **୩୯୦.୯୬** | **୮୫୫.୩୫** |

୪୪୦. ଆର୍ଥିକ ବର୍ଷ ୨୦୦୩-୦୪ ଠାରୁ ୨୦୦୭-୦୮ ର ପ୍ରଥମ କଣ୍ଟ୍ରୋଲ ପରିଅଡ ଏବଂ ସେହି ଅନୁସାରେ ୨୦୦୮-୦୯ ଆର୍ଥିକ ବର୍ଷ ଠାରୁ ୨୦୧୨-୧୩ ର ପରବର୍ତ୍ତୀ କଣ୍ଟ୍ରୋଲ ପରିଅଡ ପାଇଁ ଏଲଟିଟି ଏସରେ ଗ୍ରହଣୀୟ ମୂଳଧନ ସହିତ ସମତାଳରେ ମୋଟାମୋଟି ସ୍ଥିର ଆସେଟର ସ୍ଥୁଳ ମୂଲ୍ୟର ୫.୪% ହାରରେ ଆର ଆଣ୍ଡ ଏମ ବ୍ୟୟର ହିସାବ କରାଯାଇଛି। ପୂର୍ବ ବର୍ଷମାନଙ୍କ ପାଇଁ ଉପଲବ୍ଧ ସେମାନଙ୍କ ଅଡିଟ କରାଯାଇଥିବା ଆକାଉଣ୍ଟକୁ ଭିତ୍ତି କରି ୩୧.୩.୨୦୧୦ ସୁଦ୍ଧା ସ୍ଥିର ଆସେଟ ସମୂହର ସ୍ଥୁଳ ମୂଲ୍ୟକୁ କଂପ୍ୟୁଟ କରାଯାଇଛି। ୨୦୦୯-୧୦ ଆ.ବରେ ଆସେଟ ଦାମର ଯୋଗ କରଣ ଓ ୩୧.୩.୨୦୧୦ ସୁଦ୍ଧା ଜି.ଏଫ୍ ରେ ସ୍ଥିତିକୁ ବିଚାରକୁ ନେଇ ୨୦୧୦-୧୧ ଆ.ବ ପାଇଁ ଅନୁମୋଦିତ ଆର ଆଣ୍ଡଏମ୍ କୁ ନିମ୍ନ ସାରଣୀରେ ପ୍ରଦାନ କରାଯାଇଛି।

**ସାରଣୀ – ୬୬**

(କୋଟି ଟଙ୍କା)

| **ସୂଚୀ** | **ଓ୍ୱେସ୍କୋ** | | **ନେସ୍କୋ** | | **ସାଉଥ୍କୋ** | | **ସେସୁ** | |
|---|---|---|---|---|---|---|---|---|
| | **ପ୍ରସ୍ତାବିତ** | ଅନୁମୋଦିତ | **ପ୍ରସ୍ତାବିତ** | ଅନୁମୋଦିତ | **ପ୍ରସ୍ତାବିତ** | ଅନୁମୋଦିତ | **ପ୍ରସ୍ତାବିତ** | ଅନୁମୋଦିତ |
| ୧.୦୪.୨୦୧୦ ସୁଦ୍ଧା ଗ୍ରସ ଫିକ୍ସଡ୍ ଆସେଟ Gross fixed asset as on 01.04.2010 | ୮୯୨.୧୩ | ୫୫୧.୩୬ | ୧୦୬୯.୫୭ | ୫୯୬.୭୩ | ୬୨୪.୩ | ୩୯୦.୯୬ | ୯୬୯.୧୩ | ୮୫୫.୩୫ |
| ଜିଏଫଏର ପ୍ରତିଶତ ପରିମାଣ | ୫.୪୦% | ୫.୪୦% | ୫.୪୦% | ୫.୪୦% | ୫.୪୦% | ୫.୪୦% | ୫.୪୦% | ୫.୪୦% |
| ୨୦୦୯-୧୦ ପାଇଁ ମରାମତି ଓ ରକ୍ଷାଣବେକ୍ଷଣ | ୪୮.୧୮ | ୨୯.୭୭ | ୫୭.୭୬ | ୩୨.୨୨ | ୩୩.୭୧ | ୨୧.୧୧ | ୫୨.୩୩ | ୪୬.୧୯ |
| ପୂର୍ବ ବର୍ଷମାନଙ୍କ ପାଇଁ ବଣ୍ଟନକାରୀ-ମାନଙ୍କ ଦ୍ୱାରା ଦାବୀ ହେଉଥିବା | ୫୩.୪୩ | Nil | Nil | Nil | ୬୯.୬୭ | Nil | Nil | Nil |

| | | | | | | | | |
|---|---|---|---|---|---|---|---|---|
| ଅତିରିକ୍ତ ପରିମାଣ | | | | | | | | |
| ସମୁଦାୟ | ୧୦୧.୬୧ | **୨୯.୭୭** | ୧୨୬.୯୮ | **୩୨.୨୨** | ୧୦୩.୩୮ | **୨୧.୧୧** | ୫୨.୩୩ | **୪୬.୧୯** |
| ରାଜୀବଗାନ୍ଧୀ ଗ୍ରାମୀଣ ବିଦ୍ୟୁତିକରଣ ଯୋଜନା ଓ ବିଜୁ ଗ୍ରାମ ଜ୍ୟୋତିର ଆସେଟରେ ସ୍ଵତନ୍ତ୍ର ଆର ଏଣ୍ଡ ଏମ Special R&M for addition of RGGVY and BGJY assets | | ୫.୦୦ | | ୫.୦୦ | | ୫.୦୦ | | ୫.୦୦ |
| ଆର୍ଥିକ ବର୍ଷ ୨୦୧୦-୧୧ ସମୁଦାୟ ଆର ଏଣ୍ଡ ଏମ ବ୍ୟୟ | | **୩୪.୭୭** | | **୩୭.୨୨** | | **୨୬.୧୧** | | **୫୧.୧୯** |

ସ୍ଥିର ଆସେଟ ସମୂହର ସ୍ଥୁଳ ମୂଲ୍ୟର ୫.୪% ର ଅଧାର ଉପରେ ଅନୁମତିପ୍ରାପ୍ତ ସାଧାରଣ ଆର ଆଣ୍ଡ ଏମ ବ୍ୟୟ ବାଦ, ୨୦୧୧-୧୨ ଆର୍ଥିକ ବର୍ଷର ପରବର୍ତ୍ତୀ ତାରିଫ ପ୍ରକ୍ରିୟାର ସବିଶେଷ ଯାଞ୍ଚକୁ ସ୍ଥଗିତ ରଖି , ରାଜୀବ ଗାନ୍ଧୀ ଗ୍ରାମ ବିକାଶ ଯୋଜନା ଓ ବିଜୁ ଗ୍ରାମ ଜ୍ୟୋତି ଯୋଜନା ଅନ୍ତର୍ଗତ ଆସେଟ ମୂଲ୍ୟ ଯୋଗକରଣ ଯୋଗୁ ୪ ଟି ବଂଟନକାରୀ କଂପାନୀଙ୍କ ମଧ୍ୟରୁ ପ୍ରତ୍ୟେକଙ୍କୁ ଆର ଆଣ୍ଡ ଏମ ବ୍ୟୟ ବାବଦକୁ ସାମୟିକ ଭାବେ ଅତିରିକ୍ତ ୫ କୋଟି ଟଙ୍କା ଲେଖାଏଁ ଅନୁମତି ଦେଇଛନ୍ତି। ତ୍ରୟୋଦଶ ଅର୍ଥ କମିଶନଙ୍କ ସୁପାରିଶ ଅନୁଯାୟୀ, ଆର ଆଣ୍ଡ ଏମ ଅଧିନରେ କିମ୍ବା ବଂଟନ ନେଟଓ୍ୱର୍କର ପଦ୍ଧତିଗତ ବିକାଶ ପାଇଁ ହେବାକୁ ଥିବା ବ୍ୟୟ ପରିମାଣ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଅନୁମୋଦିତ ଆର ଆଣ୍ଡ ଏମ ବ୍ୟୟ ପରିମାଣର ଉର୍ଦ୍ଧ୍ଵରେ ରହିବ।

<u>ଋଣ ଉପରେ ସୁଧ</u>

୪୪୧. ୪ ଟି ବଂଟନକାରୀ କଂପାନୀଙ୍କ ଦ୍ଵାରା ପ୍ରସ୍ତାବ କ୍ରମେ ବିଭିନ୍ନ ଉତ୍ସରୁ ଆସିଥିବା ଋଣ ଉପରେ ସୁଧ ପରିମାଣକୁ ସ୍ଥିର କରାଯାଇଛି। ଏହାର ଏକ ସାରଣୀ କୃତ ବିବରଣୀ ନିମ୍ନରେ ପ୍ରଦନା କରାଗଲା।

**ସାରଣୀ – ୬୭**

(କୋଟି ଟଙ୍କା)

| **ଉତ୍ସ** | **ୱେସ୍କୋ** | **ନେସ୍କୋ** | **ସାଉଥ୍କୋ** | **ସେସୁ** |
|---|---|---|---|---|
| ଗ୍ରୀଡ୍କୋ ଋଣ | - | - | - | - |
| ବିଶ୍ଵବ୍ୟାଙ୍କ ଋଣ | ୧୧.୮୨ | ୧୧.୫୭ | ୮.୨୬ | ୬୯.୯୯ |
| ଶକ୍ତି ଋଣ ପତ୍ର – ପାର୍ଥକ୍ୟଗତ ପରିମାଣ Power Bond – Differential Amount | ୧୩.୬୫ | ୩୨.୮ | ୩୦.୬୮ | - |
| ୫୦ ପ୍ରତିଶତ ମଞ୍ଜୁରୀର ଏପିଡିଆରପି – ବାସ୍ତବିକ (ଓଡ଼ିଶା ସରକାର) | ୦.୬୫ | ୦.୭୬ | ୦.୭୬ | ୮.୮୫ |
| ଆରଇସି/ପିଏଫସି (କାଉଣ୍ଟର ପାର୍ଟ ଫଣ୍ଡିଂ ଏପିଡିଆରପି) ଓ ଏସ୍ଆଇ ପରିକଳ୍ପନା | ୫.୯୫ | ୪.୬୬ | ୨.୨୬ | ୨.୧୫ |
| ଗଚ୍ଛିତ ନିରାପତ୍ତା ଉପରେ ଉପରେ ସୁଧ | ୧୯.୪୭ | ୧୨.୨୧ | ୪.୨୬ | ୧୫.୫୬ |
| ଅନ୍ୟାନ୍ୟ ସୁଧ ଏବଂ ଆର୍ଥିକ ଦେୟ | ୬.୫୯ | ୩.୩୧ | ୨.୧୬ | - |
| ପୁଞ୍ଜିକରଣ ପୂର୍ବରୁ ସମୁଦାୟ ସୁଧ | ୫୮.୧୩ | ୬୫.୩୧ | ୪୮.୩୪ | ୯୬.୫୫ |
| ହ୍ରାସ : ମୂଳଧନୀକୃତ ସୁଧ | ୨.୧୩ | ୩.୫୯ | ୧.୬୩ | |
| ପ୍ରସ୍ତାବିତ ସମୁଦାୟ ସୁଧ | **୫୬.୦୦** | **୬୧.୭୨** | **୪୬.୭୧** | **୯୬.୫୫** |

୪୪୨. ଋଣ ଉପରେ ସୁଧର ଅନୁମୋଦନ ପାଇଁ ୧.୪.୨୦୧୦ ସୁଦ୍ଧା ଭିନ୍ନ ଭିନ୍ନ ଋଣର ସ୍ଥିତି ଆକଳନ କରାଯାଇଛି ।

<u>ଗ୍ରୀଡକୋ ସହ ସମ୍ବନ୍ଧିତ ଋଣ (ପିଏଫସି /ଆରଇସି ଆଦି)</u>

୪୪୩. ୧.୨.୨୦୦୮ର ସେମାନଙ୍କର ନିରପତ୍ତାକରଣିତ ଆଦେଶନାମାରେ ଆୟୋଗ ଏହି ଋଣର ଭଲ ମନ୍ଦ ସଂପର୍କରେ ଆଲୋଚନା କରିଛନ୍ତି । ସେହି ଆଦେଶନାମାର ପ୍ରାସଂଗିକ ଉଦ୍ଧୃତାଂଶ ନିମ୍ନରେ ଉଦ୍ଧାର କରାଗଲା ।

୨୦୦୫, ମାର୍ଚ୍ଚ ୩୧ ସୁଦ୍ଧା ଏହି ଋଣର ମୂଳ ଓ ସୁଧ ବାବଦରେ ୱେସକୋ, ନେସକୋ ଓ ସାଉଥକୋ ମଧ୍ୟରେ ବୁଝାମଣା ହୋଇଛି । କିନ୍ତୁ, ଗ୍ରୀଡକୋ ଓ ସେସୁ ମଧ୍ୟରେ ଏହି ବୁଝାମଣା ଚୂଡାନ୍ତ ହେବାକୁ ଆହୁରି ବାକି ଅଛି ।

ଗ୍ରୀଡକୋ ଓ ସେସୁ ମଧ୍ୟରେ ବୁଝାମଣାର ଅନୁପସ୍ଥିତିରେ କିମ୍ବା ବୁଝାମଣାର ଚୂଡାନ୍ତ ରୂପ ପର୍ଯ୍ୟନ୍ତ ଆୟୋଗ ଗ୍ରୀଡକୋର ଅଡିଟ କରାଯାଇଥିବା ପରିସଂଖ୍ୟାନକୁ ସାମୟିକ ଭାବେ ଗ୍ରହଣ କରିଛନ୍ତି ।

ଆର୍ଥିକ ବର୍ଷ ୨୦୦୮-୦୯ ର ପାଇକାରୀ ଯୋଗାଣ ତାରିଫ ଆଦେଶନାମା ମୁତାବକ (ପାରା ୩୭୩) ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଏହି ଋଣ ଉପରେ କୌଣସି ସୁଧ ମଧ୍ୟ ଧାର୍ଯ୍ୟ କରାଯାଇନାହିଁ ।

<u>ବିଶ୍ୱ ବ୍ୟାଙ୍କ ଋଣ</u>

୪୪୪. ଅୟୋଗଙ୍କର ପୂର୍ବ ଆଦେଶନାମା ମୁତାବକ ସମୁଦାୟ ଋଣର ୩୦ ପ୍ରତିଶତକୁ ମଂଜୁରୀ ପରିମାଣ ଓ ଅବଶିଷ୍ଟ ୭୦ ପ୍ରତିଶତକୁ ଋଣ ପରିମାଣ ଭାବେ ବିବେଚନା କରି ଅନୁମତିଧାରୀମାନେ ବିଶ୍ୱବ୍ୟାଙ୍କ ଋଣ ଉପରେ ୧୩% ହାରରେ ସୁଧ ହିସାବ କରିଛନ୍ତି ।

୪୪୫. ୨୦୦୯-୧୦ ଆର୍ଥିକ ବର୍ଷ ପାଇଁ ସୁଧ ପରିମାଣ ସହ ବଂଟନକାରୀ କଂପାନୀମାନଙ୍କ ଦ୍ୱାରା ଅବଶିଷ୍ଟ ଋଣ (୩୦% ମଂଜୁରୀର ନିଟ୍) ପ୍ରଦର୍ଶନ କରାଯାଇଛି । ଋଣର ସ୍ଥିତିକୁ ଆକଳନ କରି ଆୟୋଗ ସୁଧ ପରିମାଣକୁ ନିମ୍ନ ସାରଣୀକୁ ଉଲ୍ଲେଖ ମତେ ଅନୁମୋଦନ କରିଛନ୍ତି ।

**ସାରଣୀ – ୬୮**

(କୋଟି ଟଙ୍କା)

| ବିଶ୍ୱବ୍ୟାଙ୍କ ଋଣ | **୩୧.୩.୨୦୧୦ ସୁଦ୍ଧା ଋଣ** | **୨୦୧୦-୧୧ ପାଇଁ ପରିଶୋଧ-ଯୋଗ୍ୟ ପରିମାଣ** | **୩୧.୩.୨୦୧୧ ସୁଦ୍ଧା ଋଣ** | **୨୦୧୦-୧୧ ପାଇଁ ସୁଧ (ପ୍ରସ୍ତାବିତ)** | **ଆର୍ଥିକ ବର୍ଷ ୨୦୧୦-୧୧ ପାଇଁ ସୁଧ (ଅନୁମୋଦନ)** |
|---|---|---|---|---|---|
| **ୱେସ୍କୋ** | ୯୦.୯୬ | ୯.୧୦ | ୮୧.୮୬ | ୧୧.୮୨ | ୧୧.୨୩ |
| **ନେସ୍କୋ** | ୯୧.୨୮ | ୯.୧୩ | ୮୨.୧୫ | ୧୧.୫୭ | ୧୧.୨୭ |
| **ସାଉଥ୍କୋ** | ୭୨.୫୯ | ୭.୨୬ | ୬୫.୩୩ | ୮.୨୬ | ୮.୯୭ |
| **ସେସୁ** | ୨୦୪.୫୧ | ୦ | ୨୦୪.୫୧ | ୬୯.୯୯ | ୨୬.୫୯ |
| ସମୁଦାୟ | ୪୫୯.୩୪ | ୨୫.୪୯ | ୪୩୩.୮୫ | ୧୦୧.୬୪ | ୫୮.୦୬ |

<u>ଏନଟିପିସି ଶକ୍ତି ବନ୍ଧକ ସମୂହର ପୁନଃ-ନିରାପତ୍ତାକରଣ</u>

୪୪୬. ୨୦୦୯-୧୦ ଆର୍ଥିକ ବର୍ଷର ଏଆରଆରରେ ୧ ଅକ୍ଟୋବର, ୨୦୦୦ ଠାରୁ ୩୧, ମାର୍ଚ୍ଚ,୨୦୦୭ ପର୍ଯ୍ୟନ୍ତ ବନ୍ଧକ ପରିମାଣ ଉପରେ ୧୩.୬୪ କୋଟି, ୩୨.୮୦ କୋଟି ଓ ୩୦.୬୮ କୋଟି ଟଙ୍କାର ପାର୍ଥକ୍ୟଗତ ସୁଧହାର

(ବାର୍ଷିକ ୧୨.୫% - ବାର୍ଷିକ ୮.୫%)କୁ ଅନୁମତି ଦେବାକୁ ଯଥାକ୍ରମେ ୱେସକୋ, ନେସକୋ ଓ ସାଉଥକୋ ସେମାନଙ୍କ ଆବେଦନ 'ର ଉପସ୍ଥାପନା କରିଛନ୍ତି।

୪୪୭. ଆୟୋଗ ଏ ସଂପର୍କରେ ତାଙ୍କର ୨୦୦୯-୧୦ ଆର୍ଥିକ ବର୍ଷର ଶେଷ ଟାରିଫ ଅର୍ଡରରେ ଆଲୋଚନା କରିଛନ୍ତି, ଯାହାର ପ୍ରାସଙ୍ଗିକ ଉଦ୍ଧୃତାଂଶ ନିମ୍ନରେ ଉଦ୍ଧାର କରାଗଲା।

"ଏ ପ୍ରସଂଗରେ ଆୟୋଗ ୨୦୦୮-୦୯ ଆର୍ଥିକ ବର୍ଷର ପ୍ରାକ୍ ଆରଏସଟି ଅର୍ଡରର ପାରା ୩୭୯ ରୁ ୩୯୧ ମଧ୍ୟରେ ବିସ୍ତାରିତ ଭାବେ ଆଲୋଚନା କରିଛନ୍ତି। ଭାରତର ମାନ୍ୟବର ଉଚ୍ଚତମ ନ୍ୟାୟାଳୟଙ୍କର (ସିଏ ନଂ ୭୫୯/୨୦୦୭)" ରାୟ ପରେ ଏ ପ୍ରସଂଗରେ ସର୍ବଶେଷ ନିଷ୍ପତ୍ତି ନିଆଯିବ। ଅତଏବ, ଏ ବାବଦରେ ୨୦୦୯-୧୦ ଆର୍ଥିକ ବର୍ଷ ପାଇଁ ଆୟୋଗ କୌଣସି ସୁଧ ପରିମାଣକୁ ବିଚାର କରିନାହାନ୍ତି।

୪୪୮. ଉଚ୍ଚ ତମ ନ୍ୟାୟାଳୟରେ ଏହି ମାମଲା ବିଚାରାଧିନ ଥିବାରୁ ୨୦୧୦-୧୧ ଆ.ବ ପାଇଁ ଏନଟିପିସି ଶକ୍ତି ବଂଧକର ପୁନଃ-ନିରାପତ୍ତାକରଣ ବାବଦକୁ ଆୟୋଗ କୌଣସି ସୁଧ ପରିମାଣକୁ ବିବେଚନା କରିନାହାନ୍ତି।

<u>ତ୍ୱରାନ୍ୱିତ ଶକ୍ତି ବିକାଶ ସଂସ୍କାର ଯୋଜନା</u>

୪୪୯. ୱେସକୋ, ନେସକୋ ଓ ସାଉଥକୋ ସେମାନଙ୍କର ଏଆରଆରରେ ଉପସ୍ଥାପନ କରିଛନ୍ତି ଯେ, ଭାରତ ସରକାର ଏକାଦଶ ପଂଚବାର୍ଷିକ ଯୋଜନା ସମୟରେ ଘରୋଇ ବଂଟନ ଅନୁମତିଧାରୀଙ୍କୁ ଏପିଡିଆରପି ସ୍କିମରୁ କୌଣସି ସୁବିଧା ସୁଯୋଗ ପାଇବାକୁ ବାରଣ କରିଛନ୍ତି। ତେଣୁ, ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଉପରୋକ୍ତ କଂପାନୀମାନେ ଏପିଡିଆରପି ସ୍କିମ ଅଧିନରେ କୌଣସି ପରମାଣକୁ ଅଟକଳନ କରିନାହାନ୍ତି । ଏହି ସ୍କିମରୁ ଉପଲବ୍ଧ ହୋଇଥିବା ଆର୍ଥିକ ସହାୟତା ଉପରେ ବର୍ତ୍ତମାନ ବାର୍ଷିକ ୧୨ ପ୍ରତିଶତ ହାରରେ ବଂଟନକାରୀ କଂପାନୀମାନେ ସୁଧ ଦେଉଛନ୍ତି।

୪୫୦. ଚଳିତ ବର୍ଷର ଏପିଡିଆରପିର ପ୍ରକୃତ ବ୍ୟୟକୁ ଏବଂ ଆଗାମୀ ବର୍ଷରେ ବ୍ୟୟ ହେବାକୁ ଥିବା ଅବଶିଷ୍ଟ ପରିମାଣକୁ ଭିତ୍ତିକରି ଓଡ଼ିଶା ସରକାର ଏବଂ ଆରଇସି/ପିଏଫସିରୁ ଅଣାଯାଇଥିବା ଋଣର ସୁଧ ଦାୟବଦ୍ଧତାକୁ କଂପୁଟ କରାଯାଇଛି। ୨୦୦୯-୧୦ ଆର୍ଥିକ ବର୍ଷ ଏବଂ ୨୦୧୦-୧୧ଆର୍ଥିକ ବର୍ଷରେ ଏପିଡିଆରପିରୁ କୌଣସି ଋଣ ଆଣିଥିବା ବଂଟନକାରୀ କଂପାନୀମାନେ ଦର୍ଶାଇ ନାହାନ୍ତି। କେବଳ ପୂର୍ବ ବର୍ଷମାନଙ୍କରେ ଆଣିଥିବା ଋଣକୁ ସେମାନେ ବିନିଯୋଗ କରିଛନ୍ତି। ସେହି ଅନୁଯାୟୀ, ଅନୁମୋଦିତ ସୁଧ ପରିମାଣ ସହ ଅଣାଯାଇଥିବା ଋଣ ଓ ପାଇବାକୁ ଥିବା ଆକଳିତ ପରିମାଣର ଋଣର ସାରଣୀକୃତ ଚିତ୍ର ନିମ୍ନରେପ୍ରଦାନ କରାଗଲା।

**ସାରଣୀ – ୬୯**

(କୋଟି ଟଙ୍କା)

| ବର୍ଷ | ୨୦୦୮-୦୯ ପର୍ଯ୍ୟନ୍ତ ଉପଲବ୍ଧ ପାଣ୍ଠି ପରିମାଣ | | ୨୦୦୯-୧୦ ଓ ୨୦୧୦-୧୧ରେ ପ୍ରାପ୍ତ ପରିମାଣ | | ୨୦୦୯-୧୦ ଓ ୨୦୧୦-୧୧ରେ ପରିଶୋଧ ପରିମାଣ | | ୨୦୧୦-୧୧ ପର୍ଯ୍ୟନ୍ତ ଅବଶିଷ୍ଟ ପରିମାଣ | | ୨୦୧୦-୧୧ ପାଇଁ ଦେୟ ସୁଧ | | ୨୦୧୦-୧୧ ପାଇଁ ଅନୁମୋଦିତ ସମୁଦାୟ ସୁଧ ପରିମାଣ |
|---|---|---|---|---|---|---|---|---|---|---|---|
| | ଓଡ଼ିଶା ସରକାର | ଆରଇସି/ ପିଏଫସି | ଓଡ଼ିଶା ସରକାର | ଆରଇସି/ ପିଏଫସି | ଓଡ଼ିଶା ସରକାର | ଆରଇସି/ ପିଏଫସି | ଓଡ଼ିଶା ସରକାର | ଆରଇସି/ ପିଏଫସି | ଓଡ଼ିଶା ସରକାର | ଆରଇସି / ପିଏଫସି | |
| **ୱେସ୍କୋ** | ୫.୪୮ | ୯.୮୬ | - | - | - | ୨.୭୧ | ୫.୪୮ | ୭.୧୫ | ୦.୬୬ | ୧.୦୩ | ୧.୬୯ |

| | | | | | | | | | | | |
|---|---|---|---|---|---|---|---|---|---|---|---|
| **ନେସ୍କୋ** | ୬.୩୬ | ୧୧.୪୫ | - | - | - | ୩.୧୫ | ୬.୩୬ | ୮.୩୦ | ୦.୭୬ | ୦.୯୭ | **୧.୭୩** |
| **ସାଉଥ୍କୋ** | ୬.୬୨ | ୫.୧୩ | - | - | ୦.୩୩ | ୧.୪୦ | ୬.୨୯ | ୩.୭୩ | ୦.୭୩ | ୦.୪୯ | **୧.୨୨** |
| **ସେସୁ** | ୩୭.୦୯ | ୩୩.୭୪ | - | - | - | ୧୦.୬୬ | ୩୭.୦୯ | ୨୩.୦୮ | ୪.୪୫ | ୨.୭୬ | **୭.୨୨** |

<u>ପଦ୍ଧତିଗତ ବିକାଶ ଯୋଜନା</u>

୪୫୧. ସେକ୍ଟରର ପଦ୍ଧତିଗତ ବିକାଶ ଦିଗରେ ବ୍ୟୟ କରିବା ପାଇଁ ୱେସକୋ, ନେସକୋ, ସାଉଥକୋ ଓ ସେସୁ ଯଥାକ୍ରମେ ୩୧.୫୦ କୋଟି, ୩୪.୭୫ କୋଟି, ୬.୮୨ କୋଟି ଏବଂ ୨୧୦ କୋଟି ଟଙ୍କାର ଦୀର୍ଘକାଳୀନ ଋଣର ଅଟକଳନ କରିଛନ୍ତି ଏବଂ ସେମାନଙ୍କର ଏଆରଆରରେ ତଜ୍ଜନିତ ସୁଧ ପରିମାଣକୁ ଦାବୀ କରିଛନ୍ତି। ନିର୍ଦ୍ଦେଶକ (ଟାରିଫ)ଙ୍କ ଏକ ଯାଞ୍ଚକାରୀ ପ୍ରଶ୍ନର ଉତ୍ତରରେ ୱେସକୋ, ନେସକୋ, ସାଉଥକୋ ଉତ୍ତର ଦେଇଥିଲେ ଯେ, ୨୦୦୯, ଡିସେମ୍ବର ସୁଦ୍ଧା ଏ ବାବଦୀୟ ଋଣରୁ ସେମାନେ ଯଥାକ୍ରମେ ୧୦.୨୨ କୋଟି, ୯.୭୩ କୋଟି ଓ ୯.୫୨ କୋଟି ଟଙ୍କା ପାଇସାରିଛନ୍ତି । ସେସୁ ତା'ର ଆବେଦନ ପତ୍ରରେ ଦର୍ଶାଇଛି ଯେ, ଏ ବାବଦରେ ସବିଶେଷ ପ୍ରୋଜେକ୍ଟ ରିପୋର୍ଟ ପ୍ରସ୍ତୁତି ପାଇଁ ସେ ପରାମର୍ଶଦାତା ନିଯୁକ୍ତ କରିସାରିଛି। ଆୟୋଗଙ୍କ ଜାଣିବା ଅନୁସାରେ ଏ ଦିଗରେ ବିଶେଷ କିଛି ଅଗ୍ରଗତି ହୋଇ ନଥିବାରୁ, ସେସୁର ଦାବୀ ମତେ ୨୧୦ କୋଟି ଟଙ୍କାର ସୁଧ ପରିମାଣକୁ ଅନୁମତି ଦେବାକୁ ଆୟୋଗ ଅସାମର୍ଥ୍ୟ ପ୍ରକଟ କରିଛନ୍ତି। ତେବେ , ଡିସେମ୍ବର ୨୦୦୯ ପର୍ଯ୍ୟନ୍ତ ୱେସକୋ, ନେସକୋ, ସାଉଥକୋ ଆଣିଥିବା ଋଣ ଉପରେ ସୁଧ ପରିମାଣକୁ ଆୟୋଗ ଅନୁମତି ଦେଇଛନ୍ତି। ଅତଏବ, ନିମ୍ନ ସାରଣୀରେ ଉଲ୍ଲେଖ ମତେ ଆୟୋଗ ୨୦୧୦-୧୧ ଆ.ବ ର ଏ ଆରଆରରେ ଅନ୍ତର୍ଭୁକ୍ତ ହେବାକୁ ଥିବା ୱେସକୋ, ନେସକୋ ଓ ସାଉଥକୋ ଉଦ୍ଦେଶ୍ୟରେ ପଦ୍ଧତିଗତ ବିକାଶ ଯୋଜନା ଅଧିନରେ ନିମ୍ନ ଲିଖିତ ସୁଧ ପରିମାଣକୁ ଅନୁମତି ଦେଇଛନ୍ତି।

**ସାରଣୀ – ୭୦**

(କୋଟି ଟଙ୍କା)

| ବଣ୍ଟନକମ୍ପାନୀମାନଙ୍କ ନାମ | **ଆର୍ଥିକ ବର୍ଷ ୨୦୧୦-୧୧ ପାଇଁ ପ୍ରାସ୍ତାବିତ ଋଣ** | **ଡିସେମ୍ବର ୨୦୦୯ ସୁଦ୍ଧା ଆରଇସି ଠାରୁ ଋଣ ଉପଲବ୍ଧ** | **ଆର୍ଥିକ ବର୍ଷ ୨୦୧୦-୧୧ ପାଇଁ ସୁଧ** (ଅନୁମୋଦନ) |
|---|---|---|---|
| **ୱେସ୍କୋ** | ୩୧.୫୦ | ୧୦.୨୩ | ୧.୩୮ |
| **ନେସ୍କୋ** | ୩୪.୭୫ | ୯.୭୩ | ୧.୩୪ |
| **ସାଉଥ୍କୋ** | ୬.୮୨ | ୯.୫୨ | ୧.୧୯ |
| **ସେସୁ** | ୨୧୦.୦୦ | - | ଘସକ୍ଷ |

<u>ସିକ୍ୟୁରିଟି ଜମା ଉପରେ ସୁଧ</u>

୪୫୨. ଓଇଆରସି ବଂଟନ (ଯୋଗାଣ ସର୍ତ୍ତାବଳୀ) କୋଡ, ୨୦୦୪ ଅନୁଯାୟୀ ସିକ୍ୟୁରିଟି ଜମା ଉପରେ ସୁଧ ପରିମାଣକୁ ଆୟୋଗ ଅନୁମତି ଦେଇଛନ୍ତି। ଏହି ନିୟମରେ ଉଲ୍ଲେଖ ଅନୁଯାୟୀ, ଭାରତୀୟ ରିଜର୍ଭ ବ୍ୟାଙ୍କର ବିଜ୍ଞପ୍ତି ଅନୁସାରେ ବ୍ୟାଙ୍କ ହାରରେ ଉପଭୋକ୍ତାଙ୍କର ସିକ୍ୟୁରିଟି ଜମା ଉପରେ ଅନୁମତିଧାରୀମାନେ ସୁଧ ଦେବେ। ତେବେ, ସମୟକୁ ସମୟ ଆୟୋଗ କାର୍ଯ୍ୟାଳୟ ରାଜପତ୍ରର ବିଜ୍ଞପ୍ତି ଦ୍ୱାରା ଏହି ସୁଧ ହାରର ବୃଦ୍ଧି କରିପାରନ୍ତି ଏବଂ ସେହି ବର୍ଦ୍ଧିତ ହାରରେ ଅନୁମତିଧାରୀମାନେ ଉପଭୋକ୍ତାଙ୍କୁ ସୁଧ ପରିମାଣ ଦେବାକୁ ବାଧ୍ୟ ହେବେ।

୪୫୩. ଭାରତୀୟ ରିଜର୍ଭ ବ୍ୟାଙ୍କ  ଦ୍ୱାରା ବିଜ୍ଞପିତ ମତେ ପ୍ରଚଳିତ ସୁଧ ହାର ହେଉଛି ବାର୍ଷିକ ୬ ପ୍ରତିଶତ। ତେଣୁ, ୩୧.୩.୨୦୧୦ ସୁଦ୍ଧା ଉପଭୋକ୍ତାଙ୍କୁ ନିମ୍ନ ସାରଣୀରେ ପ୍ରଦର୍ଶନ ମତେ ଏହି ୬ ପ୍ରତିଶତ ହାରରେ (ବାର୍ଷିକ ) ସୁଧ ପରିମାଣ ପ୍ରଦାନ କରିବାକୁ ଆୟୋଗ ଅନୁମତିଧାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

**ସାରଣୀ – ୭୧**

(କୋଟି ଟଙ୍କା)

| ବଣ୍ଟନକମ୍ପାନୀମାନଙ୍କ ନାମ | ପ୍ରସ୍ତାବିତ | ଅନୁମୋଦନ |
|---|---|---|
| **ୱେସ୍କୋ** | ୧୯.୪୬ | ୧୯.୪୬ |
| **ନେସ୍କୋ** | ୧୨.୨୧ | ୧୨.୨୧ |
| **ସାଉଥ୍କୋ** | ୪.୨୬ | ୪.୦୨ |
| **ସେସୁ** | ୧୫.୫୬ | ୧୫.୫୬ |

<u>ସୁଧର ମୂଳଧନୀକରଣ</u>

୪୫୪.ନିର୍ମାଣ କାର୍ଯ୍ୟ ସମୟରେ ଆୟୋଗ ଆଇଟମ ଇଣ୍ଟରେଷ୍ଟ ବା ଭିନ୍ନ ଭିନ୍ନ ପ୍ରକାରର ସୁଧକୁ ପରୀକ୍ଷଣ କରିଥିଲେ ଏବଂ ଲକ୍ଷ୍ୟ କରିଥିଲେ ଯେ, କେବଳ ପଦ୍ଧତିଗତ ବିକାଶ କାର୍ଯ୍ୟଗୁଡିକ ଉପରେ ସୁଧ ପରିମାଣକୁ ମୂଳଧନ ସହ ମିଶାଇ ଦେବାକୁ ଅନୁମତିଧାରୀମାନେ ପ୍ରସ୍ତାବ ଦେଇଛନ୍ତି। ଆର୍ଥିକ ବର୍ଷ ୨୦୦୯-୧୦ ରେ ପ୍ରକୃତ ଋଣ ଉଠାଣକୁ ଭିତ୍ତି କରି ପଦ୍ଧତିଗତ ବିକାଶ କାର୍ଯ୍ୟଗୁଡିକ ଉପରେ ଆୟୋଗ ସୁଧ ପରିମାଣକୁ ଅନୁମତି ଦେଇଛନ୍ତି। ପୁନଶ୍ଚ, ଶୁଣାଣି ସମୟରେ ୨୦୧୦-୧୧ ଆର୍ଥିକ ବର୍ଷରେ  ପଦ୍ଧତିଗତ ବିକାଶ କାର୍ଯ୍ୟ ସମୂହକୁ ସଂପୂର୍ଣ୍ଣ କରିବାକୁ ଅନୁମତିଧାରୀମାନେ ମତ ପ୍ରକାଶ କରିଥିଲେ। ଅତଏବ, ନିର୍ମାଣ ସମୟରେ ସୁଧ ବାବଦକୁ କୌଣସି ପରିମାଣର ସହ-ସାମିଲକରଣ ପାଇଁ ଆୟୋଗ ଆବଶ୍ୟକତା ଅନୁଭବ କରିନାହାନ୍ତି।

୪୫୫. ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ବଂଟନକାରୀ କଂପାନୀଙ୍କ ଦ୍ୱାରା ପ୍ରସ୍ତାବିତ ଋଣ ଉପରେ ସମୁଦାୟ ପରିମାଣର ସୁଧ ଓ ଆୟୋଗଙ୍କର ଏତଦ୍‌ଜନିତ ଅନୁମୋଦନର ସାରାଂଶୀକରଣ ନିମ୍ନ ସାରଣୀରେ ଉଲ୍ଲେଖ ମତେ କରାଯାଇଛି।

**ସାରଣୀ – ୭୨**

ସମୁଦାୟ ବାର୍ଷିକ ସୁଧ

(କୋଟି ଟଙ୍କା)

| | **ୱେସ୍କୋ** | | | **ନେସ୍କୋ** | | | **ସାଉଥ୍କୋ** | | | **ସେସୁ** | | |
|---|---|---|---|---|---|---|---|---|---|---|---|---|
| | ୦୯-୧୦ ଅନୁମୋଦିତ | ୧୦-୧୧ ପ୍ରସ୍ତାବିତ | **୧୦-୧୧** ଅନୁମୋଦିତ | ୦୯-୧୦ ଅନୁମୋଦିତ | ୧୦-୧୧ ପ୍ରସ୍ତାବିତ | **୧୦-୧୧** ଅନୁମୋଦିତ | ୦୯-୧୦ ଅନୁମୋଦିତ | ୧୦-୧୧ ପ୍ରସ୍ତାବିତ | **୧୦-୧୧** ଅନୁମୋଦିତ | ୦୯-୧୦ ଅନୁମୋଦିତ | ୧୦-୧୧ ପ୍ରସ୍ତାବିତ | **୧୦-୧୧** ଅନୁମୋଦିତ |
| ବିଶ୍ୱବ୍ୟାଙ୍କ ଋଣ | ୧୦.୦୫ | ୧୧.୮୨ | ୧୧.୨୩ | ୧୧.୨୭ | ୧୧.୫୭ | ୧୧.୨୮ | ୮.୦୨ | ୮.୨୬ | ୮.୯୭ | ୨୬.୫୯ | ୬୯.୯୯ | ୨୬.୫୯ |
| ଏନଟିପିସି ବଣ୍ଡ-ପାର୍ଥକ୍ୟଗତ ପରିମାଣ | - | ୧୩.୬୫ | | - | ୩୨.୮୦ | | - | ୩୦.୬୮ | | - | - | |
| ପରିବହନ ଦର (ଏନଟିପିସି ବଣ୍ଡ ଏବଂ ଅମାନତ ଜମାରେ ଡିଫଲ୍ଟ | - | - | | - | - | | - | - | | - | - | |
| ୫୦ ପ୍ରତିଶତ ମଞ୍ଜୁରୀର ଏପିଡିଆରପି ବାସ୍ତବ  ପରିମାଣ (ଓଡ଼ିଶା ସରକାର) | ୦.୬୬ | ୦.୬୫ | ୦.୬୬ | ୦.୭୬ | ୦.୭୬ | ୦.୭୬ | ୦.୭୮ | ୦.୭୬ | ୦.୭୩ | ୪.୪୫ | ୮.୮୫ | ୪.୪୫ |
| ଆରଇସି/ପିଏଫସି | ୧.୨ | ୫.୯୫ | | ୧.୩ | ୪.୬୬ | | ୦.୪୬ | ୨.୨୬ | | ୩.୪୧ | ୨.୧୫ | |

| | | | | | | | | | | | | |
|---|---|---|---|---|---|---|---|---|---|---|---|---|
| କାଉଣ୍ଟର ପାର୍ଟ ଫଣ୍ଡିଂ ଏପିଡିଆରପି) | | | ୧.୦୩ | | | ୦.୯୮ | | | ୦.୫ | | | ୨.୭୭ |
| ଏସଆଇ ପରିକଳ୍ପନା | ୧.୧୪ | - | ୧.୩୮ | ୧.୦୮ | - | ୧.୩୪ | ୦.୮୨ | - | ୧.୧୯ | - | - | |
| ଗଚ୍ଛିତ ନିରାପତ୍ତା ଉପରେ ଉପରେ ସୁଧ | ୧୬.୯୬ | ୧୯.୪୭ | ୧୯.୪୭ | ୧୦.୫୨ | ୧୨.୨୧ | ୧୨.୨୧ | ୩.୯୭ | ୪.୨୬ | ୪.୦୨ | ୧୩ | ୧୫.୫୬ | ୧୫.୫୬ |
| ଅନ୍ୟାନ୍ୟ ସୁଧ ଏବଂ ଆର୍ଥିକ ଦେୟ | | ୬.୫୯ | | | ୩.୩୧ | | | ୨.୧୬ | | | - | |
| ସମୁଦାୟ ସୁଧ | ୩୦.୦୧ | ୫୮.୧୩ | ୩୩.୭୭ | ୨୪.୯୪ | ୬୫.୩୧ | ୨୬.୫୭ | ୧୪.୦୫ | ୪୮.୩୮ | ୧୫.୪୧ | ୪୭.୪୫ | ୯୬.୫୫ | ୪୯.୩୭ |
| ହ୍ରାସ : ମୂଳଧନୀକୃତ ସୁଧ | | ୨.୧୩ | | | ୩.୫୯ | | | ୧.୬୩ | | | ୧.୬୩ | |
| ରାଜସ୍ୱ ପ୍ରତି ପ୍ରୟୋଗିତ ସୁଧ | ୩୦.୦୧ | ୫୬.୦୦ | **୩୩.୭୭** | **୨୪.୯୪** | ୬୧.୭୨ | **୨୬.୫୭** | ୧୪.୦୫ | ୪୬.୭୫ | **୧୫.୪୧** | ୪୭.୪୫ | ୯୪.୯୨ | **୪୯.୩୭** |

<u>ହ୍ରାସ ମୂଲ୍ୟ</u>

୪୫୬. ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଉର୍ଦ୍ଧ୍ୱ-ମୂଲ୍ୟର ଆସେଟ ଭିତ୍ତି ଉପରେ ଯୁକ୍ତ ୧.୪.୯୬ ପରର ଆସେଟ ଯୋଗକରଣ ଉପରେ ପ୍ରାକ୍ ୯୨ ଦର ହାରରେ ବଂଟନକାରୀ କଂପାନୀମାନେ ହ୍ରାସ ମୂଲ୍ୟର ହିସାବ କରିଛନ୍ତି। ୪ଟି ବିତରକ କଂପାନୀଂକର ନିମ୍ନମତେ ହ୍ରାସ-ମୂଲ୍ୟର ଦାବିକୁ ଉଲ୍ଲେଖି କରାଗଲା।

**ସାରଣୀ – ୭୩**

(କୋଟି ଟଙ୍କା)

| **ବର୍ଷ** | **ୱେସ୍କୋ** | **ନେସ୍କୋ** | **ସାଉଥ୍‌କୋ** | **ସେସୁ** |
|---|---|---|---|---|
| ରଣ ୨୦୧୦-୧୧ | ୩୧.୯୨ | ୩୮.୪୭ | ୧୬.୮୫ | ୮୨.୩୪ |

୪୫୭. ୧.୪.୯୬ ସୁଦ୍ଧା ଗ୍ରୀଡକୋ ଏବଂ ବଂଟନକାରୀ କଂପାନୀଙ୍କ ମଧ୍ୟରେ ଭାଗୀଦାରିତ୍ୱ ଥିବା ସରବରାହ ଓ ବଂଟନ ଜନିତ ଆସେଟ ଉପରେ ପ୍ରାକ୍ -୯୨ ଦର-ହାରରେ ଆସେଟ ସମୂହର ପ୍ରାକ୍ ଉର୍ଦ୍ଧ୍ୱ-ମୂଲ୍ୟର ଦାମ ଉପରେ ହ୍ରାସ ମୂଲ୍ୟକୁ ହିସାବ କରିବାକୁ ମାନ୍ୟବର ଉଚ୍ଚ ନ୍ୟାୟାଳୟ ୨୦୦୨ ର ବିବିଧ କୋଡ ନଂ ୭୪୧୦ ଓ ୮୯୫୩ ର ରାୟରେ ନିର୍ଦ୍ଦେଶ ଦେଇଛନ୍ତି। ୨୦୦୯-୧୦ ଆର୍ଥିକ ବର୍ଷ ପାଇଁ ହ୍ରାସ-ମୂଲ୍ୟ ସଂପର୍କରେ ଆୟୋଗ ନିମ୍ନମତେ ପର୍ଯ୍ୟବେକ୍ଷଣ କରିଛନ୍ତି।

୩୮୮. " ପ୍ରାକ୍ ଉର୍ଦ୍ଧ୍ୱ-ମୂଲ୍ୟର ଦାମରେ ୧.୪.୧୯୯୬ ସୁଦ୍ଧା ସ୍ଥିର ଆସେଟ ସମୂହର ପୁସ୍ତିକା-ମୂଲ୍ୟକୁ ବିଚାର କରି ଏବଂ ପରବର୍ତ୍ତୀ ବର୍ଷମାନଙ୍କରେ ପରବର୍ତ୍ତୀ ଆସେଟ ଯୋଗକରଣକୁ ବିଚାର କରି ଆୟୋଗ ପ୍ରତ୍ୟେକ ତାରିଫ ଅର୍ଡରର ପରବର୍ତ୍ତୀ ତାରିଫ ଅର୍ଡରମାନଙ୍କରେ ଏବଂ ୨୦୦୮-୦୯ ପାଇଁ ଶେଷ ତାରିଫ ଅର୍ଡରରେ (ପାରା ୩୦୯ ରୁ

୪୦୬) ବିସ୍ତାରିତ ଭାବେ ହ୍ରାସ-ମୂଲ୍ୟ ହିସାବ ଉପରେ ନିରୀକ୍ଷଣ କରିଛନ୍ତି। ୨୦୦୯-୧୦ ଆର୍ଥିକ ବର୍ଷ ପାଇଁ ହ୍ରାସ-ମୂଲ୍ୟ ନିର୍ଦ୍ଧାରଣ ନିମନ୍ତେ ଆୟୋଗ ଉପରୋକ୍ତ ଏକା କୌଶଳନର ମଧ୍ୟ ଅନୁସରଣ କରିଛନ୍ତି।

୪୫୮. ୧.୪.୧୯୯୯ ଠାରୁ ୪ ଟି ଯାକ ବଂଟନକାରୀ କଂପାନୀ ଗ୍ରୀଡକୋ ଠାରୁ ଶକ୍ତି ବଂଟନ ବ୍ୟବସାୟ ହାତକୁ ନେଲେ। ୧.୮.୧୯୯୬ ଠାରୁ ୩୧.୩.୧୯୯୯ ପର୍ଯ୍ୟନ୍ତ ଗ୍ରୀଡକୋ ଉଭୟ ସ୍ଥୁଳ ଯୋଗାଣ ଓ ବଂଟନ ବ୍ୟବସାୟ ତୁଲାଉଥିଲା। ଏହି ସମୟ (୧.୮.୧୯୯୬ ରୁ ୩୧.୩.୧୯୯୯) ପାଇଁ ବର୍ଷ ୱାରୀ ଆସେଟ୍ ଯୋଗକରଣ ଗ୍ରୀଡକୋର ଅଡିଟ କରାଯାଇଥିବା ଆକାଉଣ୍ଟ ଉପରେ ଆଧାରିତ। ୧.୪.୧୯୯୯ ଠାରୁ ପରବର୍ତ୍ତୀ ସମୟରେ ଆସେଟ ଯୋଗକରଣ ବଂଟନକାରୀ କଂପାନୀମାନଙ୍କ ର ଅଡିଟ କରାଯାଇଥିବା ବାର୍ଷିକ ଆକାଉଣ୍ଟ ଉପରେ ଆଧାରିତ। ୱେସକୋ, ନେସକୋ ଓ ସାଉଥକୋ କ୍ଷେତ୍ରରେ ଆସେଟ ଯୋଗକରଣକୁ ସଠିକ ରୂପେ ଜାଣିବା ପାଇଁ ୨୦୦୮-୦୯ ପର୍ଯ୍ୟନ୍ତ ଅଡିଟ କରାଯାଇଥିବା ଆକାଉଣ୍ଟ ସମୂହ ଆୟୋଗଙ୍କ ପାଖରେ ଉପଲବ୍ଧ ଅଟେ। ସେସୁ ପାଇଁ ୨୦୦୭-୦୮ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଅଡିଟ କରାଯାଇଥିବା ଆକାଉଣ୍ଟ ଆୟୋଗଙ୍କ ପାଖରେ ଉପଲବ୍ଧ ଅଟେ।

୪୫୯. ମରାମତି ଓ ତୁଲାଜମା ବ୍ୟୟର ହିସାବ କଲାବେଳେ ୧.୪.୧୯୯୬ ସୁଦ୍ଧା ଗ୍ରସ୍ ପୁସ୍ତିକା ମୂଲ୍ୟ ଏବଂ ୨୦୦୮-୦୯ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ତା' ପରର ବର୍ଷ-ୱାରୀ ଆସେଟ ଯୋଗକରଣର ଆଲୋଚନା କରାଯାଇଛି ଏବଂ ୧.୪.୨୦୧୦ ସୁଦ୍ଧା ଆସେଟ ସମୂହର ସ୍ଥିତି ସେହି ଅନୁସାରେ ମରାମତି ଓ ତୁଲାଜମା ବ୍ୟୟ ଅନ୍ତର୍ଭୁକ୍ତ କରାଯାଇଛି।

୪୬୦. ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କର ରାୟ ଜନିତ ନିର୍ଦ୍ଦେଶନା ଅନୁଯାୟୀ, ୧.୪.୨୦୧୦ ସୁଦ୍ଧା ଅନୁମୋଦିତ ଅସେଟ ଭିତ୍ତିରେ ପ୍ରାକ୍- ୯୨ ଦର-ହାରରେ ହ୍ରାସ-ମୂଲ୍ୟର ହିସାବ କରାଯାଏ। ବଂଟନକାରୀ କଂପାନୀମାନଙ୍କ ଦ୍ୱାରା ଉପସ୍ଥାପିତ ତାରିଫ ଫାଇଲିଂ ଏବଂ ଅଡିଟ କରାଯାଇଥିବା ଆକାଉଣ୍ଟ ଅଧାରରେ ଆନୁପାତିକତା ଢାଞ୍ଚାରେ ଆସେଟସମୂହର ଶ୍ରେଣୀକରଣ କରାଯାଇଛି। ସେହି ଅନୁସାରେ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଆୟୋଗ ହ୍ରାସ-ମୂଲ୍ୟ ବାବଦକୁ ନିମ୍ନୋକ୍ତ ପରିମାଣକୁ ଅନୁମୋଦନ କରିଛନ୍ତି।

**ସାରଣୀ – ୭୪**

(କୋଟି ଟଙ୍କା)

| ବର୍ଷ | ୱେସ୍କୋ | ନେସ୍କୋ | ସାଉଥ୍କୋ | ସେସୁ |
|---|---|---|---|---|
| ୦୧.୦୪.୨୦୧୦ ସୁଦ୍ଧା ଆସେଟ ମୂଲ୍ୟ | ୫୫୧.୩୬ | ୫୯୬.୭୩ | ୩୯୦.୯୬ | ୮୫୫.୩୫ |
| ଆର୍ଥିକ ବର୍ଷ ୨୦୧୦-୧୧ ପାଇଁ ମୂଲ୍ୟ-ହ୍ରାସ | ୧୯.୭୨ | ୨୧.୪୫ | ୧୪.୧୨ | ୩୦.୪୫ |

<u>ମନ୍ଦ ଓ ସନ୍ଦେହ ଜନକ ଋଣ ପାଇଁ ବ୍ୟବସ୍ଥା</u>

୪୬୧. ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଏଆରଆର ଅଟକଳନ କଲାବେଳେ ୱେସକୋ, ନେସକୋ, ସାଉଥକୋ ଓ ସେସୁ ମନ୍ଦ ଓ ସନ୍ଦେହ ଜନକ ଋଣ ଭାବେ ଆଦାୟ ନିକୃଷ୍ଟତାର ସମ ପରିମାଣ ଅର୍ଥକୁ ବିବେଚନା କରିବାକୁ ପ୍ରସ୍ତାବ ଦେଇଛନ୍ତି। ନିମ୍ନ ସାରଣୀରେ ଏହାର ପ୍ରଦର୍ଶନ କରାଗଲା।

**ସାରଣୀ – ୭୫**

(କୋଟି ଟଙ୍କା)

| | ୱେସ୍କୋ | ନେସ୍କୋ | ସାଉଥ୍କୋ | ସେସୁ |
|---|---|---|---|---|
| ବିଲ୍ କରାଯାଇଥିବା ପ୍ରସ୍ତାବିତ ରାଜସ୍ୱ (କୋଟି ଟଙ୍କାରେ) | ୧୬୭୫.୦୦ | ୧୩୭୩.୬୫ | ୪୯୯.୭୧ | ୧୧୮୨.୬୦ |
| ପ୍ରସ୍ତାବିତ ଦେୟ-ଆଦାୟ-ଉତ୍କୃଷ୍ଟତା (%) | ୯୭.୫୦% | ୯୭% | ୯୭% | ୯୫% |
| ପ୍ରସ୍ତାବିତ ଦେୟ-ଆଦାୟ ଅଦକ୍ଷତା (%) | ୨.୫୦% | ୩% | ୩% | ୫% |
| ପ୍ରସ୍ତାବିତ ମନ୍ଦ ଓ ସନ୍ଦେହଜନକ ଋଣ (କୋଟି ଟଙ୍କାରେ) | ୪୭.୬୩ | ୪୧.୨୧ | ୧୧.୬୦ | ୫୯.୧୩ |

୪୬୨. ଓ୍ୱେସକୋ, ନେସକୋ, ଓ ସାଉଥକୋ ସେମାନଙ୍କର ଆବେଦନ ପତ୍ରରେ ଉପସ୍ଥାପନ କରିଛନ୍ତି ଯେ, ବିଲିଂ ଓ ଆଦାୟ ମଧ୍ୟରେ ପାର୍ଥକ୍ୟକୁ ମନ୍ଦ ଋଣ ଭାବେ ଅନୁମତି ଦିଆଯାଇପାରେ, ଯେଣୁ ଅନୁମତିଧାରୀଙ୍କ ପକ୍ଷେ କାର୍ଯ୍ୟକାରୀ ମୂଳଧନ ଯୋଗାଡ କରିବା କଷ୍ଟକର ଅଟେ।

୪୬୩. ଆଦାୟ-ଉତ୍କୃଷ୍ଟତାର ବାହାରେ ସମୁଦାୟ ଅନାଦାୟ ପରିମାଣକୁ ମନ୍ଦ ଓ ସନ୍ଦେହଜନକ ଋଣ ଭାବେ ବିବେଚନା କରାଯିବାକୁ ବାଂଛିତ ଭାବେ ବଂଟନକାରୀ କଂପାନୀମାନେ ଧରିନେଇଛନ୍ତି ଯେ, ବାକିଆ ଆଦାୟ ହେବ ନାହିଁ ଏବଂ ଆଦାୟ-ଉତ୍କୃଷ୍ଟତାର ବାହାରେ ଏହି ପରିମାଣକୁ ମନ୍ଦ ଓ ସନ୍ଦେହଜନକ ଋଣ ଭାବେ ବିବେଚନା କରାଯିବ। ବଂଟନକାରୀ କଂପାନୀଙ୍କର ଏ ପ୍ରକାର ପ୍ରସ୍ତାବ ଉପଭୋକ୍ତାଙ୍କ ପାଇଁ ନ୍ୟାୟୋଚିତ ନୁହେଁ , ଯେଣୁ ବଂଟନକାରୀ କଂପାନୀଙ୍କର ସମୁଦାୟ ଆଦାୟ-ନିକୃଷ୍ଟତାକୁ ଏଆରଆର ଜରିଆରେ ପାସ୍ କରାଇବାକୁ ବୁଝାଇବ। ପୁନଶ୍ଚ, ଯଦି ନିର୍ଦ୍ଦିଷ୍ଟ ଆର୍ଥିକ ବର୍ଷରେ କୌଣସି ଦେୟ ଆଦାୟ ହୋଇ ପାରି ନଥାଏ, ଏହାକୁ ତ ପରବର୍ତ୍ତୀ ବର୍ଷରେ ଆଦାୟ କରିହେବ। ସୁତରାଂ ସମୁଦାୟ ଅନାଦାୟ ପରିମାଣକୁ ମନ୍ଦ ଋଣ ଭାବେ ଅଭିହିତ କରିହେବ ନାହିଁ। ଏଠାରେ ସ୍ୱଷ୍ଟ କରିଦିଆଯିବା ଉଚିତ ଯେ, ସେହି ପରିମାଣକୁ ମନ୍ଦ ଋଣ ଭାବେ ବିବେଚନା କରାଯିବ, ଯାହା ନିର୍ଦ୍ଦିଷ୍ଟ ଚଳିତ ବର୍ଷରେ ବିଲ୍ କରାଯାଇ ଆଦାୟ ହୋଇ ପାରିନଥିଲେ ମଧ୍ୟ ପର ବର୍ଷ ବା ନିକଟତମ ପରବର୍ତ୍ତୀ ବର୍ଷମାନଙ୍କରେ ଆଦାୟ କରାଯାଇପାରିବ।

୪୬୪. ୨୦୦୯-୧୦ ଆର୍ଥିକ ବର୍ଷର ତାରିଫ ଆଦେଶନାମାରେ ବିଲିଂ ପରିମାଣର ୨ ପ୍ରତିଶତକୁ ଆୟୋଗ ମନ୍ଦ ବା ସନ୍ଦେହ ଜନକ ଋଣ ଭାବେ ଅନୁମତି ଦେଇଛନ୍ତି। ଇଏଚଟି ଉପଭୋକ୍ତାଙ୍କ ଠାରୁ ବିକ୍ରୀ ଲବ୍ଧ ରାଜସ୍ୱକୁ ବାଦ୍ ଦେଇ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଆୟୋଗ ପୂର୍ବ ଆଦେଶନାମା ସହ ତାଳମେଳ ରଖି ବିଲିଂ ପରିମାଣର ୨ ପ୍ରତିଶତକୁ ମନ୍ଦ ଓ ସନ୍ଦେହଜନକ ଋଣ ପରିମାଣ ଭାବେ ଅନୁମତି ଦେଇଛନ୍ତି। ଅବଶ୍ୟ ଏହା ପୂର୍ବ ଆଦେଶନାମାର ସାମାନ୍ୟ ବ୍ୟତିକ୍ରମ ଅଟେ। ଆୟୋଗଙ୍କର ମତ ଏହି ଯେ, ଯେଣୁ ଇଏଚଟି ସ୍ତରରେ ଶକ୍ତି ଯୋଗାଣର ବିଶେଷ କ୍ଷତି ହେଉନାହିଁ, ତେଣୁ ସେ ସ୍ତରରେ ମନ୍ଦ ଓ ସନ୍ଦେହ ଜନକ ଋଣ ପରିମାଣ ବାବଦକୁ ବଂଟନକାରୀ କଂପାନୀଙ୍କୁ ଅଧିକ ପରିମାଣର ଅନୁମତି ଦେବା ଅବାଂଛିତ ଓ ଅନାବଶ୍ୟକ ଅଟେ। ତେଣୁ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ମନ୍ଦ ଓ ସନ୍ଦେହଜନକ ଋଣକୁ ଅନୁମୋଦନ କଲାବେଳେ ଏଚଟି ଏବଂ ଏଲଟି ଶ୍ରେଣୀର ସମୁଦାୟ ବିକ୍ରୀକୁ ବିଚାରକୁ ନିଆଯାଇଛି। ଅତଏବ, ବିତରକ କଂପାନୀମାନଂକ ଦ୍ୱାରା ପ୍ରସ୍ତାବିତ ଓ ଆୟୋଗଂକ ଦ୍ୱାରା ଅନୁମୋଦିତ ୨୦୧୦-୧୧ ଆ.ବ ର ମନ୍ଦ ଓ ସନ୍ଦେହ ଜନକ ଋଣ କୁ ନିମ୍ନ ପ୍ରକାରରେ ସାରାଂଶିକରଣ କରାଗଲା।

**ସାରଣୀ – ୭୬**

(କୋଟି ଟଙ୍କା)

| ବଣ୍ଟନକମ୍ପାନୀମାନଙ୍କ ନାମ | ପ୍ରସ୍ତାବିତ | | ଅନୁମୋଦିତ | |
|---|---|---|---|---|
| | **ରାଜସ୍ୱ** | **ମନ୍ଦ ଋଣ** | **ରାଜସ୍ୱ** | **ମନ୍ଦ ଋଣ** |
| **ଓ୍ୱେସ୍କୋ** | ୧୬୭୫.୦୦ | ୪୭.୬୩ | ୧୬୩୦.୦୧ | ୨୦.୮୫ |
| **ନେସ୍କୋ** | ୧୩୭୩.୬୫ | ୪୧.୨୧ | ୧୩୫୭.୯୨ | ୧୩.୧୪ |
| **ସାଉଥ୍କୋ** | ୪୯୯.୭୧ | ୧୧.୬୦ | ୪୭୧.୮୨ | ୬.୮୯ |
| **ସେସୁ** | ୧୧୮୨.୬୦ | ୫୯.୧୩ | ୧୫୫୮.୩୩ | ୨୨.୦୨ |

ବଂଟନକାରୀ କଂପାନୀଙ୍କ ପାଇଁ ବାସ୍ତବାୟନ

୪୬୫. ଆୟୋଗଙ୍କ ପାଖରେ ଉପଲବ୍ଧ ଥିବା ଅଡିଟ କରାଯାଇଥିବା ଆକାଉଣ୍ଟ ସମୂହକୁ ଭିତ୍ତି କରି ଆୟୋଗ ଶେଷ ତିନି କ୍ରମିକ ତାରିଫ ଅର୍ଡରରେ ବଂଟନକାରୀ କଂପାନୀମାନଙ୍କର ଦର ଓ ରାଜସ୍ୱର ବାସ୍ତବାୟନ କରିଥିଲେ । ୨୦୦୭-୦୮ ର ଆରଏସଟି ଅର୍ଡରରେ ହିଁ ପ୍ରଥମ ବାସ୍ତବାୟନ କରାଯାଇଥିଲା, ଯହିଁରେ ଆର୍ଥିକ ବର୍ଷ ୧୯୯୯-୨୦୦୦ରୁ ଆର୍ଥିକ ବର୍ଷ ୨୦୦୫ -୦୬ ପର୍ଯ୍ୟନ୍ତ ଅଡିଟ କରାଯାଇଥିବା ଆକାଉଣ୍ଟ ସହିତ ଏଆରଆରର ପ୍ରୋଭିଜିନାଲ ବାସ୍ତବାୟନ କରାଯାଇଥିଲା । ପରବର୍ତ୍ତୀ ସମୟରେ ୨୦୦୯-୧୦ଆର୍ଥିକ ବର୍ଷର ଆରଏସ୍‌ଟି ଅର୍ଡର ଗୁଡିକରେ ୱେସ୍‌କୋ, ନେସ୍‌କୋ ଓ ସାଉଥ୍‌କୋ ପାଇଁ ୨୦୦୭-୦୮ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଓ ସେସୁ ପାଇଁ ୨୦୦୬-୦୭ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଆଉ ଥରେ ବାସ୍ତବାୟନର ବିସ୍ତାରଣ କରାଯାଇଥିଲା । ବଂଟନକାରୀ କଂପାନୀମାନଙ୍କର ଏଆରଆର ଚୂଡାନ୍ତ କରିବା ବେଳେ ଆୟୋଗ ଏହି ସବୁ ପ୍ରୋଭିଜନାଲ ବାସ୍ତବାୟନ ଶୃଙ୍ଖଳାକୁ ଭିତ୍ତି କରି ପ୍ରତିବର୍ଷ ବଂଟନକାରୀ କଂପାନୀମାନଙ୍କୁ (ଯେଉଁ କଂପାନୀମାନଙ୍କର ଆସେଟ ସ୍ଥିତି ନକରାତ୍ମକ ଅଛି) ନିୟାମକ ଆସେଟ ସମୂହ ଉଦ୍ଦେଶ୍ୟରେ ଭରଣା ଜନିତ ଅର୍ଥ ମଂଜୁର କରିଛନ୍ତି । ବାସ୍ତବାୟନକୁ ଭିତ୍ତି କରି ଆୟୋଗ କ୍ରମିକ ଭାବେ ସବୁ ଏଆରଆର ରେ ନିୟାମକ ଆସେଟସମୂହ ଉଦ୍ଦେଶ୍ୟରେ ଭରଣା ଜନିତ ଅର୍ଥ ମଂଜୁରୀକୁ ନିମ୍ନ ଲିଖିତ ଢାଞ୍ଚାରେ ଅନୁମତି ଦେଇଛନ୍ତି ।

**ସାରଣୀ – ୭୭**

(କୋଟି ଟଙ୍କା)

| ବର୍ଷ | ୱେସ୍କୋ | ନେସ୍କୋ | ସାଉଥ୍‌କୋ | ସେସୁ |
|---|---|---|---|---|
| ୨୦୦୬-୦୭ | - | ୪୧.୩୬ | ୩୧.୯୧ | |
| ୨୦୦୭-୦୮ | - | ୪୧.୩୬ | ୩୧.୯୧ | ୪୩.୨୩ |
| ୨୦୦୮-୦୯ | - | ୬୫.୦୦ | | ୧୧୮.୦୦ |
| ୨୦୦୯-୧୦ | - | | ୧୯.୦୦ | ୧୫୧.୦୦ |
| ସମୁଦାୟ ଋଣ ପରିଶୋଧ ମଞ୍ଜୁର | | ୧୪୭.୭୨ | ୮୨.୮୨ | ୩୧୨.୨୩ |

୪୬୬. ପୂର୍ବ ତାରିଫ ଅର୍ଡରଗୁଡିକରେ ପ୍ରୋଭିଜନାଲ ଭିତ୍ତିରେ ଆୟୋଗ ଏହି ଯେଉଁ ବାସ୍ତବୟନ ପଦ୍ଧତିକୁ କାର୍ଯ୍ୟକାରୀ କରିଆସୁଛନ୍ତି, ତାହା ପ୍ରାପ୍ୟ ଆଦାୟ ଦେୟ ସମୂହର ଅଡିଟ ପ୍ରସଂଗର ଚୂଡାନ୍ତକରଣ ହୋଇପାରୁ ନଥିବା କାରଣରୁ ହିଁ ହେଉଛି । ୩୧.୩.୨୦୦୫ ପର୍ଯ୍ୟନ୍ତ ଉପଭୋକ୍ତା ଦ୍ୱାରା ପ୍ରାପ୍ୟ ଦେୟ ଓ ଅନାଦାୟ ଦେୟର ଆକଳନ ନିମନ୍ତେ ଏବଂ ହିସାବ ନିରୀକ୍ଷଣକାରୀଙ୍କ ଦ୍ୱାରା ପ୍ରମାଣୀକରଣ କରାଇବା ନିମନ୍ତେ ଆୟୋଗ ପୂର୍ବରୁ ବଂଟନକାରୀ କଂପାନୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

୪୬୭. ତିନି ବଂଟନକାରୀ କଂପାନୀ ୱେସକୋ, ନେସକୋ ଓ ସାଉଥକୋ ପୂର୍ବରୁ ସେମାନଙ୍କର ରିପୋର୍ଟ ଉପସ୍ଥାପନ କରିଥିଲେ ଏବଂ ଚଳିତ ଆର୍ଥିକ ବର୍ଷରେ ସେସୁ ପ୍ରାପ୍ୟ ଦେୟ ସମୂହର ଅଡିଟ ରିପୋର୍ଟ ଉପସ୍ଥାପନ କରିଥିଲା । ବଂଟନକାରୀ କଂପାନୀଙ୍କର ପ୍ରାପ୍ୟ ଆଦାୟ-ଦେୟର ଅଡିଟ ରିପୋର୍ଟ ଉପରେ ମତାୟନ କରିବାକୁ ଗ୍ରୀଡକୋକୁ କୁହାଯାଇଥିଲା, କାରଣ ୧.୪.୧୯୯୯ର ପୂର୍ବ ସମୟର ବାକିଆ ଦେୟ ଉପରେ ଗ୍ରୀଡକୋର ଅଧିକାର ଅଛି । ଗ୍ରୀଡ୍‌କୋ ସବୁ ବଂଟନକାରୀ କଂପାନୀଙ୍କର ପ୍ରାପ୍ୟ ଆଦାୟ ଦେୟର ଅଡିଟ ରିପୋର୍ଟ ସଂପର୍କରେ ତା'ର ମତ ଉପସ୍ଥାପନ କରିଥିଲା ।

୪୬୮. ୨୦୦୯-୧୦ ଆର୍ଥିକ ବର୍ଷର ଶେଷ ପାଇକାରୀ ଯୋଗାଣ ତାରିଫ ଅର୍ଡରରେ ଆୟୋଗ ପ୍ରାପ୍ୟ ଆଦାୟ ଦେୟର ଅଡିଟ ପ୍ରସଂଗରେ ଆଲୋଚନା କରିଛନ୍ତି, ଯାହାର ପ୍ରାସଂଗିକ ପରିଚ୍ଛେଦ ନିମ୍ନରେ ଦିଆଗଲା ।

୩୯୮. "ୱେସକୋ, ନେସକୋ ଓ ସାଉଥକୋ ପ୍ରାପ୍ୟ ଆଦାୟ ଦେୟ ଜନିତ ଅଡିଟ ରିପୋର୍ଟ ଆୟୋଗଙ୍କୁ ଉପସ୍ଥାପନ କରିଛନ୍ତି। ସେସୁ ଏ ନେଇ ରିପୋର୍ଟ ଦାଖଲ କରିନାହିଁ। ରିପୋର୍ଟ ପାଇଲା ପରେ, ଆୟୋଗ ଏକ ଶୁଣାଣିର ଆୟୋଜନ କରିଥିଲେ ଓ ଗ୍ରୀଡକୋକୁ ତା'ର ମନ୍ତବ୍ୟ ଦେବାକୁ କହିଥିଲେ। ୧୮.୮.୨୦୦୮ରେ ଗ୍ରୀଡକୋ ଆୟୋଗଙ୍କୁ ତା'ର ଉତ୍ତର ଉପସ୍ଥାପନ କରିଥିଲା। ଗ୍ରୀଡ୍‌କୋର ମନ୍ତବ୍ର ଉପରେ ଆୟୋଗ ୱେସ୍‌କୋ, ନେସ୍‌କୋ ଓ ସାଉଥ୍‌କୋକୁ ସେମାନଙ୍କର ମତାୟନ କରିବାକୁ କହିଥିଲେ ଓ ୨୭.୯.୨୦୦୮ ରେ ସେମାନେ ତାଙ୍କର ଉତ୍ତର ଉପସ୍ଥାପନ କରିଥିଲେ। ଗ୍ରୀଡକୋ ଓ ବଂଟନକାରୀ କଂପାନୀମାନଙ୍କର ମତାମତ ଓ ମନ୍ତବ୍ୟକୁ ଅନୁଧ୍ୟାନ କଲା ପରେ ସ୍ପଷ୍ଟ ହୋଇଥିଲା ଯେ ପ୍ରାପ୍ୟ ଆଦାୟ ଦେୟ ଜନିତ ଅଡିଟର ବହୁ ବିଭାବରେ ଗ୍ରୀଡକୋ ଓ ବଂଟନକାରୀ କଂପାନୀମାନଙ୍କ ମଧ୍ୟରେ ଅସହମତି ରହିଛି।"

"୩୯୯. ଉପରୋକ୍ତ ଅବତାରଣାରୁ ଆୟୋଗ ମତ ଦେଇଛନ୍ତି ଯେ, ଏ ସଂପର୍କରେ ଏକ ଶେଷ ସିଦ୍ଧାନ୍ତରେ ଉପନୀତ ହେବାକୁ ହେଲେ ଏହାର ଭାଗୀଦାର ଗ୍ରୀଡକୋ, ବଂଟନକାରୀ କଂପାନୀମାନେ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ପ୍ରସଂଗ ଉପରେ ତର୍କଣାତ୍ମକ ଆଲୋଚନା ଦରକାର। ତେଣୁ, ଏହି ଉଦ୍ଦେଶ୍ୟରେ ଆୟୋଗ ଏକ ସ୍ୱତନ୍ତ୍ର ଶୁଣାଣିର ଆୟୋଜନ କରିବେ ଏବଂ ସବୁ ଅଂଶୀଦାରଙ୍କର ମତ ଓ ମନ୍ତବ୍ୟର ନିଷ୍କର୍ଷ ବାହାର କଲାପରେ ଏ ପ୍ରସଂଗରେ ଉପଯୁକ୍ତ ଆଦେଶନାମା ପାସ କରାଇବେ।"

୪୬୯. ଏହି ପ୍ରସଂଗରେ ବଂଟନକାରୀ କଂପାନୀଙ୍କ ଉପସ୍ଥାପିତ ରିର୍ପୋଟ ସମୂହର ଓ ଗ୍ରୀଡକୋର ମନ୍ତବ୍ୟକୁ ପୁଙ୍ଖାନୁପୁଙ୍ଖ ଭାବେ ଅନୁଧ୍ୟାନ କଲାପରେ ଆୟୋଗ ନିଷ୍ପତ୍ତି ନେଲେ ଯେ, ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଂଗ ହୋଇଥିବାରୁ ଓ ସ୍ୱତନ୍ତ୍ର ଭାବେ ପର୍ଯ୍ୟାଲୋଚନାର ଆବଶ୍ୟକତା ଥିବାରୁ ବର୍ତ୍ତମାନର ଟାରିଫ କାର୍ଯ୍ୟକ୍ରମ ସରିବା ପରେ ଏହା ଉପରେ ବିଚାରଲୋଚନା କରାଯିବ। ତେବେ, ବଂଟନକାରୀ କଂପାନୀଙ୍କର ଆଦାୟ ଦେୟ ସଂପର୍କରେ ଆୟୋଗ ବର୍ତ୍ତମାନ ପାଇଁ ନିମ୍ନ ଲିଖିତ ନିର୍ଯ୍ୟାସ ସମୂହର ପର୍ଯ୍ୟବେକ୍ଷଣ କରିଛନ୍ତି।

୪୭୦. ୧.୪.୧୯୯୯ ଠାରୁ ୩୧.୩.୨୦୦୫ ପର୍ଯ୍ୟନ୍ତ ଏଲଟି ଉପଭୋକ୍ତାଙ୍କ କ୍ଷେତ୍ରରେ ପ୍ରାପ୍ୟ ଆଦାୟ ଦେୟ ଜନିତ ଅଡିଟର ପରିଚଳନା ପାଇଁ ୩୦.୭.୨୦୦୫ ରେ ଆୟୋଗ ସବୁ ୪ ଟି ଯାକ ବଂଟନକାରୀ କଂପାୀନଙ୍କୁ ନିର୍ଦ୍ଦେଶ ଦେଲେ। କିନ୍ତୁ ସେହି ସମୟ ପାଇଁ ସଂପର୍କିତ ତଥ୍ୟ ସମୂହର ନକଲ ଅଭାବରୁ ରିପୋର୍ଟ ଦେବା ବିଳମ୍ବ ହୋଇଗଲା।

୪୭୧. ଅଡିଟ ପରିପ୍ରେକ୍ଷୀରେ, ରିପୋର୍ଟ ଉପସ୍ଥାପନର ଶେଷ ତାରିଖ ୱେସକୋ, ନେସକୋ ଓ ସାଉଥକୋ ପାଇଁ ୩୧.୧୦.୨୦୦୫ ସୁଦ୍ଧା ଓ ସେସୁ ପାଇଁ ୧.୧୦.୨୦୦୫ ସୁଦ୍ଧା ତାରିଖ ଧାର୍ଯ୍ୟ କରାଯାଇଥିଲା। ବଂଟନକାରୀ କଂପାନୀମାନେ ନିମ୍ନ ଉଲ୍ଲିଖିତ ତାରିଖ ମାନଙ୍କରେ ସେମାନଙ୍କର ରିପୋର୍ଟ ଉପସ୍ଥାପନ କରିଥିଲେ।

**ସାରଣୀ – ୭୮**

| ବଣ୍ଟନକମ୍ପାନୀମାନଙ୍କ ନାମ | **ଦାଖଲ କରିବାର ତାରିଖ** |
|---|---|
| **ୱେସ୍କୋ** | ୦୬.୦୨.୨୦୦୮ |
| **ନେସ୍କୋ** | ୧୨.୦୨.୨୦୦୮ |
| **ସାଉଥ୍‌କୋ** | ୦୩.୦୩.୨୦୦୮ |
| **ସେସୁ** | ୧୨.୧୦.୨୦୦୯ |

୪୭୨. ସେହିସବୁ ରିପୋର୍ଟ ଉପରେ ଗ୍ରୀଡକୋର ମନ୍ତବ୍ୟ ସହିତ ସବୁ ୪ଟି ଯାକ ବଂଟନକାରୀ କଂପାନୀମାନଙ୍କର ପ୍ରାପ୍ୟ ଆଦାୟ-ଦେୟ ଜନିତ ଅଡିଟ ରିପୋର୍ଟ ଏବେ ଆୟୋଗଙ୍କର ହସ୍ତଗତ ହୋଇଛି। ଆୟୋଗ ମତ ପୋଷଣ କରିଛନ୍ତି ଯେ, ଯେଣୁ ପ୍ରାପ୍ୟ ଆଦାୟ-ଦେୟ ଜନିତ ଅଡିଟ ୩୧.୩.୨୦୦୫ ପର୍ଯ୍ୟନ୍ତ ସଂପନ୍ନ କରାଯାଇଛି, ତେଣୁ

୨୦୧୦ର ଏହି ବିଳମ୍ବିତ ସମୟରେ ଏହାର ଅଟକଳନ କମ ପ୍ରାସଂଗିକ ହେବ, ବରଂ ଏକ ନିକଟତମ ତାରିଖକୁ ନେଇ ପ୍ରାପ୍ୟ ଆଦାୟ-ଦେୟ ଜନିତ ଅଟକଳନ ଉଦ୍ଦେଶ୍ୟ ସାଧନ ପାଇଁ ଅଧିକ ଫଳପ୍ରଦ ହେବ। ତେଣୁ ,ବଂଟନକାରୀ କଂପାନୀଙ୍କର ପ୍ରାପ୍ୟ ଆଦାୟ-ଦେୟ ପ୍ରସଂଗରେ ଆୟୋଗ ନିମ୍ନ ଲିଖିତ ନିର୍ଦ୍ଦେଶନାମା ଦେଇଛନ୍ତି।

(କ) ଯେଣୁ ୩୧.୩.୨୦୦୫ ପର୍ଯ୍ୟନ୍ତ ଉପସ୍ଥାପିତ ଅଡିଟ ରିପୋର୍ଟ ଭିତ୍ତିରେ ,ବର୍ତ୍ତମାନ ସମୟରେ ଭରଣାଯୋଗ୍ୟ ଓ ଅଣ ଭରଣାଯୋଗ୍ୟ ଧାର କରଜର ପ୍ରକୃତ ପରିମାଣ ଅଟକଳନ କରିବା କଷ୍ଟକର ଅଟେ,ତେଣୁ ଏଲଟି ଉପଭୋକ୍ତାଙ୍କ କ୍ଷେତ୍ରରେ ଅନୁମତିଧାରୀମାନେ ୩୧.୩.୨୦୦୯ ପର୍ଯ୍ୟନ୍ତ ପ୍ରାପ୍ୟ ଆଦାୟ-ଦେୟ ଅଡିଟ ରିପୋର୍ଟକୁ ଶେଷ ଦିନ ସୁଦ୍ଧା ପୂର୍ଣ୍ଣାଙ୍ଗ କରିବେ।

(ଖ) ରିପୋର୍ଟରେ ସବୁଦିନ ପାଇଁ ସେବା ସଂଯୋଗ ଛିନ୍ନ କରାଯାଇଥିବା ଉପଭୋକ୍ତା ଓ ମଝି ମଝିରେ ସେବା ସଂଯୋଗ ଛିନ୍ନ କରାଯାଇଥିବା ଉପଭୋକ୍ତାଙ୍କର ଦେୟର ପରିସଂଖ୍ୟାନ ସ୍ପଷ୍ଟ ଭାବେ ସୂଚିତ ହୋଇଥିବା ଉଚିତ।

(ଗ) ଯେଉଁ ହିସାବ ନିରୀକ୍ଷକଙ୍କୁ ପ୍ରାପ୍ୟ ଆଦାୟ-ଦେୟର ଅଡିଟ ପାଇଁ ନିଯୁକ୍ତ କରାଯାଇଥିବ , ସେହି ହିସାବ ନିରୀକ୍ଷକଙ୍କ ଦ୍ୱାରା ରିପୋର୍ଟର ଅପଡେଟିଂ କରାଯିବ।

(ଘ) ୩୧.୧୦.୨୦୧୦ ମଧ୍ୟରେ ଅନୁମତିଧାରୀମାନେ ସ୍ୱତନ୍ତ୍ର ଫର୍ମରେ ଆୟୋଗଙ୍କ ସମକ୍ଷରେ ରିପୋର୍ଟ ଉପସ୍ଥାପନ କରିବେ।

(ଙ) ସରକାରୀ ବିଭାଗମାନଙ୍କରୁ ପ୍ରାପ୍ୟ ଆଦାୟ-ଦେୟ ପରିପ୍ରେକ୍ଷୀରେ , ଆୟୋଗ ତାଙ୍କର ୨୮.୨.୨୦୦୫ର ବ୍ୟବସାୟିକ ଖସଡା ଆଦେଶନାମାରେ ନିମ୍ନୋକ୍ତି ବ୍ୟକ୍ତ କରିଛନ୍ତି - "(ଆଇ) (ବି) (ଆଇଏକ୍ସ) ସରକାରୀ ଉପଭୋକ୍ତା ଏବଂ ପବ୍ଲିକ ସେକ୍ଟର ୟୁନିଟଙ୍କ ଠାରୁ ଆଦାୟ କରାଯିବାକୁ ଥିବା ଦେୟର ତତ୍ତ୍ୱାବଧାନ ନିମନ୍ତେ ବ୍ୟକ୍ତିଗତ ବଂଟନକାରୀ କଂପାନୀ, ଗ୍ରୀଡକୋ ଓ ଓଡ଼ିଶା ସରାକାରଙ୍କ ମଧ୍ୟରେ ଏକ ଉପଯୁକ୍ତ ତ୍ରିପାକ୍ଷିକ ବୁଝାମଣାକୁ ସ୍ଥିରିତ କରାଯାଇ ଗ୍ରୀଡକୋ ଓ ବଂଟନକାରୀ କଂପାନୀଙ୍କ ଆକାଉଣ୍ଟ ବହିରେ ସହ-ସାମିଲକରଣ କରାଯାଇପାରେ ବୋଲି ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି।

୩୧.୧୨.୨୦୦୯ର ଚିଠି ନଂ ଜେଡି (ଏଫ) ୧୭୫ /୦୨/୩୦୭୪ ରେ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ସବସିଡି/ସବଭେନ୍ସନର ବ୍ୟବସ୍ଥା ଉପରେ ରାଜ୍ୟ ସରକାରଙ୍କର ପରାମର୍ଶ/ମତାମତ/ମନ୍ତବ୍ୟ ଆମନ୍ତ୍ରଣ କଲାବେଳେ ଏବଂ ତାରିଫ ନିର୍ଦ୍ଧାରଣ ସହ ପ୍ରତ୍ୟକ୍ଷ ସଂପର୍କ ଥିବା ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଂଗ ସମୂହ ଉପରେ ରାଜ୍ୟସରକାରଙ୍କର ପରାମର୍ଶ /ମତାମତ /ମନ୍ତବ୍ୟ ଆମନ୍ତ୍ରଣ କଲାବେଳେ ଆୟୋଗ ସରକାରୀ ବିଭାଗ ସମୂହର ବିଦ୍ୟୁତ ଦେୟ ସଂପର୍କରେ ନିମ୍ନ ପର୍ଯ୍ୟବେକ୍ଷଣ କରିଛନ୍ତି।

"ବାରମ୍ବାର ଏହା ଆୟୋଗଙ୍କର ଦୃଷ୍ଟିକୁ ଅଣାଯାଇଛି ଯେ, ଅଧିକାଂଶ ରାଜ୍ୟ ସରକାରଙ୍କ ବିଭାଗ / ଅନୁଷ୍ଠାନ ଏବଂ ଏପରିକି କେତେକ କ୍ଷେତ୍ରରେ ପୋଲିସ ଥାନାଗୁଡିକ ଠିକ ସମୟରେ ବିଦ୍ୟୁତ ଦେୟ ଦେଉନାହାନ୍ତି। ପୂର୍ବରୁ ଓ ପ୍ରସଂଗରେ ରାଜ୍ୟ ସରକାରଙ୍କୁ ଜଣାଇ ଦିଆଯାଇଥିଲା। ସରକାରୀ ବିଭାଗ କିମ୍ବା ପ୍ରତିଷ୍ଠାନ କିମ୍ବା ରାଜ୍ୟ ସରକାରଙ୍କ ନିୟନ୍ତ୍ରଣରେ ସ୍ୱୟଂ ଶାସିତ ପ୍ରତିଷ୍ଠାନମାନ ନିଜେ ଜଣେ ଜଣେ ଉଦାହରଣ ହେବା ଉଚିତ (ଠିକ ସମୟରେ ବିଦ୍ୟୁତ ଦେୟ ପଇଠ କରି), ଯାହା ଫଳରେ ଅନ୍ୟାନ୍ୟ ଘରୋଇ ଉପଭୋକ୍ତାମାନେ ଠିକ ସମୟରେ ଦେୟ ଦେବାକୁ ଆଗ୍ରହ ପ୍ରକାଶ କରିବେ। ଜଳ ଯୋଗାଣ, ଡାକ୍ତରଖାନା, ପୋଲିସ ଥାନା , ରାସ୍ତା ପାର୍ଶ୍ୱ ଆଲୋକ ଆଦି ପ୍ରତ୍ୟେକ ଗୋଟିଏ ଲେଖାଏଁ ଜରୁରୀ ସଂସ୍ଥାନ , ଯେଉଁଠାରେ ଦେୟ ନଦେବା ଯୋଗୁ ସେବା ସଂଯୋଗ ଛିନ୍ନ କରାଗଲେ ସାଧାରଣ ଲୋକ କ୍ଷତିଗ୍ରସ୍ତ ହେବେ। ଏହାକୁ ଦୃଷ୍ଟିରେ ରଖି ବରଂ ଆଗୁଆ ଭାବେ ବିଦ୍ୟୁତ ଦେୟ ଦେଇଦେବା ଉଚିତ ଓ ମିଟର ବାବଦକୁ ଆଗୁଆ ଦେୟ ଦେଇ ଦେବା ଉଚିତ, ଯାହା ଫଳରେ ସରକାର ଠିକ ସମୟରେ ସରକାରୀ ପ୍ରତିଷ୍ଠାନ / ସ୍ୱାୟତ ଶାସିତ ପ୍ରତିଷ୍ଠାନ /ସାଧାରଣ ଉଦ୍ୟୋଗ ଓ ଶିକ୍ଷାନୁଷ୍ଠାନଗୁଡିକରୁ ଠିକ ସମୟରେ ଦେୟ ପାଇପାରିବେ। ରାଜ୍ୟ ସରକାରଙ୍କ

ନିୟନ୍ତ୍ରଣରେ କାର୍ଯ୍ୟ କରୁଥିବା ସବୁ ସରକାରୀ ବିଭାଗ , ସହର / ନଗରାଞ୍ଚଳରେ ସ୍ୱାୟତ୍ତ ଶାସିତ ସଂସ୍ଥାନ, ଗ୍ରାମାଞ୍ଚଳରେ ସ୍ୱାୟତ୍ତ ଶାସିତ ସଂସ୍ଥାନ, ସାଧାରଣ ଔଦ୍ୟୋଗିକ ସଂସ୍ଥାନ ଓ ସ୍ୱୟଂ ଶାସିତ ପ୍ରତିଷ୍ଠାନ ଗୁଡିକ ଠିକ ସମୟରେ ବିଦ୍ୟୁତ ଦେୟ ନ ଦେବା ଉପରେ ନିଶ୍ଚିତ ହେବା ନେଇ ରାଜ୍ୟ ସରକାର ସେମାନଙ୍କ ପ୍ରତି କି ପ୍ରକାର ପଦକ୍ଷେପ ଗ୍ରହଣ କରିଛନ୍ତି କିମ୍ବା ପଦକ୍ଷେପ ଗ୍ରହଣ କରିବାର ପ୍ରସ୍ତାବ ରଖିଛନ୍ତି । ତାହା ସ୍ପଷ୍ଟ ଭାବେ ଆୟୋଗଙ୍କୁ ସୂଚାଇବା ଆବଶ୍ୟକ।"

ଉପରୋକ୍ତ ପ୍ରଶ୍ନିଳ ପ୍ରସଂଗର ଉତ୍ତରରେ  ଓଡ଼ିଶା ସରକାର ୨୩.୨.୨୦୧୦ ତାରିଖରେ ଚିଠି ନଂ - ୧୫୭୭/ ଇଏନ ର ପାରା -୪ ରେ ସରକାରୀ ବିଭାଗମାନଙ୍କର ବିଦ୍ୟୁତ ଦେୟ ଉପରେ ନିମ୍ନମତେ ଦର୍ଶାଇଛନ୍ତି।

"ଏଠାରେ ଉଲ୍ଲେଖ କରିବା ପ୍ରାସଂଗିକ ହେବ ଯେ, ସରକାରଙ୍କର ଶକ୍ତି ବିଭାଗ ସବୁ ସରକାରୀ ବିଭାଗଗୁଡିକୁ ଠିକ ସମୟରେ ବିଦ୍ୟୁତ ଦେୟ ଦେବାକୁ ସମୟକୁ ସମୟ ଚାପ ପକାଉଛନ୍ତି ଏବଂ ସେଥିପାଇଁ ନିର୍ଦ୍ଦିଷ୍ଟ ବିଭାଗ / କାର୍ଯ୍ୟାଳୟମାନଙ୍କରେ ଆବଶ୍ୟକତା ମୁତାବକ ବଜେଟରେ ମଧ୍ୟ ବ୍ୟୟ ଅଟକଳ କରାଯାଇଛି।

ସରକାରୀ ବିଭାଗମାନ ଦେୟ ଦେଉ ନଥିବା ଆଳ ଦେଖାଇ ବଂଟନକାରୀ କଂପାନୀମାନେ ନିଜର ତ୍ରୁଟିକୁ ଘୋଡାଇବା ଉଚିତ ନୁହେଁ। ସେହି ତଥାକଥିତ ବାକିଆ ଦେୟର ହିସାବ ସଠିକ ଭାବେ କରାଯାଇନାହିଁ ଏବଂ ଏ ସଂପର୍କରେ ବଂଟନକାରୀ କଂପାନୀମାନଙ୍କୁ ଜଣାଇ ଦିଆଯାଇଛି। ତେବେ, ବାକିଆ ଦେୟ ଆଦାୟ ନେଇ ଦେବାଳିଆ ଉପଭୋକ୍ତାଙ୍କ ସହ ବଂଟନକାରୀ କଂପାନୀମାନେ ଅନ୍ୟୂନ ଯେତିକି ସମ୍ଭବ ବୁଝାମଣା କରିବା କଥା, ତାହା କରିବାକୁ ସେମାନେ ପଛାଉଛନ୍ତି। ବିଭିନ୍ନ ବିଭାଗ, ସ୍ୱାୟତ୍ତ ସଂସ୍ଥାନ ଓ ନିଗମ ଆଦି ଠିକ ସମୟରେ ଦେୟ ନ ଦେଉଥିଲେ ସେମାନଙ୍କୁ ଅନ୍ୟ ଦେବାଳିଆ ଉପଭୋକ୍ତାଙ୍କ ସହ ସମାନ ଭାବେ ବିବେଚନା କରାଯିବା ଉଚିତ, ଅର୍ଥାତ୍ ସେମାନଙ୍କ ପ୍ରତି କୌଣସି କୋହଳ ମନୋଭାବ ପୋଷଣ କରାଯାଇ ଶକ୍ତି ସେବା ସଂଯୋଗ ଛିନ୍ନ କରା ନଯିବା ଉଚିତ ନୁହେଁ। ତା'ଛଡା ସରକାରୀ ଉପଭୋକ୍ତାଙ୍କ ଠାରୁ ଅନାଦାୟ ଦେୟର ପରିମାଣ ସମୁଦାୟ ଅନାଦାୟ ଦେୟ ପରିମାଣର ୧୦ ପ୍ରତିଶତରୁ କମ ଅଟେ।

ଅଧିକନ୍ତୁ, ବିଦ୍ୟୁତ ଆଇନ, ୨୦୦୩ର ବିଭାଗ ୧୨୬ ରେ ନିହିତ ଆଦାୟର ଢାଞ୍ଚାକୁ ମଧ୍ୟ ବାକିଆ ଦେୟ ଆଦାୟ କ୍ଷେତ୍ରରେ ବଂଟନକାରୀ କଂପାନୀମାନେ ଅନୁସରଣ କରିବା ଉଚିତ।

୪୭୩. ଉପରୋକ୍ତ ଆଦେଶନାମା ପରିପ୍ରେକ୍ଷୀରେ , ସରକରୀ ବିଭାଗ, ସାଧାରଣ ଉଦ୍ୟୋଗ ୟୁନିଟ ମାନଙ୍କରୁ ବାକିଆ ଦେୟ ଆଦାୟ ନେଇ ସେମାନଙ୍କ ପ୍ରତି କି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ତାହାର ଏକ ସବିଶେଷ ବିବରଣୀ ପଇଠ କରିବାକୁ ଆୟୋଗ ବଂଟନକାରୀ କଂପାନୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରୀ ବିଭାଗ ଓ ସାଧାରଣ ଉଦ୍ୟୋଗ ୟୁନିଟମାନଙ୍କରୁ ବାକିଆ ଦେୟ ଆଦାୟ ଉପରେ ସେମାନଙ୍କ ସହ ବୁଝାମଣା କୌଶଳ ପ୍ରୟୋଗ କରିବାର ପ୍ରୟାସ କରିବାକୁ ଅନୁଷ୍ଠିତ ବିଭିନ୍ନ ବୈଠକରେ ସରକାର ବଂଟନକାରୀ କଂପାନୀମାନଙ୍କୁ ବାରମ୍ବାର ପରାମର୍ଶ ଦେଇ ଆସୁଛନ୍ତି। ଇତି ମଧ୍ୟରେ ବଂଟନକାରୀ କଂପାନୀମାନେ ଯଦି ଏଭଳି ଉଦ୍ୟମ କରି ସଫଳତା ପାଇଛନ୍ତ,ତେବେ ତା'ର ବିବରଣୀ ଅୟୋଗଙ୍କ ସମକ୍ଷରେ ପେଶ କରନ୍ତୁ ବୋଲି ଆୟୋଗ ବଂଟନକାରୀ କଂପାନୀମାନଙ୍କୁ କହିଛନ୍ତି। ଏହା ଫଳରେ ସେହିସବୁ ଦେବାଳିଆ ଉପଭୋକ୍ତାଙ୍କ ବିରୁଦ୍ଧରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ।

୪୭୪. ଦେବାଳିଆ ଉପଭୋକ୍ତାଙ୍କ ଠାରୁ ବାକିଆ ଦେୟ ଆଦାୟ ନିମନ୍ତେ ସେସୁ 'ଏକକାଳୀନ ଆଦାୟ ଯୋଜନାର ବିଜ୍ଞପ୍ତି କରିଥିବା ଆୟୋଗଙ୍କ ନଜରକୁ ଆସିଛି। ଏଭଳି ଏକ ଯୋଜନାର ନିର୍ବାହନ ନିମନ୍ତେ , ଆୟୋଗ ସେସୁକୁ ନିର୍ଦ୍ଦେଶ ଦେଇଛନ୍ତି ଯେ, ଏହି ଯୋଜନା ଲାଗୁ କରିବା ପୂର୍ବର ଅନାଦାୟ ଦେୟ ଏବଂ ଯୋଜନା ଲାଗୁ ହେବାର ପର ସମୟର ଅନାଦାୟ ଦେୟ (ଉପଭୋକ୍ତା ଓ୍ୱାରୀ)ର ସବିଶେଷ ବିବରଣୀ ଆୟୋଗଙ୍କ ପାଖରେ ଦାଖଲ କରିବେ। ଅନ୍ୟ କୌଣସି ବଂଟନକାରୀ କଂପାନୀ ଯିଏ ଏଭଳି ଏକକାଳୀନ ଆଦାୟ ଯୋଜନା ର ପ୍ରବର୍ତ୍ତନ କରୁଥିବେ, ସେମାନେ ମଧ୍ୟ

ଉପଭୋକ୍ତା-ୱାରୀ ଯୋଜନା ଲାଗୁ କରିବା ପୂର୍ବର ଓ ପରର ସମୁଦାୟ ପ୍ରାପ୍ୟ ପରିମାଣର ସବିଶେଷ ବିବରଣୀ ଆୟୋଗଙ୍କ ପାଖରେ ପେଶ କରିବାକୁ ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି।

୪୭୫. ବାସ୍ତବାୟନ ନିୟମ ସଂପର୍କରେ , ଆୟୋଗ ୨୦୦୯-୧୦ଆର୍ଥିକ ବର୍ଷର ଶେଷ ପାଇକାରୀ ଯୋଗାଣ ଟାରିଫ ଅର୍ଡରରେ ସେହିସବୁ ନିୟମଗୁଡିକ ଉପରେ ଆଲୋଚନା କରିଛନ୍ତି। ସେହି ଆଦେଶନାମାର ସଂପର୍କିତ ପରିଚ୍ଛେଦ -୪୦୧ କୁ ନିମ୍ନରେ ଉଦ୍ଧାର କରାଗଲା।

" ୪୦୧. ବାସ୍ତବାୟନ ଉଦ୍ଦେଶ୍ୟରେ ଗ୍ରହଣୀୟ ନିୟମକୁ ନିମ୍ନ ସାରଣୀରେ ଆଲୋଚନା କରାଗଲା।

୪୭୬. "ଉପଲବ୍ଧ ଅଡିଟ କରାଯାଇଥିବା ଆକାଉଣ୍ଟ ଭିତ୍ତିରେ , ସେସୁ ପାଇଁ ୨୦୦୭-୦୮ ପର୍ଯ୍ୟନ୍ତ ଏବଂ ୱେସକୋ, ନେସକୋ ଓ ସାଉଥକୋ ପାଇଁ ୨୦୦୮-୦୯ ପର୍ଯ୍ୟନ୍ତ ଆୟୋଗ ଦର ଓ ରାଜସ୍ୱ ର ବାସ୍ତବାୟନ ଶୃଙ୍ଖଳାକୁ ଗ୍ରହଣ କରିଛନ୍ତି। ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ବାସ୍ତବାୟନ ଶୃଙ୍ଖଳା ୨୦୦୯-୧୦ ଆର୍ଥିକ ବର୍ଷ ପାଇଁ ଆରଏସଟି ଅର୍ଡରର ପୂର୍ବ ବାସ୍ତବାୟନ ଶୃଙ୍ଖଳାର ବିସ୍ତାରଣ ମାତ୍ର ଏବଂ ବର୍ତ୍ତମାନ ନିୟାମକ ଆସେଟ୍ ବାବଦକୁ ବର୍ତ୍ତମାନ ସମୟ ସୁଦ୍ଧା ହୋଇଥିବା ୨୪.୪୭ କୋଟି ଟଙ୍କାର ଏକ ନକରାତ୍ମକ ପାର୍ଥକ୍ୟ ପରିମାଣ ବିପକ୍ଷରେ ଆୟୋଗ ୧୪୭.୭୨ କୋଟି ଟଙ୍କାର ଏକ ପରିମାଣକୁ ଅନୁମତି ଦେଇଛନ୍ତି। ତେଣୁ, ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ କୌଣସି ନିୟାମକ ଆସେଟ୍କୁ ଆୟୋଗ ଅନୁମତି ଦେଇନାହାନ୍ତି।

ଦ୍ରଷ୍ଟବ୍ୟ : ନିୟାମକ ଆସେଟ ବାବଦକୁ ବର୍ତ୍ତମାନ ସମୟ ସୁଦ୍ଧା ହୋଇଥିବା ୩୦୯ .୬୩ କୋଟି ଟଙ୍କାର ଏକ ନକରାତ୍ମକ ପାର୍ଥକ୍ୟ ପରିମାଣ ବିପକ୍ଷରେ ଆୟୋଗ ୩୧୨.୨୩ କୋଟି ଟଙ୍କାର ଏକ ପରିମାଣକୁ ଅନୁମତି ଦେଇଛନ୍ତି। ତେଣୁ, ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ କୌଣସି ନିୟାମକ ଆସେଟକୁ ଆୟୋଗ ଅନୁମତି ଦେଇନାହାନ୍ତି।

୪୭୭. ଗତ ବାସ୍ତବାୟନ ବେଳେ, ୨୦୦୫ର ବ୍ୟବସାୟିକ ଖସଡାରେ ଗୃହୀତ ନିୟମ ଅନୁଯାୟୀ , ବଂଟନ କ୍ଷତିର ପରିସଂଖ୍ୟାନକୁ ହିସାବକୁ ନିଆଯାଇଥିଲା। ତେବେ, ୨୦୦୬-୦୭ ଆର୍ଥିକ ବର୍ଷ ଏବଂ ୨୦୦୭-୦୮ ର ଟାରିଫ ଅର୍ଡରରେ ଆୟୋଗ ବ୍ୟବସାୟିକ ଖସଡା ଆଦେଶନାମାର ସଂଶୋଧନ କଲେ ଓ ବଂଟନକ୍ଷତିକୁ ସହ-ସାମିଲକରଣ କଲେ। ବ୍ୟବସାୟିକ ଖସଡା ଆଦେଶନାମାର ପାରା (ଏକ୍ସ ଆଇ)(କେ) ରେ ଆୟୋଗ ନିମ୍ନ ଲିଖିତ ବିଭାବ ସମୂହକୁ ପର୍ଯ୍ୟବେକ୍ଷଣ କରିଛନ୍ତି।

"ବିଭିନ୍ନ ବଂଟନକାରୀ କଂପାନୀମାନଙ୍କ ଦ୍ୱାରା ସମୁଦାୟ ଶକ୍ତି ବିକ୍ରୀ ସହ ଇଏଚଟିର ବିକ୍ରୀ ପ୍ରଦର୍ଶିତ ହୋଇଛି। ତେଣୁ ବଂଟନକାରୀ କଂପାନୀମାନେ ଇଏଚଟି ବସ୍‌ରେ ଶକ୍ତି କ୍ରୟ କରନ୍ତି, ତେଣୁ ଇଏଚଟିରେ କ୍ଷତିକୁ ଶୂନ୍ୟଭାବେ ଧରାଯାଇଛି। ୧୯୯୬, ଏପ୍ରିଲରେ ବିଶ୍ୱ ବ୍ୟାଙ୍କର ଷ୍ଟାଫ ଆପ୍ରେଜାଲ ରିପୋର୍ଟରେ ପ୍ରସ୍ତାବିତ ବିଭିନ୍ନ ଅଟକଳନରେ ପ୍ରଥମ ୫ ବର୍ଷରେ ଇଏଚ୍‌ଟି ଲୋଡର ଅପୂର୍ଣ୍ଣତା ଏକ ଆଲୋଡନ ସୃଷ୍ଟି କରିଛି। ସ୍ୱଷ୍ଟ ଓ ସ୍ୱଚ୍ଛ ଭାବେ କୁହାଯାଇପାରେ ଯେ, ନିର୍ବାହନ ପରିମାପନ ପାଇଁ ହାରାହାରି ବୈଷୟିକ ଓ ବ୍ୟବସାୟିକ କ୍ଷତି ସ୍ତର ପାଇଁ ସହାନୁଭୂତିଶୀଳ ବିଚାର ସହ ବର୍ଷକୁ ବର୍ଷ ବାର୍ଷିକ ରାଜସ୍ୱ ଆବଶ୍ୟକତାର ପୁନଃ ଅଟକଳନ ସମୟରେ ଇଏଚ୍‌ଟି ଉପଯୋଗରେ କୌଣସି ଅଧିକ ପାର୍ଥକ୍ୟ ପ୍ରତି ଉପଯୁକ୍ତ ବୈଚାରିକ ଦୃଷ୍ଟିକୋଣ ପ୍ରୟୋଗ କରାଯିବ ବୋଲି ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି। ସେହି ଅନୁସାରେ ଆର୍ଥିକ ବର୍ଷ ୨୦୦୬-୦୭ ଓ ୨୦୦୭-୦୮ ପାଇଁ ଟାରିଫ ଅର୍ଡରରେ ଆୟୋଗ ବଂଟନ-କ୍ଷତି ସାଂଗକୁ ବ୍ୟବସାୟିକ ଖସଡାକୁ ସଂଶୋଧନ କରିଛନ୍ତି।

ୱେସ୍‌କୋ,ନେସ୍‌କୋ ଓ ସାଉଥ୍‌କୋ ପାଇଁ ୨୦୦୮-୦୯ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଚଳିତ ପ୍ରୋଭିଜିନାଲ ବାସ୍ତବାୟନ ସମୟରେ ଏଆର୍‌ଆର୍ ଅନୁମୋଦିତ ମତେ ଏଭଳି ପାର୍ଥକ୍ୟ ସୃଷ୍ଟିକୁ ବିଚାରକୁ ନିଆଯାଇଛି।

**ସାରଣୀ – ୭୯**
**ବଣ୍ଟନଜନିତ କ୍ଷତି (%)**

(କୋଟି ଟଙ୍କା)

| ବର୍ଷ | ୨୦୦୬-୦୭ | | ୨୦୦୭-୦୮ | |
|---|---|---|---|---|
| | ବ୍ୟବସାୟୀକ ଯୋଜନାରେ ଅନୁମୋଦିତ | ବାର୍ଷିକ ରାଜସ୍ୱ ଆବଶ୍ୟକତାରେ ଅନୁମୋଦିତ | ବ୍ୟବସାୟୀକ ଯୋଜନାରେ ଅନୁମୋଦିତ | ବାର୍ଷିକ ରାଜସ୍ୱ ଆବଶ୍ୟକତାରେ ଅନୁମୋଦିତ |
| **ୱେସ୍କୋ** | ୨୮.୦୦ | ୩୩.୭୫ | ୨୫.୦୦ | ୨୫.୦୦ |
| **ନେସ୍କୋ** | ୩୨.୦୦ | ୩୧.୫୧ | ୨୯.୦୦ | ୨୬.୦୦ |
| **ସାଉଥ୍କୋ** | ୩୩.୦୦ | ୩୩.୦୦ | ୩୦.୦୦ | ୩୦.୪୦ |
| **ସେସୁ** | ୩୩.୦୦ | ୩୩.୦୦ | ୩୦.୦୦ | ୨୯.୩୦ |

୪୭୮. ପୂର୍ବର ଆଦେଶନାମାଗୁଡିକ ସହ ତାଳମେଳ ରଖି ଆୟୋଗ ଏହି ମତ ପୋଷଣ କରିଛନ୍ତି ଯେ, ପ୍ରାପ୍ୟ ଆଦାୟ-ଦେୟର ଅଡିଟ ଉପରେ ଆଦେଶନାମାର ପରିଣତି ଗ୍ରୀଡକୋର ଆୟ ଉପରେ କିଛି ପ୍ରଭାବ ପକାଇବ, ଏବଂ ତେଣୁ ବଂଟନକାରୀ କଂପାନୀଙ୍କ ପାଇଁ ପ୍ରାପ୍ୟ ଆଦାୟ-ଦେୟ ଉପରେ ଶେଷ ଆଦେଶନାମାର ଘୋଷଣା ପରେ ଶେଷ ବାସ୍ତବାୟନ ପ୍ରକ୍ରିୟାକୁ ଗ୍ରହଣ କରିବାକୁ ସିଦ୍ଧାନ୍ତ ନେଇଛନ୍ତି।

୪୭୯. ଉପରୋକ୍ତ ଆଲୋଚନାର ଆଧାରରେ, ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଚଳିତ ବାସ୍ତବାୟନ ପ୍ରକ୍ରିୟାକୁ ଭିତ୍ତି କରି ନିୟାମକ ଆସେଟ ସମୂହର ଭରଣା-ଯୋଗ୍ୟ ଆର୍ଥିକ ଅନୁଦାନ ନିମନ୍ତେ ଆୟୋଗ କିଛି ବି ପରିମାଣକୁ ଅନୁମତି ଦେଇ ନାହାନ୍ତି ।

<u>ନିବେଶ ଜନିତ ଲାଭାଂଶ ଫେରସ୍ତ</u>

୪୮୦. ୱେସକୋ, ନେସକୋ ଓ ସାଉଥକୋ ସେମାନଙ୍କର ଏଆରଆର ଦାଖଲରେ ଉପସ୍ଥାପନା କରିଛନ୍ତି ଯେ, ସେମାନଙ୍କର ଏଆରଆରରେ ନକରାତ୍ମକ ଫେରସ୍ତ (ପାର୍ଥକ୍ୟ) ଏବଂ ପୂର୍ବ ବର୍ଷ ମାନଙ୍କରେ ବେଶୀ ସଂଖ୍ୟାରେ ନିୟାମକ ଆସେଟସମୂହର ବ୍ୟୟ ଭାର ଓ ତୁଳାଜମା ଭାର ଯୋଗୁ, ସେହି ବର୍ଷମାନଙ୍କ ପାଇଁ ଅନୁମତିଧାରୀମାନେ ନିବେଶ ଜନିତ ଲାଭାଂଶ ଫେରସ୍ତ ପାଇ ପାରିଲେ ନାହିଁ, ଯେଉଁ ପରିମାଣକୁ କଂପାନୀର ସଂରଚନାତ୍ମକ ବିକାଶ ପାଇଁ ବିନିଯୋଗ କରାଯାଇ ପାରିଥାନ୍ତା। ସେମାନେ ପୁନଶ୍ଚ ଦର୍ଶାଇଛନ୍ତି ଯେ, ନିବେଶିତ ମୂଳଧନ ଉପରେ ଓ ପୂର୍ବବର୍ଷମାନଙ୍କ ପ୍ରାପ୍ୟ ଲାଭାଂଶ ଉପରେ ଲାଭାଂଶ ଫେରସ୍ତ ପରିମାଣକୁ ଅନୁମତି ଦିଆଯିବା ବାଂଛନୀୟ।

୪୮୧. ଅଧିକ ମୂଳଧନର ନିବେଶକୁ ଆକର୍ଷଣ କରିବା ପାଇଁ ନିବେଶକାରୀମାନଙ୍କୁ ଏକ ଯୁକ୍ତିସଂଗତ ଲାଭାଂଶ ଦେବାକୁ ଓଇଆରସି (ତାରିଫ ନିର୍ଦ୍ଧାରଣର ସର୍ତ୍ତାବଳୀ) ନିୟମାବଳୀ , ୨୦୦୪ ଅନୁଯାୟୀ ଆୟୋଗଙ୍କୁ ପ୍ରତିବଦ୍ଧ କରାଇଛି। ତା'ଛଡା , ନିବେଶକାରୀଙ୍କୁ ଲାଭାଂଶ ପରିମାଣ ରିଜର୍ଭ ବ୍ୟାଙ୍କ ହାରରେ ଦେଲେ ଏବଂ ଶକ୍ତି ସେକ୍ଟରରେ ନିବେଶ ଜନିତ କୌଣସି ପ୍ରକାର ସଂକଟ ପାଇଁ ଏକ ନିର୍ଦ୍ଦିଷ୍ଟ ସୀମିତ ପରିମାଣର ବ୍ୟବସ୍ଥା କଲେ ନିବେଶକାରୀମାନେ ଅଧିକ ସଂଖ୍ୟାରେ ଆକର୍ଷିତ ହେବେ। ଆୟୋଗ ଏଲଟିଟିଏସ ଆଦେଶନାମାରେ ବିବେଚନା କରିଛନ୍ତି ଯେ, ନୂଆ ନୂଆ ନିବେଶ ସୃଷ୍ଟି ପାଇଁ ଲାଭାଂଶ ଫେରସ୍ତର ଏକ ଉପଯୁକ୍ତ ଆଧାରର ଆବଶ୍ୟକତା ଅଛି ଏବଂ ଏହା ସହ ୧୬ ପ୍ରତିଶତର ଲାଭାଂଶ ଫେରସ୍ତକୁ ଅନୁମତି ଦେଇଛନ୍ତି। ୨୦୦୮-୦୯ ଆର୍ଥିକ ବର୍ଷ ଠାରୁ ୨୦୧୨ -୧୩ ର ପରବର୍ତ୍ତୀ କଣ୍ଟ୍ରୋଲ ପିରିଅଡ ପାଇଁ ଏହି ଏକା ଶୃଙ୍ଖଳାକୁ ଅନୁସରଣ କରାଯାଉଛି।

୪୮୨. ୱେସକୋ, ନେସକୋ, ଓ ସାଉଥକୋ କ୍ଷେତ୍ରରେ ୨୦୦୮-୦୯ ପାଇଁ ଓ ସେସୁ କ୍ଷେତ୍ରରେ ୨୦୦୭-୦୮ ଆର୍ଥିକ ବର୍ଷ ପାଇଁ ଅଡିଟ କରାଯାଇଥିବା ବାର୍ଷିକ ଆକାଉଣ୍ଟକୁ ଆୟୋଗ ପରୀକ୍ଷଣ କରିଥିଲେ। ପ୍ରତି କଂପାନୀଙ୍କର ଅଂଶଧନର ସ୍ଥିତି ସେମାନଙ୍କ ଆକାଉଣ୍ଟରେ ପ୍ରତିଫଳିତ ହୋଇଛି। ନିମ୍ନରେ ତାହାର ସାରଣୀ କୃତ ବିବରଣୀ ଦିଆଗଲା।

**ସାରଣୀ – ୮୦**

ମୂଳଧନ ଭାଗ (କୋଟି ଟଙ୍କା)

| ବଣ୍ଟନକମ୍ପାନୀମାନଙ୍କ ନାମ | (ଲାଭାଂଶ ଉପରେ ପର୍ଯ୍ୟବେସିତ) |
|---|---|
| **ୱେସ୍କୋ** | ୪୮.୬୫ |
| **ନେସ୍କୋ** | ୩୭.୬୬ |
| **ସାଉଥ୍କୋ** | ୬୫.୯୧ |
| **ସେସୁ** | ୭୨.୭୨ |

୪୮୩. ୨୦୦୮-୦୯ ଆର୍ଥିକ ବର୍ଷ ପାଇଁ ୱେସ୍କୋ, ନେସ୍କୋ ଓ ସାଉଥ୍କୋର ଅଡିଟ କରାଯାଇଥିବା ଆକାଉଣ୍ଟରୁ ସ୍ପଷ୍ଟ ହୋଇଛି ଯେ, ବଂଟନକାରୀ କଂପାନୀଙ୍କ ଦ୍ୱାରା ସତ୍ୱଧାରୀ ହିସାବରେ କୌଣସି ମୂଳଧନର ନିବେଶ ହୋଇନାହିଁ ଏବଂ  ବଂଟନ ଅନୁମତିକୁ ଅନୁମତିଧାରୀମାନେ ଗ୍ରହଣ କରିବା ସମୟରେ ଯେତିକି ପରିମାଣର ଅଂଶଧନ ନିବେଶ କରୁଥିଲେ, ସେହି ପରିମାଣ ଅଦ୍ୟାବଧି ଅପରିବର୍ତ୍ତିତ ରହିଛି। ତେଣୁ ମୂଳଧନର ଭିତ୍ତି (ଅଂଶଧନ)ଉପରେ ଆୟୋଗ ୧୬%ର ଫେରସ୍ତକୁ ଅନୁମତି ଦେଇଛନ୍ତି ଏବଂ ପ୍ରସ୍ତାବିତ ନିବେଶିତ ଲାଭାଂଶ ଫେରସ୍ତ ନିମ୍ନ ଲିଖିତ ପରିମାଣକୁ ଅନୁମୋଦନ ଦେଇଛନ୍ତି ।

**ସାରଣୀ – ୮୧**

(କୋଟି ଟଙ୍କା)

| **ବିବରଣୀ** | **ୱେସ୍କୋ** | **ନେସ୍କୋ** | **ସାଉଥ୍କୋ** | **ସେସୁ** |
|---|---|---|---|---|
| ବଣ୍ଟନକମ୍ପାନୀମାନଙ୍କ ଦ୍ୱାରା ପ୍ରସ୍ତାବିତ ପରିମାଣ | ୯.୦୩ | ୧୨.୩୩ | ୮.୧୧ | ୧୧.୬୪ |
| କମିଶନଙ୍କ ଦ୍ୱାରା ଅନୁମୋଦିତ ପରିମାଣ | ୭.୭୮ | ୧୦.୫୫ | ୬.୦୩ | ୧୧.୬୪ |

<u>ବିବିଧ ଆଦାୟ</u>

୪୮୪. ୨୦୦୯-୧୦ ଆର୍ଥିକ ବର୍ଷ ପାଇଁ ଅନୁମୋଦିତ ପରିମାଣର ବିବିଧ ଦେୟ-ଆଦାୟ ବିପକ୍ଷରେ ଅନୁମତିଧାରୀମାନେ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ସେମାନଙ୍କର ବିବିଧ ଆଦାୟକୁ ପ୍ରସ୍ତାବ ଦେଇଛନ୍ତି। ନିମ୍ନ ସାରଣୀରେ ତାହାର ବିବରଣୀ ପ୍ରଦତ୍ତ ହେଲା।

**ସାରଣୀ – ୮୨**

(କୋଟି ଟଙ୍କା)

| | **ୱେସ୍କୋ** | **ନେସ୍କୋ** | **ସାଉଥ୍କୋ** | **ସେସୁ** |
|---|---|---|---|---|
| ଆର୍ଥିକ ବର୍ଷ ୨୦୧୦-୧୧ ସୁଦ୍ଧା ପ୍ରସ୍ତାବିତ ପରିମାଣ | ୧୯.୭୫ | ୧୭.୩୧ | ୯.୭୬ | ୨୦.୨୭ |
| ଆର୍ଥିକ ବର୍ଷ ୨୦୧୦-୧୧ ସୁଦ୍ଧା ଅନୁମୋଦିତ ପରିମାଣ | ୨୨.୧୫ | ୩୫.୭୯ | ୧୫.୮୧ | ୨୨.୭୯ |

୪୮୫. ବଂଟନକାରୀ କଂପାନୀମାନେ ବିବିଧ ଆଦାୟ ଦେୟ ମଧ୍ୟରେ ମିଟର ଭଡା, ଇଡ଼ି, ବିବିଧ ଦେୟ-ଦର, ଋଣ ଉପରେ ସୁଧ-ଅଗ୍ରୀମ, ବ୍ୟାଙ୍କ ଜମା ଉପରେ ସୁଧ, ଡିପିଏସ, ଓଭରଡ୍ରୟାଲ ଜୋରିମାନା ଓ ଅନ୍ୟାନ୍ୟ ଆଦାୟ ଅନ୍ତର୍ଭୁକ୍ତ ଅଟେ। ଅଡିଟ କରାଯାଇଥିବା ଆକାଉଣ୍ଟରୁ ଏହି ସତ୍ୟ ସ୍ପଷ୍ଟ ହୋଇଛି ଯେ, ବଂଟନକାରୀ କଂପାନୀଙ୍କର ପ୍ରକୃତ ବିବିଧ

ଆଦାୟ-ଦେୟ ଏଆରଆରରେ ପ୍ରସ୍ତାବିତ ଆଦାୟ ଦେୟ ଠାରୁ ଯଥେଷ୍ଟ ଅଧିକ। ୱେସ୍‌କୋ, ନେସ୍‌କୋ ଓ ସାଉଥ୍‌କୋ କ୍ଷେତ୍ରରେ ୨୦୦୮-୦୯ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଓ ସେସୁ କ୍ଷେତ୍ରରେ ୨୦୦୭-୦୮ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଅଡିଟ କରାଯାଇଥିବା ଆକାଉଣ୍ଟ ଆୟୋଗଙ୍କ ପାଖରେ ଉପଲବ୍ଧ ଅଟେ। ଆୟୋଗଂକ ପାଖରେ ଉପଲବଧି ଥିବା ଗତ ଦୁଇ ବର୍ଷର ବିବିଧ ଆଦାୟର ସ୍ଥିତି ନିମ୍ନରେ ସାରଣୀକରଣ କରାଗଲା।

**ସାରଣୀ – ୮୩**

(କୋଟି ଟଙ୍କା)

| ବଣ୍ଟନକମ୍ପାନୀମାନଙ୍କ ନାମ | ୱେସ୍କୋ | | ନେସ୍କୋ | | ସାଉଥ୍‌କୋ | | ସେସୁ | |
|---|---|---|---|---|---|---|---|---|
| **ବର୍ଷ** | ୨୦୦୭-୦୮ | ୨୦୦୮-୦୯ | ୨୦୦୭-୦୮ | ୨୦୦୮-୦୯ | ୨୦୦୭-୦୮ | ୨୦୦୮-୦୯ | ୨୦୦୬-୦୭ | ୨୦୦୭-୦୮ |
| ବିବିଧ ପ୍ରାପ୍ତି | ୩୭.୬୦ | ୫୦.୪୧ | ୫୫.୪୩ | ୪୪.୩୮ | ୨୫.୧୧ | ୧୪.୯୯ | ୩୬.୬୯ | ୪୬.୬୮ |
| ହ୍ରାସ: ଡିପିଏସ୍ ଓ ଓଡି ଜରିମାନେ | ୧୨.୫୫ | ୧୭.୫୧ | ୯.୯୬ | ୬.୪୧ | ୪.୭୪ | ୦.୯୬ | ୯.୮୧ | ୪.୧ |
| ବାସ୍ତବିକ ବିବିଧ ପ୍ରାପ୍ତି | ୨୫.୦୫ | ୩୨.୯୦ | ୪୫.୪୭ | ୩୭.୯୭ | ୨୦.୩୭ | ୧୪.୦୩ | ୨୬.୮୮ | ୪୨.୫୮ |
| ହାରାହାରୀ | ୨୮.୯୮ | | ୪୧.୭୨ | | ୧୭.୨୦ | | ୩୪.୭୩ | |

୪୮୬. ଆୟୋଗ ପରୀକ୍ଷଣରୁ ଜାଣିବାକୁ ପାଇଛନ୍ତି ଯେ, ବିବିଧ ଆଦାୟ ଉତ୍ସରୁ ଆଦାୟର ପରିମାଣ ଭିନ୍ନ ଭିନ୍ନ ବର୍ଷରେ ଅନେକାଂଶରେ କମ ବେଶୀ ହୋଇଛି। ଏହାର ନିରାକରଣ ଆବଶ୍ୟକ, ନହେଲେ ଭବିଷ୍ୟତର ବିବିଧ ଦେୟ-ଆଦାୟର ଅଟକଳନ ଅତୀତର ପ୍ରକୃତ ଧାରାର ବିଶେଷଣକୁ ହିଁ ଅନୁସରଣ କରିବ। ଅତଏବ, ଆଗାମୀ୨୦୧୦-୧୧ ଆର୍ଥିକ ବର୍ଷର ବିବିଧ ଆଦାୟର ଅଟକଳନ ପାଇଁ ଆୟୋଗଙ୍କ ପାଖରେ ଉପଲବ୍ଧ ଥିବା ଗତ ଦୁଇ ବର୍ଷର ଅଡିଟ କରାଯାଇ ସାରିଥିବା ଆକାଉଣ୍ଟର ହାରାହାରି ପ୍ରକୃତ ଆଦାୟକୁ ଆୟୋଗ ଗ୍ରହଣ କରିଛନ୍ତି। ଏହିଭଳି ଭାବେ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ବିବିଧ ଦେୟ ଆଦାୟକୁ ଆୟୋଗ ଅନୁମୋଦନ ଦେଇଥିଲେ। ନିମ୍ନ ସାରଣୀରେ ତାହାର ପ୍ରଦର୍ଶନ କରାଗଲା।

**ସାରଣୀ – ୮୪**

(କୋଟି ଟଙ୍କା)

| ୱେସ୍କୋ | ନେସ୍କୋ | ସାଉଥ୍‌କୋ | ସେସୁ |
|---|---|---|---|
| ୨୮.୯୮ | ୪୧.୭୨ | ୧୭.୨୦ | ୩୪.୭୩ |

ରାଜସ୍ୱ ଆବଶ୍ୟକତା

୪୮୭. ଉପରୋକ୍ତ ଆଲୋଚନା ମତେ, ୪ଟି ବଂଟନକାରୀ କଂପାନୀଙ୍କ ପାଇଁ ଆନେକ୍ସଚର-ଏରେ ପ୍ରଦର୍ଶିତ ଅନୁଯାୟୀ ଆୟୋଗ ୨୦୧୦-୧୧ ଆର୍ଥିକ ବର୍ଷର ବାର୍ଷିକ ରାଜସ୍ୱ ଆବଶ୍ୟକତାକୁ ଅନୁମୋଦନ କରିଥିଲେ।

୪୮୮. ଆୟୋଗଙ୍କ ଦ୍ୱାରା ଅନୁମୋଦିତ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ରାଜସ୍ୱ ଆବଶ୍ୟକତା, ପ୍ରଚଳିତ ତାରିଫ ଦର-ହାରରେ ପ୍ରତ୍ୟାଶିତ ରାଜସ୍ୱ ଏବଂ ରାଜସ୍ୱ ପାର୍ଥକ୍ୟର ଏକ ଉଦ୍ଧୃତି ନିମ୍ନରେ ପ୍ରଦାନ କରାଗଲା –

**ସାରଣୀ – ୮୫**

(କୋଟି ଟଙ୍କା)

| ବଣ୍ଟନକମ୍ପାନୀମାନଙ୍କ ନାମ | ରାଜସ୍ୱ ଆବଶ୍ୟକତାରେ | | ପ୍ରତ୍ୟାଶିତ ବ୍ୟୟ | | ପାର୍ଥକ୍ୟ (-)/ବଳକା (+) | |
|---|---|---|---|---|---|---|
| | ପ୍ରସ୍ତାବିତ | ଅନୁମୋଦିତ | ପ୍ରସ୍ତାବିତ | ଅନୁମୋଦିତ | ପ୍ରସ୍ତାବିତ | ଅନୁମୋଦିତ |
| **ୱେସ୍କୋ** | ୧୯୬୯.୮୨ | ୧,୬୩୮.୪୨ | ୧୬୭୫.୦୦ | | (୨୯୪.୮୨) | |

| | | | | | | |
|---|---|---|---|---|---|---|
| | | | | ୧,୬୩୬.୧୦ | | **୨.୩୨** |
| **ନେସ୍କୋ** | ୧୬୯୧.୦୬ | ୧,୩୬୨.୫୩ | ୧୩୯୦.୯୫ | ୧,୩୫୧.୪୧ | (୩୦୦.୧୧) | **୧୧.୧୨** |
| **ସାଉଥ୍କୋ** | ୧୦୯୨.୬୮ | ୪୭୩.୭୮ | ୫୦୯.୪୭ | ୪୭୨.୪୭ | (୫୮୩.୨୧) | **୧.୩୧** |
| **ସେସୁ** | ୧୮୦୭.୧୭ | ୧,୫୫୦.୮୧ | ୧୨୦୨.୮୭ | ୧,୫୪୯.୩୮ | (୬୦୪.୩୦) | **୧.୪୩** |
| ସମୁଦାୟ | **୬୫୬୦.୭୩** | **୫୦୨୫.୫୪** | **୪୭୭୮.୨୯** | **୫୦୦୯.୩୫** | **(୧୭୮୨.୪୪)** | **୧୬.୧୯** |

<u>ବଳକା ରାଜସ୍ୱ ଓ ରାଜସ୍ୱ ପାର୍ଥକ୍ୟ ସଂପର୍କରେ</u>

୪୮୯. ୱେସକୋ, ନେସକୋ , ସାଉଥକୋ ଏବଂ ସେସୁ ଉଦ୍ଦେଶ୍ୟରେ ଆୟୋଗ ଯଥାକ୍ରମେ ୨.୩୨ କୋଟି, ୧୧.୧୨ କୋଟି, ୧.୩୧ କୋଟି ଓ ୧.୪୩ କୋଟି ଟଙ୍କାର ବଳକା ପରିମାଣର ଅନୁମୋଦନ କରିଛନ୍ତି । ୱେସକୋ, ନେସକୋ, ଓ ସେସୁ ଯେଉଁ ବଳକା ରାଜସ୍ୱ ଉପାର୍ଜନ କରିବେ, ତାହାକୁ ଗ୍ରୀଡକୋ ଠାରୁ ପୂର୍ବରୁ କିଣା ଯାଇଥିବା ଶକ୍ତି ବାବଦକୁ ସୁଝାଯିବ । ସାଉଥକୋ କ୍ଷେତ୍ରରେ , ଯେହେତୁ ସାଉଥକୋ ୯୪.୮୩ କୋଟି ଟଙ୍କାର ନକରାତ୍ମକ ବାସ୍ତବାୟନ ପରିମାଣର ସ୍ଥିତିରେ ଅଛି, ସେହେତୁ ସାଉଥ୍କୋର ଉପାର୍ଜିତ ବଳକା ରାଜସ୍ୱକୁ ପ୍ରୋକ୍ତ ନକରାତ୍ମକ ବାସ୍ତବାୟନ ପରିମାଣ ବିପକ୍ଷରେ ନିୟାମକ ଆସେଟ ଭାବରେ ବିବେଚନା କରାଯିବ ।

୪୯୦. ଆୟୋଗ ଏତଦ୍ୱାରା ନିର୍ଦ୍ଦେଶ ଦେଉଛନ୍ତି ଯେ, ବଂଟନକାରୀ କଂପାନୀଙ୍କ କ୍ଷେତ୍ରରେ ବଳକା ରାଜସ୍ୱ କଂପାନୀଙ୍କ ଦ୍ୱାରା ସେମାନଙ୍କ ନିଜ ଜମା ମଧ୍ୟରେ ଚାଳନା କରାଯିବ ଏବଂ ଆୟୋଗଙ୍କ ଅନୁମୋଦନ ବିନା ଅନ୍ୟ କୌଣସି ଉଦ୍ଦେଶ୍ୟରେ ବ୍ୟୟ କରାଯାଇ ପାରିବ ନାହିଁ କିମ୍ବା ଅନ୍ୟ କୌଣସି ଆକାଉଣ୍ଟକୁ ଟ୍ରାନ୍ସଫର କରାଯାଇ ପାରିବ ନାହିଁ । ଏହି ଆଦେଶନାମାର ପରିଚ୍ଛେଦ- ୪୯୫ ରେ ସୂଚିତ ମତେ, ଆଉ କିଛି ବଳକା ହେଉଥିଲେ ତାହାକୁ ଗ୍ରୀଡକୋକୁ ସୁଝିବାକୁ ଥିବା ବାକିଆ ଦେୟ ବାବଦକୁ ପ୍ରଥମ ଦଫାରେ ହିଁ ବିନିଯୋଗ କରାଯିବ ।

<u>ରାଜସ୍ୱ ଆବଶ୍ୟକତା ଓ ବଂଟନ ଦର</u>

୪୯୧. ବଂଟନକାରୀ କଂପାନୀମାନଙ୍କର ଅନୁମୋଦିତ ରାଜସ୍ୱକୁ ବିଶ୍ଲେଷଣ କରିବା ପରେ ସ୍ପଷ୍ଟ ହେଉଛି ଯେ, ୬ ଷ୍ଠ ବେତନ ଆୟୋଗଙ୍କ ସଂଶୋଧିତ ବେତନ ହାରର ସୁପାରିଶ ଯୋଗୁ କର୍ମଚାରୀଙ୍କର ବେତନ ଓ ଭତ୍ତା ଆଦିର ଅହେତୁକ ବୃଦ୍ଧି ଘଟିବା ଫଳରେ ଶକ୍ତି ବଂଟନ ଦରରେ ଖୁବ ଉଚ୍ଚା ପରିମାଣର ବୃଦ୍ଧି ଘଟିଛି । ଏଭଳି ଏକ ପରିସ୍ଥିତିର ଉଦ୍‌ଭବ ହୋଇଥିବା ଯୋଗୁ ଏ ସଂପର୍କରେ ଏକ ପୁଙ୍ଖାନୁପୁଙ୍ଖ ବିଶ୍ଲେଷଣ କରାଯାଇଛି । ଅନୁମୋଦିତ ବଂଟନ ଦର, କର୍ମଚାରୀଙ୍କ ବାବଦକୁ ବ୍ୟୟ ଏବଂ ବଂଟନ ଦରରୁ କର୍ମଚାରୀଙ୍କ ବାବଦକୁ ବ୍ୟୟ ପରିମାଣକୁ ବିୟୋଗ କରାଯାଇଥିବା ଏକ ରେଖାଚିତ୍ରରୁ ନିମ୍ନରେ ପ୍ରଦତ୍ତ ହୋଇଛି । ଏହି ରେଖାଚିତ୍ର ସ୍ପଷ୍ଟ ଭାବେ ପ୍ରତୀୟମାନ ହେଉଛି ଯେ , ଅନ୍ୟାନ୍ୟ ଦରର ସାଧାରଣ ବୃଦ୍ଧି ହୋଇଥିବା ସ୍ଥଳେ କର୍ମଚାରୀଙ୍କ ବାବଦକୁ ବ୍ୟୟର ଅହେତୁକ ବୃଦ୍ଧି ଯୋଗୁ ବଂଟନ ଦରର ଅତ୍ୟଧିକ ବୃଦ୍ଧି ଘଟିଛି ।

କପି ନଂ ୧୨୭ ରୁ ଗ୍ରାଫ ସ୍ଥାନିତ କରାଯିବ ।

<u>ବଂଟନକାରୀ କଂପାନୀଙ୍କଠାରୁ ଗ୍ରୀଡକୋର ପ୍ରାପ୍ୟ-ଦେୟ:</u>

୪୯୨. ଆୟୋଗଙ୍କ ଦ୍ୱାରା ଅନୁମୋଦିତ ବଂଟନକାରୀ କଂପାନୀଙ୍କର ବାକିଆ ଦେୟ ସେମାନେ ଗ୍ରୀଡକୋକୁ ଦେଇ ନଥିବା ଗ୍ରୀଡକୋ ତା'ର ଆବେଦନ ପତ୍ରରେ ଦର୍ଶାଇଛି । ଯେହେତୁ , ସେହି ବାକିଆ ପରିମାଣ ଗ୍ରୀଡକୋ ଏଆରଆର

ରେ ପରିସରଭୁକ୍ତ କରାଯାଇଛି, ସେହେତୁ ବଂଟନକାରୀ କଂପାନୀମାନେ ସେହି ପରିମାଣକୁ ଗ୍ରୀଡକୋକୁ ନଦେବା ଦ୍ୱାରା ଗ୍ରୀଡକୋର ଅର୍ଥନୀତି ପ୍ରଭାବିତ ହୋଇଛି ।

୪୯୩. ୨୦.୧୦.୨୦୦୯ର ଆଦେଶନାମାର କେଶ ନଂ ୧୦୪/୨୦୦୯ ଓ କେଶ ନଂ ୧୦୫/୨୦୦୯ରେ ୱେସକୋ, ନେସକୋ, ସାଉଥକୋ ଓ ସେସୁକୁ ୨୦୦୮-୦୯ ଆର୍ଥିକ ବର୍ଷରେ ଅନୁମୋଦିତ ବାକିଆ ପରିମାଣ ଏବଂ ୨୦୦୯-୧୦ ଆଥିର୍କ ବର୍ଷର ଜାନୁଆରୀ ଠାରୁ ଡିସେମ୍ବର ପର୍ଯ୍ୟନ୍ତ ଅନୁମୋଦିତ ବାକିଆ ପରିମାଣକୁ ଦେଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । କିନ୍ତୁ ଗ୍ରୀଡକୋ ଠାରୁ ଯାହା ସୂଚନା ମିଳିଛି, ତାହା ହେଲା -୨୦୦୯, ଡିସେମ୍ବର ପର୍ଯ୍ୟନ୍ତ ବଂଟନକାରୀ କଂପାନୀମାନେ ସେମାନଙ୍କର ବାକିଆ ଦେୟ ଗ୍ରୀଡକୋକୁ ଦେଇ ନାହାନ୍ତି । ଏହାର ଏ କ ସାରଣୀ କୃତ ହିସାବ ନିମ୍ନରେ ପ୍ରଦତ୍ତ ହେଲା ।

**ସାରଣୀ – ୮୬**

| କ୍ର.ସଂ | ବିବରଣୀ | ୱେସ୍କୋ | ନେସ୍କୋ | ସାଉଥ୍‌କୋ | ସେସୁ | ସମୁଦାୟ |
|---|---|---|---|---|---|---|
| ୧ | ଆର୍ଥିକ ବର୍ଷ ୨୦୦୯-୧୦ର ଅନୁମୋଦିଦ ପରିମାଣ | - | - | ୧୯.୦୦ | ୧୫୧.୦୦ | ୧୭୦.୦୦ |
| ୨ | ଗ୍ରୀଡ଼କୋ ଦ୍ୱାରା ୱେସ୍କୋ ସାଉଥକୋକୁ ପରିମାଣ ପ୍ରଦାନ Amount to be paid by SOUTHCO to WESCO through GRIDCO | - | - | ୯.୦୦ | - | ୯.୦୦ |
| ୩ | ଆର୍ଥିକ ବର୍ଷ ୨୦୦୮-୦୯ର ବକେୟା ପରିମାଣ ୨୦୦୯-୧୦ରେ ପ୍ରଦେୟ | ୩୬.୮୩ | - | - | ୮୫.୫୩ | ୧୨୨.୩୬ |
| ୪ | ସମୁଦାୟ ପରିଶୋଧ | ୩୬.୮୩ | - | ୨୮.୦୦ | ୨୩୬.୫୩ | ୩୦୧.୩୬ |
| ୫ | ଡିସେମ୍ବର ୨୦୦୯ ସୁଦ୍ଧା ପ୍ରଦତ୍ତ ପରିମାଣ | ୨.୦୦ | - | ୭.୮୦ | ୬୧.୬୦ | ୭୧.୪୦ |
| ୬ | ବଳକା ପ୍ରଦେୟ | ୩୪.୮୩ | - | ୨୦.୨୦ | ୧୭୪.୯୩ | ୨୨୯.୯୬ |

୪୯୪. ଗ୍ରୀଡକୋ ଏବେ ସଂକଟଜନକ ଆର୍ଥିକ ସ୍ଥିତି ଦେଇ ଗତି କରୁଛି । କାରଣ , ଗ୍ରୀଡକୋକୁ ଉଚ୍ଚା ଦର ଦେଇ ଶକ୍ତି କିଣିବାକୁ ପଡୁଥିବା ବେଳେ ଆୟୋଗଙ୍କ ଅନୁମୋଦିତ ଦରରେ ଅର୍ଥାତ୍ କିଲୋହ୍ୱାଟ ପିଛା ୧୨୨.୨ ପଇସାର ହ୍ରାସିତ ଦରରେ ଶକ୍ତି ଗ୍ରୀଡ଼କୋ ଯୋଗାଣ କରୁଛି । ତେଣୁ, ଦେୟ ଦେଇ ନଥିବା ବଂଟନକାରୀ କଂପାନୀମାନେ ସେମାନଙ୍କର ଦେୟ ଆଦାୟ ଅଭିଯାନ (ଉପଭୋକ୍ତାଙ୍କଠାରୁ) ଜୋରଦାର କରି ଗ୍ରୀଡକୋର ବାକିଆ ସ୍ଥୂଳ ଯୋଗାଣ ତାରିଫ ଦେୟ ଦର ଦେଇ ଦେବାକୁ ଏତଦ୍ୱାରା ଆୟୋଗ ବଂଟନକାରୀ କଂପାନୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

୪୯୫. ପୁନଶ୍ଚ ଆୟୋଗ ଦୋହରାଇଛନ୍ତି ଯେ, ୩୧.୩.୨୦୦୫ ସୁଦ୍ଧା ଗ୍ରୀଡକୋର ପ୍ରାପ୍ୟ ଦେୟ ସମୂହର ନିରାପତ୍ତାକରଣ ସଂପର୍କିତ ୧.୨.୨୦୦୮ର ଆଦେଶନାମା ମୂଳେ ଆୟୋଗଙ୍କର ନିର୍ଦ୍ଦେଶକୁ କଡାକଡି ଭାବେ ବଂଟନକାରୀ କଂପାନୀମାନେ ପାଳନ କରିବା ଉଚିତ ।

୪୯୬. ଉପରୋକ୍ତ ଅବତାରଣାକୁ ଦୃଷ୍ଟିରେ ରଖି ଏସକ୍ରୋ ଆକାଉଣ୍ଟରୁ (ଯେଉଁଠିରେ ବଂଟନକାରୀ କଂପାନୀଙ୍କର ଚଳିତ ରାଜସ୍ୱ ଜମା ହୋଇଥାଏ) ଗ୍ରୀଡକୋ ଦ୍ୱରା ଏସକ୍ରୋ ରିହାତି ପାଇଁ ଆୟୋଗ ପ୍ରାଥମିକତାର ଢାଞ୍ଚା ଓ ପର୍ଯ୍ୟାୟ ପ୍ରତି ଗୁରୁତ୍ୱ ଆରୋପ କରିବାକୁ ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି । ସେହି ଜମାକୃତ ଚଳିତ ରାଜସ୍ୱ ସମୂହର ବିବରଣୀ ନିମ୍ନରେ ଦିଆଗଲା ।

(କ) ଚଳିତ ସରବରାହ ଦେୟ ଦର ଓ ଏସଏଲଡିସି ଦେୟ ଦରକୁ ମିଶାଇ ପୂରା ଚଳିତ ବିଏସପି ଦେୟ ଦର।

(ଖ) ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଏହି ତାରିଫ ଅର୍ଡରରେ ଅୟୋଗଙ୍କ ଦ୍ୱାରା ଅନୁମୋଦିତ ଅନୁଯାୟୀ କର୍ମଚାରୀଙ୍କ ବାବଦ ବ୍ୟୟ ପରିମାଣ

(ଗ) ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଏହି ତାରିଫ ଅର୍ଡରରେ ଆୟୋଗଙ୍କ ଦ୍ୱାରା ଅନୁମୋଦିତ ମତେ ମାସ ଓ୍ୱାରୀ ମରାମତି ଓ ତୁଲାଜମା ବ୍ୟୟ ପରିମାଣ।

(ଘ) ୨୦୦୮-୦୯ ଓ ୨୦୦୯-୧୦ ଆର୍ଥିକ ବର୍ଷ ପାଇଁ ପାଇକାରୀ ଯୋଗାଣ ତାରିଫରେ ଆୟୋଗଙ୍କ ଦ୍ୱାରା ଅନୁମୋଦିତ ମତେ ବାକି ପଡିଥିବା ଅନାଦାୟ ସ୍ଥୁଳ ଯୋଗାଣ ତାରିଫର ହାରାହାରି ମାସିକିଆ ଅନୁବନ୍ଧତାର ୫୦ ପ୍ରତିଶତ

(ଙ) ୧.୧୨.୨୦୦୮ ର ଆୟୋଗଙ୍କ ନିରାପତ୍ତାକରଣୀତ ଆଦେଶନାମାର ଅନୁମୋଦନ ଅନୁଯାୟୀ ବାକିଆ ସ୍ଥୁଳଯୋଗାଣ ପରିମାଣ ଉଦ୍ଦେଶ୍ୟରେ ଅବଶିଷ୍ଟ ପରିମାଣ ଏସକ୍ରୋ ରିହାତି ପ୍ରସଂଗିତ ଆୟୋଗଙ୍କର ପୂର୍ବର ସବୁ ଆଦେଶନାମା ଉପର ସୂଚିତ ବିସ୍ତାରିତ ସୀମା ପର୍ଯ୍ୟନ୍ତ ସଂଶୋଧିତ ହୋଇଥିବାକୁ ବୁଝାଇବ।

<u>ସେସୁ ଦ୍ୱାରା ଆଗତ ୨୦୦୪ର କେଶ ନଂ -୧୧୫ରୁ ଉଦ୍ରେକିତ ଆୟୋଗଙ୍କ ଦ୍ୱାରା ପାସ୍ କରାଯାଇଥିବା ୨୬.୧୦.୨୦୦୯ ତାରିଖର ଆଦେଶନାମାର ପୁନଃ ମତାୟନ ପାଇଁ ଆବେଦନ</u>

୪୯୭. ୧.୧୨.୨୦୦୮ର ଆୟୋଗଙ୍କ ନିରାପତ୍ତାକରଣ ଆଦେଶନାମାରୁ ଉଦଭୁତ ୩୧.୩.୨୦୦୫ର ପ୍ରଚଳିତ ସ୍ଥୁଳ ଯୋଗାଣ ତାରିଫ ଦେୟ ଉପରେ ୫୨୬.୪୧ କୋଟି ଟଙ୍କାର ଏକ ଡିପିଏସ ପରିମାଣକୁ ଛାଡ କରିଦେବା ପ୍ରସଂଗରେ ସେସୁ ୨୦୦୯ର କେଶ ନଂ ୧୧୩ ରେ ପୂର୍ବରୁ ଏକ ଦରଖାସ୍ତ ଆଗତ କରିଥିଲା। ୨୬.୧୦.୨୦୦୯ରେ ଆୟୋଗ ଏହି ମାମଲାର ଫଇସଲା କଲା ବେଳେ ନିମ୍ନୋକ୍ତ ବିଭାବଗୁଡିକୁ ପର୍ଯ୍ୟବେକ୍ଷଣ କରିଥିଲେ।

"ଡିପିଏସ୍ ପେମେଣ୍ଟ ପ୍ରସଂଗ କିମ୍ବା ଛାଡ କରିବା ପ୍ରସଂଗ , ଯାହା ସେସୁର ପିଟିସନରେ ଦର୍ଶାଯାଇଛି, ତାହାକୁ ୨୦୧୦-୧୧ର ଏଆରଆରରେ ବୁଝାଇ ନିଆଯିବ। ଅତଏବ, ୨୦୧୦-୧୧ ର ଏଆରଆର ଉପସ୍ଥାପନା ବେଳେ ଏହି ପିଟିସନକୁ ଏଆରଆର ସହିତ ଆଗତ କରାଯାଇପାରେ।"

୪୯୮. ସେହି ଅନୁଯାୟୀ, ୩୧.୩.୨୦୦୮୫ରେ ବାକିଆ ସ୍ଥୁଳ ଯୋଗାଣ ତାରିଫ ଦେୟ ଉପରେ ୫୨୬.୪୧ କୋଟି ଟଙ୍କାର ଡିପିଏସ୍ ପରିମାଣକୁ ଛାଡ କରିବା ପାଇଁ ପ୍ରାର୍ଥନା ସହିତ ୧୫.୧୨.୨୦୦୯ ରେ ସେସୁ ଏକ ଆବେଦନ ପତ୍ର ଆଗତ କରିଥିଲା। ଚଳିତ ପିଟିସନରେ ସେସୁ ଆଗୁଆ ଭାବେ କେତେକ ଯୁକ୍ତି ଦର୍ଶାଇଥିଲା ଯେ, ୫୨୬.୪୧କୋଟି ଟଙ୍କାର ଡିପିଏସ ସେମାନେ କାହିଁକି ଦେଉନାହାନ୍ତି। ସୁତରାଂ ତାହାକୁ ଛାଡ କରି ଦିଆଯିବା ଉଚିତ। ତାଙ୍କର ସଂକ୍ଷିପ୍ତ ଯୁକ୍ତିରେ ସେସୁ ଯାହା ସବୁ କହିଥିଲା, ତାହାକୁ ନିମ୍ନରେ ଉଦ୍ଧାର କରାଗଲା।

(କ) ଉପଭୋକ୍ତା ଓ ସାଧାରଣ ଲୋକଙ୍କର ସ୍ୱାର୍ଥକୁ ଦୃଷ୍ଟିରେ ରଖି ନିରାପଦ ବିଦ୍ୟୁତ ଶକ୍ତି ଯୋଗାଣ ଉଦ୍ଦେଶ୍ୟରେ ତଥା ସଂରଚନାତ୍ମକ ସାମଗ୍ରୀସମୂହର ପ୍ରତିଶୋଧାତ୍ମକ ତୁଲାଜମା ଉଦ୍ଦେଶ୍ୟରେ ଏସକ୍ରୋ ରିହାତି ମାଧ୍ୟମରେ ୧୦ କୋଟି ଟଙ୍କା ବିନିଯୋଗ କରିବାକୁ ଆୟୋଗ ୭.୯.୨୦୦୧ର ଆଦେଶନାମାରେ ସେସ୍‌କୋ (ବର୍ତ୍ତମାନ ସେସୁ )କୁ ଅନୁମତି ଦେଇଥିଲେ। ସେସକୋ ସପକ୍ଷରେ ଆୟୋଗଙ୍କ ଦ୍ୱାରା ନିର୍ଦ୍ଧାରିତ ଏସ୍‌କ୍ରୋ ରିହାତିକୁ ମୁକାବିଲା କରି ଓପିଜିସି ୨୦୦୧ର ଓଜେସି ନଂ ୧୩୩୩୮ରେମାନ୍ୟବର ଓଡ଼ିଶା ଉଚ୍ଚ ନ୍ୟାୟଳୟରେ ଏକ ରିଟ ପିଟିସନ ଦାୟର କଲେ। ୨୩.୭.୨୦୦୨ ର ମାନ୍ୟବର ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଆଦେଶନାମା ଅନୁଯାୟୀ, ୧.୭.୨୦୦୨ ଠାରୁ ୩୬ କୋଟି ଟଙ୍କା ଜମା କରିବାକୁ ସେସକୋକୁ ଅନୁମତି ଦିଆଯାଇଥିଲା ଏବଂ ସେସକୋ ପ୍ରତିଷ୍ଠାନରେ ପରିଚାଳନା ପାଇଁ

୧୧ କୋଟି ଟଙ୍କା ବିନିଯୋଗ କରିବାକୁ ଅନୁମତି ଦିଆଯାଇଥିଲା। ଏସକ୍ରୋ ରିହାତିକୁ ୧୧ କୋଟିରୁ ୯ କୋଟିକୁ କମାଇବାକୁ ଗ୍ରୀଡକୋର ପିଟିସନ ଉପରେ ମାନ୍ୟବର ଉଚ୍ଚ ନ୍ୟାୟାଳୟ ୨୨.୨.୨୦୦୫ରେ ପୁନର୍ବାର ନିଶ୍ଚିତ କରାଇଥିଲେ। ଉଚ୍ଚ ନ୍ୟାୟଳୟଙ୍କର ଏହି ଆଦେଶନାମାକୁ ଓପିଜିସି ଭାରତର ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟରେ ଆହ୍ୱାନ କରିଥିଲେ ଏବଂ ୨୯.୪.୨୦୦୫ରେ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଲେ ଯେ, ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କର ୨.୯.୨୦୦୨ର ଆଦେଶନାମା ବଳବତ୍ତର ରହିବ।

ତେଣୁ, ସେସକୋ ଦୃଢୋକ୍ତି କରିଥିଲା ଯେ ଗ୍ରୀଡକୋ ପୂରା ସ୍ଥୁଳ ଯୋଗାଣ ଟାରିଫ ବିଲ୍ ନଦେବା ମାନ୍ୟବର ଆୟୋଗ, ମାନ୍ୟବର ଉଚ୍ଚ ନ୍ୟାୟାଳୟ ଓ ମାନ୍ୟବର ଆପେକ୍ସ ନ୍ୟାୟାଳୟଙ୍କର ନିର୍ଦ୍ଦେଶାତ୍ମକ ନିଷ୍ପତ୍ତି ଅଟେ।

(ଖ) ସେସୁ ପୁଣି ଦର୍ଶାଇଛି ଯେ, ଅଣ-ଡିପିଏସ ଉପଭୋକ୍ତା, ଯଥା-ସରକାରୀ ଉପଭୋକ୍ତା ଓ ପବ୍ଲିକ ସେକ୍ଟର ୟୁନିଟ ଶ୍ରେଣୀର ଉପଭୋକ୍ତାମାନେ ବିଲ୍ ଦେୟ ନ ଦେବା ଯୋଗୁ ବର୍ଷ ବର୍ଷ ଧରି ବାକିଆ ପରିମାଣ ବଢିଯିବା ଯୋଗୁ ଏବେ ଡିପିଏସ ଦେବା ପ୍ରସଂଗ ଉଠୁଛି। ଆହ୍ଲୁୱାଲିଆ କମିଟିର ସୁପାରିଶ ସହ ସମତାଳରେ ପ୍ରୋକ୍ତ ପରିମାଣର ଭରଣା ପାଇଁ ଓଡ଼ିଶା ସରକାର, ଭାରତ ସରକାର ଓ ଭାରତୀୟ ରିଜର୍ଭ ବ୍ୟାଙ୍କ ମଧ୍ୟରେ ଏକ ତ୍ରିପାକ୍ଷିକ ଚୁକ୍ତିନାମା ଜରିଆରେ ୮.୫%ର ସୁଧ ସହ ଭାରତ ସରକାରଙ୍କୁ ରାଜ୍ୟ ସରାକରଙ୍କ ଦ୍ୱାରା ବନ୍ଧକ ପ୍ରଦାନ ପୂର୍ବକ ସମୁଦାୟ ବାକିଆ ପରିମାଣକୁ ନିରାପତ୍ତାକରଣୀତ କରାଯାଇଥିଲା। ସେହି ନିରାପତ୍ତାକରଣୀତ ପରିମାଣ ଉପରେ ସୁଧକୁ ବିଏସଟି ପେମେଣ୍ଟ ଜରିଆରେ ପାସ କରାଯାଇ ସାରିଛି। ତେଣୁ, ଏହାକୁ ପୁନର୍ବାର ଆରଏସଟି ଜରିଆରେ ଭରଣା କରାଯାଇ ପାରିବ ନାହିଁ।

(ଗ) ୨୮.୨.୨୦୦୫ର କେଶ ନଂ ୧୧୫/୨୦୦୪ରେ ଆଦେଶ ପ୍ରାପ୍ତ ମୁତାବକ ସେସୁ, ଓଡ଼ିଶା ସରକାର ଓ ଗ୍ରୀଡକୋ ମଧ୍ୟରେ ତ୍ରିପାକ୍ଷିକ ଚୁକ୍ତିନାମା ଅନୁଯାୟୀ ରାଜ୍ୟ ସରକାରଙ୍କ ବାକିଆ ବିଲ ଉପରେ କୌଣସି ଡିପିଏସ ଲାଗୁ କରାଯିବା କଥା ନୁହେଁ। ସେହି ନିୟମ ଅନୁସାରେ, ସରାକରୀ ବିଭାଗମାନେ ସେସୁକୁ ଦେବାକୁ ଥିବା ବାକିଆ ପରିମାଣ ସହ ସମାନ ପରିମାଣର ବିଏସଟି ଉପରେ ଗ୍ରୀଡକୋ କୌଣସି ଡିପିଏସ ଲାଗୁ କରିବା ଉଚିତ ନୁହେଁ।

<u>୪୯୯. ମାମଲାର ସତ୍ୟତା ନିମ୍ନ ପ୍ରକାରର ଅଟେ</u>

୨୦୦୩-୦୪ ଠାରୁ ୨୦୦୭-୦୮ ପର୍ଯ୍ୟନ୍ତ କଣ୍ଟ୍ରୋଲ ପିରିଅଡର ୱେସକୋ, ନେସକୋ, ସାଉଥକୋ ଓ ସେସୁ ର ଅନୁମୋଦିତ ବ୍ୟବସାୟିକ ଖସଡା ଉପରେ ୨୦୦୪ର କେଶ ନଂ ୧୧୫ରେ ୧.୧୨.୨୦୦୮ ରେ ଆୟୋଗ ଆଦେଶନାମା ପାସ୍ କରିଥିଲେ। ୪ ଟି ବଂଟନକାରୀ କଂପାନୀ ଯଥା ୱେସକୋ, ନେସକୋ, ସାଉଥକୋ ଓ ସେସୁଙ୍କ ଦ୍ୱାରା ଗ୍ରୀଡକୋକୁ ଦେବାକୁ ଥିବା ସମୁଦାୟ ନିରାପତ୍ତାକରଣୀତ ପରିମାଣକୁ ପ୍ରୋକ୍ତ ଆଦେଶନାମାରେ ସ୍ୱଷ୍ଟ କରିଦିଆଯାଇଥିଲା। ତା'ଛଡା ୧.୩.୨୦୦୫ର ବ୍ୟବସାୟିକ ଖସଡା ଆଦେଶନାମା ଏବଂ ୨୦.୭.୨୦୦୬ର ସ୍ୱଷ୍ଟୀକରଣ ଜନିତ ଆଦେଶନାମା ସହ ପ୍ରୋକ୍ତ ଆଦେଶନାମା ସହ-ସମ୍ବନ୍ଧିତ ଥିଲା।

୧.୧୨.୨୦୦୮ର ନିରାପତ୍ତା କରଣୀତ ଆଦେଶନାମାର ପରିଚ୍ଛେଦ ୨୦ ରୁ ୨୫ରେ ଆୟୋଗ ନିମ୍ନୋକ୍ତ ପର୍ଯ୍ୟବେକ୍ଷଣ କରିଥିଲେ।

"(୨୦) ୩୧.୩.୨୦୦୫ ସୁଦ୍ଧା ସମୁଦାୟ ନିରାପତ୍ତାକରଣୀତ ପରିମାଣ ନିମ୍ନରେ ସାରଣୀକୃତ କରାଗଲା।

୨୧. ୩୧,ମାର୍ଚ୍ଚ ୨୦୦୫ ସୁଦ୍ଧା ବାକିଆ ଋଣର ମୂଳ ଓ ସୁଧ ବାବଦରେ ୱେସକୋ, ନେସକୋ ଓ ସାଉଥକୋ ମଧ୍ୟରେ ସହମତି ଭିତ୍ତିକ ବୁଝାମଣା ହୋଇଛି। କିନ୍ତୁ ଗ୍ରୀଡକୋ ଓ ସେସୁ ମଧ୍ୟରେ ସନନ୍ଦର ଚୂଡାନ୍ତକରଣ ତଥାପି ବାକି ଅଛି।

୨୨. ଉପର କଥିତ ମତେ ସେସୁ ଓ ଗ୍ରୀଡକୋ ମଧ୍ୟରେ ବୁଝାମଣାର ଅନୁପସ୍ଥିତିରେ ଚୂଡାନ୍ତ ବୁଝାମଣା ହୋଇ ସାରିବା ପର୍ଯ୍ୟନ୍ତ ଆୟୋଗ ଗ୍ରୀଡକୋର ଅଡିଟ କରାଯାଇଥିବା ପରିସଂଖ୍ୟାନକୁ ଗ୍ରହଣ କରିଛନ୍ତି।

୨୩. ୨୦.୭.୨୦୦୬ର ଆଦେଶନାମାର ଅନୁସରଣରେ ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି ଯେ, ୨୦୧୫ -୧୬ ଆର୍ଥିକ ବର୍ଷ ମଧ୍ୟରେ ୧୨୦ ଟି ମାସିକିଆ କିସ୍ତିରେ (ସର୍ବାଧିକ) ୩୧.୩.୨୦୦୫ ସୁଦ୍ଧା ନିରାପତ୍ତା କରଣୀତ ବିଏସଟି ଦେୟ ସହ ସୁଧକୁ ମିଶାଇ ବାକିଆ ଋଣର ପରିଶୋଧ ବଂଟନକାରୀ କଂପାନୀମାନଙ୍କୁ କରିବାକୁ ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି।

୨୪. ପ୍ରୋକ୍ତ ପରିମାଣ ପାଇଁ ସିକ୍ୟୁରିଟି ପ୍ରକ୍ରିୟା ଏସକ୍ରୋ ଜରିଆରେ ହିଁ କରାଯିବ।

୨୫. ପ୍ରଥମ ଦଫାରେ ଚଳିତ ବିଏସପି ଏବଂ ସରବରାହ ଦେୟ-ଦର ଦେଇ ଦେବାକୁ ବଂଟନକାରୀ କଂପାନୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସମୟକୁ ସମୟ ପ୍ରଯୋଜ୍ୟ ମତେ, ଟାରିଫ ଅର୍ଡରର ଅନୁମୋଦିତ ହିସାବ ଅନୁଯାୟୀ, ବଂଟନକାରୀ କଂପାନୀମାନେ ସାଧାରଣ ଭାବେ କର୍ମଚାରୀଙ୍କ ବେତନ, ମରାମତି ଓ ତୁଳଜମା ବ୍ୟୟ ଭାର ସମ୍ଭାଳନ୍ତୁ ବୋଲି ଆୟୋଗ ଆଶା କରନ୍ତି। ଏହା ବାଦ, ଗ୍ରୀଡକୋକୁ ଦେବାକୁ ପଡୁଥିବା ନିରାପତ୍ତାକରଣିତ ପରିମାଣର ମାସିକିଆ କିନ୍ତୁ ପଇଠ ଉଦ୍ଦେଶ୍ୟରେ ବଂଟନକାରୀ କଂପାନୀମାନେ ଅଧିକ ଅର୍ଥ ଉପାର୍ଜନ କରିବାକୁ ପ୍ରୟାସ କରିବା ବାଂଛନୀୟ, ନଚେତ ପ୍ରୟୋଗନୀୟ ଡିପିଏସ ଲାଗୁ କରାଯିବ।

ଉପର ବର୍ଣ୍ଣିତ ନିରାପତ୍ତାକରଣିତ ଆଦେଶନାମାରେ ଉଲ୍ଲେଖିତ ମତେ, ଗ୍ରୀଡକୋ ଓ ସେସୁ ମଧ୍ୟରେ ଅବଶିଷ୍ଟ ଋଣର ହିସାବ ଉପରେ ସହମତି ସୂଚକ ବୁଝାମଣା ହୋଇନାହିଁ। ଡିପିଏସକୁ ମିଶାଇ ବାକିଆ ବିଏସପି ଦେୟ ସଂପର୍କରେ କୁହାଗଲେ, ୧.୪.୧୯୯୯ ସୁଦ୍ଧା ଓପନିଂ ବାଲାନ୍ସ ଉପରେ ,୧.୪.୧୯୯୯ ଠାରୁ ୩୧.୩.୨୦୦୫ ପର୍ଯ୍ୟନ୍ତ ବାକିଆ ପରିମାଣ ଉପରେ ଏବଂ ୩୧.୩.୨୦୦୫ ସୁଦ୍ଧା ଡିପିଏସ ଉପରେ ଅର୍ଥାତ୍ ଯଥାକ୍ରମେ ୮୦.୧୬ କୋଟି, ୬୦୫.୨୦ କୋଟି ଓ ୫୨୬.୪୧ କୋଟି ଟଙ୍କାର ପରିମାଣକୁ ନେଇ ଓଇଆରସି ଅଧିକାରୀବୃନ୍ଦଙ୍କ ଉପସ୍ଥିତିରେ ମିଳିତ ବୁଝାମଣା ଭିତ୍ତିକ ବିବରଣୀ ଅନୁଯାୟୀ ଗ୍ରୀଡକୋ ଓ ସେସୁ ମଧ୍ୟରେ କୌଣସି ବିବାଦ ନଥିଲା। ଏହି ବାକିଆ ପରିମାଣ ଉପରେ ୫୨୬.୪୧ କୋଟି ଟଙ୍କାର ଯେଉଁ ଡିପିଏସ, ତାହା ପ୍ରଦାନ-ଯୋଗ୍ୟ ନୁହେଁ ବୋଲି ସେସୁ ତା'ର ଚଳିତ ପିଟିସନରେ କେତେକ କାରଣ ସହ ଦର୍ଶାଇଛି ଓ ବିରୋଧ କରିଛି।

୫୦୦. ସେସୁ ଦ୍ୱାରା ଆଗତ ଏହି ପିଟସିନର ପୁଙ୍ଖାନୁପୁଙ୍ଖତାକୁ ଆୟୋଗ ଅନୁଧ୍ୟାନ କରିଛନ୍ତି। ବଂଟନକାରୀ କଂପାନୀଙ୍କଠାରୁ ଗ୍ରୀଡକୋର ପ୍ରାପ୍ୟ ପରିମାଣର ନିରାପତ୍ତାକରଣ ପ୍ରସଂଗରେ ଆୟୋଗ ୧.୧୨.୨୦୦୮ ର ଆଦେଶନାମାରେ ୩୧.୩.୨୦୦୫ ସୁଦ୍ଧା ଗ୍ରୀଡକୋ ଓ ବଂଟନକାରୀ କଂପାନୀଙ୍କ ମଧ୍ୟରେ ସହମତି ପ୍ରାପ୍ତ ନିରାପତ୍ତାକରଣିତ ପରିମାଣର ପେମେଣ୍ଟ ସଂପର୍କରେ ନିର୍ଦ୍ଦେଶ ଦେଇଥିଲେ। ଏହି ଆଦେଶନାମାରେ ଆୟୋଗ ନିର୍ଦ୍ଦେଶ ଦେଲେ ଯେ, ୨୦.୭.୨୦୦୬ର ନିଜ ଆଦେଶନାମା ଅନୁସାରେ, ୨୦୧୫-୧୬ ଆର୍ଥିକ ବର୍ଷ ମଧ୍ୟରେ ୧୨୦ ଟି ମାସିକିଆ କିସ୍ତିରେ (ସର୍ବାଧିକ) ୩୧.୩.୨୦୦୫ ସୁଦ୍ଧା ନିରାପତ୍ତାକରଣିତ ବିଏସ୍‌ପି ଦେୟ ଓ ସୁଧକୁ ମିଶାଇ ବଂଟନକାରୀ କଂପାନୀମାନେ ଅବଶିଷ୍ଟ ଋଣକୁ ସୁଝିବେ। ଆୟୋଗ ପୁନଶ୍ଚ ନିର୍ଦ୍ଦେଶ ଦେଲେ ଯେ, ୨୦.୭.୨୦୦୬ ର ଆଦେଶନାମା ଅନୁଯାୟୀ , ଅବଶିଷ୍ଟ ବିଏସପି ଦେୟ (ଡିପିଏସକୁ ବାଦ୍ ଦେଇ) ଋଣ ଓ ସୁଧର ସହ-ସାମିଲକରଣ ପାଇଁ ବଂଟନକାରୀ କଂପାନୀଙ୍କ ଉଦ୍ଦେଶ୍ୟରେ କିସ୍ତିର ସଂଖ୍ୟା ଅପରିବର୍ତ୍ତିତ ରହିବ। ଏହା ସହ ୨୦୧୫-୧୬ ପୂର୍ବରୁ ବଂଟନକାରୀ କଂପାନୀମାନେ ଡିପିଏସର ପେମେଣ୍ଟ ମଧ୍ୟ କରିବେ।

୫୦୧. ଉପରୋକ୍ତ ତଥ୍ୟ ଓ ସତ୍ୟ ମୂଳେ ଆୟୋଗ ପର୍ଯ୍ୟବେକ୍ଷଣ କରିଛନ୍ତି ଯେ, ୨୦୧୫-୧୬ ପୂର୍ବରୁ ୧.୧୨.୨୦୦୮ ର ନିରାପତ୍ତାକରଣିତ ଆଦେଶନାମାରେ ନିର୍ଦ୍ଦେଶିତ ଅନୁଯାୟୀ, ୬୮୫.୩୬ କୋଟି ଟଙ୍କାର ଅବଶିଷ୍ଟ ବିଏସପି ଦେୟ ସହିତ ୪୭୦.୪୭ କୋଟି ଟଙ୍କାର ଅବଶିଷ୍ଟ ଋଣ ପରିଶୋଧ ଜନିତ କିସ୍ତିକୁ ସର୍ବ ପ୍ରଥମେ ସେସୁକୁ ଦେବାକୁ ପଡିବ। ସେସୁ ଏହି ଉପରୋକ୍ତ ପରିମାଣକୁ ପୂରା ଦେଇ ସାରିବା ପରେ ଆୟୋଗ ୫୨୬.୪୧ କୋଟି ଟଙ୍କାର ଡିପିଏସ ପେମେଣ୍ଟ ସଂପର୍କରେ ମତାୟନ କରିବେ। ପୂର୍ବ ଆଲୋଚନା ମତେ, ସେସୁ ଡିପିଏସର ହିସାବ ଓ ଛାଡ ସଂପର୍କରେ ଆଗୁଆ ଭାବେ କେତେକ ଯୁକ୍ତି ଦର୍ଶାଇଛି। ସେସୁ ଜୋର୍ ଦେଇ କହିଛି ଯେ, ସେସୁ ପାଇଁ ନିୟନ୍ତ୍ରଣ ବହିର୍ଭୂତ କେତେକ କାରଣ ଯୋଗୁ ଏକ ବଡ ପରିମାଣର ଡିପିଏସ ବୋଝର ସୃଷ୍ଟି ହୋଇଛି। ଏହିଭଳି ଏକ ଡିପିଏସ ହିସାବର ସବିଶେଷତା ପ୍ରତି ଏବେ ଆୟୋଗ ଅବଶ୍ୟ ମୁଣ୍ଡ ଖେଳାଇବାକୁ ଚାହୁଁ ନାହାନ୍ତି, କାରଣ ଅନ୍ୟ ବଂଟନକାରୀ କଂପାନୀଙ୍କ ତୁଳନାରେ ନିଶ୍ଚିତ ଭାବେ ଏହା ଏକ ବଡ ପରିମାଣର ଡିପିଏସ। ପୁନଶ୍ଚ , ଅବଶିଷ୍ଟ ଋଣ ତଥା ସଂପୂର୍ଣ୍ଣ

ବିଏସପି ଦେୟକୁ ଗ୍ରୀଡକୋକୁ ପରିଶୋଧ ପାଇଁ ଆୟୋଗ ସେସୁକୁ ନିର୍ଦ୍ଦେଶ ଦେଇଛନ୍ତି ଏବଂ ତା'ପରେ ହିଁ କୁଣ୍ଠା ପ୍ରକାଶ କରୁଥିବା ଡିପିଏସ ପରିମାଣର ପେମେଣ୍ଟ ସଂପର୍କରେ ବିଚାର କରିବା ପାଇଁ ସେସୁ ଆୟୋଗଙ୍କୁ ଅନୁରୋଧ କରିପାରିବ। ତା'ପରେ , ଆୟୋଗ ସେସୁର ଏହି ମାମଲାରେ ଅନୁରୋଧ ସଂପର୍କରେ, ମାମଲାର ଯୌକ୍ତିକତାକୁ ବିଶ୍ଳେଷଣ କରିବେ ଏବଂ ୧.୧୨.୨୦୦୮ ର ଆଦେଶନାମାରେ ନିର୍ଦ୍ଦେଶିତ ମତେ ସେସୁ ଗ୍ରୀଡକୋକୁ ଦେବାକୁ ଥିବା ଡିପିଏସ ପରିମାଣ ସଂପର୍କରେ ଏକ ଉପଯୁକ୍ତ ଆଦେଶନାମାର ଘୋଷଣା କରିବେ।

<u>ଦର ସୂଚୀ ବା ତାରିଫ ନିର୍ଦ୍ଧାରଣ (ପରିଚ୍ଛେଦ ୫୦୨ ରୁ ୫୭୧)</u>

୫୦୨. ଅନୁମତିଧାରୀମାନଙ୍କର ଉପସ୍ଥାପିତ ଲିଖିତ ବିବରଣୀ ଏବଂ ଅଭିଯୋଗକାରୀମାନଙ୍କର ଲିଖିତ ଓ ମୌଖିକ ବିବରଣୀକୁ ଭିତ୍ତି କରି ଏବଂ ସେଗୁଡିକର ସବିଶେଷ ତର୍ଜମା ଓ ପରୀକ୍ଷା ନିରୀକ୍ଷା କରି ଆୟୋଗ ଦରସୂଚୀ ନିର୍ଦ୍ଧାରଣ କରିଛନ୍ତି।

୫୦୩. ସାଧାରଣ ଭାବେ ଦେଖିବାକୁ ଗଲେ, କେବଳ କେତେକ ପାରିତୋଷିକ ସ୍କିମକୁ ବାଦ୍ ଦେଲେ ୧.୨.୨୦୦୧ ରୁ ୩୧.୩.୨୦୧୦ ମଧ୍ୟରେ ଓଡ଼ିଶାରେ ବିଦ୍ୟୁତ ତାରିଫରେ କୌଣସି ପରିବର୍ତ୍ତନ କରାଯାଇନାହିଁ। ଏହାର ପରୋକ୍ଷ ଅର୍ଥ ଏହା ହିଁ ହେବ ଯେ, ଏହି ସମୟ ମଧ୍ୟରେ ମୁଦ୍ରାସ୍ଫୀତି ବହୁ ପରିମାଣରେ ବଢ଼ିଛି ଏବଂ ଅନୁମତିଧାରୀମାନେ ସେକ୍ଟରରେ ଯାହା କିଛି ଉତ୍କୃଷ୍ଟତା ହାସଲ କରିଛନ୍ତି ଓ ତଜ୍ଜନିତ ଅଧିକ ଉପାର୍ଜନ କରୁଛନ୍ତି, ସେଥିରୁ ସବୁ ଶ୍ରେଣୀର ଉପଭୋକ୍ତାଙ୍କୁତ ଭାଗୀଦାର କରାଇଛନ୍ତି, ଅର୍ଥାତ୍ ଉପଭୋକ୍ତା ସେବାରେ ସେହି ଅର୍ଥ ବିନିଯୋଗ ହୋଇଛି। ତେଣୁ ଦରସୂଚୀର ମୂଲ୍ୟାଙ୍କରେ ହ୍ରାସ ଘଟିଛି କହିବା ଠିକ ହେବ ନାହିଁ କି ? ଆଉ ଏକ ଉଲ୍ଲେଖଯୋଗ୍ୟ ବିକାଶ ହେଉଛି - ସବୁ ଶ୍ରେଣୀର ଉପଭୋକ୍ତାଙ୍କ ପାଇଁ ସର୍ବନିମ୍ନ ଦେୟ ଦରର ଉଚ୍ଛେଦ। ଏହା ବଦଳରେ, କମ ଭୋଲଟେଜ ଶ୍ରେଣୀର ଉପଭୋକ୍ତାଙ୍କ ଉଦ୍ଦେଶ୍ୟରେ ଏକ ମାସିକିଆ ସର୍ବନିମ୍ନ ସ୍ଥିର ଦେୟ-ଦରର ପ୍ରବର୍ତ୍ତନ କରାଯାଇଛି। ଉଦ୍ଦେଶ୍ୟ ହେଉଛି - ଏହା ଦ୍ୱାରା ମିଟର ରିଡିଂ , ବିଲିଂ ଓ ଉପଭୋକ୍ତା ସେବା ପାଇଁ ଆନୁଷଙ୍ଗିକ ଅର୍ଥ ଭାରକୁ ଭରଣା କରିବ।

୫୦୪. ଭିନ୍ନ ଭିନ୍ନ ଭୋଲଟେଜରେ ପ୍ରଚଳିତ ତାରିଫ ସଂରଚନାକୁ ନିମ୍ନରେ ସାରାଂଶୀକୃତ କରାଗଲା।

<u>୧୦୦ କିଲୋୱାଟ / ୧୧୦ କେଭିଏ ପର୍ଯ୍ୟନ୍ତ ଏଲଟିରେ ଶକ୍ତି ଯୋଗାଣ</u>

<u>କୁଟୀର ଜ୍ୟୋତି ଉପଭୋକ୍ତା : ମାସିକିଆ ସ୍ଥିର ଦର (ମାସ ପିଛା ଟଙ୍କା)</u>

<u>ଅନ୍ୟ ଶ୍ରେଣୀର ଉପଭୋକ୍ତା :</u>

(କ) ଶକ୍ତି ଦେୟ ଦର (ପଇସା / ୟୁନିଟ)

(ଖ) ମାସିକିଆ ସର୍ବନିମ୍ନ ସ୍ଥିର ଦେୟ ଦର (ଟଙ୍କା /କିଲୋୱାଟ / ମାସ)

<u>୧୧୦ କେଭିଏ ଏବଂ ତଦୁର୍ଦ୍ଧ୍ୱର ସଂଯୋଗିତ ଲୋଡରେ ଏଲଟି ଯୋଗାଣ</u>

(କ) ଚାହିଦା ଦେୟ ଦର (ଟଙ୍କା / କେଭିଏ)

(ଖ) ଶକ୍ତି ଦେୟ ଦର (ପଇସା /ୟୁନିଟ)

(ଗ) ଉପଭୋକ୍ତା ସେବା ଦେୟ ଦର (ଟଙ୍କା /ମାସ)

<u>ଏଚଟି ଉପଭୋକ୍ତା</u>

(କ) ଚାହିଦା ଦେୟ ଦର (ଟଙ୍କା /କେଭିଏ)

(ଖ) ଶକ୍ତି ଦେୟ ଦର (ପଇସା /ୟୁନିଟ)

(ଗ) ଉପଭୋକ୍ତା ସେବା ଦେୟ ଦର (ଟଙ୍କା /ମାସ)

ଇଏଚଟି ଉପଭୋକ୍ତା

(କ) ଚାହିଦା ଦେୟ ଦର (ଟଙ୍କା /କେଭିଏ)

(ଖ) ଶକ୍ତି ଦେୟ ଦର (ପଇସା /ୟୁନିଟ)

(ଗ) ଉପଭୋକ୍ତା ସେବା ଦେୟ ଦର (ଟଙ୍କା /ମାସ)

୫୦୫. ଦୁଇ ଅଂଶ ତାରିଫ ବା ଟୁ ପାର୍ଟ ତାରିଫ ଅନ୍ତର୍ଭୁକ୍ତ ଉପଭୋକ୍ତାମାନେ ମାସିକିଆ ସର୍ବନିମ୍ନ ସ୍ଥିର ଦେୟ-ଦର ଦେବାର ଆବଶ୍ୟକତା ନାହିଁ, କିନ୍ତୁ ସେମାନେ ଚାହିଦା ଦେୟ-ଦର ଓ ଉପଭୋକ୍ତା ସେବା ଦେୟ ଦର ଦେବେ। ଯେଉଁ ଉପଭୋକ୍ତାମାନେ ଏକ ଅଂଶ ତାରିଫ ବା ସିଙ୍ଗିଲ ପାର୍ଟ ତାରିଫର ଅନ୍ତର୍ଭୁକ୍ତ ଓ ମାସିକିଆ ସର୍ବନିମ୍ନ ସ୍ଥିର ଦେୟ ଦର ଦେବାକୁ ଉଦ୍ଦିଷ୍ଟ, ସେମାନେ ଚାହିଦା ଦେୟ ଦର କିମ୍ବା ଉପଭୋକ୍ତା ସେବା ଦେୟ ଦର ଦେବେ ନାହିଁ।

୫୦୬. ଅଧିକନ୍ତୁ , ପାୱାର ଫାକ୍ଟର ଜୋରିମାନା /ପାରିତୋଷିକତା, ଆଶୁ ଦେୟ ପ୍ରଦାନ ଜନିତ ରିହାତି , ମିଟର ଭଡା, ବିଳମ୍ବିତ ଦେୟ ପ୍ରଦାନ ଜନିତ ସରଚାର୍ଜ ,ଅଧିକ ଆହରଣ ଜନିତ ଜୋରିମାନା, ପାରିତୋଷିକତା ତଥା ଅନ୍ୟାନ୍ୟ ବିବିଧ ଦେୟ ଦର ଭଳି ନିର୍ଦ୍ଦିଷ୍ଟ ଅନ୍ୟ କେତେକ ଦେୟ ଦର ଏହି ଆଦେଶନାମାର ଶେଷ ଭାଗରେ ଉଲ୍ଲେଖ ମତେ ମାମଲା ଓ ପରିସ୍ଥିତି ଅନୁଯାୟୀ ଦେବା ଯୋଗ୍ୟ ହେବ।

୫୦୭. ଓଇଆରସି ବଂଟନ (ଯୋଗାଣ ସର୍ତ୍ତାବଳୀ)କୋଡ, ୨୦୦୪ ଅଧିନରେ ବିଭିନ୍ନ ଶ୍ରେଣୀର ଉପଭୋକ୍ତାମାନଙ୍କ ଉଦ୍ଦେଶ୍ୟରେ ପ୍ରଯୋଜ୍ୟ ଦେୟ ଦରର ସବିଶେଷ ବିବରଣୀ ପରବର୍ତ୍ତୀ ଆଲୋଚନା ଗୁଡିକରେ ସ୍ଥାନିତ କରାଗଲା।

ଏଲଟିରେ ଶକ୍ତି ଯୋଗାଣ ଉପଲବ୍ଧ କରୁଥିବା ଉପଭୋକ୍ତାଙ୍କ ପାଇଁ ତାରିଫ

୧୧୦ କେଭିଏରୁ କମ ଚୁକ୍ତି ଚାହିଦା ସହ ଏଲଟିରେ ଶକ୍ତି ଯୋଗାଣ ଉପଲବ୍ଧ କରୁଥିବା ଉପଭୋକ୍ତାଙ୍କୁ ସର୍ବନିମ୍ନ ମାସିକିଆ ସ୍ଥିର ଦର ବା ଏମଏମଏଫସି ଏବଂ ଶକ୍ତି ଦେୟ ଦର ଦେବାକୁ ପଡିଥାଏ। ସେ ସଂପର୍କରେ ନିମ୍ନରେ ସବିଶେଷ ଆଲୋଚନା କରାଗଲା।

୫୦୮. ୧୧୦ କେଭିଏରୁ କମ କଣ୍ଟ୍ରାକ୍ଟ ଡିମାଣ୍ଡ ସହ ଏଲଟିରେ ଶକ୍ତି ଯୋଗାଣ ଉପଲବ୍ଧ କରୁଥିବା ଉପଭୋକ୍ତାଙ୍କୁ ଏମଏମଏଫସି ଦେବାକୁ ପଡିଥାଏ। ବଂଟନ ପଦ୍ଧତିର ଏକ ସ୍ଥିର ବ୍ୟୟକୁ ତୁଲାଇବା ନିମନ୍ତେ ଏହି ଏମଏମଏଫସି ଉର୍ଦ୍ଦିଷ୍ଟ ଅଟେ। ସେଗୁଡିକ ହେଲା ଉପଭୋକ୍ତାଙ୍କର ଶକ୍ତି ଲୋଡକୁ ତୁଲାଇବା , ମିଟର ପରିଚାଳନା ଜନିତ ପଦ୍ଧତି ବ୍ୟୟ, ମିଟର ରିଡିଂ, ବିଲ୍ ପ୍ରସ୍ତୁତି, ବିଲ୍ ପ୍ରଦାନ, ରାଜସ୍ୱ ଆଦାୟ ଓ ଉପଭୋକ୍ତା ଆକାଉଣ୍ଟ୍ସର ଚାଳନା ଆଦି।

୫୦୯. କେତେକ ନିର୍ଦ୍ଦିଷ୍ଟ କ୍ୟାଟାଗୋରୀ (ପ୍ରକାର) ପାଇଁ ଏମଏମଏଫସି ନିମ୍ନମତେ ସଂଶୋଧନ କରାଯିବା ଉଚିତ ବୋଲି ଆୟୋଗ ନିଷ୍ପତ୍ତି ନେଇଛନ୍ତି।

**ସାରଣୀ – ୮୭**

ଏଲ.ଟି.ଗ୍ରାହକମାନଙ୍କ ପାଇଁ ଏମଏମଏଫସି

| **କ୍ର.ନଂ.** | **ଉପଭୋକ୍ତାଙ୍କ ଶ୍ରେଣୀ** | **୧ମ କିଲୋୱାଟ୍ /ଆଂଶିକ ପ୍ରତି ମାସିକିଆ ସର୍ବନିମ୍ନ ସ୍ଥିର ଦର (ଟଙ୍କାରେ) *** | **ପ୍ରତ୍ୟେକ ଅତିରିକ୍ତ କିଲୋୱାଟ୍ /ଆଂଶିକ ପ୍ରତି ମାସିକିଆ ସର୍ବନିମ୍ନ ସ୍ଥିର ଦର (ଟଙ୍କାରେ)** | **୧ମ କିଲୋୱାଟ୍ /ଆଂଶିକ ପ୍ରତି ମାସିକିଆ ସର୍ବନିମ୍ନ ସ୍ଥିର ଦର (ଟଙ୍କାରେ) *** | **ପ୍ରତ୍ୟେକ ଅତିରିକ୍ତ କିଲୋୱାଟ୍ /ଆଂଶିକ ପ୍ରତି ମାସିକିଆ ସର୍ବନିମ୍ନ ସ୍ଥିର ଦର (ଟଙ୍କାରେ)** |
|---|---|---|---|---|---|
| | | **ପ୍ରଚଳିତ** | | **ଆର୍ଥିକ ବର୍ଷ ୨୦୧୦-୧୧ ପାଇଁ ଅନୁମୋଦିତ** | |
| | ଏଲ.ଟି. **ଶ୍ରେଣୀ** | | | | |
| ୧. | ଘରୋଇ (କୁଟୀର ଜ୍ୟୋତି ବିନା) | ୨୦ | ୧୦ | ୨୦ | ୧୫ |

| କ୍ର.ନ °. | ଉପଭୋକ୍ତାଙ୍କ ଶ୍ରେଣୀ | ୧ମ କିଲୋୱାଟ୍ /ଆଂଶିକ ପ୍ରତି ମାସିକିଆ ସର୍ବନିମ୍ନ ସ୍ଥିର ଦର (ଟଙ୍କାରେ) * | ପ୍ରତ୍ୟେକ ଅତିରିକ୍ତ କିଲୋୱାଟ୍ /ଆଂଶିକ ପ୍ରତି ମାସିକିଆ ସର୍ବନିମ୍ନ ସ୍ଥିର ଦର (ଟଙ୍କାରେ) | ୧ମ କିଲୋୱାଟ୍ /ଆଂଶିକ ପ୍ରତି ମାସିକିଆ ସର୍ବନିମ୍ନ ସ୍ଥିର ଦର (ଟଙ୍କାରେ) * | ପ୍ରତ୍ୟେକ ଅତିରିକ୍ତ କିଲୋୱାଟ୍ /ଆଂଶିକ ପ୍ରତି ମାସିକିଆ ସର୍ବନିମ୍ନ ସ୍ଥିର ଦର (ଟଙ୍କାରେ) |
|---|---|---|---|---|---|
| | | ପ୍ରଚଳିତ | | ଆର୍ଥିକ ବର୍ଷ ୨୦୧୦-୧୧ ପାଇଁ ଅନୁମୋଦିତ | |
| ୨. | ସାଧାରଣ ଉଦ୍ଦେଶ୍ୟିତ ଏଲଟି ([୧୧୦ କେଭିଏ) | ୩୦ | ୨୦ | ୩୦ | ୨୫ |
| ୩. | ଉଠା ଜଳସେଚନ ପମ୍ପିଂ ଓ କୃଷି | ୨୦ | ୧୦ | ୨୦ | ୧୦ |
| ୪. | ସମବର୍ଗୀ କୃଷି ଭିତ୍ତିକ କ୍ରୀୟାକଳାପ | ୨୦ | ୧୦ | ୨୦ | ୧୦ |
| ୫. | ସମବର୍ଗୀ କୃଷି-ଶିଳ୍ପ ଭିତ୍ତିକ କ୍ରୀୟାକଳାପ | ୮୦ | ୫୦ | ୮୦ | ୫୦ |
| ୬. | ପବ୍ଲିକ ଲାଇଟିଂ | ୨୦ | ୧୦ | ୨୦ | ୧୫ |
| ୭. | ଏଲଟି ଇଣ୍ଡଷ୍ଟ୍ରିଆଲ (ଏସ) ଯୋଗାଣ | ୪୦ | ୩୦ | ୪୦ | ୩୫ |
| ୮. | ଏଲଟି ଇଣ୍ଡଷ୍ଟ୍ରିଆଲ (ଏମ) ଯୋଗାଣ | ୮୦ | ୫୦ | ୮୦ | ୫୦ |
| ୯. | ସୁ-ନିର୍ଦ୍ଦିଷ୍ଟ ପବ୍ଲିକ୍ ପର୍ପୋଜ | ୫୦ | ୫୦ | ୫୦ | ୫୦ |
| ୧୦. | ପବ୍ଲିକ୍ ୱାଟର ୱାର୍କସ୍ ଓ ସ୍ୱରେଜ ପମ୍ପିଂ (୧୧୦ କେଭିଏ) | ୫୦ | ୫୦ | ୫୦ | ୫୦ |

ଚୁକ୍ତିନାମାରେ କେଭିଏରେ ଶକ୍ତି ଯୋଗାଣ ନିର୍ଦ୍ଧାରଣ ହୋଇଥିବା ସ୍ଥଳେ, ଓଇଆରସି (ଯୋଗାଣ ସର୍ତ୍ତାବଳୀ) ବଂଟନ କୋଡ, ୨୦୦୪ର ନିୟମ ୨ (ଟ) ଅନୁଯାୟୀ, ୦.୯ ର ପାୱାର ଫାକ୍ଟର ଗୁଣନ କରାଯାଇ ଏହାକୁ କିଲୋୱାଟ୍‌ରେ ରୂପାନ୍ତରଣ କରାଯିବ।

୫୧୦. ୧୧୦ କେଭିଏରୁ କମ ସଂଯୋଗିତ ଲୋଡର ଉପଭୋକ୍ତାଙ୍କୁ ‘ସରଳ ଶକ୍ତି ମିଟର’ ଦିଆଯାଇଥାଏ, ଯାହା କେବଳ ଶକ୍ତି ଉପଯୋଗକୁ ବିବରଣୀଭୁକ୍ତ କରିଥାଏ, କିନ୍ତୁ ସର୍ବାଧିକ ଚାହିଦାକୁ ନୁହେଁ। ଓଇଆରସି ବଂଟନ (ଯୋଗାଣ ସର୍ତ୍ତାବଳୀ)କୋଡ, ୨୦୦୪ର ବ୍ୟବସ୍ଥା ଅନୁଯାୟୀ , ୧୧୦ କେଭିଏ ଲୋଡର କଣ୍ଟ୍ରାକ୍ଟ ଡିମାଣ୍ଡ ଏବଂ ତଦୁର୍ଦ୍ଧ୍ୱର କଣ୍ଟ୍ରାକ୍ଟ ଡିମାଣ୍ଡ ଚୁକ୍ତିନାମାରେ ନିର୍ଦ୍ଧାରଣ ଅନୁଯାୟୀ ହେବ ଏବଂ ସଂଯୋଗିତ ଲୋଡ ରୁ ପୃଥକ ହୋଇପାରେ। ୧୧୦ କେଭିଏରୁ ନିମ୍ନରେ ଏକ ସଂଯୋଗିତ ଲୋଡ ପାଇଁ କଣ୍ଟ୍ରାକ୍ଟ ଡିମାଣ୍ଡ ସଂଯୋଗିତ ଲୋଡ ସହ ସମାନ ହେବ। ତେବେ, ଯେଉଁ ଉପଭୋକ୍ତାଙ୍କ କ୍ଷେତ୍ରରେ ଷ୍ଟାଟିକ ମିଟର / ଡିମାଣ୍ଡ ରେକର୍ଡ କରିପାରୁଥିବା ମିଟରର ସଂସ୍ଥାପନା ହୋଇଥିବ, ସେ କ୍ଷେତ୍ରରେ ପାଖାପାଖି ୦.୫ କିଲୋୱାଟର ବିବରଣୀଭୁକ୍ତ ଡିମାଣ୍ଡକୁ କଣ୍ଟ୍ରାକ୍ଟ ଡିମାଣ୍ଡ ଭାବେ ବିବେଚନା କରାଯାଏ, ଯାହା ଚୁକ୍ତିନାମା ନିର୍ବିଶେଷରେ କୌଣସି ଯାଞ୍ଚର ଆବଶ୍ୟକତାକୁ ଅପେକ୍ଷା ରଖିବ ନାହିଁ। ତେଣୁ, ୧୧୦ କେଭିଏରୁ କମର ସଂଯୋଗିତ ଲୋଡ ପାଇଁ ମାସିକିଆ ସର୍ବନିମ୍ନ ସ୍ଥିର ଦରର ହିସାବ ଉଦ୍ଦେଶ୍ୟରେ ଉପରୋକ୍ତ ବିଶ୍ଳେଷଣ ଆଧାର ପ୍ରସ୍ତୁତ କରିବ। ଅନୁମତିଧାରୀମାନେ ନିୟମାବଳୀର ଉପରୋକ୍ତ ବ୍ୟବସ୍ଥାକୁ କଡାକଡି ଭାବେ ଅନୁସରଣ କରିବା ନିମନ୍ତେ ଆୟୋଗ ସେମାନଙ୍କୁ ନିର୍ଦ୍ଦେଶ ଦେଉଛନ୍ତି।

<u>ଶକ୍ତି ଦେୟ-ଦର (୧୧୦ କେଭିଏରୁ କମ ସଂଯୋଗିତ ଲୋଡର ଉପଭୋକ୍ତାଙ୍କ ପାଇଁ)</u>

ଘରୋଇ

୫୧୧. ୧ କିଲୋଓ୍ୱାଟ ଓ ତଦୁର୍ଦ୍ଧ୍ୱର ସଂଯୋଗିତ ଲୋଡ ସହ ଅଣ-କୁଟୀର ଜ୍ୟୋତି ଉପଭୋକ୍ତାଙ୍କର ବ୍ୟୟ ଭାର ସମ୍ଭାଳିବା ସଂପର୍କରେ ଆୟୋଗ ସଚେତନ ଅଛନ୍ତି। ଏହାକୁ ଦୃଷ୍ଟିରେ ରଖି, ନିମ୍ନ ସ୍ତରର ଶକ୍ତି ଯୋଗାଣ ଉପଲବ୍ଧ କରୁଥିବା ଘରୋଇ ଘରୋଇ ଉପଭୋକ୍ତାଙ୍କ ପ୍ରତି ଶକ୍ତି ଦେୟ ଦର ନିମ୍ନମତେ ସ୍ଥିର କରାଗଲା।

| ଘରୋଇ ଶକ୍ତି ଉପଯୋଗର ସ୍ଲାବ | ଶକ୍ତି ଦେୟ ଦର |
|---|---|
| ୧ମ ୧୦୦ ୟୁନିଟ | ୟୁନିଟ ପିଛା ୧୪୦ ପଇସା |
| ପରବର୍ତ୍ତୀ ୧୦୦ ୟୁନିଟ | ୟୁନିଟ ପିଛା ୩୧୦ ପଇସା |
| ଉପଯୋଗର ଅବଶିଷ୍ଟ ୟୁନିଟ | ୟୁନିଟ ପିଛା ୪୧୦ ପଇସା |

୫୧୨. ମାସକୁ ୩୦ୟୁନିଟ ପର୍ଯ୍ୟନ୍ତ ଶକ୍ତି ଉପଯୋଗ ପାଇଁ ମାସିକ କେବଳ ଟ ୩୦/- ଦର ହାରରେ କୁଟୀର ଜ୍ୟୋତି ଉପଭୋକ୍ତାମାନେ କେବଳ ମାସିକିଆ ସର୍ବନିମ୍ନ ସ୍ଥିର ଦର ଦେବେ। ଯଦି ଏହି ଶ୍ରେଣୀର ଉପଭୋକ୍ତା ମାସକୁ ୩୦ ୟୁନିଟରୁ ଅଧିକ ଶକ୍ତି ଖର୍ଚ୍ଚ କରନ୍ତି, ତେବେ ସେମାନଙ୍କର ଅଧିକ ଶକ୍ତି ଖର୍ଚ୍ଚ ଉପରେ ଅନ୍ୟ ଘରୋଇ ଉପଭୋକ୍ତାଙ୍କ ଭଳି ସେମାନଙ୍କୁ ବିଲ ଦିଆଯିବ।

୫୧୩. ଓଇଆରସି ବଂଟନ(ଯୋଗାଣ ସର୍ତ୍ତାବଳୀ) କୋଡ, ୨୦୦୪ର ବ୍ୟବସ୍ଥା ଅନୁଯାୟୀ, ଗୋଟିଏ ସଠିକ ମିଟର ବିନା ପ୍ରାରମ୍ଭିକ ଶକ୍ତି ଯୋଗାଣ କରାଯିବ ନାହିଁ। ଆୟୋଗଙ୍କର ୨୦୦୩-୦୪ ଆର୍ଥିକ ବର୍ଷର ପାଇକାରୀ ଯୋଗାଣ ଟାରିଫରେ ନିର୍ଦ୍ଧାରଣ ମତେ ୧ ଏପ୍ରିଲ ୨୦୦୪ ରୁ ଲୋଡ ଫାକ୍ଟର ବିଲିଂକୁ ଉଠାଇ ଦିଆଯାଇଛି। ତେଣୁ, ଲୋଡ ଫାକ୍ଟର ଆଧାରରେ କୌଣସି ଉପଭୋକ୍ତାଙ୍କୁ ବିଲ ନ ଦେବାକୁ ଅନୁମତିଧାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ସାଧାରଣ ଉଦ୍ଦେଶ୍ୟିତ ଏଲ୍‌ଟି (୧୧୦ କେଭିଏ)

୫୧୪. ସ୍ଥିର ଟାରିଫ ସଂରଚନାକୁ ଆୟୋଗ ପୁନଃ ମତାୟନ କରିଥିଲେ ଏବଂ ପ୍ରଚଳିତ ଦରକୁ ସଂଶୋଧନ କରିବାକୁ ନିଷ୍ପତ୍ତି ନେଲେ। ସଂଶୋଧିତ ଦର ଗୁଡିକ ହେଲା -

| ସ୍ଲାବ | ଶକ୍ତି ଦେୟ ଦର |
|---|---|
| ୧ ମ ୧୦୦ ୟୁନିଟ | ୟୁନିଟ ପିଛା ୪୨୦ ପଇସା |
| ପରବର୍ତ୍ତୀ ୨୦୦ ୟୁନିଟ | ୟୁନିଟ ପିଛା ୫୩୦ ପଇସା |
| ଅବଶିଷ୍ଟ ୟୁନିଟ | ୟୁନିଟ ପିଛା ୫୯୦ ପଇସା |

୫୧୫. ଜଳସେଚନ ପମ୍ପିଂ ଓ କୃଷି

ଏହି କ୍ୟାଟାଗୋରୀ ପାଇଁ ଶକ୍ତି ଦେୟ ଦର ଅପରିବର୍ତ୍ତିତ ରଖିବାକୁ ଆୟୋଗ ନିଷ୍ପତ୍ତି ନେଇଛନ୍ତି। ଅର୍ଥାତ୍ ଏଲଟି ଉପଭୋକ୍ତାଙ୍କ କ୍ଷେତ୍ରରେ ଜଳସେଚନ ପମ୍ପିଂ ପାଇଁ ୟୁନିଟ ପିଛା ୧୧୦ ପଇସା ଏବଂ ଏଚଟିରେ ଶକ୍ତି ଉପଲବ୍ଧ କରୁଥିବା କୃଷି କ୍ୟାଟାଗୋରୀ ପାଇଁ ଉପଭୋକ୍ତାଙ୍କୁ ୟୁନିଟ ପିଛା ୧୦୦ ପଇସା ଦେବାକୁପଡିବ।

୫୧୬. ମିଶ୍ରିତ କୃଷି କାର୍ଯ୍ୟସୂଚୀ

ଏହି କାର୍ଯ୍ୟସୂଚୀର ଅଂଶୀଦାର ମାନଙ୍କଠାରୁ ଆପତ୍ତି /ଅଭିଯୋଗ ଶୁଣିବା ପରେ ଆୟୋଗ ଏହି କ୍ୟାଟେଗୋରୀ ପାଇଁ ଶକ୍ତି ଦେୟ ଦରର ପରିବର୍ତ୍ତନ ଚାହିଁନାହାନ୍ତି, ଯେଣୁ ମିଶ୍ରିତ କୃଷି କାର୍ଯ୍ୟସୂଚୀ କୃଷି କାର୍ଯ୍ୟସୂଚୀ ସହ ଭଲ ଭାବେ ସଂପର୍କିତ ଅଟେ। ତେଣୁ, ଆୟୋଗ ମିଶ୍ରିତ କୃଷି କାର୍ଯ୍ୟସୂଚୀ ଏଲଟି ଉପଭୋକ୍ତାଙ୍କ ପାଇଁ ୟୁନିଟ ପିଛା ୧୨୦ ପଇସା ଓ ଏଚଟି ଉପଭୋକ୍ତାଙ୍କ ପାଇଁ ୟୁନିଟ ପିଛା ୧୧୦ ପଇସା ସ୍ଥିର କରିଛନ୍ତି।

<u>୫୧୭. ମିଶ୍ରିତ କୃଷି ଭିତ୍ତିକ ଶିଳ୍ପ କାର୍ଯ୍ୟସୂଚୀ</u>

ସତର୍କତାର ସହ ଆୟୋଗ ଏହା ଉପରେ ବିଚାର କରି ତାରିଫରେ ପରିବର୍ତ୍ତନ କରିଛନ୍ତି। ଏଲଟି ଉପଭୋକ୍ତାଙ୍କ ପାଇଁ ୟୁନିଟ ପିଛା ୩୨୦ ପଇସା ଓ ଏଚଟି ଉପଭୋକ୍ତା ପାଇଁ ୟୁନିଟ ପିଛା ୩୧୦ ପଇସା ରଖାଯାଇଛି।

୫୧୮. ସାରା ରାଜ୍ୟ ପାଇଁ ସାମଗ୍ରୀକ ଭାବେ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଅଟକଳିତ ସାମୁଦାୟିକ ଯୋଗାଣ ଦର ହେଉଛି ୟୁନିଟ ପିଛା ୩୨୭.୩୭ ପଇସା । ଏକ ଦର ଭିତ୍ତିକ ତାରିଫର ବିକଶିତ ପ୍ରବର୍ତ୍ତନ ଦ୍ୱାରା ତାରିଫ ସଂରଚନାର ସନ୍ତୁଳନକରଣ ଉଦ୍ଦେଶ୍ୟ ରଖି ଆୟୋଗ ଯୋଗାଣ ଦରର ଏକ ଉତ୍ତମ ପ୍ରତିଫଳନ ପାଇଁ ଭିନ୍ନ ଭିନ୍ନ ଭୋଲଟେଜ ସ୍ତରରେ ଶକ୍ତି ଦେୟ ଦର ମଧ୍ୟରେ ସହ-ସମ୍ବନ୍ଧ ସୃଷ୍ଟି କରିଛନ୍ତି। ଘରୋଇ, ସାଧାରଣ ଉଦ୍ଦେଶ୍ୟତ , ଜଳସେଚନ ପମ୍ପିଂ, ମିଶ୍ରିତ କୃଷି କାର୍ଯ୍ୟସୂଚୀ ସମୂହ ଏବଂ ମିଶ୍ରିତ କୃଷି ଭିତ୍ତିକ ଶିଳ୍ପ କାର୍ଯ୍ୟସୂଚୀସମୂହ ବାଦ୍ ଏଲଟିରେ ସବୁ ଲୋଡ ପାଇଁ ନିମ୍ନଲିଖିତ ସଂସ୍କରିତ ତାରିଫ ସଂରଚନାକୁ ଗ୍ରହଣ କରାଯାଇଛି।

| ଯୋଗାଣର ଭୋଲଟେଜ | ଶକ୍ତି ଦେୟଦର |
|---|---|
| ଏଲଟି | ୟୁନିଟ ପିଛା ୪୨୦ ପଇସା |

ଏହି ଉପରୋକ୍ତ ଦର ନିମ୍ନଲିଖିତ ପ୍ରକାରର ଉପଯୋଗ ପାଇଁ ପ୍ରଯୋଜ୍ୟ ହେବ।

(କ) ସାଧାରଣ ଆଲୋକ ବ୍ୟବସ୍ଥା

(ଖ) ଏଲଟି ଇଣ୍ଡଷ୍ଟ୍ରିଆଲ (ଏସ୍) ଯୋଗାଣ

(ଗ) ଏଲଟି ଇଣ୍ଡଷ୍ଟ୍ରିଆଲ (ଏମ) ଯୋଗାଣ

(ଘ) ସୂଚିତ ସାଧାରଣ ଉଦ୍ଦେଶ୍ୟତ

(ଙ) ସାଧାରଣ ଜଳ ଯୋଗାଣ ଓ ନାଳ ନର୍ଦ୍ଦମାରୁ ଜଳ ନିଷ୍କାସନ କିମ୍ବା ଜଳାଶୟକୁ ଜଳ ଭର୍ତ୍ତି ଉଦ୍ଦେଶ୍ୟରେ ପମ୍ପିଂ □୧୧୦ କେଭିଏ।

(ଚ) ସାଧାରଣ ଉଦ୍ଦେଶ୍ୟତ =]୧୧୦ କେଭିଏ।

(ଛ) ବୃହତ ଶିଳ୍ପ ସଂସ୍ଥା

<u>୧୧୦ କେଭିଏ ଓ ତଦୁର୍ଦ୍ଧ୍ୱ କଣ୍ଟ୍ରାକ୍ଟ ଡିମାଣ୍ଡ ସହ ଏଲଟିରେ ଶକ୍ତି ଯୋଗାଣ ଉପଲବ୍ଧ କରୁଥିବା ଉପଭୋକ୍ତାଙ୍କ ପାଇଁ ତାରିଫ ନିମ୍ନରେ ଦିଆଗଲା।</u>

୫୧୯. <u>ଏଲଟିରେ ଉପଭୋକ୍ତା ସେବା ଦେୟ ଦର :</u>

୧୧୦ କେଭିଏ ଓ ତଦୁର୍ଦ୍ଧ୍ୱର ସଂଯୋଗିତ ଲୋଡର ଉପଭୋକ୍ତାଙ୍କ ଉପରେ ଲାଗୁ କରାଯାଇଥିବା ଉପଭୋକ୍ତା ସେବା ଦେୟ ଦରର ବର୍ତ୍ତମାନ ସ୍ତରକୁ ଆୟୋଗ ପରୀକ୍ଷା ନିରୀକ୍ଷା କରିଥିଲେ ଓ ଏହାକୁ ଅପରିବର୍ତ୍ତିତ ରଖିବାକୁ ନିଷ୍ପତ୍ତି ନେଇଛନ୍ତି।

**ସାରଣୀ – ୮୮**

| **ଶ୍ରେଣୀ** | **ଯୋଗାଣର ଭୋଲ୍ଟେଜ** | **କଷ୍ଟମର ସର୍ଭିସ ଚାର୍ଜ (ଟଙ୍କା/ପ୍ରତି ମାସ)** |
|---|---|---|
| ପବ୍ଲିକ୍ ୱାଟର ୱାର୍କସ (=]୧୧୦ କେଭିଏ) | ଏଲଟି | ୩୦ |
| ସାଧାରଣ ଉଦ୍ଦେଶ୍ୟତ (=]୧୧୦ କେଭିଏ) | ଏଲଟି | ୩୦ |
| ବୃହତ୍ ଶିଳ୍ପ | ଏଲଟି | ୩୦ |

୫୨୦. ଏଲଟିରେ ଚାହିଦା ଦେୟ ଦର

୧୧୦ କେଭିଏ ଓ ତଦୁର୍ଦ୍ଧ୍ୱର କଣ୍ଟ୍ରାକ୍ଟ ଡିମାଣ୍ଡ ଉପଭୋକ୍ତାଙ୍କ ଦ୍ୱାରା ଦିଆଯାଉଥିବା ମାସିକ କେଭିଏ ପିଛା

ଟ ୨୦୦/- ର ଡିମାଣ୍ଡ ଚାର୍ଜର ପ୍ରଚଳିତ ସ୍ତରକୁ ଆୟୋଗ ପରୀକ୍ଷା ନିରୀକ୍ଷା କରିଥିଲେ। ଅନ୍ୟ ବିନିଯୋଗକାରୀ କର୍ତ୍ତୃପକ୍ଷଙ୍କର ତାଦୃଶ ସ୍ଥାନିତ ଉପଭୋକ୍ତାଙ୍କ ପାଇଁ ଆୟୋଗ ଡିମାଣ୍ଡ ଚାର୍ଜକୁ ମଧ୍ୟ ଅଧ୍ୟୟନ କରିଥିଲେ ଏବଂ ଏହାକୁ ଅପରିବର୍ତ୍ତିତ ରଖିବାକୁ ନିଷ୍ପତ୍ତି ନେଇଥିଲେ।

| ଯୋଗାଣର ଭୋଲଟେଜ | ଚାହିଦା ଦେୟ ଦର |
|---|---|
| ଏଲଟି (୧୧୦ କେଭିଏ ଓ ତଦୁର୍ଦ୍ଧ୍ୱ) | ମାସିକ କେଭିଏ ପିଛା ଟ ୨୦୦/- |

ଏଚଟି ଏବଂ ଇଏଚଟି ଉପଭୋକ୍ତାଙ୍କ ପାଇଁ ଟାରିଫ:

୧୧୦ କେଭିଏ ଓ ତଦୁର୍ଦ୍ଧ୍ୱ କଣ୍ଟ୍ରାକ୍ଟ ଡିମାଣ୍ଡର ଉପଭୋକ୍ତାଙ୍କ ପାଇଁ

ଏଚଟି ଏବଂ ଇଏଚଟି ରେ ଉପଭୋକ୍ତା ସେବା ଦେୟ-ଦର।

୫୨୧. ୧୧୦ କେଭିଏ ଓ ତଦୁର୍ଦ୍ଧ୍ୱ କଣ୍ଟ୍ରାକ୍ଟର ଉପଭୋକ୍ତାମାନଙ୍କୁ ଉପଭୋକ୍ତା ସେବା ଦେୟ-ଦର ଦେବାକୁ ପଡିଥାଏ। ମିଟର ରିଡିଂ, ବିଲ୍ ପ୍ରସ୍ତୁତି, ବିଲ୍ ପ୍ରଦାନ, ରାଜସ୍ୱ ଆଦାୟ ଏବଂ ଉପଭୋକ୍ତା ଆକାଉଣ୍ଟ୍ସର ପରିଚାଳନା ପାଇଁ ଏହି ଦେୟ-ଦରକୁ ଅନୁମତିଧାରୀଙ୍କୁ ବ୍ୟୟ କରିବାକୁ ପଡିଥାଏ। ଉପଭୋକ୍ତା ଶକ୍ତି ଉପଯୋଗର ସ୍ତର ନିର୍ବିଶେଷରେ ଅନୁମତିଧାରୀ ଏହି ବ୍ୟୟ ସମ୍ଭାଳିବାକୁ ବାଧ୍ୟ ଅଟନ୍ତି। ଆୟୋଗ ପ୍ରଚଳିତ ସ୍ତରର ଏହି ଉପଭୋକ୍ତା ସେବା ଦେୟ ଦରକୁ ନିମ୍ନ ସାରଣୀରେ ଉଲ୍ଲେଖ ମତେ ଅପରିବର୍ତ୍ତିତ ରଖିବାକୁ ନିଷ୍ପତ୍ତି ନେଇଛନ୍ତି।

**ସାରଣୀ – ୮୯**

| ଶ୍ରେଣୀ | ଯୋଗାଣର ଭୋଲ୍ଟେଜ | କଷ୍ଟମର ସର୍ଭିସ ଚ଼ର୍ଜ (ଟଙ୍କା/ପ୍ରତି ମାସ) |
|---|---|---|
| ସ୍ଥୁଳ ଯୋଗାଣ (ଘରୋଇ) | ଏଚଟି | ସବୁ କ୍ୟାଟେଗୋରୀ ପାଇଁ ଟ ୨୫୦/- |
| ଉଠା ଜଳସେଚନ ପମ୍ପିଂ ଓ କୃଷି | ଏଚଟି | |
| ସମବର୍ଗୀ କୃଷି ଭିତ୍ତିକ କ୍ରୀୟାକଳାପ | ଏଚଟି | |
| ସମବର୍ଗୀ କୃଷି-ଶିଳ୍ପ ଭିତ୍ତିକ କ୍ରୀୟାକଳାପ | ଏଚଟି | |
| ନିର୍ଦ୍ଦିଷ୍ଟ ଭାବେ ସାଧାରଣ ଉଦ୍ଦେଶ୍ୟିତ | ଏଚଟି | |
| ସାଧାରଣ ଉଦ୍ଦେଶ୍ୟ (ଏଚଟି [୧୧୦ କେଭିଏ) | ଏଚଟି | |
| ଏଚଟି ଇଣ୍ଡଷ୍ଟ୍ରିଆଲ (ଏମ) ଯୋଗାଣ | ଏଚଟି | |
| ସାଧାରଣ ଉଦ୍ଦେଶ୍ୟ (=]୧୧୦ କେଭିଏ) | ଏଚଟି | |
| ପବ୍ଲିକ୍ ୱାଟର ୱାର୍କସ୍ ଓ ସ୍ୱରେଜ ପମ୍ପିଂ | ଏଚଟି | |
| ବୃହତ୍ ଶିଳ୍ପ | ଏଚଟି | |
| ପାୱାର ଇନ୍‌ଟେନ୍‌ସିଭ୍ ଇଣ୍ଡଷ୍ଟ୍ରି | ଏଚଟି | |
| ମିନି ଷ୍ଟିଲପ୍ଲାଣ୍ଟ | ଏଚଟି | |
| ସିପିପିଗୁଡିକୁ ଆପାତକାଳୀନ ସପ୍ଲାଏ | ଏଚଟି | |
| ରେଲୱେ ଟ୍ରାକ୍‌ସନ | ଏଚଟି | |
| ସାଧାରଣ ଉଦ୍ଦେଶ୍ୟ | ଇଏଚଟି | ସବୁ କ୍ୟାଟେଗୋରୀ ପାଇଁ ଟ ୭୦୦/- |
| ବୃହତ୍ ଶିଳ୍ପ | ଇଏଚଟି | |
| ରେଲୱେ ଟ୍ରାକ୍‌ସନ | ଇଏଚଟି | |
| ଓଜନଦାର ଶିଳ୍ପ | ଇଏଚଟି | |
| ପାୱାର ଇଣ୍ଟେନ୍‌ସିଭ ଇଣ୍ଡଷ୍ଟ୍ରି | ଇଏଚଟି | |
| ମିନି ଷ୍ଟିଲପ୍ଲାଣ୍ଟ | ଇଏଚଟି | |

| | | |
|---|---|---|
| ସିପିପିଗୁଡ଼ିକୁ ଆପାତକାଳୀନ ସପ୍ଲାଏ | ଇଏଚଟି | |

୧୧୦ କେଭିଏ ଓ ତଦୁର୍ଦ୍ଧ୍ୱ କଣ୍ଟ୍ରାକ୍ଟ ଡିମାଣ୍ଡର ଉପଭୋକ୍ତାଙ୍କ ପାଇଁ

ଏଚଟି ଏବଂ ଇଏଚଟିରେ ଚାହିଦା ଦେୟ ଦର।

୫୨୨. ୧୧୦ କେଭିଏ ଓ ତଦୁର୍ଦ୍ଧ୍ୱ କଣ୍ଟ୍ରାକ୍ଟ ଡ଼ିମାଣ୍ଡର ଉପଭୋକ୍ତାମାନଙ୍କୁ ଉପଭୋକ୍ତା ଚାହିଦା ଦେୟ-ଦରର ବର୍ତ୍ତମାନ ସ୍ତରକୁ ଆୟୋଗ ପରୀକ୍ଷା ନିରୀକ୍ଷା କରିଥିଲେ। ଅନ୍ୟ ବିନିଯୋଗକାରୀ କର୍ତ୍ତୃପକ୍ଷଙ୍କର ତାଦୃଶ ସ୍ଥିରୀକୃତ ଉପଭୋକ୍ତାଙ୍କ ପାଇଁ ଡିମାଣ୍ଡ ଚାର୍ଜକୁ ମଧ୍ୟ ଆୟୋଗ ଅଧ୍ୟୟନ କରିଥିଲେ। ପୁଙ୍ଖାନୁପୁଙ୍ଖ ପରୀକ୍ଷଣ ପରେ ଆୟୋଗ ଉପରୋକ୍ତ କ୍ୟାଟାଗୋରୀର ଉପଭୋକ୍ତାଙ୍କ ପାଇଁ ମାସିକ କେଭିଏ ପିଛା ଟ ୨୦୦/- ର ଚଳିତ ଡିମାଣ୍ଡ ଚାର୍ଜକୁ ଅପରିବର୍ତ୍ତିତ ରଖିବାକୁ ନିଷ୍ପତ୍ତି ନେଇଥିଲେ। ଯେଉଁ ଶ୍ରେଣୀର ଉପଭୋକ୍ତାଙ୍କ ପ୍ରତି ଯେଉଁ ଯୋଗାଣର ଭୋଲଟେଜ ପାଇଁ ଏହି ଦେୟ ଦର ଲାଗୁ କରାଯିବ, ତାହାର ଏକ ତାଲିକା ନିମ୍ନରେ ସ୍ଥିରୀକୃତ କରାଗଲା।

ଏଚଟି କ୍ୟାଟେଗୋରୀ

- ସାଧାରଣ ଉଦ୍ଦେଶ୍ୟିତ (= ] ୧୧୦ କେଭିଏ)
- ପବ୍ଲିକ ୱାଟର ୱାର୍କସ ବା ସାଧାରଣ ଜଳ ଯୋଗାଣ ଏବଂ ସ୍ୱେରେଜ ପମ୍ପିଂ
- ବୃହତ ଶିଳ୍ପ
- ନିରବଚ୍ଛିନ୍ନ ଶକ୍ତି ଯୋଗାଣ ଆବଶ୍ୟକ କରୁଥିବା ଶିଳ୍ପସଂସ୍ଥା
- କ୍ଷୁଦ୍ର ଇସ୍ପାତ କାରଖାନା
- ରେଳବାଇ ଟ୍ରାକ୍ସନ

ଇଏଚଟି କ୍ୟାଟେଗୋରୀ

- ସାଧାରଣ ଉଦ୍ଦେଶ୍ୟିତ
- ବୃହତ ଶିଳ୍ପ
- ରେଳବାଇ ଟ୍ରାକ୍ସନ
- ଓଜନଦାର ଶିଳ୍ପ
- ନିରବଚ୍ଛିନ୍ନ ଶକ୍ତି ଯେଗାଣ ଆବଶ୍ୟକ କରୁଥିବା ଶିଳ୍ପସଂସ୍ଥା
- କ୍ଷୁଦ୍ର ଇସ୍ପାତ କାରଖାନା

୫୨୩. ଡିମାଣ୍ଡ ମିଟର ରିଡିଂ ଏନର୍ଜି ମିଟର ରିଡିଂର ଭିତ୍ତିରେ ୧୧୦ କେଭିଏ ଓ ତଦୁର୍ଦ୍ଧ୍ୱ ଡିମାଣ୍ଡର ଉପଭୋକ୍ତାମାନଙ୍କୁ ଟୁ' ପାର୍ଟ ଟାରିଫରେ ବିଲ୍ ଦିଆଯାଇଥାଏ। ସେମାନଙ୍କର କଣ୍ଟ୍ରାକ୍ଟ ଡିମାଣ୍ଡରୁ ଅଧିକ ଲୋଡ ଉପଯୋଗ ପାଇଁ ମଧ୍ୟ ସେମାନଙ୍କୁ ଅନୁମତି ମିଳିଛି। ଅନୁମତିଧାରୀଙ୍କ ଦ୍ୱାରା ସେମାନଙ୍କ ପାଇଁ ଉଦ୍ଦିଷ୍ଟ ସଂରକ୍ଷିତ ଶକ୍ତିର କ୍ଷମତା (ପରିମାଣ) ପାଇଁ ସେମାନଙ୍କ (ଉପଭୋକ୍ତାଙ୍କ )ଦ୍ୱାରା ଦିଆଯାଉଥିବା ସ୍ଥିର ଦରର ଭରଣାକୁ ହିଁ ଡିମାଣ୍ଡ ଚାର୍ଜ ପ୍ରତିଫଳନ କରେ। ଅନେକ କ୍ଷେତ୍ରରେ ଉପରୋକ୍ତ ଶ୍ରେଣୀର ଉପଭୋକ୍ତାମାନେ ସେମାନଙ୍କ ଚୁକ୍ତି ପରିମାଣର ଉପଯୁକ୍ତ ବିନିଯୋଗ କରିନଥାନ୍ତି। ଏଭଳି ସ୍ଥିତିରୁ ସେମାନଙ୍କୁ ସମ୍ଭାଳିବା ପାଇଁ ଉପଭୋକ୍ତା ଅନୁମତିଧାରୀଙ୍କୁ ଅନ୍ୟୁନ ଏକ ନିର୍ଦ୍ଦିଷ୍ଟ ପରିମାଣର ସ୍ଥିର ଦର ଦେବାର ଆବଶ୍ୟକତା ଅଛି। ଏହି ସ୍ଥିର ଦରର ପରିମାଣ କ'ଣ ହେବ , ସେଥିପାଇଁ ୨୦୦୯ ଏପ୍ରିଲ ଠାରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ସମୟ ଅବଧି ପାଇଁ ଅନୁମତିଧାରୀଙ୍କର ଏଭଳି ସବୁ ଉପଭୋକ୍ତାଙ୍କର ଡିମାଣ୍ଡ ମିଟର ଦ୍ୱାରା

ବିବରଣୀଭୁକ୍ତ ଡିମାଣ୍ଡର ଢାଞ୍ଚାକୁ ଆୟୋଗ ଅନୁଧ୍ୟାନ କରିଥିଲେ। ଏହା ପରେ ଆୟୋଗ ଏହି ବିଭାବକୁ ବିଚାରକୁ ନେଇ ନିଷ୍ପତ୍ତି ନେଲେ ଯେ, ବିବରଣୀଭୁକ୍ତ କରାଯାଇଥିବା ସର୍ବାଧିକ ଡିମାଣ୍ଡ କିମ୍ବା କଣ୍ଟ୍ରାକ୍ଟ ଡିମାଣ୍ଡର ୮୦ ପ୍ରତିଶତ (ଏ ଦୁଇଟି ମଧ୍ୟରୁ ଯେଉଁଟି ଅଧିକ ହେବ) ର ଭିତ୍ତିରେ ଡିମାଣ୍ଡ ଚାର୍ଜ ପାଇଁ ଉପଭୋକ୍ତାଙ୍କ ଉଦ୍ଦେଶ୍ୟରେ ପ୍ରଚଳିତ ବିଲିଂ ପଦ୍ଧତି ଜାରି ରହିବା ଉଚିତ। ତେବେ , ମିଟର ନଥିବା କିମ୍ବା ଏକ ତ୍ରୁଟିଯୁକ୍ତ ମିଟର ଥିବା ଉପଭୋକ୍ତାଙ୍କ କ୍ଷେତ୍ରରେ ଡିମାଣ୍ଡ ଚାର୍ଜର ବିଲିଂର ପଦ୍ଧତି ଓଇଆରସି ବଂଟନ (ଯୋଗାଣ ସର୍ତ୍ତାବଳୀ)କୋଡ ୨୦୦୪ ରେ ସୂଚିତ ପଦ୍ଧତି ଅନୁସାରେ ଗ୍ରହଣୀୟ ହେବ। ପୁନଶ୍ଚ, ଆଇନଗତ ଭାବେ ଲୋଡ କଟକଣା କ୍ଷେତ୍ରରେ କଣ୍ଟ୍ରାକ୍ଟ ଡିମାଣ୍ଡ ବା ଚୁକ୍ତି ଚାହିଦାକୁ କଟକଣିତ ଚାହିଦା ଭାବରେ ଧରିନିଆଯିବ।

୫୨୪. ଓଇଆରସି ବଂଟନ (ଯୋଗାଣ ସର୍ତ୍ତାବଳୀ) କୋଡ, ୨୦୦୪ ଅନୁଯାୟୀ ୭୦ କେଭିଏରୁ ଉର୍ଦ୍ଧ୍ୱ ଓ ୫୫୫ କେଭିଏରୁ କମ କଣ୍ଟ୍ରାକ୍ଟ ଡ଼ିମାଣ୍ଡ ପାଇଁ ଶକ୍ତି ଯୋଗାଣ ୩ ଫେଜରେ , ୩ ତାର ବିଶିଷ୍ଟ ଓ ୧୧ କେଭିରେ ହେବ। ତେବେ, ଏହି ଶ୍ରେଣୀର ଯେଉଁ ଉପଭୋକ୍ତାମାନେ ୧.୧୦.୯୫ ପୂର୍ବରୁ ସେବା ସଂଯୋଗ ନେଇଥିବେ, ସେମାନଙ୍କୁ ଏଲଟିରେ ଶକ୍ତି ଆହରଣ ପାଇଁ ଅନୁମତି ଦିଆଯାଇପାରେ। କିନ୍ତୁ ଘରୋଇ ,ଜଳସେଚନ ପମ୍ପିଂ, ମିଶ୍ରିତ କୃଷି କାର୍ଯ୍ୟସୂଚୀ , ମିଶ୍ରିତ କୃଷି ଭିତ୍ତିକ ଶିଳ୍ପ କାର୍ଯ୍ୟସୂଚୀ , ସୂଚିତ ସାଧାରଣ ଉଦ୍ଦେଶ୍ୟିତ , ସାଧାରଣ ଉଦ୍ଦେଶ୍ୟିତ (□ ୭୦ କେଭିଏ □୧୧୦ କେଭିଏ) ଏବଂ ଏଚଟି ଇଣ୍ଡଷ୍ଟ୍ରିଆଲ (ଏମ୍) ଯୋଗାଣ ଆଦି ପ୍ରକାରର କେତେକ ଉପଭୋକ୍ତା ଅଛନ୍ତି, ଯେଉଁମାନେ ଏଚଟିରେ ଶକ୍ତି ଯୋଗାଣ ଉପଲବ୍‌ଧି କରୁଛନ୍ତି।

ଏହି ଶ୍ରେଣୀର ଉପଭୋକ୍ତାଙ୍କ ପାଇଁ ନିମ୍ନଲିଖିତ ମତେ ଆୟୋଗ ଚଳିତ ଡ଼ିମାଣ୍ଡ ଚାର୍ଜକୁ ଅନୁମତି ଦେବାକୁ ନିଷ୍ପତ୍ତି ନେଇଛନ୍ତି।

| ପ୍ରକାର (କ୍ୟାଟୋଗୋରୀ) | ଟଙ୍କା / କିଲୋୱାଟ |
|---|---|
| ଘରୋଇ | ୧୦ |
| ଜଳସେଚନ ପମ୍ପିଂ | ୩୦ |
| ମିଶ୍ରିତ କୃଷି ଭିତ୍ତିକ ଶିଳ୍ପ କାର୍ଯ୍ୟସୂଚୀ | ୩୦ |
| ସାଧାରଣ ଉଦ୍ଦେଶ୍ୟିତ | ୫୦ |
| ସାଧାରଣ ଉଦ୍ଦେଶ୍ୟିତ (□୭୦ କେଭିଏ □ ୧୧୦ କେଭିଏ) | ୫୦ |
| ଏଚଟି ଇଣ୍ଡଷ୍ଟ୍ରିଆଲ (ଏମ )ଯୋଗାଣ | ୫୦ |

୫୨୫. ଷ୍ଟାଟିକ ମିଟର ଥାଇ ୧୧୦ କେଭିଏରୁ କମ କଣ୍ଟ୍ରାକ୍ଟ ଡିମାଣ୍ଡର ଉପଭୋକ୍ତାଙ୍କ କ୍ଷେତ୍ରରେ ବିଲିଂ ଡିମାଣ୍ଡ ସଂଯୋଗିତ ଲୋଡ ନିର୍ବିଶେଷରେ ଆର୍ଥିକ ବର୍ଷର ସମୟ ଅବଧି ପାଇଁ ମିଟରରେ ବିବରଣୀଭୁକ୍ତ ସବୁଠାରୁ ଅଧିକ ଡିମାଣ୍ଡ ହେବା ଉଚିତ, ଯାହା ଯାଞ୍ଚର ଆବଶ୍ୟକତାକୁ ଅପେକ୍ଷା ରଖେ ନାହିଁ।

<u>୧୧୦ କେଭିଏ ଓ ତଦୁର୍ଦ୍ଧ୍ୱର କଣ୍ଟ୍ରାକ୍ଟ ଡିମାଣ୍ଡ ଥିବା ଉପଭୋକ୍ତାଙ୍କ ପାଇଁ ଶକ୍ତି ଦେୟ-ଦର</u>

୫୨୬. ଏକ ଦର ଭିତ୍ତିକ ତାରିଫର ବିକାଶଶୀଳ ପ୍ରବର୍ତ୍ତନ ଦ୍ୱାରା ତାରିଫ ସଂରଚନାର ସନ୍ତୁଳନକରଣକୁ ଉଦ୍ଦେଶ୍ୟ ରଖି ଯୋଗାଣ ଦରର ପ୍ରତିଫଳନ ପାଇଁ ଆୟୋଗ ଭିନ୍ନ ଭିନ୍ନ ଭୋଲଟେଜ ସ୍ତରରେ ଶକ୍ତି ଦେୟ ଦରକୁ ସ୍ଥିର କରିଛନ୍ତି। ଶକ୍ତି ଦେୟ ଦର ନିର୍ଦ୍ଧାରଣ କଲାବେଳେ 'କମ ଭୋଲଟେଜରେ ଶକ୍ତି ଯୋଗାଣ ପାଇଁ ଉଚ୍ଚା ଦର ଏବଂ ଭୋଲଟେଜ ସ୍ତର ଯେତିକି ବଢୁଥିବ ,ସେହି ଅନୁସାରେ ଶକ୍ତି ଦେୟ ଦର କମୁଥିବ' ଶୃଙ୍ଖଳାକୁ ଗ୍ରହଣ କରିଛନ୍ତି। ୧୧୦ ଭେିଏ ଓ ତଦୁର୍ଦ୍ଧ୍ୱର ସବୁ ଲୋଡ ପାଇଁ ପ୍ରଚଳିତ ତାରିଫ ଷ୍ଟ୍ରକ୍‌ଚରର ସଂଶୋଧନ କରାଯାଇଛି।

| ଯୋଗାଣର ଭୋଲଟେଜ | ଶକ୍ତି ଦେୟ ଦର |
|---|---|

| | |
|---|---|
| ଏଚଟି | ୟୁନିଟ ପିଛା ୩୭୫ ପଇସା |
| ଇଏଚଟି | ୟୁନିଟ ପିଛା ୩୭୦ ପଇସା |

୫୨୭. ତେବେ, ଏଚଟିରେ ଶକ୍ତି ଯୋଗାଣ ଉପଲବ୍ଧି କରୁଥିବା ଘରୋଇ, ଜଳସେଚନ ପମ୍ପିଂ , ମିଶ୍ରିତ କୃଷି କାର୍ଯ୍ୟସୂଚୀ ଏବଂ ମିଶ୍ରିତ କୃଷି ଭିତ୍ତିକ ଶିଳ୍ପ କାର୍ଯ୍ୟସୂଚୀ ଆଦି ଉପଭୋକ୍ତାଙ୍କ ପାଇଁ ଆୟୋଗ ଉପରୋକ୍ତ ବ୍ୟବସ୍ଥାରେ କେତେକ ବ୍ୟତିକ୍ରମ ରଖିଛନ୍ତି। ସେହିପରି, ଉଭୟ ଏଚଟି ଓ ଇଏଚଟି ସ୍ତରରେ କ୍ୟାପଟିଭ ଜେନେରେଟିଂ ପ୍ଲାଣ୍ଟ ଓ କଲୋନୀରେ ଉପଯୋଗ ପାଇଁ ଜରୁରୀ ଶକ୍ତି ଯୋଗାଣରେ ଉପରୋକ୍ତ ବ୍ୟବସ୍ଥାରୁ ଛାଡ଼ କରିଦିଆଯାଇଛି।

<u>ଜଳସେଚନ ପମ୍ପିଂ, ମିଶ୍ରିତ କୃଷି କାର୍ଯ୍ୟସୂଚୀ ଏବଂ ମିଶ୍ରିତ କୃଷି ଭିତ୍ତିକ ଶିଳ୍ପ କାର୍ଯ୍ୟସୂଚୀର ଉପଭୋକ୍ତାଙ୍କ ପାଇଁ ଏଚଟି ଯୋଗାଣ</u>

୫୨୮. ଏଚଟିରେ ଶକ୍ତି ଯୋଗଣ ଉପଲବ୍ଧି କରୁଥିବା ଜଳସେଚନ ପମ୍ପିଂ, ମିଶ୍ରିତ କୃଷି କାର୍ଯ୍ୟସୂଚୀ , ମିଶ୍ରିତ କୃଷିଭିତ୍ତିକ ଶିଳ୍ପ କାର୍ଯ୍ୟସୂଚୀ ଆଦି ଉପଭୋକ୍ତାଙ୍କ କ୍ଷେତ୍ରରେ ଏ୍ବଂ କୃଷି ଭିତ୍ତିକ ଶିଳ୍ପକୁ ପ୍ରୋତ୍ସାହନ ଦେବା ପାଇଁ ଟାରିଫ ବୃଦ୍ଧିକୁ ରୋକିବା ଉଦ୍ଦେଶ୍ୟରେ ସେମାନଙ୍କ ପାଇଁ ଶକ୍ତି ଦେୟ ଦର ନିମ୍ନମତେ ସ୍ଥିର କରାଯାଇଛି।

| ପ୍ରକାର | ଶକ୍ତିଦେୟ ଦର |
|---|---|
| ଜଳସେଚନ ପମ୍ପିଂ | ୟୁନିଟ ପିଛା ୧୦୦ ପଇସା |
| ମିଶ୍ରିତ କୃଷି କାର୍ଯ୍ୟସୂଚୀ | ୟୁନିଟ ପିଛା ୧୦୦ ପଇସା |
| ମିଶ୍ରିତ କୃଷି ଭିତ୍ତିକ ଶିଳ୍ପ କାର୍ଯ୍ୟସୂଚୀ | ୟୁନିଟ ପିଛା ୩୧୦ ପଇସା |

<u>ଶିଳ୍ପ ସଂସ୍ଥାର କଲୋନୀର ଶକ୍ତି ଉପଯୋଗ (ଖର୍ଚ୍ଚ)</u>

୫୨୯. ଯେଣୁ ପାରିତୋଷିକ ସ୍କିମର ଉଦ୍ଦେଶ୍ୟ ହେଉଛି ଏଚଟି ଓ ଇଏଚଟି ଉପଭୋକ୍ତାଙ୍କ ଦ୍ୱାରା ଉଚ୍ଚତର ଶକ୍ତି ଉପଯୋଗକୁ ପ୍ରୋତ୍ସାହନ ଦେବା, ତେଣୁ ଆୟୋଗ ଏହି ସ୍କିମକୁ ତର୍ଜମା କଲା ପରେ ନିର୍ଦ୍ଦେଶ ଦେଇଛନ୍ତି ଯେ, ଶିଳ୍ପ ସଂସ୍ଥାର କଲୋନୀ ଉଦ୍ଦେଶ୍ୟରେ ଏଚଟି ଓ ଇଏଚଟିକୁ ବ୍ୟୟିତ (ଉପଯୋଗିତ) ବିଦ୍ୟୁତ ଶକ୍ତିକୁ ସ୍ୱତନ୍ତ୍ର ମିଟର ଯୋଗେ ହିସାବ କରାଯିବ ଏବଂ ସମୁଦାୟ ଉପଯୋଗିତ ଶକ୍ତିକୁ ମୁଖ୍ୟ ମିଟର ରିଡିଂରୁ ବିଯୋଗ କରାଯିବ ଏବଂ ୟୁନିଟ ପିଛା ୪୧୦ ପଇସାରେ ବିଲ କରାଯିବ। ସମୁଦାୟ ଶକ୍ତି ଉପଯୋଗର ଅଧିକ ୧୦ ପ୍ରତିଶତ (କଲୋନୀ ପାଇଁ) କୁ ଶିଳ୍ପ ସଂସ୍ଥାର ଯଥାଯୋଗ୍ୟ ଶ୍ରେଣୀକୁ ବିଚାର କରି ଏବଂ ସେହି ଅନୁଯାୟୀ ତା' ପ୍ରତି ପ୍ରଯୋଜ୍ୟ ଶକ୍ତି ଦେୟ ଦର ର ହାରରେ ସେହି ୧୦ ପ୍ରତିଶତର ଉପଯୋଗକୁ ବିଲ୍ କରାଯିବ।

<u>ସିଜିପି / ଜେନେରେଟିଂ ଷ୍ଟେସନଗୁଡିକୁ ଜରୁରୀକାଳୀନ ଶକ୍ତି ଯୋଗାଣ</u>

୫୩୦. ଓଇଆରସି ବଂଟନ (ଯୋଗାଣ ସର୍ତ୍ତାବଳୀ) କୋଡ, ୨୦୦୪ର ବ୍ୟବସ୍ଥା ଅନୁଯାୟୀ, ପଦ୍ଧତିରେ ବୈଷୟିକ ବ୍ୟବହାର୍ଯ୍ୟତା ଓ ଆବଶ୍ୟକୀୟ ପରିମାଣ ଶକ୍ତିର ଉପଲବ୍ଧତା ପାଇଁ ସିଜିପି/ଜେନେରେଟିଂ ଷ୍ଟେସନ ଥିବା ଶିଳ୍ପସଂସ୍ଥାମାନେ ସଂପୃକ୍ତ ବଂଟନକାରୀ କଂପାନୀ ସହ ଏକ ଚୁକ୍ତିନାମାରେ ଆବଦ୍ଧ ହେବାକୁ ପଡିବ। ସେମାନଙ୍କ ପାଇଁ (କ) ଇଏଚଟିରେ କିଲୋ ହ୍ୱାଟ ପିଛା ୫୧୦ ପଇସା (ଖ) ଏଚଟିରେ କିଲୋୱାର୍ଟ ପିଛା ୫୩୦ ପଇସାର ଫ୍ଲାଟ ଦର ପ୍ରଯୋଜ୍ୟ ହେବ। ଯାଞ୍ଚରୁ ଯଦି ଜଣାପଡେ ଯେ, ସିଜିପିମାନଙ୍କ ଓଭରଡ୍ରୟାଲ ଯୋଗୁ ବଂଟନକାରୀ କଂପାନୀମାନଙ୍କର ଏସଏମଡିରେ ବୃଦ୍ଧି ଘଟିଛି, ତେବେ ଉପରୋକ୍ତ (କ) ଓ (ଖ) କ୍ଷେତ୍ରରେ ଶକ୍ତି ଦେୟ-ଦର ସହ ସାମିଲ ଭାବେ ସେହି ସଂପୃକ୍ତ ଶିଳ୍ପସଂସ୍ଥାକୁ କଣ୍ଟ୍ରାକ୍ଟ ଡିମାଣ୍ଡର ଆଧିକ୍ୟ ଉପରେ କେଭିଏ ପିଛା ଟ ୨୦୦/- ହାରରେ ଡିମାଣ୍ଡ ଚାର୍ଜ ଦେବାକୁପଡିବ।

<u>ପିକ୍ ଏବଂ ଅଫ ପିକ୍ ଟାରିଫ</u>

୫୩୧. ବିଦ୍ୟୁତ ଆଇନ ୨୦୦୩ର ବିଭାଗ ୬୨(୩) ନିମ୍ନମତେ ବ୍ୟକ୍ତ କରେ -

"ଏହି ଆଇନ ଅଧିନରେ ତାରିଫ ନିର୍ଦ୍ଧାରଣ କଲାବେଳେ, ଉପଯୁକ୍ତ ଆୟୋଗ ବିଦ୍ୟୁତ ଶକ୍ତି ଉପଲବ୍ଧ କରୁଥିବା କୌଣସି ଉପଭୋକ୍ତାଙ୍କୁ ଅବାଂଛିତ ସୁବିଧା ଦେବେ ନାହିଁ। କିନ୍ତୁ ଉପଭୋକ୍ତାଙ୍କର ଲୋଡ ଫାକ୍ଟର, ପାୱାର ଫାକ୍ଟର, ଭୋଲଟେଜ, କୌଣସି ନିର୍ଦ୍ଦିଷ୍ଟ ସୂଚିତ ନିର୍ଘଣ୍ଟ ପାଇଁ ବିଦ୍ୟୁତ ଶକ୍ତିର ସମୁଦାୟ ଯୋଗାଣ ଜନିତ ଖର୍ଚ୍ଚ କିମ୍ବା ଯେଉଁ ସମୟ ପାଇଁ ଶକ୍ତି ଯୋଗାଣ ଆବଶ୍ୟକ କିମ୍ବା କୌଣସି ଅଂଚଳର ଭୌଗୋଳିକ ସ୍ଥିତି, ଯୋଗାଣର ପ୍ରକୃତି ଏବଂ ଯେଉଁ ଉଦ୍ଦେଶ୍ୟରେ ଶକ୍ତି ଯୋଗାଣ ଆବଶ୍ୟକ - ଏସବୁ ପାଇଁ ସୁବିଧା ସୁଯୋଗ ପ୍ରଦାନରେ ପାର୍ଥକ୍ୟ ଅଣାଯାଇପାରେ।"

୫୩୨. ପୁନଶ୍ଚ, ଓଇଆରସି (ତାରିଫ ନିର୍ଦ୍ଧାରଣର ବ୍ୟବଧାନିକ ସମୟ ସୀମା ଅନୁଯାୟୀ ବ୍ୟବସ୍ଥା ଓ ସର୍ତ୍ତାବଳୀ) ନିୟମାବଳୀ, ୨୦୦୪ର ପରିଚ୍ଛେଦ ୭ (କ)(ସ) ର ବ୍ୟବସ୍ଥା ଅନୁସାରେ 'ଚାହିଦା ପାର୍ଶ୍ୱ ପରିଚାଳନା'ର ବିକାଶ କରିବାକୁ ପିକ୍ ଓ ଅଫ ପିକ୍ ନିର୍ଘଣ୍ଟ ପାଇଁ ଏକ ପାର୍ଥକ୍ୟଗତ ତାରିଫର ଆବଶ୍ୟକତା ଅଛି। ଆୟୋଗଙ୍କ ନିଷ୍ପତ୍ତି ଅନୁସାରେ ମଧ୍ୟରାତ୍ର ୧୨ ଟା ରୁ ପରଦିନ ସକାଳ ୬ ଟା ପର୍ଯ୍ୟନ୍ତ ନିର୍ଘଣ୍ଟକୁ ଅଫ ପିକ୍ ନିର୍ଘଣ୍ଟ ଭାବେ ବିବେଚନା କରାଯିବ। ୩୧ ଦିନର ମେମୋରି ସହ ପ୍ରତି ଘଣ୍ଟାର ଶକ୍ତି ଖର୍ଚ୍ଚକୁ ବିବରଣୀଭୁକ୍ତ କରିପାରୁଥିବା ଏବଂ ଡାଉନ ଲୋଡିଂ ପ୍ରିଣ୍ଟଆଉଟର ସୁବିଧା ଥିବା ଷ୍ଟାଟିକ ମିଟରଧାରୀ ୩ ଫେଜ ଉପଭୋକ୍ତା (ନିମ୍ନ ଉଲ୍ଲେଖିତ ଉପଭୋକ୍ତାଙ୍କୁ ବାଦ ଦେଇ)ମାନେ , ଯେଉଁମାନେ କି ଅଫ ପିକ୍ ନିର୍ଘଣ୍ଟରେ ଶକ୍ତି ଆହରଣ କରୁଛନ୍ତି, ସେମାନଙ୍କୁ ସେହି ନିର୍ଘଣ୍ଟରେ ଉପଯୋଗ କରୁଥିବା ସମୁଦାୟ ୟୁନିଟ ପାଇଁ ୟୁନିଟ ପିଛା ୧୦ ପଇସା ହାରରେ ଏକ ରିହାତି ଦିଆଯିବ। ତେବେ, ଏହି ରିହାତି ନିମ୍ନ ପ୍ରକାରର ଉପଭୋକ୍ତାଙ୍କୁ ଉପଲବ୍ଧ ହେବ ନାହିଁ।

(କ) ସାଧାରଣ ଆଲୋକ ବ୍ୟବସ୍ଥା ସହ ସଂପୃକ୍ତ ଉପଭୋକ୍ତା

(ଖ) କ୍ୟାପଟିଭ ପାୱାର ପ୍ଲାଣ୍ଟକୁ ଜରୁରୀ ଶକ୍ତି ଯୋଗାଣ

୫୩୩. ଓଡ଼ିଶା ଶକ୍ତି ପଦ୍ଧତିର 'ଲୋଡ ଗତି' ପିକ୍ ନିର୍ଘଣ୍ଟ ଓ ଅଫ ପିକ୍ ନିର୍ଘଣ୍ଟ ମଧ୍ୟରେ ଅଧିକ ପାର୍ଥକ୍ୟର ସୂଚନା ଦେଇଥାଏ। ଅଫ ପିକ ନିର୍ଘଣ୍ଟ ଓ ପିକ ନିର୍ଘଣ୍ଟ ମଧ୍ୟରେ ପାର୍ଥକ୍ୟର ଏକ ଆବିଷ୍କାର ହେଉଛି ଅନୁପାତ। ସାଧାରଣତଃ, ପିକ ଓ ଅଫ ପିକ ନିର୍ଘଣ୍ଟ ମଧ୍ୟରେ ୧.୨:୧ର ଅନୁପାତ ଉଚିତ ଅନୁମିତ ହୁଏ, ଯାହା ସ୍ଥିତ ଶକ୍ତି ପରିମାଣର ଫଳପ୍ରଦ ବିନିଯୋଗରର ସୂଚନା ଦେଇଥାଏ। ଓଡ଼ିଶା ପଦ୍ଧତିର ଏହି ଅନୁପାତ ବର୍ଷର ସବୁ ମାସ ପାଇଁ ଏହାଠାରୁ ଅଧିକ ଉଚ୍ଚା ଅଟେ। ପିକ ଲୋଡରେ ଉଚ୍ଚତର ଚାହିଦାର ଅର୍ଥ ହେଉଛି ଅଧିକ କ୍ଷତି। ପିକ୍ ନିର୍ଘଣ୍ଟରୁ ଅଫ ପିକ୍ ନିର୍ଘଣ୍ଟକୁ ଲୋଡର ଗତ୍ୟନ୍ତରକୁ ତାରିଫ ସଂରଚନା ସର୍ବଦା ପ୍ରୋତ୍ସାହନ ହିଁ ଦେବ। ବୋନସ କିମ୍ବା ଜୋରିମାନା ଜରିଆରେ ଏହା ସମ୍ଭବ ହୋଇପାରେ, କିନ୍ତୁ ସଂପୃକ୍ତ ଉପଭୋକ୍ତାଙ୍କର ଟିଓଡି ସୁବିଧା ଆଇ ଷ୍ଟାଟିକ ମିଟର ଥିବା ବାଂଛନୀୟ। ବର୍ତ୍ତମାନର ତାରିଫ ସଂରଚନାରେ ଏକ ପାରିତୋଷିକ ଭାବରେ ଅଫ-ପିକ ନିର୍ଘଣ୍ଟରେ ହ୍ରାସିତ ତାରିଫର ଏକ ବ୍ୟବସ୍ଥା ଅଛି। ପିକ୍ ନିର୍ଘଣ୍ଟରେ ଉଠାଣ ପାଇଁ କୌଣସି ନିରୁତ୍ସାହତା ନାହିଁ। ୧୦ କିଲୋୱାଟ ଓ ତଦୁର୍ଦ୍ଧ୍ୱରୁ ସଂଯୋଗିତ ଲୋଡ ସହ ଷ୍ଟାଟିକ ମିଟରର ସଂସ୍ଥାପନା ପାଇଁ ବଂଟନକାରୀ କଂପାନୀମାନଙ୍କୁ ପରାମର୍ଶ ଦିଆଯାଇଛି।

୫୩୪. ପୁନଃ-ବିଶ୍ଳେଷଣରୁ ସୂଚନା ମିଳିଛି ଯେ, ଇଏଚଟି ବର୍ଗର ଉପଭୋକ୍ତାମାନେ ସାଧାରଣତଃ ପିକ ନିର୍ଘଣ୍ଟରୁ ଅଫ ପିକ୍ ନିର୍ଘଣ୍ଟକୁ ଲୋଡ ଗତ୍ୟନ୍ତର କରୁଛନ୍ତି। ଏଚଟି ଉପଭୋକ୍ତାଙ୍କ କ୍ଷେତ୍ରରେ ଏହି ପ୍ରକାରର ଧାରା ଦୃଶ୍ୟମାନ ନୁହେଁ। କିନ୍ତୁ ଏଚଟି ଉପଭୋକ୍ତାଙ୍କର ମିଳିତ ଲୋଡ ଓ ସବୁ ଲୋ-ଭୋଲଟେଜ ଉପଭୋକ୍ତାଙ୍କୁ ମିଶାଇ ନିର୍ଦ୍ଦିଷ୍ଟ ବସତିର ଲୋଡ ସୂଚାନ ଦିଏ ଯେ, ପିକ୍-ଅଫ ପିକ୍ ଲୋଡ ଡ୍ରୟାଲ ଢାଞ୍ଚାରେ କମ କିମ୍ବା ବେଶୀ କୌଣସି ପରିବର୍ତ୍ତନ ହେଉନାହିଁ। ପିକ୍ ଲୋଡ ଉଚ୍ଚା ରହିବା ଲାଗି ରହୁଛି। ସଂକ୍ଷେପରେ କହିବାକୁ ଗଲେ , ଏହା ଏଇଥିପାଇଁ ହେଉଛି ଯେ, ସମୁଦାୟ ଘରୋଇ ଏବଂ ବ୍ୟବସାୟିକ ଲୋଡର ବୃହଦାଂଶ ଏବଂ ଲୋ' ଭୋଲଟେଜରେ ଅନ୍ୟାନ୍ୟ ଲୋଡ ସାଧାରଣତଃ ପିକ୍ ନିର୍ଘଣ୍ଟରେ ସେମାନଙ୍କର ଉଠାଣରେ ଆଧିକ୍ୟ ପ୍ରକଟ କରନ୍ତି। ଲୋ ଭୋଲଟେଜରେ ସମୁଦାୟ ୟୁନିଟର ବିକ୍ରୀ ପାଖାପାଖି ୪୦ ପ୍ରତିଶତ । ଏପରିକି ଲୋ'

ଭୋଲଟେଜ ଲୋଡ କ୍ଷେତ୍ରରେ ଷ୍ଟାଟିକ ମିଟରର ସଂସ୍ଥାପନା ପାଇଁ ଅନୁମତିଧାରୀଙ୍କୁ ପାରିତୋଷିକ ଦେବାକୁ ପଡିବ। ଅଧିକାଂଶ ଉପଭୋକ୍ତାଙ୍କ ପାଇଁ ସ୍ପଷ୍ଟ ଓ ପୃଥକ ପିକ ଓ ଅଫ ପିକ ତାରିଫ ଦ୍ୱାରା ପ୍ରଚଳିତ ନେଟୱାର୍କର ନିକୃଷ୍ଟ ବିନିଯୋଗକୁ ମୁକାବିଲା କରାଯାଇ ପାରିବ। ଏହା ମଧ୍ୟ 'ଚାହିଦା ପାର୍ଶ୍ୱ ପରିଚାଳନା'କୁ ସାହାଯ୍ୟ କରିବ।

୫୩୫. ୩୦ ଜୁନ ୨୦୧୦ ପୂର୍ବରୁ ଲୋ ଭୋଲଟେଜ ଉପଭୋକ୍ତାଙ୍କ ପାଇଁ ଟିଓଡି ସୁବିଧା ସହ ଷ୍ଟାଟିକ ମିଟର ସମୂହର ଉପଲବ୍ଧତାର ସ୍ଥିତିକୁ ସୂଚାଇ ଅନୁମତିଧାରୀମାନେ ଆୟୋଗଙ୍କୁ , ରିପୋର୍ଟ ଉପସ୍ଥାପନ କରିବେ।

ପାୱାର ଫାକ୍ଟରର ବିକାଶ ପାଇଁ ପାରିତୋଷିକତା

୫୩୬. ଆୟୋଗ ସ୍ଥିର କରିଛନ୍ତି ଯେ, ମାସିକିଆ ଡିମାଣ୍ଡ ଚାର୍ଜ ଓ ଶକ୍ତି ଚାର୍ଜର ପ୍ରତିଶତ ହିସାବରେ ଉଚ୍ଚତର ପାୱାର ଫାକ୍ଟର ପାଇଁ ପାରିତୋଷିକତା ଦିଆଯିବ ଏବଂ ଏହା ଏଚଟି/ଇଏଚଟି ଉପଭୋକ୍ତାଙ୍କ ପ୍ରତି ପ୍ରଯୋଜ୍ୟ ହେବ, ଯେଉଁମାନଙ୍କୁ ପାୱାର ଫାକ୍ଟର ଜୋରିମାନା ଦେବାକୁ ପଡିଥାଏ। ମାସିକ ଡିମାଣ୍ଡ ଚାର୍ଜ ଓ ଶକ୍ତି ଚାର୍ଜ ଉପରେ ୧୦୦ ପ୍ରତିଶତ ପର୍ଯ୍ୟନ୍ତ ଓ ସେହି ୧୦୦ ପ୍ରତିଶତକୁ ଅନ୍ତର୍ଭୁକ୍ତ କରି ୯୭ ପ୍ରତିଶତର ପାୱାର ଫାକ୍ଟରର ଉର୍ଦ୍ଧ୍ୱରେ ପ୍ରତି ୦.୫%ର ଆଧିକ୍ୟ ପାଇଁ ଏହି ପାରିତୋଷିକତାର ହାର ୧ ପ୍ରତିଶତ ହେବ।

ପାୱାର ଫାକ୍ଟର ଜୋରିମାନା

୫୩୭. ନିମ୍ନଲିଖିତ କ୍ୟାଟେଗୋରୀର ଉପଭୋକ୍ତାଙ୍କ ଉପରେ ମାସିକିଆ ଡିମାଣ୍ଡ ଚାର୍ଜ ଓ ଶକ୍ତି ଚାର୍ଜର ଏକ 'ପ୍ରତିଶତ' ହିସାବରେ ପାୱାର ଫାକ୍ଟର ଜୋରିମାନାକୁ ଜାରି ରଖିବାକୁ ଆୟୋଗ ମଧ୍ୟ ଆଦେଶନାମା ଜାରି କରିଛନ୍ତି।

(କ) ବୃହତ ଶିଳ୍ପ ସଂସ୍ଥା ସମୂହ

(ଖ) ସାଧାରଣ ଜଳ ଯୋଗାଣ କାର୍ଯ୍ୟକ୍ରମ (୧୧୦ କେଭିଏ ଏବଂ ତଦୁର୍ଦ୍ଧ୍ୱ)

(ଗ) ରେଳବାଇ ଟ୍ରାକସନ୍

(ଘ) ନିରବଚ୍ଛିନ୍ନ ଭାବେ ଶକ୍ତି ଯୋଗାଣ ଆବଶ୍ୟକ କରୁଥିବା ଶିଳ୍ପସଂସ୍ଥା ସମୂହ

(ଙ) ଓଜନଦାର ଶିଳ୍ପସଂସ୍ଥା

(ଚ) ସାଧାରଣ ଉଦ୍ଦେଶ୍ୟିତ ଯୋଗାଣ

(ଛ) ସୂଚିତ ଭାବେ ସାଧାରଣ ଉଦ୍ଦେଶ୍ୟିତ (୧୧୦ କେଭିଏ ଓ ତଦୁର୍ଦ୍ଧ୍ୱ)

(ଜ) କ୍ଷୁଦ୍ର ଇସ୍ପାତ କାରଖାନା

(ଝ) ସିଜିପିମାନଙ୍କୁ ଜରୁରୀ ଯୋଗାଣ

ପାୱାର ଫାକ୍ଟର ଜୋରିମାନାର ହାର

(କ) ୯୨% ପ୍ରତି ୧% ର ଗଡାଣ ପାଇଁ ୦.୫% (୬୦% ପର୍ଯ୍ୟନ୍ତ ଓ ସେହି ୬୦% କୁ ଅନ୍ତର୍ଭୁକ୍ତ କରି )

(ଖ) ୬୦% ରୁ ନିମ୍ନରେ ପ୍ରତି ୧%ର ଗଡାଣ ପାଇଁ ୧ ପ୍ରତିଶତ (୩୦% ପର୍ଯ୍ୟନ୍ତ ଓ ସେହି ୩୦% କୁ ଅନ୍ତର୍ଭୁକ୍ତ କରି)

(ଗ) ୩୦%ରୁ ନିମ୍ନରେ ପ୍ରତି ୧%ର ଗଡାଣ ପାଇଁ ୨%

ଅନ୍ୟାନ୍ୟ ଦେୟ ଦର ସମୂହ

ଆୟୋଗ ଅନୁମତିଧାରୀଙ୍କ ଉଦ୍ଦେଶ୍ୟରେ ଅନ୍ୟାନ୍ୟ ଦେୟ-ଦରଗୁଡିକୁ ଲାଗୁ କରିବାକୁ ଅନୁମତି ପ୍ରଦାନ କରିଛନ୍ତି।

୫୩୮. <u>ଅଫ ପିକ ନିର୍ଘଣ୍ଟରେ ଓଭର ଡ୍ରୟାଲ:</u> ବର୍ତ୍ତମାନର ପ୍ରଚଳିତ ତାରିଫ ପଦ୍ଧତି ଅନୁଯାୟୀ, ଅଫ ପିକ ନିର୍ଘଣ୍ଟରେ କଣ୍ଟ୍ରାକ୍ଟ ଡିମାଣ୍ଡର ୧୨୦ ପ୍ରତିଶତ ପର୍ଯ୍ୟନ୍ତ ଓଭର ଡ୍ରୟାଲ ପାଇଁ ଜୋରିମାନା ଲାଗୁ ହେଉନାହିଁ। ଅଫ ପିକ ନିର୍ଘଣ୍ଟକୁ ଆୟୋଗ ମଧ୍ୟରାତ୍ର ୧୨ ଟାରୁ ପରଦିନ ସକାଳ ୬ ଟା ପର୍ଯ୍ୟନ୍ତ ସଂଶୋଧନ କରିଛନ୍ତି। ଆଇନଗତ ଲୋଡ ନିୟନ୍ତ୍ରଣ କ୍ଷେତ୍ରରେ ମତାନୁଭାବିତ କଣ୍ଟ୍ରାକ୍ଟ ଡିମାଣ୍ଡ କଟକଜଣିତ କଣ୍ଟ୍ରାକ୍ଟ ଡିମାଣ୍ଡ ହେବ।

<u>ଚୁକ୍ତି ଚାହିଦା ବ। କଣ୍ଟ୍ରାକ୍ଟ ଡିମାଣ୍ଡର ଉର୍ଦ୍ଧ୍ୱରେ ଶକ୍ତିର ଓଭର ଡ୍ରୟାଲ ପାଇଁ ଜୋରିମାନା</u>

୫୩୯. ଅଫ ପିକ ନିର୍ଘଣ୍ଟ ବିନା ଅନ୍ୟ ନିର୍ଘଣ୍ଟରେ ବର୍ତ୍ତମାନର ଜୋରିମାନା ହାର ଜାରି ରହିବ ଅଫ ପିକ୍ ନିର୍ଘଣ୍ଟ ବିନା ଅନ୍ୟ ନିର୍ଘଣ୍ଟରେ ଯେତେବେଳେ ସର୍ବାଧିକ ଚାହିଦା ଚୁକ୍ତି ଚାହିଦାକୁ ବଳେଇଯାଏ, ସେତେବେଳେ ଏହି ଅଧିକ ଚାହିଦା ଜୋରିମାନା ପାଇଁ ଅଭିପ୍ରେତ ଅଟେ ଏବଂ ଏହି ଜୋରିମାନାକୁ ଚାହିଦା ଦେୟ ଦରର ନିର୍ଦ୍ଧାରିତ ହାରରେ ଦିଆଯାଇଥାଏ। ଏହି ଉଦ୍ଦେଶ୍ୟରେ ଅଫ ପିକ ନିର୍ଘଣ୍ଟକୁ ମଧ୍ୟ ରାତି ୧୨ ଟାରୁ ପରଦିନ ସକାଳ ୬ ଟା ପର୍ଯ୍ୟନ୍ତ ଭାବେ ସଂଜ୍ଞାୟନ କରାଯାଇଛି।

୫୪୦. ଓଇଆରସି ବଟଂନ (ଯୋଗାଣ ସର୍ତ୍ତାବଳୀ) କୋଡ, ୨୦୦୪ର ନିୟମ ୫୪ ଅନୁଯାୟୀ ନିମ୍ନରେ କଂପ୍ୟୁଟ କରାଯାଇଥିବା ଟ୍ରାନ୍ସଫରମର କ୍ଷତିକୁ ମିଟର ରିଡିଂ ଅନୁଯାୟୀ ଉପଯୋଗିତ ଶକ୍ତିର ଦାମ ସହିତ ମିଶାଇବାକୁ ପଡିବ।

ଶକ୍ତି କ୍ଷତି = (୭୩୦ □ କେଭିଏରେଟ୍ରାନ୍ସଫରମର ର୍ୟାଟିଂ )୧୦୦

ଚାହିଦାରେ କ୍ଷତି = କେଭିଏରେ ଟ୍ରାନ୍ସଫରମରର ର୍ୟାଟିଂର ୧ ପ୍ରତିଶତ ଟୁ ପାର୍ଟ ତାରିଫ ପାଇଁ

<u>ଆଶୁ ଦେୟ ପ୍ରଦାନ ପାଇଁ ପାରିତୋଷିକତା</u>

୫୪୧. ଆୟୋଗ ପାରିତୋଷିକତାର ପ୍ରଚଳିତ ପଦ୍ଧତି ଓ ଏହାର ଆର୍ଥିକ ପ୍ରଭାବକୁ ପରୀକ୍ଷଣ କରିଥିଲେ। ଆଶୁ ଦେୟ ପ୍ରଦାନ ପାଇଁ ଆୟୋଗ ପାରିତୋଷିକତା ପରିମାଣର ମଂଜୁର କହବାର ନିଷ୍ପତ୍ତି ନେଇଛନ୍ତି ବୋଲି ପ୍ରକାଶ କରିଥିଲେ। ତାହାର ପ୍ରକାର ନିମ୍ନରେ ବର୍ଣ୍ଣନା କରାଗଲା।

(କ) ନିମ୍ନଲିଖିତ ଶ୍ରେଣୀର ଉପଭୋକ୍ତାଙ୍କ କ୍ଷେତ୍ରରେ ବିଲ୍‌ରେ ସୂଚିତ ମତେ ନିର୍ଦ୍ଦିଷ୍ଟ ତାରିଖରେ ଯଦି ବିଲ୍ ପ୍ରଦାନ କରାଯାଏ (ବାକିଆ ପରିମାଣକୁ ବାଦ୍ ଦେଇ) ତେବେ ଶକ୍ତି ଦେୟ ଦର ଉପରେ ୟୁନିଟ ପିଛା ୧୦ ପଇସାର ଏକ ରିହାତିକୁ ଅନୁମତି ଦିଆଯିବ।

<u>ଏଲଟି :</u> ଘରୋଇ, ସାଧାରଣ ଉଦ୍ଦେଶ୍ୟତ □୧୧୦ କେଭିଏ, ଜଳସେଚନ ପମ୍ପିଂ ଓ କୃଷି, ମିଶ୍ରିତ କୃଷି କାର୍ଯ୍ୟସୂଚୀ, ଏଲଟି ଇଣ୍ଡଷ୍ଟ୍ରିଆଲ (ଏସ୍), ସାଧାରଣ ଜଳଯୋଗାଣ ଓ 'ସରେଜ ପମ୍ପିଂ'।

<u>ଏଚଟି:</u> ସ୍ଥୁଳ ଯୋଗାଣ ଘରୋଇ, ଜଳସେଚନ ପମ୍ପିଂ ଓ କୃଷି , ମିଶ୍ରିତ କୃଷି କାର୍ଯ୍ୟସୂଚୀ ସମୂହ, ସାଧାରଣ ଉଦ୍ଦେଶ୍ୟତ □୭୦ □୧୧୦ କେଭିଏ, ସାଧାରଣ ଜଳଯୋଗାଣ ଓ ସରେଜ ପମ୍ପିଂ

(ଖ) ଯଦି ବିଲ୍ ପ୍ରଦାନର ୩ କାର୍ଯ୍ୟ ଦିବସ ମଧ୍ୟରେ ଦେୟ ଦେଇ ଦିଆଯାଏ, ତେବେ ଉପରୋକ୍ତ ପରିଚ୍ଛେଦ (କ) ରେ ଉଲ୍ଲେଖିତ ଉପଭୋକ୍ତାଙ୍କ ବାଦ୍ ଆଉ ସବୁ ଉପଭୋକ୍ତା ମାସିକିଆ ବିଲ୍ ପରିମାଣର ୧ ପ୍ରତିଶତର ଏକ ରିହାତି ପାଇବାକୁ ହକଦାର ହେବେ (ବାକିଆ ପରିମାଣକୁ ବାଦ୍ ଦେଇ)

<u>୫୪୨. ବିଳମ୍ବିତ ଦେୟ ପ୍ରଦାନ ଯୋଗୁ ସରଚାର୍ଜ</u>

ଆୟୋଗ ବିଳମ୍ବିତ ଦେୟ ପ୍ରଦାନର ଚଳିତ ପଦ୍ଧତି ଓ ଦର ହାରକୁ ପରୀକ୍ଷଣ କରିଛନ୍ତି ଓ ନିଷ୍ପତ୍ତି ନେଇଛନ୍ତି ଯେ, ଯଦି ଧାର୍ଯ୍ୟ ତାରିଖ ମଧ୍ୟରେ ଦେୟ ପ୍ରଦାନ କରା ନଯାଏ, ତେବେ ନିମ୍ନ ଉଲ୍ଲେଖିତ ଶ୍ରେଣୀର ଉପଭୋକ୍ତାଙ୍କ ସକାଶେ

ଅନାଦାୟ ପରିମାଣ ଉପରେ ପ୍ରତ୍ୟେକ ଦିନର ବିଳମ୍ବ ପାଇଁ ମାସିକ ୧.୨୫ % ହାରରେ ବିଳମ୍ବିତ ଦେୟ ପ୍ରଦାନ ସରଚାର୍ଜ ଲାଗୁ କରାଯିବ (ବିଳମ୍ବିତ ଦେୟ ପ୍ରଦାନ ଜନିତ ବାକିଆ ପରିମାଣକୁ ବାଦ୍ ଦେଇ)।

(କ) ବୃହତ ଶିଳ୍ପ

(ଖ) ଏଲଟି / ଏଚଟି ଇଣ୍ଡଷ୍ଟିଆଲ (ଏମ) ଯୋଗାଣ

(ଗ) ରେଳବାଇ ଟ୍ରାକସନ

(ଘ) ସାଧାରଣ ଆଲୋକ

(ଙ) ନିରବଚ୍ଛିନ୍ନ ଶକ୍ତି ଆବଶ୍ୟକ / ଆହରଣ କରୁଥିବା ଶିଳ୍ପ ସଂସ୍ଥା

(ଚ) ଓଜନଦାର ଶିଳ୍ପ

(ଛ) ସାଧାରଣ ଉଦ୍ଦେଶ୍ୟିତ ଯୋଗାଣ □□=୧୧୦ କେଭିଏ

(ଜ) ସୂଚିତ ସାଧାରଣ ଉଦ୍ଦେଶ୍ୟିତ

(ଝ) କ୍ଷୁଦ୍ର ଇସ୍ପାତ ଶିଳ୍ପ

(ଞ) ସିଜିପିମାନଙ୍କୁ ଜରୁରୀକାଳୀନ ଶକ୍ତି ଯୋଗାଣ

(ଟ) ମିଶ୍ରିତ କୃଷି ଭିତ୍ତିକ ଶିଳ୍ପ କାର୍ଯ୍ୟସୂଚୀ ସମୂହ

(ଠ) କଲୋନୀରେ ଉପଯୋଗ ପାଇଁ

ପୁନଃ ସଂଯୋଗ ଦେୟ-ଦର

୫୪୩. ଚଳିତ ପୁନଃ ସଂଯୋଗ ଦେୟ ଦରକୁ ଆୟୋଗ ଅପରିବର୍ତ୍ତିତ ରଖିବାକୁ ଅନୁମତି ଦେଇଛନ୍ତି।

**ସାରଣୀ – ୯୦**

| **ଉପଭୋକ୍ତାଙ୍କର ଶ୍ରେଣୀ** | **ପ୍ରଚଳିତ ପ୍ରଯୋଜ୍ୟ** |
|---|---|
| ସିଙ୍ଗଲ ଫେଜ୍ ଘରୋଇ ଗ୍ରାହକ | ୭୫/- ଟଙ୍କା |
| ସିଙ୍ଗଲ ଫେଜ ଅନ୍ୟାନ୍ୟ ଗ୍ରାହକ | ୧୫୦/- ଟଙ୍କା |
| ୩-ଫେଜ ଲାଇନ | ୩୦୦/- ଟଙ୍କା |
| ଏଚଟି ଏବଂ ଇଏଚଟି ଲାଇନ | ୧୫୦୦/- ଟଙ୍କା |

୫୪୪. ଉପରେ ନିର୍ଦ୍ଧାରିତମତେ ତାରିଫର ହାର ଆନେକ୍ସଚର ଖରେ ପ୍ରତିଫଳିତ ହୋଇଛି।

ଉପଭୋକ୍ତାଙ୍କ ପ୍ରତି ବିଲ୍ କରାଯାଇଥିବା ଅର୍ଥ-ପରିମାଣକୁ ପାଖାପାଖି ଟଙ୍କାରେ ହିସାବ କରିବା ..

୫୪୫. ଉପଭୋକ୍ତାଙ୍କ ପ୍ରତି ବିଲ୍ କରାଯାଇଥିବା ଅର୍ଥ ପରିମାଣକୁ ପାଖାପାଖି ଟଙ୍କାରେ ହିସବ କରିବାକୁ ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି ଏବଂ ଆଦାୟ ପରିମାଣର ସଠିକ ହିସାବ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ସାମୟିକ ଶକ୍ତି ଯୋଗାଣ ପାଇଁ ଦେୟ-ଦର

୫୪୬. ଯେଉଁ ଉପଭୋକ୍ତା ସାମୟିକ ଭାବେ ଶକ୍ତି ଯୋଗାଣ ଉପଲବ୍ଧ କରିଥିବେ, ସେହି ଉପଭୋକ୍ତାଙ୍କର କ୍ୟାଟେଗୋରୀ ପ୍ରତି ପ୍ରଯୋଜ୍ୟ ଦର ହାର ହିଁ ସାମୟିକ ସଂଯୋଗର ଦର ହାର ରୂପେ ବିବେଚିତ ହେବ।

୫୪୭. ସାମୟିକ ଶକ୍ତି ସଂଯୋଗକୁ ଯଥା ସମ୍ଭବ ପ୍ରି-ପେଡ ମିଟର ଯୋଗେ ବ୍ୟବସ୍ଥା କରାଯିବା ଉଚିତ, କାରଣ ସାମୟିକ ସଂଯୋଗକୁ ଛିନ୍ନ କଲାବେଳେ ସାମୁଦାୟିକ ଭାବେ ବାକିଆ ଦେୟକୁ ହିସାବ କରିବାରେ ସେଥିରେ ତ୍ରୁଟି ରହିବ ନାହିଁ।

ଏଲଟି ପାଇଁ ନୂଆ ସଂଯୋଗ ଦେୟ-ଦର

୫୪୮. ଆୟୋଗ ତାଙ୍କର ପୂର୍ବ ଟାରିଫ ଅର୍ଡରରେ ନିର୍ଦ୍ଦେଶ ଦେଇଥିଲେ ଯେ, ୩ କିଲୋ ୱାଟ୍ ଲୋଡ ମଧ୍ୟରେ ବା ୩ କିଲୋ ୱାଟ ଲୋଡ ପର୍ଯ୍ୟନ୍ତ ଯେଉଁ ବିକାଶମୁଖୀ କ୍ଷୁଦ୍ର ଉପଭୋକ୍ତା ନୂଆ ସଂଯୋଗ ନେବାକୁ ଚାହୁଁଥିବେ, ସେମାନଙ୍କୁ ଟ୫୦୦/- ର ଏକ ଫ୍ଲାଟ ଦର ଦେବାକୁ ପଡିବ। ଏଭଳି ଫ୍ଲାଟ ଦର ନିର୍ଦ୍ଧାରଣ କରିବାର ଉଦ୍ଦେଶ୍ୟ ହେଉଛି ଅଟକଳନ ପ୍ରସ୍ତୁତିର ହତାଶାମୂଳକ / ବିରକ୍ତିକର ଆଚରଣକୁ ଦୂର କରିବା; କାରଣ କ୍ଷୁଦ୍ର ଉପଭୋକ୍ତାମାନଙ୍କ ମଧ୍ୟରେ ଆର୍ଥିକ ସ୍ଥିତିରେ ତାରତମ୍ୟ ଏତେ କମ ଯେ ଟାରିଫରେ କମ ବେଶୀ ହେଲେ ସେମାନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହେବା ସ୍ୱଭାବିକ। ସଂପ୍ରତି, ବିଦ୍ୟୁତ ସେକ୍ଟରରେ ବ୍ୟବହାର୍ଯ୍ୟ ଆନୁଷଙ୍ଗିକ ସାମଗ୍ରୀର ଦାମ ଏତେ ବଢିଯାଇଛି ଯେ, ଆୟୋଗ ବାଧ୍ୟ ହୋଇ ଏହି ନୂଆ ସେବା ସଂଯୋଗକୁ ଟ ୫୦୦/- ରୁ ଟ ୧୦୦୦/- କୁ ବୃଦ୍ଧି କରିଛନ୍ତି। ତେବେ ସିକ୍ୟୁରିଟି ଜମା ଏହି ଟ ୧୦୦୦/- ମଧ୍ୟରେ ଅନ୍ତର୍ଭୁକ୍ତ ନୁହେଁ, କିନ୍ତୁ ପରିଦର୍ଶନ ଫି' ଏହି ପରିମାଣ ମଧ୍ୟରେ ଅନ୍ତର୍ଭୁକ୍ତ ଅଟେ। ତା' ଛଡା ଉପଭୋକ୍ତାଙ୍କୁ ଟ ୨୫/- ର ଏକ ପ୍ରୋସେସିଂ ଫି' ମଧ୍ୟ ଦେବାକୁ ପଡିବ। ଏହି ସବୁ କ୍ଷେତ୍ରରେ, ଅବାଂଛିତ ବିଳମ୍ବକୁ ଏଡାଇବା ନିମନ୍ତେ ଅଟକଳନର ପ୍ରସ୍ତୁତି ଆବଶ୍ୟକ ନୁହେଁ।

ଜାଳେଣି ସରଚାର୍ଜର ସହ-ସାମିଲକରଣ ସୂତ୍ର

୫୪୯. ଓଇଆରସି (ବ୍ୟବସାୟ ପରିଚାଳନା),କୋଡ ୨୦୦୪ରେ ବଂଟନ-ଅନୁମତିଧାରୀଙ୍କ ପାଇଁ ଆୟୋଗ ଏକ ଜାଳେଣି ସରଚାର୍ଜର ସହ-ସାମିଲକରଣ ସୂତ୍ର ନିର୍ଦ୍ଧାରଣ କରିଛନ୍ତି, ଯାହା ପରବର୍ତ୍ତୀ ସମୟ ପାଇଁ କାଏମ ରହିବ।

## ଉପଭୋକ୍ତା ସେବା ସମୂହ

ବିଲିଂ ଓ ପେମେଣ୍ଟ ସଂପର୍କରେ ଉପଭୋକ୍ତାଙ୍କୁ ସୂଚନା

୫୫୦. ମିଟରର ଭିତ୍ତି ଓ ସ୍ଥିତି , ଶକ୍ତି ଉପଯୋଗର ଢାଞ୍ଚା, ମାସିକିଆ ପେମେଣ୍ଟ ସଂପର୍କରେ ଅନୁମତିଧାରୀମାନେ ଉପଭୋକ୍ତାମାନଙ୍କୁ ସଠିକ ସୂଚନା ଦେବା ଉଚିତ। ଏହା ଏଇଥିପାଇଁ ଗୁରୁତ୍ୱପୂର୍ଣ୍ଣ ଯେ, 'ସବୁ ବର୍ଷ ଉପଭୋକ୍ତାଙ୍କର ସିକ୍ୟୁରିଟି ଜମା ଉପରେ ସୁଧ ପରିମାଣର ହିସାବ କରିବାକୁ ପଡିବ ଏବଂ ପ୍ରତି ବର୍ଷ ମେ' ମାସର ପହିଲା ସୁଦ୍ଧା ଉପଭୋକ୍ତାଙ୍କର ଆକାଉଣ୍ଟରେ ସେହି ସୁଧ ପରିମାଣକୁ ସାମିଲ କରିବାକୁ ପଡିବ- ପ୍ରତି ଆର୍ଥିକ ବର୍ଷର ପ୍ରାରମ୍ଭରେ ପ୍ରତି ଉପଭୋକ୍ତାଙ୍କ ଉଦ୍ଦେଶ୍ୟରେ ଅନୁମତିଧାରୀମାନେ ସେମାନଙ୍କର ବାକିଆ ପାରିମାଣକୁ ପୃଥକ ଭାବେ ପ୍ରଦର୍ଶନ କରିବେ।

ଉପଭୋକ୍ତା ବିଲିଂ ଓ ଆଦାୟ ସଂପର୍କରେ ସୂଚନା

୫୫୧. ବିଲିଂ ଓ ଦେୟ-ଆଦାୟ ସଂପର୍କିତ ସୂଚନାକୁ ଉପଭୋକ୍ତାଙ୍କର ସହ ଅଂଶ କରାଇବା ଅନୁମତିଧାରୀଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ। ମିଟର ରିଡିଂର ବିବରଣୀ, ଉପଭୋକ୍ତାଙ୍କ ଦ୍ୱାରା ସଦ୍ୟ ବିଗତ ୧୨ ମାସର ବିଲିଂ ଓ ପେମେଣ୍ଟ ସଂପର୍କରେ ଉପଭୋକ୍ତାଙ୍କୁ ଜଣାଇବା ଜରିଆରେ ଏହି ଦାୟିତ୍ୱ ସଂପନ୍ନ କରାଯାଇପାରିବ। ଏହି ସବୁ ସୂଚନାକୁ ଅନୁମତିଧାରୀମାନେ ସେମାନଙ୍କ ୱେବସାଇଟରେ ଯେପରି ଉପଲବ୍ଧ କରାଇବେ, ସେଥିପାଇଁ ଆୟୋଗ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଆୟୋଗ ପୁନଶ୍ଚ ନିର୍ଦ୍ଦେଶ ଦେଇଛନ୍ତି ଯେ, ଯେତେ ଶୀଘ୍ର ସମ୍ଭବ, ଅନୁମତିଧାରୀମାନେ ସେମାନଙ୍କର ସବୁ ଉପଭୋକ୍ତାଙ୍କ ପାଇଁ କ୍ଷେତ୍ରସ୍ଥଳ ବିଲିଂ ର ପ୍ରବର୍ତ୍ତନ କରିବା ବାଂଛନୀୟ।। ଅନୁମତିଧାରୀମାନେ ଉପଭୋକ୍ତାଙ୍କ ଠାରୁ ଆକାଉଣ୍ଟ ପେୟି ଚେକ୍ ମାଧ୍ୟମରେ କ୍ଷେତ୍ରସ୍ଥଳ ଆଦାୟ କରି ସେମାନଙ୍କର ଆଦାୟ ଉତ୍କୃଷ୍ଟତାକୁ ଉନ୍ନତ କରନ୍ତୁ ବୋଲି ମଧ୍ୟ ଆୟୋଗ ଆଶା ପୋଷଣ କରିଛନ୍ତି। ତା'ଛଡା ଇସିଏସ, ଏଟିଏମ ତଥା ଅନ୍ୟାନ୍ୟ ଆନୁଷଙ୍ଗିକ ଉନ୍ନତ ବୈଷୟିକ ପଦ୍ଧତିରେ ଅନୁମତିଧାରୀମାନେ ସେମାନଙ୍କର ଆଦାୟ ଉତ୍କୃଷ୍ଟତାକୁ ବଢାନ୍ତୁ ବୋଲି ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି।

ଅଧିକନ୍ତୁ, ଗ୍ରାମ ପଂଚାୟତ ଓ ବ୍ଲକ ସ୍ତରୀୟ ଇ-ସେବା କେନ୍ଦ୍ର ଜରିଆରେ ପ୍ରତି ଉପଭୋକ୍ତାଙ୍କୁ ବିଲିଂ ସୂଚନା ଦେବା ସହିତ ଇ-ଜନସେବା ବିଲ୍‌ର ପେମେଣ୍ଟ ଆଣିବାର ସୁଯୋଗ ସୃଷ୍ଟି କରିବା ଓ ସୁଯୋଗ ନେବାକୁ ଅନୁମତିଧାରୀମାନଙ୍କୁ ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି।

୫୫୨. ଗ୍ରାମାଞ୍ଚଳ ଜଳ ଯୋଗାଣ କ୍ୟାଟେଗୋରୀର ଉପଭୋକ୍ତା ଧାର୍ଯ୍ୟ ତାରିଖରେ ବିଲ୍ ପେମେଣ୍ଟ କଲେ ସେମାନଙ୍କୁ ୟୁନିଟ ପିଛା ୧୦ ପଇସାର ରିହାତି ଦେବାକୁ ପୂର୍ବରୁ ଆୟୋଗ ଆଦେଶନାମା ଜାରି କରିଥିଲେ। ସେହି ଆଦେଶନାମାକୁ ପରବର୍ତ୍ତୀ ସମୟ ପାଇଁ ଅପରିବର୍ତ୍ତିତ ରଖିବାକୁ ଆୟୋଗ ନିଷ୍ପତ୍ତି ନେଇଛନ୍ତି।

୫୫୩. କଣ୍ଡକ୍ଟର ଚୋରି ହୋଇଯିବା କାରଣରୁ ଅପରିହାର୍ଯ୍ୟ ବର୍ଗର ଉପଭୋକ୍ତାଙ୍କୁ ଶକ୍ତି ଯୋଗାଣରୁ ବଂଚିତ କରିବା ଯୁକ୍ତି ସଂଗତ ନୁହେଁ। ଏହି ଉପଭୋକ୍ତାଙ୍କ ମଧ୍ୟରୁ ଅନେକ ସେମାନଙ୍କର ଅଧିକାର ବିଷୟରେ ସଚେତନ ନୁହନ୍ତି। ସ୍ଥାନୀୟ ଲୋକଙ୍କୁ ସଂପୃକ୍ତ କରାଇ ଉଠାଜଳସେଚନ ପଏଣ୍ଟକୁ ସଂଯୋଗ କରାଯାଇଥିବା ବିଦ୍ୟୁତ ଖୁଣ୍ଟ ଓ ତାରର ସୁରକ୍ଷା ଦେବାରେ ବଂଟନକାରୀ କଂପାନୀମାନେ ଯଥେଷ୍ଟ ସଜାଗ ହେବା ଉଚିତ। କଣ୍ଡକ୍ଟର ଚୋରିକୁ କାରଣ ଭାବେ ଦର୍ଶାଇ କୌଣସି ପରିସ୍ଥିତିରେ ଉଠାଜଳସେଚନ ପଏଣ୍ଟ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ଉପଭୋକ୍ତା ସାମଗ୍ରୀକୁ ଅକାମୀ ରଖିବାକୁ ଦିଆଯିବ ନାହିଁ। ସୁବିଧା ସୁଯୋଗର ବ୍ୟବସ୍ଥା ସହ ଉପରୋକ୍ତ ଶ୍ରେଣୀର ଉପଭୋକ୍ତାଙ୍କଠାରୁ ନିୟମିତ ରାଜସ୍ୱ ଆଦାୟ କରିବାରେ କିମ୍ବା ଦେୟ ଅନାଦାୟ ଯୋଗୁ ସେବା ସଂଯୋଗ ଛିନ୍ନ କରାଯିବାରେ ହେଳା କରାଯିବା ଉଚିତ ନୁହେଁ। ଚୋରି ରୋକ୍‌ିବା ପାଇଁ ଅନୁମତିଧାରୀମାନେ ଗ୍ରାମ୍ୟ କମିଟି ଓ ଉପଭୋକ୍ତା ସଂଘର ସାହାଯ୍ୟ ନେଇ ପାରିବେ।

<u>ରାଜସ୍ୱ ଆଦାୟ ପାଇଁ ସ୍ୱତନ୍ତ୍ର ପ୍ରୟାସ ଓ କାର୍ଯ୍ୟସୂଚୀର ଖସଡା</u>

୫୫୪. ବଂଟନ କ୍ଷତି ହ୍ରାସକରଣର ମାପଦଣ୍ଡ ଭିତ୍ତିକ ଧାର୍ଯ୍ୟ ଲକ୍ଷ୍ୟ, ଆଦାୟ-ଉତ୍କୃଷ୍ଟତା ଏବଂ ହାରାହାରି ବୈଷୟିକ ଓ ବ୍ୟବସାୟିକ କ୍ଷତିକୁ ଭିତ୍ତି କରି ବଂଟନକାରୀ କଂପାନୀମାନଙ୍କ ପାଇଁ ନିମ୍ନ ସୂଚୀତ ମତେ ରାଜସ୍ୱ ଆଦାୟର ଅଟକଳନ କରାଯାଇଛି।

**ସାରଣୀ – ୯୧**

**ବଣ୍ଟନଜନିତ କ୍ଷତି**, ଦେୟ-ଆଦାୟ-ଉତ୍କୃଷ୍ଟତା ଓ **ଏଟି ଏଣ୍ଡ ସି କ୍ଷତି (%)**

| | ୦୮-୦୯ର ବାସ୍ତବିକ (ସମୀକ୍ଷା) | ୨୦୦୯-୧୦ର ଅନୁମୋଦିତ | | ୨୦୦୯-୧୦ (କମ୍ପାନୀମାନଙ୍କ ଦ୍ୱାରା ଅଟଳଳିତ) | ୨୦୧୦-୧୧ (କମ୍ପାନୀମାନଙ୍କ ଦ୍ୱାରା ପ୍ରସ୍ତାବିତ) | ୨୦୧୦-୧୧ (ଅନୁମୋଦିତ) |
|---|---|---|---|---|---|---|
| **ବଣ୍ଟନଜନିତ କ୍ଷତି** | | **ସମଗ୍ର** | **ଏଲଟି** | | | **ସମଗ୍ର** |
| **ସେସୁ *** | ୪୦.୩୪ | ୨୬.୩୦ | ୩୫.୦୪ | ୩୯.୦୦ | ୪୪.୨୮ | ୨୫.୩୭ |
| **ନେସ୍କୋ** | ୩୪.୫୭ | ୨୩.୦୦ | ୩୩.୧୯ | ୩୧.୪୫ | ୨୮.୩୦ | ୧୮.୪୬ |
| **ୱେସ୍କୋ** | ୩୩.୫୫ | ୨୨.୫୦ | ୩୫.୮୬ | ୩୧.୪୫ | ୨୮.୪୫ | ୧୯.୯୩ |
| **ସାଉଥ୍‌କୋ** | ୪୭.୭୮ | ୨୭.୯୨ | ୨୯.୫୦ | ୪୬.୭୭ | ୪୨.୭୬ | ୨୭.୮୨ |
| ସମଗ୍ର ଓଡ଼ିଶା | ୩୭.୫୦ | ୨୪.୪୫ | ୩୪.୦୪ | ୩୫.୬୧ | ୩୫.୩୮ | ୨୨.୨୨ |
| ଦେୟ-ଆଦାୟ-ଉତ୍କୃଷ୍ଟତା | | | | | | |
| **ସେସୁ *** | ୯୧.୮୦ | ୯୮.୦୦ | | ୯୫.୦୦ | ୯୫.୦୦ | ୯୮.୦୦ |
| **ନେସ୍କୋ** | ୯୨.୫୦ | ୯୮.୦୦ | | ୯୬.୦୦ | ୯୭.୦୦ | ୯୮.୦୦ |
| **ୱେସ୍କୋ** | ୯୩.୮୬ | ୯୮.୦୦ | | ୯୭.୦୦ | ୯୭.୫୦ | ୯୮.୦୦ |
| **ସାଉଥ୍‌କୋ** | ୯୪.୨୧ | ୯୮.୦୦ | | ୯୬.୦୦ | ୯୭.୦୦ | ୯୮.୦୦ |
| ସମଗ୍ର ଓଡ଼ିଶା | ୯୨.୯୮ | ୯୮.୦୦ | | ୯୬.୦୦ | ୯୬.୫୮ | ୯୮.୦୦ |
| **ଏଟି ଏଣ୍ଡ ସି କ୍ଷତି** | | | | | | |

| | ୦୮-୦୯ର ବାସ୍ତବିକ (ସମୀକ୍ଷା) | ୨୦୦୯-୧୦ର ଅନୁମୋଦିତ | | ୨୦୦୯-୧୦ (କମ୍ପାନୀମାନଙ୍କ ଦ୍ୱାରା ଅଟକଳିତ) | ୨୦୧୦-୧୧ (କମ୍ପାନୀମାନଙ୍କ ଦ୍ୱାରା ପ୍ରସ୍ତାବିତ) | ୨୦୧୦-୧୧ (ଅନୁମୋଦିତ) |
|---|---|---|---|---|---|---|
| ବଣ୍ଟନଜନିତ କ୍ଷତି | | ସମଗ୍ର | ଏଲଟି | | | ସମଗ୍ର |
| ସେସୁ * | ୪୫.୨୩ | ୨୭.୭୮ | | ୪୨.୦୫ | ୪୭.୦୬ | ୨୬.୮୬ |
| ନେସ୍କୋ | ୩୯.୪୮ | ୨୪.୫୪ | | ୩୪.୧୯ | ୩୦.୪୫ | ୨୦.୦୯ |
| ୱେସ୍କୋ | ୩୭.୬୩ | ୨୪.୦୫ | | ୩୩.୫୦ | ୩୦.୨୪ | ୨୧.୫୩ |
| ସାଉଥ୍କୋ | ୫୦.୮୦ | ୨୯.୩୬ | | ୪୮.୯୦ | ୪୪.୪୭ | ୨୯.୨୭ |
| ସମଗ୍ର ଓଡ଼ିଶା | ୪୧.୮୯ | ୨୫.୯୬ | | ୩୮.୧୬ | ୩୭.୫୯ | ୨୩.୭୭ |

୫୫୫. କ୍ଷତି ହ୍ରାସ ପାଇଁ ଧାର୍ଯ୍ୟଲକ୍ଷ୍ୟ ଦୃଷ୍ଟିରୁ ପ୍ରାରମ୍ଭରୁ ବଂଟନକାରୀ କଂପାନୀମାନେ ଯଥାସାଧ୍ୟ ପ୍ରୟାସ କରିବା ଉଚିତ। ଏଥିପାଇଁ ୧୦୦ ପ୍ରତିଶତ ବିଲିଂ ଉପରେ ବଂଟନକାରୀ କଂପାନୀମାନେ ନିଶ୍ଚିତ ହେବା ସହ ଚଳିତ ରାଜସ୍ୱକୁ ପୂରା ପରିମାଣର ଆଦାୟ କରିବାକୁ ପ୍ରୟାସ କରିବା ଉଚିତ। ଏହା ହୋଇ ନ ପାରିଲେ ସ୍ଥୁଳ ଯୋଗାଣ ତାରିଫ ବିଲ୍ ଦେୟ ଓ ସରବରାହ ଦେୟ-ଦର ଦେଇ ସାରିବା ପରେ ବଂଟନକାରୀ କଂପାନୀଙ୍କ ପାଖରେ 'ସଂସ୍ଥାପନା ଜନିତ ବ୍ୟୟ' 'ମରାମତି ଓ ତୁଳଜମା' ବ୍ୟୟ ପାଇଁ ଆଉ ଅର୍ଥ ନ ଥିବ। କର୍ମଚାରୀଙ୍କ ସଂଶୋଧିତ ବେତନ ବାବଦକୁ ବାକିଆ ପରିମାଣ (ଅଧିକାରୀ ସ୍ତରୀୟ କର୍ମଚାରୀଙ୍କ ପାଇଁ ୧.୧.୨୦୦୬ ଠାରୁ ଓ ଶ୍ରମିକମାନଙ୍କ ପାଇଁ ୧.୪.୨୦୦୫ ଠାରୁ) କୁ ରାଜସ୍ୱ ଆବଶ୍ୟକତାର ହିସାବରେ ନିଆଯାଇଛି। ୧.୪.୨୦୧୦ ସୁଦ୍ଧା ବଂଟନକାରୀ କଂପାନୀମାନେ ଉପଭୋକ୍ତାଙ୍କଠାରୁ ଯେଉଁ ସବୁ ବାକିଆ ପରିମାଣକୁ ଆଦାୟ କରିବେ, ସେହି ପରିମାଣ କର୍ମଚାରୀଙ୍କ ବାକିଆ ବେତନ ଓ ପେନସନ ଦିଆଯାଇ ପାରିବ। ଏହା ସହ ଗ୍ରୀଡକୋ ପାଇଁ ସ୍ଥୁଳ ଯୋଗାଣ ତାରିଫ ଉତ୍ପାଦନକାରୀ ଷ୍ଟେସନମାନଙ୍କରୁ ଟ ୧୭୪.୫୮ ପଇସାର କିଣାଦର ବିପକ୍ଷରେ ଟ ୧୭୦.୨୫ ପଇସାର ହାରାହାରି ଦରରେ ଅନୁମୋଦିତ ହୋଇଛି। ତାପଜ ଶକ୍ତି ଉତ୍ପାଦନ ପାଇଁ କୋଇଲା, ତେଲର ଦର ବଢିଥିବାରୁ ଏବଂ ଜଳ ବିଦ୍ୟୁତ ଶକ୍ତି ପାଇଁ ଜଳଭଣ୍ଡାରର ଜଳ ପରିମାଣ ବାଂଛିତ କ୍ଷମତାରେ ରହୁ ନଥିବାରୁ ଗ୍ରୀଡକୋର ଶକ୍ତି କ୍ରୟ ଦର ବଢିଯାଇପାରେ। ବାକିଆ ସ୍ଥୁଳ ଯୋଗାଣ ତାରିଫ ବାବଦକୁ କିଛି ପରିମାଣ ଗ୍ରୀଡକୋକୁ ପରିଶୋଧ କରିବାକୁ ବଂଟନକାରୀ କଂପାନୀମାନେ ପ୍ରୟାସ କରିବା ଉଚିତ, ଯଦ୍ୱାରା ଗ୍ରୀଡକୋ ବିଭିନ୍ନ ଉତ୍ସରୁ ଶକ୍ତି କିଣିବାକୁ ସମର୍ଥ ହୋଇ ପାରିବ ଓ ବଂଟନକାରୀ କଂପାନୀମାନଙ୍କୁ ଯୋଗାଇ ଦେଇ ପାରିବ।

୫୫୬. ସାଧାରଣତଃ ବଂଟନକାରୀ କଂପାନୀମାନେ ଯୁକ୍ତି କରିଆସୁଛନ୍ତି ଯେ, ସରକାରୀ ବିଭାଗ, ପବ୍ଲିକ ସେକ୍ଟର ଅଣ୍ଡରଟେକିଂ/ ସହରାଞ୍ଚଳର ସ୍ୱାୟତ୍ତ ଶାସିତ ଅନୁଷ୍ଠାନ / ସମବାୟ ଓ ସ୍ୱୟଂଶାସିତ ପ୍ରତିଷ୍ଠାନମାନେ ଠିକ ସମୟରେ ବିଦ୍ୟୁତ ଦେୟ ଦେଉନାହାନ୍ତି। ଏହି ପରିପ୍ରେକ୍ଷୀରେ , ଆୟୋଗ ୩୧.୧୨.୨୦୦୯ର ଚିଠି ନଂ - ୧୭୫ /୦୨ ରେ ସରକାରଙ୍କ ଦୃଷ୍ଟିକୁ ଯେଉଁସବୁ ପ୍ରସଂଗ ଆଣିଛନ୍ତି, ତାହାକୁ ନିମ୍ନରେ ଉଦ୍ଧାର କରାଗଲା।

"ଏହା ବାରମ୍ବାର ଆୟୋଗଙ୍କ ଦୃଷ୍ଟିକୁ ଅଣାଯାଇଛି ଯେ, ସରକାରୀ ବିଭାଗ / ଅନୁଷ୍ଠାନ ଏବଂ ଏପରିକି କେତେକ କ୍ଷେତ୍ରରେ ପୋଲିସ ଥାନାଗୁଡିକ ଠିକ ସମୟରେ ବିଦ୍ୟୁତ ଦେୟ ଦେଉନାହାନ୍ତି। ଏ ପ୍ରସଂଗରେ ପୂର୍ବରୁ ସରକାରଙ୍କୁ ଜଣାଇ ଦିଆଯାଇଥିଲା। ସରକାରୀ ବିଭାଗ କିମ୍ବା ପ୍ରତିଷ୍ଠାନ କିମ୍ବା ସ୍ୱୟଂଶାସିତ ପ୍ରତିଷ୍ଠାନମାନେ , ଯେଉଁମାନେ କି ସରକାରଙ୍କ ନିୟନ୍ତ୍ରଣାଧିନ , ସେମାନେ ବରଂ ଠିକ ସମୟରେ ଦେୟ ଦେଇ ଘରୋଇ ଉପଭୋକ୍ତାଙ୍କ ପାଇଁ ଉଦାହରଣ ସାଜିବା କଥା। ବିଦ୍ୟୁତ ଦେୟ ଅନାଦାୟ ଯୋଗୁ ଜଳଯୋଗାଣ, ଡାକ୍ତରଖାନା,ପୋଲିସଥାନା ଓ ରାସ୍ତାପାର୍ଶ୍ୱ ଆଲୋକ ଆଦିକୁ ଯଦି ଶକ୍ତି ସଂଯୋଗ ଛିନ୍ନ କରିଦିଆଯାଏ, ତେବେ ପରିସ୍ଥିତି କଣ ହେବ ତାହା ସରକାର ଭାବିବା କଥା,ଯେହେତୁ ଏହା ଏକ ସମ୍ବେଦନଶୀଳ ପ୍ରସଂଗ ଅଟେ। ତେଣୁ, ଏସବୁ ବିଭାଗ / ଅନୁଷ୍ଠାନ /ପ୍ରତିଷ୍ଠାନ ଉଦ୍ଦେଶ୍ୟରେ ସରକାର ବରଂ ଆଗୁଆ ଭାବେ

ଦେୟ ଜମା କରିବା ଉଚିତ କିମ୍ବା ସେ ସବୁ ଅନୁଷ୍ଠାନ / ପ୍ରତିଷ୍ଠାନମାନଙ୍କରେ ପ୍ରି-ପେଡ ମିଟର ବସାଇବାର ବନ୍ଦୋବସ୍ତ କରିବା ଉଚିତ। ଅତଏବ, ଏତଦ୍‌ଜନିତ ବିଦ୍ୟୁତ ଦେୟ ଉପରୋକ୍ତ ବର୍ଣ୍ଣିତ ବିଭାଗ / ଅନୁଷ୍ଠାନ /ପ୍ରତିଷ୍ଠାନମାନଙ୍କରୁ ଠିକ ସମୟରେ ଆଦାୟ କରିବାକୁ ସରକାର କି ପ୍ରକାର ନିଶ୍ଚିତ ପଦକ୍ଷେପ ନେଇଛନ୍ତି, ତାହାକୁ ସୂଚାଇବା ବାଂଛନୀୟ।"

୫୫୭. ଆୟୋଗଙ୍କ ଉପରୋକ୍ତ ପର୍ଯ୍ୟବେକ୍ଷଣର ଉତ୍ତରରେ ରାଜ୍ୟ ସରକାର ୨୩.୨.୨୦୧୦ ର ଚିଠି ନଂ -୧୫୭୭ ରେ ନିମ୍ନମତେ ବ୍ୟକ୍ତ କରିଛନ୍ତି -

"ନର୍ଦ୍ଦିଷ୍ଟ ସରକାରୀ ବିଭାଗର ଆବଶ୍ୟକତା ମୁତାବକ ବିଦ୍ୟୁତ ଶକ୍ତି ଉପଯୋଗ ଜନିତ ଦେୟ ଦେବା ପାଇଁ ବଜେଟରେ ଅର୍ଥ ବ୍ୟବସ୍ଥା ଅଛି। ସରକାରଙ୍କର ଶକ୍ତି ବିଭାଗ ସମୟକୁ ସମୟ ଅନ୍ୟାନ୍ୟ ବିଭାଗଗୁଡିକ ଉପରେ ଚାପ ପକାଇ ଆସୁଛନ୍ତି ଯେ, ସେମାନେ ଠିକ ସମୟରେ ବିଦ୍ୟୁତ ଦେୟ ଦିଅନ୍ତୁ।"

ବିଭିନ୍ନ ସରକାରୀ ବିଭାଗ ମାନଙ୍କ ବାକିଆ ଦେୟ ଦେଉ ନଥିବା ପ୍ରସଂଗକୁ ବଂଟନକାରୀ କଂପାନୀମାନେ ଅଡି ବସିବା ଠିକ ନୁହେଁ। ସେହି ସବୁ ବିଭାଗମାନେ ଯୁକ୍ତି କରିଆସୁଛନ୍ତି ଯେ, ତଥାକଥିତ ବାକିଆ ଦେୟ ସଠିକ ଭାବେ ହିସାବ ହୋଇନାହିଁ। ଏ ବିଷୟରେ ବଂଟନକାରୀ କଂପାନୀମାନଙ୍କୁ ଅବଗତ କରାଇ ଦିଆଯାଇଛି। ତେବେ, ବଂଟନକାରୀ କଂପାନୀଙ୍କର ଦାୟିତ୍ୱ ହେଉଛି - ସେହିସବୁ ବିଭାଗ ସହ ବୁଝାମଣା କରି ବାକିଆ ଦେୟ ଆଦାୟ କରିନେବା କଥା , କିନ୍ତୁ ସେମାନେ ଏ ଦିଗରେ ବିଶେଷ ଫଳପ୍ରଦ ପ୍ରୟାସ କରିବାରେ ପଛାଇ ଯାଉଛନ୍ତି।

ବିଭିନ୍ନ ସରକରୀ ବା ବେସରକାରୀ ବିଭାଗୀୟ ଦେବାଳିଆ ଉପଭୋକ୍ତାମାନେ ଅନ୍ୟ ସାଧାରଣ ଉପଭୋକ୍ତାଙ୍କ ଭଳି ଅଟନ୍ତି। ଅତଏବ, ବଂଟନକାରୀ କଂପାନୀମାନେ ସେମାନଙ୍କର ଶକ୍ତି ସଂଯୋଗ ଛିନ୍ନ କରିଦେବାକୁ ମଧ୍ୟ କ୍ଷମତାପ୍ରାପ୍ତ। ଅଧିକନ୍ତୁ, ଏଠାରେ ଉଲ୍ଲେଖଯୋଗ୍ୟ ଯେ, ସରକାରୀ ବିଭାଗଗୁଡିକର ସମୁଦାୟ ବାକିଆ ପରିମାଣ ବିଦ୍ୟୁତ ସେକ୍ଟରର ସମୁଦାୟ ବାକିଆ ପରିମାଣର ୧୦ ପ୍ରତିଶତରୁ କମ ଅଟେ।

ତା'ଛଡା , ବିଦ୍ୟୁତ ଆଇନ, ୨୦୦୩ର ବିଭାଗ -୧୨୬ରେ ଉପଲବ୍ଧ ଅନୁଯାୟୀ, ବଂଟନକାରୀ କଂପାନୀମାନେ ଉତ୍କୃଷ୍ଟ ଆଦାୟ ପାଇଁ ଅନ୍ୟାନ୍ୟ ଢଙ୍ଗ ଓ ଢାଞ୍ଚାକୁ ମଧ୍ୟ ଗ୍ରହଣ କରିବା ଉଚିତ।

୫୫୮. ସରକାର ତାଙ୍କର ଉତ୍ତରରେ ଯେହେତୁ ସ୍ୱଷ୍ଟ କରିଦେଇଛନ୍ତି ଯେ, କୌଣସି ସରକାରୀ ବିଭାଗ /ଅନୁଷ୍ଠାନ /ପ୍ରତିଷ୍ଠାନ ସାଧାରଣ ଉପଭୋକ୍ତାଙ୍କ ସହ ସମାନ ଅଟନ୍ତି ଏବଂ ଦେୟ ଅନାଦାୟ ଯୋଗୁ ସେମାନଙ୍କଠୁ ବି ଶକ୍ତି ସଂଯୋଗ ଛିନ୍ନ କରିଦିଆଯାଇ ପାରିବ, ତେଣୁ ବଂଟନକାରୀ କଂପାନୀମାନେ ଅଭିଯୋଗ କରିବା ଉଚିତ ନୁହେଁ ଯେ ସରକାରୀ ବିଭାଗ ଦେୟ ଦେଉନାହାନ୍ତି। ବଂଟନକାରୀ କଂପାନୀମାନେ ଚାହିଁଲେ ଓଇଆରସି (ଯୋଗାଣ ସର୍ତ୍ତାବଳୀ) କୋଡ, ୨୦୦୪ ଅଧିନରେ ନିୟମ ୮୯ ରୁ ୧୦୧ ରେ ନିର୍ଦ୍ଧାରିତ ପଦ୍ଧତିର ଅନୁସରଣ ପୂର୍ବକ ରାଜସ୍ୱ ଆଦାୟ ପାଇଁ ସେମାନଙ୍କ ବିରୁଦ୍ଧରେ ପଦକ୍ଷେପ ମଧ୍ୟ ନେଇ ପାରିବେ ଏବଂ ଏହା ବଂଟନକାରୀ କଂପାନୀଙ୍କର ଦାୟିତ୍ୱ ମଧ୍ୟ।

୫୫୯. ଭିନ୍ନ ଭିନ୍ନ ଏଜେନ୍ସିମାନଙ୍କ ଦ୍ୱାରା ନିଯୁକ୍ତ ମିଟର ରିଡରଙ୍କ ଦ୍ୱାରା ନିର୍ବାହିତ ମିଟର ରିଡିଂକୁ ପୁଙ୍ଖାନୁପୁଙ୍ଖ ଭାବେ ଯାଞ୍ଚ କରିବାକୁ ବଂଟନକାରୀ କଂପାନୀମାନେ ନିଜ ଅଧିନରେ ଏକ ସ୍ୱତନ୍ତ୍ର ଗୋଇନ୍ଦା ସ୍କ୍ୱାର୍ଡ ରଖିବା ବାଂଛନୀୟ। ଯେଣୁ, ଏଲଟି ସ୍ତରରେ ଘରୋଇ ଉପଭୋକ୍ତାଙ୍କ ଉଦ୍ଦେଶ୍ୟରେ ପ୍ରଥମ ୧୦୦ ୟୁନିଟର ଟାରିଫକୁ ଅପରିବର୍ତ୍ତିତ ରଖାଯାଇଛି, ତେଣୁ ମନ୍ଦ ଆଚରଣକାରୀ ଉପଭୋକ୍ତାମାନେ ୧୦୦ ୟୁନିଟରୁ ଅଧିକ ଶକ୍ତି ଉପଯୋଗ କରି ଉପଯୋଗ ପରିମାଣ ସେହି ୧୦୦ ୟୁନିଟ ମଧ୍ୟରେ ରଖିବାକୁ ବିଭିନ୍ନ ଅସାଧୁ ପନ୍ଥା ଅବଲମ୍ବନ କରିଥା'ନ୍ତି। ଏହି ସ୍ୱତନ୍ତ୍ର ସ୍କ୍ୱାଡ ସେମାନଙ୍କର ମିଟରକୁ ଉପଯୁକ୍ତ ଭାବେ ଯାଞ୍ଚ କରି ସେହି ଅସାଧୁ କୌଶଳକୁ ଚିହ୍ନଟ କରିବା ଉଚିତ। ଶକ୍ତି ଯୋଗାଣର ଆନୁଷଙ୍ଗିକ ବୈଦ୍ୟୁତିକ ସାମଗ୍ରୀର ଚୋରିକୁ ଧରିବା ଓ ଶକ୍ତି ଯୋଗାଣକୁ ଛିନ୍ନ କରୁଥିବା ଦୁନିତ୍ତକୁ ଧରିବା ପାଇଁ ବଂଟନକାରୀ କଂପାନୀମାନେ ଆଚଂଳିକ ଶକ୍ତି ପୋଲିସ ଥାନା କିମ୍ବା ଅନ୍ୟ ଶକ୍ତି ପୋଲିସ ଥାନାର ସହଯୋଗ ଲୋଡିବା ଉଚିତ। ବଂଟନକାରୀ କଂପାନୀମାନଙ୍କ ଦ୍ୱାରା ଉପଯୁକ୍ତ ବିବେଚିତ ଜଣେ ବରିଷ୍ଠ ଅଧିକାରୀଙ୍କ ଦ୍ୱାରା (ଦୈନିକ ଭିତ୍ତିରେ) ଅନାଦାୟ ଦେୟ ଓ

ବିଦ୍ୟୁତ ଶକ୍ତିର ଅସାଧୁ ଉପଯୋଗ ତତ୍ତ୍ୱାବଧାରିତ ହେବା ଉଚିତ। ବଂଟନକାରୀ କଂପାନୀମାନଙ୍କର କାର୍ଯ୍ୟଶୈଳୀର ପୁନଃ ମତାୟନ କରିବା ପରିପ୍ରେକ୍ଷୀରେ ଆୟୋଗ ଜାଣିବାକୁ ଚାହୁଁଛନ୍ତି ଯେ ବଂଟନକାରୀ କଂପାନୀମାନେ ଉପରୋକ୍ତ ସମସ୍ୟାରେ କି ପ୍ରକାର ବାସ୍ତବ ପଦକ୍ଷେପ ନେଇଛନ୍ତି।

<u>ଯୋଗାଣର ଗୁଣବତ୍ତା ଓ ନିର୍ବାହନର ମାନ</u>

୫୬୦. ବଂଟନ ଅନୁମତିଧାରୀମାନେ ଓଇଆସି (ଅନୁମତିଧାରୀଙ୍କର ନିର୍ବାହନର ମାନ) ନିୟମାବଳୀ, ୨୦୦୪ରେ ସୂଚିତ ଯୋଗାଣ ନିର୍ବାହନର ମାନକୁ ରକ୍ଷା କରୁନାହାନ୍ତି। ନିକୃଷ୍ଟ ମାନର ବୈଦ୍ୟୁତିକ ସଂରଚନା ଏବଂ ନିର୍ବାହନ ଓ ତୁଲାଜମା ପଦ୍ଧତି ଯୋଗୁ ଶକ୍ତି ଯୋଗାଣରେ ସଂଯମତା , ଭୋଲଟେଜର ବିକାଶ ଓ ନୂଆ ସଂଯୋଗ ଦେବା ବୋଧ ହୁଏ ଅନୁମତିଧାରୀମାନେ ଉଚିତ ମାନ ରକ୍ଷା କରିବାକୁ ସମର୍ଥ ହୋଇ ପାରୁନାହାନ୍ତି ବୋଲି ଅଭିଯୋଗକାରୀ / ଉପଭୋକ୍ତା ବର୍ଗ ମତ ଦେଇଛନ୍ତି। କ୍ଷତିଗ୍ରସ୍ତ ଉପଭୋକ୍ତାଙ୍କୁ ଅନୁମତିଧାରୀଙ୍କ ତରଫରୁ କ୍ଷତିପୂରଣ ଦେବାର ବ୍ୟବସ୍ଥା ବିଦ୍ୟୁତ ଆଇନରେ ଉଲ୍ଲେଖ ଅଛି। କିନ୍ତୁ ଅନୁମତିଧାରୀଙ୍କ ତରଫରୁ ସ୍ୱେଚ୍ଛାକୃତ ଭାବେ କିମ୍ବା ଉପଭୋକ୍ତାଙ୍କର ଦାବୀ ସତ୍ତ୍ୱେ କ୍ଷତିପୂରଣ ଦିଆଯାଉନାହିଁ ବୋଲି ଉପଭୋକ୍ତାଙ୍କ ତରଫରୁ ଅଭିଯୋଗ ହେଉଛି। ଅନେକ ଉପଭୋକ୍ତା ତ ଏ ଦିଗରେ ସଚେତନ ନାହାନ୍ତି। ତଥାପି କିଛି ଅସହାୟ ଉପଭୋକ୍ତା ଏ ଦିଗରେ ଜିଆରଏଫ / ଆମ୍ବୁଡ୍ସମ୍ୟାନଙ୍କର ସହଯୋଗ ଲୋଡୁଛନ୍ତି। ତେବେ, କ୍ଷତିପୂରଣ ବାବଦକୁ ଜିଆରଏଫ / ଆମ୍ବୁଡ୍ସମ୍ୟାନଙ୍କର ଆଦେଶନାମାକୁ ଅନୁମତିଧାରୀମାନେ କାର୍ଯ୍ୟକାରୀ କରୁନଥିବା ମଧ୍ୟ ଅଭିଯୋଗ ହେଉଛି। ଅତଏବ, ଉପଭୋକ୍ତାଙ୍କୁ ସଂକଟଗ୍ରସ୍ତ କିମ୍ବା ନିରାଶ ନ କରି ଅନୁମତିଧାରୀମାନେ ଆପୋଷ କ୍ଷତିପୂରଣ ଦେଇଦେବା ବାଂଛନୀୟ। ଯେଣୁ , ଉପର ବର୍ଣିତ ଉପଭୋକ୍ତା ସେବାରେ ତ୍ରୁଟି ବିଚ୍ୟୁତି ମୁଖ୍ୟତଃ ପ୍ରଚଳିତ ଆନୁଷଙ୍ଗିକ ବୈଦ୍ୟୁତିକ ସଂରଚନା ଯୋଗୁ ହିଁ ସଂଘଟିତ ହେଉଛି, ତେଣୁ ଅନୁଭବ କରାଯାଉଛି ଯେ ମରାମତି ଓ ତୁଲାଜମା ବ୍ୟୟ ବାବଦକୁ ଅନୁମତିଧାରୀଙ୍କୁ କିଛି ଅର୍ଥ ବରାଦ (ଅନୁମତି) କରାଯିବା ଉଚିତ, ଯାହା ଫଳରେ ମୁଖ୍ୟତଃ ଯେଉଁ ଅଂଚଳରେ କ୍ଷତିପୂରଣ ଦାବୀର ମାତ୍ରା ବେଶୀ, ଅନ୍ତତଃ ସେହିସବୁ ଅଂଚଳରେ ପରିଚାଳନା କାର୍ଯ୍ୟ ଓ ଛୋଟ ଧରଣର ପଦ୍ଧତିଗତ ବିକାଶ କାର୍ଯ୍ୟକୁ ସୁରୁଖୁରୁରେ ତୁଲାଇ ନିଆଯାଇ ପାରିବ। ଏହି ପରିପ୍ରେକ୍ଷୀରେ, ଅବଶ୍ୟ ଏହା ସିଦ୍ଧାନ୍ତ ସାପେକ୍ଷ ଯେ, ନିର୍ଦ୍ଦିଷ୍ଟ ଅଂଚଳମାନଙ୍କର ଉପଭୋକ୍ତାମାନଙ୍କୁ ସେମାନଙ୍କର ଅଧିକାର ସଂପର୍କରେ ସୂଚିତ ଓ ସଚେତନ କରାଇବା ଉଚିତ, ଯାହା ଫଳରେ ସେମାନେ ଶକ୍ତି ସେବା ଜନିତ ସଂପର୍କିତ ଅଭାବ / ଅସୁବିଧାକୁ ଅନୁମତିଧାରୀଙ୍କ ସମକ୍ଷରେ ଉପସ୍ଥାପନ କରାଇ ପାରିବେ। ତେଣୁ, ଯେଉଁ ଅଂଚଳମାନଙ୍କରେ ଅନୁମତିଧାରୀମାନେ ଯୋଗାଣର ଗୁଣବତ୍ତା ଓ ନିର୍ବାହନର ମାନ ସମ୍ଭାଳିବାକୁ ସମର୍ଥ ହେଉ ନାହାନ୍ତି ଏବଂ ଯେଉଁ ସବୁ ଅଂଚଳର ଉପଭୋକ୍ତାମାନେ ଅଧିକ ପରିମାଣର କ୍ଷତିପୂରଣ ଦାବୀ କରୁଛନ୍ତି ଏବଂ ତାହା ପାଇବାକୁ ହକଦାର ମଧ୍ୟ ଅଟନ୍ତି, ତାହାର ଏକ ତାଲିକା (ବିଦ୍ୟୁତ ନିୟମାବଳୀର ନିର୍ଦ୍ଧାରଣ ମତେ) ଏହି ଆଦେଶନାମା ଜାରି କରାଯିବାର ୧୨୦ ଦିନ ମଧ୍ୟରେ ପଇଠ କରିବାକୁ ଏତଦ୍ୱାରା ଅନୁମତିଧାରୀଙ୍କୁ ନିର୍ଦ୍ଦେଶ ଦିଆଯାଉଛି।

୫୬୧. ଜିଆରଏଫ ଏବଂ ଅମ୍ବ୍ୟୁଡ୍ସମ୍ୟାନଙ୍କ ଆଦେଶନାମା ଅବମାନନା ସଂପର୍କରେ କୁହାଯାଇପାରେ ଯେ, ୭.୯.୨୦୦୯ରେ ଜିଆରଏଫଙ୍କ ସହମତି, ଆମ୍ବ୍ୟୁଡ୍ସମ୍ୟାନଙ୍କ ସଭାପତି ଓ ବଂଟନକାରୀ କଂପାନୀମାନଙ୍କ ବରିଷ୍ଠ ଅଧିକାରୀଙ୍କ ମଧ୍ୟରେ ଏକ ସାରଗର୍ଭକ ଓ ବିଶ୍ଳେଷଣାତ୍ମକ ବୈଠକ ବସିଥିଲା। ତା'ପରଠାରୁ ଜିଆରଏଫ ଏବଂ ଅମ୍ବ୍ୟୁଡସମ୍ୟାନଙ୍କ ଆଦେଶନାମାର କାର୍ଯ୍ୟକାରିତାରେ ଯଥେଷ୍ଟ ଉନ୍ନତି ପରିଲକ୍ଷିତ ହୋଇଛି, ଯାହା ବଂଟନକାରୀମାନେ ଆୟୋଗଙ୍କୁ ବର୍ତ୍ତମାତନ ସମୟ ସୁଦ୍ଧା ଥିବା ସେମାନଙ୍କ ମାସିକିଆ ବିବରଣୀରୁ ସ୍ୱଷ୍ଟ ଅଟେ। ପୁନଶ୍ଚ, ବୈଠକର ନିଷ୍ପତ୍ତି ଅନୁଯାୟୀ ଆୟୋଗ ବଂଟନକାରୀ କଂପାନୀମାନଙ୍କୁ ମଧ୍ୟ ସ୍ୱଷ୍ଟ କରିଦେଇଛନ୍ତି ଯେ, ଜିଆରଏଫ ଏବଂ ଆମ୍ବ୍ୟୁଡ୍ସମାନଙ୍କ ଆଦେଶନାମାର ଅବମାନନାକୁ ଗୁରୁତ୍ୱପୂର୍ଣ୍ଣ ଭାବେ ବିଚାରକୁ ନିଆଯାଇ ବିଦ୍ୟୁତ ଆଇନ ୨୦୦୩ ର ବିଭାଗ ୧୪୨ ଅନୁଯାୟୀ ବଂଟନ ଅନୁମତିଧାରୀଙ୍କ ଉପରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆୟୋଗ ପଛେଇବେ ନାହିଁ। ଆହୁରି ମଧ୍ୟ ସ୍ୱଷ୍ଟ କରିଦିଆଯାଇଛି ଯେ, ଅନୁମତିଧାରୀମାନେ ସେହି ଆଦେଶନାମାକୁ କାର୍ଯ୍ୟକାରୀ କରିବାରେ ବିଳମ୍ବ

ହୋଇଥିବା ଆୟୋଗଙ୍କ ଦୃଷ୍ଟିକୁ ଆସିଲେ କିମ୍ବା ଆୟୋଗ ଅନୁଭବ କଲେ ଅନୁମତିଧାରୀଙ୍କୁ ସେଥିପାଇଁ ଜୋରିମାନା ଦଣ୍ଡରେ ଦଣ୍ଡିତ କରାଯିବ।

ବଂଟନକାରୀମାନଙ୍କ ଦ୍ୱାରା କରାଯାଉଥିବା ପରିଚାଳନା ଓ ନିର୍ବାହନର ଯାଞ୍ଚ

୫୬୦. ୨୦୦୯-୧୦ ଆର୍ଥିକ ବର୍ଷ ପାଇଁ ବଂଟନ ଅନୁମତିଧାରୀଙ୍କର ବାର୍ଷିକ ରାଜସ୍ୱ ଆବଶ୍ୟକତା ଏବଂ ପାଇକାରୀ ଯୋଗାଣ ତାରିଫ ଆଦେଶନାମାର ପରିଚ୍ଛେଦ ୨୦୭ ରେ ପରିଚାଳନା ଓ ନିର୍ବାହନ ସଂପର୍କରେ ଆୟୋଗ ନିମ୍ନମତେ ଅବତାରଣା କରିଛନ୍ତି।

"ଅନୁମତିଧାରୀଙ୍କ ଦ୍ୱାରା ଉପସ୍ଥାପିତ ବିବରଣୀରେ ଆର୍ଥିକ ଓ ବୈଷୟିକ ତଥ୍ୟ ସମୂହର ଯାଞ୍ଚ କରିବାକୁ ଆୟୋଗ ଏକ ସ୍ୱାଧୀନ ଯାଞ୍ଚ ପଦ୍ଧତିର ମଧ୍ୟ ଅନୁଷ୍ଠାନ କରିବେ ବୋଲି ଜାତୀୟ ବିଦ୍ୟୁତ ନୀତିରେ ନିର୍ଦ୍ଧାରଣ ଅଛି। ଅନୁମତିଧାରୀମାନେ ନିମ୍ନ ମାନର ପରିଚାଳନା କରୁଥିବା ସଂପର୍କରେ ବାରମ୍ବାର ଶୁଣାଣି ସମୟରେ ଅଭିଯୋଗକାରୀ ଓ ଉପଭୋକ୍ତା ବର୍ଗ ଅଭିଯୋଗ କରିଆସୁଛନ୍ତି। ଏ ସଂପର୍କରେ ଗଭୀର ଅଧ୍ୟୟନ ଓ ଅନୁଧ୍ୟାନ ନିମନ୍ତେ ଆୟୋଗ ଏକ ବୃତ୍ତିଧାରୀ ଦଳକୁ ସର୍ବଦା ନିଯୁକ୍ତି ଦେଉଥିବେ। ୨୦୦୭-୦୮ ଓ ୨୦୦୮-୦୯ ରେ ଏଭଳି କରାଯାଇଥିଲା ଆୟୋଗ ପୁନଶ୍ଚ କହିଥିଲେ ଯେ, ଆମ ପାଖରେ କିଛି ମୂଲ୍ୟବାନ ଇନପୁଟ ହସ୍ତଗତ ହୋଇଛି ଏବଂ ରାଜ୍ୟର କେତେକ ଅଂଚଳରେ ଏହା ଯୋଗାଣର ଗୁଣବତ୍ତାକୁ ବଢାଇବାରେ ସାହାଯ୍ୟ କରିଛି।

୫୬୧. ଉପରୋକ୍ତ ପର୍ଯ୍ୟବେକ୍ଷଣକୁ ଆଖି ଆଗରେ ରଖି ଏବଂ ବଂଟନ ପଦ୍ଧତିର ନିର୍ବାହନ ଓ ତୁଲାଜମା କ୍ଷେତ୍ରରେ ପରିଚାଳିତ ପୂର୍ବର ବୈଷୟିକ ଯାଞ୍ଚ ସମୂହ ସହ ସମତାଳରେ ୨୦୦୯-୧୦ ଆର୍ଥିକ ବର୍ଷରେ ସ୍ୱାଧୀନ ଏକ୍ସପର୍ଟଙ୍କ ଜରିଆରେ ବଂଟନ ପଦ୍ଧତିର କ୍ଷେତ୍ରସ୍ଥଳ ପରିଦର୍ଶନ କାର୍ଯ୍ୟ ସଂପନ୍ନ କରାଯାଇଛି।

୫୬୨. ସ୍ୱାଧୀନ ଏକ୍ସପର୍ଟଙ୍କ ଜରିଆରେ ଏହି ପରିଦର୍ଶନ କାର୍ଯ୍ୟ ସେସୁ ଆୟତ୍ତାଧିନ ଅଂଚଳ ଢେଙ୍କାନାଳରେ, ସାଉଥକୋ ଆୟତ୍ତାଧିନ ଅଂଚଳ ଜୟପୁର ଓ ଭଂଜନଗରରେ, ନେସକୋ ଆୟତ୍ତାଧିନ ଅଚଂଳ ଯାଜପୁର ରୋଡ, ବାଲେଶ୍ୱର ଓ ଭଦ୍ରକରେ ଓ ୱେସକୋ ଆୟତ୍ତାଧିନ ଅଂଚଳ ବୁର୍ଲାରେ ସମାହିତ କରାଯାଇଛି। ତା'ଛଡା , ଭିନ୍ନ ଭିନ୍ନ ବୈଦ୍ୟୁତିକ ସର୍କଲ ଅଧିନରେ ବଂଟନ ପଦ୍ଧତିର ଏହି କାର୍ଯ୍ୟର ଆଶୁ ସଂପୂର୍ଣ୍ଣ କରଣ ହୋଇ ସାରିଛି।

୫୬୩. (କ) ଯାଞ୍ଚ ଜନିତ ପରିଦର୍ଶନ କାର୍ଯ୍ୟ ସଂପୂର୍ଣ୍ଣ ହେବା ପରେ ଆୟୋଗଙ୍କ ସମକ୍ଷରେ ସ୍ୱାଧୀନ ଏକ୍ସପର୍ଟ ଦଳ ଏକ ରିପୋର୍ଟ ଏବଂ ଅନୁସନ୍ଧାନ ପ୍ରାପ୍ତ ତଥ୍ୟାବଳୀକୁ ଉପସ୍ଥାପନ କରିଥିଲେ। ଏ ପ୍ରସଂଗରେ ଆୟୋଗଙ୍କର ନିର୍ଦ୍ଦେଶାବଳୀ ନିମ୍ନ ପ୍ରକାରର ଅଟେ।

(ଖ) ଅନୁମତିଧାରୀମାନେ ପ୍ରତ୍ୟେକ ଡିଭିଜନରେ ଏକ ସମୟରେ ଗୋଟିଏ ୩୩/୧୧ କେଭି ସବଷ୍ଟେସନ ବାଛିବେ ଏବଂ ସବୁ ଆବଶ୍ୟକୀୟ ସାମଗ୍ରୀ ସହ ପୂର୍ଣ୍ଣାଙ୍ଗ କରିବେ, ଯାହା ଫଳରେ ଅଧିକ ଭୋଲଟେଜରେ ଏହା ଓଭରଲୋଡିଂ ନ କରି ଲୋଡ ସମ୍ଭାଳୁଥିବ। ଏହି କାର୍ଯ୍ୟ ହିଁ ଅନ୍ୟମାନଙ୍କର ଅନୁସରଣୀୟ ହୋଇପାରିବ। ତା'ପରେ ଅନୁମତିଧାରୀ ଆଉ ଏକ ସବଷ୍ଟେସନରେ ଏପରି କରିବେ ଏବଂ କ୍ରମେ ସବୁ ସବଷ୍ଟେସନର ନିର୍ବାହନ ଜନିତ ସ୍ଥିତି ସୁଧୁରିଯିବ ଓ ବିକଶିତ ହୋଇ ପାରିବ।

(ଗ) ଟ୍ରାନ୍ସଫରମର ପୋଡିଯିବାର ଉପଯୁକ୍ତ ବିଶ୍ଳେଷଣ କରାଯିବା ଉଚିତ। ଏଚଟି ମ୍ୟାଣ୍ଟେନାନ୍ସ ଉଇଙ୍ଗ୍ କିମ୍ବା ବିଭାଗୀୟ କର୍ମଚାରୀଙ୍କ ଦ୍ୱାରା ଟ୍ରାନ୍ସଫରମର ନିୟମିତ ତତ୍ତ୍ୱାବଧାନ କରାଯିବା ଉଚିତ। ପ୍ରତ୍ୟେକ ଥରର ଶକ୍ତି ବ୍ୟାହତିକୁ ସଂପୃକ୍ତ ଏସଡିଓ / ବିଦ୍ୟୁତ ବିଭାଗୀୟ ଯନ୍ତ୍ରୀଙ୍କ ଦ୍ୱାରା ବିଶ୍ଳେଷଣ କରାଯାଇ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯିବା ବାଂଛନୀୟ। ଯଦ୍ଦ୍ୱାରା ପୁନର୍ବାର ଆଉ ବ୍ୟାହତି ହେବନାହିଁ। ବଂଟନ ଟ୍ରାନ୍ସଫରମର ଜରିଆରେ ସର୍ବୋଚ୍ଚ ଉଠାଣକୁ ମାପା

ଯିବାର ଆବଶ୍ୟକତା ଅଛି ଏବଂ ଓଭରଲୋଡେଡ ଟ୍ରାନ୍ସଫରମରର ସ୍ତରୋନ୍ନତିର ସ୍ଥିରୀକରଣ ପାଇଁ ନିୟମିତ ତାର ତତ୍ତ୍ୱାବଧାନ କରିବାର ଅଛି।

(ଘ) ଚୋରି ପ୍ରବଣ ଅଂଚଳରେ ଏବି କଣ୍ଡକ୍ଟର ଦ୍ୱାରା ଖୋଲା କଣ୍ଡକ୍ଟରଗୁଡିକୁ ବଦଳାଇ ଦିଆଯିବା ଉଚିତ। ବ୍ୟକ୍ତିଗତ ଭାବେ ସବୁ ବିଦ୍ୟୁତ ବିଭାଗୀୟ ଯନ୍ତ୍ରୀମାନେ ସେମାନଙ୍କ ଡିଭିଜନରେ ୩୩/୧୧ କେଭି ସବଷ୍ଟେସନକୁ ପରିଦର୍ଶନ କରିବା ଉଚିତ ଏବଂ ଯାଞ୍ଚକାରୀ ଦଳର ପର୍ଯ୍ୟବେକ୍ଷଣ ରିପୋର୍ଟ ଭିତ୍ତିରେ ଜରୁରୀକାଳୀନ ଉପଯୁକ୍ତ ପ୍ରତିକାର କରିବା ଉଚିତ। ନିର୍ବାହୀ ଯନ୍ତ୍ରୀ ନିଜ ଅଧିନସ୍ଥ ଡିଭିଜନରେ ସମୁଦାୟ ପଦ୍ଧତିର ପରିଚାଳନାର ସାମୁଦାୟିକ ଦାୟିତ୍ୱ ନିଜେ ହିଁ ନେବା ଉଚିତ।

(ଙ) ଏକ ଉତ୍ତମ ସଙ୍କାୟିତ ପରିଚାଳନା ସୂଚୀର ନକ୍ସା କରାଯାଇ ତାହାକୁ ଅନୁସରଣ କରାଯିବା ଉଚିତ। ଅନ୍ୟୁନ ମାସକରେ ଥରେ ସର୍କଲ ସ୍ତରରେ ଏସଇ ଓ ଡିଭିଜନ ସ୍ତରରେ ଇ .ଇ ଶକ୍ତି ଯୋଗାଣର ଗୁଣବତ୍ତାକୁ ତତ୍ତ୍ୱାବଧାନ / ପୁନଃ ମତାୟନ କରିବେ।

(ଚ) ଭଂଗାରୁଜା (କ୍ଷୟ କ୍ଷତି) ଜନିତ ପରିଚାଳନା କାର୍ଯ୍ୟ ବଦଳରେ ବଂଟନକାରୀ କଂପାନୀମାନେ ଏକ ଶୃଙ୍ଖଳିତ ଢାଞ୍ଚାରେ ପ୍ରତିଶେଧାତ୍ମକ ପରିଚାଳନାକୁ ଅଗ୍ରାଧିକାର ଦେବା ଉଚିତ।

(ଛ) ସହରାଞ୍ଚଳ ଫିଡର ଠାରୁ ଗ୍ରାମାଞ୍ଚଳ ଫିଡରକୁ ବଂଟନକାରୀ କଂପାନୀମାନେ ସ୍ୱତନ୍ତ୍ର ଭାବେ ବିବେଚନା କରିବା ଉଚିତ। ଗ୍ରାମାଞ୍ଚଳ ଫିଡରଗୁଡିକର ବ୍ରେକରର ବ୍ୟବସ୍ଥା ରଖିବା ଉଚିତ, ଯଦ୍ୱାରା ଶକ୍ତି ବ୍ୟାହତିକୁ ହ୍ରାସ କରିଯାଇ ପାରିବ। ତା'ଛଡା ଗ୍ରାମାଞ୍ଚଳ ଫିଡରରେ ନିର୍ଦ୍ଦିଷ୍ଟ ସମୟର ବ୍ୟବଧାନରେ ଏ.ବି. ସୁଇଚ ଲଗାଯିବା ଦରକାର, ଯଦ୍ୱାରା ପରିଚାଳନା ସହଜ ଓ ସୁଗମ ହୋଇ ପାରିବ। ସର୍କିଟ ବ୍ରେକରର ସ୍ଥାପନା , ଟ୍ରାନ୍ସଫରମରର ସ୍ତରୋନ୍ନତି ଓ ଅନ୍ୟାନ୍ୟ ପଦ୍ଧତିଗତ ବିକାଶ କାର୍ଯ୍ୟରେ ଉପଯୁକ୍ତ ଯୋଜନାନ୍ୱୟନ କରାଯିବା ଉଚିତ।

(ଜ) ସରବରାହ / ବଂଟନ ପଦ୍ଧତିରେ, ପରିବର୍ତ୍ତନ-ପାର୍ଥକ୍ୟ ସମୟରେ ଶକ୍ତି ଚାହିଦା। ଉପଲବ୍ଧତା ଏବଂ ସାମଗ୍ରୀ ସମୂହର ଅବସ୍ଥା (ସ୍ୱାସ୍ଥ୍ୟ) ଓ କ୍ଷମତାକୁ ବିବେଚନା କରି ଗ୍ରହଣ କରାଯିବାକୁ ଥିବା ରିଲେ ସେଟିଙ୍ଗ ଉପରେ ନିଷ୍ପତ୍ତି ନେବା ପାଇଁ ଓପିଟିସିଏଲ ଓ ବଂଟନକାରୀ କଂପାନୀଙ୍କର ସଂପୃକ୍ତ ଅଧିକାରୀଙ୍କ ମଧ୍ୟରେ ମାସିକିଆ ସମନ୍ୱୟ ବୈଠକର ଅନୁଷ୍ଠାନ କରାଯିବ। ଏକ ନିର୍ଭରଯୋଗ୍ୟ ଓ ଉତ୍କୃଷ୍ଟ ପଦ୍ଧତିର ପରିଚାଳନା ପାଇଁ ନିଷ୍ପତ୍ତିଗତ କାର୍ଯ୍ୟକାରିତା ଏକ ସମୟରେ ସମସ୍ତଙ୍କ ପାଇଁ ପ୍ରଯୋଜ୍ୟ ହେବା ଉଚିତ।

(ଝ) ବଂଟନ ପଦ୍ଧତି କ୍ଷେତ୍ରରେ ନିରାପତ୍ତାକୁ ନିଶ୍ଚିତ କରାଯିବ।

(ଟ) ସବୁ ଇନକମିଂ ଓ ଆଉଟଗୋଇଂ ଫିଡର ଏବଂ ଟ୍ରାନ୍ସଫରମରର ଉଭୟ ପାର୍ଶ୍ୱ ଆଲୋକ ଆବଦ୍ଧିତ ଘୋଡଣି ଦ୍ୱାରା ସଂଲଗ୍ନିତ କରାଯିବା ଉଚିତ। ଯେଉଁଗୁଡିକ ନଷ୍ଟ ହୋଇଯାଇଥିବ, ସେଗୁଡିକୁ ଯଥାଶୀଘ୍ର ସ୍ଥାନାନ୍ତରଣ କରାଯିବ।

(୫୬୪) ଅନୁମତିଧାରୀମାନେ ଆୟୋଗଙ୍କର ନିର୍ଦ୍ଦେଶ ସହ ଯାଞ୍ଚକାରୀ ଦଳର ଦୀର୍ଘସୂତ୍ରୀ ଓ ସ୍ୱଳ୍ପସୂତ୍ରୀ ସୁପାରିଶସମୂହକୁ ଯଥାବିଧି ପାଳନ କରିବା ବାଂଛନୀୟ। ପଦ୍ଧତିଗତ ବିକାଶ କାର୍ଯ୍ୟସୂଚୀରେ ଅନୁମତିଧାରୀମାନେ ଯାଞ୍ଚ କମିଟିର ସୁପାରିଶକୁ କେତାକାଂଶରେ ପାଳନ କରିଥିବାର ରିପୋର୍ଟ ମିଳିଛି। ତେଣୁ ୨୦୧୦ ଆର୍ଥିକ ବର୍ଷରେ ଉପରୋକ୍ତ ଯାଞ୍ଚ ସମୂହ ସହ ସଂପର୍କିତ ଆୟୋଗଙ୍କର ନିର୍ଦ୍ଦେଶନାମା ବା ଯାଞ୍ଚକାରୀ କମିଟିର ସୁପାରିଶକୁ ପାଳନ କରିବା ଜନିତ ଆଇନଗତ ଭିତ୍ତି ଉପରେ ବୈଷୟିକ ଅଡିଟର କାର୍ଯ୍ୟକାରିତା ନିମନ୍ତେ ଆୟୋଗ ଏକ ବୃତ୍ତିଧାରୀ ଦଳଙ୍କୁ ନିଯୁକ୍ତି ନେବା ପ୍ରକ୍ରିୟା ଜାରି ରଖିବେ।

୫୬୫. ବଂଟନ ଅନୁମତିଧାରୀମାନେ ଯେଉଁ ସବୁ ମୁଖ୍ୟ ଆହ୍ୱାନର ସମ୍ମୁଖୀନ ହେଉଛନ୍ତି, ସେଗୁଡିକ ହେଲା (୧) ଉଚ୍ଚା ପରିମାଣର ବଂଟନ କ୍ଷତି (୨) ଅ-ପ୍ରଚୁର ଓ ତାରିଖ ବହିର୍ଭୁତ ବଂଟନ ସମାଗ୍ରୀ (୩) ନିମ୍ନମାନର କର୍ମଚାରୀ ପ୍ରବର୍ତ୍ତନା (୪) ଅସନ୍ତୋଷ ଜନକ ଉପଭୋକ୍ତା ସେବା, (୫) ଶକ୍ତି ନିଅଣ୍ଟ (୬) ଚୋରୀ ଓ ନିଅଣ୍ଟିଆ ଅର୍ଥ ମଂଜୁରୀ ଇତ୍ୟାଦି ।

ତେବେ, ସବୁଠାରୁ ବଡ ଆହ୍ୱାନ ହେଉଛି ସେକ୍ଟରର ବିଭିନ୍ନ ସ୍ତରରେ ଅଂଶୀଦାର / କର୍ମଚାରୀମାନଙ୍କର ସେମାନଙ୍କର କାର୍ଯ୍ୟ ପ୍ରତି ଦାୟବଦ୍ଧତାର ଅଭାବ।

୫୬୬. ନିର୍ବାହନର ବିକାଶ ଓ କ୍ଷତି ହ୍ରାସ ପାଇଁ ବଂଟନକାରୀ କଂପାନୀମାନେ ବିବିଧ ଉପାୟ ଅବଲମ୍ବନ କରିବା ବିଧେୟ। ନିୟମିତ ଚୋରି ଚିହ୍ନଟ କାର୍ଯ୍ୟାନୁଷ୍ଠାନ, ଶକ୍ତି ଅଡିଟ ସହିତ ଉଚ୍ଚା ଭୋଲଟେଜର ବଂଟନ ପଦ୍ଧତିକୁ ବଂଟନକାରୀ କଂପାନୀମାନେ ସ୍ଥିନିତ କରିବା ଉଚିତ। ଚାହିଦା ପାର୍ଶ୍ୱ ପରିଚାଳନା ଅଧିକ ଉଜ୍ଜ୍ୱଳ ପ୍ରଦାନକାରୀ ବୈଦ୍ୟୁତିକ ସାମଗ୍ରୀର ବ୍ୟବସ୍ଥାର ବ୍ୟବହାର ଦ୍ୱାରା ଚାହିଦାକୁ କମାଇବା ଦିଆ ଯାଇ ପାରିବ। ବଂଟନ ଅନୁମତିଧାରୀମାନେ ଯେତେଦୂର ବାସ୍ତବତା-ସାପେକ୍ଷ ବେଶୀ କ୍ଷମତା (୧୦୦/୨୫୦) କେଭିଏ ର ସିଙ୍ଗଲ ୩ ଫେଜ ବଂଟନ ଟ୍ରାନ୍ସଫରମର ଠାରୁ ଆରମ୍ଭ କରି ବୃହତ ସଂଖ୍ୟକ ଏଲଟି ଉପଭୋକ୍ତାଙ୍କୁ ଯୋଗାଣ ପରିବର୍ତ୍ତେ ଆବଶ୍ୟକୀୟ ସଂଖ୍ୟକ ଏଚଭିଡିଏସ ଟ୍ରାନ୍ସଫରମର ଜରିଆରେ କ୍ଷୁଦ୍ର ବର୍ଗର ଉପଭୋକ୍ତାଙ୍କୁ ଯୋଗାଣ ପାଇଁ ବରଂ ପସନ୍ଦ କରିପାରନ୍ତି। ଉପଭୋକ୍ତାଙ୍କ ସଂଖ୍ୟା ବୃଦ୍ଧି ଦୃଷ୍ଟିରୁ ହେଉ କିମ୍ବା ଚୋରି ପ୍ରବଣତା ପାଇଁ ହେଉ, ଯେଉଁ ଅଂଚଳମାନଙ୍କରେ ଟ୍ରାନ୍ସଫରମରରେ ବାରମ୍ବାର ତ୍ରୁଟି ଦେଖା ଯାଉଛି, ସେହି ସବୁ ଅଂଚଳରେ ଉଚ୍ଚତର କ୍ଷମତା ବିନିଷ୍ଟ ୩ ଫେଜ ଟ୍ରାନ୍ସଫରମରର ବଦଳ କରିବା ପରିବର୍ତ୍ତେ ଅନୁମତିଧାରୀମାତନେ ବରଂ ବହୁ ସଂଖ୍ୟକ ଏଚଭିଡିଏସ ଟ୍ରାନ୍ସଫରମର ସହ ସେମାନଙ୍କୁ କ୍ଷୁଦ୍ର ଦଳର ସ୍ଥାନୀୟ ଉପଭୋକ୍ତା ବର୍ଗରେ ବିଭକ୍ତ କରିପାରିନ୍ତି। ଏହିଭଳି ଭାବରେ ବଂଟନ-ଅନୁମତିଧାରୀମାନେ ବିକଶିତ ଭାବେ କମ ଏଲଟି ବଂଟନ ର ପ୍ରୟାସ ସହ ସ୍ଥାନୀୟ ଉପଭୋକ୍ତା ବର୍ଗଙ୍କ ମଧ୍ୟରେ ପଦ୍ଧତି ଓ ଅନୁମତିଧାରୀଙ୍କର କାର୍ଯ୍ୟସୂଚୀ ସହିତ ଆପଣାର ଭାବ ସୃଷ୍ଟିର ଏକ ବାତାବରଣର ଉଦ୍ରେକ କରିପାରନ୍ତି। ଏକ ସିଙ୍ଗଲ ଏଚିଭିଡିଏସ ଟ୍ରାନ୍ସଫରମରରୁ କ୍ଷୁଦ୍ର-ସଂଖ୍ୟକ ସ୍ଥାନୀୟ ଉପଭୋକ୍ତାଙ୍କୁ ବିଦ୍ୟୁତ ସମ୍ବନ୍ଧୀୟ ସାଧାରଣ ଶିକ୍ଷା ଓ ସଚେତନତା ପ୍ରଦାନ କରାଯିବା ଉଚିତ ହେବ, ଯଦ୍ଦ୍ୱାରା ସେମାନେ ନିର୍ଭର ଯୋଗ୍ୟ ଓ ଉପଯୁକ୍ତ ଭୋଲଟେଜର ଯେଗାଣ ପାଇଁ (ଯାହା ସେମାନଙ୍କ ନିଜର ସୁବିଧା ପାଇଁ) ଟ୍ରାନ୍ସଫରମରର ସୁରକ୍ଷା କରିପାରିବେ ଓ ଓଭରଡ୍ରୟାଲକୁ ପରିହାର କରିବେ। ୧୦ କିଲୋୱାଟ ଓ ତଦୁର୍ଦ୍ଧ୍ୱ କଣ୍ଟ୍ରାକ୍ଟ ଡମାଣ୍ଡ ଥିବା ସର୍ବଶେଷ ଘରୋଇ ଉପଭୋକ୍ତାମାନେ ଯଦି ବ୍ୟକ୍ତିଗତ ଏଚଭିଡିଏସ ଚାହୁଥାନ୍ତି, ତେବେ ସେଥିପାଇଁ ସେମାନଙ୍କୁ ବରଂ ପ୍ରୋତ୍ସାହିତ କରାଯିବା ଉଚିତ ହେବ।

୫୬୭. ସ୍ଥିତ ବୈଦ୍ୟୁତିକ ଆନୁଷଙ୍ଗିକ ସଂରଚନା (ସାମଗ୍ରୀ ସମୂହ)ର ଉନ୍ନତ ସ୍ଥିତି ପ୍ରସଂଗରେ କୁହାଯାଇପାରେ ଯେ, ଟ୍ରାନ୍ସଫରମରର ସ୍ଥାପନା / ସମୁନ୍ନତି ସହ ପୋଡି ଯାଇଥିବା ଟ୍ରାନ୍ସଫରମରର ବଦଳ କରିବା, ଲୋଡ ବାଲାନ୍ସ କରିବା, ଆର୍ଥିଙ୍ଗ୍, ସ୍ଥାପନା ଯାଞ୍ଚ, ବ୍ରେକର ବ୍ୟବସ୍ଥା, ସବୁ ବଂଟନ-ସବ-ଷ୍ଟେସନରେ ଫାଟକ ସହ ବାଉଣ୍ଡରୀ କାନ୍ଥ, ଡିଟି ମିଟରିଂ ଓ ଶକ୍ତି ଅଡିଟ ଆଦି କାର୍ଯ୍ୟର ସୁଚାରୁ ସଂପନ୍ନତା ପାଇଁ ଆୟୋଗ ନିର୍ଦ୍ଦେଶ ଦେଇଥିଲେ। ଆୟୋଗଙ୍କର ଏହି ନିର୍ଦ୍ଦେଶନାମାର ପରିମାଣ ସ୍ୱରୂପ, ବଂଟନ ଅନୁମତିଧାରୀଙ୍କ ଦ୍ୱାରା ଉପସ୍ଥାପିତ ୩୧.୧୨.୦୯ର ଷ୍ଟାଟସ ରିପୋର୍ଟରୁ ଜାଣିବାକୁ ମିଳିଛି ଯେ, ଆୟୋଗଙ୍କର ଏତଦ୍‌ଜନିତ ଧାର୍ଯ୍ୟ ଲକ୍ଷ୍ୟରୁ ଅନୁମତିଧାରୀମାନେ ବହୁ ପଛରେ ଅଛନ୍ତି। ଏବେ, ଆୟୋଗ ପୁନର୍ବାର ସେହି ଆଦେଶନାମାକୁ ଦୋହରାଇଛନ୍ତି। ତେଣୁ, ଆସନ୍ତା ଆର୍ଥିକ ବର୍ଷରେ ଏହି ସବୁ ସଂରଚନାର ବିକାଶ ପାଇଁ ଏତଦ୍ଦ୍ୱାରା ଅନୁମତିଧାରୀଙ୍କୁ ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟତଃ ଗ୍ରାମାଞ୍ଚଳକୁ ପ୍ରାଥମିକତା ଦେଇ ଯୋଗାଣର ଗୁଣବତ୍ତାରେ ଉନ୍ନତି ଆଣିବା ନିମନ୍ତେ ବିଶେଷତଃ ନିମ୍ନଲିଖିତ ଆଇଟମଗୁଡିକ କ୍ଷେତ୍ରରେ ମରାମତି ଓ ପୁନରୁଦ୍ଧାର କାର୍ଯ୍ୟକ୍ରମକୁ ପ୍ରତ୍ୟେକ ବଂଟନକାରୀ କଂପାନୀ ହାତକୁ ନେଇ ଆଗେଇ ନେବାର ଜରୁରୀ ଆବଶ୍ୟକତା ସୃଷ୍ଟି ହୋଇଛି।

(କ) ୧୦୦୦ ର ନୂଆ ବଂଟନ ଟ୍ରାନ୍ସଫରମର ସ୍ଥାପନା / ସ୍ତରୋନ୍ନତି

(ଖ) ୨୦୧୦-୧୧ ଆର୍ଥିକ ବର୍ଷ ଶେଷ ସୁଦ୍ଧା ପ୍ରତି ବଂଟନ-ଟ୍ରାନ୍ସଫରମରର ଶକ୍ତି ଅଡିଟ କୁ ସଂପୂର୍ଣ୍ଣ କରିବା

(ଗ) ଡିଟିଆରର ୩ ଫେଜରେ ଲୋଡ ବାଲାନ୍ସ (୨୦୦୦ ସଂଖ୍ୟକ)

(ଘ) ସିଙ୍ଗଲ ଫେଜକୁ ୩ ଫେଜ ଲାଇନରେ ରୂପାନ୍ତରଣ (୧୫୦ କି.ମି)

(ଙ) ୧୧ କେଭି ସଠିକ ବ୍ରେକରର ବ୍ୟବସ୍ଥା (୨୦ ପ୍ରତିଶତ ସବ ଷ୍ଟେସନରେ)

(ଚ) ବଂଟନ-ସବଷ୍ଟେସନ ଚାରିପାଖରେ ବାଉଣ୍ଡରୀ କାନ୍ଥ ଓ ଫାଟକ (୨୦ ପ୍ରତିଶତ ସବଷ୍ଟେସନରେ)

(ଛ) ଏବି କେବୁଲ ପ୍ରଚଳନର ବ୍ୟବସ୍ଥା (୩୦୦ କି.ମି)

୫୬୮. ବଂଟନ ନେଟୱାର୍କର ଏହି ସବୁ ସର୍ବନିମ୍ନ ସ୍ୱତନ୍ତ୍ର ମରାମତି ଓ ପୁନରୁଦ୍ଧାର କାର୍ଯ୍ୟ ପାଇଁ ଯେଉଁ ଅର୍ଥ ଆବଶ୍ୟକ, ତାହାକୁ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଅନୁମୋଦିତ ମରାମତି ଓ ତୁଲାଜମା ଆର ଆଣ୍ଡ ଏମ ବ୍ୟୟ ତଥା ୧.୪.୨୦୧୦ ସୁଦ୍ଧା ଆଦାୟ ହୋଇଥିବା ବାକିଆ ଦେୟରୁ ତୁଲାଇ ନିଆଯିବ। ରାଜସ୍ୱର ସୁସ୍ଥ ସ୍ଥିତିକୁ ଭିତ୍ତି କରି ଗ୍ରୀଡକୋ , ଏସକ୍ରୋ ଆକାଉଣ୍ଟକୁ କୋହଳ କରିବ, ଯଦ୍ୱାରା ବଂଟନକାରୀ କଂପାନୀମାନେ ଉପରୋକ୍ତ ସର୍ବନିମ୍ନ ସ୍ୱତନ୍ତ୍ର ମରାମତି ଓ ପୁନରୁଦ୍ଧାର କାର୍ଯ୍ୟକୁ ତୁଲାଇ ନେବାକୁ ସମର୍ଥ ହେବେ।

୫୬୯. ଅନୁମତିଧାରୀମାନେ ସେମାନଙ୍କର କ୍ଷେତ୍ରିୟ ଅଧିକାରୀଙ୍କୁ କ୍ଷମତା ନ୍ୟସ୍ତ କରାଇବେ ଯେ, ବାଉଣ୍ଡେରୀ କାନ୍ଥର ନିର୍ମାଣ ସହ ସଫାସୁତରା ରଖିବେ, ଯଦ୍ୱାରା ଯୋଗାଣର ଗୁଣବତ୍ତାରେ ବୃଦ୍ଧି ଘଟିବ। ଏହି ପରିପ୍ରେକ୍ଷୀରେ ଆଗାମୀ ଆର୍ଥିକ ବର୍ଷ ୨୦୧୦-୧୧ ପାଇଁ ଅନୁମତିଧାରୀଙ୍କୁ ଏକ ଖସଡାର ଯୋଜନା ପ୍ରସ୍ତୁତ କରିବାକୁ ପଡିବ ଏବଂ ୩୧.୫.୨୦୧୦ ସୁଦ୍ଧା ଆୟୋଗଙ୍କର ଗୋଚରାର୍ଥେ ତାହାକୁ ଆୟୋଗଙ୍କ ସମକ୍ଷରେ ଉପସ୍ଥାପନ କରିବାକୁ ପଡିବ ଯେ, 'ଉର୍ଦ୍ଧିଷ୍ଟ ଅଂଚଳମାନଙ୍କରେ କାମ ଠିକ ଚାଲିଛି ଓ ଯେଉଁ ଉନ୍ନତି ହାସଲ ହୋଇଛି, ତାହାକୁ ୱେବସାଇଟରେ ଛଡାଯିବା ସାଂଗକୁ ଉପଭୋକ୍ତା ସର୍ବସାଧାରଣଙ୍କର ଗୋଚରାର୍ଥେ ଭଲ ଭାବେ ପ୍ରଚାର /ପ୍ରସାର କରାଯିବ ଯେ, ଅନୁମତିଧାରୀମାନେ ଉପଭୋକ୍ତା ସେବା ପ୍ରଦାନ କ୍ଷେତ୍ରରେ କଠିନ ପ୍ରୟାସର ସହ ସେବା ପ୍ରଦାନ କରୁଛନ୍ତି' ଗ୍ରୀଡକୋର ଏସକ୍ରୋ ଆକାଉଣ୍ଟରୁ ଅର୍ଥ ମଂଜୁର ହେବା ପୂର୍ବରୁ ଗ୍ରୀଡକୋ ସଂପନ୍ନ ହୋଇଥିବା କମର ସବିଶେଷତାକୁ ଗ୍ରୀଡକୋକୁ ଉପସ୍ଥାପନ କରାଯିବ।

୫୭୦. ୨୦୦୬ର ପ୍ରଥମ ଅପିଲ କେଶ ନଂ ୭୭,୭୮ ଓ ୭୯ ରେ ବିଦ୍ୟୁତ ବିଭାଗ ପାଇଁ ଆପେଲେଟ ଟ୍ରିବ୍ୟୁନାଲ ୧୩.୧୨.୨୦୦୬ ର ଆଦେଶନାମାରେ (୨୦୦୬-୦୭ ଆର୍ଥିକ ବର୍ଷ ପାଇଁ ଟାରିଫ ଉଦ୍ଦେଶ୍ୟରେ) ନିମ୍ନ ବର୍ଣ୍ଣିତ ପ୍ରକାରରେ ଆୟୋଗଙ୍କୁ ନିର୍ଦ୍ଦେଶନାମା ଜାରି କରିଥିଲେ।

(କ) ଦୁଇଟି ସଂପୃକ୍ତ ପକ୍ଷଙ୍କ ମଧ୍ୟରେ ଚୁକ୍ତିନାମା ଦ୍ୱାରା ଏହା ପୁନଃ ସୂଚୀକରଣ ହେବା ପର୍ଯ୍ୟନ୍ତ ୧୨.୫% ହାରରେ (ଆୟୋଗଙ୍କ ଦ୍ୱାରା ଅନୁମତିପ୍ରାପ୍ତ ୮.୫% ହାରରେ ନୁହେଁ) ଆକ୍‌ଚୁଆଲ ବେସିସରେ ଏନଟିପିସି ବଣ୍ଡ ଉପରେ ସୁଧ ପରିମାଣକୁ ଅନୁମତି ଦିଆଯାଇ ପାରିଥା'ନ୍ତା। ତେଣୁ ୪%ର ପାର୍ଥକ୍ୟଗତ ସୁଧ ପରିମାଣ ଏବଂ ୨୦୦୫-୦୬,୨୦୦୬-୦୭,୨୦୦୭-୦୮ବର୍ଷମାନଙ୍କରେ ହିସାବକୁ ଆସୁଥିବା ମୂଳ ପରିମାଣର କିସ୍ତିକୁ ଟାରିଫ ପିରିଅଡ ପାଇଁ ପାସ କରାଇବାକୁ ଅନୁମତି ଦିଆଯିବା ଉଚିତ।

(ଖ)୨୦୦୫-୦୬ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଏବଂ ୨୦୦୬-୦୭ ଆର୍ଥିକ ବର୍ଷ ପାଇଁ ବଂଟନକାରୀ କଂପାନୀମାନଙ୍କ ରାଜସ୍ୱ ପାର୍ଥକ୍ୟ ପରିମାଣ ବାରମ୍ବାର ଓ ସାମୁଦାୟିକ ଭାବେ ନିୟାମକ ଆସେଟ୍ ଭାବରେ ବିବେଚିତ କରାଯିବାର ନୁହେଁ। ଏହାକୁ ଅନୁମୋଦିତ ଏଆରଆର ସମୂହର କମ୍ପ୍ୟୁଟେସନରେ ହିସାବକୁ ନିଆଯିବା ଉଚିତ।

(ଗ) ବଂଟନକାରୀ କଂପାନୀମାନଙ୍କର ବିବିଧ ଆୟର କମ୍ପ୍ୟୁଟେସନ ୨୦୦୩-୦୪ ଆର୍ଥିକ ବର୍ଷ କୁ ଭିତ୍ତି ବର୍ଷ ଧରି ଆଧାରିତ ହୋଇ ନ ଥାନ୍ତା, ବରଂ ବର୍ତ୍ତମାନ ତାରିଖ ସୁଦ୍ଧା ବାସ୍ତବାୟନ ପରିସଂଖ୍ୟାନ ଉପରେ ଆଧାରିତ ହେବା କଥା।

(ଘ) 'ସମତାଳିକ ସର୍ବାଧିକ ଚାହିଦା' ବଂଟନକାରୀ କଂପାନୀଙ୍କର ଅଟକଳିତ ଶକ୍ତି କ୍ରୟର ପରିମାଣକୁ ହିସାବ କରି ଆକାଉଣ୍ଟକୁ ନିଆଯିବା ଉଚିତ ହୋଇଥାନ୍ତା। ବର୍ତ୍ତମାନ ଏହାକୁ ବାସ୍ତବାୟନ ପଦ୍ଧତି ଭିତ୍ତିରେ ବିଚାରକୁ ନିଆଯିବ ଉଚିତ।

(ଙ) ଆୟୋଗଙ୍କ ଦ୍ୱାରା ସ୍ଥିରୀକୃତ ବଂଟନ କ୍ଷତି ସଂପର୍କରେ କୁହାଯାଇପାରେ ଯେ, ଅନୁମାନସିଦ୍ଧ ଆକଳନ ଓ ପରିକଳ୍ପନା ଉପରେ ନ ଆଗେଇ , ମୂଳ ବାସ୍ତବତାର ବାସ୍ତବ ଦୃଷ୍ଟି କୋଣକୁ ନେଇ ଏହା ଏକ ପୁନଃ ଦୃଷ୍ଟିନିବଦ୍ଧତା ଉପରେ ପର୍ଯ୍ୟବସିତ ହେବା ଉଚିତ l ବାସ୍ତବାୟନ ପଦ୍ଧତିକୁ ଅବଲମ୍ବନ କରାଗଲା ବେଳେ ଏହା କରାଯିବା ବାଂଛନୀୟ l

(ଚ) ଆଗାମୀ ବର୍ଷ ମାନଙ୍କରେ ଅଟକଳିତ ବିକ୍ରୀକୁ ଆୟୋଗ ସ୍ଲାବ-ଓ୍ୱାରୀ କିମ୍ବା କ୍ୟାଟେଗୋରୀ-ଓ୍ୱାରୀ ହିସାବ କରିବା ଉଚିତ କିମ୍ବା ଅନ୍ୟୂନ ପକ୍ଷେ ପୂର୍ବ ତାରିଫ ବର୍ଷର ପ୍ରକୃତ ପରିସଂଖ୍ୟାନକୁ ଆଧାର ଭାବେ ଗ୍ରହଣ କରିବା ଉଚିତ l ଏ ନେଇ ଯଥା ଶୀଘ୍ର ଆୟୋଗ ବାସ୍ତବାୟନ ପ୍ରକ୍ରିୟାକୁ କାର୍ଯ୍ୟକାରୀ କରାଇ ୬ ମାସିଆ ଭିତ୍ତିରେ ଏହାକୁ ସଂପୂର୍ଣ୍ଣ କରିବା ଉଚିତ l

(ଛ) ସଦ୍ୟ ବିଗତ ୩ ବର୍ଷ ପାଇଁ ଆୟୋଗଙ୍କୁ ବାସ୍ତବାୟନ ପ୍ରକ୍ରିୟାକୁ ହାତକୁ ନେବାକୁ ପଡିବ ଏବଂ ତାରିଫ ପରିଅତ ପାଇଁ ମଧ୍ୟ ଉପଯୁକ୍ତ ସମୟରେ ଏଭଳି ପ୍ରକ୍ରିୟାକୁ କାର୍ଯ୍ୟକାରୀ କରାଯିବ, ଯାହା ଫଳରେ ବଂଟନକାରୀ କଂପାନୀମାନଙ୍କୁ ସେମାନଙ୍କ ନିର୍ବାହନରେ କୋହଳତା ମିଳିବ, ଅଧିକନ୍ତୁ ନିୟମିତ ସମୟ ବ୍ୟବଧାନରେ ବାସ୍ତବାୟନକୁ କାର୍ଯ୍ୟକାରୀ କରାଯିବା ଉଚିତ l

(ଜ) ବାସ୍ତବାୟନର କାର୍ଯ୍ୟକାରିତା ଭିତ୍ତିରେ ଆୟୋଗ ଅନୁଧ୍ୟାନ କରି ଜାଣିବା ଉଚିତ ଯେ, ଏଆରଆର ସମୂହକୁ ଅନୁମୋଦନ କଲାବେଳେ ନ୍ୟାୟୋଚିତ ଦରକୁ ଉପେକ୍ଷା କରାଯାଇଛି କିମ୍ବା ରାଜସ୍ୱର ସୀମା ବହିର୍ଭୁତ ଅଟକଳନ ହୋଇଛି l

(ଝ) ବୈଚାରିକ ନିଷ୍ପତ୍ତିର ଘୋଷଣା ତାରିଖ ଠାରୁ ୬ ସପ୍ତାହ ମଧ୍ୟରେ ଆୟୋଗ ତାରିଫର ପୁନଃ ନିର୍ଦ୍ଧାରଣ କରିବା ଉଚିତ ଏବଂ ଏ ସଂପର୍କିତ ଶୁଣାଣିର ସୁଯୋଗ ସମସ୍ତଙ୍କୁ ଦେବାର ଆବଶ୍ୟକତା ମଧ୍ୟ ରହିଛି l ତେବେ, ଏଥିନେଇ ଜନଶୁଣାଣି ପାଇଁ ଧାର୍ଯ୍ୟ ବୈଠକର କୌଣସି ଆବଶ୍ୟକତା ନାହିଁ l

୫୭୧. ବିଦ୍ୟୁତ ଆଇନ ୨୦୦୩ର ବିଭାଗ ୧୨୫ ଅନୁଯାୟୀ , ୨୦୦୭ ର ସିଭିଲ ଅପିଲ ନଂ ୭୫୯ ମୂଳେ କେତେକ ପ୍ରସଂଗ ଉପରେ ଆପେଲାଟ ଟ୍ରିବ୍ୟୁନାଲ (ବିଦ୍ୟୁତ)ର ଉପରୋକ୍ତ ବୈଚାରିକ ନିଷ୍ପତ୍ତି ବିରୋଧରେ ଆୟୋଗ ଉଚ୍ଚତମ ନ୍ୟାୟାଳୟରେ ଅପିଲ କରିଛନ୍ତି l ଏହି ଅପିଲ ଏବେ ଉଚ୍ଚତମ ନ୍ୟାୟାଳୟରେ ପଡି ରହିଛି l ତେବେ, ଯଥୋପଯୁକ୍ତ ସ୍ଥାନରେ ଏହି ଆଦେଶନାମାରେ ଆପାଲେଟ ଟ୍ରିବ୍ୟୁନାଲଙ୍କର କେତେକ ନିର୍ଦ୍ଧେଶନାମାକୁ ଆୟୋଗ ଚଳାଇ ନେବାର ପ୍ରୟାସ କରିଛନ୍ତି l

୫୭୨. ଆଦେଶନାମାରେ ନିର୍ଦ୍ଧେଶିତ ମତେ ସଂଶୋଧିତ ପାଇକାରୀ ଯୋଗାଣ ତାରିଫ ୧ ଏପ୍ରିଲ ୨୦୧୦ ଠାରୁ ଲାଗୁ ହେବ ଏବଂ ପରବର୍ତ୍ତୀ ଆଦେଶନାମା ପର୍ଯ୍ୟନ୍ତ ବଳବତ୍ତର ରହିବ l

ଏହିପରି ଭାବେ ଯଥା ବିଧି ସେସୁ ର ଆବେଦନ ପତ୍ର (କେଶ ନଂ ୧୪୦/୨୦୦୯ ),ନେସ୍କୋର ଆବେଦନ ପତ୍ର (କେଶ ନଂ ୧୪୧/୨୦୦୯), ଓ୍ୱେସ୍କୋ ଆବେଦନ ପତ୍ର (କେଶ ନଂ ୧୪୧/ ୨୦୦୯) ଏବଂ ସାଉଥ୍କୋର ଆବେଦନ ପତ୍ର (କେଶ ନଂ ୧୪୩/୨୦୦୯)ର ଫଇସଲା କରାଗଲା l

| | | |
|---|---|---|
| ସ୍ୱାକ୍ଷର | ସ୍ୱାକ୍ଷର | ସ୍ୱାକ୍ଷର |
| (ବି.କେ ମିଶ୍ର) | (କେ.ସି ବଡୁ) | (ବି.କେ ଦାସ) |
| ସଦସ୍ୟ | ସଦସ୍ୟ | ଅଧକ୍ଷ |

---

(ଡ) ୩ କିଲୋଓ୍ୱାଟର ଲୋଡ ମଧ୍ଯରେ ଏବଂ ୩ କି.ଓ୍ୱାଟର ଲୋଡ ପର୍ଯ୍ୟନ୍ତ ବିକାଶମୁଖୀ ଉପଭୋକ୍ତାମାନେ ନୂଆ ଶକ୍ତି ସଂଯୋଗ ନେବାକୁ ଚାହୁଁଥିଲେ ସେମାନଙ୍କୁ ସେବା-ସଂଯୋଗ ଦେୟ ଦର ବାବଦକୁ ଟ ୧୦୦୦/- (ଏକ ହଜାର

ଟଙ୍କା)ଦେବାକୁ ପଡିବ ଏବଂ ଅତିରିକ୍ତ ଟ ୨୫/-ର ପ୍ରକ୍ରିୟାକରଣ ଦେୟ ଦେବାକୁ ପଡିବ। ତେବେ ସିକ୍ୟୁରିଟି ଡିପୋଜିଟ ଦେୟ ଉପରୋକ୍ତ ପରିମାଣ ମଧ୍ୟରେ ଅନ୍ତର୍ଭୁକ୍ତ ହେବ ନାହିଁ।

(ଚ) ଷ୍ଟାଟିକ ମିଟର ସ୍ଥାପନା ହୋଇଥିବା କ୍ଷେତ୍ରରେ କିମ୍ବା ଚାହିଦା ବିବରଣୀଭୁକ୍ତ ସେବାର ବ୍ୟବସ୍ଥା ଥିବା ମିଟର କ୍ଷେତ୍ରରେ ୦.୫ କିଲୋୱାଟର ପାଖାପାଖି (ଅଳ୍ପ କମ ବା ଅଳ୍ପ ବେଶୀ) ର ବିବରଣୀଭୁକ୍ତ ଚାହିଦାକୁ ଚୁକ୍ତି ଚାହିଦା ଭାବେ ବିବେଚନା କରାଯିବ, ଯାହା ଚୁକ୍ତିନାମା ନିର୍ବି ଶେଷରେ ଯାଞ୍ଚ ଆବଶ୍ୟକତାକୁ ଅପେକ୍ଷା ରଖେ ନାହିଁ। ତେଣୁ, ୧୧୦ କେଭିଏରୁ କମ ସଂଯୋଗିତ ଲୋଡ ପାଇଁ ମାସିକିଆ ସର୍ବନିମ୍ନ ସ୍ଥିର ଦରର ହିସାବ ଉଦ୍ଦେଶ୍ୟରେ ଉପରୋକ୍ତ ବ୍ୟବସ୍ଥା ହିଁ ହିସାବର ଭିତ୍ତି ରୂପେ ଗ୍ରହଣୀୟ ହେବ।

(ଛ) ଷ୍ଟାଟିକ ମିଟର ଆଉ ୧୧୦ କେଭିଏରୁ କମ ଚୁକ୍ତି ଚାହିଦାର ଉପଭୋକ୍ତାଙ୍କ କ୍ଷେତ୍ରରେ ବିଲିଂ ଚାହିଦା ସଂଯୋଗିତ ଲୋଡର ନିର୍ବିଶେଷରେ ଆର୍ଥିକ ବର୍ଷ ମଧ୍ୟରେ ମିଟରରେ ବିବରଣୀଭୁକ୍ତ କରାଯାଇଥିବା ସବୁଠାରୁ ଅଧିକ ଚାହିଦା ହେବା ଉଚିତ, ଯାହାର ଯାଞ୍ଚର ଆବଶ୍ୟକତା ନାହିଁ।

(ଜ) ଅଫ ପିକ ନିର୍ଘଣ୍ଟରେ ଉପଯୋଗିତ ଶକ୍ତି ପାଇଁ ଷ୍ଟାଟିକ ମିଟର ଥିବା ୩ ଫେଜ ଉପଭୋକ୍ତାମାନେ ୟୁନିଟ ପିଛା ୧୦ ପଇସାର ଦର ହାରରେ ସରବରାହ ଏବଂ ବଂଟନ ରିହାତି ପାଇବାକୁ ଅନୁମତିପ୍ରାପ୍ତ ଅଟନ୍ତି। ତେବେ, ସାଧାରଣ ଆଲୋକ ବ୍ୟବସ୍ଥା ଓ ସିଜିପିମାନଙ୍କୁ ଜରୁରୀକାଳୀନ ଶକ୍ତି ଯୋଗାଣ ଏଥିରୁ ବାଦ୍ ପଡିବ। ମଧ୍ୟରାତ୍ର ୧୨ ଟାରୁ ପରବର୍ତ୍ତୀ ଦିନର ସକାଳ ୬ ଟା ପର୍ଯ୍ୟନ୍ତ ନିର୍ଘଣ୍ଟକୁ ଅଫ ପିକ ନିର୍ଘଣ୍ଟ ଭାବେ ସଜ୍ଞାୟନ କରାଯାଇଛି।

(ଝ) ଶିଳ୍ପସଂସ୍ଥାମାନଙ୍କୁ ଅଫ ପିକ ନିର୍ଘଣ୍ଟରେ ଚୁକ୍ତି ଚାହିଦା ବା କଣ୍ଟ୍ରାକ୍ଟ ଡିମାଣ୍ଡର ୧୨୦ % ପର୍ଯ୍ୟନ୍ତ କୌଣସି ଜୋରିମାନା ଲାଗୁ କରା ନଯାଇ ଅନୁମତି ଦିଆଯାଇଛି। ଏହି ଉଦ୍ଦେଶ୍ୟରେ ଅଫ ପିକ୍ ନିର୍ଘଣ୍ଟକୁ ମଧ୍ୟରାତ୍ର ୧୨ ଟାରୁ ପରଦିନ ସକାଳ ୬ ଟା ପର୍ଯ୍ୟନ୍ତ ସଜ୍ଞାୟନ କରାଯାଇଚି। ଯେଉଁ ଉପଭୋକ୍ତାମାନେ ଅଫ ପିକ୍ ନିର୍ଘଣ୍ଟ ବାଦ୍ ଅନ୍ୟ ନିର୍ଘଣ୍ଟରେ ସେମାନଙ୍କର କଣ୍ଟ୍ରାକ୍ଟ ଡିମାଣ୍ଡର ଉର୍ଦ୍ଧ୍ୱରେ ଶକ୍ତି ଆହରଣ କରନ୍ତି, ସେମାନେ ଏହି ସୁବିଧା ପାଇବେ ନାହିଁ। ଯେତେବେଳେ 'ଆଇନଗତ ଲୋଡ ନିୟମ' ଲାଗୁ କରାଯିବ, ସେତେବେଳେ କଟକଣିତ ଡିମାଣ୍ଡ କଣ୍ଟ୍ରାକ୍ଟ ଡିମାଣ୍ଡ ଭାବେ ବିବେଚିତ ହେବ।

(ଞ) ୭୦ କେଭିଏରୁ କମ କଣ୍ଟ୍ରାକ୍ଟ ଡିମାଣ୍ଡର ସାଧାରଣ ଉଦ୍ଦେଶ୍ୟିତ ଉପଭୋକ୍ତାମାନଙ୍କୁ ଯୋଗାଣ ଭୋଲଟେଜର ସ୍ତର ନିର୍ବିଶେଷରେ ତାରିଫ ଉଦ୍ଦେଶ୍ୟରେ ଏଲଟି ଉପଭୋକ୍ତା ଭାବେ ବିବେଚନା କରାଯିବ। ଓଇଆରସି ବଂଟନ (ଯୋଗାଣ ସର୍ତ୍ତାବଳୀ) କୋଡ, ୨୦୦୪ର ନିୟମ ୭୬ (୧)(ଗ) ଅନୁଯାୟୀ ୭୦ କେଭିଏ ମଧ୍ୟରେ ଓ ୭୦ କେଭିଏ ପର୍ଯ୍ୟନ୍ତ ୫ କିଲୋୱାଟରୁ ଉର୍ଦ୍ଧ୍ୱ ଲୋଡର ଯୋଗାଣ ଫେଜ ମଧ୍ୟସ୍ଥ ୪୦୦ ଭୋଲଟ ରେ ୨ ଫେଜ , ୩ ତାରରେ କିମ୍ବା ୩ ଫେଜ , ୩ ବା ୪ ତାରରେ ହେବ।

(ଟ) ୧.୪.୨୦୧୦ ଠାରୁ ୯୭%ରୁ ଉର୍ଦ୍ଧ୍ୱ ପାୱାର ଫାକ୍ଟରର ଏଚଟି ଏବଂ ଇଏଚଟି ଉପଭୋକ୍ତାଙ୍କୁ ପାୱାର ଫାକ୍ଟର ପାରିତୋଷିକ ଦିଆଯିବ ଏବଂ ୯୨ % ରୁ କମ ପାୱାର ଫାକ୍ଟରର ଏଚଟି ଏବଂ ଇଏଚଟି ଉପଭୋକ୍ତାଙ୍କ ପ୍ରତି ପାୱାର ଫାକ୍ଟର ଜୋରିମାନା ଲାଗୁ କରାଯିବ।

(ଠ) ୧୦୦ ଏମିଏ ଏବଂ ତଦୁର୍ଦ୍ଧ୍ୱର କଣ୍ଟ୍ରାକ୍ଟ ଡିମାଣ୍ଡର ଶିଳ୍ପ ସଂସ୍ଥାଙ୍କୁ ସ୍ୱତନ୍ତ୍ର ତାରିଫ ପ୍ରଦାନ କରାଯିବ ଏବଂ ୮୦% 'ହ୍ରାସ/ଉପଯୋଗ' ର ନିଶ୍ଚିତ ମାସିକିଆ ଉପଯୋଗ କରୁଥିବା ଉପଭୋକ୍ତାଙ୍କୁ ମୋଟାମୋଟି ଭାବେ ୟୁନିଟ ପିଛା ୩୩୦ ପଇସା ହିସାବରେ ଶକ୍ତି ଦେୟଦର ଦେବାକୁ ପଡିବ।

(ଡ) ସର୍ବାଧିକ ଚାହିଦା , ପାୱାର ଫାକ୍ଟର , ନମ୍ବର ଏବଂ ଶକ୍ତି ବ୍ୟାହତିର ନିର୍ଘଣ୍ଟ ସଂପର୍କିତ ଷ୍ଟାଟିକ ମିଟରର ବିବରଣୀର ପ୍ରିଣ୍ଟଆଉଟ ଉପଭୋକ୍ତାମାନଙ୍କୁ ଯୋଗାଇ ଦିଆଯିବ (କେବଳ ଯେଉଁ କ୍ଷେତ୍ରରେ ସମ୍ଭବ ହୋଇପାରିବ)।

ଅବଶ୍ୟ ଏହି ମାସିକିଆ ବିବରଣୀ ପାଇବା ପାଇଁ ସଂପୃକ୍ତ ଉପଭୋକ୍ତାଙ୍କୁ ମାସିକ ଟ ୫୦୦/- ର ଏକ ପେମେଣ୍ଟ ଦେବାକୁ ପଡିବ।

(ଢ) ୧.୪.୨୦୧୦ ଠାରୁ ଏହି ଟାରିଫ ଆଦେଶନାମାରେ ଅନୁମୋଦିତ ଅନ୍ୟାନ୍ୟ ଦେୟ ଦର ସହ ଅନୁମୋଦିତ ଟାରିଫ ପ୍ରଯୋଜ୍ୟ ହେବ।